A CONCISE

# ORIYA DICTIONARY

BY


**RAI MADHUSUDAN RAO, BAHADUR,**

*Retired Inspector of Schools*


# ସୁଖ-ବୋଧ ଅଭିଧାନ


ଓଡ଼ିଶା ସ୍କୁଲସମୂହର ଭୂତପୂର୍ବ ଇନସ୍ପେକ୍ଟର

ରାୟ ମଧୁସୂଦନ ରାଓ ବାହାଦୁର-ସଙ୍କଳିତ



ପଞ୍ଚମ ସଂସ୍କରଣ

CUTTACK :

PRINTED AND PUBLISHED AT THE ORISSA MISSION PRESS,

BY S. F. ROBINSON,

1929

# ବିଜ୍ଞାପନ ।

ଛାତ୍ର, ଛାତ୍ରୀ ଓ ଅପର ପାଠକ ପାଠିକାମାନଙ୍କର ଉପଯୋଗୀ ଏକ ମୂଲ୍ୟ ଅଭାବରେ ସୁଲଭ ଶବ୍ଦେ ଓଡ଼ିଆ ଅଭିଧାନର ଅଭାବ-ପୂରଣାର୍ଥ ଏହି "ଶବ୍ଦ-ବୋଧ ଅଭିଧାନ" ପ୍ରକାଶିତ ହେଲା । ଏଥିରେ ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରଚଳିତ ବା ପ୍ରଚଳନ-ଯୋଗ୍ୟ ପ୍ରାୟ ସମୁଦାୟ ଶବ୍ଦ ସନ୍ନିବେଶିତ ହୋଇଅଛି । ବିଶେଷ୍ୟ-କ୍ରିୟା-ପ୍ରଭୃତି ରୂପରେ ଶବ୍ଦମାନଙ୍କର ବର୍ଗୀକରଣ, ସଂସ୍କୃତ ଶବ୍ଦମାନଙ୍କର ଧାତୁ-ପ୍ରତ୍ୟୟାଦି-ନିର୍ଦ୍ଦେଶ, ତଦ୍ଭବ ଶବ୍ଦମାନଙ୍କର ମୂଳ-ନିରୂପଣ, ଏସବୁ ବିଷୟ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଅଛି । ମୁଁ ଏହି କ୍ଷୁଦ୍ରାକାର ଅଭିଧାନ ଖଣ୍ଡିକ ସର୍ବସାଧାରଣଙ୍କ ପକ୍ଷରେ ସୁଖବୋଧ୍ୟ ଓ ଉପଯୋଗୀ କରିବାପାଇଁ ଚେଷ୍ଟା କରି, ଯେତେଦୂର କୃତକାର୍ଯ୍ୟ ହୋଇଅଛି, ତାହା ସାହିତ୍ୟ-ସେବୀ ସୁଧୀବର୍ଗଙ୍କର ବିବେଚ୍ୟ ।

ଉପସଂହାରରେ କହିବା ଉଚିତ ଯେ ବନ୍ଧୁ-ଭକ୍ତି-ପରାୟଣ ଶ୍ରୀ ସମନ୍ତଦ୍ଵୟ ସାହିତ୍ୟ-ବିଶାରଦ ପଣ୍ଡିତ ଶର୍ମା ମହାଶୟ ଏହି ଅଭିଧାନର ସଂକଳନ କାର୍ଯ୍ୟରେ ମୋର ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ମୁଁ ତଦର୍ଥେ ତାହାଙ୍କଠାରେ ଚିର-କୃତଜ୍ଞ ରହିଲି ।

କଟକ,
୮–୮–୧୯୧୬ ଖ୍ରୀଷ୍ଟାବ୍ଦ ।

ଶ୍ରୀ ମଧୁସୂଦନ ରାଓ ।

---

## ସାଙ୍କେତିକ ଚିହ୍ନ ।

| | |
|---|---|
| ବି. | ବିଶେଷ୍ୟ । |
| ବିଂ. | ବିଶେଷଣ । |
| ଅଂ. | ଅବ୍ୟୟ । |
| କ୍ରି. | କ୍ରିୟା । |
| ସଂ. | ସର୍ବନାମ । |
| କ୍ରି. ବିଂ. | କ୍ରିୟାବିଶେଷଣ । |

# ସୁଖବୋଧ ଅଭିଧାନ

ଅ — ଆଦ୍ୟସ୍ୱର, ଶବ୍ଦ ପୂର୍ବରେ ସଂଯୁକ୍ତ ହେଲେ, ନାହିଁ କିମ୍ବା ବିପରୀତ ଅର୍ଥ ପ୍ରକାଶ କରେ ।

ଅଁଳା, ଅଁଲା } ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଅଁଇଠା, ଅଇଣ୍ଠା } ବି. ଉଚ୍ଛିଷ୍ଟ ।

ଅଁଷାଳି-ବି. ଗାଧରେ ହେବା ଫୋଟକାଙ୍କର ପରି-ଧବା ରୋଗ ।

ଅଇନା-ବି. ଦର୍ପଣ ।

ଅଇଣ୍ଡିଆ-ବି. କ୍ଷୁଦ୍ର ଛିଣ୍ଡିର ଦେଶବିଶେଷ ।

ଅଇଉ-ବି. ଅଘ, ଶତ୍ରୁ ।

ଅଂଘ୍ରି-ବି. ଚରଣ ।

ଅଂଶ-ବି. ଭାଗ ।

ଅଂଶଭଂଜି-କ୍ରି. ବି., ଭାଗ ଭାଗରେ ।

ଅଂଶୀ-ବି. (ଅଂଶ-ଇନ୍) ଭାଗୀ ।

ଅଂଶୁ-ବି. କିରଣ, ସୂକ୍ଷ୍ମ ।

ଅଂଶୁକ-ବି. ସୂକ୍ଷ୍ମ ବସ୍ତ୍ର ।

ଅଂଶୁମାନ୍-ବି. (ଅଂଶୁ-ମତ୍) ସୂର୍ଯ୍ୟ ।

ଅଂଶୁମାଳୀ-ବି. (ଅଂଶୁ-ମାଳା-ଇନ୍) ସୂର୍ଯ୍ୟ ।

ଅଂସ-ବି. ସ୍କନ୍ଧ ।

ଅକଣ୍ଟକ-ବିଣ. ନିଷ୍କଣ୍ଟକ, ନିର୍ବିଘ୍ନ ।

ଅକଣ୍ଡା-ବିଣ. ଯାହା ଖଣ୍ଡା ହୋଇ ନାହିଁ ।

ଅକଥନୀୟ-ବିଣ. (ଅ-କଥ୍ + ଅନୀୟ) ଅକଥ୍ୟ ।

ଅକପଟ-ବିଣ. ସରଳ ।

ଅକର୍ମକ-ବିଣ. (ବ୍ୟାକରଣରେ) ଯାହାର କର୍ମ ନାହିଁ ।

ଅକର୍ମଣ୍ୟ-ବିଣ. (ଅ-କର୍ମନ୍-ଯ) ଅକର୍ମୀ, ନିକମା ।

ଅକରକଣ୍ଟ-ବି. ଏକପ୍ରକାର ବୃକ୍ଷ ।

ଅକବ୍ରି-ବି. ଏକପ୍ରକାର ବୃକ୍ଷ ।

ଅକଲ-ବି. ବୁଦ୍ଧି ।

ଅକାଳ-ବି. ସଙ୍କଟ ଅବସ୍ଥା ।

ଅକଳଙ୍କ-ବିଣ. ନିର୍ମଳ ।

ଅକଳନୀୟ, ଅକଳିତ } ବିଣ. ଯାହା କଳନା କରଯାଇ ନ ପାରେ ।

ଅକସ-ବି. ଅବଶୀଭ, ବାଧ ।

ଅକସ୍ମାତ୍-ଅ. (ଅ-କସ୍ମାତ୍) ହଠାତ୍ ।

ଅକାଟ, ଅକାଟ୍ଟ } ବି. ଯେଉଁ ଔଷଧ ଖାଇଲେ ବା ଧାରଣ କଲେ ସର୍ପାଘାତ କାଟେ ନାହିଁ ।

ଅକାଣ୍ଡ-କ୍ରି.ବି.(ଅ-କାଣ୍ଡ=ସମୟ) ଅକସ୍ମାତ୍ ।

ଅକାଟ୍ୟ-ବି. ଅଖଣ୍ଡନୀୟ ।

ଅକାଳଜଳଦ-ବି. ଦୁର୍ଲକ୍ଷଣ ।

ଅକାଠ, ଅକାଠକାଠ } ଯାହା କାଟହୁଏ ମଧ୍ୟାଦି ନ ପାରେ ।

ଅକାଳ ବି. କୁସମୟ, ଦୁର୍ଭିକ୍ଷ ।

ଅକାଳକୁଷ୍ମାଣ୍ଡ-ବି. ଅକର୍ମଣ୍ୟ (ବ୍ୟକ୍ତି ସମ୍ବନ୍ଧରେ) ।

ଅକିଞ୍ଚନ-ବି. (ଅ-କିଞ୍ଚନ) ଦରିଦ୍ର, ନିଃସ୍ୱ ।

ଅକିଞ୍ଚିତ୍କର-ବି. (ଅ-କିଞ୍ଚିତ୍-କର) ସାମାନ୍ୟ, ତୁଚ୍ଛ ।

ଅକୀର୍ତ୍ତି-ବି. ନିନ୍ଦା, ଦୁର୍ନାମ ।

ଅକୁତୋଭୟ-ବି.(ଅ-କୁତଃ-ଭୟ) ନିର୍ଭୟ ।

ଅକୁଣ୍ଠିତ-ବି. (ଅ-କୁଣ୍ଠ-ତ) ଅବାଧିତ, ଅସଙ୍କୁଚିତ ।

ଅକୂଳ-ବି. ଅପାର ।

ଅକୂପାର-ବି. ସମୁଦ୍ର ।

ଅକୃତଜ୍ଞ-ବି. (ଅ-କୃତ-ଜ୍ଞା-ଅ) ଯେ ଉପକାର ମାନେ ନାହିଁ; କୃତଘ୍ନ ।

ଅକୃତ୍ରିମ-ବି. (ଅ + କୃ + ତ୍ରିମ) ଖାଣ୍ଟି ।

ଅକ୍ତ-ବି. (ଅଞ୍ଜ୍ + ତ) ଲିପ୍ତ ।

ଅକ୍ଳେଶ-ବି. ଅନାୟାସ ।

ଅକ୍ଷ-ବି. ପଶା; ଚକ୍ରଭ୍ରମଣପଥ ।

ଅକ୍ଷତ-ବି. (ଅ-କ୍ଷତ) ଅନାହତ; ଅଖଣ୍ଡିତ; ବି. ଅଭଗ୍ନ ତଣ୍ଡୁଳ ।

ଅକ୍ଷଦଣ୍ଡ-ବି. ମେରୁଦଣ୍ଡ ।

ଅକ୍ଷମ-ବି. (ଅ-କ୍ଷମ) ଶକ୍ତିହୀନ ।

ଅକ୍ଷମାଳା-ବି. ଜପମାଳା ।

ଅକ୍ଷୟ-ବି. (ଅ-କ୍ଷୟ) ଚିରସ୍ଥାୟୀ ।

ଅକ୍ଷର-ବି. ଅ, ଆ ପ୍ରଭୃତି ବର୍ଣ୍ଣ; ବି. ଅଚ୍ୟୁତ ।

ଅକ୍ଷରେଖା-ବି. ଭୂଗୋଳକ ଉପରେ କଳ୍ପିତ ମଣ୍ଡଳାକାର ରେଖାବିଶେଷ ।

ଅକ୍ଷାଂଶ-ବି. ବିଷୁବରେଖାର ଉତ୍ତର ଦକ୍ଷିଣରେ ଧ୍ରୁବ ପର୍ଯ୍ୟନ୍ତ ୯୦ ସମାନ ଅଂଶରେ ବିଭକ୍ତ କରାଯାଏ; ତେଣୁ ଏକ ଏକ ଅଂଶର ନାମ ଅକ୍ଷାଂଶ ।

ଅକ୍ଷି-ବି. ଚକ୍ଷୁ ।

ଅକ୍ଷୁଣ୍ଣ-ବି. ପୂର୍ଣ୍ଣ, ଅଖଣ୍ଡିତ ।

ଅଖ-ବି. (ଅକ୍ଷଶବ୍ଦ) ଗାଡ଼ିର ଦୁଇ ଚକ ମଧ୍ୟରେ ଥିବା କାଷ୍ଠଦଣ୍ଡ; ଅଲ୍ୟାସ ।

ଅଖଣ୍ଡ-ଅସ୍ତୁଧା ।

ଅଖଣ୍ଡ-ବି. (ଅ-ଖଣ୍ଡ) ସମସ୍ତ, ପୂର୍ଣ୍ଣ ।

ଅଖା-ବି. ଝୋଟନିର୍ମିତ ବସ୍ତ୍ର ।

ଅଖାଡ଼ୁଆ-ବି. ଏକେବାରେ ଅନାଡ଼ି (ଦେଶଜ) ।

ଅଖାତ-ବି. (ଅ + ଖନ୍-ତ) (ଭୂଗୋଳରେ) ଉପସାଗର ।

ଅଖିଆ-ବି. ଯେ ଖାଇ ନ ଥାଏ

ଅଖିଳ-ବି. ସମସ୍ତ ।

ଅଖୁଣ-ବି. ଯାହାର ଖୁଣ ନାହିଁ ।

ଅଖ୍ୟାତି-ବି. ନିନ୍ଦା ।

ଅଗ-ବି. (ନଗଚ୍ଛତି) ପର୍ବତ ।

ଅଗଣନ-ବି. (ଅ-ଗଣ୍+ଅନ) ଅସଂଖ୍ୟ ।

ଅଗଣା-ବି. (ଅଙ୍ଗନଶବ୍ଦଜ) ଗୃହମଧ୍ୟରେ ଥିବା ମେଲଭୂମି ।

ଅଗଣିତ-ବି. (ଗଣନାରହିତ) ଅସଂଖ୍ୟ ।

ଅଗଣ୍ୟ-ବି. (ଅ-ଗଣ୍-ଯ) ଅସଂଖ୍ୟ ।

ଅଗନା/ଅଗନି-ବି. ଅଗ୍ନି ।

ଅଁଗଠି-ବି. କାଠୁଆଣି ।

ଅଗତ୍ୟା-ଅ. ଅନ୍ୟ ଗତି ନ ଥିବାରୁ ।

ଅଗମ୍ୟ-ବି. (ଅ+ଗମ୍-ଯ) ଗାଢ଼। ଗମନର ଅଯୋଗ୍ୟ ବା ଅସାଧ୍ୟ ।

ଅଗରୁ-ବି. (ଅଗୁରୁ, ଗନ୍ଧଲୁ) କୃଷ୍ଣଚନ୍ଦନ ।

ଅଗସ୍ତି-ବି. ଋଷିବିଶେଷ ।

ଅଗାଡ଼ି-ବି. ଯେଉଁ ଆଗରେ ପ୍ରଥମ ହ ଥାଏ, ଅଗ୍ରଭାଗ ।

ଅଗାଧ-ବି. ଅତଳସ୍ପର୍ଶ ; ଅତି ଗଭୀର ।

ଅଗାଧୁଆ-ବି. ଯେ ଗାଧୋଇ ନାହିଁ ।

ଅଗାରି-ବି. ଗୃହ ।

ଅଗୁରୁ-ବି. କୃଷ୍ଣଚନ୍ଦନ ।

ଅଗୋଚର-ବି. ଅଜ୍ଞାତ ।

ଅଗ୍ନି-ବି. ନିଆଁ, ଅନଳ ।

ଅଗ୍ନିଶର୍ମା-ବି. (ଅଗ୍ନି-ଶର୍ମନ୍) ମହାକ୍ରୋଧୀ ।

ଅଗ୍ନିଷ୍ଟୋମ-ବି. (ଅଗ୍ନି+ସ୍ତୁ+ମ) ଯାଗବିଶେଷ ।

ଅଗ୍ନିହୋତ୍ର-ବି. (ଅଗ୍ନି+ହୁ+ତ୍ର) ବୈଦିକ ହୋମ ।

ଅଗ୍ର-ବି. ଶିଖର ।

ଅଗ୍ରଜ-ବି. (ଅଗ୍ର-ଜନ୍-ଡ) ଜ୍ୟେଷ୍ଠ ।

ଅଗ୍ରଣୀ-ବି. (ଅଗ୍ର+ନୀ) ନେତା, ସେନାପତି ।

ଅଗ୍ରତଃ-ଅ. ସମ୍ମୁଖରେ ।

ଅଗ୍ରହାୟଣ-ବି. ମାର୍ଗଶୀର୍ଷମାସ ।

ଅଗ୍ରିମ-ବି. (ଅଗ୍ର-ଇମ) ଅଗ୍ରଭୂତ ।

ଅଘ-ବି. ପାପ ।

ଅଘଟନ-ବି. (ଅ+ଘଟ୍+ଅନ) ଅଦ୍ଭୁତ, ଅସମ୍ଭବ ।

ଅଙ୍କ-ବି. (ଅଙ୍କ୍+ଅ) ଚିହ୍ନ, ସଂଖ୍ୟା, କଳଙ୍କ, କୋଡ଼ ।

ଅଙ୍କନ-ବି. (ଅଙ୍କ୍+ଅନ) ଚିହ୍ନକରଣ, ରେଖା ଦ୍ୱାରା ଚିତ୍ର କରିବା ।

ଅଙ୍କଶାସ୍ତ୍ର-ବି. ପାଟୀଗଣିତ ।

ଅଙ୍କିତ-ବି. (ଅଙ୍କ୍+ତ) ଚିହ୍ନିତ ।

ଅଙ୍କୁର-ବି. ଗଜା ।

ଅଙ୍କୁଶ-ବି. ହସ୍ତିଚାଳନ ଦଣ୍ଡ ।

ଅଙ୍ଗ-ବି. ଦେହ, ଅବୟବ; ବେଦର ଅଂଶ ।

ଅଙ୍ଗଦ-ବି. ବାଜୁ ।

ଅଙ୍ଗନ-ବି. ଅଗଣା ।

ଅଙ୍ଗନା-ବି. ସ୍ତ୍ରୀ ।

ଅଙ୍ଗରାଗ-ବି. ଚନ୍ଦନପ୍ରଭୃତି ଗାତ୍ରଲେପନ ଦ୍ରବ୍ୟ ।

ଅଙ୍ଗରକ୍ଷା-ବି. (ଅଙ୍ଗ-ରକ୍ଷା) ଏକପ୍ରକାର କୁର୍ତ୍ତା ।

ଅଙ୍ଗା-ବି. ଜାମାର ଏକଭେଦ ।

ଅଙ୍ଗାରକାମ୍ଳ-ବି. ଦୂଷିତ ବାୟୁବିଶେଷ ।

ଅଙ୍ଗୀକାର-ବି.(ଅଙ୍ଗ-ଇ+କୃ+ଅ) ସ୍ୱୀକାର, ସମ୍ମତ ।

ଅଙ୍ଗୀକୃତ-ବିଂ. ସ୍ୱୀକୃତ ।

ଅଙ୍ଗୁଣ୍ଠ-ବି. ଆଙ୍ଗୁଠି ।

ଅଙ୍ଗୁରି-ବି. ଦ୍ରାକ୍ଷାଫଳ ।

ଅଙ୍ଗୁରୀୟ-ବି. ମୁଦି ।

ଅଙ୍ଗୁଳି-ବି. ଆଙ୍ଗୁଳି ।

ଅଙ୍ଗୁଷ୍ଠ-ବି. ବୁଢ଼ାଆଙ୍ଗୁଳି ।

ଅଚର-ବିଂ. (ନ-ଚର୍-ଅ) ସ୍ଥାବର ।

ଅଚଳ ବିଂ. (ନ-ଚଳ୍-ଅ) ଗତିଶୂନ୍ୟ, ବି. ପର୍ବତ ।

ଅଚାନକ-ବି. ହଠାତ୍ ଅଚିନ୍ତିତ ଆଗମନ ।

ଅଚିନ୍ତ୍ୟ-ବିଂ. ଯାହା ଚିନ୍ତାର ଅତୀତ ।

ଅଚିନ୍ତା-ବିଂ. ଅପରିମିତ ।

ଅଚିର-ବିଂ. କ୍ଷଣିକ; ଚଞ୍ଚଳ ।

ଅଚିରେ-ଅ. ଅଳ୍ପକାଳେ; ଶୀଘ୍ର ।

ଅଚେତନ-ବିଂ. ଚେତନାଶୂନ୍ୟ; ଜଡ଼ ।

ଅଚ୍ଛଦ } ବିଂ. ଅସ୍ପୃଶ୍ୟ (ନୀଚଜାତି) ।
ଅଚ୍ଛୁଆଁ }

ଅଛି-କ୍ରି. (ଅସ୍ତିଶବ୍ଦରୁ) ହେବା ବା ରହିବା ଅର୍ଥରେ ।

ଅଚ୍ଛ-ବିଂ. ନିର୍ମଳ ।

ଅଚ୍ଛେଦ୍ୟ-ବିଂ. (ନ+ଛିଦ୍+ଯ) ଯାହା ଛେଦନ କରିବାକୁ ନୁହେଁ ।

ଅଜ-ବିଂ. ଜନ୍ମରହିତ; ବି. ଛେଳି ।

ଅଜଗର-ବି. ବୃହତ୍ ସର୍ପ ।

ଅଜନ୍ମା-ବିଂ. ଜନ୍ମା ।

ଅଜିଣା-ବିଂ. ଅଜ୍ଞ; ଅଜ୍ଞାତ ।

ଅଜପା-ବିଂ. ଯାହା ମୁଖରେ ଉଚ୍ଚାରଣ ନାହିଁ ।

ଅଜରାମର-ବିଂ. (ଅଜରଅମର ଶବ୍ଦରୁ) ଯେ ବୃଦ୍ଧ ହୁଏ ନାହିଁ ବା ମରେ ନାହିଁ ।

ଅଜିତ-ବିଂ. (ନ+ଜି+ତ) ଅପରାଜିତ । ବି. ଦେବତା ।

ଅଜସ୍ର-ବିଂ. ଅବିରତ ।

ଅଜା-ବି. (ଅଜ-ଆ) ମାଈଛେଳି ।

ଅଜା-ବି. (ଆର୍ଯ୍ୟଶବ୍ଦରୁ) ମାତାମହ ବା ପିତାମହ ।

ଅଜାଡ଼ିପଡ଼ିବା-କ୍ରି. ଆତ୍ମସମର୍ପଣ କରିବା ।

ଅଜାଡ଼ିବା-କ୍ରି. ଢାଳିବା ।

ଅଜାଶୁର-ବି. (ଆର୍ଯ୍ୟଶ୍ୱଶୁର) ସ୍ୱାମୀର ବା ପତ୍ନୀର ପିତାମହ ବା ମାତାମହ ।

ଅଜାଜି-ବି. କୃଷ୍ଣଜୀରା ।

ଅଜିର-ବି. ଅଗଣା ।

ଅଜୀର୍ଣ୍ଣ-ବି. (ନ-ଜୄ+ତ) ଉଦରାମୟ ରୋଗ ।

ଅଜେୟ-ବିଂ. (ନ+ଜି+ଯ) ଯାହାକୁ ଜୟ କରି ହୁଏ ନାହିଁ ।

ଅଜ୍ଞ-ବିଂ. (ନ-ଜ୍ଞା-ଅ) ଅଜ୍ଞାନ, ମୂର୍ଖ ।

ଅଜ୍ଞତା-ବି. ମୂର୍ଖତା ।

ଅଜ୍ଞେୟ-ବିଂ. (ନ-ଜ୍ଞା+ଯ) ଜ୍ଞାନାତୀତ ।

ଅଞ୍ଚଳ-ବି. ଶାଢୀର ପଣତ ; ପ୍ରଦେଶ ।
ଅଞ୍ଜନ-ବି. (ଅଞ୍ଜ୍ + ଅନ) କଜ୍ଜଳ ।
ଅଟକ-ବି. ବାଧା, ବନ୍ଦ ।
ଅଟକଳ-ବି. ଅନୁମାନ ; ଅନ୍ଦାଜ ।
ଅଟକାଳି-ବି. ଯାଞ୍ଚ ।
ଅଟନ-ବି. (ଅଟ୍ + ଅନ) ଭ୍ରମଣ ।
ଅଟଳ ବି. ସ୍ଥିର ।
ଅଟବୀ-ବି. ବଣ ।
ଅଟା-ବି. ଘରର ଓ ଇମାରତର ଚୂଳା ।
ଅଟ୍ଟହାସ-ବି. ଉଚ୍ଚହାସ୍ୟ ।
ଅଟ୍ଟାଳୀ / ଅଟ୍ଟାଳିକା-ବି. କୋଠାଘର ।
ଅଟେଣି-ବି. ଗୋଲ୍ଲୁଣ୍ଡ ।
ଅଠତ୍ରିଶ-ସଂ. ୩୮ ।
ଅଠଚାଳିଶ-ସଂ. ୪୮ ।
ଅଠର-ସଂ. (ଅଷ୍ଟାଦଶଶବ୍ଦଜ) ୧୮ ସଂଖ୍ୟା ।
ଅଠଷଠି-ସଂ. ୬୮ ।
ଅଠସ୍ତରି-ସଂ. ୭୮ ।
ଅଠା-ବି. ଯୋଡ଼ିବାପାଇଁ ଚିଟାଳ ବା ଲେଇ ।
ଅଠାଇଶ-ସଂ. ୨୮ ।
ଅଠାକାଠି / ଅଠାକାଣ୍ଡିଆ-ବି. ପକ୍ଷୀ ଧରିବାର ଏକପ୍ରକାର ବଳ ।
ଅଠାନବେ-ସଂ. ୯୮ ।
ଅଠାବନ-ସଂ. ୫୮ ।
ଅଠାଳିଆ-ବି. ଅଠାଯୋଗୁଁ ଲାଗିଥିବା ।
ଅଠାଶୀ-ସଂ. ୮୮ ।
ଅଡ଼ଙ୍ଗୀ-ବି. ଏକଙ୍କ ଦୁଇ ବା ତିନିହାତ ଉଚ୍ଚର ଖାଟ ।
ଅଡ଼ା-ବି. ଧାନ୍ୟାଦି ମାପିବାର ମାଣ ; ଘୋଡ଼ା ଗୁଆ କାଟିବାର ଲୌହନିର୍ମିତ ଯନ୍ତ୍ର ।
ଅଡ଼ାଇବା-କ୍ରି. ତଡ଼ାଇବା । (ଗ୍ରାମ୍ୟ) ।
ଅଡ଼ିବା-କ୍ରି. ଅଡୁଆଳ ହେବା ; ଅବାଧ୍ୟ ହେବା ।
ଅଡୁଆ-ବି. ଜଟିଳ ; ଗୋଳମାଳିଆ ; ଅସ୍ପଷ୍ଟ ।
ଅଢ଼ଙ୍ଗୀ-ବି. (ଦେଶଜ) ଖାଇଚିଣ୍ଡା ।
ଅଢ଼ପା-ବି. (ଅ-ଢ଼ପ୍ + ଅ) ଅସ୍ଥିର ।
ଅଢ଼େଇ-ବି. ଦୁଇ ଓ ଏକର ଅର୍ଦ୍ଧ ।
ଅଢ଼େଇଅ-ବି. ଅଢ଼େଇସେରର ମାଣ, ଅଢ଼େଇଗୁଣ ।
ଅଢ଼େଇଦିନିଆ-ବି. ଅଳ୍ପକାଳସ୍ଥାୟୀ ।
ଅଣି-ବି. ବାଣ୍ଡର ଅଗ୍ର ।
ଅଣିକ-ବି. ଚକା ।
ଅଣିଶିଳା-ବି. ଶାଣରେ ଅଟକାଇବାର ଶିଳ ।
ଅଣିଶ୍ଟ-ବି. (ଅଣ୍ଡଶୁକ୍ତଜ) ଦୁର୍ବଳଦେହ ।
ଅଣଷାଠି-ସଂ. ୫୯ ।
ଅଣନବେ-ସଂ. ୮୯ ।
ଅଣନାଡ଼ି-ବି. ବାଟର ଗୁପ ।
ଅଣଛୁଆଁ-ବି. କଷ୍ଟ-ସ୍ପର୍ଶ ।
ଅଣବାଳୁଆ-ବି. ବାଳକ ।
ଅଣସରି-(ଅନବସରଶବ୍ଦଜ) ସ୍ନାନ ରଥଯାତ୍ରାର ମଧ୍ୟ ଏକପକ୍ଷକାଳ ।

ଅଣା-ବି. ଟଙ୍କାର ଷୋଳଭାଗର ଭାଗେ।

ଅଣାଅଣି-ବିଂ. ଟଣା।

ଅଣି-ବି. ଏକପଣାମୂଲ୍ୟର ମୁଦ୍ରା।

ଅଣୁ-ବି. ସୂକ୍ଷ୍ମ କଣିକା।

ଅଣୁବୀକ୍ଷଣ-ବି. (ଅଣୁ-ବି-ଈକ୍ଷ୍-ଅନ) ଚକ୍ଷୁର ଅଗୋଚର କ୍ଷୁଦ୍ର ପଦାର୍ଥ ଦର୍ଶନାର୍ଥ ଯନ୍ତ୍ର।

ଅଣେଇବା-କ୍ରି. ଏକପାଖକୁ ଟାଣିନେବା।

ଅଣ୍ଟା-ବି. କଟିଦେଶ।

ଅଣ୍ଟାଶୋଷା-ବି. ଯଷ୍ଟି।

ଅଣ୍ଟି-ବି. ପିନ୍ଧିବା ବସ୍ତ୍ରର ଗାଣ୍ଠିଆ ବନ୍ଧୁଆଂଶ।

ଅଣ୍ଟିଧନ-ବି. ଅଣ୍ଟିରେ ରକ୍ଷିତ ଧନ।

ଅଣ୍ଟିବା-କ୍ରି. ଯଥେଷ୍ଟ ହେବା।

ଅଣ୍ଟେଇବା-କ୍ରି. ଅଣ୍ଟାରେ ଟେକିବା।

ଅଣ୍ଡ } ବି. (ଅମ୍+ଡ) ଡିମ୍ବ।
ଅଣ୍ଡା }

ଅଣ୍ଡଜ-ବିଂ. (ଅଣ୍ଡ-ଜନ୍-ଅ) ଡିମ୍ବରୁ ଜାତ ଜନ୍ତୁ।

ଅଣ୍ଡାଳିବା-କ୍ରି. ଦଣ୍ଡିବା।

ଅଣ୍ଡିରା-ବିଂ. (ଅଣ୍ଡ+ଈର) ପୁଂସ ବା ପୁରୁଷ-ଜାତୀୟ ଜନ୍ତୁ।

ଅଣ୍ଡିରଘଣ୍ଟୀ-ବି. ଲମ୍ବାଳିଆ ଘାସ।

ଅତଏବ-ଅ. (ଅତଃ-ଏବ) ଏହିହେତୁରୁ।

ଅତଡ଼ା-ବି. (ଅଟ୍ଟାଳକ) ଭଙ୍ଗାତଟ।

ଅତଣ୍ଡି-ବି. (ଦେଶଜ) ସେମିତିକ ଲଢ଼ାଇବେଶ।

ଅତର-ବି. ଗୋଲାପାଦି ଫୁଲରୁ ପ୍ରସ୍ତୁତ ତରଳ ସୁଗନ୍ଧଦ୍ରବ୍ୟ।

ଅତୁଗ୍ର-ବି. ହର୍କିବାଜ ଧନ।

ଅତର୍କିତ-ବିଂ. (ଅ-ତର୍କିତ) ଅଚିନ୍ତିତ, ହଠାତ୍।

ଅତର୍ଦ୍ଧ-(ଅତ+ଅର୍ଦ୍ଧ) ମହାରାଜ୍ୟ।

ଅତଳ-ବିଂ. ଅଗାଧ।

ଅତଳସ୍ପର୍ଶ-ବିଂ. (ଅତଳ-ସ୍ପୃଶ୍-ଅ) ଅଗାଧ; ଅତଳସ୍ପର୍ଶ।

ଅତସୀ-ବି. [illegible]।

ଅତି-ଆଧିକ୍ୟ-ବାଚକ ଉପସର୍ଗ। ଯ. ଅତ୍ୟନ୍ତ।

ଅତିକ୍ରମ-ବି. (ଅତି-କ୍ରମ୍-ଅ) ଲଙ୍ଘନ।

ଅତିକ୍ରାନ୍ତ-ବିଂ. (ଅତି-କ୍ରମ୍-ତ) ଅତୀତ, ଲଙ୍ଘିତ।

ଅତିଥି-ବି. ଅଭ୍ୟାଗତ।

ଅତିପାତ-ବି. (ଅତି-ପତ୍-ଅ) ଯାପନ।

ଅତିବଡ଼ୀ-ବି. ଓଡ଼ିଶାର ଜଗନ୍ନାଥ ଦାସଙ୍କ ପ୍ରତିଷ୍ଠିତ ବୈଷ୍ଣବ ସମ୍ପ୍ରଦାୟ।

ଅତିବାଦ-ବି. ଅତ୍ୟୁକ୍ତି।

ଅତିମାନୁଷ-ବିଂ ଅଲୌକିକ।

ଅତିରିକ୍ତ-ବିଂ. ଅଧିକ।

ଅତିରେକ-ବି. (ଅତି-ରିଚ୍-ଅ) ଆଧିକ୍ୟ।

ଅତିବାହିତ-ବିଂ. ଯାପିତ।

ଅତିଶୟ-ବି. (ଅତି-ଶୀ-ଅ) ଅତିରେକ; ବିଂ. ଅତିରିକ୍ତ।

ଅତିଶୟୋକ୍ତି—ବି. ଅତ୍ୟୁକ୍ତି, ଅର୍ଥାଳଙ୍କାର-ବିଶେଷ ।

ଅତିସାର—ବି. ଉଦରାମୟ ।

ଅତୀତ—ବିଂ. ଭୂତ, ବିଗତ ।

ଅତୀନ୍ଦ୍ରିୟ—ବିଂ. ଇନ୍ଦ୍ରିୟର ଅଗୋଚର, ଅପ୍ର-ତ୍ୟକ୍ଷ ।

ଅତୀବ—ବିଂ. (ଅତି-ଇବ) ଅତ୍ୟନ୍ତ ।

ଅତୁଳ, ଅତୁଲ୍ୟ—ବିଂ. ଅନୁପମ ।

ଅତ୍ୟନ୍ତ—ବିଂ. (ଅତି-ଅନ୍ତ) ଅଧିକ ।

ଅତ୍ୟୟ—ବି. (ଅତି-ଇ-ଅ) ଅତିକ୍ରମ ।

ଅତ୍ୟାଚାର—ବି. (ଅତି-ଆ-ଚର୍-ଅ) ଉତ୍ପୀଡ଼ନ ।

ଅତ୍ୟାହିତ—ବି. (ଅତି-ଆ-ଧା-ତ) ଅତ୍ୟନ୍ତ ଭୟ ।

ଅତ୍ୟୁକ୍ତି—ବି. (ଅତି-ବଚ୍-ତି) ଅଧିକ ଉକ୍ତି ; ବଢ଼ାଇ କହିବା ।

ଅତ୍ର—ଅ. (ଇଦମ୍-ତ୍ର) ଏଠାରେ ।

ଅତ୍ରତ୍ୟ—ବିଂ. ଏହିସ୍ଥାନସ୍ଥ ।

ଅତ୍ରି—ବି. ଋଷିବିଶେଷ ।

ଅଥ—ଅ. ଅନନ୍ତର ।

ଅଥଚ—ଅ. ତଥାପି ।

ଅଥର୍ବ—ବି. ଚତୁର୍ଥ ବେଦ ।

ଅଥବା—ଅ. କିମ୍ବା ; ଅବା ।

ଅଥୟ—ବିଂ. ଅସ୍ଥିର ; ଚଞ୍ଚଳ ।

ଅଥର୍ପା—ବିଂ. (ଅସ୍ଥିରପାଦ ଶବ୍ଦରୁ) ଅଶାନ୍ତ ।

ଅଥଳ—ବିଂ. (ଅ-ସ୍ଥଳ) ଗଭୀର ।

ଅଥାଳ—ଯିଠା ଥିଳ ମିଳିବା ନାହିଁ ।

ଅଦା—ବି. (ଆର୍ଦ୍ରକ ଶବ୍ଦଜ) ଶୁଣ୍ଠ ବିଶେଷ ଓ ତାହାର ଚେର ।

ଅଦାଉତି—ବି. ଶତ୍ରୁତା ।

ଅଦାଲତ—ବି. ବିଚାରାଳୟ ।

ଅଦିତି—ବି. ଦେବମାତା ।

ଅଦୂର—ବିଂ. ନିକଟ ।

ଅଦୃଷ୍ଟ—ବି. (ଅ-ଦୃଶ୍-ତ) ଭାଗ୍ୟ ; ବିଂ. ଅଦେଖା ।

ଅଦ୍ୟ—ଅ. ଆଜି ।

ଅଦ୍ୟତନ—ବିଂ. (ଅଦ୍ୟ-ତନ) ଆଜିର ।

ଅଦ୍ୟାବଧି—ଅ. (ଅଦ୍ୟ-ଅବଧି) ଆଜି-ପର୍ଯ୍ୟନ୍ତ ।

ଅଦ୍ୱିତୀୟ—ବିଂ. (ଅ-ଦ୍ୱି-ତୀୟ) ଯାହାର ଦ୍ୱିତୀୟ ନାହିଁ ।

ଅଦ୍ୱୈତ—ବି. (ଅ-ଦ୍ୱୈତ) ଯହିଁରେ ଦ୍ୱୈତ ବା ଭେଦ ନାହିଁ ।

ଅଦ୍ୱୈତବାଦୀ—ବି. (ଅଦ୍ୱୈତ-ବଦ୍-ଇନ୍) ଯେଉଁମାନେ ଜଗତ ଈଶ୍ୱରଙ୍କ ଅଂଶ ସ୍ୱୀକାର କରନ୍ତି ।

ଅଦ୍ଭୁତ—ବିଂ. ଆଶ୍ଚର୍ଯ୍ୟଜନକ ।

ଅଦ୍ରି—ବି. ପର୍ବତ ।

ଅଧ, ଅଧା, ଅଧେ—ବି. (ଅର୍ଦ୍ଧଶବ୍ଦଜ) ଅର୍ଦ୍ଧ ।

ଅଧଃ—ଅ. ନିମ୍ନ ; ତଳ ପ୍ରଦେଶ ।

ଅଧଃପାତ—ବି. ତଳକୁ ପଡ଼ିବା ; ଉଚ୍ଛନ୍ନ ହେବା ।

ଅଧମ—ବି. ଶଠ, ଅପକୃଷ୍ଟ ।

ଅଧମର୍ଣ୍ଣ—ବି. (ଅଧମ-ଋଣ) ଖାତକ ।

ଅଧମାଙ୍ଗ—ବି. (ଅଧମ-ଅଙ୍ଗ) ପାଦ ; ଚରଣ ।

ଅଧର—ବି. ତଳ ଓଷ୍ଠ ।

ଅଧର୍ମ—ବି. ପାପ ; ଦୁଷ୍କୃତ ।

ଅଧଲା—ବି. ପଇସାର ଅର୍ଦ୍ଧ ।

ଅଧଃସ୍ୱସ୍ତିକ—ବି. (ଅଧଃସ୍ୱସ୍ତିକ) ପାଦର ମୂଳ ଅଧୋଭାଗ ।

ଅଧସ୍ତନ—ବି. (ଅଧଃ-ତନ) ନିମ୍ନସ୍ଥ; ଅଧୀନସ୍ଥ ।

ଅଧି—ଅ. ଅଧିକ ବା ପ୍ରାଧାନ୍ୟବୋଧକ ଉପସର୍ଗ ।

ଅଧିକ—ବି. (ଅଧି-କ) ବେଶୀ ।

ଅଧିକନ୍ତୁ—ଅ. (ଅଧିକ-ତୁ) ଏତଦ୍ଭିନ୍ନ ।

ଅଧିକରଣ—ବି. (ଅଧି-କୃ-ଅନ) ଆଧାର, ବ୍ୟାକରଣ-କାରକବିଶେଷ ।

ଅଧିକାର—ବି. (ଅଧି-କୃ-ଘ) ସ୍ୱତ୍ୱ, ପ୍ରଭୁତ୍ୱ ।

ଅଧିକାରୀ—ବି. (ଅଧି-କୃ-ଇନ୍) ପ୍ରଭୁ ।

ଅଧିକୃତ—ବି. ଅଧୀନ ।

ଅଧିଗତ—ବି. (ଅଧି-ଗମ୍-ତ) ପ୍ରାପ୍ତ, ଜ୍ଞାତ ।

ଅଧିଗମ୍ୟ—ବି. (ଅଧି-ଗମ୍-ଯ) ସୁଗମ ।

ଅଧିତ୍ୟକା—ବି. (ଅଧି-ତ୍ୟକ-ଅ) ପର୍ବତର ଉପରସ୍ଥ ସମତଳ ଭୂମି ।

ଅଧିନାୟକ—ବି. (ଅଧି-ନୀ-ଅକ) ପ୍ରଧାନ ନେତା, ଅଧ୍ୟକ୍ଷ ।

ଅଧିପ—ବି. (ଅଧି-ପା-ଅ) ରାଜା, ପ୍ରଭୁ ।

ଅଧିମାସ—ବି. (ଅଧି=ଅଧିକ-ମାସ) ମଳମାସ ।

ଅଧିରୂଢ଼—(ଅଧି-ରୁହ୍-ତ) ଉପରେ ସ୍ଥିତ, ଆରୂଢ଼ ।

ଅଧିରୋହଣ—ବି. (ଅଧି-ରୁହ୍-ଅନ) ଆରୋହଣ ।

ଅଧିବାସ—ବି. (ଅଧି-ବସ୍-ଅ) ନିବାସ ; ଯଜ୍ଞ-ଉତ୍ସବ ପୂର୍ବଦିନର କର୍ମ ।

ଅଧିବାସୀ—ବି. (ଅଧି-ବସ୍-ଇନ୍) ନିବାସୀ ।

ଅଧିବେଶନ—ବି. (ଅଧି-ବିଶ୍-ଅନ) ବୈଠକ ।

ଅଧିଷ୍ଠାତ୍ରୀ—ବି. (ଅଧି-ସ୍ଥା-ତୃ+ଈ) ସର୍ବୋପରି ସ୍ଥିତିକାରିଣୀ ।

ଅଧିଷ୍ଠାନ—ବି. (ଅଧି-ସ୍ଥା-ଅନ) ସ୍ଥିତି ।

ଅଧୀତ—ବି. (ଅଧି-ଇ-ତ) ପଠିତ ।

ଅଧୀନ—ବି. (ଅଧି-ଇନ) ବଶୀଭୂତ ; ଆଶ୍ରିତ ।

ଅଧୀର—ବି. (ଅ-ଧୀର) ଚପଳ ; ଅସ୍ଥିର ।

ଅଧୀଶ୍ୱର—ବି. (ଅଧି-ଈଶ୍-ବର) ସମ୍ରାଟ୍ ।

ଅଧୁନା—ଅ. ଏବେ ; ସମ୍ପ୍ରତି ।

ଅଧୁନାତନ—ବି. (ଅଧୁନା-ତନ) ଆଧୁନିକ ।

ଅଧୁଲି—ବି. ଏକଟଙ୍କାର ଅର୍ଦ୍ଧ ।

ଅଧୈର୍ଯ୍ୟ—ବି. (ଅ-ଧୀର-ଯ) ଚଞ୍ଚଳତା; ବି. କାତର ।

ଅଧୋଗତି—ବି. (ଅଧଃ-ଗତି) ଅବନତି ।

ଅଧୋଦ୍ୱା—ବି. ଅଧସ୍ତା ।

ଅଧୋବାୟୁ—ବି. ଅପାନବାୟୁ ।

ଅଧୋଭୁବନ—ବି. (ଅଧଃ-ଭୁବନ) ପାତାଳ ।

ଅଧୋମୁଖ—ବି. (ଅଧଃ-ମୁଖ) ନତମୁଖ ।

ଅଧୋକ୍ଷଜ—ବି. (ଅଧଃ-ଅକ୍ଷ-ଜନ୍-ଅ) ଶ୍ରୀକୃଷ୍ଣ; ପରମେଶ୍ୱର ।

ଅଧ୍ୟକ୍ଷ-ବି. (ଅଧି-ଅକ୍ଷ) ତତ୍ତ୍ୱାବଧାୟକ ।

ଅଧ୍ୟୟନ-ବି. (ଅଧି-ଇ-ଅନ) ପାଠାଭ୍ୟାସ କରିବା ।

ଅଧ୍ୟବସାୟ-ବି. (ଅଧି-ଅବ-ସୋ-ଅ) ଅବିଶ୍ରାନ୍ତ ଉଦ୍ୟୋଗ ।

ଅଧ୍ୟା-ବି. ଦେବତା ନିକଟରେ ଅଙ୍ଗୁଷ୍ଠସ୍ପର୍ଶ ଉପକାରାର୍ଥ କରି ଜାଣତ ରହିବା ।

ଅଧ୍ୟାପକ-ବି. (ଅଧି-ଇ-(ଣିଜନ୍ତ)-ଅକ) ଶିକ୍ଷକ । [ଶିକ୍ଷାଦାତା ।

ଅଧ୍ୟାପନା-ବି. (ଅଧି-ଇ-(ଣିଜନ୍ତ)-ଅନ-ଆ)

ଅଧ୍ୟାୟ-ବି. (ଅଧି-ଇ-ଅ) ଗ୍ରନ୍ଥର ଅଂଶ ।

ଅଧ୍ୟାସ-ବି. (ଅଧି-ଅସ୍-ଅ) ଆରୋପ, ଏକ ବସ୍ତୁରେ ଅନ୍ୟ ବସ୍ତୁର ବୋଧ ।

ଅଧ୍ୟାହାର-ବି. (ଅଧି-ଆ-ହୃ-ଅ) ଅସମ୍ପୂର୍ଣ୍ଣ ବାକ୍ୟର ପୂରଣ ।

ଅଧ୍ୟୂଢା-ବି. (ଅଧି-ଉ-ବହ୍) ସ୍ତ୍ରୀ ।

ଅଧ୍ରୁବ-ବିଂ. ଅନିଶ୍ଚିତ ।

ଅଧ୍ୱ-ବି. ମାର୍ଗ ; ଉପାୟ ।

ଅଧ୍ୱଗ-ବିଂ. (ଅଧ୍ୱ-ଗମ୍-ଅ) ପଥିକ ।

ଅଧ୍ୱର-ବି. ଯଜ୍ଞ ।

ଅଧ୍ୱର୍ଯ୍ୟୁ-ବି. ଯଜୁର୍ବେଦଜ୍ଞ ବ୍ରାହ୍ମଣ । [ମୂର୍ଣ୍ଣ ।

ଅନକ୍ଷର-ବିଂ. (ଅନ୍-ଅକ୍ଷର) ବର୍ଣ୍ଣଜ୍ଞାନଶୂନ୍ୟ ;

ଅନଘ-ବିଂ. (ଅନ୍-ଅଘ) ନିଷ୍ପାପ ।

ଅନଙ୍ଗ-ବି. (ଅନ୍-ଅଙ୍ଗ) କାମଦେବ ।

ଅନଡ଼ୁହ-ବି. ଷଣ୍ଢ ।

ଅନଡ୍ୱାନ୍-ବି. ବୃଷ ; ବଳଦ ।

ଅନତିଦୂର-ବି. (ଅନ୍-ଅତି-ଦୂର) ଅଧିକ ଦୂର ନୁହେଁ ।

ଅନଧିକ-ବିଂ. (ଅନ୍-ଅଧିକ) ଅଧିକ ନୁହେଁ ।

ଅନଧିକାରଚର୍ଚ୍ଚା-ବି. ଅଧିକାର ବହିର୍ଭୂତ ବିଷୟର ଚର୍ଚ୍ଚା ।

ଅନନ୍ତ-ବିଂ. (ଅନ୍-ଅନ୍ତ) ଅସୀମ ; ବି. ପରମେଶ୍ୱର, ବାସୁକି ।

ଅନନ୍ତର-କ୍ରି. ବି. (ଅନ୍-ଅନ୍ତର) ଅବ୍ୟବହିତ ପରେ ।

ଅନନ୍ତବିଜୟ-ବି. ଯୁଧିଷ୍ଠିରଙ୍କ ଶଙ୍ଖ ।

ଅନନ୍ତବ୍ରତ-ବ୍ରତ ଶୁକ୍ଳଚତୁର୍ଦ୍ଦଶୀ ଦିନ ପାଳନୀୟ ବ୍ରତ ।

ଅନନ୍ୟଗତି-ବିଂ. (ଅନ୍-ଅନ୍ୟ-ଗତି) ଯାହାର ଅନ୍ୟ ଉପାୟ ନାହିଁ । [ଚିତ୍ତ ।

ଅନନ୍ୟମନା-ବିଂ. (ଅନ୍-ଅନ୍ୟ-ମନସ୍) ଏକାଗ୍ର-

ଅନନ୍ୟସାଧାରଣ-ବିଂ. ଅସାଧାରଣ ।

ଅନପତ୍ୟ-ବିଂ. (ଅନ୍-ଅପତ୍ୟ) ସନ୍ତାନହୀନ ।

ଅନପେତ-ବିଂ. (ଅନ୍-ଅପ-ଇ-ତ) ଯୁକ୍ତ ।

ଅନଭିଜ୍ଞ-ବିଂ. (ଅନ୍-ଅଭି ଜ୍ଞା-ଅ) ଅଜ୍ଞ ।

ଅନଭିମତ-ବିଂ. (ଅନ୍-ଅଭି-ମନ୍-ତ) ଅନଭିପ୍ରେତ ; ମତବହିର୍ଭୂତ ।

ଅନମ୍ର-ବି. (ଅନ୍-ନମ୍ର) ଅବିନୀତ ।

ଅନର୍ଗଳ-ବିଂ. (ଅନ୍-ଅର୍ଗଳ) ଅବାଧ ।

ଅନର୍ଥ-ବି. (ନ-ଅର୍ଥ) ଅନିଷ୍ଟ, ବିପଦ ।

ଅନର୍ଥକ-ବିଂ. (ଅନ୍-ଅର୍ଥ-କ) ନିରର୍ଥକ, ଅକାରଣ ।

ଅନର୍ଘୀପ-ବି. ଅପରିମିତ ।

ଅନର୍ହ-ବି. (ଅନ୍-ଅର୍ହ) ଅଯୋଗ୍ୟ ।

ଅନଳ-ବି. ଅଗ୍ନି ।

ଅନଳ୍ପ-ବି. (ଅନ୍-ଅଳ୍ପ) ଅଧିକ ; ମହତ୍ ।

ଅନବଦ୍ୟ-ବି. (ଅନ୍-ଅବଦ୍ୟ) ଅନିନ୍ଦନୀୟ ।

ଅନବଧାନତା-ବି. (ଅନ୍-ଅବ-ଧା-ଅନ-ତା) ଅମନୋଯୋଗ ।

ଅନବରତ-କ୍ରି. ବି. (ଅନ୍-ଅବ-ରମ୍-ତ) ସର୍ବଦା, ନିରନ୍ତର ।

ଅନବସର-ବି. (ଅନ୍-ଅବସର) ଅନବକାଶ ।

ଅନବସ୍ଥିତ-ବି. (ଅନ୍-ଅବ-ସ୍ଥା-ତ) ଅସ୍ଥିର ।

ଅନଶନ-ବି. (ଅନ୍-ଅଶ୍-ଅନ) ଉପବାସ ।

ଅନଶ୍ୱର-ବି. (ଅ-ନଶ୍-ବର) ଅକ୍ଷୟ ; ଅବିନାଶୀ ।

ଅନସୂୟା-ବି. (ଅନ୍-ଅସୂୟା) ଦ୍ୱେଷରହିତା ; ବି. ଅତ୍ରିଋଷିଙ୍କ ପତ୍ନୀ ।

ଅନାଇବା-କ୍ରି. ଚାହିଁବା ।

ଅନାଉଣି-ବି. ଚାହାଣି ; କଟାକ୍ଷ ।

ଅନାଗତ-ବି. (ଅନ୍-ଆ-ଗମ୍-ତ) ଯାହା ଆସି ନାହିଁ ; ଭବିଷ୍ୟତ୍ । [ଅପର ।

ଅନାଚାର-ବି. (ଅନ୍-ଆ-ଚର୍-ଅ) ଗର୍ହିତ

ଅନାଜି-ବି. ଗହଳା ।

ଅନାଡ଼ି-ବି. ନିର୍ବୋଧ ।

ଅନାତପ-ବି. (ଅନ୍-ଆତପ) ଛାୟା ।

ଅନାଥ-ବି. (ଅ-ନାଥ) ଅସହାୟ ।

ଅନାଦର-ବି. (ଅନ୍-ଆ-ଦୃ-ଅ) ଅସମ୍ମାନ; ଅବଜ୍ଞା ।

ଅନାଦି-ବି. (ଅନ୍-ଆଦି) ଆଦିରହିତ ; ବି. ପରମେଶ୍ୱର ।

ଅନାଦୃତ-ବି. (ଅନ୍-ଆ-ଦୃ-ତ) ଅବଜ୍ଞାତ ।

ଅନାମୟ-ବି. ( ଅନ୍-ଆମୟ ) ନୀରୋଗ ; ବି. ଆରୋଗ୍ୟ ।

ଅନାମିକା-ବି. (ଅ-ନାମନ୍-ଇକ୍-ଅ) କନିଷ୍ଠା-ଙ୍ଗୁଳିର ନିକଟସ୍ଥ ଅଙ୍ଗୁଳି । [ନୃତ୍ୟ ।

ଅନାସକ୍ତ-ବି. (ଅନ୍-ଆସକ୍ତ) ଯାହା ଆସକ୍ତ

ଅନାସ୍ୱାଦ-ବି. (ଅନ୍-ଆସ୍ୱାଦ) ଅରୁଚି ।

ଅନାରସ-ବି. ସପୁରିଫଳ ।

ଅନାର୍ଯ୍ୟ-ବି. (ଅନ୍-ଆର୍-ଯ) ଅସଭ୍ୟ ; ନୀଚ ।

ଅନାବିଳ-ବି. (ଅନ୍-ଆବିଳ) ନିର୍ମଳ ।

ଅନାବୃତ-ବି. ( ଅନ୍-ଆ-ବୃ-ତ ) ଖୋଲା ; ଆବରଣଶୂନ୍ୟ । [ଅଭାବ ।

ଅନାବୃଷ୍ଟି-ବି. ( ଅନ୍-ଆ-ବୃଷ୍-ତି ) ବୃଷ୍ଟିର

ଅନାସ୍ଥା-ବି. ଅଯତ୍ନ ; ଅନାଦର । [ଆସ ।

ଅନାହାର-ବି. (ଅନ୍-ଆହାର) ଅନଶନ, ଉପ-

ଅନାହୂତ-ବି. (ଅନ୍-ଆ-ହ୍ୱେ-ତ) ଅନିମନ୍ତ୍ରିତ ।

ଅନିଚ୍ଛା-ବି. (ଅନ୍-ଇଚ୍ଛା) ଇଚ୍ଛାର ଅଭାବ ; ଅନଭିଳାଷ ।

ଅନିତ୍ୟ-ବି. (ଅ-ନିତ୍ୟ) ନଶ୍ୱର ।

ଅନିନ୍ଦ୍ୟ-ବି. (ଅ-ନିନ୍ଦ୍-ଯ) ଦୋଷଶୂନ୍ୟ ।

ଅନିମିଷ, ଅନିମେଷ-ବି. ପଲକଶୂନ୍ୟ ।

ଅନିୟତ-ବି. (ଅ-ନି-ଯମ୍-ତ) ଅସ୍ଥିର ; ଅନି-ଶ୍ଚିତ । [illegible]

ଅନିର୍ବଚନୀୟ-ବି. ( ଅ-ନିର୍-ବଚ୍-ଅନୀୟ )

ଅନିଳ-ବି. (ଅନ୍-ଇଲ) ପବନ ।

ଅନିବାର୍ଯ୍ୟ-ବିଂ. (ଅ-ନି-ବୃ-ଯ) ଯାହାର ନିବାରଣ ଅସମ୍ଭବ ।

ଅନିଷ୍ଟ-ବି. (ଅନ୍-ଇଷ୍-ତ) ଅପକାର ; କ୍ଷତି ।

ଅନୀକିନୀ-ବି. ସୈନ୍ୟଦଳ ।

ଅନୀତି-ବି. (ଅ-ନୀ-ତି) ଦୁର୍ନୀତି ; ଅତ୍ୟାଚାର ।

ଅନୁ-ଅ. ପଶ୍ଚାଦ୍‌ବୋଧକ ଉପସର୍ଗ ।

ଅନୁକମ୍ପା-ବି. (ଅନୁ-କମ୍ପ-ଅ) ଦୟା ।

ଅନୁକରଣ-ବି. (ଅନୁ-କୃ-ଅନ) ଅନ୍ୟପରି କରିବା ।

ଅନୁକଳ୍ପ-ବି. ଗୌଣକଳ୍ପ ।

ଅନୁକୂଳ-ବିଂ. ସ୍ୱପକ୍ଷ ; ସଦୟ ।

ଅନୁକ୍ରମ-ବି. (ଅନୁ-କ୍ରମ୍-ଅ) ପର୍ଯ୍ୟାୟ ।

ଅନୁକ୍ରମଣିକା-ବି. ଭୂମିକା ।

ଅନୁକ୍ରୋଶ-ବି. (ଅନୁ-କ୍ରୁଶ୍-ଅ) ଦୟା ।

ଅନୁକ୍ଷଣ-କ୍ରିଂ. ବିଂ. (ଅନୁ-କ୍ଷଣ) ସର୍ବଦା ।

ଅନୁଗତ-ବିଂ. (ଅନୁ-ଗମ୍-ତ) ଆଶ୍ରିତ ।

ଅନୁଗାମୀ-ବିଂ. (ଅନୁ-ଗମ୍-ଇନ୍) ପଶ୍ଚାଦ୍-ଗାମୀ ।

ଅନୁଗ୍ରହ-ବି. (ଅନୁ-ଗ୍ରହ୍-ଅ) ଦୟା ; ପ୍ରସାଦ ।

ଅନୁଗୃହୀତ-ବିଂ. ଅନୁଗ୍ରହପ୍ରାପ୍ତ ।

ଅନୁଚର-ବିଂ. (ଅନୁ-ଚର୍-ଅ) ଅନୁବର୍ତ୍ତୀ, ସଙ୍ଗୀ ।

ଅନୁଚିକୀର୍ଷା-ବି. (ଅନୁ-କୃ-ସନ୍-ଅ) ଅନ୍ୟପରି କରିବାର ଇଚ୍ଛା ।

ଅନୁଚିତ-ବିଂ. (ଅନ୍-ଉଚିତ) ଅଯୁକ୍ତ ।

ଅନୁଜ-ବି. (ଅନୁ-ଜନ୍-ଅ) ସାନଭାଇ ।

ଅନୁଜା-ବି. ସାନଭଉଣୀ ।

ଅନୁଜୀବୀ-ବିଂ. ସେବାକାରୀ ।

ଅନୁଜ୍ଞା-ବି. (ଅନୁ-ଜ୍ଞା-ଅ) ଆଜ୍ଞା ।

ଅନୁଜ୍ଞାତ-ବିଂ. ଆଦିଷ୍ଟ । [ସମ୍ମତ ।

ଅନୁତପ୍ତ-ବିଂ. (ଅନୁ-ତପ୍-ତ) ପଶ୍ଚାତ୍ତାପଯୁକ୍ତ

ଅନୁତାପ-ବି. ପଶ୍ଚାତ୍ତାପ ।

ଅନୁତ୍ତମ-ବିଂ. ଯାହା ଅପେକ୍ଷା ଉତ୍ତମ ନାହିଁ ।

ଅନୁଦାର-ବିଂ. (ଅନ୍-ଉଦାର) କୃପଣ ।

ଅନୁଦିନ-କ୍ରି.ବିଂ. ପ୍ରତିଦିନ ।

ଅନୁଦ୍ଦେଶ-ବିଂ. ଯାହାର ଉଦ୍ଦେଶ ନାହିଁ ।

ଅନୁଧାବନ-ବି. (ଅନୁ-ଧାବ୍-ଅନ) ପଶ୍ଚାଦ୍-ଗମନ, ଅନୁସନ୍ଧାନ ।

ଅନୁନୟ-ବି. (ଅନୁ-ନୀ-ଅ) ବିନୟ ।

ଅନୁନାସିକ-ବିଂ. (ଅନୁ-ନାସିକା-ଅ) ନାସିକା ଦ୍ୱାରା ଉଚ୍ଚାରିତ । [ଅଳ୍ପ ।

ଅନୁପମ-ବିଂ. (ଅନ୍-ଉପମା) ଉପମାରହିତ ;

ଅନୁପଯୁକ୍ତ-ବିଂ. (ଅନ୍-ଉପ-ଯୁଜ୍-ତ). ଅଯୋଗ୍ୟ ।

ଅନୁପାତ-ବି. (ଅନୁ-ପତ୍-ଅ) ଗଣିତରେ ଏକ ପରିମାଣ ଅନ୍ୟ ସହିତ ସମ୍ବନ୍ଧ ।

ଅନୁପାନ-ବି. (ଅନୁ-ପା-ଅନ) ଔଷଧ ସେବନ ପରେ ପାନୀୟ ବା ସେବ୍ୟ ଦ୍ରବ୍ୟ ।

ଅନୁପ୍ରସ୍ଥ-ବିଂ. ପ୍ରସ୍ଥାନୁସାରେ ।

ଅନୁପ୍ରାସ- ବି. (ଅନୁ-ପ୍ର-ଅସ୍-ଅ) ଅକ୍ଷର-ସାମ୍ୟସହିତ ବାକ୍ୟାଳଙ୍କାର । [ବର୍ଣ୍ଣ ।

ଅନୁବର୍ତ୍ତୀ- ବି. (ଅନୁ-ବୃତ୍-ଇନ୍) ସ୍ୱାଦ୍-

ଅନୁବାଦ- ବି. (ଅନୁ-ବଦ୍-ଅ) ତର୍ଜମା ।

ଅନୁଭବ- ବି. (ଅନୁ-ଭୂ-ଅ) ବୋଧ, ଉପଲବ୍ଧି ।

ଅନୁଭବୀ- ବି. (ଅନୁଭବ-ଇନ୍) ଯେ ଅନୁଭବ କରେ ।

ଅନୁଭାବ- ବି. (ଅନୁ-ଭୂ-ଘଞ୍) ପ୍ରଭାବ ; ଅଳଙ୍କାରଶାସ୍ତ୍ରରେ ଭାବବୋଧକ ଭ୍ରୂଭଙ୍ଗାଦି ।

ଅନୁଭୂତ- ବି. (ଅନୁ-ଭୂ-ତ) ଉପଲବ୍ଧ ।

ଅନୁଭୂତି- ବି. (ଅନୁ-ଭୂ-ତି) ଅନୁଭବ ।

ଅନୁମତ- ବି. (ଅନୁ-ମନ୍-ତ) ଅନୁମୋଦିତ ।

ଅନୁମତି- ବି. (ଅନୁ-ମନ୍-ତି) ଅନୁଜ୍ଞା ; ସମ୍ମତି ।

ଅନୁମାନ- ବି. (ଅନୁ-ମା-ଅନ) ହେତୁଦ୍ୱାରା ତଥ୍ୟନିର୍ଣ୍ଣୟ ।

ଅନୁମିତ- ବି. (ଅନୁ-ମା-ତ) ହେତୁ ବା ତର୍କଦ୍ୱାରା ସିଦ୍ଧ ।

ଅନୁମିତି- ବି. (ଅନୁ-ମା-ତି) ଅନୁମାନ ।

ଅନୁମେୟ- ବି. (ଅନୁ-ମା-ଯ) ଅନୁମାନ-ଯୋଗ୍ୟ । [ଦିକ ।

ଅନୁମୋଦନ- ବି. (ଅନୁ-ମୁଦ୍-ଅନ) ସମ୍ମତି-

ଅନୁଯାୟୀ- ବି. (ଅନୁ-ଯା-ଇନ୍) ଅନୁଗାମୀ ; ସଦୃଶ ।

ଅନୁଯୋଗ- ବି. (ଅନୁ-ଯୁଜ୍-ଅ) ଅଭିଯୋଗ ।

ଅନୁରକ୍ତ- ବି. (ଅନୁ-ରଞ୍ଜ୍-ତ) ସ୍ନେହୀ, ଆସକ୍ତ ।

ଅନୁରକ୍ତି- ବି. (ଅନୁ-ରଞ୍ଜ୍-ତି) ସ୍ନେହ, ଆସକ୍ତି ।

ଅନୁରାଗ- ବି. (ଅନୁ-ରଞ୍ଜ୍-ଅ) ସ୍ନେହ, ପ୍ରୀତି ।

ଅନୁରାଗୀ- ବି. (ଅନୁ-ରଞ୍ଜ୍-ଇନ୍) ସ୍ନେହୀ ।

ଅନୁରୂପା- ବି. ଲକ୍ଷଣବିଶେଷ । [ଅନୁ ।

ଅନୁରୁଦ୍ଧ- ବି. ଯାହାକୁ ଅନୁରୋଧ କରାଯାଇ-

ଅନୁରୂପ- ବି. ସଦୃଶ ; ତୁଲ୍ୟ ।

ଅନୁରୋଧ- ବି. (ଅନୁ-ରୁଧ୍-ଅ) ଉପରୋଧ, ସୁପାରିସ୍ ।

ଅନୁଲୋମ- ବି. ସେମାନଙ୍କ କ୍ରମାନୁସାରେ ।

ଅନୁଶୟ- ବି. (ଅନୁ-ଶୀ-ଅ) ଅନୁତାପ ।

ଅନୁଶାସନ- ବି. (ଅନୁ-ଶାସ୍-ଅନ) ଆଜ୍ଞା ; ଉପଦେଶ ।

ଅନୁଶିଷ୍ୟ- ବି. ଶିଷ୍ୟର ଶିଷ୍ୟ । [ଅଭ୍ୟାସ ।

ଅନୁଶୀଳନ- ବି. (ଅନୁ-ଶୀଲ୍-ଅନ) ଆଲୋଚନା ;

ଅନୁଶୋଚନା- ବି. (ଅନୁ-ଶୁଚ୍-ଅନ-ଆ) ଗତ ବିଷୟପାଇଁ ଖେଦ ।

ଅନୁଷଙ୍ଗ- ବି. ସମ୍ପର୍କ ; ଉପମାନର ଅନୁଭୂ ।

ଅନୁଷ୍ଠାନ- ବି. (ଅନୁ-ସ୍ଥା-ଅନ) ଧର୍ମକର୍ମ ।

ଅନୁଷ୍ଠିତ- ବି. (ଅନୁ-ସ୍ଥା-ତ) ଆରବ୍ଧ, ସମ୍ପାଦିତ ।

ଅନୁସନ୍ଧାନ- ବି. (ଅନୁ-ସମ୍-ଧା-ଅନ) ଅନ୍ୱେଷଣ ।

ଅନୁସରଣ- ବି. (ଅନୁ-ସୃ-ଅନ) ପଶ୍ଚାଦ୍ଗମନ ।

ଅନୁସାରୀ- ବି. (ଅନୁ-ସୃ-ଇନ୍) ଅନୁଗାମୀ ।

ଅନୁସାରେ- କ୍ରି. ବି. ଅନୁକ୍ରମେ

ଅନୁସ୍ୱାର- ବି. ଅନୁନାସିକ ବର୍ଣ୍ଣ ।

ଅନୁବୃତ୍ତି—ବି. (ଅନୁ-ବୃତ୍-ତି) ଅବ୍ୟାହତ ।
ଅନୂକ—ବି. (ଅନ୍-ଉକ୍ତ) ପୂର୍ବ ।
ଅନୂପ—ବି. (ଅନୁ-ଅପ୍) ଜଳପ୍ରାୟ ସ୍ଥାନ ।
ଅନୂରୁ—ବି. (ଅନ୍-ଊରୁ) ଅରୁଣ, ସୂର୍ଯ୍ୟ ସାରଥି ।
ଅନୃଣୀ—ବି. (ଅନ୍-ଋଣ-ଇନ୍) ଯାହାର ଋଣ ନାହିଁ ।
ଅନୃତ—ବି. ମିଥ୍ୟା ; ଅସତ୍ୟ ।
ଅନେକ—ବିଣ. (ଅନ୍-ଏକ) ଏକରୁ ଅଧିକ ।
ଅନୈକ୍ୟ—ବି. (ଅନ୍-ଐକ୍ୟ) ଐକ୍ୟର ଅଭାବ ।
ଅନୋକହ—ବି. ବୃକ୍ଷ । [ସ୍ୱଭ ।
ଅନୌଚିତ୍ୟ—ବି. (ଅନ୍-ଉଚିତ-ଯ) ଅନୁଚିତ
ଅନ୍ତ—ବି. ଶେଷ ; ସୀମା ।
ଅନ୍ତକ—ବି. (ଅନ୍ତ-କ) ଯମ ।
ଅନ୍ତଃସଲିଳା—ବି. ଅନ୍ତଃସ୍ରୋତ ।
ଅନ୍ତର୍, ଅନ୍ତଃ—ଅ. ଭିତରେ । [ମନ ।
ଅନ୍ତଃକରଣ—ବି. (ଅନ୍ତଃ-କରଣ) ହୃଦୟ,
ଅନ୍ତଃସ୍ଥ—ଅ. (ଅନ୍ତ-ସ୍ଥା) ଭିତର ପକ୍ଷେ ।
ଅନ୍ତଃପାତୀ—ବି. (ଅନ୍ତଃ-ପତ୍-ଇନ୍) ଅନ୍ତର୍ଗତ ।
ଅନ୍ତଃପୁର—ବି. (ଅନ୍ତଃ-ପୁର) ଅନ୍ଦରମହଲ ।
ଅନ୍ତର—ବି. (ଅନ୍ତ-ରା-ଅ) ପ୍ରଭେଦ ; ବ୍ୟବଧାନ ।
ଅନ୍ତରଙ୍ଗ—ବି. (ଅନ୍ତର୍-ଗମ୍-ଅ) ଆତ୍ମୀୟ ।
ଅନ୍ତରାୟ—ବି. (ଅନ୍ତର୍-ଇ-ଅ) ପ୍ରତିବନ୍ଧକ, ବାଧା । [ଉତ୍ପାଡ଼ ।
ଅନ୍ତରାଳ—ବି. (ଅନ୍ତର-ଆ-ଲା-ଅ) ଅଭ୍ୟନ୍ତର,
ଅନ୍ତରିତ—ବି. (ଅନ୍ତର୍-ଇତ) ଲୁକ୍କାୟିତ ; ଅପହୃତ ।
ଅନ୍ତରୀକ୍ଷ—ବି. (ଅନ୍ତର୍-ଈକ୍ଷ୍-ଅ) ମଧ୍ୟ ଆକାଶ ।
ଅନ୍ତରୀପ—ବି. (ଅନ୍ତର୍-ଅପ୍-ଅ) ଯେଉଁ ସ୍ଥଳଭାଗ କ୍ରମେ ସୂକ୍ଷ୍ମ ହୋଇ ଜଳମଧ୍ୟକୁ ଯାଇଥାଏ ।
ଅନ୍ତର୍ଗତ—ବି. (ଅନ୍ତଃ-ଗମ୍-ତ) ମଧ୍ୟଗତ ।
ଅନ୍ତର୍ଦ୍ଧାନ—ବି. (ଅନ୍ତର୍-ଧା-ଅନ) ତିରୋଧାନ ।
ଅନ୍ତର୍ବତ୍ନୀ—ବି. ଗର୍ଭବତୀ ।
ଅନ୍ତର୍ଭୂତ—ବି. (ଅନ୍ତର୍-ଭୂ-ତ) ଅନ୍ତର୍ଗତ ।
ଅନ୍ତର୍ଯାମୀ—ବି. (ଅନ୍ତର୍-ଯମ୍-ଇନ୍) ଯେ ମନକଥା ଜାଣେ, ଯି. ପରମେଶ୍ୱର ।
ଅନ୍ତର୍ହିତ—ବି. (ଅନ୍ତର୍-ଧା-ତ) ତିରୋହିତ ।
ଅନ୍ତିକ—ବି. ସନ୍ନିକଟ ।
ଅନ୍ତିମ—ବି. (ଅନ୍ତ-ଇମ) ଶେଷ, ଚରମ ।
ଅନ୍ତ୍ରବୃଦ୍ଧି—ବି. ସ୍ତମ୍ଭାଗ୍ରହ ।
ଅନ୍ତେବାସୀ—ବି. (ଅନ୍ତେ-ବସ୍-ଇନ୍) ଶିଷ୍ୟ ।
ଅନ୍ତ୍ୟ—ବି. (ଅନ୍ତ-ଯ) ଶେଷ ; ନୀଚ ।
ଅନ୍ତ୍ୟଜ—ବି. (ଅନ୍ତ୍ୟ-ଜନ୍-ଅ) ନୀଚଜାତିର ଲୋକ । [କାର୍ଯ୍ୟ ।
ଅନ୍ତ୍ୟେଷ୍ଟି—ବି. (ଅନ୍ତ୍ୟ-ଯଜ୍-ତି) ଶବଦାହାଦି
ଅନ୍ତ୍ର—ବି. ଉଦରସ୍ଥ ନାଡ଼ୀ ।
ଅନ୍ଦାଜି—ବି. ଅନୁମାନ ।
ଅନ୍ଧଣା—ବି. ଅନ୍ଧେଣୀ ।
ଅନ୍ନ—ବି. ଭୁକ୍ତଦ୍ରବ୍ୟ ; ପକ୍ୱ ତଣ୍ଡୁଳ ।

ଅନ୍ଧକାର–ବି. (ଅନ୍ଧ-କୃ-ଅ) ଅନ୍ଧାର ।

ଅନ୍ଧପୁତୁଳି–ଆଖି ଭିତରେ ଦେଖା ପୁଆ ।

ଅନ୍ଧାରକଣ୍ଟା–ବି. ଛାତିରେ ଲାଗିବା ଏକ କାଣ୍ଡ ।

ଅନ୍ଧାରପକ୍ଷ–ବି. କୃଷ୍ଣପକ୍ଷ ।

ଅନ୍ଧୁଣୀ–ବି. ଯେଉଁ ସ୍ତ୍ରୀ ଅନ୍ଧ ।

ଅନ୍ନ–ବି. (ଅଦ୍-ତ) ଭାତ ; ଖାଦ୍ୟ ।

ଅନ୍ନଦା–ବି. (ଅନ୍ନ-ଦା-ଅ) ଅନ୍ନଦାତ୍ରୀ, ଦୁର୍ଗା ।

ଅନ୍ନପ୍ରାଶନ–ବି. ଶିଶୁର ପ୍ରଥମ ଅନ୍ନଭକ୍ଷଣ ।

ଅନ୍ନମୟକୋଷ–ବି. ସ୍ଥୂଳଶରୀର ।

ଅନ୍ୟ–ସ. ଭିନ୍ନ, ଅପର ।

ଅନ୍ୟତମ–ବି. ଅନେକଙ୍କ ମଧ୍ୟରେ ଜଣେ ।

ଅନ୍ୟତର–ବି. ଦୁଇଜଣଙ୍କ ମଧ୍ୟରେ ଜଣେ ।

ଅନ୍ୟତ୍ର–ଅ. (ଅନ୍ୟ-ତ୍ର) ଅନ୍ୟସ୍ଥାନରେ ।

ଅନ୍ୟଥା–ଅ. (ଅନ୍ୟ-ଥା) ଅନ୍ୟ ପ୍ରକାରେ ।

ଅନ୍ୟଦା–ଅ. ଅନ୍ୟ ସମୟରେ ।

ଅନ୍ୟମନସ୍କ–ବି. (ଅନ୍ୟ-ମନସ୍-କ) ଅନ୍ୟମନା ।

ଅନ୍ୟାନ୍ୟ–ବି. (ଅନ୍ୟ-ଅନ୍ୟ) ଅଲଗ ଅଲଗ ।

ଅନ୍ୟାୟ–ବି. ଅବିଚାର ।

ଅନ୍ୟାଯ୍ୟ–ବି. ଅନୁଚିତ ; ଅଯୋଗ୍ୟ ।

ଅନ୍ୟୂନ–ବି. ନ୍ୟୂନ ନୁହେଁ ; ସମଗ୍ର ।

ଅନ୍ୟୋନ୍ୟ–ବି. (ଅନ୍ୟ-ଅନ୍ୟ), ପରସ୍ପର ।

ଅନ୍ୱୟ–ବି. (ଅନୁ-ଇ-ଅ) ବଂଶ ; ବାକ୍ୟରେ ପଦମାନଙ୍କର ସମ୍ବନ୍ଧ ।

ଅନ୍ୱିତ–ବି. (ଅନୁ-ଇ-ତ) ଯୁକ୍ତ ।

ଅନ୍ୱେଷଣ–ବି. (ଅନୁ-ଇଷ୍-ଅନ) ଅନୁସନ୍ଧାନ ।

ଅନ୍ୱେଷଣୀୟ–ବି. ଅନୁସନ୍ଧେୟ ।

ଅପ–ଅ. (ଉପସର୍ଗ) ଅପକୃଷ୍ଟ ।

ଅପକର୍ମ–ବି. ଖରାପ ବା ମନ୍ଦ କର୍ମ ।

ଅପକର୍ଷ–ବି. (ଅପ-କୃଷ୍-ଅ) ନିକୃଷ୍ଟତା ।

ଅପକାର–ବି. (ଅପ-କୃ-ଅ) ଅନିଷ୍ଟ ।

ଅପକାରୀ–ବି. (ଅପ-କୃ-ଇନ୍) ଅନିଷ୍ଟକାରୀ ।

ଅପକୀର୍ତ୍ତି–ବି. (ଅପ-କୀର୍ତ୍ତି) ଅପଯଶ ।

ଅପକୃଷ୍ଟ–ବି. (ଅପ-କୃଷ୍-ତ) ନିକୃଷ୍ଟ ; ନୀଚ ।

ଅପକ୍ୱ–ବି. କଞ୍ଚା, ଅପରିପକ୍ୱ ।

ଅପଘନ–ବି. ଶରୀର, ଅଙ୍ଗ ।

ଅପଘାତ–ବି. (ଅପ-ହନ୍-ଅ) ରୋଗ ବ୍ୟତୀତ ମୃତ୍ୟୁର ଅନ୍ୟ କାରଣ ।

ଅପଚିତି–ବି. (ଅପ-ଚି-ତି) କ୍ଷତି ।

ଅପଚ୍ଛେଦ–ବି. (ଅପ-ଛିଦ୍-ଅ) ଅପଧ୍ୱଂସନ ।

ଅପଢ଼ା–ବି. ଅଜ୍ଞ ।

ଅପଟୁ–ବି. ଅଦକ୍ଷ ।

ଅପଡ଼ା–ବି. ବେଢ଼ା ।

ଅପତ୍ୟ–ବି. ପୁତ୍ରକନ୍ୟା, ସନ୍ତାନ ।

ଅପଥ୍ୟ–ବି. (ଅ-ପଥ୍ୟ) ରୋଗୀର ଅହିତକର ।

ଅପଦସ୍ଥ–ବି. (ଅ-ପଦ-ସ୍ଥା-ଅ) କର୍ମଚ୍ୟୁତ ; ଅପମାନିତ ।

ଅପଦାର୍ଥ–ବି. ଅସାର ।

ଅପଦେଶ–ବି. ଛଳ ।

ଅପନୟନ–ବି. (ଅପ-ନୀ-ଅନ) ଦୂରୀକରଣ ।

ଅପନୀତ—ବିଂ. ଦୂରୀକୃତ ।

ଅପନୋଦନ—ବି. (ଅପ-ନୁଦ୍-ଅନ) ଦୂରୀକରଣ ।

ଅପକୃଷ୍ଟ—ବି. ଉଚ୍ଚ-ସ୍ୱରାତ୍-ଚ୍ୟୁତ ନିକୃଷ୍ଟ ସ୍ୱର ।

ଅପଭ୍ରଂଶ—ବି. ମୂଳ ଶବ୍ଦର ପରିବର୍ତ୍ତନ ।

ଅପମାନ—ବି. (ଅପ-ମା-ଅନ) ଅବଜ୍ଞା, ଅନାଦର ।

ଅପମୃତ୍ୟୁ—ବି. ( ଅପ-ମୃତ୍ୟୁ ) ଦୈବାଦ୍ ଘଟନାରେ ମୃତ୍ୟୁ ।

ଅପଯଶ—ବି. ନିନ୍ଦା ।

ଅପର—ବିଂ. ଅନ୍ୟ, ଭିନ୍ନ ।

ଅପରିଚିତ—ବିଂ. (ଅ-ପରି-ଚି-ତ) ଅଜଣା, ଅପ୍ରସିଦ୍ଧ ।

ଅପରାଧ—ବି. (ଅପ-ରାଧ୍-ଅ) ଦୋଷ ।

ଅପରାଦ୍ଧ—ବିଂ. (ଅପ-ରାଧ୍-ତ) ଅପରାଧୀ ।

ଅପରାହ୍ଣ—ବି. (ଅପର-ଅହନ୍-ଅ) ଦିନର ଶେଷଭାଗ ।

ଅପରିଚ୍ଛନ୍ନ—ବିଂ. (ଅ-ପରି-ଛଦ୍-ତ) ମଳିନ ।

ଅପରିଚ୍ଛିନ୍ନ—ବିଂ. (ଅ-ପରି-ଛିଦ୍-ତ) ଅସୀମ ।

ଅପରିଣତ—ବିଂ. (ଅ-ପରି-ନମ୍-ତ) ଅପକ୍ୱ ।

ଅପରିମିତ—ବିଂ. (ଅ-ପରି-ମା-ତ) ପରିମାଣରହିତ ।

ଅପରିହାର୍ଯ୍ୟ—ବିଂ. (ଅ-ପରି-ହୃ-ଯ) ଯାହାକୁ ଏଡ଼ିବା ଅସାଧ୍ୟ ।

ଅପରୂପ—ବିଂ. ଅପୂର୍ବ ।

ଅପରୋକ୍ଷ—ବିଂ. ପ୍ରତ୍ୟକ୍ଷ ।

ଅପର୍ଣ୍ଣା—ବି. ବୃକ୍ଷ ପତ୍ରାଦି ଭକ୍ଷଣରେ ବିମୁଖା ପାର୍ବତୀ ।

ଅପର୍ଯ୍ୟାପ୍ତ—ବି. (ଅ-ପରି-ଆପ୍-ତ) ଅପରିମିତ ।

ଅପଲାପ—ବି. (ଅପ-ଲପ୍-ଅ) ଅସ୍ୱୀକାର ।

ଅପବର୍ଗ—ବି. ମୋକ୍ଷ ।

ଅପବାଦ—ବି. (ଅପ-ବଦ୍-ଅ) ନିନ୍ଦା ।

ଅପବ୍ୟୟ—ବି. (ଅପ-ବି-ଇ-ଅ) ବୃଥା ଖରଚ ।

ଅପସରିବା—କ୍ରି. ଘୁଞ୍ଚିବା ।

ଅପସାରିତ—ବିଂ. (ଅପ-ସୃ-ଣିଚ୍-ତ) ଦୂରୀକୃତ ।

ଅପସୃତ—ବିଂ. (ଅପ-ସୃ-ତ) ଅପଗତ ।

ଅପସ୍ମାର—ବି. ମୂର୍ଚ୍ଛାରୋଗ ।

ଅପହୃତ—ବିଂ. (ଅପ-ହୃ-ତ) ହୃତ ।

ଅପହରଣ—ବି. (ଅପ-ହୃ-ଅନ) ଚୋରି ।

ଅପହାରକ—ବି. (ଅପ-ହୃ-ଅକ) ଚୋର ।

ଅପହ୍ନବ, ଅପହ୍ନୁତି—(ଅପ-ହ୍ନୁ-ଅ, ତି) ଅପଲାପ ।

ଅପା—ଦେଶ୍ୟ. ଭଉଣୀ ।

ଅପାଙ୍ଗ—ବି. (ଅପ-ଅଙ୍ଗ) ଚକ୍ଷୁର ପ୍ରାନ୍ତଭାଗ; କଟାକ୍ଷ ।

ଅପାତ୍ର—ବିଂ. ଅଯୋଗ୍ୟ ବ୍ୟକ୍ତି ।

ଅପାଦାନ—ବି. (ଅପ-ଆ-ଦା-ଅନ) କାରକ-ବିଶେଷ ।

ଅପାମାର୍ଗ—ବି. ଅପାମାରଙ୍ଗ ବୃକ୍ଷ ।

ଅପାୟ—ବି. (ଅପ-ଇ-ଅ) ବିନାଶ; କ୍ଷତି ।

ଅପାର—ବିଂ. ଅସୀମ ।

ଅପାଲିକ୍ଷ—ବି. ଅନାବୃଷ୍ଟି ।

ଅପାଲଟେ—ବିଂ. ଯେ ବାର୍ଣ୍ଣି ନ ପାରେ ବାହାରେ ନାହିଁ ।

ଅପିଚ / ଅପିତୁ—ଅ. (ଅପି-ଚ,ତୁ) ଅଧିକ; ଏବଂ ।

ଅପିଧାନ—ବି. (ଅପି-ଧା-ଅନ) ଆଚ୍ଛାଦନ ।

ଅପିହିତ—ବି. (ଅପି-ଧା-ତ) ଆଚ୍ଛାଦିତ ।

ଅପୁତ୍ରିକ—ବି. ପୁତ୍ରହୀନ ।

ଅପୂର୍ଣ୍ଣ—ବି. ଅସମାପ୍ତ, ଖଣ୍ଡିତ ।

ଅପୂର୍ବ—ବି. ଅଦ୍ଭୁତ, ଆଶ୍ଚର୍ଯ୍ୟଜନକ ।

ଅପେକ୍ଷା—ସ୍ତ୍ରୀ. (ଅପ-ଈକ୍ଷ-ଅ) ଅଟକାଇ ରହିବା; ତୁଳନା; ଆକାଂକ୍ଷା ।

ଅପେକ୍ଷିତ—ବି. (ଅପ ଈକ୍ଷ୍-ତ) ଆକାଂକ୍ଷିତ ।

ଅପେୟ—ବି. (ଅ-ପା-ଯ) ପାନର ଅଯୋଗ୍ୟ ।

ଅପୋଗଣ୍ଡ—ବି. ଶିଶୁ । [ନୁହେଁ ।

ଅପୌରୁଷେୟ—ବି. ଯାହା ମନୁଷ୍ୟ-ରଚିତ

ଅପ୍ରକଟ—ବି. ଅପ୍ରକାଶ ।

ଅପ୍ରକୃତ—ବି. କଳ୍ପିତ; ଅଯଥାର୍ଥ ।

ଅପ୍ରତିଭ—ବି. (ଅ-ପ୍ରତି-ଭା-ଅ) ମନ୍ଦବୁଦ୍ଧି, ଲଜ୍ଜିତ ।

ଅପ୍ରତିମ—ବି. (ଅ-ପ୍ରତିମା) ଅନୁପମ, ଅତୁଲ୍ୟ ।

ଅପ୍ରତିହତ—ବି. (ଅ-ପ୍ରତି-ହନ୍-ତ) ପ୍ରତିବନ୍ଧକ-ରହିତ ।

ଅପ୍ରଫୁଲ୍ଲ—ବି. ଅସ୍ଫୁଟ । [ଅତୀତ ।

ଅପ୍ରମେୟ—ବି. ( ଅ-ପ୍ର-ମା-ଯ ) ପ୍ରମାଣର

ଅପ୍ରସ୍ତୁତ—ବି. ଅନୁପଯୁକ୍ତ; ନିନ୍ଦିତ ।

ଅପ୍ରାକୃତ—ବି. ଅସାଧାରଣ ।

ଅପ୍ରାପ୍ତବୟସ୍କ / ଅପ୍ରାପ୍ତବ୍ୟବହାର—ବି. ନାବାଳକ ।

ଅପ୍ସରା—ସ୍ତ୍ରୀ. (ଅପ୍-ସୃ-ଅସ୍) ସ୍ୱର୍ଗବେଶ୍ୟା ।

ଅଫେନ—ବି. ଅଫୁ ।

ଅବ—ଅ. (ଉପସର୍ଗ) ବିସ୍ତାର, ଅବଲମ୍ବନ ।

ଅବକାଶ—ପୁ. (ଅବ-କାଶ୍-ଅ) ଅବସର, ଛୁଟି ।

ଅବଖୁରା—ବି. କ୍ଷୁଦ୍ର ଜଳପାତ୍ରବିଶେଷ ।

ଅବଗତ—ବି. (ଅବ-ଗମ୍-ତ) ଜ୍ଞାତ ।

ଅବଗତି—ସ୍ତ୍ରୀ. (ଅବ-ଗମ୍-ତି) ଜାଣିବା ।

ଅବଗାହ—ପୁ. (ଅବ-ଗାହ୍-ଅ) ଅନ୍ତଃପ୍ରବେଶ ।

ଅବଗାହନ—ବି. ଜଳରେ ବୁଡ଼ି ସ୍ନାନ ।

ଅବଗୁଣ୍ଠନ—ପୁ. (ଅବ-ଗୁଣ୍ଠ-ଅନ) ଓଢ଼ଣା, ଆଚ୍ଛାଦନ ।

ଅବଗୁଣ୍ଠିତ—ବି. ଆଚ୍ଛାଦିତ ।

ଅବଚ୍ଛିନ୍ନ—ବି. (ଅବ-ଛିଦ୍-ତ) ସୀମାବଦ୍ଧ ।

ଅବଚ୍ଛେଦ—ପୁ. ( ଅବ-ଛିଦ୍-ଅ ) ସୀମା; ବିଚ୍ଛେଦ ।

ଅବଜ୍ଞା—ସ୍ତ୍ରୀ. (ଅବ-ଜ୍ଞା-ଅ) ଅନାଦର, ଅପମାନ ।

ଅବଜ୍ଞାତ—ବି. ଅନାଦୃତ ।

ଅବଜ୍ଞେୟ—ବି. (ଅବ-ଜ୍ଞା-ଯ) ଅନାଦରଣୀୟ ।

ଅବଡ଼ା—ଶ୍ରୀ ବଡ଼ଦେଉଳର ଅନ୍ନ ।

ଅବତଂସ—ପୁ. କର୍ଣ୍ଣଭୂଷଣ; ଶିରୋଭୂଷଣ ।

ଅବତରଣ—ପୁ. (ଅବ-ତୃ-ଅନ) ଅବରୋହଣ ।

ଅବତରଣିକା—ସ୍ତ୍ରୀ. ଭୂମିକା ।

ଅବତାର-ବି. ( ଅବ-ତୃ-ଅ ) ଦେବତାର
  ଦେହଧାରଣ ।
ଅବତାରଣା-ବି. ପ୍ରସ୍ତାବନା ।
ଅବତୀର୍ଣ୍ଣ-ବିଂ. (ଅବ-ତୃ-ତ) ଜନ୍ମିତ, ଅବତ ।
ଅବଦାତ-ବିଂ. ନିର୍ମଳ ; ଧବଳ ।
ଅବଦାନ-ବି. ଶୁଦ୍ଧକର୍ମ ।
ଅବଦ୍ୟ-ବିଂ. ନିନ୍ଦନୀୟ ।
ଅବଧାନ-ବି. (ଅବ-ଧା-ଅନ) ମନୋଯୋଗ ;
  ସ୍ତ୍ରୀଲୋକର ଚିହ୍ନ ।
ଅବଧାରଣ-ବି. (ଅବ-ଧୃ-ଣି-ଅ) ନିଶ୍ଚୟକରଣ ।
ଅବଧାରିତ-ବିଂ. ନିଶ୍ଚିତ ।
ଅବଧି-ବି. (ଅବ-ଧା-ଇ) ସୀମା, ପର୍ଯ୍ୟନ୍ତ ।
ଅବଧୀରଣା-ବି. ଅବଜ୍ଞା ।
ଅବଧୀରିତ-ବିଂ. ଅବଜ୍ଞାତ ।
ଅବଧୂତ-ବି. ଏକପ୍ରକାର ସନ୍ନ୍ୟାସୀ ।
ଅବଧ୍ୟ-ବିଂ. (ଅ-ବଧ୍-ଯ) ବଧର ଅଯୋଗ୍ୟ,
  ଯାହାଙ୍କୁ ବଧ କରିବା ଉଚିତ ନୁହେଁ ।
ଅବନତି-ବି. ( ଅବ-ନମ୍-ତି ) କମିଯିବା ;
  ପ୍ରଣତି, ଅଧୋଗତି ।                [ଗତ ।
ଅବନତ-ବିଂ. (ଅବ-ନମ୍-ତ) ପ୍ରଣତ, ଅଧୋ-
ଅବନୀ-ବି. ପୃଥିବୀ ।
ଅବନ୍ତୀ-ବି. ମାଳବଦେଶ ।
ଅବବୋଧ-ବି. ସମ୍ୟକ୍ ଜ୍ଞାନ ।
ଅବଭାସ-ବି. ପ୍ରକାଶ ; ଭ୍ରମ ।
ଅବଭୃଥ-ବି. ଯଜ୍ଞାନ୍ତ ସ୍ନାନ ।          [ମାନ ।
ଅବମାନନା-ବି. (ଅବ-ମାନ୍-ଅନ-ଆ) ଅପ-

ଅବମାନିତ-ବିଂ. ଅପମାନିତ ।
ଅବସୃତି-ବି. (ଅବ-ସୃ-ଅ) ପଥ ; ସଂସାର ।
ଅବର-ବିଂ. (ଅ-ବର) ନିକୃଷ୍ଟ, କନିଷ୍ଠ ।
ଅବରୁଦ୍ଧ-ବିଂ. (ଅବ-ରୁଧ୍-ତ) ବନ୍ଦ ।
ଅବରୋଧ-ବି. ( ଅବ-ରୁଧ୍-ଅ ) ଅନ୍ତଃପୁର,
  ବେଷ୍ଟନକାରୀ ସୈନ୍ୟ ।
ଅବରୋହ-ବି. (ଅବ-ରୁହ୍-ଅ) ଅବତରଣ ;
  ଓହ୍ଲାଣ ।
ଅବରୋହଣ-ବି. ଓହ୍ଲାଇବା ।
ଅବର୍ଣ୍ଣ୍ୟ-ବିଂ. କୁତ୍ସିତ ।            [ଧାରଣ ।
ଅବଲମ୍ବନ-ବି. ( ଅବ-ଲମ୍ବ-ଅନ ). ଆଶ୍ରୟ ;
ଅବଳା-ବି. (ଅ-ବଳ-ଆ) ସ୍ତ୍ରୀ ; ନାରୀ ।
ଅବଲୀଳା-ବି. (ଅବ-ଲୀଳା) ଅନାୟାସ ।
ଅବଲେହ-ବି. (ଅବ-ଲିହ୍-ଅ) ଚାଟିଖାଇବାର
  ଔଷଧ ।
ଅବଲୋକନ-ବି. (ଅବ-ଲୋକ୍-ଅନ) ଦର୍ଶନ ।
ଅବଲୋକିତ-ବିଂ. ଦୃଷ୍ଟ ।
ଅବଶ-ବିଂ. ଅନାୟତ୍ତ ।
ଅବଶିଷ୍ଟ-ବିଂ. (ଅବ-ଶିଷ୍-ତ) ବାକି ।
ଅବଶେଷ-ବି. ( ଅବ-ଶିଷ୍-ଅ ) ଅଲ୍ପଶେଷ ;
  ଶେଷ ।
ଅବଶ୍ୟ-ଅ. ଅନିବାର୍ଯ୍ୟରୂପେ ।
ଅବଶ୍ୟମ୍ଭାବୀ-ବିଂ. ( ଅବଶ୍ୟଂ-ଭୂ-ଣିନ୍-ଈ )
  ଅନିବାର୍ଯ୍ୟ ।
ଅବଷ୍ଟମ୍ଭ-(ଅବ-ସ୍ତମ୍ଭ୍-ଅ) ସ୍ତବ୍ଧତା ।
ଅବସନ୍ନ-ବିଂ. (ଅବ-ସଦ୍-ତ) ଶ୍ରାନ୍ତ ; କ୍ଲାନ୍ତ ।

ଅବସର—ବି. (ଅବ-ସୃ-ଅ) ଅବକାଶ ।
ଅବସାଦ—ବି. (ଅବ-ସଦ୍-ଅ) କ୍ଲାନ୍ତି ।
ଅବସାନ—ବି. (ଅବ-ସୋ-ଅନ) ଶେଷ ।
ଅବସିତ—ବିଂ. (ଅବ-ସୋ-ତ) ସମାପ୍ତ ।
ଅବସ୍ଥା—ବି. (ଅବ-ସ୍ଥା-ଅ) ଦଶା ।
ଅବସ୍ଥାନ—ବି. (ଅବ-ସ୍ଥା-ଅନ) ସ୍ଥିତି ।
ଅବସ୍ଥିତ—ବିଂ. (ଅବ-ସ୍ଥା-ତ) ସ୍ଥିତ ।
ଅବହିତ—ବିଂ. (ଅବ-ଧା-ତ) ମନୋଯୋଗୀ ।
ଅବହେଳା—ବି. ଅଯତ୍ନ ହେଳା ।
ଅବା—ଅଂ. ଅବା ।
ଅବାକ୍—ବିଂ. ବାକ୍‌ଶୂନ୍ୟ ।
ଅବାଙ୍ମୁଖ—ବିଂ. ଅଧୋମୁଖ ।
ଅବାଗି—ବି. ହରିଣବକ୍ ।
ଅବାଚ୍ୟ—ବିଂ. (ଅ-ବଚ୍-ଯ) ଅକଥ୍ୟ ।
ଅବାଟ—ବି. ଅସତ୍ ପଥ ।
ଅବାଧ—ବିଂ. ବାଧାରହିତ ।
ଅବାଧ୍ୟ—ବିଂ. (ଅ-ବାଧ୍-ଯ) ଅବଶୀଭୂତ ।
ଅବାନ୍ତର—ବିଂ. ( ଅବ-ଅନ୍ତର ) ପ୍ରଧାନର ଅନ୍ତର୍ଗତ ।
ଅବାରିତ—ବିଂ. (ଅ-ବୃ-ଣିଚ୍-ତ) ଅରୁଦ୍ଧ ।
ଅବିକଳ—ବିଂ. ଠିକ୍, ଅବିକୃତ ।
ଅବିଗୁଣ—ବି. ଦୋଷ ।
ଅବିଚଳିତ—ବିଂ. ସ୍ଥିର, ଦୃଢ଼ ।
ଅବିଶ୍ରୁତି—ବି. ଅନାସ୍ଥ ବଚନ ।
ଅବିତଥ—ବିଂ. ଯଥାର୍ଥ, ସତ୍ୟ ।
ଅବିଦିତ—ବିଂ. ଅଜ୍ଞାତ ।

ଅବିଦ୍ୟା—ଅଜ୍ଞାନ, ମାୟା ।
ଅବିଧି—ବି. ଅନିୟମ ।
ଅବିନୟ—ବି. ଧୃଷ୍ଟତା, ଅଶିଷ୍ଟତା ।
ଅବିନଶ୍ୱର—ବିଂ. (ଅ-ବିନଶ୍ୱର) ଚିରସ୍ଥାୟୀ ।
ଅବିନୀତ—ବିଂ. (ଅ-ବିନୀତ) ଉଦ୍ଧତ ; ଦମ୍ଭୀ ।
ଅବିମୃଷ୍ୟକାରୀ—ବିଂ. (ଅ-ବି-ମୃଶ୍-ଯ-କୃ-ଇନ୍) ଯେ ବିଚାର ନ କରି କର୍ମ କରେ ।
ଅବିର—ବି. ଫଗୁ ।
ଅବିରତ—ବିଂ. (ଅ-ବି-ରମ୍-ତ) ଅନବରତ ।
ଅବିରଳ—ବିଂ. ନିବିଡ଼, ଘନ ।
ଅବିଶ୍ରାମ—ବିଂ. ଅବିଶ୍ରାନ୍ତ ।
ଅବିବେକୀ—ବିଂ. (ଅ-ବିବେକ-ଇନ୍) ବିବେକ-ଶୂନ୍ୟ ।
ଅବିଶ୍ରାନ୍ତ—ବିଂ. (ଅ-ବି-ଶ୍ରମ୍-ତ) ଅନବରତ ।
ଅବିହିତ—ବିଂ. (ଅ-ବି-ଧା-ତ) ଅନୁଚିତ ।
ଅବୀରା—ବିଂ. ପତିପୁତ୍ରହୀନା ।
ଅବୁଝ—ବିଂ. ଯେ ବୁଝେ ନାହିଁ ।
ଅବେକ୍ଷଣ—ବି. (ଅବ-ଈକ୍ଷ୍-ଅନ) ଦେଖିବା ।
ଅବୈତନିକ—ବିଂ. ( ଅ-ବେତନ-ଇକ ) ଯେ ବେତନ ନେଉ ନାହିଁ ।
ଅବୈଧ—ବିଂ. (ଅ-ବିଧି-ଅ) ଅନୁଚିତ ; ଅଯୌକ୍ତିକ ।
ଅବୋଧ—ବିଂ. (ଅ-ବୋଧ) ଅଜ୍ଞାନ ।
ଅବ୍ୟକ୍ତ—ବିଂ. ଅପ୍ରକାଶିତ ।
ଅବ୍ୟୟ—ବି. (ଅ-ବି-ଇ-ଅ) ଯେଉଁ ଶବ୍ଦର ବିଭକ୍ତି ନ ଥାଏ । ବିଂ. ଅକ୍ଷୟ ; ଅବିନାଶୀ ।
ଅବ୍ୟର୍ଥ—ବିଂ. (ଅ-ବ୍ୟର୍ଥ) ସଫଳ ।

ଅବ୍ୟବସ୍ଥିତ–ବି. (ଅ-ବି-ଅବ-ସ୍ଥା-କ୍ତ) ଅସ୍ଥିର ।
ଅବ୍ୟବହିତ–ବି. (ଅ-ବି-ଅବ-ଧା-କ୍ତ) ବ୍ୟବଧାନଶୂନ୍ୟ, ସନ୍ନିହିତ । [ରହିତ ।
ଅବ୍ୟାହତ–ବି. (ଅ-ବି-ଆ-ହନ୍-କ୍ତ) ବ୍ୟାଘାତ-
ଅବ୍ୟାହୃତି–ବି. (ଅ-ବି-ଆ-ହୃ-କ୍ତି) ଉଦ୍ଧାର, ପରିତ୍ରାଣ ।
ଅବ୍ଦ–ବି. (ଅପ୍-ଦା-ଅ) ମେଘ ; ବର୍ଷ ।
ଅବ୍ଦି–ବି. ବର୍ଷ ।
ଅବ୍ଧି–ବି. (ଅପ୍-ଧା-କି) ସମୁଦ୍ର ।
ଅଭକ୍ତି–ବି. (ଅ-ଭକ୍ତି) ଘୃଣା ; ଅଶ୍ରଦ୍ଧା ।
ଅଭୟ–ବି. (ଅ-ଭୀ-ଅ) ନିର୍ଭୀକ, ବି. ଆଶ୍ୱାସ ।
ଅଭାଗା–ବି. ଦୁର୍ଭାଗ୍ୟ ।
ଅଭାଗ୍ୟ–ବି. ମନ୍ଦଭାଗ୍ୟ ।
ଅଭାଜନ–ବି. ଅପାତ୍ର, ଅଯୋଗ୍ୟ ।
ଅଭାବ–ବି. ଦୀନତା, ପ୍ରୟୋଜନ ।
ଅଭିକାମ୍ୟ–ବି. (ଅ-ଭୂ-ଅନୀୟ) ଅତିକ୍ରମଣୀୟ ।
ଅଭି–ଅ. (ଉପସର୍ଗ) ନୈକଟ୍ୟ, ସମ୍ମୁଖତା ।
ଅଭିଖ୍ୟା–ବି. ନାମ ; ଶୋଭା ।
ଅଭିଗମନ–ବି. ଅଭିମୁଖେ ଗମନ ।
ଅଭିଘାତ–ବି. (ଅଭି-ହନ୍-କ୍ତ) ଆଘାତ, ପ୍ରହାର ।
ଅଭିଜାତ–ବି. (ଅଭି-ଜନ୍-କ୍ତ) କୁଳୀନ, ଉଚ୍ଚବଂଶୀୟ ।
ଅଭିଜ୍ଞ–ବି. (ଅଭି-ଜ୍ଞା-ଅ) ଜାଣକାର ।
ଅଭିଜ୍ଞତା–ବି. (ଅଭିଜ୍ଞ-ତା) ଜ୍ଞାନ, ଦକ୍ଷତା ।
ଅଭିଜ୍ଞାନ–(ଅଭି-ଜ୍ଞା-ଅନ) ଚିହ୍ନ, ସ୍ମାରକବସ୍ତୁ ।

ଅଭିଧା–ବି. ନାମ, ଅର୍ଥ । [ବୋଧ ।
ଅଭିଧାନ–ବି. (ଅଭି-ଧା-ଅନ) ନାମ ; ଶବ୍ଦ-
ଅଭିଧେୟ–ବି. (ଅଭି-ଧା-ଯ) ବାଚ୍ୟ ।
ଅଭିନନ୍ଦନ–ବି. (ଅଭି-ନନ୍ଦ୍-ଅନ) ପ୍ରଶଂସା, ସାଦର ସମ୍ଭାଷଣ ।
ଅଭିନୟ–ବି. (ଅଭି-ନୀ-ଅ) ନାଟକପ୍ରଦର୍ଶନ ।
ଅଭିନବ–ବି. (ଅଭି-ନୂ-ଅ) ନୂତନ ।
ଅଭିନିବିଷ୍ଟ–ବି. (ଅଭି-ନି-ବିଶ୍-କ୍ତ) ମନୋଯୋଗୀ ।
ଅଭିନିବେଶ–ବି. (ଅଭି + ନି + ବିଶ୍-ଅ) ଏକାଗ୍ର ମନୋଯୋଗ । [ପ୍ରଦର୍ଶିତ ।
ଅଭିନୀତ–ବି. (ଅଭି-ନୀ-କ୍ତ) ରଙ୍ଗଭୂମିରେ
ଅଭିନେତା–ବି. (ଅଭି-ନୀ-ତୃ) ଅଭିନୟକାରୀ ।
ଅଭିନ୍ନ–ବି. (ଅ-ଭିଦ୍-କ୍ତ) ଭେଦରହିତ ।
ଅଭିପ୍ରାୟ–ବି. (ଅଭି-ପ୍ର-ଇ-ଅ) ଆଶୟ, ମତ । [ସମ୍ମତ ।
ଅଭିପ୍ରେତ–ବି. (ଅଭି-ପ୍ର-ଇ-କ୍ତ) ବାଞ୍ଛିତ ।
ଅଭିଭାବକ–ବି. (ଅଭି-ଭୂ-ଅକ) ରକ୍ଷକ ।
ଅଭିଭୂତ–ବି. ପରାଜିତ, ଅବସନ୍ନ ।
ଅଭିମତ–ବି. (ଅଭି-ମନ୍-କ୍ତ) ମତ ; ବି. ଅଭୀଷ୍ଟ ।
ଅଭିମନ୍ୟୁ–ବି. ଅର୍ଜ୍ଜୁନଙ୍କ ପୁତ୍ର । [ଭାର ।
ଅଭିମାନ–ବି. (ଅଭି-ମା-ଅନ) ଗର୍ବ ; ଅହଂ-
ଅଭିମୁଖ–ବି. (ଅଭି-ମୁଖ) ସମ୍ମୁଖ ।
ଅଭିଯାନ–ବି. (ଅଭି-ଯା-ଅନ) ଆକ୍ରମଣ, ଯୁଦ୍ଧଯାତ୍ରା ।

ଅଭିଯୁକ୍ତ-ବି. (ଅଭି-ଯୁଜ୍-କ୍ତ) ଆକ୍ରାନ୍ତ; ପ୍ରତିବାଦୀ। [ବାଧ୍ୟ; ବାଧା।

ଅଭିଯୋକ୍ତା-ବି. (ଅଭି-ଯୁଜ୍-ତୃ) ଅଭିଯୋଗ-

ଅଭିଯୋଗ-ବି. (ଅଭି-ଯୁଜ୍-ଘ) ନାଲିଶ।

ଅଭିରାମ-ବି. (ଅଭି-ରମ୍-ଘ) ସୁନ୍ଦର; ପ୍ରିୟ।

ଅଭିରୁଚି-ବି. (ଅଭି-ରୁଚ୍-ଇ) ସ୍ପୃହା, ଇଚ୍ଛା।

ଅଭିଲଷିତ-ବି. (ଅଭି-ଲଷ୍-କ୍ତ) ବାଞ୍ଛିତ, ଇଷ୍ଟ।

ଅଭିଲାଷ-ବି. (ଅଭି-ଲଷ୍-ଘ) ସ୍ପୃହା, ବାଞ୍ଛା।

ଅଭିବାଦନ-ବି. (ଅଭି-ବଦ୍-ଣିଚ୍-ଅନ) ବନ୍ଦନ, ପ୍ରଣାମ।

ଅଭିବ୍ୟକ୍ତ-ବି. (ଅଭି-ବି-ଅଞ୍ଜ୍-କ୍ତ) ପ୍ରକାଶିତ।

ଅଭିଶପ୍ତ-ବି. (ଅଭି-ଶପ୍-କ୍ତ) ଶାପଗ୍ରସ୍ତ।

ଅଭିଶାପ-ବି. (ଅଭି-ଶପ୍-ଘ) ଶାପ, ଅଭି-ସମ୍ପାତ।

ଅଭିଷବ-ବି. ଯଜ୍ଞସ୍ନାନ।

ଅଭିଷିକ୍ତ-ବି. (ଅଭି-ସିଚ୍-କ୍ତ) ସ୍ନାତ, ରାଜ-ପଦରେ ପ୍ରତିଷ୍ଠିତ।

ଅଭିଷେକ-ବି. (ଅଭି-ସିଚ୍-ଘ) ମନ୍ତ୍ରଜଳ ସେଚ-ନପୂର୍ବକ ବି-ଧାନରେ ସ୍ନାନ।

ଅଭିସନ୍ଧି-ବି. (ଅଭି-ସମ୍-ଧା-ଇ) ଗୁପ୍ତ ଅଭି-ପ୍ରାୟ। [ଛଳ।

ଅଭିସମ୍ପାତ-ବି. (ଅଭି-ସମ୍-ପତ୍-ଘ) ଅଭି-

ଅଭିସାର-ବି. (ଅଭି-ସୃ-ଘ) ସଙ୍କେତସ୍ଥାନକୁ ଗମନ। [ସଙ୍କେତସ୍ଥାନଗାମିନୀ।

ଅଭିସାରିକା-ବି. (ଅଭି-ସୃ-ଣକ-ସ୍ତ୍ରୀ-ଆ)

ଅଭିହିତ-ବି. (ଅଭି-ଧା-କ୍ତ) କଥିତ।

ଅଭୀଷ୍ଟ-ବି. (ଅଭି-ଇଷ୍-କ୍ତ) ବାଞ୍ଛିତ।

ଅଭୁକ୍ତ-ବି. (ଅ-ଭୁଜ୍-କ୍ତ) ଯେ ଭୋଜନ କରି-ନାହିଁ।

ଅଭୂତପୂର୍ବ-ବି. ଅଦୃଷ୍ଟପୂର୍ବ। [ଯୁକ୍ତ।

ଅଭେଦିକା-ବି. (ଅ-ଭେଦଶବ୍ଦକୁ ଭେଦ) ବସ୍ତ୍ର-

ଅଭେଦ୍ୟ-ବି. (ଅ-ଭିଦ୍-ଯ) ଭେଦର ଅଯୋଗ୍ୟ।

ଅଭ୍ୟଙ୍ଗ-ବି. (ଅଭି-ଅଞ୍ଜ୍-ଘ) ତୈଳମର୍ଦ୍ଦନ।

ଅଭ୍ୟନ୍ତର-ବି. (ଅଭି-ଅନ୍ତର) ମଧ୍ୟ।

ଅଭ୍ୟର୍ଥନା-ବି. (ଅଭି-ଅର୍ଥ-ଅନ-ଆ) ଉତ୍ଥାନ ପୂର୍ବକ ସମାଦର। [ଶିକ୍ଷିତ।

ଅଭ୍ୟସ୍ତ-ବି. (ଅଭି-ଅସ୍-କ୍ତ) ଅଭ୍ୟାସଯୁକ୍ତ

ଅଭ୍ୟାଗତ-ବି. (ଅଭି-ଆ-ଗମ୍-କ୍ତ) ଅତିଥି।

ଅଭ୍ୟାସ-ବି. (ଅଭି-ଅସ୍-ଘ) ପୁନଃ ପୁନଃ ଅନୁ-ଶୀଳନ। [ସେବନ।

ଅଭ୍ୟୁକ୍ଷଣ-ବି. (ଅଭି-ଉକ୍ଷ୍-ଅନ) ଜଳ-

ଅଭ୍ୟୁତ୍ଥାନ-ବି. (ଅଭି-ଉତ୍-ସ୍ଥା-ଅନ) ଅଭ୍ୟୁ-ଦୟ।

ଅଭ୍ୟୁଦୟ-ବି. (ଅଭି-ଉତ୍-ଇ-ଅ) ଉନ୍ନତି।

ଅଭ୍ର-ବି. ଆକାଶ; ମେଘ; ମେଘଜାତଧାତୁ।

ଅଭ୍ରଙ୍କଷ-ବି. ଆକାଶସ୍ପର୍ଶୀ, ମେଘସ୍ପର୍ଶୀ।

ଅଭ୍ରାନ୍ତ-ବି. (ଅ-ଭ୍ରମ୍-କ୍ତ) ଭ୍ରମଶୂନ୍ୟ।

ଅମଙ୍ଗ-ବି. ଅସଙ୍ଗତ। [ଅଶୁଭ।

ଅମଙ୍ଗଳ-ବି. (ଅ-ମଙ୍ଗଳ) ଗଣ୍ଡଗୋଳସୂଚକ,

ଅମାତ୍ରା-ବି. (ଅ-ମର୍ଯ୍ୟାଦାଶବ୍ଦ) ଯାହା ଦେଇ ମାପି ନାହିଁ।

ଅମତ୍ତ-ବି. (ଅ-ମଦ୍-ତ) ଅପ୍ରମତ୍ତ ।
ଅମତ୍ରା-ବି. (ଅ-ମା ଧାତୁରୁ) ଯାହା ମପା ହୋଇ ନାହିଁ ।
ଅମର-ବି. (ଅ-ମୃ-ଅ) ଦେବତା, ବି. ମରଣଶୂନ୍ୟ ।
ଅମରଟେପାରି-ବି. ଉଡିପ୍ୟଦେଶ ।
ଅମରାବତୀ-ବି. ଇନ୍ଦ୍ରଭବନ ।
ଅମଳ-ବି. (ଅ-ମଳ) ନିର୍ମଳ ।
ଅମଳ-ବି. ମାଦଳର ଚଉପାଖ ।
ଅମଳ-ବି. ଅଧିକାର ।
ଅମା-ଅ. (ଅ-ମା) ଅମାବାସ୍ୟା ।
ଅମାତ୍ୟ-ବି. ମନ୍ତ୍ରୀ ।
ଅମାନତି-ଫା. ବି. ଅର୍ପିତ ।
ଅମାନ୍ୟା-ବି. ଯେ ମାନେ ନାହିଁ ।
ଅମାପ-ବି. (ଅ-ମା ଧାତୁରୁ) ଅପରିମିତ ।
ଅମାବସ୍ୟା
ଅମାବାସ୍ୟା } ସ୍ତ୍ରୀ. (ଅମା-ବସ୍-ଯ) କୃଷ୍ଣପକ୍ଷର ଶେଷତିଥି ।
ଅମାସ୍ୟା
ଅମାର୍ତ୍ତ୍ରିକ-ବି. (ଅ-ମାତ୍ରା-ଇକ) ଅଦ୍ଭୁତ ।
ଅମାରି-ବି. ଶସ୍ୟାଗାର, କୋଠି ।
ଅମାର୍ତ୍ତ-କ୍ରି. ଦାଖଲପଦର ହାକିମ ।
ଅମାଲ୍ଲ-ବି. ବିଶ୍ୱକର୍ମଶେଷ ।
ଅମିତ-ବି. (ଅ-ମା-ତ) ଅପରିମିତ ।
ଅମିନ-ଫା. ବି. ଭୂମିପରିମାଣର କର୍ମଚାରୀ ।
ଅମିୟ-ବି. (ଅମୃତଶବ୍ଦରୁ) ଅମୃତ ।
ଅମିଶ୍ର-ବି. (ଅ-ମିଶ୍ର) ଅମେଳା ।
ଅମୀର୍-ବି. ଧନୀ ।
ଅମୁକ
ଅମୁକେକ } (ଅମୁ ଶବ୍ଦରୁ) ଅନିର୍ଦ୍ଦିଷ୍ଟ ବ୍ୟକ୍ତି ।
ଅମୂଳକ-ବି. (ଅ-ମୂଳ-କ) ମୂଳଶୂନ୍ୟ ; ମିଥ୍ୟା ।
ଅମୁକ୍ତ-ବି. (ଅ-ମୁକ୍ତ) ଯାହାକୁ ଦେହ ମୁକ୍ତ- ଦ୍ୱାରା ବଜି ନ ପାରେ । (ଅସ୍ତ୍ରାଦି ।
ଅମୃତ-ବି. (ଅ-ମୃ-ତ) ସୁଧା, ସ୍ୱାଦୁ ବସ୍ତୁ, ବି.
ଅମୃତମଣୋହି-ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପିତ ।
ଅମେଧ୍ୟ-ବି. (ଅ-ମେଧ୍ୟ) ଅପବିତ୍ର ।
ଅମେୟ-ବି. (ଅ-ମା-ଯ) ଅପରିମେୟ ।
ଅମେଳ-ବି. ପ୍ରଭେଦ ।
ଅମୋଘ-ବି. (ଅ-ମୋଘ) ଅବ୍ୟର୍ଥ ।
ଅମ୍ବଷ୍ଠ-ବି. ଜାତି, ଦେଶ ।
ଅମ୍ବର-ବି. ଆକାଶ ; ବସ୍ତ୍ର ।
ଅମ୍ବା-ସ୍ତ୍ରୀ. ମାତା, ଦୁର୍ଗା ।
ଅମ୍ବିକା-ସ୍ତ୍ରୀ. ଜଗନ୍ମାତା, ଦୁର୍ଗା ।
ଅମ୍ବୁ-ବି. ଜଳ ।
ଅମ୍ବୁଜ-ବି. (ଅମ୍ବୁ-ଜନ୍-ଅ) ପଦ୍ମ ।
ଅମ୍ବୁଦ-ବି. (ଅମ୍ବୁ-ଦା-ଅ) ମେଘ ।
ଅମ୍ବୁଧି-ବି. (ଅମ୍ବୁ-ଧା-ଇ) ସମୁଦ୍ର ।
ଅମ୍ବୁରାଶି-ବି. (ଅମ୍ବୁ-ରାଶି) ସମୁଦ୍ର ।
ଅମ୍ଭଃ-ବି. ଜଳ ।
ଅମ୍ଭୋଜ-ବି. (ଅମ୍ଭଃ-ଜନ୍-ଅ) ପଦ୍ମ ।
ଅମ୍ଭୋଦାମିନୀ-ବି. ଜଳପର ଧାରିକୁ ଯେ ଭାଙ୍ଗି ଯାଏ, ବଡ଼ ବାଧା ।

ଅମ୍ଳ—ବି. ଖଟା ।

ଅମୃତମଣୋହି—ବି. ଠାକୁରଙ୍କ ଉଦ୍ଦିଷ୍ଟ ନୈବେଦ୍ୟ ।

ଅଯତ୍ନ—ବି. ଅମନୋଯୋଗ, ଅବହେଳା ।

ଅଯଥାର୍ଥ—ବିଂ. (ଅ-ଯଥା-ଅର୍ଥ) ଅପ୍ରକୃତ ।

ଅୟନ—ବି. ପଥ, ଘର ।

ଅଯଶ—ବି. (ଅ-ଯଶ) ଅପବାଦ ।

ଅୟସ୍—ବି. ଲୌହ ।

ଅୟସ୍କାନ୍ତ—ବି. ଚୁମ୍ବକ ।

ଅଯାଚିତ—ବିଂ. (ଅ-ଯାଚ୍-ତ) ଅପ୍ରାର୍ଥିତ ।

ଅଯୁକ୍ତ—ବିଂ. (ଅ-ଯୁଜ୍-ତ) ଅସଙ୍ଗତ ।

ଅଯୁଗ୍ମ—ବିଂ. (ଅ-ଯୁଗ୍ମ) ବିଷମ ।

ଅଯୁତ—ବିଂ. ଦଶସହସ୍ର ।

ଅୟି }
ଅୟେ } କୋମଳ ସମ୍ବୋଧନପଦ ।

ଅଯୌକ୍ତିକ—ବିଂ. (ଅ-ଯୁକ୍ତି-କ) ଯୁକ୍ତିବିରୁଦ୍ଧ ।

ଅର—ବି. ଚକର ନାଭି ଓ ନେମିରେ ସଂଯୋଜିତ କାଷ୍ଠ ।

ଅରକ୍ଷିତ—ବିଂ. (ଅ-ରକ୍ଷ୍-ତ) ନିରାଶ୍ରୟ ।

ଅରକ୍ଷ୍—ବି. ଜର୍ଗାଂଶ ।

ଅରଗଳ—ବି. କିଳିଣି ।

ଅରଘଟ୍ଟ—ବି. କୂପରୁ ଜଳ କାଢ଼ିବା ଯନ୍ତ୍ର ।

ଅରଜ—ବି. ନିବେଦନ ; ଦରଖାସ୍ତ । [ଯନ୍ତ୍ର ।

ଅରଟ—ବି. (ଅରଘଟ୍ଟଶବ୍ଦଜ) ସୂତା କାଟିବାର

ଅରଣା—ବିଂ. (ଅରଣ୍ୟଶବ୍ଦଜ) ବନ୍ୟ ।

ଅରଣି—ବି. ଘର୍ଷଣଦ୍ୱାରା ଅଗ୍ନି ବାହାର କରିବାର କାଷ୍ଠ ।

ଅରଣ୍ୟ—ବି. ବନ ।

ଅରଣ୍ୟାନୀ—ବି. ମହାରଣ୍ୟ ।

ଅରବିନ୍ଦ—ବି. ପଦ୍ମ ।

ଅରମା—ବିଂ. ଅପ୍ରସ୍ତୁତ ।

ଅରାଜକ—ବିଂ. (ଅ-ରାଜନ୍-କ) ରାଜଶୂନ୍ୟ ।

ଅରାତି—ବି. ଶତ୍ରୁ ।

ଅରି—ବି. ଶତ୍ରୁ ।

ଅରିନ୍ଦମ—ବିଂ. (ଅରି-ଦମ୍-ଅ) ଶତ୍ରୁଦମନକାରୀ ।

ଅରିଷ୍ଟ—ବି. ମଙ୍ଗଳ ; ଶୁଭ । [ଅଶୁଭଲକ୍ଷଣ ।

ଅରୁଅ—ଦେ. ( ବୈଦିକ ଅରୁତ=ଅରଦ। )

ଅରୁଚି—ବି. ଅନିଚ୍ଛା ।

ଅରୁଣ—ବି. ସୂର୍ଯ୍ୟସାରଥି ; ବିଂ. ଲୋହିତ ।

ଅରୁଣିମା—ବି. (ଅରୁଣ-ଇମନ୍) ରକ୍ତିମା ।

ଅରୁନ୍ଧତୀ—ବି. ବଶିଷ୍ଠପତ୍ନୀ, ତାରାବିଶେଷ ।

ଅର୍କ—ବି. ସୂର୍ଯ୍ୟ ; ବୃକ୍ଷବିଶେଷ ।

ଅର୍ଗଳ—ବି. କବାଟର କିଳିଣି ।

ଅର୍ଘ—ବି. ମୂଲ୍ୟ ।

ଅର୍ଘ୍ୟ—ବିଂ. (ଅର୍ଘ-ଯ) ପୂଜାର ସାମଗ୍ରୀ ।

ଅର୍ଚ୍ଚନା—ବି. (ଅର୍ଚ୍ଚ୍-ଅନ-ଆ) ପୂଜା ।

ଅର୍ଚ୍ଚିତ—ବିଂ. (ଅର୍ଚ୍ଚ୍-ତ) ପୂଜିତ ।

ଅର୍ଚ୍ଚିଃ—ବି. ଦୀପ୍ତି ; ଶିଖା ।

ଅର୍ଜ୍ଜନ—ବି. (ଅର୍ଜ୍-ଅନ) ଉପାର୍ଜ୍ଜନ ।

ଅର୍ଣ୍ଣବ—ବି. ସମୁଦ୍ର ।

ଅର୍ଥ—ବି. ଧନ ; ତାତ୍ପର୍ଯ୍ୟ ; ପ୍ରୟୋଜନ ।

ଅର୍ଥକୃତ୍—ବି. (ଅର୍ଥ-କୃ-ଅ-ଣ) ଯଦ୍ୱାରା ଅର୍ଥ-ଲାଭ ହୁଏ ।

ଅର୍ଥାନ୍ତର—ବି. (ଅର୍ଥ-ଅନ୍ତର) ଅନ୍ୟ ଅର୍ଥ ।

ଅର୍ଥୀ—ବିଂ. (ଅର୍ଥ-ଇନ୍) ପ୍ରାର୍ଥୀ ।

ଅର୍ଦ୍ଦିତ—ବିଂ. (ଅର୍ଦ୍-ତ) ପୀଡ଼ିତ ।

ଅର୍ଦ୍ଧ—ବି. ଦୁଇ ସମାନ ଭାଗର ଏକ ଅଂଶ ।

ଅର୍ଦ୍ଧଚନ୍ଦ୍ର—ବି. ଗଳହସ୍ତ ; ଅଷ୍ଟା ।

ଅର୍ଦ୍ଧାଙ୍ଗୀ—ବି. ଶରୀରର ଅର୍ଦ୍ଧ, ସ୍ତ୍ରୀ ।

ଅର୍ପଣ—ବି. (ଋ-ଣିଚ୍-ଅନ) ସମର୍ପଣ ।

ଅର୍ପିତ—ବିଂ (ଋ-ଣିଚ୍-ତ) ଦତ୍ତ ।

ଅର୍ଭକ—ବି. (ଅର୍ଭ-କ) ବାଳକ, ଶିଶୁ ।

ଅର୍ଯ୍ୟମା—ବି. ସୂର୍ଯ୍ୟ ।

ଅର୍ବାଚୀନ—ବିଂ. ନୂତନ ; ଅଧମ ।

ଅର୍ବୁଦ—ବି. ଦଶକୋଟି ସଂଖ୍ୟା ।

ଅର୍ଶ—ବି. ଗୁହ୍ୟଦେଶରୋଗ ।

ଅର୍ହ—ବିଂ. (ଅର୍ହ୍-ଅ) ଉପଯୁକ୍ତ, ଯୋଗ୍ୟ ।

ଅଳକ—ବି. ଚୂର୍ଣ୍ଣକୁନ୍ତଳ ।

ଅଳକା—ବି. କୁବେରପୁରୀ ।

ଅଳକ୍ତ—ବି. ଲାକ୍ଷାରସ ।

ଅଲକ୍ଷଣ—ବି. (ଅ-ଲକ୍ଷ୍-ଅନ) ମନ୍ଦଲକ୍ଷଣ ।

ଅଲକ୍ଷିତ—କ୍ରି. ବିଂ. ଅଦୃଷ୍ଟଭାବରେ ।

ଅଲକ୍ଷ୍ୟ<br>ଅଲଖ } ବିଂ. (ଅ-ଲକ୍ଷ-ଯ) ଅଦୃଶ୍ୟ ।

ଅଳଙ୍କାର—ବି. (ଅଲମ୍-କୃ-ଅ) ଭୂଷଣ ।

ଅଳଙ୍କୃତ—ବିଂ. (ଅଲମ୍-କୃ-ତ) ଭୂଷିତ ।

ଅଲଗା—ବିଂ. (ଅଲଗ୍ନଶବ୍ଦରୁ) ପୃଥକ୍ ।

ଅଲଗୁଣି—ବି. ବସ୍ତ୍ର ଲମ୍ବିବାନିମିତ୍ତ ରଜ୍ଜୁ ବା ଦଣ୍ଡ ।

ଅଲଙ୍ଘ୍ୟ—ବିଂ (ଅ-ଲଙ୍ଘ୍-ଯ) ଅନତିକ୍ରମଣୀୟ ।

ଅଲଣା—ବିଂ. (ଅଲବଣଶବ୍ଦଜ) ଲବଣଶୂନ୍ୟ ।

ଅଳତା—ବି. (ଅଳକ୍ତଶବ୍ଦରୁ) ଲାକ୍ଷାରସ ।

ଅଳନ୍ଧୁ—ବି. (ଅଳ-ଧୂମଶବ୍ଦରୁ) ଧୂମସଞ୍ଚିତ ଝୁଲ ।

ଅଳସ—ବି. (ଅ-ଲସ୍-ଅ) ଅକର୍ମଣ୍ୟ ।

ଅଳି—ବି. ଭ୍ରମର ।

ଅଲସ୍ଥା—ବି. ଦ୍ୱାରସ୍ଥ ।

ଅଲଭ୍ୟ—ବିଂ. (ଅ-ଲଭ୍-ଯ) ଅପ୍ରାପ୍ୟ ।

ଅଳୀକ—ବି. ଲଜ୍ଜା ।

ଅଳିନ୍ଦ—ବି. ବାରଣ୍ଡା ।

ଅଳୁକି—ବି. ସ୍ପୃହା ।

ଅଲୌକିକ—ବିଂ. (ଅ-ଲୋକ-ଇକ) ଅସାମାନ୍ୟ ।

ଅଳ୍ପ—ବିଂ. ଈଷତ୍ ; କମ୍ ।

ଅଳ୍ପଶୀ—ବିଂ. ଟେକିଆ ।

ଅଶକ୍ତ—ବିଂ. (ଅ-ଶକ୍-ତ) ଅସମର୍ଥ ।

ଅଶନ—ବି. (ଅଶ୍-ଅନ) ଭୋଜନ ।

ଅଶନି—ବି. ବଜ୍ର ।

ଅଶରୀରୀ—ବିଂ. ଦେହଶୂନ୍ୟ ।

ଅଶାସ୍ତ୍ର—ବିଂ. ଶାସ୍ତ୍ରବାହ୍ୟ ।

ଅଶାନ୍ତ—ବି. (ଅ-ଶମ୍-ତ) ଅସ୍ଥିର ।

ଅଶାସ୍ତ୍ରୀୟ—ବିଂ. ଶାସ୍ତ୍ରବିରୁଦ୍ଧ ।

ଅଶିଷ୍ଟ—ବିଂ. (ଅ-ଶିଷ୍ଟ) ଅଭଦ୍ର ।

ଅଶୀତି—ବି°, ଅଶୀ ।

ଅଶୁଚି—ବି°. ଅପବିତ୍ର ।

ଅଶେଷ—ବି°, ଅନନ୍ତ ।

ଅଶୋକ—ବି. ବୃକ୍ଷବିଶେଷ; ବି°. ଶୋକଶୂନ୍ୟ ।

ଅଶୌଚ—ବି. (ଅ-ଶୌଚ) ଅଶୁଦ୍ଧି ।

ଅଶ୍ମ—ବି. ପ୍ରସ୍ତର ।

ଅଶ୍ମରୀ—ବି. ପଥୁରି ।

ଅଶ୍ରୁ—ବି. ଲୋତକ, ଲୁହ ।

ଅଶ୍ଳୀଳ—ବି°. (ଅ-ଶ୍ରୀ-ଲ) ଜଘନ୍ୟ, ଅଭଦ୍ର ।

ଅଶ୍ଳେଷା—ବି. ନକ୍ଷତ୍ରବିଶେଷ ।

ଅଶ୍ୱ—ବି. ଘୋଡ଼ା ।

ଅଶ୍ୱତର—ବି. ଖଚର ।

ଅଶ୍ୱତ୍ଥ—ବି. ଓସ୍ତବୃକ୍ଷ ।

ଅଶ୍ୱତ୍ଥାମା—ବି. ଦ୍ରୋଣଙ୍କର ପୁତ୍ର । [ଯଜ୍ଞ ।

ଅଶ୍ୱମେଧ—ବି. (ଅଶ୍ୱ-ମେଧ) ଘୋଡ଼ାବଳିପଡ଼ିବା

ଅଶ୍ୱିନୀ—ବି. ନକ୍ଷତ୍ରବିଶେଷ ।

ଅଷ୍ଟ—ବି°. ଆଠ । [ଶ୍ଳୋକ ।

ଅଷ୍ଟକ—ବି. ଅଷ୍ଟଃଶ୍ଲୋକବିଶିଷ୍ଟ ରଚନା । ଆଠ

ଅଷ୍ଟଦିକ୍—ବି. ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣଦିଗ୍ ଓ ଅଗ୍ନି, ନୈଋତ, ବାୟୁ, ଈଶାନକୋଣ ।

ଅଷ୍ଟଧା—ଅ°. ଆଠପ୍ରକାର ।

ଅଷ୍ଟମ—ବି°. ଆଠର ପୂରଣ ।

ଅଷ୍ଟମୀ ବି. ତିଥିବିଶେଷ ।

ଅଷ୍ଟାଦଶ—ବି°. ଅଠର ।

ଅଷ୍ଟାବକ୍ର—ବି. ଋଷିବିଶେଷ ।

ଅଷ୍ଟାବିଂଶତି—ବି°. ଅଠାଇଶ ।

ଅଷ୍ଠି, ଅଷ୍ଠୀ—ବି. ହାଡ଼ୁଣୀ ।

ଅଷ୍ଠୀବତ୍—ବି. ଆଣ୍ଠୁ ।

ଅସଂଖ୍ୟ—ବି°. (ଅ-ସମ୍-ଖ୍ୟା-ଯ) ଅଗଣ୍ୟ ।

ଅସଙ୍ଗତ—ବି°. (ଅ-ସମ୍-ଗମ୍-ତ) ଅଯୁକ୍ତ ।

ଅସଲ—ବି°. ଅସୁନ୍ଦରତା ।

ଅସତ୍—ବି°. (ଅ-ସତ୍) ଅସାଧୁ, ଅସଦାଚାରୀ ।

ଅସତୀ—ବି. କୁଳଟା ।

ଅସଭ୍ୟ—ବି°. (ଅ-ସଭା) ଗ୍ରାମ୍ୟ ।

ଅସମା—ବି°. ଅସଦୃଶ ।

ଅସହ୍ୟ—ବି°. ଦୁଃସହ ।

ଅସମସାହସିକ—ବି°. ଦୁଃସାହସୀ ।

ଅସମ୍ପୃକ୍ତ—ବି°. (ଅ-ସମ୍-ପୃଚ୍-ତ) ଅସଂଯୁକ୍ତ ।

ଅସମ୍ଭବ—ବି°. (ଅ-ସମ୍-ଭୂ-ଅ) ଯାହା ହୋଇ ନ ପାରେ ।

ଅସମ୍ମାନିତ—ବି°. ଅପ୍ରତିଷ୍ଠ ।

ଅସରପା—ବି. (ଅସ୍ରପଦ) ଜନ୍ତୁବିଶେଷ ।

ଅସରନ୍ତି—ବି°. ଅଶେଷ ।

ଅସିଧି—ବି. ଖଡ୍ଗମୁଦ୍ରା ।

ଅସିକ୍ନୀ—ବି. (ଅସ୍ୱାଚ୍ଛନ୍ଦ୍ୟ) ଧାରାବୃଷ୍ଟି ।

ଅସିଲ—ବି°. ମୂଳ, ମୂଳଧନ ।

ଅସିବର୍ଣ୍ଣ—ବି°. କୃଷ୍ଣବର୍ଣ୍ଣ ପକ୍ଷୀ ।

ଅସିଧାରିଣୀ—ବି°. ଖଡ୍ଗଧାରିଣୀ ।

ଅସାଧ୍ୟ—ବି°. (ଅ-ସାଧ୍-ଯ) ସାଧନର ଅଯୋଗ୍ୟ ।

ଅସାର—ବି°. ସାରଶୂନ୍ୟ ।

ଅସି—ବି. କରବାଳ, ଖଡ୍ଗ ।

ଅସିତ—ବି°. (ଅ-ସିତ) କୃଷ୍ଣବର୍ଣ୍ଣ ।

ଅସୀମ-ବି., (ଅ-ସୀମନ୍-ଅ) ସୀମାରହିତ ।

ଅସୁର-ବି. ଦାନବ, ଦୈତ୍ୟ ।

ଅସୁରୁଣୀ-ବି. ଅସୁରୀ ।

ଅସୂଲି-ବି. ଅଦାୟ ।

ଅସୂଷାରି-ବି. (ଅ-ସୁ-ସୃ-ଅ) ଅଟୂଦଥା ।

ଅସୂର୍ଯ୍ୟଂପଶ୍ୟା-ବି. ଯେଉଁ ସ୍ତ୍ରୀକୁ ସୂର୍ଯ୍ୟ ସୁଦ୍ଧା ଦେଖି ନାହିଁ ।

ଅସୂୟା-ବି. (ଅ-ସୂ-ଅ) ଦ୍ୱେଷ ; କ୍ରୋଧ ।

ଅସୃକ୍-ବି. ରକ୍ତ ।

ଅସ୍ତ-ବି. (ଅସ୍-ତ) ନିକ୍ଷିପ୍ତ ; ବି. ଅସ୍ତଗମନ ।

ଅସ୍ତାବଳି-ବି. (ପ୍ର-ଶ୍ରେଣୀ) ସେ ଦ୍ରାଶାନ୍ତ ।

ଅସ୍ତମିତ-ବି. (ଅସ୍ତଂ-ଇ-ତ) ଅସ୍ତଗତ; ନଷ୍ଟ ।

ଅସ୍ତାଚଳ-ବି. (ଅସ୍ତ-ଅଚଳ) କଳ୍ପିତ ପଶ୍ଚିମ ପର୍ବତ ।

ଅସ୍ତିତ୍ୱ-ବି. (ଅସ୍ତି-ତ୍ୱ) ବିଦ୍ୟମାନତା ।

ଅସ୍ତୁ-କ୍ରି. ହେଉ ।

ଅସ୍ମଦୀୟ-ବି. ଆମ୍ଭମାନଙ୍କ ସମ୍ବନ୍ଧୀୟ ।

ଅସ୍ର-ବି. ରକ୍ତ ।  [ପାଶ ।

ଅ-ସ୍ଥାନ-ବି. (ଅ-ସ୍ଥାନ) ମନ୍ଦସ୍ଥାନ, ଅଯୋଗ୍ୟ

ଅ-ସ୍ଥାବର-ବି. ଚଳନ୍ତ ।

ଅସ୍ଥି-ବି. ହାଡ଼ ।

ଅ-ସ୍ଥିର-ବି. ଚଞ୍ଚଳ ।

ଅ-ସ୍ପୃଶ୍ୟ-ବି. ଛୁଇଁବା ଅଯୋଗ୍ୟ ।

ଅସ୍ପଷ୍ଟ-ବି. ଅପରିଷ୍କାର, କ୍ଷୀଣ ।

ଅସ୍ମିତା-ବି. (ଅସ୍ମି-ତା) ମୁଁ ଅଛି ଏହି ଜ୍ଞାନ ।

ଅସ୍ର-ବି. ଅଶ୍ରୁ ; କୋଣ ।

ଅହଙ୍କାର-ବି. (ଅହଂ-କୃ-ଅ) ଗର୍ବ; ଦମ୍ଭ ।

ଅହଃ-ବି. ଦିନ ; ଦିବସ ।

ଅହଙ୍କ୍ରିୟା-ବି. (ଅହଂ-କ୍ରିୟା) ଅହଙ୍କାର; ଗର୍ବ ।

ଅହର୍ନିଶ-କ୍ରି. ବି. (ଅହଃ-ନିଶା-ଅ) ସର୍ବଦା ; ନିରନ୍ତର ।

ଅହରହ-କ୍ରି. ବି. (ଅହଃ-ଅହଃ) ପ୍ରତିଦିନ ।

ଅହିଂସ୍ର-ବି. ସ୍ୱଭାବ ।

ଅହି-ବି. ସର୍ପ ।

ଅହି-ଗୁଣ୍ଡିକ-ବି. ସାପୁଆକେଳା ।

ଅ-ହିଂସା-ବି. ପରପୀଡ଼ାବର୍ଜନ; ଦୟା ।

ଅ-ହିତ-ବି. ଅମଙ୍ଗଳ, ଅପକାର ।

ଅହି ନକୁଳତା-ବି. ସ୍ୱାଭାବିକ ଶତ୍ରୁତା ।

ଅହି-ଫେନ-ବି. ଅଫିମ ।

ଅହୀର-ବି. ଗଉଡ଼ ।

ଅ-ହେତୁକ } ବି. ହେତୁଶୂନ୍ୟ ।
ଅ-ହୈତୁକ }  [ଧନ ।

ଅହୋ-ଅ. ଆଶ୍ଚର୍ଯ୍ୟବୋଧକ ଅବ୍ୟୟ ; ସମ୍ବୋ-

ଅହୋରାତ୍ର-ବି. (ଅହଃ-ରାତ୍ରି) ଦିବାରାତ୍ର ।

---

# ଆ

ଦ୍ୱିତୀୟ ସ୍ୱରବର୍ଣ୍ଣ ।

ଆ-ଅ. ଈଷତ୍-ସୀମା-ବ୍ୟାପ୍ତି-ବୈପରୀତ୍ୟ-ବାଚକ ଅବ୍ୟୟ ।

ଆଃ-ଅ. ଦୁଃଖ ଓ କ୍ରୋଧସୂଚକ ଶବ୍ଦ ।

ଆଂଶିକ-ବି. (ଅଂଶ-ଇକ) ଅପୂର୍ଣ୍ଣ ।

ଅଁଶୁ—ବି. (ଅଂଶୁ ଶବ୍ଦଜ) ସୂକ୍ଷ୍ମସୂତ୍ର ।

ଅଉନି—ବି. ସ୍ୱଚ୍ଛସ୍ଥାନ; ବାଂଶଗଛ ।

ଅଉଁଷ—ବି. (ଆମିଷ ଶବ୍ଦଜ) ମାଛ ମାଂସାଦି ।

ଅଉଁଷିବା—କ୍ରି. (ଆମର୍ଷଣ ଶବ୍ଦଜ) ଦେହରେ ହାତ ବୁଲାଇବା ।

ଅଈ—ବି. (ଆର୍ଯ୍ୟା ଶବ୍ଦଜ) ମାତାମହୀ; ପିତାମହୀ ।

ଅଉଳିବା—କ୍ରି. ଏକପଟକୁ ଢଳିବା ।

ଅଉ—ଅ. ପୁଣି; ଅଧିକ; ଅନ୍ୟ ।

ଅଉଟିବା—କ୍ରି. (ଆ-ବୃତ୍‌ଧାତୁଜ) ତରଳକରିବା, ବାରମ୍ବାର ଗରମ କରିବା ।

ଅକୁଶି / ଅକୁଶୀ — ବି. (ଅଙ୍କୁଶ ବା ଅଙ୍କୁଶୀଶବ୍ଦଜ) ଫଳାଦି ତୋଳିବାର ବାଡ଼ି ।

ଅକଟ—ବି. ଶାସନ; ତାଡ଼ନା ।

ଅକଳ—ବି. (ଅକ୍‌-ଅ) ବୁଦ୍ଧି ।

ଅ-କର୍ଣ୍ଣ—ଅ. କର୍ଣ୍ଣରହିତ ।

ଅକର୍ତ୍ତନ—ବି. ବାମନ ।

ଅକର୍ଷଣ—ବି. (ଆ-କୃଷ୍‌-ଅନ) ଟାଣିବା ।

ଅକସ୍ମିକ—ବିଂ. (ଅକସ୍ମାତ୍‌-ଇକ) ହଠାତ୍ ଉତ୍ପନ୍ନ ।

ଅକାଂକ୍ଷା—ବି. (ଆ-କାଙ୍‌କ୍ଷ୍‌-ଅ) ଅଭିଳାଷ ।

ଅକାର—ବି. (ଆ-କୃ-ଅ) ଆକୃତି; ମୂର୍ତ୍ତି ।

ଅକାଶ—ବି. (ଆ-କାଶ୍‌-ଅ) ଗଗନ; ଶୂନ୍ୟସ୍ଥାନ ।

ଅକାଶ-କୁସୁମ—ବି ଅସମ୍ଭବ ବା ମିଥ୍ୟା ବସ୍ତୁ ।

ଅକାଶବାଣୀ—ବି. ଶୂନ୍ୟାକାଶରୁ ଦୈବବାଣୀ ।

ଅକୃଷ୍ଟ—ବିଂ. (ଆ-କୃଷ୍‌-ତ) ଟାଣିତ; ବଶ୍ୟ ।

ଅକୁଞ୍ଚନ—ବି. (ଆ-କୁଞ୍ଚ୍‌-ଅନ) ସଙ୍କୋଚ ।

ଅକୁଞ୍ଚିତ—ବିଂ. ସଙ୍କୁଚିତ, ଈଷତ୍ ବକ୍ରୀଭୂତ ।

ଅ-କୁଳ—ବିଂ. ଅପାର; ଉଦ୍‌ବେଗ ।

ଅ-କୁତି—ବି. ଆକାର ।

ଅ-କୃଷ୍ଟ ବିଂ. (ଆ-କୃଷ୍‌-ତ) ଆକର୍ଷିତ; ମୁଗ୍ଧ ।

ଅକ୍ରନ୍ଦନ—ବି. (ଆ-କ୍ରନ୍ଦ୍‌-ଅନ) ରୋଦନ ।

ଅ-କ୍ରମଣ—ବି. (ଆ-କ୍ରମ୍‌-ଅନ) ଚଢ଼ାଉ; ଅବେ-ଦନ ।

ଅକ୍ରାନ୍ତ—ବିଂ. (ଆ-କ୍ରମ୍‌-ତ) ଅଧିକୃତ; ଅଭି-[ଭୂତ ।

ଅକ୍ରାନ୍ତି—ବି. (ଆ-କ୍ରମ୍‌-ତି) ବ୍ୟାପ୍ତି ।

ଅକ୍ରୋଶ ବି. (ଆ-କ୍ରୁଶ୍‌-ଅ) କ୍ରୋଧ; ଈର୍ଷା ।

ଅକ୍ଷେପ—ବି. (ଆ-କ୍ଷିପ୍‌-ଅ) ଖେଦ; ଆକର୍ଷଣ ।

ଅଖଣ୍ଡଳ—ବି. (ଆ-ଖଣ୍ଡ୍‌-ଅଳ) ଇନ୍ଦ୍ର ।

ଅଖିଳ—ବିଂ. ସକଳ ।

ଅଖଡ଼ା—ବି. (ଅକ୍ଷାଟ ଶବ୍ଦଜ) ବ୍ୟାୟାମ ବା କୁସ୍ତି ଗୀତାଦି ଅଭ୍ୟାସ କରିବାର ସ୍ଥାନ ।

ଅଖି—ବି. (ଅକ୍ଷିଶବ୍ଦଜ) ଚକ୍ଷୁ ।

ଅଖିପତା—ବି. (ଅକ୍ଷିପତ୍ର ଶବ୍ଦଜ) ଚକ୍ଷୁଆବରଣ ।

ଅଖିପିଛୁଳା—ବି. ପଲକ ।

ଅଖିଫୁଟା—ବି. ଅନ୍ଧ ।

ଅଖୁ—ବି. ମୂଷିକ ।

ଅଖୁ—ବି. (ଇକ୍ଷୁ ଶବ୍ଦଜ) ଇକ୍ଷୁବୃକ୍ଷ ।

ଅଖେଟ—ବି. ମୃଗୟା ।

ଅଖ୍ୟା—ବି. (ଆ-ଖ୍ୟା-ଅ) ନାମ ।

ଅଖ୍ୟାତ—ବିଂ. (ଆ-ଖ୍ୟା-ତ) କଥିତ ।

ଅଖ୍ୟାନ—ବି. (ଆ-ଖ୍ୟା-ଅନ) କଥା; ବର୍ଣ୍ଣନ ।

ଅଖ୍ୟାୟିକା-ବି.(ଆ-ଖ୍ୟା-ଅକ-ଆ) ଉପାଖ୍ୟାନ ।
ଅଗ-ବି. (ସଂସ୍କୃତରୁ)ପର୍ବତ ; ସ୍ଥାବର ପଦାର୍ଥ ।
ଅଗତ-ବି. (ଆ-ଗମ୍-ତ) ଉପସ୍ଥିତ ; ପ୍ରାପ୍ତ ।
ଅଗନ୍ତୁକ-ବି. (ଆ-ଗମ୍-ତୁ-କ) ଅଭ୍ୟାଗତ ; ଅତିଥି ।
ଅଗକୁହା-ବି. ଯେ ସମସ୍ତ-ପୂର୍ବରୁ କହେ ।
ଅଗଭୁର୍ଣ୍ଣ-କ୍ରି. ବି. (ଅଗ୍ର-ଭୂମ) ଅଗ୍ରାମ ।
ଅଗଲର / ଅଗବଢ଼ି } କ୍ରି. ଅଗ୍ରସର ହୋଇ ।
ଅଗମ-ବି. (ଆ-ଗମ୍-ଅ) ବେଦାଦି ଶାସ୍ତ୍ର ।
ଅଗମ୍ଭି-କ୍ରି. ବି. ପୂର୍ବରୁ । [ସ୍ଥିତ ।
ଅଗମନ-ବି. (ଆ-ଗମ୍-ଅନ) ଆସିବା ; ଉପ-
ଅଗାମୀ-ବି. ( ଆ-ଗମ୍-ଇନ୍ ) ଭବିଷ୍ୟତ ; ଆସ । [ପଶ୍ଚାତ୍ ;
ଅଗୁଲା-ବି. (ଅର୍ଗଳ ଶବ୍ଦ) ଯେ ଅଗ୍ରେ ବା
ଅଗୁସାର-ବି. (ଅଗ୍ରସର ଶବ୍ଦ) ଅଗ୍ରେସର ।
ଅଟେଗି-କ୍ରି. ବି. ଅଗ୍ରେ; ପୂର୍ବେ ।
ଅଟେଗା-ଅ. ସ୍ତ୍ରୀ ସମ୍ବୋଧନେ ।
ଅଗ୍ନେୟାସ୍ତ୍ର-ବି. (ଅଗ୍ନି-ଅସ୍ତ୍ର) ଅଗ୍ନି ସମ୍ବନ୍ଧୀୟ ।
ଅଗ୍ରହ-ବି. (ଆ-ଗ୍ରହ୍-ଅ) ବିଶେଷଇଚ୍ଛା ।
ଅଘାତ-ବି. (ଆ-ହନ୍-ଅ) ପ୍ରହାର ; ବଧ ।
ଅଘ୍ରାଣ-ବି. ( ଆ-ଘ୍ରା-ଅନ ) ଗନ୍ଧଗ୍ରହଣ ; ଶୁଙ୍ଘିବା ।
ଅଘ୍ରାତ-ବି. ଶୁଙ୍ଘା ହୋଇଥିବା ।
ଅଙ୍କିବା-(ଅଙ୍କ୍ ଧାତୁରୁ) ଅଙ୍କନ କରିବା ।
ଅଙ୍ଗୁଠି-ବି. (ଅଙ୍ଗୁଷ୍ଠ ଶବ୍ଦ) ଅଙ୍ଗୁଳି ।
ଅଙ୍ଗୁଳି-ବି. (ଅଙ୍ଗୁଳି ଶବ୍ଦ) ଅଙ୍ଗୁଳିପ୍ରସ୍ଥ ପରି-ମାଣ ।
ଅଙ୍ଗୁଳି-ବି. (ଅଙ୍ଗୁଳି ଶବ୍ଦ) ଅଙ୍ଗୁଳି ।
ଅଚମନ-ବି. (ଆ-ଚମ୍-ଅନ) ମୁଖପ୍ରକ୍ଷାଳନ ।
ଅଚମ୍ବିତ-ବି. ଚକିତ ।
ଅଚମ୍ବିତେ-କ୍ରି. ବି. ହଠାତ୍ ଚକିତଭାବରେ ।
ଅଚରଣ-ବି. (ଆ-ଚର୍-ଅନ-ଅ) ଅନୁଷ୍ଠାନ ; ବ୍ୟବହାର ।
ଅଚରିତ-ବି. (ଆ-ଚର୍-ତ) ଅନୁଷ୍ଠିତ, କୃତ ।
ଅଚାର-ବି. (ଆ-ଚର୍-ଅ) ବ୍ୟବହାର; ପ୍ରସ୍ତୁତ ଅମ୍ଳବ୍ୟ । [ଦ୍ରବ ।
ଅଚାର୍ଯ୍ୟ-ବି. (ଆ-ଚର୍-ଯ) ଶିକ୍ଷାଦାତା ; ପୁରୋହି-
ଅଚ୍ଛନ୍ନ-ବି. (ଆ-ଛଦ୍-ତ) ଆବୃତ; ଆଚ୍ଛାଦିତ ।
ଅଛା / ଅଚ୍ଛା } ବି. (ଅଚ୍ଛ ଶବ୍ଦ) ଭଲ ; ଅ. ହଉ ।
ଅଚ୍ଛାଦିତ-ବି. (ଆ-ଛଦ୍-ଣିଚ୍-ତ) ଆବୃତ ।
ଅଚ୍ଛି-ବି. ବୃକ୍ଷବିଶେଷ ।
ଅଜ, ଅଜି-କ୍ରି. ବି. (ଅଦ୍ୟ ଶବ୍ଦ) ଅଦ୍ୟ ।
ଅଜକାଲି-କ୍ରି. ବି. ଅଧୁନା ।
ଅଜନ୍ମି-କ୍ରି. ବି. ଅଦ୍ୟଠାରୁ । [ଯାବତ୍ ।
ଅଜନ୍ମ-କ୍ରି. ବି. (ଆ-ଜନ୍ମ) ଜନ୍ମାବଧି ; ଯାବ-
ଅଜାନୁ-କ୍ରି. ବି. (ଆ-ଜାନୁ) ଜାନୁପର୍ଯ୍ୟନ୍ତ ।
ଅ-ଜାଣି-ବି. ଅବୋଧ ।
ଅଞ୍ଚି-(ଅଞ୍ଚ୍ ଧାତୁରୁ) ବଙ୍କା ।
ଅଞ୍ଚିବା-କ୍ରି. ପୂର୍ଣ୍ଣହେବା ; ବଙ୍କା ହେବା ।
ଅଞ୍ଚିତ-ବି. (ଆ-ଶ୍ରି-ଣିଚ୍-ତ) ଆଶ୍ରିତ ।

ଅଜ୍ଞ—ବି. (ଅ-ଜ୍ଞା-ଅ) ଅବୋଧ ।

ଅଟ୍ଟିକା—ବି. କୋଠା ଘର ।

ଅଟ୍ଟହାସ—ବି. (ଅଟ୍ଟହାସ) ଖାଁ ଖାଁ ହସ ।

ଅଟ୍ଟୋପ—ବି. ଅହଙ୍କାର ।

ଅଠ—ବି. (ଅଷ୍ଟଶବ୍ଦଜ) ୮ ସଂଖ୍ୟା ।

ଅଠକାଳିବାରମାସି— (ଅଷ୍ଟକାଳ, ଦ୍ୱାଦଶ-ମାସ) ସର୍ବଦା ।

ଅଠମଙ୍ଗଳା—ବି. ବିବାହର ଅଷ୍ଟମଦିନ ।

ଅଡ଼—ସ୍ତ୍ରୀ. (ଅର=ବେଗ, ଜିଦ୍) ଜିଦ; ଉତ୍ସାହ; ବି. ବନ୍ଧ ।

ଅଡ଼ୁଦେଇ—କ୍ରି. ବି. ଏକଥରେ ।

ଅଡ଼ମ୍ବର—ବି. ଆଡ଼ମ୍ବର ।

ଅଡ଼ଣୀ—ବି. ଶୁଆର ପାର୍ଶ୍ୱରେ ଲାଗିଥିବା ବସ୍ତ୍ର-ନିର୍ମିତ ପଟା ।

ଅଡ଼ବୁଡ଼ା—ବି. ଅଣ୍ଟା ବୁଡ଼ିବା ।

ଅଢ଼ୀ—ବି. ଦୁର୍ଗନ୍ଧ ଦ୍ରବ୍ୟ ଭାଜି ।

ଅଡ଼େଇବା—କ୍ରି. ଏକାଠି କରିଦେବା ।

ଅଣ୍ୟ—ବି. ଅଣ; ଅଲ୍ପ ।

ଅଣୁଅଲ—ବି. ଅଣୁବଳ ।

ଅଣି—ବି. ଧାର; ଶେଷ ।

ଅଣିମା—ବି. (ଅଣୁ-ଇମନ୍) ଅଷ୍ଟସିଦ୍ଧି ମଧ୍ୟରୁ ଏକ ।

ଅଣ୍ଟ—ବି. ସୂତ୍ର । ବି. ଜାଲ ।

ଅଣ୍ଟେ—କ୍ରି. ବି. ପୂରିଲେ ।

ଅଣ୍ଡ—ବି. (ଅଣ୍ଡ ଶବ୍ଦଜ) ଡାଳୁଆ ।

ଅଣ୍ଡୁଆ—ବି. ଅଣ୍ଡର ଥାଳ ।

ଅଣ୍ଡିଏ / ଅଣ୍ଡୁଅଣି — ବି. ଅଣ୍ଡବନ୍ଧିତ ଗଣର ।

ଅଣ୍ଡକୁଣ୍ଡା—ବି. ଉତ୍ତମ, କାମଭାଗ ।

ଅଣ୍ଡୋଇବା—କ୍ରି. ଅଣ୍ଡା ପାଡ଼ି ବସିବା ।

ଅଣ୍ଡ୍ରଥ—ବି. ଏକବାଦିଏ । [ଲିବା ।

ଅଣ୍ଡ୍ରୋଳିବା—କ୍ରି. (ଆନ୍ଦୋଳନ ଶବ୍ଦଜ) ଘଣ୍ଟା-

ଅତି—ଉ. (ଅ-ତନ୍-ଇ) ଅତ୍ୟ; ଶିଖା ।

ଅତଙ୍କ—ବି. (ଆତଙ୍କ ଶବ୍ଦଜ) ଭୟ ।

ଅତ—ବି. ଦୁଆମାଶାଠ ବୃକ୍ଷ ଓ ଫଳ ।

ଅତଡ଼ାସ୍ଥି—ବି. ବି. ପୂର୍ବାଭାସ ।

ଅତପ—ବି. (ଅ-ତପ୍-ଅ) ଶୀତଳ; ବି. ଅଭ୍ୟାସ ।

ଅତପସ୍କ—ବି. (ଅତପ-କୃ-ଅ) ଜଳ ।

ଅତପାଠ—ବି. ଯଃଭାଷ୍ଯ ।

ଅତଏବ—ଅ. ଅତ ଏବ । [ସମ୍ବନ୍ଧ ।

ଅତଥେଷ୍ଟ—ବି. (ଅତଥ୍-ଏଷ୍) ଅତଥ୍ୟବେକ-

ଅତଥ୍ୟ—ବି. (ଅତଥ୍-ଯ) ଅତଥ୍ୟବେକ ।

ଅତଣସ୍ୟ—ବି. (ଅତଣସ୍-ଯ) ଅସ୍ୱଭ; ପାତକ ।

ଅତୁର—ବି. କାତର; ଅଧୀର । [କାତ ।

ଅତୋଦ୍ୟ—ବି. (ଅ-ତୁଦ୍-ଯ) ଲଣ୍ଡା ପ୍ରକୃ

ଅଦ୍ଭୁତ—କ୍ରି. ବି. (ଅଦ୍ଭୁ-ଉତ୍-ତ) ପ୍ରତି; ଗଭୀର । [ଘୋର ଦଶାଠ ।

ଅଦ୍ଭୁତାକ୍ଷ—ବି. (ଅଦ୍ଭୁ-ଦୃଶ୍-ଅ) ଲକ୍ଷ ସମସ୍ତ-

ଅଦ୍ଭୁପାଷ—ବି. (ଅଦ୍ଭୁ-ପାଷ-ଇ) ଅଦ୍ଭୁ-ଦର୍ଶନ ।

ଅଦ୍ଭୁଜ—ବି. (ଅଦ୍ଭୁ-ଜନ୍-ଅ) ପୁତ୍ର ।

ଅଦ୍ଭୁଜା—ବି. କନ୍ୟା ।

ଆତ୍ମଜ୍ଞାନ—ବି. (ଆତ୍ମନ୍-ଜ୍ଞା-ଅନ) ଜୀବ ବା ଆତ୍ମ- ସମ୍ବନ୍ଧୀୟ ଜ୍ଞାନ । [ପ୍ରେରଣା ।

ଆତ୍ମପ୍ରସାଦ—ବି. ( ଆତ୍ମନ୍-ପ୍ରସାଦ ) ଆତ୍ମତୁଷ୍ଟି

ଆତ୍ମବଧ—ବି. (ଆତ୍ମନ୍-ବଧ୍-ଅ) ଆତ୍ମହତ୍ୟା ।

ଆତ୍ମମ୍ଭରି—ବିଣ. (ଆତ୍ମନ୍-ଭୃ-ଇନ୍) ସ୍ୱାର୍ଥପର ; ପେଟୁ । [ଅସ୍ତୁ ।

ଆତ୍ମଶ୍ଳାଘା—ବି. ( ଆତ୍ମନ୍-ଶ୍ଳାଘା ) ଅହଙ୍କାର

ଆତ୍ମା—ବି. ଜୀବାତ୍ମା ; ଶରୀର ।

ଆତ୍ମୀୟ—ବିଣ. (ଆତ୍ମନ୍-ଈୟ) ଆତ୍ମସମ୍ବନ୍ଧୀୟ ; କୁଟୁମ୍ବ ; ବନ୍ଧୁ ।

ଆତ୍ମୀୟତା—ବି. ବନ୍ଧୁତା ।

ଆଦର—ବି. (ଆ-ଦୃ-ଅ) ସମ୍ମାନ ।

ଆଦରିବା—କ୍ରି. ଆଦରପୂର୍ବକ ଗ୍ରହଣ କରିବା ।

ଆଦର୍ଶ—ବି. (ଆ-ଦୃଶ୍-ଅ) ଦର୍ପଣ ; ଅନୁକରଣୀୟ ଦୃଷ୍ଟାନ୍ତ ।

ଆଦାନ—ବି. (ଆ-ଦା-ଅନ) ଗ୍ରହଣ ।

ଆଦାୟ—ବି. (ଆ-ଦା-ଯ) ଗ୍ରହଣ ।

ଆଦି—ବି. ପ୍ରଥମ ; ମୂଳ ।

ଆଦିକବି—ବି. ବାଲ୍ମୀକି ; ବ୍ରହ୍ମା ।

ଆଦିତ୍ୟ—ବି. (ଅଦିତି-ଯ) ସୂର୍ଯ୍ୟ ; ଦେବତା ।

ଆଦିପୁରୁଷ—ବି. ବଂଶର ପ୍ରଥମ ପୁରୁଷ ।

ଆଦିମ—ବିଣ. (ଆଦି-ମ) ପ୍ରଥମ ; ଆଦ୍ୟ ।

ଆଦିଷ୍ଟ—ବିଣ. (ଆ-ଦିଶ୍-ତ) ଆଦେଶପ୍ରାପ୍ତ ।

ଆଦୃତ—ବିଣ. (ଆ-ଦୃ-ତ) ଆଦରପ୍ରାପ୍ତ ; ସମ୍ମାନିତ ।

ଆଦେଶ—ବି. (ଆ-ଦିଶ୍-ଅ) ଆଜ୍ଞା ; ହୁକୁମ ।

ଆଦୌ—କ୍ରି. ବି. (ଆଦି ଶବ୍ଦରୁ) ପ୍ରଥମରେ ।

ଆଦ୍ୟ—ବିଣ. (ଆଦି-ଯ) ପ୍ରଥମ ; ଆଦିମ ।

ଆଦ୍ୟନ୍ତ—ବିଣ. (ଆଦି-ଅନ୍ତ) ଆରମ୍ଭ ଓ ଶେଷ

ଆଦ୍ୟୋପାନ୍ତ—ବି. (ଆଦି-ଉପ-ଅନ୍ତ) ପ୍ରଥମରୁ ଶେଷଯାଏ ।

ଆଧାନ—ବି. (ଆ-ଧା-ଅନ) ସ୍ଥାପନ ; ଧାରଣ ।

ଆଧାର—ବି. (ଆ-ଧୃ-ଅ) ପାତ୍ର ; ଆଶ୍ରୟ ।

ଆଧି—ବି. (ଆ-ଧା-ଇ) ମନଃପୀଡ଼ା ; ଚିନ୍ତିତଅବସ୍ଥା ।

ଆଧିକ୍ୟ—ବି. (ଅଧିକ-ଯ) ଶ୍ରେଷ୍ଠତା ।

ଆଧିଦୈବିକ—ବିଣ. (ଅଧିଦେବ-ଇକ) ଦୈବ- ଜାତ ।

ଆଧିପତ୍ୟ—ବି. (ଅଧିପତି-ଯ) ପ୍ରଭୁତ୍ୱ ; ସ୍ୱାମିତ୍ୱ ।

ଆଧିଭୌତିକ—ବିଣ. (ଅଧିଭୂତ-ଇକ) ଜୀବ- ମାନଙ୍କଠୁ ଜାତ । [ଅଳଙ୍କାରର ।

ଆଧୁନିକ—ବିଣ. (ଅଧୁନା-ଇକ) ଇଦାନୀନ୍ତନ ;

ଆଧେୟ—ବିଣ. (ଆ-ଧା-ଯ) ଆଧାରରେ ରକ୍ଷ- ଣୀୟ ।

ଆଧୋରଣ—ବି. ହାତୀର ମାହୁନ୍ତ ।

ଆଧ୍ମାତ—ବିଣ. (ଆ-ଧ୍ମା-ତ) ଫୁଲା, ଗର୍ବିତ ।

ଆଧ୍ମାନ—ବି. (ଆ-ଧ୍ମା-ଅନ) ବାୟୁଦ୍ୱାରା ପୂରଣ ; ଫୁଲିବା ।

ଆଧ୍ୟାତ୍ମିକ—ବିଣ. ( ଅଧ୍ୟାତ୍ମ-ଇକ ) ଆତ୍ମ- ସମ୍ବନ୍ଧୀୟ ।

ଆନ—ବିଣ. (ଅନ୍ୟ ଶବ୍ଦରୁ) ଅନ୍ୟ ।

ଆନତ—ବିଣ. (ଆ-ନମ୍-ତ) ଅବନତ ।

ଆନଦ୍ଧ—ବିଣ. (ଆ-ନହ୍-ତ) ବଦ୍ଧ ।

ଆନନ—ବି. (ଆ-ଅନ୍-ଅନ) ବଦନ ; ମୁଖ ।

ଆନନ୍ଦ—ବି. (ଆ-ନନ୍ଦ୍-ଅ) ଆହ୍ଲାଦ ; ହର୍ଷ ।

ଅନାଗତ-ବି. ଅଜ୍ଞାତ ।

ଅନସୂୟା-ବି. (ଅ-ନ-ଅସୂୟା) ଅଶିକାର ।

ଅନାଥ-ବି., (ଅ-ନା-ଥ-) ଅନାଶ୍ରୟତା ।

ଅନୁକୂଲ୍ୟ-ବି. (ଅନୁ-କୂଲ-ଯ) ସାହାଯ୍ୟ ।

ଅନୁଗତ୍ୟ-ବି. (ଅନୁଗତ-ଯ) ଅନୁଗତଭାବ ।

ଅନୁପୂର୍ବିକ-ବି. (ଅନୁ-ପୂର୍ବ-ଇକ) କ୍ରମାନୁସାରେ ।

ଅନୁମାନିକ-ବି. (ଅନୁମାନ-ଇକ) ସମ୍ଭାବ୍ୟ ।

ଅନୁଷଙ୍ଗିକ-ବି. ( ଅନୁଷଙ୍ଗ-ଇକ ) ଅନ୍ୟ ସଙ୍ଗରେ ସଂଲଗ୍ନ ।

ଅନ୍ତ୍ୟସ୍ତ୍ର-ବି. (ଅନ୍ତର-ଇକ) ମନୋହର ।

ଅନ୍ଦୋଳନ-ବି. ( ଆ-ଦୋଲ୍-ଅନ ) କମ୍ପନ ; ଆଲୋଚନା ।

ଅନ୍ୱୀକ୍ଷିକୀ-ସ୍ତ୍ରୀ. ବି. ତର୍କଶାସ୍ତ୍ର ।

ଅପଟ୍ଟ-ବି. ଅବରଣ ।

ଅପଟ୍ଟ-ବି. (ଅସ୍ପଷ୍ଟଶବ୍ଦ) ଦେଶସ୍ଥ ।

ଅ-ପଣି-ବି. ବଜାରସ୍ଥାନ ; ହାଟ ।

-ଅପଣି-ସର୍ବ. ( ଆତ୍ମନ୍‌ଶବ୍ଦ ) ଭବାନ୍-ବା ତୁମ୍ଭେ ।

ଅପତ୍ତି-ବି. (ଏ-ପଦ୍-ତି) ବନ୍ଧୁବିପତ୍ତି ; ବାଧା ।

ଅପଦ୍-ବି. (ଆ-ପଦ୍) ବିପଦ ; ଦୁଃଖ ।

ଅପନ୍ନ-ବି. (ଆ-ପଦ୍-ତ) ବିପଦ୍‌ଗ୍ରସ୍ତ ; ପ୍ରାପ୍ତ ।

ଅପାତତଃ-ଅବ୍ୟ. ( ଆପାତ-ତସ୍ ) ସମ୍ପ୍ରତି ; ଉପସ୍ଥିତ ।

ଅ-ପାମର-ବି. ମୂର୍ଖଠାରେ ଦର୍ଶିତ ।

ଅପିଲ୍, ଅପିଲ୍-ବି. ( ଇଂ ) ପୁନର୍ବିଚାର ପ୍ରାର୍ଥନା ।

ଅପୀନ-ବି. ଗାଭୀର ସ୍ତନ, ପଧା ।

ଅପୁଷ୍ଟ-ବି. ଅଭିନ୍ନ ।

ଅପେ-ଅବ୍ୟ. (ଅବ୍ୟୟଶବ୍ଦ) ସ୍ୱୟଂ ; ନିଜେ ।

ଅପେକ୍ଷିକ-ବି. ( ଅପେକ୍ଷା-ଇକ ) ଅପେକ୍ଷା-ଯୁକ୍ତ ।

ଅପ୍ତ-ବି. (ଆପ୍-ତ) ଲବ୍ଧ ; ଆତ୍ମୀୟ ; ହିତ ।

ଅପ୍ୟାୟିତ-ବି. (ଆ-ପ୍ୟାୟ୍-ତ) ତୃପ୍ତ ; ସନ୍ତୁଷ୍ଟ ।

ଅପ୍ଲୁତ-ବି. (ଆ-ପ୍ଲୁ-ତ) ସ୍ନାତ ; ମଗ୍ନ ।

ଅବଦ୍ଧ-ବି. (ଆ-ବନ୍ଧ-ତ) ବାନ୍ଧିଲା ।

ଅଭରଣ-ବି. (ଆ-ଭୃ ଅନ) ଅଲଙ୍କାର ।

ଅଭା-ବି. (ଆ-ଭା-ଅ) ଦୀପ୍ତି । [ଦୀପ୍ତି ।

ଅଭାସ-ବି. (ଆ-ଭାସ୍-ଅ) ଦୂରତା ; ଆଭୂଷଣ ;

ଅଭିଜାତ୍ୟ-ବି. ( ଅଭିଜାତ-ଯ ) କୌଳିନ୍ୟ, କୁଳମର୍ଯ୍ୟାଦା ।

ଅଭିମୁଖ୍ୟ-ବି. (ଅଭିମୁଖ-ଯ) ସମ୍ମୁଖୀନତ୍ୱ ।

ଅଭୀରି-ବି. ଗଉଡ ; ଗୋପାଳ ।

ଅଭୋଗ-ବି. (ଆ-ଭୁଜ୍-ଅ) ବିସ୍ତାର ।

ଅମ-ସ୍ତ୍ରୀ. ବି. ଅବଟ୍ ; ବି. ଜେଠରୁ ପଢିବା କାଳ । [ଅନସୂୟା ।

ଅମଦାନି-ବି. ଆୟ ; ଦେଶାନ୍ତରରୁ ଦ୍ରବ୍ୟାଦିର

ଅମନ୍ତ୍ରଣ-(ଆ-ମନ୍ତ୍ର-ଅନ)ସମ୍ବୋଧନ ; ନିମନ୍ତ୍ରଣ ।

ଅମଳ-ବି. ସମୟ, ଶାସନ ।

ଅମଳକି-ବି. ଅଁଳା ।

ଅମଳା-ବି. ରାଜକର୍ମଚାରୀ ବର୍ଗବିଶେଷ ।

ଅମାଶୟ-ବି. ( ଆମ-ଆଶୟ ) ପାକାଶୟ ; ପେଟବିଶେଷ ।

ଅମିଷ-ବି. ମାଂସ ଓ ମତ୍ସ୍ୟାଦି ।

ଅମୂଳଚୂଳ- କ୍ରି. ବି. ମୂଳରୁ ଶେଷପର୍ଯ୍ୟନ୍ତ ।

ଆମୋଦ—ବି. (ଆ-ମୁଦ୍-ଅ) ହର୍ଷ ; ସୁଗନ୍ଧ ।

ଅମ୍ବ—ଗ୍ରା. ବି. ଆମ୍ବ ।

ଆମ୍ଳ—ବି. (ଅମ୍ଳଶବ୍ଦଜ) ଅମ୍ଳ ।

ଆମ୍ଳିକା—ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଆମ୍ବିଳ—ବିଣ. (ଅମ୍ଳଶବ୍ଦଜ) ଅମ୍ଳ । ବି. ଅମ୍ଳରସ-ଯୁକ୍ତ ବ୍ୟଞ୍ଜନ ।

ଆୟ—ବି. (ଆ-ଯା-ଅ) ଲାଭ ; ଧନାଗମ ।

ଆୟତ—ବି. (ଆ-ଯମ୍-ତ) ସମକୋଣୀ ସମାନ୍ତ-ରାଳ କ୍ଷେତ୍ର ; ବିଣ. ବିସ୍ତୃତ ।

ଆୟତନ—ବି.(ଆ-ଯତ୍-ଅନ) ପରିସର ; ମନ୍ଦିର ।

ଆୟତ୍ତ—ବିଣ. (ଆ-ଯତ୍-ତ) ଅଧୀନ ।

ଆୟସୀ—ବି. (ଅୟସ୍-ଅ-ଈ) ଲୌହମୟୀ ।

ଆୟା—ବି. ଧାଈ ; ଦାସୀ ।

ଆୟାତ—ବି.(ଆ-ଯା-ତ) ଆଗମନ ; ବିଣ. ଆଗତ ।

ଆୟାସ—ବି. (ଆ-ଯସ୍-ଅ) ପରିଶ୍ରମ, କ୍ଲାନ୍ତି ।

ଆୟୁଃ—ବି. ଜୀବନ ; ପରମାୟୁ ।

ଆୟୁଧ—ବି. (ଆ-ଯୁଧ୍-ଅ) ଅସ୍ତ୍ର-ଶସ୍ତ୍ର ।

ଆୟୁର୍ବେଦ—ବି. (ଆୟୁଃ-ବିଦ୍-ଅ ଚିକିତ୍ସାଶାସ୍ତ୍ର ।

ଆୟୁଷ୍ମାନ୍—ବିଣ. (ଆୟୁଷ୍-ମତ୍) ଦୀର୍ଘାୟୁ ।

ଆୟୋଜନ—ବି. (ଆ-ଯୁଜ୍-ଅନ) ସଂଗ୍ରହ, ଆହରଣ ।

ଆରକ୍ତ—ବିଣ. (ଆ-ରଞ୍ଜ୍-ତ) ଈଷତ୍ ରକ୍ତବର୍ଣ୍ଣ ।

ଆରଣ୍ୟ—ବିଣ. (ଅରଣ୍ୟ-ଅ) ଅରଣ୍ୟସମ୍ବନ୍ଧୀୟ ।

ଆରଣ୍ୟକ—ବି. (ଅରଣ୍ୟ-କ) ବନବାସୀ ।

ଆରତି—ବି. (ଆ-ରମ୍-ତି) ନିବୃତ୍ତି ; ଅନ୍ତ ।

ଆରବ୍ଧ—ବିଣ. (ଆ-ରଭ୍-ତ) ଯାହା ଆରମ୍ଭ କରା-ଯାଇଅଛି ।

ଆରମ୍ଭ—ବି. (ଆ-ରଭ୍-ଅ) ଉପକ୍ରମ ।

ଆରବ, ଆରାବ—ବି. (ଆ-ରୁ-ଅ) ଶବ୍ଦ ।

ଆରଶି—(ଆଦର୍ଶ ଶବ୍ଦଜ) ଦର୍ପଣ ; ଆଦର୍ଶ ।

ଆରାଧନା—ବି. (ଆ-ରାଧ୍-ଅନ-ଆ) ଉପାସନା ।

ଆରାଧ୍ୟ—ବିଣ. (ଆ-ରାଧ୍-ଯ) ଉପାସ୍ୟ ।

ଆରାମ—ବି. (ଆ-ରମ୍-ଅ) ଉପବନ ।

ଆରାମ—ଦେ. ସୁସ୍ଥତା ।

ଆରୁଷୀ—ବି. ବୃକ୍ଷବିଶେଷ ।

ଆରୂଢ଼—ବିଣ. (ଆ-ରୁହ୍-ତ) ଅଧିରୂଢ଼ ।

ଆରେ—ଅବଜ୍ଞାସୂଚକ ସମ୍ବୋଧନ ଶବ୍ଦ ।

ଆରେଣ୍ଡି—ଦେ. ଏରଣ୍ଡଗଛ ।

ଆରୋଗ୍ୟ—ବି. (ଅରୋଗ-ଯ) ସ୍ୱାସ୍ଥ୍ୟ ; ଭଲ ।

ଆରୋପ—ବି. (ଆ-ରୋପି-ଅ) ବସାଇବା ; ଲଗା-

ଆରୋହ—ବି. (ଆ-ରୁହ୍-ଅ) ଆରୋହଣ ।

ଆରୋହଣ—ବି. (ଆ-ରୁହ୍-ଅନ) ଚଢ଼ିବା ।

ଆରୋହଣୀ—ବି. (ଆ-ରୁହ୍-ଅନ-ଈ) ସୋପାନ ।

ଆରୋହୀ—ବିଣ.(ଆ-ରୁହ୍-ଇନ୍) ଆରୋହଣକାରୀ ।

ଆର୍ଜବ, ଆର୍ଜ୍ଜବ—ବି. (ଋଜୁ-ଅ) ସରଳତା ।

ଆର୍ତ୍ତ—ବିଣ. (ଆ-ଋ-ତ) ପୀଡ଼ିତ ; ବ୍ୟାକୁଳ ।

ଆର୍ତ୍ତି—ବି. (ଆ-ଋ-ତି) ପୀଡ଼ା ।

ଆର୍ଯ୍ୟ—ବିଣ. (ଅର୍ଯ୍ୟ-ଅ) ଶ୍ରେଷ୍ଠ ; ସୁସଭ୍ୟ ।

ଆର୍ଯ୍ୟକ—ବି. (ଆର୍ଯ୍ୟ-କ) ବାପା ।

ଆର୍ଯ୍ୟା—ବି. ଛନ୍ଦବିଶେଷ ।

ଆର୍ଯ୍ୟ—ବି. (ଋ-ଯ) ସ୍ୱାମୀ; ବୈଶ୍ୟ; ଶ୍ରେଷ୍ଠ । ବି. ଆର୍ଯ୍ୟଜାତି ।

ଆର୍ଯ୍ୟାବର୍ତ୍ତ—ବି. (ଆର୍ଯ୍ୟ-ଆବର୍ତ୍ତ) ହିମାଳୟ ଓ ବିନ୍ଧ୍ୟପର୍ବତର ମଧ୍ୟବର୍ତ୍ତୀ ସ୍ଥାନ ।

ଆଲଟେ—ବି. (ଦେଶଜ) ଘୋଡ଼ାଙ୍କର ବା ପଶୁ ।

ଆଳତା—ବି. (ଅଲକ୍ତ ଶବ୍ଦଜ) ଲାକ୍ଷାରସ ।

ଆଲମ୍ବ—ବି. (ଆ-ଲମ୍ବ୍‌-ଅ) ଆଶ୍ରୟ ।

ଆଲମ୍ବନ—ବି. (ଆ-ଲମ୍ବ୍‌-ଅନ) ଅବଲମ୍ବନ ; ଆଶ୍ରୟ ।

ଆଲୟ—ବି. (ଆ-ଲୀ-ଅ) ଗୃହ ।

ଆଲବାଲ—ବି. ଗଛର ମୂଳ ।

ଆଲସ୍ୟ—ବି. ( ଅଲସ-ଯ ) ଅଳସୁଆପଣ ; ମାନ୍ଦ୍ୟ ।

ଆଲାପ—ବି. (ଆ-ଲପ୍‌-ଅ) କଥୋପକଥନ ; [କଥାବାର୍ତ୍ତା ।

ଆଳି, ଆଳୀ—ବି. ସଖୀ ; ଶ୍ରେଣୀ ।

ଆଲିଙ୍ଗନ—ବି. (ଆ-ଲିଙ୍ଗ୍‌-ଅନ) ଆଶ୍ଳେଷ, ବକ୍ଷରେ ବକ୍ଷମିଳନ ।

ଆଲିପ୍ତ—ବି. (ଆ-ଲିପ୍‌-ତ) ଲିପ୍ତ ; ଆବୃତ ।

ଆଳୁ—ବି. ଲତା ବିଶେଷ ଓ ତାହାର ମୂଳ ।

ଆଲୁଅ—ବି. (ଆଲୋକ ଶବ୍ଦଜ) ଆଲୋକ ; ପ୍ରକାଶ ।

ଆଲେଖ୍ୟ—ବି. (ଆ-ଲିଖ୍‌-ଯ) ଚିତ୍ର ; ଛବି ।

ଆଲୋ—ଅ. ନାରୀ ସ୍ତ୍ରୀ ସମ୍ବୋଧନ ।

ଆଲୋକ—ବି. (ଆ-ଲୋକ୍‌-ଅ) ଦର୍ଶନ; ଆଲୁଅ ।

ଆଲୋକନ—ବି. (ଆ-ଲୋକ୍‌-ଅନ) ଦର୍ଶନ ।

ଆଲୋଚନା—ବି. (ଆ-ଲୁଚ୍‌-ଅନ-ଆ) ଆଲୋଡ଼ନ ; ଚର୍ଚ୍ଚା ।

ଆଲୋଡ଼ନ—ବି. ( ଆ-ଲୁଡ଼୍‌-ଅନ ) ମନ୍ଥନ ; ଆନ୍ଦୋଳନ ।

ଆଲୋଡ଼ିତ—ବି. (ଆ-ଲୁଡ଼୍‌-ତ) ଆନ୍ଦୋଳିତ ।

ଆଉରି—ଅ. ଅଧିକ, ପୁଣି । [ଆଦରତା ।

ଆଉରିବା—( ଆ-ଧୋଭ୍ରଲ୍ଲ ) ମୋର ଦୋଷ

ଆବରଣ—ବି. (ଆ-ବୃ-ଅନ) ଆଚ୍ଛାଦନ ।

ଆବର୍ଜ୍ଜନା—ବି. (ଆ-ବୃଜ୍‌-ଅନ-ଆ) ଜଞ୍ଜାଳ ।

ଆବର୍ତ୍ତ—ବି. (ଆ-ବୃତ୍‌-ଅ) ଜଳଭଉଁରି; ଘୂର୍ଣ୍ଣି ।

ଆବର୍ତ୍ତନ—ବି. (ଆ-ବୃତ୍‌-ଅନ) ଫେରାଇବା ; ଘୂର୍ଣ୍ଣନ ।

ଆବଳି }
ଆବଳୀ } ବି. ଶ୍ରେଣୀ ; ପଂକ୍ତି ।

ଆବଶ୍ୟକ—ବି. (ଅବଶ୍ୟ-କ) ପ୍ରୟୋଜନୀୟ ।

ଆବସଥ—ବି. (ଆ-ବସ୍‌-ଅଥ) ଆବାସ ।

ଆବଦ୍ଧ—ବି. (ଆ-ବନ୍ଧ୍‌-ତ) ବନ୍ଧ ହୋଇଥିବା । ବି. ଆସ୍ତି-ବନ୍ଧନ ।

ଆବହମାନ—ବି. ଚିର ପ୍ରଚଳିତ ; କ୍ରମାଗତ ।

ଆବାସ—ବି. (ଆ-ବସ୍‌-ଅ) ଗୃହ । [ଆହ୍ୱାନ ।

ଆବାହନ—ବି. (ଆ-ବହ୍‌-ଇ-ଅନ) ନିମନ୍ତ୍ରଣ ;

ଆବିର୍ଭାବ—ବି. (ଆବିସ୍‌-ଭୂ-ଅ) ପ୍ରକାଶ; ଉଦୟ ।

ଆବିର୍ଭୂତ—ବି. (ଆବିସ୍‌-ଭୂ-ତ) ପ୍ରକାଶିତ ; ଉଦିତ ।

ଆବିଷ୍କାର—ବି. (ଆବିସ୍‌-କୃ-ଅ) ନୂତନ ପ୍ରକାଶ ।

ଆବିଷ୍କୃତ—ବି. (ଆବିସ୍‌-କୃ-ତ) ନୂତନ ପ୍ରକାଶିତ ।

ଆବିଷ୍କ୍ରିୟା—ବି. (ଆବିସ୍‌-କ୍ରିୟା) ନୂତନ ପ୍ରକାଶ ।

ଆବିଷ୍ଟ—ବି. (ଆ-ବିଶ୍‌-ତ) ମଗ୍ନ ।

ଆବୁ-ବି. ଅପ୍ରମାଣ; ବୋଲବକ୍ତେଶ।
ଆବୃତ-ବି. (ଆ-ବୃ-କ୍ତ) ଆଚ୍ଛାଦିତ।
ଆବୃତ୍ତି-ବି. (ଆ-ବୃତ୍-କ୍ତି) ଘରଂଘ୍ର; ପୁନଃପଠନ।
ଆବୃଷ୍ଟି-ବି. (ଆ-ବୃତ୍-କ୍ତି) ପଠନ; ଘର୍ଘାଘ।
ଆବେଗ-ବି. (ଆ-ବିଜ୍-ଅ) ମନର ବେଗ; ସ୍ନେହର ପ୍ରାବଲ୍ୟ।
ଆବେଦନ-ବି. (ଆ-ବିଦ୍-ଣିଚ୍-ଅନ) ନିବେଦନ।
ଆବେଶ-ବି. (ଆ-ବିଶ୍-ଅ) ଅଭିନିବେଶ; ମନୋ-ଯୋଗ।
ଆଶ-ବି. (ଆଶା ଶବ୍ଦ) ଆଶା।
ଆଶଙ୍କା-ବି. (ଆ-ଶଙ୍କ୍-ଅ) ସନ୍ଦେହ; ଭୟ।
ଆଶୟ-ବି. (ଆ-ଶୀ-ଅ) ଅଭିପ୍ରାୟ; ଆଧାର।
ଆଶା-ବି. ଆକାଂକ୍ଷା; ଦିଗ।
ଆଶିସ୍-(ଆଶୀଃ) ଶୁଭକାମନା। [ପ୍ରାର୍ଥନା।
ଆଶୀର୍ବାଦ-ବି. (ଆଶିସ୍-ବଦ୍-ଅ) ମଙ୍ଗଳ-
ଆଶୀବିଷ-ବି. ସର୍ପ।
ଆଶୁ-କ୍ରି. ବି. ଶୀଘ୍ର।
ଆଶୁଗ-ବି. (ଆଶୁ-ଗମ୍-ଅ) ଶର।
ଆଶୁ-ତୋଷ-ବି. ମହାଦେବ। [ଭୋଜନ।
ଆଶ୍ଚର୍ଯ୍ୟ-ବି. (ଆ-ଚର୍-ଯ) ବିସ୍ମୟ; ବି. ବିସ୍ମି-
ଆଶ୍ଚର୍ଯ୍ୟାନ୍ୱିତ-ବି. (ଆଶ୍ଚର୍ଯ୍ୟ-ଅନୁ-ଇ-କ୍ତ) ଆଶ୍ଚର୍ଯ୍ୟଯୁକ୍ତ; ବିସ୍ମିତ। [ସ୍ଥାନ।
ଆଶ୍ରମ-ବି. (ଆ-ଶ୍ରମ୍-ଅ) ମୁନିମାନଙ୍କର ବାସ-
ଆଶ୍ରୟ-ବି. (ଆ-ଶ୍ରି-ଅ) ରକ୍ଷାର ସ୍ଥାନ।
ଆଶ୍ରା-ବି. (ଆଶ୍ରୟ ଶବ୍ଦ) ଆଶ୍ରୟ।
ଆଶ୍ରିତ-ବି. (ଆ-ଶ୍ରି-କ୍ତ) ଶରଣାଗତ।
ଆଶ୍ଳିଷ୍ଟ-ବି. (ଆ-ଶ୍ଳିଷ୍-କ୍ତ) ଆଲିଙ୍ଗିତ।
ଆଶ୍ଳେଷ-ବି. (ଆ-ଶ୍ଳିଷ୍-ଅ) ଆଲିଙ୍ଗନ।
ଆଶ୍ୱାସ-ବି. (ଆ-ଶ୍ୱସ୍-ଅ) ଆଶାବାକ୍ୟ; ସାନ୍ତ୍ୱନା।
ଆଶ୍ୱିନ-ବି. ମାସବିଶେଷ।
ଆଷାଢ଼-ବି. ମାସବିଶେଷ।
ଆସକ୍ତ-ବି. (ଆ-ସନ୍ଜ୍-କ୍ତ) ଅନୁରକ୍ତ।
ଆସକ୍ତି-ବି. ପ୍ରବଳ ଅନୁରାଗ।
ଆସନ-ବି. (ଆସ୍-ଅନ) ବସିବାସ୍ଥାନ।
ଆସନ୍ଦୀ-ସ୍ତ୍ରୀ. ଉପାସନା। [ବର୍ତ୍ତୀ।
ଆସନ୍ନ-ବି. (ଆ-ସଦ୍-କ୍ତ) ଉପସ୍ଥିତ; ନିକଟ-
ଆସବ-ବି. ମଦ।
ଆସାଦିତ-ବି. (ଆ-ସଦ୍-ଣିଚ୍-କ୍ତ) ପ୍ରାପ୍ତ।
ଆସାମୀ-ବି. ପ୍ରଜାବାସ।
ଆସାର-ବି. (ଆ-ସୃ-ଅ) ବୃଷ୍ଟିବେଗ।
ଆସିବା-କ୍ରି. ଆଗମନ କରିବା।
ଆସୀନ-ବି. (ଆସ୍-ଆନ) ଉପବିଷ୍ଟ; ସ୍ଥିତ।
ଆସୁରିକ-ବି. (ଅସୁର-ଇକ) ଅସୁରସମ୍ବନ୍ଧୀୟ।
ଆସ୍କନ୍ଦିତ-ଘୋଡ଼ାର ଗତିବିଶେଷ।
ଆସ୍ତରଣ-ବି. (ଆ-ସ୍ତୃ-ଅନଟ୍) ଶଯ୍ୟା।
ଆସ୍ତିକ-ବି. (ଅସ୍ତି-ଇକ) ଈଶ୍ୱରବାଦୀ।
ଆସ୍ତୀର୍ଣ୍ଣ-ବି. (ଆ-ସ୍ତୃ-କ୍ତ) ବିସ୍ତୃତ।
ଆସ୍ଥା-ବି. (ଆ-ସ୍ଥା-ଅ) ଯତ୍ନ, ଆଦର।
ଆସ୍ଥାନ-ବି. (ଆ-ସ୍ଥା-ଅନଟ୍) ସଭା; ସଭା ମଣ୍ଡପ।
ଆସ୍ପଦ-ବି. (ଆ-ପଦ୍-ଅ) ସ୍ଥାନ; ପାତ୍ର।
ଆସ୍ପର୍ଦ୍ଧା-ବି. ଦର୍ପ; ଅହଙ୍କାର।

ଆସ୍ଫାଳନ—ବି. ଶବ୍ଦ ପ୍ରକାଶ ।

ଆସ୍ୟ—ବି. (ଅସ୍-ଯ) ମୁଖ ; ଆନନ ।

ଆସ୍ୱାଦ—ବି. (ଆ-ସ୍ୱଦ୍-ଅ) ଅନୁଭୂତ ରସ ।

ଆସ୍ୱାଦନ—ବି. (ଆ-ସ୍ୱଦ୍-ଇ-ଅନ) ସ୍ୱାଦଗ୍ରହଣ ।

ଆହତ—ବିଂ. (ଆ-ହନ୍-ତ) ଆଘାତପ୍ରାପ୍ତ ।

ଆହରଣ—ବି. (ଆ-ହୃ-ଅନ) ସଂଗ୍ରହ ।

ଆହବ—ବି. (ଆ-ହ୍ୱେ-ଅ) ଯୁଦ୍ଧ ; ଯଜ୍ଞ ।

ଆହା—ଅ. ଖେଦସୂଚକ ଅବ୍ୟୟ ।

ଆହାର—ବି. (ଆ-ହୃ-ଅ) ଭୋଜନ ; ଖାଦ୍ୟ ।

ଆହାର୍ଯ୍ୟ—ବିଂ. (ଆ-ହୃ-ଯ) ଆହରଣୀୟ ; କୃତ୍ରିମ ।

ଆହୁତି—ବି. (ଆ-ହୁ-ତି) ଯଜ୍ଞାଗ୍ନିରେ ଦତ୍ତଦ୍ରବ୍ୟ ।

ଆହୁରି—ଅ. ପୁଣି, ଅଧିକ ।

ଆହୁଲା—ବି. କେନ୍ଦୁଆ, ନୌକାଚାଳନ ଦଣ୍ଡ ।

ଆହୂତ—ବିଂ. (ଆ-ହ୍ୱେ-ତ) ଆମନ୍ତ୍ରିତ ।

ଆହ୍ନିକ—ବିଂ. ( ଅହନ୍-ଇକ ) ଦୈନିକ । ବି. ସନ୍ଧ୍ୟାବନ୍ଦନାଦି ।

ଆହ୍ଲାଦ—ବି. (ଆ-ହ୍ଲାଦ୍-ଅ) ହର୍ଷ ।   [ଧ୍ୱନି ।

ଆହ୍ୱାନ—ବି. (ଆ-ହ୍ୱେ-ଅନ) ସମ୍ବୋଧନ; ଡକା-

---

# ଇ

ବି. ତୃତୀୟ ସ୍ୱରବର୍ଣ୍ଣ ।

ଇଃ—ଅ. ଖେଦ ଓ ଘୃଣା ବା ବିରକ୍ତିସୂଚକ ଅବ୍ୟୟ ।

ଇକ୍ଷୁ—ସ୍ତ୍ରୀ. ବି. ଆଖୁଗଛ ।   [illegible]

ଇଙ୍ଗ୍ଲଣ୍ଡ—ବି. (ଇଂ. ଇଙ୍ଗ୍ଲଣ୍ଡ) ଇଂରାଜଙ୍କ ଦେଶ

ଇଙ୍ଗିତ—ବି. (ଇଙ୍ଗ୍-ତ) ସଙ୍କେତ ; ଠାର ; ଚେଷ୍ଟା ।

ଇଙ୍ଗୁଦୀ—ସ୍ତ୍ରୀ. ବି. ବୃକ୍ଷବିଶେଷ ।

ଇଚ୍ଛଣ—ବି. ବଢ଼ିଗଣ୍ଡ ।

ଇଚ୍ଛା—ବି. (ଇଷ୍-ଅ) କାମନା ; ସ୍ପୃହା ।

ଇଚ୍ଛୁ, ଇଚ୍ଛୁକ—ବିଂ. (ଇଷ୍-ଉ) ଇଚ୍ଛାଯୁକ୍ତ ।

ଇଜ୍ଜତି—ବି. ମର୍ଯ୍ୟାଦା ।

ଇଜାର—ବି. ଲମ୍ବ ଗୋଡ଼ାପର୍ଯ୍ୟନ୍ତ ପଇଜାମା ।

ଇଜାହାରି—ବି. ଅଭିଯୋଗ ବର୍ଣ୍ଣନ ।

ଇଜ୍ୟା—ବି. (ଯଜ୍-ଯ-ଆ) ଯଜ୍ଞ ; ପୂଜା ।

ଇଟା—ବି. (ଇଷ୍ଟକଶବ୍ଦରୁ) ପୋଡ଼ା ମାଟିଖଣ୍ଡ ।

ଇଡ଼ା—ସ୍ତ୍ରୀ. ବି. ଶରୀରର ନାଡ଼ୀବିଶେଷ ।

ଇଣ୍ଡିବା—କ୍ରି. (ଉତ୍ତାପଶବ୍ଦରୁ) ଜାଳିବା ।

ଇତ—ବିଂ. (ଇ-ତ) ଗତ, ପ୍ରାପ୍ତ ।

ଇତର—ସ୍ତ୍ରୀ. ବିଂ. ଅନ୍ୟ, ନୀଚ ।

ଇତରେତର—ବିଂ. (ଇତର-ଇତର) ପରସ୍ପର ।

ଇତସ୍ତତଃ—ଅ. (ଇତଃ-ତତଃ) ଏଣେତେଣେ ।

ଇତି—ଅ. (ଇ-ତି) ସମାପ୍ତି ।

ଇତିକର୍ତ୍ତବ୍ୟତା—ବି. କାର୍ଯ୍ୟର ଔଚିତ୍ୟ ।

ଇତିମଧ୍ୟେ—କ୍ରି. ବିଂ. ଏହିମଧ୍ୟେ ।

ଇତିବୃତ୍ତ—ବି. (ଇତି-ବୃତ୍-ତ) ଇତିହାସ ।

ଇତିହାସ—ବି. (ଇତିହ-ଅସ୍-ଅ) ପୁରାବୃତ୍ତାନ୍ତ ।

ଇତ୍ୟାଦି—ଅ. (ଇତି-ଆଦି) ପ୍ରଭୃତି ।

ଇଦାନୀଂ—ଅ. (ଇଦମ୍-ଦାନୀଂ) ସମ୍ପ୍ରତି ।

ଇଦାନୀନ୍ତନ—ବିଂ. ଆଧୁନିକ ।

ଇନାମ୍—ବି. ପୁରସ୍କାର ।

ଇନ୍ଦିରା-ବି. (ଇନ୍ଦ୍‌ଧାତୁ) ଲକ୍ଷ୍ମୀ ।

ଇନ୍ଦୀବର-ବି. ନୀଳକମଳ, ନୀଳପଦ୍ମ ।

ଇନ୍ଦୁ-ବି. (ଇନ୍ଦ୍-ଉ) ଚନ୍ଦ୍ର ।

ଇନ୍ଦୁମତୀ-ବି. (ଇନ୍ଦୁ-ମତୁ-ଈ) ପୂର୍ଣ୍ଣିମା ; ଅଜ-ରାଜାଙ୍କର ପତ୍ନୀ ।

ଇନ୍ଦୁରି-ବି. ମୂଷିକ ।

ଇନ୍ଦୁଲେଖା-ବି. ଚନ୍ଦ୍ରକଳା ।

ଇନ୍ଦ୍ର-ବି. (ଇନ୍ଦ୍-ର) ଦେବରାଜ । ବି. ଶ୍ରେଷ୍ଠ ।

ଇନ୍ଦ୍ର-ଜାଲ-ବି. ଭେଲିକବାଜି ; କୁହୁକ ।

ଇନ୍ଦ୍ରଜାଲିକ-ବି. ବାଜିକର ।

ଇନ୍ଦ୍ରଜିତ-ବି. (ଇନ୍ଦ୍ର-ଜି-କ୍ୱିପ୍) ମେଘନାଦ ।

ଇନ୍ଦ୍ର-ଧନୁ-ବି. ମେଘଦେହରେ ଶୋଭିତ ବିବର୍ଣ୍ଣ ଧନୁ ।

ଇନ୍ଦ୍ରନୀଳମଣି-ବି. ମଣିବିଶେଷ ।

ଇନ୍ଦ୍ର-ପ୍ରସ୍ଥ-ବି. ପ୍ରାଚୀନ ଦିଲ୍ଲୀ । [ବିଶେଷ ।

ଇନ୍ଦ୍ର-ଯବ-ବି. (ଇନ୍ଦ୍ର-ଯବ) ଔଷଧରୂପେ ଭକ୍ଷ୍ୟ ବୀଜ-

ଇନ୍ଦ୍ରଲୁପ୍ତ-ବି. ଚନ୍ଦା ପଡ଼ିବା ରୋଗ ।

ଇନ୍ଦ୍ରାଣୀ-ବି. ଇନ୍ଦ୍ରପତ୍ନୀ, ଶଚୀ ।

ଇନ୍ଦ୍ରାୟୁଧ-ବି. (ଇନ୍ଦ୍ର-ଆୟୁଧ) ଇନ୍ଦ୍ରଧନୁ ।

ଇନ୍ଦ୍ରିୟ-ବି. (ଇନ୍ଦ୍ର-ଇୟ) ଦର୍ଶନ ଶ୍ରବଣାଦି ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ହସ୍ତ ପଦାଦି ପଞ୍ଚ କର୍ମେନ୍ଦ୍ରିୟ ।

ଇନ୍ଧନ-ବି. (ଇନ୍ଧ୍-ଅନ) ଜାଳିବାର କାଷ୍ଠାଦି ।

ଇଭ-ବି. ହସ୍ତୀ ।

ଇୟତ୍ତା-ବି. (ଇୟତ୍-ତା) ସୀମା ।

ଇରମ୍ମଦ-ବି. ବଜ୍ରାଗ୍ନି ।

ଇରାବତୀ-ବି. ନଦୀବିଶେଷ ।

ଇଳା-ବି. ପୃଥିବୀ ; ମନୁଙ୍କ କନ୍ୟା ।

ଇଲ୍ଲିକା-ବି. ଅସ୍ଥିକାରଯୁକ୍ତ ପ୍ରାଣ ।

ଇଶାଣୀ-ବି. ପାର୍ବତୀ ।

ଇଶାନ-ବି. ମହାଦେବ ।

ଇଷୁ-ବି. ବାଣ, ଶର । [ବାଞ୍ଛା ।

ଇଷ୍ଟ-ବି. ( ଇଷ୍-ତ ) ବାଞ୍ଛିତ ; ପ୍ରିୟ । ବି.

ଇଷ୍ଟକା-ସ୍ତ୍ରୀ. ବି. ଇଟା ।

ଇଷ୍ଟି-ବି. (ଯଜ୍-ତି) ଯଜ୍ଞବିଶେଷ ।

ଇସ୍-ଅ. ଘୃଣାବୋଧକ ଅବ୍ୟୟ ।

ଇସ୍ତାହାର-ବି. ଘୋଷଣା ।

ଇସ୍ପାତ-ବି. ଶକ୍ତ ଲୌହ ।

ଇହକାଳ-ବି. ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମୟ ।

ଇହଲୋକ-ବି. ଏହି ସଂସାର ।

---

## ଈ

ବି. ଚତୁର୍ଥ ସ୍ୱରବର୍ଣ୍ଣ ।

ଈଃ-ଅ. ଯନ୍ତ୍ରଣା-ଘୃଣା-ବୋଧକ ଶବ୍ଦ ।

ଈକ୍ଷଣ-ବି. (ଈକ୍ଷ୍-ଅନ) ଚକ୍ଷୁ ; ଦର୍ଶନ ।

ଈକ୍ଷିତ-ବି. (ଈକ୍ଷ୍-ତ) ଦୃଷ୍ଟ । [ଅବସ୍ଥା ।

ଈତି-ବି. (ଇ-ତି) ଅତିବୃଷ୍ଟି, ଅନାବୃଷ୍ଟି ପ୍ରଭୃତି

ଈଦୃଶ-(ଇଦମ୍-ଦୃଶ୍-ଅ) ଏପ୍ରକାର ।

ଈପ୍ସା-ବି. (ଆପ୍-ସନ୍-ଅ) ବାଞ୍ଛା ।

ଈର୍ଷା, ଈର୍ଷ୍ୟା-ବି. ପରଶ୍ରୀକାତରତା ; ହିଂସା ।

ଈଶ-ବି. (ଈଶ୍-ଅ) ଈଶ୍ୱର ; ପ୍ରଭୁ ।

ଈଶାନ—ବି. (ଈଶ୍-ଅନ) ମହେଶ୍ୱର ; ଉତ୍ତର-ପୂର୍ବ କୋଣ ।

ଈଶାନୀ—ବି. (ଈଶ୍-ଅନ) ଦୁର୍ଗା ।

ଈଶ୍ୱର—ବି. (ଈଶ୍-ବର) ମହାଦେବ ; ପରମେଶ୍ୱର ; ପ୍ରଭୁ ।

ଈଷତ୍—ଅ. ବି. ଅଳ୍ପ, କିଞ୍ଚିତ୍ । [ଈଷ ।

ଈଷା—ସ୍ତ୍ରୀ. ବି. ଲଙ୍ଗଳ ଦଣ୍ଡ ; ନଙ୍ଗଳର

ଈହା—ବି. (ଈହ୍-ଅ) ଚେଷ୍ଟା ; ଯତ୍ନ ; ଇଚ୍ଛା ।

---

# ଉ

ବି. ପଞ୍ଚମ ସ୍ୱର, ସମ୍ବୋଧନ-ଅର୍ଥ ବ୍ୟକ୍ତସୂଚକ ଅବ୍ୟୟ ।

ଉଁ—ଅ. କ୍ରୋଧ ବା ସ୍ୱୀକାରବୋଧକ ଅବ୍ୟୟ ।

ଉଅ—ଅଳୁଅ ।

ଉଅସ—ବି. (ଅବାସର ଅପଭ୍ରଂଶ) ଅବକାଶ ; ସମୟ ।

ଉଁଅସ—(ଅମାବାସ୍ୟା ଶବ୍ଦରୁ) ଅମାବାସ୍ୟା ।

ଉଇ—ବି. ପୋକ ବିଶେଷ ।

ଉଇଁବା—କ୍ରି (ଉଦୟ ଶବ୍ଦରୁ) ଉଦୟ ହେବା ।

ଉକୁଣୀ—ବି. (ଉତ୍କୁଣ ଶବ୍ଦରୁ) କେଶକୀଟ ।

ଉକୁଟେଇବା—କ୍ରି. ଖୋଳିବା ।

ଉକ୍ତ—ବି. (ବଚ୍-ତ) କଥିତ ।

ଉକ୍ତି—ବି. (ବଚ୍-ତି) କଥା ; ବଚନ ।

ଉକ୍ଷା—ବି. ବଳଦ ବା ଷଣ୍ଢ ।

ଉଖୁଡ଼ା—ବି. ଭର୍ଜିତ ଧାନ୍ୟ ।

ଉଗ୍ର—ବି. ତୀବ୍ର ; ପ୍ରଚଣ୍ଡ ।

ଉଗ୍ରଚଣ୍ଡୀ—ବି. ଚଣ୍ଡିକା ଦେବୀ ।

ଉଗ୍ରତା—ବି. ପ୍ରଚଣ୍ଡତା ।

ଉଗ୍ରସେନ—ବି. କଂସର ପିତା ।

ଉଙ୍କିମାରିବା—କ୍ରି. ଚୋର ଭଳି କରି ଝାଙ୍କି- [ଦେବା ।

ଉଚଟ—ବି. (ଉତ୍-ଚଟ) ଚଞ୍ଚଳ ; ଅସ୍ଥିର ।

ଉଚ୍ଚ—ବି. ଉନ୍ନତ ।

ଉଚ୍ଚରିତ—ବି. (ଉତ୍-ଚର୍-ତ) ଉପର ସ୍ଥିତ ; କଥିତ ।

ଉଚ୍ଚକିତ—ବି. (ଉତ୍-ଚକ୍-ତ) ଗର୍ବିତ ; ପ୍ରସିଦ୍ଧ ।

ଉଚ୍ଚାଟ—ବି. ଚଞ୍ଚଳତା ; ଉଦ୍‌ବେଗ ।

ଉଚ୍ଚାଟନ—ବି. ସ୍ଥାନଚ୍ୟୁତକରଣ ; ଉଦ୍‌ବେଗ ।

ଉଚ୍ଚାବଚ—ବି. ଉଚ୍ଚନୀଚ ।

ଉଚ୍ଚାରଣ—ବି. (ଉତ୍-ଚର୍-ଣିଚ୍-ଅନ) ଶବ୍ଦର କଥନ ।

ଉଚ୍ଚୈଃ—ଅ. ଉଚ୍ଚ, ଉଚ୍ଚସ୍ୱରରେ ।

ଉଚ୍ଚୈଃଶ୍ରବା—ବି. (ଉଚ୍ଚୈଃ-ଶ୍ରବସ୍) ଇନ୍ଦ୍ରଙ୍କର ଘୋଡ଼ା ; ବି. ବଧିର । ୨ (ପ୍ରହେଳିକା) ।

ଉଛୁଣି—ଅ. ଏବେ ; ବର୍ତ୍ତମାନ (ଗ୍ରାମ୍ୟ

ଉଚ୍ଛୁରି—ବି. କଳମ୍ବ, ଚେର ।

ଉଛୁଳିବା—କ୍ରି. ତରଳପଦାର୍ଥ ଉପରକୁ [ଉଠିବା ।

ଉଚ୍ଛନ୍ନ—(ଉତ୍-ଛଦ୍-ତ) ନଷ୍ଟ ; ଲୋପ ।

ଉଚ୍ଛଳିତ—ବି. (ଉତ୍-ଶଳ୍-ତ) ସ୍ଫୀତ ; ଉତ୍ଥିତ ।

ଉଚ୍ଛିନ୍ନ—ବି. (ଉତ୍-ଛିଦ୍-ତ) ନଷ୍ଟ ; ଉନ୍ମୂଳିତ ।

ଉଚ୍ଛିଷ୍ଟ—ବି. (ଉତ୍-ଶିଷ୍-ତ) ଭୁକ୍ତାବଶିଷ୍ଟ ; ଅଇଁଠା ।

ଉଚ୍ଛୃଙ୍ଖଳ—ବି. (ଉତ୍-ଶୃଙ୍ଖଳ) ଉଦ୍ଧତ ; ସ୍ୱେଚ୍ଛାଚାରୀ ।

ଉଚ୍ଛେଦ—ବି. (ଉତ୍-ଛିଦ୍-ଅ) ବିନାଶ ; ଉନ୍ମୂ- [ଳନ ।

ଉଚ୍ଛ୍ୱସିତ–ବି. (ଉତ୍-ଶ୍ୱସ୍-ତ) ଊର୍ଦ୍ଧ୍ୱ ଶ୍ୱସିତ; ବହିର୍ଗତ।
ଉଚ୍ଛ୍ୱାସ–ବି. (ଉତ୍-ଶ୍ୱସ୍-ଅ) ନିଃଶ୍ୱାସ; ପ୍ରଶ୍ୱାସ; ଊର୍ଦ୍ଧ୍ୱଶ୍ୱାସ; ଅଧ୍ୟାୟ।
ଉଜ୍ଜୟିନୀ–ବି. ଅବନ୍ତୀପ୍ରଦେଶର ରାଜଧାନୀ।
ଉଜ୍ଜ୍ୱଳ–ବି. (ଉତ୍-ଜ୍ୱଳ) ତେଜୋମୟ; ନିର୍ମଳ।
ଉଜାଣି–କ୍ରି. ବି. (ଉଦ୍ୟାନ ଶବ୍ଦରୁ) ସ୍ରୋତର ବିପରୀତ ଦିଗରେ।
ଉଜିର–ବି. ମନ୍ତ୍ରୀ।
ଉଜୁଡ଼ିବା–କ୍ରି. ନଷ୍ଟ ହେବା।
ଉଜ୍ଜୃମ୍ଭଣ–ବି. (ଉତ୍-ଜୃମ୍ଭ୍-ଅନ) ହାଇମାରିବା।
ଉଞ୍ଛାଳିବା–କ୍ରି. (ଉଞ୍ଛ ଶବ୍ଦଜ) ପରିଷ୍କାର କରିବା।
ଉଟେଇ–ବି. ଅବାରଣ (ଗ୍ରାମ୍ୟ ପ୍ରୟୋଗ)।
ଉଁଟ–ବି. ଓଟ।
ଉଟେଇବା–କ୍ରି. ଅପାରାର୍ଥ ହେବା।
ଉଠା–ବି. ଧାନ୍ୟାଦି ଝଡ଼ିହେବା।
ଉଟଜ–ବି. ପର୍ଣ୍ଣଶାଳା।
ଉଠେଅ–ବି. (ଉଠିବା ଶବ୍ଦଜ) ଅବାଧ।
ଉଠିବା–କ୍ରି. ଉତ୍ଥିତ ହେବା; ଦଣ୍ଡାୟମାନ ହେବା।
ଉଡୁ–ବି. ତାରା।
ଉଡୁପ–ବି. ଚାନ୍ଦ୍ରବାଅ; ଡଙ୍ଗ; ଭେଳା।
ଉଡ୍ଡୟନ–ବି. (ଉତ୍-ଡୀ-ଅନ) ଉଡ଼ିବା।
ଉଡ୍ଡୀନ–ବି. (ଉତ୍-ଡୀ-ତ) ଉଡ଼ୁଥିବା; ଯେ ଉଡ଼େ।
ଉଡ୍ଡୀୟମାନ–ବି. (ଉତ୍-ଡୀ-ଯ-ଆନ) ଉଡ଼ନ୍ତା।
ଉଣ୍ଡିବା–କ୍ରି. ଖୋଜିବା; ଠାବକରିବା।
ଉତ୍–ଅ. ଉଚ୍ଚତା ଓ ଉତ୍କର୍ଷ ବୋଧକ ଉପସର୍ଗ।
ଉତ୍କଟ–ବି. ଅତ୍ୟଧିକ; ବିକଟ। [ଦେଶ।
ଉତ୍କଣ୍ଠା–ବି. (ଉତ୍-କଣ୍ଠ-ଆ) ଆଗ୍ରହ; ଉତ୍-
ଉତ୍କଣ୍ଠିତ–ବି. ଉଦ୍‌ବେଗ; ଚିନ୍ତିତ।
ଉତ୍କର୍ଷ–ବି. (ଉତ୍-କୃଷ୍-ଅ) ଶ୍ରେଷ୍ଠତା।
ଉତ୍କଳ–ବି. ଓଡ଼ିଶା ପ୍ରଦେଶ।
ଉତ୍କଳିକା–ବି. ଉତ୍କଣ୍ଠା।
ଉତ୍କୀର୍ଣ୍ଣ–ବି. (ଉତ୍-କୄ-ତ) ଖୋଦିତ।
ଉତ୍କୃଷ୍ଟ–ବି. (ଉତ୍-କୃଷ୍-ତ) ଶ୍ରେଷ୍ଠ; ପ୍ରଧାନ।
ଉତ୍କୋଚ–ପୁ. ବି. ଲାଞ୍ଚ; ଉତ୍କୋଚ। [କାନ୍ତ।
ଉତ୍କ୍ରାନ୍ତ–ବି. (ଉତ୍-କ୍ରମ୍-ତ) ଉଦ୍ଗତ, ଅତି-
ଉତ୍କ୍ଷିପ୍ତ–ବି. (ଉତ୍-କ୍ଷିପ୍-ତ) ଉର୍ଦ୍ଧ୍ୱକୁ ନିକ୍ଷିପ୍ତ।
ଉତ୍କ୍ଷେପ–ବି. (ଉତ୍-କ୍ଷିପ୍-ଅ) ଉର୍ଦ୍ଧ୍ୱକୁ ନିକ୍ଷେପ।
ଉତ୍ଖାତ–ବି. (ଉତ୍-ଖନ୍-ତ) ଉନ୍ମୂଳିତ।
ଉତ୍ତପ୍ତ–ବି. (ଉତ୍-ତପ୍-ତ) ଉଷ୍ଣ; ସନ୍ତପ୍ତ।
ଉତ୍ତମ–ବି. (ଉତ୍-ତମ୍-ଅ) ଶ୍ରେଷ୍ଠ।
ଉତ୍ତମର୍ଣ୍ଣ–ବି. (ଉତ୍ତମ-ଋଣ) ଋଣଦାତା।
ଉତ୍ତମାଙ୍ଗ–ବି. (ଉତ୍ତମ-ଅଙ୍ଗ) ମସ୍ତକ; ଶିର।
ଉତ୍ତର–ବି. (ଉତ୍-ତର) ଉତ୍ତରଦିଗ; ପ୍ରତିବଚନ; ପରବର୍ତ୍ତୀ; ଅଧିକ।
ଉତ୍ତରକାଳ–ବି. ଭବିଷ୍ୟତ୍ ସମୟ।
ଉତ୍ତରଣ–ବି. (ଉତ୍-ତରଣ) ନଦ୍ୟାଦି ପାର ହେବା।

ଉତ୍ତରପ୍ରତ୍ୟୁତ୍ତର - ବି. (ଉତ୍ତର ପ୍ରତ୍ୟୁତ୍ତର-ଇନ୍) ବାଦାନୁବାଦ; ପରେ ଅନୁବାଦ।

ଉତ୍ତରାୟଣ - ବି. (ଉତ୍ତର-ଅୟନ) ସୂର୍ଯ୍ୟଙ୍କ ଉତ୍ତରଆଡ଼କୁ ଗତି।

ଉତ୍ତରାଷାଢ଼ା - ବି. ନକ୍ଷତ୍ରବିଶେଷ।

ଉତ୍ତରୀୟ - ବି. (ଉତ୍ତର-ଈୟ) ଚାଦର; ଉପରି-ବସ୍ତ୍ର।

ଉତ୍ତରୋତ୍ତର - କ୍ରି. ବି. (ଉତ୍ତର-ଉତ୍ତର) ପରେ ପରେ; କ୍ରମେ କ୍ରମେ।

ଉତ୍ତାନ - ବି. (ଉତ୍-ତନ୍-ଅ) ଉର୍ଦ୍ଧ୍ୱମୁଖ; ଚିତ୍।

ଉତ୍ତାପ - ବି. (ଉତ୍-ତପ୍-ଅ) ତାପ; ଉଷ୍ମତା।

ଉତ୍ତରେ - ଅ. (ଉତ୍ତରଶବ୍ଦଜ) ପରେ।

ଉତ୍ତାଳ - ବି. (ଉତ୍-ତଲ-ଅ) ଉଚ୍ଚ; ଅଦ୍-ଭୁତ; ଭୀଷଣ। [ଭାଙ୍ଗି।

ଉତ୍ତୀର୍ଣ୍ଣ - ବି. (ଉତ୍-ତୃ-ତ) ପାରହୋଇ; ଉତ-

ଉତ୍ତୁଙ୍ଗ - ବି. (ଉତ୍-ତୁଙ୍ଗ) ଅତିଉଚ୍ଚ।

ଉତ୍ତେଜକ - ବି. ଉଦ୍ଦୀପକ; ଉତ୍ସାହପ୍ରଦ।

ଉତ୍ତେଜନା - ବି. (ଉତ୍-ତିଜ୍-ଅନ-ଆ) ଉଦ୍ଦୀପନା; ପ୍ରବର୍ତ୍ତନା।

ଉତ୍ତେଜିତ - ବି. ଉଦ୍ଦୀପିତ। [ଦେଖିବା।

ଉତ୍ତୋଳନ - ବି. (ଉତ୍-ତୁଲ-ଅନ) ଉଠାଇବା;

ଉତ୍ଥାନ - ବି. (ଉତ୍-ସ୍ଥା-ଅନ) ଉଠିବା; ଉଦ୍ଗମ।

ଉତ୍ଥାପନ - ବି. (ଉତ୍-ସ୍ଥା-ଇ-ଅନ) ଉତ୍ତୋଳନ; ଉଠାଇବା।

ଉତ୍ଥାପିତ - ବି. ପ୍ରସ୍ତାବିତ।

ଉତ୍ଥିତ - ବି. (ଉତ୍-ସ୍ଥା-ତ) ଉଠିବା; ଉନ୍ନତ।

ଉତ୍ପତ୍ତି - ବି. (ଉତ୍-ପଦ୍-ତି) ଉଦ୍ଭବ; ଜନ୍ମ।

ଉତ୍ପନ୍ନ - ବି. (ଉତ୍-ପଦ୍-ତ) ଉଦ୍ଭୂତ; ଜାତ।

ଉତ୍ପଳ - ବି. ପଦ୍ମ। [ଉତ୍ତୋଳନ।

ଉତ୍ପାଟନ - ବି. (ଉତ୍-ପାଟି-ଅନ) ଉପୁଡ଼ାଇ;

ଉତ୍ପାତ - ବି. (ଉତ୍-ପତ୍-ଅ) ଉପଦ୍ରବ; ଦୌରାତ୍ମ୍ୟ।

ଉତ୍ପାଦନ - ବି. (ଉତ୍-ପାଦ-ଅନ) ଜନ୍ମାଇବା।

ଉତ୍ପାଦକ - ବି. ଉତ୍ପତ୍ତିକର୍ତ୍ତା; ଯେ ଜନ୍ମାଏ।

ଉତ୍ପୀଡ଼ନ - ବି. (ଉତ୍-ପୀଡ଼୍-ଅନ) ପୀଡ଼ା-ଦେବା; ଅତ୍ୟାଚାର।

ଉତ୍ପ୍ରେକ୍ଷା - ବି. (ଉତ୍-ପ୍ର-ଈକ୍ଷ୍-ଅ) ଅର୍ଥାଲଙ୍କାରବିଶେଷ; ତର୍କ। [ଚିତ।

ଉତ୍ଫୁଲ୍ଲ - ବି. (ଉତ୍-ଫୁଲ୍ଲ-ଅ) ପ୍ରଫୁଲ୍ଲ; ହର୍ଷ-

ଉତ୍ସ - ବି. (ଉତ୍-ସ) ପ୍ରସ୍ରବଣ; ଝର।

ଉତ୍ସଙ୍ଗ - ବି. (ଉତ୍-ସଞ୍ଜ୍-ଅ) କୋଳ।

ଉତ୍ସନ୍ନ - ବି. (ଉତ୍-ସଦ୍-ତ) ନଷ୍ଟ।

ଉତ୍ସର୍ଗ - ବି. (ଉତ୍-ସୃଜ୍-ଅ) ପରିତ୍ୟାଗ; ଦାନ।

ଉତ୍ସବ - ବି. (ଉତ୍-ସୂ-ଅ) ଆନନ୍ଦାନୁଷ୍ଠାନ।

ଉତ୍ସାରିତ - ବି. (ଉତ୍-ସୃ-ଣିଚ୍-ତ) ଉର୍ଦ୍ଧ୍ୱ-କ୍ଷିପ୍ତ।

ଉତ୍ସାହ - ବି. (ଉତ୍-ସହ୍-ଅ) ଆଗ୍ରହପୂର୍ଣ୍ଣ ବ୍ୟଗ୍ରତା।

ଉତ୍ସାହିତ - ବି. (ଉତ୍-ସହ୍-ଇ-ତ) ଉତ୍ତେଜିତ।

ଉତ୍ସୁକ - ବି. (ଉତ୍-ସୁ-କ) ବ୍ୟଗ୍ର। [ଉତ୍କ।

ଉତ୍ସୃଷ୍ଟ - ବି. (ଉତ୍-ସୃଜ୍-ତ) ତ୍ୟକ୍ତ; ବର୍ଜ୍ଜିତ;

ଉତ୍ସେଧ - ବି. (ଉତ୍-ସିଧ୍-ଅ) ଉଚ୍ଚତା।

ଉଦ, ଉଦକ - ବି. ଜଳ।

ଉଦଗ୍ର-ବିଣ. (ଉତ୍-ଅଗ୍ର) ଉନ୍ନତ, ଉଚ୍ଚ ।
ଉଦଧି-ବି. (ଉଦ-ଧି) ସମୁଦ୍ର ।
ଉଦନ୍ତ-ବି. (ଉତ୍-ଅନ୍ତ) ବାର୍ତ୍ତା ; ସମ୍ବାଦ ।
ଉଦୟ-ବି. (ଉତ୍-ଇ-ଅ) ଉତ୍ପତ୍ତି; ପ୍ରକାଶ; ବୃଦ୍ଧି ।
ଉଦର-ବି. ପେଟ ।
ଉଦାତ୍ତ-ବିଣ. (ଉତ୍-ଆ-ଦା-ତ) ଉଚ୍ଚ; ମହତ୍; ଦୟାଳୁ । [ବି. ଦାତା; ଅସ୍ଥାପୂର୍ବ ।
ଉଦାନ-ବି. ଶରୀରର ବାୟୁବିଶେଷ ।
ଉଦାର-ବିଣ. ( ଉତ୍-ଆ-ଋ-ଅ ) ମହତ୍, ଦୟାଳୁ । [ବି. ଦାତା; ଅସ୍ଥାପୂର୍ବ ।]
ଉଦାସୀନ-ବିଣ. (ଉତ୍-ଆସ୍-ଈନ) ସଂସାର-
ଉଦାହରଣ-ବି. (ଉତ୍-ଆ-ହୃ-ଅନ) ଦୃଷ୍ଟାନ୍ତ; ନିଦର୍ଶନ ।
ଉଦାହୃତ-ବିଣ. ଦୃଷ୍ଟାନ୍ତରୂପେ ପ୍ରଯୁକ୍ତ ।
ଉଦିତ-ବିଣ. ଉତ୍ପନ୍ନ ; ପ୍ରକାଶିତ ।
ଉଦୀଚୀ-ବି. ଉତ୍ତରଦିଗ ।
ଉଦୀରଣ-ବି. (ଉତ୍-ଈର୍-ଅନ) ଉଚ୍ଚାରଣ ।
ଉଦୀରିତ-ବିଣ. ଉଚ୍ଚାରିତ ।
ଉଦୁମ୍ବର-ବି. ବୃକ୍ଷବିଶେଷ ଓ ତାହାର ଫଳ ।
ଉଦୂଖଳ-ବି. ଧାନ୍ୟାଦି କାଣ୍ଡିବାର ପାତ୍ର ।
ଉଦ୍ଗତ-ବିଣ. (ଉତ୍-ଗମ୍-ତ) ଉତ୍ପନ୍ନ; ଉତ୍ଥିତ ।
ଉଦ୍ଗମ-ବି. (ଉତ୍-ଗମ୍-ଅ) ଉତ୍ପତ୍ତି ।
ଉଦ୍ଗାତା-ବିଣ. (ଉତ୍-ଗୈ-ତୃ) ସାମବେଦଗାୟକ ।
ଉଦ୍ଗାର } ବି. ( ଉତ୍-ଗୃ-ଅ, ଅନ ) ବମନ;
ଉଦ୍ଗିରଣ } ନିଃସରଣ ।

ଉଦ୍ଗୀର୍ଣ୍ଣ ବିଣ. (ଉତ୍-ଗୃ-ତ) ବମିତ ।
ଉଦ୍ଗ୍ରୀବ-ବିଣ. (ଉତ୍-ଗ୍ରୀବା-ଅ) ଊର୍ଦ୍ଧ୍ୱଗ୍ରୀବ; ଉତ୍ସୁକ । [ଉଚ୍ଚ ।
ଉଦ୍ଘାଟନ-ବି. (ଉତ୍-ଘଟ୍-ଅନ) ଉନ୍ମୋ-
ଉଦ୍ଦାମ-ବିଣ. (ଉତ୍-ଦାମ୍-ଅ) ଉଚ୍ଛୃଙ୍ଖଳ ।
ଉଦ୍ଦିଷ୍ଟ-ବିଣ. (ଉତ୍-ଦିଶ୍-ତ) ଅଭିପ୍ରେତ ।
ଉଦ୍ଦୀପନ-ବି. (ଉତ୍-ଦୀପ୍-ଅନ) ଉତ୍ତେଜନ ।
ଉଦ୍ଦେଶ-ବି. (ଉତ୍-ଦିଶ୍-ଅ) ଲକ୍ଷ୍ୟ ; ଅନୁସନ୍ଧାନ ।
ଉଦ୍ଦେଶ୍ୟ-ବିଣ. (ଉତ୍-ଦିଶ୍-ଯ) ଲକ୍ଷ୍ୟ ।
ଉଦ୍ଧତ-ବିଣ. (ଉତ୍-ହନ୍-ତ) ଦୃପ୍ତ ; ଅବିନୀତ ।
ଉଦ୍ଧବ-ବି. କୃଷ୍ଣଙ୍କର ସଖା ।
ଉଦ୍ଧାର-ବି. (ଉତ୍-ଧୃ-ଅ) ମୋଚନ; ପରିତ୍ରାଣ ।
ଉଦ୍ଧାରକ-ବି. ଯେ ଉଦ୍ଧାର କରେ ।
ଉଦ୍ଧୃତ-ବିଣ. (ଉତ୍-ଧୃ-ତ) ମୋଚିତ; ଉତ୍ତୋଳିତ ।
ଉଦ୍ବନ୍ଧନ-ବି. (ଉତ୍-ବନ୍ଧ-ଅନ) ଗଳାରେ ଦଉଡ଼ି ଦେଇ ମରିବା ।
ଉଦ୍ବୋଧନ-ବି. ( ଉତ୍-ବୁଧ୍-ଅନ ) ଜାଗ୍ରତ-କରଣ ; ଉତ୍ସାହପ୍ରଦାନ ।
ଉଦ୍ଭଟ-ବି. (ଉତ୍-ଭଟ୍-ଅ) ଅଦ୍ଭୁତ, ଉତ୍କଟ ।
ଉଦ୍ଭାବନ-ବି. (ଉତ୍-ଭୂ-ଣିଚ୍-ଅନ) ନୂତନ ବସ୍ତୁ ପ୍ରକାଶ ; ନୂତନ କଳ୍ପନା ।
ଉଦ୍ଭାସିତ-ବିଣ. ( ଉତ୍-ଭାସ୍-ତ ) ଦୀପ୍ତ ; ପ୍ରକାଶିତ ।
ଉଦ୍ଭିଜ୍ଜ-ବିଣ. (ଉତ୍-ଭିଦ୍-ଜନ୍-ଅ) ଉଦ୍ଭିଦଜାତ ।
ଉଦ୍ଭିଦ-ବି. (ଉତ୍-ଭିଦ୍-କ୍ୱିପ୍) ମାଟି ଭେଦ କରି ଉଠେ ; ବୃକ୍ଷାଦି ।
ଉଦ୍ଭୂତ-ବିଣ. (ଉତ୍-ଭୂ-ତ) ଜାତ, ଉତ୍ପନ୍ନ ।

ଉଦ୍ୟତ-ବି. (ଉତ୍-ଯମ୍-କ୍ତ) ପ୍ରସ୍ତୁତ; ଉଦ୍ଯୁକ୍ତ ।

ଉଦ୍ୟମ-ବି. (ଉତ୍-ଯମ୍-ଅ) ଉଦ୍ଯୋଗ; ଚେଷ୍ଟା ।

ଉଦ୍ୟାନ-ବି. (ଉତ୍-ଯା-ଅନ) ଉପବନ ।

ଉଦ୍ଯାପନ-ବି. (ଉତ୍-ଯା-ଣିଚ୍-ଅନ) ବ୍ରତାଦି ସମାପନ ।

ଉଦ୍ଯାପିତ-ବି. ସମାପିତ । [ଯତ୍ନ ।

ଉଦ୍ଯୋଗ-ବି. ( ଉତ୍-ଯୁଜ୍-ଅ ) ଉଦ୍ୟମ;

ଉଦ୍ଯୋଗୀ-ବି. ଯତ୍ନଶୀଳ, ଉଦ୍ୟମୀ ।

ଉଦ୍ରିକ୍ତ-ବି. ଉତ୍ତେଜିତ । [ଦୃଢ଼ ।

ଉଦ୍ରେକ-ବି. (ଉତ୍-ରିଚ୍-ଅ) ବୃଦ୍ଧି; ଆଧି-

ଉଦ୍ବାହ-ବି. (ଉତ୍-ବହ୍-ଅ) ବିବାହ ।

ଉଦ୍ବିଗ୍ନ-ବି. (ଉତ୍-ବିଜ୍-କ୍ତ) ଚଞ୍ଚଳ, ଉତ୍କଣ୍ଠିତ ।

ଉଦ୍ବାହୁ-ବି. ଊର୍ଦ୍ଧ୍ବବାହୁ ।

ଉଦ୍ବୁଦ୍ଧ-ବି. (ଉତ୍-ବୁଧ୍-କ୍ତ) ଜାଗରିତ ।

ଉଦ୍ଭୂତ-ବି. (ଉତ୍-ଭୂ-କ୍ତ) ଉତ୍ପନ୍ନ; ଜନ୍ମା । [ଉଷ୍ମ ।

ଉଦ୍ବେଗ-ବି. ( ଉତ୍-ବିଜ୍-ଅ ) ଉତ୍କଣ୍ଠା;

ଉଦ୍ବେଳ } ବି. (ଉତ୍-ବେଳା) ଉଚ୍ଛଳିତ,
ଉଦ୍ବେଳିତ } ସୀମାଅତିକ୍ରାନ୍ତ ।

ଉଧଉ-ବି. ବୋଧୁଙ୍କ ।

ଉଧାରି-ବି. ଋଣ । [ଉକ୍ଷିତ ।

ଉନ୍ନତ-ବି. (ଉତ୍-ନମ୍-କ୍ତ) ଉଚ୍ଚ; ଉପରକୁ

ଉନ୍ନତି-ବି. (ଉତ୍-ନମ୍-କ୍ତି) ଉପରକୁ ଉଠିବା; ଶ୍ରୀବୃଦ୍ଧି । [ଘିଚ ।

ଉନ୍ନିଦ୍ର-ବି. (ଉତ୍-ନିଦ୍ରା-ଅ) ଜାଗରିତ; ନିଦ୍ରା-

ଉନ୍ନୀତ-ବି. (ଉତ୍-ନୀ-କ୍ତ) ଉନ୍ନତିପ୍ରାପ୍ତ ।

ଉନ୍ମଜ୍ଜନ-ବି. ( ଉତ୍-ମସ୍ଜ୍-ଅନ ) ଜଳରୁ ଉତ୍ଥାନ । [ପାଗଳ ।

ଉନ୍ମତ୍ତ-ବି. ( ଉତ୍-ମଦ୍-କ୍ତ ) ଉନ୍ମାଦଗ୍ରସ୍ତ;

ଉନ୍ମନା-ବି. ଉତ୍କଣ୍ଠିତ; ଅନ୍ୟମନସ୍କ ।

ଉନ୍ମାଦ-ବି. (ଉତ୍-ମଦ୍-ଅ) ଚିତ୍ତବିଭ୍ରମ ।

ଉନ୍ମାର୍ଗ-ବି. କୁପଥ । [ଉନ୍ମେଷ ।

ଉନ୍ମୀଳନ-ବି. ( ଉତ୍-ମିଲ୍-ଅନ ) ବିକାଶ;

ଉନ୍ମୁକ୍ତ-ବି. (ଉତ୍-ମୁଚ୍-କ୍ତ) ମୁକ୍ତ ।

ଉନ୍ମୁଖ-ବି. (ଉତ୍-ମୁଖ) ଊର୍ଦ୍ଧ୍ବମୁଖ; ଉତ୍ସୁକ ।

ଉନ୍ମୂଳନ-ବି. (ଉତ୍-ମୂଳି-ଅନ) ଉତ୍ପାଟନ ।

ଉନ୍ମୂଳିତ-ବି. ଉତ୍ପାଟିତ ।

ଉନ୍ମେଷ-ବି (ଉତ୍-ମିଷ୍-ଅ) ଉନ୍ମୀଳନ ।

ଉନ୍ମୋଚନ-ବି. (ଉତ୍-ମୁଚ୍-ଅନ) ଫିଟାଇ-ଦେବା । [ଉପବର୍ଣ୍ଣ ।

ଉପ-ଅ- ସାମୀପ୍ୟ-ହୀନତା-ସାଦୃଶ୍ୟ-ବୋଧକ

ଉପକଣ୍ଠ-ବି. ନିକଟ ସ୍ଥାନ ।

ଉପକଥା-ବି. (ଉପ-କଥା) କାହାଣି ।

ଉପକରଣ-ବି. (ଉପ-କୃ-ଅନ) ଉପାଦାନ; ସାମଗ୍ରୀ ।

ଉପକାର-ବି. (ଉପ-କୃ-ଅ) ହିତ; ମଙ୍ଗଳ ।

ଉପକାରୀ-ବି. ହିତକାରକ ।

ଉପକୂଳ-ବି. ସମୁଦ୍ରତଟ ।

ଉପକୃତ-ବି. (ଉପ-କୃ-କ୍ତ) ଉପକାରପ୍ରାପ୍ତ ।

ଉପକ୍ରମ-ବି. (ଉପ-କ୍ରମ୍-ଅ) ଆରମ୍ଭ ।

ଉପକ୍ରମଣିକା-ବି. ପ୍ରସ୍ତାବନା; ଆରମ୍ଭଯୋଗେ ଲିଖା ।

ଉପଗତ—ବିଂ. (ଉପ-ଗମ୍-କ୍ତ) ଉପସ୍ଥିତ ।

ଉପଗ୍ରହ—ବି. (ଉପ-ଗ୍ରହ) କ୍ଷୁଦ୍ରଗ୍ରହ ।

ଉପଚୟ—ବି. (ଉପ-ଚି-ଅ) ବୃଦ୍ଧି ; ପୁଷ୍ଟି ।

ଉପଚାର—ବି.(ଉପ-ଚର୍-ଅ) ଶୁଶ୍ରୂଷା; ସେବା; ସ୍ତୁତିବାଦ । [କରିବାର ଇଚ୍ଛା ।

ଉପଚିକୀର୍ଷା—ବି. (ଉପ-କୃ-ସନ୍-ଅ) ଉପକାର

ଉପଚିତ—ବିଂ. ବୃଦ୍ଧିପ୍ରାପ୍ତ ।

ଉପଜୀବିକା—ବି. ଜୀବନୋପାୟ ; ବୃତ୍ତି ।

ଉପଜୀବୀ—ବିଂ. (ଉପ-ଜୀବ୍-ଣିନ୍) ଆଶ୍ରୟକାରୀ ।

ଉପଜୀବ୍ୟ—ବିଂ. ଆଶ୍ରୟପ୍ରଦ । [ହାର ।

ଉପଢୌକନ—ବି. (ଉପ-ଢୌକ୍-ଅନ) ଉପ-

ଉପ-ତ୍ୟକା—ବି. ପର୍ବତର ନିକଟ ନିମ୍ନଭୂମି ।

ଉପଦଂଶ—ବି.(ଉପ-ଦଂଶ୍-ଅ) କୁତ୍ସିତ ରୋଗ-ବିଶେଷ ।

ଉପଦିଷ୍ଟ—ବିଂ. (ଉପ-ଦିଶ୍-କ୍ତ) ଶିକ୍ଷିତ, ଆଦିଷ୍ଟ ।

ଉପଦେଶ—ବି. (ଉପ-ଦିଶ୍-ଅ) ଶିକ୍ଷାଦାନ ।

ଉପଦେଶକ, ଉପଦେଷ୍ଟା—ବି. (ଉପ-ଦିଶ୍-ଅକ, ତୃ) ଶିକ୍ଷାଦାତା ।

ଉପଦ୍ରବ—ବି. (ଉପ-ଦ୍ରୁ-ଅ) ଉତ୍ପାତ ।

ଉପଦ୍ରୁତ—ବିଂ. ଉତ୍ପୀଡ଼ିତ ।

ଉପଦ୍ୱୀପ—ବି. ପ୍ରାୟ ଦ୍ୱୀପ ।

ଉପଧର୍ମ—ବି. (ଉପ-ଧୃ-ମ. ବାହ୍ୟଧର୍ମ ।

ଉପଧା—ବି. (ଉପ-ଧା-ଅ) ଅନ୍ତ୍ୟବର୍ଣ୍ଣର ପୂର୍ବ-ବର୍ଣ୍ଣ ।

ଉପଧାନ—ବି. ତକିଆ ।

ଉପନୟନ—ବି. (ଉପ-ନୀ-ଅନ) ଯଜ୍ଞସୂତ୍ର-ଧାରଣ ସଂସ୍କାର ।

ଉପନିବେଶ—ବି. (ଉପ-ନି-ବିଶ୍-ଅ) ଦେଶା-ନ୍ତରନିବାସ ।

ଉପନିଷଦ୍—ବି. ବେଦର ଅଂଶବିଶେଷ ।

ଉପନୀତ—ବିଂ. (ଉପ-ନୀ-କ୍ତ) ଉପସ୍ଥିତ ।

ଉପନ୍ୟାସ—ବି. (ଉପ-ନି-ଅସ୍-ଅ) ଉପକଥା ; କଥାରମ୍ଭ ।

ଉପପତି—ବି. ଗୁପ୍ତପତି ; ଜାର ।

ଉପପତ୍ତି—ବି. (ଉପ-ପଦ୍-କ୍ତି) ଯୁକ୍ତି; ମୀମାଂସା ।

ଉପ-ପତ୍ନୀ—ବି. (ଉପ-ପତ୍ନୀ) ରକ୍ଷିତା ସ୍ତ୍ରୀ ।

ଉପପାଦ୍ୟ—ବିଂ. (ଉପ-ପଦ୍-ଯ) ଯୁକ୍ତିଦ୍ୱାରା ମୀମାଂସ୍ୟ ।

ଉପଭୋଗ—ବି.(ଉପ-ଭୁଜ୍-ଅ) ସୁଖ ଭୋଗ ।

ଉପମା—ବି.(ଉପ-ମା) ଅର୍ଥାଳଙ୍କାର; ତୁଳନା ।

ଉପମାନ—ବି. (ଉପ-ମା-ଅନ) ଯଦ୍ଦ୍ୱାରା ଉପମା ଦିଆଯାଏ ।

ଉପମିତ—ବିଂ. (ଉପ-ମା-କ୍ତ) ତୁଳିତ ।

ଉପମେୟ—ବିଂ. (ଉପ-ମା-ଯ, ତୁଳନୀୟ ।

ଉପଯୁକ୍ତ—ବିଂ. ଉପ-ଯୁଜ୍-କ୍ତ) ଯୋଗ୍ୟ; ସମର୍ଥ; ଉଚିତ । [ପ୍ରୟୋଜନ ।

ଉପଯୋଗ—ବି. (ଉପ-ଯୁଜ୍-ଅ) ବ୍ୟବହାର,

ଉପଯୋଗୀ—ବିଂ.(ଉପ-ଯୁଜ୍-ଇନ୍)ଉପଯୁକ୍ତ ।

ଉପରତି—ବି. (ଉପ-ରମ୍-କ୍ତି) ନିବୃତ୍ତି ।

ଉପରାଗ—ବି. (ଉପ-ରଞ୍ଜ୍-ଅ) ଚନ୍ଦ୍ର ଓ ସୂର୍ଯ୍ୟର ଗ୍ରହଣ ।

ଉପରୋଧ—ବି. (ଉପ-ରୁଧ୍-ଅ) ଅନୁରୋଧ ।

ଉପର୍ଯ୍ୟୁପରି—ଅ. (ଉପରି-ଉପରି) ଥରକୁ ; ଗୋଟିକ ଉପରେ ଗୋଟିଏ ।

ଉପଲ—ବି. ପ୍ରସ୍ତର ; ପାଷାଣ ।

ଉପଲକ୍ଷ୍ୟ—ବି. (ଉପ-ଲକ୍ଷ-ଯ-ଯ) ଉଦ୍ଦେଶ୍ୟ ।

ଉପଲକ୍ଷିତ—ବିଣ. ସୂଚିତ । [ପ୍ରାପ୍ତ ।

ଉପଲବ୍ଧ—ବିଣ. (ଉପ-ଲଭ୍-ତ) ଜ୍ଞାତ ; ଅନୁଭୂତ ;

ଉପବନ—ବି. ଉଦ୍ୟାନ । [ଉପାୟ ।

ଉପବାସ—ବି. (ଉପ-ବସ୍-ଅ) ଅନାହାର ;

ଉପବିଷ୍ଟ—ବିଣ. (ଉପ-ବିଶ୍-ତ) ଆସୀନ ।

ଉପବୀତ—ବି. (ଉପ-ବେ-କ୍ତ) ଯଜ୍ଞସୂତ୍ର ।

ଉପବେଶନ—ବି. (ଉପ-ବିଶ୍-ଅନ) ଆସନ-ଗ୍ରହଣ ।

ଉପଶମ—ବି. (ଉପ-ଶମ୍-ଅ) ଶାନ୍ତି ; ନିବୃତ୍ତି ।

ଉପସଂହାର—ବି. (ଉପ-ସମ୍-ହୃ-ଅ) ଶେଷ ; ସମାପ୍ତି ।

ଉପସର୍ଗ—ବି. (ଉପ-ସୃଜ୍) ଉପଦ୍ରବ ; ରୋଗ-ବିକାର ; ଅବ୍ୟୟପଦବିଶେଷ ।

ଉପସ୍ଥ—ବି. (ଉପ-ସ୍ଥା-ଅ) ଗୁହ୍ୟେନ୍ଦ୍ରିୟ ।

ଉପସ୍ଥାନ—ବି. (ଉପ-ସ୍ଥା-ଅନ) ଉପସ୍ଥିତି ।

ଉପସ୍ଥିତ—ବିଣ. (ଉପ-ସ୍ଥା-ତ) ସମୀପେ ସ୍ଥିତ ; ଆଗତ ।

ଉପସ୍ୱତ୍ୱ—ବି. (ଉପ-ସ୍ୱତ୍ୱ) ଆୟ ; ଲାଭ ।

ଉପହାର—ବି. (ଉପ-ହୃ-ଅ) ଉପଢୌକନ ।

ଉପହାସ—ବି. (ଉପ-ହସ୍-ଅ) ଅବଜ୍ଞାସୂଚକ ପରିହାସ । [ନିନ୍ଦା ।

ଉପାଖ୍ୟାନ—ବି. (ଉପ-ଆ-ଖ୍ୟା-ଅନ) ଆଖ୍ୟା-

ଉପାଡ଼ିବା—କ୍ରି. (ଉତ୍ପାଟନକର) ଉପାଡ଼ିବା ।

ଉପାତ୍ତ—ବିଣ. (ଉପ-ଆ-ଦା-ତ) ଗୃହୀତ ; ଲବ୍ଧ ।

ଉପାଦାନ—ବି. (ଉପ-ଆ-ଦା-ଅନ) ଉପକରଣ ।

ଉପାଦେୟ—ବିଣ. (ଉପ-ଆ-ଦା-ଯ) ଉତ୍ତମ ; ଗ୍ରାହ୍ୟ ।

ଉପାଧାନ—ବି. (ଉପ-ଆ-ଧା-ଅନ) ତକିଆ ।

ଉପାଧି—ବି. (ଉପ-ଆ-ଧା-ଇ) ଉପନାମ ; ପଦବୀ ।

ଉପାଧ୍ୟାୟ—ବି. (ଉପ-ଅଧି-ଇ-ଅ) ଅଧ୍ୟାପକ ।

ଉପାନହ—ବି. (ଉପ-ନହ୍) ଜୋତା ।

ଉପାନ୍ତ—ବି. ନିକଟ ସ୍ଥାନ ।

ଉପାୟ—ବି. (ଉପ-ଇ-ଅ) କାର୍ଯ୍ୟସାଧନର ପନ୍ଥା ।

ଉପାୟନ—ବି. ଉପହାର ।

ଉପାର୍ଜ୍ଜନ—ବି. (ଉପ-ଅର୍ଜ୍ଜ) ଅର୍ଜ୍ଜନ ।

ଉପାଲମ୍ଭ—ବି. (ଉପ-ଆ-ଲଭ୍-ଅ) ତିରସ୍କାର ।

ଉପାସକ—ବିଣ. (ଉପ-ଆସ୍-ଅକ) ପୂଜକ ।

ଉପାସନା—ବି. (ଉପ-ଆସ୍-ଅନ-ଆ) ପୂଜା ; ସେବା ।

ଉପାସ୍ୟ—ବି. (ଉପ-ଆସ୍-ଯ) ପୂଜ୍ୟ ; ଦେବତା ।

ଉପୁଜିବା—କ୍ରି. (ଉତ୍ପାଦନ) ଜନ୍ମିବା ।

ଉପୁଡ଼ିବା—କ୍ରି. ଉତ୍ପାଟିତହେବା । [illegible]

ଉପେକ୍ଷା—ବି. (ଉପ-ଈକ୍ଷ-ଅ) ଅନାଦର ;

ଉପେତ—ବିଣ. (ଉପ-ଇ-ତ) ଯୁକ୍ତ ।

ଉପେନ୍ଦ୍ର—ବି. ବିଷ୍ଣୁ ।

ଉପୋଷିତ—ବିଣ. (ଉପ-ବସ୍-ତ) ଉପବାସୀ ।

ଉପୋଦ୍ଘାତ—ବି. ଉପକ୍ରମ ।

ଉପ୍ତ—ବିଣ. (ବପ୍-ତ) ବୁଣା (ଶସ୍ୟବୀଜରେ) ।

ଉର, ଉରସ୍—ବି. ବୁକ, ବକ୍ଷ ।
ଉଷ୍ମ—ବି. ଟିଣ ।
ଉଚ୍ଛୁଳିଯିବା—କ୍ରି. ଉଚ୍ଛୁଳ, ହେବା ।
ଉମର—ବି. ବୟସ ।
ଉମା—ବି. (ଉ-ମା) ପାର୍ବତୀ ।
ଉରଃ—ବି. ବକ୍ଷସ୍ଥଳ ; ବୁକ୍ ।
ଉରଗ—ବି. (ଉରସ୍-ଗମ୍-ଅ) ସର୍ପ ।
ଉରଜ, ଉରସିଜ—ବି. (ଉରସ୍-ଜନ୍-ଅ) ସ୍ତନ ।
ଉରୁ—ବି. ଜାଂଘ ।
ଉରୁ—ବିଂ. ବିଶାଳ ।
ଉର୍ଣ୍ଣ-ନାଭି—ସଂ. ମାକଡ଼ସା ।
ଉର୍ଣ୍ଣା—ବି. ମେଷଲୋମ ।
ଉର୍ବରା—ବିଂ. ଫଳୋତ୍ପାଦକ ।
ଉର୍ବଶୀ—ବି. ଅପ୍ସରାବିଶେଷ ।
ଉର୍ବୀ—ବି. ପୃଥିବୀ ।
ଉଲଟ—ବିଂ. ବିପରୀତ ।
ଉଲ୍ଲମ୍ଫ—ବି. (ଉତ୍କ୍ଷେପଣ) ଡ଼ିଆଁ ।
ଉଲୁଗୁଣା—ବି. ଦୁଇ କୁମ୍ଭ ଉପସ୍କାର ।
ଉଲୁକ—ବି. ପେଚା ।
ଉଲ୍କା—ବି. ଆକାଶରୁ ପଡ଼ନ୍ତା ଅଗ୍ନିମୟ ପିଣ୍ଡ ।
ଉଲ୍ଲଙ୍ଘନ—ବି. (ଉତ୍-ଲଙ୍ଘ୍-ଅନ) ଅତିକ୍ରମ ।
ଉଲ୍ଲସିତ—ବିଂ. ଅତ୍ୟନ୍ତ ଖୁସି ।
ଉଲ୍ଲମ୍ଫନ—ବି. (ଉତ୍-ଲମ୍ଫ୍-ଅନ) ଡ଼େଇଁବା ।
ଉଲ୍ଲସିତ—ବିଂ. (ଉତ୍-ଲସ୍-କ୍ତ) ଆନନ୍ଦିତ ।
ଉଲ୍ଲାସ—ବି. (ଉତ୍-ଲସ୍-ଅ) ଆନନ୍ଦ ; ଗ୍ରନ୍ଥର ଅଧ୍ୟାୟ ।
ଉଲ୍ଲେଖିତ—ବିଂ. (ଉତ୍-ଲିଖ୍-କ୍ତ) ଉପରେ ଲିଖିତ; ପୂର୍ବ କଥିତ ।
ଉଲ୍ଲେଖ—ବି. (ଉତ୍-ଲିଖ୍-ଅ) ପ୍ରସଙ୍ଗ ।
ଉଲ୍ଲୋଳ—ବିଂ. (ଉତ୍-ଲୋଳ) ଅତି ଅସ୍ଥିରତା-ମୟ ।
ଉଶନା—ବି. ଶୁକ୍ରାଚାର୍ଯ୍ୟ ।
ଉଶୀର—ବି. ବେଣା ମୂଳ ।
ଉଷିତ—ବିଂ. ଅବସିତ ।
ଉଷା—ବି. ପ୍ରଭାତକାଳ ।
ଉଷିତ—ବିଂ. ବାସି ।
ଉସୁନା—ବିଂ. (ଉଷ୍ଣ ଶବ୍ଦ) ସିଝା ।
ଉଷ୍ଟ୍ର—ବି. ଓଟ ।
ଉଷ୍ଣ—ବିଂ. ତପ୍ତ ।
ଉଷ୍ଣୀଷ—ବି. ପଗଡ଼ି ; ପାଗ ।
ଉସ୍ମାସ—ବିଂ. ଲଘୁ ; ହାଲୁକା ।
ଉସ୍କେଇବା—କ୍ରି. ତେଜିବା ; ଉତ୍ତେଜିତ କରିବା ; ଉସ୍କାଇ ଦେବା ।
ଉହା—ବି. କୁମ୍ଭାର ଚକ୍ର ।
ଉହାଡ଼—ବି. ଅନ୍ତରାଳ ; ଆବରଣ ।

---

## ଊ

ବି. ଷଷ୍ଠ ସ୍ୱରବର୍ଣ୍ଣ ।

ଊଢ଼—ବିଂ. (ବହ୍-କ୍ତ) ବିବାହିତ ।
ଊଣା—ବିଂ. (ଊନ ଶବ୍ଦ) ଅଳ୍ପ ; କମ୍ ।
ଊଧଃ—ସଂ. ବି. ଗାଈର ସ୍ତନ ।
ଊନ—ବିଂ. ଅଳ୍ପ ; କମ୍ ।

ଊରୁ-ବି. (ଊର୍ଣ୍ଣୁ+ଉ) ଜାନୁର ଉପରିଭାଗ ।
ଊର୍ଜ୍ଜସ୍ୱଳ-ବିଂ. (ଊର୍ଜ୍ଜସ୍-ବଳ) ଅତିତେଜସ୍ୱୀ ।
ଊର୍ଦ୍ଧ୍ୱ-ବିଂ. ଉତ୍ତୋଳିତ; ବି. ଉପରଅଙ୍ଗ ।
ଊର୍ଣ୍ଣନାଭ-ବିଂ. (ଊର୍ଣ୍ଣା-ନାଭି) ମାକଡ଼ସା ।
ଊର୍ମ୍ମି-ବି. ତରଙ୍ଗ; ଲହଡ଼ି ।
ଊର୍ମ୍ମିଳା-ବିଂ. (ଊର୍ମ୍ମି-ଲା-ଅ) ଊର୍ମ୍ମିଯୁକ୍ତ; ବି. ଲକ୍ଷ୍ମଣଙ୍କ ପତ୍ନୀ ।
ଊଷର-ବିଂ. ଲବଣାକ୍ତ; ବି. ଲବଣାକ୍ତ ଭୂମି ।
ଊଷ୍ମ-ବି. (ଉଷ୍-ମ) ଗ୍ରୀଷ୍ମ ।
ଊହ୍ୟ-ବିଂ. (ଊହ୍-ଯ) ତର୍କଣୀୟ; ପ୍ରଯୋଜ୍ୟ ।

ଋ ବି. ସପ୍ତମ ସ୍ୱରବର୍ଣ୍ଣ ।

ଋକ୍-ବି. ଋଗ୍ବେଦ; ବେଦମନ୍ତ୍ର ।
ଋକ୍ଷ-ବି. ଭଲ୍ଲୁକ; ଭାଲୁ ।
ଋଜୁ-ବିଂ. ସରଳ; ସଳଖ ।
ଋଣ-ବି. (ଋ-ନ) କରଜ; ଉଧାର ।
ଋଣୀ-ବି. (ଋଣ-ଇନ୍) ଖାତକ ।
ଋତ-ବିଂ. ସତ୍ୟ; ସାଧିତ ।
ଋତୁ-ବି. ମାସଦ୍ୱୟବ୍ୟାପୀ କାଳ, ଗ୍ରୀଷ୍ମ, ବର୍ଷା, ଶରତ୍, ହେମନ୍ତ, ଶିଶିର ଓ ବସନ୍ତ; ସ୍ତ୍ରୀରଜ ।
ଋତୁମତୀ-ବିଂ. (ଋତୁ-ମତ୍-ଈ) ରଜସ୍ୱଳା ।
ଋତୁରାଜ-ବି. ବସନ୍ତକାଳ ।
ଋତ୍ୱିକ୍-ବି. (ଋତୁ-ଯଜ୍-କ୍ୱିପ୍) ପୁରୋହିତ ।
ଋଦ୍ଧି-ବି. (ଋଧ୍-ତି) ସମ୍ପଦ୍; ଧନ ।
ଋଷଭ-ବି. ବୃଷଭ; ସଙ୍ଗୀତ ଶାସ୍ତ୍ରର ସପ୍ତସ୍ୱର ମଧ୍ୟରେ ଦ୍ୱିତୀୟ ।
ଋଷି-ବି. (ଋଷ୍-ଇ) ମୁନି ।
ଋଷିକୁଲ୍ୟା-ବି. ନଦୀବିଶେଷ ।
ଋଷ୍ୟ-ବି. ମୃଗବିଶେଷ ।
ଋଷ୍ୟମୂକ-ବି. ପର୍ବତବିଶେଷ ।
ଋଷ୍ୟଶୃଙ୍ଗ-ବି. ମୁନିବିଶେଷ ।

ଏ ବି. ଅଷ୍ଟମ ସ୍ୱରବର୍ଣ୍ଣ; ଅବ୍.-ଏହି, ଏହା ।

ଏଇ-ଅବ୍. (ଏତଦ୍ଶବ୍ଦଜ) ଅଭିହିତ ।
ଏକ-ବି. ପ୍ରଥମ ସଂଖ୍ୟା; ବିଂ. ଅଦ୍ୱିତୀୟ ।
ଏକକ-ବିଂ. (ଏକ-କ) ଏକାକୀ; ବି. ପ୍ରଥମ ସଂଖ୍ୟା ।
ଏକକାଳୀନ-ବିଂ. ଏକ କାଳରେ ଯେ ଥାଏ ।
ଏକଗ୍ରସ୍ତା-ବିଂ. ସମାରୂଢ଼ ।
ଏକଚିତ୍ତ୍ୟା-ବିଂ. ଏକାଗ୍ର ।
ଏକଚତ୍ୱାରିଂଶ-ବିଂ. ୪୧ ।
ଏକତଃ-ଅବ୍. (ଏକ-ତସ୍) ଏକପକ୍ଷରେ; ଏକ- [ପକ୍ଷରେ ।
ଏକତନ୍ତ୍ରୀ / ଏକତାରା } ବି. ଏକତନ୍ତ୍ରୀଯୁକ୍ତ ବାଦ୍ୟ ।
ଏକତମ-ବିଂ. ଅନେକ ମଧ୍ୟରେ ଏକ ।
ଏକତର-ବିଂ. ଦୁଇ ମଧ୍ୟରେ ଏକ ।
ଏକତା-ବି. ଐକ୍ୟ; ସାମ୍ୟ ।
ଏକତାନ-ବି. ଏକତ୍ର ମିଳିତ ସ୍ୱର; ବିଂ. [ଏକାଗ୍ର ।
ଏକତ୍ରିଂଶ-ବିଂ. ୩୧ ।

ଏକତ୍ର—କ୍ରି. ବି. ଏକ ସ୍ଥାନରେ ।
ଏକତ୍ୱ—ବି. ଐକ୍ୟ ; ଅଭେଦ ।
ଏକଦା—କ୍ରି. ବି. ଏକ ସମୟରେ ।
ଏକଦେଶ—ବି. କୌଣସି ଅଂଶ ।
ଏକଧା—ଅ. ଏକପ୍ରକାରେ ।
ଏକବାଗିଆ—ବି. ଅବାଧ୍ୟ ।
ଏକଲା—ବି. (ଏକର ଶବ୍ଦରୁ) ଏକାକୀ ।
ଏକଷଠି—ବି. ୬୧ ।
ଏକସ୍ତରି—ବି. ୭୧ ।
ଏକା—ବି. (ଏକ ଶବ୍ଦରୁ) ଏକଲା ।
ଏକାକୀ—ବି. ଏକକ ; ଅସହାୟ ।
ଏକାକ୍ଷୀ—ବି. (ଏକ-ଅକ୍ଷି) ଏକ ଚକ୍ଷୁରେ ଅନ୍ଧ ।
ଏକାଗ୍ର-ଚିତ୍ତ—ବି. ଏକ ବିଷୟରେ ଅଭିନିବେଶ ।
ଏକାତ୍ମା—ବି. (ଏକ-ଆତ୍ମା) ଏକପ୍ରାଣ ।
ଏକାଦଶୀ—ବି. ତିଥିବିଶେଷ ।
ଏକାନବେ—ବି. ୯୧ ।
ଏକାନ୍ତ—ବି. (ଏକ-ଅନ୍ତ) ଅତ୍ୟନ୍ତ ; ନିର୍ଜନ ।
ଏକାନ୍ନ—ବି. (ଏକ-ଅନ୍ନ) ଏକଠି ପାକ ।
ଏକାନ୍ନବର୍ତ୍ତୀ—ବି. (ଏକ-ଅନ୍ନ-ବୃତ୍-ଇନ୍) ଯେଉଁମାନେ ଏକ ପାକରେ ଖାଆନ୍ତି ।
ଏକାବନ—ବି. ୫୧ ।
ଏକାମ୍ରକାନନ—ବି. (ଏକ-ଆମ୍ର-କାନନ) ଭୁବନେଶ୍ୱରକ୍ଷେତ୍ର ।
ଏକାଶୀ—ବି. ୮୧ ।   [ସ୍ଥାପକ ।
ଏକାଧିପତି—ବି. ( ଏକ-ଛତ୍ର-ସ୍ଥା-ଅକ ) ଏକଚ

ଏକୁଟିଆ—ବି. ଏକାକୀ ।
ଏକୁନି—ବି. ମୋଟ ।
ଏକୁଥ } ବି. ବଉଳଗଛ ଦୂର ।
ଏକୋଲି }
ଏକୋଇଶ—ବି. ୨୧ ।
ଏକୋଦର—ବି. (ଏକ-ଉଦର) ସହୋଦର ।
ଏକୋଦ୍ଦିଷ୍ଟ—ବି. ଏକ ବ୍ୟକ୍ତିର ଉଦ୍ଦେଶ୍ୟରେ ଅନୁଷ୍ଠିତ ।
ଏକ୍ଷଣି—କ୍ରି. ବି. (ଏତତ୍-କ୍ଷଣ) ଏହିକ୍ଷଣରେ ।
ଏଠାରେ—କ୍ରି. ବି. ଏ ସ୍ଥାନରେ ।
ଏଡ଼ିବା—କ୍ରି. ଲୁଚିବା ; ଅତିକ୍ରମ କରିବା ।
ଏତେ—କ୍ରି. ବି. ଏ ପରିମାଣରେ ।
ଏଣ—ବି. ମୃଗ ।
ଏଣିକି—କ୍ରି. ବି. ଏ ଆଡ଼କୁ ।
ଏଣୀ—ବି. (ଏଣ-ଈ) ମୃଗୀ ।
ଏଣୁ—ଅ. ଏହି ହେତୁରୁ ।
ଏଣେ—ଅ. ଏଆଡ଼େ ।
ଏଣେତେଣେ—ଅ. ଏଆଡ଼େ ସେଆଡ଼େ ।
ଏଣ୍ଡୁଅ—ବି. ସରୀସୃପବିଶେଷ, ଭୂଚରବିଶେଷ ।
ଏଣ୍ଡୁରି—ବି. ବିଷଧରବିଶେଷ ।
ଏତାଦୃଶ—ବି. (ଏତତ୍-ଦୃଶ୍) ଏପ୍ରକାର ।
ଏତାବତ୍—ବି. (ଏତତ୍-ବତ୍) ଏତତ୍ ପରିମାଣ ; ଏତେ ।
ଏତେ—କ୍ରି. ବି. ଏ ସଂଖ୍ୟାରେ ।
ଏମନ୍ତ—ବି. ଏପ୍ରକାର ।
ଏରଣ୍ଡ—ବି. ଜଡ଼ାଗଛ ।

ଏକୁଣ୍ଡି-ବି. ସ୍ୱାର୍ଥପର ।

ଏଳା-ବି. ଅଳେଇଚ ।

ଏବେ-ଅ. ଏହି ସମୟରେ ; ଅଧୁନା ।

ଏବେ-ହିଁ-ଅ. ଏହିସମୟରେ ।

ଏବେକି-ଅ. ବର୍ତ୍ତମାନ, ସଂପ୍ରତି ।

ଏଷଣା-ବି. (ଇଷ୍-ଅନ୍-ଆ) ଅନ୍ବେଷଣ ।

ଏଣ୍ଡୁରି-ବି. ଝିଟିପିଟି ସଦୃଶ ଜାତୀୟ ଜନ୍ତୁ ।

---

ଐ ନବମ ସ୍ୱରବର୍ଣ୍ଣ ।

ଐକମତ୍ୟ-ବି. (ଏକ-ମତ-ଯ) ଏକମତ ହେବାର [ଭାବ ।

ଐକାନ୍ତିକ-ବି. (ଏକାନ୍ତ-ଇକ) ଏକାନ୍ତ; ଦୃଢ଼ ।

ଐକାହିକ-ବି. (ଏକ-ଅହନ୍-ଇକ) ଏକଦିନ ସମ୍ବନ୍ଧୀୟ ।

ଐକ୍ୟ-ବି. (ଏକ-ଯ) ଏକତା ।

ଐଚ୍ଛିକ-ବି. (ଇଚ୍ଛା-ଇକ) ଇଚ୍ଛା ସମ୍ବନ୍ଧୀୟ ।

ଐତିହାସିକ-ବି. (ଇତିହାସ-ଇକ) ଇତିହାସ-ସମ୍ବନ୍ଧୀୟ ।

ଐତିହ୍ୟ-ବି. (ଇତିହ-ଯ) ପ୍ରବାଦ ।

ଐନ୍ଦବ-ବି. (ଇନ୍ଦୁ-ଅ) ଚନ୍ଦ୍ର ସମ୍ବନ୍ଧୀୟ ।

ଐନ୍ଦ୍ରଜାଲିକ-ବି. (ଇନ୍ଦ୍ରଜାଲ-ଇକ) କୁହୁକ, ବାଜିକର ।

ଐରାବତ-ବି. (ଇରା-ବତ୍-ଅ) ଇନ୍ଦ୍ରହସ୍ତୀ ।

ଐଶ-ବି. (ଈଶ-ଅ) ଈଶ୍ୱରସମ୍ବନ୍ଧୀୟ ।

ଐଶ୍ୱର୍ଯ୍ୟ-ବି. (ଈଶ୍ୱର-ଯ) ପ୍ରଭୁତ୍ୱ; ବିଭବ ।

ଐହିକ-ବି. (ଇହ-ଇକ) ଇହଲୋକସମ୍ବନ୍ଧୀୟ ।

ଓ ଦଶମ ସ୍ୱରବର୍ଣ୍ଣ, ବି. ବ୍ରହ୍ମା ; ଅ. ସମ୍ବୋଧନ ।

ଓଁ-ଅ. ପ୍ରଣବ ; ଓଙ୍କାର ।

ଓଉ-ବି. ଅମ୍ଳଫଳବିଶେଷ ।

ଓକିଲ-ବି. ଯୋଗ୍ୟ ; ପ୍ରତିନିଧି ।

ଓଗାଳିବା-କ୍ରି. (ଅବଗିଳନରୁ) ଉଦ୍ଗାରିବା ।

ଓଘ-ବି. ପ୍ରବାହ ; ସମୂହ ।

ଓଜଃ-ବି. ତେଜ ; ବଳ ।

ଓଛନ-ବି. ଢୋଲି ।

ଓଷର-ବି. ଚେଷ୍ଟ ; ଛଳ ।

ଓଜସ୍ୱୀ-ବି. (ଓଜସ୍-ବିନ୍) ତେଜସ୍ୱୀ; ବଳବାନ୍ ।

ଓଷ୍ଠ-ବି. ଦନ୍ତମୂଳ ବାହାର ଚମଡ଼ା । [ଓଠ ।

ଓଝା-ବି. (ଉପାଧ୍ୟାୟ ଶବ୍ଦରୁ) ଶିକ୍ଷକ ; ଗୁଣି-

ଓଟାରିବା-କ୍ରି. ଆକର୍ଷଣ କରିବା; ଟାଣିବା ।

ଓଡ଼ାଙ୍କ-ବି. ଭିନ୍ନ ପଦାର୍ଥରେ ମିଶାଣ ।

ଓଡ଼ିଆ-ବି. (ଓଡ୍ରଶବ୍ଦରୁ) ଉତ୍କଳୀୟ ।

ଓଡ୍ର, ଓଡ୍ରୁ-ବି. ଉତ୍କଳଦେଶ ।

ଓଢ଼ଣା-ବି. ସ୍ତ୍ରୀଲୋକଙ୍କର ମୁଖ ଢାଙ୍କିବା ବସ୍ତ୍ର ।

ଓତପ୍ରୋତ-ବି. ବ୍ୟାପ୍ତ । [ବସ୍ତ୍ର ।

ଓଦା-ବି. (ଆର୍ଦ୍ରଶବ୍ଦରୁ) ତିନ୍ତା; ଆର୍ଦ୍ରସ୍ଥ-

ଓଦନ-ବି. ଭାତ ।

ଓଲଟା-ବି. ବିପରୀତ ।

ଓଲିଆ-ବି. ମିଷ୍ଟିମାନଙ୍କର ମାଳିକା ଚଉଡ଼ ।

ଓଳି-ବି. ଚୁଳିଭାଗ ।

ଓଳଗ୍ରାତ-ବି. ଗୃହପ୍ରବେଶ ।

ଓଳି-ବି. ଛପରର ଶେଷଭାଗ; ଧାଡ଼ି; ମୁଣ୍ଡବା-
ପାଶବଶେଷ । [ନିର୍ମିତ ଝୁଲା ।

ଓଳଅ-ବି. ଶସ୍ୟାଦ ବାନ୍ଧି ରଖିବାପାଇଁ ଘାସ-

ଓଷଧି-ବି. ଫଳପାକାନ୍ତଲତା; ଔଷଧ ।

ଓଷଧୀଶ-ବି. (ଓଷଧି-ଈଶ) ଚନ୍ଦ୍ର ।

ଓଷ୍ଠ-ବି. ଓଠ ।

ଓଷ୍ଠ୍ୟ-ବି., (ଓଷ୍ଠ-ଯ) ଓଷ୍ଠଦ୍ୱାର ଉଚ୍ଚାରିତ ।

ଓହା-ବି. (ଉପବାସଶବ୍ଦଜ) ଉପବାସ; ଦୁଃଖ ।

ଓହାରି-ବି. ପର୍ଦ୍ଦା ; ଢୋଙ୍କା ।

ଓହ୍ଲା-ବି. ( ଅବରୋହ ଶବ୍ଦଜ ) ଉଚ୍ଚସ୍ଥାନରୁ
ତଳକୁ ଯେଉଁ ପଥ ବାହାରେ ।

ଓହ୍ଳିବା-କ୍ରି. ତଳକୁ ଆସିବା; ଝୁଲିବା ।

ଓହ୍ଲାଇବା-କ୍ରି. (ଅବରୋହ ଶବ୍ଦଜ) ଅବ-
ତରଣ କରିବା ।

---

# ଔ ଚତୁର୍ଦ୍ଦଶ ସ୍ୱରବର୍ଣ୍ଣ ।

ଔଚିତ୍ୟ-ବି. (ଉଚିତ-ଯ) ଯୋଗ୍ୟତା ।

ଔତ୍ସୁକ୍ୟ-ବି. (ଉତ୍ସୁକ-ଯ) ଉତ୍କଣ୍ଠା; ଆଗ୍ରହ ।

ଔଦରିକ-ବି. (ଉଦର-ଇକ) ଉଦରମ୍ଭରି;
ପେଟୁ । [ବହୁଭୋଜୀ ।

ଔଦାର୍ଯ୍ୟ-ବି ( ଉଦାର-ଯ ) ଉଦାରତା;

ଔଦାସ୍ୟ } ବି. (ଉଦାସ-ଉଦାସୀନ-ଯ)
ଔଦାସୀନ୍ୟ } ବୈରାଗ୍ୟ; ଅନାସ୍ଥା ।

ଔପନିବେଶିକ-ବି. (ଉପନିବେଶ-ଇକ) ଉପ-
ନିବେଶସମ୍ବନ୍ଧୀୟ । [ନିର୍ମିତ ଅମ୍ବର ।

ଔରଭ୍ର-ବି. (ଉରଭ୍ର=ମେଷ+ଅ) ମେଷ-

ଔରସ-ବି. (ଉରସ୍-ଅ) ସ୍ୱୀୟ ଉତ୍ପାଦିତ;
ଧର୍ମପତ୍ନୀଜାତ ।

ଔର୍ଦ୍ଧ୍ୱଦେହିକ-ବି. (ଊର୍ଦ୍ଧ୍ୱ-ଦେହ-ଇକ) ମୃତର
ସତ୍କାର ସମ୍ବନ୍ଧୀୟ ।

ଔଷଧ-ବି. ଭେଷଜ; ରୋଗନାଶକ ବସ୍ତୁ ।

ଔଷ୍ଠ୍ୟ-ବି. (ଓଷ୍ଠ-ଯ) ଓଷ୍ଠଦ୍ୱାରା ଉଚ୍ଚାରିତ ବର୍ଣ୍ଣ ।

---

# କ ପ୍ରଥମ ବ୍ୟଞ୍ଜନବର୍ଣ୍ଣ; ବି. ଜଳ; ବ୍ରହ୍ମା ।

କଅଁଶ, କଶା-ଗୁଣ. (ସଂ.ଗଣ୍ଡ) ରୁଷ ।

କଅଁଳ-ବି. (କୋମଳଶବ୍ଦଜ) ମୃଦୁ; ନରମ ।

କଇଁ-ବି. (କୁମୁଦଶବ୍ଦଜ) ଜଳଜ ପୁଷ୍ପବିଶେଷ ।

କଇଁଅ-ବି. ଜହ୍ନୁଲା ।

କଇଁଥା-ବି. ତରବିଲା; ଅପକ୍ୱ ।

କଇଁଛ, କଇଁଛ-ବି. କଚ୍ଛପ ।

କଇଫି-ବି. ବେଶକର୍ଣ୍ଣିତ ଧାତୁଧାରୁ ।

କଉ-ବି. (କପୋତଶବ୍ଦଜ) ପକ୍ଷୀବିଶେଷ ।

କଉଡ଼ି-ବି (କପର୍ଦ୍ଦକଶବ୍ଦଜ) ବରାଟକ ।

କଏଦ-ବି. ଅବରୋଧ; ବନ୍ଦୀ ।

କଏଦୀ-ବି. ବନ୍ଦୀ ।

କଂସ-ବି. କଂସ ନାମକ ଅସୁର ।

କକୁଦ୍-ବି. ବୃଷଭର କୁଜ ।

କକୁଦ୍ମାନ୍-ବି. ମହାବୃଷ ।

କକୁଭ୍—ବି. ଦିଗ । [ପଥ ।
କକ୍ଷ—ବି. ଭାଗ ; ପ୍ରକୋଷ୍ଠ ; ଗ୍ରହର ଭ୍ରମଣ
କଙ୍କ—ବି. ଏକପ୍ରକାର ପକ୍ଷୀ ।
କଙ୍କୀ—ବି. ପତଙ୍ଗ ବିଶେଷ ।
କଙ୍କଣ—ବି. ଅଙ୍ଗଭୂଷଣ ବିଶେଷ ।
କଙ୍କତିକା—ବି. ପାନିଆ ।
କଙ୍କାଳ—ବି. ଅସ୍ଥି-ପଞ୍ଜର । [ବିଶେଷ ।
କଖାରୁ—ବି. (କର୍କାରୁ ଶବ୍ଦଜ) ଲତା ଓ ଫଳ-
କଙ୍ଗାଳ, କାଙ୍ଗାଳି—ବି. ଭିକ୍ଷୁକ ।
କଚ—ବି. କେଶ ; ବୃହସ୍ପତି ପୁତ୍ର ।
କଚଟି—ବି. ମସୀବର ।
କଚଡ଼ା—ବି. ମୂଳରୁ କଟା ଧାନଗଛର ଚଢ଼ା ; ସ୍ୱତଃରେ ଜଳେ ନିଃକ୍ଷେପ କରା ପଦାର୍ଥ ।
କଚରା—ବି. ଅଳିଆ ।
କଚ୍ଛଡ଼ା—ସ୍ତ୍ରୀ. ଏକକେ ଜଳେ ନିକ୍ଷେପ କରିବା ।
କଚ୍ଛୁ—ବି. ଖାଲୁଅଇ ।
କଚ୍ଛୁରା—ବି. ଗୁଳ୍ମ ବିଶେଷ ।
କଚେରୀ—ବି. ଦରବାର ; କାର୍ଯ୍ୟାଳୟ ।
କଛା—ବି. ଅପକ୍ୱ ; ଅସ୍ଥାୟୀ ।
କଜ—ବି. (କାର୍ଯ୍ୟଶବ୍ଦଜ) କାମ ।
କଜିଆ—ବି. (କଳହଶବ୍ଦଜ) ଗଳଦେଶରୁ ବସ୍ତ୍ରର ସମ୍ମୁଖ ଅଂଶ ।
କଜ୍ଜଳ—ବି. ଜଳମସୀ ଦେଶ ; ବସ୍ତ୍ର ।
କଜ୍ଜଳପ—ବି. (କଜ୍ଜ-ପା+ଅ) ଦୀପ, ଦଉ ।
କଞ୍ଚୁ—ବି. ଖାଜୁ ।
କଞ୍ଚୁଳି—ବି. ଅଙ୍ଗିଆ ; ସ୍ତ୍ରୀ. କଞ୍ଚୁକୀ ।
କଞ୍ଚା—ବିଣ. ଅପକ୍ୱ ; ଅସିଦ୍ଧ ।
କଞ୍ଚି—ବି. (କୁଞ୍ଚିକାଶବ୍ଦଜ) ବାଉଁଶ କାଠି ।
କଞ୍ଚୁକି—ବି. ସାପର ଖୋଳ ; ବସ୍ତ୍ର ।
କଞ୍ଚୁକୀ—ବି. (କଞ୍ଚୁକ-ଇନ୍) ଅନ୍ତଃପୁରର ଦ୍ୱାର-
ରକ୍ଷକ ; ସର୍ପ ।
କଞ୍ଜ—ବି. (କଂ-ଜନ୍-ଡ) ପଦ୍ମ ।
କଟ—ବି. ହସ୍ତୀର ଗଣ୍ଡଦେଶ ।
କଟକ—ବି. (କଟ୍-ଅକ) ପର୍ବତର ନିତମ୍ବଦେଶ ;
ରାଜଧାନୀ ; ପାଦଭୂଷଣ ; ଶିବିର ।
କଟକଣା—ବି. ବନ୍ଦୋବସ୍ତ ; ଆଇନ ।
କଟରୀ—ବି. ଭାଣ୍ଡିଆ ; ପିଠା ।
କଟା—ବିଣ. (କର୍ତ୍ତନଶବ୍ଦଜ) ଛେଦନ ।
କଟାଭିଟି—ବି. ପୃଥିବୀ । [ଦୃଷ୍ଟି ।
କଟାକ୍ଷ—ବି. (କଟ-ଅକ୍ଷି) ଅପାଙ୍ଗଦୃଷ୍ଟି ; ଅର୍ଦ୍ଧ-
କଟାରି, କଟାରୀ—ବି. ଶସ୍ତ୍ରବିଶେଷ ।
କଟାଳି—ବି. ଓଜନ ପରିମାଣ ; ଭଦ୍ର ।
କଟାହ—ବି. କଡ଼ାଇ ।
କଟାସ୍ଥି—ବି. ମୌଦ୍ଧବୃକ୍ଷ ।
କଟି—ବି. ଅଣ୍ଟା ।
କଟିବନ୍ଧ—ବି. (କଟି-ବନ୍ଧ) କମରବନ୍ଧ ।
କଟୁ—ବିଣ. କଡ଼ୁଆ ; କର୍କଶ । [ଉତ୍ତର ।
କଟୁଆଳି—ବି. (କୋଟୁଆଳଶବ୍ଦରୁ) କଡ଼ାଉ-
କଟୁକୀ—ବି. ଔଷଧବିଶେଷ ।
କଟୁରି—ବି. (କଟାରଶବ୍ଦଜ) ଶସ୍ତ୍ରବିଶେଷ ।
କଠ—ବି. ମୁନିବିଶେଷ ; ଉପନିଷଦ୍‌ବିଶେଷ ।
କଠାଉ—ବି. କାଷ୍ଠପାଦୁକା ; ଖଡ଼ମ ।
କଠିନ—ବିଣ. ଦୃଢ଼ ; ଶକ୍ତ ; ନିର୍ଦ୍ଦୟ ; ଦୁଃସାଧ୍ୟ ।

କଠିନା—ସ୍ତ୍ରୀ. ଖଡ଼ି ।

କଠୋର—ବି. (କଠ-ଓର) କଠିନ ; ନିଷ୍ଠୁର ।

କଡ଼ମଡ଼—କ୍ରି. ବି. କଠିନଦ୍ରବ୍ୟର ଚର୍ବଣଶବ୍ଦ ।

କଡ଼ା—ବି. କଡ଼ାଇ ; ଧାତୁନିର୍ମିତ ବଳୟ ; ବି. କଠୋର ।

କଡ଼ି—ବି. କଡ଼ିକାଠ ।

କଡ଼ୁଆ—ବି. (କଟୁଶବ୍ଦଜ) କଟୁ ।

କଡ଼ାଇବା—କ୍ରି. ବାହାରକରିବା ।

କଉଡ଼ି, କଡ଼ି—ବି. (କପର୍ଦ୍ଦକ) ଶମ୍ବୁକଜାତି ।

କଣ, କଣା—ବି. ଅଣୁ ; ଅତ୍ୟଳ୍ପ ଅଂଶ ।

କଣା—ବି. (କାଣଶବ୍ଦଜ) ଏକଚକ୍ଷୁହୀନ ; ଛିଦ୍ର ।

କଣାଦ—ବି. (କଣ-ଅଦ) ବୈଶେଷିକ ଦର୍ଶନର ପ୍ରଣେତା ମୁନି । [ଛିଦ୍ରାଂଶ ।

କଣି—ବି. ଚାଉଳର ଖଣ୍ଡ ; ବଡ଼ ଦନ୍ତ ଚଉକର

କଣିକା—ବି. (କଣ-ଇକ-ଆ) କ୍ଷୁଦ୍ରାଂଶ ; ଏକ-କଣା ।

କଣ୍ଟା—ବି. ବୃକ୍ଷର କଣ୍ଟକ ; ମାଛ ।

କଣ୍ଟକ—ବି. କଣ୍ଟା ; ଶତ୍ରୁ । [ବିଘ୍ନ ।

କଣ୍ଟକିତ—ବି. (କଣ୍ଟକ-ଇତ) ରୋମାଞ୍ଚିତ ; କଣ୍ଟ-

କଣ୍ଠି—ବି. ଲମ୍ବଲମ୍ବ କାଷ୍ଠଖଣ୍ଡବିଶେଷ ।

କଣ୍ଠ—ବି. ଗଳଦେଶ ; ଗଳା

କଣ୍ଠନାଳୀ—ବି. ଗଳାର ନାଳୀ ।

କଣ୍ଠସ୍ଥ—ବି. (କଣ୍ଠସ୍ଥା-ଅ) ମୁଖସ୍ଥ ।

କଣ୍ଠୀ—ବି. କଣ୍ଠର ମାଳା ।

କଣ୍ଠ୍ୟ—ବି. (କଣ୍ଠ-ଯ) କଣ୍ଠୋଚ୍ଚାରିତ ।

କଣ୍ଡୂ—ବି. (କଣ୍ଡୂୟଶବ୍ଦଜ) ଚର୍ମରୋଗବିଶେଷ ।

କତ୍ରା—ବି. କୁତ୍ସିତ ; କୁଶ୍ରୀ ଦେହବା ।

କତ୍ନୀ—ବି. ବସ୍ତ୍ରବିଶେଷ ।

କତଶା—ବି. ଛୁରୀ ମଦିରା ।

କତି—ବି. (କିମ୍-ଅତି) କେତେକ ।

କଥ—ଅ. କଥଂ ; ବି. ଗାଥା ।

କତିପୟ—ବି. କେତେକ ।

କଥଞ୍ଚିତ—ଅ. କୌଣସିପ୍ରକାରେ ।

କଥନ—ବି. (କଥ୍-ଅନ) ଉକ୍ତି ; କହିବା ।

କଥନୀୟ—ବି. (କଥ୍-ଅନୀୟ) ବକ୍ତବ୍ୟ ; କହି-ବାର ଯୋଗ୍ୟ ।

କଥା—ବି. (କଥ୍-ଆ) ଉକ୍ତି ; ଗଳ୍ପ ; ଉପାଖ୍ୟାନ ।

କଥିତ—ବି. (କଥ୍-ତ) ଉକ୍ତ ; ବର୍ଣ୍ଣିତ ।

କଥୋପକଥନ—ବି. (କଥା-ଉପକଥନ) କଥା-ବାର୍ତ୍ତା ।

କଥ୍ୟ—ବି. (କଥ୍-ଯ) ବକ୍ତବ୍ୟ ।

କଦକ୍ଷର—ବି. (କୁ-ଅକ୍ଷର) କୁତ୍ସିତ ଅକ୍ଷର ।

କଦନ—ବି. (କଦ୍-ଅନ) ମର୍ଦ୍ଦନ ; ବିନାଶ ; ପାପ ।

କଦନ୍ନ—ବି. (କୁ-ଅନ୍ନ) କୁତ୍ସିତ ଅନ୍ନ ।

କଦମ୍ବ—ବି. ନୀପବୃକ୍ଷ ।

କଦର—ବି. ଶୁଣ୍ଠୀ ; ଉପାଧି ।

କଦର୍ଯ୍ୟ—ବି. କୁତ୍ସିତ ; ଲୋଭ ।

କଦଳୀ—ବି. ରମ୍ଭାବୃକ୍ଷ ଓ ଫଳ ।

କଦା—ଅ. (କିମ୍-ଦା) କେବେ ।

କଦାକାର—ବି. (କୁ-ଆକାର) କଣା ।

କଦାଚ, କଦାଚନ, କଦାଚିତ୍—ଅ. କୌଣସି ସମୟରେ, ଅତି ବିରଳସ୍ଥଳରେ ।

କଦାଗ୍ନି—ବି. କୁତ୍ସିତ ଅଗ୍ନି ।

କଦାପି-ଅ. (କଦା-ଅପି) କେବେହେଁ ।

କଦୁଷ୍ଣ-ବି. ଅଳ୍ପଉଷ୍ଣ ।

କଦ୍ରୁ-ବି. କଶ୍ୟପଋଷିଙ୍କ ସ୍ତ୍ରୀ ।

କନକ-ବି. ସୁବର୍ଣ୍ଣ ।

କନିଷ୍ଠ-ବି. (କନ୍=କ୍ଷୁଦ୍ର-ଇଷ୍ଠ) ବୟସରେ ସାନ ।

କନିଷ୍ଠା-ବି. ବୟସରେ କ୍ଷୁଦ୍ରା । ବି. କାନି-ଅଙ୍ଗୁଳି ।

କନୀନିକା-ବି. ଚକ୍ଷୁର ତାରା ।

କନୀୟସୀ-ବି. କନିଷ୍ଠା ।

କନୀୟାନ୍-ବି. (କନ୍-ଈୟସ୍) କନିଷ୍ଠ; କ୍ଷୁଦ୍ର ।

କନ୍ଥା-ବି. ଖଣ୍ଡିବସ୍ତ୍ରରଚିତ ଅସ୍ତରଣ ବା ଆଚ୍ଛାଦନ ।

କନ୍ଦ-ବି. ଅଙ୍କୁରଯୁକ୍ତ ଲକ୍ଷଣାଦି ମୂଳ ।

କନ୍ଦର, କନ୍ଦରା-ବି. ପର୍ବତଗୁହା ।

କନ୍ଦର୍ପ-ବି. (କଂ-ଦୃପ୍-ଅ) କାମ; ମଦନ ।

କନ୍ଦଳ-ବି. ନୂତନାଙ୍କୁର; କଳହ ।

କନ୍ଦୁକ-ବି. ବସ୍ତ୍ରଜାତାଦି ଖେଳନା ।

କନ୍ଧର-ବି. (କଂ-ଧୃ-ଅ) ଗ୍ରୀବା; ବେକ ।

କନ୍ୟା-ବି. ଦୁହିତା; ଅବିବାହିତା ସ୍ତ୍ରୀ; ଦ୍ୱାଦଶ-ରାଶିର ଷଷ୍ଠ ରାଶି ବା ସ୍ଥାନ ।

କପଟ-ବି. ଛଳ; ଶଠତା ।

କପର୍ଦ୍ଦୀ-ବି. (କପର୍ଦ-ଇନ୍) [illegible] ।

କପର୍ଦ୍ଦ, କପର୍ଦ୍ଦକ-ବି. କଉଡ଼ି; ଶିବଙ୍କ ଜଟା ।

କପାଟ, କବାଟ-ବି. ଦ୍ୱାରର ଆବରଣ ।

କପାଳ-ବି. ଲଲାଟ; ଖପର; ଭାଗ୍ୟ ।

କପାଳୀ-ବି. ଭୂତେଶ୍ୱର ।

କପି-ବି. ବାନର; ମର୍କଟ ।

କପିକଳ-ବି. ଭାରବହ ଉଠାଇବାର ଯନ୍ତ୍ର ।

କପିତ୍ଥ-ବି. କଇଥଗଛ ଓ ଫଳ ।

କପିଳ-ବି. ପିଙ୍ଗଳ । ବି. ମୁନିବିଶେଷ ।

କପିଶ-ବି. ମାଟିଆରଙ୍ଗ ।

କପୋତ-ବି. ପାରାପକ୍ଷୀ ।

କପୋଳ-ବି. ଗଣ୍ଡଦେଶ ।

କପୋଳକଳ୍ପିତ-ବି. ମନଗଢ଼ା ଅସତ୍ୟ କଥା ।

କଫ-ବି. ଶ୍ଳେଷ୍ମ ।

କଫୋଣି-ବି. କହୁଣି ।

କବନ୍ଧ-ବି. ମସ୍ତକଶୂନ୍ୟ ଦେହ ।

କବାବଚିନି-ବି. ମସଲାବିଶେଷ ।

କବାଲା-ବି. ଜମି ବେଚି କରିବାର ପତ୍ର ।

କବୁଲ-ବି. ସ୍ୱୀକାର ।

କବୁଲପତ୍ରୀ-ବି. ସ୍ୱୀକାରପତ୍ର ।

କବ୍ଜା-ବି. କବାଟ ସଂଯୋଜକ ଲୌହାଦି ନିର୍ମିତ [ଦ୍ରବ୍ୟ ।

କମ୍ର-ବି. ସୁନ୍ଦର ବି. ସୁନ୍ଦର ଅଭିଳାଷୀ ।

କମ୍-ବି. ଅଳ୍ପ ।

କମଠ-ବି. କୂର୍ମ; କଚ୍ଛପ ।

କମଣ୍ଡଳୁ-ବି. ସନ୍ନ୍ୟାସୀଙ୍କର ଦାରୁ ନିର୍ମିତ ଜଳ- [ପାତ୍ର ।

କମନୀୟ-ବି. (କମ୍-ଅନୀୟ) ସୁନ୍ଦର; ମନୋହର ।

କମର-ବି. କଟି; ଅଣ୍ଟା ।

କମଳ-ବି. ପଦ୍ମ; ଜଳ ।

କମଳା-ବି. ଲକ୍ଷ୍ମୀ ।

କମଳା—ବି. ଲେମ୍ବୁବିଶେଷ ।

କମଳାକର—ବି. (କମଳ-ଆକର) ଯେଉଁ ପୁଷ୍କରିଣୀରେ ଅନେକ ପଦ୍ମ ଥାଏ ।

କମଳାସନ—ବି. ପଦ୍ମାସନ; ବ୍ରହ୍ମା । [ଲକ୍ଷ୍ମୀ ।

କମଳିନୀ—ବି. (କମଳ-ଇନ୍-ଈ) ପଦ୍ମଲତା; ପଦ୍ମ-

କମ୍ପ, କମ୍ପନ—ବି. (କମ୍ପ-ଅ, ଅନ) କମ୍ପିବା; ଥରିବା ।

କମ୍ପମାନ—ବି॰. କମ୍ପଯୁକ୍ତ ।

କମ୍ପିତ—ବି॰. (କମ୍ପ୍-ତ) କମ୍ପଯୁକ୍ତ ।

କମ୍ବଳ—ବି. ମେଷଲୋମନିର୍ମିତ ବସ୍ତ୍ର ।

କମ୍ବୁ—ବି. ଶଙ୍ଖ । [ଗଳଦେଶ ।

କମ୍ବୁ-ଗ୍ରୀବା—ବି. ଶଙ୍ଖପରି ରେଖାତ୍ରୟଯୁକ୍ତ

କର—ବି. (କୃ-ଅ) ହସ୍ତ; କିରଣ; ହସ୍ତିଶୁଣ୍ଡ; ଖଜଣା ।

କରକଚ—ବି. ଅତପ ତାପଦ୍ୱାରା ପ୍ରସ୍ତୁତ ଲବଣ ।

କରକଣ୍ଟ—ବି. ଘଣ୍ଟା ବା ପଥରପାତ୍ର ।

କରକା—ବି. କୁଆପଥର ।

କର-କୋଷ୍ଠୀ—ବି. ସ୍ୱହସ୍ତରେଖ ଜନ୍ମପତ୍ରିକା ।

କରଙ୍କ—ବି. ଖପୁରି ।

କରତାଳି—ବି. ଆଙ୍ଗୁଳିନିର୍ମିତ ଶବ୍ଦ ।

କରଜ—ବି. (କର-ଜନ୍-ଅ) ନଖ ।

କରଞ୍ଜ—ବି. କରଞ୍ଜବୃକ୍ଷ ।

କରଟ—ବି କାକ ।

କରଡ଼ା—ବି॰. ଦୃଢ଼; ଶକ୍ତ; ବି. ବୃକ୍ଷବିଶେଷ ।

କରଡ଼ି—ବି. (ବଂଶାଙ୍କୁର) ବାଉଁଶ ଗଜା ।

କରଣ—ବି. (କୃ-ଅନ) ଇନ୍ଦ୍ରିୟ; କାରକବିଶେଷ; ଜାତିବିଶେଷ ।

କରଣୀ—ବି. (କୃଧାତୁରୁ) ମାଂସଗ୍ରନ୍ଥି; ଗଣିତଶାସ୍ତ୍ରର ଅନିର୍ଣ୍ଣେୟ ଅଙ୍କ । [କରିବାର ।

କରଣୀୟ—ବି॰. (କୃ-ଅନୀୟ) ଯାହା କରିବା

କରଣ୍ଡ—ବି. ପେଟରା । [କରପତ୍ର ।

କରତ—ବି. (କରପତ୍ରଶବ୍ଦରୁ) କାଠକାଟିବା ଯନ୍ତ୍ର;

କରତଳ—ବି. (କର-ତଳ) ହସ୍ତର ତଳ ।

କରତାଳ—ବି. ଝାଞ୍ଜ ।

କରତାଳି—ବି. ହାତତାଳି ।

କରଦ—ବି॰. (କର-ଦା-ଅ) କରପ୍ରଦ ।

କର-ପତ୍ର—ବି. ହସ୍ତତଳ; କରତ ।

କର-ପୁଟ—ବି. ଯୋଡ଼ହାତ, ହସ୍ତାଞ୍ଜଳି ।

କରବାଲ—ବି. ଖଡ୍ଗ, ତରବାରି ।

କରବୀର—ବି. ପୁଷ୍ପବୃକ୍ଷବିଶେଷ ।

କରଭ, କଲଭ—ବି. ହସ୍ତି-ଶାବକ; ଉଷ୍ଟ୍ର-ଶାବକ ।

କରମାଳା—ବି. ଜପମାଳା ।

କର-ରୁହ—ବି. ନଖ; ଅଙ୍ଗୁଳି । [ବିଶେଷ ।

କରଲ୍ଲୀ—ବି. ( କାରବେଲ୍ଲଶବ୍ଦରୁ ) ତରକାରୀ-

କରାଟ—ବି. ପିତଳ ବା କାଂସ୍ୟନିର୍ମିତ ଯୋଗାଇବାର ପାତ୍ର ।

କରାର—ବି. ସ୍ୱୀକାର ।

କରାଳ—ବି॰. ଭୟାନକ; ବିକଟ ।

କରିଣୀ—ବି. ହସ୍ତିନୀ । [ଗ୍ରୀବାଂଶ ।

କରିଷ—ବି. (ବର୍ଷଣରୁ) ଏକ ଜଳର ଉତ୍-

କରୀ-ବି. (କର-ଇନ୍) ହସ୍ତୀ ।
କରୀର-ବି. ବଉଁଶକୁଡ଼, ବାଉଁଶଗଜା ।
କରୁଣ-ବିଂ. (କୃ-ଉନ) ଶୋକୋଦ୍ଦୀପକ; ଦୟାର୍ଦ୍ର ।
କରୁଣା-ବି. ଦୟା ।
କରେଣୁ-ବି. ହସ୍ତିନୀ ।
କରୋଟି-ବି. ମସ୍ତକର ଅସ୍ଥି; ମୁଣ୍ଡର ଖପର ।
କର୍କଟ-ବି. କଙ୍କଡ଼ା; କର୍କଟରାଶି ।
କର୍କଟକ୍ରାନ୍ତି-ବି. ଭୂଗୋଳଶାସ୍ତ୍ରରେ ନିରକ୍ଷବୃତ୍ତଠାରୁ ୨୩½ ଅଂଶ ଉତ୍ତରରେ ଯେଉଁ ଅକ୍ଷରେଖା ଅଛି ।
କର୍କଟୀ } ବି. କାକୁଡ଼ି; କଙ୍କଡ଼ା ।
କର୍କଟିକା }
କର୍କନ୍ଧୁ-ବି. ବରକୋଳି ଗଛ ଓ ଫଳ ।
କର୍କରୀ-ବି. ଝାରି ।
କର୍କଶ-ବିଂ. କଠିନ; ନିର୍ଦ୍ଦୟ; ରୂଢ଼ବାକ୍ୟ; ଅସହ୍ୟ ।
କର୍କାରୁ-ବି. କଖାରୁ ।
କର୍ଜ-ବି. ଋଣ ।
କର୍ଣ୍ଣ-ବି. (କର୍ଣ୍ଣ-ଅ) ଶ୍ରବଣେନ୍ଦ୍ରିୟ; ଜଣେ ରାଜାର ନାମ; ଚତୁର୍ଭୁଜ କୋଣସଂଯୋଜକ ରେଖା ।
କର୍ଣ୍ଣ-କୁହର-ବି. କର୍ଣ୍ଣର ଛିଦ୍ର ।
କର୍ଣ୍ଣ-ଗୁଥ-ବି. କାନର ମଇଳା ।
କର୍ଣ୍ଣ-ଧାର-ବି. ନାବିକ; ମାଝି ।
କର୍ଣ୍ଣ-ପୂର-ବି. କର୍ଣ୍ଣଭୂଷଣ ।
କର୍ଣ୍ଣବେଧ-ବି. କାନଫୋଡ଼ା; କର୍ଣ୍ଣଦ୍ୱୟରେ ଛିଦ୍ର କରିବାର ସଂସ୍କାରବିଶେଷ ।

କର୍ଣ୍ଣାଟ-ବି. ଦେଶବିଶେଷ; ରାଗିଣୀବିଶେଷ ।
କର୍ଣ୍ଣିକା-ବି. କର୍ଣ୍ଣଭୂଷଣ ।
କର୍ଣ୍ଣିକାର-ବି. ସୁନାରିଗଛ ।
କର୍ଣ୍ଣୀରଥ-ବି. କ୍ଷୁଦ୍ରରଥ ।
କର୍ଣ୍ଣେ-ଜପ-ବିଂ. କାନଭଙ୍ଗା; ଖୋଚାଳିଆ ।
କର୍ତ୍ତନ-ବି. (କୃତ୍-ଅନ) ଛେଦନ ।
କର୍ତ୍ତରୀ-ବି. (କୃତ୍-ତର-ଈ) କଇଁଚି; କଟୁରି ।
କର୍ତ୍ତବ୍ୟ-ବିଂ. (କୃ-ତବ୍ୟ) କରଣୀୟ ।
କର୍ତ୍ତା-ବି. (କୃ-ତୃ) କାର୍ଯ୍ୟକାରକ; ସ୍ୱାମୀ ।
କର୍ତ୍ତିତ-ବିଂ. (କୃତ୍-ତ) ଛେଦିତ ।
କର୍ତ୍ତୃତ୍ୱ-ବି. (କର୍ତ୍ତୃ-ତ୍ୱ) ଅଧିକାର; ପ୍ରଭୁତ୍ୱ ।
କର୍ଦ୍ଦମ-ବି. କାଦୁଅ; ପଙ୍କ ।
କର୍ପଟ-ବି. ଛିଣ୍ଡା ଲୁଗା ।
କର୍ପୂର-ବି. ଶୁଭ୍ରବର୍ଣ୍ଣ ଉଦ୍ଭିଜ୍ଜ ଦ୍ରବ୍ୟବିଶେଷ ।
କର୍ପୂର-ରସ-ବି. ପାରଦ ।
କର୍ବୁର-ବିଂ. ଚିତ୍ରବର୍ଣ୍ଣ; ବି. ରାକ୍ଷସ ।
କର୍ବୁରିତ-ବିଂ. ନାନାବର୍ଣ୍ଣରେ ରଞ୍ଜିତ ।
କର୍ମ୍ମ-ବି. (କୃ-ମନ୍) କାର୍ଯ୍ୟ; ଧାତୁର ଅର୍ଥ; ବ୍ୟାକରଣରେ କାରକବିଶେଷ ।
କର୍ମ୍ମ-କ୍ଷେତ୍ର-ବି. କାର୍ଯ୍ୟାନୁଷ୍ଠାନର ସ୍ଥାନ ।
କର୍ମ୍ମଚାରୀ-ବିଂ. (କର୍ମ୍ମନ୍-ଚର-ଇନ୍) ଯେ ବେତନ ଗ୍ରହଣ କରି ଅନ୍ୟର କର୍ମ କରେ ।
କର୍ମ୍ମଠ-ବିଂ. (କର୍ମ୍ମନ୍-ଠ) କର୍ମ୍ମଦକ୍ଷ; ପାରଗ ।
କର୍ମ୍ମଣ୍ୟ-ବିଂ. (କର୍ମ୍ମନ୍-ଯ) କର୍ମ୍ମଯୋଗ୍ୟ ।
କର୍ମ୍ମଧାରୟ-ବି. ସମାସବିଶେଷ ।
କର୍ମ୍ମେନ୍ଦ୍ରିୟ-ବି. (କର୍ମ୍ମ-ଇନ୍ଦ୍ରିୟ) ଅଙ୍ଗବର୍ଗ ।

କର୍ମାର—ବି. (କର୍ମନ୍-ଋ-ଅ) କମାର ।
କର୍ମିଷ୍ଠ—ବିଂ. (କର୍ମନ୍-ଇଷ୍ଠ) କର୍ମକୁଶଳ ।
କର୍ମୀ—ବି. (କର୍ମନ୍-ଇନ୍) କର୍ମକାରୀ ।
କର୍ମେନ୍ଦ୍ରିୟ—ବି. (କର୍ମ-ଇନ୍ଦ୍ରିୟ) ହସ୍ତପଦ ପ୍ରଭୃତି କର୍ମସାଧକ ଇନ୍ଦ୍ରିୟ । [ମାଣ ।
କର୍ଷ—ବି. (କୃଷ୍-ଅ) କର୍ଷଣ; ତଉଲମାନକ ପରି-
କର୍ଷକ—ବି. (କୃଷ୍-ଅକ) କୃଷିକାର; ଚଷା ।
କର୍ଷଣ—ବି. (କୃଷ୍-ଅନ) ଚଷିବାର; ଆକର୍ଷଣ ।
କର୍ଷିତ—ବିଂ. (କୃଷ୍-ଣିଚ୍-ତ) ଚଷ କରାଯାଇଥିବା ।
କଳ—ବି. (କଳ୍-ଅ) ମଧୁର ଅସ୍ଫୁଟ ଧ୍ୱନି ।
କଳ—ବି. ଯନ୍ତ୍ର ।
କଳକଣ୍ଠ—ବିଂ. ସୁସ୍ୱରବାନ୍ । ବି. କୋକିଳ ।
କଳକଳ—ବି. (କଳ-କଳ) କୋଳାହଳ ।
କଳଙ୍କ—ବି. ମଇଳାଦାଗ; ଅପଯଶ ।
କଳଙ୍କିତ—ବିଂ. (କଳଙ୍କ-ଇତ) କଳଙ୍କଯୁକ୍ତ ।
କଳଙ୍କୀ, କଳଙ୍କିନୀ—ବିଂ. (କଳଙ୍କ-ଇନ୍, ଈ, ସ୍ତ୍ରୀ) ଦୁର୍ନାମ ଅଛି ଯାହାର ।
କଳତ୍ର—ବି. ଭାର୍ଯ୍ୟା; ସ୍ତ୍ରୀ ।
କଳଧୌତ—ବି. ସ୍ୱର୍ଣ୍ଣ ।
କଳନା—ବି. (କଳ୍-ଅନ-ଆ) ଧାରଣା; ଗଣନା ।
କଳମ—ବି. ଧାନ୍ୟବିଶେଷ; ଲେଖନୀ; ବୃକ୍ଷଶାଖାକୁ ଉପାୟଦ୍ୱାରା ଉତ୍ପନ୍ନ ଛୋଟ ଛୋଟ ବୃକ୍ଷ ।
କଳମ୍ବ—ବି. ଶର ।
କଳବଳ—ବିଂ. ଯନ୍ତ୍ରଣାରେ ଅସ୍ଥିର ।

କଳଶ, କଳସ—ବି. (କ-ଲସ୍-ଅ) ଘଟ, ଗଗ୍ର ।
କଳହ—ବି. କନ୍ଦଳ; ବିବାଦ ।
କଳହଂସ—ବି. ରାଜହଂସ ।
କଳା—ବି. (କଳ୍-ଅ) ଚନ୍ଦ୍ରର ଷୋଡ଼ଶଭାଗ; ନୃତ୍ୟ ଗୀତ ଚିତ୍ରାଦି ବିଦ୍ୟା; ସମୟର ଅଂଶ-ବିଶେଷ ।
କଳା—ବିଂ. (କାଳଶବ୍ଦରୁ) କୃଷ୍ଣବର୍ଣ୍ଣ ।
କଳାନିଧି—ବି. ଚନ୍ଦ୍ର ।
କଳାପ—ବି. ସମୂହ; ମୟୂରପୁଚ୍ଛ ।
କଳାପୀ—ବି. (କଳାପ-ଇନ୍) ମୟୂର; କୋକିଳ ।
କଳାବାନ୍—ବିଂ. (କଳା-ବତ୍) ଗୀତାଦି କଳା-ବିଦ୍ୟାରେ ନିପୁଣ ।
କଳି—ବି. ୪ର୍ଥ ଯୁଗ; କଳହ; ପୁଷ୍ପକଳି ।
କଳିଅରି—ବି. ଚାତକପକ୍ଷୀ ।
କଳିକା—ବି. କୋରକ; କଢ଼ ।
କଳିଙ୍ଗ—ବି. ଦେଶବିଶେଷ ।
କଳିଜା—ବି. ହୃତ୍‌ପିଣ୍ଡ ।
କଳିତ—ବିଂ. (କଳ୍-ତ) ଯୁକ୍ତ; ଗଣିତ ।
କଳିନ୍ଦ—ବି. ପର୍ବତବିଶେଷ ।
କଳିନ୍ଦନନ୍ଦିନୀ—ବି. ଯମୁନାନଦୀ; କାଳିନ୍ଦୀ ।
କଳୁଷ—ବି. ଦୋଷ; ପାପ ।
କଳୁଷିତ—ବିଂ. ଦୂଷିତ; ପାପଯୁକ୍ତ ।
କଳେବର—ବି. ଶରୀର; ଦେହ ।
କଳ୍କ—ବି. ତୈଳାଦି ପାକରେ ଦେବା ଔଷଧଦ୍ରବ୍ୟ ।
କଳ୍କୀ—ବି. ବିଷ୍ଣୁଙ୍କର ଦଶମ ଅବତାର ।

କଳ୍ପ-ବି. (କୢପ୍-ଅ) ବେଦାଙ୍ଗ ଗ୍ରନ୍ଥବିଶେଷ; ଏକସହସ୍ର ଯୁଗ; ଅନୁଷ୍ଠାନ; ସଦୃଶାର୍ଥେ ଯୁକ୍ତ-ବାଚକ।

କଳ୍ପତରୁ-ବି. ଅଭୀଷ୍ଟ ଫଳପ୍ରଦ ସ୍ୱର୍ଗୀୟ ବୃକ୍ଷ।

କଳ୍ପନା-ବି. ( କୢପ୍-ଅନ-ଆ ) ଉଦ୍ଭାବନା; ଉଦ୍ଭାବନାଶକ୍ତି। [କାଳ।

କଳ୍ପାନ୍ତ-ବି. (କଳ୍ପ-ଅନ୍ତ) ପ୍ରଳୟ; ପ୍ରଳୟ-

କଳ୍ପିତ-ବି୦. (କୢପ୍-ତ) ଉଦ୍ଭାବିତ; ରଚିତ; ମନଗଢ଼ା।

କଳୁଷ-ବି. ପାପ। [ବି୦. [illegible]।

କଳି-ବି. ଯୁଗବିଶେଷ; କଳହ; ଅପବାଦ;

କଲ୍ୟାଣ-ବି. (କଲ୍ୟ-ଅଣ୍-ଅ) ମଙ୍ଗଳ।

କଲ୍ଲୋଳ-ବି. ମହାତରଙ୍ଗ; ଆନନ୍ଦ।

କଲ୍ଲୋଳିନୀ-ବି. ତରଙ୍ଗିଣୀ; ନଦୀ।

କବଚ-ବି. ସାଞ୍ଜୁ, ବର୍ମ୍ମ; ମନ୍ତ୍ରବିଶେଷ।

କବର-ବି. ଭୂଗର୍ଭରେ ମୃତଦେହର ନିଧାନ।

କବରୀ-ବି. କେଶପାଶ, ଚୂଡ଼ା।

କବଳ-ବି. ଗ୍ରାସ।

କବଳିତ-ବି୦. ଗ୍ରସ୍ତ; ଭକ୍ଷିତ।

କବି-ବି. (କବ୍-ଇ) କାବ୍ୟକର୍ତ୍ତା; ଶୁକ୍ରାଚାର୍ଯ୍ୟ।

କବି-ତା-ବି. କାବ୍ୟ।

କବୋଷ୍ଣ-ବି୦. (କୁ-ଉଷ୍ଣ) ଈଷତ୍ ଉଷ୍ଣ।

କବ୍ୟ-ବି. ପିତୃଲୋକଙ୍କ ଉଦ୍ଦେଶେ ଦେୟ ଖାଦ୍ୟ।

କଶା-ବି. ଚାବୁକ।

କଶେରୁ-ବି. ପୃଷ୍ଠର ଅସ୍ଥି।

କଶ୍ୟପ-ବି. ମୁନିବିଶେଷ।

କଷ-ବି. (କଷ୍-ଅ) କଷ୍ଟିପଥର; ଘାଉ।

କଷଣ-ବି. (କଷ୍-ଅନ) ଘର୍ଷଣ; ଦୁଃଖ।

କଷା-ବି. (କଶାଶବ୍ଦଜ) କଷାଘାତ।

କଷାୟ-ବି. ରସବିଶେଷ; ବୃକ୍ଷର ନିର୍ଯ୍ୟାସ। ବି୦. ଅନୁଜ୍ଜ୍ୱଳ ରକ୍ତବର୍ଣ୍ଣ; ଗେରୁଆ।

କଷାୟିତ-ବି୦. (କଷାୟ-ଇତ) କଷାୟରଞ୍ଜିତ।

କଷିତ-ବି୦. ପରୀକ୍ଷିତ। [ଚାଖିବା।

କଷିବା-କ୍ରି୦. ପରୀକ୍ଷା କରିବା; ଦୃଢ଼ଭାବେ

କଷ୍ଟ-ବି. (କଷ୍-ତ) କ୍ଲେଶ; ବି୦. ଦୁଃଖଜନକ।

କଷ୍ଟି-ବି. (କଷ୍-ତି) କଷ୍ଟିପଥର।

କସ୍ତୁରୀ-ବି. ମୃଗନାଭି। [ଦୋଷଯୁକ୍ତ।

କହୁଣୀ-ବି. (କଫୋଣିଶବ୍ଦଜ) ବାହୁ ଓ ହସ୍ତର

କଙ୍କାରି-ବି. [illegible]।

କାଂସ୍ୟ-ବି. କଂସା (ତମ୍ବା ଓ ରଙ୍ଗମିଶ୍ରିତ ଧାତୁ)।

କାଛି, କୁଟା-ବି. କାଛ, ଧାଡ଼ି।

କାକତାଳୀୟ-ବି୦. ଅକସ୍ମାତ୍ ଘଟିତ।

କାକପକ୍ଷ-ବି. ଛତ୍ରିଶ୍ ବାଳକର ମୁଣ୍ଡର ଦୁଇ-ପାଖରେ ଥିବା କେଶ।

କାକବନ୍ଧ୍ୟା-ବି. (କାକ-ବନ୍ଧ୍ୟା) ଯେଉଁ ସ୍ତ୍ରୀ କାକ-ପରି ଏକମାତ୍ର ସନ୍ତାନ ପ୍ରସବ କରେ।

କାକଳି-ବି. ଗିଟିରି। [ମଧୁରଧ୍ୱନି।

କାକଳୀ-ବି. (କୁ-କଲ୍-ଇ) ଅସ୍ପଷ୍ଟ ମଧୁର

କାକତୁଆ-ବି. ପକ୍ଷୀବିଶେଷ।

କାକୁ-ବି. କରୁଣ ଶବ୍ଦ; ବକ୍ରୋକ୍ତି।

କାକୁତ୍ସ୍ଥ-ବି. (କକୁତ୍-ସ୍ଥା-ଅ) ରାମଚନ୍ଦ୍ର ପ୍ରଭୃତି ସୂର୍ଯ୍ୟବଂଶୀୟ ରାଜା।

କାକୋଦର—ବି. ସର୍ପ ।

କାଙ୍କ—ବି. ମାଟି ଖୋଳିବାର ଅସ୍ତ୍ର ।

କାଙ୍କ୍ଷା—ବି. (କାଙ୍କ୍ଷ୍-ଅ) ଅଭିଳାଷ; ବାଞ୍ଛା ।

କାଙ୍କ୍ଷିତ—ବି. (କାଙ୍କ୍ଷ୍-ତ) ଅଭିଳଷିତ ।

କାଗଜ—ବି. ତୃଣାଦି ନିର୍ମିତ ପଦାର୍ଥ ଯାହା ଉପରେ କାଳିରେ ଲେଖାଯାଏ ।

କାଗଜି—ବି. ଏକଜାତୀୟ ଲେମ୍ବୁ ।

କାଙ୍ଗାଳ, କାଙ୍ଗାଳୀ—ବି. ଦୁଃଖୀ ।

କାଚ—ବି. ସ୍ୱଚ୍ଛ ଭଙ୍ଗୁର ଉଜ୍ଜ୍ୱଳବର୍ଣ୍ଣ ପଦାର୍ଥ ।

କାଚିବା—କ୍ରି. ଧୋଇବା ।

କାଞ୍ଚନ—ବି. (କଞ୍ଚ୍-ଅନ) ସୁବର୍ଣ୍ଣ; ବୃକ୍ଷବିଶେଷ ।

କାଞ୍ଚୀ—ବି. ମେଖଳା, କଟିଭୂଷଣ ।

କାଜି—ବି. ମୁସଲମାନ ବିଚାରକ ।

କାଞ୍ଜୀ—ବି. ପର୍ଯ୍ୟୁଷିତ ଅନ୍ନର ଅମ୍ଳଜଳ ।

କାଟିବା—କ୍ରି. ଛେଦନ କରିବା ।

କାଠ—ବି. (କାଷ୍ଠ ଶବ୍ଦରୁ) ଦାରୁ; ଇନ୍ଧନ ।

କାଣ—ବି. ଏକଚକ୍ଷୁ ।

କାଣ୍ଡ—ବି. ଗଛର ଗଣ୍ଡି; ପୁସ୍ତକର ଅଧ୍ୟାୟ; ବାଣ; ଶର ।

କାଣ୍ଡ-ଜ୍ଞାନ—ବି. ସ୍ଥୂଳଜ୍ଞାନ; ପ୍ରକରଣବୋଧ ।

କାତର—ବି. ବ୍ୟାକୁଳ; ଦୁଃଖିତ; ଭୀତ ।

କାତର୍ଯ୍ୟ—ବି. କାତରତା ।

କାଦ—ବି. ମସ୍ୟର ବା ସର୍ପର ଶବ୍ଦ; ଧ୍ୱନି ।

କାତ୍ୟାୟନୀ—ବି. ଦୁର୍ଗା ।

କାଦମ୍ବ—ବି. ଏକପ୍ରକାର ହଂସ; କାଦମ୍ବ ପକ୍ଷୀ ।

କାଦମ୍ବିନୀ—ବି. ମେଘମାଳା ।

କାନ୍ଦୁଅ—ବି. (କର୍ଦ୍ଦମଶବ୍ଦଜ) ପଙ୍କ ।

କାନି—ବି (କର୍ଣ୍ଣଶବ୍ଦଜ) ବସ୍ତ୍ରଖଣ୍ଡ ।

କାନନ—ବି. ବନ ।                [କାଭ !

କାନୀନ—ବି. (କନ୍ୟା-ଈନ) କୁମାରୀଗର୍ଭଜ ।

କାନ୍ତ—ବି. (କମ୍-ତ) ମନୋହର; ପ୍ରିୟ; ବି. ସ୍ୱାମୀ ।

କାନ୍ତା—ବି. ପ୍ରିୟା, ପତ୍ନୀ ।

କାନ୍ତାର—ବି. ଗହନବନ ।

କାନ୍ତି—ବି. (କମ୍-ତି) ଦୀପ୍ତି; ଶୋଭା ।

କାନ୍ୟକୁବ୍ଜ—ବି. କନୌଜ ପ୍ରଦେଶ ।

କାନ୍ଦିବା—କ୍ରି. (କ୍ରନ୍ଦଧାତୁରୁ) ରୋଦନ କରିବା ।

କାପ—ବି. ବର୍ଣ୍ଣୋଚ୍ଚାରଣଦୋଷ ।

କାପଟ୍ୟ—ବି. (କପଟ-ଯ) କପଟତା ।

କାପଡ଼—ବି. (କର୍ପଟଶବ୍ଦଜ) ବସ୍ତ୍ର; ଲୁଗା ।

କାପୁରୁଷ—ବି. (କୁ-ପୁରୁଷ) ନିନ୍ଦନୀୟ ଲୋକ; ଭୀରୁ ଲୋକ ।

କାପେଡ଼ୀ—ବି. ଭିକ୍ଷାବ୍ୟବସାୟୀ ।

କାମ—ବି. କନ୍ଦର୍ପ; କାମନା ।

କାମଚାରୀ—ବି. (କାମ-ଚର୍-ଇନ୍) ସ୍ୱେଚ୍ଛାଚାରୀ ।

କାମଦୁଘା—ବି. (କାମ-ଦୁହ୍-ଅ) କାମଧେନୁ ।

କାମଧେନୁ—ବି. ଅଭୀଷ୍ଟଦାୟିନୀ ଧେନୁ ।

କାମପାଳ—ବି. ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମ ।

କାମ-ରୂପ—ବି. ଦେଶବିଶେଷ ।

କାମ-ରୂପ, କାମ-ରୂପୀ—ବି. ସ୍ୱେଚ୍ଛାନୁରୂପ ଧାରଣକାରୀ ।

କାମଳ—ବି. ରୋଗବିଶେଷ ।
କାମିନୀ—ବି. (କମ୍-ଣିନ୍-ଈ) ନାରୀ ।
କାମୀ—ବିଣ. (କାମ-ଇନ୍) କାମୁକ ।
କାମୁକ—ବିଣ. (କମ୍-ଉକ) କାମାତୁର ।
କାମ୍ନି—ବିଣ. ଲବଣ (ଗ୍ରାମ୍ୟପ୍ରୟୋଗ) ।
କାମ୍ବୋଜ—ବି. ଦେଶ ବିଶେଷ ।
କାମ୍ୟ—ବିଣ. (କମ୍-ଯ) ଅଭିଳଷଣୀୟ ।
କାୟ—ବି. ଦେହ ।
କାୟା—ବି. (କାୟଶବ୍ଦ) ଦେହ ।
କାୟସ୍ଥ—ବି. (କାୟ-ସ୍ଥା-ଅ) ଜାତିବିଶେଷ ।
କାୟିକ—ବିଣ. (କାୟ-ଇକ) ଦୈହିକ ।
କାରକ—ବିଣ. (କୃ-ଅକ) କର୍ମ-କର୍ତ୍ତା ; ବ୍ୟାକରଣର ବର୍ଣ୍ଣପଦ କାରକ ।
କାରଣ—ବି. (କୃ-ଣିଚ୍-ଅନ) ହେତୁ; ନିମିତ୍ତ ।
କାରଣ୍ଡବ—ବି. ହଂସବିଶେଷ । [କରାଏ ।
କାରୟିତା—ବି. (କୃ-ଣିଚ୍-ତୃ) ଯେ ଅନ୍ୟଦ୍ୱାରା
କାରବାର—ବି. (ପାର୍ଶୀ) ବ୍ୟବସାୟ ।
କାରା—ବି. ବନ୍ଦୀଶାଳା ।
କାରାଗାର—ବି. (କାରା-ଅଗାର) ବନ୍ଦୀଗୃହ ।
କାରି }
କାରୀ } ବିଣ. ଯେ କରେ ।
କାରିଗର—ବି. (କାର୍ଯ୍ୟକରଣଶୀଳ) ଶିଳ୍ପୀ ।
କାରୁ—ବି. (କୃ-ଉ) ଶିଳ୍ପୀ ।
କାରୁଣିକ—ବିଣ. (କରୁଣା-ଇକ) ଦୟାଳୁ ।
କାରୁଣ୍ୟ—ବି. (କରୁଣା-ଯ) ଦୟା; କରୁଣା ।

କାର୍କଶ୍ୟ—ବି. (କର୍କଶ-ଯ) କଠିନତା ।
କାର୍ତ୍ତିକ—ବି. (କୃତ୍ତିକା-ଅ) କାର୍ତ୍ତିକେୟ ; ମାସ ବିଶେଷ । [ପତି ।
କାର୍ତ୍ତିକେୟ—ବି. (କୃତ୍ତିକା-ଏୟ) ଦେବ ସେନା-
କାର୍ପଣ୍ୟ—ବି. (କୃପଣ-ଯ) କୃପଣତା; ଦରିଦ୍ରତା ।
କାର୍ପାସ—ବି. କପା; ତୂଳା ।
କାର୍ମ୍ମୁକ—ବି. (କର୍ମ୍ମନ୍-ଉକ) ଧନୁ ।
କାର୍ଯ୍ୟୀ—ବି. (କାର୍ଯ୍ୟ ଶବ୍ଦ) କର୍ମଯୁକ୍ତ ।
କାର୍ଯ୍ୟ—ବି. (କୃ-ଯ) କର୍ମ; ପ୍ରୟୋଜନ । ବିଣ. କର୍ତ୍ତବ୍ୟ ।
କାର୍ଯ୍ୟାଳୟ—ବି. କର୍ମସ୍ଥାନ ।
କାର୍ଶ୍ୟ—ବି. (କୃଶ-ଯ) କୃଶତା; କ୍ଷୀଣତା ।
କାର୍ଷାପଣ—ବି. କାହାଣ । [ବର୍ଣ୍ଣ ।
କାଳ—ବି. (କଳ-ଅ) ସମୟ; ମୃତ୍ୟୁ । ବିଣ. କୃଷ୍ଣ-
କାଳ-କୂଟ—ବି. ଗରଳ ; ବିଷ ।
କାଳ-କ୍ଷେପ—ବି. ସମୟ ଯାପନ ।
କାଳ-ଗ୍ରାସ—ବି. ମୃତ୍ୟୁ ।
କାଳ-ଚକ୍ର—ବି. କାଳେମାସକ୍ଷଣର ବର୍ତ୍ତନ ।
କାଳ-ପୁରୁଷ—ବି. ଯମଦୂତ; ମୃଗଶୀରାର ନକ୍ଷତ୍ର-ପୁଞ୍ଜ ।
କାଳ-ବେଳା—ବି. ଦିନର ଅଶୁଭଦଣ୍ଡ ।
କାଳି }
କାଳୀ } ବି. (କୃଷ୍ଣବର୍ଣ୍ଣ) ଦେବୀ, ବିଣ. ଅତି ଶ୍ୟାମଳ ।
କାଳାନ୍ତର—ବି. (କାଳ-ଅନ୍ତର) ସମୟାନ୍ତର ; ଅନ୍ୟସମୟ ।
କାଳି—ବି. (କାଳଶବ୍ଦ) ମସୀ; କଜ୍ଜଳ ।

କାଳିକା-ବି. ଚଣ୍ଡୀଦେବୀ; ମେଘାବଳୀ।
କାଳିନ୍ଦୀ-ବି. (କଳିନ୍ଦ-ଅ-ଈ) ଯମୁନାନଦୀ।
କାଳିମା-ବି.(କାଳ-ଇମନ୍) କୃଷ୍ଣତା; ମଳିନତା।
କାଳୀ-ବି. କାଳିକା ଦେବୀ।
କାଳୀୟ-ବି. (କାଳ-ଈୟ) ସର୍ପବିଶେଷ।
କାଲୁଣୀ-ବି. (କାଲୁ-ଉଣୀ) କଲୁର ସ୍ତ୍ରୀ।
କାଲି-ଅ. ଯଦି; କୌଣସି ସମୟରେ।
କାଲ୍ପନିକ-ବି. ( କଳ୍ପନା-ଇକ ) କଳ୍ପନାରୁ ଉତ୍ପନ୍ନ; ଅବାସ୍ତବ।
କାବା-ବି. ହତବୁଦ୍ଧି।
କାବେରୀ-ବି. ନଦୀବିଶେଷ। [ଶୁକ୍ରାଚାର୍ଯ୍ୟ।
କାବ୍ୟ-ବି. (କବି-ଯ) କବିତା; ଶ୍ଳୋକାବଳୀ;
କାଶି-ବି. ରୋଗବିଶେଷ; ତୃଣବିଶେଷ।
କାଶୀ-ବି. (କାଶ-ଈ) ବାରାଣସୀ।
କାଶ୍ମୀର-ବି. ଦେଶବିଶେଷ।
କାଶ୍ମୀରଜ-ବି. କୁଙ୍କୁମ।
କାଶ୍ୟପ-ବି. ମୁନିବିଶେଷ।
କାଷାୟ-ବି. (କଷାୟ-ଅ) କଷାୟରଞ୍ଜିତ ବସ୍ତ୍ର।
କାଷ୍ଠ-ବି. କାଠ।
କାଷ୍ଠା-ବି. ସୀମା; ସମୟର ସୂକ୍ଷ୍ମ ଅଂଶ।
କାସାର-ବି. (କ-ଆ-ସୃ-ଅ) ବୃହତ୍ ସରୋବର।
କାହା-ସର୍ବ.(କିମ୍ ଶବ୍ଦଜ)କେଉଁ; କିସ: କାହାର।
କାହାଣ-ବି. (କାର୍ଷାପଣ ଶବ୍ଦଜ) ଷୋଳପଣ।
କାହାଣି-ବି. (କଥାନିକା ଶବ୍ଦଜ) ଗଳ୍ପ।
କାହାର } ସର୍ବ. (କିମ୍ ଶବ୍ଦଜ) କେଉଁ ବ୍ୟକ୍ତିର।
କାହାରୁ }

କାହାରିକି-ସର୍ବ. (କିମ୍ ଶବ୍ଦଜ) କାହାକୁ।
କାହାଳି-ବି. ବାଦ୍ୟବିଶେଷ।
କାହିଁ-ଅ. (କୁତ୍ର ଶବ୍ଦଜ) କେଉଁଠାରେ।
କାହିଁକି-ଅ. କାହେତୁକୁ।
କାହୁଁ-ଅ. କେଉଁଠାରୁ।
କାହ୍ନୁ-ବି. (କୃଷ୍ଣ ଶବ୍ଦଜ) ଶ୍ରୀକୃଷ୍ଣ।
କି-ସର୍ବ. (କିମ୍ ଶବ୍ଦଜ) କଅଣ; ଅ. କିମ୍ବା।
କିଆଁ-ସର୍ବ. (କିମ୍ ଶବ୍ଦଜ) କାହିଁକି।
କିଆ-ବି. ( କେତକ ଶବ୍ଦଜ ) ବୃକ୍ଷବିଶେଷ ଓ ଓ ତାହାର ଫୁଲ।
କିଆରି-ବି. (କେଦାର ଶବ୍ଦଜ) ଧାନକ୍ଷେତ୍ର।
କିଏ-ସର୍ବ (କିମ୍ ଶବ୍ଦଜ) କେଉଁ ବ୍ୟକ୍ତି।
କିଛି-ସର୍ବ. (କିଞ୍ଚିତ୍ ଶବ୍ଦଜ) କିଞ୍ଚିତ୍।
କିଟା-ବି. କମିର ଏକଖଣ୍ଡ।
କିଡାପ-ବି. ଧୁସ୍ତୁର।
କିନାରି-ବି. ଧାର; ପାର୍ଶ୍ୱ; ବସ୍ତ୍ରର ଧଡି।
କିଙ୍କର-ବି. (କିମ୍-କୃ-ଅ) ଭୃତ୍ୟ।
କିଙ୍କିଣୀ-ବି. ଘୁଙ୍ଗୁର; କଟିଭୂଷଣ।
କିଞ୍ଚିତ୍-ସର୍ବ. (କିମ୍-ଚିତ୍) ଅଳ୍ପ।
କିନ୍ତୁ-ଅ. (କିମ୍-ତୁ) ପରନ୍ତୁ।
କିଲ୍ବିଷ-ବି. (କିମ୍-ବିଷ) ଦୁଷ୍କୃତ; ସର୍ପର ପାପ।
କିପରି-ଅ. କେମନ୍ତେ।
କିପାଇଁ } ଅ. କାହିଁକି।
କିପାଁ }

କମିଅ–ବି. ମଲ୍ଲପତ୍ର ।
କମ୍ବଳୀ- ବି. (କମ୍-ବଲ୍-ଅଚ୍-ଈ) ଚଉରୀ ।
କମ୍ରା–ସଂ. (କମ୍-ର) ଅଥବା ।
କମ୍ବୁ–ବିଂ. (କମ୍-ବୁ-ଉ) ଶଙ୍ଖ; ବଳୟାକାର ।
କମ୍ଭୀର–ବି. (କୁମ୍ଭୀରଶବ୍ଦଜ) କୁମ୍ଭୀର ।
କାଂଶୁକ–ବି. ଅଗ୍ନିଶସ୍ତ୍ର । [କେତେକ ।
କମ୍ବୁଳି–ବିଂ., ସଂ. ( କମ୍-ଅଚ୍ ) କଣ୍ଠ ;
କିରଣ–ବି. (କୃ-ଅନ) ଅଂଶୁ ।
କିରଣମାଳୀ–ବି. (କିରଣ-ମାଳା-ଇନ୍) ସୂର୍ଯ୍ୟ ।
କିରାତ–ବି. ବ୍ୟାଧ; ଚିରେଇମାରା ।
କିରାନି–ବି. ଯେ ଇଂରେଜୀ ପଢ଼ାଇ ନକଲ କରେ ।
କିରୀଟ–ବି. ମୁକୁଟ ।
କିଳା–ବି. (କୀଳଶବ୍ଦଜ) ଗ୍ରନ୍ଥି; ଖୁଣ୍ଟି ।
କିଳିବା–କ୍ରି. (କୀଳଶବ୍ଦଜ) ବନ୍ଦ କରିବା ।
କିଳିଣି–ବି. କବାଟ ବନ୍ଦ କରିବାର ଖୁଣ୍ଟା ।
କିଲ୍ବିଷ–ବି. ପାପ ।
କିଣ–ବି. ଘଠା ।
କିଶଲୟ–ବି. ନବପଲ୍ଲବ ।
କିଶୋର–ବିଂ. ବାଲ୍ୟଯୌବନାବସ୍ଥା । ବି. ବାଳକ ।
କିସ–ସ୍ବଂ. (କିମ୍‌ଶବ୍ଦଜ) କଅଣ ।
କିସ୍ତି–ବି. ନିର୍ଦ୍ଧାରିତ ସମୟ; ନୌକା ।
କୀଚକ–ବି. ବାଉଁଶ; ବିରାଟରାଜାଙ୍କର ଶଳା ।
କୀଟ–ବି. (କିଟ୍-ଅ) କୃମି; ପୋକ ।
କୀଟାଣୁ–ବି (କୀଟ-ଅଣୁ) ଚକ୍ଷୁର ଅଗୋଚର ଅତି କ୍ଷୁଦ୍ର କୀଟ ।

କୀଦୃକ୍, କୀଦୃଶ–ବିଂ. (କିମ୍-ଦୃଶ୍-କ୍ୱିପ୍, ଅ) କିପ୍ରକାର ।
କୀର–ବି. ଶୁକପକ୍ଷୀ ।
କୀର୍ଣ୍ଣ–ବିଂ. (କୃ-ତ) ବିକ୍ଷିପ୍ତ; ବ୍ୟାପ୍ତ ।
କୀର୍ତ୍ତନ–ବି. (କୃତ୍-ଅନ) ବର୍ଣ୍ଣନ; କଥନ ।
କୀର୍ତ୍ତି–ବି. (କୃତ୍-ତି) ଯଶଃ; ସୁଖ୍ୟାତି ।
କୀର୍ତ୍ତିତ–ବିଂ. (କୃତ୍-ତ) ବର୍ଣ୍ଣିତ; କଥିତ ।
କୀଳନ–ବି. (କୀଲ୍-ଅନ) ବନ୍ଧନକରଣ; ସ୍ତମ୍ଭ-କରଣ ।
କୁ–ଅଂ. ମନ୍ଦ; ବି. ପୃଥିବୀ ।
କୁଅଁ–କ୍ରିଂ.ବି. ସଦ୍ୟୋଜାତ ଶିଶୁର ରୋଦନଧ୍ୱନି ।
କୁଅ–ବି. (କାକଶବ୍ଦଜ) କାକ ।
କୁଅ-ତାଳି–ବି. (କାକତାଳ) ଶୁକେଳାଏ ।
କୁଅପଥର–ବି. (ଗ୍ରା) କଙ୍କର ।
କୁଅଁକୁଅଁ–ବିଂ. ଅସ୍ଥିର; ବ୍ୟତିବ୍ୟସ୍ତ ।
କୁକୁଡ଼ା–ବି. (କୁକ୍କୁଟଶବ୍ଦଜ) କୁକ୍କୁଟ ।
କୁକୁର–ବି. (କୁକ୍କୁରଶବ୍ଦଜ) ଶ୍ୱାନ; କୁତ୍ତା ।
କୁକ୍କୁଟ–ବି. କୁକୁଡ଼ା ।
କୁକ୍ଷି–ବି. ଗର୍ଭ; ଉଦରଦେଶର ।
କୁଙ୍କୁଡ଼ିବା–କ୍ରି. (କୁଞ୍ଚ୍ ବା କୁଣ୍ଠଧାତୁ) ସଙ୍କୁଚିତ ହେବା ।
କୁଙ୍କୁମ–ବି. ଗନ୍ଧଦ୍ରବ୍ୟବିଶେଷ ।
କୁଚ–ବି. (କୁଚ୍-ଅ) ସ୍ତ୍ରୀଲୋକର ସ୍ତନ; ପଯୋଧର
କୁଚକି–ବି. (କୁ-ଚକ୍ର) ଚକ୍ରାନ୍ତ, କୁମନ୍ତ୍ରଣା ।
କୁଜ–ବି. (କୁ-ଜନ୍-ଅ) ମଙ୍ଗଳ ଗ୍ରହ ।

କୁଜ—ବି. (କୁବ୍ଜ ଶବ୍ଦଜ) ବକ୍ରପୃଷ୍ଠ । [ବଙ୍କ ।
କୁଜା—ବି. (କୁବ୍ଜଶବ୍ଦଜ) ବଙ୍କ; ଯାହାର ପୃଷ୍ଠ
କୁଜି—ବି. ଶାକ (ଯଥା କୁଜିଶାକ) ।
କୁଞ୍ଚିକା } ବି. (କୁ-ଞ୍ଚ-ଇ-କ-ଆ) କୁଞ୍ଚିକା ।
କୁଞ୍ଚ—ବି. (କୁଞ୍ଚ୍ ଧାତୁଜ) ବସ୍ତ୍ରର ଫେର ।
କୁଞ୍ଚକୁଞ୍ଚିଆ—ବି. କୁଞ୍ଚିତ ।
କୁଞ୍ଚା—ବି. ମାରିବାର ଶାଖବିଶେଷ ।
କୁଞ୍ଚାଇବା—କ୍ରି. କୁଞ୍ଚିତ କରିବା ।
କୁଞ୍ଚିତ—ବି. (କୁଞ୍ଚ-ତ) ବକ୍ରୀଭୂତ; ଜଡ଼ୀଭୂତ ।
କୁଞ୍ଚିବା—କ୍ରି. ବସ୍ତ୍ରର ଫେର ସଜାଡ଼ିବା ।
କୁଞ୍ଚୀ—ବି. ଋଦ; କୋଲପକାଠି ।
କୁଞ୍ଜ—ବି. ଲତାଗୃହ ।
କୁଞ୍ଜର—ବି. ହସ୍ତୀ ।
କୁଟ—ବି. ଦୁର୍ଗ; ପର୍ବତ ।
କୁଟଙ୍କ—ବି. ଚିଲମଞ୍ଚିକା, ପିଣ୍ଡାକୋଠରି ।
କୁଟା—ବି. ଶୁଖିଲା ଡାଳ । ବି. ଛେଦ ।
କୁଟିବା—କ୍ରି. ପ୍ରହାର କରିବା; ଛେଚିବା ।
କୁଟିଳ—ବି. ବକ୍ର; କପଟଯୁକ୍ତ ।
କୁଟୀର—ବି. ପର୍ଣ୍ଣଶାଳା; ସାନଘର ।
କୁଟ୍ଟନୀ—ବି. (କୁଟ୍ଟନ ଶବ୍ଦଜ) ସ୍ତ୍ରୀ ପୁରୁଷଙ୍କର ବଂଶପର ସହାୟ ପ୍ରବର୍ତ୍ତକ । [ସ୍ତ୍ରୀ ।
କୁଟ୍ଟିନୀ—ବି. ସ୍ତ୍ରୀ ପୁରୁଷଙ୍କର ବଂଶପର ସହାୟ ।
କୁଟ୍ଟୁମ୍ବିନୀ—ବି. ଯେ ସ୍ତ୍ରୀ ଧାନ କୁଟେ ।
କୁଟ୍ଟିମ—ବି. ଘରବାରନର୍ଦ୍ଦ ।
କୁଟ୍ମଳ—ବି. ମୁକୁଳ; ଫୁଲକଢ଼ି ।
କୁଠାରି—ବି. କୁରାଡ଼ି; ଟାଙ୍ଗିଆ ।
କୁଡ଼ିଆ—ବି. (କୁଟୀର ଶବ୍ଦଜ) ସାନକୁଡ଼ିଆଘର ।
କୁଡ଼ି—ବି. (କୁଣ୍ଡଶବ୍ଦଜ) ଅର୍ଥପଦବିଶେଷ; ପଣ୍ଡି ବା ପଦ ।
କୁଡ଼ାଇବା—କ୍ରି. ଗଦା କରିବା ।
କୁଣିଆ—ବି. ଅତିଥି, ବନ୍ଧୁ ।
କୁଣ୍ଠ, କୁଣ୍ଠିତ—ବି. ସଙ୍କୁଚିତ; ଜଡ଼ ।
କୁଣ୍ଡ—ବି. ଜଳାଶୟ ।
କୁଣ୍ଡଳ—ବି. ଦୋହଲିବାର ବେଷ୍ଟନ; କର୍ଣ୍ଣଭୂଷଣ ।
କୁଣ୍ଡିଆ—ବି. ସର୍ପବିଶେଷ ।
କୁଣ୍ଡେଇବା—କ୍ରି. (କଣ୍ଡୂୟନ ଶବ୍ଦଜ) ନଖରେ ଖଞ୍ଚୁଡ଼ିବା; ପାଣିଅରେ କେଶ ପ୍ରକ୍ଷାଳନ କରିବା ।
କୁଣ୍ଡୀ—ବି. ବସ୍ତ୍ରାଦିର ବାନ୍ଧୁଣିର ସନ୍ଧାନ ।
କୁଣ୍ଢାଇବା—କ୍ରି. ଆଲିଙ୍ଗନ କରିବା ।
କୁତ—ବି. ଆନୁମାନିକ ମୂଲ୍ୟ ନିରୂପଣ ।
କୁତାପି—ଅ. (କୁତ-ଅପି) କୌଣସିଠାରେ ।
କୁତ୍ସା—ବି. (କୁତ୍ସ୍-ଅ) ନିନ୍ଦା; ଘୃଣା; ଭର୍ତ୍ସନା ।
କୁତ୍ସିତ—ବି. (କୁତ୍ସ୍-ତ) କଦର୍ଯ୍ୟ; ଜଘନ୍ୟ ।
କୁଦ—ବି. (କୂର୍ଦ୍ଦ ଧାତୁଜ) ଢିପ; ଟିପି ।
କୁଦିବା—କ୍ରି. ଡେଇଁବା ।
କୁଦାଳ—ବି. କୋଦାଳ; କୋଡ଼ି ।
କୁନ୍ତ—ବି. ଭଲ୍ଲ; ବର୍ଚ୍ଛା ।
କୁନ୍ତଳ—ବି. କେଶ ।
କୁନ୍ତୀ—ବି. ପାଣ୍ଡବମାନଙ୍କର ଜନନୀ ।

କୁଣ୍ଠାଇବା—କ୍ରି. (କୁଣ୍ଠ ଶବ୍ଦଜ) କୁଣ୍ଠିତ କରିବା ।

କୁନି—ବି. କ୍ଷୁଦ୍ର ବିଶେଷ ।

କୁନ୍ଦନ } ବି. ଚିକ୍କଣ କରିବା ଯନ୍ତ୍ର; ସ୍ୱର୍ଣ୍ଣ ଅଳ-
କୁନ୍ଦ } ଙ୍କାରରେ ପ୍ରସ୍ତର ବସାଇବା କାମ ।

କୁନ୍ଦିବା—କ୍ରି. ଯନ୍ତ୍ରରେ ଚିକ୍କଣ କରିବା ।

କୁପିତ—ବିଂ. (କୁପ୍-ତ) କ୍ରୋଧାନ୍ୱିତ ।

କୁବଳୟ—ବି. ନୀଳପଦ୍ମ ।

କୁବେର—ବି. ଯକ୍ଷପତି ।

କୁବ୍ଜ—ବିଂ. କୁଜପୃଷ୍ଠ; କୁଜା ।

କୁମର—ବି. (କୁମାରଶବ୍ଦଜ) ପୁତ୍ର ।

କୁମାର—ବି. କାର୍ତ୍ତିକେୟ; ବାଳକ ।

କୁମୁଦ—ବି. କଇଁଫୁଲ ।

କୁମୁଦିନୀ—ବି. ( କୁମୁଦ-ଇନ୍-ଈ ) କୁମୁଦ-ସମୂହ; କୁମୁଦଲତା ।

କୁମେରୁ—ବି. ପୃଥିବୀର ଦକ୍ଷିଣ କେନ୍ଦ୍ର ।

କୁମ୍ପା—ବି. ତେଲ ରଖିବାର ପାତ୍ର ।

କୁମ୍ଭ—ବି. (କ-ଉମ୍ଭ-ଅ) ଗଜକୁମ୍ଭ; ଘଟ ।

କୁମ୍ଭକ—ବି. ପ୍ରାଣାୟାମ ବିଶେଷ ।

କୁମ୍ଭକର୍ଣ୍ଣ—ବି. ରାବଣାନୁଜ ରାକ୍ଷସ । [କୁମ୍ଭାର ।

କୁମ୍ଭକାର—ବି. (କୁମ୍ଭ-କୃ-ଅ) ଜାତିବିଶେଷ;

କୁମ୍ଭାଣ୍ଡ—ବି. ପକ୍ଷୀବିଶେଷ ।

କୁମ୍ଭାର } ବି. (କୁମ୍ଭକାର ଶବ୍ଦଜ) କୁମ୍ଭକାର-
କୁମ୍ଭାର } ଜାତି ।

କୁମ୍ଭୀପାକ—ବି. ନରକବିଶେଷ ।

କୁମ୍ଭୀର—ବି. ନକ୍ର ।

କୁରଙ୍ଗ—ବି. (କୁ-ରଙ୍ଗ୍-ଅ) ହରିଣ; ମୃଗ ।

କୁରାଢ଼ି—ବି. (କୁଠାରଶବ୍ଦଜ) କୁଠାର; ଟାଙ୍ଗିଆ ।

କୁରୁ—ବି. ଦେଶବିଶେଷ; ରାଜବଂଶବିଶେଷ ।

କୁରୁଳିବା } କ୍ରି. ହର୍ଷରେ ଧ୍ୱନି କରିବା ।
କୁରୁଳିବା }

କୁରୁବକ—ବି. ବୃକ୍ଷବିଶେଷ ।

କୁରୁବିନ୍ଦ—ବି. (କୁରୁ-ବିଦ୍-ଅ) ପଦ୍ମରାଗମଣି ।

କୁର୍ଦ୍ଦ—ବି. ଲମ୍ଫନ ।

କୁଳ—ବି. ବଂଶ; ଗୋତ୍ର ।

କୁଳ-କୁଡ଼ା—ବିଂ. କୁଳଗୌରବ ନାଶକାରୀ ।

କୁଳଟା—ବି. (କୁଳ-ଅଟ୍-ଅ) ଅସତୀ ସ୍ତ୍ରୀ; ଭ୍ରଷ୍ଟା ।

କୁଳା—ବି. (କୁଲ୍ୟକ ଶବ୍ଦଜ) ଧାନ୍ୟାଦି ପାଛୁଡ଼ିବାର ପାତ୍ର । [ଅସାର ବା ଅଧମ ।

କୁଳାଙ୍ଗାର—ବିଂ. ( କୁଳ-ଅଙ୍ଗାର ) କୁଳର

କୁଳାଚାର—ବି. (କୁଳ-ଆଚାର) କୁଳଧର୍ମ ।

କୁଲିଶ୍ୟ—ବି. ଗୋତ୍ର; ଘଣାର ଦଶା ।

କୁଳାଳ—ବି. କୁମ୍ଭକାର ।

କୁଳ } ବି. ସ୍ରୋତରେ ପାଣି ବହି ଯିବାର
କୁଳୁକୁଳୁ } ଶବ୍ଦ ବିଶେଷ ।

କୁଳି—ବି. ମୁଟିଆ ।

କୁଳିଶ—ବି. (କୁଳି-ଶ) ଇନ୍ଦ୍ରର ବଜ୍ର ।

କୁଳୀନ—ବିଂ. (କୁଳ-ଇନ୍) ଉତ୍ତମ କୁଳୋତ୍ପନ୍ନ ।

କୁଳୀର—ବି. କଙ୍କଡ଼ା ।

କୁଶ—ବି. ତୃଣବିଶେଷ ।

କୁଶଳ—ବି. ମଙ୍ଗଳ; କଲ୍ୟାଣ; ନିପୁଣ ।

କୁଣ୍ଡଳୀ-ବିଂ. (କୁଣ୍ଡଳ-ଇନ୍) କୁଣ୍ଡଳଯୁକ୍ତ; କର୍ଣ୍ଣାଭରଣବିଶିଷ୍ଟ ।

କୁଶୀଲବ-ବି. ନଟ; ଚାରଣ ।

କୁଷ୍ଠ-ବି. ମହାବ୍ୟାଧି ।

କୁଷ୍ମାଣ୍ଡ-ବି. ପାଣିକଖାରୁ ।

କୁସୀଦ } କୁଷୀଦ } ବି. (କୁ-ସଦ୍-ଅ) ସୁଧ ।

କୁସୁମ-ବି. ପୁଷ୍ପ ।

କୁସୁମିତ-ବିଂ. (କୁସୁମ-ଇତ) ପୁଷ୍ପିତ ।

କୁସୁମେଷୁ-ବି. (କୁସୁମ-ଇଷୁ) କନ୍ଦର୍ପ ।

କୁହକ } କୁହୁକ } ବି. ଇନ୍ଦ୍ରଜାଲ; ଭେଲ୍କି ।

କୁହରି-ବି. (କୁ-ହୃ-ଅ) ଗହ୍ୱର; କୁହୁଡ଼ି ।

କୁହରିବା-କ୍ରି. କୁହୁକୁହୁଶବ୍ଦ କରିବା ।

କୁହାଟ-ବି. ଉଚ୍ଚନାଦ ।

କୁହାଟିବା-କ୍ରି. ଉଚ୍ଚନାଦ କରିବା ।

କୁହୁ-ବି. ଅମାବାସ୍ୟା; କୋକିଳରବ ।

କୁହୁଳିବା-କ୍ରି. ଅଗ୍ନିଯୋଗେ ଧୂମିତ ହେବା ।

କୁହେଳି-ବି. କୁଜ୍ଝଟି ।

କୂଅ-ବି. (କୂପଶବ୍ଦଜ) କୂପ ।

କୂଜନ-ବି. (କୂଜ୍-ଅନ) ଅବ୍ୟକ୍ତ ଧ୍ୱନି ।

କୂଜିତ-ବି. (କୂଜ୍-ତ) ପକ୍ଷୀର ରବ ।

କୂଟ-ବି. (କୂଟ୍-ଅ) ପର୍ବତର ଶୃଙ୍ଗ; ମାୟା; [କପଟ ।

କୂଟସ୍ଥ-ବିଂ. ଅବିକାରୀ ।

କୂପ-ବି. କୂଅ; ଗର୍ତ୍ତ ।

କୂପ-ମଣ୍ଡୂକ-ବି. ଅଜ୍ଞ ।

କୂର୍ଚ୍ଚିକା-ବି. ତୂଳି ।

କୂର୍ପର-ବି. କହୁଣି; ଆଣ୍ଠୁ ।

କୂର୍ମ୍ମ-ବି. କଚ୍ଛପ ।

କୂଳ-ବି. ତଟ ।

କୃକଳାସ-ବି. ଏଣ୍ଡୁଅ ।

କୃଚ୍ଛ୍ର-ବି. କଷ୍ଟ ।

କୃତ-ବିଂ. (କୃ-ତ) ସମ୍ପାଦିତ ।

କୃତକ-ବିଂ. କୃତ୍ରିମ ।

କୃତକୃତ୍ୟ-ବିଂ. କୃତାର୍ଥ । [କାରୀ ।

କୃତଘ୍ନ-ବିଂ. (କୃତ-ହନ୍-ଅ) ଉପକାରର ଅପ-

କୃତଜ୍ଞ-ବିଂ. (କୃତ-ଜ୍ଞା-ଅ) ଉପକାର ସ୍ମରଣ-
କାରୀ ।

କୃତ-ଦାର-ବିଂ. ବିବାହିତ (ପୁରୁଷ) ।

କୃତାଞ୍ଜଳି-ବିଂ. (କୃତ-ଅଞ୍ଜଳି) ବଦ୍ଧାଞ୍ଜଳି ।

କୃତାନ୍ତ-ବି. (କୃତ-ଅନ୍ତ) ଯମ ।

କୃତାର୍ଥ-ବିଂ. (କୃତ-ଅର୍ଥ) କୃତକାର୍ଯ୍ୟ ।

କୃତି-ବି. (କୃ-ତି) କାର୍ଯ୍ୟ; ରଚନା ।

କୃତିତ୍ୱ-ବି. କୃତକାର୍ଯ୍ୟତା ।

କୃତୀ-ବିଂ. (କୃତ-ଇନ୍) କାର୍ଯ୍ୟକୁଶଳ ।

କୃତ୍ତି-ବି. (କୃତ୍-ତି) ଚର୍ମ ।

କୃତ୍ତିକା-ବି. ତୃତୀୟ ନକ୍ଷତ୍ର ।

କୃତ୍ତି-ବାସ-ବି. ଚର୍ମଧାରୀ; ମହାଦେବ ।

କୃତ୍ରିମ-ବିଂ. (କୃ-ତ୍ରିମ) ମନୁଷ୍ୟକୃତ; କଳ୍ପିତ ।

କୃତ୍ସ୍ନ-ବିଂ. ସକଳ ।

କୃନ୍ତନ-ବି. (କୃତ୍-ଅନ) ଛେଦନ ।

କୃପଣ-ବିଂ. (କୃପ୍-ଅନ) କାପୁରୁଷ; ଦୀନ ।

କୃପା-ବି. (କୃପ୍-ଅ) ଦୟା ।
କୃପାଣୀ-ବି. ଛୁରୀ ।
କୃପାଳୁ-ବିଂ. (କୃପା-ଆଳୁ) ଦୟାଳୁ ।
କୃମି-ବି. କୀଟ ।
କୃଶ-ବିଂ. କ୍ଷୀଣ ।
କୃଶାନୁ-ବି. ଅଗ୍ନି ।
କୃଷକ-ବି. ଚଷା ।
କୃଷି-ବି. (କୃଷ୍-ଇ) ଚାଷବାସ ।
କୃଷୀବଳ-ବି. (କୃଷି-ବଳ) କୃଷକ ।
କୃଷ୍ଟ-ବିଂ. (କୃଷ୍-ତ) ଚଷା ଯାଇଥିବା
କୃଷ୍ଣ-ବି. (କୃଷ୍-ନ) ଶ୍ରୀକୃଷ୍ଣ; ବିଂ. କଳା; ଅନ୍ଧ- [କାରି ।
କୃଷ୍ଣ-ସାର-ବି. ମୃଗ ବିଶେଷ ।
କୃଷ୍ୟ-ବିଂ. (କୃଷ୍-ଯ) କର୍ଷଣଯୋଗ୍ୟ ।
କେଉଟ-ବି. (କୈବର୍ତ୍ତଶବ୍ଦଜ) ଜାତିବିଶେଷ ।
କେଉଁ
କେଉଁଣଠି } (କିମ୍-ଶବ୍ଦଜ) କିଏ; କଣ ।
କେଉଣ
କେକା-ବି. ମୟୂରଧ୍ୱନି ।
କେକୀ-ବି. (କେକା-ଇନ୍) ମୟୂର ।
କେଞ୍ଚିବା-କ୍ରି. କୁଞ୍ଚିହେବା ।
କେଣେ-ଅ. (କିମ୍ଶବ୍ଦଜ) କେଉଁଆଡ଼େ ।
କେତ୍ରୀ-ବି. ପୁଷ୍ପବୃକ୍ଷ ।
କେତକୀ-ବି. ବୃକ୍ଷବିଶେଷ ଓ ତାହାର ଫୁଲ ।
କେତନ-ବି. ଧ୍ୱଜ; ପତାକା; ଚିହ୍ନ; ସ୍ଥାନ ।
କେତୁ-ବି. ଗ୍ରହବିଶେଷ; ପତାକା ।
କେତେ-ଅ. (କତିଶବ୍ଦଜ) କେତେପରିମାଣ ।

କେଦାର-ବି. କ୍ଷେତ୍ର ।
କେନ୍ଦରା-ବି. ବାଦ୍ୟବିଶେଷ ।
କେନ୍ଦୁ-ବି. ବୃକ୍ଷ ଓ ଫଳ ବିଶେଷ ।
କେନ୍ଦୁଅ-ବି. ଏକ ପ୍ରକାର କ୍ଷୁଦ୍ର ଜନ୍ତୁ ।
କେନ୍ଦୁଳି-ବି. (କନ୍ଦଳୀ ଶବ୍ଦଜ) [illegible] ଏକ
ପ୍ରକାର ବୃକ୍ଷ ଓ ତାହାର ଫୁଲ ।
କେନ୍ଦ୍ର-ବି. ଗୋଲକ୍ଷେତ୍ରର ବା ବସ୍ତୁର ମଧ୍ୟବିନ୍ଦୁ ।
କେମନ୍ତ-ଅ. (କିଂ ଓ ମନ୍ତଶବ୍ଦଜ) କିପ୍ରକାର ।
କେମ୍ପା-ବିଂ. ଦନ୍ତ ଯାହାର ବଙ୍କ ।
କେୟୂର-ବି. ବାହୁଭୂଷଣ; ବାହୁଟି; ତାଡ ।
କେରା-ବି. ତୃଣାଦିର ଛୋଟ ଗୁଚ୍ଛ ।
କେଲା-ବି. ଜାତିବିଶେଷ ।
କେଳି-ବି. କ୍ରୀଡ଼ା; କୌତୁକ ।
କେଳିଗୃହ-ବି. (କେଳି-ଗୃହ) କ୍ରୀଡ଼ାଗାର ।
କେବଳ-ବିଂ. ଏକମାତ୍ର; ଶୁଦ୍ଧ ।
କେଶ-ବି. ବାଳ ।
କେଶ-ପାଶ-ବି. କେଶଗୁଚ୍ଛ ।
କେଶର
କେସର } ବି. ପୁଷ୍ପବୃନ୍ତ; ସିଂହାଦିର ଗ୍ରୀବା-
ଦେଶର ବାଳ ।
କେଶରୀ-ବି. (କେଶର-ଇନ୍) ସିଂହ ।
କେଶବ-ବି. ବସ୍ତ୍ର ।  [କୃଷ୍ଣ; ବିଷ୍ଣୁ ।
କେଶବ-ବି. (କ-ଈଶ-ବ) ବା (କେଶ-ବ)
କେସରି-ବିଂ. ହଳଦୀ ।
କେହି
କେହୁ } ସର୍ବ. କୌଣସି ବ୍ୟକ୍ତି ।

କେଡେ—କ୍ରି. ବି. କେତେବାରେ ।
କୈଟଭାରି—ବି. (କୈଟଭ-ଅରି) ନାରାୟଣ; ବିଷ୍ଣୁ ।
କୈତବ—ବି. (କିତବ-ଅ) ଛଳ; କପଟ ।
କୈରବ—ବି. କଇଁଫୁଲ ।
କୈଳାସ—ବି. ପର୍ବତବିଶେଷ ।
କୈବର୍ତ୍ତ—ବି. କେଉଟ ।
କୈବଲ୍ୟ—ବି. (କେବଳ-ଯ) ମୋକ୍ଷ ।
କୈଶୋର—ବି. (କିଶୋର-ଅ) ବାଲ୍ୟକାଳ ।
କୋଇ—ବି. ସୁବର୍ଣ୍ଣାଦି ଅଲଙ୍କାର ପାଣି ।
କୋଇଲା—ବି. (ସଂସ୍କୃତ କୋଲ ଶବ୍ଦ) ଅଙ୍ଗାର ।
କୋଇଲି—ବି. (କୋକିଳ ଶବ୍ଦ) କୋକିଳ ।
କୋକ—ବି. ଚକ୍ରବାକ ।
କୋକନଦ—ବି. ରକ୍ତପଦ୍ମ; ଲାଲକଇଁ ।
କୋକିଳ—ବି. କୋଇଲି; ପିକ ।
କୋଚଲା—ବି. ବୃକ୍ଷବିଶେଷ ଓ ତାହାର ଫଳ ।
କୋଟରି—ବି. ବୃକ୍ଷର କୋରଡ଼ ।
କୋଟି—ବି. ଅଗ୍ରଭାଗ; ଶତଲକ୍ଷ ।
କୋଠ-ଭଣ୍ଡାରି—ବି. ( କୋଷ୍ଠ-ଭାଣ୍ଡାଗାର ) ଧନରଖା ଭଣ୍ଡାର ।
କୋଠରି—ବି. ଘରକୋଣ ।
କୋଠା—ବି. ଅଟ୍ଟାଳିକା । [ଘର ।
କୋଡ଼ି—ବି. (କୋଷ୍ଠଶବ୍ଦ) ଅମାର; ଗୃହ-
କୋଡ଼ି—ବି. ମାଟି ଖୋଳିବା ଅସ୍ତ୍ର ।
କୋଡ଼ିବା—କ୍ରି. ମାଟି ଖୋଳିବା ।
କୋଡ଼—ବି. (କ୍ରୋଡ଼ଶବ୍ଦ) କୁକ୍ଷିଦେଶ ।
କୋଣ—ବି. ଘରାଦିର କଡ଼; ଦୁଇରେଖାର ସନ୍ଧିସ୍ଥଳ ।

କୋଡ଼ିଏ—ବି. ମଳିନ ।
କୋଥଳି—ବି. ଥଳି ।
କୋଦଣ୍ଡ—ବି. ଧନୁ ।
କୋଦା—ବି. ମୋଟା ।
କୋପ—ବି. (କୁପ୍-ଅ) କ୍ରୋଧ ।
କୋପନ—ବି. (କୁପ୍-ଅନ) କ୍ରୁଦ୍ଧ ।
କୋମଳ—ବି. କୋମଳ; ସୁକୁମାର ।
କୋସ୍ତୁରି—ବି. କସ୍ତୁରୀ ।
କୋରକ—ବି. କଳି; ମୁକୁଳ । [କୋରଡ଼ ।
କୋରଡ଼—ବି. ( କୋଟରଶବ୍ଦ ) ବୃକ୍ଷର
କୋରଡ଼ା—ବି. ଚାବୁକ ।
କୋଲି—ବି. କୋଳ । [ଖାଦ୍ୟ; ଗୋଲମାଳ ।
କୋଲାହଳ—ବି. (କୋଲ-ଆ-ହଳ୍-ଅ) କଳକଳ
କୋବିଦ—ବି. ପଣ୍ଡିତ; ଜ୍ଞାନୀ ।
କୋଶ—ବି. ଖଡ୍ଗର ଖୋଳ; ଫଳବୀଜାଦିର ଘର ।
କୋଶ—ବି. (କ୍ରୋଶଶବ୍ଦ) ୮୦୦୦ ହାତ ପରିମାଣ ।
କୋଷ—ବି. ଭଣ୍ଡାର; ଅଭିଧାନ ।
କୋଷ୍ଠ—ବି. ଉଦର; ଅନ୍ତଃପୁର ।
କୋଷ୍ଠୀ—ବି. ଜନ୍ମପତ୍ରିକା ।
କୋଷ୍ଣ—ବି. (କୁ-ଉଷ୍ଣ) ଈଷଦୁଷ୍ଣ ।
କୋହ—ବି. (କୋପଶବ୍ଦ) ମନର ବେଦନା ।
କୋହଳ—ବି. (କୋମଳଶବ୍ଦ) ନରମ ।
କୌତୁକ—ବି. (କୁତୁକ-ଅ) କୁତୂହଳ; ହର୍ଷ ।
କୌତୂହଳ—ବି. (କୁତୂହଳ-ଅ) ଔତ୍ସୁକ୍ୟ ।
କୌପୀନ—ବି. କୋପୁନି, ଲେଙ୍ଗୁଟି ।

କୌମାର-ବି. (କୁମାର-ଅ) ବାଲ୍ୟକାଳ ।
କୌମୁଦୀ-ବି. ( କୁମୁଦ-ଅ-ଈ ) ଜହ୍ନ ; ଜ୍ୟୋତ୍ସ୍ନା ।
କୌମୋଦକୀ-ବି. ବିଷ୍ଣୁଗଦା ।
କୌରବ-ବି. (କୁରୁ-ଅ) କୁରୁବଂଶୀୟ ।
କୌଳିକ-ବି. (କୁଳ-ଇକ) କୁଳପରମ୍ପରାୟ ।
କୌଶଳ-ବି. (କୁଶଳ-ଅ) ନୈପୁଣ୍ୟ ।
କୌଶଲ୍ୟା-ବି. ଦଶରଥପତ୍ନୀ, ରାମମାତା ।
କୌଶେୟ-ବି. (କୋଷ-ଏୟ) ରେଶମୀ ବସ୍ତ୍ର ।
କୌସ୍ତୁଭ-ବି. ବିଷ୍ଣୁବକ୍ଷମଣି ।
କ୍ରକଚ-ବି. କରତ ।
କ୍ରତୁ-ବି. ଯଜ୍ଞ ।
କ୍ରନ୍ଦନ-ବି. (କ୍ରନ୍ଦ-ଅନ) ରୋଦନ ।
କ୍ରମ-ବି. ପରିପାଟୀ; ନିୟମ; ପାଦକ୍ଷେପ ।
କ୍ରମଶଃ-କ୍ରି. ବି. (କ୍ରମ-ଶସ୍) କ୍ରମେ କ୍ରମେ ।
କ୍ରମିକ-ବିଣ. (କ୍ରମ-ଇକ) କ୍ରମାଗତ ।
କ୍ରମେଲକ-ବି. ଓଟ ।
କ୍ରୟ-ବି. (କ୍ରୀ-ଅ) କିଣିବା ।
କ୍ରବ୍ୟ-ବି. ମାଂସ ।
କ୍ରାନ୍ତ-ବିଣ. (କ୍ରମ-ତ) ଅତିକ୍ରାନ୍ତ ।
କ୍ରାନ୍ତି-ବି. (କ୍ରମ୍-ତି) ଅତିକ୍ରମ; କଳ୍ପିତ ରେଖା;
ବତ୍ସରର ଦୃଶ୍ୟପଥ । [ସ୍ଥାନ ।
କ୍ରିୟା-ବି. (କୃ-ଯ-ଆ) କର୍ମ ; ଧାତୁର ଅର୍ଥ-
କ୍ରୀଡ଼ନକ-ବି. ଖେଳନା ।
କ୍ରୀଡ଼ା-ବି. (କ୍ରୀଡ଼୍-ଅ) ଖେଳ ।
କ୍ରୀତ-ବିଣ. (କ୍ରୀ-ତ) କିଣାଯାଇଥିବା ।

କ୍ରୁଦ୍ଧ-ବିଣ. (କ୍ରୁଧ୍-ତ) କୁପିତ ।
କ୍ରୂର-ବିଣ. ନିର୍ଦ୍ଦୟ ।
କ୍ରେତବ୍ୟ-ବିଣ. (କ୍ରୀ-ତବ୍ୟ) କିଣିବାଯୋଗ୍ୟ ।
କ୍ରେତା-ବି. (କ୍ରୀ-ତୃ) କ୍ରୟକର୍ତ୍ତା ।
କ୍ରେୟ-ବିଣ. (କ୍ରୀ-ଯ) କ୍ରୟଯୋଗ୍ୟ ।
କ୍ରୋଡ଼-ବି. କୋଳ ।
କ୍ରୋଡ଼ପତ୍ର-ବି. ପୁସ୍ତକର ଅତିରିକ୍ତ ପତ୍ର ।
କ୍ରୋଧ-ବି. (କ୍ରୁଧ୍-ଅ) କୋପ । [କୋପନ ।
କ୍ରୋଧୀ-ବିଣ. ( କ୍ରୋଧ-ଇନ୍ ) କୋପଯୁକ୍ତ;
କ୍ରୋଶ-ବି. (କ୍ରୁଶ୍-ଅ) ୮୦୦୦ ହାତ ପରିମାଣ ।
କ୍ରୌଞ୍ଚ-ବି. ବକଜାତୀୟ ପକ୍ଷିବିଶେଷ ।
କ୍ଲମ-ବି. ଶ୍ରମ ।
କ୍ଲାନ୍ତ-ବିଣ. (କ୍ଲମ୍-ତ) ଶ୍ରାନ୍ତ ।
କ୍ଲାନ୍ତି-ବି. (କ୍ଲମ୍-ତି) ଶ୍ରାନ୍ତି; ଶ୍ରମର ଭାବ ।
କ୍ଲିନ୍ନ-ବିଣ. (କ୍ଲିଦ୍-ତ) ଓଦାଯୁକ୍ତ ।
କ୍ଲିଷ୍ଟ-ବିଣ. (କ୍ଲିଶ୍-ତ) କ୍ଲେଶପ୍ରାପ୍ତ ।
କ୍ଲୀବ-ବିଣ. (କ୍ଲୀବ୍-ଅ) ନପୁଂସକ; ଅକ୍ଷମ ।
କ୍ଲେଦ-ବି. (କ୍ଲିଦ୍-ଅ) ଘା ଆଦି ମଳଯୁକ୍ତ ଜଳ ।
କ୍ଲେଶ-ବି. (କ୍ଲିଶ୍-ଅ) କଷ୍ଟ ।
କ୍ୱଚିତ୍-ଅବ୍ୟ. କେତେବେଳେ; କୌଣସିଠାରେ ।
କ୍ୱଣନ, କ୍ୱଣିତ } ବି. (କ୍ୱଣ୍-ଅନ,ତ) ବୀଣାଦିର ଧ୍ୱନି ।
କ୍ୱାଥ-ବି. (କ୍ୱଥ୍-ଅ) ସିଦ୍ଧବସ୍ତୁର ରସ ।
କ୍ଷଣ-ବି. (କ୍ଷଣ୍-ଅ) ଅତିସୂକ୍ଷ୍ମ କାଳ; ଶୁଭକ୍ଷଣ ।
କ୍ଷଣଦା-ବି. ରାତ୍ରି ।

କ୍ଷଣ-ପ୍ରଭା-ବି. ବିଦ୍ୟୁତ୍ ।

କ୍ଷଣିକ-ବିଣ. (କ୍ଷଣ-ଇକ) କ୍ଷଣମାତ୍ରସ୍ଥାୟୀ ।

କ୍ଷତ-ବି. (କ୍ଷଣ୍-ତ) ବ୍ରଣ; ଘା । ବିଣ. ହତ; ବିଦୀର୍ଣ୍ଣ ।

କ୍ଷତି-ବି. (କ୍ଷଣ୍-ତି) ହାନି, ନାଶ ।

କ୍ଷତ୍ର, କ୍ଷତ୍ରିୟ-ବି. (କ୍ଷତ-ତ୍ରୈ-ଡ-ଇୟ) ଦ୍ୱିତୀୟ-ଜାତି ।

କ୍ଷନ୍ତବ୍ୟ-ବିଣ. (କ୍ଷମ୍-ତବ୍ୟ) କ୍ଷମାର ଯୋଗ୍ୟ ।

କ୍ଷପଣକ-ବି. ବୌଦ୍ଧ ସନ୍ନ୍ୟାସୀ ।

କ୍ଷପା-ବି. ରାତ୍ରି ।

କ୍ଷପିତ-ବିଣ. (କ୍ଷପ-ଣିଚ୍-ତ) ନାଶିତ; ଯାପିତ ।

କ୍ଷମ-ବିଣ. (କ୍ଷମ୍-ଅ) ସମର୍ଥ ।

କ୍ଷମତା-ବି. ସାମର୍ଥ୍ୟ ।

କ୍ଷମା-ବି. (କ୍ଷମ୍-ଅ) ଦୋଷମାର୍ଜନା ।

କ୍ଷୟ-ବି. (କ୍ଷି-ଅ) ହ୍ରାସ; ନାଶ; ଯକ୍ଷ୍ମାରୋଗ ।

କ୍ଷୟିତ-ବିଣ. (କ୍ଷି-ଣିଚ୍-ତ) ହ୍ରାସିତ ।

କ୍ଷର-ବିଣ. ନଶ୍ୱର ।

କ୍ଷରଣ-ବି. (କ୍ଷର୍-ଅନ) ଚୁଇବା ।

କ୍ଷରିତ-ବିଣ. ସ୍ରାବିତ ।

କ୍ଷବଥୁ-ବି. ଛିଙ୍କ ।

କ୍ଷାତ୍ର-ବିଣ. (କ୍ଷତ୍ର-ଅ) କ୍ଷତ୍ରିୟସମ୍ବନ୍ଧୀୟ ।

କ୍ଷାନ୍ତ-ବିଣ. (କ୍ଷମ୍-ତ) କ୍ଷମାଶୀଳ; ସହିଷ୍ଣୁ ।

କ୍ଷାନ୍ତି-ବି. (କ୍ଷମ୍-ତି) ସହନ; କ୍ଷମା ।

କ୍ଷାମ-ବିଣ. (କ୍ଷୈ-ତ) କ୍ଷୀଣ ।

କ୍ଷାର-ବି. (କ୍ଷର୍-ଅ) ଲବଣରସ; ଖାର ।

କ୍ଷାଳନ-ବି. (କ୍ଷାଳ୍-ଅନ) ଧୋଇବାକ୍ରିୟା ।

କ୍ଷାଳିତ-ବିଣ. ଧୌତ; ପରିଷ୍କୃତ ।

କ୍ଷିତି-ବି. (କ୍ଷି-ତି) ପୃଥିବୀ । [ଗ୍ରହ ।

କ୍ଷିତିଜ-ବି. (କ୍ଷିତି-ଜନ୍-ଡ) ଚକ୍ରବାଳ; ମଙ୍ଗଳ-

କ୍ଷିପ୍ତ-ବିଣ. (କ୍ଷିପ୍-ତ) ନିକ୍ଷିପ୍ତ; ବର୍ଜିତ; ଉନ୍ମତ୍ତ ।

କ୍ଷିପ୍ର-ବିଣ. ଶୀଘ୍ର; ଦ୍ରୁତ ।

କ୍ଷୀଣ-ବିଣ. (କ୍ଷି-ତ) କୃଶ ।

କ୍ଷୀର-ବି. ଜଳ; ଦୁଗ୍ଧ; ଖିର ।

କ୍ଷୀବ-ବିଣ. (କ୍ଷୀବ୍-କ୍ତ) ମାତାଲ ।

କ୍ଷୁଣ୍ଣ-ବିଣ. (କ୍ଷୁଦ୍-ତ) ଚୂର୍ଣ୍ଣୀକୃତ; ଖଣ୍ଡିତ;

କ୍ଷୁତ୍-ବି. କ୍ଷୁଧା । [ଦୁଃଖିତ ।

କ୍ଷୁତ-ବି. ଛିଙ୍କ ।

କ୍ଷୁଦ୍ର-ବିଣ. (କ୍ଷୁଦ୍-ର) ନୀଚ; କ୍ଷୁଦ୍ରାଶୟ ।

କ୍ଷୁଧା-ବି. (କ୍ଷୁଧ୍-ଅ) ଭୋକ ।

କ୍ଷୁବ୍ଧ-ବିଣ. (କ୍ଷୁଭ୍-ତ) କ୍ଷୋଭପ୍ରାପ୍ତ; ଚଳିତ ।

କ୍ଷୁର-ବି. (କ୍ଷୁର୍-ଅ) ନାପିତର ଖୁର ।

କ୍ଷେତ୍ର-ବି. କ୍ଷେତ; ଗର୍ଭ; ସ୍ତ୍ରୀ; ସିଦ୍ଧସ୍ଥାନ ।

କ୍ଷେତ୍ରଜ୍ଞ-ବି. (କ୍ଷେତ୍ର-ଜ୍ଞା-ଅ) ଆତ୍ମା; କୃଷକ ।

କ୍ଷେପ, କ୍ଷେପଣ-ବି. (କ୍ଷିପ୍-ଅ, ଅନ) ନିକ୍ଷେପ; ଯାପନ ।

କ୍ଷେପଣୀ-ବି. (କ୍ଷିପ୍-ଅନ-ଈ) ଅରିତ୍ର ।

କ୍ଷେମ-ବି. (କ୍ଷି-ମ) କଲ୍ୟାଣ, ଶୁଭ ।

କ୍ଷୋଦ-ବି. (କ୍ଷୁଦ୍-ଅ) ଗୁଣ୍ଡ; ଚୂର୍ଣ୍ଣ ।

କ୍ଷୋଦିତ-ବିଣ. (କ୍ଷୁଦ୍-ତ) ଖଣ୍ଡିତ; ଚୂର୍ଣ୍ଣୀକୃତ ।

କ୍ଷୋଭ-ବି. (କ୍ଷୁଭ୍-ଅ) ଅସ୍ଥିରତା; ଉଦ୍‌ବେଗ; [ଆଲୋଡ଼ନ ।
କ୍ଷୋମ-ବି. ପଟ୍ଟବସ୍ତ୍ର ।
କ୍ଷୌଣୀ-ବି. ପୃଥିବୀ; ଅକ୍ଷୌହିଣୀ ।
କ୍ଷୌଦ୍ର-ବି. (କ୍ଷୁଦ୍ରା-ଅ) ମଧୁ ।
କ୍ଷୌମ-ବି. ପଟ୍ଟବସ୍ତ୍ର ।
କ୍ଷୌର-ବି. (କ୍ଷୁର-ଅ) ମୁଣ୍ଡନ; କ୍ଷୌରକର୍ମ ।
କ୍ଷ୍ମା-ବି. (କ୍ଷମ୍-ଅ) ସର୍ବଂସହା; ପୃଥିବୀ ।
କ୍ଷ୍ୱେଡ଼ିତ-ବି. ବୀରମାନଙ୍କର ସିଂହନାଦ ।

---

ଖ ଦ୍ୱିତୀୟ ବ୍ୟଞ୍ଜନବର୍ଣ୍ଣ । ବି. ଆକାଶ; ଶୂନ୍ୟ ।

ଖଇ-ବି. (ସ୍ତ୍ରୀ: ଖଦିକାଶବଦ) ଲାଜ ।
ଖଇଏ-ବି. ବଉଦ୍ଧଙ୍ଗ ।
ଖଇଷ୍ଟ-ବି. (ଦେଶଜ) ଖଇବା ନିଃକ ମଧ୍ୟ ଅଧକାର ଗନ୍ଧ । [ବୃକ୍ଷର ଫଳ ।
ଖଇର-ବି. (ପ୍ରା. ଖଦିରଶେତ) ବୃକ୍ଷ ବିଶେଷ
ଖଗ-ବି. (ଖ-ଗମ୍-ଅ) ପକ୍ଷୀ ।
ଖଗପତି-ବି. ଗରୁଡ଼ବାହନ; ଗରୁଡ଼ ।
ଖଗୋଳ-ବି. ଆକାଶମଣ୍ଡଳ ।
ଖଙ୍କାର-ବି. କଫ ମିଶ୍ରିତ କାଶ ।
ଖଚ-ବି. ମିଶ୍ର; ଜଡ଼ିତ; ପରଦଟା ।
ଖଚିତ-ବିଂ. (ଖଚ୍-ତ) ଅନୁବଦ୍ଧ; ମିଶ୍ରିତ ।
ଖଚ୍ଚର-ବି. ଅଶ୍ୱତର ।
ଖଞ୍ଜଣୀ-ବି. ବାଦ୍ୟ ।
ଖଞ୍ଜା-ବି. ପକ୍ଷି ମିଶ୍ରିତ ବଦେଶ ।

ଖଞ୍ଜାଖିଆ-ବି. ଘୋଡ଼ାଖିଆ ।
ଖଞ୍ଜି-ବିଂ. (ଖଞ୍ଜ-ଅ) ଲେଙ୍ଗଡ଼ା ।
ଖଞ୍ଜନ }
ଖଞ୍ଜରୀଟ } କ୍ଷୁଦ୍ର ପକ୍ଷୀବିଶେଷ ।
ଖଞ୍ଜଣୀ-ବି. କ୍ଷୁଦ୍ର ବାଦ୍ୟବିଶେଷ ।
ଖଞ୍ଜା-ବି. ପ୍ରାଚୀରବେଷ୍ଟିତ ଗୃହ । ବିଂ. ଖଞ୍ଜା; ଗଢ଼ିତ ।
ଖଞ୍ଜିବା-କ୍ରି. ସଜାଡ଼ି ଥୋଇବା ।
ଖଟ୍ଟା-ବି. ଖଟ ।
ଖଟିଆ-ବି. ଦୋଳା; ଶାଟବିଶେଷ ।
ଖଟିବା-କ୍ରି. ପରିଶ୍ରମ କରିବା; ସେବାକରିବା ।
ଖଟେଇ-ବି. ଅନୁରୋଧାର୍ଥ ।
ଖଟ୍ଟା-ବି. ଖଟ ।
ଖଡ଼ଖଡ଼ି-ବି. ଝରକା; ପାଲିଙ୍କି ।
ଖଡ଼ମ-ବି. କାଠପାଦୁକା ।
ଖଡ଼ା-ବି. ଶାଗବିଶେଷ ।
ଖଡ଼ିକା-ବି. ଦନ୍ତ କାଠି । [ବାଂଶବୃକ୍ଷ) ।
ଖଡ଼ୀ-ବି. ଧଳା ମୃତ୍ତିକାବିଶେଷ (ଲେଖିବାରେ
ଖଡ୍ଡ-ବି. ଢାଲର ବଳା ।
ଖଡ୍ଗ-ବି. ଖଣ୍ଡାର ଦୃଶ୍ୟ; ଖଣ୍ଡା, ତରବାରି ।
ଖଡ୍ଗୀ-ବିଂ.(ଖଡ୍ଗ-ଇନ୍) ଖଡ୍ଗଧାରୀ; ବି. ଗଣ୍ଡାର ।
ଖଣିତ୍ର-ବି. (ଖନ୍‌+ଇତ୍ର) ମାଟି ଖୋଳିବାର [ଅସ୍ତ୍ର ।
ଖଣି-ବି. (ଖନ୍-ଧାତୁଜ) ଆକର ।
ଖଣ୍ଡା-ବି. ଖଡ୍ଗ ।
ଖଣ୍ଡ-ବି. (ଖଣ୍ଡ୍-ଅ) ଅଂଶ; ଖଣ୍ଡିତ ।

ଖଣ୍ଡନ-ବି. (ଖଣ୍ଡ-ଅନ) ଛେଦନ ।

ଖଣ୍ଡା-ବି. ତରବାରି ।

ଖଣ୍ଡିଆ-ବି. (ଖଣ୍ଡଶବ୍ଦଜ) ଖଣ୍ଡଯୁକ୍ତ ।

ଖଣ୍ଡିତ-ବି. (ଖଣ୍ଡ୍-କ୍ତ) ଛିନ୍ନ ।

ଖଣ୍ଡୁଆ-ବି. ରଞ୍ଜିତ ବସ୍ତ୍ର ବିଶେଷ ।

ଖତ-ବି. ସଡ଼ା ଦ୍ରବ୍ୟର ପ୍ରସ୍ତୁତ; ସାର ।

ଖତମାଲ-ବି. (ଖ-ତମାଲ) ମେଘ ।

ଖତିୟାନ-ବି. ଜମି ଜମାର ହିସାବ କାଗଜ ।

ଖତେଇ ହେବା-କ୍ରି. ବହୁତ ମୁଖଭଙ୍ଗୀସହ [ରିହେଉଥିବା ।

ଖଦଡ଼ା-ବି. ଅଚିକ୍କଣ ।

ଖଦି-ବି. ଶ୍ଳେଷ୍ମ ଖୋଳ ।

ଖଦିର-ବି. ଖଇର ।

ଖଦ୍ୟୋତ-ବି. ଜୁଳୁଜୁଳିଆ ପୋକ ।

ଖନନ-ବି. (ଖନ୍-ଅନ) ଖୋଳିବା ।

ଖନା-ବି. ଯେ ନାକିସ୍ୱରରେ କଥା କହେ ।

ଖନିତ୍ର-ବି. (ଖନ୍-ଇତ୍ର) ଖଣତି ।

ଖପ୍ପର-ବି. (ଖର୍ପରଶବ୍ଦଜ) ଭିକାହାଣ୍ଡିର ଖଣ୍ଡ ।

ଖ-ପୁଷ୍ପ-ବି. ଅବାସ୍ତବ ବସ୍ତୁ ।

ଖପୁରି-ବି. (ଖର୍ପୂରଶବ୍ଦଜ) ମୁଣ୍ଡର ଖୋଳପା ।

ଖ-ମଣି-ବି. ସୂର୍ଯ୍ୟ ।

ଖମା }
ଖଣା } ବି. ଖାଲ ।

ଖମାର-ବି. ଧାନ୍ୟାଦି ରଖିବାର ଘର ।

ଖମ୍ବ }
ଖୁମ୍ବ } ବି. ସ୍ତମ୍ଭ; ଖମ୍ବ ।

ଖସ୍‌ଖସି-ବି. ଘାସ, ବରଣ ।

ଖର-ବି. ଗର୍ଦ୍ଦଭ; ଅଶ୍ୱତର; ବି. ଉଗ୍ର; ତୀକ୍ଷ୍ଣ ।

ଖରଛିବା-କ୍ରି. ଓଲେଇବା ।

ଖରଡ-ବି. ବସ୍ତ୍ର ।

ଖରାଡ଼ି-ବି. ଶାଳୁକ୍ । [ଖଣ୍ଡ ।

ଖରାପାଣି-ବି. ଜନ୍ମବାରପାତ୍ରକର ବାହେ-

ଖରାଡ଼ିବା-କ୍ରି. ଘଷିବା ।

ଖର୍ବ-ବି. (ଖର୍ବର ଅପଭ୍ରଂଶ) ବୃକ୍ଷୌଷଧ ।

ଖର୍ପ-ବି. ମଦ; ଦ୍ୟୂତ; ବନ୍ଧ ।

ଖରିଦ୍-(ପାର୍ସି) ବି. କିଣା ।

ଖର୍ଜ୍ଜୁର-ବି. ଖଜୁରୀ ।

ଖର୍ପର-ବି. ଖପର; ମୁଣ୍ଡର ଖୋଳପା ।

ଖର୍ବ-ବି. ସଂଖ୍ୟାବିଶେଷ; ବି. ବାମନ; ଛୋଟ ।

ଖଳ-ବି. ଶଠ ।

ଖଲ୍-ବି. (ଖଲ୍ୱଶବ୍ଦଜ) ଔଷଧ ମର୍ଦ୍ଦନପାତ୍ର ।

ଖଳା-ବି. ଧାନ ଆଦି ବାଡ଼ିବାର ସ୍ଥାନ ।

ଖଲାସ-ବି. ମୁକ୍ତିପ୍ରାପ୍ତ ।

ଖଲିଥ-ବି. ଲେଫାଡ଼ା ।

ଖଳୀନ-ବି. ଲଗାମ ।

ଖବର-ବି. ସମ୍ବାଦ; ବାର୍ତ୍ତା ।

ଖସଡ଼ା-ବି. ପିଚ୍ଛିଳ ।

ଖସା-ବି. ଚଳ । [ପିବା ।

ଖସିବା-କ୍ରି. ତଳକୁ ପଡ଼ିବା; ଅଲକ୍ଷିତରେ ପ୍ରସ୍ଥା-

ଖାଇଁ-ବି. (ଖନ୍‌ଧାତୁଜ) ଗଡ଼ର ଚତୁର୍ଦ୍ଦିଗସ୍ଥ ଜଳାଶୟ ।

ଖାଦ୍–ବି. (ଖାଦ୍ ଧାତୁଜ) ଚପାଚିଷ୍ଟିବା ଶବ୍ଦ ।

ଖାଦିବା–କ୍ରି. (ଖାଦ୍ ଧାତୁଜ) ଭୋଜନ କରିବା ।

ଖାଦନ–ବି. (ଯାହିଁ ଖାଦିତ୍ ହୁଏ) ଦନ୍ତ ।

ଖାଣ୍ଡବ–ବି. ବନବିଶେଷ ।

ଖାତ–ବି. (ଖନ୍-ତ) ଗର୍ତ୍ତ ।

ଖାତକ–ବି. ଋଣୀ ।

ଖାତର୍–ବି. ସମ୍ମାନ ।

ଖାତା–ବି. ଲେଖିବା ବହି ।

ଖାଦ–ବି. ଅସାର ଅଂଶ ।

ଖାଦକ–ବି. (ଖାଦ୍-ଅକ) ଭକ୍ଷକ ।

ଖାଦ୍ୟ–ବି. (ଖାଦ୍-ଯ) ଭକ୍ଷଣୀୟ । ବି. ଭୋଜନ

ଖାପ–ବି. ଅସିକୋଷ । [ଦ୍ରବ୍ୟ ।

ଖାର–ବି. କ୍ଷାର ।

ଖାସ୍–ବି. ଠିକ୍; ଅମିଶ୍ର; ଶୁଦ୍ଧ ।

ଖାଉଆ–ବି. ଖାଦ୍ୟପ୍ରିୟ; ଲୋଭଣୀ ।

ଖାଲ–ବି. ଗଭୀର ଭୂମି ।

ଖାଲି–ବି. ଶୂନ୍ୟ; କେବଳ ।

ଖାସା–ବି. ଉତ୍ତମ । [ବସ୍ତ୍ର ।

ଖାସୁ–ବି. ଖାଦ୍ୟର ଦୋଷ ବର୍ଜିତ ଭୋଜ-

ଖିଆଲ୍–ବି. ଝୁଙ୍କ ।

ଖିଚଡ଼ି–ବି. ଡାଲିଚାଉଳି; ଝୋଳବା ।

ଖିଦ୍ୟମାନ–ବି. (ଖିଦ୍ + ଅନ) ଖେଦଯୁକ୍ତ ।

ଖିନ୍ନ–ବି. (ଖିଦ୍-ତ) ଶ୍ରାନ୍ତ; ଦୁଃଖିତ ।

ଖିଲ୍–ବି. ଖେତବାଟି; ପଡ଼ିଆ ।

ଖିଲ୍ଲନ–ବି. ତୋରଣଦ୍ୱାର ନିର୍ମାଣ ।

ଖୁଅ–ବି. ଦୁଇଦୁଇ ଯୁକ୍ତ ଖାଦ୍ୟଦ୍ରବ୍ୟ; ଦଣ୍ଡ-
ମଣ୍ଡଳ ଦଣ୍ଡ; ଦାଣ୍ଡପଡ଼ା ।

ଖୁଙ୍କିଲି–ବି. ବାଙ୍କୁ; କୁଞ୍ଚିତ ।

ଖୁଡ଼ିଆ–ବି. ଦଳିଗୁଡ଼ା ।

ଖୁଣୀ–ବି. ହତ୍ୟାକାରୀ ।

ଖୁଣ୍ଟ–ବି. ସ୍ତମ୍ଭ ।

ଖୁଣ୍ଟା–ବି. ମେଖ; ଉଲୁଗୁଣା । [ବିଶେଷ ।

ଖୁଣ୍ଟିଆ–ବି. ବର୍ଣ୍ଣସଙ୍କର ଦେଶୀୟ; ଉପାୟ-

ଖୁଣ୍ଟିବା–କ୍ରି. ଠୋଲିବା ।

ଖୁଡ଼ୁଡ଼ା–ବି (ଦୁଷ୍ଟଲୋକ ସମ୍ପର୍କ) ପିତୃବ୍ୟ; ଚାଚା ।

ଖୁଡ଼ୀ–ବି. ପିତୃବ୍ୟ ପତ୍ନୀ ।

ଖୁଦ–ବି. (କ୍ଷୋଦ ଶବ୍ଦଜ) ଚାଉଳ କଣା ।

ଖୁନ୍ଦା–ବି. ମୁଖରେ ମୁଷ୍ଟ୍ୟାଘାତ । [ଶବ୍ଦ ।

ଖୁରା–ବି. କ୍ଷୌର କରିବା ଶସ୍ତ୍ର; ପଶୁଙ୍କ ପାଦର

ଖୁରିଆ–ବି. ନୃତ୍ୟବିଶେଷ; ମଣ୍ଡପବିଶେଷ ।

ଖୁରୁପି–ବି. ଶୁଖିଲା ଘାସ ।

ଖୁଲ୍ଲି–ବି. କ୍ଷୁଦ୍ର ।

ଖୁନ୍ଦବାଡ଼–ବି. ପିଣ୍ଡିବ ।

ଖୁଣ୍ଟି–ବି. ଗଣ୍ଠା । ବି. ଅନୁଚିତ ।

ଖେଚର–ବି. (ଖେ-ଚର) ଆକାଶଗାମୀ ପକ୍ଷୀ ।

ଖେଚରୀ–ବି. ଜାହ୍ନବୀର ମିଶା ଖାଦ୍ୟ ।

ଖେଟ–ବି. ଗ୍ରାମ; ମୃଗୟା ।

ଖେଦ–ବି. (ଖିଦ୍-ଅ) ଶୋକ; ଦୁଃଖ; ଶ୍ରମ ।

ଖେପ–ବି. (କ୍ଷେପ ଶବ୍ଦଜ) ନିକ୍ଷେପ; ଥର ।

ଖେପା–ବି. (କ୍ଷିପ୍ ଧାତୁଜ) ଭୁଲା ।

ଖେଳା–ବି. କ୍ରୀଡ଼ା ।

ଖେଷାପ୍ତି-ବି. ପକ୍ଷୀବିଶେଷ ।

ଖୋଇ-ବି. ଅଭ୍ୟାସ ; ସ୍ୱଭାବ ।

ଖୋଜ-ବି. ପଶ୍ୱାଦିର ପାଦଚିହ୍ନ ।

ଖୋଜିବା-କ୍ରି. ଅନ୍ୱେଷଣ କରିବା ।

ଖୋଦ୍-ବି. ଏବେ ; ନିଜେ ।

ଖୋଦିତ-ବିଂ. ଖୋଳିତ ; ଉତ୍କୀର୍ଣ୍ଣ ।

ଖୋପ-ବି. ବୃକ୍ଷାଦିର କୋଟର ; ପାଷଣର ।

ଖୋଲ୍-ବି. ଗୁହା ; ଗର୍ତ୍ତ ।

ଖୋଲ୍ଲ-ବିଂ. ଖଞ୍ଜ ; ଅଙ୍ଗାବୃତ ।

ଖୋଷଣୀ-ବି. କଟିସ୍ଥ ବସ୍ତ୍ରବନ୍ଧନୀ ।

ଖୋସା } ବି. (କୋଶ ଶବ୍ଦଜ) ଗୁଳି ; ପଛପଟର
ଖୋଷା } ଚୁଟ ; ଜୁଡ଼ା ।

ଖୋସିବା-କ୍ରି. ଗୁଞ୍ଜିବା ।

ଖ୍ୟାତ-ବିଂ. (ଖ୍ୟା-ତ) ପ୍ରସିଦ୍ଧ ।

ଖ୍ୟାତି-ବି. (ଖ୍ୟା-ତି) ପ୍ରସିଦ୍ଧି ; ଯଶ ।

ଖ୍ୟାପନ-ବି. ପ୍ରଚାର କରିବା ।

---

## ଗ ବ୍ୟଞ୍ଜନ ବର୍ଣ୍ଣର ତୃତୀୟ ବର୍ଣ୍ଣ ।

ଗ-ବିଂ. (ଶବ୍ଦର ଶେଷରେ) ଗାମୀ ।

ଗଁଗଁ-ବି. ବଜ୍ରଧ୍ୱନିର ଶବ୍ଦ ।

ଗଉଡ଼-ବି. ଜାତିବିଶେଷ ; ଗୋପାଳ ।

ଗଉଡୁଣୀ-ବି. ଗୋପାଳୁଣୀ ।

ଗଉଣୀ-ବି. (ଗୋଣୀ ଶବ୍ଦଜ) ଧାନ୍ୟାଦି ମାପିବାର ପରିମାଣ ଯନ୍ତ୍ର ।

ଗଗନ-ବି. ଆକାଶ ; ଶୂନ୍ୟ ।

ଗଙ୍ଗାଶିଉଳି-ବି. (ଗଙ୍ଗାଶେଫାଳୀ) ପୁଷ୍ପବୃକ୍ଷ- [ବିଶେଷ ।

ଗଙ୍ଗା-ବି. ସୁପ୍ରସିଦ୍ଧ ନଦୀ ; ଜାହ୍ନବୀ ।

ଗଙ୍ଗାଧର-ବି. (ଗଙ୍ଗା-ଧୃ-ଅ) ଶିବ ।

ଗଙ୍ଗାପ୍ରାପ୍ତି-ବି. ଗଙ୍ଗାତୀରରେ ମୃତ୍ୟୁ ।

ଗଚ୍ଛ-ବି. (ଗଚ୍ଛଶବ୍ଦଜ) ବୃକ୍ଷ ।

ଗଚ୍ଛିବା-କ୍ରି. ଜିମା କରିବା ।

ଗଚ୍ଛିତ-ବିଂ. ନ୍ୟସ୍ତ ; ଜମାଦେଇଥିବା ।

ଗଜ-ବି. ହସ୍ତୀ ; ଦ୍ୱିହସ୍ତ ପରିମାଣ ।

ଗଜୁରିବା-କ୍ରି. ଅଙ୍କୁରିତ ହେବା ।

ଗଜା-ବି. ଅଙ୍କୁର ; ମିଷ୍ଟାନ୍ନବିଶେଷ ।

ଗଜାନନ-ବି. (ଗଜ-ଆନନ) ଗଣେଶ ।

ଗଞ୍ଜି-ବି. ଶରୀରର ଉର୍ଦ୍ଧ୍ୱବସ୍ତ୍ର ଜାମା ।

ଗଞ୍ଜନ-ବିଂ. (ଗଞ୍ଜ୍-ଅନ) ତୁଚ୍ଛକାରୀ ।

ଗଞ୍ଜନା-ବି. (ଗଞ୍ଜ-ଅନ-ଆ) ଭର୍ତ୍ସନା ; ତାଡ଼ନା ।

ଗଞ୍ଜା-ବି. ଗୃହକୁକ୍କୁଟ ; ଗଞ୍ଜେଇ ଓ ତାହାର ମାଦକ ଜଟା ।

ଗଞ୍ଜିବା-କ୍ରି. ଭର୍ତ୍ସନା କରିବା ।

ଗଠନ-ବି. ଆକୃତି ; ନିର୍ମାଣ ।

ଗଠିତ-ବି. ନିର୍ମିତ ; ରଚିତ ।

ଗଡ଼-ବି. (ଗଡ୍-ଅ) ପରିଖା ; ଦୁର୍ଗ ।

ଗଡ଼ଧାଳି-ଅସମାପିକା-କ୍ରି. ଧାଡ଼ିଏ ଏକେ ସଙ୍ଗସାଙ୍ଗ ।

ଗଡୁରି } ବି. (ଗଡ୍ ଧାତୁଜ) ଜଳଜନ୍ତୁ ଗ୍ରାହ ।
ଗଡୁରିଆ }

ଗଡ଼ବଡ଼–ବି. ଗୋଳମାଳ ।

ଗଡ଼ିଆ–ବି. କ୍ଷୁଦ୍ର ପୁଷ୍କରିଣୀ ।

ଗଡ଼ିବା–କ୍ରି. (ପ୍ରା) ଲୋଟିବା; ଗଡ଼ୁଆଣାରେ ଯିବା ।

ଗଡ଼ୁ–ବି. ଗିଳନକର୍ମର ଜଳପାତ୍ର ।

ଗଡ଼ୁଲିକା–ବି. (ସଂସ୍କୃତଶବ୍ଦ) ମେଷଶ୍ରେଣୀ ।

ଗଡ଼ୁଲିକା ପ୍ରବାହ–ବି. ଏକମେଷାନୁଗାମିନୀ ମେଷଶ୍ରେଣୀର ଗମନ; ମୂର୍ଖବାଗ ଅନୁକରଣ ।

ଗଢ଼ଣି–ବି. (ଗଢ଼ଶବ୍ଦଜ) ନିର୍ମାଣ ।

ଗଢ଼ିବା–କ୍ରି. (ଗଢ଼ଶବ୍ଦଜ) ନିର୍ମାଣ କରିବା ।

ଗଣ–ବି. (ଗଣ୍-ଅ) ଦଳ; ସମୂହ ।

ଗଣକ–ବି. (ଗଣ୍-ଅକ) ଗଣନାକାରୀ; ଜ୍ୟୋତିଷ ।

ଗଣତି–ବି. ଗଣନା ।

ଗଣନ / ଗଣନା – ବି. (ଗଣ୍-ଅନ-ଆ) ଗଣିବା କାର୍ଯ୍ୟ ।

ଗଣନୀୟ–ବିଣ. (ଗଣ୍-ଅନୀୟ) ଗଣ୍ୟ; ଯୋଗ୍ୟ ।

ଗଣିକା–ବି. (ଗଣଶବ୍ଦଜ) ବେଶ୍ୟା ।

ଗଣିତ–ବି. (ଗଣ୍-ତ) ଅଙ୍କଶାସ୍ତ୍ର । ବିଣ. ଗଣା ।

ଗଣିବା–କ୍ରି. (ଗଣ୍ ଧାତୁଜ) ସଂଖ୍ୟା କରିବା ।

ଗଣେଶ–ବି. (ଗଣ-ଈଶ) ଶିବପୁତ୍ର, ଗଜାନନ ।

ଗଣ୍ଠି–ବି. ( ଗ୍ରନ୍ଥିଶବ୍ଦଜ ) ଅସ୍ଥିସନ୍ଧି; ବାଉଁଶର ସନ୍ଧି; ବସ୍ତ୍ର ଆଦିର ବନ୍ଧନ; ଧନ ବା ପୁଟୁଳି ।

ଗଣ୍ଠିଆ–ବିଣ. ଗଣ୍ଠିଯୁକ୍ତ; କୁଟିଳ ।

ଗଣ୍ଠିଧନ–ବି. ସଂରକ୍ଷିତ ଧନ ।

ଗଣ୍ଠିଲି–ବି. ପୋଟଳି । [ଦେଶଜ ।

ଗଣ୍ଡ–ବି. ( ଗଣ୍ଡ୍-ଅ ) କପୋଳ; ଗଳଗ୍ରନ୍ଥି;

ଗଣ୍ଡଗୋଳ–ବି. ଅସ୍ଥିର କୋଳାହଳ; ବିବାଦ ।

ଗଣ୍ଡମୂର୍ଖ–ବିଣ. ଘୋରମୂର୍ଖ ।

ଗଣ୍ଡଗ୍ରାମ–ବି. ପ୍ରଧାନ ଗ୍ରାମ ।

ଗଣ୍ଡମାଳା–ବି. ଗଳାର ଏକ ରୋଗ ।

ଗଣ୍ଡଶୈଳ–ବି. (ଗଣ୍ଡ-ଶୈଳ) କ୍ଷୁଦ୍ରପର୍ବତ ।

ଗଣ୍ଡା–ବି. ଚାରିକଡ଼ା; ଗଣ୍ଡାକାରବିଶେଷ ଜନ୍ତୁ ।

ଗଣ୍ଡି–ବି. ଗଳାଠାରୁ କଟି ପର୍ଯ୍ୟନ୍ତ ଦେହ; ଗଛର କାଣ୍ଡ ।

ଗଣ୍ଡିଲ୍ଲି–ବି. ଗଣ୍ଠିଲି; ପୋଟଳି ।

ଗଣ୍ଡୂଷ–ବି. ଢୋକେ ପାଣି ।

ଗଣ୍ୟ–ବିଣ. (ଗଣ୍-ଯ) ଗଣନୀୟ ।

ଗତ–ବିଣ. (ଗମ୍-ତ) ଅତୀତ; ମୃତ; ପ୍ରାପ୍ତ; ଅବଗତ ।

ଗତି–ବି. (ଗମ୍-ତି) ଗମନ; ଉପାୟ; ଅବସ୍ଥା; ଆଶ୍ରୟ । [ନିସ୍ତାରର ।

ଗତ୍ୟନ୍ତର–ବି. ( ଗତି-ଅନ୍ତର ) ଅନ୍ୟଗତି;

ଗଦ–ବି. (ଗଦ୍-ଅ) ରୋଗ ।

ଗଦ୍–ବି. ସ୍ୱର୍ଣ୍ଣ ବେଶର ଔଷଧ ।

ଗଦା–ବି. (ଗଦ୍-ଅ) ମୁଦ୍ଗର; ସ୍ତୂପ ।

ଗଦାଇବା–କ୍ରି. ଜମାକରିବା ।

ଗଦି–ବି. ସିଂହାସନ; ମୋଟାଶେଯ ।

ଗଦିତ–ବିଣ. (ଗଦ୍-ତ) କଥିତ; ବି. ବାକ୍ୟ ।

ଗଦ୍‌ଗଦ–ବି. ଜଡ଼ିତକଣ୍ଠ ଶବ୍ଦ; ହର୍ଷାଦିଜନିତ ଅସ୍ପଷ୍ଟ ଶବ୍ଦ ।

ଗଦ୍ୟ–ବି. (ଗଦ୍-ଯ) ଛନ୍ଦୋବଦ୍ଧହୀନ ବାକ୍ୟ; କଥା । ବାର୍ତ୍ତିକ ଭାଷା ।

ଗଧ–ବି. (ଗର୍ଦ୍ଦଭଶବ୍ଦଜ) ଗର୍ଦ୍ଦଭ ।

ଗନ୍ଧିଆ–ବିଣ. ଗନ୍ଧଯୁକ୍ତ; ବି. ଦୁର୍ଗନ୍ଧଯୁକ୍ତ କୀଟବିଶେଷ ।

ଗନ୍ତବ୍ୟ—ବିଂ. (ଗମ୍+ତବ୍ୟ) ଗମ୍ୟ, ପ୍ରାପ୍ୟ ।
ଗନ୍ତା—ବି. ଅପସରଣା ।
ଗନ୍ତ୍ରାଧିପ—ବି. ଭଣ୍ଡାର ରକ୍ଷକ ।
ଗନ୍ତ୍ରାଘର—ବି. ଭଣ୍ଡାରଘର ।
ଗନ୍ଧ—ବି. (ଗନ୍ଧ+ଅ) ଘ୍ରାଣେନ୍ଦ୍ରିୟର ଗ୍ରାହ୍ୟ-ପଦାର୍ଥ; ବାସନା ।
ଗନ୍ଧକ—ବି. (ଗନ୍ଧ+କ) ଉପଧାତୁବିଶେଷ ।
ଗନ୍ଧକାଷ୍ଠ—ବି. (ଗନ୍ଧ+କାଷ୍ଠ) ଅଗୁରୁକାଠ; ଚନ୍ଦନକାଠ ।
ଗନ୍ଧମାଦନ—ବି. ପର୍ବତବିଶେଷ ।
ଗନ୍ଧମାର୍ଜାର—ବି. ମୃଗନାଭିଯୁକ୍ତ ବିଲୁଆବିଶେଷ ।
ଗନ୍ଧମୃଗ—ବି. କସ୍ତୁରୀମୃଗ ।
ଗନ୍ଧର୍ବ—ବି. ସ୍ୱର୍ଗଗାୟକ ।
ଗନ୍ଧବହ—ବି. (ଗନ୍ଧ+ବହ+ଅ) ବାୟୁ ।
ଗପ—ବି. (ଜଳ୍ପଶବ୍ଦଜ) କଥା; କାହାଣି ।
ଗପିବା—କି. କେତେ କହିବା ।
ଗବ—ବି. ଏରଣ୍ଡଗଛ, ଜଡ଼ାଗଛ ।
ଗବୀ—ବି. (ଗୋ+ଈ) ଗାଈ, ଗାଭି ।
ଗବ୍ୟ—ବିଂ. (ଗୋ+ଯ) ଗୋସମ୍ବନ୍ଧୀୟ ।
ଗଭସ୍ତି—ବି. କିରଣ । [ତେଜସ୍ୱାନ୍ ।
ଗଭସ୍ତିମାନ୍—ବି. (ଗଭସ୍ତି+ମତ୍) ସୂର୍ଯ୍ୟ; ବିଂ.
ଗଭା—ବି. ଚୁଳରେ ଖୋସା ଫୁଲଗୁଚ୍ଛ ।
ଗଭୀର / ଗମ୍ଭୀର } ବିଂ. ଅଗାଧ; ପ୍ରଗାଢ଼; ଉଦାର ।
ଗମନ—ବି. (ଗମ୍+ଅନ) ଗତି ।

ଗମିବା—କ୍ରି. (ଗମ୍ଧାତୁଜ) ଗମନକରିବା; ପ୍ରବେଶକରିବା ।
ଗମ୍ଭୀରଧୀମନ୍ତ / ଗମ୍ଭୀରାଶୟ } ବି. ସୁବୋଧ; ସଂଯତ ।
ଗମ୍ଭୀରା—ବି. ଭିତରର କୋଠରୀ ।
ଗମ୍ୟ—ବିଂ. (ଗମ୍+ଯ) ଜ୍ଞେୟ; ପ୍ରାପ୍ୟ; ଗମନ-[ଯୋଗ୍ୟ ।
ଗୟଲ—ବି. ଗୋରୁବିଶେଷ ।
ଗୟା—ବି. (ଗୟ+ଆ) ହିନ୍ଦୁ ତୀର୍ଥ ।
ଗର—ବି. (ଗୃ+ଅ) ବିଷ ।
ଗରି—ବି. ମୁଣ୍ଡିକାଠ; ନୌକାଂଶ । [ବିଶେଷ ।
ଗରଗଡ଼ା—ଅ. ଖାଦ୍ୟଖାଇବାର ଅବସ୍ଥାରେ ଶବ୍ଦ
ଗରଜ୍—ବି. ପ୍ରୟୋଜନ ।
ଗରମ—ବିଂ. ଉଷ୍ଣ; ତପ୍ତ ।
ଗରଦ—ବିଂ. (ଗର+ଦା+ଅ) ବିଷପ୍ରଦାତା ।
ଗରିମା—ବି. (ଗୁରୁଶବ୍ଦଜ) ଗୁରୁତ୍ୱ ।
ଗରଳ—ବି. (ଗୃ+ଅଳ) ବିଷ ।
ଗ୍ରାସ / ଗରାସ } ବି. (ଗ୍ରାସଶବ୍ଦଜ) ପିଣ୍ଡ କବଳ ।
ଗରିମା—ବି. (ଗୁରୁ+ଇମନ୍) ଗୁରୁତ୍ୱ ।
ଗରିଷ୍ଠ—ବିଂ. ପ୍ରଧାନ ।
ଗରିଷ୍ଠ / ଗରୀୟାନ୍ } ବିଂ. (ଗୁରୁ+ଇଷ୍ଠ, ଈୟସ୍) ଗୁରୁତର ।
ଗରୁ—ବିଂ. (ଗୁରୁଶବ୍ଦଜ) ଭାରି । [ବାହନ ।
ଗରୁଡ଼—ବି. (ଗରୁତ୍+ଡୀ+ଅ) ପକ୍ଷିରାଜ; ବିଷ୍ଣୁ-
ଗରୁଳି—ବି. ପକ୍ଷୀର ଭେଦ ।

ଗରୁତ୍ମାନ୍—ବି. (ଗରୁତ୍-ମତ୍) ଗରୁଡ଼ ।

ଗର୍ଗରୀ—ବି. ପିତ୍ତଳ ନିର୍ମିତ ପାତ୍ର ।

ଗର୍ଜ୍ଜନ—ବି. (ଗର୍ଜ୍-ଅନ) ସିଂହାଦିର ଶବ୍ଦବିଶେଷ, କ୍ରୋଧରେ ଉଚ୍ଚାରିତ ଶବ୍ଦ ।

ଗର୍ତ୍ତ—ବି. (ଗୃ-ତ) ଗହ୍ୱର ।

ଗର୍ଦ୍ଦଭ—ବି. (ଗର୍ଦ୍-ଅଭ) ଗଧ ; ମୂର୍ଖ ।

ଗର୍ଭ—ବି. (ଗୃ-ଭ) ଉଦର ; ଭ୍ରୂଣ ; ଅଭ୍ୟନ୍ତର ।

ଗର୍ଭକ—ବି. (ଗର୍ଭ-କ) ଫୁଲ ମଧ୍ୟସ୍ଥ ପୁଷ୍ପମାଳୀ ।

ଗର୍ଭକେଶର—ବି. ପୁଷ୍ପର ମଧ୍ୟ କେଶର ।

ଗର୍ଭଣୀ—ବି. (ପ୍ରା) ଗର୍ଭାଶୟ-କାଳୁ ।

ଗର୍ଭପାତ—ବି. (ଗର୍ଭ-ପାତ) ଗର୍ଭସ୍ରାବ ।

ଗର୍ଭବତୀ—ବି. (ଗର୍ଭ ବତ୍-ଈ) ଗର୍ଭିଣୀ ।

ଗର୍ଭାଶୟ—ବି. (ଗର୍ଭ-ଆଶୟ) ଗର୍ଭାଧାର ଘର ।

ଗର୍ଭାଙ୍କ—ବି. (ଗର୍ଭ-ଅଙ୍କ) ନାଟକର ଅଙ୍କମଧ୍ୟରେ କ୍ଷୁଦ୍ରଅଙ୍କ ।

ଗର୍ଭାଧାନ—ବି. ଗର୍ଭଧାରଣର ସଂସ୍କାର ବିଶେଷ ।

ଗର୍ଭିଣୀ—ବି. (ଗର୍ଭ-ଇନ୍-ଈ) ଗର୍ଭବତୀ, ଅନ୍ତଃସତ୍ତ୍ୱା ।

ଗର୍ଭିତ—ବି. (ଗର୍ଭ-ଇତ) ଅନ୍ତର୍ଭୁକ୍ତ ।

ଗର୍ବ—ବି. (ଗର୍ବ୍-ଅ) ଦର୍ପ ; ଅହଂକାର ।

ଗର୍ବୀ, ଗର୍ବିତ—ବି. ଗର୍ବଶାଳୀ ; ଅହଂକୃତ ।

ଗର୍ହଣ—ବି. (ଗର୍ହ୍-ଅନ) ନିନ୍ଦା ।

ଗର୍ହିତ—ବି. (ଗର୍ହ୍-ତ) ନିନ୍ଦିତ ; ମନ୍ଦ ।

ଗଳ, ଗଳା—ବି. କଣ୍ଠ, ଗ୍ରୀବା ।

ଗଲ୍‌ଗଲ୍—କ୍ରି. ବି. ଲୁହ ଝରୁଥିବା ; ଝଲଝଲ

ଗଳାଗାଳି—କ୍ରି. ଗଳହସ୍ତ କରିବା ।

ଗଳି—ବି. ଅପ୍ରଶସ୍ତ ପଥ ।

ଗଳିତ—ବି. (ଗଳ୍-ତ) ଖସିତ ; ପଚା ।

ଗଳିବା—କ୍ରି. (ଗଳ୍ଧାତୁଜ) ପ୍ରବେଶ ହେବା ; ତରଳିତ ହେବା ।

ଗଳୁ—ବି. କଣ୍ଠ ।

ଗଳ୍ପ—ବି. କଥା ; ଉପାଖ୍ୟାନ ।

ଗବୟ—ବି. (ଗୋ-ଅୟ) ଗୋଜାତୀୟ ପଶୁ ।

ଗବାକ୍ଷ—ବି. (ଗୋ-ଅକ୍ଷ) ଝରକା ; ଝିଡ଼କି ।

ଗଭସ୍ତି—ବି. ସୂର୍ଯ୍ୟାଦିର ରଶ୍ମି ।

ଗହଣା—ବି. ଅଳଙ୍କାର ।

ଗହନ—ବି. ବନ ; ବି. ଦୁର୍ଗମ ; ଦୁର୍ବୋଧ୍ୟ ।

ଗହମ—ବି. (ଗୋଧୂମଶବ୍ଦଜ) ଶସ୍ୟବିଶେଷ ।

ଗହଳି—ବି. ଜନସମୂହ ; ଗୋଳମାଳ ।

ଗହର—ବି. (ଗହ୍ୱରଶବ୍ଦଜ) ଗହ୍ୱର ।

ଗହ୍ମାପୂର୍ଣ୍ଣିମା—ବି. ଶ୍ରାବଣ ପୌର୍ଣ୍ଣମାସୀ ।

ଗହ୍ୱର—ବି. ଗର୍ତ୍ତ ; ଗୁହା ।

ଗାଁ—ବି. (ଗ୍ରାମଶବ୍ଦଜ) ଗ୍ରାମ ।

ଗାଈ—(ଗବୀଶବ୍ଦଜ) ମାଈଗୋରୁ ।

ଗାଇବା—କ୍ରି. (ଗୈଧାତୁଜ) ଗାନକରିବା ।

ଗାଙ୍ଗ—ବି. (ଗଙ୍ଗାଶବ୍ଦଜ) ବୃହତ୍ ସରୋବର ।

ଗାଙ୍ଗେୟ—ବି. (ଗଙ୍ଗା-ଏୟ) ଭୀଷ୍ମ ; କାର୍ତ୍ତିକେୟ ।

ଗାଣ୍ଡିବ—ବି. ଅର୍ଜୁନଙ୍କ ଧନୁ ।

ଗାତ—ବି. (ଗର୍ତ୍ତଶବ୍ଦଜ) ଗର୍ତ୍ତ ।

ଗାଡି—ବି. ଶକଟ ।

ଗାଢି—ବିଂ. (ଗାଢ୍-ଇ) ଦୃଢ଼; ଘନ ।
ଗାଢ—ବି. (ବର୍ତ୍ତମାନ) ଗଭୀର; ଛିଦ୍ର ।
ଗାତ୍ର—ବି. ଦେହ; ଅଙ୍ଗ ।
ଗାତ୍ରମାର୍ଜ୍ଜନୀ—ବି. ଗାମୁଛା ।
ଗାଥା—ବି. (ଗୈ-ଥ-ଆ) ଶ୍ଲୋକ; ଗୀତ ।
ଗାଦ—ବି. କାନ୍ଥି, ମଇଳା ।
ଗାଦି—ବି. ସିଂହାସନ; ଆସନ ।
ଗାଧ—ବି. (ଗାଧ୍-ଅ) ଅଳପ ଜଳ । [କରିବା ।
ଗାଧୋଇବା—କ୍ରି. ଗାତ୍ର ଧୌତ କରିବା; ସ୍ନାନ-
ଗାନ—ବି. (ଗୈ-ଅନ) ସଂଗୀତ ।
ଗାନ୍ଧନା—ବି. (ଗନ୍ଧନଶବ୍ଦଜ) ମନ୍ତ୍ରବଳରେ ଅନ୍ୟ-ଲୋକ ବଶକରିବା ।
ଗାନ୍ଧର୍ବ—ବିଂ. (ଗନ୍ଧର୍ବ-ଅ) ଗନ୍ଧର୍ବସମ୍ବନ୍ଧୀୟ ।
ଗାନ୍ଧାରି—ବି. ରାଗବିଶେଷ; ଦେଶବିଶେଷ ।
ଗାନ୍ଧାରୀ—ବି. ଧୃତରାଷ୍ଟ୍ର ପତ୍ନୀ ।
ଗାଭୀ—ବି. ଗାଈ ।
ଗାମୁଛା—ବି. ଗାତ୍ରମାର୍ଜ୍ଜନୀ । [ଗମ୍ଭୀରତା ।
ଗାମ୍ଭୀର୍ଯ୍ୟ—ବି. ( ଗମ୍ଭୀର-ଯ ) ଗମ୍ଭୀରତା,
ଗାୟକ—ବି. (ଗୈ-ଅକ) ଗାନକର୍ତ୍ତା ।
ଗାୟନ—ବି. (ଗୈ-ଅନ) ଗାଇବା ।
ଗାୟତ୍ରୀ—ବି. (ଗ ୟତ-ତ୍ରୈ-ଅ-ଈ) ଗାୟତ୍ରର ତ୍ରାଣକାରୀ; ବି. ମନ୍ତ୍ରବିଶେଷ ।
ଗାର—ବି. ରେଖା ।
ଗାରଡ଼ା—ବି. ଅଣିସ୍ତ ମେଣ୍ଢା ।
ଗାରୁଡ଼ିକ—ବି. ( ଗରୁଡ଼ଶବ୍ଦଜ ) ସର୍ପବିଷ-ନାଶକ ମନ୍ତ୍ରଜ୍ଞ ।

ଗାର୍ହସ୍ଥ୍ୟ—ବିଂ. (ଗୃହସ୍ଥ-ଯ) ଗୃହସ୍ଥସମ୍ବନ୍ଧୀୟ ।
ଗାଲି—ବି. (ଗାଳିଶବ୍ଦଜ) ଭର୍ତ୍ସନ ।
ଗାଲ—ବି. କହ୍ଲି ।
ଗାଳିବା—କ୍ରି. (ଗଳଧାତୁଜ) ନିଗାଡ଼ିବା ।
ଗାଲିଚା—ବି. ମେଷଲୋମନିର୍ମିତ ଆସନ ।
ଗାଲୁ—ବି. ମଞ୍ଚ ।
ଗାଲୁଆ—ବିଂ. ମିଛୁଆ; ଭଣ୍ଡ ।
ଗିରି—ବି. (ଗୃ-ଇ) ପର୍ବତ ।
ଗିନି—ବି. ସୁନା; ମୋହର ୧୬ ଟଙ୍କାର ମୁଦ୍ରା ।
ଗିର—ବି. (ଗୃ-ଇ) ବଚନ; ବେଦୋକ୍ତ ସ୍ତବ-ବାକ୍ୟ ଉପାୟ ।
ଗିରିକା—ବି. (ଗିରି-କନ୍-ଆ) ମୂଷା ।
ଗିରିଶ—ବି. (ଗିରି-ଶୀ-ଅ) ଶିବ ।
ଗିଲ୍—ବି. ମତ୍ସ୍ୟବିଶେଷ ।
ଗିଳିବା—କ୍ରି. ବି. ଗ୍ରାସକରିବା; ଗଳାଧଃକରଣ ।
ଗୀତ—ବି. ( ଗୈ-ତ ) ଗାନ; ବିଂ. ଗାନକରେ କୀର୍ତ୍ତିତ । [ବିଶେଷ ।
ଗୀତା—ବି. ( ଗୈ-ତ-ଆ ) ଉପଦେଶ-ଶାସ୍ତ୍ର-
ଗୀତି—ବି. (ଗୈ-ତି) ଗାନ ।
ଗୀର୍ବାଣ—ବି. (ଗୀର୍-ବାଣ) ଦେବତା ।
ଗୀଷ୍ପତି—ବି.(ଗୀଃ-ପତି) ବାଚସ୍ପତି; ମହାପଣ୍ଡିତ ।
ଗୁଆ—ବି. (ଗୁବାକ ଶବ୍ଦଜ) ଗୁବାକ ।
ଗୁଆଁର—ବିଂ. ନିର୍ବୋଧ ।
ଗୁଆଲି—ବି. ଗୋପିନୀ ।
ଗୁଗ୍ଗୁଲୁ—ବି. ସୁଗନ୍ଧିଦ୍ରବ୍ୟବିଶେଷ ।
ଗୁଚ୍ଛ—ବି. ଥୋପା; ଫୁଲତୋଡ଼ା; ଶ୍ରେଣୀ ।

ଗୁଞ୍ଜ
ଗୁଞ୍ଜା } ବ. କାଇଁଚ ।

ଗୁଞ୍ଜନ-ବ. (ଗୁଞ୍ଜ-ଅନ) ଭ୍ରମରର ଧ୍ୱନି ।

ଗୁଞ୍ଜିବା-କ୍ରି. ଶୋଷିବା ।

ଗୁଡ଼-ବ. ଇକ୍ଷୁ ରସାଦରୁ ଜାତ ପଦାର୍ଥ ।

ଗୁଡ଼ଦ୍ରବ୍ୟ-ବ. ଚାକୁଳିଆ ।

ଗୁଡ଼ା, ଗୁଡ଼ାକ, ଗୁଡ଼ାଏ, ଗୁଡ଼ି, ଗୁଡ଼ିକ, ଗୁଡ଼ିଏ-(ଦେଶୀ ଶବ୍ଦ) ସମୂହ ।

ଗୁଡ଼ାଇବା-କ୍ରି. ବ. ବେଢ଼ାଇବା ।

ଗୁଡ଼ାଖୁ-ବ. ଗୁଡ଼ତମାଖୁ ।

ଗୁଡ଼ିଆ-ବ. ଗୁଡ଼ତିଆରି, ମିଷ୍ଟାନ୍ନକାରୀ ।

ଗୁଡ଼ୁଚ
ଗୁଳୁଚ } ଲତାବିଶେଷ ।

ଗୁଣ-ବ. (ଗୁଣ୍-ଅ) ଧନୁର୍ଗୁଣ; ସତ୍ତ୍ୱ-ରଜଃ-ତମ ପ୍ରକୃତିର ଏହି ତିନି ଗୁଣ; ଧନୁର ଜିଆ; ସୂତ୍ର ।

ଗୁଣକ-ବ. ( ଗୁଣ୍-ଅକ ) ଯାହାଦ୍ୱାରା ଗୁଣନ କରାଯାଏ ।

ଗୁଣା-ବ. ହାତର ଅଳଙ୍କାରବିଶେଷ ।

ଗୁଣିଆ-ବି. (ଗୁଣାପେକ୍ଷ) ଐନ୍ଦ୍ରଜାଲିକ ।

ଗୁଣିତ-ବି. (ଗୁଣ୍-ତ) ପୂରିତ । [କରିବା ।

ଗୁଣିବା-କ୍ରି. ବ. ପୂରଣକରିବା; ମନ୍ତ୍ର ପୂରଣ

ଗୁଣୀ-ବି. (ଗୁଣ୍-ଇନ୍) ଗୁଣବାନ୍; ଯେ ମନ୍ତ୍ରତନ୍ତ୍ର ଜାଣେ ।

ଗୁଣ୍ଠି-ବ. ଏକମାଣ ଭୂମିର ଚତୁର୍ଥାଂଶ ।

ଗୁଣ୍ଡ
ଗୁଣ୍ଡି } ବ. (ଗୁଣ୍ଡ ଧାତୁରୁ) ଚୂର୍ଣ୍ଣ; ଚମ୍ପାଗୁଣ୍ଡି ।

ଗୁଣ୍ଡା-ବ. ସଜଳର ଶାଖ; ବି. ଦୁର୍ଦ୍ଦାନ୍ତ ।

ଗୁଣ୍ଡିଚା-ଯାତ୍ରା ରଥଯାତ୍ରା ।

ଗୁଣ୍ଡୁଚମୂଷା-ବ. ମୂଷିକବିଶେଷ ।

ଗୁପ୍ତ-ବି. (ଗୁପ୍-ତ) ରକ୍ଷିତ; ଗୂଢ଼ ।

ଗୁପ୍ତି-ବ. (ଗୁପ୍-ତି) ଗୋପନ; ଅସ୍ତ୍ରବିଶେଷ ।

ଗୁମର-ବ. ଦେମାକ; ଗର୍ବ ।

ଗୁମାନ-ବ. ଦମ୍ଭ; ଗର୍ବ ।

ଗୁମାସ୍ତା-ବ. ହିସାବରକ୍ଷକ; ମୋହରିର ।

ଗୁମ୍ଫ-ବ. (ଗୁମ୍ଫ୍-ଅ) ଗୁଚ୍ଛ ।

ଗୁମ୍ଫନ-ବ. (ଗୁମ୍ଫ୍-ଅନ) ଗୁନ୍ଥିବା ।

ଗୁମ୍ଫା-ବ. ଗୁହା; ଗର୍ତ୍ତ ।

ଗୁମ୍ଫିତ-ବି. (ଗୁମ୍ଫ୍-ତ) ଗ୍ରଥିତ ।

ଗୁରୁ-ବ. (ଗୃ-ଉ) ଅଧ୍ୟାପକ; ଧର୍ମୋପଦେଷ୍ଟା; ବୃହସ୍ପତି ।

ଗୁରୁଣ୍ଡିବା-କ୍ରି. ବ. ଶିଶୁର ଆଣ୍ଠୁରେ ଚାଲିବା ।

ଗୁରୁତ୍ୱ
ଗୁରୁତା } ବ. ମହତ୍ତ୍ୱ; ଓଜନ ।

ଗୁରୁ-ପାକ-ବି. ଯାହା ସହଜରେ ହଜମ ନ ହୁଏ ।

ଗୁର୍ଜ୍ଜର-ବ. ଗୁଜରାଟ ଦେଶ । [ବିଶେଷ ।

ଗୁର୍ଜ୍ଜରୀ-ବ. ଗୁଜରାଟ ଦେଶୀୟା ସ୍ତ୍ରୀ; ରାଗିଣୀ-

ଗୁର୍ବ୍ବୀ-ବି. (ଗୁରୁ-ଈ) ଗର୍ଭିଣୀ; ଗୌରବବତୀ ।

ଗୁଳା-ବ. ଗଡ଼ଗଡ଼ ଗିଳା ବାଣ; ଗୋଲକାର; ମୋଟାଏ । [ଗୋଟି ।

ଗୁଳି-ବ. ଗୁଳିବା ଖେଳ, ଖାଇବା ବର୍ତ୍ତୁଳ

ଗୁଳ୍ମ-ବ. ବୃକ୍ଷବିଶେଷ; ଉଦରର ରୋଗବିଶେଷ ।

ଗୁହାକ-ବି. ଯକ୍ଷଭେଦ ; ଦ୍ୱାର ।
ଗୁହି-ବି. (ଗୁହଶବ୍ଦଜ) ବିଷ୍ଠା ।
ଗୁହି-ବି. (ଗୁହ୍-ଇ) କାର୍ତ୍ତିକେୟ ।
ଗୁହା-ବି. (ଗୁହ୍-ଅ) ଗହ୍ୱର ।
ଗୁହୀ-ବି. ଗାଣୀ ।
ଗୁହାରି-ବି. ଦୁଃଖ ଜଣାଣ ; ଅଭିଯୋଗ ।
ଗୁହାଳି-ବି. (ଗୋ-ଆଳୟ) ଗୋରୁ ରହିବାର ଘର ।
ଗୁହ୍ୟ-ବିଂ. (ଗୁହ୍-ଯ) ଗୋପନୀୟ ; ବି. ମଳ-ଦ୍ୱାର ।
ଗୁହ୍ୟକ-ବି. (ଗୁହ୍-କ) କୁବେରଙ୍କ ଅନୁଚର ।
ଗୂଢ-ବିଂ. (ଗୁହ୍-ତ) ଗୁପ୍ତ ; ଗହନ ।
ଗୃଧ୍ନୁ-ବିଂ. (ଗୃଧ୍-ନୁ) ଲୁବ୍ଧ ; ଲୋଭୀ ।
ଗୃଧ୍ର-ବି. (ଗୃଧ୍-ର) ଶାଗୁଣା ।
ଗୃହ-ବି. (ଗ୍ରହ୍-ଅ) ଘର ; ନିକେତନ ।
ଗୃହସ୍ଥ-ବିଂ. (ଗୃହ-ସ୍ଥା-ଅ) ଗୃହୀ ।
ଗୃହିଣୀ-ବି. (ଗୃହ-ଇନ୍-ଈ) ଭାର୍ଯ୍ୟା ; ଘରଣୀ ।
ଗୃହୀତ-ବିଂ. (ଗ୍ରହ୍-ତ) ଧୃତ ; ଲବ୍ଧ ; ସ୍ୱୀକୃତ ।
ଗୃହ୍ୟ-ବିଂ. (ଗ୍ରହ୍-ଯ) ଅଧୀନ ; ଗୃହୋତ୍ପନ୍ନ ।
ଗେଙ୍ଗୁଟି-ବି. ଢେଲା ; ପଥରବିଶେଷ ।
ଗେଞ୍ଜିବା-କ୍ରି. ଠେସିବା ।
ଗେଞ୍ଜାଗେଞ୍ଜି-କ୍ରି. ବି. ଜଦାଜଦ ।
ଗେଣ୍ଡା-ବି. ଶାମୁକାଜାତୀୟ ଜନ୍ତୁବିଶେଷ ।
ଗେଣ୍ଡାଲିଅ-ବି. ପକ୍ଷୀବିଶେଷ ।
ଗେଣ୍ଡୁ-ବି. ଖଡର୍ଦ୍ଧଫଳ ।
ଗେୟ-ବିଂ. (ଗୈ-ଯ) ଗାଇବାର ଯୋଗ୍ୟ ।
ଗେରସ୍ତ-ବି. (ଗୃହସ୍ଥଶବ୍ଦଜ) ଘରର ପତି ।

ଗେରୁ-ବି. (ଗୈରିକଶବ୍ଦଜ) ଗୈରିକ
ଗେଲ୍-ବି. ଦୁଲାର ; ସ୍ନେହର ପରିହାସ ।
ଗେହ-ବି. ଗୃହ ।
ଗୈଞ୍ଚା-ବିଂ. ଅଙ୍ଗ୍ୟ ଅପରିପୁଷ୍ଟ ; ବେଣ୍ଟିଆ ।
ଗୈରିକ-ବି. (ଗିରି-ଇକ) ଗିରିମାଟି ; ବିଂ. ଗେରୁମାଟିରେ ରଞ୍ଜିତ ।
ଗୋ-ବି. ଗୋରୁ ; ବୃଷ ; ପୃଥିବୀ ; ସ୍ୱର୍ଗ ।
ଗୋଇଁ-ବି. (ଗୋପ୍ୟଶବ୍ଦଜ) ଅପ୍ରକାଶ୍ୟ ବିଷୟ ; ମର୍ମକଥା ।
ଗୋଇଣ୍ଡି-ବି. (ଗୋପାଦଶବ୍ଦଜ) ପାଦଗଣ୍ଠି ।
ଗୋଇଠା-ବି. ଗୋଇଠିଦ୍ୱାରା ଆଘାତ ।
ଗୋଇଠି-ବି. ପାଦମୂଳ ।
ଗୋଇନ୍ଦା-ବି. ଗୁପ୍ତଚର ।
ଗୋକୁଳ-ବି. (ଗୋ-କୁଳ) ଗୋଷ୍ଠ ; ଗୋସମୂହ ।
ଗୋଖର-ବି. ସର୍ପବିଶେଷ ; କଣ୍ଟକୀଗୁଳ୍ମବିଶେଷ ।
ଗୋଖୁରା-ବି. ବିଷଧର ସର୍ପବିଶେଷ ।
ଗୋଛା-ବି. ଭାରବିଶେଷ । [ଗୋଛିଏ ଚାଉଳ ।
ଗୋଚର-ବିଂ. (ଗୋ-ଚର) ଇନ୍ଦ୍ରିୟଗ୍ରାହ୍ୟ ;
ଗୋଛି-ବି. (ଗୁଚ୍ଛଶବ୍ଦଜ) ବଡ଼ା ।
ଗୋଜ-ବିଂ. ସୂକ୍ଷ୍ମ ।
ଗୋଞ୍ଜଣା-ବି. ଜଅଁଷା ।
ଗୋଟା-ବିଂ. ସମଗ୍ର ।
ଗୋଟାଏ } ବି. ଏକଗୋଟା ; ଏକଗୋଟି ।
ଗୋଟିଏ }
ଗୋଟି-ବି. (ଗୁଟିକାଶବ୍ଦଜ) କଡ଼ିପଶାଖେଳର ଗୋଟି ; ବାଉଁଶପଟାବାଡ଼ର ଖୋଟି ।

ଗୋଠ—ବି. (ଗୋଷ୍ଠଶବ୍ଦଜ) ଗୁହାଳ ; ଦଳ; ବନ୍ଧୁଗଣ ।

ଗୋଠିଆ—ବିଂ. ଗୋଠରେ ଥିବା ଗାଈ ଗଉଡ ।

ଗୋଡ଼—ବି. ପାଦ ; ମୂଳ ।

ଗୋଡ଼ାଇବା—କ୍ରି. ପଛେ ଧାଇଁ ଯିବା ।

ଗୋଡ଼ି—ବି. କ୍ଷୁଦ୍ର ପଥର ।

ଗୋତମ—ବି. ନ୍ୟାୟଶାସ୍ତ୍ରପ୍ରଣେତା ମୁନି ।

ଗୋତ୍ର—ବି. କୁଳର ଆଦ୍ୟପୁରୁଷ; ପର୍ବତ ।

ଗୋଦର—ବି. ଶ୍ଲୀପଦରୋଗ ।

ଗୋଦାବରୀ—ବି. ନଦୀବିଶେଷ ।

ଗୋଦାମ—ବି. ଘର; ଜିନିଷପତ୍ରର ଭଣ୍ଡାର ।

ଗୋଧନ—ବି. ଗୋରୁସମୂହ ।

ଗୋଧା, ଗୋଧିକା — ବି. ଗୋଧିସାପ ।

ଗୋଧୂମ—ବି. ଗହମ ।

ଗୋଧୂଳି—ବି. (ଗୋ-ଧୂଳି) ସାୟଂକାଳ ।

ଗୋପ—ବି. (ଗୋ-ପା-ଅ) ଗଉଡ଼ ।

ଗୋପନ—ବି. (ଗୁପ-ଅନ) ଲୁଚାଇବା; ରକ୍ଷଣ ।

ଗୋପନୀୟ—ବିଂ. (ଗୁପ୍-ଅନୀୟ) ଗୁପ୍ତ; ଅପ୍ରକାଶ୍ୟ ।

ଗୋପାଳ—ବି. (ଗୋ-ପାଳ) ଗଉଡ଼; କୃଷ୍ଣ ।

ଗୋପିକା, ଗୋପୀ — ବି.(ଗୋପ-ଈ) ଗଉଡୁଣୀ; ଗୋପପୁରର ସ୍ତ୍ରୀ ।

ଗୋପୀଚନ୍ଦନ—ବି. ଧଳାମାଟି ।

ଗୋପୀନାଥ—ବି. କୃଷ୍ଣ, ଜଗନ୍ନାଥ ।

ଗୋପୁର—ବି. ପୁରଦ୍ୱାର ।

ଗୋପ୍ତା—ବିଂ. (ଗୁପ୍-ତୃ) ରକ୍ଷକ ।

ଗୋପ୍ୟ—ବିଂ. (ଗୁପ୍-ଯ) ରକ୍ଷଣୀୟ; ଯେ ଗୋପନୀୟ ।

ଗୋବର—ବି. ଗୋମୟ ।

ଗୋବର୍ଦ୍ଧନ—ବି. ବ୍ରଜାନ୍ତର୍ଗତ ପର୍ବତ ।

ଗୋମତୀ—ବି. (ଗୋ-ମତୁ-ଈ) ନଦୀବିଶେଷ ।

ଗୋମୟ—ବି. (ଗୋ-ମୟ) ଗୋବର ।

ଗୋମାୟୁ—ବି. (ଗୋ-ମା-ଉ) ଶୃଗାଳ ।

ଗୋମୁଖୀ—ବି. ଜପ କଲାବେଳର ଅବସ୍ଥା ।

ଗୋରଡ଼ା—ବି. ଗୋରୁଖୁଆଡ଼; ଘଣ୍ଟେଇ ।

ଗୋରସ—ବି. (ଗୋ-ରସ) ଗାଈ ଦୁଗ୍ଧ; ଦଧି ।

ଗୋରା—ବିଂ. (ଗୌରଶବ୍ଦଜ) ଶୁଭ୍ର ।

ଗୋରୀ—ବିଂ. ଗୌରବର୍ଣ୍ଣା ।

ଗୋରୁ—ବି. (ଗୋଶବ୍ଦଜ) ବୃଷ; ଗାଈ ।

ଗୋରୋଚନା—ବି. (ଗୋ-ରୁଚ୍-ଅନ-ଆ) ଗୋମସ୍ତକର ଉତ୍ପନ୍ନ ପୀତବର୍ଣ୍ଣ ଦ୍ରବ୍ୟବିଶେଷ ।

ଗୋଲ—ବି. ଗଣ୍ଡଗୋଳ: ଉତ୍ପାତ ।

ଗୋଲ, ଗୋଲକ — ବି. ବର୍ତ୍ତୁଳାକାର ପଦାର୍ଥ; ଭୂମଣ୍ଡଳର ପ୍ରତିକୃତି ।

ଗୋଲମାଲ—ବି. ଉଦ୍ଦଳ; ଗୋଳ ।

ଗୋଲା—ବି. ଧାନ୍ୟାଦିର ଅଗାର; ଗୋଲାକାର ଲୌହପିଣ୍ଡ ।

ଗୋଲାବ—ବି. ପୁଷ୍ପବିଶେଷ ।

ଗୋଲାମ—ବି. ଦାସ ।

ଗୋଲିଆ—ବିଂ. ମଳିନ ।

ଗୋଳିବା—କ୍ରି. ତରଳ ଦ୍ରବ୍ୟରେ ମିଶାଇବା ।

ଗୋଲୋକ-ବି. (ଗୋ-ଲୋକ) ସ୍ୱର୍ଗ; ବୈକୁଣ୍ଠ ।
ଗୋବିନ୍ଦ-ବି. (ଗୋ-ବିଦ୍-ଅ) କୃଷ୍ଣ; ବିଷ୍ଣୁ ।
ଗୋଷ୍ଠ-ବି. (ଗୋ-ସ୍ଥା) ଗୋଠ ।
ଗୋଷ୍ଠୀ-ବି. ସଭା; ପରିବାର; କୁଟୁମ୍ବ ।
ଗୋଷ୍ପଦ-ବି. (ଗୋ-ପଦ) ଗୋଖୁରପରିମିତ ଗର୍ତ୍ତ ।
ଗୋସ୍ୱାମୀ-ବି. (ଗୋ-ସ୍ୱାମିନ୍) ଗୋସାଇଁ; ଧର୍ମୋପଦେଷ୍ଟା; ଗୋସମୂହର ଅଧିକାରୀ ।
ଗୋହିରି-ବି. ଅପ୍ରଶସ୍ତ ପଥ ।
ଗୌଡ଼-ବି. ଦେଶ ବିଶେଷ; ଗୋଆଳଜାତି ।
ଗୌଡ଼ୀ-ବି. ରାଗିଣୀ ବିଶେଷ; ଗୁଡ଼ଜାତ ମଦ୍ୟ ।
ଗୌଣ-ବିଂ. (ଗୁଣ-ଅ) ଅପ୍ରଧାନ ।
ଗୌତମ-ବି. (ଗୋତମ-ଅ) ଋଷିବିଶେଷ; ବୁଦ୍ଧଦେବ ।
ଗୌର-ବିଂ. ଶ୍ୱେତ; ଗୋରା ।
ଗୌରବ-ବି. (ଗୁରୁ-ଅ) ଗୁରୁତ୍ୱ; ସମ୍ମାନ ।
ଗୌରାଙ୍ଗ-ବି. (ଗୌର-ଅଙ୍ଗ) ଚୈତନ୍ୟଦେବ; ସୁନ୍ଦରକାୟ ।
ଗୌରୀ-ବି. ପାର୍ବତୀ; ଅଷ୍ଟବର୍ଷୀୟା କନ୍ୟା; ଗୌରବର୍ଣ୍ଣା ସ୍ତ୍ରୀ ।
ଗ୍ରଥିତ-ବିଂ. (ଗ୍ରନ୍ଥ-ତ) ଗୁନ୍ଥା; ଗୁମ୍ଫିତ ।
ଗ୍ରନ୍ଥ-ବି. (ଗ୍ରନ୍ଥ-ଅ) ପୁସ୍ତକ ।
ଗ୍ରନ୍ଥନ-ବି. (ଗ୍ରନ୍ଥ-ଅନ) ଗୁନ୍ଥିବା; ରଚନା ।
ଗ୍ରନ୍ଥି-ବି. (ଗ୍ରନ୍ଥ-ଇ) ବଂଶାଦିର ଗଣ୍ଠି; ଶରୀରର ସନ୍ଧି; ଗଣ୍ଠି ।
ଗ୍ରନ୍ଥିଳ-ବିଂ. (ଗ୍ରନ୍ଥି-ଲ) ଗଣ୍ଠିଯୁକ୍ତ ।
ଗ୍ରସନ-ବି. (ଗ୍ରସ୍-ଅନ) ଗ୍ରାସ ।
ଗ୍ରସ୍ତ-ବିଂ. (ଗ୍ରସ୍-ତ) ଗିଳିତ; ଆକ୍ରାନ୍ତ ।
ଗ୍ରହ-ବି. (ଗ୍ରହ୍-ଅ) ସୂର୍ଯ୍ୟାଦି ନବଗ୍ରହ; ଗ୍ରହଣ ।
ଗ୍ରହଣ-ବି. (ଗ୍ରହ୍-ଅନ) ନେବା; ସ୍ୱୀକାର; ସୂର୍ଯ୍ୟଚନ୍ଦ୍ରର ଗ୍ରାସ ।
ଗ୍ରହଣୀ-ବି. ରୋଗବିଶେଷ ।
ଗ୍ରହଣୀୟ-ବିଂ. (ଗ୍ରହ୍-ଅନୀୟ) ଗ୍ରହଣଯୋଗ୍ୟ; ଗ୍ରାହ୍ୟ ।
ଗ୍ରହରାଜ-ବି. (ଗ୍ରହ-ରାଜା) ସୂର୍ଯ୍ୟ ।
ଗ୍ରହୀତା-ବିଂ. (ଗ୍ରହ୍-ତୃ) ଗ୍ରହଣକର୍ତ୍ତା ।
ଗ୍ରାମ-ବି. ବସ୍ତି ବା ଲୋକ ବସ୍ତୀ; ଗାଁ ।
ଗ୍ରାମଣୀ-ବି. (ଗ୍ରାମ-ନୀ) ଗ୍ରାମର ପ୍ରଧାନବ୍ୟକ୍ତି ।
ଗ୍ରାମ୍ୟ-ବିଂ. (ଗ୍ରାମ-ଯ) ଗ୍ରାମଜାତ; ନୀଚ; ଅଭଦ୍ର ।
ଗ୍ରାସ-ବି. (ଗ୍ରସ୍-ଅ) କବଳ; ଭୋଜନ ।
ଗ୍ରାହ-ବି. (ଗ୍ରହ୍-ଅ) ଗ୍ରହଣ; କୁମ୍ଭୀର ।
ଗ୍ରାହକ, ଗ୍ରାହୀ } ବିଂ. (ଗ୍ରହ୍-ଅକ, ଇନ୍) ଗ୍ରହଣକର୍ତ୍ତା ।
ଗ୍ରାହ୍ୟ-ବିଂ. (ଗ୍ରହ୍-ଯ) ଗ୍ରହଣଯୋଗ୍ୟ; ଉପା- [ଦେୟ ।
ଗ୍ରୀବା-ବି. ବେକ ।
ଗ୍ରୀଷ୍ମ-ବି. ନିଦାଘ; ଉଷ୍ମ ।
ଗ୍ରୈବେୟକ-ବି. (ଗ୍ରୀବା-ଏୟ-କ) ଗଳାର ଅଳଙ୍କାର । [ବିଶେଷ ।
ଗ୍ଲପିତ-ବିଂ. (ଗ୍ଲୈ-ଣିଚ୍-ତ) ମ୍ଲାନଯୁକ୍ତ; ଅବ-
ଗ୍ଲାନି-ବି. (ଗ୍ଲୈ-ନି) ମ୍ଲାନତ୍ୱ; ଅସୁସ୍ଥତା; ଅବସାଦ ।

**ଘ** ବ୍ୟଞ୍ଜନର ଚତୁର୍ଥ ବର୍ଣ୍ଣ ଘୋଷ ।

ଘଉଡ଼ା—ବି (ଘୋଡ଼ା ଶବ୍ଦଜ) ସ୍ତ୍ରୀର ଘଡ଼ (ଗ୍ରାମ୍ୟ ପ୍ରୟୋଗ) ।

ଘଉଡ଼ିବା—କ୍ରି. ଘଡ଼ିଦେବା ।

ଘଙ୍ଘ—ବିଂ. (ଘଙ୍ଘ ଶବ୍ଦଜ) ଘଡ଼ଲିଆ; ଲଟାଲିଟି ।

ଘଟ—ବି. (ଘଟ୍-ଅ) କଳସ; ଶରୀର ।

ଘଟକ—ବିଂ. (ଘଟ୍-ଅକ) ଯେ ଘଟାଏ ।

ଘଟଣୀ—ବି. (ଘଟଣ ଶବ୍ଦଜ) ବୃତ୍ତାନ୍ତ; ଖବର ।

ଘଟନା—ବି. (ଘଟ୍-ଅନ-ଆ) ସଂଘଟ୍ଟ; ବ୍ୟାପାର । ଯୋଜନା ।

ଘଟା—ବି. (ଘଟ୍-ଅ) ଆଡ଼ମ୍ବର; ସମୂହ ।

ଘଟାଇବା—କ୍ରି. (ଘଟ୍ଧାତୁଜ) ସାଧିବା ।

ଘଟାଟୋପ—ବି.. ( ଘଟା-ଆଟୋପ ) ପାଲିଙ୍କି ପ୍ରଭୃତିର ଆଚ୍ଛାଦନ ।

ଘଟୀ / ଘଟିକା } ବି. ( ଘଟ ଶବ୍ଦଜ ) କାଳପରିମାଣାର୍ଥ ଜଳରେ ସ୍ଥାପିତ ଛିଦ୍ର କ୍ଷୁଦ୍ର ଘଟ; ଦ୍ୱିଦଣ୍ଡ କାଳ; ଘଡ଼ିଏ ସମୟ ।

ଘଟିତ—ବିଂ. (ଘଟ୍-ତ) ଗଠିତ; ଉପକରଣଯୁକ୍ତ ।

ଘଟିବା—କ୍ରି. (ଘଟ୍ଧାତୁଜ) ଉପସ୍ଥିତ ହେବା; (ଘଟଣାସମ୍ବନ୍ଧେ) ।

ଘଟ୍ଟ—ବି. ଜଳସ୍ଥଳର ଘାଟ ।

ଘଡ଼ଘଡ଼ି—ବି. ବଜ୍ରଶବ୍ଦ ।

ଘଡ଼ି—ବି. (ଘଟୀ ଶବ୍ଦଜ) ସମୟବୋଧକ ଯନ୍ତ୍ର; ଦୁଇଦଣ୍ଡ ପରିମିତ କାଳ; କ୍ଷୁଦ୍ରଖଣ୍ଡ ।

ଘଣା—ବି. ସୋରଷ ପ୍ରଭୃତି ତେଲ ବାହାର-କରିବାର ଯନ୍ତ୍ର ।

ଘଣ୍ଟ / ଘଣ୍ଟା } ବି. କାଂସ୍ୟନିର୍ମିତ ବାଦ୍ୟଯନ୍ତ୍ର ।

ଘଣ୍ଟା—ବି. ୨।ଦଣ୍ଡ କାଳ (ଇଂରେଜୀ ୬୦ ମିନଟ)

ଘଣ୍ଟାପଥ—ବି. ରାଜମାର୍ଗ ।

ଘଣ୍ଟି—ବି. କ୍ଷୁଦ୍ରଘଣ୍ଟି; ଘୁଙ୍ଗୁର ।

ଘଣ୍ଟିକା—ବି. କ୍ଷୁଦ୍ରଘଣ୍ଟା; ଉପଜିହ୍ୱା ।

ଘଣ—ବି. କୌଶଳ; ସୂତ୍ର ।

ଘନ—ବିଂ. ବହଳ; ଜମାଟ; ଦୃଢ଼ । ବି. ମେଘ; ଲୌହମୁଦ୍ଗର; ଗଣିତରେ ଘନର ହିସାବ, ଯଥା:—୪ର ଘନ = ୪ × ୪ × ୪ ।

ଘନ-କାଳି—ବି. କର୍ଣ୍ଣାଭରଣ ।

ଘନକ୍ଷେତ୍ର—ବି. ଦୈର୍ଘ୍ୟ, ପ୍ରସ୍ଥ ଓ ବେଧବିଶିଷ୍ଟ କ୍ଷେତ୍ର ।

ଘନ-ଘନ—କ୍ରି. ବିଂ. ବାରମ୍ବାର; ପୁନଃପୁନଃ ।

ଘନଫଳ—ବି. ଗଣିତରେ ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାର ଗୁଣଫଳ ।

ଘନମୂଳ—ବି. ଘନାତ୍ମକ ରାଶିର ମୂଳରାଶି; ଯଥା-[୬୪ର ଘନମୂଳ ୪ ।

ଘନ-ରସ—ବି. ଜଳ; କର୍ପୂର ।

ଘନ-ସାର—ବି. କର୍ପୂର ।

ଘନାଘନ—ବି. ଇନ୍ଦ୍ର; ମେଘ; ମତ୍ତହସ୍ତୀ; ଶବ୍ଦ-[ପୂର୍ଣ୍ଣ ।

ଘନିଷ୍ଠ—ବିଂ. ( ଘନ-ଇଷ୍ଠ ) ଅତ୍ୟନ୍ତ ଘନ; ନିକଟସ୍ଥ ।

ଘମାଘୋଟ—ବି. ପ୍ରମତ୍ତଯୁଦ୍ଧ (ଗ୍ରାମ୍ୟପ୍ରୟୋଗ) ।

ଘର—ବି. ଗୃହ ।

ଘରକରଣା—ବି. ଗୃହବ୍ୟାପାର ।

ଘରଡ଼ିହିଆ—ବି. ଗୃହବଂଶୀ ।

ପରିଣୀ -ବି. ପ୍ରହୃଣୀ ।

ପର୍ତ୍ତି-ବି. ଖାଣ୍ଡ; ଛତ୍ର ।

ପର୍ପଟି-ବି. ଉଦର ପକ; ଅନ୍ତ୍ର ଶବ୍ଦ ।

ପର୍ପଟିକା-ବି. ସାପଡ଼ି ।

ପର୍ଣ୍ଣ-ବି. (ପୃ-ନ) ଖଣ୍ଡ; ଟାଳ । ବି. ଶରମ ।

ପର୍ଷଣ-ବି. (ପୃଷ୍-ଅନ) ମାର୍ଜ୍ଜନ; ଘଷିବା ।

ପଷି-ବି. ଶୁଷ୍କଖୋମଦ୍ ।

ପଷା-ବି. ଅଙ୍ଗ ସଂବାହନ । ବି. ଘର୍ଷଣ ।

ପଷିବା-କ୍ରି. (ଘର୍ଷଣଶବ୍ଦଜ) ଘର୍ଷଣ କରିବା ।

ପସ୍ତ-ବି. ସ୍ତନ୍ଧି; ବକସ ।

ପା-ବି. (ପାଦଶବ୍ଦଜ) ଛିଦ; ଚରଣ ।

ପାଇ-ବି. ବଢ଼ୀଯୋଗୁଁ ନଦୀବନ୍ଧ ଉପରବନ୍ଦ ସଂସ୍ପୃଷ୍ଟ ଜଳପଥ ।

ପାଉଡ଼ି-ବି. ସର୍ପାଦି ଦଂଶନ ।

ପାଟକ୍ଷ-ବି. ପଟ୍ଟଯୋଗ୍ୟ ବସ୍ତ୍ରବିଶେଷ ।

ପାଗୁଡ଼ି-ବି.(ପର୍ବଶବ୍ଦଜ,ଛୁଦ୍ରଘଣ୍ଟିକା; କୁଣ୍ଡଳ ।

ପାଠ-ବି. ଘୁଠ; ଗାଈ ପାଳୁହେବା ସ୍ଥାନ, ମାଣ୍ଡଳି ଅଦାୟ କରିବା ସ୍ଥାନ ।

ପାଟି-ବି. ଚିତ୍ରପଟ; ଭୂଗ ପାଟଭ ସଥ ।

ପାଟିଆ-ବି. ପାଟଭରୁଆଳି ।

ପାଣ୍ଡୁଅ-ବି. ଭରବାରିବିଶେଷ ।

ପାଣ୍ଡିବା-କ୍ରି. ଖୋଲାଇବା ।

ପାତ-ବି. (ପତ୍-ଅ) ପ୍ରହାର; ବଧ; ଜ୍ୟୋତିଷରେ କୌଣସି ଗ୍ରହର କକ୍ଷ ଗ୍ରହିତ୍ୱାଦ ପତନ ।

ପାତକ ବି. ବା ବି. (ପତ୍-ଅକ-ଇକ୍) ଦୁଷ୍କ-
ପାତକୀ ର୍ମ । ଦୁଷ୍କର୍ମା ।

ପାଭୁକ-ବି. ବା ବି. (ପାଦ-ଭବ) କଥବାଧ୍ୟ କଣ୍ଟକ ।

ପାଷି-ବି. (ପୃଷ୍ଟି ଥାଷ୍ଟ୍ର) ପୃଷ୍ଠିତ; ଅପଲୂତ ।

ପାସିବା-କ୍ରି. (ପୃଷ୍ଟି ଆଷ୍ଟ୍ର) ପୃଷ୍ଟିତ କରିବା ।

ପାଲି-ବି. କପଟ କଡ୍ତା ।

ପାଷ-ବି. (ପଶ୍-ଅ) ଦଣ ।

ପିଷ୍ଟ-ବି. (ପୃଷ୍ଟଶବ୍ଦଜ) ପୃଷ୍ଠ ।

ପିଷ୍ଟାଁଶ-ବି. ପୃଷ୍ଠକୁ ନାଶ ଗ୍ରନ୍ଥ ।

ପିଁଳି-ବି. (ପୃଷାଣବଜ) ପୃଣା ।

ପିମିଡ଼ି-ବି. (ପର୍ଣ୍ଣଶବ୍ଦଜ) ପର୍ଣ୍ଣବେଷ୍ଟିଳା ।

ପୁଣ୍ଡିଡ଼ି-ବି. ସୁସ୍ତକେକର ଡାଷାଧୂଳ ।

ପୁଣ୍ଡିରି-ବି. ପଣ୍ଡି; ଵକ୍ଷିଅଲଙ୍କାରବିଶେଷ ।

ପୁଷ୍ଟିବା-କ୍ରି. ଅପଷସୁଦିବା ।

ପୁଷ୍ଟାଇବା-କ୍ରି. ଚଳାଇବା ।

ପୁଡ଼ା-ବି. ଶୁଳରେ ଝଡ଼ାଇବାପାଇଁ ବାନ୍ଧ- ନିର୍ମିତ ଥଳ ।

ପୁଣି-ବି. କାଷ୍ଠପାଟ ।

ପୁମ୍-ବି. ମାଟିର ଆଳକାଥାଇ ।

ପୁମିବା-କ୍ରି. ବୁଲିବା; ଘୁରିବା ।

ପୁମାଇବା-କ୍ରି. ବୁଲାଇବା ।

ପୁମୁରିବା-କ୍ରି. ଏକଠାର ଅନେକ ଥର କରିବା ।

ପୁରିବା-କ୍ରି. (ଭ୍ରମିଶବ୍ଦଜ) ବୁଲିବା ।

ପୁଷ-ବି. ପାଖ ।

ପୁଷୁରି-ବି. (ପୃଷ୍ଟିଶବ୍ଦଜ) ଶୁକର; ବରାହ ।

ପୁଷୁରିଆ-ବି. ଶୁକରରକ୍ଷକ ।

ପୁଷୁରିବା-କ୍ରି. ଭୂମିରେ ଲୁଣ୍ଠିତ ହେବା ।

ଘୂର୍ଣ୍ଣନ—ବି. (ଘୂର୍ଣ୍ଣ୍-ଅନ) ମଣ୍ଡଳାକାରରେ ଭ୍ରମଣ; ଘୂରିବା ।

ଘୂର୍ଣ୍ଣିତ—ବି୦. (ଘୂର୍ଣ୍ଣ୍-ତ) ପରିଭ୍ରମିତ ।

ଘୃଣା—ବି. (ଘୃଣ୍-ଅ) ଅଶ୍ରଦ୍ଧା; ଅବଜ୍ଞା; ଦୟା ।

ଘୃଣିତ—ବି୦. (ଘୃଣ୍-ତ) ଘୃଣାକୃତ; ଅବଜ୍ଞାତ ।

ଘୃଣୀ—ବି୦. ଘୃଣାଯୁକ୍ତ ।

ଘୃତ—ବି. (ଘୃ-ତ) ଘିଅ ।

ଘୃଷ୍ଟ—ବି୦. (ଘୃଷ୍-ତ) ଘଷାହୋଇଥିବା ।

ଘେନା—ବି୦. ଘୃଣିତ ।

ଘେନିବା—କ୍ରି. ନେବା; ଗ୍ରହଣ କରିବା ।

ଘେନାଇବା—କ୍ରି. ମନାଇବା; ବୁଝାଇବା ।

ଘେର—ବି. ବେଢ଼; ବେଢ଼ଣ; ଘାଗରା ।

ଘେରୁ—ବି୦. ଅଦ୍ଭୁତ; ବି. ବେଢ଼ା ।

ଘେରିବା—କ୍ରି. ବେଢ଼ିବା ।

ଘୋଘା—ବି. ଢୋଲକାଳ ଧନ ।

ଘୋଟକ—ବି. ଘୋଡ଼ା ।

ଘୋଟିବା—କ୍ରି. ଢାଙ୍କିବା; ଆଚ୍ଛାଦନ କରିବା ।

ଘୋଡ଼—ବି. ଆଚ୍ଛାଦନ ।

ଘୋଡ଼ଣୀ—ବି. (ଦେଶଜ) ଆଚ୍ଛାଦନ ।

ଘୋଡ଼ାଇବା—କ୍ରି. ଢାଙ୍କିବା; ଆଚ୍ଛାଦନ କରିବା ।

ଘୋଡ଼ିହେବା—କ୍ରି. ଆଚ୍ଛାଦିତ ହେବା ।

ଘୋଣ—ବି. (ଘୋଣାଶବ୍ଦଜ) ନାକ ଘୋଣ ।

ଘୋଣା—ବି. ଘୁଷୁରି ବା ଶୁକରର ନାକ ।

ଘୋର—ବି୦. (ଘୁର୍-ଅ) ଗମ୍ଭୀର; ଭୟଙ୍କର; ଦାରୁଣ ।

ଘୋରିବା—କ୍ରି. ଘଷି ଘଷି ଗୁଣ୍ଡାଇବା ।

ଘୋଳଦହି—ବି. ତକ୍ର, ଜଳଯୁକ୍ତ ମନ୍ଥିତ ଦଧି ।

ଘୋଲାବିଜା—ବି. ଦେବଭାଙ୍ଗବିଶେଷ ।

ଘୋଷ—ବି. (ଘୁଷ୍-ଅ) ଶବ୍ଦ; ଗଉଡ଼ବାଡ଼ି ।

ଘୋଷଣା—ବି. (ଘୁଷ୍-ଅନ-ଆ) ସର୍ବସାଧାରଣଙ୍କୁ ଜଣାଇବା; ପ୍ରଚାର ।

ଘୋଷିତ—ବି୦. (ଘୁଷ୍-ତ) ପ୍ରଚାରିତ ।

ଘୋଷିବା—କ୍ରି. (ଘୋଷ ଧାତୁଜ) ପାଠ ଆବୃତ୍ତି କରିବା; ପ୍ରଚାର କରିବା ।

ଘୋସାରିବା—କ୍ରି. ଭୂମିରେ ଘଷାଇ ଟାଣିବା ।

ଘ୍ନ—ବି୦. (ହନ୍ ଧାତୁଜ) ନାଶକ; (ଶବ୍ଦାନ୍ତରେ ପ୍ରଯୁକ୍ତ) ।

ଘ୍ରାଣ—ବି. (ଘ୍ରା-ଅନ) ଗନ୍ଧଗ୍ରହଣ; ନାସିକା ।

ଘ୍ରାତ—ବି୦. (ଘ୍ରା-ତ) ଯାହାର ଘ୍ରାଣ ନିଆଯାଇଅଛି ।

ଘ୍ରେୟ—ବି୦. (ଘ୍ରା-ଯ) ଘ୍ରାତବ୍ୟ, ଘ୍ରାଣଯୋଗ୍ୟ ।

---

ଙ ବ୍ୟଞ୍ଜନର ପଞ୍ଚମ ବର୍ଣ୍ଣ; ଏ ବର୍ଣ୍ଣ କୌଣସି ପ୍ରଚଳିତ ଶବ୍ଦର ଆଦ୍ୟରେ ବ୍ୟବହାର ଦେଖାଯାଏ ନାହିଁ ।

---

ଚ ବ୍ୟଞ୍ଜନର ଷଷ୍ଠ ବର୍ଣ୍ଣ; ସଂ. ପୁନଃ ଅର୍ଥରେ ତଥା ଓ ବଦଳେ ଶବ୍ଦର ଅନ୍ତେ ଯୁକ୍ତ ହୁଏ ।

ଚଉଁର—ବି. (ଚାମରଶବ୍ଦଜ) ଚମରୀ-ପୁଚ୍ଛନିର୍ମିତ ବ୍ୟଜନବିଶେଷ ।

ଚଉତ—ବି. ଚୈତ୍ରମାସ ।

ଚଉ, ଚଉଁ-ଦେ. (ଚତୁଃଶବ୍ଦଜ) ଚାରି (ସଂଖ୍ୟା ଶବ୍ଦ ପୂର୍ବେ ବ୍ୟବହାର୍ଯ୍ୟ) ।

ଚଉକି-ବି.(ଚତୁଷ୍କଶବ୍ଦଜ) ସୁରକ୍ଷଣ; ପହରା ।

ଚଉଦୋଳ-ବି. (ଚତୁର୍ଦ୍ଦୋଳଶବ୍ଦଜ) ଚାରିଜଣ ମନୁଷ୍ୟଙ୍କ ଦ୍ୱାରା ବହନୀୟ ଶିବିକାବିଶେଷ ।

ଚଉଦ-ଦେ. ଚତୁର୍ଦ୍ଦଶ ।

ଚଉପଢ଼ି-ବି. (ଚତୁଷ୍ପଟ୍ଟ ଶବ୍ଦଜ) ସୂତାନିର୍ମିତ ବୋଝ; ଗୁଣଗୁଣରେ ବୋଝ ।

ଚଉଷଠି-ଦେ. ଚତୁଃଷଷ୍ଟି, ୬୪ ।

ଚଉଁରୀ-ବି. (ଚାମରଶବ୍ଦଜ) କେଶନିର୍ମିତ ଚାମର ।

ଚକଚକ-ଦେ. ଉଜ୍ଜ୍ୱଳ ।

ଚକ-ବି. (ଚକ୍ରଶବ୍ଦଜ) ଚକ୍ର; ଚତ୍ୱର ଏକ ଅବର୍ତ୍ତିତ ପରିମିତ ସ୍ଥାନ ।

ଚକଟା-ଦେ. ଚୂଡ଼ା ଘାଟଣ୍ଡବେଳା ଓ ଗୁଡ଼ର ମିଶ୍ରିତ ଖାଦ୍ୟ ।

ଚକଟିବା-କ୍ରି. ମିଶାଇବା; ମର୍ଦ୍ଦିବା ।

ଚକଡ଼ା-ବି. ସୂତ୍ରର ନିର୍ମିତ ବଡ଼ଚଉକି; ସ୍ଥାନ;

ଚକମକି-ବି. ଅଗ୍ନ୍ୟୁତ୍ପାଦକ ପ୍ରସ୍ତର । [ମଣ୍ଡଳ ।

ଚକା-ଦେ. (ଚକ୍ରଶବ୍ଦଜ) ଗୋଲ ।

ଚକି-ବି. (ଚକ୍ରଶବ୍ଦଜ) ଶସ୍ୟପେଷଣ ଯନ୍ତ୍ର ।

ଚକିତ-ବି. (ଚକ୍-ତ) ଭୟରେ କମ୍ପିତ; ବିସ୍ମିତ ।

ଚକିତେ-କ୍ରି. ବି. ବିସ୍ମିତ ଭାବରେ; ହଠାତ୍ ।

ଚକୁଳି-ବି. ପିଷ୍ଟକବିଶେଷ ।

ଚକୁଳିଆପଣ୍ଡା-ବି. ଏକପ୍ରକାର ଓଡ଼ିଆ ବ୍ରାହ୍ମଣ ।

ଚକୋର-ବି. (ଚକ୍-ଓର) ଜ୍ୟୋତ୍ସ୍ନାପ୍ରିୟ ପକ୍ଷିବିଶେଷ ।

ଚକ୍କର-ବି. (ଚକ୍ରଶବ୍ଦଜ) ଚକ୍ରାକାର ଭ୍ରମଣ ।

ଚକ୍ତି-ବି. କ୍ଷୁଦ୍ର କ୍ଷୁଦ୍ର ଗୋଲାକାର ଖଣ୍ଡ ।

ଚକ୍ର-ବି. (ଚକ୍-ର) ଚକ; ଚକ୍ରାକାର ଅସ୍ତ୍ର; ପ୍ରଦେଶ; କୁମ୍ଭକାରଯନ୍ତ୍ର; ସମୂହ; ମଣ୍ଡଳ ।

ଚକ୍ରଧର-ବି. (ଚକ୍ର-ଧୃ-ଅ) ସୁଦର୍ଶନ ଚକ୍ରଧାରୀ ବିଷ୍ଣୁ; ସର୍ପ ।

ଚକ୍ରପାଣି-ବି. (ଚକ୍ର-ପାଣି) ବିଷ୍ଣୁ ।

ଚକ୍ରବର୍ତ୍ତୀ-ବି.(ଚକ୍ର-ବୃତ୍-ଇନ୍) ସମ୍ରାଟ୍; ସାର୍ବଭୌମ ରାଜା ।

ଚକ୍ରବାକ, ଚକ୍ରବାକୀ } ବି. ଚକୁଆ ଚକୁଈ ପକ୍ଷୀ ।

ଚକ୍ରବାଳ-ବି.(ଚକ୍ର-ବଲ୍-ଅ) ମଣ୍ଡଳ; ଦିଙ୍ମଣ୍ଡଳ ।

ଚକ୍ରବୃଦ୍ଧି-ବି. ସୁଧର ସୁଧ ।

ଚକ୍ରାଙ୍ଗ-ବି. (ଚକ୍ର-ଅଙ୍ଗ) ରଥ; ହଂସ ।

ଚକ୍ରାନ୍ତ-ବି. (ଚକ୍ର-ଅନ୍ତ) ଷଡ଼ଯନ୍ତ୍ର ।

ଚକ୍ରୀ-ବି. (ଚକ୍ର-ଇନ୍) ଷଡ଼ଯନ୍ତ୍ରକାରୀ; ବିଷ୍ଣୁ ।

ଚକ୍ଷୁଃ, ଚକ୍ଷୁ } ବି. (ଚକ୍ଷ୍-ଉସ୍) ଅକ୍ଷି; ଦୃଷ୍ଟି ।

ଚକ୍ଷୁଃଶ୍ରବା-ବି. ( ଚକ୍ଷୁଃଶ୍ରବସ୍ ) ସର୍ପ ; (ସର୍ପ ଅକ୍ଷିରେ ଶୁଣେ ବୋଲି ପ୍ରବାଦ) ।

ଚକ୍ଷୁଷ୍ମାନ୍-ବି. (ଚକ୍ଷୁଃମତ୍) ଉତ୍ତମ ଦୃଷ୍ଟିଯୁକ୍ତ ।

ଚଗଲା-ବି. (ଚପଲଶବ୍ଦଜ) ଅସ୍ଥିରଚିତ୍ତ; ଦୁଷ୍ଟ ।

ଚଡ଼ବା, ଚଢ଼ିବା } କ୍ରି. (ଚଟ୍ଟଧାତୁଜ) ଉଚ୍ଚଦେଶଗାମୀହେବା ।

ଚଙ୍କ୍ରମଣ-ବି. (କ୍ରମ୍-ଯଙ୍-ଅନ) ପୁନଃ ପୁନଃ ଭ୍ରମଣ । [କ୍ରି. ବି. ଶୀଘ୍ର ।

ଚଞ୍ଚଳ-ବି. (ଚଲ୍-ଯଙ୍-ଅ) ଅସ୍ଥିର ; ଚପଳ ;

ଚଞ୍ଚଳା—ବି. ଲକ୍ଷ୍ମୀ; ବିଦ୍ୟୁତ୍ ।

ଚଞ୍ଚୁ—ବି. ପକ୍ଷୀର ଥଣ୍ଟ ।

ଚଟକ—ବି. (ଚଟ୍-ଅକ) ଘରଚଟିଆ ।

ଚଟକଣୀ—ବି. [illegible] ।

ଚଟକା—ବି. ଚେଷ୍ଟା ।

ଚଟାଣ—ବି. ପ୍ରସ୍ତରତଳ; ବନ୍ଧା ସମତଳ ଭୂମି ।

ଚଟି—ବି. ପଥିକମାନଙ୍କର ରହାସ ।

ଚଟୁ—ବି. କାଠର ହତା ।

ଚଟୁଆ—ବି. ଗଡ଼ିଆ ।

ଚଟୁକ୍ତି—ବି. ଅନୁଚିତ ମୁଖରୋଚକ ବଚନ ।

ଚଟୁଲ—ବି. (ଚଟ୍-ଉଲ) ଚଞ୍ଚଳ; ସୁନ୍ଦର ।

ଚଟାଇ, ଚଟେଇ—ବି. ମସିଣା ।

ଚଡ଼କ—ବି. ବଜ୍ର ।

ଚଡ଼କିବା—କ୍ରି. ଶବ୍ଦ ଫାଟିବା ।

ଚଡ଼ା—ବି. ନଦୀମଧ୍ୟରେ ସଞ୍ଚୁମାଟିର ଢିପ ।

ଚଡ଼େଇ, ଚଢ଼େଇ—ବି. ପକ୍ଷୀ ।

ଚଢ଼ାଇବା—କ୍ରି. ଅଳ୍ପ ବସାଇବା ।

ଚଢ଼ାଉ—ବି. ଆକ୍ରମଣ ।

ଚଢ଼ିବା—କ୍ରି. ଆରୋହଣ କରିବା ।

ଚଣକ—ବି. ଚଣା; ବୁଟ ।

ଚଣ୍ଡ—ବି. ଉଗ୍ରତର; ପ୍ରବଳ; ଅସ୍ଥିରମତି ।

ଚଣ୍ଡାଳ } ବି. (ଚଣ୍ଡ-ଅଲ-ଅ) ଶୂଦ୍ରବର୍ଣ୍ଣଲୋକ;
ଚାଣ୍ଡାଳ } ଘୃଣିତ ପଞ୍ଚମଜାତିର ଲୋକ ।

ଚଣ୍ଡିକା } ବି. (ଚଣ୍ଡ-ଇକ-ଆ, ଈ) ଦୁର୍ଗା;
ଚଣ୍ଡୀ } ଅତି କୋପନା ସ୍ତ୍ରୀ ।

ଚଉରସ୍ତ୍ର—ବି. (ଚତୁରସ୍ରଅକ) ଚତୁଷ୍କୋଣା-କୃତି ବେଦୀ ।

ଚତୁର—ବି. ଚାଲାକ; ବୁଦ୍ଧିମାନ୍; ନିପୁଣ; ଧୂର୍ତ୍ତ ।

ଚତୁରଙ୍ଗ—ବି. (ଚତୁର୍-ଅଙ୍ଗ) ହସ୍ତୀ, ଅଶ୍ୱ, ରଥ, ପଦାତି ଏହି ଚାରିଅଙ୍ଗବିଶିଷ୍ଟ (ସେନା) ।

ଚତୁରାଶୀତି—ବି. (ଚତୁର୍-ଅଶୀତି) ୮୪ ସଂଖ୍ୟା ।

ଚତୁରସ୍ର—ବି. (ଚତୁର୍-ଅସ୍ର) ଚତୁଷ୍କୋଣ ।

ଚତୁରାନନ—ବି. (ଚତୁର୍-ଆନନ) ବ୍ରହ୍ମା ।

ଚତୁର୍ଥ—ବି. (ଚତୁର୍-ଥ) ଚାରି ସଂଖ୍ୟାର ପୂରଣ ।

ଚତୁର୍ଥୀ—ବି. (ଚତୁର୍ଥ-ଈ) ତିଥିବିଶେଷ; ବ୍ୟାକ-ରଣରେ ବିଭକ୍ତିବିଶେଷ ।

ଚତୁର୍ଦ୍ଦଶ—ବି. (ଚତୁର୍-ଦଶନ୍) ୧୪ ସଂଖ୍ୟା ।

ଚତୁର୍ଦ୍ଦଶୀ—ବି. ପୂର୍ଣ୍ଣିମା ବା ଅମାବାସ୍ୟାର ପୂର୍ବ ଦିନ ।

ଚତୁର୍ଦ୍ଧା—ଅ. (ଚତୁର୍-ଧା) ଚାରିପ୍ରକାରରେ ।

ଚତୁର୍ଯୁଗ—ବି. (ଚତୁର୍-ଯୁଗ) ସତ୍ୟ, ତ୍ରେତା, ଦ୍ୱାପର ଓ କଳି ।

ଚତୁର୍ବର୍ଣ୍ଣ—ବି. (ଚତୁର୍-ବର୍ଣ୍ଣ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ।

ଚତୁର୍ବିଂଶତି—ବି. (ଚତୁର୍-ବିଂଶତି) ସଂଖ୍ୟା ୨୪ ।

ଚତୁର୍ବିଧ—ବି. (ଚତୁର୍-ବିଧ) ଚାରିପ୍ରକାର ।

ଚତୁର୍ବେଦ—ବି. (ଚତୁର୍-ବେଦ) ଋକ୍, ଯଜୁ, ସାମ ଓ ଅଥର୍ବ ।

ଚତୁଷ୍କ—ବି. (ଚତୁର୍-କ) ଚତୁଃସ୍ତମ୍ଭଯୁକ୍ତ ମଣ୍ଡପ ।

ଚକ୍ଷୁଷ୍ମାନ୍—ବିଂ. (ଚକ୍ଷୁଃ-ମତ୍) ଚକ୍ଷୁବିଶିଷ୍ଟ ।

ଚଞ୍ଚରୀ—ବି. ଷଟ୍‌ପଦ; ଭ୍ରମର ।

ଚଣ୍ଡାଂଶୁ—ବି.(ଚଣ୍ଡ-ଅଂଶୁ) ସୂର୍ଯ୍ୟ ।

ଚନ୍ଦନ—ବି. (ଚନ୍ଦ୍-ଅନ) ସୁଗନ୍ଧି ବୃକ୍ଷ; [ଚନ୍ଦନକାଠ ।

ଚନ୍ଦା—ବି. ଚାନ୍ଦା ।

ଚନ୍ଦ୍ର—ବି. (ଚନ୍ଦ୍-ର) ଚନ୍ଦ୍ରମା, ସୋମ, ଇନ୍ଦୁ, ଶଶୀ ।

ଚନ୍ଦ୍ରକ—ବି. ମୟୂରପୁଚ୍ଛର ଚକ୍ରାକାର ଚିହ୍ନ ।

ଚନ୍ଦ୍ର-କଳା—ବି. ଚନ୍ଦ୍ରର କଳା; ଚନ୍ଦ୍ରମଣ୍ଡଳର ଷୋଡଶ ଭାଗ ।

ଚନ୍ଦ୍ରକାନ୍ତ—ବି. (ଚନ୍ଦ୍ର-କାନ୍ତ) ମଣିବିଶେଷ ।

ଚନ୍ଦ୍ରଚୂଡ଼—ବି. (ଚନ୍ଦ୍ର-ଚୂଡ଼ା) ମହାଦେବ ।

ଚନ୍ଦ୍ରଭାଗା—ବି. ନଦୀବିଶେଷ ।

ଚନ୍ଦ୍ରମା—ବି. (ଚନ୍ଦ୍ରମସ୍ ଶବ୍ଦରୁ) ଚନ୍ଦ୍ର ।

ଚନ୍ଦ୍ର-ଶାଳିକା—ବି. ଗୃହ ଉପର ଘରର ଶିରୋ-

ଚନ୍ଦ୍ର-ଶେଖର—ବି. ଶିବ । [ଗୃହ ।

ଚନ୍ଦ୍ର-ହାର—ବି. କଟିର ଅଳଙ୍କାର ବିଶେଷ ।

ଚନ୍ଦ୍ରହାସ—ବି. ଖଡ୍ଗ; ରୌପ୍ୟ ।

ଚନ୍ଦ୍ରାତପ—ବି.(ଚନ୍ଦ୍ର-ଆତପ)ଜୋଛନା; ଚାନ୍ଦୁଆ ।

ଚନ୍ଦ୍ରିକା—ବି. (ଚନ୍ଦ୍ର-ଇକ-ଆ) ଜୋଛନା; ମୟୂର-
ପୁଚ୍ଛର ଚନ୍ଦ୍ରକ ।

ଚପ୍‌କନ୍—ବି. ଅଙ୍ଗରଖା ବିଶେଷ ।

ଚପଟ—ବି. ଚାପୁଡ଼ା; ଚପାଡ଼ । [ଚର ।

ଚପ୍ରାଶୀ—ବି. ପିଅନ; ଚପରାଶଧାରୀଙ୍କର ଅନୁ-

ଚପଳ—ବିଂ. (ଚପ୍-ଅଳ) ଅସ୍ଥିର; ଚଞ୍ଚଳ ।

ଚପଳା—ବି. (ଚପଳ-ଆ) ଲକ୍ଷ୍ମୀ; ବିଦ୍ୟୁତ୍ ।
ବିଂ. ଅସ୍ଥିରା ।

ଚପେଟ, ଚପେଟିକା—ବି. ଚାପୁଡ଼ା ।

ଚମ, ଚମଡ଼ା—ବି.(ଚର୍ମଶବ୍ଦଜ)ଦେହର ଛାଲ ।

ଚମକ—ବି. ହଠାତେ ଚିହୁଙ୍କିବା ।

ଚମତ୍କାର—ବି. (ଚମତ୍-କୃ-ଅ) ଆଶ୍ଚର୍ଯ୍ୟ;

ଚମତ୍କୃତ—ବିଂ. ଆଶ୍ଚର୍ଯ୍ୟାନ୍ୱିତ । [ବିସ୍ମୟ ।

ଚମର }
ଚମରୀ } ବି. ମୃଗବିଶେଷ ।

ଚମାର—ବି. (ଚର୍ମକାରଶବ୍ଦଜ) ଜାତି-

ଚମୂ—ବି. ସେନା; ସୈନ୍ୟ । [ବିଶେଷ ।

ଚମୂପତି—ବି. ସେନାପତି ।

ଚମୂରୁ—ବି. ମୃଗବିଶେଷ ।

ଚମ୍ପକ—ବି. (ଚମ୍ପ୍-ଅକ) ଚମ୍ପାଗଛ; ଚମ୍ପାଫୁଲ ।

ଚମ୍ପଟ—ବି. ପ୍ରସ୍ଥାନ; ପଳାୟନ ।

ଚମ୍ପା—ବି. ଚମ୍ପକବୃକ୍ଷ; ଚମ୍ପାଫୁଲ ।

ଚମ୍ପୂ—ବି. ଗଦ୍ୟ ପଦ୍ୟମୟ କାବ୍ୟଗ୍ରନ୍ଥ ।

ଚମ୍ପେଇକେଇଲି—ବି. ପୋକବିଶେଷ ।

ଚୟ—ବି. ସମୂହ, ରାଶି ।

ଚୟନ—ବି. (ଚି-ଅନ) ସଂଗ୍ରହ, ତୋଳିବା ।

ଚର—ବି. (ଚର୍-ଅ) ଗୁପ୍ତ ଦୂତ । ବିଂ. ଜଙ୍ଗମ ।

ଚରକ—ବି. ବୈଦ୍ୟଶାସ୍ତ୍ର ପ୍ରଣେତା ମୁନିବିଶେଷ ।

ଚରଖା—ବି. (ଚକ୍ରଶବ୍ଦଜ) ସୂତାକାଟିବା ଯନ୍ତ୍ର ।

ଚରଣ—ବି. (ଚର୍-ଅନ) ପାଦ; ଶ୍ଳୋକର
ଚତୁର୍ଥାଂଶ, ପଦ୍ୟର ଏକାଂଶ ।

ଚରଣାମୃତ—ବି. (ଚରଣ-ଅମୃତ) ପାଦୋଦକ ।

ଚରମ—ବିଂ. (ଚର୍-ଅମ) ଅନ୍ତିମ । ବି. ପିଠି ।

ଚରମାଚଳ—ବି. (ଚରମ-ଅଚଳ) ଅସ୍ତ ପର୍ବତ ।

ଚରସ୍-ବି. ମାଦକ ଦ୍ରବ୍ୟ ବିଶେଷ ।
ଚରାଇବା-କ୍ରି. (ଚର୍ଧାତୁଜ) ପଶୁଙ୍କୁ ବୁଲାଇ ଖୁଆଇବା ।
ଚରାଚର-ବି. ( ଚର-ଅଚର ) ଜଙ୍ଗମ ଓ [ସ୍ଥାବର ।
ଚରିତ-ବି. (ଚର୍-ତ) ଆଚରଣ; ଜୀବନ ବୃତ୍ତାନ୍ତ ।
ଚରିତାର୍ଥ-ବି. କୃତାର୍ଥ ।
ଚରିତ୍ର-ବି. (ଚର୍-ଇତ୍ର) ଆଚରଣ; ସ୍ୱଭାବ ।
ଚରିବା-କ୍ରି. (ଚର୍ଧାତୁଜ) ପଶୁମାନଙ୍କର ବୁଲି ଖାଇବା ।
ଚରିଷ୍ଣୁ-ବି. (ଚର୍-ଇଷ୍ଣୁ) ଗମନଶୀଳ; ଜଙ୍ଗମ ।
ଚରୁ-ବି. (ଚର୍-ଉ) ଯଜ୍ଞୀୟ ପାୟସାନ୍ନ ।
ଚର୍ମ-ବି. (ଚର୍ମନ୍ଶବ୍ଦ) ଚମଡ଼ା ।
ଚର୍ଚ୍ଚରୀ-ବି. ଗୀତ ବାଦ୍ୟଯୁକ୍ତ ଉତ୍ସବବିଶେଷ ।
ଚର୍ଚ୍ଚା-ବି. (ଚର୍ଚ୍-ଅ) ଅନୁଶୀଳନ ; ବିଚାର ; ଲେପନ ।
ଚର୍ଚ୍ଚିତ-ବି. (ଚର୍ଚ୍-ତ) ଚନ୍ଦନାଦିରେ ଲେପିତ ।
ଚର୍ଯ୍ୟା-ବି. (ଚର୍-ଯ-ଆ) ଅନୁଷ୍ଠାନ ।
ଚର୍ବଣ-ବି. (ଚର୍ବ୍-ଅନ) ଚୋବାଇବା ।
ଚର୍ବ୍ୟ-ବି. (ଚର୍ବ୍-ଯ) ଚର୍ବଣଯୋଗ୍ୟ ।
ଚର୍ବୀ-ବି. ଦେହସ୍ଥ ବସା ।
ଚର୍ମ-ବି. ଚମଡ଼ା; ଖାଲ ।
ଚଳ }
ଚଳିତ } ବି. (ଚଳ୍-ଅଚ୍, ତ) ଚଞ୍ଚଳ; ଗମନଶୀଳ ।
ଚଳନ-ବି. (ଚଳ୍-ଅନ) ଗମନ; ଭ୍ରମଣ; କମ୍ପନ ।
ଚଳାକ-ବି. ଶିଘ୍ରକାରୀ; ବୁଦ୍ଧିମାନ୍ ।
ଚଳାଣି-ବି. ଚଳିତି; ପ୍ରେରଣ ।

ଚଳିତ-ବି. (ଚଳ୍-ତ) ପ୍ରଚଳିତ; ଚଳୁଥିବା ।
ଚଳିବା-କ୍ରି.ବି. (ଚଳ୍ ଧାତୁଜ) ଗମନ କରିବା; ଚଳିବା ।
ଚଳିଷ୍ଣୁ-ବି. (ଚଳ୍-ଇଷ୍ଣୁ) ଗମନଶୀଳ; ଜଙ୍ଗମ ।
ଚଳୁ-ବି. (ଚଳ୍-ଉ) ଗଣ୍ଡୁଷ ।
ଚଟିଳା-ବି. (ଦେଶଜ) ଏକବଣ୍ଟ ।
ଚଷମା-ବି. ଉପନେତ୍ର ।
ଚଷକ-ବି. ମଦ୍ୟପାନ ପାତ୍ର ।
ଚଷା-ବି. (କର୍ଷକଶବ୍ଦଜ) କୃଷକ ।
ଚଷାପୁଅ-ବି. ଚଷାବିଶେଷ ।
ଚଷିବା-କ୍ରି. ହଳ ବୁଲାଇବା ।
ଚହଟିବା-କ୍ରି. ଶବ୍ଦର ପ୍ରକାଶ କରିବା ।
ଚହଲି-ବି. କୋଳାହଳ ।
ଚହଲିବା-କ୍ରି. କମ୍ପନାଦ୍ୱାରା ପାତ୍ରରୁ ତରଳ-ପଦାର୍ଥ ବାହାରେ ପଡ଼ିବା ।
ଚା-ବି. ପତ୍ରବିଶେଷ (ଯାହାରୁ ପେୟ ପାନୀୟ) ।
ଚାଉଳ-ବି. ତଣ୍ଡୁଳ ।
ଚାକଚକ୍ୟ-ବି. ଦୀପ୍ତି; ଉଜ୍ଜ୍ୱଳତା ।
ଚାକିରି-ବି. ସେବା; କର୍ମବୃତ୍ତି ।
ଚାକରାଣୀ-ବି. ଦାସୀ ।
ଚାକୁଣ୍ଡି-ବି. ଚକାର ବନ୍ଧ ।
ଚାକୁ-ବି. କ୍ଷୁଦ୍ରଛୁରୀ ।
ଚାକୁଣ୍ଡା-ବି. କ୍ଷୁଦ୍ର ଗୁଳ୍ମବିଶେଷ ।
ଚାକ୍ଷୁଷ-ବି. ଚକ୍ଷୁଗୋଚର; ପ୍ରତ୍ୟକ୍ଷ ।
ଚାଙ୍ଗୁଡ଼ି-ବି. ବାଉଁଶପଟାରି ପାତ୍ରମାନ ।
ଚାଙ୍ଗି-ବି. ଡାଲିଚି; ଗଦ ।

ଉଠିବା–କ୍ରି. (ଉତ୍ଥାଧାତୁଜ) ଶଯ୍ୟାତ୍ୟାଗ କରିବା ।

ଉଡୁ–ବି. ତାରା,ନକ୍ଷତ୍ର ।

ଉଡୁଣି–ବି. ଡାଙ୍ଗ; ସାଙ୍କୁଚେଷ୍ଟା ।

ଉଡ୍ଡୀୟା–ବି. (ଉଡ୍ଡୀୟନଜ) ଝୋଲପାଖାର ଭଦ୍ର । [ପକ୍ଷୀର ଉଡ଼ିବା ।

ଉଢ଼–ବି. ବାରେଣ୍ଡାଳଶରୀରିକ ପକ୍ଷୀ, ହଳିଆ-

ଉତ୍କଳ–ବି. (ଉତ୍କଳ-ଯ) ଉତ୍କଳବାସୀ ।

ଉତ୍ତିବା–କ୍ରି. ଶୀଘ୍ରତା ହେବା ।

ଉଠି–ବି. (ଉତ୍ଥାନଜ) ଉଠ ।

ଉଣ୍ଟଶାଳୀ–ବି. ଗୃହଶାଳା, ପାଠଶାଳା ।

ଉତ୍ତିବା–କ୍ରି. ଲେଖକ କରିବା ।

ଉତ୍ସ–ବି. (ଉତ୍ସ-ଅ) ଜଳପ୍ରବାହ: ସୋପାନୋଦ ।

ଉତ୍ସବାରି–ବିଂ. (ଉତ୍ସ-ବୃ-ଅ) ସ୍ଥାନକ, ସୋପା-ନୋଦକ ।

ଉଣୀଶ୍ୟ–ବି. ଜାତପାଷାଣବିଶେଷ ।

ଉଦ୍ଗାରି–ବି. ଦ୍ରବିତ ପଦାର୍ଥ ବାହାର କରିବ ।

ଉଦ୍ଗ୍ରୀ–କ୍ରି. ବିଂ. ଖାଉ ଖାଉ; କେବେ ।

ଉଦକ–ବି. ମେଘଜଳ ପ୍ରାର୍ଥୀ ପକ୍ଷୀ ।

ଉଦର–ବି. ପେଟ । [କୋଷଣ; ଗର୍ଭ ।

ଉଦ୍ଧୃତ–ବି. (ଉଦ୍ଧୃତ-ଅ-ଇ) ଉଦ୍ଧାରିବା;

ଉଦ୍ଧାର୍ୟ–ବି. (ଉଦ୍ଧାର-ଯ) ଉଦ୍ଧାରଣୀ ।

ଉଦ୍ଧୃବର୍ଣ୍ଣ୍ୟ–ବି. (ଉଦ୍ଧୃବର୍ଣ୍ଣ-ଯ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ପୂର୍ବ ଏହି ଜାତି ସମୂହ ।

ଉଦର–ବି. ଉଦରସ୍ଥ ବସ୍ତୁ, ଓଡ଼ା ।

ଉଦମ–ବି. ଉଦ୍ୟମ; କୋଷ୍ଠୀ; ଉତ୍ସାହ ଅପେକ୍ଷା ବା ଉଦ୍ଭବସ୍ତ ।

ଉଦା–ବି. ଝେଙ୍ଗା ।

ଉଦ୍ଭ୍ରମ–ବି. ଉଦ୍ଭାସ ।

ଉଦ୍ଭ–ବିଂ. (ଉଦ୍ଭ-ଅ) ଉଦ୍ଭ ସମ୍ବନ୍ଧୀୟ ।

ଉଦ୍ଭାସ୍ୱିଣୀ–ବି. (ଉଦ୍ଭ-ଅସ୍ୱର) ଉଦ୍ଭର ବୃକ୍ଷ ଓ ଲତା ପକ୍ଷାରେ ପାଳିତ ହରିଣ ପ୍ରଭୃତିବିଶେଷ ।

ଉପ–ବି. (ଉପ୍-ଅ) ଧାନ; ବୁଣିବାର ଭୂମି ।

ଉପଡ଼ା
ଉପୁଡ଼ା } ବି. (ଉତ୍ପାଟନଜ) ଉତ୍ପାଟିତ ।

ଉପଳ–ବି. (ଉପଲ-ଯ) ପ୍ରସ୍ତର ।

ଉପିବା–କ୍ରି. ଭରଦ୍ୱାଜ ମାରିବା ।

ଉମସ୍–ବି. (ଉଷ୍ମଶବ୍ଦଜ) ଗର୍ମି ।

ଉମର–ବି. (ଉମର-ଅ) ବାଳକାଳେ, ଉଦୟ ।

ଉମୀକର–ବି. ସୁବର୍ଣ୍ଣ ।

ଉମୁଣ୍ଡୀ–ବି. (ଉଣ୍ଡ-ମୁଣ୍ଡ-ଅ) ଦୁର୍ଗା ।

ଉର–ବି. (ଉରଶବ୍ଦଜ) ବକ୍ଷସ୍ଥଳ; ଦେବୀଙ୍କ ଉପରକୁ ଉଠି ଶିବାପାଇଁ ବନ୍ଧା ହୋଇଥାଏ ।

ଉରଣୀ–ବି. (ଉର୍-ଣିଚ୍-ଅନ) ମେଣ୍ଢା; ପଶୁ-ବନ୍ଧନବା ।

ଉରି–ବି. ଉପାୟ ।

ଉରୁଗନ୍ଧ–ବି. ଗାବୋଜିତ ଦୂଅପକ୍ଷ, ଭଳି ।

ଉରୁ–ବିଂ. (ଉରୁଶବ୍ଦଜ) ୪ ସଂଖ୍ୟା ।

ଉରସ୍–ବି. (ଉରସ୍-ଅ) ଉରସ; ଛାତି ।

ଉଲୁ–ବିଂ. (ଉଲ୍-ଉ) ସୁନ୍ଦର; ମନୋହର ।

ଉଲ–ବି. (ଉଲ-ଅ) ସୁନ୍ଦର ଅଙ୍କାବନ ।

ଉଲକା–ବିଂ. (ଉଲ-ଶିଚ୍-ଷକ) ଉଲକାବ ।

ଘୂର୍ଣ୍ଣନା-ବି. ଘୂରାଇବା; ପ୍ରେରଣା ।

ଘୂର୍ଣ୍ଣି-ବି. ଘୂର୍ଣ୍ଣବାୟୁ; ବାତ୍ୟାଳି ।

ଘୂର୍ଣ୍ଣିବା-କ୍ରି. (ଘୂର୍ଣ୍ଣ ଧାତୁଜ) ଭ୍ରମଣ କରିବା ।

ଘୂର୍ଣ୍ଣିତ-ବିଂ. (ଘୂର୍ଣ୍ଣ-ଇତ ପ୍ରତ୍ୟୟ) [illegible] ।

ଘୃଣଣା-ବି. ଘୃଣିତ ବର୍ଣ୍ଣ ସମସ୍ତରେ ହୋଇଥିବା ବିକାର ।

ଘୃଣ୍ଣୀ-ବି. (ଘୃଣାଶବ୍ଦଜ) ଧାନ୍ୟାଦି ଭଜା-ହେବା ଦିଗ ଶବ୍ଦଯୁକ୍ତ ପାତ୍ର ।

ଘୃଣ୍ଣି-ବି. କୋଇଲା ।

ଘୃଷ୍ଟ-ବି. (ଘୃଷ୍-ତ) ଘଷିହେବା; ଘର୍ଷଣ ।

ଘ୍ରାଣି-ବି. ଶୁଙ୍ଘିବା ।

ଘ୍ରାଣିବା-କ୍ରି. ଶୁଙ୍ଘିବା ।

ଚଅଁ-ବି. ଚକ୍ଷୁ ଲୋମହୀନ ହେବା ।

ଚକ୍‌ଚକ୍-ବିଂ. ଚାକ୍‌ଚକ୍ୟ ।

ଚକ୍ରୀ-ବିଂ. (ଚକ୍ରଶବ୍ଦଜ) ଚକ୍ରଯୁକ୍ତ; ଘଟୀଯନ୍ତ୍ର ।

ଚକ୍ଷଣୀ-ବିଂ. (ଚକ୍ଷୁଶବ୍ଦଜ) ଦର୍ଶନ; ଦୃଷ୍ଟି ।

ଚକ୍ଷୁଷ୍ମ-ବି. (ଚକ୍ଷୁ-ଷ୍ମ-ମତ) ଚକ୍ଷୁ ।

ଚକ୍ଷୁଷ୍ମା-ବି. (ଚକ୍ଷୁ-ଷ୍ମ-ଆ) ଦେଖିବାର ଶକ୍ତି ।

ଚକ୍ଷୁଷ୍ମତି-ବିଂ. ଯାହାର ଚକ୍ଷୁ ଅଛି ଦେଖି-ପାରେ ।

ଚକ୍ଷୁର୍ଦା-ବି. (ଚକ୍ଷୁ-ଦା-ଆ) ଦେଖିବାର ଇଚ୍ଛା ।

ଚକ୍ଷୁର୍ଦ୍ଦ-ବିଂ. (ଚକ୍ଷୁ-ଦା-ଦ) ଦେଖିବାକୁ ଦେବା ।

ଚକ୍ରୁଲ-ବି. ଦେଖ ।

ଚଙ୍କଣୀ-ବିଂ. ସୁନ୍ଦର; ମସୃଣ ।

ଚଙ୍ଗୁଡ଼ି, ଚିଙ୍ଗୁଡ଼ି-ବି. ମତ୍ସ୍ୟବିଶେଷ ।

ଚଙ୍ଗ୍ରା-ବି. ଟେକୁଲି ।

ଚଞ୍ଚାଲି-ବି. ଝଟି, ପଣ୍ଡ ।

ଚଟା-ବି. ଡିଙ୍ଗା ।

ଚଟି-ବି. ପାଦ; ଚଟି ।

ଚଟିବା-କ୍ରି. କ୍ରୋଧ କରିବା; ବଳକ୍ରି ପ୍ରକାଶ କରିବା ।

ଚଟୁ-ବି. (ଚଟ୍-ଉ) ଖୋସାମଦ; ଚାଟୁ ।

ଚଢ଼ୁ-ବିଂ. ଉଚ୍ଚାର ।

ଚଢ଼ାଇ, ଚାଢ଼ାଇ-ବି. ଉଚ୍ଚାଣ ।

ଚଡ଼ଚଡ଼ି-ବି. ପକ୍ଷିବିଶେଷ ।

ଚଣା-ବି. (ଚଣ-ଅ-ଆ) ଶବଦାର ଲକ୍ଷ୍ମୀ ।

ଚଣ୍ଡ-ବି. (ଚଣ୍ଡ ପ୍ରତ୍ୟୟ) ଉଗ୍ର ।

ଚତୁ-ବି. (ଚତ୍-ଉ) ଆସ୍ୟବନ୍ଧନ ।

ଚତୁର-ବିଂ. (ଚତ୍-ଉର-ଅ) ଦକ୍ଷ; ନିପୁଣ; ଅନୁସନ୍ଧାନ । ବି. ଅବଲମ୍ବ; ରୂପ; ବଳଧା ।

ଚତୁଷ୍କ-ବି. (ଚତୁର-କ) ବୃକ୍ଷବିଶେଷ, ବାସ୍ତୁବିଶେଷ ।

ଚତୁସ୍ସୂତ୍ର-ବି. ଶୂନ୍ୟ; ଅଗ୍ନି ।

ଚତୁରଥ-ବି. ପକ୍ଷିବିଶେଷ ।

ଚନ୍ଦ୍ରା-ବି. (ଚନ୍ଦ-ଅ) ଜଳଜ ବିଶେଷ ।

ଚନ୍ଦି-ବି. ଗୋଷ୍ଟକ ଧନତତ୍ତ୍ୱ ।

ଚନ୍ଦ୍ର-ବି. ସ୍ବର୍ଣ୍ଣ ମୋତିରାଦିର ଚିକଣ ବିଶେଷ; ଗ୍ରହବିଶେଷ ।

ଚନ୍ଦ୍ରମସ୍, ଚନ୍ଦ୍ରମା-ବିଂ. ଚନ୍ଦ୍ରର ଶୋଭା ।

ଚନ୍ଦ୍ରା-ବି. (ଚନ୍ଦ୍ର-ଆ) ଝଲକ, ସୁନ୍ଦର; ଅଲୋକିତ ।

ଚନ୍ଦ୍ରିତ-ବିଂ. (ଚନ୍ଦ୍ର-ତ) ଝଲକ; ଅଲୋକିତ ।

ଚନ୍ଦ୍ରମସ୍-ବିଂ. (ଚନ୍ଦ୍ର-ମସ୍) ଚନ୍ଦ୍ରମା ।

ଚପିଟ } ବି. ଚୂଡ଼ାକାରକ ଖାଦ୍ୟ ।
ଚପିଟକ }

ଚପା—ବିଂ. କୃପଣ ।

ଚପୁଡ଼ିବା } କ୍ରି. ହସ୍ତ ବା ଯନ୍ତ୍ରଦ୍ୱାରା ଜଳ ବା ରସ
ଚିପୁଡ଼ିବା } ବାହାର କରିବା ।

ଚମୁଟା—ବି. ଅଗ୍ନି ଧରିବାର ଲୌହଯନ୍ତ୍ର ।

ଚମୁଡ଼ିବା } କ୍ରି. ଦୁଇ ନଖଦ୍ୱାରା ଚାପିବା ।
ଚିମୁଡ଼ିବା }

ଚର—ବି.ବିଂ. ଚର୍ଦ୍ଦାଳ; ଜଙ୍ଗମ । [ବରିଷ୍ଠ ।

ଚରଞ୍ଜୀବ—ବିଂ. ( ଚିର-ଜୀବ-ଅ ) ଦୀର୍ଘାୟୁ-

ଚରନ୍ତନ—ବିଂ. (ଚିର-ତନ) ଚିରକାଳୀନ ।

ଚରି—ବିଂ. (ଘରଣବଚ) ଛୁରା ।

ଚରସ୍ଥ—ବି.(ଚିର-ଅସ୍ଥ) ଚିରସ୍ଥାୟୀ; ଦେବତା ।

ଚଲୀ—ବି. ଏଭାବ ।

ଚଲିବା—କ୍ରି. ଛୁଣ୍ଡାଇବା, ଫାଡ଼ିବା ।

ଚରେଇତା—ବି. ଚିରେଇତା ବୃକ୍ଷ ବା ତାହାର
ଡାଳ । [ବିଶେଷ ।

ଚଲ—ବି. ( ଚିଲ୍ଲଶବ୍ଦଜ ) ମୃତମାଂସଭକ୍ଷକ ପକ୍ଷୀ-

ଚଲମ—ବି. ହୁକାଭାଜନ ଯନ୍ତ୍ରବିଶେଷ ।

ଚବୁକ—ବି. ଓଷ୍ଠ, ଓଠ ।

ଚହିଁବା—କ୍ରି. ଚାହିଁବା ।

ଚହ୍ନ—ବି. (ଚିହ୍ନ-ଅ) ଦାଗ; ଲକ୍ଷଣ ।

ଚଡ଼ା—ବିଂ. (ଚିଡ଼ିଚଣବଦ) ଘଗଡ଼ିଆ ।

ଚଡ଼ିତ—ବି. ( ଚିହ୍ନ-ତ ) ଚିହ୍ନଯୁକ୍ତ; ଦାଗଦ୍ୱାର

ଚାନ୍ଦ—ବି. ବେଦବିଶେଷ । [ଅଙ୍କିତ ।

ଚୀନା—ବି. (ଦେଶଜ) ଶସ୍ୟବିଶେଷ ।

ଚୀର—ବି. ବସ୍ତ୍ରଖଣ୍ଡ; ଚିରକନା ।

ଚୀବର—ବି. (ଚି-ବର) ବସ୍ତ୍ର; କୌପୀନ ।

ଚୁଆ—ବି. ସୁଗନ୍ଧି ତୈଳବିଶେଷ ।

ଚୁଆଇବା—କ୍ରି. (ଚୁଧାତୁଜ) କ୍ଷରଣ କରାଇବା ।

ଚୁକ୍ରି—ବି. ଅମ୍ଳରସ; କାଞ୍ଜି ।

ଚୁଚୁନ୍ଦ୍ରା—ବି. (ଚୁଚୁଧର ଶବ୍ଦ) ଗନ୍ଧମୂଷିକ ।

ଚୁଡ଼ାମଣି—ବି. ଶିରୋଭୂଷଣ; ଶ୍ରେଷ୍ଠବିଶେଷ ।

ଚୁଙ୍ଗା, ଚୁଙ୍ଗୀ—ବି. ନଳ ।

ଚୁଟୀ—ବି. (ଚୁଡ଼ାଶବ୍ଦଜ) ମୁଣ୍ଡର କେଶବାନ୍ଧ ।

ଚୁଡ଼ା—ବି. (ଚିପିଟଶବ୍ଦଜ) ଖାଦ୍ୟବିଶେଷ ।

ଚୁନ—ବି. (ଚୂର୍ଣ୍ଣଶବ୍ଦଜ) ଶମ୍ବୁକାଦି ଭସ୍ମ ।

ଚୁନା—ବି. ଚୂର୍ଣ୍ଣ; ବିଂ. ଚୂର୍ଣ୍ଣିତ ।

ଚୁମି—ବି. ସ୍ତ୍ରୀ ବସ୍ତ୍ରାଭରଣବିଶେଷ ।

ଚୁପ—ବିଂ. ନୀରବ ।

ଚୁମା—ବି. (ଚୁମ୍ବଧାତୁଜ) ଚୁମ୍ବନ ।

ଚୁମ୍ବ } ବି. (ଚୁମ୍ବ-ଅ, ଅନ) ଓଷ୍ଠଦ୍ୱାରା ସ୍ନେହର
ଚୁମ୍ବନ } ଚିହ୍ନ ।

ଚୁମ୍ବିତ—ବିଂ. ଓଷ୍ଠଦ୍ୱାରା ସ୍ପୃଷ୍ଟ; ଚୁମ୍ବ ।

ଚୁମ୍ବକ—ବି. ଲୌହାକର୍ଷକ ମଣି; ଆକର୍ଷକ ଧାତୁ ।

ଚୁରିବା—କ୍ରି. (ଚୂର୍ଣ୍ଣଧାତୁଜ) ଚୂର୍ଣ୍ଣ କରିବା ।

ଚୁଲ୍ଲୀ—ବି. ରନ୍ଧନାର୍ଥ ଅଗ୍ନିକୁଣ୍ଡ ।

ଚୂଡ଼ା—ବି. ଶିଖା; ଶିଖର; ଶିରୋଭୂଷଣ ।

ଚୂଡ଼ାକରଣ—ବି. ବାଳକର କେଶ ସଂସ୍କାର
ବିଶେଷ ।

ତୁଷାଗ୍ନି-ବିଂ. (ତୁଷା-ଅଗ୍ନି) ପୋଷ ।

ତୁଷା-ମଣି-ବି. ଶିବେଲଙ୍ଗ; ବି. କେଶ୍ର ।

ତୁଷ୍ଟି-ବି. (ତୁଷ୍-ତି) ଆନନ୍ଦ; ଶମ ।

ତୂଣୀ } ବି. (ତୂଣ-ଈ, ଈର) ତୂଣ୍ଣ; ତୂଣ ।
ତୂଣୀର }

ତୂଣୀକୁଣ୍ଡଳ-ବି. ଶରଧି ।

ତୁଳି-ବି. କେଶର; ତୂଳା ।

ତେଜିବା-କ୍ରି. (ତେଜକାରକ୍ସ) ତାଡିବା ।

ତେଜବା-ଘ. ଘାସ ଷଂଲଗ୍ନ ତଣ୍ଡାବାର ଦୃଢବା-[ଣ୍ଡ ।

ତେଡ଼ି-ବି. ଘଡା ।

ତେଣ୍ଟ-ବି. ମସ୍ତ୍ୟବିଶେଷ ।

ତେଣ୍ଟ-ବି. ଦାଗ ।

ତେଣ୍ଟୀ-ବି. କେଶ; ଦାଗ ।

ତେଜଃ-ବି. (ତିଜ୍-ଅସ୍) ଅଗ୍ନି; ଶିଖା ।

ତେଜନ-ବିଂ. (ତିଜ୍-ଅନ) ତେଜକାରକ; ବଳିଷ୍ଠ; ତେଜକା ।

ତେଜନା-ବି.(ତିଜ୍-ଅନ-ଆ) ଦ୍ୟୁତି; ଦୀପ୍ତି ।

ତେଜିବା-କ୍ରି. (ତେଜନଶବ୍ଦ) ତେଜବା ।

ତେଜାଇବା-କ୍ରି. ତେଜାଇବା; ଶାଣ ଦେ-[ଇବା ।

ତେତ୍ର-ବିଂ. ତେଜ; ତୀକ୍ଷ୍ଣ ।

ତେମନ-ବିଂ. ଯାହା ସହିତରେ ଖଟେ ତାହା ।

ତେର-ବି. ମୂଳ ।

ତେଲ-ବି. ତୈଳ; ସ୍ନେହଦ୍ରବ୍ୟ ।

ତେଲ୍ଲି-ବି. ତେଲିଆମାନଙ୍କର ଶିଶୁ ।

ତେଷ୍ଟା-ବି. (ତୃଷ୍-ଆ) ପାଣିପିଇବା ଇଚ୍ଛା; ଶିଷ୍ଠା; ଶଙ୍କ । [ବି. ଅଜ୍ଞତା ବିଷ୍ଠା ।

ତେଷ୍ଟିତ-ବିଂ. (ତେଷ୍ଟ-ତ) ତୃଷ୍ଣାଯୁକ୍ତ ।

ତେତେହିସ-ବି. ସୂର୍ଯ୍ୟର ଅଶ୍ୱତ ।

ତୈତିରୀୟ-ବି. (ତିତ୍ତିର-ୟ) ତେତିକା; ବୈଦିକସଂହିତାମାନଙ୍କ ଅର୍ଥାତ୍ ଶାଖା ।

ତୈତିଳ-ବି. ସ୍ତ୍ରୀରତ୍ନ; ବସ୍ତ୍ରଖଣ୍ଡ; ଜ୍ୟୋତିଷ-ମାନଙ୍କର ଯୁଗାନ୍ତର; ଦୁର୍ଭିକ୍ଷ ।

ତୈର୍ଥ-ବି. (ତୀର୍ଥ-ଅ) ତୈର୍ଥିକ; ମନ୍ତ୍ରଣା ।

ତୈଳରଥ-ବି. କୁବେରର ଉଦ୍ୟାନ ।

ତୋଷଣା-ବି. (ତୋଷଣଶବ୍ଦ) ସନ୍ତୋଷରେ ବର୍ଣ୍ଣନ

ତୋଷମିବା-କ୍ରି. ତୁଷ୍ଟିବା । [ପ୍ରସାଧିତ ।

ତୋଷ୍ଟ-ବି. ଅସ୍ଥିର ଅପାତ ।

ତୋଡା-ବିଂ. ପାତ; ଛଡ଼ାଇବ । [ସମ୍ପୂର୍ଣ୍ଣ ।

ତୋଷଦାୟିତା-ବିଂ. (ତୁଷ୍-ଦା-ତୃ) ତୋଷକ;

ତୋଷଣ-ବିଂ.(ତୁଷ୍-ଅ) ତୋଷକ; ଆନନ୍ଦଦାୟକ ।

ତୋଷ-ବି. ସୁଖ; ଅଭିପ୍ରାୟମତ୍ତା ।

ତୋଷା-ବି. ସନ୍ତୋଷ ଦେଇବାର ଗୁଣ ।

ତୋଷାଇବା-କ୍ରି.(ତୋଷଣଶବ୍ଦ) ଆନନ୍ଦଦେଇବା ।

ତୋଷୀ-ବି. ସନ୍ତୁଷ୍ଟଚିତ୍ତ ।

ତୋଷୀ-ବିଂ. ସନ୍ତୁଷ୍ଟ; ସୁଖୀ ।

ତୋଷାଗାର-ବି. ଅଧାଗାର ।

ତୋଷ-ବି. ତୌର୍ଯ୍ୟ; ସନ୍ତୋଷଣ ।

ତୋଳି-ବି. ବାଛିବା; (ସ୍ତ୍ରୀ ସହିତରେ) ।

ତୋଳିବା-କ୍ରି. (ତୁଳଧାତୁରୁ) ଉଠାଇ; ଯେପରି ଭାର ତିଳବା ।

ଚୋଷ୍ୟ–ବିଂ. (ଚୁଷ୍-ଯ) ଚୁଷଣର ଯୋଗ୍ୟ ।
ଚୌକସ–ବିଂ. ସୁରସ୍ପଷ୍ଟ କରା ସାହସ ।
ଚୌକିବା–ବି. ରକ୍ଷକସ୍ଥାନର ମାର୍ଜ୍ଜି ।
ଚୌକାଠ–ବି. (ଚତୁଃ-କାଷ୍ଠ) ଦ୍ୱାରବନ୍ଧ ।
ଚୌକି–ବି. (ଚତୁଷ୍କୋଣବତ୍) କାଷ୍ଠାସନ; ପହରା ।
ଚୌକିଆ } ବି. ପହରୀ; ଜଗୁଆଳୀ ।
ଚୌକିଦାର }
ଚୌଠ } ବି. (ଚତୁର୍ଥଭବତ୍) ରାଜସ୍ୱର ଏକ-
ଚୌଥ } ଭାଗ ।
ଚୌଠୀ–ବି. (ଚତୁର୍ଥୀଭବତ୍) ଉତ୍ସବବିଶେଷ; ବିବାହର ଚତୁର୍ଥଦିନ ।
ଚୌଡ଼ା–ବି. ପ୍ରସ୍ଥପରିମାଣ; ପରିସର; ଓସାର ।
ଚୌଧୁରୀ–ବି. (ଚତୁର୍ଦ୍ଧୁରୀଣବତ୍) ଉପାଧି-ବିଶେଷ; ଯେ ସବୁ କର୍ମରେ ଧୁରନ୍ଧର ।
ଚୌପଟ–ବିଂ. ସର୍ବନାଶ ।
ଚୌପଦୀ–ବି. ଚାରିପଦରେ ସମାପ୍ତ ଗୀତ ।
ଚୌପାଢ଼ୀ–ବି. (ଚତୁଷ୍ପାଠୀବତ୍) ସଂସ୍କୃତ ପାଠଶାଳା; ବୈଠକଖାନା ।
ଚୌର–ବି. (ଚୋର-ଅ) ଚୋର । [ଚମର ।
ଚୌରସ–ବିଂ. (ଚତୁରସ୍ରବତ୍) ସମଚତୁରସ୍ର ।
ଚୌରାନବେ–ବିଂ. ଚତୁର୍ନବତି; ୯୪ ।
ଚୌରାଶୀ–ବିଂ. ଚତୁରଶୀତି; ୮୪ ।
ଚୌର୍ଯ୍ୟ–ବି. (ଚୋର-ଯ) ଚୋରକର୍ମ ।
ଚୌସାର–ବି. (ଚତୁଃସାରବତ୍) ଖେଳ-ବିଶେଷ ।
ଚୌଷଠି–ବିଂ. ଚତୁଃଷଷ୍ଟି; ୬୪ ।

ଚ୍ୟବନ–ବି. (ଚ୍ୟୁ-ଅନ) କ୍ଷରଣ ।
ଚ୍ୟୁତ–ବିଂ. (ଚ୍ୟୁ-ତ) ପତିତ; ଭ୍ରଷ୍ଟ; ସ୍ଖଳିତ ।
ଚ୍ୟୁତି–ବି. (ଚ୍ୟୁ-ତି) ପତନ; ନାଶ ।

---

## ଛ

ବ୍ୟଞ୍ଜନର ସପ୍ତମ ବର୍ଣ୍ଣ ।

ଛଅ–ବିଂ. (ଷଟ୍ପଦବତ୍) ୬ ସଂଖ୍ୟା ।
ଛଇଳ–ବି. (ଛୈଳବତ୍) ବେଶମଣ୍ଡନ ।
ଛବି–ବି. (ଛବିବତ୍) ଶୋଭାର ବହିର୍ଦ୍ଦଶା; ଦେହଶୋଭା ।
ଛଇଲି–ବିଂ. (ଛଇଳବତ୍) ବେଶଭୂଷାପ୍ରିୟ ସ୍ତ୍ରୀ ।
ଛଉ–ବି. ନୃତ୍ୟବିଶେଷ । [ସୂଚକ ।
ଛକ–ବି. ଚତୁଷ୍ପଥ-ମିଳନ-ସ୍ଥାନ ।
ଛକିବା–କ୍ରି. ଗୁପ୍ତଭାବରେ ଜଗିବା ।
ଛଞ୍ଚାଣି–ବି. ଶ୍ୟେନପକ୍ଷୀ, ବାଜ ।
ଛଟକି–ବି. ଚଞ୍ଚଳ; ପ୍ରତାପ ।
ଛଟପଟ–ବିଂ. ଯନ୍ତ୍ରଣାପ୍ରାପ୍ତ, ବ୍ୟାକୁଳ ।
ଛଟା–ବି. କିରଣଜାଳ; ଦୀପ୍ତି; ଶୋଭା; ଘଟା ।
ଛଟାଙ୍କି–ବି. ସେରର ଷୋଡ଼ଶାଂଶ ।
ଛଡ଼ା–ବି. ମାରିବା ଛଡ଼ି । [ଶେଷ ।
ଛଡ଼ାଇବା–କ୍ରି. ମୁକ୍ତକରିବା; ବଳପୂର୍ବକ
ଛଡ଼ି–ବି. ହାତବାଡ଼ି ।
ଛଣା–ବି. (ଛଦ୍-ଆଲୁ) ଘରଛପର ଶୁଷ୍କତୃଣ ।
ଛଣା–ବିଂ. ଘିଅରେ ଭଜା ପଦାର୍ଥ ।
ଛତି–ବି. (ଶ୍ରଣବତ୍) ଛଣସଂଘଟିତ ରଜ୍ଜୁ ।

ଛଡ଼ା—ବି. (ଛଟ୍‌ଶବ୍ଦଜ) ଛଡ଼ା ।

ଛଡ଼ାଉଣି—ବି. (ଛଡ଼ାଇବାଶବ୍ଦଜ) ବୃକ୍ଷବିଶେଷ ।

ଛଡ଼ିଆ—ବି. ବାଉଁଶ ଓ ଦଉଡ଼ିର ମଞ୍ଚି ।

ଛତିଶ—ସଂ. ଷଟ୍‌ତ୍ରିଂଶତ୍; ୩୬ ।

ଛତ୍ର—ବି. (ଛତ୍ରଶବ୍ଦଜ) ସବାର ଚେଣ୍ଡି ।

ଛତୁ—ବି. (ଛତ୍ରାକଶବ୍ଦଜ) ଉଦ୍ଭିଦ ବିଶେଷ ।

ଛତି—ବି. (ଛଦ୍-ତି) ଛତା; ସ୍ୱଚ୍ଛିଦ୍ରବିଶେଷ; ଅସ୍ତ୍ରାଦି ରଖିବାର ସ୍ଥାନ ।

ଛତ୍ର-ପତି—ବି. ରାଜା । [ଛତା ।

ଛତ୍ର-ଭଙ୍ଗ—ବି. (ଛତ୍ର-ଭଙ୍ଗ) ନୃପନାଶ; ଅସ୍ୱ-

ଛତ୍ରୀ—ବି. (କ୍ଷତ୍ରିୟଶବ୍ଦଜ) କ୍ଷତ୍ରିୟ ।

ଛଦ<br>ଛଦନ } ବି. (ଛଦ୍-ଅ,ଅନ) ଆଚ୍ଛାଦନ ।

ଛଦ୍ମ—ବି. (ଛଦ୍-ମନ୍) କପଟ; ଛଳ ।

ଛନକା—ବି. ଚକା, ଭୟ ।

ଛନଛନ—ବି. ଘନ ଚଞ୍ଚଳ; ଭୟବଶ ।

ଛନ୍ଦ—ବି. ଅଭିଳାଷ; କପଟ; ଶ୍ଳୋକାଦିବିଶେଷ; ବନ୍ଧନ ରଜ୍ଜୁ ।

ଛନ୍ଦଃ—ବି. (ଛନ୍ଦ୍-ଅସ୍) ପଦର ବୃତ୍ତ; ବେଦ ।

ଛନ୍ନ—ବି. (ଛଦ୍-ତ) ଗୁପ୍ତ; ଆଚ୍ଛାଦିତ ।

ଛପର—ବି. ଘରର ଚାଳ ।

ଛପନ—ସଂ. ଷଟ୍‌ପଞ୍ଚାଶତ୍; ୫୬ ସଂଖ୍ୟା ।

ଛପିବା—କ୍ରି. ଲୁଚିବା ।

ଛବିଶ—ସଂ. ଷଡ଼ବିଂଶ; ୨୬ ସଂଖ୍ୟା ।

ଛୟାଅଶୀ—ସଂ. ଷଡ଼ଶୀତି; ୮୬ ସଂଖ୍ୟା ।

ଛୟାନବେ—ସଂ. ଷଟ୍‌ନବତି; ୯୬ ସଂଖ୍ୟା ।

ଛୟାଳିଶ—ସଂ. ଷଟ୍‌ଚତ୍ୱାରିଂଶ; ୪୬ ସଂଖ୍ୟା ।

ଛଳ—ବି. କପଟ; ବ୍ୟାଜ; ଅପଦେଶ ।

ଛଳନା—ବି. (ଛଳ୍-ଅନ-ଆ) ପ୍ରତାରଣା ।

ଛଳିବା—କ୍ରି. ପ୍ରତାରଣ କରିବା ।

ଛବି—ବି. ପ୍ରତିରୂପ; ଶୋଭା; କାନ୍ତି ।

ଛଷଠି—ସଂ. ଷଟ୍‌ଷଷ୍ଟି; ୬୬ ସଂଖ୍ୟା ।

ଛସ୍ତରି—ସଂ. ଷଟ୍‌ସପ୍ତତି; ୭୬ ସଂଖ୍ୟା ।

ଛାଇ—ବି. (ଛାୟାଶବ୍ଦଜ) ଛାୟା ।

ଛାଇବା—କ୍ରି. (ଛଦ୍-ଆଚ୍ଛାଦ୍) ଆଚ୍ଛାଦନ କରିବା ।

ଛାଉଣୀ—ବି. ଛପରବନ୍ଧ; ସୈନ୍ୟଶିବିର ।

ଛାଗ, ଛାଗଳ—ବି. ଛେଳି ।

ଛାଟ—ବି. ଦଣ୍ଡ, ଚାବୁକ ।

ଛାଞ୍ଚ, ଛାଞ୍ଚଣୀ—ବି. ଢାଞ୍ଚା ।

ଛାତ—ବି. ଠେସା; ଅଳିନ୍ଦ ।

ଛାତୁଣୀ—ବି. ଝାଡ଼ୁ ।

ଛାଡ଼ି—ବି. ତ୍ୟାଗ; ଅନୁମତି ।

ଛାଡ଼ିବା—କ୍ରି. ତ୍ୟାଗ କରିବା । [କରିବା ।

ଛାଣିବା—କ୍ରି. ବସ୍ତ୍ରାଦି ଦ୍ୱାରା ଛାଙ୍କି ବାହାର

ଛାତି—ବି. (ଛତ୍ରଶବ୍ଦଜ) କୋଠାଘରର ଆଚ୍ଛାଦନ ।

ଛାତ୍ର—ବି. (ଛତ୍ର-ଅ) ଶିଷ୍ୟ; ପଢ଼ୁଆ ।

ଛାଦନି—ବି. (ଛଦ୍-ଣିଚ୍-ଅନ) ଆଚ୍ଛାଦନ; ଛାଇବା ।

ଛାଦିତ—ସଂ. (ଛଦ୍-ଣି-ତ) ଆଚ୍ଛାଦିତ; ଗୁପ୍ତ ।

ଛାନସ୍ୱୀ—ସଂ. ଏକସ୍ତ୍ରୀକ ଭର୍ତ୍ତାରେ ନଷ୍ଟ ।

ଛାପ—ବି. (ଛାପାଶବ୍ଦଜ) ଚିହ୍ନ; ଚିହ୍ନସ୍ଥାନର ଅଙ୍କିତ ଭେଦ ବିଶେଷ ।

ଛାନ୍ଦସ—ସଂ. (ଛନ୍ଦସ୍-ଅ) ବେଦଅଧ୍ୟାୟୀ ।

ଛାପ—ବି. (ଇଂରାଜୀ) ମୁଦ୍ରାଚିହ୍ନ ।
ଛାପା—ବି. ମୁଦ୍ରାଙ୍କନ ।
ଛାପାଖାନା—ବି. ମୁଦ୍ରାଯନ୍ତ୍ରାଳୟ ।
ଛାମୁ—ବି. (ସମ୍ମୁଖଶବ୍ଦଜ) ସମ୍ମୁଖ; ରଜାଙ୍କ ପ୍ରତି ସମ୍ମାନ-ସୂଚକ ପଦ । [ଦେଶଜ ।
ଛାମୁକରଣ—ବି. ରଜା ବା ଜମିଦାରଙ୍କର
ଛାମୁଚିଠି—ବି. ଛାମୁଆଜ୍ଞା । [ସ୍ୱହସ୍ତଲିପି ।
ଛାୟା—ବି. (ଚ୍ଛୋ-ଧା-ଅ) ଛାଇ; କାନ୍ତି; ପ୍ରତିବିମ୍ବ;
ଛାୟାପଥ—ବି. ଆକାଶର ନକ୍ଷତ୍ରମୟ ପଥ; ଦେବଯାନ ।
ଛାର—ବିଂ. (କ୍ଷାରଶବ୍ଦଜ) ମନ୍ଦ; ଅଧମ; ନୀଚ ।
ଛାରଖାର—ବିଂ. (କ୍ଷାରଶବ୍ଦଜ) ନଷ୍ଟ ।
ଛାରପୋକ—ବି. ଓଡ଼ଶପୋକ ।
ଛାଲ—ବି. ବକଳ; ଚର୍ମ ।
ଛି—ଅ. ଘୃଣାସୂଚକ ଶବ୍ଦ ।
ଛିଙ୍କ—ବି. ନାକଦ୍ୱାରା ସଶବ୍ଦ ଶ୍ଳେଷ୍ମନିର୍ଗମନ ।
ଛିଞ୍ଚିବା—କ୍ରି. (ସିଞ୍ଚନଶବ୍ଦଜ) ସେଚନ କରିବା ।
ଛିଟ—ବି. (ଛିଟଶବ୍ଦଜ) ଚିତ୍ରବସ୍ତ୍ର ।
ଛିଟା—ବି. ବିନ୍ଦୁ; କଣା ।
ଛିଡ଼ା—ବି. ଠିଆ ।
ଛିଡ଼ିଯିବା—କ୍ରି. ଟିକିରି ପଡ଼ିବା ।
ଛିଡ଼ିବା } କ୍ରି. (ଛିଦ୍ଧାତୁଜ) ଛିନ୍ନ ହେବା ।
ଛିଣ୍ଡିବା }
ଛିଣ୍ଡା—ବିଂ. (ଛିନ୍ନଶବ୍ଦଜ) ଛିନ୍ନ ।
ଛିଣ୍ଡାଇବା—କ୍ରି. ଛିନ୍ନ କରିବା; ବିଚ୍ଛିନ୍ନ କରିବା ।

ଛିଣ୍ଡାଳି—ବି. କୁଳଟା ସ୍ତ୍ରୀ ।
ଛିଦ୍ର—ବି. (ଛିଦ୍-ର) ଗର୍ତ୍ତ; ରନ୍ଧ୍ର; ଦୋଷ ।
ଛିନ୍ନ—ବିଂ. (ଛିଦ୍-ତ) ଖଣ୍ଡିତ; ଛିଣ୍ଡା ।
ଛୁଆ—ବି. ଶିଶୁସନ୍ତାନ; ପିଲା ।
ଛୁଇଁ—ବି. ଲମ୍ବା ଲମ୍ବା ଫଳବିଶେଷ ।
ଛୁଇଁବା—କ୍ରି. ସ୍ପର୍ଶ କରିବା ।
ଛୁଞ୍ଚି—ବି. (ସୂଚୀଶବ୍ଦଜ) ସୂଚୀ ।
ଛୁଇଁଧନି—ବି. ଗୁଳ୍ମବିଶେଷ ।
ଛୁରିକା } ବି. (ଛୁର୍-ଇକ-ଆ, ଈ) ଅସ୍ତ୍ରବିଶେଷ ।
ଛୁରୀ }
ଛୁରିତ—ବିଂ. (ଛୁର୍-ତ) ଲିପ୍ତ ।
ଛେଉଣ୍ଡ—ବିଂ. (ଛେଦନ୍ତଶବ୍ଦଜ) ପିତୃମାତୃହୀନ ଶିଶୁ । [ଦେଶଜ ।
ଛେକ—ବି. ଦାଗ; ତାଳୁର ନିମ୍ନ ଦେଶ-ସ୍ଥାନ-
ଛେଙ୍କା—ବି. ତପ୍ତ ଲୌହର ଦାଗ ।
ଛେଚିବା—କ୍ରି. କୁଟିବା ।
ଛେଦ୍ୟ—ବିଂ. (ଛିଦ୍-ଯ) ଛେଦନଯୋଗ୍ୟ ।
ଛେଦ—ବି. (ଛିଦ୍-ଅ) ଖଣ୍ଡ; କ୍ଷୟ; ଛେଦନ ।
ଛେଦକ—ବିଂ. (ଛିଦ୍-ଅକ) ଛେଦନକାରୀ ।
ଛେଦନ—ବି. (ଛିଦ୍-ଅନ) କର୍ତ୍ତନ ।
ଛେନା—ବି. ଖଣ୍ଡିତ ଦୁଗ୍ଧ ବସ୍ତୁ; ଏକପ୍ରକାର ଖାଦ୍ୟ ।
ଛେଦିତ—ବିଂ. (ଛିଦ୍-ଇ (ଣିଚ୍)-ତ) କର୍ତ୍ତିତ ।
ଛେନି—ବି. ଲୁହାରର ଏକପ୍ରକାର ଅସ୍ତ୍ର ।
ଛେପ—ବି. (ଷ୍ଠୀବ୍ଧାତୁଜ) ନିଷ୍ଠୀବନ; ଥୁକ୍କାର ।
ଛେପିବା—କ୍ରି. ଜଳରେ ମଳ ନିଃସାରଣ କରିବା ।

ଛେଲା—ବି. ପରିମାଣବିଶେଷ ।

ଛେଲିବା—କ୍ରି. ଲୁଚିବା ।

ଛେଳି—ବି. ଛାଗଳ ।

ଛେଳି—ବି. ଛାଗ; ଅଜ ।

ଛୋକରା—ବି.(ଶାବକଶବ୍ଦଜ) ଅଳ୍ପବୟସ୍କ ବାଳକ; ବେଶ୍ୟାର ଦାସ; ଭଣ୍ଡ ।

ଛୋଟ—ବିଂ. (କ୍ଷୁଦ୍ରଶବ୍ଦଜ) ସାନ; ଲଘୁ; ଅଳ୍ପ ।

ଛୋଟା—ବିଂ. ଲେଙ୍ଗଡ଼ା ।

ଛୋଟୀ—ବିଂ. ଲେଙ୍ଗଡ଼ୀ ।

---

ଜ ବ୍ୟଞ୍ଜନବର୍ଣ୍ଣର ଅଷ୍ଟମ ଅକ୍ଷର ।

ଜ—ଜାତ (ପଦର ଶେଷରେ ପ୍ରଯୁକ୍ତ)

ଜଉ—ବି. (ଜତୁଶବ୍ଦଜ) ଲାଖ ।

ଜକଜକ—ବିଂ. ଉଜ୍ଜ୍ୱଳ ।

ଜକାଜକି—କ୍ରି. ଲଗାଲଗି ।

ଜଈଁ—ବି. (ଯବଶବ୍ଦର ଅପଭ୍ରଂଶ) ଧାନ ଅଳ୍ପ ସେ କୌଣସି ସ୍ଥଳରେ ଦୂବା ଅଥବା ଖଡ଼-ଗାଦ ପୋତା ରହିଲେ ତାହା ଜଳୁ ଗାଇଠି-ଯାଇ ଉଗନ୍ଧାଳ ହୁଏ; ସେହି ସ୍ଥିତିକୁ ଜଈ କହନ୍ତି ।

ଜଗଝମ୍ପ—ବି. ବାଦ୍ୟଯନ୍ତ୍ରବିଶେଷ ।

ଜଗତ୍—ବି. (ଗମ୍-ଅତ୍) ସଂସାର ।

ଜଗତୀ—ବି. (ଜଗତ୍-ଈ) ପୃଥିବୀ ।

ଜଗଚ୍ଚକ୍ଷୁ—ବି. (ଜଗତ୍-ଚକ୍ଷୁ) ସୂର୍ଯ୍ୟ ।

ଜଗୁଳିପିଢ଼ା—ବି. ଦ୍ୱାରରକ୍ଷକ ।

ଜଗତ୍-ପ୍ରାଣ—ବି. ବାୟୁ; ପବନ ।

ଜଗଦମ୍ବା—ବି.(ଜଗତ୍-ଅମ୍ବା) ଜଗନ୍ମାତା; ଦୁର୍ଗା ।

ଜଗଦୀଶ—ବି. (ଜଗତ୍-ଈଶ) ଜଗନ୍ନାଥ ।

ଜଗଦ୍ଧାତ୍ରୀ—ବି. (ଜଗତ୍-ଧାତ୍ରୀ) ଦୁର୍ଗା ।

ଜଗନ୍ନାଥ—ବି. (ଜଗତ୍-ନାଥ) ବିଶ୍ୱର ପ୍ରଭୁ; ଶ୍ରୀକ୍ଷେତ୍ର ପ୍ରସିଦ୍ଧ ଠାକୁର ।

ଜଘନ—ବି. (ହନ୍-ଅନ୍-ଅନ) କଟି ।

ଜଘନ୍ୟ—ବିଂ. (ଜଘନ-ଯ) ନୀଚ; ହେୟ ।

ଜଙ୍ଗମ—ବିଂ. (ଗମ୍-ଅ) ଗମନଶୀଳ; ଅସ୍ଥାବର ।

ଜଙ୍ଗଲ—ବି. ଅରଣ୍ୟ; ପଡ଼ିଆଜମି ।

ଜଙ୍ଗଲୀ—ବିଂ. ଅସଭ୍ୟ ।

ଜଂଘ—ବି. (ଜଙ୍ଘାଶବ୍ଦଜ) ଊରୁ । [ଜାନୁ ।

ଜଂଘା—ବି. (ହନ୍-ଅ) କଟିଠାରୁ ଆଣ୍ଠୁପର୍ଯ୍ୟନ୍ତ;

ଜଂଘିତୁଣ୍ଡା—ବି. ଶୁଦ୍ଧ ବୁଢ଼ାମଶା ।

ଜଂଘିଆ—ବି. ଜାନୁ-ଆଚ୍ଛାଦକ ବସ୍ତ୍ର ।

ଜଟୁଲି—ବି. ଖଣ୍ଡ ଲୁଚିବା ।

ଜଞ୍ଜାଳ—ବି. ଅବର୍ଜନା; ଉତ୍ପାତ ।

ଜଟ—ବି. (ଜଟାଶବ୍ଦଜ) ଜଟା; ଜଟିଳ କେଶ ।

ଜଟାଜୁଟ—ବି. ଏକତ୍ର ଜଟାସମୂହ ।

ଜଟାମାଂସୀ—ବି.(ଜଟା-ମାଂସ-ଈ) ଔଷଧିବିଶେଷ ।

ଜଟିଆ—ବିଂ. ଜଟାଯୁକ୍ତ । [ଦୁର୍ବୋଧ୍ୟ ।

ଜଟିଳ—ବିଂ. (ଜଟା-ଇଲ) ଜଟାଧାରୀ;

ଜଠୁଲି—ବି. ଦେହରେ ଥିବା କଳାଦାଗ ବା

ଜଠର—ବି. ଉଦର; ଗର୍ଭ । [ଚିହ୍ନ ।

ଜଠର-ଜ୍ୱାଳା—ବି. ଅତ୍ୟନ୍ତ କ୍ଷୁଧା ।

ଜଟିଳ-ବିଂ. (ଜଟା-ଇଲ) ଘନଜଟ; ଦୁର୍ବୋଧ; ଜଟାଯୁକ୍ତ ।

ଜଡ଼ତା-ବି. ନିଶ୍ଚେଷ୍ଟତା; ମୂର୍ଖତା ।

ଜଡ଼ା-ବି. ଏରଣ୍ଡ । ଦେ. ବାଲି ।

ଜଡ଼ି-ବି. ଔଷଧବୃକ୍ଷର ମୂଳ ।

ଜଡ଼ିତ-ବିଂ. ଲଗ୍ନ; ଅବେଷ୍ଟିତ ।

ଜଡ଼ିବା-କ୍ରି. ମିଶିବା; ଯୁକ୍ତ ହେବା ।

ଜଡ଼ିମା-ବି. (ଜଡ଼-ଇମନ୍) ଜଡ଼ତ୍ୱ; ଜାଡ଼୍ୟ ।

ଜଡ଼ୋଇ-ବିଂ. ମଣିଖଚିତ ।

ଜଣ-ବି. (ଜନଶବ୍ଦଜ) ଲୋକ; ମନୁଷ୍ୟ ।

ଜଣା-ବିଂ. (ଜ୍ଞାଧାତୁଜ) ଜ୍ଞାତ ।

ଜଣାଣ-ବି. (ଜ୍ଞାଧାତୁଜ) ପ୍ରାର୍ଥନା ।

ଜଣ୍ଟୁ-ବି. ଭଣ୍ଡ; ଷଣ୍ଢ ।

ଜତୁ-ବି. ଲାକ୍ଷା ।

ଜନ-ବି. (ଜନ୍-ଅ) ମନୁଷ୍ୟ ।

ଜନକ-ବି. (ଜନ୍-ଅକ) ପିତା; ରାଜର୍ଷିବିଶେଷ ।

ଜନତା-ବି. (ଜନ-ତା) ଜନସମୂହ; ଲୋକ ।

ଜନନ-ବି. (ଜନ୍-ଅନ) ଉତ୍ପତ୍ତି ।

ଜନନୀ-ବି. (ଜନ୍-ଅନ-ଈ) ମାତା ।

ଜନପଦ-ବି. ଦେଶ; ଲୋକାଳୟ ।

ଜନୟିତା-ବି. (ଜନ୍-ଣିଚ୍-ତୃ) ପିତା ।

ଜନୟିତ୍ରୀ-ବି. (ଜନ୍-ଣିଚ୍-ତୃ-ଈ) ମାତା । ବିଂ. ଉତ୍ପାଦିକା ।

ଜନରବ, ଜନ-ଶ୍ରୁତି } ବି. କିମ୍ବଦନ୍ତୀ; ଶୁଣାକଥା ।

ଜନସ୍ଥାନ-ବି. ଦଣ୍ଡକାରଣ୍ୟ ମଧ୍ୟସ୍ଥ ସ୍ଥାନବିଶେଷ ।

ଜନାନା-ବି. ସ୍ତ୍ରୀମହଲ ।

ଜନାନ୍ତିକ-ବିଂ. (ଜନ-ଅନ୍ତିକ) ଗୋପନ ।

ଜନାର୍ଦ୍ଦନ-ବି. (ଜନ-ଅର୍ଦ୍ଦ-ଅନ) ବିଷ୍ଣୁ ।

ଜନି-ବି. (ଜନ୍-ଇ) ସ୍ତ୍ରୀ ।

ଜନିତ-ବିଂ. (ଜନ୍-ତ) ଉତ୍ପାଦିତ ।

ଜନୀନ-ବିଂ (ଜନ୍-ଈନ) ଜନସମ୍ବନ୍ଧୀୟ ।

ଜନ୍ତା-ବି. (ଯନ୍ତ୍ରଶବ୍ଦଜ) ପାଣି ବୁହାଇବା କୋଖା ।

ଜନ୍ତୁ-ବି. (ଜନ୍-ତୁ) ପ୍ରାଣୀ; ଜୀବ ।

ଜନ୍ଦା-ବି. ଚିତାଇବା କଳେଶ ।

ଜନ୍ମ-ବି. (ଜନ୍-ମନ୍) ଉତ୍ପତ୍ତି ।

ଜନ୍ମାନ୍ତର-ବି. (ଜନ୍ମ-ଅନ୍ତର) ଅନ୍ୟ ଜନ୍ମ ।

ଜନ୍ମପତ୍ରିକା-ବି. କୋଷ୍ଠୀ; ଜାତକପତ୍ର ।

ଜନ୍ମାଷ୍ଟମୀ-ବି. ଶ୍ରୀକୃଷ୍ଣଙ୍କର ଜନ୍ମତିଥି ।

ଜପ-ବି. (ଜପ୍-ଅ) ମନ୍ତ୍ରର ବାରମ୍ବାର ଉଚ୍ଚାରଣ ।

ଜପମାଳା-ବି. ଅକ୍ଷମାଳା ।

ଜବା-ବି. ପୁଷ୍ପବିଶେଷ ।

ଜବାବ-ବି. ପ୍ରତ୍ୟୁତ୍ତର ।

ଜମା-ବି. ଅର୍ଥ; ସଞ୍ଚୟ ।

ଜମାଇବା-କ୍ରି. ସଞ୍ଚୟ କରିବା ।

ଜମାଉଡ଼-ବି. ବୈଷ୍ଣବଦଳ ।

ଜମି-ବି. ଭୂମି; କ୍ଷେତ୍ର ।

ଜମିଦାର-ବି. ଭୂମ୍ୟଧିକାରୀ ।

ଜମ୍ବାଲ-ବି. ଶୈବାଳ ।

ଜମ୍ବାଲିନୀ-ବି. ନଦୀ ।

ଜମ୍ବୀର-ବି. ଏକପ୍ରକାର ବଡ଼ ଲେମ୍ବୁ ।

ଜମ୍ବୁ—ବି. ଜାମୁଗଛ; ଜମ୍ବୁଦ୍ୱୀପ ।

ଜମ୍ବୁନଦ—ବି. ସୁବର୍ଣ୍ଣ ।

ଜମ୍ବୁକ—ବି. ଶୃଗାଳ; ଧୂର୍ତ୍ତବ୍ୟକ୍ତି ।

ଜମ୍ଭାରି—ବି. (ଜମ୍ଭ-ଅରି) ଇନ୍ଦ୍ର ।

ଜୟ—ବି. (ଜି-ଅ) ଶତ୍ରୁଦମନ ।

ଜୟନ୍ତ—ବି. (ଜି-ଅନ୍ତ) ଇନ୍ଦ୍ର-ପୁତ୍ର ।

ଜୟନ୍ତୀ—ବି. (ଜି-ଅନ୍ତୀ) ଦୁର୍ଗା; ବୃକ୍ଷବିଶେଷ ।

ଜୟପାଳ—ବି. ସାରକ ଔଷଧବିଶେଷ ।

ଜୟୀ—ବିଂ. (ଜୟ-ଇନ୍) ଜୟଶୀଳ; ଜୟଯୁକ୍ତ ।

ଜରଠ—ବିଂ. (ଜୃ-ଅଠ) ବୃଦ୍ଧ; କର୍କଶ ।

ଜରତ୍—ବିଂ. (ଜୃ-ଅତ୍) ବୃଦ୍ଧ; ଜୀର୍ଣ୍ଣ ।

ଜରତୀ—ବିଂ. ବୃଦ୍ଧା ।

ଜରଦ୍‌ଗବ—ବି. (ଜରତ୍-ଗୋ) ବୃଦ୍ଧ ବୃଷ ।

ଜରା—ବି. (ଜୃ-ଅ) ବାର୍ଦ୍ଧକ୍ୟ; ଅର୍ଦ୍ଧିତା ।

ଜରାୟୁ—ବି. ଗର୍ଭାଶୟ ।   [ଜାତ ।

ଜରାୟୁଜ—ବିଂ. ( ଜରାୟୁ-ଜନ୍-ଅ ) ଜରାୟୁରୁ

ଜର୍ଜ୍ଜର / ଜର୍ଜ୍ଜରିତ } ବିଂ. (ଜୃ-ଜୃ-ଅ, ତ) ଜୀର୍ଣ୍ଣ; ଅଭି-ଭୂତ ।

ଜଳ—ବି. (ଜଲ୍-ଅ) ପାଣି; ବାରି ।

ଜଳଙ୍କା—ବିଂ. ଯେ ଯତ୍ନରେ ପୁଅ ଦେଖି-ପାରେ ନାହିଁ ।

ଜଳ-କରି—ବି. ଜଳରୁ ଉତ୍ପନ୍ନ ଜନ୍ତୁ ।

ଜଳ-ଚରି—ବି. ଜଳଜନ୍ତୁ । ବିଂ. ଜଳଚର ।

ଜଳଜ—ବି. (ଜଳ-ଜନ୍-ଅ) ପଦ୍ମ । ବିଂ. ଜଳ-

ଜଳଦ—ବି. (ଜଳ-ଦା-ଅ) ମେଘ ।   [ଜାତ ।

ଜଳଧର—ବି. (ଜଳ-ଧୃ-ଅ) ମେଘ ।

ଜଳଧି—ବି. (ଜଳ-ଧା-ଇ) ସମୁଦ୍ର ।

ଜଳନିଧି—ବି. (ଜଳ-ନି-ଧା-ଇ) ସମୁଦ୍ର ।

ଜଳପାନ—ବି. ଜଳପାନ କରିବା; ଜଳଖିଆ; ଭୁଜା ବା ଚିଣ୍ଡାବାଦ ପ୍ରଭୃ. ।

ଜଳ-ପ୍ରପାତ—ବି. ଝର୍ଣ୍ଣା, ଝରଣା ।   [ପିଣ୍ଡ ।

ଜଳଯନ୍ତ୍ର—ବି. ଫୁଆରା; ଜଳ ପରିଷ୍କୃତ କରିବାର

ଜଳା—ବି. ଋତୁ; ବଣା ।

ଜଳାକବାଟୀ—ବି. ଝରକା; ଜାଲୀଯୁକ୍ତ

ଜଳାଞ୍ଜଳି—ବି. (ଜଳ-ଅଞ୍ଜଳି) ଜଳର ଅଞ୍ଜଳା; ତର୍ପଣ ।

ଜଳାଶୟ—ବି. (ଜଳ-ଆଶୟ) ଜଳର ଆଧାର ।

ଜଳୋଚ୍ଛ୍ୱାସ—ବି. ( ଜଳ-ଉତ୍-ଶ୍ୱସ ), ଜଳର ସ୍ଫୀତତା; ଜୁଆର ।

ଜଳୌକା—ବି. (ଜଳ-ଓକସ୍) ଜୋକ ।

ଜଳ୍ପ / ଜଳ୍ପନା } ବି. (ଜଳ୍ପ-ଅ, -ଅନ-ଆ) କଥନ; ଗଳ୍ପ ।

ଜଳ୍ପିତ—ବିଂ. କଥିତ ।

ଜବାବ—ହି. ବି. ଉତ୍ତର ।   [ଜଳପଡ଼ି ।

ଜଳଭ୍ରମ—ବି. ମେଘରୁ ଧୂମ୍ରାକାରରେ ପତନ

ଜବରି—ବି. ବଳ; ଜବର ।   [ଚିହ୍ନ ।

ଜାଗି—ବି. (ଜୋଗାଡ଼ର ଅପଭ୍ରଂଶ) ଜୋଗାଡ଼ୁ;

ଜାଗୀ—ବି. (ଜୋଗାଡ଼ୁର ଅପଭ୍ରଂଶ) ପଦାର୍ଥବିଶେଷ ।

ଜହ୍ନୁ—ବି. ଋଷିବିଶେଷ ।

ଜହ୍ନୁ-କନ୍ୟା—ବି. ଗଙ୍ଗାନଦୀ ।

ଜାଇ—ବି. (ଜାତିଶବ୍ଦଜ) ଜାଇଫୁଲ ; ବର୍ଷାସ୍ତମ୍ଭ-ମାଳ; ଦେହର ଚିହ୍ନବିଶେଷ ।
ଜାଉ—ବି. (ଯବାଗୂଶବ୍ଦଜ) ପତଳାମଣ୍ଡ ।
ଜାକି—ଦେ. ସଂଗ୍ରହି ।
ଜାକିବା—କ୍ରି. ଚାପିବା ।
ଜାଗରା—ବି. (ଜାଗୃ-ଅ) ଅନିଦ୍ରା; ଶିବରାତ୍ରି ।
ଜାଗରଣ—ବି.(ଜାଗୃ-ଅନ) ନିଦ୍ରାରୁ ଉଠିବା ।
ଜାଗରିତ—ବିଂ. (ଜାଗୃ-ତ) ନିଦ୍ରୋତ୍ଥିତ ।
ଜାଗରୂକ—ବିଂ. (ଜାଗୃ-ଊକ) ଜାଗରଣଶୀଳ;
ଜାଗା—ବି. ସ୍ଥାନ । [ସାବଧାନ ।
ଜାଗିରି—ବି. ସ୍ୱଦତ୍ତ ଭୂସମ୍ପତ୍ତି ।
ଜାଗ୍ରତ୍—ବିଂ. (ଜାଗୃ-ଅତ୍) ନିଦ୍ରାହୀନ; ସଚେତନ ।
ଜାଙ୍ଗଲିକ—ବି. (ଜାଙ୍ଗଲ-ଇକ) ବିଷବୈଦ୍ୟ ।
ଜାଜ୍ୱଲ୍ୟମାନ—ବିଂ. (ଜ୍ୱଲ୍-ଯଙ୍-ଶାନ) ଦେଦୀପ୍ୟମାନ ।
ଜାଡ଼ି—ବି. (ଜଡ଼ଶବ୍ଦଜ) ହିମ; ଶୀତ ।
ଜାଡ୍ୟ—ବି. (ଜଡ଼-ଯ) ଜଡ଼ତା; ନିର୍ବୁଦ୍ଧିତା ।
ଜାତ—ବିଂ. (ଜନ୍-ତ) ଉତ୍ପନ୍ନ ।
ଜାତକ—ବି. (ଜାତ-କ) ଜନ୍ମପତ୍ରିକା ।
ଜାତକର୍ମ—ବି. ( ଜାତ-କର୍ମ ) ଜନ୍ମସଂସ୍କାର-ବିଶେଷ ।
ଜାତବେଦାଃ—ବି. (ଜାତ-ବିଦ୍-ଅସ୍) ଅଗ୍ନି ।
ଜାତି—ବି. ( ଜନ୍-ତି ) ଜନ୍ମସମାନତା; ବଂଶ; ପ୍ରକାର; ଜାଇଫୁଲ ।
ଜାତିପାଞ୍ଚିକ—ବି. ଜାତିବର୍ଗ ।
ଜାତିଫଳ—ବି. (ଜାତି-ଫଳ) ଜାଇଫଳ ।
ଜାତ୍ୟନ୍ଧ—ବିଂ. (ଜାତି-ଅନ୍ଧ) ଜନ୍ମାନ୍ଧ ।
ଜାତୁଧାନ—ବି. ରାକ୍ଷସ ।
ଜାତ୍ୟ—ବିଂ. (ଜାତି-ଯ) କୁଳୀନ; ଶ୍ରେଷ୍ଠ ।
ଜାଦୁ—ବି. ( ଯାତୁ ଶବ୍ଦଜ ) ଭୋଜବିଦ୍ୟାବିଶେଷ ; କୁହୁକ ; ମାୟା ।
ଜାନକୀ—ବି. (ଜନକ-ଈ) ଜନକନନ୍ଦିନୀ; ସୀତା ।
ଜାନପଦ—ବି. (ଜନପଦ-ଅ) ଜନପଦବାସୀ ।
ଜାନୁ—ବି. (ଜନ୍-ଉ) ଉରୁସନ୍ଧି; ଆଣ୍ଠୁ ।
ଜାଫ୍ରାନ୍—ବି. କୁଙ୍କୁମ । [ପରଶୁରାମ ।
ଜାମଦଗ୍ନ୍ୟ—ବି. ( ଜମଦଗ୍ନି-ଯ ) ଜମଦଗ୍ନି ପୁତ୍ର;
ଜାମା—ବି. କୁର୍ତ୍ତା; ଅଙ୍ଗରଖା । [ଜ୍ୱାଇଁ ।
ଜାମାତା—ବି. ( ଜା-ମା-ତୃ ) ଝିଅର ବର ;
ଜାମି—ବି. (ଜମ୍-ଇ) ଝିଅ; ଭଗିନୀ ।
ଜାମିନ୍—ବି. ବନ୍ଧକ; ପ୍ରତିଭୂ ।
ଜାମ୍ବବାନ୍—ବି. (ଜାମ୍ବ-ବତ୍) ଋକ୍ଷପତି
ଜାମ୍ବୁନଦ—ବି. ସ୍ୱର୍ଣ୍ଣ ।
ଜାୟୁ—ବି. ଔଷଧ ।
ଜାୟା—ବି. (ଜନ୍-ଯ-ଆ) ପତ୍ନୀ । [ଦମ୍ପତି ।
ଜାୟାପତି—ବି. ( ଜାୟା ଓ ପତି ) ସ୍ତ୍ରୀପୁରୁଷ;
ଜାର—ବି. (ଜୄ-ଅ) ଉପପତି ।
ଜାରକ—ବିଂ. ଖାଦ୍ୟ ଜୀର୍ଣ୍ଣକାରୀ; ପାଚକ ।
ଜାରଜ—ବି. ( ଜାର-ଜନ୍-ଅ ) ଉପପତିଜାତ ସନ୍ତାନ ।
ଜାରିଣୀ—ବି. (ଜୄ-ଅନ) ଭ୍ରଷ୍ଟାଚାରିଣୀ ।
ଜାଲ—ବି. (ଜଲ୍-ଅ) ଫାନ୍ଦ ।

ଜାଳ-ବି. (ଜ୍ୱଲ୍‌ଧାତୁଜ) ଜାଳିବା କାଠ ।

ଜାଲ-ବି. (ଜଲ୍‌-ଅ) ମତ୍ସ୍ୟ ବା ପଶୁପକ୍ଷୀ ପ୍ରଭୃତି ବନ୍ଧନାର୍ଥ ସୂତ୍ର ନିର୍ମିତ ଯନ୍ତ୍ର ।

ଜାଲ୍‌-ବିଂ. ମିଥ୍ୟା; କପଟ; କୃତ୍ରିମ ।

ଜାଲ-ପାଦ-ବି. ହଂସ ।

ଜାଲଜାଲ୍‌ୟ-ବିଂ. ପଶୁଣ୍ଡ । [illegible]

ଜାଲିକ-ବିଂ. (ଜାଲ-ଇକ) ବ୍ୟାଧ; ଧୀବର;

ଜାଲିତନ୍ତୁ-ବି. ଛିଦ୍ରବିଶିଷ୍ଟ ଲୌହପାତ୍ର; ଦ୍ରବ-ଦ୍ରବ୍ୟକୁ ଚିପା ଛଡ଼ାଇବାର ଯନ୍ତ୍ରବିଶେଷ ।

ଜାଳି-ବି. ଜାଲଭଳି ଅସଂଖ୍ୟ ଛିଦ୍ରବିଶିଷ୍ଟ ପ୍ରସ୍ତର ଶିଳ୍ପ ।

ଜାଲୁଡ଼ା-ବି. ଏଣ୍ଡୁଆ ।

ଜାହାଜ-ବି. ଅର୍ଣ୍ଣବଯାନ; ବୋଇତ ।

ଜାହାଜି-ବି. ପାଣି ଜଡ଼ିବାର ଦୁବଦୂପାଶ ।

ଜାହ୍ନବୀ-ବି. (ଜହ୍ନୁ-ଅ-ଈ) ଗଙ୍ଗା ।

ଜିଅ-ବି. ଜୀବବିଶେଷ; ଜନ୍ତୁମାନ ।

ଜିଗମିଷା-ବି. (ଗମ୍‌-ସନ୍‌-ଅ) ଯିବାଇଚ୍ଛା ।

ଜିଗର-ବି. ଯକୃତ ।

ଜିଗୀଷା-ବି. ( ଜି-ସନ୍‌-ଅ ) ଜୟ କରିବାର [ଇଚ୍ଛା ।

ଜିଗୀଷୁ-ବିଂ. ଜୟେଚ୍ଛୁ ।

ଜିଘାଂସା-ବି. (ହନ୍‌-ସନ୍‌-ଅ) ହନନେଚ୍ଛା ।

ଜିଘାଂସୁ-ବିଂ. (ହନ୍‌-ସନ୍‌-ଉ) ହନନେଚ୍ଛୁ; ଶତ୍ରୁ ।

ଜିଘୃକ୍ଷା-ବି. (ଗ୍ରହ୍‌-ସନ୍‌-ଅ) ଗ୍ରହଣେଚ୍ଛା ।

ଜିଜୀବିଷା-ବି. (ଜୀବ୍‌-ସନ୍‌-ଅ) ବଞ୍ଚିବାର ଇଚ୍ଛା ।

ଜିଜ୍ଞାସା-ବି. (ଜ୍ଞା-ସନ୍‌-ଅ) ଜାଣିବାର ଇଚ୍ଛା ; ପ୍ରଶ୍ନ ।

ଜିଜ୍ଞାସିତ-ବିଂ. (ଜ୍ଞା-ସନ୍‌-ତ) ଯେଉଁ ବିଷୟରେ ବା ଯାହାକୁ ପଚରା ଯାଇଅଛି ।

ଜିଜ୍ଞାସୁ-ବିଂ. (ଜ୍ଞା-ସନ୍‌-ଉ) ଜାଣିବାକୁ ଇଚ୍ଛୁକ ।

ଜିଜ୍ଞାସ୍ୟ-ବିଂ. (ଜ୍ଞା-ସନ୍‌-ଯ) ଜିଜ୍ଞାସାଯୋଗ୍ୟ ।

ଜିଣିବା-କ୍ରି. (ଜିଧାତୁଜ) ଜୟ କରିବା ।

ଜିତ୍‌-ବିଂ. (ଜି-କ୍ୱିପ୍‌) ଜୟକାରୀ (ସମାସରେ ପ୍ରଯୁକ୍ତ) ।

ଜିତ-ବିଂ. (ଜି-ତ) ପରାଜିତ ।

ଜିତେନ୍ଦ୍ରିୟ-ବିଂ. ଇନ୍ଦ୍ରିୟ ଜୟକାରୀ; ସଂଯମୀ ।

ଜିତ୍ୱର-ବିଂ. (ଜି-ଵର) ଜୟଶୀଳ ।

ଜିନ-ବି. ( ଜି-ନ ) ବୌଦ୍ଧମାନଙ୍କର ଦେବତା; ମୁନିବିଶେଷ ।

ଜିନସ-ବି. ଦ୍ରବ୍ୟ ।

ଜିଭ-ବି. (ଜିହ୍ୱାଶବ୍ଦଜ) ଜିହ୍ୱା ।

ଜିଲ୍ଲା-ବି. ଦେଶର ବିଭାଗ ।

ଜିଷ୍ଣୁ-ବି. (ଜି-ଷ୍ଣୁ) ଇନ୍ଦ୍ର; ବିଷ୍ଣୁ; ଜୟକାରୀ ।

ଜିହୀର୍ଷା-ବି. (ହୃ-ସନ୍‌-ଅ) ହରଣେଚ୍ଛା ।

ଜିହ୍ମ-ବିଂ. ବକ୍ର ।

ଜିହ୍ୱା-ବି. ଜିଭ, ରସନେନ୍ଦ୍ରିୟ ।

ଜୀଇଁବା-କ୍ରି. (ଜୀବ୍‌ଧାତୁଜ) ବଞ୍ଚିବା ।

ଜୀମୂତ-ବି. (ଜୀ-ମୂ-ତ) ମେଘ ।

ଜୀମୂତ-ବାହନ-ବି. ଇନ୍ଦ୍ର ।

ଜୀଯନ୍ତା-ବିଂ. ସଜୀବ ।

ଜୀର / ଜୀରକ } ବି. (ଜୃ-ଅ-କ) ଜିରା ।

ଜୀର୍ଣ୍ଣ-ବିଂ. (ଜୃ-ତ) ପୁରାତନ; ବୃଦ୍ଧ; ପରିପକ୍ୱ ।

ଜାତି-ସଂସ୍କାର-ବି. ମସ୍ତମଣ ।
ଜାଙ୍ଗୁଳିକାର-ବି. (ଜାଙ୍ଗୁଳି-ଉଦାର) ମନ୍ତ୍ରଜ୍ଞ; ସଂସ୍ମରଣ ।
ଜୀବ-ବି. (ଜୀବ୍-ଅ) ଜୀବାତ୍ମା; ପ୍ରାଣୀ; ଜୀବନ ।
ଜୀବଦଶା-ବି. (ଜୀବତ୍-ଦଶା) ଜୀବନକାଳ ।
ଜୀବନ-ବି. (ଜୀବ୍-ଅନ) ପ୍ରାଣ; ଜୀବିକା; ଜଳ; ମଜ୍ଜା; ବାୟୁ ।
ଜୀବନ୍ତ-ବିଣ. (ଜୀବ୍-ଅନ୍ତ) ଜୀବିତ; ସଜୀବ ।
ଜୀବନ୍ମୁକ୍ତ-ବିଣ. (ଜୀବତ୍-ମୁକ୍ତ) ଜୀବଦଶାରେ ସଂସାରବନ୍ଧନରୁ ମୁକ୍ତ । [ପ୍ରାୟ ।
ଜୀବନ୍ମୃତ-ବିଣ. (ଜୀବତ୍-ମୃତ) ଜୀବଦଶାରେ ମୃତ-
ଜୀବଲୋକ-ବି. ମର୍ତ୍ତ୍ୟଲୋକ ।
ଜୀବାତୁ-ବି. ଜୀବନ ।
ଜୀବାତ୍ମା-ବି. (ଜୀବ-ଆତ୍ମା) ଶରୀର-ବଦ୍ଧ ଆତ୍ମା ।
ଜୀବିକା-ବି. (ଜୀବ୍-ଅକ-ଆ) ଜୀବନୋପାୟ; ବୃତ୍ତି । [ପ୍ରାଣ ।
ଜୀବିତ-ବିଣ. (ଜୀବ୍-ତ) ଜୀବନଯୁକ୍ତ; ବି. ଜୀବନ;
ଜୀବିତେଶ-ବି. (ଜୀବିତ-ଈଶ) ପ୍ରାଣେଶ୍ୱର ।
ଜୀବୀ-ବିଣ. (ଜୀବ୍-ଇନ୍) ଜୀବନବିଶିଷ୍ଟ (ଅନ୍ୟ ଶବ୍ଦରେ ପ୍ରଯୁକ୍ତ) ।
ଜୁଆ-ବି. (ଦ୍ୟୂତ ଶବ୍ଦଜ) ଏକପ୍ରକାର ଖେଳ ।
ଜୁଆଁଇ-ବି. (ଜାମାତୃ ଶବ୍ଦଜ) ଜାମାତା ।
ଜୁଆଣି-ବି. ମସଲାବିଶେଷ ।
ଜୁଆର-ବି. ସମୁଦ୍ରରୁ ଅଧିକ ଜଳୋଚ୍ଛ୍ୱାସ ।
ଜୁଆଳି-ବି. (ଯୁଗଳ ଶବ୍ଦଜ) ଗୋରୁ ବେକରେ ବାନ୍ଧିବା କାଠ ।

ଜୁଇ-ବି. (ଯୂଥିକା ଶବ୍ଦଜ) ପୁଷ୍ପବିଶେଷ ।
ଜୁଗୁପ୍ସା-ବି. (ଗୁପ୍-ସନ୍-ଅ) ନିନ୍ଦା; ଘୃଣା ।
ଜୁଗୁପ୍ସିତ-ବିଣ. ନିନ୍ଦିତ; ଘୃଣିତ ।
ଜୁଗୋପିଷା-ବି. (ଗୁପ୍-ସନ୍-ଅ) ଗୋପନ କରିବାର ଇଚ୍ଛା ।
ଜୁଡ଼ୀ-ବି. (ଯୂଟାଧରକ) କେଶବନ୍ଧନର ବିଶେଷ ।
ଜୁଣୀ-ବି. ତୃଣବିଶେଷ ।
ଜୁଡ଼ା-ବି. ଖୋପା; ବାଟୁଆଳ; ଦର୍ମିଯାଣ୍ଟା ।
ଜୁଲବ-ବି. ରେଚକ ଔଷଧ ।
ଜୁଲୁଜୁଲା ପୋକ-ବି. ଖଦ୍ୟୋତ ।
ଜୁହାର-ବି. ବଡ଼ଲୋକଙ୍କରେ ହାତ ଯୋଡ଼ି ପ୍ରଣତ ହେବା ।
ଜୁଷ୍ଟ-ବିଣ. (ଜୁଷ୍-ତ) ସେବିତ ।
ଜୂଟ-ବି. (ଜୁଟ୍-ଅ) ସମୂହ ।
ଜୂରି-ବିଣ. (ଜ୍ୱରଯୁକ୍ତ) ଜ୍ୱରାକ୍ରାନ୍ତ ।
ଜୂଷ-ବି. (ଜୁଷ୍-ଅ) କ୍ୱାଥ; ଝୋଳ ।
ଜୃମ୍ଭିତ-ବିଣ. (ଜୃମ୍ଭ୍-ତ) ଜୃମ୍ଭଣଯୁକ୍ତ; ବିସ୍ତାରିତ ।
ଜୃମ୍ଭା, ଜୃମ୍ଭଣ-ବି. (ଜୃମ୍ଭ୍-ଅ-ଆ,ଅନ) ହାଇ-ପକାଇବା ।
ଜେଜୁଟି-ବି. ଫଳବିଶେଷ ।
ଜେଠା-ବି. ଜ୍ୟେଷ୍ଠତାତ; ପିତାର ଜ୍ୟେଷ୍ଠଭ୍ରାତା ।
ଜେଠାଈ-ବି. ଜ୍ୟେଷ୍ଠତାତର ସ୍ତ୍ରୀ ।
ଜେଠୁଡ଼ା-ବି. ଜ୍ୟେଷ୍ଠତାତ; ଜେଠାସା ।
ଜେତା-ବିଣ. (ଜି-ତୃ) ଜୟକର୍ତ୍ତା ।

ଜୈତ୍ରାମଣି ବି. ସ୍ୱର୍ଣ୍ଣ ।

ଜୈମନ-ବି. (ଜମ୍-ଅନ) ଭୋଜନ ।

ଜୈମା-ବି. (ଜାମିଧନ) ଘରଜ୍ୱାଁ ।

ଜୈତ୍ର-ବିଂ. (ଜି-ତ୍ର) ଜେତବ୍ୟ; ଜୟକରିବାର

ଜୈତ୍ରି-ବିଂ. (ଜି-ଷ) ଜୟଶୀଳ । [ଘୋଡ଼ା ।

ଜୈନ-ବି. (ଜିନ-ଅ) ଧର୍ମମତବିଶେଷ; ତଦ୍-ମତାବଲମ୍ବୀ ।

ଜୈମିନି-ବି. ମୀମାଂସାଦର୍ଶନ-ପ୍ରଣେତା ମୁନି ।

ଜୋକ-ବି. ଜଳୌକା ।

ଜୋଗାଡ଼-ବି. ଉଦ୍ୟୋଗ ।

ଜୋଗାଡ଼ିବା-କ୍ରି. ଉଦ୍ୟମ କରି ଆବଶ୍ୟକ ପଦାର୍ଥ ସଂଗ୍ରହ କରିବା ।

ଜ୍ଞ-ବିଂ. (ଜ୍ଞା-ଅ) ଜ୍ଞାତା; (ସମାସେ ପ୍ରଯୁକ୍ତ) ।

ଜ୍ଞପ୍ତି-ବିଂ. (ଜ୍ଞା-ତି) ଜ୍ଞାପନ; ଜଣା ।

ଜ୍ଞାତବ୍ୟ-ବିଂ. ଜାଣିବାର ଯୋଗ୍ୟ; ଜ୍ଞେୟ ।

ଜ୍ଞାତା-ବି. (ଜ୍ଞା-ତୃ) ଜାଣିବା ବ୍ୟକ୍ତି ।

ଜ୍ଞାତି-ବି. (ଜ୍ଞା-ତି) ସଗୋତ୍ର; ସପିଣ୍ଡ; କୁଟୁମ୍ବ ।

ଜ୍ଞାନ-ବି. (ଜ୍ଞା-ଅନ) ବୋଧ; ତତ୍ତ୍ୱବୋଧ ।

ଜ୍ଞାନୀ-ବିଂ. ( ଜ୍ଞାନ-ଇନ୍ ) ଜ୍ଞାନବାନ୍; ବିଜ୍ଞ; ତତ୍ତ୍ୱଜ୍ଞ । [ଜାଣିବା, ଜଣା, ଜ୍ଞାନ ଏକ ମତ ।

ଜ୍ଞାନେନ୍ଦ୍ରିୟ-ବି. (ଜ୍ଞାନ-ଇନ୍ଦ୍ରିୟ) ଚକ୍ଷୁ, କର୍ଣ୍ଣ,

ଜ୍ଞାପନ-ବି. (ଜ୍ଞା-ଣିଚ୍-ଅନ) ବିଜ୍ଞାପନ, ଜଣାଇବା ।

ଜ୍ଞେୟ-ବିଂ. (ଜ୍ଞା-ଯ) ବୋଧଗମ୍ୟ; ଜ୍ଞାତବ୍ୟ ।

ଜ୍ୟା-ବି. (ଜ୍ୟା-କ୍ୱିପ୍) ପୃଥିବୀ; ଧନୁର୍ଗୁଣ; ବୃତ୍ତ-ମଧ୍ୟସ୍ଥ ରେଖା । [ଜ୍ୟେଷ୍ଠ; ଶ୍ରେଷ୍ଠ ।

ଜ୍ୟାୟାନ୍-ବିଂ. ( ବୃଦ୍ଧଶବ୍ଦ ଜ୍ୟା-ଈୟସ୍ )

ଜ୍ୟେଷ୍ଠ-ବିଂ. (ବୃଦ୍ଧ-ଇଷ୍ଠ) ଅଗ୍ରଜ; ବଡ଼ ।

ଜ୍ୟେଷ୍ଠା-ବିଂ. ଅଗ୍ରଜା । ବି. ନକ୍ଷତ୍ରବିଶେଷ ।

ଜ୍ୟୋତିଃ-ବି. (ଦ୍ୟୁତ୍-ଇସ୍) ତେଜ; ଦୀପ୍ତି; ଆଲୋକ; ନକ୍ଷତ୍ର ।

ଜ୍ୟୋତିରିଙ୍ଗଣ-ବି. (ଜ୍ୟୋତିସ୍-ଇଙ୍ଗ୍-ଅନ) ଖଦ୍ୟୋତ; ଜୁଳୁଜୁଳିଆ ପୋକ ।

ଜ୍ୟୋତିର୍ବିଦ୍ }
ଜ୍ୟୋତିର୍ବେତ୍ତା } ବିଂ. (ଜ୍ୟୋତିଃ-ବିଦ୍-କ୍ୱିପ୍) ଜ୍ୟୋତିଃଶାସ୍ତ୍ରଜ୍ଞ ।

ଜ୍ୟୋତିଃଶାସ୍ତ୍ର-ବି. ଗ୍ରହାଦିର ନକ୍ଷତ୍ରାଦିଙ୍କର ଅବସ୍ଥାନ ଓ ଗତି ପ୍ରଭୃତି ନିରୂପଣଶାସ୍ତ୍ର ।

ଜ୍ୟୋତିଷ-ବି. (ଜ୍ୟୋତିସ୍-ଅ) ଜ୍ୟୋତିଃଶାସ୍ତ୍ର ।

ଜ୍ୟୋତିଷିକ-ବିଂ. (ଜ୍ୟୋତିଷ୍-ଇକ) ଜ୍ୟୋତିଷ-ସମ୍ବନ୍ଧୀୟ ।

ଜ୍ୟୋତିଷ୍କ-ବି. (ଜ୍ୟୋତିସ୍-କ) ଗ୍ରହନକ୍ଷତ୍ରାଦି ଜ୍ୟୋତିର୍ମୟ ପଦାର୍ଥ । [ଜ୍ୟୋତିଷ୍ମତୀ) ।

ଜ୍ୟୋତିଷ୍ମାନ୍-ବିଂ. ଦୀପ୍ତିମାନ୍ ( ସ୍ତ୍ରୀଲିଙ୍ଗେ

ଜ୍ୟୋତ୍ସ୍ନା-ବି. ( ଜ୍ୟୋତିସ୍-ନ-ଆ ) ଚନ୍ଦ୍ରିକା; ଚନ୍ଦ୍ରକିରଣ ।

ଜ୍ୱର-ବି. (ଜ୍ୱର୍-ଅ) ଶାରୀରିକ ତାପରୋଗ; ତାତି ।

ଜ୍ୱରଘ୍ନ ବିଂ. (ଜ୍ୱର-ହନ୍-ଅ) ଜ୍ୱରନାଶକ ।

ଜ୍ୱରିତ-ବିଂ. ଜ୍ୱରଗ୍ରସ୍ତ ।

ଜ୍ୱଳନ-ବି. (ଜ୍ୱଳ୍-ଅନ) ଦାହକ; ଜ୍ୱାଳା; ଅଗ୍ନି ।

ଜ୍ୱଳିତ-ବିଂ. ପ୍ରଜ୍ୱଳିତ ।

ଜ୍ୱାଳା-ବି. (ଜ୍ୱଳ୍-ଅ) ଅଗ୍ନିଶିଖା; ଦାହ ।

ଜ୍ୱାଳାମୁଖୀ-ବି. ମୁହଁରୁ ଅଗ୍ନି ଉଦ୍ଗୀରଣ ପ୍ରବୃତ୍ତିର ସମସ୍ତ ସ୍ଥଳ ।

ଝ ବ୍ୟଞ୍ଜନ ବର୍ଣ୍ଣର ନବମ ବର୍ଣ୍ଣ ।

ଝକମକ-ବି. ଅଗ୍ନି ଉତ୍ପାଦକ ପ୍ରସ୍ତର ବିଶେଷ ।
ଝକ୍‌ମାରୀ-ବି. ଅପରାଧ; ଦଣ୍ଡ ।
ଝଙ୍କାର-ବି. (ଝମ୍+କୃ-ଅ) ଶବ୍ଦାନୁକରଣ ।
ଝଗଡ଼ା-ବି. ବିବାଦ ।
ଝଗଡ଼ିହେବାଳି-ବି. ବି. ବକଚଢ଼ୁଆଳ ।
ଝଂଝଟ-ବି. (ଝଂ-ଝଟ୍-ଅ) ବାତ୍ୟା; ଜଞ୍ଜାଳ ।
ଝଞ୍ଜା-ବି. ଝଡ଼ପବନ; ଝଡ଼ ।
ଝଟ୍-କ୍ରି. ବି. (ଝଟିତିଶବ୍ଦର ଅପଭ୍ରଂଶ) ଶୀଘ୍ର, [ଅବିଳମ୍ବେ ।
ଝଟକି-ବି. ଧାକ୍କା; ଚୋଟ ।
ଝଟକିବା-କ୍ରି. ଚାକ୍‌ଚକ୍ୟମାନ ହେବା ।
ଝଟା } ବି. ବୃକ୍ଷ ଗୁଳ୍ମାଦିର ଷଣ୍ଢ ଷଣ୍ଢ ଶାଖା ।
ଝାଟି }
ଝଟିକା-ବି. ତୋଫାନ; ଝାଞ୍ଜା ।
ଝଟିତି-କ୍ରି. ବି. ଶୀଘ୍ର; ବେଗେ ।
ଝଡ଼ି-ବି. ଅବିଶ୍ରାନ୍ତ ବୃଷ୍ଟିପାତ ।
ଝଡ଼ିଯୋଗ-ବି. ବୃଷ୍ଟିସୂଚକ ଜ୍ୟୋତିଷଯୋଗ; ଗ୍ରହପୁଞ୍ଜ ଅବସ୍ଥିତି ।
ଝଡ଼ିବା-କ୍ରି. ବୃକ୍ଷରୁ ପତ୍ରାଦିର ଖସିପଡ଼ିବା ।
ଝଣଝଣ } ବି. ଧାତୁନିର୍ମିତ ଦ୍ରବ୍ୟର ଝଣ୍‌ଝଣ୍ ଶବ୍ଦ ।
ଝଣତ୍କାର }
ଝପଟ-ବି. ଦୌଡ଼ ।
ଝପଟିବା-କ୍ରି. ଦୌଡ଼ିବା ।
ଝମ-ବି. କୁଦା ।

[illegible]
ଝରଣା-[illegible] ।
ଝରକା-ବି. ବାତାୟନ [illegible]
ଝରଝର-ବି. ଜଳାଦିର ଶବ୍ଦବିଶେଷ ।
ଝର୍ଣ୍ଣ-ବି. ପ୍ରସ୍ରବଣ; ଜଳାଶୟରୁ ନିର୍ଗତ ସ୍ରୋତୋବିଶେଷ ।
ଝରିବା-କ୍ରି. କ୍ଷରଣ ହେବା ।
ଝଶି-ବି. ଜଡ଼ ।
ଝସିବା-କ୍ରି. କ୍ଷରିବା ।
ଝଲକିବା-କ୍ରି. ଝଲ୍‌ମଲ୍ ହେବା; ଚକ୍‌ମକିବା ।
ଝଲ୍‌ମଲ୍-କ୍ରି. ବି. ଉଜ୍ଜ୍ୱଳ ।
ଝଳି-ବି. ଅଗ୍ନି; ଶିଖା । [ମିଳିବା ।
ଝଳିବା-କ୍ରି. ପୋଡ଼ିଯିବା; (ଧାତୁଦ୍ରବ୍ୟରେ)
ଝଲିକ-ବି. ବାଂଶ ନିର୍ମିତ ବାଦ୍ୟବିଶେଷ ।
ଝଷ-ବି. (ଝଷ୍-ଅ) ମତ୍ସ୍ୟ ।
ଝଷକେତନ-ବି. କନ୍ଦର୍ପ ।
ଝାଉଁ-ବି. ବୃକ୍ଷବିଶେଷ ।
ଝାଉଁଳିବା-କ୍ରି. ମଳିନ ହେବା ।
ଝାଙ୍କ-ବି. ଦଳ; ସମୂହ ।
ଝାଙ୍କିବା-କ୍ରି. ଲୁଚି ଅନାଇବା ।
ଝାଞ୍ଜ-ବି. କରତାଳ ।
ଝାଞ୍ଜି-ବି. ଝଡ଼ପବନ ।
ଝାଟୁଅ-ବି. ଅବର୍ଜନା; ଅଳିଆ ।
ଝାଡ଼-ବି. ଜଙ୍ଗଲ; କାଚନିର୍ମିତ ଆଲୋକପାତ୍ର ।
ଝାଡ଼ା-ବି. ମଳନିଃସରଣ ।
ଝାଡ଼ାକଲି-ବି. ହାଡ଼ିଆଣ୍ଡି; ଓଳମ୍ବଠା ।

ଝାଡ଼ିବା—କ୍ରି. ପରିଷ୍କାର କରିବା; ମଳ ତ୍ୟାଗ କରି [ଫେରିବା ।

ଝାଡ଼ି—ବି. ବର୍ଷଣ; ଝଡ଼ି ।

ଝାମ୍ପି—ବି. ପତ୍ରନିର୍ମିତ ମସ୍ତକାବରଣ ।

ଝାମ୍ପିବା—କ୍ରି. ( ଝାମ୍ପଶବ୍ଦଜ ) ଉପରୁ ତଳକୁ ଲମ୍ଫନ ।

ଝାମ—ବି. (ଝମ୍‌ଧାତୁଜ) ଅଗ୍ନିପୂର୍ଣ୍ଣ ଗର୍ତ୍ତ; ମୂର୍ଚ୍ଛା ।

ଝାଳ—ବି. ଘର୍ମ; ସ୍ୱେଦ ।

ଝାଲର—ବି. ମଶାରି ଚାରିପଟରେ ଝୁଲୁଥିବା ବସ୍ତ୍ର ।

ଝାଳିବା—କ୍ରି. ଧାତୁନିର୍ମିତ ପାତ୍ର ଓ ଅଳଙ୍କାରାଦିକ ମଚମଚ କରିବା; ନିର୍ମଳ କରିବା ।

ଝାସ—ବି. ଅଗ୍ନିକୁଣ୍ଡ ଭିତରେ ଜଳରେ ବା ଅଗ୍ନିରେ ପ୍ରବେଶ ।

ଝିଅ—ବି. ଦୁହିତା ।

ଝିଅଣ୍ଟି—ବି. ପୁଅର ଝିଅ ।

ଝିଙ୍କି—ବି. କ୍ଷୁଦ୍ର ପକ୍ଷୀବିଶେଷ ।

ଝିଙ୍କରି—ବି. ବଡ଼ ପୋକ; ଏଷଣ ।

ଝିଙ୍କା—ବି. ଚଟା ଉପରେ ବାନ୍ଧି ରଖିବାର ମୃତ୍ତିକାପାତ୍ର ।

ଝିଙ୍କାଝିଙ୍କି—କ୍ରି. ବି. ଟଣାଟଣି ।

ଝିଙ୍କିବା—କ୍ରି. ଟାଣିବା ।

ଝିଙ୍କାସ୍ତ୍ରୀ—ବି. ହିଙ୍କାପୋକ ।

ଝିଙ୍କାପରେଇବା—କ୍ରି. ପୁଣ ପୁଣି ପଶାରି କରିବା ।

ଝିଟିପିଟି—ବି. ଏକପ୍ରକାର କ୍ଷୁଦ୍ର ସରୀସୃପ ।

ଝିଣ୍ଟିକା—ବି. ଗଚ୍ଛବିଶେଷ ।

ଝିନ—ବିଂ. ସୂକ୍ଷ୍ମ (ବସ୍ତ୍ରସମ୍ବନ୍ଧରେ) ।

ଝିପିଝିପି—ଅ. (ଅନୁକରଣଶବ୍ଦ) ମନ୍ଦମନ୍ଦ ବୃଷ୍ଟି ।

ଝିମିଟି—ବି. ମୁହୂର୍ତ୍ତ; ଅଳ୍ପ ସମୟ ।

ଝିମିଟିଖେଳ } ବି. ଡୁଡୁଖେଳ; ବାଗୁଡ଼ିଖେଳ ।
ଝିମାଣିଖେଳ }

ଝିଲି—ବି. ଜୋଲ; ନାଳୀ ।

ଝିଲ୍ଲିକା } ବି. ଝିଙ୍କାରି ।
ଝିଲ୍ଲୀ }

ଝୁଙ୍କିବା—କ୍ରି. ଏକ ଅଙ୍ଗକୁ ବାଙ୍କିବା ।

ଝୁଣା—ବି. (ଝୁଣାଧାତୁଜ) ଶାଳଗଛର ନିର୍ଯ୍ୟାସ ।

ଝୁଣିବା—କ୍ରି. ରକ୍ତଶୋଷଣପୂର୍ବକ କାମୁଡ଼ିବା ।

ଝୁମ୍ପା—ବି. ଲୁମ୍ବି ବଢ଼ାଇଲେ ଅଟକସ୍ଥାନ ।

ଝୁମ୍ପିଆ—ବି. ଗୋଡ଼ାଙ୍ଗୁଳିର ଅଳଙ୍କାରବିଶେଷ ।

ଝୁମ୍ପିବା—କ୍ରି. ନିଦ୍ରାବେଳେ ପଦାଙ୍ଗୁଳିରେ ଅବସାଦ ଘାରିବା ।

ଝୁମୁକା—ବି. ଖେଳନାବିଶେଷ; କର୍ଣ୍ଣାଳଙ୍କାର- [ବିଶେଷ ।

ଝୁମୁଝୁମୁ—ଅ. (ଅନୁକରଣ) ଅଳଙ୍କାରର ଶବ୍ଦ ।

ଝୁରା—ବି. ଚୂର୍ଣ୍ଣ; ଗୁଣ୍ଡ ।

ଝୁମ୍ପୁଡ଼ି—ବି. ବୃକ୍ଷବିଶେଷ ଓ ତାହାର ଶାକ ।

ଝୁରିବା—କ୍ରି. ଶୋକ କରିବା ।

ଝୁଲି—ବି. ଅଳକ; ଅଗ୍ନି ବଣ ।

ଝୁଲିଣା—ବି. (ଦୋଳନଶବ୍ଦଜ) ଲମ୍ବକର ଝୁଲିବାର [ଲମ୍ବିତ ।

ଝୁଲଣୀ—ବି. (ଦୋଳନଶବ୍ଦଜ) ଦୋଳି ।

ଝୁଲି—ବି. (ଝୁଲ୍‌ଧାତୁଜ) ମୁଣି; ଝୋଳି ।

ଝୁଲିବା—କ୍ରି. (ଝୁଲ୍‌ଧାତୁଜ) ଦୋଳି ଖେଳିବା ।

ଝୋଟ-ବି. ହଳିଆ ଘଡ଼ର ଗଳାର ଝଳିରୁ ବାନ୍ଧାଯିବା ଦଉଡ଼ା ।

ଝୋଲି-ବି. ଅଣ; ବାଞ୍ଜଳର ରସ ।

ଝୋଳେ-ବି. ମୁଠି । [ମୂର୍ଚ୍ଛିତ ହେବା ।

ଝୋଲ ମାରିବା-କ୍ରି. ଅଚେତନ ହେବା;

---

ଞ ବ୍ୟଞ୍ଜନବର୍ଣ୍ଣର ଦଶମବର୍ଣ୍ଣ; ଏ ବର୍ଣ୍ଣ କୌଣସି ପ୍ରଚଳିତ ଶବ୍ଦର ଆଦ୍ୟରେ ବ୍ୟବହାର ଦେଖାଯାଏ ନାହିଁ ।

---

ଟ ବ୍ୟଞ୍ଜନ ବର୍ଣ୍ଣର ଏକାଦଶ ବର୍ଣ୍ଣ ।

ଟକ-ବି. ଖାଇବା ଖଳଖା ।

ଟକ୍କର-ବି. ଧକ୍କାଯୋଗ୍ୟତା; ସମକକ୍ଷତା ।

ଟଗର-ବି. ବୃକ୍ଷବିଶେଷ ଓ ତାହାର ପୁଷ୍ପ ।

ଟଙ୍କ-ବି. ପର୍ବତର ଉଚ୍ଚଭୂମି; ଟାଙ୍ଗି; ଟାଙ୍ଗିଆ; ମୁଦ୍ରା ।

ଟଙ୍କଧର-ବି. (ଟଙ୍କ-ଧୃ-ଅ) ମହାଦେବ ।

ଟଙ୍କଶାଳା-ବି. ଯେଉଁ ସ୍ଥାନରେ ଟଙ୍କା ମୁଦ୍ରିତ ହୁଏ ।

ଟଙ୍କା-ବି. (ଟଙ୍କଶବ୍ଦଜ) ରୌପ୍ୟମୁଦ୍ରା ।

ଟଙ୍କାର-ବି. (ଟଂ-କୃ-ଅ) ଧନୁର ଶବ୍ଦ ।

ଟଙ୍କି-ବି. ପଥରର ଚଟେଇ ।

ଟଙ୍କିତ-ବିଣ. (ଟଙ୍କ-ତ) ଖଚିତ; ଲିଖିତ ।

ଟଙ୍କିଳ-ବିଣ. (ଟଙ୍କ-ଇଳ) ପଥରମୟ ।

ଟଟାଳିବା-କ୍ରି. ଲଟକାଇବା ।

ଟଣକା-ବି. ଟାଣିଧରିବା ରଜ୍ଜୁ ।

ଟଣାଟଣି-କ୍ରି. ବି. ଓଟରଓଟର ।

ଟପଟପ-କ୍ରି. ବିଣ. ବୃଷ୍ଟିଜଳର ପତନଶବ୍ଦ ।

ଟପିବା-କ୍ରି. ଡେଇଁବା; ଅତିକ୍ରମ କରିବା ।

ଟମ୍ଫ-ବି. ଢୋଲବିଶେଷ ।

ଟମକ-ବି. ଢେଣ୍ଡୁରା; ଘୋଷଣା ।

ଟଲଟଲ-ବିଣ. ଅସ୍ଥିର; ଚଞ୍ଚଳ ।

ଟଳିବା-କ୍ରି. (ଟଳ୍‌ଧାତୁଜ) ବିଚଳିତ ହେବା; [ଦୋହଲିବା ।

ଟହଟହ-ବିଣ. ଅତି ଧଳ ।

ଟହଲ-ବି. ଧୀରେ ଧୀରେ ଭ୍ରମଣ ।

ଟହଲିଆ-ବି. ଅନ୍ତଃପୁରସ୍ଥ ଭୃତ୍ୟ ।

ଟହଲିବା-କ୍ରି. ଧୀରେ ଧୀରେ ଭ୍ରମଣ କରିବା ।

ଟା-ଏକ ଓ ବହୁ ପଦାର୍ଥର ନାମାନ୍ତେ ସଂଖ୍ୟାସୂଚକରେ ପ୍ରଯୁକ୍ତ । [ଅପାଠ ।

ଟାକର-ବି. ଏପରି ଗଡ଼ିହୋଇ ମସ୍ତକରେ

ଟାକୁ-ବି. ତାଳୁ ।

ଟାକିବା-କ୍ରି. ଅପେକ୍ଷା କରି ରହିବା ।

ଟାକୁଆ-ବି. ଅସ୍ତ୍ରଫଳର ଅଗ୍ର; ତାକୁଡ଼ି ।

ଟାଙ୍କିବା-କ୍ରି. ଚିପର ହ୍ରାସ ଯୋଡ଼ିବା ।

ଟାଙ୍କୁରିବା-କ୍ରି. ଘେମାଖିତ ହେବା; ଖଣ୍ଡିବା ।

ଟାଙ୍ଗିଣୀ-ବି. (ଟାଙ୍ଗଶବ୍ଦଜ) ଶୋହାଗା ।

ଟାଙ୍ଗିର-ବି. ପ୍ରସ୍ତରମୟ ପ୍ରଦେଶ ।

ଟାଙ୍ଗି-ବିଣ. [illegible] ।

ଟାଙ୍ଗିଆ, ଟାଙ୍ଗୀ } ବି. କ୍ଷୁଦ୍ର କୁଠାର ।

ଟାଙ୍ଗିବା–କ୍ରି. ଲଟକାଇବା ।
ଟାଣ–ବିଂ. ଶକ୍ତ; କଠିନ ।
ଟାଣିବା–କ୍ରି. ଓଟାରିବା ।
ଟାପଙ୍ଗ–ବି. ଅଶ୍ୱ ।
ଟାପୁ–ବି. ଦ୍ୱୀପ; ସମୁଦ୍ରମାନଙ୍କର ଯାବରିତ ।
ଟାଲିଟୁଲି–ବି. ଠକାଠକ ।
ଟାଳିବା–କ୍ରି. ଦଳିବା; ସ୍ଥାନାନ୍ତରଣପୂର୍ବକ ବାଳ କାଢ଼ିବା; ସମାନ କରିବା ।
ଟିଂଶା–ବିଂ. କର୍କଶ ।
ଟାଙ୍ଗୁ–ବି. ଲୁଗଦ୍ୱାରମିଶ୍ରିତ ଅଶ୍ୱ ।
ଟାଙ୍ଗୁଣି–ବି. ଅଶ୍ୱ; ଘୋଡ଼ାକ ।
ଟି–ଏକ ଓ ପଦାର୍ଥର ଜାମାନ୍ତେ ବସ୍ତୁବାଚକରେ ବା ଲଘୁତା ବୁଝାଇବା ପାଇଁ ପ୍ରଯୁକ୍ତ ।
ଟିଅ ବି. ଶୁକ ।
ଟିକଲି–ବି. ଲୁପ; ଲଲାଟସ୍ଥ ।
ଟିକା–ବି. ଚନ୍ଦନ; ବସନ୍ତରୋଗ ନିବାରଣାର୍ଥ ବସ୍ତୁରେ ଛେଦ କରି ବସନ୍ତବୀଜ ରୋପଣ ।
ଟିକାୟତ } ବି. ଯୁବରାଜ ।
ଟିକାଏତ }
ଟିକିଏ–କ୍ରି. ବିଂ. କ୍ଷଣେ ।
ଟିକିଟିକି–ବିଂ. (ଅନୁକରଣ) ଖଣ୍ଡ ଖଣ୍ଡ; କ୍ଷୁଦ୍ର କ୍ଷୁଦ୍ର; ଛୋଟ ଛୋଟ ।
ଟିକିଏ–ବିଂ. ଅଳ୍ପ । [ଅଳଂକାର ।
ଟିକିଲି–ବି. ସ୍ତ୍ରୀମାନଙ୍କର ଭ୍ରୂଦ୍ୱୟର ମଧ୍ୟସ୍ଥ
ଟିକ୍ରି–ବି. ଜାତିବିଶେଷ ।
ଟିଙ୍କି–ବି. ପୋଲୁମାନଙ୍କ ଦେହର ଘାଆ ବିଶେଷ ।

ଟିଟ୍ଟିଭ–ବି. ଟେଁଟେଁ ପକ୍ଷୀ ।
ଟିନି–ବି. ଧାତୁବିଶେଷ । [ପରିମାଣ ।
ଟିପ–ବି. ଚିହ୍ନ; ଅଙ୍ଗୁଳିଦ୍ୱୟର ଅଗ୍ରଭାଗ
ଟିପଣୀ–ବି. (ଟିପ୍ପଣୀଶବ୍ଦଜ) ସ୍ମରଣାର୍ଥ ଲେଖା; ଟୀକା । [ଖେଳ ଖେଳିବା ବାଠ ।
ଟିପାଲି–ବି. (ତ୍ରିପାଦଶବ୍ଦଜ) ଅଢ଼ଙ୍ଗ ଦୁସ୍ମୃତି
ଟିପିଦେବା–କ୍ରି. (ଟିପଧାତୁଜ) ଚାପିଦେବା ।
ଟିପିବା–କ୍ରି. (ଟିପ୍ପଣୀଶବ୍ଦଜ) ସ୍ମରଣାର୍ଥ କୌଣସି ବିଷୟ ଲେଖିବା ।
ଟିମା–ବିଂ. ଟେଢ଼ା; ବାଙ୍କର; ଶଠ ।
ଟୀକା–ବି. ବିବୃତ; ବ୍ୟାଖ୍ୟା ।
ଟୀକାକାର–ବି. (ଟୀକା-କୃ-ଅ) ବ୍ୟାଖ୍ୟାକର୍ତ୍ତା ।
ଟେକ–ବି. ଗଦା; ଘୋରିବ; ମାଳ ।
ଟେକା–ବି. ଲୋଷ୍ଟ୍ର; ଖପର ।
ଟେକାଟେକି–କ୍ରି. ବି. ଘେନାଘେନି; ଧସ୍ତାଧସ୍ତି ।
ଟେକିବା–କ୍ରି. ଉଠାଇବା ।
ଟେଙ୍ଗୀ–ବିଂ. ବକବୃତ୍ତି ।
ଟେଳା–ବି. ମୁଣ୍ଡବାଣ୍ଡ । [ପ୍ରଦର୍ଶାଇବା ।
ଟେହିବା–କ୍ରି. ଉତ୍ତେଜିତ କରିବା; ମନବାଞ୍ଛିତେ
ଟୋକା–ବି. (ତୋକଶବ୍ଦଜ) ପିଲା ।
ଟୋକିବା–କ୍ରି. ଶବ୍ଦକରି ଦୁର୍ଦ୍ଦେଇ ଖାଇବା ।
ଟୋକୀ } ବି. ବାଳିକା ।
ଟୋକଣୀ }
ଟୋକେଇ–ବି. ଡେଲା; ଡେଲୁଆ ।
ଟୋପ–ବି. ଶାଲ୍ ।
ଟୋପର–ବି. ମୁକୁଟ; ମସ୍ତକାବରଣ ବିଶେଷ ।

ଟେଟାପା-ବି. ବକ୍ର ।
ଟେଟାପି-ବି. ମସ୍ତକାବରଣ ବିଶେଷ ।
ଟେଟାଲି-ବି. ଅଂଶୁକ ସଂଘଟନା ।
ଟେଟାଳି-ବି. ଟେଙ୍ଗା ।

## ଠ ବ୍ୟଞ୍ଜନବର୍ଣ୍ଣର ଦ୍ୱାଦଶ ବର୍ଣ୍ଣ ।

ଠଉର-ବି. ଲକ୍ଷ୍ୟ; ଚିହ୍ନ ।
ଠଉରିବା-କ୍ରି. (ସ୍ଥାଧାତୁଜ) ଚିହ୍ନ ସ୍ଥିର [କରିବା ।
ଠଉରିବା-କ୍ରି. ସ୍ଥିର ରହିବା ।
ଠକ-ବି. ପ୍ରତାରକ ।
ଠକାଠକି-କ୍ରି. ବି. (ଠକଶବ୍ଦଜ) ଭଣ୍ଡାଭଣ୍ଡି ।
ଠକିବା-କ୍ରି. ପ୍ରତାରିତ କରିବା ।
ଠଣ-ବି. ସ୍ଥଳ । ବି. ଶୋଭା ।
ଠଣଠଣ-ଅ. (ଅନୁକରଣ) ଶବ୍ଦବିଶେଷ ।
ଠଣା-ବି. ଥାନ; ବାନ୍ଧଣୀ ।
ଠଣ୍ଠର-କ୍ରି. ବି. ଶରୀରର ସ୍ଥିତ ଠାବ ।
ଠସା-ବି. ଘନ ।
ଠା-ବି. (ସ୍ଥାଧାତୁଜ) ସ୍ଥାନ; ଜାଗା । [ପ୍ରଭୁ ।
ଠାକୁର-ବି. (ଠକ୍କୁରଶବ୍ଦଜ) ଦେବପ୍ରତିମା;
ଠାକୁରାଣୀ-ବି. (ଠାକୁର-ଶବ୍ଦ) ଦେବୀ; ରାଣୀ ।
ଠାଣି-ବି. ଢଙ୍ଗ; ଭଙ୍ଗୀ ।
ଠାପୁଅ-ବି. ମଣ୍ଡପ ।
ଠାବ-ବି. (ସ୍ଥାଧାତୁଜ) ସ୍ଥାନ; ସ୍ଥାନନିରୂପଣ ।
ଠାର-ବି. ସଙ୍କେତ ।
ଠିଆ-ବି. (ସ୍ଥିତଶବ୍ଦଜ) ଛିଡ଼ା; ଉଭା ।
ଠିକ୍-ବି. ଯଥାର୍ଥ ।
ଠିକଣା-ବି. ସ୍ଥାନ; ସ୍ଥାନନିର୍ଦ୍ଦିଷ୍ଟ ।
ଠିକା-ବି. ଅଳ୍ପ ସମୟପାଇଁ କବୁଲ; ମୋଟାମୋଟି
ବର୍ଷ ବନ୍ଦୋବସ୍ତ ପାଇଁ ମୋଟ ଦାମ ।
ଠିକେ-କ୍ରି. ବି. ସଂକ୍ଷେପରେ; ମୂଳରେ ।
ଠୁକୁଠୁକୁ-ଅ. (ଅନୁକରଣ) ଶବ୍ଦବିଶେଷ ।
ଠୁଙ୍ଗା-ବି. କାଗଜ; ଖଳିପତ୍ର ।
ଠୁଳ-ବି. (ସ୍ଥୂଳଶବ୍ଦଜ) ଏକତ୍ର; ଜୁଡ଼ ।
ଠେକ-ବି. ଅବଲମ୍ବନ; ଆଶ୍ରୟ ।
ଠେକା-ବି. ପାଞ୍ଚଥାକ ମୁଣ୍ଡରେ ବନ୍ଧା ଲୁଗା ।
ଠେକି-ବି. ମୃତ୍ତିକାପାତ୍ରବିଶେଷ ।
ଠେକୁଆ-ବି. ଶଶକ ।
ଠେଙ୍ଗ-ବି. ବଳିବୋଡ଼; ଲଉଡ଼ି ।
ଠେଙ୍ଗା-ବି. ବଡ଼ବାଡ଼; ଯଷ୍ଟି ।
ଠେଲାଠେଲି-କ୍ରି. ବି. ପେଲାପେଲି ।
ଠେଲିବା-କ୍ରି. ପେଲିଦେବା ।
ଠୋକର-ବି. ଆଘାତ ।
ଠୋଠୋ-ଅ. ଶବ୍ଦବିଶେଷ ।
ଠୋଲି-ବି. ପତ୍ରନିର୍ମିତ ପାତ୍ର ।
ଠୌର-ବି. ଠିକଣା ।

## ଡ ବ୍ୟଞ୍ଜନବର୍ଣ୍ଣର ତ୍ରୟୋଦଶ ବର୍ଣ୍ଣ ।

ଡକା-ବି. ଚିତ୍କାର; ଡାକ; ଆହ୍ୱାନ ।
ଡକାୟିତ-ବି. ଦସ୍ୟୁ; ଦଳବାନ୍ଧି ଚୋର ।

ଡକାଡୁକା—କ୍ରି. ଲୋକଙ୍କୁ ଡାକିବା ।
ଡକାଡିଣ୍ଡି—କ୍ରି. ବି. ପରସ୍ପର ଆହ୍ୱାନ ।
ଡଗଡଗ—କ୍ରି. ବି. ଶୀଘ୍ର ଶୀଘ୍ର ।
ଡଗର—ବି. ଦୂତ; ଚର । [ନିଯୁକ୍ତ ଲୋକ ।
ଡଗଣ୍ଡି—ବି. ସକାଳେ ଘୋଷଣା କରିବାପାଇଁ
ଡଙ୍କ—ବି. ଲଢ଼ାଇ ପଣ ।
ଡଙ୍କା—ବି. ପଣତ ।
ଡଙ୍କାରି—ବି. ବୃକ୍ଷବିଶେଷ ।
ଡଙ୍କି—ବି. ଧାତୁନିର୍ମିତ ପାନଦାନ ।
ଡଙ୍କୁଣୀ—ବି. (ଡାକିନୀଶବ୍ଦଜ) ଡାକିଣୀ ।
ଡଙ୍ଗୀ—ବି. କ୍ଷୁଦ୍ର ନୌକା ।
ଡଚନ—ଦେ. (ଦ୍ୱ·ସ୍ତନ) ବାରଯୋଡ଼ା ପରିମିତ ।
ଡମ / ଡୋମ } ବି. ନୀଚ ଜାତିବିଶେଷ । [ସେତୁବନ୍ଧ ।
ଡମଣି—ବି. ଗୋଟିବାଟରେ ଶକଟ ଯୋଗକରିବାର
ଡମରି—ବି. ଦଙ୍ଗା; ଅବମାନ ।
ଡମରୁ—ବି. (ଡମ୍-ଋ-ଉ) କ୍ଷୁଦ୍ର ଚର୍ମାଚ୍ଛାଦିତ ଯନ୍ତ୍ର
ଡମ୍ଫା—ଦେ. ଦମ୍ଭ; ଗର୍ବ । [ବାଦ୍ୟବିଶେଷ ।
ଡମ୍ବର—ବି. ଆଡ଼ମ୍ବର ।
ଡରି—ବି. (ଦରଶବ୍ଦଜ) ଭୟ ।
ଡରକୁଣ୍ଡି / ଡରୁଆ } ଦେ. ଭୟାଳୁ ।
ଡହନ—ବି. (ଦାହନଶବ୍ଦଜ) ବହ୍ନି ।
ଡହଡ଼—ଦେ. (ଦହ୍ଧାତୁଜ) ଉତ୍ତପ୍ତ ।
ଡହର—ବି. ଜଳଭୂମି ।

ଡାଁଆଣା—ଦେ. ରଙ୍ଗ; ଅଦ୍ଭୁତବେଶ
ଡାଁଆଣୀ—ବି. (ଡାକିନୀଶବ୍ଦଜ) ଡାକୁଣୀ; ପିଶାଚ ।
ଡାଙ୍ଗ—ବି. (ଦଣ୍ଡଶବ୍ଦଜ) ଲମ୍ବଦଣ୍ଡ ଯଷ୍ଟିକା ।
ଡାକ—ଦେ. ପ୍ରସିଦ୍ଧ; ବି. ଆହ୍ୱାନ; ସାଧାରଣଙ୍କର ଚିଠିପତ୍ର ବହନ ।
ଡାକଡ଼ି—ବି. ଆହ୍ୱାନ ।
ଡାକିବା—କ୍ରି. ଚିତ୍କାର କରିବା ।
ଡାକୁ—ବି. ଡକାୟତ ।
ଡାକୁଆ—ଦେ. ଆହ୍ୱାନକାରୀ ।
ଡାଗର—ବି. ବଡ଼ ଭଉଣୀ ।
ଡାଙ୍ଗ—ବି. ବାଡ଼ି; ଯଷ୍ଟି । [ଉତ୍ସବର ।
ଡାମର—ବି. (ଡମ୍-ଅର) କୋଳାହଳ । ଦେ.
ଡାମସୁକୁଅ—ବି. ବଡ଼ ବଡ଼ କାଉ ।
ଡାମ୍ବଣୀ—ବି. ବଡ଼ଦୁଷ୍ଟ ।
ଡାଲ—ବି. ଶାଖା ।
ଡାଲଚିନି—ବି. (ଦାରୁଚିନି) ଗୁଡ଼ତ୍ୱକ ।
ଡାଲି—ବି. ବେତ ବା ବାଉଁଶରେ ନିର୍ମିତ ପାତ୍ର ।
ଡାଳିମ / ଡାଳିମ୍ବ } ବି. ଦାଡ଼ିମ୍ବବୃକ୍ଷ ବା ତାହାର ଫଳ ।
ଡାଲି—ବି. ରଡ଼ା ମୁଗ ପ୍ରଭୃତି ଦ୍ୱିଦଳ ଶସ୍ୟର ଯୂଷ ।
ଡାଲୁଅ—ବି. ଧାତୁବିଶେଷ ।
ଡାହ—ବି. ଈର୍ଷାଭାବନା ।
ଡାହାଣ—ବି. (ଦକ୍ଷିଣଶବ୍ଦଜ) ଦକ୍ଷିଣ ।
ଡାହୁକ—ବି. (ଦାତ୍ୟୂହଶବ୍ଦଜ) ପକ୍ଷୀବିଶେଷ ।
ଡିଆଁ—କ୍ରି. ବି. (ଡୀଧାତୁଜ) ଲମ୍ଫ ।

ଡଙ୍ଗୀ—ବି. କ୍ଷୁଦ୍ର ନୌକା।

ଡମ୍ଫ—ବି. ଢୋଲବାଦ୍ୟ।

ଡବା } ବି. କରଣ୍ଡ, ବଟା।
ଡବିଅ }

ଡବଡବ—ବି. ଅଶ୍ରୁଯୁକ୍ତ।

ଡମ୍ବିର—ବି. ବୃକ୍ଷବିଶେଷ ଓ ତାହାର ଫଳ।

ଡିମ୍ବ—ବି. ଅଣ୍ଡା।

ଡିମ୍ବଜ—ବି. (ଡିମ୍ବ-ଜନ୍-ଅ) ପକ୍ଷୀ।

ଡିମ୍ଭ—ବି. ଶିଶୁ।

ଡିହ—ବି. ବାସ୍ତୁଭୂମି।

ଡୁଣ୍ଡୁଭ—ବି. ଢୋଣ୍ଡି ସ।

ଡୁବିବା—କ୍ରି. ବୁଡ଼ିବା।

ଡେଇଁବା—କ୍ରି. (ଡୀ ଧାତୁଜ) କୁଦିବା।

ଡେଉଁରିଆ—ବି. ଅଳଙ୍କାରବିଶେଷ; ପଶୁଗଳରେ ଧାରଣାର୍ଥ ଧାତୁନିର୍ମିତ କ୍ଷୁଦ୍ର ଔଷଧାଧାର।

ଡେଙ୍ଗା—ବିଂ. ଲମ୍ବା।

ଡେଙ୍ଗୀ—ବିଂ. ଦୀର୍ଘାକୃତି (ସ୍ତ୍ରୀ)।

ଡେଙ୍ଗୁରା—ବି. ନାଗରା; ନାଗରାଦ୍ୱାରା ଘୋଷଣା।

ଡେଣା—ବି. (ଡୀ ଧାତୁଜ) ପକ୍ଷ।

ଡେଣୁଆ—ବି. (ଦେଶଜ) ପଥର ଲେଖା; ଟେକା।

ଡେମ୍ଫ—ବି. ଫଳ ଓ ଫୁଲର ନାଡ଼।

ଡେରି—ବି. କାଷ୍ଠନିର୍ମିତ ସ୍ତମ୍ଭ, ଖମ୍ବ।

ଡେରିବା—କ୍ରି. ଲିଖାରୁ ଦେଖାଇବା; ପାଢ଼ିବା (ବର୍ଣ୍ଣସମ୍ବନ୍ଧରେ)।

ଡେବିରି—ବିଂ. ବାମ, ବାଁ।

ଡୋର } ବି. ରଜ୍ଜୁ; ଦଉଡ଼ି।
ଡୋରି }

ଡୋରିଆ—ବି. ଲମ୍ବାଲମ୍ବି ରେଖାଙ୍କିତ ବସ୍ତ୍ରବିଶେଷ।

ଡୋଳା—ବି. ଆଖିର ଗୁଳି।

ଡୋଲ—ବି. (ଦୁଲ୍ ଧାତୁଜ) ଝୁଲଣ।

ଡୋଳି—ବି. ଶିବିକା; ଖାଟ୍ୟାନ।

ଡୌଲ—ବି. ଢଙ୍ଗ; ରୂପ; ଆକୃତି। ବିଂ. ସୁନ୍ଦର।

---

## ଢ ବ୍ୟଞ୍ଜନବର୍ଣ୍ଣର ଚତୁର୍ଦ୍ଦଶ ବର୍ଣ୍ଣ।

ଢକ୍କା—ବି. ବଡ଼ ଢୋଲ।

ଢକ୍କାରି—ବି. ଦୁଷ୍ଟ ସ୍ତ୍ରୀ।

ଢଗ—ବି. ପ୍ରବାଦ; ଶ୍ଳୋକବଦ୍ଧ-ଅଲଙ୍କୃତ ପ୍ରବାଦ।

ଢଙ୍ଗ—ବି. ରୀତି; ଆଚରଣ।

ଢପ—ବି. ଦୁଷ୍ଟାଚରଣ।

ଢମ—ବି. ଅହଙ୍କାର; ଦର୍ପ। [ଶାଙ୍ଖ।

ଢମା—ବି. ଯୋଗୁ ଶୁଣାଇବାର ବାଂଶଗରମ

ଢମାଳି—ବି. ଉପହାସ; ଛଳା କଥା।

ଢଳଢଳ—କ୍ରି. ବିଂ. (ଜଳ ସମ୍ବନ୍ଧରେ) ଟଳଟଳ; ଝଲଝଲ; ସ୍ୱଚ୍ଛ।

ଢଳା—ବିଂ. ତରଳ ଧାତୁନିର୍ମିତ।

ଢଳିବା—କ୍ରି. ଏକ ପାର୍ଶ୍ୱକୁ ଟଳିବା।

ଢାଲ—ବି. ମୁଣ୍ଡ ଲଢେଇ।

ଢାଉଁଢାଉଁ—ବି. ବାଦ୍ୟଧ୍ୱନିବିଶେଷ।

ଢାଉ—ବି. ସେତୁବନ୍ଧର ଶେଷ ଶଳା ।

ଢାଙ୍କିବା—କ୍ରି. ଆଚ୍ଛାଦନ କରିବା; ଘୋଡ଼େଇ ରଖିବା ।

ଢାଙ୍କୁଣୀ—ବି. ଆଚ୍ଛାଦନ ।

ଢାଲ—ବି. ଚର୍ମନିର୍ମିତ ଫଳକ ।

ଢାଳ—ବି. ଧାତୁନିର୍ମିତ ଜଳପାତ୍ରବିଶେଷ ।

ଢାଳିବା—କ୍ରି. ଗଡ଼େଇବା; ଅଜାଡ଼ିବା ।

ଢାଲୁ—ଦେ. ଗଡ଼ାଣିଆ ।

ଢାଳେକ—କ୍ରି. ଦେ. ବାରେକ; ଥରେ ।

ଢିଙ୍କି } ବି. ଧାନ କୁଟିବାର ଯନ୍ତ୍ର ।
ଢେଙ୍କି }

ଢିପ—ବି. ଉଚ୍ଚସ୍ଥାନ; ସ୍ତୂପ ।

ଢିମା—ବି. ଟେକା ।

ଢିଲା—ଦେ. ଢୁଳୁଳା; ଶିଥିଳ ।

ଢୁଲ—ବି. ନିଦ୍ରାର ଆବେଶ । [ପଡ଼ିବା ।

ଢୁଳାଇବା—କ୍ରି. ଝିମେଇବା; ନିଦରେ ଢଳି-

ଢେଉ—ବି. ଲହରୀ ।

ଢେଙ୍କା—ବି. ଢିପ ।

ଢେମଣା—ବି. କାଉ; ଉପପତି; ସର୍ପବିଶେଷ ।

ଢେମ୍ପ—ଦେ. ବର୍ତ୍ତୁଳ ।

ଢେଲା—ବି. ଟେକା; ମୃତ୍ତିକାଖଣ୍ଡ । [ଦଣ୍ଡ ।

ଢୋକି—ବି. ଏକାଥରକେ ଗିଳିବାର ଜଳାଦି

ଢୋକିବା—କ୍ରି. ଢୋକେ ପିଇବା ।

ଢୋଲ } ବି. ବାଦ୍ୟଯନ୍ତ୍ରବିଶେଷ ।
ଢୋଲକ }

ଢୋଲ୍କି—ଦେ. (ଢୋଲଶବ୍ଦଜ) ପଟହ ।

ଢୋଲିଆ—ବି. ଢୋଲବାଦ୍ୟକାରୀ । [ଯୋଗ ।

ଢୌକନ—ବି. (ଢୌକ୍-ଅନ) ଉପହାର; ଭେଟି;

---

## ଣ ବ୍ୟଞ୍ଜନବର୍ଣ୍ଣର ପଞ୍ଚଦଶ ବର୍ଣ୍ଣ ।

---

## ତ ବ୍ୟଞ୍ଜନବର୍ଣ୍ଣର ଷୋଡ଼ଶ ବର୍ଣ୍ଣ ।

ତଁଅର—ବି. ରଞ୍ଜିତ ସୂତ୍ରବିଶେଷ ।

ତଁଅରୀ—ବି. ରଞ୍ଜିତ ସୂତ୍ରରେ ଲୁଗାବୁଣିବା ଯନ୍ତ୍ର ।

ତଉଲିଆ—ବି. ରଞ୍ଜିତ ସୂତ୍ରରେ ବୁଣା ଲୁଗା ।

ତକସିର—ବି. ଦୋଷ; ଭୁଲ ।

ତକିଆ—ବି. ମାଣ୍ଡି ।

ତକ୍ତା—ବି. କାଠପଟା ।

ତକ୍ତପୋଷ—ବି. କାଠପଟାର ଖଟ ।

ତକ୍ର—ବି. ଘୋଳଦହି । [ଫର୍ଦ୍ଦ; ବହେର ।

ତକ୍ଷକ—ବି. (ତକ୍ଷ-ଅକ) ନାଗବିଶେଷ; ବଢ଼-

ତକ୍ଷଣ—ବି. (ତକ୍ଷ-ଅନ) ବଢ଼େଇର କାମ ।

ତଗର—ବି. ଟଗର ଫୁଲ ବା ଗଛ ।

ତଙ୍କ—ବି. (ତଙ୍କ-ଅ) ପଥର କାଟିବାର ଅସ୍ତ୍ର-
ବିଶେଷ ।

ତକବାଜି—ବି. (ଆରବୀ) ଚତୁର ।

ତଞ୍ଚକ—ବି. (ବଞ୍ଚକଶବ୍ଦଜ) ପ୍ରବଞ୍ଚକ; ପ୍ରତାରକ ।

ତଞ୍ଚକତା—ବି. ପ୍ରବଞ୍ଚନା; ଶଠତା ।

ତଟ—ବି. (ତଟ୍-ଅ) କୂଳ; ତୀର ।

ତଟିନୀ—ସ୍ତ୍ରୀ. ନଦୀ ।                [ଲିପ୍ତ ।

ତଟସ୍ଥ—ବି. (ତଟ-ସ୍ଥା-ଅ) ଉଦାସୀନ; ମଧ୍ୟ; ନିର-

ତଡ଼ିମା—ସ୍ତ୍ରୀ. (ତଟ-ଇମନ୍) ଢାଲ ।

ତଡ଼ାଗ—ବି. (ତଟ୍-ଅକ) ବଡ଼ ପୁଷ୍କରିଣୀ ।

ତଡ଼ିତ୍—ବି. (ତଡ୍-ଇତ୍) ବିଦ୍ୟୁତ୍; ବିଜୁଳି ।

ତଡ଼ିନ୍ମାଳୀ—ବି. (ତଡ଼ିତ୍-ମତ୍) ବିଦ୍ୟୁତ୍ଯୁକ୍ତ ।

ବି. ମେଘ ।                [ଦୂର କରିଦେବା ।

ତଡ଼ିବା—କ୍ରି. (ଦେଶଜ) ବାହାରେ କରିଦେବା;

ତଣ୍ଡା—ବି. ଅଗ୍ରଭାଗ; ଧାର ।

ତଣ୍ଟି }
ତୁଣ୍ଟି } ବି. (ଦେଶଜ) ଗଳଦେଶ; ବେକ ।

ତଣ୍ଟିଚିପା—ବି. ଗଳାରେ ଧକା ।

ତଣ୍ଡୁ—ବି. (ତଣ୍ଡୁଶବ୍ଦ) ବୃଥା ଅର୍ଥଦଣ୍ଡ ।

ତଣ୍ଡି—ବି. ତୃଣବିଶେଷ ।

ତଣ୍ଡୁଳ—ବି. ଚାଉଳ ।

ତତ—ବି. (ତନ୍-ତ) ବିସ୍ତୃତ ।

ତତଲା—ବି. (ତପ୍ତଶବ୍ଦ) ଉଷ୍ଣ ।

ତତେଇବା—କ୍ରି. (ତପ୍ତଶବ୍ଦ) ଉତ୍ତପ୍ତ କରିବା ।

ତତ୍—ସ. ସେ; ସେହି ।

ତତ୍କାଳ—ବି. ସେହି ସମୟ; କ୍ରି. ବି. ଶୀଘ୍ର ।

ତତ୍କ୍ଷଣାତ୍—ଅ. ସେହିକ୍ଷଣି; ଅବିଳମ୍ବେ ।

ତତ୍ତ୍ୱ—ବି. (ତଦ୍-ତ୍ୱ) ମୂଳସତ୍ତା; ଯଥାର୍ଥସ୍ୱରୂପ;

ତତ୍ତ୍ୱ ।

ତତ୍ତ୍ୱଜ୍ଞାନ—ବି. (ତତ୍ତ୍ୱ-ଜ୍ଞାନ-ଅନ୍) ବ୍ରହ୍ମଜ୍ଞାନ ।

ତତ୍ପର—ବି. ଶୀ. ତତ୍ପର ।           [ଉଦ୍ୟୋଗୀ ।

ତତ୍ତ୍ୱାବଧାନ—ବି. (ତତ୍ତ୍ୱ-ଅବ-ଧା-ଅନ୍) ତାଗିଦ

ତତ୍ତ୍ୱାବଧାୟକ—ବି. (ତତ୍ତ୍ୱ-ଅବ-ଧେ-ଅକ) ତତ୍ତ୍ୱ-

ନେଉଥିବା ବ୍ୟକ୍ତି; ପରିଦର୍ଶକ ।

ତତ୍ତ୍ୱାବଧାରଣ—ବି. ( ତତ୍ତ୍ୱ-ଅବ-ଧୃ-ଣିଚ୍-ଅନ )

ତତ୍ତ୍ୱନିରୂପଣ ।                [ବିଷୟ ।

ତତ୍ପର—ବି. (ତଦ୍-ପର) ରତ; ଉଦ୍ୟୋଗୀ;

ତତ୍ପୁରୁଷ—ବି. ସମାସବିଶେଷ ।

ତତ୍ର—ଅ. (ତଦ୍-ତ୍ର) ସେଠାରେ ।

ତତ୍ରତ୍ୟ—ବି. (ତତ୍ର-ତ୍ୟ) ସେହି ସ୍ଥାନରେ ସ୍ଥିତ ।

ତତ୍ରାପି—ଅ. (ତତ୍ର-ଅପି) ତଥାପି; ତେବେହେଁ ।

ତଥା—ଅ. (ତଦ୍-ଥା) ସେହି ପ୍ରକାର ।

ତଥାଚ }
ତଥାପି } ଅ. (ତଥା-ଚ, ଅପି) ତେବେହେଁ ।

ତଥାସ୍ତୁ—ଅ. (ତଥା-ଅସ୍ତୁ) ତାହା ହେଉ ।

ତଥି—ସ. (ତତ୍ରଶବ୍ଦ) ତହିଁରେ; ସେଠାରେ ।

ତଥ୍ୟ—ବି. (ତଥା-ଯ) ପ୍ରକୃତ କଥା; ସତ୍ୟ ।

ତଦ୍—ସ. (ତନ୍-ଅଦ୍) ସେହି ।           [ଉତ୍ତର ।

ତଦନନ୍ତର—କ୍ରି. ବି. (ତଦ୍-ଅନନ୍ତର) ତହିଁ-

ତଦର୍ଥ—କ୍ରି. ବି. (ତଦ୍-ଅର୍ଥ) ସେଥିପାଇଁ ।

ତଦନ୍ତ—ବି. ( ତଦ୍-ଅନ୍ତ ) ତଥ୍ୟନିର୍ଣ୍ଣୟ; ଅନୁ-

ସନ୍ଧାନ ।

ତଦବଧି—କ୍ରି.ବି.(ତଦ୍-ଅବଧି) ସେହି ସମୟଠାରୁ ।

ତଦବସ୍ଥ—ବି. (ତଦ୍-ଅବସ୍ଥା) ସେହି ଅବସ୍ଥାରେ

ସ୍ଥିତ ।

ତଦା—କ୍ରି ବି. (ତଦ୍-ଦା) ସେହି ସମୟରେ ।

ତଦାନୀଂ—ଅ°. (ତଦ୍-ଦାନୀଂ) ସେତେବେଳେ ।

ତଦାନୀନ୍ତନ—ବି°. (ତଦା ନୀ°-ତନ) ତତ୍କାଳୀନ ।

ତଦୀୟ—ବି°. (ତଦ୍-ଈୟ) ତତ୍ସମ୍ବନ୍ଧୀୟ ।

ତଦ୍ଗତ—ବି°. (ତଦ୍-ଗତ) ତନ୍ମୟ; ସେଥିରେ ଲଗ୍ନ ।

ତଦ୍ରୂପ—ଅ°, ବି°. (ତଦ୍-ରୂପ) ସେହିପରି ।

ତଦ୍ଧିତ—ବି. (ତଦ୍-ହିତ) ଶବ୍ଦରୁ ଉତ୍ତର ପ୍ରତ୍ୟୟ ।

ତଦ୍ବତ୍—ଅ°. (ତଦ୍-ବତ୍) ତଦ୍ରୂପ; ସେହିପରି ।

ତଦ୍ବ୍ୟତିରିକ୍ତ—ବି°. (ତଦ୍-ବ୍ୟତିରିକ୍ତ) ତାହା-ଛଡ଼ା ।

ତନ୍ଖା—ବି. ବେତନ ।

ତନୟ—ବି. (ତନ୍-ଅୟ) ପୁତ୍ର ।

ତନୟା—ବି. (ତନୟ-ଆ) କନ୍ୟା; ଝିଅ ।

ତନିମା—ବି. (ତନୁ-ଇମନ୍) କୃଶତା; ସୂକ୍ଷ୍ମତା ।

ତନୁ—ବି. (ତନ୍-ଉ) ଶରୀର; ମୂର୍ତ୍ତି; ବି°. ଅଳ୍ପ; କୃଶ; ସୂକ୍ଷ୍ମ ।

ତନୁ-ଛଦ—ବି. ବର୍ମ; କବଚ ।

ତନୁଜ—ବି. (ତନୁ-ଜ) ପୁତ୍ର ।

ତନୁଜା—ବି. (ତନୁଜ-ଆ) କନ୍ୟା; ଝିଅ ।

ତନୁ-ତ୍ୟାଗ—ବି. ଦେହତ୍ୟାଗ; ମରଣ ।

ତନ୍ତ—ବି. (ତନ୍ଧାତୁଜ) ଲୁଗାବୁଣିବାର କଳ ।

ତନ୍ତି—ବି. ତନ୍ତୁବାୟ ।

ତନ୍ତୁ—ବି. (ତନ୍-ତୁ) ସୂତ୍ର; ତାନ୍ତ; ସନ୍ତାନ ।

ତନ୍ତୁବାୟ—ବି. (ତନ୍ତୁ-ବେ-ଅ) ତନ୍ତି ।

ତନ୍ତ୍ର—ବି°. (ତନ୍-ତ୍ର) ଅଧୀନ; ବି. ଶିବପ୍ରୋକ୍ତ;

ତନ୍ତ୍ରୀ—ବି°. (ତନ୍ତ୍ର-ଈ) ବୀଣା; ତାନ୍ତ । [ସୂତ୍ର ।

ତନ୍ଦ୍ରା—ବି. (ତନ୍ଦ୍ର-ଆ) ଅଳ୍ପନିଦ୍ରା; ଢୁଳାଇବା ।

ତନ୍ଦ୍ରାଳୁ, ତନ୍ଦ୍ରିତ—ବି°. (ତନ୍ଦ୍ରା-ଆଳୁ, ଇତ) ନିଦ୍ରାଳୁ; ଅଳସ ।

ତନ୍ନତନ୍ନ—କ୍ରି, ବି°. (ତଦ୍-ନ, ତଦ୍-ନ) ତାହା ନୁହେଁ ତାହା ନୁହେଁ, ପୁଙ୍ଖାନୁପୁଙ୍ଖରୂପେ; ସୂକ୍ଷ୍ମାନୁସୂକ୍ଷ୍ମରୂପେ । [ତଦାବ୍ରେ ।

ତନ୍ମୟ—ବି°. (ତଦ୍-ମୟ) ସେଥିରେ ନିମଗ୍ନ;

ତନ୍ୱୀ—ବି°. (ତନୁ-ଈ) କୃଶାଙ୍ଗୀ ।

ତପଃ—ବି. (ତପ୍-ଅସ୍) ତପସ୍ୟା ।

ତପ—ବି. (ତପସ୍‌ଶବ୍ଦଜ) ତପସ୍ୟା ।

ତପଶ୍ଚରଣ—ବି. (ତପଃ-ଚରଣ) ତପସ୍ୟା କର ।

ତପନ—ବି. (ତପ୍-ଅନ) ସୂର୍ଯ୍ୟ ।

ତପନତନୟ—ବି. (ତପନ-ତନୟ) ଯମ ।

ତପନତନୟା—ବି. ଯମୁନାନଦୀ ।

ତପସ୍ୟା—ବି. (ତପସ୍-ଯ-ଆ) ତପ; କୃଚ୍ଛ୍ରସାଧନ; ଧର୍ମସାଧନ । [ଋଷି; ମୁନି; ତାପସ ।

ତପସ୍ୱୀ—ବି. (ତପସ୍-ବିନ୍) ତପସ୍ୟାରେ ନିରତ

ତପୋଧନ—(ତପଃ ଅଟେ ଧନ ଯାହାର) ତପସ୍ୱୀ ।

ତପୋବନ—ବି. ( ତପଃ-ବନ ) ମୁନିମାନଙ୍କର ଆଶ୍ରମ । [ଉତ୍ତପ୍ତ ।

ତପ୍ତ—ବି°. (ତପ୍-ତ) ତାପଯୁକ୍ତ; ଅଗ୍ନିଦ୍ଵାରା

ତବକ—ସ°. (ତୁଚ୍ ଶବ୍ଦଜ) ଭ୍ରମର ।

ତମଃ—ବି. (ତମ୍-ଅସ୍) ଅନ୍ଧକାର; କାମକ୍ରୋଧାଦି ବିକାରଜନକ ଗୁଣ ।

ତମ—ଅନେକ ମଧ୍ୟରେ ଏକର ଉତ୍କର୍ଷ ବା ଅପ-କର୍ଷବୋଧକ ପ୍ରତ୍ୟୟ; ଅନ୍ଧକାର; ରାହୁ ।

ଧମସୁଜ-ବି. ପ୍ରଣବଦ୍ୱାରର ଉଦ୍ଘାଟକ ।
ଧମଦ୍ୱିମା-ବି. (ଧମସ୍-ହନ୍-ଇ)-ଘଣ୍ଟି ।
ଧମା-ବି. (ଧମ-ଅ) ଘର୍ଷ; ଭମାର ବୃଷ ।
ଧମାଙ୍କ-ବି. (ଧାମ୍ନ-ଅଙ୍କ-ଭାବ) ଅର୍ଥପଦ ।
ଧମାଦ-ବି. କବିଶ୍ୱ ଧମସ୍ତୋତ୍ର ।
ଧମାଲି-ବି. ବୃକ୍ଷବିଶେଷ ।
ଧମିସ୍ତ-ବି. (ଧମସ୍-ର) ଅଜବାର ।
ଧମୋମସ୍-ବି. (ଧମ-ମସ୍) ଅଜବାସୃଷ୍ଟି ।
ଧମ୍ମି-ବି. କଶ୍ଚର ସର୍ପ ବିଶେଷ ।
ଧମ୍ରା-ବି. (ଧାତ୍ରୁ ଶବ୍ଦ) ଧାତୁବିଶେଷ ।
ଧମ୍ରି-ବି. ଧମକ-ଧମକ ।
ଧମ୍ରୁ-ବି. ଘଣ୍ଟି; ଶିବର ।
ଧର-ବି. ଭୂମଣ୍ଡଳରେ ଏକର ଉର୍ଦ୍ଧ୍ୱ ବା ଅଧ-ବର୍ଣ୍ଣ-ବୋଧକ ପ୍ରତ୍ୟୟ ।
ଧରି-ବି. ଅବସର ।
ଧରଜାଣି-ବି. ଚପଳ; ବାଲ୍ୟ ।
ଧରଜବା-କ୍ରି. ଖାଦ୍ୟାଦ୍ୟ ହେବା ।
ଧରଣ୍ଟ-ବି. ଦେହାବାଧ ।
ଧରଣି-ବି. (ଧୃ-ଅଣ) ଲଙ୍ଘନ ।
ଧରଣିମା-ବି. (ଧରଣ-ଇମ୍-ଈ) ଜଳ ।
ଧରଣୀ-ବି. (ଧୃ-ଅଣ) ପାଲଗମନ ।
ଧରଣି-ବି. (ଧୃ-ଅନ-ଇ) ପୃଥିବୀ; ସ୍ୱର୍ଣ୍ଣ ।
ଧରଣୀ-ବି. (ଧୃ-ଅନ-ଈ) ପୃଥିବୀ ।
ଧରଧର-କ୍ରି. ବି. (ଧରସ୍=ବେଗ) ଖଣ୍ଡର; ଶୀଘ୍ର । [ପ୍ରାଚୀନ ।
ଧରପତ୍ୟ-ବି. (ଧର-ପତ୍ୟ) ବିଷପାନ ହେବାର

ଧରଭୂକ୍-ବି. ଲତାବିଶେଷ ବା ତାହାର ଫଳ ।
ଧର୍ମ୍ମା-ବି. ପୃଥିବୀର ।
ଧରଳ-ବି. (ଧୃ-ଅଳ) ଧୂପ; ଉଦ୍ଭିଦ ।
ଧରଳିବା-କ୍ରି. ଧୂପଦେବା ।
ଧରବାରି-ବି. (ଧର-ବୃ-ଅ-ଇ) ଖଣ୍ଡା ।
ଧରଶ୍ରୀ-ବି. (ଧରସ୍-ଶ୍ରୀ) ବେଗବାନ୍; ଦ୍ରୁତ-ଗାମୀ ।
ଧରାଙ୍କୁ-ବି. ଓଡ଼ିଆ ଭଜବାର ଯନ୍ତ୍ର ।
ଧରାଚି-ବି. ପୁଷ୍ପବିଶେଷ । [ଜଡ ସ୍ପର୍ଶିବା ।
ଧରାଟିସ୍ପର୍ଶିବା-କ୍ରି. ହୋଧରେ ଡଣ୍ଡ ବଳ ଓ ବସ୍ତୁ
ଧରା-ବି. (ଧୃ-ଅ-ଆ) ପୃଥିବୀ; ବେଳା ।
ଧରୁ-ବି. (ଧୃ-ଉ) ବୃକ୍ଷ ।
ଧରୁଣି-ବି. (ଧୃ-ଉନ) ସ୍ୱଭାବ; ଦୂତକ ।
ଧରୁଣୀ-ବି. (ଧରୁଣ-ଈ) ସ୍ୱଭାବ ।
ଧରୁଷ୍ଟି-ବି. (ଧରୁ-ଦୃଷ୍ଟି) ବୃକ୍ଷଶାଖରେ ଥାଇ ବୃକ୍ଷ; ମଳୟ । [ବାଲ୍ୟଭାଷା ।
ଧର୍ଷ-ବି. (ଧର୍ଷ୍-ଅ) ଶକ୍ତି; ବାଧାବାଦ; ବଳର;
ଧର୍ଷିତ-ବି. (ଧର୍ଷ୍-ତ) ଅସ୍ୱୀକୃତ; ଅଭିମତ ।
ଧର୍ଷଣ-ବି. (ଧର୍ଷ୍-ଅନ) ଉପଦ୍ରବବର୍ଣ୍ଣନ; ଅଧିକ; ଈର୍ଷା । [ଅପଭ୍ରଂଶ ।
ଧର୍ଷଣୀ-ବି. (ଧର୍ଷ୍-ଅନ-ଈ) ସ୍ୱଭାବଳିର ଜନ୍ମସ୍ଥ
ଧର୍ଷିତ-ବି. (ଧର୍ଷ୍-ତ) ରକ୍ଷିତ; ବାଡ଼ିତ ।
ଧର୍ପଣ-ବି. (ଧୃପ୍-ଅନ) ଚିତ୍ରରେଖ ପ୍ରୀତ୍ୟର୍ଥ ଜଳଦାନ; ପ୍ରୀଣନ ।
ଧଳ-ବି. (ଧଳ-ଅ) ଅଧୋଭାଗ; ଖାତାଳ; ମୂଳର ଚତୁଃପାର୍ଶ୍ୱବର୍ତ୍ତୀ ସ୍ଥାନ; ମଣ୍ଡଳ ।

ଧଳିଆ-ବି. ଧବଳ । ମଧୁମକ୍ଷି ମୋଟିଏ ।
ଧଳାଧଳି-ବି. (ଧଳ-ଅଧଳ) ଶୁଭାଶୁଭ
ଧଳେଇ-ବି. (ଅରବୀ) ଅନୁଷ୍ଠାନ ।
ଧନ୍ଦ-ବି. ଧନ୍ଦା ।
ଧଳି-ବି. ଧାନ ଗଛର ପତ୍ରାଗ୍ର ।
ଧପଧା-ବି. ପାଦଚଳ ।
ଧବଳ-ବି. (ଶୁଭ୍ରବର୍ଣ୍ଣ) ଶ୍ୱେତ ।
ଧସା-ବି. ଧସ ।
ଧସ୍ତୁ-ବି. (ଦେଶଜ) ଧାନର ଖେଳା ।
ଧସ୍ତର-ବି. ଖେର; ଅଟ୍ଟାଳିକ ।
ଧହି-ବି. ଦୁଧର ଘନ ।
ଧହିବଲ୍-ବି. ଖେଲଡ଼; ପାଣି ।
ଧିଁ-ଅ. ଶେଠାରେ ।
ଧିଁ-ଅ. ଶେଷରୁ ।
ଧାଇଁ-ବି. ଧାଆଁ । [ଧୂଆଁ ।
ଧାକୁଡ଼ି-ବି. (ଦେଶୀଯାଜକ) ସୂତା କାଟିବାର
ଧାତ୍ରୀଜୀ-ବି. (ଧତୃ-ଶୀଳ-ଯ) ଗୁଣ୍ଡାଭରଣ;
ଅଣ୍ଡାରୁ; ଅବଶ୍ୟ ।
ଧାଟି-ବି. ଧାଳ; ଧାଡ଼ି ।
ଧାଟିଙ୍କ-ବି. ବର୍ଣ୍ଣିଭୂଷଣ ବିଶେଷ ।
ଧାଟିକା-ବି. ଶସ୍ତ; ଖଡ ।
ଧାଟି-ବି. କାଠ ବା ଧାତବ ନିର୍ମିତ ପାତ୍ର ।
ଧାଟିଆ-ବି. ଧାତୁନିର୍ମିତ ପାତ୍ରବିଶେଷ ।
ଧାଡ଼ି-ବି. ବାହୁଭୂଷଣ; ମାଟିପାତ୍ର; ମାଟିପାତ୍ରରେ ନଈଲଗାଇବା ।
ଧାଡ଼ିକା-ବି. ପ୍ରଶସ୍ତବିଶେଷ ।

ଧାତ୍ରୀ / ଧାତ୍ରିକା } ବି. (ଧେଟ୍-ଷ୍ଟ୍ରନ୍-ଈ) ଉପମାତା; ମାତା; ଧାତ୍ରୀ; ପୃଥ୍ୱୀ ।
ଧାତ୍ରିତ-ବି. (ଧତ୍-ଶିଳ୍-ତ) ଅଦ୍ଭୁତ; ଦର୍ଶିତ ।
ଧାତ୍ରିତ-ବି. (ଧଦତ୍-ସ) ଉଦତ ସମ୍ମୋହ ।
ଧାତ୍ରିବା-କ୍ରି. ଅସ୍ୱସ୍ଥ ହୋଇ ଲୁଚାଇବା ।
ଧାତ୍ରି-ବି. (ଧାତସମ୍ବନ୍ଧ) ଧାନ ବା ଶସ୍ୟର ଘର ।
ଧାତ୍ୟ-ବି. (ଧତ୍-ଶିଳ୍-ଯ) ଧାନ୍ୟ ।
ଧାତ୍ରିବ-ବି. (ଧତୃ-ଅ) ଦୃଢ଼; ଲାଭଚନ୍ଦନ ।
ଧାନ-ବି. ଚିତା; ସ୍ୱଚ୍ଛ ଧାନ୍ୟ; ଶେଷର ପାଳ; ବସ୍ତ୍ର ।
ଧାଧ-ବି. ଉତ୍ତି; ଦଣ୍ଡ । [ଧାନ ।
ଧାନ୍ୟାଳିବ-ବି. (ଧାନ୍ୟ-ଆଳ) ଶସ୍ୟାଗାର
ଧାନ୍ୟଶୀର୍ଷ-ବି. (ଧାନ୍ୟ-ଶୀ) ଅନ୍ନ ଉପାୟ; ମର୍ମ ।
ଧାମାନ୍ଧ୍ୟ-ବି. (ଧାମ-ଅ-ଯ) ଅନ୍ଧକାରମୟ; ଅନ୍ଧତ୍ୱ ।
ଧାମ / ଧାମନ } (ଧା-ମନ୍) ଗୃହଦ୍ୱାର ।
ଧାର-ବି. (ଧୃ-ଅ) ଅଂଶାଦିରେ ସ୍ୱରସ୍ଥାନ ।
ଧାରପୁଷ୍ପ-ବି. (ଧାର-ପୁଷ୍ପ) ଖାଦ୍ୟାଦିର ଦାଦ୍ୟବିଶେଷ ।
ଧାର୍ମିକ-ବି. (ଧର୍ମ-ଇକ) ଧର୍ମନିଷ୍ଠ ।
ଧାର୍ମିକତା-ବି. ଯେଉଁ ଗୁଣଯୋଗୁଁ ଧାର୍ମିକ ହୋଇ ରହିବା ବା ତାହା ଲକ୍ଷିତ ହୁଏ ।
ଧାସ-ବି. (ଧସ୍-ଅ) ଉଷ୍ଣତା; ଜ୍ୱର; ଶଙ୍କାପ ।
ଧାସନ-ବି. (ଧସନ୍-ଅ) ଧସନା; ମୁକ ।

ଧାପଦ୍ୟ-ବି. (ଧାପଦ୍-ଯ) ଧାପଦର ଧର୍ମ; ଧପଦୀର ଆଚରଣ ।

ଧାପିଚ୍ଛ-ବି. ତମାଳବୃକ୍ଷ ।

ଧାପିତ-ବିଂ. (ଧପ୍-ଣିଚ୍-ତ) ଧୂପିତ; ସେଚାନ୍ତ; ଧାପଯୁକ୍ତ ।

ଧାମରସ-ବି. ସତ୍ତ୍ୱ ।

ଧାମସ-ବିଂ. (ଧମସ୍-ଅ) ଧଣ୍ଡବାସଲ୍ୟ; ଧମ୍ମା-[ଭୂଣାନ୍ତ ।

ଧାମ୍ବା-ବି. ଦୌଷଧ ।

ଧାମସିକ-ବିଂ. (ଧାମସ୍-ଇକ) ତମୋଗୁଣାନ୍ତ; ବଳସମସ୍ ।

ଧାମଶୀ-ବି. (ଧାମସ-ଈ) ଅନ୍ଧକାର ରାତି ।

ଧାମିସ୍ର-ବି. (ତମିସ୍ର-ଅ) କୃଷ୍ଣପକ୍ଷ ।

ଧାମ୍ର-ବି. (ତମ୍-ର) ତମ୍ବା; ଧାତୁବିଶେଷ ।

ଧାମ୍ରକୁଟ-ବି. (ଧାମ୍ର-କୁଟ) ଧୂମପତ୍ର; ତମାଖୁ ।

ଧାମ୍ରଚୂଡ଼-ବି. (ଧାମ୍ର-ଚୂଡ଼ା) କୁକ୍କୁଟ ।

ଧାମ୍ର-ବି. ବଣ୍ଡଧୂପ ।

ଧାମ୍ବୁଲ-ବି. ଲତାବିଶେଷ ବା ତାହାର ପତ୍ର (ଅଦ୍ୟାପନ୍ତେ ଚୂନ ଗୁଆ ଏଲର ଓ ଗୁଆ ପତେ ଖଇର) ।

ଧାମ୍ବୁଲ-କରଙ୍କ-ବି. ପାନବଟା; ପାନଡବା ।

ଧାମ୍ବୁଲୀ-ବି. (ଧାମ୍ବୁଲ-ଈନ୍) ତାମ୍ବୁଳବଣ୍ଡ-ଷାର୍ଯ୍ୟ; ତାମ୍ବୁଲି ଜାତି ।

ଧାର-ବି. (ତୃ-ଅ) ଅତ୍ୟୁଚ୍ଚ (ସପ୍ତସ୍ୱରରେ); ଉଚ୍ଚ । ବି. ଧାତୁବର୍ଣ୍ଣିତ ଖଣ୍ଡ; ମୁକ୍ତା ।

ଧାରକ } ଧାରକା } ବି. (ତୃ-ଣ-କ,ଆ) ନକ୍ଷତ୍ର ।

ଧାରକି-ବି. ନକ୍ଷତ୍ର ।

ଧାରକନ୍ଧ-ବି. (ଧାରକା-ଇନ୍ଦ୍ର) ଚନ୍ଦ୍ରମା ।

ଧାରଣ-ବି. (ତୃ-ଣିଚ୍-ଅନ) ଉଦ୍ଧାର । ବି. ଉଦ୍ଧାରକର୍ତ୍ତା ।

ଧାରତମ୍ୟ-ବି. (ତରତମ-ଯ) ନ୍ୟୂନତା ବା ଅଧିକ୍ୟ; ପରସ୍ପରବିଶେଷ । [ଭେଦ ।

ଧାରଲ୍ୟ-ବି. (ତରଳ-ଯ) ତରଳତା; ଚଞ୍ଚ-

ଧାର୍ଣ୍ଣ-ବି. (ତୃ-ଅ) ବକ୍ଷ; ସଂସାର ତରଣ-ଉଦ୍ଧାରକାରିଣୀ ଦେବ ।

ଧାର୍କ୍ଷ-ପତି-ବି. (ଧାର୍କ୍ଷ-ପତି) ଗରୁଡ଼ ।

ଧାରଖ-ବି. (ଆରବୀ) ଦିବସ; ଦିନ ।

ଧାରଣୀ-ବି. (ତୃ-ଣିଚ୍-ଅନ୍-ଈ) ନିସ୍ତାର-

ଧାରଣ୍ଟ୍-ବି. ଘଣ୍ଟା । [କାରିଣୀ ।

ଧାରୁଣ୍ୟ-ବି. (ତରୁଣ-ଯ) ଯୌବନାବସ୍ଥା ।

ଧାର୍କ୍ଷ୍ୟ-ବିଂ. (ତର୍କ-ଇକ) ତର୍କଶାସ୍ତ୍ରଜ୍ଞ ।

ଧାର୍କ୍ଷ୍ୟ-ବି. ଅଦ୍ଭୁତ ପକ୍ଷୀ ।

ଧାଲ-ବି. (ତଲ-ଅ) ତାଳଗଛ; ତାଳ ବାଦ୍ୟ ଦପଦ୍ୱରେ କାଳ ଓ କ୍ରିୟାର ପରିମାଣ ।

ଧାଲ-କୁମ୍ଭ-ବି. ତାଳପତ୍ରର ବଳୟ ।

ଧାଳତେଲଭ ଲ-ବି. ଲୁପଦେବତା ବିଶେଷ ।

ଧାଲବ୍ୟ-ବିଂ. (ତାଲୁ-ଯ) ତାଳୁସମ୍ବନ୍ଧୀୟ; ତାଳୁ ଦ୍ୱାରା ଉଚ୍ଚାରିତ ।

ଧାଲସାଜ-ବି. ତାଳପତ୍ରର କୋମଳ ଅଂଶ ।

ଧାଲି-ବି. କୋରଣ ।

ଧାଳି-ବି. (ତାଳଶବ୍ଦ) ଧୂଳି ବଜାଇବା ଧ୍ୱନି

ଧାଲିମ-ବିଂ. (ଆରବୀ) ଶିକ୍ଷା । [ଶବ୍ଦ ।

ତାଳୀ–ସ୍ତ୍ରୀ. (ତାଳ-ଈ) ତାଳଜାତୀୟ ବୃକ୍ଷ ।
ତାଳୁ–ପୁ. (ତୃ+ଉ) ଜିହ୍ୱାର ଉପରସ୍ଥ ସ୍ଥାନ ।
ତାଳୁକ–ପୁ. (ପାରସୀକ) ଜମିଦାରୀ ।
ତାଲେବର–ବି. ଅହଙ୍କାରୀ ।
ତାବତ୍–ଅବ୍ୟ. (ତଦ୍-ପରିମାଣାର୍ଥେ-ବତୁ) ସେହି ପରିମାଣରେ, ସେତିକି ।
ତାବିଜ–ପୁ. (ପାରସୀ) ମନ୍ତ୍ରକବଚ; ବାହୁଭୂଷଣ-ବିଶେଷ ।
ତାସ୍–ପୁ. କ୍ରୀଡାର୍ଥ ଚିତ୍ରିତ ପତ୍ରଖଣ୍ଡ ।
ତାହା–ସ. (ତଦ୍ଶବ୍ଦଜ) ସେହି ।
ତାହୁବା } କ୍ରି. ଉତ୍ତେଜିତ କରିବା ।
ତାଳୁବା }
ତିଅଣ–ପୁ. (ଦେଶଜଶବ୍ଦ) ତରକାରୀ ।
ତିକ୍ତ–ବି. (ତିଜ୍-କ୍ତ) ତିତ; ପିତା ।
ତିଗ୍ମ–ବି. (ତିଜ୍-ମ) ତୀକ୍ଷ୍ଣ ।
ତିଗ୍ମରଶ୍ମି–ପୁ. ସୂର୍ଯ୍ୟ ।
ତିତିକ୍ଷା–ସ୍ତ୍ରୀ. (ତିଜ୍-ସନ୍-ଅ) ସହିଷ୍ଣୁତା ।
ତିତିକ୍ଷୁ–ବି. (ତିଜ୍-ସନ୍-ଉ) ସହିଷ୍ଣୁ ।
ତିତୀର୍ଷୁ–ବି. (ତୃ-ସନ୍-ଉ) ତରଣେଚ୍ଛୁ ।
ତିତିରି–ପୁ. ପକ୍ଷୀବିଶେଷ ।
ତିଥି–ସ୍ତ୍ରୀ. (ଅତ୍-ଇଥ) ଚନ୍ଦ୍ରକଳାର ହ୍ରାସ ବୃଦ୍ଧି-ଅନୁସାରେ ପ୍ରତିପଦ୍ ପ୍ରଭୃତି ଦିନ-ପରିମିତ-କାଳ ।
ତିନି–ବି. (ଦେଶଜ) = ୩ ସଂଖ୍ୟା ।
ତିନ୍ତିଡି–ପୁ. ତେନ୍ତୁଳୀଗଛ ଓ ତାହାର ଫଳ ।
ତିନ୍ତିବା–କ୍ରି. (ତିମ୍ଧାତୁଜ) ଆର୍ଦ୍ର ହେବା ।
ତିନ୍ଦୁ } ପୁ. କେନ୍ଦୁ ।
ତିନ୍ଦୁକ }

ତିମି–ପୁ. ପ୍ରକାଣ୍ଡ ମତ୍ସ୍ୟବିଶେଷ ।
ତିମିଙ୍ଗିଳ–ପୁ. (ତିମି-ଗିଳ) ତିମିକୁ ଗିଳେ ଯେ ଏପରି ମତ୍ସ୍ୟ ।
ତିମିର–ପୁ. (ତମ୍-ଇର) ଅନ୍ଧକାର ।
ତିରଶ୍ଚୀନ–ବି. (ତିରସ୍-ଅଞ୍ଚ୍) ତେର୍ଛା; ବକ୍ର ।
ତିରସ୍କରଣୀ–ସ୍ତ୍ରୀ. (ତିରସ୍-କୃ-ଅନ୍-ଈ) ପର୍ଦ୍ଦା;
ତିରସ୍କାର–ପୁ. (ତିରସ୍-କୃ-ଘ) ଭର୍ତ୍ସନା ।
ତିରସ୍କୃତ–ବି. (ତିରସ୍-କୃ-କ୍ତ) ଭର୍ତ୍ସିତ ।
ତିରୋଧାନ–ପୁ. (ତିରସ୍-ଧା-ଅନ) ଅଦର୍ଶନ; ଅନ୍ତର୍ଦ୍ଧାନ; ଆଚ୍ଛାଦନ; ବ୍ୟବଧାନ ।
ତିରୋଭାବ–ପୁ. (ତିରସ୍-ଭୂ-ଅ) ଅଦର୍ଶନ ।
ତିରୋଭୂତ–ବି. (ତିରସ୍-ଭୂ-କ୍ତ) ଅନ୍ତର୍ହିତ ।
ତିରୋହିତ–ବି. (ତିରସ୍-ଧା-କ୍ତ) ଅନ୍ତର୍ହିତ ।
ତିର୍ଯ୍ୟକ୍–ବି. (ତିରସ୍-ଅଞ୍ଚ୍-କ୍ୱିପ୍) ବକ୍ର; ତେର୍ଛା ।
ତିର୍ଯ୍ୟଗ୍‌ଯୋନି–ପୁ. ପଶୁପକ୍ଷୀ ।
ତିଳ–ପୁ. (ତିଲ-କ) ଶସ୍ୟ; ତନୁରେ ହେଉଥିବା ଚିହ୍ନ; ଅଳ୍ପମାତ୍ରା; ଅତ୍ୟଳ୍ପ ।
ତିଳକ–ପୁ. (ତିଲ-ଣ୍ବୁ) ଲଲାଟରେ ଚନ୍ଦନାଦି-ରେଖା; ରାଜ ଟୀକା; ଶ୍ରେଷ୍ଠ ପୁରୁଷ ।
ତିଳୋତ୍ତମା–ସ୍ତ୍ରୀ. (ତିଳ-ଉତ୍ତମା) ଅପ୍ସରା ବିଶେଷ ।
ତିଷ୍ୟ–ପୁ. ପୁଷ୍ୟାନକ୍ଷତ୍ର; ପୌଷମାସ ।
ତୀଖ–ବି. (ତୀକ୍ଷ୍ଣଶବ୍ଦଜ) ଝାଳ ।
ତୀକ୍ଷ୍ଣ–ବି. ମୁନିଆ; ଧାରୁଆ; ଉଗ୍ର ।

ତୀର-ବି. (ତୀର୍-ଅ) କୂଳ; ବାଣ ।

ତୀରଭୁକ୍ତି-ବି. (ତୀର୍ଣ୍ଣଶବ୍ଦ) ତିରହୁତଦେଶ ।

ତୀକ୍ଷ୍ଣ-ବି. (ତିଜ୍-ନ) ଧାରୁଆ ।

ତୀର୍ଥ-ବି. (ତୃ-ଥ) ପୁଣ୍ୟସ୍ଥାନ ।

ତୀର୍ଥଙ୍କର-ବି. ଜୈନଧର୍ମର ପ୍ରବର୍ତ୍ତକ ୨୪ ଜଣ ମୁନି ତୀର୍ଥଙ୍କର ବା ଏମାନେ ମହାପୁରୁଷ ବୋଲି ପୂଜିତ ।

ତୀବ୍ର-ବି. (ତିବ୍-ର) ଉଗ୍ର; କଟୁ; ଦୁଃସହ ।

ତୁ, ତୁହି-ସଂ. ତୁମ୍ଭେ ଶବ୍ଦର ହୀନ ପ୍ରୟୋଗ ।

ତୁଙ୍ଗ-ବି. ଉନ୍ନତ; ଉଚ୍ଚ ।

ତୁଚ୍ଛ-ବି. ଅସାର; ହେୟ; ଶୂନ୍ୟ ।

ତୁଷ୍ଟ-ବି. (ତୁଷ୍ଟଧାତୁଜ) ସୁଖୀ; ରାଜି; ହରଷ ।

ତୁଟା-ବି. (ତୁଟ୍‌ଧାତୁଜ) ଭଙ୍ଗା ।

ତୁଣ୍ଡି-ବି. (ତୁଣ୍ଡିଶବ୍ଦ) ଓଠ; ଥୋଥ ।

ତୁଟିବା-କ୍ରି. (ତୁଟ୍‌ଧାତୁଜ) ଭାଙ୍ଗିବା ।

ତୁଠ-ବି. ନଦୀ ବା ପୁଷ୍କରିଣୀରେ ସ୍ନାନ କରିବାର

ତୁଣ୍ଡ-ବି. ମୁଖବିବର; ଓଷ୍ଠାଧର । [ସ୍ଥାନ ।

ତୁଣ୍ଡପୋଡ଼ା-ବି. କଣ୍ଠାବଦ୍ଧରୋଗ ।

ତୁଣ୍ଡି-ବି. ଗାଈ ଘୋଡ଼ା ଜନ୍ତୁର ମୁଣ୍ଡବନ୍ଧନ ।

ତୁତ-ବି. ବୃକ୍ଷବିଶେଷ; (ଯାହାରେ ରେଶମପୋକ ପାଳିତ ହୁଅନ୍ତି) ।

ତୁତିଆ-ବି. (ତୁତ୍ଥକଶବ୍ଦଜ) ମହୁରିବିଷ ।

ତୁମ୍ଭ-ସଂ. (ଯୁଷ୍ମତ୍‌ଶବ୍ଦଜ) ଆପଣ; ତୁମ୍ଭେ ।

ତୁନି-ବି. ଚୁପ୍ ।

ତୁନିଲି-ବି. (ତୁନି-ଇଲ) ସ୍ତବ୍ଧଲୋକ ।

ତୁଷ୍ଟ-ବି. (ତୁଷ୍-ତ) ସନ୍ତୁଷ୍ଟ ।

ତୁମୁଳ, ତୁମୂଳ-ବି. ଘୋର; ଭୀଷଣ; ଭୟଙ୍କର ।

ତୁମ୍ବ, ତୁମ୍ବୀ-ବି. ଲାଉଖୋଳ; କେଣାର ବାଦ୍ୟଯନ୍ତ୍ରର ତାଳି ବା ଆଧାର ।

ତୁମେ, ତୁମ୍ଭେ-ସଂ. (ଯୁଷ୍ମତ୍‌ଶବ୍ଦଜ) ମଧ୍ୟମ ପୁରୁଷ ।

ତୁରଗ, ତୁରଙ୍ଗ, ତୁରଙ୍ଗମ-ବି. (ତୁର-ଗମ୍-ଅ) ଅଶ୍ୱ ।

ତୁରନ୍ତ-କ୍ରି. ବି. (ତ୍ୱରିତଶବ୍ଦଜ) ଶୀଘ୍ର; ଚଞ୍ଚଳ ।

ତୁରୀ-ବି. ତୂରୀ; ମୁଖବାଦ୍ୟ ବିଶେଷ ।

ତୁରୀୟ-ବି. (ଚତୁର୍-ଈୟ) ଚତୁର୍ଥ । ବି. ପରବ୍ରହ୍ମ ।

ତୁରୀୟ, ତୂର୍ଯ୍ୟ-ବି. (ଚତୁର୍-ଯ) ଚତୁର୍ଥ ।

ତୁଲ, ତୁଳ-ବି. (ତୁଲ୍‌ଧାତୁଜ) ତରାଜୁ; କପା । ବି°. ସମତୁଲ ।

ତୁଳନା-ବି. (ତୁଲ୍-ଅନ-ଆ) ସାମ୍ୟବୈଷମ୍ୟ-ନିରୂପଣ ।

ତୁଳସୀ-ବି. ସୁବାସିତପତ୍ର ବୃକ୍ଷ । [ସ୍ଥିତି ।

ତୁଲା-ବି. (ତୁଲ୍-ଅ) ତୌଲିବାର ଯନ୍ତ୍ର; ସମ୍ପ୍ରୀ

ତୁଳା-ବି. (ତୂଳଶବ୍ଦଜ) ଶିମିଳି କପା; ଶିମିଳି ଗଛର ତୁଳା ।

ତୁଲାଦଣ୍ଡ-ବି. ପରିମାଣଦଣ୍ଡ; ନିକ୍ତି ।

ଭୁଜା-ଦାନ-ବି. ଭୁଜାବନ୍ଧ; ଦଢ଼ ଦେବାର ସ୍ଥଳ ସମ୍ମାନ ସ୍ପର୍ଶ ଦେବାକୁ ।

ଭୁଜାସ୍ଫାଳ-ବି. ଭୁଜାଦଣ୍ଡ ଦ୍ୱାରା ସମ୍ମାନ ।

ଭୁଜାଭଙ୍ଗୀ-ବି. ଭୁଜା ଟିଷ୍ଟିବା ଭଙ୍ଗୀ ।

ଭୁଜ, ଭୁଜକ } ବି. (ଭୁଜ୍-ଅ/ଭୁଜ୍-ଅକ) ତିଏବରେଇ ବର୍ଦ୍ଧବା ।

ଭୁଜଗ-ବି. (ଭୁଜ୍-ଗ) ସମ୍ଭେଦ; ଭୁଜଙ୍ଗିତ; ଭ୍ରଷ୍ଟିତ ।

ଭୁଜବା-କ୍ରି. ଭୁଜଙ୍ଗ ବରିବା; ତୋଳି ବରିବା ।

ଭୁଜୀ-ବି. (ଭୁଜା-ଶବ୍ଦ) ଭୁଜାଙ୍ଗିତ ଦୋଷ ।

ଭୁଞ୍ଜ-ବି. (ଭୁଜ୍-ଯ) ସମ୍ପଦ; ସମାଜ ।

ଭୁଷ-ବି. (ଭୁଷ୍-ଅ) ଆଚାରର ସେବା ।

ଭୁଷାନଳ-ବି. (ଭୁଷ୍-ଅନଳ) ଭୁଷାଗ୍ନିରେ ଦେହତ୍ୟାଗକୃତ ପ୍ରାୟଶ୍ଚିତ୍ତ ।

ଭୁଷାରି-ବି. (ଭୁଷ୍-ଅରି) ଅଗ୍ନି; ବରଫ ।

ଭୁଷାର-ଗିରି-ବି. ହିମାଳୟ ।

ଭୁକ୍ତ-ବି. (ଭୁଜ୍-ତ) ଦ୍ରବ୍ୟ; ଅଜ୍ଞ ଦତ୍ତ ।

ଭୁକ୍ତି-ବି. (ଭୁଜ୍-ତି) ସନ୍ତୋଷ; ତୃପ୍ତି ।

ଭୁହିନ-ବି. ହିମ । ବି. ଶୀତଳ ।

ଭୁହିନାଂଶୁ-ବି. (ଭୁହିନ-ଅଂଶୁ) ଚନ୍ଦ୍ର ।

ଭୂଣ, ଭୂଣୀ, ଭୂଣୀର } ବି. ଶର ରଖିବାର ଭୂଣା; ବାଣାଧାର ।

ଭୂର, ଭୂରୀ } ବି. (ଭୂର-ଅ-ଈ) ଶୁକ୍ରଦେବ ।

ଭୂଷ୍ଣି-କ୍ରି. ବି. (ଭୂଷ-ତି) ଶାନ୍ତ ।

ଭୂର୍ଯ୍ୟ-ବି. (ଭୃର୍-ଯ) ଦନ୍ତ ବାଦ୍ୟଯନ୍ତ୍ର ।

ଭୂର୍ଜ, ଭୂର୍ଜକ } ବି. ଲିଖନରେ ବର୍ଣ୍ଣ ଲେଖନ ।

ଭୂଷାଂଶିକ-ବି. ( ଭୂଷା=ଅଳଙ୍କାର+ଅଂଶ ) ଶ୍ରୀରାମଚନ୍ଦ୍ର ।

ଭୃଗ-ବି. (ଭୃଜ୍-ଗ) ସାପ; ଲୁଣ ଚଳନ ।

ଭୃଣାଗାମୀ-ବି. ବେଣୁଭଣ୍ଡ ଦ୍ୱାରା ପାଣଧାରଣକାରୀ ପ୍ରାଣୀ ।

ଭୃଣାଧାନ-ବି. ବାଲ୍ମୀ ଆଦି ।

ଭୃତ୍ୟ-ବି. (ଭୃ-ତ୍ୟ) ଭରଣ ପୁରୁଷ ।

ଭୃତ୍ୟା-ବି. ଦାସଦେଶ । [ଶ୍ରମ ।

ଭୃତ୍ୟାଶ୍ରମ-ବି. (ଭୃତ୍ୟ-ଆଶ୍ରମ) ଦାସଶ୍ରମ-

ଭୃପ୍ତ-ବି. (ଭୃପ୍-ତ) ସନ୍ତୁଷ୍ଟ; ଅଭିଳାଷିତ ।

ଭୃପ୍ତି-ବି. (ଭୃପ୍-ତି) ସନ୍ତୋଷ; ଅଭିଳାଷ ।

ଭୃଷା, ଭୃଷ୍ଣା } ବି. ( ଭୃଷ୍-ଆ ) ପିପାସା ; ଆକାଂକ୍ଷା ; ଲୋଭ ।

ଭୃଷ୍ଣାଳୁ-ବି. (ଭୃଷ୍ଣା-ଆଳୁ) ପିପାସୁ ।

ଭୃଷିତ-ବି. (ଭୃଷ୍-ତ) ଭୃଷାଯୁକ୍ତ ।

ତେଇଶ-ବି. ଏକୋଇଶ, ୨୩ ସଂଖ୍ୟା ।

ତେଜ-ବି. (ତିଜ୍-ଅସ୍) ଦୀପ୍ତି; ପ୍ରତାପ; ବୀର୍ଯ୍ୟ ।

ତେଜପତ୍ର-ବି. ଦାରୁଚିନି ପତ୍ର । [ଧାତୁ ।

ତେଜସ୍କର-ବି. (ତେଜସ୍-କୃ-ଅ) ତେଜୋବୃଦ୍ଧିକାରକ; ଶକ୍ତିକାରକ ।

ତେଜସ୍ୱାନ, ତେଜସ୍ୱୀ } ବି. (ତେଜସ୍-ବତ୍-ବିନ୍) ପ୍ରଭାବଶାଳୀ; ବଳବାନ; ତେଜୋବନ୍ତ ।

ଢେଣ୍ଟକ—ବି. (ଶକ୍-ଶିକ୍-ଅ) ଶାଣିତ; ଭାକ୍ତ-ଭତ । [ତେଜସ୍ୱୀ ।

ଢେଙ୍କାଣ୍ଟି—ବି. ( ତେଜସ୍-ଇନ୍ଦ୍ର ) ଅଗ୍ନି

ଢେଙ୍କୋମୟ—ବି. (ତେଜସ୍-ମୟ) ତେଜୋ-ମୟ; ତେଜୋପୂର୍ଣ୍ଣ ।

ଢେଡ଼ା—ବି. (ଉର୍ଦ୍ଦି-ଉତ୍ପନ୍ନ) ବକ୍ର ।

ଢେଣିକି—କ୍ରି. ବି. ସେହି ସମୟ ।

ଢେଣେ—କ୍ରି. ବି., ସେ ସମୟରେ ।

ଢେଣ୍ଟା—ବି. ମତ୍ସ୍ୟାଦି ଧରିବା ନିମିତ୍ତ ଯନ୍ତ୍ର-ବିଶେଷ; ଜାଲ ।

ଢେଣ୍ଟାଳି—ବି. (ହିନ୍ଦୁସ୍ଥାନୀ) ପକ୍ଷୀବିଶେଷ ।

ଢେଣ୍ଡା—ବି. ଜଳ ଉଠାଇବାର ଯନ୍ତ୍ରବିଶେଷ ।

ଢେଡ଼ାଙ୍କ—ବି. (ହିନ୍ଦୁସ୍ଥାନୀ) ଖଞ୍ଜନ ପକ୍ଷୀ ।

ଢେଢଣ—ବି. (ଧ୍ୱନ୍ୟାତ୍ମକ) ଶଙ୍ଖ ।

ଢେଢକି—ବି. ସେପରି ।

ଢେଢେ—ବି. ସେବେ; ତତ୍ପଶ୍ଚାତ୍ ।

ଢେଢେବେଳେ—ଅ. ସେହି ସମୟରେ ।

ଢେନ୍ତୁଳି—ବି. (ଅନ୍ୟଦେଶଜ) ତିନ୍ତିଡ଼ି ବୃକ୍ଷ ବା ତାହାର ଅମ୍ଳଫଳ ।

ଢେପନ—ବି. ୫୦ ସଂଖ୍ୟା ।

ଢେମନ୍ତ—ବି. ସେହିପରି ।

ଢେର—ବି. ୧୩ ସଂଖ୍ୟା ।

ଢେଲ—ବି. (ତୈଳଜାତ) ମାଲିପା; ଘଣାରସ ।

ଢେଲଙ୍ଗା—ବି. ତୈଲଙ୍ଗ ପ୍ରଦେଶର ଲୋକ ।

ଢୈଲଉଣି—ବି. ତଳିମ ।

ଢେଲ୍ଲୀ—ବି. (ତୈଳିକଜାତ) ତୈଳବ୍ୟବସାୟୀ ।

ଢେଲ୍ଲୁଣୀ—ବି. ତେଲୀଜାତିର ସ୍ତ୍ରୀ ।

ଢେସନି—କ୍ରି. ବି. ସେହିପ୍ରକାରେ ।

ଢେଢେଣି—କ୍ରି. ବି. ସେହିପ୍ରକାରେ । [(ଗ୍ରାମ୍ୟ) ।

ଢୈଜସ—ବି. ( ତେଜସ୍-ଅ ) ଧାତୁନିର୍ମିତ

ଢୈଳ—ବି. (ତିଲ୍-ଅ) ତିଳାଦିର ତେଲ ।

ଢୈଲଙ୍ଗ—ବି. ଦେଶବିଶେଷ; ତୈଲଙ୍ଗ ପ୍ରଦେଶର ଲୋକ ।

ଢୈଲପା | ଢୈଲପାୟିକା } ବି. (ତୈଳ-ପା-ଅ, ପିବ-ଅ) ତେଲପୋକ; ଅସରପା ।

ଢୋ—ସ୍ତ୍ରୀ. (ଦ୍ୱିତୀୟପଦ) ତୋର ।

ଢୋଟକି—ବି. ଛନ୍ଦୋବିଶେଷ ।

ଢୋଠା—ବି. ବଡ଼ ଚଟିଆ ।

ଢୋଡ଼ି—ବି. ବେଙ୍ଗ; ସ୍ରୋତର ବେଗ ।

ଢୋଡ଼ା—ବି. ତୋଟାର ଥଳୀ ।

ଢୋଡ଼ି—ବି. ମତ୍ସ୍ୟବିଶେଷ ।

ଢୋଢା—ବି. ଶୁକପକ୍ଷୀ ।

ଢୋପ—ବି. କମାଣ ।

ଢୋୟ—ବି. (ତୁ-ୟ) ଜଳ ।

ଢୋୟଧି | ଢୋୟନିଧି } ବି. (ତୋୟ-ଧି, ନିଧି) ସମୁଦ୍ର; ସାଗର ।

ଢୋରଣ—ବି. ବହିର୍ଦ୍ୱାର; ଫାଟକ ।

ଢୋଷ—ବି. ସୁନ୍ଦର; ମନୋହର ।

ଢୋଷଣି—ବି. ପଖାଳ ଭାତର ଜଳ ।

ଢୋଳକ—ବି. (ତୁଲ୍-ଅ-କ) ତୋଲା; ଏକଭର ।

ଢୋଳନି—ବି. (ତୁଲ୍-ଅନ୍) ଋଦ୍ରାପକ୍ଷ; ଓଜନ ।

ତୋଳା – ବି. (ତୋଲକଶବ୍ଦଜ) ଭାର, ୧୦ ମସା ଓଜନ।

ତୋଳିବା – କ୍ରି. ( ତୁଲ୍‌ଧାତୁଜ ) ଉଠେଇବା; ଉଚ୍ଚ କରିବା; ନିର୍ମାଣ କରିବା।

ତୋଶକ – ବି. ବିଛଣା; ଗଦି।

ତୋଷ – ବି. ( ତୁଷ୍‌-ଅ ) ସନ୍ତୋଷ; ହର୍ଷ; ଆହ୍ଲାଦ।

ତୋଷଣ – ବି. (ତୁଷ୍‌-ଅନ) ସନ୍ତୁଷ୍ଟକରଣ।

ତୋଷାମୋଦ – ବି. (ପାରସୀକ) ଚାଟୁବଚନ; ଖୋସାମୋଦ୍‌।

ତୋଷାଖାନା – ବି. ( ପାର୍ସୀଶବ୍ଦ ) ବସ୍ତ୍ରାଦିର ଭଣ୍ଡାର।

ତୋଷିତ – ବିଂ. (ତୁଷ୍‌-ଣିଚ୍‌-ତ) ସନ୍ତୋଷଯୁକ୍ତ।

ତୋଷିବା – କ୍ରି. (ତୁଷ୍‌ଧାତୁଜ) ସନ୍ତୁଷ୍ଟ କରିବା।

ତୌଜି – ବି. ଜମି ଜମାଦିର ହିସାବପତ୍ର।

ତୌର୍ଯ୍ୟ – ବି. (ତୂର୍ଯ୍ୟ-ଅ) ବାଦ୍ୟ।

ତୌର୍ଯ୍ୟତ୍ରିକ – ବି. (ତୌର୍ଯ୍ୟ-ତ୍ରିକ) ନୃତ୍ୟ, ଗୀତ ଓ ବାଦ୍ୟ ଏହି ତିନି।

ତୌଲ – ବି. ତୁଳାଯନ୍ତ୍ର।

ତୌଲିବା – କ୍ରି. ଓଜନ କରିବା।

ତ୍ୟକ୍ତ – ବିଂ. (ତ୍ୟଜ୍‌-ତ) ବର୍ଜିତ, ବହିଷ୍କୃତ।

ତ୍ୟଜନ – ବି. (ତ୍ୟଜ୍‌-ଅନ) ତ୍ୟାଗ।

ତ୍ୟାଗ – ବି. (ତ୍ୟଜ୍‌-ଅ) ବର୍ଜନ; ପରିବର୍ଜନ; ଦାନ; ବୈରାଗ୍ୟ।

ତ୍ୟାଗୀ – ବିଂ. (ତ୍ୟାଗ-ଇନ୍‌) ବୈରାଗୀ।

ତ୍ୟାଜ୍ୟ – ବିଂ. (ତ୍ୟଜ୍‌-ଯ) ତ୍ୟାଗର ଯୋଗ୍ୟ; ବର୍ଜନୀୟ।

ତ୍ରପା – ବି. (ତ୍ରପ୍‌-ଅ) ଲଜ୍ଜା।

ତ୍ରପିତ – ବିଂ. (ତ୍ରପ୍‌-ତ) ଲଜ୍ଜିତ।

ତ୍ରୟ – ବି. (ତ୍ରି-ଅୟ୍‌) * ସଂଖ୍ୟା; (ସ୍ତ୍ରୀଲିଙ୍ଗରେ ତ୍ରୟୀ)।

ତ୍ରୟସ୍ତ୍ରିଂଶତ୍ – ବିଂ. ** ସଂଖ୍ୟା।

ତ୍ରୟୋଦଶ – ବିଂ. ( ତ୍ରି-ଦଶନ୍‌-ଅ ) ତେର ସଂଖ୍ୟାର ପୂରଣବାଚକ। [ତେରଶ।

ତ୍ରୟୋଦଶୀ – ବି. ( ତ୍ରି-ଦଶନ୍‌-ଅ-ଈ ) ପକ୍ଷ-

ତ୍ରସ୍ତ – ବିଂ. (ତ୍ରସ୍‌-ତ) ଶଙ୍କାଯୁକ୍ତ; ଭୀତ; ଚକିତ।

ତ୍ରାଣ – ବି. (ତ୍ରୈ-ଅନ) ବିପଦରୁ ଉଦ୍ଧାର; ରକ୍ଷା।

ତ୍ରାତା – ବିଂ. (ତ୍ରୈ-ତୃ) ରକ୍ଷାକର୍ତ୍ତା।

ତ୍ରାସ – ବି. (ତ୍ରସ୍‌-ଅ) ଭୟ।

ତ୍ରାସିତ – ବିଂ. (ତ୍ରସ୍‌-ଣିଚ୍‌-ତ) ଭୟଭୀତ।

ତ୍ରାହି – ଅ. (ତ୍ରୈ-ହି) ରକ୍ଷାକର; ବି. ରକ୍ଷା।

ତ୍ରି – ବିଂ. * ସଂଖ୍ୟା।

ତ୍ରିଂଶ, ତ୍ରିଂଶତ୍ – ବିଂ. ** ସଂଖ୍ୟା।

ତ୍ରିକ – ବି. (ତ୍ରି-କ) ମେରୁଦଣ୍ଡର ନିମ୍ନଭାଗ; ତିନି; * ସଂଖ୍ୟା।

ତ୍ରି-କଟୁ – ବି. ଶୁଣ୍ଠି, ପିପ୍ପଳି ଓ ଗୋଲମରିଚ।

ତ୍ରି-କାଳ – ବି. ପ୍ରାତଃ, ମଧ୍ୟାହ୍ନ ଓ ସନ୍ଧ୍ୟା; ଭୂତ, ଭବିଷ୍ୟତ ଓ ବର୍ତ୍ତମାନ।

ତ୍ରି-କାଳଜ୍ଞ – ବିଂ. (ତ୍ରିକାଳ-ଜ୍ଞା-ଅ) କାଳତ୍ରୟ-ବୃତ୍ତଜ୍ଞାତା।

ତ୍ରି-କୂଟ – ବି. ତିନିଶୃଙ୍ଗବିଶିଷ୍ଟ ପର୍ବତ।

ତ୍ରିକୋଣ – ବି. ତିନିକୋଣ; ତ୍ରିଭୁଜକ୍ଷେତ୍ର।

ତ୍ରିକୋଣମଣ୍ଡଳ ଭୂମି-ବି. ଜଳାଶୁଦ୍ଧାର ସକ-
ଟରେ ଥିବା ତ୍ରିକୋଣ ଭୂଖଣ୍ଡ । [ଡେଲ୍ଟା ।

ତ୍ରିଗୁଣ-ବି. (ତ୍ରି-ଗୁଣ) ତିନିଗୁଣ; ସତ୍ତ୍ୱ, ରଜ ଓ

ତ୍ରିଜାତକ-ବି. ଡାଳଚିନି, ଅଳାଇଚ ଓ ତେଜ-
ପତ୍ର ।

ତ୍ରି-ତନ୍ତ୍ରୀ-ବି. ସେତାର ନାମକ ବାଦ୍ୟଯନ୍ତ୍ର ।

ତ୍ରି-ତୟ-ବି. ତିନୋଟି; ତ୍ରୟ ।

ତ୍ରି-ତାପ-ବି. (ତ୍ରି-ତାପ) ଆଧ୍ୟାତ୍ମିକ, ଆଧିଦୈ-
ବିକ ଓ ଆଧିଭୌତିକ ଏହି ତ୍ରିବିଧ ସନ୍ତାପ ।

ତ୍ରି-ଦଣ୍ଡ-ବି. ବାକ୍‌ଦଣ୍ଡ, ମନୋଦଣ୍ଡ, ଓ କାୟଦଣ୍ଡ ।

ତ୍ରିଦଣ୍ଡୀ-ବି. (ତ୍ରି-ଦଣ୍ଡ-ଇନ୍) ସନ୍ନ୍ୟାସୀ ।

ତ୍ରିଦଶ-ବି. ଦେବତା । ବି. ତ୍ରିଂଶ ସଂଖ୍ୟକ ।

ତ୍ରିଦଶାଳୟ-ବି. (ତ୍ରିଦଶ-ଆଳୟ) ଦେବଗୃହ; ସ୍ୱର୍ଗ ।

ତ୍ରିଦିବ-ବି. (ତ୍ରି-ଦିବ୍-ଅ) ସ୍ୱର୍ଗ; ଆକାଶ ।

ତ୍ରିଦିବେଶ-ବି. (ତ୍ରିଦିବ-ଈଶ) ଇନ୍ଦ୍ର ।

ତ୍ରିଦୋଷ-ବି. (ତ୍ରି-ଦୋଷ) ବାତ, ପିତ୍ତ ଓ କଫର
ଦୋଷ ।

ତ୍ରିଧା } ଅ. (ତ୍ରି-ଧା-ଧଚ) ତିନିପ୍ରକାର ।
ତ୍ରିବିଧ }

ତ୍ରି-ନବତି-ବି. ୯୩ ସଂଖ୍ୟା ।

ତ୍ରି-ନୟନ-ବି. ଶିବ; ମହାଦେବ ।

ତ୍ରିପଞ୍ଚାଶତ୍-ବି. ୫୩ ସଂଖ୍ୟା ।

ତ୍ରି-ପତ୍ର-ବି. ବେଲପତ୍ର ।

ତ୍ରିପଥଗା-ବି. (ତ୍ରିପଥ-ଗମ୍-ଅ-ଆ) ତ୍ରିପଥ-
ଗାମିନୀ; ଗଙ୍ଗା । [ଚୌରାସ୍ତା ।

ତ୍ରିପଦୀ-ବି. (ତ୍ରି-ପଦ୍-ଈ) ଛନ୍ଦୋବିଶେଷ;

ତ୍ରିପାଦ-ବି. ତ୍ରିବିକ୍ରମ; ବିଷ୍ଣୁ; ବି. ତିନିପାଦବିଶିଷ୍ଟ ।

ତ୍ରିପିଷ୍ଟପ } ବି. (ତ୍ରି-ପିଷ୍ଟ,-ବିଷ୍ଟପ) ତ୍ରିଭୁବନ;
ତ୍ରିବିଷ୍ଟପ } ସ୍ୱର୍ଗ ।

ତ୍ରିପୁଣ୍ଡ୍ର-ବି. ଲଲାଟରେ ଭସ୍ମାଦିରଚିତ ତିନୋଟି
ରେଖା । [ଦୁର୍ଗା; ମହାଦେବ ।

ତ୍ରିପୁରାରି-ବି. (ତ୍ରି-ପୁର-ଅରି) ତ୍ରିପୁର ଅସୁରର-

ତ୍ରିଫଳା-ବି. ହରିଡ଼ା, ବାହାଡ଼ା ଓ ଅଁଳା ।

ତ୍ରି-ବଳି-ବି. ଉଦରରେ ମାଂସର ସଂକୋଚ
ଜନିତ ରେଖାତ୍ରୟ ।

ତ୍ରିଭୁଜ-ବି. ତ୍ରିକୋଣ କ୍ଷେତ୍ର ।

ତ୍ରି-ଭୁବନ-ବି. ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।

ତ୍ରିମୂର୍ତ୍ତି-ବି. (ତ୍ରି-ମୂର୍ତ୍ତି) ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ।

ତ୍ରିୟମ୍ବକ-ବି. (ତ୍ରି-ଅମ୍ବକ=ନେତ୍ର) ଶିବ;
ମହାଦେବ ।

ତ୍ରିଯାମା-ବି. (ତ୍ରି-ଯାମ) ରଜନୀ ।

ତ୍ରିଲୋକୀ-ବି. (ତ୍ରି-ଲୋକ-ଈ) ତ୍ରିଲୋକ; ସ୍ୱର୍ଗ,
ମର୍ତ୍ତ୍ୟ ଓ ପାତାଳ ।

ତ୍ରି-ବର୍ଗ-ବି. ଧର୍ମ, ଅର୍ଥ ଓ କାମ ।

ତ୍ରିବିକ୍ରମ-ବି. (ତ୍ରି-କ୍ରମ) ତ୍ରିପଦଦ୍ୱାରା ତ୍ରିଲୋକ-
ବ୍ୟାପୀ ବାମନରୂପୀ ବିଷ୍ଣୁ ।

ତ୍ରିବୃତ୍-ବି. ତେଉଡ଼ି ଲତା ।

ତ୍ରି-ବୃତ୍-ବି. ତ୍ରିଗୁଣିତ ।

ତ୍ରିବେଣୀ-ବି. (ତ୍ରି-ବେଣୀ) ପ୍ରୟାଗଠାରେ ଗଙ୍ଗା,
ଯମୁନା ଓ ସରସ୍ୱତୀର ଯୋଗ ।

ତ୍ରିବେଦୀ ବି. (ତ୍ରି-ବେଦ-ଇନ୍) ଋକ୍, ଯଜୁଃ,
ସାମ ଏହି ବେଦତ୍ରୟର ଜ୍ଞାତା (ବ୍ରାହ୍ମଣ) ।

ତ୍ରିଗତ—ବି. ଜନନ, ... ।

ତ୍ରି-ଶୂଳ—ବି. ତିନିଫଳଯୁକ୍ତ ଅସ୍ତ୍ର, ଶିବାସ୍ତ୍ର ।

ତ୍ରିଶୂଳୀ—ବି. (ତ୍ରିଶୂଳ-ଇନ୍) ଶିବ ।

ତ୍ରି-ସନ୍ଧ୍ୟା—ବି. ପ୍ରାତଃ, ମଧ୍ୟାହ୍ନ ଓ ସାୟାହ୍ନ ।

ତ୍ରି-ସପ୍ତ—ବି. ସାତର ତିନିଗୁଣ, ୨୧ ସଂଖ୍ୟା ।

ତ୍ରିସପ୍ତତି—ବି. ୭୩ ସଂଖ୍ୟା ।

ତ୍ରୁଟି—ବି. (ତ୍ରୁଟ୍-ଇ) ନ୍ୟୂନତା; ଭ୍ରମ; ଦୋଷ ।

ତ୍ରୁଟିତ—ବି. (ତ୍ରୁଟ୍-ତ) ଛିନ୍ନ; ଭଗ୍ନ ।

ତ୍ରେତା—ବି. (ତ୍ରି-ଇତ-ଆ) ଦ୍ୱିତୀୟ ଯୁଗ ।

ତ୍ରେଧା—କ୍ରି. ବି. ତିନିପ୍ରକାରେ ।

ତ୍ରୈଗୁଣ୍ୟ—ବି. ସତ୍ତ୍ୱ, ରଜଃ ଓ ତମଃ ଏହି ଗୁଣ-ତ୍ରୟର ସମଷ୍ଟି । [ସାଙ୍ଖ୍ୟ ।

ତ୍ରୈମାସିକ—ବି. (ତ୍ରିମାସ-ଇକ) ମାସତ୍ରୟ-

ତ୍ରୈବର୍ଣ୍ଣିକ—ବି. (ତ୍ରିବର୍ଣ୍ଣ-ଇକ) ଜୋଣସିଣି ଭ୍ରଣା-ଶରେ ଚତୁର୍ଥ ଗଣି ତାହାର ଜନକାର ଯାଜି-ତକ ସ୍ୱୟଂବଶେଷ । [ସାତ୍ତ୍ୱ ।

ତ୍ରୈଲୋକ୍ୟ—ବି. (ତ୍ରିଲୋକ-ଯ) ସ୍ୱର୍ଗ, ମର୍ତ୍ତ୍ୟ ଓ

ତ୍ରୋଟକ—ବି. (ତ୍ରୁଟ୍-ଅକ) ଯାହାଙ୍କ ... ବି. ଏକପ୍ରକାର ଛନ୍ଦୋବିଶେଷ ।

ତ୍ରୋଟି—ବି. ଚଞ୍ଚୁ; ପକ୍ଷୀର ଥଣ୍ଟ ।

ତ୍ର୍ୟଂଶ—ବି. (ତ୍ରି-ଅଂଶ) ତୃତୀୟାଂଶ ।

ତ୍ର୍ୟହସ୍ପର୍ଶ—ବି. (ତ୍ରି-ଅହନ୍-ସ୍ପୃଶ) ଏକଦିନରେ ତିନି ତିଥିର ମିଳନ ।

ତ୍ୱକ୍—ବି. (ତ୍ୱଚ୍-କ୍ୱିପ୍) ବକଳ; ଚର୍ମ; ସ୍ପର୍ଶେନ୍ଦ୍ରିୟ ।

ତ୍ୱହି—ସର୍ବ. ତୁମ୍ଭେ ।

ତ୍ୱଦୀୟ—ବି. (ତ୍ୱଦ୍-ଈୟ) ତୁମ ସମ୍ବନ୍ଧୀୟ ।

ତ୍ୱରା—ବି. (ତ୍ୱର୍-ଅ) ବେଗ; ଶୀଘ୍ରତା ।

ତ୍ୱରିତ—ବି. (ତ୍ୱର-ଇତ) ସତ୍ୱର ।

ତ୍ୱଷ୍ଟା—ବି. (ତ୍ୱକ୍ଷ୍-ତୃ) ବିଶ୍ୱକର୍ମା; ବଢ଼େଇ ।

ତ୍ୱାଦୃଶ—ବି. (ତ୍ୱଦ୍-ଦୃଶ) ତୁମ୍ଭସଦୃଶ ।

ତ୍ସାରୁକ—ବି. (ତ୍ସରୁ=ଖଡ୍ଗର ମୁଠି + ଇକ) ଖଡ୍ଗୀ ।

---

## ଥ

ଥ ବ୍ୟଞ୍ଜନବର୍ଣ୍ଣର ସପ୍ତଦଶ ବର୍ଣ୍ଣ ।

ଥକା—ବି. (ଥକ୍ଧାତୁଜ) କ୍ଳାନ୍ତ; ଶ୍ରାନ୍ତ ।

ଥକାମରି—ବି. (ଥକ୍ ଓ ମୃଧାତୁଜ) କ୍ଳାନ୍ତରେ ମୃତପ୍ରାୟ ।

ଥକିବା—କ୍ରି. (ଥକ୍ଧାତୁଜ) ଅବଶ ହେବା ।

ଥଙ୍ଗଥଙ୍ଗ—ବି. ଅସ୍ଥିର; ଅନିଶ୍ଚିତ ।

ଥଟା } ବି. ପରିହାସ ।
ଥଟ୍ଟା }

ଥଟାରି—ବି. କଂସା ପିତଳ ପାତ୍ର ନିର୍ମାତା ।

ଥଣ୍ଟ—ବି. ଚଞ୍ଚୁ ।

ଥଣ୍ଡା—ବି. ଶୀତଳ; ଉପହାସ ।

ଥନ—ବି. (ସ୍ତନଶବ୍ଦଜ) ସ୍ତନ ।

ଥନଥନ—ବି. ଅସ୍ଥିର ।

ଥନଚିରି—ବି. ଛାଗବିଶେଷ ।

ଥନ୍ତୁରି—ବି. ଯାହାର ମୁହଁ ବା ଦାନ୍ତ ନାହିଁ ।

ଥଗୁଲ୍-ବି. ଓଁଠ; ମୋଟା । [ଅନୁକରଣ ।

ଥପ୍‌ଥପ୍-ଅ. ଦଳାଶ୍ର ଭିତର ଝୋଁଟା ଝୋଟା

ଥବିର-ବି. (ସ୍ଥବିରଶବ୍ଦଜ) ବୃଦ୍ଧ ।

ଥମ୍ଭିବା-କ୍ରି.(ସ୍ତମ୍ଭଶବ୍ଦଜ)ଅଟକିଯିବା; ରହିଯିବା ।

ଥୟ-ବି. (ସ୍ଥାଧାତୁଜ) ସ୍ଥିର ।

ଥର-ବି. (ସ୍ତରଶବ୍ଦଜ) ବାର ।

ଥରକୁଥର-କ୍ରି. ବି. ବାରମ୍ବାର ।

ଥର୍‌ଥର-ବି. କମ୍ପିତ ।

ଥରିବା-କ୍ରି. କମ୍ପିବା; କମ୍ପିତ ହେବା ।

ଥଳ-ବି. (ସ୍ଥଳଶବ୍ଦଜ) ଭୂମି; ଜଳରେ ପଡ଼ି ନଥିବା ଭୂମି ସ୍ଥାନ ।

ଥଳୀ-ବି. (ସ୍ଥଳୀଶବ୍ଦଜ) ମୁଣା; ଥଳି ।

ଥାଇବା-କ୍ରି. (ସ୍ଥାଧାତୁଜ) ରହିବା ।

ଥାକୁଳି-ବି. ଅତି ମୋଟ ।

ଥାଟ-ବି. ସୈନ୍ୟ ।

ଥାଡ଼-ବି. ଉଚ୍ଚିତ ଧନ ।

ଥାନ-ବି. (ସ୍ଥାଧାତୁଜ) ଭୂମି ।

ଥାନମୁଦ୍ରା-ବି. ଜଗନ୍ନାଥଙ୍କର ଉପହାର ।

ଥାନା-ବି. (ସ୍ଥାଧାତୁଜ) ରହିବା ସ୍ଥାନ ।

ଥାପ-ବି. (ସ୍ଥାପଶବ୍ଦଜ) ସ୍ଥାପ୍ୟ ।

ଥାପିବା-କ୍ରି.(ଣିଜନ୍ତ ସ୍ଥାଧାତୁଜ)ସ୍ଥାପନ କରିବା ।

ଥାଳି-ବି. [illegible] ନିର୍ମିତ [illegible] ।

ଥାଳଥ-ବି. ( ସ୍ଥାଳୀଶବ୍ଦଜ ) ଲେଃଥାଳୀ; ରେକାବ । [ଦେଶଜ ।

ଥାଳୀ-ବି. (ସ୍ଥାଳୀଶବ୍ଦଜ) ଧାତୁ ନିର୍ମିତ ପାତ୍ର-

ଥିବା-କ୍ରି. (ସ୍ଥାଧାତୁଜ) ରହିବା ।

ଥୁଆ-ବି. ସ୍ଥିତ; ରକ୍ଷିତ ।

ଥୁଅଟଥାଇ-ବି. କଥିବା ସ୍ଥାନ [illegible]; [illegible] ସଥାସ୍ଥାନରେ ରଖିବା ।

ଥୁକ-ବି. ଛେପ ।

ଥୁଣ୍ଟା-ବି. ଶାଖାହୀନ; ମୁଣ୍ଡା ।

ଥୁକିଆରି-ବି. ଛେପ ପକାଇବା ।

ଥେଣ୍ଟା-ବି. ଅମାନିଆ; ଅବାଧ୍ୟ ।

ଥୋଇଲ୍-ବି. ଦାଗ; ରକ୍ଷିତ ସ୍ଥା ।

ଥୋଇବା-କ୍ରି. (ସ୍ଥାଧାତୁଜ) ରଖିବା ।

ଥୋକେ, ଥୋକାଏ } ବି. କେତେକ; କେତେଗୁଡ଼ିଏ ।

ଥୋଡ଼-ବି. ଧାନର ଶିଁଷା; କଦଳୀଗଛରେ [illegible] ଭାଗ ।

ଥୋଡ଼ା-ବି. ଅଳ୍ପ ।

ଥୋଡ଼ିଆ, ଥୋଡ଼ୁଆ } ବି. ଯେ [illegible] କଥା କହେ ।

ଥୋପ-ବି. ବନଶିରେ ମାଛ ଧରିବାପାଇଁ ଯେଉଁ ଖାଦ୍ୟ ଦିଆଯାଏ ।

ଥୋପା-ବି. ଗୁଚ୍ଛ ।

ଥୋପିପଡ଼ିବା-କ୍ରି. ଚୋପୁଡ଼ିବା ।

ଥୋମଣି-ବି. ପଶୁମାନଙ୍କର ଓଷ୍ଠ ।

ଥୋକସ୍-ବି. [illegible]; ଥକିବା ।

ଥୋଇ, ଥୋଇପାରା } ବି. [illegible] ।

ଦ ବ୍ୟଞ୍ଜନବର୍ଣ୍ଣର ଅଷ୍ଟାଦଶ ବର୍ଣ୍ଣ; ଶବ୍ଦାନ୍ତେ ଦାତା ଅର୍ଥରେ ପ୍ରଯୁକ୍ତ ।

ଦଅଣା—ବି. ମୁଦ୍ରାବିଶେଷ । [ଦରବା ।

ଦଇନ ଲାଗିବା—କ୍ରି. (ଦୈନ୍ୟ-ଲାଗିବା) ଦୀନତା

ଦଉଡ଼ି—ବି. (ଦୋରଶବ୍ଦଜ) ରଜ୍ଜୁ ।

ଦଉଡ଼ିବା—କ୍ରି. (ଦ୍ରୁ ଧାତୁଜ) ଧାଇଁବା ।

ଦଂଶ—ବି. (ଦଂଶ୍-ଅ) ଦଂଶକ; ଡାଁଶ ।

ଦଂଶକ—ବି. (ଦଂଶ୍-ଅକ) ଯେ ଦଂଶନ କରେ ।

ଦଂଶନ—ବି. (ଦଂଶ୍-ଅନ) ଦନ୍ତ ବା କାମୁଡ଼ା ଦ୍ୱାରା ଆଘାତ ।

ଦଂଶିତ—ବିଂ. ଦନ୍ତାଦି ଦ୍ୱାରା ଆହତ ।

ଦଂଷ୍ଟ୍ରା—ବି. (ଦଂଶ୍-ତ୍ର-ଆ) ହିଂସ୍ରଜନ୍ତୁର ବଡ଼ ଦାନ୍ତ ।

ଦକ }
ଦକା } ବି. ଭୟ; ଚିନ୍ତା ।

ଦକ୍ଷ—ବିଂ. (ଦକ୍ଷ୍-ଅ) ସମର୍ଥ; ନିପୁଣ । ବି. ପୁରାଣୋକ୍ତ ପ୍ରଜାପତି ବିଶେଷ ।

ଦକ୍ଷତା—ବି. (ଦକ୍ଷ-ତା) ସାମର୍ଥ୍ୟ; ପଟୁତା ।

ଦକ୍ଷିଣ—ବିଂ. (ଦକ୍ଷ-ଇନ) ଡାହାଣ, ବାମେତର; ଉତ୍ତରର ବିପରୀତ (ଦିଗ୍) । ବି. ଦକ୍ଷିଣଦେଶ ।

ଦକ୍ଷିଣା—ବି. ଗୁରୁ ବା ପୁରୋହିତଙ୍କୁ ଦେୟଧନ; ଦକ୍ଷିଣଦିଗ୍ ।

ଦକ୍ଷିଣାନିଳ—ବି. (ଦକ୍ଷିଣ-ଅନିଳ) ମଳୟପବନ ।

ଦକ୍ଷିଣା-ପଥ—ବି. ଦକ୍ଷିଣଦେଶ; ଦାକ୍ଷିଣାତ୍ୟ ।

ଦକ୍ଷିଣାୟନ—ବି. ( ଦକ୍ଷିଣ-ଅୟନ ) କର୍କଟ-ରେଖାରୁ ଦକ୍ଷିଣଦିଗ୍‌କୁ ସୂର୍ଯ୍ୟଗତି ।

ଦକ୍ଷିଣାବର୍ତ୍ତ—ବି. ( ଦକ୍ଷିଣ-ଆବର୍ତ୍ତ ) ଦକ୍ଷିଣ ଆଡ଼କୁ ଆବର୍ତ୍ତନ ।

ଦଖଲ—ବି. ଅଧିକାର ।

ଦଖଲି—ବିଂ. ଦଖଲସମ୍ପନ୍ନ ।

ଦଗା—ବି. ପ୍ରବଞ୍ଚନା; ଠକେଇ ।

ଦଗାଦଅ }
ଦଗାଦାର } ବିଂ. ପ୍ରବଞ୍ଚକ ।

ଦଙ୍ଗା—ବି. କଳହ ।

ଦଗ୍ଧ—ବିଂ. (ଦହ୍-ତ) ଦହିତ; ଭସ୍ମୀଭୂତ ।

ଦଢ଼—ବିଂ. (ଦୃଢ଼ଶବ୍ଦଜ) ଦୃଢ଼; ମଜବୁତ ।

ଦଣ୍ଡ—ବି. (ଦଣ୍ଡ୍-ଅ) ଯଷ୍ଟି; ଶାସନ; ଜରିମାନା; ୬୦ ପଳ ପରିମିତ ସମୟ ।

ଦଣ୍ଡକାଷ୍ଠ—ବି. ଡାଙ୍ଗବାଡ଼ି । [ବିଶେଷ ।

ଦଣ୍ଡକାରଣ୍ୟ—ବି. ରାମାୟଣ ବର୍ଣ୍ଣିତ ଅରଣ୍ୟ-

ଦଣ୍ଡି-ସନ୍ନ୍ୟାସୀ—ବି. ସନ୍ନ୍ୟାସାଶ୍ରମ ଅବଲମ୍ବୀ (ଯେଉଁ ସନ୍ନ୍ୟାସୀମାନେ ହସ୍ତରେ ଦଣ୍ଡ ଧାରଣ କରନ୍ତି) ।

ଦଣ୍ଡଧର—ବି. (ଦଣ୍ଡ-ଧୃ-ଅ) ଯେ ଦଣ୍ଡ ଧାରଣ କରେ; ରାଜା; ଯମ; ଦଣ୍ଡଧାରୀ ।

ଦଣ୍ଡନ—ବି. ଶାସନ ।

ଦଣ୍ଡପାଟ—ବି. ପରଗଣା ।

ଦଣ୍ଡନୀୟ—ବିଂ. (ଦଣ୍ଡ-ଅନୀୟ) ଦଣ୍ଡାର୍ହ, ଦଣ୍ଡ ପାଇବାର ଯୋଗ୍ୟ ।

ଦଣ୍ଡବତ୍—ବି. (ଦଣ୍ଡ-ବତ୍) ଦଣ୍ଡପରି ଭୂମିରେ ପ୍ରଣାମ । [ବିଧାନ ।

ଦଣ୍ଡବିଧି—ବି. (ଦଣ୍ଡ-ବିଧି) ଅପରାଧର ଦଣ୍ଡ-

ଦଣ୍ଡା—ବି. (ଦଣ୍ଡଶବ୍ଦଜ) ଲାଙ୍ଗଳ ଦଣ୍ଡା; ଯୋତି ଯିବାର କାଠ ।

ଦଣ୍ଡାପୂପାନି—ବି. (ଦଣ୍ଡ-ଅପୂପ-ଆଦର) ଦଣ୍ଡ-ପାପ୍ ନ୍ୟାୟାନୁସାରେ ଠିକ୍ ।

ଦଣ୍ଡାରି—ବି. (ଦଣ୍ଡ-ଋ-ଅ) କୁମ୍ଭକାର ।

ଦଣ୍ଡି—ବି. ଭିକ୍ଷୁକର ଅପରାଣଁ ବିଶେଷ; ଦଣ୍ଡି ।

ଦଣ୍ଡିତ—ବି. (ଦଣ୍ଡ-ତ) ଦଣ୍ଡପ୍ରାପ୍ତ ।

ଦଣ୍ଡିଦାରି—ବି. ଯେ ବ୍ୟକ୍ତି ଦଣ୍ଡୀର ଓକାଳ କରେ ।

ଦଣ୍ଡୀ—ବି. (ଦଣ୍ଡ-ଇନ୍) ସନ୍ନ୍ୟାସୀ; କୁଳାଚାର୍ଯ୍ୟ ।

ଦଣ୍ଡୀଅଧି—ବି. (ଦଣ୍ଡଧାରୀଶବ୍ଦଜ) ଯୌବନ; ଉନ୍ମତ୍ତ ।

ଦଣ୍ଡ୍ୟ—ବି. (ଦଣ୍ଡ-ଯ) ଦଣ୍ଡନୀୟ ।

ଦତ୍ତ—ବି. (ଦା-ତ) ଦେଇଥିବା; ଅର୍ପିତ ।

ଦତ୍ତକପୁତ୍ର—ବି. ପୋଷ୍ୟ ପୁତ୍ର ।

ଦଧ୍ୱପଦ୍ଧାଣ୍ଡି—ବି. (ଦଗ୍ଧ-ପଦ-ସ୍ଥା-ଇନ୍) ଦଗ୍ଧ ପଦାର୍ଥ ଯେ ଯୋଗାଏ ।

ଦଦ୍ରୁ—ବି. ଦଦ୍ରୁରୋଗ; ଦାଦ ।

ଦଦ୍ରୁ—ବି. ଦାଦୁ; ଚର୍ମରୋଗ ।

ଦଧି—ବି. (ଧା-ଇ) ଦହି । [ଦଣ୍ଡ ।

ଦଧିସ୍ୱର—ବି. (ଦଧି-ସ୍ୱର) ଦଧିମନ୍ଥନ ଦଣ୍ଡ;

ଦଧିବାମନ—ବି. ବିଷ୍ଣୁ ।

ଦନା—ବି. ଡୋଙ୍ଗା ।

ଦନୁ—ବି. (ଦନ୍-ଉ) ଦକ୍ଷକନ୍ୟା; ଦୈତ୍ୟମାତା ।

ଦନୁଜ—ବି. (ଦନୁ-ଜନ୍-ଅ) ଅସୁର; ଦାନବ ।

ଦନ୍ତ—ବି. (ଦମ୍-ତ) ଦଶନ; ଦାନ୍ତ ।

ଦନ୍ତ-ଛଦ—ବି. ଓଷ୍ଠ । [ପଙ୍କ୍ତିକା ।

ଦନ୍ତଧାବନ—ବି. (ଦନ୍ତ-ଧାବ୍-ଅନ) ଦାନ୍ତ

ଦନ୍ତାବଳି—ବି. (ଦନ୍ତ-ଆଳି) ଦନ୍ତପଙ୍କ୍ତି ।

ଦନ୍ତୀ—ବି. (ଦନ୍ତ-ଇନ୍) ହସ୍ତୀ; ହାତୀ । ବି. ଦନ୍ତଯୁକ୍ତ ।

ଦନ୍ତୁର—ବି. (ଦନ୍ତ-ଉର) ବାହାରକୁ ଦନ୍ତ ବାହାରିଥିବା ।

ଦନ୍ତୁରତା—ବି. କଠିନତାକୁ ବୁଝାଏ ।

ଦନ୍ତ୍ୟ—ବି. (ଦନ୍ତ-ଯ) ଦନ୍ତଦ୍ୱାରା ଉଚ୍ଚାରିତ ।

ଦଂଦଶୂକ—ବି. (ଦଂଶ୍-ଯଙ୍-ଊକ) ଦଂଶନଶୀଳ । ବି. ସର୍ପ; ରାକ୍ଷସ ।

ଦପ୍ତରି—ବି. (ପାରସୀ ଶବ୍ଦ) ଦପ୍ତର ରକ୍ଷକ ।

ଦପ୍ତରୀ—ବି. ଯେ କାଗଜପତ୍ର ସଜାଡ଼ି ରଖେ; ଯେ ବହି ବାନ୍ଧେ ।

ଦଫା—ବି. (ଆରବୀ ଶବ୍ଦ) ପରିଚ୍ଛେଦ; ନିୟମ ।

ଦମ—ବି. (ଦମ୍-ଅ) ଦମନ; ଇନ୍ଦ୍ରିୟନିଗ୍ରହ ।

ଦମ୍—ବି. ନିଶ୍ୱାସ; ଭରସା; ଜୀବନ ।

ଦମନ—ବି. (ଦମ୍-ଅନ) ଶାସନ; ବଶୀକରଣ; ନିବାରଣ ।

ଦମନକ—ବି. (ଦମ୍-ଅନକ) ଦମନଯୋଗ୍ୟ ।

ଦମୟନ୍ତୀ—ବି. (ଦମ୍-ଣି-ଅନ୍ତ-ଈ) ନଳରାଜାଙ୍କ ମହିଷୀ ।

ଦମ୍ପତି—ବି. ଜାୟା ଓ ପତି; ପତି-ପତ୍ନୀ ।

ଦମ୍ଭ—ବି. (ଦମ୍ଭ୍-ଅ) ଗର୍ବ; ପ୍ରତାରଣା ।

ଦମ୍ଭୀ—ବି. (ଦମ୍ଭ-ଇନ୍) ଗର୍ବୀ; ପ୍ରବଞ୍ଚକ ।

ଦମ୍ଭୋଳି—ବି. (ଦମ୍ଭ-ଉଳି-କ୍ୱିପ୍) ବଜ୍ର ।

ଦମ୍ୟ—ବି. (ଦମ୍-ଯ) ଦମନ ଯୋଗ୍ୟ ।

ଦଂଷ୍ଟ୍ରା—ବି. (ଦଂଶ୍-ଷ୍ଟ୍ର) ଦାନ୍ତ; ବରାହଙ୍କ-ଦନ୍ତ-
ବେଣୀ । [ଦାନ୍ତ ବଡ଼ ।
ଦଂଷ୍ଟ୍ରାଘାତ—ବି. ବରାହଙ୍କ-ଦନ୍ତାର୍ଥ ଯେ ଘାତ
ଦଂଷ୍ଟ୍ରାଳୁ—ବି. (ଦଂଷ୍ଟ୍ରା-ଆଳୁ) ଦଂଷ୍ଟ୍ରାବାନ୍ ।
ଦୟିତ—ବି. ପ୍ରିୟ । ବି. ପ୍ରଣୟୀ ।
ଦୟିତା—ବି. ପ୍ରିୟା । ବି. ପ୍ରଣୟିନୀ ।
ଦର—ବି. ଅଳ୍ପ । ବି. ଭୟ; ଶଙ୍ଖ; ଗର୍ତ୍ତ ।
ଦରଖାସ୍ତ—ବି. (ପାର୍ସୀ) ଆବେଦନପତ୍ର ।
ଦରଦ—ବି. ଦୟା; ଦୁଃଖ; ବେଦନା ।
ଦରବାର—ବି. (ପାର୍ସୀ) ସଭା ।
ଦରମାହା—ବି. (ପାର୍ସୀ) ବେତନ ।
ଦରାଣ୍ଡିବା—କ୍ରି. ଅଣ୍ଡାଳିବା; ଖୋଜିବା ।
ଦରୀ—ବି. (ଦୃ-ଇ) ଗିରିଗହ୍ୱର; ପର୍ବତଗୁହା ।
ଦରିଦ୍ର—ବି. (ଦରିଦ୍ରା-ଅ) ନିର୍ଦ୍ଧନ ।
ଦରିଦ୍ରତା—ବି. ନିର୍ଦ୍ଧନତା ।
ଦରେଗ୍ରୀ—ବି. ଅର୍ଦ୍ଧପକ୍ୱ; ଅର୍ଦ୍ଧସିଦ୍ଧ ।
ଦରୱେଶ—ବି. (ପାର୍ସୀ) ଦରବାନ୍ ।
ଦର୍ଦୁର—ବି. (ଦୃ-ଉର) ଭେକ; ମେଘ ।
ଦର୍ପ—ବି. (ଦୃପ୍-ଅ) ଗର୍ବ, ଅହଙ୍କାର ।
ଦର୍ପକ—ବି. (ଦୃପ୍-ଅକ) କନ୍ଦର୍ପ; ଶିବଦୂତ । ବି.
ଅହଙ୍କାରକ ।
ଦର୍ପଣ—ବି (ଦୃପ୍-ଅନ) ମୁକୁର, ଆର୍ଶି ।
ଦର୍ପହା—ବି. (ଦର୍ପ-ହନ୍-ଡ) ଶିବ । ବି. ଦର୍ପ-
ହାରୀ ।
ଦର୍ପୀ—ବି. (ଦର୍ପ-ଇନ୍) ଗର୍ବିତ; ଅହଙ୍କାରୀ ।
ଦର୍ବୀ—ବି. ଚଟୁକୁଣ୍ଡ ।
ଦର୍ଭ—ବି କୁଶ ।

ଦର୍ଶ—ବି. (ଦୃଶ୍-ଅ) ଅମାବାସ୍ୟା; ଦର୍ଶନ ।
ଦର୍ଶକ—ବି. (ଦୃଶ୍-ଅକ) ଯେ ଦେଖେ ।
ଦର୍ଶନ—ବି.(ଦୃଶ୍-ଅନ) ଅବଲୋକନ; ଚକ୍ଷୁଦାନ ।
ଦର୍ଶନୀୟ—ବି. (ଦୃଶ୍-ଅନୀୟ) ଦର୍ଶନଯୋଗ୍ୟ;
ସୁନ୍ଦର । [ଦେଖାଇ ଦିଏ ।
ଦର୍ଶୟିତା—ବି. (ଦୃଶ୍-ଇ-ତୃ) ପ୍ରଦର୍ଶକ, ଯେ
ଦର୍ଶିତ—ବି. (ଦୃଶ୍-ଇ-ତ) ପ୍ରକାଶିତ ।
ଦର୍ଶୀ—ବି. ଯେ ଦେଖେ (ସମାସ ପଦରେ ଶେଷରେ
ପ୍ରଯୁକ୍ତ) । [ଦଳଦାର ଗୁଣ ।
ଦଳ—ବି. (ଦଳ୍-ଅ) ପତ୍ର; ଖଣ୍ଡ; ସମୂହ;
ଦଳନ—ବି. (ଦଳ୍-ଅନ) ମର୍ଦ୍ଦନ; ଚୂର୍ଣ୍ଣନ ।
ଦଳ-ପତି—ବି. ନେତା; ମୁଖ୍ୟ ।
ଦଲ୍‌ମା—ବି. ଶୁଷ୍କ ତରକାରି ଉପକରଣ ।
ଦଳବେହେରା—ବି. ଦଳପତି; ପାଇକ ସର୍ଦ୍ଦାର ।
ଦଲାଲ—ବି. କିଣା ବିକାରେ ମଧ୍ୟସ୍ଥ ।
ଦଳିତ—ବି. (ଦଳ୍-ତ) ମର୍ଦ୍ଦିତ; ଖଣ୍ଡ ।
ଦଳିବା—କ୍ରି. ଚକଟି ଦେବା ।
ଦବ } ବି. ବଣନିଆଁ ; ବନ ।
ଦାବ }
ଦବିଷ୍ଠ—ବି. (ଦୂ-ଇଷ୍ଠ) ଅତି ଦୂରବର୍ତ୍ତୀ ।
ଦଶ—ବି. ୧୦ ସଂଖ୍ୟା ।
ଦଶକ—ବି.(ଦଶନ୍-କ) ଦଶିଟିରେ ଗଠିତ ସମଷ୍ଟି ।
ଦଶ-କର୍ମ—ବି. ଗର୍ଭାଧାନାଦି ଦଶବିଧ ସଂସ୍କାର ।
ଦଶଦିଗ୍—ବି. ଅଷ୍ଟଦିଗ ଓ ଊର୍ଦ୍ଧ୍ୱ ଓ ଅଧଃ ।
ଦଶଭୁଜା—ବି. (ଦଶ ଭୁଜ) ଦୁର୍ଗା ।

ଦଶମ-ବି. (ଦଶନ୍-ମ) ୧୦ ସଂଖ୍ୟାର ପୂରକ ।

ଦଶମିକ-ବିଂ. (ଦଶମ-ଇକ) ଯାହା ଦ୍ୱାରା କୌଣସି ଅଖଣ୍ଡ ସଂଖ୍ୟାର ଦଶାଂଶର ଏକାଂଶ ବ୍ୟକ୍ତ କରାଯାଏ ।

ଦଶମୀ-ବି. (ଦଶମ-ଈ) ତିଥିବିଶେଷ ।

ଦଶମୂଳ-ବି. ଔଷଧବିଶେଷ ।

ଦଶରଥ-ବି. ଯାହାଙ୍କର ରଥ ଦଶଦିଗକୁ ଯାଏ; ରାମଚନ୍ଦ୍ରଙ୍କ ପିତା ।

ଦଶହରା-ବି. ଜ୍ୟେଷ୍ଠ ଶୁକ୍ଳଦଶମୀ; ଆଶ୍ୱିନ ଶୁକ୍ଳଦଶମୀ ।

ଦଶା-ବି. (ଦଂଶ୍-ଅ) ଅବସ୍ଥା; ବସ୍ତ୍ରର ପ୍ରାନ୍ତ; ଦୀପର ବତି; ଗ୍ରହାବସ୍ଥାନସହିତ ଜୀବର ଭୋଗ ।

ଦଶାବତାର-ବି. (ଦଶ-ଅବତାର) ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମଚନ୍ଦ୍ର, ବଳରାମ, ବୁଦ୍ଧ ଓ କଳ୍କି, ବିଷ୍ଣୁଙ୍କର ଏହି ଦଶ ଅବତାର ।

ଦଶା-ବିପର୍ଯ୍ୟୟ-ବି. ଦୁର୍ଦ୍ଦଶା ।

ଦଶି-ବି. ବସ୍ତ୍ରର ପ୍ରାନ୍ତସୂତ୍ର ।

ଦଶିଆ-ବି. ମୋଟା ବସ୍ତ୍ରବିଶେଷ ।

ଦଶେରକ-ବି. ମରୁଭୂମି ।

ଦସ୍ତଖତ-ବି. (ପାର୍ଶୀ) ସ୍ୱାକ୍ଷର ।

ଦସ୍ତା-ବି. ଧାତୁବିଶେଷ ।

ଦସ୍ତାବିଜ-ବି. (ପାର୍ଶୀ) ଦଲିଲ ।

ଦସ୍ତି-ବି. (ଦେଶଜ) ଭୂମି ମାପିବାର ପରିମାଣ-[ବିଶେଷ ।

ଦସ୍ତୁରି-ବି. (ପାର୍ଶୀ) ପ୍ରଚଳିତ ଧାରା ।

ଦସ୍ୟୁ-ବି. (ଦସ୍-ଯୁ) ଡକାୟତ; ଲୁଣ୍ଠନକାରୀ ।

ଦହ-ବି. ହ୍ରଦ; ଜଳାଶୟ ।

ଦହନ-ବି. (ଦହ୍-ଅନ) ଜ୍ୱଳନ; ଅଗ୍ନି ।

ଦହଲି-ବି. ବାଲୁଅ ।

ଦହନୀୟ-ବିଂ. (ଦହ୍-ଅନୀୟ) ଜ୍ୱଳନୀୟ ।

ଦହି-ବି. (ଦଧିଶବ୍ଦଜ) ଦଧି; ଦୁଗ୍ଧର ଅମ୍ଳସହିତ ବିକାର ।

ଦହ୍ୟମାନ-ବିଂ. (ଦହ୍-ଯ-ମାନ) ଯାହା ଦଗ୍ଧ [ହେଉଅଛି ।

ଦା-ବି. (ଦାତ୍ରଶବ୍ଦଜ) ଧାନ କାଟିବାର ଶସ୍ତ୍ରବିଶେଷ ।

ଦାଇ-ବି. ଦୌରାତ୍ମ୍ୟ; ଉତ୍ପାତ ।

ଦାଉଦାଉ-କ୍ରିଂ. ଧକଧକ ।

ଦାଉଣୀ-ବି. (ଦାମନୀଶବ୍ଦଜ) ଧାନ ଗୋରୁଙ୍କୁ ଏକତ୍ର ବାନ୍ଧିବାର ରଜ୍ଜୁ ।

ଦାକ୍ଷିଣାତ୍ୟ-ବି. (ଦକ୍ଷିଣ-ତ୍ୟ) ଭାରତବର୍ଷର ଦକ୍ଷିଣସ୍ଥ ଦେଶ ।

ଦାକ୍ଷିଣ୍ୟ-ବି. (ଦକ୍ଷିଣ-ଯ) ଅନୁକୂଳ; ଔଦାର୍ଯ୍ୟ ।

ଦାଖଲ-ବି. (ପାର୍ଶୀ) ପ୍ରବେଶ କରିବା; ଅର୍ପଣ କରିବା; ଉପସ୍ଥିତ ହେବା ।

ଦାଗ-ବି. ଚିହ୍ନ; ଅଙ୍କ; କଳଙ୍କ ।

ଦାଗୀ-ବିଂ. ଚିହ୍ନିତ; ଅପରାଧୀ ବୋଲି ଚିହ୍ନିତ ।

ଦାଡ଼ିମ-ବି. ଡାଳିମ୍ବ ।

ଦାଢ଼-ବି. (ଦାଢ଼ାଶବ୍ଦଜ) ଅସ୍ତ୍ରାଦିର ଧାର ।

ଦାଢ଼ି-ବି. ଶ୍ମଶ୍ରୁ ।

ଦାଣ୍ଡିବା-କ୍ରି. ଦମନ କରିବା; ଶାସନ କରିବା ।

ଦାଣ୍ଡ-ବି. (ଦଣ୍ଡଶବ୍ଦଜ) ପଥ; ବାଟ ।

ଦାତବ୍ୟ-ବିଂ. (ଦା-ତବ୍ୟ) ଦାନଯୋଗ୍ୟ; ଦେୟ ।

ଦାଢ଼ା—ବି. (ଦା-ଢ଼) ଦା:ଢ଼ବର୍ଣ୍ଣ ।

ଦାଢ୍ୟସ୍ଥି—ବି. ଦାଢ଼ୁଁ ପକ୍ଷୀ ।

ଦାଣ୍ଡି—ବି. (ଦେ'-ଈ) ନୌକାର କେନ୍ଦ୍ର କରିବାର ଅସ୍ତ୍ରବିଶେଷ ।

ଦାତନ—ବି. (ଫାର୍ସୀ) କଲମ ।

ଦାଦା—ବି. ବଡ଼ଭାଇ; ପିତୃବ୍ୟ; ପିତାମହ ।

ଦାଦ—ବି. ପିତୃବ୍ୟ । [ଦ୍ରବ୍ୟର ମଦଜଳ ।

ଦାନ—ବି. (ଦା-ଅନ); (ଦୋ-ଅନ) ଖଣ୍ଡନ;

ଦାନପତ୍ର—ବି. ଦାନର ଦଲିଲ ବା ଲିପି ।

ଦାନବ—ବି. (ଦନୁ-ଅ) ଦୈତ୍ୟ; ଅସୁର ।

ଦାନବାରି—ବି. (ଦାନବ-ଅରି) ଦେବତା ।

ଦାନ-ବାରି—ବି. ହସ୍ତୀର ମଦଜଳ ।

ଦାନ-ବୀର—ବି. ଦାନ କରିବାରେ ଅଦ୍ୱିତୀୟ ।

ଦାନ-ଶୀଳ—ବି. ଦାନକରିବାରେ ରତ ।

ଦାନା—ବି. ଘୋଡ଼ାଙ୍କର ଖାଦ୍ୟ ।

ଦାନୀ—ବି. (ଦାନ-ଇନ୍) ଦାତା ।

ଦାନ୍ତ—ବି. (ଦମ୍-ତ) ଯେ ଇନ୍ଦ୍ରିୟ ଦମନ କରିଅଛି; ଜିତେନ୍ଦ୍ରିୟ ।

ଦାନ୍ତ—ବି. (ଦନ୍ତଶବ୍ଦଜ) ଦନ୍ତ । [କାଠି ।

ଦାନ୍ତକାଠି—ବି. ଦାନ୍ତ ଘଷିବାର କରିବାର

ଦାନ୍ତଘଷା—ବି. ଦାନ୍ତ ଘଷିବାର କାଠି ।

ଦାନ୍ତୁରା } ବି. (ଦନ୍ତୁରଶବ୍ଦଜ) ଯାହାର ବଡ଼
ଦାନ୍ତୁଆ } ବଡ଼ ଦାନ୍ତ ଅଛି ।

ଦାନ୍ତୁଣି—ବି. ଦନ୍ତୁର ସ୍ତ୍ରୀ ।

ଦାମ—ବି. ମୂଲ୍ୟ ।

ଦାମ—ବି. (ଦାମନ୍‌ଶବ୍ଦଜ) ରଜ୍ଜୁ; ମାଳା ।

ଦାମୁଡ଼ି—ବି. ଅଶ୍ୱବନ୍ଧନର ରଜ୍ଜୁ ।

ଦାମୋଦର—ବି. (ଦାମନ୍-ଉଦର) ଶ୍ରୀକୃଷ୍ଣ ।

ଦାମ୍ପତ୍ୟ—ବି. (ଦମ୍ପତି-ଯ) ଦମ୍ପତି ସମ୍ବନ୍ଧୀୟ ।

ଦାମ୍ଭିକ—ବି. (ଦମ୍ଭ-ଇକ) ଅହଙ୍କାରୀ; ଦର୍ପୀ ।

ଦାୟ—ବି. (ଦା-ଅ) ଯୌତୁକ ଧନ; ଋଣ ।

ଦାୟକ—ବି. ଦାତା; (ଶବ୍ଦାନ୍ତେ ପ୍ରଯୁକ୍ତ) ।

ଦାୟାଦ—ବି.(ଦାୟ-ଆ-ଦା-ଅ) ଉତ୍ତରାଧିକାରୀ ।

ଦାୟୀ—ବି. (ଦା-ଇନ୍) ଦାତା (ଶବ୍ଦାନ୍ତେ);

ଦାର—ବି. (ଦୃ-ଅ) ପତ୍ନୀ । [ଦାୟିତ୍ୱ ।

ଦାରକ—ବି. (ଦୃ-ଅକ) ପୁତ୍ର ।

ଦାରକର୍ମ—ବି. (ଦାର-କର୍ମନ୍) ବିବାହ ।

ଦାରଗ୍ରହଣ—ବି. (ଦାର-ଗ୍ରହଣ) ପତ୍ନୀଗ୍ରହଣ; ବିବାହ । [ଭୟ ।

ଦାରଣ—ବି. (ଦୃ-ଅନ) ବିଦାରଣ; ବି. ଭୟା-

ଦାରିକା—ବି. କନ୍ୟା; କେଶୀ ।

ଦାରିତ—ବି.(ଦୃ-ଣିଚ୍-ତ) ବିଦାରିତ; ଛେଦିତ ।

ଦାରିଦ୍ର୍ୟ—ବି. (ଦରିଦ୍ର-ଯ) ଦରିଦ୍ରତା ।

ଦାରୀ—ବି. (ଦାରୁକାଶବ୍ଦଜ) ବେଶ୍ୟା ।

ଦାରୁ—ବି. (ଦୃ-ଉ) କାଷ୍ଠ; ବୃକ୍ଷବିଶେଷ ।

ଦାରୁଣ—ବି. (ଦୃ-ଉନ) କଠୋର; ଭୟଙ୍କର;

ଦାରୁହରିଦ୍ରା—ବି. ଦାରୁହଳଦୀ । [ଭୀଷଣ ।

ଦାର୍ଢ୍ୟ—ବି. (ଦୃଢ-ଯ) ଦୃଢତା ।

ଦାର୍ବାଟ—ବି. (ଦାରୁ-ଅଟ୍-ଅ) ମନ୍ତ୍ରଣାଗୃହ ।

ଦାର୍ଶନିକ—ବି. (ଦର୍ଶନ-ଇକ) ଦର୍ଶନଶାସ୍ତ୍ର ସମ୍ବନ୍ଧୀୟ; ବି. ଦର୍ଶନଶାସ୍ତ୍ର ବେତ୍ତା ।

ଦାଢ଼-ବି. (ଦଂଷ୍ଟ୍ରଶବ୍ଦଜ) ମୁଖ ପ୍ରସ୍ଥର ଭାଗ ।

ଦାବ-ବି. ବନ; ବନାଗ୍ନି ।

ଦାବାଗ୍ନି } ବି. (ଦାବ-ଅଗ୍ନି, ଅନଳ)
ଦାବାନଳ } ବନଜାତ ଅଗ୍ନି ।

ଦାବି-ବି. ଅଧିକାର; ସ୍ୱତ୍ୱ ।

ଦାବିବା-କ୍ରି. ଚାପିବା [ଦମନକରୁ ।

ଦାଶରଥି-ବି. (ଦଶରଥ-ଇ) ଦଶରଥର ପୁତ୍ର;

ଦାଶେରକ-ବି. (ଦଶେରକ-ଅ) ମରୁଭୂମି ସମ୍ବନ୍ଧୀୟ; ବି. ଉଷ୍ଟ୍ର ।

ଦାସ-ବି. (ଦାସ୍-ଅ) ସେବକ; ଭୃତ୍ୟ ।

ଦାସଙ୍କେରଷ୍ଠା-ବି. ଭୃତ୍ୟଶ୍ରେଷ୍ଠ ।

ଦାସତ୍ୱ-ବି. ଭୃତ୍ୟର ଅବସ୍ଥା ।

ଦାସୀ-ସ୍ତ୍ରୀ. (ଦାସ-ଈ) କିଙ୍କରୀ ।

ଦାସ୍ୟ-ବି. (ଦାସ-ଯ) ଦାସତ୍ୱ; ସେବାକାର୍ଯ୍ୟ ।

ଦାହ-ବି. (ଦହ୍-ଅ) ଦହନ; ଜ୍ୱାଳା ।

ଦାହକ-ବି. (ଦହ୍-ଅକ) ଦାହକାରୀ ।

ଦାହନ-ବି. (ଦହ୍-ଣିଚ୍-ଅନ) ପୋଡ଼ିବା ।

ଦାହ୍ୟ-ବି. (ଦହ୍-ଯ) ଦହନଯୋଗ୍ୟ ।

ଦିଅଁ-ବି. (ଦେବଶବ୍ଦଜ) ଦେବତା ।

ଦିଅର-ବି. (ଦେବର ଶବ୍ଦଜ) ପତିର କନିଷ୍ଠ-ଭ୍ରାତା । [ଦିକ୍ଷୁ ।

ଦିକ୍-ବି. (ଦିଶ୍-କ୍ୱିପ୍) ପୂର୍ବାଦିଦିଗ; ଦେଶ;

ଦିକ୍ପାଳ-ବି. (ଦିକ୍-ପାଳ) ପୂର୍ବାଦିଦିଗର ପୁରାଣୋକ୍ତ ଅଧିଷ୍ଠାତା; ଇନ୍ଦ୍ରାଦି ଅଷ୍ଟଦେବ ।

ଦିଗନ୍ତ-ବି. (ଦିକ୍-ଅନ୍ତ) ଦିକ୍‌ସମୂହର ଶେଷ ସୀମା ।

ଦିଗନ୍ତର-ବି. (ଦିକ୍-ଅନ୍ତର) ଦେଶାନ୍ତର; ଅନ୍ୟଦିଗ ।

ଦିଗମ୍ବର-ବି. (ଦିକ୍-ଅମ୍ବର) ଉଲଙ୍ଗ; ବି. ଶିବ ।

ଦିଗ୍ଗଜ-ବି. (ଦିକ୍-ଗଜ) ପୂର୍ବାଦି ଅଷ୍ଟଦିଗର ଐରାବତାଦି ପୁରାଣୋକ୍ତ ଅଷ୍ଟ ହସ୍ତୀ ।

ଦିଗ୍ଦର୍ଶନଯନ୍ତ୍ର-ବି. ଦିକ୍ ନିରୂପଣକରିବାର ଯନ୍ତ୍ର

ଦିଗ୍ଧ-ବି. (ଦିହ୍-ତ) ଲିପ୍ତ ।

ଦିଗ୍ବିଜୟ-ବି. (ଦିକ୍-ବି-ଜି-ଅ) ଚତୁଃ ବା ସର୍ବଦିଗ୍‌ସ୍ଥ ରାଜାମାନଙ୍କରେ ଜୟ ।

ଦିଗ୍‌ବିଦିକ୍-ବି. (ଦିକ୍-ବିଦିକ୍) ପ୍ରଧାନ ଦିକ୍ ୪ ଓ ମଧ୍ୟବର୍ତ୍ତୀ ବିଦିକ୍ ୪, ଏବଂ ୮ ।

ଦିଙ୍ମଣ୍ଡଳ-ବି. (ଦିକ୍-ମଣ୍ଡଳ) ଚକ୍ରବାଳ ।

ଦିତି-ବି. (ଦୋ-ତି) ଦୈତ୍ୟମାତା ।

ଦିତ୍ସା-ବି. (ଦା-ସନ୍-ଅ) ଦାନେଚ୍ଛା ।

ଦିଦି-ବି. ବଡ ଭଉଣୀ ।

ଦିଦୃକ୍ଷା-ବି. (ଦୃଶ୍-ସନ୍-ଅ) ଦର୍ଶନେଚ୍ଛା ।

ଦିନ-ବି. (ଦୋ-ନକ୍) ଦିବସ ।

ଦିନକର } ବି. ସୂର୍ଯ୍ୟ ।
ଦିନମଣି }

ଦିନଚର୍ଯ୍ୟା-ବି. ଦୈନିକ; ପ୍ରାତ୍ୟହିକ ।

ଦିନପାତ-ବି. (ଦିନ-ପାତ) ଦିନଯାପନ ।

ଦିନମାନ-ବି. ସୂର୍ଯ୍ୟ-ଉଦୟଠାରୁ ସୂର୍ଯ୍ୟ-ଅସ୍ତ ପର୍ଯ୍ୟନ୍ତ କାଳ ପରିମାଣ ।

ଦିନ-ଯୌବନ-ବି. ମଧ୍ୟାହ୍ନ ।

ଦିନାନ୍ତ-ବି. (ଦିନ-ଅନ୍ତ) ସାୟଂକାଳ ।

ଦିବ୍-ବି. (ଦିବ୍‌ଧାତୁଜ) ସ୍ୱର୍ଗ; ଆକାଶ ।

ଦିବସ-ବି. (ଦିବ-ଅସ) ଦିନ ।

ଦବା-ବି. ବନ।

ଦବାଗ୍ନି-ବି. (ଦବା-ଅଗ୍ନି) ଦାବାଗ୍ନି।

ଦିବ୍ୟ-ବିଂ. (ଦିବ-ଯ) ସ୍ୱର୍ଗୀୟ; ଅଲୌକିକ; ସୁନ୍ଦର।

ଦିବ୍ୟଦୃଷ୍ଟି-ବି. ଅଲୌକିକ ପଦାର୍ଥ ଦେଖିବାକୁ ସମର୍ଥ ଦୃଷ୍ଟି।

ଦିଶ-ବି. ଦିଗ; ଦିକ୍।

ଦିଶିବା-କ୍ରି. (ଦୃଶ୍ ଧାତୁଜ) ଦେଖାଯିବା।

ଦିଶିଦିଶି-ଅ. ଦେଖୁ ଦେଖୁ।

ଦିଷ୍ଟ-ବିଂ. (ଦିଶ୍-ତ) ଆଦିଷ୍ଟ; ନିର୍ଦ୍ଦିଷ୍ଟ; ପ୍ରଦର୍ଶିତ।

ଦିଷ୍ଟା-ବିଂ. ଏକ ପରିମାଣର ସିଦ୍ଧ (ଜ୍ୟୋତିଷଶାସ୍ତ୍ରରେ); ବି. ୨୪ ମିନିଟ କାଳ।

ଦିହୁଡି-ବି. ମଶାଲ।

ଦୀକ୍ଷା-ବି. (ଦୀକ୍ଷ-ଅ) ଉପଦେଶ; ଧର୍ମକର୍ମ ନିୟମ; ଯଜ୍ଞାଦି ଧର୍ମରେ ବ୍ରତ।

ଦୀକ୍ଷାଗୁରୁ-ବି. ମନ୍ତ୍ରଦାତା; ଉପଦେଷ୍ଟା।

ଦୀକ୍ଷିତ-ବିଂ. (ଦୀକ୍ଷ-ତ) ଉପଦିଷ୍ଟ; ଯଜ୍ଞକର୍ମରେ ପ୍ରବୃତ୍ତ।

ଦୀଧୀ-ବି. (ଧ୍ୟୈ-ଧାତୁଜ) ବୁଦ୍ଧି ଜ୍ଞାନଶକ୍ତି।

ଦୀଧିତି-ବି. (ଦୀଧୀ-ତି) କିରଣ; ଆଲୋକ।

ଦୀନ-ବିଂ. (ଦୀ-ତ) ଦରିଦ୍ର; କାତର; ନମ୍ର।

ଦୀନତା-ବି. ଦାରିଦ୍ର୍ୟ; କାତରତା; ନମ୍ରତା।

ଦୀନାର-ବି. ସ୍ୱର୍ଣ୍ଣମୁଦ୍ରା।

ଦୀପ-ବି. (ଦୀପ୍-ଅ) ପ୍ରଦୀପ।

ଦୀପକ-ବିଂ. (ଦୀପ-ଅକ) ଦୀପ୍ତିକାରକ; ପ୍ରକାଶକ; ବି. ସଙ୍ଗୀତର ରାଗବିଶେଷ। [ଅଳଙ୍କାର।

ଦୀପ-ଦଣ୍ଡି-ବି. ଯାହାଉପରେ ଦୀପ ରଖାଯାଏ ଦୀପକାଠି।

ଦୀପନ-ବି. (ଦୀପ୍-ଅନ) ଉଦ୍ଦୀପନ; ବିଂ. ଉଦ୍ଦୀ-

ଦୀପ-ବୃକ୍ଷ-ବି. ଦୀପାଧାର। [ପକ।

ଦୀପ-ଶଳାକା-ବି. ଦିଆସିଲି।

ଦୀପାଳୀ-ବି. (ଦୀପ-ଆଳୀ) ଦୀପମାଳା; ଦୀପାଳୀ ଅମାବାସ୍ୟା।

ଦୀପିକା-ବିଂ. ପ୍ରକାଶିକା; ବି. ଟୀକା।

ଦୀପିତ-ବିଂ. (ଦୀପ୍-ତ) ଜ୍ୱଳିତ।

ଦୀପ୍ତ-ବିଂ. (ଦୀପ୍-ତ) ଜ୍ୱଳିତ; ଉଜ୍ଜ୍ୱଳ।

ଦୀପ୍ତି-ବି. (ଦୀପ୍-ତି) ପ୍ରଭା; ଶୋଭା। [ମାନ୍।

ଦୀପ୍ତିମାନ୍-ବିଂ. (ଦୀପ୍ତି-ମତ୍) ପ୍ରଭାବଶାଳୀ; ଉଜ୍ଜ୍ୱଳ-

ଦୀପ୍ୟମାନ-ବିଂ. (ଦୀପ୍-ଯ-ଆନ) ଯାହା ଦୀପ୍ତି ପାଉଅଛି।

ଦୀପ୍ର-ବିଂ. (ଦୀପ୍-ର) ଦୀପ୍ତିଶାଳୀ।

ଦୀୟମାନ-ବିଂ. (ଦା-ଯ-ଆନ) ଯାହା ଦିଆ-ଯାଉଅଛି। [ଦ୍ୱିମାତ୍ରାଯୁକ୍ତ (ସ୍ୱରବର୍ଣ୍ଣ)।

ଦୀର୍ଘ-ବିଂ. (ଦ୍ରାଘ୍-ଅ) ଲମ୍ବା; ଅଧିକ; ବି. ଦୈର୍ଘ୍ୟ;

ଦୀର୍ଘ-ଜଙ୍ଘ-ବିଂ. ଦୀର୍ଘ ଜଙ୍ଘା ଯାହାର; ବି. ଓଟ।

ଦୀର୍ଘଜୀବୀ-ବିଂ. (ଦୀର୍ଘ-ଜୀବ୍-ଇନ୍) ଯେ ଅଧିକ କାଳ ବଞ୍ଚେ। [କାଉ, କାଗ।

ଦୀର୍ଘ-ସୂତ୍ର-ବି. ଦୀର୍ଘସୂତ୍ରତା; ବିଂ. ଅଧିକ ବିଳମ୍ବରେ

ଦୀର୍ଘସୂତ୍ରତା-ବି. ବିଳମ୍ବକାରିତା।

ଦୀର୍ଘସୂତ୍ରୀ-ବିଂ. ଯେ ଅଳ୍ପ କାମରେ ବହୁ ସମୟ କରେ।

ଦୀର୍ଘାୟୁଃ-ବିଂ. (ଦୀର୍ଘ-ଆୟୁସ୍) ଚିରଜୀବ।

ଦୀର୍ଘିକା-ବି. (ଦୀର୍ଘ-କ-ଆ) ବଡ଼ ପୁଷ୍କରିଣୀ।

ଦୀର୍ଣ୍ଣ-ବିଂ. (ଦୃ-ତ) ବିଦାରିତ; ଭଗ୍ନ।

ଦୁଇ-୨ ସଂଖ୍ୟା।

ଦୁଃଖ—ବି. (ଦୁଃଖ୍-ଅ) କ୍ଳେଶ; ବେଦନ; ମନ-
ସ୍ତାପ; ପୀଡ଼ା । [କାତର ।
ଦୁଃଖାର୍ତ୍ତ—ବିଣ. ( ଦୁଃଖ-ଆର୍ତ୍ତ ) ଦୁଃଖରେ
ଦୁଃଖିତ—ବିଣ. (ଦୁଃଖ-ଇତ) ଦୁଃଖଯୁକ୍ତ ।
ଦୁଃଖୀ—ବିଣ. (ଦୁଃଖ-ଇନ୍) ଦୁଃଖିତ; ଦରିଦ୍ର ।
ଦୁଃଶାସନ—ବିଣ. (ଦୁର୍-ଶାସ୍-ଅନ) ଦୁର୍ଦ୍ଦମ ।
ବି. ଦୁର୍ଯ୍ୟୋଧନଙ୍କର ମଧ୍ୟମ ଭ୍ରାତା ।
ଦୁଃଶୀଳ—ବିଣ. (ଦୁର୍-ଶୀଳ) ମନ୍ଦସ୍ୱଭାବ-ବିଶିଷ୍ଟ ।
ଦୁଃଶ୍ରାବ୍ୟ—ବିଣ. (ଦୁର୍-ଶ୍ରୁ-ଯ) ଅଶ୍ରାବ୍ୟ ।
ଦୁଃସମୟ—ବି. (ଦୁର୍-ସମୟ) ମନ୍ଦ ସମୟ;
ଅକାଳ, ଦୁର୍ଭିକ୍ଷ । [ଦାୟକ ।
ଦୁଃସହ—ବିଣ. (ଦୁର୍-ସହ୍-ଅ) ଅତି କ୍ଳେଶ-
ଦୁଃସାଧ୍ୟ—ବିଣ. (ଦୁର୍-ସାଧ୍-ଯ) ଦୁଷ୍କର; ଅତି-
କଷ୍ଟସାଧ୍ୟ । [ସାହସ ।
ଦୁଃସାହସ—ବି. ( ଦୁର୍-ସାହସ ) ଅନୁଚିତ
ଦୁଃସାହସିକ—ବିଣ. (ଦୁର୍-ସାହସ-ଇକ) ଅସମ-
ସାହସିକ । [ପନ୍ନ ।
ଦୁଃସ୍ଥ—ବିଣ. (ଦୁର୍-ସ୍ଥା-ଅ) ଦରିଦ୍ର; ଦୁରବସ୍ଥା-
ଦୁଃସ୍ଥିତ—ବିଣ. (ଦୁର୍-ସ୍ଥା-ତ) ଦୁଃଖରେ ଅବସ୍ଥିତ ।
ଦୁଃସ୍ଥିତି—ବି. (ଦୁର୍-ସ୍ଥା-ତି) ଦୁଃଖରେ ଅବସ୍ଥିତି ।
ଦୁଃସ୍ୱପ୍ନ—ବି. (ଦୁର୍-ସ୍ୱପ୍ନ) ଅଶୁଭ ସ୍ୱପ୍ନ ।
ଦୁକ୍‌ଦୁକ୍—କ୍ରି. ବି. ହୃତ୍‌ପିଣ୍ଡର କମ୍ପନ ।
ଦୁକୂଳ—ବି. ରେଶମୀ ଲୁଗା; ଶୁକ୍ଳବସ୍ତ୍ର ।
ଦୁଗ୍ଧ—ବି. (ଦୁହ୍-ତ) ଦୁଧ ।
ଦୁଗ୍ଧ-ପୋଷ୍ୟ—ବିଣ. ଶିଶୁ ।
ଦୁଣ୍ଡୁଭ—ବି. (ଦୁ-ଡୁ-ଭର) ଢୋଣ୍ଡସାପ ।

ଦୁଦୁମ୍ବା—ବି. ଧୁଡୁସ ।
ଦୁଧ—ବି. (ଦୁଗ୍ଧ ଶବ୍ଦଜ) ଖୀର, କ୍ଷୀର ।
ଦୁନ୍ଦୁଭି—ବି. (ଦୁନ୍ଦୁ-ଭା-ଇ) ବଡ଼ ଢକ୍କା ।
ଦୁବ—ବି. (ଦୁର୍ବା ଶବ୍ଦଜ) ଘାସବିଶେଷ ।
ଦୁରତିକ୍ରମ—ବିଣ. (ଦୁର୍-ଅତି-କ୍ରମ୍-ଅ) ଯାହା
ଲଙ୍ଘିବା ଦୁଃସାଧ୍ୟ ।
ଦୁରଦୃଷ୍ଟ—ବି. (ଦୁର୍-ଅଦୃଷ୍ଟ) ଦୁର୍ଭାଗ୍ୟ ।
ଦୁରନ୍ତ—ବିଣ. ( ଦୁର୍-ଅନ୍ତ ) ଯନ୍ତ୍ରଣାମୟ
ଦୁଷ୍ଟର ।
ଦୁରପନେୟ—ବିଣ. (ଦୁର୍-ଅପ-ନୀ-ଯ) ଯାହା
ଅପନୟନ କରିବା କଠିନ ।
ଦୁରବଗାହ—ବିଣ. (ଦୁର୍-ଅବ-ଗାହ୍-ଅ) ଦୁଷ୍ପ୍ର-
ବେଶ୍ୟ, କଠିନ ।
ଦୁରବସ୍ଥ—ବିଣ. (ଦୁର୍-ଅବସ୍ଥା) ଦୁର୍ଗତିଗ୍ରସ୍ତ ।
ଦୁରବସ୍ଥା—ବି. ଦୁର୍ଦ୍ଦଶା ।
ଦୁରାକାଙ୍କ୍ଷା—ବି. (ଦୁର୍-ଆକାଙ୍କ୍ଷା) ଦୁଷ୍ଟ ଅଭିଳାଷ;
ଦୁଷ୍ପ୍ରାପ୍ୟ ବସ୍ତୁରେ ଅଭିଳାଷ ।
ଦୁରାଗ୍ରହ—ବି. (ଦୁର୍-ଆଗ୍ରହ) ଦୁଶ୍ଚେଷ୍ଟା ।
ଦୁରାଚାର—ବି. (ଦୁର୍-ଆଚାର) ମନ୍ଦ ବ୍ୟବହାର ।
ବିଣ. ଦୁଷ୍ଟ । [ବିଶିଷ୍ଟ ।
ଦୁରାତ୍ମା—ବିଣ. (ଦୁର୍-ଆତ୍ମନ୍) ଦୁଷ୍ଟ; ପାପାତ୍ମା;
ଦୁରାଧର୍ଷ—ବିଣ. (ଦୁର୍-ଆ-ଧୃଷ୍-ଅ) ଦୁର୍ଦ୍ଧର୍ଷଣୀୟ ।
ଦୁରାରୋହ—ବିଣ. (ଦୁର୍-ଆ-ରୁହ୍-ଅ) ଅତି କଷ୍ଟରେ
ଆରୋହଣୀୟ; ଅଗମ ।
ଦୁରାଶୟ—ବିଣ. (ଦୁର୍-ଆଶୟ) ଯାହାର ଅଭି-
ପ୍ରାୟ ଦୁଷ୍ଟ ।
ଦୁରାଶା—ବି. (ଦୁର୍-ଆଶା) ଅନୁଚିତ ଆଶା ।

ଦୁଷ୍ପ୍ରସଦ-ବି. (ଦୁର୍-ପ୍ର-ସଦ୍-ଅ) ଦୁର୍ଲଭ ।

ଦୁରନ୍ତ-ବି. (ଦୁର୍-ଅନ୍ତ) ପାପ; ଅନନ୍ତ ।

ଦୁରୁକ୍ତି-ବି. (ଦୁର୍-ଉକ୍ତି) ଦୁର୍ବାକ୍ୟ ।

ଦୁରୂହ-ବି. (ଦୁର୍-ଊହ୍-ଅ) ଦୁର୍ବୋଧ ।

ଦୁରୋଦର-ବି. (ଦୁର୍-ଆ-ଉଦର) ଦ୍ୟୂତକ୍ରୀଡ଼ା ।

ଦୁର୍ଗ-ବି. (ଦୁର୍-ଗମ୍-ଅ) ଗଡ଼ ।

ଦୁର୍ଗନ୍ଧି-ବି. (ଦୁର୍-ଗନ୍ଧ) ଦୁର୍ଗନ୍ଧଯୁକ୍ତ; ପଚନ୍ତ ।

ଦୁର୍ଗତି-ବି. (ଦୁର୍-ଗମ୍-ତି) ଦୁରବସ୍ଥା; ଦାରିଦ୍ର୍ୟ । [ବି. ମନ୍ଦ ପରିଣାମ ।

ଦୁର୍ଗନ୍ଧ-ବି. (ଦୁର୍-ଗନ୍ଧ) ମନ୍ଦଗନ୍ଧ; ପୂତିଗନ୍ଧ ।

ଦୁର୍ଗମ-ବି. (ଦୁର୍-ଗମ୍-ଅ) ଅତି କଷ୍ଟରେ ଗମନୀୟ; କଠିନ; ବନ୍ଧୁର ।

ଦୁର୍ଗା-ବି. (ଦୁର୍ ଗମ୍-ଅ-ଆ) ଶିବପତ୍ନୀ ।

ଦୁର୍ଗ୍ରହ-ବି. (ଦୁର୍-ଗ୍ରହ) ଅତିକଷ୍ଟରେ ଗ୍ରହଣୀୟ; ଦୁର୍ବୋଧ; ବି. ମନ୍ଦଗ୍ରହ ।

ଦୁର୍ଘଟ-ବି. (ଦୁର୍-ଘଟ୍) ଯାହା ଅତିକଷ୍ଟରେ ଘଟେ; ଦୁଃସାଧ୍ୟ । [ଘଟଣା; ବିପଦ ।

ଦୁର୍ଘଟନା-ବି. (ଦୁର୍-ଘଟ୍-ଅନ-ଆ) ଅଶୁଭ

ଦୁର୍ଜନ-ବି. (ଦୁର୍-ଜନ) ଦୁଷ୍ଟଲୋକ ।

ଦୁର୍ଜ୍ଞେୟ-ବି. (ଦୁର୍-ଜ୍ଞା-ଯ) ଯାହା ଅତିକଷ୍ଟରେ ଜଣାଯାଏ ।

ଦୁର୍ଜ୍ଞେୟ-ବି. (ଦୁର୍-ଜ୍ଞା-ଯ) ଦୁର୍ବୋଧ ।

ଦୁର୍ଦମ-ବି. (ଦୁର୍-ଦମ୍-ଅ) ଦୁର୍ଦମନୀୟ ।

ଦୁର୍ଦଶା-ବି. (ଦୁର୍-ଦଶା) ଦୁରବସ୍ଥା ।

ଦୁର୍ଦର୍ଶ-ବି. (ଦୁର୍-ଦୃଶ୍-ଅ) ଯାହା ଅତିକଷ୍ଟରେ ଦେଖାଯାଏ ।

ଦୁର୍ଦାନ୍ତ-ବି. (ଦୁର୍-ଦମ୍-ତ) ଯାହାକୁ ଦମନ କରିବା ଦୁଃସାଧ୍ୟ; ଦୁଷ୍ଟ । [ଦୁଃସମୟ ।

ଦୁର୍ଦିନ-ବି. (ଦୁର୍-ଦିନ) ମେଘାଚ୍ଛନ୍ନ ଦିବସ;

ଦୁର୍ଦୈବ-ବି. (ଦୁର୍-ଦୈବ) ମନ୍ଦଭାଗ୍ୟ ।

ଦୁର୍ଦ୍ଧର୍ଷ-ବି. ( ଦୁର୍-ଧୃଷ୍-ଅ ) ଅପରାଜେୟ; ଦୁଃସହ ।

ଦୁର୍ନୟ-ବି. (ଦୁର୍-ନୟ) ଦୁର୍ନୀତି; ଅପନୟ ।

ଦୁର୍ନାମ-ବି. (ଦୁର୍-ନାମନ୍) ନିନ୍ଦା; ଅପବାଦ ।

ଦୁର୍ନିମିତ୍ତ-ବି. (ଦୁର୍-ନିମିତ୍ତ) ଅମଙ୍ଗଳ ଚିହ୍ନ ।

ଦୁର୍ନିବାର-ବି. (ଦୁର୍-ନିବାର) ଅତି କଷ୍ଟରେ ନିବାରଣୀୟ ।

ଦୁର୍ନିରୀକ୍ଷ୍ୟ-ବି. (ଦୁର୍-ନିର୍-ଈକ୍ଷ୍-ଯ) ଦୁର୍ଦର୍ଶ ।

ଦୁର୍ନୀତି-ବି. (ଦୁର୍-ନୀ-ତି) ମନ୍ଦନୀତି ।

ଦୁର୍ବା-ବି. ଘାସବିଶେଷ; ଦୁବ ।

ଦୁର୍ବାର-ବି. (ଦୁର୍-ବୃ-ଅ) ଅତି କଷ୍ଟରେ ନିବାରଣୀୟ ।

ଦୁର୍ବଳ-ବି. (ଦୁର୍-ବଳ) ବଳହୀନ; କ୍ଷୀଣ ।

ଦୁର୍ବୁଦ୍ଧି-ବି. (ଦୁର୍-ବୁଦ୍ଧି) ଦୁର୍ମତି ।

ଦୁର୍ବୋଧ<br>ଦୁର୍ବୋଧ୍ୟ } ବି. ସହଜରେ ଅବୋଧ୍ୟ; କଠିନ ।

ଦୁର୍ଭାଗ୍ୟ-ବି. (ଦୁର୍-ଭାଗ୍ୟ) ମନ୍ଦଭାଗ୍ୟ ।

ଦୁର୍ଭାବନା-ବି. ( ଦୁର୍-ଭାବନା ) ଉତ୍କଣ୍ଠା; ଉଦ୍ବେଗ ।

ଦୁର୍ଭିକ୍ଷ-ବି. (ଦୁର୍-ଭିକ୍ଷା) ଅକାଳ; ଯେଉଁ ସମୟରେ ଖାଦ୍ୟାଦିର ଯୋଗାଡ଼ ଧନ ନ ମିଳେ ।

ଦୁର୍ଦ୍ଦମ୍ୟ–ବି. (ଦୁର୍-ଦମ୍-ଯ) ଅତି କଷ୍ଟରେ ଦମ୍ୟ । [(ଘୋଡ଼ା) ।

ଦୁର୍ମତି–ବି. (ଦୁର୍-ମତି) ଦୁର୍ବୁଦ୍ଧି; ମନ୍ଦବୁଦ୍ଧି

ଦୁର୍ମଦ–ବି. (ଦୁର୍-ମଦ) ଉଦ୍ଧତ ।

ଦୁର୍ମନା–ବି. (ଦୁର୍-ମନଃ) ଉଦ୍ବିଗ୍ନ; ଚିନ୍ତିତ ।

ଦୁର୍ମନାୟମାନ–ବି. (ଦୁର୍-ମନ-ଅୟ) ଉଦ୍-ବିଗ୍ନ; ଚିନ୍ତିତ ।

ଦୁର୍ମୁଖ–ବି. (ଦୁର୍-ମୁଖ) କର୍କଶଭାଷୀ ।

ଦୁର୍ମୂଲ୍ୟ–ବି. (ଦୁର୍-ମୂଲ୍ୟ) ମହାର୍ଘ ।

ଦୁର୍ଯୋଗ–ବି.(ଦୁର୍-ଯୋଗ)ଦୁର୍ଦ୍ଦିନ; ଦୁଃସମୟ ।

ଦୁର୍ଯୋଧନ–ବି. ( ଦୁର୍-ଯୁଧ୍-ଅନ ) ମହା-ଯୋଦ୍ଧା; ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠପୁତ୍ର ।

ଦୁର୍ଲଭା–ବି. ଅତ୍ୟନ୍ତ ଅଦ୍ଭୁତା (କନ୍ୟା) ।

ଦୁର୍ଲଭ–ବି. ଅତ୍ୟନ୍ତ ଅଦ୍ଭୁତ ପୁତ୍ର । [ଦମ୍ୟ ।

ଦୁର୍ଲକ୍ଷ୍ୟ–ବି. (ଦୁର୍-ଲକ୍ଷ୍-ଯ) ଅସ୍ପଷ୍ଟ ଦୃଷ୍ଟି

ଦୁର୍ଲଙ୍ଘ୍ୟ–ବି. ( ଦୁର୍-ଲଙ୍ଘ୍-ଯ ) ଅତିକଷ୍ଟେ ଲଙ୍ଘନୀୟ ।

ଦୁର୍ବଳ–ବି.(ଦୁର୍-ବଲ-ଅ) ଦୁର୍ବାଳ; ଦରଳ ।

ଦୁର୍ଲଳିତ–ବି. (ଦୁର୍-ଲଳିତ) ଅତି ଦୋଲ୍ଲା ।

ଦୁର୍ବହ–ବି. (ଦୁର୍-ବହ) କଷ୍ଟରେ ବହନୀୟ ।

ଦୁର୍ବାକ୍ୟ–ବି. (ଦୁର୍-ବାକ୍ୟ) କଟୁବାକ୍ୟ; ଗାଳି ।

ଦୁର୍ବିଗାଢ଼–ବି. (ଦୁର୍-ବି-ଗା-ତ) ଦୁର୍ବୋଧ୍ୟ, ଗଭୀର । ଦୁର୍ଯୋଜନା ।

ଦୁର୍ବିପାକ–ବି. (ଦୁର୍-ବିପାକ) ମନ୍ଦପରିଣାମ;

ଦୁର୍ବିସହ–ବି. (ଦୁର୍-ବି-ସହ୍-ଅ) ଅତି କଷ୍ଟରେ ସହନୀୟ ।

ଦୁର୍ବୃତ୍ତ–ବି.(ଦୁର୍-ବୃତ୍-ତ)ଦୁଶ୍ଚରିତ୍ର; ଦୁର୍ଜନ ।

ଦୁଶ୍ଚେଷ୍ଟିତ–ବି. (ଦୁର୍-ଚେଷ୍ଟିତ) ମନ୍ଦଚେଷ୍ଟା ।

ଦୁଷ୍କର–ବି. (ଦୁର୍-କୃ-ଅ) ଯାହା ଅତି କଷ୍ଟରେ କରାଯାଏ; ଦୁଃସାଧ୍ୟ ।

ଦୁଷ୍କର୍ମ–ବି. (ଦୁର୍-କର୍ମନ୍) ମନ୍ଦକର୍ମ ।

ଦୁଷ୍କର୍ମୀ–ବି. ଦୁଷ୍କର୍ମକାରୀ ।

ଦୁଷ୍କାଳ–ବି. (ଦୁର୍-କାଳ) ମନ୍ଦକାଳ; ଦୁର୍ଭିକ୍ଷ ।

ଦୁଷ୍କୁଳ–ବି. (ଦୁର୍-କୁଳ) ମନ୍ଦବଂଶ ।

ଦୁଷ୍କୃତ–ବି. (ଦୁର୍-କୃତ) ଦୁଷ୍କର୍ମ ।

ଦୁଷ୍କୃତି–ବି. (ଦୁର୍-କୃ-ତି) ଦୁଷ୍କର୍ମ ।

ଦୁଷ୍କୃତୀ–ବି. (ଦୁର୍-କୃତ-ଇନ୍) ଦୁଷ୍କୃତକାରୀ ।

ଦୁଷ୍ଟ–ବି. (ଦୁଷ୍-ତ) ଦୋଷଯୁକ୍ତ; ଅଧାର୍ମିକ; ଦୁର୍ଜନ । [ଅତି ପ୍ରତାପୀ ।

ଦୁଷ୍ପ୍ରଧର୍ଷ–ବି. ( ଦୁର୍-ପ୍ର-ଧୃଷ୍-ଅ ) ଦୁର୍ଦ୍ଧର୍ଷ;

ଦୁଷ୍ପ୍ରବୃତ୍ତି–ବି. (ଦୁର୍-ପ୍ର-ବୃତ୍-ତି) ମନ୍ଦପ୍ରବୃତ୍ତି ।

ଦୁଷ୍ପ୍ରବେଶ–ବି. (ଦୁର୍-ପ୍ରବେଶ) ଦୁର୍ଗମ ।

ଦୁଷ୍ପ୍ରମେୟ–ବି. ( ଦୁର୍-ପ୍ରମେୟ ) ଯାହାର ପରିମାଣ କରିବା କଠିନ ।

ଦୁଷ୍ପ୍ରାପ୍ୟ–ବି. (ଦୁର୍-ପ୍ରାପ୍ୟ) ଦୁର୍ଲଭ ।

ଦୁସ୍ତର–ବି. (ଦୁର୍-ତୃ-ଅ) ଦୁରତିକ୍ରମ, ଯାହା ପାରହେବା କଠିନ ।

ଦୁଶ୍ମନ୍–ବି. (ପାର୍ସୀଭାଷା) ଶତ୍ରୁ ।

ଦୁହୁଡ଼ା–ବି. (ଦୁ ହ-ଡ଼ା) କହ୍ୟା । (ଦୁଇ ହାତରେ ଲୋକମାନେ ଯେଉଁ ଦୋହନ କରୁଥିଲେ ।)

ଦୁହିବା–କ୍ରି. ( ଦୁହ୍ଧାତୁ ) ଦୋହନ କରିବା ।

ଦୁହ୍ୟମାନ-ବି. (ଦୁହ୍-ଯ-ଆନ) ଯାହାକୁ ଦୋହନ କରାଯାଉଅଛି ।

ଦୂତ-ବି. (ଦୁ-ତ) ବାର୍ତ୍ତାବହ; ସନ୍ଦେଶବାହକ ।

ଦୂତିକା
ଦୂତୀ } ସ୍ତ୍ରୀ. ବାର୍ତ୍ତା-ବାହିକା ।

ଦୂତ୍ୟ-ବି. (ଦୂତ-ଯ) ଦୂତର କାର୍ଯ୍ୟ; ଦୂତଧର୍ମ ।

ଦୂରି-ବି. ବସ୍ତ୍ରଖଣ୍ଡରେ ଛିଦ୍ର; ବି. ଅସ୍ଥିର ।

ଦୂରଦର୍ଶୀ-ବି. (ଦୂର-ଦୃଶ୍-ଣିନ୍) ଅନେକ ଦୂର ପର୍ଯ୍ୟନ୍ତ ଯେ ଦେଖିପାରେ; ପରିଣାମଦର୍ଶୀ; ବିଜ୍ଞ ।

ଦୂରବର୍ତ୍ତୀ-ବି. (ଦୂର-ବୃତ୍-ଣିନ୍) ଦୂରସ୍ଥିତ ।

ଦୂରବୀକ୍ଷଣ-ବି. (ଦୂର-ବି-ଈକ୍ଷ୍-ଅନ) ଅତିଦୂରସ୍ଥ ବସ୍ତୁ ଦେଖିବାର ଯନ୍ତ୍ର ।

ଦୂରସ୍ଥ-ବି. (ଦୂର-ସ୍ଥା-ଅ) ଦୂରବର୍ତ୍ତୀ ।

ଦୂରାରୂଢ଼-ବି. (ଦୂର-ଆ-ରୁହ୍-ତ) ଗାଢ଼; ବହୁମୂଳ ।

ଦୂରୀକୃତ-ବି. (ଦୂର-ଚ୍ୱି-କୃ-ତ) ଦୂରରୁ ଅପ-ସାରିତ ।

ଦୂର୍ବା-ସ୍ତ୍ରୀ. (ଦୂର୍ବ୍-ଅ-ଆ) ଦୁବଘାସ ।

ଦୂଷକ-ବି. (ଦୂଷ-ଅକ) ଯେ ଦୋଷଦିଏ ।

ଦୂଷଣ-ବି. (ଦୂଷ-ଅନ) ଦୋଷ ।

ଦୂଷିତ-ବି. (ଦୂଷ୍-ତ) ଦୋଷଯୁକ୍ତ; ନିନ୍ଦିତ ।

ଦୂଷ୍ୟ-ବି. (ଦୂଷ-ଯ) ଦୂଷଣୀୟ; ନିନ୍ଦନୀୟ ।

ଦୃକ୍-ସ୍ତ୍ରୀ. (ଦୃଶ୍-କ୍ୱିପ୍) ଚକ୍ଷୁ ।

ଦୃକ୍ପାତ-ବି. ଦୃଷ୍ଟିନିକ୍ଷେପ; ଦୃଷ୍ଟିକ୍ଷେପ ।

ଦୃଢ଼-ବି. (ଦୃହ୍-ତ) କଠିନ; ସମର୍ଥ; ସ୍ଥିର ।

ଦୃଢ଼ତା-ବି. (ଦୃଢ଼-ତା) କାଠିନ୍ୟ; ସ୍ଥିରତା; ଅଚଳିତଭାବ ।

ପଞ୍ଚତା } ପଞ୍ଚତ୍ୱ } ବି. ( ପଞ୍ଚନ୍-ତା, ତ୍ୱ ) ଶରୀରର ପଞ୍ଚ-ଭୂତର ପୃଥକ୍ଭାବ ପଞ୍ଚଭୂତ ସଙ୍ଗେ ମିଳନ; ମରଣ ।

ପଞ୍ଚଦଶ-ବିଣ. (ପଞ୍ଚନ୍-ଦଶନ୍-ଷ) ପନର ସଂଖ୍ୟାର ପୂରକ । [ପୂର୍ଣ୍ଣିମା ।

ପଞ୍ଚଦଶୀ-ବି. (ପଞ୍ଚଦଶ-ଈ) ଅମାବାସ୍ୟା ;

ପଞ୍ଚଧା-କ୍ରି. ବିଣ. (ପଞ୍ଚନ୍-ଧା) ପାଞ୍ଚପ୍ରକାର ।

ପଞ୍ଚନଦ-ବି. (ପଞ୍ଚନ୍-ନଦ) ଶତଦ୍ରୁ, ବିପାଶା, ଇରାବତୀ, ଚନ୍ଦ୍ରଭାଗା ଓ ବିତସ୍ତା ଏହି ପାଞ୍ଚନଦୀ-ଯୁକ୍ତ ଦେଶ; ପଞ୍ଜାବ ।

ପଞ୍ଚନିମ୍ବ-ବି. (ପଞ୍ଚନ୍-ନିମ୍ବ) ନିମ୍ବବୃକ୍ଷର ପତ୍ର, ଛାଲ, ମୂଳ, ଫଳ ଓ ଫୁଲ ।

ପଞ୍ଚପ୍ରାଣ-ବି. ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ, ଶରୀରସ୍ଥ ଏହି ପଞ୍ଚବାୟୁ ।

ପଞ୍ଚଭୂତ-ବି. (ପଞ୍ଚନ୍-ଭୂତ) କ୍ଷିତି, ଜଳ, ତେଜ, ମରୁତ୍ ଓ ବ୍ୟୋମ ଏହି ପାଞ୍ଚ ମହାଭୂତ ।

ପଞ୍ଚମ-ବିଣ. (ପଞ୍ଚନ୍-ମ) ପାଞ୍ଚର ପୂରଣ; ବି. ସ୍ୱର-ବିଶେଷ; କୋକିଳର ରବ ।

ପଞ୍ଚମହାଯଜ୍ଞ-ବି. ମନୁସଂହିତା ମତରେ ଦେବ-ଯଜ୍ଞ, ଭୂତଯଜ୍ଞ, ପିତୃଯଜ୍ଞ, ନୃଯଜ୍ଞ ଓ ବ୍ରହ୍ମଯଜ୍ଞ ଗୃହସ୍ଥର ଏହି ପଞ୍ଚଯଜ୍ଞ ବା ନିତ୍ୟ କର୍ତ୍ତବ୍ୟ କର୍ମ ।

ପଞ୍ଚମୀ-ବି. (ପଞ୍ଚମ-ଈ) ତିଥିବିଶେଷ ।

ପଞ୍ଚମୁଖ-ବି. (ପଞ୍ଚନ୍-ମୁଖ) ଶିବ; ସିଂହ ।

ପଞ୍ଚଯଜ୍ଞ-ବି. (ପଞ୍ଚନ୍-ଯଜ୍ଞ) ବ୍ରହ୍ମଯଜ୍ଞ, ନୃଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ଭୂତଯଜ୍ଞ ।

ପଞ୍ଚରତ୍ନ-ବି. (ପଞ୍ଚନ୍-ରତ୍ନ) କନକ, ହୀରକ, ମୁକ୍ତା, ନୀଳକାନ୍ତ ଓ ପଦ୍ମରାଗ ଏହି ପାଞ୍ଚ ।

ପଞ୍ଚଲୌହ-ବି. (ପଞ୍ଚନ୍-ଲୌହ) ସୁବର୍ଣ୍ଣ, ରଜତ, ତାମ୍ର, ରଙ୍ଗ ଓ ସୀସକ ଏହି ପଞ୍ଚଧାତୁ ।

ପଞ୍ଚବଟୀ-ବି. ଦଣ୍ଡକାରଣ୍ୟସ୍ଥ ସ୍ଥାନବିଶେଷ ।

ପଞ୍ଚବାଣ, ପଞ୍ଚଶର } ବି. (ପଞ୍ଚନ୍-ବାଣ, ଶର) କନ୍ଦର୍ପ; ପଞ୍ଚବାଣ ଯଥା, ଅଶୋକ, ଅର-ବିନ୍ଦ, ଚୂତ, ନବମାଳିକା, ନୀଳ ପଦ୍ମ ।

ପଞ୍ଚାଙ୍ଗ-ବି. (ପଞ୍ଚନ୍-ଅଙ୍ଗ) ତିଥି, ବାର, ନକ୍ଷତ୍ର, ଯୋଗ ଓ କରଣ, ଜ୍ୟୋତିଷଶାସ୍ତ୍ରର ଏହି ପାଞ୍ଚଅଙ୍ଗ; ପଞ୍ଜିକା ।

ପଞ୍ଚାନନ-ବି. (ପଞ୍ଚନ୍-ଆନନ) ଶିବ; ସିଂହ ।

ପଞ୍ଚାମୃତ-ବି. (ପଞ୍ଚନ୍-ଅମୃତ) ଦଧି, ଦୁଗ୍ଧ, ଘୃତ, ମଧୁ ଓ ଶର୍କରା ଏହି ପାଞ୍ଚ । [ବିଶେଷ ।

ପଞ୍ଚାୟତ-ବି. କୌଣସି ବିଷୟ ମୀମାଂସା କରିବା-ପାଇଁ ପାଞ୍ଚଜଣଙ୍କର ସଭା । [ବିଶେଷ ।

ପଞ୍ଚାଳ-ବି. ପ୍ରାଚୀନ ଭାରତବର୍ଷର ପ୍ରଦେଶ—

ପଞ୍ଚାଶତ୍-ବିଣ. ପଚାଶ ସଂଖ୍ୟା, ୫୦ ।

ପଞ୍ଚାଶୀତି-ବିଣ. (ପଞ୍ଚ-ଅଶୀତି) ୮୫ ସଂଖ୍ୟା ।

ପଞ୍ଚେନ୍ଦ୍ରିୟ-ବି. (ପଞ୍ଚନ୍-ଇନ୍ଦ୍ରିୟ) ଚକ୍ଷୁ, କର୍ଣ୍ଣ, ନାସିକା, ତ୍ୱକ୍ ଓ ଜିହ୍ୱା ଏହି ପାଞ୍ଚ ଇନ୍ଦ୍ରିୟ ।

ପଞ୍ଚେଷୁ-ବି. (ପଞ୍ଚନ୍-ଇଷୁ) ପଞ୍ଚଶର; କନ୍ଦର୍ପ ।

ପଞ୍ଜର-ବି. (ପଚ୍-ଅର) ପିଞ୍ଜର; କଙ୍କାଳ ।

ପଞ୍ଜିକା, ପଞ୍ଜୀ } ବି. ପାଞ୍ଜି; ଜ୍ୟୋତିଷଶାସ୍ତ୍ର କାଳଜ୍ଞାପକ ଗ୍ରନ୍ଥ ।

ପଞ୍ଜୀକାରୀ-ବି. ଯେ ପାଞ୍ଜି ପ୍ରସ୍ତୁତ କରେ ।

ପଞ୍ଜୁରି-ବି. (ପଞ୍ଜରଶବ୍ଦଜ) ପିଞ୍ଜରା ।

ପଞ୍ଝ-ବି. ପଟ ; ବସ୍ତ୍ର ।

ପଟ-ବି. (ପଟ୍-ଅ) ବସ୍ତ୍ର ; ଚିତ୍ରପଟ; ଯବନିକା ।

ପଟ-ବି. ଘୋଡାର ମୁହଁରୁ ଏକ ଚୋପା ।

ପଟକା—ବି. ବାରୁଦ-ପୂରିତ କାଗଜ-ବନ୍ଧ ।

ପଟଣୀ—ବି. (ପଟ୍ଟନୀ ଶବ୍ଦଜ) ଖାଜଣା ।

ପଟ-ମଣ୍ଡପ—ବି. ତମ୍ବୁ ।

ପଟଳ—ବି. (ପଟ୍-ଅଳ) ଘର; ସମୂହ; ଚକ୍ଷୁ-ରୋଗବିଶେଷ ।

ପଟହ—ବି. (ପଟ-ହା-ଅ) ନାଗରା; ରଣଢକ୍କା ।

ପଟା—ବି. ତକ୍ତା ।

ପଟାନ୍ତର—ବି. (ପଟ-ଅନ୍ତର) ତୁଳନା; ଉପମା ।

ପଟିକା } ବି. ବସ୍ତ୍ରବିଶେଷ; ପଟ୍ଟା; ଜମିଭୋଗର
ପଟୀ } ଅଧିକାର ପତ୍ର ।

ପଟିମା—ବି. (ପଟୁ-ଇମନ୍) ପଟୁତା; ଦକ୍ଷତା ।

ପଟୁ—ବିଂ. ନିପୁଣ; ଚତୁର ।

ପଟୁଆରି—ବି. ଜମି ମାପିବାର କର୍ମଚାରୀ ।

ପଟୋଳ—ବି. ଲତାବିଶେଷ ଓ ତାହାର ଫଳ ।

ପଟ୍ଟ—ବି. (ପଟ୍-ତ) ସିଂହାସନ; ଫଳକ; ପଟ; ପାଟବସ୍ତ୍ର; ବିଂ. ପ୍ରଧାନ ।

ପଟ୍ଟ-ସୂତ୍ର—ବି. ତନ୍ତୁ; ରେଶମନିର୍ମିତ ସୂତ୍ର ।

ପଟ୍ଟଦେବୀ } ବି. ପାଟ-ରାଣୀ; ରାଜାଙ୍କ ପ୍ରଧାନ
ପଟ୍ଟମହିଷୀ } ମହିଷୀ ।

ପଟ୍ଟା—ବି. ଜମି ଭୋଗ କରିବାର ଅନୁମତି-ପତ୍ର ।

ପଟ୍ଟାଂଶୁ—ବି. ଶୁକ୍ଳ ବସ୍ତ୍ରବିଶେଷ ।

ପଠନ—ବି. (ପଠ୍-ଅନ) ପାଠ; ଅଧ୍ୟୟନ ।

ପଠନୀୟ—ବିଂ. (ପଠ୍-ଅନୀୟ) ପାଠଯୋଗ୍ୟ ।

ପଠା—ବି. ପୁଷ୍ଟବୃଷ; ଛାଗମଧ୍ୟସ୍ଥ ବୋଦାଛାଗ ।

ପଠାଇବା—କ୍ରି. ପ୍ରେରଣ କରିବା ।

ପଠାଣ—ବି. ମୁସଲମାନମାନଙ୍କର ଏକବର୍ଗ ।

ପଠିତ—ବିଂ. (ପଠ୍-ତ) ଅଧୀତ; ଉଚ୍ଚାରିତ ।

ପଠ୍ୟମାନ—ବିଂ. (ପଠ୍-ଯ-ମାନ) ଯାହା ପଢ଼ା-ଯାଉଅଛି ।

ପଡ଼ା—ବି. ପାଡ଼ା; ଗ୍ରାମ ବା ନଗରର ଅଂଶ ।

ପଡ଼ି—ବି. କୌଣସି ଲୋକର ଭରଣପୋଷଣାର୍ଥ ତାକୁ ଦତ୍ତ ଖାଦ୍ୟାଂଶ । [ଭୂମି ।

ପଡ଼ିଆ—ବି. (ପତିତ ଶବ୍ଦଜ) ଅକୃଷ୍ଟ ଭୂମି; ପଦା–

ପଡ଼ିବା—କ୍ରି. (ପତ୍‌ଧାତୁଜ) ପତିତ ହେବା ।

ପଡ଼ିହାରି—ବିଂ. (ପ୍ରତିହାରୀ ଶବ୍ଦଜ) ଦ୍ୱାରପାଳ; ସେବକଜାତି ବିଶେଷ ।

ପଡ଼ୋଶୀ—ବି. (ପ୍ରତିବାସୀ ଶବ୍ଦଜ) ପ୍ରତିବାସୀ ।

ପଢ଼ା—ବିଂ. ପଠିତ ।

ପଢ଼ିବା—କ୍ରି. (ପଠ୍-ଧାତୁଜ) ପାଠ କରିବା; ଅଧ୍ୟୟନ କରିବା ।

ପଢ଼ୁଆ—ବି. (ପଠ୍‌ଧାତୁଜ) ଛାତ୍ର; ପାଠକ ।

ପଣ—ବି. (ପଣ୍-ଅ) ପ୍ରତିଜ୍ଞା, ବାଜିମାରିବା; ମୂଲ୍ୟ; ୨୦ ଗଣ୍ଡା ପରିମାଣ । [ବି.,ବହୁତ ।

ପଣ—ବି. ଭାବ, ଅବସ୍ଥା (ଓଡ଼ିଆ ପ୍ରତ୍ୟୟ ରୂପେ

ପଣକିଆ—ବି. ଯାହାରେ ପଣହିସାବ ଗଣନା ।

ପଣତ—ବି. ଶାଢ଼ୀର କାନି ।

ପଣବ—ବି. ବାଦ୍ୟଯନ୍ତ୍ରବିଶେଷ ।

ପଣସ—ବି. ଫଳବିଶେଷ ।

ପଣା—ବି. (ପ୍ରପାନକ ଶବ୍ଦଜ) ଶର୍କରାଦିମିଶ୍ରିତ ଜଳ ।

ପଣାଙ୍ଗନା—ବି. (ପଣ-ଅଙ୍ଗନା) ବେଶ୍ୟା ।

ପଣାସଂକ୍ରାନ୍ତି—ବି. ମହାବିଷୁବ ସଂକ୍ରାନ୍ତି ।

ପଣିତ-ବି. (ପଣ୍-ତ) ବିକ୍ରୀତ; ଶାନ୍ତ।

ପଣ୍ଡ-ବି. (ପଣ୍ଡ୍-ଅ) ନପୁଂସକ; କ୍ଲୀବ।

ପଣ୍ଡା-ସ୍ତ୍ରୀ. (ପଣ୍ଡ୍-ଅ) ବୁଦ୍ଧିବୃତ୍ତି; ଶାସ୍ତ୍ରଜ୍ଞାନ; ବ୍ରାହ୍ମଣ-ପଦବୀବିଶେଷ।

ପଣ୍ଡା-ବି. ପଣ୍ଡିତସମୂହ।

ପଣ୍ଡିତ-ବି. (ପଣ୍ଡା-ଇତ) ଶାସ୍ତ୍ରଜ୍ଞ; ବିଦ୍ୱାନ; ନିପୁଣ; ଦକ୍ଷ; ମେଧାବୀ।

ପଣ୍ଡିତମ୍ମନ୍ୟ-ବି. ଯେ ପଣ୍ଡିତ ହୋଇ ଅଭିମାନ କରେ।

ପଣ୍ୟ-ବି. (ପଣ-ଯ) ବିକ୍ରେୟ; ବ୍ୟବହାର୍ଯ୍ୟ।

ପଣ୍ୟ-ବୀଥି-ବି. ହାଟ; ବିକ୍ରୟର ଦୋକାନ।

ପଣ୍ୟ-ଶାଳା-ବି. ଦୋକାନ; ହାଟ।

ପଣ୍ୟସ୍ତ୍ରୀ-ବି. ବେଶ୍ୟା।

ପତଙ୍ଗ } ବି. (ପତ୍-ଗମ୍-ଅ) ଶଲଭ; ଫଡ଼ିଙ୍ଗା;
ପତଙ୍ଗମ } ସୂର୍ଯ୍ୟ; ପକ୍ଷୀ।

ପତତ୍ର-ବି. (ପତ୍-ତ୍ରୈ-ଅ) ପକ୍ଷୀର ଡେଣା।

ପତତ୍ରୀ-ବି. (ପତତ୍ର-ଇନ୍) ପକ୍ଷୀ।

ପତନ-ବି. (ପତ୍-ଅନ) ପଡ଼ିବା; ସ୍ଖଳନ; ପାପ।

ପତଗ-ବି. ପକ୍ଷୀ; ଶର, ପତଙ୍ଗମାତ୍ର।

ପତଗଣଉଲୁଖୀ ବି. ସ.ବିଶେଷ ସ୍ତ୍ରୀକାର-ବିଶେଷ।

ପତାକା-ବି. (ପତ୍-ଆକ-ଆ) ଝଣ୍ଡା; ଧ୍ୱଜପଟ।

ପତାକୀ-ବି. (ପତାକା-ଇନ୍) ପତାକାଧାରୀ; ରଥ।

ପତି-ବି. (ପା-ଡତି) ଭର୍ତ୍ତା; ପ୍ରଭୁ।

ପତି-ବି. (ସ୍ତ୍ରୀଲିଙ୍ଗ। ପଙ୍କ୍ତିର ପ୍ରଥମ ପଦ।

ପତିତ-ବି. (ପତ୍-ତ) ସ୍ଖଳିତ; ଚ୍ୟୁତ; ପାପୀ।

ପତି-ଦେବତା-ବି. ପତି ଦେବତା ଯାହାର; ସତୀ।

ପତିତ-ପାବନ-ବି. ପତିତଙ୍କ ଉଦ୍ଧାରକ।

ପତି-ପ୍ରାଣା-ବି. ପତିପ୍ରାଣେ ଯାହାର; ସତୀ।

ପତିମ୍ବରା-ବି. (ପତି-ବୃ-ଅ) ସ୍ୱୟଂବରା।

ପତିବ୍ରତା-ବି. ପତି ବ୍ରତ ଯାହାର; ପତି-ପରାୟଣା।

ପତ୍ତନ-ବି. (ପତ୍-ତନ) ନଗର; ବନ୍ଦର।

ପତ୍ନୀ-ବି. (ପତି-ଈ) ବିବାହିତା ସ୍ତ୍ରୀ।

ପତ୍ର-ବି. (ପତ୍-ତ୍ର) ପତ୍ର; ପର୍ଣ୍ଣ; ପୁସ୍ତକାଦିର ପୃଷ୍ଠା; ଚିଠି; ପକ୍ଷ।

ପତ୍ରିକା } ବି. (ପତ୍ର-କ-ଆ; ପତ୍ର-ଇନ୍) ଲିପି;
ପତ୍ରୀ } ଚିଠି।

ପତ୍ରୀ-ବି. (ପତ୍ର-ଇନ୍) ପକ୍ଷୀ; ବାଣ; ବି. ପତ୍ର-ବିଶିଷ୍ଟ। [ଉପାୟ।

ପଥ-ବି. (ପଥ-ଅ) ରାସ୍ତା; ମାର୍ଗ; ବାଟ,

ପଥର-ବି. (ପ୍ରସ୍ତରଶବ୍ଦଜ) ପାଷାଣ।

ପଥି-ବି. (ପଥଶବ୍ଦଜ) ରୋଗୀର ଉଚିତ ଆହାର।

ପଥିକ-ବି. (ପଥିନ୍-କ) ବାଟୋଇ; ଭ୍ରମଣକାରୀ।

ପଥୁଆ-ବି. ପଥିକ।

ପଥୁରି-ବି. ପଥର-ଖଣ୍ଡିଆ।

ପଥୁରିଆ-ବି. ପଥରକାମ ଯେ କରେ।

ପଥ୍ୟ-ବି. (ପଥ୍-ଯ) ହିତକର; ବି. ରୋଗୀର ଯୋଗ୍ୟ ଆହାର।

ପଥ୍ୟାଶୀ—ବି. (ପଥ୍ୟ-ଅଶ୍-ଇନ୍) ପଥ୍ୟସେବକ ।

ପଦ—ବି. ( ପଦ୍-ଅ ) ଚରଣ; ପଦଚିହ୍ନ; ବାକ୍ୟଖଣ୍ଡ; ସ୍ଥାନ; ପଦବୀ; ପଦ୍ୟାଂଶ ।

ପଦକ—ବି. (ପଦ-କ) କଣ୍ଠଭୂଷଣ ।

ପଦବୀ—ବି. ( ପଦ୍-ଅବ୍-ଈ ) ପଥ; ଉପାଧି;

ପଦା—ବି. ପଡିଆ । [ବ୍ୟବସାୟ ।

ପଦାଙ୍କ—ବି. (ପଦ-ଅଙ୍କ) ପଦଚିହ୍ନ ।

ପଦାତି }
ପଦାତିକ } ବି. (ପଦ-ଅତ୍-ଇ-କ) ପାଦଚାରୀ ସୈନ୍ୟ; ପାଇକ ।

ପଦାରବିନ୍ଦ—ବି. (ପଦ-ଅରବିନ୍ଦ) ପାଦପଦ୍ମ ।

ପଦାର୍ଥ—ବି. (ପଦ-ଅର୍ଥ) ପଦର ଅର୍ଥ; ବସ୍ତୁ ।

ପର୍ଦ୍ଦିକା—ବି. ଭୂମିପରିମାପକ ଖଣ୍ଡ ।

ପଦ୍ଧତି—ବି. (ପଦ୍-ହନ୍-ତି) ପଥ; ରୀତି; ପ୍ରଣାଳୀ; ଉପାୟ ।

ପଦ୍ମ—ବି. (ପଦ୍-ମ) କମଳ; ସଂଖ୍ୟାବିଶେଷ ।

ପଦ୍ମକ—ବି. ହାତୀ ଦେହରେ ରକ୍ତବର୍ଣ୍ଣ ବିନ୍ଦୁ ବିନ୍ଦୁ

ପଦ୍ମନାଭ—ବି. (ପଦ୍ମ-ନାଭି) ବିଷ୍ଣୁ । [ଚିହ୍ନ ।

ପଦ୍ମ-ବନ୍ଧୁ—ବି. ସୂର୍ଯ୍ୟ; ଭ୍ରମର ।

ପଦ୍ମଭୂ }
ପଦ୍ମଯୋନି } ବି. (ପଦ୍ମ-ଭୂ, ଯୋନି) ବ୍ରହ୍ମା ।

ପଦ୍ମ-ରାଗ—ବି. ରକ୍ତବର୍ଣ୍ଣ ମଣିବିଶେଷ ।

ପଦ୍ମା—ବି. (ପଦ୍ମ-ଆ) ଲକ୍ଷ୍ମୀ । [ଶୟ ।

ପଦ୍ମାକର—ବି. (ପଦ୍ମ-ଆକର) ପଦ୍ମପୂର୍ଣ୍ଣ ଜଳା-

ପଦ୍ମାଳୟା—ବି. (ପଦ୍ମ-ଆଳୟ) ଲକ୍ଷ୍ମୀ ।

ପଦ୍ମାସନ—ବି. ( ପଦ୍ମ-ଆସନ ) ବାମ ପାଦକୁ ଦକ୍ଷିଣ ପାଦୋପରି ଓ ଦକ୍ଷିଣ ପାଦକୁ ବାମ ପାଦୋପରି ସଂସ୍ଥାପନପୂର୍ବକ ଉପବେଶନ ।

ପଦ୍ମିନୀ—ବି. (ପଦ୍ମ-ଇନ୍-ଈ) କମଳିନୀ; ପଦ୍ମ-ସମୂହ; ସୁଲକ୍ଷଣା ସ୍ତ୍ରୀ ।

ପଦ୍ମିନୀ-ବଲ୍ଲଭ—ବି. (ପଦ୍ମିନୀ-ବଲ୍ଲଭ) ସୂର୍ଯ୍ୟ ।

ପଦ୍ୟ—ବି. (ପଦ୍-ଯ) ଛନ୍ଦୋବଦ୍ଧ ପଦ ।

ପଧାନି—ବି. (ପ୍ରଧାନଶବ୍ଦଜ) ଗ୍ରାମର ପ୍ରଧାନବ୍ୟକ୍ତି; ଉପାଧିବିଶେଷ ।

ପନସ—ବି. (ପନ୍-ଅସ) ପଣସଗଛ; ପଣସଫଳ ।

ପନି—ବି. ଚିନିକରର ପଦାର୍ଥବିଶେଷ ।

ପନ୍ଥା—ବି. (ପନ୍ଥ୍-ଶବ୍ଦଜ) ପଥ; ଉପାୟ ।

ପନାରି—ବି. ଓଲି ।

ପନ୍ନଗ—ବି. (ପଦ୍-ନ-ଗମ୍-ଅ) ସର୍ପ; ଭୁଜଙ୍ଗ ।

ପନ୍ନଗାରି }
ପନ୍ନଗାଶନ } ବି. ( ପନ୍ନଗ-ଅରି, ଅଶନ ) ଗରୁଡ ।

ପୟଃ—ବି. (ପା-ଅସ୍) ଦୁଗ୍ଧ; ଜଳ ।

ପୟସ୍ୱିନୀ—ବି. (ପୟସ୍-ବିନ୍-ଈ) ଦୁଗ୍ଧବତୀ ।

ପୟୋଦ—ବି. (ପୟସ୍-ଦା-ଅ) ମେଘ; ଜାଇ-ଫଳ ।

ପୟୋଧର—ବି. (ପୟସ୍-ଧୃ-ଅ) ମେଘ; ସ୍ତନ ।

ପୟୋଧି }
ପୟୋନିଧି } ବି. ପୟସ୍-ଧି, ନିଧି) ସମୁଦ୍ର; ସାଗର ।

ପର—ବି. (ପୃ-ଅ) ଅନ୍ୟ; ଶ୍ରେଷ୍ଠ; ପ୍ରଧାନ; ଦୂର; ପଶ୍ଚାତ୍; ଅଧିକ; ବି. ଶତ୍ରୁ ।

ପର—ବି. (ଫା'ର୍ସୀ) ପକ୍ଷୀର ପକ୍ଷ ।

ପର-କାଳ-ବି. ଉତ୍ତରକାଳ; ଘଟଣାପରର ପରବର୍ତ୍ତୀ କାଳ ।

ପରକୀୟ-ବିଂ. (ପର-କ-ଈୟ) ଅନ୍ୟ ସମ୍ବନ୍ଧୀୟ ।

ପରଖ-ବି. (ପରୀକ୍ଷାଶବ୍ଦଜ) ପରୀକ୍ଷା ।

ପରଗଣା-ବି. (ପାର୍ସୀ) ଦେଶର ଏକ ଅଂଶ ।

ପରଚ-ବି. (ପରିଚୟଶବ୍ଦଜ) ପରିଚୟ; ଚିହ୍ନା ।

ପରଚ୍ଛନ୍ଦାନୁବର୍ତ୍ତୀ-ବିଂ. (ପର-ଛନ୍ଦ-ଅନୁବର୍ତ୍ତୀ) ଅନ୍ୟ ଲୋକର ଅଭିଳାଷର ଅଧୀନ ।

ପର-ତନ୍ତ୍ର-ବିଂ. ପରାଧୀନ ।

ପରତେ-ବି. (ପ୍ରତ୍ୟୟଶବ୍ଦଜ) ପ୍ରତ୍ୟୟ; ବିଶ୍ୱାସ ।

ପରତ୍ର-ଅ. (ପର-ତ୍ର) ପରକାଳରେ ।

ପରଦା-ବି. (ପାର୍ସୀ) ଯବନିକା; ଆବରଣ ।

ପରଦା-ନସିନ୍-ବି. (ପାର୍ସୀ) ଅବରୋଧବାସିନୀ ।

ପର-ଦାର-ବି. ପରସ୍ତ୍ରୀ; ପରସ୍ତ୍ରୀଗମନ ।

ପରନ୍ତପ-ବିଂ. (ପର-ତପ) ଶତ୍ରୁର ତାପଦାୟକ ।

ପରନ୍ତୁ-ଅ. (ପରମ୍-ତୁ) କିନ୍ତୁ; ଅଧିକନ୍ତୁ ।

ପର-ପୁଷ୍ଟ-ବି. କୋକିଳ; ବିଂ. ଅନ୍ୟଦ୍ୱାରା ପାଳିତ ।

ପର-ପୂର୍ବା-ବି. ଯେ ସ୍ତ୍ରୀ ପୂର୍ବପତି ତ୍ୟାଗ କରି ଅନ୍ୟପତି ଗ୍ରହଣ କରେ ।

ପର-ବଶ-ବିଂ. ପରାଧୀନ ।

ପର-ବ୍ରହ୍ମ-ବି. ପରମେଶ୍ୱର; ପରମ ପୁରୁଷ ।

ପରବାନା-ବି. (ପାର୍ସୀ) ଲିଖିତ ଚିଠି ।

ପରଶ୍ରୀକାତର-ବିଂ. (ପର-ଶ୍ରୀ-କାତର) ଯେ ପରଙ୍କର ଉନ୍ନତିରେ ଦ୍ୱେଷ ଅଥବା ଈର୍ଷା କରେ ।

ପରମ-ବିଂ. (ପର-ମା-ଅ) ଶ୍ରେଷ୍ଠ; ପ୍ରଧାନ; ଅତ୍ୟନ୍ତ; ଶେଷ ।

ପରମ-ପଦ-ବି. ମୁକ୍ତି; ଶ୍ରେଷ୍ଠ ପଦବୀ ।

ପରମ ହଂସ-ବି. ମହାଯୋଗୀ; ଶ୍ରେଷ୍ଠ ସନ୍ନ୍ୟାସୀ ।

ପରମାଣୁ-ବି. (ପରମ-ଅଣୁ) ପଦାର୍ଥର ସୂକ୍ଷ୍ମତମ ଅବିଭାଜ୍ୟ ଅଂଶ ।

ପରମାତ୍ମା-ବି. (ପରମ-ଆତ୍ମନ୍) ପରମେଶ୍ୱର ।

ପରମାୟୁଃ-ବି. (ପରମ-ଆୟୁସ୍) ଶେଷପର୍ଯ୍ୟନ୍ତ ଜୀବନକାଳ ।

ପରମାର୍ଥ-ବି. (ପରମ-ଅର୍ଥ) ଧର୍ମ; ଶ୍ରେଷ୍ଠତତ୍ତ୍ୱ ।

ପରମେଶ୍ୱର-ବି. (ପରମ-ଈଶ୍ୱର) ପରମାତ୍ମା ।

ପରମେଷ୍ଠୀ-ବି. (ପରମ-ସ୍ଥା-ଇନ୍) ବ୍ରହ୍ମା; ପରମେଶ୍ୱର ।

ପରମ୍ପରା-ବି. (ପର-ପର-ଅ) ଧାରା; ଶ୍ରେଣୀ; ଅନୁକ୍ରମ; ବଂଶ ।

ପରାଳି-ବି. ଦେହଦେଶୀୟ ଦେଶେଷ ।

ପର-ଲୋକ-ବି. ଇହଲୋକର ଅତୀତ ଲୋକ; ମୃତ୍ୟୁ ।

ପରବାନ୍-ବିଂ. (ପର-ବତ୍) ପରାଧୀନ ।

ପରଶ-ପଥର-ବି. (ସ୍ପର୍ଶପ୍ରସ୍ତର) ସ୍ପର୍ଶମଣି; ଯାହାର ସ୍ପର୍ଶରେ ଲୁହା ସୁନା ହୋଇଯାଏ ।

ପରଶୁ-ବି. (ପର-ଶୃ-ଉ) କୁଠାର; କୁରାଢ଼ୀ ।

ପରଶୁ-ରାମ-ବି. ଜମଦଗ୍ନି ଋଷିଙ୍କ ପୁତ୍ର ଓ ବ୍ରାହ୍ମଣବୀର । ସେ ପିତାଙ୍କ ଆଜ୍ଞାରେ ମାତୃହତ୍ୟା କରିଥିଲେ ଓ ପୃଥିବୀକୁ କ୍ଷତ୍ରିୟଶୂନ୍ୟ କରିଥିଲେ ।

ପରଶ୍ୱଃ-ଅ. (ପର-ଶ୍ୱଃ=ଆସନ୍ତାକାଲି) ତାହାର ପରଦିନ; ପରଦିନ ।

ପରସ୍ପର-ବିଂ. ଅନ୍ୟୋନ୍ୟ; ଏକକୁ ଅପରେ ।

ପରଛନ୍ଦ-ବି. ସ୍ୱାଧୀନ ବାଞ୍ଛା ।

ପରା-ବି. (ପର-ଆ) ଶ୍ରେଷ୍ଠା ।

ପରା-ଅ. ଉପସର୍ଗ (ପୃ-ଆ) ଧର୍ଷଣ, ଅତିଶୟ, ଗତି, ବଧ, ଅଭିମୁଖ ପ୍ରଭୃତି ଅର୍ଥର ବୋଧକ ।

ପରା-ଅ. ( ପ୍ରାଚୀନକାଳ ) ଲେଖାଯାଉଥିବା ପୂର୍ବରେ ବ୍ୟବହୃତ । [ଓଡ଼ିଆ ।

ପରାକ୍-ଅ. (ପର-ଅଞ୍ଚ-କ୍ୱିପ୍) ପ୍ରତିକୂଳ; ବିମୁଖ;

ପରା-କାଷ୍ଠା-ବି. ଚରମସୀମା ।

ପରାକ୍ରମ-ବି. (ପରା-କ୍ରମ୍-ଅ) ଶକ୍ତି; ବଳ ।

ପରାକ୍ରାନ୍ତ-ବି. (ପରା କ୍ରମ୍-ତ) ଶକ୍ତିଶାଳୀ ।

ପରାଗ ବି. (ପରା-ଗ) ଧୂଳି; ପୁଷ୍ପରେଣୁ ।

ପରାଙ୍ମୁଖ-ବି. (ପରାକ୍-ମୁଖ) ବିମୁଖ ; ଅନଭି-ମୁଖ ।

ପରାଜୟ-ବି. (ପରା-ଜି-ଅ) ପରାଭବ ।

ପରାଜିତ-ବି. (ପରା-ଜି-ତ) ହାରି; ପରାଭୂତ ।

ପରାଧୀନ ବି. (ପର-ଅଧୀନ) ପରବଶ ।

ପରାଭବ-ବି. ( ପରା-ଭୂ-ଅ ) ପରାଜୟ; ତିର-ସ୍କାର ।

ପରାମର୍ଶ-ବି. (ପରା-ମୃଶ୍-ଅ) ମନ୍ତ୍ରଣା; ବିଚାର ।

ପରାୟଣ-ବି. ( ପର-ଅୟନ ) ତତ୍ପର; ବି. ଶ୍ରେଷ୍ଠ ଅବଲମ୍ବନ ।

ପରାର୍ଥ ବି. (ପର-ଅର୍ଥ) ଅନ୍ୟର ଉପକାର ।

ପରାର୍ଦ୍ଧ ବି. (ପରା-ଅର୍ଦ୍ଧ)୧୦୦୦୦୦୦୦୦୦୦୦୦୦୦୦୦୦୦୦ ଏକ ସଂଖ୍ୟା । [ଗଣିତ ।

ପରାବର୍ତ୍ତନ-ବି. (ପରା-ବୃତ୍-ଅନ) ପ୍ରତ୍ୟା-

ପରାବୃତ୍ତ-ବି. (ପରା-ବୃତ୍-ତ) ପ୍ରତ୍ୟାବୃତ୍ତ ।

ପରାଶର-ବି. ଜଣେ ମୁନି; ବ୍ୟାସଙ୍କ ପିତା ।

ପରାସ୍କନ୍ଦୀ-ବି. (ପର-ଆ-ସ୍କନ୍ଦ୍-ଇନ୍) ଚୋର ।

ପରାସ୍ତ-ବି. (ପରା-ଅସ୍-ତ) ପରାଜିତ ।

ପରାହତ-ବି. ( ପରା-ହନ୍-ତ ) ପରାଭୂତ; ବାଧିତ । [ଓଡ଼ି ।

ପରାହ୍ନ-ବି. (ପର-ଅହନ୍-ଅ) ଅପରାହ୍ନ; ଉତ୍ତର-

ପରି-ଅ. ଉପସର୍ଗ, ଚାରିଆଡ଼େ, ଅତିଶୟ, ସଂପୂର୍ଣ୍ଣତା, ସର୍ବ; ପ୍ରଭୃତି ଅର୍ଥବୋଧକ ।

ପରି-ଅ. ତୁଲ୍ୟ ।

ପରିକର-ବି. (ପରି-କୃ-ଅ) ଚଳିବା, ପରିବାର ।

ପରି-କର୍ମ-ବି. ପ୍ରସାଧନ; ଅଳଙ୍କାରଦ୍ୱାରା ସଜା-ଇବା । [ଓଡ଼ିଆ, ପରିଚ୍ଛଦ ।

ପରିକଳ୍ପିତ-ବି. ( ପରି-କ୍ଳୃପ୍-ତ ) କଳ୍ପିତ;

ପରିକୀର୍ତ୍ତିତ-ବି. (ପରି-କୀର୍ତ୍ତିତ) ପ୍ରଶଂସିତ ।

ପରିକ୍ରମଣ-ବି. (ପରି-କ୍ରମ୍-ଅନ) ଭ୍ରମଣ; ପ୍ରଦ-କ୍ଷିଣ କରିବା । [ବେଷ୍ଟନ; ସଂସରଣ ।

ପରିକ୍ରିୟା-ବି. ( ପରି-କ୍ରିୟା ) ପରିଖାଦ୍ୱାରା

ପରିଖା-ବି. (ପରି-ଖନ୍-ଅ) ଗଡ଼ଖାଇ; ଖାତ-

ପରିଗଡ଼-ବି. ବେଷ୍ଟିତ । [ଗ୍ରାମ ବେଷ୍ଟନ ।

ପରିଗ୍ରହ-ବି. (ପରି-ଗ୍ରହ୍-ଅ) ପତ୍ନୀ; ସ୍ୱୀକାର; ଆତ୍ମସାତ୍କରଣ ।

ପରିଘ-ବି. (ପରି-ହନ୍-ଅ) ଲୌହମୁଦ୍ଗର ।

ପରିଚୟ-ବି. (ପରି-ଚି-ଅ) ଚିହ୍ନିବା; ଆଳାପ ।

ପରିଚର-ବି. (ପରି-ଚର୍-ଅ) ଭୃତ୍ୟ ସେବକ; ଅନୁଚର । [ଉପାସକ ।

ପରିଚର୍ଯ୍ୟା-ବି. (ପରି-ଚର୍-ଯ-ଆ) ସେବା

ପରିଚାରକ—ବି. ( ପରି-ଚର୍-ଅକ୍ ) ଦାସ; ସେବକ।

ପରିଚାଳକ—ବି. (ପରି-ଚଲ୍-ଅକ) ଶୃଙ୍ଖଳାକାରୀ।

ପରିଚାରିକା—ବି. (ପରି-ଚର୍-ଅକ-ଆ) ଦାସୀ; ସେବିକା।

ପରିଚିତ—ବିଂ. (ପରି-ଚି-ତ) ଜ୍ଞାତ; ଚିହ୍ନିତ।

ପରିଚ୍ଛଦ—ବି. (ପରି-ଛଦ୍-ଅ) ବେଶ; ପୋଷାକ।

ପରିଚ୍ଛନ୍ନ—ବିଂ. (ପରି-ଛଦ୍-ତ) ପରିଷ୍କୃତ; ଭୂଷିତ, ଆଚ୍ଛାଦିତ।

ପରିଚ୍ଛିନ୍ନ—ବିଂ. ( ପରି-ଛିଦ୍-ତ ) ସୀମାବଦ୍ଧ; ବର୍ଜିତ; ବିଭକ୍ତ। [ଧାରକ।

ପରିଛି—ବି. (ପରିଚ୍ଛଦପଦଜ) ପଦସ୍ଥ; ଛତ୍ରଧା-

ପରିଚ୍ଛେଦ—ବି. (ପରି-ଛିଦ୍-ଅ) ଖଣ୍ଡ; ସୀମା; ନିର୍ଣ୍ଣୟ; ଗ୍ରନ୍ଥର ଅଂଶ।

ପରିଚ୍ଛେଦ୍ୟ—ବିଂ. ( ପରି-ଛିଦ୍-ଯ ) ଖଣ୍ଡନୀୟ; ନିର୍ଣ୍ଣେୟ। [ବର୍ଗ; ପରିବାର।

ପରିଜନ—ବି. (ପରି-ଜନ) ପରିବାର; ପୋଷ୍ୟ-

ପରିଖା—ବି. ଗଡ଼ଖାଇ ଚାରିପଟର ଜଳପୂର୍ଣ୍ଣ ଖାତ।

ପରିଣତ—ବିଂ. (ପରି-ନମ୍-ତ) ପକ୍ୱ, ଅବସ୍ଥାନ୍ତର ପ୍ରାପ୍ତ। [ସ୍ଥାନ୍ତର ପ୍ରାପ୍ତି; ଶେଷ।

ପରିଣତି—ବି. (ପରି-ନମ୍-ତି) ପରିପାକ; ଅବ-

ପରିଣଦ୍ଧ—ବିଂ. (ପରି-ନହ୍-ତ) ବଦ୍ଧ; ପରିବୃତ।

ପରିଣୟ—ବି. (ପରି-ନୀ-ଅ) ବିବାହ।

ପରିଣାମ—ବି. (ପରି-ନମ୍-ଅ) ଶେଷ; ପରିପକ୍ୱତା; ଅବସ୍ଥାନ୍ତର ପ୍ରାପ୍ତି। [ଦୂରଦର୍ଶୀ; ବିଜ୍ଞ।

ପରିଣାମଦର୍ଶୀ—ବିଂ. ( ପରିଣାମ-ଦୃଶ୍-ଇନ୍ )

ପରିଣାହ—ବି. (ପରି-ନହ୍-ଅ) ବିସ୍ତାର; ଓସାର।

ପରିଣୀତ—ବିଂ. (ପରି-ନୀ-ତ) ବିବାହିତ।

ପରିଣେତା—ବି. (ପରି-ନୀ-ତୃ) ବିବାହକର୍ତ୍ତା।

ପରିଣେୟ—ବିଂ. (ପରି-ନୀ-ଯ) ବିବାହଯୋଗ୍ୟ।

ପରିତଃ—କ୍ରି. ବିଂ. ( ପରି-ତସ୍ ) ଚାରିଆଡ଼େ; ସର୍ବତୋଭାବରେ।

ପରିତାପ—ବି. (ପରି-ତପ୍-ଅ) ମନସ୍ତାପ।

ପରିତୁଷ୍ଟ—ବିଂ. (ପରି-ତୁଷ୍-ତ) ସନ୍ତୁଷ୍ଟ।

ପରିତୋଷ—ବି. ( ପରି-ତୁଷ୍-ଅ ) ସନ୍ତୋଷ; ତୃପ୍ତି। ,, [ଦାତା।

ପରିତ୍ୟକ୍ତ—ବିଂ. ( ପରି-ତ୍ୟଜ୍-ତ ) ବର୍ଜିତ,

ପରିତ୍ୟାଗ—ବି. (ପରି-ତ୍ୟଜ୍-ଅ) ବର୍ଜନ, ତ୍ୟାଗ।

ପରିତ୍ରାଣ—ବି. (ପରି ତ୍ରୈ-ଅନ) ରକ୍ଷା; ଉଦ୍ଧାର।

ପରିତ୍ରାତା—ବି. (ପରି-ତ୍ରୈ-ତୃ) ପରିତ୍ରାଣକର୍ତ୍ତା।

ପରିଦେବନ—ବି. (ପରି-ଦେବ-ଅନ) ବିଳାପ; ଅନୁତାପ। [ଦେଖିବା।

ପରିଧାନ—ବି. (ପରି-ଧା-ଅନ) ପରିଧେୟବସ୍ତ୍ର

ପରିଧି—ବି. (ପରି-ଧା-ଇ) ବୃତ୍ତର ବେଢ଼; ପରି-ବେଷ୍ଟନ। [ଯୁକ୍ତ; ପିନ୍ଧିବାଯୋଗ୍ୟ।

ପରିଧେୟ—ବିଂ. (ପରି-ଧା-ଯ) ପିନ୍ଧିବାର ଉପ-

ପରିପକ୍ୱ—ବିଂ. (ପରି-ପଚ୍-ତ) ପରିଣତ; ସୁପକ୍ୱ; ଦକ୍ଷ; ବହୁଦର୍ଶୀ।

ପରିପାକ—ବି. (ପରି-ପଚ୍-ଅ) ପରିଣାମ; ପକ୍ୱତା।

ପରିପାଟୀ—ବି. (ପରି-ପଟ୍-ଇନ୍) ଶୃଙ୍ଖଳା; ଅନୁକ୍ରମ।

ପରିପୂର୍ଣ୍ଣ—ବିଂ. (ପରି-ପୃ-ତ) ସମ୍ପୂର୍ଣ୍ଣ; ବ୍ୟାପ୍ତ।

ପରିପ୍ରେକ୍ଷିତ-ବି. ( ପରି-ପ୍ର-ଈକ୍ଷ୍ ତ ) ବସ୍ତୁ ଚକ୍ଷୁକୁ ଯେପରି ଦିଶେ, ଛବିରେ ତାହାର ସେହିପ୍ରକାର ଆକାର-ନିର୍ମାଣ କଳା।

ପରିପ୍ଲବ-ବି. ( ପରି-ପ୍ଲୁ-ଅ ) ଚଞ୍ଚଳ।

ପରିପ୍ଲୁତ-ବି. (ପରି-ପ୍ଲୁ-ତ) ସିକ୍ତ; ପ୍ଲାବିତ।

ପରିବର୍ହ-ବି. (ପରି-ବର୍ହ୍-ଅ) ପରିଚ୍ଛଦ; ଉପକରଣ।

ପରିଭବ-ବି. (ପରି-ଭୂ-ଅ) ପରାଭବ; ଅବଜ୍ଞା।

ପରିଭାଷା-ବି. ( ପରି-ଭାଷ-ଅ ) ଶବ୍ଦ ଶାସ୍ତ୍ରର ଶବ୍ଦ ସଙ୍କେତ ବା ସଂଜ୍ଞା। [ସଙ୍କେତ।

ପରିଭୂତ-ବି. ( ପରି-ଭୂ-ତ ) ପରାଭୂତ;

ପରିମଳ-ବି. ( ପରି-ମଳ ) ସୁଗନ୍ଧ।

ପରିମାଣ-ବି. ( ପରି-ମା-ଅନ ) ମାପ, ଓଜନ; ସଂଖ୍ୟାକରଣ। [ପରିମାଣପତ୍ର।

ପରିମିତ-ବି. ( ପରି-ମା-ତ ) ଯଥାଯୋଗ୍ୟ

ପରିମିତି-ବି. (ପରି-ମା-ତି) ପରିମାଣ।

ପରିମେୟ-ବି. ( ପରି-ମା-ଯ ) ପରିମାଣ-ଯୋଗ୍ୟ; ପରିମିତ।

ପରିରବ୍ଧ-ବି. ( ପରି-ରଭ୍-ତ ) ଆଲିଙ୍ଗିତ।

ପରିରମ୍ଭ-ବି. ( ପରି-ରଭ୍-ଅ ) ଆଲିଙ୍ଗନ।

ପରିବର୍ତ୍ତ, ପରିବର୍ତ୍ତନ } ବି. (ପରି-ବୃତ୍-ଅ, ଅନ) ବଦଳ; ବିନିମୟ।

ପରିବର୍ତ୍ତିତ-ବି. (ପରି-ବର୍ତ୍ତି-ତ) ଯାହା ବଦଳ କରା ହୋଇଅଛି।

ପରିବା-ବି. ଦେଶୀ ତରକାରି।

ପରିବାଦ-ବି. (ପରି-ବଦ୍-ଅ) ଅପବାଦ; ନିନ୍ଦା।

ପରିବାଦିନୀ-ବି. (ପରି-ବଦ୍-ଇନ୍-ଈ) ସପ୍ତତନ୍ତ୍ରୀ-ବିଶିଷ୍ଟ ବୀଣା। [ବାଦକ।

ପରିବାଦୀ-ବି. (ପରି-ବଦ୍-ଇନ୍) ନିନ୍ଦକ; ଅପ-

ପରିବାର-ବି. (ପରି-ବୃ-ଅ) ପରିଜନ ପୋଷ୍ୟ।

ପରିବାରିତ-ବି. (ପରି-ବାରି-ତ) ବେଷ୍ଟିତ।

ପରିବାହ-ବି. ( ପରି-ବହ୍-ଅ ) ଜଳପ୍ରବାହ; ମୁହାଣ।

ପରିବୃତ-ବି. ( ପରି-ବୃ-ତ ) ବେଷ୍ଟିତ।

ପରିବେଶ-ବି. (ପରି-ବିଶ୍-ଅ) ପରିଧି; ଚନ୍ଦ୍ର ବା ସୂର୍ଯ୍ୟର ମଣ୍ଡଳ। [ଭକ୍ଷ୍ୟଦ୍ରବ୍ୟ ଅର୍ପଣ।

ପରିବେଷଣ-ବି. ( ପରି-ବିଷ୍-ଅନ ) ଭକ୍ଷ୍ୟବସ୍ତୁର

ପରିବେଷ୍ଟନ-ବି. ( ପରି-ବେଷ୍ଟ-ଅନ ) ଚାରି-ଆଡ଼େ ବେଷ୍ଟନ। [ଭ୍ରମଣବାସ।

ପରିବ୍ରାଜକ-ବି. ( ପରି-ବ୍ରଜ-ଅକ ) ସନ୍ନ୍ୟାସୀ;

ପରିବ୍ରାଜିକା-ବି. (ପରି-ବ୍ରଜ-ଅକ-ଆ) ସନ୍ନ୍ୟାସିନୀ; ଭ୍ରମଣକାରିଣୀ।

ପରିଶିଷ୍ଟ-ବି. ( ପରି-ଶିଷ୍-ତ) ଅବଶିଷ୍ଟ; ଗ୍ରନ୍ଥ-ସମାପ୍ତିପରେ ସଂଯୁକ୍ତ ଅଂଶ। [ପରିଶୁଦ୍ଧ।

ପରିଶୁଦ୍ଧି-ବି. ( ପରି-ଶୁଧ୍-ତି ) ସଂଶୋଧନ;

ପରିଶୁଷ୍କ-ବି. (ପରି-ଶୁଷ୍-କ ) ଅତିଶୟ ଶୁଷ୍କ।

ପରିଶେଷ-ବି. (ପରି-ଶିଷ୍-ଅ) ଅବଶେଷ।

ପରିଶୋଧ-ବି. (ପରି-ଶୁଧ୍-ଅ) ଋଣଶୋଧ।

ପରିଶ୍ରମ-ବି. ( ପରି-ଶ୍ରମ୍-ଅ ) ଆୟାସ; ଶରୀରର ଶ୍ରମ।

ପରିଶ୍ରମୀ-ବି. ( ପରିଶ୍ରମ ଇନ୍ ) ପରିଶ୍ରମକାରୀ।

ପରିଶ୍ରାନ୍ତ-ବି. ( ପରି-ଶ୍ରମ୍-ତ ) କ୍ଳାନ୍ତ।

ପରିଷଦ୍-ବି. (ପରି-ସଦ୍-କ୍ୱିପ୍) ସଭା ସମାଜ।

ପରିଷ୍କାର-ବି. (ପରି-କୃ-ଅ) ସ୍ୱଚ୍ଛତା; ଶୋଧନ; କର୍ମସଂସ୍କାର। [ଭୂଷିତ।
ପରିଷ୍କୃତ-ବିଂ. (ପରି-କୃ-ତ) ନିର୍ମଳ ଶୋଧିତ;
ପରିଷ୍ପନ୍ଦ-ବି. (ପରି-ସ୍ପନ୍ଦ୍-ଅ) ଅନୁଚର।
ପରିସର-ବି. (ପରି-ସୃ-ଅ) ପ୍ରଦେଶ; ଓସାର; ବିସ୍ତାର।
ପରିସୀମା-ବି. (ପରି-ସୀମନ୍) ଘେର।
ପରିସ୍ଫୁଟ-ବିଂ. (ପରି-ସ୍ଫୁଟ୍-ତ) ପ୍ରକଟିତ; ବିକଶିତ।
ପରିହାଣି-ବି. (ପରି-ହା-ଅ) ସର୍ବନାଶ; ଲୋକସାନ।
ପରିହାର୍ଯ୍ୟ-ବିଂ. (ପରି-ହୃ-ଯ) ପରିତ୍ୟାଜ୍ୟ।
ପରିହାସ-ବି. (ପରି-ହସ୍-ଅ) କୌତୁକ ଥଟ୍ଟା।
ପରିହାସ୍ୟ-ବିଂ. (ପରି-ହସ୍-ଯ) ପରିହାସ କରିବାର ଯୋଗ୍ୟ।
ପରିହୃତ-ବିଂ. (ପରି-ହୃ-ତ) ପରିତ୍ୟକ୍ତ; ସ୍ଥାପିତ।
ପରୀକ୍ଷକ-ବିଂ. (ପରି-ଈକ୍ଷ୍-ଅକ) ପରୀକ୍ଷାକାରକ।
ପରୀକ୍ଷା-ବି. (ପରି-ଈକ୍ଷ୍-ଅ) ଦୋଷଗୁଣ ବିବେଚନା; ବସ୍ତୁର ତତ୍ତ୍ୱଧାରଣ।
ପରୀକ୍ଷିତ-ବିଂ. (ପରି-ଈକ୍ଷ୍-ତ) ଯାହା ପରୀକ୍ଷା କରାଯାଇଛି; ବି. ଅର୍ଜୁନଙ୍କର ନାତି, ଅଭିମନ୍ୟୁଙ୍କର ପୁତ୍ର।
ପରୁଷ-ବିଂ. (ପୃ-ଉଷନ୍) କର୍କଶ; କଠୋର।
ପରେ-ଅ. ଅନନ୍ତରେ; ପଛରେ।
ପରେତ-ବିଂ. (ପରା-ଇ-ତ) ମୃତ; ପ୍ରେତ।
ପରୋକ୍ଷ-ବିଂ. (ପରସ୍-ଅକ୍ଷି-ଅ) ଅପ୍ରତ୍ୟକ୍ଷ; [ଅସାକ୍ଷାତ୍।
ପରୋଷ୍ଣୀ-ବି. ଅସ୍ରପା।
ପର୍କଟୀ-ବି. ପଲକ୍ଷ ବୃକ୍ଷ।
ପର୍ଜନ୍ୟ-ବି. (ପୃଷ୍-ଅନ୍ୟ) ଦେବରାଜ ମେଘ।
ପର୍ଣ୍ଣ-ବି. (ପର୍ଣ୍-ଅ) ପତ୍ର; ପକ୍ଷ।
ପର୍ଣ୍ଣ-ଶାଳା-ବି. ପର୍ଣ୍ଣକୁଟୀର; ପତ୍ରକୁଟୀର।
ପର୍ଣ୍ଣୀ-ବି. (ପର୍ଣ୍ଣ-ଇନ୍) ବୃକ୍ଷ; ବିଂ. ପତ୍ରଯୁକ୍ତ।
ପର୍ଣ୍ଣୋଟଜ-ବି. (ପର୍ଣ୍ଣ-ଉଟଜ) ପର୍ଣ୍ଣଶାଳା।
ପର୍ଦ୍ଦା-ବି. (ଫାର୍ସୀ) ଯବନିକା।
ପର୍ପଟ-ବି. ମିଷ୍ଟାନ୍ନବିଶେଷ।
ପର୍ଯ୍ୟଙ୍କ-ବି. (ପରି-ଅଙ୍କ୍-ଅ) ପଲଙ୍କ; ଖଟ।
ପର୍ଯ୍ୟଟକ-ବି. (ପରି-ଅଟ୍-ଅକ) ଭ୍ରମଣକାରୀ।
ପର୍ଯ୍ୟଟନ-ବି. (ପରି-ଅଟ୍-ଅନ) ଭ୍ରମଣ।
ପର୍ଯ୍ୟନ୍ତ-ବି. (ପରି-ଅନ୍ତ) ପ୍ରାନ୍ତ; ନିକଟ; ଶେଷସୀମା। [ପ୍ତି।
ପର୍ଯ୍ୟବସାନ-ବି. (ପରି-ଅବ-ସୋ-ଅନ) ସମା-
ପର୍ଯ୍ୟବସିତ-ବିଂ. (ପରି-ଅବ-ସୋ-ତ) ସମାପ୍ତ; ନିଃଶେଷିତ।
ପର୍ଯ୍ୟବେକ୍ଷଣ-ବି. (ପରି-ଅବ-ଈକ୍ଷ୍-ଅନ) ମନୋଯୋଗପୂର୍ବକ ଦର୍ଶନ; ତତ୍ତ୍ୱାବଧାନ।
ପର୍ଯ୍ୟସ୍ତ-ବିଂ. (ପରି-ଅସ୍-ତ) ବିକ୍ଷିପ୍ତ; ପ୍ରସାରିତ।
ପର୍ଯ୍ୟାଣ-ବି. (ପରି-ଯା-ଅନ) ପଲାଣ; ଅଶ୍ୱ-ପୃଷ୍ଠାସନ।
ପର୍ଯ୍ୟାପ୍ତ-ବିଂ. (ପରି-ଆପ୍-ତ) ପ୍ରଚୁର; ଯଥେଷ୍ଟ।
ପର୍ଯ୍ୟାପ୍ତି-ବି. (ପରି ଆପ୍-ତି) ପ୍ରାଚୁର୍ଯ୍ୟ; ପ୍ରାପ୍ତି।
ପର୍ଯ୍ୟାୟ-ବି. (ପରି-ଇ-ଅ) ଅନୁକ୍ରମ; ପାଳି; ସମାନାର୍ଥବୋଧକ ଶବ୍ଦ।
ପର୍ଯ୍ୟାଲୋଚନା-ବି. (ପରି-ଆ-ଲୁଚ୍-ଣିଚ୍-ଅନ-ଆ) ଅନୁଶୀଳନ; ସମାଲୋଚନା।

ପର୍ଯ୍ୟବସ୍ତ—ବିଂ. (ପରି-ଅବ୍-ଅସ୍-ତ) ସମ୍ପୂର୍ଣ୍ଣ ।
ପର୍ଯ୍ୟସ୍ତ—ବିଂ. (ପରି-ଅସ୍-ତ) ଦୂରବିକ୍ଷିପ୍ତ; ଝାଞ୍ଜି ।
ପର୍ବ—ବି. (ପୃ-ଅନ୍) ପର୍ବ; ଉତ୍ସବ; ଅଧ୍ୟାୟ ।
ପର୍ବତ—ବି. (ପର୍ବନ୍-ତ) ଗିରି; ଶୈଳ ।
ପର୍ବତାରି—ବି. (ପର୍ବତ-ଅରି) ଇନ୍ଦ୍ର ।
ପର୍ଶୁ—ବି. (ପର-ଶୃ-କୁ) ପରଶୁ; କୁଠାର ।
ପର୍ଷିବା—କ୍ରି. ପରିବେଷଣ କରିବା ।
ପଲ—ବି. (ପଲ୍-ଅ) ଓଜନବିଶେଷ; ମୁହୂର୍ତ୍ତକାଳ;
ପଲ୍—ବି. ସମୂହ; ଦଳ । [ମାଂସ ।
ପଲ୍କି—ବି. ଅଷ୍ଟିତଳ ।
ପଲଙ୍କି—ବି. ଖଟ ।
ପଲ୍ଟନ—ବି. ସେନାଦଳ ।
ପଲ୍ଲି—ବି. ଗ୍ରାମ; ଗାଁ । [ଦେଶ୍ୟ ।
ପଲସ୍ତରା—(ଇଂ. plaster ଶବ୍ଦରୁ) ଲେପଚୂନ
ପଲସି—ବି. ମାଛିଧରିବା ବରେଇ ।
ପଳା—ବି. ତୈଳାଦିପରିବେଷଣାର୍ଥ ଲୌହପାତ୍ର ।
ପଳାଇବା—କ୍ରି. ଚ. (ପଳାୟନଶବ୍ଦଜ) ପଳାୟନ କରିବା । [ପଠିତ ଶବ ।
ପଳଣ ବି. (ପର୍ଯ୍ୟାଣଶବ୍ଦଜ) ଘୋଡ଼ା ବଳଦ-
ପଳଣ୍ଡୁ—ବି. ପିଆଜ । [ସଂସ୍କ ।
ପଳାନ୍ନ—ବି. (ପଳ-ଅନ୍ନ) ମାଂସମିଶ୍ର ଅନ୍ନ;
ପଳାୟନ—ବି. (ପରା-ଅୟ୍-ଅନ) ଭୟରେ ଦୂର ଗମନ ।
ପଳାୟମାନ—ବିଂ. ଯେ ପଳାଉଅଛି ।
ପଳାୟିତ—ବିଂ. ଭୟରେ ଦୂର ଗତ ।

ପଲ୍ଲବ—ବି. ଶାଖା; ଶୁଖଳ; ବିସ୍ତୃତ ।
ପଲ୍ଲୀ—ବି. ଗାଁ; କାଂଶୁକ ବୃକ୍ଷ ।
ପଲିତ ବିଂ. (ପଲ୍-ତ) ଶୁକ୍ଲୀକୃତ-କେଶ ।
ପଲ୍ୱଳ ବି. (ପଲ୍-ଳ୍-ଅ) ଛୋଟପୋଖରୀ; ଜଳାଶୟ ।
ପଲ୍ୱଳଗ୍ରାମ୍ୟ ବିଂ. ଯେ ଖାଲ ଖଣ୍ଡିଆରେ ଅଳ୍ପ ଜଳ ଲଭୁଅଛି । [ବଙ୍ଗଳା ।
ପଲ୍ଲବିତ—ବିଂ. (ପଲ୍ଲବ-ଇତ) ପଲ୍ଲବଯୁକ୍ତ;
ପଲ୍ଲୀ—ବି. (ପଲ୍ଲ-ଅ-ଈ) ଗ୍ରାମ; ପଲ୍ଲୀ; ଟିକିଟିକି ।
ପଲ୍ୟଙ୍କ—ବି. (ପରି-ଅଙ୍କ) ଶଯ୍ୟାବିଶେଷ; ପାଲିଙ୍କି ।
ପବ—ବି. (ପବ୍ ଗଣନ) ଷଣ୍ଢ ।
ପବନ—ବି. (ପୂ-ଅନ) ବାୟୁ ।
ପବନ-ନନ୍ଦନ—ବି. ହନୁ; ହନୁମାନ ।
ପବମାନ—ବି. (ପୂ-ଆନ) ବାୟୁ; ପବନ ।
ପବନାଶନ—ବି. (ପବନ-ଅଶନ) ସର୍ପ ।
ପବାକା—ବି. (ପୂ-ଅବ-ଅ) ବାତ୍ୟା; ଝଞ୍ଜାବାତ ।
ପବି—ବି. (ପୂ-ଇ) ଅଗନି; ବଜ୍ର ।
ପବିତା—ବିଂ. (ପୂ-ତ) ଯେ ପବିତ୍ର କରେ ।
ପବିତ୍ର—ବିଂ. (ପୂ-ଇତ୍ର) ଶୁଦ୍ଧ; ନିର୍ମଳ; ବି. କୁଶ; ଶପଥ । [ପବିତ୍ରତା ।
ପବିତ୍ରିତ—ବିଂ. (ପବିତ୍ର-ଇତ) ସଂଶୋଧିତ;
ପଶମ—ବି. (ଫାର୍ସୀ) ଊର୍ଣ୍ଣା; ଲୋମ ।
ପଶା—ବି. (ପାଶକଶବ୍ଦଜ) ଅକ୍ଷ; ଦ୍ୟୂତପାଶ ।
ପଶୁ—ବି. (ପଶ୍-ଉ) ଚତୁଷ୍ପଦବିଶିଷ୍ଟ ଜନ୍ତୁ; ମୂର୍ଖ ।
ପଶୁ-ପତି—ବି. ଶିବ । [ଋଷଭ ।
ପଶୁପାଳ—ବି. (ପଶୁ-ପାଳ) ପଶୁରକ୍ଷକ ।

ପଶୁ-ରାଜ-ବି. ସିଂହ; ମୃଗେନ୍ଦ୍ର ।

ପଶ୍ଚ-ବି. ପଛ ।

ପଶ୍ଚାତ୍-ଅ., ପଛେ; ପରେ ।

ପଶ୍ଚାତ୍ତାପ-ବି. (ପଶ୍ଚାତ୍-ତାପ) ଅନୁତାପ ।

ପଶ୍ଚାର୍ଦ୍ଧ-ବି. ଅପରାର୍ଦ୍ଧ; ପାଦଠାରୁ ଜାନୁ ପର୍ଯ୍ୟନ୍ତ ।

ପଶ୍ଚିମ-ବି. (ପଶ୍ଚାତ୍-ଇମ) ସୂର୍ଯ୍ୟାସ୍ତ ସମୟର ଦିଗ, ପଛେ; ବି. ଶେଷ ।

ପଷିଳ-ବି. ଅନୁମାନ; ଅନୁମୋଦକ ।

ପସରା-ବି. ବେପାର ଦ୍ରବ୍ୟସମୂହର ଭାର ।

ପସାରୀ-ବି. ଦୋକାନୀ; ବେପାରୀ ।

ପସାରୁଣୀ-ବି. ( ପ୍ରସାରଣୀପଦଜ ) ଗନ୍ଧାଳ-ପତ୍ରିକ ଲତାବିଶେଷ ।

ପସୁଣ୍ଡା-ବି. (ପଶୁ-ଶୁଣ୍ଡ) ଗାଈଗୋରୁ ।

ପହଣ୍ଡ-ବି. ପଥ-ରେଖ ।

ପହଣ୍ଡି-ବି. ଆଗମନ ।

ପହଲ-ବି. (ପ୍ରହେଳିକପଦଜ) ଢଗ ।

ପହି-ବି. ବଡ଼ ହ୍ରଦ ।

ପହୁଅ-ବି. ଗଭୀର ଜଳ ।

ପହୁଞ୍ଚ-ବି. (ପ୍ରାପ୍ତି) ପ୍ରବେଶ; ଆଗମ ।

ପହୁଡ଼-ବି. ଶୋଇବା ।

ପହିଲି-ବି. ପ୍ରଥମା; ଅଗ୍ରଜା । [ବଧିବା ।

ପହିଲିବା-କ୍ରି.ବି. ପଶ୍ଚାତ୍ ଘେରିବା; ଅନୁସରଣ

ପଳା-ବି. ଏକାଦଶ ପଣ୍ଡର ଗୁଣ ।

ପାଇକ-ବି.(ପାଦାତିକପଦଜ) ପଦାତିକ; ସୈନିକ ।

ପାଇକାଣି-ବି. ମଲ୍ଲ ଭଂଗୀ ବଦଳାଣ ସ୍ଥାନ ।

ପାଇକାମି-ବି. ଜମିଦାରର ସରକାରବିଶେଷ ।

ପାଇଟି-ବି. ମୂଲିଆର କାମ ।

ପାଉଣା-ବି. (ପ୍ରାପଣପଦଜ) ପ୍ରାପ୍ୟ ।

ପାଉଡି-ବି. ( ପାଦୁକାପଦଜ ) ପ୍ରତିମୂର୍ତ୍ତିକାରୀବ୍ୟ. ରକ୍ଷିତ । [ଧୂଳି; ପାଦ ।

ପାଉଁଶ-ବି. (ପାଂଶୁପଦଜ) ପାଂଶୁ; ଭସ୍ମ;

ପାଏଡ଼ା-ବି. ଅଙ୍ଗର୍ଦ୍ଧ ବାନ୍ଧିବା ପାଦପ୍ରଦେଶ ନିମିତ୍ତ ବସ୍ତ୍ର ।

ପାଂଶୁଳ-ବି. (ପାଂଶୁ-ଳ) ଧୂଳିଯୁକ୍ତ; ପାପିଷ୍ଠ ।

ପାଂଶୁଳା-ବି. (ପାଂଶୁଳ-ଆ) ଅସତୀ ସ୍ତ୍ରୀ ।

ପାକ-ବି.(ପଚ୍-ଅ) ରନ୍ଧନ, ପରିପାକ; ପରିଣତ ।

ପାକଳ-ବି. (ପାକ-ଳ) ପରିପକ୍ୱ-ପ୍ରାପ୍ତ ।

ପାକଣ୍ଟ-ବି. ପାଚନ; ପରିପାକ ।

ପାକ-ଶାଳା-ବି. ରନ୍ଧନାଗାର । [ରନ୍ଧା ।

ପାକ-ଶାସନ-ବି. ପାକନାମକ ଅସୁରର ହନ୍ତା;

ପାକ-ଶାସନି-ବି. ଇନ୍ଦ୍ରପୁତ୍ର; ଜୟନ୍ତ ।

ପାକସ୍ଥଳୀ-ବି. (ପାକ-ସ୍ଥଳୀ) ଉଦରର ଯେଉଁ ଅଂଶରେ ଭୁକ୍ତ ପଦାର୍ଥ ଜୀର୍ଣ୍ଣ ହୁଏ ।

ପାକୁଆ-ବି., ଦନ୍ତହୀନ ।

ପାକୁଳି-ବି. ଶେମଣ୍ଡା । [ଓଡ଼ାଏ ।

ପାକ୍ଷିକ-ବି. (ପକ୍ଷ-ଇକ) ପକ୍ଷ ବା ଅର୍ଦ୍ଧମାସ-

ପାଖ-ବି. (ପାର୍ଶ୍ୱପଦଜ) ନିକଟ; ସମୀପ ।

ପାଖଣ୍ଡ-ବି., ନାସ୍ତିକ; ଦୁଷ୍ଟ ।

ପାଖୁଡ଼ା-ବି. ପୁଷ୍ପର ଅଂଶ ।

ପାଖେଇବା-କ୍ରି. ଏକ ପାଖକୁ ଯିବା ।

ପାଗ-ବି. ପରିସ୍ଥିତି, ଋତୁ; ମେଘ ଓ ପବନର ଅବସ୍ଥା ।

ପାଗଳ-ବି. ବାତୁଳ; ଉନ୍ମତ୍ତ ।

ପାଙ୍କ୍ତେୟ-ବି. (ପଙ୍କ୍ତି-ଏୟ) ଏକ ପଙ୍କ୍ତିରେ ଭୋଜନାର୍ହ । [ବର୍ଣ୍ଣ ।

ପାଚକ-ବି. (ପଚ୍-ଅକ) ରନ୍ଧନକାରକ; ପାକ—

ପାଚନ-ବି. (ପଚ୍-ଣିଚ୍-ଅନ) ଔଷଧ ବିଶେଷର କ୍ୱାଥ ।

ପାଚେରି-ବି. (ପ୍ରାଚୀରଶବ୍ଦଜ) ବେଢ଼ାକାନ୍ଥ ।

ପାଛୁଡ଼ା-ବି. (ଗ୍ରାମ୍ୟଶବ୍ଦ) ଭଙ୍ଗପଣ୍ୟ ବସ୍ତୁ ।

ପାଛୁଡ଼ିବା-କ୍ରି. ଭୂଇଁରେ ଲୁଟିବା ।

ପାଛୋଟିବା-କ୍ରି. ଆଗବଢ଼ି ଆଣିବା ।

ପାଞ୍ଚ-ଦେ. ୫ ସଂଖ୍ୟା; ବି. ଫନ୍ଦି, ଅପ୍ରେରଣା ।

ପାଞ୍ଚଜନ୍ୟ-ବି. (ପଞ୍ଚଜନ-ଯ) ବିଷ୍ଣୁଙ୍କର ଶଙ୍ଖ; ଶଙ୍ଖ । [ପଞ୍ଚ ।

ପାଞ୍ଚଣି-ବି. (ଗ୍ରାମ୍ୟଶବ୍ଦ) ଗୋରୁ-ତାଡ଼ନ-

ପାଞ୍ଚାଳ-ବି. (ପଞ୍ଚାଳ-ଅ) ଦେଶବିଶେଷ ।

ପାଞ୍ଚାଳୀ-ବି. (ପଞ୍ଚାଳ ଈ) ଦ୍ରୌପଦୀ; କାଷ୍ଠାଦିର ପୁତ୍ତଳିକା ।

ପାଞ୍ଚିବା-କ୍ରି. ପଥର ବଛିବା ।

ପାଞ୍ଜି-ବି. (ଦେଶଜ) ଦିନାଦିର ନିର୍ଣ୍ଣାୟକ ପୁସ୍ତକ; ତିଥିପତ୍ର ।

ପାଟ-ବି. (ପଟ୍ଟଶବ୍ଦଜ) ରେଶମ ଲୁଗା ।

ପାଟ-ବି. ପ୍ରାନ୍ତର; ଯଥା, ବେଣାପାଟ ।

ପାଟକ-ବି. ଗ୍ରାମର ଅନ୍ତର୍ଗତ ଭାଗ ।

ପାଟନ-ବି. (ପଟ୍-ଣିଚ୍-ଅନ) ଛେଦନ ।

ପାଟମହାଦେଈ-ବି. (ପଟ୍ଟମହାଦେବୀଶବ୍ଦଜ) ପ୍ରଧାନ ରାଣୀ ।

ପାଟଙ୍ଗି-ବି. ଶୁଦ୍ଧବଂଶୀ; ଖାସେଡ଼ି ।

ପାଟେଶ୍ୱରୀ-ବି. ( ପାଟେଶ୍ୱ-ଅଣୀ ) ପାଟେଶ୍ୱର ପତ୍ନୀ ।

ପାଟ-ରାଣୀ-ବି. ( ପଟ୍ଟ-ରାଜ୍ଞୀ ) ପ୍ରଧାନ ରାଣୀ ।

ପାଟଳ-ବି. (ପାଟଳା-ଅ) ଶ୍ୱେତରକ୍ତବର୍ଣ୍ଣ ପୁଷ୍ପ ଓ ବୃକ୍ଷବିଶେଷ ।

ପାଟଳି ବି (ପାଟଳା-ଈ) ପାଟଳୀବୃକ୍ଷ ।

ପାଟଳିପୁତ୍ର-ବି. ପାଟଳବର୍ଣ୍ଣ ପୁଷ୍ପ ।

ପାଟବ ବି. (ପଟୁ-ଅ) ପଟୁତା, ନୈପୁଣ୍ୟ ।

ପାଟ-ହସ୍ତୀ-ବି. (ପଟ୍ଟ-ହସ୍ତୀ) ହସ୍ତୀମାନଙ୍କର ପ୍ରଧାନ

ପାଟି-ବି. ମୁଖ, ବଦନ । [ହସ୍ତୀ ।

ପାଟିତ-ବି. ( ପଟ୍-ଣିଚ୍-ତ ) ଛିନ୍ନ ; ଚିରା ।

ପାଟୀ-ବି. ( ପାଟି-ଈ ) ଶୃଙ୍ଖଳା, ପରିପାଟୀ ।

ପାଟୀଗଣିତ-ବି. ଅଙ୍କଶାସ୍ତ୍ର ।

ପାଠ-ବି. ( ପଠ୍-ଅ ) ଅଧ୍ୟୟନ, ଅଧ୍ୟାୟ ।

ପାଠକ-ବି. ( ପଠ୍-ଅକ ) ପାଠକର୍ତ୍ତା, ଛାତ୍ର ; (ପଠ୍-ଣିଚ୍-ଅକ) ଅଧ୍ୟାପକ ।

ପାଠନା-ବି. (ପଠ୍-ଣିଚ୍-ଅନ-ଆ) ଅଧ୍ୟାପନା ।

ପାଠିତ-ବି. ଅଧ୍ୟାପିତ ।

ପାଠୀ-ବି. ( ପଠ୍-ଈନ୍ ) ପାଠକ ।

ପାଠ୍ୟ-ବି. ( ପଠ୍-ଯ ) ପାଠଯୋଗ୍ୟ ।

ପାଡ଼ି-ବି. ଦୂରତ୍ୱବୋଧକ । [ଶାଢ଼ି ।

ପାଢ଼ୁଅ-ବି. ଯେ ଧାନ ବେଳେ ପାଦଶୋଧ କରେ

ପାଣ-ବି. ନୀଚ ଜାତିବିଶେଷ ।

ପାଣି-ବି. ( ପଣ୍-ଇ ) ହସ୍ତ ।

ପାଣି-ବି. ( ପାନୀୟଶବ୍ଦଜ ) ଜଳ ।

ପାଣିଆ-ବି. ତରଳ ।

ପାଣିଗ୍ରହଣ } ବି. ( ପାଣି-ଗ୍ରହଣ, ପୀଡ଼ନ )
ପାଣିପୀଡ଼ନ } ବିବାହ ।

ପାଣିନି-ବି. ବ୍ୟାକରଣ ସୂତ୍ରକର୍ତ୍ତା ମୁନିବିଶେଷ ।

ପାଣି-ଫୋଟକା-ବି. ଜଳବୁଦ୍ବୁଦ ।

ପାଣ୍ଠି ବି. ଜମାପୁଞ୍ଜି । [ ଶୁକ୍ଳବର୍ଣ୍ଣ ।

ପାଣ୍ଡର-ବି. ( ପାଣ୍ଡୁ-ଅର ) ପୀତ-ଶୁକ୍ଳବର୍ଣ୍ଣ ;

ପାଣ୍ଡବ-ବି. (ପାଣ୍ଡୁ-ଅ) ପାଣ୍ଡୁଙ୍କର ପୁତ୍ର ।

ପାଣ୍ଡିତ୍ୟ-ବି. ( ପଣ୍ଡିତ-ଯ ) ପଣ୍ଡିତର ଭାବ ; ବିଦ୍ୱତ୍ତା । [ କର ବିଦ୍ୟା ।

ପାଣ୍ଡୁ-ବି°. ଶ୍ୱେତବର୍ଣ୍ଣ; ପୀତ; ବି. ପାଣ୍ଡବମାନ-

ପାଣ୍ଡୁର-ବି°. (ପାଣ୍ଡୁ-ର) ଶୁକ୍ଳପୀତ; ଶୁକ୍ଳବର୍ଣ୍ଣ ।

ପାଣ୍ଡୁଲିପି } ବି.(ପାଣ୍ଡୁ-ଲିପି,ଲେଖା) ଖସଡ଼ା
ପାଣ୍ଡୁଲେଖା } ପ୍ରଥମ ଲେଖା ।

ପାତେଣ୍ଡ୍ରି-ବି. (କୁଶାଙ୍କୁରକଳ) ଦୋଳା ।

ପାତ ବି. (ପତ୍-ଅ) ପତନ; ଧ୍ୱଂସ ।

ପାତକ-ବି. (ପତ୍-ଣିଚ୍-ଅକ) ଯାହା ଲୋକକୁ ନରକ ବା ଦୁଃଖ ଦିଏ; ପାପ ।

ପାତକୀ-ବି°. ( ପାତକ-ଇନ୍ ) ପାପୀ ।

ପାତଞ୍ଜଳ-ବି. ପାତଞ୍ଜଳିପ୍ରଣୀତ ଦର୍ଶନଶାସ୍ତ୍ର ।

ପାତନ ବି. (ପତ-ଅନ) ଅଧଃକ୍ଷେପଣ; ବିନାଶ,

ପାତଳ-ବି°. ସରୁ ; କ୍ଷୀଣ । [ ବସ୍ତ୍ରାଦି ।

ପାତା-ବି°. ( ପା-ତୃ ) ରକ୍ଷାକର୍ତ୍ତା ।

ପାତାଳ ବି. (ପତ୍-ଆଳ) ଅଧୋଭୁବନ; ଅତଳ, ବିତଳ, ସୁତଳ, ରସାତଳ, ତଳାତଳ, ମହାତଳ ଓ ପାତାଳ ଏହି ସପ୍ତପାତାଳ ।

ପାତାଳ-ଫୁଟି-ବି°. ପାତାଳଭେଦୀ ।

ପାତି-ବି. ଜାତିବିଶେଷ । [ ସ୍ଥିତ ।

ପାତ୍ୟ-ବି. ସୁନା ରୂପାର ଗହଣା; କାଣ୍ଡିଶର ·

ପାତିତ-ବି°. (ପତ୍-ଣିଚ୍-ତ) ତଳକୁ ଫିଙ୍ଗା ।

ପାତିବ୍ରତ୍ୟ-ବି. ( ପତିବ୍ରତା-ଯ) ସତୀତ୍ୱ ।

ପାତ୍ର-ବି. (ପା-ତ୍ର) ଭାଜନ ; ଯୋଗ୍ୟ ; ଯୋଗାଣ—

ପାତ୍ରୀ-ବି. ଯୋଗାଣୀ । [ ବାୟୁ ।

ପାଥ୍ରୀ-ବି. (ପା-ଥ-ଇ) ଅଗ୍ନି; ଯୋଗାଣ ଘୂ ।

ପାଥଃ-ବି. ଜଳ । [ ଖାଦ୍ୟଦ୍ରବ୍ୟ ।

ପାଥେୟ-ବି. (ପଥିନ୍-ଏୟ ) ପଥର ସମ୍ବଳ,

ପାଥୋନିଧି-ବି. (ପାଥଃ-ନିଧି ) ସମୁଦ୍ର ।

ପାଦ-ବି. (ପଦ୍-ଅ ) ଚରଣ, ରଶ୍ମି ; ବୃକ୍ଷମୂଳ ; ଚତୁର୍ଥାଂଶ ।

ପାଦ-ଚାରି-ବି° ପାଦରେ ଭ୍ରମଣ ।

ପାଦପ-ବି. (ପାଦ-ପା-ଅ ) ବୃକ୍ଷ ।

ପାଦ-ପୀଠ-ବି. ପାଦସ୍ଥାପନାର୍ଥ ଆସନ ।

ପାଦ-ଶୈଳ-ବି. ପର୍ବତର ନିକଟସ୍ଥ କ୍ଷୁଦ୍ରଶୈଳ ।

ପାଦୁଜ-ବି. (ପାଦୋଦକରଣତ) ପାଦୋଦକ ।

ପାଦୁକା-ବି.(ପାଦ-ଉକ-ଆ)ଖଡ଼ମ; ଜୋତା ।

ପାଦ୍ୟ-ବି. (ପାଦ୍-ଯ) ପାଦପ୍ରକ୍ଷାଳନାର୍ଥ ଜଳ ।

ପାନ-ବି. ( ପା-ଅନ ) ପିଇବା ।

ପାନ-ବି. (ପର୍ଣ୍ଣଶବ୍ଦଜ) ତାମ୍ବୁଳ ।

ପାନଗ୍ୱା-ବି. ତାମ୍ବୁଳ ବ୍ୟବସାୟୀ ।

ପାନ-ବଟା-ବି. ତାମ୍ବୁଳାଧାର ।

ପାନିଆ-ବି. ମୁଣ୍ଡ କୁଣ୍ଡେଇବାର କଙ୍କତୀ ।

ପାଥସ୍ — ବି. ( ପା-ଅସୁନ୍ ) ଜଳ; କ୍ଳୀ. ସାଗର

ପାନ୍ଥ — ବି. (ପଥିନ୍-ଅ) ପଥିକ । [ପୋଷ୍ୟ ।

ପାନ୍ଥନିବାସ — ବି. (ପାନ୍ଥ-ନିବାସ) ପଥିକମାନଙ୍କ ରହିବା ସ୍ଥାନ ।

ପାପ — ବି. (ପା-ପ) ଅଧର୍ମ, ଦୁଷ୍କୃତ ।

ପାପଘ୍ନ — ବିଂ. (ପାପ-ହନ୍-ଅ) ପାପନାଶକ ।

ପାପର୍ଦ୍ଧି — ବି. ଚିତ୍ତବିନୋଦନ ।

ପାପାତ୍ମା — ବିଂ. ( ପାପ-ଆତ୍ମନ୍ ) ପାପୀ ।

ପାପିଷ୍ଠ — ବିଂ. (ପାପ-ଇଷ୍ଠ) ଅତି ପାପୀ ।

ପାପୀ — ବିଂ. ( ପାପ-ଇନ୍ ) ପାପଯୁକ୍ତ, ପାତକ ।

ପାପୀୟସୀ — ବିଂ. ( ପାପ-ଈୟସ୍-ଈ ) ପାପିଷ୍ଠା ।

ପାପୀୟାନ୍ ବିଂ. (ପାପ-ଈୟସ୍) ପାପିଷ୍ଠ ।

ପାପୁଲି — ବି. ହାତତଳ ।

ପାମର — ବିଂ. ଅଧମ ; ଖଳ ; ମୂର୍ଖ ।

ପାୟସ — ବି. (ପୟସ୍-ଅ) କ୍ଷୀରି ।

ପାୟା — ବି. (ଫାର୍ସୀ) ଚୌକିର ଗୋଡ଼ ।

ପାୟୁ ବି. (ପା-ଉ) ମଳଦ୍ୱାର । [ ଘାଟ ।

ପାର — ବି. (ପୃ-ଅ) ନଦୀର ପରପାର୍ଶ୍ୱ; କୂଳ;

ପାରଗ — ବିଂ. ( ପାର-ଗମ୍-ଅ ) ପାରଦର୍ଶୀ ; ସମର୍ଥ । [ ପ୍ରଥମ ଦେବଙ୍କ ।

ପାରଣା — ବି. (ପାରି-ଅନ-ଆ) ଉପବାସ ପରେ

ପାରତନ୍ତ୍ର୍ୟ — ବି. (ପରତନ୍ତ୍ର-ଯ) ପରାଧୀନତା ।

ପାରତ୍ରିକ — ବି. (ପରତ୍ର-ଇକ) ପାରଲୌକିକ ; ପରଲୋକ ସମ୍ବନ୍ଧୀୟ । [ଦର୍ପଣ ।

ପାରଦ — ବି. ( ପାର-ଦା-ଅ ) ପାରା, ଧାତୁ-

ପାରଦର୍ଶୀ — ବିଂ. (ପାର-ଦୃଶ୍-ଇନ୍) ସର୍ବଶାସ୍ତ୍ର-ଦର୍ଶୀ; ଦକ୍ଷ । [ସାମୀ ।

ପାରଦାରିକ — ବିଂ. (ପରଦାର-ଇକ) ପରସ୍ତ୍ରୀ-

ପାରମାର୍ଥିକ — ବିଂ. (ପରମାର୍ଥ-ଇକ) ଧର୍ମସମ୍ବନ୍ଧୀୟ । [ବାଚକ ।

ପାରମ୍ପରୀଣ — ବିଂ. ( ପରମ୍ପର-ଈନ ) ଆବ-

ପାରମ୍ପର୍ଯ୍ୟ — ବି. ( ପରମ୍ପରା-ଯ ) ପରମ୍ପରାଗତ ; ଅନୁକ୍ରମ । [ ଦେଶ ସମ୍ବନ୍ଧୀୟ ।

ପାରଲୌକିକ — ବିଂ. (ପରଲୋକ-ଇକ) ପର-

ପାରଶୀକ } ବି. ପାରସ୍ୟଦେଶ ସମ୍ବନ୍ଧୀୟ ।
ପାରସୀକ }

ପାରା ବି. ( ପାରଦଶବ୍ଦଜ) ପାରଦଧାତୁ ।

ପାରି ବି. (ପାରଦଶବ୍ଦଜ) ପାରଦଧାତୁ ।

ପାରିବଢ଼ି — ବି. ପାରୁଶଣୀ ।

ପାରାବାର — ବି. (ପାର-ଅବାର) ସମୁଦ୍ର ।

ପାରାୟଣ — ବି. (ପାର-ଅୟନ) ସମାପ୍ତି; ଶାସ୍ତ୍ରର

ପାରି — ବି. ଥାଳ; କଟାହ । [ସମ୍ପୂର୍ଣ୍ଣପାଠ ।

ପାରିଜାତ } ବି. ( ପାରି-ଜାତ-କ ) ସ୍ୱର୍ଗ-
ପାରିଜାତକ } ଲୋକ ବୃକ୍ଷ ଓ ତାହାର ପୁଷ୍ପ ।

ପାରିତୋଷିକ — ବି. (ପରିତୋଷ-ଇକ) ସନ୍ତୋଷ-ଜନକ ପୁରସ୍କାର ।

ପାରିଷ୍ଠ — ବି. ମୁଣ୍ଡ; ଶିକାର ।

ପାରିପାଟ୍ୟ — ବି. (ପରିପାଟୀ-ଯ) ଶୃଙ୍ଖଳା ।

ପାରିପାର୍ଶ୍ୱିକ — ବିଂ. (ପରି-ପାର୍ଶ୍ୱ-ଇକ) ପାର୍ଶ୍ୱସ୍ଥ; ଅନୁଚର ।

ପାରିପ୍ଲବ — ବିଂ. (ପରିପ୍ଲବ-ଅ) ଚଞ୍ଚଳ ।

ପାରିବା କ୍ରି. ସମର୍ଥ ହେବା ।

ପାରିବା କ୍ରି. ଘାରିବା; ବେଷ୍ଟନିବା ।

ପାରିଭାଷିକ-ବି. (ପରିଭାଷା-ଇକ) ପରିଭାଷା-ସମ୍ବନ୍ଧୀୟ ।

ପାରିଷଦ-ବି. (ପରିଷଦ-ଅ) ସଭାସଦ୍ ।

ପାରୁନ୍ଦ-ବି. ସିଂହ ।

ପାରୁଷ୍ୟ-ବି. (ପରୁଷ-ଯ) କର୍କଶତା ।

ପାର୍ଥ-ବି. (ପୃଥା-ଅ) ପୃଥା-ପୁତ୍ର, ଅର୍ଜୁନ ।

ପାର୍ଥକ୍ୟ-ବି. (ପୃଥକ୍-ଯ) ପୃଥକତ୍ୱ, ଭିନ୍ନତା ।

ପାର୍ଥିବ-ବି. (ପୃଥିବୀ-ଅ) ପୃଥିବୀ ସମ୍ବନ୍ଧୀୟ ।

ପାର୍ବଣ ବି. (ପର୍ବନ୍-ଅ) ଅମାବାସ୍ୟାଦି ପର୍ବରେ କୃତ୍ୟ ।

ପାର୍ବତୀ-ବି. (ପର୍ବତ-ଅ-ଈ) ଉମା, ଦୁର୍ଗା ।

ପାର୍ବତୀୟ-ବି. (ପର୍ବତ-ଈୟ) ପର୍ବତ ସମ୍- [ଧୀୟ ।

ପାର୍ଶ୍ୱ-ବି. ପାଖ, ନିକଟସ୍ଥ, ପାଶ ।

ପାର୍ଷ୍ଣି-ବି. ଗୋଇଠି ।

ପାଳ-ବି. (ପାଳ୍-ଅ) ରକ୍ଷକ (ସମାସରେ) ।

ପାଳି-ବି. ପ୍ରହର, ଛୁଟି ।

ପାଲ୍-ବି. ନୌକାର ପର୍ଦ୍ଦା ।

ପାଳକ-ବି. (ପାଳି-ଅକ) ରକ୍ଷକ

ପାଳଙ୍ଗ-ବି. ଶାକବିଶେଷ ।

ପାଲଟି-ବି. (ପରିବୃତ୍ତି) ପରିବର୍ତ୍ତ ।

ପାଲଟିବା-କ୍ରି. ବଦଳିବା ।

ପାଳନ-ବି. (ପାଳ୍-ଣିଚ୍-ଅନ) ରକ୍ଷଣ, ପୋଷଣ ।

ପାଳପୈଠା-ବି. (ପାଳ-ଈଠ-କୃ) ପାଳକକର୍ତ୍ତା ।

ପାଲା-ବି. ପୌରାଣିକ କଥାର ଗାୟନାଦି ।

ପାଳ } ବି. (ପାଳ-ଅ-ଈ) ଧାର, ପର୍ଯ୍ୟାୟ,
ପାଳୀ } ପଂକ୍ତି ।

ପାଲି-ବି. ପ୍ରାଚୀନ ମାଗଧୀ ଭାଷା ।

ପାଳିତ-ବି. (ପାଳି-ତ) ରକ୍ଷିତ, ପୋଷିତ ।

ପାଲୁଅ-ବି. ବୃକ୍ଷମୂଳ ପ୍ରସ୍ତୁତ ଚୂର୍ଣ୍ଣ ବିଶେଷ, ଯଦ୍ଦ୍ୱାରା ଖାଦ୍ୟ ହୁଏ ।

ପାଲୁଣୀ-ବି. ପାଣ ଜାତିର ସ୍ତ୍ରୀ ।

ପାବକ-ବି. (ପୂ-ଅକ) ଅଗ୍ନି ।

ପାବନ-ବି. (ପୂ-ଅନ) ପବିତ୍ରକାରୀ ।

ପାବନି-ବି. (ପବନ-ଇ) ପବନପୁତ୍ର, ହନୁମାନ୍ ।

ପାବମାନୀ-ବି. (ପୂ-ଣିଚ୍-ଅନ-ଈ) ପବିତ୍ରକାରିଣୀ; ବି. ଗଙ୍ଗା । [(ବେଦମନ୍ତ୍ର ସମ୍ବନ୍ଧେ ।)

ପାଶ-ବି. ( ପାଶି-ଅ ) ରଜ୍ଜୁନିର୍ମିତ ଫାନ୍ଦ; ଜାଲ

ପାଶ-ବି. ( ପାର୍ଶ୍ୱଶବ୍ଦ ) ପାର୍ଶ୍ୱ ( ଅପଭ୍ରଂଶ ଶବ୍ଦ । )

ପାଶକ-ବି. (ପାଶି-ଅକ) ପଶା, ଅକ୍ଷପାଶ ।

ପାଶବ-ବି. ପଶୁ ସମ୍ବନ୍ଧୀୟ ।

ପାଶୀ-ବି. ( ପାଶ-ଇନ୍ ) ବରୁଣ; ବ୍ୟାଧ ।

ପାଶୁପତ-ବି. (ପଶୁପତି-ଅ) ପଶୁପତିର ଉପାସକ; ପଶୁପତିର ଅସ୍ତ୍ର । [ବର୍ଗ ।

ପାଶୁପାଲ୍ୟ-ବି. (ପଶୁପାଳ-ଯ) ପଶୁପାଳନ

ପାଶ୍ଚାତ୍ୟ ବି. (ପଶ୍ଚାତ୍-ଯ) ପଶ୍ଚିମ ଦେଶୀୟ ।

ପାଷଣ୍ଡ-ବି. ଧର୍ମଦ୍ରୋହୀ; ପାମର ।

ପାଷାଣ-ବି. (ପିଷ୍-ଆନ) ପ୍ରସ୍ତର; ଶିଳା ।

ପାହାଡ଼-ବି. ( ଦେଶ୍ୟ ଧାତୁଜ ) ପର୍ବତ ।

ପାହାଇବା-କ୍ରି. ଭୁଞ୍ଜିବା, ଶେଷ ହେବା ।

ପାହାଡ଼-ବି. (ପାଷାଣଶବ୍ଦଜ) ପର୍ବତ ।
ପାହାଡ଼ି ବି. ଛୋଟ ପର୍ବତ ।
ପାହାଡ଼ିଆ-ବିଂ. ପାର୍ବତ୍ୟ ।
ପାହାର-ବି. (ପ୍ରହାରଶବ୍ଦଜ) ମାଡ଼, ଆଘାତ ।
ପାହି-ବି. ପାହୁଲ; ପଇସା ।
ପାହି-ବିଂ. ସ୍ଥାୟୀ (ଜମିର ସମ୍ବନ୍ଧରେ) ।
ପାହୁଡ଼-ବି. ପାଦର ଅଳଙ୍କାର ।
ପାହୁଲି-ବି. ପଇସାର ଚତୁର୍ଥାଂଶ; ପାହୁ ।
ପିଅର-ବି. (ପିତୃ=ପିତର) ପିତା, ବାପ ।
ପିଆଜ-ବି. ପଳାଣ୍ଡୁ ।
ପିଅଶାଳ-ବି. ବୃକ୍ଷବିଶେଷ ଓ ତାହାର କାଠ ।
ପିଇବା-କ୍ରି. (ପା ଧାତୁ=ପିବ,) ପାନ କରିବା ।
ପିଉସା-ବି. ପିଉସୀର ପତି ।
ପିଉସୀ-ବି. (ପିତୃଷ୍ୱସୃଶବ୍ଦଜ) ପିତାର ଭଉଣୀ ।
ପିକ-ବି. କୋକିଳ ।
ପିକ-ବି. ତାମ୍ବୂଳଚର୍ବଣଜନିତ ଛେପ ।
ପିକଦାନୀ-ବି. ପିକ ପକାଇବାର ପାତ୍ର ।
ପିଙ୍କା } ବି. ଧୂମପାନାର୍ଥ ଧୂମପାନର ନଳ ।
ପିଙ୍କା }
ପିଙ୍ଗ } ବି. (ପିଜି-ଅ,ଳ) ପିଙ୍ଗଳବର୍ଣ୍ଣ; ପାଟଳ-
ପିଙ୍ଗଳ } ପୀତମିଶ୍ରିତ ବର୍ଣ୍ଣ ।
ପିଚ୍-ବି. (ଇଂରାଜୀଶବ୍ଦଜ) [illegible] ।
ପିଚ୍‌କୁଣୀ-ବି. (ପିଚ-ଦେଶୀଶବ୍ଦ) [illegible] ।
ପିଚୁମର୍ଦ୍ଦ-ବି. ନିମ୍ବବୃକ୍ଷ ।
ପିଚ୍ଛ-ବି. (ପିଚ୍ଛ-ଅ) ମୟୂରପୁଚ୍ଛ; ଚୂଳା; ଲାଙ୍ଗୁଳ ।
ପିଚ୍ଛିଳ-ବିଂ. ଖସଡ଼ା ।
ପିଚ୍ଛିଳି-ବିଂ. ଚିକ୍କଣଯୁକ୍ତ ।
ପିଞ୍ଜର-ବି. (ପିଜ୍-ଅର) ପିଞ୍ଜରା ।
ପିଞ୍ଜା-ବି. ମଞ୍ଜିଛଡ଼ା (ତୁଳା) ।
ପିଞ୍ଜିବା-କ୍ରି. ତୁଳାର ମଞ୍ଜି ଛଡ଼ାଇବା ।
ପିଷ୍ଟକ-ବି. (ପିଷ୍-ଅକ) ପିଠା ।
ପିଟା-ବି. ମାଡ଼ ।
ପିଟିବା-କ୍ରି. ମାରିବା ।
ପିଠା-ବି. (ପିଷ୍ଟକଶବ୍ଦଜ) ପୂପ ।
ପିଠି-ବି. (ପୃଷ୍ଠଶବ୍ଦଜ) ପୃଷ୍ଠ । [ଚାଉଳ ।
ପିଠଉଡ଼ି-ବି. ପିଠା ନିମନ୍ତେ ବଟା ଦୁଧ ଓ
ପିଡ଼ି-ବି. (ପିଠଶବ୍ଦଜ) ବେଦୀ; ଉଚ୍ଚସ୍ଥାନ ।
ପିଡ଼ା-ବି. (ପିଠଶବ୍ଦଜ) ବାରଣ୍ଡା; ଘରର ଥଳ ।
ପିଣ୍ଡ-ବି. (ପିଣ୍ଡ୍-ଅ) ଗୋଲାକାର ବସ୍ତୁ; ଶ୍ରାଦ୍ଧରେ ପିତୃଲୋକଙ୍କୁ ଦେବାର ଅନ୍ନବସ୍ତୁ; ଶରୀର ।
ପିଣ୍ଡଦ-ବି. (ପିଣ୍ଡ-ଦା-ଅ) ଯେ ପିଣ୍ଡ ଦିଏ; ପୁତ୍ର-
ପିଣ୍ଡା-ବି. ପାହାଚ; ବାରଣ୍ଡା । [ବାଭା ।
ପିଣ୍ଡିକା-ବି. ପିଣ୍ଡ ।
ପିତା-ବି. (ପା-ତୃ) ବାପ; ପିତୃପୁରୁଷ ବୃଦ୍ଧ ।
ପିତା-ବିଂ. (ତିକ୍ତଶବ୍ଦଜ) ତିକ୍ତ ।
ପିତାମହ-ବି. (ପିତା-ଅମହ) ପିତାର ପିତା ।
ପିତାମହୀ-ବିଂ. (ପିତୃମହ-ଈ) ପିତାର ମାତା ।
ପିତୁଳା-ବି.(ପୁତ୍ତଳିଶବ୍ଦଜ) ମୂର୍ତ୍ତି; କାଠର ଗାଈ ।
ପିତୃ-ପକ୍ଷ-ବି. ପିତୃଗଣଙ୍କ ଶ୍ରାଦ୍ଧର ପକ୍ଷ; ଆଶ୍ୱିନ
ପିତୃ-ପତି-ବି. ଯମ । [କୃଷ୍ଣପକ୍ଷ ।

ପିତୃବ୍ୟ-ବି. (ପିତୃ-ବ୍ୟ) ପିତାର ଭ୍ରାତା ।

ପିତୃଷ୍ୱସା-ବି. (ପିତୃ-ସ୍ୱସୃ) ପିଉସୀ, ପିତାର ଭଗିନୀ । [ପୁଅ ।

ପିତୃଷ୍ୱସ୍ରୀୟ-ବି. (ପିତୃ-ସ୍ୱସୃ-ଈୟ) ପଉସୀର

ପିତ୍ତ ବି. (ଅପି-ଦୋ-ତ) ଦେହରସ୍ଥ ଧାତୁବିଶେଷ ।

ପିତ୍ତଳ ବି. (ପିତ୍ତ-ଲା-ଅ) ତାମ୍ର ଓ ଦସ୍ତା-ମିଶ୍ରିତ ଧାତୁବିଶେଷ ।

ପିତ୍ର୍ୟ ବିଂ. (ପିତୃ-ଯ) ପିତୃସମ୍ବନ୍ଧୀୟ ।

ପିଚୁଡ଼ି, ପିଚୁଳି } ବି. ଉଲୁକିଆ, ପିକୁଳି ।

ପିଧାନ-ବି. (ଅପି-ଧା-ଅନ) ଆଚ୍ଛାଦନ, ଆବରଣ ।

ପିନଦ୍ଧ-ବିଂ. (ଅପି-ନହ୍-ତ) ପରିହିତ; ଆବୃତ ।

ପିନାକ-ବି. (ପା-ଅକ) ଶିବଙ୍କର ଧନୁ ଓ ବାଦ୍ୟ-

ପିନାକୀ-ବି. (ପିନାକ-ଇନ୍) ଶିବ । [ଯନ୍ତ୍ର ।

ପିପାସା-ବି. (ପା-ସନ୍-ଅ) ପିଇବାର ଇଚ୍ଛା ।

ପିପାସିତ-ବିଂ. (ପା-ସନ୍-ତ) ପାନେଚ୍ଛୁ, ତୃଷିତ ।

ପିପାସୁ-ବିଂ. (ପା-ସନ୍-ଉ) ପାନେଚ୍ଛୁ, ତୃଷାର୍ତ୍ତ ।

ପିପୀଲିକା-ବି. ପିମ୍ପୁଡ଼ି ।

ପିପ୍ପଳ-ବି. ଅଶ୍ୱତ୍ଥବୃକ୍ଷ ।

ପିପ୍ପଳୀ-ବି. ପିମ୍ପଳୀଗଛ ଓ ତାହାର ଫଳ ।

ପିଲା-ବି. ବାଳକ ।

ପିଲସୁଜ-ବି. ପିତ୍ତଳନିର୍ମିତ ଦୀପାଧାର ।

ପିଶଙ୍ଗ-ବି. (ପିଶ୍-ଅଙ୍ଗ) ପିଙ୍ଗଳବର୍ଣ୍ଣ ।

ପିଶାଚ-ବି. (ପିଶିତ-ଅଶ୍-ଅ) ଏକପ୍ରକାର ଭୂତ ।

ପିଶିତ-ବି. (ପିଶ୍-ତ) ମାଂସ ।

ପିଶୁନ-ବିଂ. (ପିଶ୍-ଉନ) ଖଳ; କ୍ରୂର ।

ପିଷ୍ଟ-ବିଂ. (ପିଷ୍-ତ) ମର୍ଦ୍ଦିତ; ଚୂର୍ଣ୍ଣିତ ।

ପିଷ୍ଟକ-ବି. (ପିଷ୍ଟ-କ) ପିଠା ।

ପିଷ୍ଟପ-ବି. ଭୁବନ ।

ପିହିତ-ବିଂ. (ଅପି-ଧା-ତ) ଆଚ୍ଛାଦିତ, ଆବରିତ ।

ପୀଠ-ବି. ( ପିଠ୍-ଅ ) ବସିବାର ଚୌକି ବା ପିଢ଼ା । [ଆସନ ।

ପୀଡ଼ନ-ବି. (ପୀଡ଼୍-ଅନ) ଦୁଃଖଦେବା । ଚାପ-

ପୀଡ଼ା-ବି. (ପୀଡ଼୍-ଅ) ବ୍ୟଥା, ଦୁଃଖ, ରୋଗ; ଯନ୍ତ୍ରଣା । [ଦେବା ।

ପୀଡ଼ିତ-ବିଂ. (ପୀଡ଼ା-ଇତ) ବ୍ୟଥିତ; ଦୁଃଖିତ;

ପୀତ-ବି. (ପା-ତ) ହରିଦ୍ରାବର୍ଣ୍ଣ, ହଳଦିଆବର୍ଣ୍ଣ; ବିଂ. ଯାହା ପାନ କରାଯାଇଅଛି ।

ପୀତା-ବି. (ପୀତ-ଅ) ହରିଦ୍ରା; ଗୋରୋଚନା ।

ପୀତାମ୍ବର-ବି. (ପୀତ-ଅମ୍ବର) କୃଷ୍ଣ ।

ପୀନ-ବିଂ. ସ୍ଥୂଳ ; ମୋଟା ।

ପୀନସ-ବି. ନାସିକାର ରୋଗବିଶେଷ ।

ପୀନୋଧ୍ନୀ-ବି. ( ପୀନ-ଊଧସ୍-ଈ ) ସ୍ଥୂଳସ୍ତନ-

ପୀୟୂଷ-ବି. (ପୀୟ୍-ଊଷ) ଅମୃତ । [ଗାଭୀ ।

ପୀବର-ବିଂ. (ପ୍ୟାୟ୍-ବର) ସ୍ଥୂଳ; ବଳିଷ୍ଠ ।

ପୁଂଲିଙ୍ଗ-ବି. (ପୁମସ୍-ଲିଙ୍ଗ୍-ଅ) ପୁରୁଷବାଚକ ଶବ୍ଦ । [ଚିହ୍ନ ।

ପୁଂଶ୍ଚଳୀ-ବି. (ପୁମସ୍-ଚଲ୍-ଈ) ଭ୍ରଷ୍ଟା; ଅସତୀ,

ପୁଂସବନ-ବି. (ପୁମସ୍-ସୂ-ଅନ) ଗର୍ଭାଧାନ ସମୟର ସଂସ୍କାର । [ବେଶ୍ୟା ।

ପୁଂସ୍କୋକିଳ-ବି. ( ପୁମସ୍-କୋକିଳ ) ଅଣ୍ଡିଆ

ପୁଂସ୍ତ୍ୱ-ବି. (ପୁଂସ୍-ତ୍ୱ) ପୁରୁଷତ୍ୱ, ଶୁକ୍ର ।

ପୁଖ-ବି. (ପୁଙ୍ଖଶବ୍ଦଜ) ଭଳମୂ, ଜନନ ।

ପୁଚ୍ଛ-ବି. (ପୁଚ୍ଛଶବ୍ଦଜ) ଲାଙ୍ଗୁଳ ।

ପୁଙ୍ଖ-ବି. (ପୁମସ୍-ଖନ୍-ଡ) ବାଣର ପଶ୍ଚାଦ୍ଭାଗ; ଶର । [ପୁଙ୍ଖ ।

ପୁଙ୍ଖାନୁପୁଙ୍ଖ-ବିଣ. (ପୁଙ୍ଖ-ଅନୁପୁଙ୍ଖ) ସୂକ୍ଷ୍ମାନୁ-

ପୁଞ୍ଜ ବି. (ପୁମସ୍-ଜନ୍-ଡ) ରାଶି, ସମୂହ ।

ପୁଞ୍ଜିକ-ବି. (ପୁମସ୍-ଜୋ-ଡ) ଶିଳା; (ଓଡ଼ିଆରେ) ମେଣ୍ଟ ।

ପୁଚ୍ଛ-ବି. (ପିଚ୍ଛ-ଅ) ଲାଙ୍ଗୁଳ; ପଶ୍ଚାଦ୍ଭାଗ ।

ପୁଞ୍ଜ-ବି. ରାଶି, ସମୂହ ।

ପୁଞ୍ଜି-ବି. ପାଣ୍ଠି, ମୂଳଧନ ।

ପୁଞ୍ଜିତ-ବିଣ. ରାଶୀକୃତ ।

ପୁଟ-ବି. (ପୁଟ୍-ଅ) ଆବରଣ; ଅଞ୍ଜଳି; ପାତ୍ର ।

ପୁଟୁଳି-ବି. ପୁଡ଼ିଆ ।

ପୁଡ଼ା ବି. (ପୁଟଶବ୍ଦଜ) ପୋଟଳା ।

ପୁଡ଼ା-ବି. (ପୁଷ୍ପଶବ୍ଦଜ) ପୁଷ୍ପର ରସ ।

ପୁଣି-ଅବ୍ୟ. (ପୁନର୍‌ଶବ୍ଦଜ) ପୁନର୍ବାର ।

ପୁଣ୍ୟାତ୍ମକ-ବି. (ପୁଣ୍ୟ-ଆତ୍ମକ) ଶେଷପତ୍ର ।

ପୁଣ୍ୟାହାକ୍ଷି-ବି. (ପୁଣ୍ୟାହ-ଅକ୍ଷି) ପବିତ୍ରଦିନ; ଶୁଭ ।

ପୁଣ୍ଡ୍ର / ପୁଣ୍ଡ୍ରକ } ବି. (ପୁଣ୍ଡ୍-ର-କ) ତିଳକ; ଚନ୍ଦନ ।

ପୁଣ୍ୟ-ବି. (ପୁଣ୍-ଯ) ଧର୍ମ, ସୁକୃତ; ବିଣ. ପବିତ୍ର, ନିର୍ମଳ ।

ପୁଣ୍ୟବାନ୍-ବିଣ. (ପୁଣ୍ୟ-ବତ୍) ଧାର୍ମିକ ।

ପୁଣ୍ୟ-ଶ୍ଳୋକ-ବିଣ. ସଚ୍ଚରିତ୍ର; ପବିତ୍ରଚରିତ୍ର ।

ପୁତୁଳି-ବି. ଆଖିର ତାରା ।

ପୁତ୍ତଳି- / ପୁତ୍ତଳିକା } ବି. ପିତୁଳା ।

ପୁତ୍ତିକା-ବି. ମହୁମାଛି ।

ପୁତ୍ର / ପୁତ୍ର } ବି. (ପୁତ୍-ତ୍ରୈ-ଡ) (ପୁ-ତ୍ର) ସୁତ, ତନୟ ।

ପୁତ୍ରୀ / ପୁତ୍ରିକା } ବି. କନ୍ୟା ।

ପୁନଃ-ଅବ୍ୟ. ପୁଣି ।

ପୁନଃ-ପୁନଃ-ଅବ୍ୟ. (ପୁନର୍-ପୁନର୍) ବାରମ୍ବାର ।

ପୁନରୁକ୍ତି-ବି. (ପୁନଃ-ଉକ୍ତି) ଉକ୍ତିର ପୁନଃକଥନ ।

ପୁନର୍ଜନ୍ମ-ବି. (ପୁନଃ-ଜନ୍ମନ୍) ପୁନର୍ବାର ସଂସାରରେ ଜନ୍ମଗ୍ରହଣ ।

ପୁନର୍ବସୁ ବି. (ପୁନର୍-ବସୁ) ନକ୍ଷତ୍ରବିଶେଷ ।

ପୁନର୍ଭୂ-ବି. ବିଧବା ହୋଇ ବିବାହିତା ।

ପୁନଶ୍ଚ-ଅବ୍ୟ. ପୁଣି; ପୁନର୍ବାର ।

ପୁନ୍ନାଗ-ବି. ସୋରିଷ ଗଛ ।

ପୁମାନ୍-ବି. ପୁଂସ; ପୁରୁଷ ।

ପୁର-ବି. (ପୃ-ଅ) ଗୃହ; ନଗର ।

ପୁରଃ-ଅବ୍ୟ. ଅଗ୍ରଦେଶ; ପୂର୍ବ ।

ପୁରଃସର-ବି. (ପୁରସ୍-ସୃ-ଅ) ଅଗ୍ରଗ; ଅଗ୍ରସର ।

ପୁରତଃ-ଅବ୍ୟ. (ପୁର-ତସ୍) ଆଗେ; ସମ୍ମୁଖ, ସମ୍ମୁଖରେ ।

ପୁରନ୍ଦର-ବି. (ପୁର ଦୃ-ଅ) ଇନ୍ଦ୍ର ।

ପୁରନ୍ଧ୍ରୀ-ବି. (ପୁର-ଧୃ-ଅ-ଈ) ପତି-ପୁତ୍ରବତୀ ସ୍ତ୍ରୀ,

ପୁର-ପାଳ-ବି. ନଗରରକ୍ଷକ ।   [ଗୃହିଣୀ ।

ପୁରଶ୍ଚରଣ-ବି. (ପୁରଃ-ଚରଣ) ମନ୍ତ୍ର, ଜପ, ହୋମ ପ୍ରଭୃତି ଦ୍ୱାରା ଦେବତାର ପୂଜା ।

ପୁରସ୍କାର-ବି. (ପୁରସ୍-କୃ-ଅ) ସମାଦର ; ପାରିତୋଷିକ ।   [ସମ୍ମୁଖ ।

ପୁରସ୍କୃତ-ବିଣ. (ପୁରସ୍-କୃ-ତ) ପୁରସ୍କାରପ୍ରାପ୍ତ;

ପୁରା-ଅବ୍ୟ. (ପୃ-ଆ) ପୂର୍ବକାଳରେ ।

ପୁରାଣ-ବିଣ. (ପୁରା-ନ) ପ୍ରାଚୀନ; ବି, ପ୍ରାଚୀନ କାଳର ନାନା ଉପାଖ୍ୟାନପୂର୍ଣ୍ଣ ଧର୍ମ-ଗ୍ରନ୍ଥ । ପୁରାଣ ଅଷ୍ଟାଦଶ; ଯଥା, ବ୍ରହ୍ମ, ପଦ୍ମ, ବିଷ୍ଣୁ, ଶିବ, ଭାଗବତ, ନାରଦ, ମାର୍କଣ୍ଡେୟ, ଅଗ୍ନି, ଭବିଷ୍ୟ, ବ୍ରହ୍ମ-ବୈବର୍ତ୍ତ, ଲିଙ୍ଗ, ବରାହ, ସ୍କନ୍ଦ, ବାମନ, କୂର୍ମ, ମତ୍ସ୍ୟ, ଗରୁଡ଼ ଓ ବ୍ରହ୍ମାଣ୍ଡପୁରାଣ ।

ପୁରାଣ-ପୁରୁଷ-ବି, ଆଦିପୁରୁଷ, ପରମେଶ୍ୱର ।

ପୁରା-ତତ୍ତ୍ୱ-ବି. ପ୍ରାଚୀନକାଳର ତଥ୍ୟ ।

ପୁରାତନ-ବିଣ. (ପୁରା-ତନ) ପ୍ରାଚୀନ ।

ପୁରାବୃତ୍ତ-ବି. (ପୁରା-ବୃତ୍-ତ) ପୂର୍ବବୃତ୍ତ, ଇତିହାସ ।

ପୁରାଷାଢ଼-ବି. (ପୁରା-ସହ୍-ଅ) ଇନ୍ଦ୍ର ।

ପୁରି-ବି, ଉତ୍କଳସ୍ଥ ଓ ସମୁଦ୍ରକୂଳରେ ସ୍ଥିତ ତୀର୍ଥ-ବିଶେଷ ।   [ଯଥା ପୁରୁଷୋତ୍ତମ ।

ପୁରୀ-ବି. (ପୁର-ଈ) ନଗର ; ଭବନ ; ଦେହ-

ପୁରୀଷ-ବି. (ପୃ-ଈଷ) ବିଷ୍ଠା, ମଳ ।

ପୁରୁ-ବିଣ. (ପୃ-ଉ) ପ୍ରଚୁର; ବି. ଚନ୍ଦ୍ରବଂଶର ନୃପବିଶେଷ ।

ପୁରୁଖା-ବିଣ. ପ୍ରବୀଣ ।

ପୁରୁଣା-ବିଣ. (ପୁରାଣ ଶବ୍ଦଜ) ପ୍ରାଚୀନ, ପୁରାତନ ।

ପୁରୁନି-ବି. ଶାକବିଶେଷ ।

ପୁରୁଷ-ବି. (ପୃ-ଉଷ) ମନୁଷ୍ୟ, ମଣିଷ; ଆତ୍ମା ;

ପୁରୁଷ-କାର-ବି. ପୌରୁଷ; ଉଦ୍ୟମ ।

ପୁରୁଷତ୍ୱ-ବି. (ପୁରୁଷ-ତ୍ୱ) ମନୁଷ୍ୟତ୍ୱ, ପୌରୁଷ; ଶକ୍ତି, ଉତ୍ସାହ ।

ପୁରୁଷର୍ଷଭ-ବି. (ପୁରୁଷ-ଋଷଭ) ପୁରୁଷଶ୍ରେଷ୍ଠ ।

ପୁରୁଷ-ସିଂହ-ବି. ନରଶ୍ରେଷ୍ଠ ।

ପୁରୁଷାର୍ଥ-ବି. (ପୁରୁଷ-ଅର୍ଥ) ପୁରୁଷର ଧର୍ମ, ଅର୍ଥ, କାମ ମୋକ୍ଷରୂପ ପ୍ରୟୋଜନ; ମୁକ୍ତି ।

ପୁରୁଷୋତ୍ତମ-ବି. (ପୁରୁଷ-ଉତ୍ତମ) ପରମାତ୍ମା; ଶ୍ରୀକ୍ଷେତ୍ର ।

ପୁରୁହୂତ-ବି. (ପୁରୁ-ହୂ-ତ) ଇନ୍ଦ୍ର ।   [ଡାକିବା ।

ପୁରୋଗାମୀ-ବିଣ. ( ପୁରଃ ଗମ୍-ଇନ୍ ) ଅଗ୍ର-

ପୁରୋଧା-ବି. (ପୁରସ୍-ଧା-ଅସ୍) ପୁରୋହିତ ।

ପୁରୋହିତ-ବି. (ପୁରସ୍-ଧା-ତ) ଯାଗାଦିକର୍ମ କରିବା ବ୍ରାହ୍ମଣ ।

ପୁଲକ-ବି. (ପୁଲ୍-ଅକ) ରୋମାଞ୍ଚ; ହର୍ଷ ।

ପୁଲକିତ-ବିଣ. (ପୁଲକ-ଇତ) ହୃଷ୍ଟ; ରୋମାଞ୍ଚିତ ।   [ମଧ୍ୟରୁ ଏକ ଋଷି ।

ପୁଲସ୍ତ୍ୟ-ବି. (ପୁଲ-ସ୍ତିୟ-ଅ) ସପ୍ତର୍ଷିମାନଙ୍କ

ପୁଲହ-ବି. (ପୁଲ-ହା-ଅ) ସପ୍ତର୍ଷିମାନଙ୍କ ମଧ୍ୟରୁ

ପୁଲାଏ-କ୍ରି. ବି. ମୋଟାଏ ।   [ଏକ ଋଷି ।

ପୁଳା-ବି. ଏକପ୍ରକାର ପିଠା ।

ପୁଳିନ-ବି. (ପୁଲ-ଇନ) ତଟ ।

ପୁନର୍ଣି-ବି. ପ୍ରବଳ ।

ପୁଲିନ୍ଦା-ବି. (ପାର୍ଶୀ) ଲଫାଫା ।

ପୁଲୋମଜା-ବି. (ପୁଲୋମନ୍-ଜନ୍-ଅ-ଆ) ଶଚୀ, ଇନ୍ଦ୍ରାଣୀ ।

ପୁଷ୍କର-ବି. (ପୁଷ୍-କର) ପଦ୍ମ; ଜଳ ।

ପୁଷ୍କରିଣୀ-ବି. (ପୁଷ୍କର-ଇନ୍-ଈ) ପୋଖରୀ, ପଦ୍ମିନୀ ।

ପୁଷ୍କଳ-ବି. (ପୁଷ୍-କଳ) ବହୁତ; ପ୍ରଚୁର ।

ପୁଷ୍ଟ-ବି. (ପୁଷ୍-ତ) ପ୍ରତିପାଳିତ; ବୃଦ୍ଧିପ୍ରାପ୍ତ ।

ପୁଷ୍ଟି-ବି. (ପୁଷ୍-ତି) ପୋଷଣ; ବୃଦ୍ଧି ।

ପୁଷ୍ଟିକର-ବି. (ପୁଷ୍ଟି-କର) ବୃଦ୍ଧିକାରକ, ବଳକାରକ ।

ପୁଷ୍ପ-ବି. (ପୁଷ୍ପ୍-ଅ) ଫୁଲ, କୁସୁମ ।

ପୁଷ୍ପକ-ବି. (ପୁଷ୍ପ-କ) କୁବେର-ରଥ ।

ପୁଷ୍ପଧନ୍ୱା-ବି. (ପୁଷ୍ପ-ଧନ୍ୱ) କନ୍ଦର୍ପ ।

ପୁଷ୍ପମାସ-ବି. ବସନ୍ତକାଳ ।

ପୁଷ୍ପରସ-ବି. (ପୁଷ୍ପ-ରସ) ଫୁଲର ମଧୁ ।

ପୁଷ୍ପ-ରାଗ-ବି. ପୋଖରାଜ ନାମକ ମଣିବିଶେଷ ।

ପୁଷ୍ପ-ବାଟିକା-ବି. ଫୁଲବଗିଚା ।

ପୁଷ୍ପିତ-ବି. (ପୁଷ୍ପ-ଇତ) କୁସୁମିତ ପ୍ରକାଶିତ ।

ପୁଷ୍ପେଷୁ-ବି. (ପୁଷ୍ପ-ଇଷୁ) କନ୍ଦର୍ପ ।

ପୁଷ୍ୟା-ବି. (ପୁଷ୍-ଯ-ଆ) ନକ୍ଷତ୍ରବିଶେଷ ।

ପୁସ୍ତକ-ବି. (ପୁସ୍ତ-ଅକ) ଗ୍ରନ୍ଥ, ପୋଥି ।

ପୁସ୍ତକାଗାର-ବି. (ପୁସ୍ତକ-ଆଗାର) ପୁସ୍ତକାଳୟ ।

ପୁହାଇବା-କ୍ରି. ପ୍ରଭାତ କରାଇବା ।

ପୂଗ-ବି. (ପୂ-ଗ) ଗୁବାକ, ଗୁଆ ।

ପୂଜକ-ବି. (ପୂଜ-ଅକ) ଉପାସକ, ସେବକ ।

ପୂଜନ-ବି. (ପୂଜ-ଅନ) ପୂଜା, ଅର୍ଚ୍ଚନା ।

ପୂଜନୀୟ-ବି. (ପୂଜ-ଅନୀୟ) ପୂଜାର ଯୋଗ୍ୟ, ପୂଜ୍ୟ ।

ପୂଜା-ବି. (ପୂଜ୍-ଅ) ଅର୍ଚ୍ଚନା, ଉପାସନା, [ସେବା; ସ୍ତବ ।

ପୂଜାର୍ହ-ବି. (ପୂଜା-ଅର୍ହ) ପୂଜାର ଯୋଗ୍ୟ ।

ପୂଜାହାରୀ-ବି. (ପୂଜା-ଅହାରୀ) ଦେବପୂଜକ ବ୍ରାହ୍ମଣ ।

ପୂଜିତ-ବି. (ପୂଜ୍-ତ) ଅର୍ଚ୍ଚିତ, ସେବିତ ।

ପୂଜ୍ୟ-ବି. (ପୂଜ୍-ଯ) ପୂଜାର ଯୋଗ୍ୟ ।

ପୂଜ୍ୟମାନ-ବି. ସେବ୍ୟମାନ ।

ପୂତ-ବି. (ପୂ-ତ) ନିର୍ମଳ, ପବିତ୍ର ।

ପୂତନା-ବି. ପୁତ୍ରଶୋକ ଦାନବୀବିଶେଷ ।

ପୂତି-ବି. (ପୂୟ୍-ତି) ଦୁର୍ଗନ୍ଧ ।

ପୂତିକା-ବି. (ପୂୟ୍-ତି-କ-ଆ) ପୋଇଶାଗ ।

ପୂତିଗନ୍ଧ-ବି. (ପୂତି-ଗନ୍ଧ) ଦୁର୍ଗନ୍ଧ ।

ପୂପ-ବି. (ପୂ-ପକ୍) ପିଷ୍ଟକ, ପିଠା ।

ପୂୟ-ବି. (ପୂୟ୍-ଅ) କ୍ଷତରକ୍ତ, ପୂଜ ।

ପୂର-ବି. (ପୂର୍-ଅ) ଜଳରାଶି; ପ୍ରବାହ; ପିଠା-ଭିତରେ ପୁରିବା ମିଷ୍ଟଦ୍ରବ୍ୟ ।

ପୂରଣ-ବି. (ପୂର୍-ଅନ) ପୂର୍ଣ୍ଣ ହେବା ବା କରିବା ।

ପୂରୟିତା-ବି. (ପୂର୍-ଣିଚ୍-ତୃ) ଯେ ପୂର୍ଣ୍ଣ କରେ ।

ପୂର୍ଣ୍ଣ-ବି. (ପୂ-ତ) ସମ୍ପୂର୍ଣ୍ଣ ।

ପୂର୍ଣ୍ଣିମା
ପୂର୍ଣ୍ଣମାସୀ } ବି. (ପୂର୍ଣ୍ଣ-ମା, ମାସୀ) ପୂର୍ଣ୍ଣିମା ତିଥି ।

ପୂର୍ଣ୍ଣାୟୁ-ବି. ( ପୂର୍ଣ୍ଣ-ଆୟୁ ) ଶତବର୍ଷପରିମିତ ଆୟୁଷ୍କାଳ । [ବିଶିଷ୍ଟ ।

ପୂର୍ଣ୍ଣିମା-ବି. (ପୂର୍ଣ୍ଣ-ଇମ-ଆ) ଶୁକ୍ଳପକ୍ଷର ପଞ୍ଚ-

ପୂର୍ତ୍ତ-ବି. ( ପୂ-ତ ) ସାଧାରଣର ଉପକାରାର୍ଥ ଜଳାଶୟାଦି ଖନନ ।

ପୂର୍ତ୍ତି-ବି. (ପୂର-ତି) ପୂରଣ । [ଚାପଜ ]

ପୂର୍ବ-ବି. (ପୂର୍ବ-ଅ) ଆଦି; ପ୍ରାଗଭବ; ବି.

ପୂର୍ବ-ପୁରୁଷ-ବି. ପିତୃ ପିତାମହାଦି ।

ପୂର୍ବଫାଲ୍ଗୁନୀ-ବି. ନକ୍ଷତ୍ରବିଶେଷ ।

ପୂର୍ବ-ଭାଦ୍ରପଦ-ବି. ନକ୍ଷତ୍ରବିଶେଷ ।

ପୂର୍ବ-ରଙ୍ଗ-ବି. ନାଟକ ଅଭିନୟର ପୂର୍ବରୁ ଗୀତ ପ୍ରସ୍ତାବନାଦି ।

ପୂର୍ବାଷାଢ଼ା-ବି.(ପୂର୍ବ-ଆଷାଢ଼ା) ନକ୍ଷତ୍ରବିଶେଷ ।

ପୂର୍ବାହ୍ନ-ବି. ( ପୂର୍ବ-ଅହନ୍ ) ଦିନର ପ୍ରଥମ-ଭାଗ ।

ପୂର୍ବୋକ୍ତ-ବିଣ. (ପୂର୍ବ-ଉକ୍ତ) ପୂର୍ବକଥିତ ।

ପୂଷା-ବି. ( ପୂଷ୍-ଅନ୍ ) ସୂର୍ଯ୍ୟ ।

ପୃକ୍ତ-ବିଣ. (ପୃଚ୍-ତ) ମିଶ୍ରିତ; ସଂଲଗ୍ନ ।

ପୃଚ୍ଛା-ବି. ( ପ୍ରଚ୍ଛ-ଅ-ଆ ) ପ୍ରଶ୍ନ, ଜିଜ୍ଞାସା ।

ପୃତନା-ବି. ସେନା, ସୈନ୍ୟଦଳ ।

ପୃଥକ୍-ଅ. (ପୃଥ୍-ଅକ୍) ଭିନ୍ନ । [ଭାର୍ଯ୍ୟା ।

ପୃଥା-ବି. ( ପ୍ରଥ୍-ଅ-ଆ ) କୁନ୍ତୀ, ପାଣ୍ଡୁରାଜାଙ୍କ

ପୃଥିବୀ, ପୃଥ୍ୱୀ }-ବି. (ପ୍ରଥ୍-ଇବ,) ଭୂମି, ଧରା ।

ପୃଥୁ-ବିଣ. ( ପ୍ରଥ୍-ଉ ) ବୃହତ୍ ; ବିଶାଳ ; ସ୍ଥୂଳ; ବି. ସୂର୍ଯ୍ୟବଂଶୀୟ ନୃପବିଶେଷ ।

ପୃଥୁକ-ବି. ଚୂଡ଼ା ।

ପୃଥୁଲ-ବିଣ. (ପୃଥୁ-ଲ) ବୃହତ୍, ବିସ୍ତୃତ; ସ୍ଥୂଳ ।

ପୃଷତ୍-ବି. ପୃଷ-ଅତ୍) ଜଳବିନ୍ଦୁ ।

ପୃଷୋଦର-ବି. ( ପୃଷତ୍-ଉଦର । ବାୟୁ ।

ପୃଷ୍ଟ-ବିଣ. ( ପ୍ରଚ୍ଛ-ତ ) ଜିଜ୍ଞାସିତ ।

ପୃଷ୍ଠ-ବି. ( ପୃଷ୍-ଥ ) ପଶ୍ଚାଦ୍ଭାଗ, ପିଠି; ପତ୍ରା-ଦିର ଏକ ପାର୍ଶ୍ୱ ।

ପୃଷ୍ଠ-ବଂଶ-ବି. ପିଠିର ମଝିହାଡ଼ ।

ପୃଷ୍ଠଭଙ୍ଗ-ବି. ( ପୃଷ୍ଠ-ଭଞ୍ଜ୍-ଅ ) ପଳାୟନ, ଯୁଦ୍ଧରେ ହାରି ପଳାଇବା ।

ପେଚ-ବି. ବଳ ।

ପେଚକ-ବି. (ପେଚ୍-ଅକ) ପେଚା ।

ପେଞ୍ଜି-ବି. ତୂଳର ମଣ୍ଡଳ ।

ପେଟ-ବି. ଉଦର, ଗର୍ଭ ।

ପେଟକ-ବି. ପେଡ଼ି ।

ପେଟିକା-ବି. ପେଡ଼ି ।

ପେଟାରୀ-ବି. ପେଡ଼ି ।

ପେଟୁ-ବିଣ. ଉଦରମ୍ଭର ।

ପେଠୀ-ବି. ବାଜାର ସ୍ଥାନ ।

ପେଡ଼ା-ବି. ମିଷ୍ଟାନ୍ନବିଶେଷ ; ପେଟରା ।

ପେଡ଼ି-ବି. (ପେଟିକା) ପେଟରାବିଶେଷ ।

ପେଡ଼ିବା-କ୍ରି. (ପୀଡ଼ନ) ରସ ବା ତେଲ ବାହାର କରିବା ।

ପେଣ୍ଡୁ-ବି. ଗେଣ୍ଡୁ, ଛାଞ୍ଚ ।

ପେଣ୍ଠୀ-ବି. ଛୁରା ଓ କାଗଜ ।

ପେଣ୍ଡା-ବି. ଘଞ୍ଚ, ଖାଣ୍ଡ ।

ପେନ୍ସ୍-ବି. (ପା-ଗ) ସାଇସ୍, ଘାଷର ଯୋଗ ।

ପେଲ-ବି. ଅଣ୍ଡକୋଷ ।

ପେଲବ-ବି. କୋମଳ, ସୂକ୍ଷ୍ମ ।

ପେଲିବା-କ୍ରି. ଠେଲିବା । [ଦେଶ

ପେଶକସ୍-ବି. (ପାର୍ସୀ) ସାମନ୍ତଙ୍କ-ଦେୟକର-

ପେଶକାର-ବି. (ପାର୍ସୀ) ।

ପେଶଲ-ବି. ସୁନ୍ଦର; କୋମଳ ।

ପେଶା-ବି. (ପାର୍ସୀ) ବ୍ୟବସାୟ ।

ପେଶୀ-ବି. ମାଂସପିଣ୍ଡ ।

ପେଷଣ-ବି. (ପିଷ୍-ଅନ) ଚୂର୍ଣ୍ଣନ ।

ପେଷଣୀ-ବି. ପେଷଣଯନ୍ତ୍ର ।

ପେଷିବା-କ୍ରି. (ପିଷ୍ଧାତୁରୁ) ଚୂର୍ଣ୍ଣ କରିବା ।

ପେଷିବା-କ୍ରି. (ପ୍ର-ଇଷ୍ଧାତୁରୁ) ପ୍ରେରଣ କରିବା (ପଦ୍ୟେ ବ୍ୟବହୃତ) ।

ପୈତା-ବି. (ଦେଶଜ) ଯଜ୍ଞୋପବୀତ ।

ପୈତୃକ-ବି. (ପିତୃ-ଷ୍ଣ) ପିତୃସମ୍ବନ୍ଧୀୟ ସମ୍-ପର୍କୀୟ ।

ପୈଶାଚ } ବି. (ପିଶାଚ-ଅ, ଇକ) ପିଶାଚ-
ପୈଶାଚିକ } ସମ୍ବନ୍ଧୀୟ; ଅସୁର ।

ପୋଈ-ବି. ପୁଇଁ ଶାଗ ।

ପୋଇଲି-ବି. ଚାଖା ।

ପୋକ-ବି. କୀଟ ।

ପୋକଣ୍ଡୁ-ବି. ପୋକ-ଖିଆ ।

ପୋଖତ-ବି. (ପାର୍ସୀ) ଦୃଢ଼; ପୁଷ୍ଟ ।

ପୋଙ୍ଗା-ବି. (ସ୍ଥାନଦେଶଜ) ନବପ୍ରସୂତା ସ୍ତ୍ରୀ ।

ପୋଙ୍ଗୁ-ବି. (ସମ୍ବଲପୁରୀ ଦେଶଜ) ସୁସ୍ଥଶରୀର ।

ପୋଗଣ୍ଡ-ବି. ଅପୋଗଣ୍ଡ ବାଳକ ।

ପୋଛିବା-କ୍ରି. (ପ୍ର-ଉଞ୍ଛଧାତୁରୁ) ମାର୍ଜନ କରିବା, [ପରିଷ୍କାର କରିବା ।

ପୋଟା-ବି. ପଟୁ ।

ପୋଡ଼ିବା-କ୍ରି. ଅଗ୍ନିରେ ଦଗ୍ଧ କରିବା ।

ପୋଡ଼ୁଅଁ-ବି. (ପ୍ରଥମଦେଶଜ) ପ୍ରଥମଜାତ ।

ପୋତ-ବି. ଶାବକ; ଜାହାଜ ।

ପୋତକ-ବି. ଗୃହଭେଦ ।

ପୋତା-ବି. ପ୍ରୋଥିତ ।

ପୋତାଧ୍ୟକ୍ଷ-ବି. (ପୋତ-ଅଧ୍ୟକ୍ଷ) ଜାହାଜ-ର କାପ୍ତାନ, ଜାହାଜରକ୍ଷକ ।

ପୋତାଶ୍ରୟ-ବି. (ପୋତ-ଆଶ୍ରୟ) ଜାହାଜର ଆଶ୍ରୟସ୍ଥାନ ।

ପୋଥିବା-କ୍ରି. ପ୍ରୋଥିତ କରିବା ।

ପୋଥି-ବି. ପୁସ୍ତକର ମୂଳାଂଶ ।

ପୋଦ୍ଧ-ବି. ( ଲକ୍ଷ୍ମଣଧନ-ଅବତରଣ ) ପୁତ୍ର ।

ପୋଦ୍ଦାର-ବି. (ପାର୍ସୀ) ଟଙ୍କା ପରୀକ୍ଷକ ।

ପୋପସ୍ତ-ବି. ପୋକଖିଆ, ଦୁର୍ଗନ୍ଧ ।

ପୋବାରି-ବି. (ପାର୍ଶାଦେଶଜ) ପଶାର ଏକ-ପ୍ରକାର ଦାନ ।

ପୋରସ୍ଥ-ବି. ଅତି ପୁରୁଣା, ଜୀର୍ଣ୍ଣ ।

ପୋଲି-ବି. ସେତୁ; ଶୂନ୍ୟ-ମଧ୍ୟ ।

ପୋଲା-ବି. ସାରଶୂନ୍ୟ; ଫମ୍ପା ।

ପୋଷ-ବି. ଅଶ୍ୱପାଳକ ।

ପୋଷଣ-ବି. (ପୁଷ୍-ଅନ) ପାଳନ ।

ପୋଷା-ବି. (ପୁଷ୍ଧାତୁଜ) ପାଳିତ ।
ପୋଷାକ-ବି. (ଫାର୍ସୀ) ପରିଚ୍ଛଦ ।
ପୋଷ୍ଟା-ବି. (ପୁଷ୍-ତୃ) ପୋଷଣକର୍ତ୍ତା ।
ପୋଷ୍ୟ-ବି. (ପୁଷ୍-ଯ) ପୋଷଣୀୟ, ପାଳ
ପୋଷ୍ୟ-ପୁତ୍ର-ବି. ଦତ୍ତକପୁତ୍ର । [ନୀୟ ।
ପୋସ୍ତ-ବି. (ଫାର୍ସୀ) ଅହିମ ଫଳ ।
ପୋହଳା-ବି. (ପ୍ରବାଳପଦ୍ମ) ପ୍ରବାଳ ।
ପୌଗଣ୍ଡ-ବି. (ପୋଗଣ୍ଡ-ଅ) ବାଲ୍ୟକାଳ ।
ପୌତ୍ତଳିକ-ବି. (ପୁତ୍ତଳି-ଇକ) ପ୍ରତିମାପୂଜକ ।
ପୌତ୍ର-ବି. (ପୁତ୍ର-ଅ) ପୁତ୍ରର ପୁତ୍ର, ନାତି ।
ପୌତ୍ରୀ-ବି. (ପୁତ୍ର-ଅ-ଈ) ପୁତ୍ରର କନ୍ୟା, ନାତୁଣୀ । [ପୁନଃ ଭାବ ।
ପୌନଃପୁନ୍ୟ-ବି. (ପୁନଃପୁନା-ଯ) ପୁନଃ-
ପୌର-ବି. (ପୁର-ଅ) ନଗରସମ୍ବନ୍ଧୀୟ; ବି. ନଗରବାସୀ ।
ପୌରବ-ବି. (ପୁରୁ-ଅ) ପୁରୁବଂଶୀୟ (ରାଜା) ।
ପୌରସ୍ତ୍ୟ-ବି. (ପୁରସ୍-ତ୍ୟ) ପ୍ରାଚ୍ୟ; ପ୍ରାଥମିକ
ପୌରାଣିକ-ବି. (ପୁରାଣ-ଇକ) ପୁରାଣ ସମ୍ବନ୍ଧୀୟ; ବି. ପୁରାଣପାଠକ ପଣ୍ଡିତ ।
ପୌରୁଷ-ବି. (ପୁରୁଷ-ଅ) ପୁରୁଷତ୍ୱ, ସାହସ; ତେଜ । [ମନୁଷ୍ୟରଚିତ ।
ପୌରୁଷେୟ-ବି. (ପୁରୁଷ-ଏୟ) ପୁରୁଷକୃତ,
ପୌରୋହିତ୍ୟ-ବି. (ପୁରୋହିତ-ଯ) ପୁରୋହିତର କର୍ମ ।
ପୌର୍ଣ୍ଣମାସୀ-ବି. (ପୂର୍ଣ୍ଣମାସ-ଅ-ଈ) ପୂର୍ଣ୍ଣିମା ତିଥି ।
ପୌର୍ବାପର୍ଯ୍ୟ-ବି. (ପୂର୍ବାପର-ଯ) ପୂର୍ବାପରତ୍ୱ, ଅନୁକ୍ରମ ।

ପୌଲସ୍ତ୍ୟ-ବି. (ପୁଲସ୍ତ୍ୟ-ଅ) ପୁଲସ୍ତ୍ୟ-ସନ୍ତାନ, କୁବେର; ରାବଣ । [ଶଚୀ ।
ପୌଲୋମୀ-ବି. (ପୁଲୋମନ୍-ଅ-ଈ) ଇନ୍ଦ୍ରାଣୀ,
ପୌଷ-ବି. (ପୁଷ୍ୟା-ଅ) ଯେଉଁ ମାସର ପୂର୍ଣ୍ଣିମାରେ ପୁଷ୍ୟାନକ୍ଷତ୍ର ଥାଏ ।
ପୌଷ୍ଟିକ-ବି. (ପୁଷ୍ଟି-ଇକ) ପୁଷ୍ଟିକାରକ ।
ପ୍ର-ଉପସର୍ଗ, ଅ. ଆରମ୍ଭ, ଉତ୍କର୍ଷ, ଗତି, ଅଧିକ, ପ୍ରଭୃତି ଅର୍ଥର ବୋଧକ ।
ପ୍ରକଟ-ବି. ବ୍ୟକ୍ତ ।
ପ୍ରକଟନ-ବି. (ପ୍ର-କଟ୍-ଅନ) ପ୍ରକାଶନ ।
ପ୍ରକଟିତ-ବି. (ପ୍ର-କଟ୍-ତ) ପ୍ରକାଶିତ ।
ପ୍ରକର-ବି. (ପ୍ର-କୃ-ଅ) ସମୂହ, ପୁଷ୍ପାଦିର ସ୍ତବକ ।
ପ୍ରକରଣ-ବି. (ପ୍ର-କୃ-ଅନ) ପ୍ରସ୍ତାବ; ପ୍ରସଙ୍ଗ; ଅଧ୍ୟାୟ ।
ପ୍ରକର୍ଷ ବି. (ପ୍ର-କୃଷ୍-ଅ) ଉତ୍କର୍ଷ, ଆଧିକ୍ୟ ।
ପ୍ରକାଣ୍ଡ-ବି. (ପ୍ର-କାଣ୍ଡ) ଅତି ବୃହତ ।
ପ୍ରକାର-ବି. (ପ୍ର-କୃ-ଅ) ପ୍ରଭେଦ; ଜାତି; ଶ୍ରେଣୀ; ଭଳି ।
ପ୍ରକାରାନ୍ତର-ବି. (ପ୍ରକାର-ଅନ୍ତର) ଅନ୍ୟ ପ୍ରକାର । [ପ୍ରକଟ; ବହିର୍ଗତ, ଦୃଷ୍ଟ ।
ପ୍ରକାଶ-ବି. (ପ୍ର-କାଶ୍-ଅ) ସ୍ପଷ୍ଟ; ବି. ପ୍ରଭା;
ପ୍ରକାଶକ-ବି. (ପ୍ର-କାଶ୍-ଅକ) ପ୍ରକାଶକାରୀ ।
ପ୍ରକାଶନ-ବି. (ପ୍ର-କାଶ୍-ଅନ) ପ୍ରକଟନ ।
ପ୍ରକାଶିତ-ବି. (ପ୍ର-କାଶ୍-ତ) ପ୍ରକଟିତ; ଘୋଷିତ; ବର୍ଣ୍ଣିତ ।
ପ୍ରକାଶ୍ୟ-ବି. (ପ୍ର-କାଶ୍-ଯ) ପ୍ରକାଶଯୋଗ୍ୟ ।
ପ୍ରକୀର୍ଣ୍ଣ-ବି. (ପ୍ର-କୃ-ତ) ବିକ୍ଷିପ୍ତ ।

ପ୍ରକୀର୍ତ୍ତିତ-ବି., (ପ୍ର-କୀର୍ତ୍-ତ) ବର୍ଣ୍ଣିତ; କଥିତ ।

ପ୍ରକୁପିତ-ବି., (ପ୍ର-କୁପ୍-ତ) ଅତ୍ୟନ୍ତ କ୍ରୁଦ୍ଧ ।

ପ୍ରକୃତ-ବି., (ପ୍ର-କୃ-ତ) ଯଥାର୍ଥ; ପ୍ରସ୍ତାବିତ ।

ପ୍ରକୃତି-ସ୍ତ୍ରୀ., (ପ୍ର-କୃ-ତି) ସୃଷ୍ଟି; ସ୍ୱଭାବ ; ପ୍ରଜା ; ମୂଳ ଶବ୍ଦ ବା ଧାତୁ । [ସୂତ୍ର ।

ପ୍ରକୃତିସ୍ଥ-ବି., (ପ୍ରକୃତି-ସ୍ଥା-ଅ) ନିଜ ସ୍ୱଭାବସ୍ଥ;

ପ୍ରକୃଷ୍ଟ-ବି., (ପ୍ର-କୃଷ୍-ତ) ଶ୍ରେଷ୍ଠ, ପ୍ରଶସ୍ତ, ଉତ୍କୃଷ୍ଟ । [ସେଥିର ଉତ୍କୃଷ୍ଟତା ।

ପ୍ରକୋପ-ବି., (ପ୍ର-କୁପ୍-ଅ) ଅତ୍ୟନ୍ତ କୋପ;

ପ୍ରକୋଷ୍ଠ-ବି., (ପ୍ର-କୁଷ୍-ଠ) କୋଠରୀ; କଫୋଣି-ଠାରୁ ମଣିବନ୍ଧ ପର୍ଯ୍ୟନ୍ତ ହାତ-ଭାଗ ।

ପ୍ରକ୍ରମ-ବି. (ପ୍ର-କ୍ରମ-ଅ) ପ୍ରଥମାରମ୍ଭ; ଉପକ୍ରମ ।

ପ୍ରକ୍ରିୟା-ବି., (ପ୍ର-କୃ-ଯ-ଆ) କରଣବିଧି; ପ୍ରୟୋଗ ।

ପ୍ରକ୍ୱଣ-ବି., (ପ୍ର-କ୍ୱଣ୍-ଅ) ବୀଣାଧ୍ୱନି; ଧ୍ୱନି ।

ପ୍ରକ୍ଷାଳନ-ବି. (ପ୍ର-କ୍ଷାଳ୍-ଅନ) ଧୌତକରଣ; ପରିଷ୍କରଣ ।

ପ୍ରକ୍ଷିପ୍ତ-ବି., (ପ୍ର-କ୍ଷିପ୍-ତ) ନିକ୍ଷିପ୍ତ; ଅନ୍ତର୍ନିବେଶିତ ।

ପ୍ରକ୍ଷେପ-ବି. (ପ୍ର-କ୍ଷିପ୍-ଅ) ନିକ୍ଷେପ ।

ପ୍ରକ୍ଷ୍ୱେଡନ-ବି. ଲୌହମୟ ବାଣ ।

ପ୍ରଖର-ବି., (ପ୍ର-ଖର) ତୀକ୍ଷ୍ଣ; ଉଗ୍ର ।

ପ୍ରଖ୍ୟାତ-ବି., (ପ୍ର-ଖ୍ୟା-ତ) ପ୍ରସିଦ୍ଧ; କଥିତ ।

ପ୍ରଗତ-ବି. (ପ୍ର-ଗମ୍-ତ) ପ୍ରବେଶିତ; ଉନ୍ନତ ।

ପ୍ରଗଲ୍ଭ-ବି., (ପ୍ର-ଗଲ୍ଭ୍-ଅ) ଉଦ୍ଧତ; ଲଜ୍ଜାଶୂନ୍ୟ; ବାଗ୍ମୀ । [ନିର୍ଭୟ; ସାହସୀ ।

ପ୍ରଗାଢ଼-ବି., (ପ୍ର-ଗାହ୍-ତ) ଅତ୍ୟନ୍ତ ଦୃଢ଼,

ପ୍ରଗ୍ରହ-ବି. ଲଗାମ ।

ପ୍ରଘଣ-ବି. ଦୁଆର ।

ପ୍ରଚଣ୍ଡ-ବି., (ପ୍ର-ଚଣ୍ଡ) ପ୍ରଖର, ଦୁଃସହ; ଉଗ୍ର ।

ପ୍ରଚଳନ-ବି. (ପ୍ର-ଚଳ୍-ଅନ) ପ୍ରଚାର, ଚଳଣ ।

ପ୍ରଚଳିତ-ବି., (ପ୍ର-ଚଳ୍-ତ) ପ୍ରବର୍ତ୍ତିତ; ସାଧାରଣ ବ୍ୟବହୃତ । [ପ୍ରଚାର ।

ପ୍ରଚର-ବି., (ପ୍ର-ଚର୍-ଅ) ପଥ; ପ୍ରଚାର;

ପ୍ରଚାରକ-ବି., (ପ୍ର-ଚର୍-ଣିଚ୍-ଅକ) ଯେ ପ୍ରଚାର କରେ । [ପ୍ରଚାରିତ ।

ପ୍ରଚାରିତ-ବି., (ପ୍ର-ଚର୍-ଣିଚ୍-ତ) ବିଜ୍ଞାପିତ,

ପ୍ରଚୁର-ବି., (ପ୍ର-ଚୁର୍-ଅ) ପ୍ରଭୂତ, ବହୁଳ ।

ପ୍ରଚେତାଃ-ବି., (ପ୍ର-ଚେତସ୍) ବରୁଣ; ମୁନି-ବିଶେଷ । [ଜଳେଶ୍ୱର ।

ପ୍ରଚୋଦିତ-ବି., (ପ୍ର-ଚୁଦ୍-ଣିଚ୍-ତ) ପ୍ରେରିତ;

ପ୍ରଚ୍ଛନ୍ନ-ବି., (ପ୍ର-ଛଦ୍-ତ) ଆଚ୍ଛାଦିତ, ଗୁପ୍ତ ।

ପ୍ରଚ୍ଛର୍ଦ୍ଦନ-ବି. (ପ୍ର-ଛର୍ଦ୍-ଅନ) ବମନ ।

ପ୍ରଚ୍ଛାଦନ-ବି. (ପ୍ର-ଛଦ୍-ଣିଚ୍-ଅନ) ଆଚ୍ଛାଦନ ।

ପ୍ରଜା-ସ୍ତ୍ରୀ. (ପ୍ର-ଜନ୍-ଅ-ଆ) ସନ୍ତାନ, ରାଜାର ଅଧୀନସ୍ଥ ଲୋକ ।

ପ୍ରଜାଗର-ବି. (ପ୍ର-ଜାଗୃ-ଅ) ଜାଗରଣ ।

ପ୍ରଜା-ତନ୍ତ୍ର-ବି. ପ୍ରଜାମାନଙ୍କର ଦ୍ୱାରା ଶାସନ-ପ୍ରଣାଳୀ । [ଗଣତନ୍ତ୍ର-ଶାସନ ।

ପ୍ରଜାପତି-ବି., ( ପ୍ରଜା-ପତି ) ବ୍ରହ୍ମା ; ରାଜା ;

ପ୍ରଜ୍ଞ-ବି., (ପ୍ର-ଜ୍ଞା-ଅ): ଜ୍ଞାନୀ, ବିଦ୍ୱାନ, ପଣ୍ଡିତ ।

ପ୍ରଜ୍ଞା-ସ୍ତ୍ରୀ. (ପ୍ର-ଜ୍ଞା-ଅ) ବୁଦ୍ଧି; ସୁଷ୍ଠୁଜ୍ଞାନ ।

ପ୍ରଜ୍ୱଳିତ-ବି., ( ପ୍ର-ଜ୍ୱଳ୍-ତ ) ଜ୍ୱଳନଯୁକ୍ତ; ଜ୍ୱଳନ୍ତ ।

ପ୍ରଣତ-ବି. (ପ୍ର-ନମ୍-ତ) କୃତପ୍ରଣାମ ।
ପ୍ରଣତି-ବି. (ପ୍ର-ନମ୍-ତି) ପ୍ରଣାମ ।
ପ୍ରଣୟ-ବି. (ପ୍ର-ନୀ-ଅ) ପ୍ରୀତି; ପରିଚୟ ।
ପ୍ରଣୟନ-ବି. (ପ୍ର-ନୀ-ଅନ) ନିର୍ମାଣ; ରଚନା ।
ପ୍ରଣୟୀ-ବି. (ପ୍ରଣୟ-ଇନ୍) ପ୍ରେମିକ ଭାବୁକ ।
ପ୍ରଣୟିନୀ-ବି. (ପ୍ରଣୟ-ଇନ୍-ଈ) ଅନୁରକ୍ତା ଭାର୍ଯ୍ୟା ।
ପ୍ରଣବ-ବି. (ପ୍ର-ନୁ-ଅ) ବେଦର ଆଦ୍ୟବୀଜ; ଓଁକାର ।
ପ୍ରଣାମ-ବି. (ପ୍ର-ନମ୍-ଅ) ପ୍ରଣତି; ନମସ୍କାର ।
ପ୍ରଣାଳୀ-ବି. (ପ୍ର-ନାଳୀ) ଜଳ ନିର୍ଗମ ପଥ, ନଳ, ଧାର; ନିୟମ ।
ପ୍ରଣିଧାନ-ବି. (ପ୍ର-ନି-ଧା-ଅନ) ଧ୍ୟାନ; ମନୋ-
ପ୍ରଣିଧି-ବି. (ପ୍ର-ନି-ଧା-ଇ) ଦୂତ ।
ପ୍ରଣିପାତ-ବି. (ପ୍ର-ନି-ପତ୍-ଅ) ପ୍ରଣାମ ।
ପ୍ରଣୀତ-ବି. (ପ୍ର-ନୀ-ତ) ରଚିତ ।
ପ୍ରଣେତା-ବି. (ପ୍ର-ନୀ-ତୃ) ରଚୟିତା ।
ପ୍ରଣୋଦିତ-ବି. (ପ୍ର-ନୁଦ୍-ଣିଚ୍-ତ) ପ୍ରେରିତ; ଚାଳିତ ।
ପ୍ର-ତତି-ବି. ବଲ୍ଲୀ, ଲତା; ବିସ୍ତୃତି ।
ପ୍ରତାନ-ବି. (ପ୍ର-ତନ୍-ଅ) ବିସ୍ତାର; ଲତାର
ପ୍ରତାପ-ବି. (ପ୍ର-ତପ୍-ଅ) ପ୍ରଭାବ; ତେଜ ।
ପ୍ରତାରକ-ବି. (ପ୍ର-ତୃ-ଣକ) ବଞ୍ଚକ ।
ପ୍ରତାରଣା-ବି. (ପ୍ର-ତୃ-ଅନ-ଆ) ପ୍ରବଞ୍ଚନା ।
ପ୍ରତାରିତ-ବି. (ପ୍ର-ତୃ-ଣିଚ୍-ତ) ପ୍ରବଞ୍ଚିତ ।
ପ୍ରତି-ଅବ୍ୟ. ଉପସର୍ଗ-ପ୍ରତିନିଧି, ବ୍ୟାପ୍ତି, ପ୍ରତ୍ୟେକ, ଲକ୍ଷ୍ୟ, ସାଦୃଶ୍ୟ ପ୍ରଭୃତିର ବୋଧକ ।

ପ୍ରତିକାର / ପ୍ରତୀକାର } ବି. (ପ୍ରତି-କୃ-ଅ) ପ୍ରତିବିଧାନ; ଉପଶମ; ଚିକିତ୍ସା ।
ପ୍ରତିକୂଳ-ବି. (ପ୍ରତି-କୂଳ) ପ୍ରତିପକ୍ଷ; ବିରୁଦ୍ଧ ।
ପ୍ରତିକୃତି-ବି. (ପ୍ରତି-କୃ-ତି) ପ୍ରତିମୂର୍ତ୍ତି; ସାଦୃଶ୍ୟ ।
ପ୍ରତିକ୍ରିୟା-ବି. (ପ୍ରତି-କ୍ରିୟା) ପ୍ରତୀକାର; କ୍ରିୟାର ପ୍ରତିଯୋଗରେ କ୍ରିୟା ।
ପ୍ରତିକ୍ଷଣ-କ୍ରି. ବି. (ପ୍ରତି-କ୍ଷଣ) କ୍ଷଣେ କ୍ଷଣେ ।
ପ୍ରତିଗ୍ରହ-ବି. (ପ୍ରତି-ଗ୍ରହ-ଅ) ଦାନଗ୍ରହଣ; ଦେୟବସ୍ତୁ ।
ପ୍ରତିଘାତ-ବି. (ପ୍ରତି-ହନ୍-ଅ) କୌଣସି ପଦାର୍ଥ କୌଣସି ପଦାର୍ଥକୁ ଆଘାତ କଲେ ଅନ୍ୟ ପଦାର୍ଥ ଦ୍ୱାରା ତାହାକୁ ଯେ ଆଘାତ କରେ ।
ପ୍ରତି-ଛାୟା-ବି. ଛାୟା ମୁକୁରରେ ଦେଖା ଯିବା ।
ପ୍ରତିଜ୍ଞା-ବି. (ପ୍ରତି-ଜ୍ଞା-ଅ) ଶପଥ, ଅଙ୍ଗୀକାର; ପଣ; ପ୍ରସ୍ତାବ ।
ପ୍ରତିଜ୍ଞାତ-ବି. ଅଙ୍ଗୀକୃତ ।
ପ୍ରତିଦାନ-ବି. (ପ୍ରତି-ଦା-ଅନ) ବିନିମୟ ।
ପ୍ରତିଦିନ-କ୍ରି. ବି. ପ୍ରତ୍ୟହ ।
ପ୍ରତିଦ୍ୱନ୍ଦ୍ୱୀ-ବି. (ପ୍ରତି ଦ୍ୱନ୍ଦ୍ୱ-ଇନ୍) ପ୍ରତିପକ୍ଷ, ଶତ୍ରୁ ।
ପ୍ରତି-ଧ୍ୱନି / ପ୍ରତି-ଧ୍ୱାନ } ବି. ପ୍ରତିରବ ।
ପ୍ରତିନିଧି-ବି. (ପ୍ରତି-ନି-ଧା-ଇ) ଅନ୍ୟର ପରିବର୍ତ୍ତରେ ସ୍ଥାପ୍ୟ; ପ୍ରତିଭୂ ।
ପ୍ରତି-ନିବୃତ୍ତ-ବି. ପ୍ରତ୍ୟାଗତ ।
ପ୍ରତିପକ୍ଷ-ବି. (ପ୍ରତି-ପକ୍ଷ) ବିପକ୍ଷ, ଶତ୍ରୁ ।

ପ୍ରତିପତ୍ତି–ବି. (ପ୍ରତି-ପଦ୍-ତି) ସମ୍ମାନ; ବୁଦ୍ଧି; ପଦପ୍ରାପ୍ତି ।

ପ୍ରତିପଦ୍–ବି. ଶୁକ୍ଳ ବା କୃଷ୍ଣପକ୍ଷର ପ୍ରଥମ ତିଥି ।

ପ୍ରତିପନ୍ନ–ବିଂ. (ପ୍ରତି-ପଦ୍-ତ) ଉତ୍ପନ୍ନ; ପ୍ରମାଣିତ ।

ପ୍ରତିପାଦକ–ବିଂ. (ପ୍ରତି-ପଦ୍-ଣିଚ୍-ଅକ) ବୋଧକ; ଜ୍ଞାପକ ।

ପ୍ରତିପାଦନ–ବି. (ପ୍ରତି-ପଦ୍-ଣିଚ୍-ଅନ) ସମ୍ପାଦନ; ଜ୍ଞାପନ; ପ୍ରସ୍ତୁତକରଣ ।

ପ୍ରତିପାଳକ–ବିଂ. ରକ୍ଷକ ।

ପ୍ରତିପାଳନ–ବି. (ପ୍ରତି-ପାଳ-ଅନ) ରକ୍ଷଣ, ପୋଷଣ ।

ପ୍ରତିଫଳ–ବି. ପ୍ରତିଶୋଧ; ପ୍ରତ୍ୟୁପକାର; ପ୍ରତିକାର ।

ପ୍ରତିଫଳନ–ବି. (ପ୍ରତି-ଫଳ-ଅନ) ପ୍ରତିବିମ୍ବ ।

ପ୍ରତିଫଳିତ–ବିଂ. ପ୍ରତିବିମ୍ବିତ ।

ପ୍ରତିବନ୍ଧକ–ବି. (ପ୍ରତି-ବନ୍ଧ୍-ଅକ) ବାଧା; ବିଘ୍ନ, ବିଂ. ବାଧକ ।

ପ୍ରତିଭା–ବି. (ପ୍ରତି-ଭା-ଅ) ଦୀପ୍ତି; ଅସାଧାରଣ ଶକ୍ତି ।

ପ୍ରତିଭାତ–ବିଂ. (ପ୍ରତି-ଭା-ତ) ପ୍ରକାଶିତ; ପ୍ରତୀତ ।

ପ୍ରତିଭାସିତ–ବିଂ. (ପ୍ରତି-ଭାସ୍-ତ) ପ୍ରଦୀପ୍ତ; ଶୋଭିତ ।

ପ୍ରତିଭୂ–ବି. (ପ୍ରତି-ଭୂ-) ପ୍ରତିନିଧି ।

ପ୍ରତିମ–ବିଂ. (ପ୍ରତି-ମା-ଅ) ସଦୃଶ (ସମାସରେ) ।

ପ୍ରତିମା–ବି. (ପ୍ରତି-ମା-ଅ-ଆ) ସାଦୃଶ୍ୟ; ପ୍ରତିମୂର୍ତ୍ତି, ପ୍ରତିବିମ୍ବ ।

ପ୍ରତିମୂର୍ତ୍ତି–ବି. (ପ୍ରତି-ମୂର୍ତ୍ତି) ପ୍ରତିମା, ପ୍ରତିରୂପ ।

ପ୍ରତିଯୋଗୀ–ବି. (ପ୍ରତି-ଯୁଜ୍-ଇନ୍) ପ୍ରତିଦ୍ୱନ୍ଦ୍ୱୀ ।

ପ୍ରତିରୂପ–ବି. ପ୍ରତିମୂର୍ତ୍ତି ।

ପ୍ରତିରୋଧ–ବି. (ପ୍ରତି-ରୁଧ୍-ଅ) ବାରଣ ।

ପ୍ରତିଲୋମ–ବିଂ. ପ୍ରତିକୂଳ ।

ପ୍ରତିବାଦ–ବି. (ପ୍ରତି-ବଦ୍-ଅ) ବିରୁଦ୍ଧରେ କହିବା, ଆପତ୍ତି ।

ପ୍ରତିବାଦୀ–ବିଂ. (ପ୍ରତି-ବଦ୍-ଇନ୍) ପ୍ରତିପକ୍ଷ; ଆସାମୀ ।

ପ୍ରତିବାସୀ–ବି. (ପ୍ରତି-ବସ୍-ଇନ୍) ପଡ଼ୋଶୀ ।

ପ୍ରତିବିଧାନ–ବି. ପ୍ରତିକାର ।

ପ୍ରତିବିଧିତ୍ସା–ବି. (ପ୍ରତି-ବି-ଧା-ସନ୍-ଅ) ପ୍ରତିକାର କରିବାର ଇଚ୍ଛା ।

ପ୍ରତିବିମ୍ବ–ବି. ପ୍ରତିଛାୟା ।

ପ୍ରତିବିମ୍ବିତ–ବିଂ. ପ୍ରତିଫଳିତ ।

ପ୍ରତିବେଶୀ–ବି. (ପ୍ରତି-ବିଶ୍-ଇନ୍) ପ୍ରତିବାସୀ ।

ପ୍ରତିଶବ୍ଦ–ବି. ପ୍ରତିଧ୍ୱନି; ତୁଲ୍ୟାର୍ଥ ଶବ୍ଦ ।

ପ୍ରତିଶ୍ରୁତ–ବିଂ. ସ୍ୱୀକୃତ ।

ପ୍ରତିଶ୍ରୁତି–ବି. ଅଙ୍ଗୀକାର ।

ପ୍ରତିଷେଧ–ବି. (ପ୍ରତି-ସିଧ୍-ଅ) ନିଷେଧ ।

ପ୍ରତିଷେଧକ–ବିଂ. ନିଷେଧକ; ନିବାରକ ।

ପ୍ରତିଷ୍ଟମ୍ଭ–ବି. (ପ୍ରତି-ସ୍ତମ୍ଭ୍-ଅ) ବାଧା ।

ପ୍ରତିଷ୍ଠା–ବି. (ପ୍ରତି-ସ୍ଥା-ଅ) ସ୍ଥାପନ; ଖ୍ୟାତି; ଦେବ ସ୍ଥାପନର ଉତ୍ସର୍ଗ ।

ପ୍ରତିଷ୍ଠିତ–ବିଂ. (ପ୍ରତି-ସ୍ଥା-ତ) ସ୍ଥାପିତ; ସମ୍ମାନିତ ।

ପ୍ରତିସୂର୍ଯ୍ୟ–ବି. ସୂର୍ଯ୍ୟମଣ୍ଡଳ; ବହୁରୂପୀ ଏଣ୍ଡୁଅ ।

ପ୍ରତିହତ–ବିଂ. (ପ୍ରତି-ହନ୍-ତ) ବାଧିତ ।

ପ୍ରତିହାରୀ–ବି. (ପ୍ରତି-ହୃ-ଅ-ଇନ୍) ଦ୍ୱାରପାଳ ।

ପ୍ରତି-ହିଂସା–ବି. ବୈରସାଧନ ।

ପ୍ରତୀକ୍ଷା–ବି. (ପ୍ରତି-ଈକ୍ଷ-ଅ) ଅପେକ୍ଷା ।

ପ୍ରତୀଚୀ—ସ୍ତ୍ରୀ. ପଶ୍ଚିମଦିଗ୍ ।

ପ୍ରତୀଚୀନ } ବି. ପଶ୍ଚିମଦେଶ ସମ୍ବନ୍ଧୀୟ ।
ପ୍ରତୀଚ୍ୟ }

ପ୍ରତୀତ—ବି. (ପ୍ରତି-ଇ-ତ) ଜ୍ଞାତ; ପ୍ରସିଦ୍ଧ ।

ପ୍ରତୀତି—ସ୍ତ୍ରୀ. (ପ୍ରତି-ଇ-ତି) ଜ୍ଞାନ, ବିଶ୍ୱାସ ।

ପ୍ରତୀପ—ବି. (ପ୍ରତି-ଅପ୍-ଅ) ପ୍ରତିକୂଳ, ବିପରୀତ ।

ପ୍ରତୀୟମାନ—ବି. (ପ୍ରତି-ଇ-ଅନ) ଜ୍ଞାୟମାନ; ଯାହା ଜଣାଯାଉଅଛି ।

ପ୍ରତୋଦ—ପୁ. (ପ୍ର-ତୁଦ୍-ଅ) ଚାବୁକ; ପାଞ୍ଚଣ ।

ପ୍ରତ୍ନ—ବି. ପୁରାତନ । [ଗୋଚର ।

ପ୍ରତ୍ୟକ୍ଷ—ବି. (ପ୍ରତି-ଅକ୍ଷି) ଇନ୍ଦ୍ରିୟଗୋଚର; ଦୃଷ୍ଟି-

ପ୍ରତ୍ୟଗ୍ର—ବି. ସଦ୍ୟୋଜାତ, ନବ ।

ପ୍ରତ୍ୟଙ୍ଗ—ବି. ଅଙ୍ଗର ଅଙ୍ଗ ।

ପ୍ରତ୍ୟନ୍ତ—ବି. ପ୍ରାନ୍ତସ୍ଥିତ । [ଜ୍ଞାନ; ଚିହ୍ନିବା ।

ପ୍ରତ୍ୟଭିଜ୍ଞାନ—ନ. 'ଏହି ସେହି' ଇତ୍ୟାକାର-

ପ୍ରତ୍ୟୟ—ପୁ. ବିଶ୍ୱାସ; ଜ୍ଞାନ; ବ୍ୟାକରଣରେ ପ୍ରକୃତି ପରେ ବସନ୍ତି । [ବାଦୀ ।

ପ୍ରତ୍ୟର୍ଥୀ—ବି. (ପ୍ରତି-ଅର୍ଥ-ଇନ୍) ପ୍ରତିପକ୍ଷ; ପ୍ରତି-

ପ୍ରତ୍ୟର୍ପଣ—ନ. (ପ୍ରତି ଅର୍ପଣ) ପ୍ରତିଦାନ; ଫେରସ୍ତ-

ପ୍ରତ୍ୟର୍ପିତ—ବି. ପ୍ରତିଦତ୍ତ । [ଦେବା ।

ପ୍ରତ୍ୟବାୟ—ପୁ. (ପ୍ରତି-ଅବ-ଇ-ଅ) ଅନିଷ୍ଟ; ପାପ; ବିହିତ ଅକରଣ ।

ପ୍ରତ୍ୟହ—ଅ. (ପ୍ରତି-ଅହ) ପ୍ରତିଦିନ ।

ପ୍ରତ୍ୟାଖ୍ୟାତ—ବି. (ପ୍ରତି-ଆ-ଖ୍ୟା-ତ) ଅସ୍ୱୀକୃତ, ନିରାକୃତ । [ବାରଣ ଦୂରୀକରଣ ।

ପ୍ରତ୍ୟାଖ୍ୟାନ—ନ. (ପ୍ରତି-ଆ-ଖ୍ୟା-ଅନ) ଖଣ୍ଡନ-

ପ୍ରତ୍ୟାଗତ—ବି. ପ୍ରତିନିବୃତ୍ତ ।

ପ୍ରତ୍ୟାଗମନ—ନ. ଫେରିଆସିବା ।

ପ୍ରତ୍ୟାବର୍ତ୍ତନ ନ. ପୁନରାବର୍ତ୍ତନ; ଫେରିଆସିବା ।

ପ୍ରତ୍ୟାଶା—ସ୍ତ୍ରୀ (ପ୍ରତି-ଆଶା) ଭରସା ।

ପ୍ରତ୍ୟାଶୀ—ବି. (ପ୍ରତ୍ୟାଶା-ଇନ୍) ଯେ ପ୍ରତ୍ୟାଶା କରେ ।

ପ୍ରତ୍ୟୁକ୍ତି—ସ୍ତ୍ରୀ. (ପ୍ରତି-ବଚ୍-ତି) ଉତ୍ତର ।

ପ୍ରତ୍ୟୁତ୍ପନ୍ନ—ବି. (ପ୍ରତି-ଉତ୍ପନ୍ନ) ଉପସ୍ଥିତ ସମୟରେ ଉତ୍ପନ୍ନ; ତତ୍କାଳରେ ଘଟିତ । [ବୁଦ୍ଧି ।

ପ୍ରତ୍ୟୁତ୍ପନ୍ନ-ମତି—ବି. ତାତ୍କାଳିକ ଉପସ୍ଥିତ-

ପ୍ରତ୍ୟୁଦ୍ଗମନ—ନ. (ପ୍ରତି-ଉତ୍-ଗମ୍-ଅନ) ମାନ୍ୟ ବ୍ୟକ୍ତି ଆସିଲେ ଆଗକୁ ଯାଇ ପାଛୋଟି ଆଣିବା ।

ପ୍ରତ୍ୟୁପକାର—ପୁ. ( ପ୍ରତି-ଉପକାର ) ଉପକାର ପ୍ରତି ଉପକାର ।

ପ୍ରତ୍ୟୂଷ } ପୁ. ( ପ୍ରତି-ଊଷ, ଉଷ ) ପ୍ରଭାତ, ପ୍ରାତଃକାଳ ।
ପ୍ରତ୍ୟୂଷା }

ପ୍ରତ୍ୟୂହ—ପୁ. (ପ୍ରତି ଊହ-ଅ) ବିଘ୍ନ, ବାଧା ।

ପ୍ରତ୍ୟେକ—କ୍ରି. ବି. (ପ୍ରତି-ଏକ) ଏକ ଏକ କରି ସମୁଦାୟ ।

ପ୍ରଥମ—ବି. (ପ୍ରଥ୍-ଅମ୍) ଆଦ୍ୟ; ମୁଖ୍ୟ ।

ପ୍ରଥମତଃ—ଅ. (ପ୍ରଥମ-ତସ୍) ପ୍ରଥମେ; ଅଗ୍ରେ ।

ପ୍ରଥା—ସ୍ତ୍ରୀ (ପ୍ରଥ୍-ଅ-ଆ) ରୀତି; ଧାରା ।

ପ୍ରଥିତ—ବି. (ପ୍ରଥ-ତ) ପ୍ରସିଦ୍ଧ, ଖ୍ୟାତ ।

ପ୍ରଥିମା—ସ୍ତ୍ରୀ (ପୃଥୁ-ଇମନ୍) ସ୍ଥୂଳତା; ବିସ୍ତାର ।

ପ୍ରଦ—ବି. (ପ୍ର-ଦା-ଅ) ଦାନକାରୀ (ସମାସରେ) ।

ପ୍ରଦକ୍ଷିଣ-ବି. (ପ୍ର-ଦକ୍ଷିଣ) ପୂଜ୍ୟ ବ୍ୟକ୍ତିଙ୍କ ଦକ୍ଷିଣ ଦିଗରୁ ଘେରଣରେ ବୁଲିବା; ବେଢ଼ା ।

ପ୍ରଦତ୍ତ ବି. (ପ୍ର-ଦା-ତ) ସମର୍ପିତ, ଯାହା ଦିଆ-ଯାଇଅଛି ।

ପ୍ରଦର-ବି. (ପ୍ର ଦୃ-ଅ) ସ୍ତ୍ରୀ ରୋଗବିଶେଷ ।

ପ୍ରଦର୍ଶକ-ବି. (ପ୍ର-ଦୃଶ୍-ଣିଚ୍-ଅକ) ପ୍ରଦର୍ଶନକାରୀ ।

ପ୍ରଦର୍ଶନ-ବି. (ପ୍ର-ଦୃଶ୍-ଣିଚ୍-ଅନ) ଦେଖାଇବା ।

ପ୍ରଦର୍ଶିତ-ବି. ( ପ୍ର-ଦୃଶ୍-ଣିଚ୍-ତ ) ଯାହା ଦେଖାଇ ଦିଆଯାଇଅଛି; ଉଲ୍ଲିଖିତ ।

ପ୍ରଦାନ-ବି. (ପ୍ର-ଦା-ଅନ) ଦାନ, ବିତରଣ ।

ପ୍ରଦୀପ-ବି. (ପ୍ର-ଦୀପ୍-ଅ) ଦୀପ; ଅନେକବତ୍ତିଯୁକ୍ତ ଦୀପ ।

ପ୍ରଦୀପ୍ତ-ବି. (ପ୍ର-ଦୀପ୍-ତ) ପ୍ରକାଶିତ; ଉଜ୍ଜ୍ୱଳ ।

ପ୍ରଦେୟ-ବି. (ପ୍ର-ଦା-ଯ) ପ୍ରଦାନର ଯୋଗ୍ୟ ।

ପ୍ରଦେଶ ବି. (ପ୍ର-ଦେଶ) ସ୍ଥାନ; ଦେଶ; ଦେଶର ଅଂଶ ।

ପ୍ରଦୋଷ-ବି. (ପ୍ର-ଦୋଷ) ସାୟଂକାଳ ।

ପ୍ରଦ୍ୟୁମ୍ନ-ବି. (ପ୍ର-ଦ୍ୟୁ-ମ୍ନ) କନ୍ଦର୍ପ । [ସଂସ୍କୃ ।

ପ୍ରଦ୍ୟୋତ-ବି. ( ପ୍ର ଦ୍ୟୁ-ତ୍-ଅ ) ଆଲୋକ;

ପ୍ରଦ୍ୟୋତିତ-ବି. ପ୍ରଦୀପ୍ତ ।

ପ୍ରଧନ-ବି. ଯୁଦ୍ଧ; ଲଢ଼ଇ । [ମେଦିନୀ ।

ପ୍ରଧାନ-ବି. (ପ୍ର-ଧା-ଅନ) ଶ୍ରେଷ୍ଠ ; ବି. ପର-

ପ୍ରଧାବିତ-ବି. (ପ୍ର-ଧାବ୍-ତ ଧାବିତ । [ସ୍ମୃ ।

ପ୍ରପଞ୍ଚ-ବି. ( ପ୍ର-ପଞ୍ଚ୍-ଅ ) ସଂସାର ; ମାୟା ;

ପ୍ରପଦ-ବି. ପାଦାଗ୍ର; ଚରଣାଗ୍ର ।

ପ୍ରପନ୍ନ-ବି. (ପ୍ର-ପଦ୍-ତ) ପ୍ରାପ୍ତ; ଶରଣାଗତ ।

ପ୍ରପା / ପ୍ରପାନ } ବି. ( ପ୍ର-ପା, ଅନ ) ପାନୀୟଶାଳା ; ଜଳଛତ୍ର ।

ପ୍ରପାତ-ବି. (ପ୍ର-ପତ୍-ଅ) ଉଚ୍ଚସ୍ଥାନରୁ ନିର୍ଝର-ପତନ । [ସଂଦୀ ।

ପ୍ରପିତାମହ-ବି. ( ପ୍ର-ପିତାମହ ) ପିତାମହର

ପ୍ରପୌତ୍ର-ବି. (ପ୍ର-ପୌତ୍ର) ପୌତ୍ରର ପୁତ୍ର, ଅଣନାତି ।

ପ୍ରଫୁଲ୍ଲ-ବି. (ପ୍ର-ଫୁଲ୍ଲ) ପ୍ରସ୍ଫୁଟିତ; ପ୍ରସନ୍ନ ।

ପ୍ରବନ୍ଧ-ବି. (ପ୍ର-ବନ୍ଧ୍-ଅ) ରଚନା ; ସନ୍ଦର୍ଭଯୁକ୍ତ ବାକ୍ୟାବଳୀ ।

ପ୍ରବଳ ବି. (ପ୍ର-ବଳ) ଅତ୍ୟନ୍ତ ବଳବାନ୍ ।

ପ୍ରବାଳ-ବି. (ପ୍ର-ବଲ୍-ଅ) ପୋହଳା, ବିଦ୍ରୁମ ।

ପ୍ରବୋଧ-ବି. (ପ୍ର-ବୁଧ୍-ଅ) ଜାଗରଣ; ସାନ୍ତ୍ୱନା ।

ପ୍ରବୋଧନ-ବି. ( ପ୍ର-ବୋଧ୍-ଅନ ) ଜାଗରିତ କରିବା; ସାନ୍ତ୍ୱନା କରିବା । [କାବ୍ୟ ।

ପ୍ରଭଞ୍ଜନ-ବି. (ପ୍ର-ଭଞ୍ଜ୍-ଅନ) ବାୟୁ, ବି. ଭଞ୍ଜକ

ପ୍ରଭବିଷ୍ଣୁ-ବି. (ପ୍ର-ଭୂ-ଇଷ୍ଣୁ) ପ୍ରଭୁ ।

ପ୍ରଭା-ବି. (ପ୍ର-ଭା-ଅ) ଦୀପ୍ତି; ତେଜ; ପ୍ରକାଶ ।

ପ୍ରଭାକର-ବି. (ପ୍ରଭା-କୃ-ଅ) ସୂର୍ଯ୍ୟ ।

ପ୍ରଭାତ-ବି. (ପ୍ର-ଭା-ତ) ପ୍ରାତଃକାଳ, ପ୍ରତ୍ୟୁଷ ।

ପ୍ରଭବ-ବି (ପ୍ର-ଭୂ-ଅ) ଉତ୍ପତ୍ତି; କାରଣ ।

ପ୍ରଭାବ-ବି. ( ପ୍ର-ଭୂ-ଅ ) ତେଜ; ପ୍ରତାପ; ମହିମା; ସାମର୍ଥ୍ୟ ।

ପ୍ରଭୁ-ବି. (ପ୍ର-ଭୂ-ଉ) ସ୍ୱାମୀ; ରାଜା, ବିଷ୍ଣୁ ।

ପ୍ରଭୁତା / ପ୍ରଭୁତ୍ୱ } ବି. ( ପ୍ରଭୁ-ତା, ତ୍ୱ ) ଐଶ୍ୱର୍ଯ୍ୟ; ପ୍ରାଧାନ୍ୟ ।

ପ୍ରଭୂତ-ବି. (ପ୍ର-ଭୂ-କ୍ତ) ପ୍ରଚୁର, ବହୁତ ।

ପ୍ରଭୃତି-ଅ. (ପ୍ର-ଭୃ-କ୍ତି) ଇତ୍ୟାଦି (ଶବ୍ଦାନ୍ତେ ପ୍ରଯୁକ୍ତ) ।

ପ୍ରଭେଦ-ବି. (ପ୍ର-ଭିଦ୍-ଅ) ପ୍ରକାର; ବିଭିନ୍ନତା ।

ପ୍ରମତ୍ତ-ବି. (ପ୍ର-ମଦ୍-କ୍ତ) ପ୍ରମାଦଯୁକ୍ତ; ଉନ୍ମତ୍ତ; ଅସାବଧାନ ।

ପ୍ରମଥ-ବି. (ପ୍ର-ମଥ୍-ଅ) ଶିବାନୁଚର ।

ପ୍ରମଥାଧିପ-ବି. ପ୍ରମଥମାନଙ୍କର ପ୍ରଭୁ, ଶିବ ।

ପ୍ରମଦା-ବି. (ପ୍ର-ମଦ-ଆ) ରୂପ-ଗର୍ବିତା ନାରୀ; ସୁନ୍ଦରୀ ନାରୀ ।

ପ୍ରମା-ବି. (ପ୍ର-ମା-ଅ-ଆ) ନିଶ୍ଚୟାତ୍ମକ ବୋଧ ।

ପ୍ରମାଣ-ବି. (ପ୍ର-ମା-ଅନ) ନିଶ୍ଚୟର ହେତୁ; ସତ୍ୟ ଜ୍ଞାନ/ନିଶ୍ଚୟକରଣ ।

ପ୍ରମାଣୀକୃତ-ବି. ପ୍ରମାଣରୂପେ ଗୃହୀତ ।

ପ୍ରମାଥୀ-ବି. (ପ୍ର-ମଥ୍-ଇନ୍) ପୀଡ଼ାଦାୟକ ।

ପ୍ରମାଦ-ବି. (ପ୍ର-ମଦ୍-ଅ) ଅନବଧାନତା, ଭ୍ରମ ।

ପ୍ରମାୟୁକ-ବି. (ପ୍ର-ମୀ-ଉକ) ମରଣଶୀଳ ।

ପ୍ରମିତ-ବି. (ପ୍ର-ମା-କ୍ତ) ନିର୍ଣ୍ଣୀତ ।

ପ୍ରମିତି-ବି. (ପ୍ର-ମା-କ୍ତି) ନିର୍ଣ୍ଣୀତ ଜ୍ଞାନ ।

ପ୍ରମୀତ-ବି. (ପ୍ର-ମୀ-କ୍ତ) ହତ, ମୃତ ।

ପ୍ରମୁଖ-ବି. ପ୍ରଥମ; ପ୍ରଧାନ ।

ପ୍ରମୁଖାତ୍-ଅ. ମୁଖରୁ ।

ପ୍ରମୁଦିତ-ବି. (ପ୍ର-ମୁଦ୍-କ୍ତ) ଆହ୍ଲାଦିତ ।

ପ୍ରମେୟ-ବି. ଅବଧାର୍ଯ୍ୟ ।

ପ୍ରମେହ-ବି. ମୂତ୍ରରୋଗ ବିଶେଷ ।

ପ୍ରମୋଦ-ବି. (ପ୍ର-ମୁଦ୍-ଅ) ଆମୋଦ, ହର୍ଷ ।

ପ୍ରମୋଦିତ-ବି. (ପ୍ର-ମୁଦ୍-କ୍ତ) ଆମୋଦିତ ।

ପ୍ରଯତ୍ନ-ବି. ପ୍ରୟାସ, ଉଦ୍ୟୋଗ ।

ପ୍ରୟାଗ-ବି. ଗଙ୍ଗାଯମୁନାର ସଙ୍ଗମସ୍ଥାନ ।

ପ୍ରୟାଣ-ବି. (ପ୍ର-ଯା-ଅନ) ଗମନ, ପ୍ରସ୍ଥାନ ।

ପ୍ରୟାସ-ବି. (ପ୍ର-ଯସ୍-ଅ) ଶ୍ରମ, ଯତ୍ନ ।

ପ୍ରଯୁକ୍ତ-ବି. (ପ୍ର-ଯୁଜ୍-କ୍ତ) ନିଯୁକ୍ତ; ଉଦାହୃତ; ପ୍ରେରିତ; ବ୍ୟବହୃତ । [ପ୍ରବର୍ତ୍ତକ ।

ପ୍ରୟୋକ୍ତା-ବି. (ପ୍ର-ଯୁଜ୍-ତୃ) ପ୍ରୟୋଗକର୍ତ୍ତା;

ପ୍ରୟୋଗ-ବି. (ପ୍ର-ଯୁଜ୍-ଅ) ପ୍ରବର୍ତ୍ତନ; ଲଗାଇବା; ଅଭିନୟ; ଅନୁଷ୍ଠାନ ।

ପ୍ରୟୋଜକ-ବି. ପ୍ରବର୍ତ୍ତକ; ପ୍ରେରକ ।

ପ୍ରୟୋଜନ-ବି. (ପ୍ର-ଯୁଜ୍-ଅନ) ହେତୁ; ଉଦ୍ଦେଶ୍ୟ; ଫଳ; ଆବଶ୍ୟକତା ।

ପ୍ରୟୋଜନୀୟ-ବି. (ପ୍ର-ଯୁଜ୍-ଅନୀୟ) ଆବଶ୍ୟକ ବା ଦରକାରୀ । [ଅନୁଷ୍ଠେୟ ।

ପ୍ରୟୋଜ୍ୟ-ବି. (ପ୍ର-ଯୁଜ୍-ଯ) ବ୍ୟବହାର୍ଯ୍ୟ;

ପ୍ରରୋଚନା-ବି. (ପ୍ର-ରୁଚ୍-ଅନ-ଆ) ଉତ୍ତେଜନା ।

ପ୍ରରୋହ-ବି. (ପ୍ର-ରୁହ୍-ଅ) ଅଙ୍କୁର; ବଟବୃକ୍ଷର ଓହଳ ।

ପ୍ରଲମ୍ବ-ବି. ଦୀର୍ଘ; ବି. ଅଙ୍କୁର; ହାର ।

ପ୍ରଳୟ-ବି. (ପ୍ର-ଲୀ-ଅ) ବ୍ରହ୍ମାଣ୍ଡର ବିନାଶ; ବିନାଶ । [ଉନ୍ମତ୍ତବତ୍ ବଚନ ।

ପ୍ରଳାପ-ବି. (ପ୍ର-ଲପ୍-ଅ) ଅନର୍ଥକ ବାକ୍ୟ;

ପ୍ରଲେପ-ବି. (ପ୍ର-ଲିପ୍-ଅ) ଔଷଧାଦି ଲେପନ ।

ପ୍ରଲୋଭନ-ବି. (ପ୍ର-ଲୁଭ୍-ଅନ) ଲୋଭ ପ୍ରଦର୍ଶନ ।

ପ୍ରବଚନ—ବି. ଉତ୍କୃଷ୍ଟ ବଚନ; ଶାସ୍ତ୍ରବଚନ ।

ପ୍ରବଞ୍ଚକ—ବି. (ପ୍ର-ବଞ୍ଚ୍-ଅକ) ପ୍ରତାରକ ।

ପ୍ରବଞ୍ଚିତ—ବିଂ. ପ୍ରତାରିତ । [ପ୍ରବୃତ୍ତ ।

ପ୍ରବଣ—ବିଂ. (ପ୍ର-ବନ୍-ଅ) ନତ; ଅନୁରକ୍ତ;

ପ୍ରବର—ବି. (ପ୍ର-ବର) ଗୋତ୍ର; ସନ୍ତତି; ବିଂ. ଶ୍ରେଷ୍ଠ । [ପ୍ରଯୋକ୍ତା ।

ପ୍ରବର୍ତ୍ତକ—ବିଂ. (ପ୍ର-ବୃତ୍-ଅକ) ପ୍ରବର୍ତ୍ତକାରକ;

ପ୍ରବର୍ତ୍ତନ—ବି. (ପ୍ର-ବୃତ୍-ଅନ) ଆରମ୍ଭ; ପ୍ରଚ-ଳନ । [ପ୍ରେରଣ ।

ପ୍ରବର୍ତ୍ତନା—ବି. (ପ୍ର-ବୃତ୍-ଅନ-ଆ) ଉତ୍ତେଜନା;

ପ୍ରବର୍ଦ୍ଧିତ—ବିଂ. (ପ୍ର-ବୃଧ୍-ଣିଚ୍-ତ) ସ୍ଫୀତ; ଅଭିବୃଦ୍ଧ ।

ପ୍ରବହ—ବି. (ପ୍ର-ବହ୍-ଅ) ବାୟୁବିଶେଷ ।

ପ୍ରବାତ—ବିଂ. ବାତଯୁକ୍ତ, ବାୟୁଯୁକ୍ତ ।

ପ୍ରବାଦ—ବି. (ପ୍ର-ବଦ୍-ଅ) ଜନରବ; ପରମ୍ପରା-ଗତ କଥା ।

ପ୍ରବାଳ—ବି. (ପ୍ର-ବ୍ଳ-ଅ) ଶଙ୍ଖାଦିଜ ବସ୍ତୁ ।

ପ୍ରବାସ—ବି. (ପ୍ର-ବସ୍-ଅ) ବିଦେଶରେ ବାସ ।

ପ୍ରବାସୀ—ବିଂ. (ପ୍ରବାସ-ଇନ୍) ବିଦେଶବାସୀ ।

ପ୍ରବାହ—ବି. (ପ୍ର-ବହ୍-ଅ) ସ୍ରୋତ; ଅବିରତ ଚଳନ । [ଚଳିତ ।

ପ୍ରବାହିତ—ବିଂ. (ପ୍ର-ବହ୍-ଣିଚ୍-ତ) ସ୍ରୋତରୂପେ

ପ୍ରବାହିକା—ବି. (ପ୍ରବାହ-ଇକ୍-ଆ) ସ୍ରୋତସ୍ୱତୀ ନଦୀ ।

ପ୍ରବିଷ୍ଟ—ବିଂ. (ପ୍ର-ବିଶ୍-ତ) ଅନ୍ତର୍ଗତ; ଉପସ୍ଥିତ ।

ପ୍ରବୀଣ—ବିଂ. (ପ୍ର-ବୀଣା-ଅ) ବୃଦ୍ଧ; ନିପୁଣ ।

ପ୍ରବୃତ୍ତ—ବିଂ. (ପ୍ର-ବୃତ୍-ତ) ରତ; ଉଦ୍ୟତ; ନିଯୁକ୍ତ ।

ପ୍ରବୃତ୍ତି—ବି. (ପ୍ର-ବୃତ୍-ତି) ଇଚ୍ଛା; କାର୍ଯ୍ୟ; ରତି ।

ପ୍ରବୃଦ୍ଧ—ବିଂ. (ପ୍ର-ବୃଧ୍-ତ) ଅତି ବୃଦ୍ଧିଯୁକ୍ତ ।

ପ୍ରବେଶ—ବି. (ପ୍ର-ବିଶ୍-ଅ) ଅନ୍ତର୍ବେଶ; ଭିତ-ରକୁ ଯିବାର ।

ପ୍ରବେଶିକା—ବିଂ. ପ୍ରବେଶ-କାରିକା ।

ପ୍ରବେଶ୍ୟ—ବିଂ. ପ୍ରବେଶଯୋଗ୍ୟ ।

ପ୍ରବେଷ୍ଟା—ବିଂ. (ପ୍ର-ବିଶ୍-ତୃ) ପ୍ରବେଶକାରୀ ।

ପ୍ରବ୍ରଜିତ—ବିଂ. (ପ୍ର-ବ୍ରଜ୍-ତ) ଗୃହତ୍ୟାଗ ପୂର୍ବକ ଗତ; ବି. ସନ୍ନ୍ୟାସୀ ।

ପ୍ରବ୍ରଜ୍ୟା—ବି. (ପ୍ର-ବ୍ରଜ୍-ଯ-ଆ) ସନ୍ନ୍ୟାସାଶ୍ରମ ।

ପ୍ରଶଂସନୀୟ—ବିଂ. (ପ୍ର-ଶଂସ୍-ଅନୀୟ) ପ୍ରଶଂସାର ଯୋଗ୍ୟ ।

ପ୍ରଶଂସା—ବି. (ପ୍ର-ଶଂସ୍-ଅ) ସ୍ତୁତି; ଗୁଣକୀର୍ତ୍ତନ ।

ପ୍ରଶଂସିତ—ବିଂ. (ପ୍ର-ଶଂସ୍-ତ) ପ୍ରଶଂସାପ୍ରାପ୍ତ ।

ପ୍ରଶମନ—ବି. (ପ୍ର-ଶମ୍-ଅନ) ଶାନ୍ତ କରିବା; ନିବାରଣ ।

ପ୍ରଶମିତ ବିଂ. (ପ୍ର-ଶମି-ତ) ନିବାରିତ ।

ପ୍ରଶସ୍ତ—ବିଂ. (ପ୍ର ଶଂସ୍-ତ) ଶ୍ରେଷ୍ଠ; ପ୍ରଶଂସନୀୟ; ବୃହତ୍ ଓ ଚଉଡ଼ା ।

ପ୍ରଶସ୍ତି—ବି. (ପ୍ର ଶଂସ୍-ତି) ପ୍ରଶଂସା ।

ପ୍ରଶାନ୍ତ—ବିଂ. (ପ୍ର-ଶମ୍-ତ) ସ୍ଥିର; ସ୍ଥିରଚିତ୍ତ ।

ପ୍ରଶିଷ୍ୟ ବି. ଶିଷ୍ୟର ଶିଷ୍ୟ ।

ପ୍ରଶ୍ନ—ବି. (ପ୍ରଚ୍ଛ୍-ନ) ପୃଚ୍ଛା; ଜିଜ୍ଞାସା ।

ପ୍ରଶ୍ରୟ—ବି. (ପ୍ର-ଶ୍ରି ଅ) ସ୍ନେହ; ବିନୟ; ଆଦର ।

ପ୍ରଶ୍ୱାସ—ବି. (ପ୍ର-ଶ୍ୱସ୍ ଅ) ନାସିକାରୁ ବାୟୁର ନିର୍ଗମ ।

ପ୍ରଷ୍ଟବ୍ୟ—ବିଂ. (ପ୍ରଚ୍ଛ୍-ତବ୍ୟ) ଜିଜ୍ଞାସ୍ୟ ।

ପ୍ରଷ୍ଟା—ବିଂ. (ପ୍ରଚ୍ଛ୍-ତୃ) ପ୍ରଶ୍ନକର୍ତ୍ତା ।

ପ୍ରସଂଖ୍ୟାନ—ବି. (ପ୍ର-ସମ୍-ଖ୍ୟା-ଅନ) ଧ୍ୟାନ ।

ପ୍ରସର୍ଗ—ବି. (ପ୍ର-ସୃଜ୍-ଅ) ସର୍ଗ; ପ୍ରସ୍ତାବ ।

ପ୍ରସନ୍ନ—ବିଂ. (ପ୍ର-ସଦ୍-ତ) ସନ୍ତୁଷ୍ଟ; ପ୍ରଫୁଲ୍ଲ; ସ୍ୱଚ୍ଛ ।

ପ୍ରସନ୍ନତା—ବି. (ପ୍ରସନ୍ନ-ତା) ଅନୁଗ୍ରହ; ସନ୍ତୋଷ; [ନିର୍ମଳତା ।

ପ୍ରସର—ବି. (ପ୍ର-ସୃ-ଅ) ଗତି ।

ପ୍ରସରଣ—ବି. (ପ୍ର-ସୃ-ଅନ) ଗମନ; ବିସ୍ତାର ।

ପ୍ରସବ—ବି. (ପ୍ର-ସୂ-ଅ) ଉତ୍ପାଦନ; ଜନ୍ମ ।

ପ୍ରସବିତା—ବି. (ପ୍ର-ସୂ-ତୃ) ଜନକ ।

ପ୍ରସବିତ୍ରୀ—ବି. ଜନନୀ ।

ପ୍ରସାଦ—ବି. (ପ୍ର-ସଦ୍-ଅ) ପ୍ରସନ୍ନତା; ଅନୁଗ୍ରହ; ରଚନାର ସୁବୋଧ୍ୟତା; ଦେବତାଙ୍କୁ ନିବେଦିତ ଦ୍ରବ୍ୟ ବା ଦେବଙ୍କ ଭୁକ୍ତାବଶିଷ୍ଟ ।

ପ୍ରସାଦନ—ବି. (ପ୍ର-ସଦ୍-ଣିଚ୍-ଅନ) ପ୍ରସନ୍ନତା-ସମ୍ପାଦନ । [ସଜାଇବା ।

ପ୍ରସାଧନ—ବି. (ପ୍ର-ସାଧ୍-ଅନ) ଅଳଙ୍କରଣ;

ପ୍ରସାଧନୀ—ବି. (ପ୍ର-ସାଧ୍-ଅନ-ଈ) ପାନିଆ, କଙ୍କତିକା ।

ପ୍ରସାଧିତ—ବି. (ପ୍ର-ସାଧ-ତ) ଅଳଙ୍କୃତ; ସଜ୍ଜିତ ।

ପ୍ରସାର—ବି. (ପ୍ର-ସୃ-ଅ) ବିସ୍ତାର ।

ପ୍ରସାରଣ—ବି. (ପ୍ର-ସୃ-ଣିଚ୍-ଅନ) ବିସ୍ତାରକରଣ ।

ପ୍ରସାରିତ—ବିଂ. (ପ୍ର-ସାରି-ତ) ବିସ୍ତାରିତ ।

ପ୍ରସିଦ୍ଧ—ବିଂ. (ପ୍ର-ସିଧ୍-ତ) ବିଖ୍ୟାତ ।

ପ୍ରସିଦ୍ଧି—ବି. (ପ୍ର-ସିଧ୍-ତି) ଖ୍ୟାତି; ପ୍ରତିପତ୍ତି ।

ପ୍ରସୁପ୍ତ—ବିଂ. (ପ୍ର-ସ୍ୱପ୍-ତ) ଗାଢ଼ନିଦ୍ରାଭିଭୂତ ।

ପ୍ରସୂ—ବି. (ପ୍ର-ସୂ-କ୍ୱିପ୍) ମାତା ।

ପ୍ରସୂତ—ବିଂ. (ପ୍ର-ସୂ-ତ) ଉତ୍ପନ୍ନ; ଜାତ ।

ପ୍ରସୂତି—ବି. (ପ୍ର-ସୂ-ତି) ଜନନଶକ୍ତି; ମାତା ।

ପ୍ରସୂନ—ବି. (ପ୍ର-ସୂ-ନ) ପୁଷ୍ପ; ମୁକୁଳ ।

ପ୍ରସେକ—ବି. (ପ୍ର-ସିଚ୍-ଅ) ସିଞ୍ଚନ; କ୍ଷରଣ ।

ପ୍ରସ୍ତର—ବି. (ପ୍ର-ସ୍ତୃ-ଅ) ପାଷାଣ, ପଥର ।

ପ୍ରସ୍ତାବ—ବି. (ପ୍ର-ସ୍ତୁ-ଅ) ପ୍ରସଙ୍ଗ; ପ୍ରକରଣ ।

ପ୍ରସ୍ତାବନା—ବି. (ପ୍ର-ସ୍ତୁ-ଣିଚ୍-ଅନ-ଆ) ଆରମ୍ଭ; ନାଟକର ଆରମ୍ଭ କଥା । [ସ୍ଥାପିତ ।

ପ୍ରସ୍ତାବିତ—ବିଂ. (ପ୍ରସ୍ତାବ-ଇତ) କଥିତ ବିଷୟ ଉପ-

ପ୍ରସ୍ତୁତ—ବିଂ. (ପ୍ର-ସ୍ତୁ-ତ) ଉପସ୍ଥିତ; ଉଦ୍ୟତ; ନିର୍ମିତ; ନିଷ୍ପନ୍ନ ।

ପ୍ରସ୍ଥ—ବି. (ପ୍ର-ସ୍ଥା-ଅ) ପର୍ବତର ସାନୁ; ବିସ୍ତାର ।

ପ୍ରସ୍ଥାନ—ବି. (ପ୍ର-ସ୍ଥା ଅନ) ଗମନ; ଯାତ୍ରା ।

ପ୍ରସ୍ଥିତ—ବିଂ. (ପ୍ର-ସ୍ଥା-ତ) ଗତ; ପ୍ରଯାତ ।

ପ୍ରସ୍ରବ—ବି. (ପ୍ର-ସ୍ରୁ-ଅ) କ୍ଷରଣ ।

ପ୍ରସ୍ଫୁଟ }
ପ୍ରସ୍ଫୁଟିତ } ବିଂ. (ପ୍ର-ସ୍ଫୁଟ୍-ଅ,ତ) ପ୍ରକାଶିତ; ବିକଶିତ ।

ପ୍ରସ୍ରବ—ବି. (ପ୍ର ସ୍ରୁ-ଅ) କ୍ଷରଣ ।

ପ୍ରସ୍ରବଣ—ବି. (ପ୍ର-ସ୍ରୁ-ଅନ) ଝରଣା; ନିର୍ଝର ।

ପ୍ରସ୍ରାବ—ବି. (ପ୍ର-ସ୍ରୁ-ଅ) ମୂତ୍ର ।

ପ୍ରସ୍ରୁତ—ବିଂ. (ପ୍ର-ସ୍ରୁ-ତ) କ୍ଷରିତ ।

ପ୍ରସ୍ୱାପନ—ବି. (ପ୍ର-ସ୍ୱପ୍-ଣିଚ୍-ଅନ) ନିଦ୍ରାଜନକ ।

ପ୍ରହତ—ବିଂ. (ପ୍ର-ହନ୍-ତ) ଆହତ; ତାଡ଼ିତ, ଧ୍ୱସ୍ତ ।

ପ୍ରହର-ବି. (ପ୍ର-ହୃ-ଅ) ଦିବାରାତ୍ରିର ଅଷ୍ଟମାଂଶ ।

ପ୍ରହରଣ-ବି. (ପ୍ର-ହୃ-ଅନ) ଅସ୍ତ୍ର; ପ୍ରହାର ।

ପ୍ରହରୀ-ବି. (ପ୍ରହର-ଇନ୍) ଚୌକିଦାର ।

ପ୍ରହର୍ତ୍ତା-ବିଂ. (ପ୍ର-ହୃ-ତୃ) ପ୍ରହାରକର୍ତ୍ତା ।

ପ୍ରହସନ-ବି. (ପ୍ର-ହସ୍-ଅନ) ଅତ୍ୟନ୍ତ ହାସ୍ୟ; ହାସ୍ୟରସପ୍ରଧାନ ନାଟକ ।

ପ୍ରହାର-ବି. (ପ୍ର-ହୃ-ଅ) ଆଘାତ; ମାଡ଼ ।

ପ୍ରହୃତ-ବିଂ. (ପ୍ର-ହୃ-କ୍ତ) ପ୍ରହାରପ୍ରାପ୍ତ; ଆଘାତପ୍ରାପ୍ତ ।

ପ୍ରହୃଷ୍ଟ-ବିଂ. (ପ୍ର-ହୃଷ୍-କ୍ତ) ଅତ୍ୟନ୍ତ ହୃଷ୍ଟ ।

ପ୍ରହେଳିକା, ପ୍ରହେଳୀ } ବି. (ପ୍ର-ହେଳ୍-ଅକ-ଆ) କୂଟପଦ୍ୟ; ପହଳି ।

ପ୍ରହ୍ଲାଦ-ବି. (ପ୍ର-ହ୍ଲାଦ୍-ଅ) ଆହ୍ଲାଦ; ହିରଣ୍ୟକଶିପୁର ପୁତ୍ର । [ବି. ଆନନ୍ଦଦାୟକ ।

ପ୍ରହ୍ଲାଦନ-ବିଂ. (ପ୍ର-ହ୍ଲାଦ୍-ଅନ) ଆନନ୍ଦଦାୟକ;

ପ୍ରାଂଶୁ-ବିଂ. ଉଚ୍ଚ; ଡେଙ୍ଗା । [ପ୍ରଥମେ ।

ପ୍ରାକ୍-ଅ. (ପ୍ର-ଅଞ୍ଚ୍-କ୍ୱିପ୍) ପୂର୍ବେ; ଅଗ୍ରେ;

ପ୍ରାକାର-ବି. (ପ୍ର-ଆ-କୃ-ଅ) ପ୍ରାଚୀର; ବେଢ଼ା ।

ପ୍ରାକୃତ-ବିଂ. ( ପ୍ର-ଆ-କୃ-କ୍ତ ) ସାଧାରଣ, ସାମାନ୍ୟ; ପ୍ରକୃତିସମ୍ବନ୍ଧୀୟ; ସଂସ୍କୃତଭାଷାରୁ ସମ୍ଭୂତ ଭାଷା ।

ପ୍ରାକୃତିକ-ବିଂ. ( ପ୍ରକୃତି ଇକ ) ସ୍ୱାଭାବିକ; ପ୍ରକୃତିସମ୍ବନ୍ଧୀୟ । [ଅତୀତ, ପୂର୍ବ ।

ପ୍ରାକ୍ତନ-ବିଂ. (ପ୍ରାକ୍-ତନ) ପୂର୍ବକାଳୀନ; ବି.

ପ୍ରାଖର୍ଯ୍ୟ-ବି. (ପ୍ରଖର-ଯ) ପ୍ରଖରତା, ତୀକ୍ଷ୍ଣତା ।

ପ୍ରାଗଲ୍ଭ୍ୟ-ବି. (ପ୍ରଗଲ୍ଭ-ଯ) ପ୍ରଗଲ୍ଭତା ।

ପ୍ରାଗୁକ୍ତ-ବିଂ. (ପ୍ରାକ୍-ଉକ୍ତ) ପୂର୍ବୋକ୍ତ ।

ପ୍ରାଗ୍ଜ୍ୟୋତିଷ-ବି. ଆସାମର ଅନ୍ତର୍ଗତ ପ୍ରଦେଶ ବିଶେଷ ।

ପ୍ରାଙ୍ଗଣ-ବି. (ପ୍ର-ଅଙ୍ଗ୍-ଅନ) ଅଗଣା ।

ପ୍ରାଙ୍ମୁଖ-ବି. (ପ୍ରାକ୍-ମୁଖ ପୂର୍ବମୁଖ ।

ପ୍ରାଚୀ-ବି. (ପ୍ରାଚ୍-ଈ) ପୂର୍ବଦିଗ ।

ପ୍ରାଚୀନ-ବିଂ. (ପ୍ରାଚ୍-ଈନ) ପୂର୍ବକାଳୀନ, ପୁରାତନ, ବୃଦ୍ଧ ।

ପ୍ରାଚୀର-ବି. (ପ୍ର-ଆ-ଚୀ-ର) ପାଚେରି ।

ପ୍ରାଚୁର୍ଯ୍ୟ-ବି. (ପ୍ରଚୁର-ଯ) ପ୍ରଚୁରତା, ଆଧିକ୍ୟ ।

ପ୍ରାଚ୍ୟ-ବିଂ. (ପ୍ରାଚ୍-ଯ) ପୂର୍ବଦେଶୀୟ ।

ପ୍ରାଜନ-ବି. ( ପ୍ର-ଅଜ୍-ଣିଚ୍-ଅନ ) ପାଞ୍ଚଣ; ଗୋରୁଚଳାଇବା-ଦଣ୍ଡ ।

ପ୍ରାଜ୍ଞ-ବିଂ. (ପ୍ର-ଜ୍ଞା-ଅ) ବିଜ୍ଞ, ପଣ୍ଡିତ ।

ପ୍ରାଞ୍ଚ୍ୟ-ବିଂ. ଉନ୍ନତ, ଉଚ୍ଚ ।

ପ୍ରାଞ୍ଜଳ-ବିଂ. (ପ୍ର-ଅଞ୍ଜ୍-ଅଲ) ସରଳ, ସୁଖବୋଧ୍ୟ, ନିର୍ମଳ ।

ପ୍ରାଞ୍ଜଳି-ବିଂ. (ପ୍ର-ଅଞ୍ଜଳି) କୃତାଞ୍ଜଳି ।

ପ୍ରାଡ୍ବିବାକ-ବି. ( ପ୍ରାଟ୍-ବିବାକ୍-ଅ ) ପ୍ରଧାନ ବିଚାରକ ।

ପ୍ରାଣ-ବି. (ପ୍ର-ଅନ୍-ଅ) ଦେହସ୍ଥବାୟୁ; ଜୀବନ ।

ପ୍ରାଣ-ପ୍ରିୟା-ବି. ଅତ୍ୟନ୍ତ-ପ୍ରିୟା ।

ପ୍ରାଣାୟାମ-ବି. ଯୋଗର ଶ୍ୱାସ-ପ୍ରଶ୍ୱାସ-ନିଃଶ୍ୱାସରୋଧକ ପ୍ରକ୍ରିୟା ।

ପ୍ରାଣୀ-ବି. (ପ୍ରାଣ-ଇନ୍) ଜୀବଜନ୍ତୁ । [ଧର୍ମକର୍ମ ।

ପ୍ରାତଃକୃତ୍ୟ-ବି. (ପ୍ରାତର୍-କୃତ୍ୟ) ପ୍ରାତଃକାଳୀନ

ପ୍ରାତଃ-ଅ. (ପ୍ର-ଅତ୍-ଅସ୍) ପ୍ରଭାତ ।

ପ୍ରାତରାଶ-ବି. (ପ୍ରାତର୍-ଅଶ୍-ଅ) ପ୍ରାତଃକାଳୀନ ଭୋଜନ;

ପ୍ରାତିକୂଲ୍ୟ-ବି. (ପ୍ରତିକୂଳ-ଯ) ପ୍ରତିକୂଳ ଭାବ ।

ପ୍ରାଥମିକ-ବି. (ପ୍ରଥମ-ଇକ) ଆଦ୍ୟ; ପ୍ରଥମ-ସମ୍ବନ୍ଧୀୟ । [ପ୍ରବଳପ୍ରକାଶ ।

ପ୍ରାଦୁର୍ଭାବ-ବି. (ପ୍ରାଦୁସ୍-ଭୂ-ଅ) ଆବିର୍ଭାବ;

ପ୍ରାଦୁର୍ଭୂତ-ବି. (ପ୍ରାଦୁସ୍-ଭୂ-ତ) ପ୍ରକାଶିତ; ଆବିର୍ଭୂତ । [ସମ୍ବନ୍ଧୀୟ; ଦେଶୀ ।

ପ୍ରାଦେଶିକ-ବି. (ପ୍ରଦେଶ-ଇକ) ପ୍ରଦେଶ-

ପ୍ରାଧାନ୍ୟ-ବି. (ପ୍ରଧାନ-ଯ) ଶ୍ରେଷ୍ଠତ୍ୱ; ପ୍ରଧାନତ୍ୱ ।

ପ୍ରାନ୍ତ-ବି. (ପ୍ର-ଅନ୍ତ) ପାର୍ଶ୍ୱଭାଗ; ଶେଷସୀମା ।

ପ୍ରାନ୍ତର-ବି. (ପ୍ର-ଅନ୍ତର) ଦୂରବିସ୍ତୃତ ପଥ ।

ପ୍ରାପିତ-ବି. (ପ୍ର-ଆପ୍-ଣିଚ୍-ତ) ସମର୍ପିତ, ଲାଭିତ ।

ପ୍ରାପ୍ତ-ବି. (ପ୍ର-ଆପ୍-ତ) ଲବ୍ଧ; ଉପସ୍ଥିତ ।

ପ୍ରାପ୍ତି-ବି. (ପ୍ର-ଆପ୍-ତି) ଲାଭ; ପାଇବା; ଉପସ୍ଥିତି ।

ପ୍ରାପ୍ୟ-ବି. (ପ୍ର-ଆପ୍-ଯ) ପାଇବା ଯୋଗ୍ୟ ।

ପ୍ରାବଲ୍ୟ-ବି. (ପ୍ରବଳ-ଯ) ପ୍ରବଳତା ।

ପ୍ରାଭାତିକ-ବି. (ପ୍ରଭାତ-ଇକ) ପ୍ରଭାତକାଳୀନ ।

ପ୍ରାମାଣିକ-ବି. (ପ୍ରମାଣ-ଇକ) ପ୍ରମାଣଯୁକ୍ତ ।

ପ୍ରାୟ-ବି. (ପ୍ର-ଇ-ଅ) ମୃତ୍ୟୁପୂର୍ବକ ଅନଶନ-ବ୍ରତ; ଅ. ବହୁଧା, ତୁଲ୍ୟ, ଭୂୟିଷ୍ଠରୂପେ ।

ପ୍ରାୟଶଃ-ଅ. (ପ୍ରାୟ-ଶସ୍) ଭୂୟିଷ୍ଠରୂପେ ।

ପ୍ରାୟଶ୍ଚିତ୍ତ-ବି. (ପ୍ରାୟସ୍-ଚିତ୍-ତ) ପାପକ୍ଷୟାର୍ଥ ପୁଣ୍ୟକର୍ମ ।

ପ୍ରାୟଃ-ଅ. (ପ୍ର-ଅୟ୍-ଅସ୍) ଅଧିକାଂଶ; ଅ. ଭୂୟିଷ୍ଠରୂପେ ।

ପ୍ରାୟୋଦ୍ୱୀପ-ବି. (ପ୍ରାୟଃ-ଦ୍ୱୀପ) ଯେଉଁ ଭୂଖଣ୍ଡର ପ୍ରାୟ ଚତୁର୍ଦ୍ଦିଗରେ ଜଳ ।

ପ୍ରାୟୋପବେଶନ-ବି. (ପ୍ରାୟ-ଉପବେଶନ) ମୃତ୍ୟୁପୂର୍ବକ-ଅନଶନବ୍ରତ ଅବଲମ୍ବନ କରି ରହିବା ।

ପ୍ରାରବ୍ଧ-ବି. (ପ୍ର-ଆ-ରଭ୍-ତ) ଆରବ୍ଧ; ବି. ଅଦୃଷ୍ଟ ।

ପ୍ରାରମ୍ଭ-ବି. (ପ୍ର-ଆରମ୍ଭ) ଉପକ୍ରମ, ଆରମ୍ଭ ।

ପ୍ରାର୍ଥନା-ବି. (ପ୍ର-ଅର୍ଥ-ଅନ-ଆ) ଯାଚ୍ଞା; ମାଗୁଣି ।

ପ୍ରାର୍ଥିତ-ବି. (ପ୍ର-ଅର୍ଥ-ତ) ଯାଚିତ; ଅଭିଳଷିତ ।

ପ୍ରାଲେୟ-ବି. (ପ୍ରଲୟ-ଅ) ହିମ, ଶିଶିର ।

ପ୍ରାବରଣ } ବି. (ପ୍ର-ଆ-ବୃ ଅନ, ଅ) ଆବରଣ-
ପ୍ରାବାର } ବସ୍ତ୍ର ।

ପ୍ରାବୀଣ୍ୟ-ବି. (ପ୍ରବୀଣ-ଯ) ଦକ୍ଷତା ।

ପ୍ରାବୃଟ୍-ବି. (ପ୍ର-ଆ-ବୃଷ୍-କ୍ୱିପ୍) ବର୍ଷାକାଳ ।

ପ୍ରାଶନ-ବି. (ପ୍ର-ଅଶ୍-ଅନ) ଭୋଜନ, ଖାଇବା ।

ପ୍ରାସ }
ପ୍ରାସ୍ତ } ବି. ବର୍ଚ୍ଛା ।

ପ୍ରାସଙ୍ଗିକ-ବି. (ପ୍ରସଙ୍ଗ-ଇକ) ପ୍ରସଙ୍ଗକ୍ରମେ ଲବ୍ଧ ।

ପ୍ରାସାଦ-ବି. (ପ୍ର-ଆ-ସଦ୍-ଅ) ରାଜାଙ୍କ ଅଟ୍ଟାଳିକା ।

ପ୍ରାହ୍ଣ-ବି. (ପ୍ର-ଅହ୍ନ) ପୂର୍ବାହ୍ନ; ଦିନର ପ୍ରଥମ ଭାଗ । [ଖଣ୍ଡ ।

ପ୍ରିୟ-ବି. (ପ୍ରୀ-ଅ) ପ୍ରୀତିର ପାତ୍ର, ଇଷ୍ଟ; ବି.

ପ୍ରିୟଙ୍ଗୁ—ବି. ଲତାବିଶେଷ ।
ପ୍ରିୟଦର୍ଶନ—ବିଣ. ସୁଦୃଶ୍ୟ, ସୁନ୍ଦର ।
ପ୍ରିୟମ୍ବଦ—ବିଣ. ( ପ୍ରିୟମ୍-ବଦ ) ଯେ ପ୍ରିୟବାକ୍ୟ
ପ୍ରିୟା—ସ୍ତ୍ରୀ. (ପ୍ରୀ-ଅ-ଆ) ପତ୍ନୀ ।   [ବଦେ ।
ପ୍ରୀଣନ—ବି. (ପ୍ରୀ ଣିଚ୍-ଅନ) ତୋଷଣ ।
ପ୍ରୀତ—ବିଣ. (ପ୍ରୀ-ତ) ତୁଷ୍ଟ; ସନ୍ତୁଷ୍ଟ; ଆହ୍ଲାଦିତ ।
ପ୍ରୀତି—ବି. (ପ୍ରୀ-ତି) ପ୍ରେମ; ଅନୁରାଗ; ସନ୍ତୋଷ ।
ପ୍ରେକ୍ଷଣ—ବି. (ପ୍ର-ଈକ୍ଷ୍-ଅନ) ଦର୍ଶନ ।
ପ୍ରେକ୍ଷା—ସ୍ତ୍ରୀ. (ପ୍ର-ଈକ୍ଷ୍-ଅ-ଆ) ପ୍ରଜ୍ଞା; ବୁଦ୍ଧି ।
ପ୍ରେତ—ବି. ( ପ୍ର-ଇ-ତ ) ମୃତ ବ୍ୟକ୍ତିର ଆତ୍ମା; ବିଣ. ମୃତ ।
ପ୍ରେତପତି } ବି. (ପ୍ରେତ-ପତି, ରାଜା ) ଯମ ।
ପ୍ରେତରାଜ }
ପ୍ରେତପୁରୀ—ବି. ଯମାଳୟ ।   [ଇଚ୍ଛୁକ ।
ପ୍ରେପ୍ସୁ—ବିଣ. ( ପ୍ର-ଆପ୍-ସ-ଉ ) ପାଇବାକୁ
ପ୍ରେମ—ବି. ( ପ୍ରିୟ-ଇମନ୍ ) ଅନୁରାଗ ; ପ୍ରୀତି ।
ପ୍ରେମିକ—ବିଣ. (ପ୍ରେମନ୍-ଇକ) ପ୍ରଣୟୀ ; ସ୍ନେହୀ ।
ପ୍ରେମୀ—ବିଣ. (ପ୍ରେମନ୍-ଇନ୍) ପ୍ରଣୟୀ; ଅନୁରକ୍ତ ।
ପ୍ରେୟସୀ—ସ୍ତ୍ରୀ. (ପ୍ରିୟ-ଈୟସ୍-ଈ ପ୍ରିୟତମା ।
ପ୍ରେୟାନ୍—ବିଣ. (ପ୍ରିୟ-ଈୟସ୍=ପ୍ରେୟସ୍ ) ପ୍ରିୟ-ତମ ।
ପ୍ରେରଣ } ବି. (ପ୍ର-ଈର୍-ଅନ, ଆ) ପ୍ରେଷଣ, ପଠାଇବା ; ପ୍ରବର୍ତ୍ତନ ।
ପ୍ରେରଣା }
ପ୍ରେରିତ—ବିଣ. ପ୍ରେଷିତ; ପ୍ରଣୋଦିତ ।

ପ୍ରେଷ୍ୟ—ବିଣ. (ପ୍ର-ଇଷ୍-ଯ) ଭୃତ୍ୟ ।
ପ୍ରେଷ୍ଠ—ବିଣ. (ପ୍ରିୟ-ଇଷ୍ଠ) ପ୍ରିୟତମ ।
ପ୍ରୋକ୍ତ—ବିଣ. (ପ୍ର-ବଚ୍-ତ) ପ୍ରକୃଷ୍ଟରୂପେ କଥିତ ।
ପ୍ରୋକ୍ଷଣ—ବି. (ପ୍ର-ଉକ୍ଷ୍-ଅନ) ଶୁଦ୍ଧିନିମନ୍ତେ ଜଳ-ସେଚନ ।   [ସିକ୍ତ; ଓଦା ।
ପ୍ରୋତ—ବିଣ. (ପ୍ର-ବେ-ତ) ସ୍ୟୂତ; ସମ୍ବଦ୍ଧ
ପ୍ରୋଥିତ—ବିଣ. ( ପ୍ରୋଥ୍-ତ ) ଭୂଗର୍ଭରେ ପୋତା ।   [ ଗତ ।
ପ୍ରୋଷିତ—ବିଣ. (ପ୍ର-ବସ୍-ତ) ବିଦେଶସ୍ଥ, ବିଦେଶ-
ପ୍ରୋଷିତଭର୍ତ୍ତୃକା—ସ୍ତ୍ରୀ. ( ପ୍ରୋଷିତ-ଭର୍ତ୍ତୃ ) ଯେ ନାରୀର ସ୍ୱାମୀ ବିଦେଶସ୍ଥ ।   [ବୟସ୍କ ।
ପ୍ରୌଢ଼—ବିଣ. ( ପ୍ର-ଊଢ଼ ) ବହୁଦର୍ଶୀ; ପରିଣତ-
ପ୍ରୌଢ଼ି—ସ୍ତ୍ରୀ. (ପ୍ର-ବହ୍-ତି) ସାମର୍ଥ୍ୟ; ଉଦ୍ୟମ ।
ପ୍ଲକ୍ଷ—ବି. ପାକୁଡ଼ି ବୃକ୍ଷ ।   [ଭେଳ ; ଭେଳା ।
ପ୍ଲବ—ବି. ( ପ୍ଲୁ-ଅ) ଭାସି ଭାସି ଯିବା; ସନ୍ତ-
ପ୍ଲବଗ } ବି. (ପ୍ଲବ-ଗମ୍-ଅ) ବାନର; ଭେକ ।
ପ୍ଲବଙ୍ଗମ }
ପ୍ଲବମାନ—ବିଣ. ( ପ୍ଲୁ-ଆନ ) ଭାସମାନ ।
ପ୍ଲାବନ—ବି. (ପ୍ଲୁ ଣିଚ୍-ଅନ) ଜଳଦ୍ୱାରା ବ୍ୟାପ୍ତି; ବନ୍ୟା ।
ପ୍ଲାବିତ—ବିଣ. (ପ୍ଲାବି-ତ) ଜଳଦ୍ୱାରା ବ୍ୟାପ୍ତ ।
ପ୍ଲୀହା—ବି. ଉଦରମଧ୍ୟସ୍ଥ ଯନ୍ତ୍ରବିଶେଷ; ପିଳେହି ।
ପ୍ଲୁତ—ବି. (ପ୍ଲୁ-ତ ) ଲମ୍ଫ, ସ୍ୱରର ଉଚ୍ଚାରଣବିଶେଷ;
ପ୍ଲୁଷ୍ଟ—ବିଣ. (ପ୍ଲୁଷ୍-ତ) ଦଗ୍ଧ ।   [ ତ୍ରିମାତ୍ରିକ ।

# ଫ

ବ୍ୟଞ୍ଜନବର୍ଣ୍ଣର ଦ୍ଵାବିଂଶ ବର୍ଣ୍ଣ ।

ଫକା । ଫିକା । } ବିଣ. ପାଣ୍ଡୁର ବର୍ଣ୍ଣ ।

ଫକାରୀ—ବି. ଦମ୍ଭ ।

ଫକ୍କିକା—ବି. କୂଟ ପ୍ରଶ୍ନ ।

ଫକୀର—ବି. ମୁସଲମାନ୍ ସନ୍ନ୍ୟାସୀ; ଭିକ୍ଷୁକ ।

ଫଗୁ—ବି. (ଫଲ୍ଗୁ ଶବ୍ଦର—ଅପଭ୍ରଂଶ) ଅବିର ।

ଫଗୁଣ—ବି. (ଫାଲ୍ଗୁନ ର ଅପଭ୍ରଂଶ) ଦ୍ଵାଦଶମାସ ।

ଫଟିକା—ବି. ପକ୍ଷି ବାଣ ।

ଫଟା—ବିଣ. ଫାଟଯୁକ୍ତ; ଭଙ୍ଗା ।

ଫଟାଇବା—କ୍ରି. ବିଦୀର୍ଣ୍ଣ କରିବା ।

ଫଡ଼ଫଡ଼—ଅବ୍ୟ. ଶବ୍ଦବିଶେଷ ।

ଫଡ଼ିଆ—ବି. ସଭାବ ।

ଫଡ଼ା—ବି. କାଷ୍ଠ ଚେରିବାର ଖଣ୍ଡ; ବିଣ. ଚିରା ।

ଫତିଆ } ଫରିଆ } ବି. ଅଶ୍ୱାଦିର କଟିଠାରୁ ସମସ୍ତ ଚରଣ; ଘୋଡ଼ାର ସନ୍ଧିଠାରୁ ଅଂଶ ।

ଫଣ } ଫଣା } ବି. (ଫଣ୍-ଅ, ଆ) ସର୍ପର ବିସ୍ତାରିତ ମସ୍ତକ ।

ଫଣଫଣା—ବି. ଶବ୍ଦବିଶେଷ ।

ଫଣୀ—ବି. (ଫଣିନ୍) ସର୍ପ; ଫଣାଥିବା ସର୍ପ ।

ଫଣୀନ୍ଦ୍ର—ବି. (ଫଣିନ୍-ଇନ୍ଦ୍ର) ସର୍ପରାଜ; ବାସୁକି ।

ଫତେ—ବି. (ପାର୍ଶୀ) ଜୟ ।

ଫନ୍ଦ—ବି. ପାଶାଦିର ପାକୁଳା ।

ଫନ୍ଦା—ବି. ଷଡ଼ଯନ୍ତ୍ର, ଅବଲମ୍ବନ, ଆଦରା ।

ଫନ୍ଦୀ—ବି. ଫିକର, ଧସାଲ୍ ।

ଫମ୍ପା—ବିଣ. ଫୋମ୍ପା; ଅନ୍ତଃସାର-ଶୂନ୍ୟ ।

ଫରଖତ୍—ବି. (ପାର୍ଶୀ) ମୋକଦ୍ଦମାର ନିଷ୍ପତ୍ତି-ପତ୍ର ।

ଫରଫର—ଅ. ଶୀଘ୍ରତାରେ; ବି. ପକ୍ଷାଦିର ଉଡ଼ି- [ବାର ଶବ୍ଦ ।

ଫରମାଣ—ବି. (ପାର୍ଶୀ) ଆଦେଶ ।

ଫରି—ବି. ଫଳକ, ଚର୍ମ ଅଢ଼େଣୀ ।

ଫରୁଆ—ବି. ଶଙ୍ଖୁଡ଼, ପିତଳ ପଥର ରଖିବା ଲାଗି ବାଉଁଶନିର୍ମିତ ପାତ୍ର ।

ଫର୍ଦ୍ଦା—ବିଣ. ଚୌଡ଼ା; ଓସାର ।

ଫର୍ଦ୍ଦ—ବି. କାଗଜଖଣ୍ଡ ; ହିସାବ କାଗଜ ।

ଫଳ—ବି. (ଫଳ୍-ଅ) ବୃକ୍ଷଲତାରୁ ଜାତ ଶସ୍ୟ; ଉତ୍ପନ୍ନ ବସ୍ତୁ; କାର୍ଯ୍ୟସିଦ୍ଧି; କର୍ମର ପରିଣାମ ।

ଫଳକ—ବି. (ଫଳ୍-ଅକ) ଢାଲ; ପଟ୍ଟ ।

ଫଳତଃ—ଅବ୍ୟ. (ଫଳ-ତସ୍) ଏହି ହେତୁରୁ; ବସ୍ତୁତଃ ।

ଫଳନ୍ତା } ଫଳନ୍ତ } ବିଣ. ଫଳବନ୍ତି, ଯାହା ଫଳୁଅଛି ।

ଫଳପାକାନ୍ତ—ବି. ଫଳ ପାଚିଲେ ଯେଉଁ ବୃକ୍ଷମାନ ମରିଯାଏ । [ଯଥା କଦଳୀ ।

ଫଳପ୍ରଦ—ବିଣ. (ଫଳ-ପ୍ର-ଦା-ଅ) ଯେ ଫଳ

ଫଳଶ୍ରୁତି—ବି. (ଫଳ-ଶ୍ରୁ-ତି) କର୍ମର ଫଳଶ୍ରବଣ ।

ଫଳାଫଳ—ବି. (ଫଳ-ଅଫଳ) ଭଲମନ୍ଦ ।

ଫଳିତ—ବିଣ. (ଫଳ-ଇତ) ଫଳଯୁକ୍ତ; ସଫଳ ।

ଫଳୋପଧାୟିକ—ବିଣ. ( ଫଳ-ଉପ-ଧା-ଅକ ) ଫଳଦାୟକ । [ଧିକ ।

ଫଲ୍ଗୁ—ବି. (ଫଲ୍‌-ଗୁ) ଫଗୁ ; ବିଣ. ଅସାର; ଅଳ-

ଫଲ୍ଗୁନ } ବି. ଫାଲ୍ଗୁନ ମାସ ।
ଫାଲ୍ଗୁନ }

ଫସଲ—ବି. (ଫାର୍ସୀ) କୃଷି, କୃଷିଜାତ ଦ୍ରବ୍ୟାଦି ।

ଫସୁ—ବିଣ. ଢାଲୁଆ, ଯେ ଆଣ ବା ଶକ୍ତି ନାହିଁ ।

ଫାଉ—ବି. (ସ୍ଫାୟୁଧାତୁଜ) ଅତିରିକ୍ତ ଲାଭ ।

ଫାଙ୍କ—ବି. ଛିଦ୍ର; ଅନ୍ତର ।

ଫାଟ—ବି. (ସ୍ଫାଟ୍‌ଧାତୁଜ) ଛିଦ୍ର ।

ଫାଟକ—ବି. ଦୁଆର ।

ଫାଟିବା—କ୍ରି. (ସ୍ଫାଟ୍ ଧାତୁଜ) ବିଦୀର୍ଣ୍ଣ ହେବା ।

ଫାଟ୍ୟ—ବି. ଘୋଡ଼ାମାନଙ୍କ ରୋଗବିଶେଷ ।

ଫାଡ଼ିବା—କ୍ରି. ଚିରିବା; ଖଣ୍ଡ ଖଣ୍ଡ କରିବା ।

ଫାଣ୍ଟ—ବି. ଉଷ୍ଣଜଳରେ ଭିଜିଥିବା ଔଷଧର କଷାୟ ।

ଫାନ୍ଦି—ବି. ଯୁଦ୍ଧ ବର୍ମ୍ମଧାରୀଙ୍କର ଲଢ଼ିବାର ସ୍ଥାନ ।

ଫାନସ୍—ବି. (ଫାର୍ସୀ) କାଗଜରେ ନିର୍ମିତ ଦୀପ;

ଫାନ୍ଦ—ବି. ଜାଲ । [ଧରିବାର ଯନ୍ତ୍ରବିଶେଷ ।

ଫାଳ—ବି. ଲଙ୍ଗଳଲୁହା; ଚୂଳଖଣ୍ଡର ଏକଭାଗ ।

ଫାଲତୁ—ବିଣ. ଅଧିକ; ବି. ଖଣ୍ଡ ।

ଫାଲ୍ଗୁନି—ବି. (ଫଲ୍ଗୁନ-ଅ) ଅର୍ଜୁନ ନାମ ।

ଫାଶ—ବି. (ପାଶଶବ୍ଦଜ) ପାଶ, ରଜ୍ଜୁ ।

ଫାଶୀ—ବି. (ପାଶଶବ୍ଦଜ) ଉଦ୍‌ବନ୍ଧନ; ଗଳାରେ ଫାଶ ଦେଇ ପ୍ରାଣନାଶକ । [ଦଣ୍ଡବିଶେଷ ।

ଫାଶିଅ—ବି. ବଣି ଓ ଧରିବାର ଜନ୍ତୁବିଶେଷ-

ଫିକର—ବି. ଚିନ୍ତା ।

ଫିଙ୍ଗିବା—କ୍ରି. ନିକ୍ଷେପ କରିବା ।

ଫିଟାଇବା—କ୍ରି. ମୋଚନ କରିବା ।

ଫିତା—ବି. ସୂତ୍ରବସ୍ତ୍ର-ପଟି । [ଶେଷ ।

ଫୁଙ୍କାର—ବି. ମୁଖ ଓ ବାୟୁ ଦ୍ୱାରା ଶବ୍ଦ-

ଫୁଙ୍କିବା—କ୍ରି. ( ଫୁତ୍କାରଶବ୍ଦଜ ) ମୁ ... ମୁହଁରୁ ବାୟୁ ନିର୍ଗତ କରିବା; ମନ୍ତ୍ର ପଢ଼ି ଝାଡ଼ିବା ।

ଫୁଟ—ବି. (ଇଂରେଜୀ) ୧୨ ଇଞ୍ଚ ପରିମାଣ ।

ଫୁଟା—ବିଣ. ଛିଦ୍ରିତ ।

ଫୁଟି—ବି. ଫଳବିଶେଷ ।

ଫୁଟିବା—କ୍ରି. (ସ୍ଫୁଟ୍‌ଧାତୁଜ) ବିକଶିତ ହେବା ।

ଫୁଟକା—ବି. (ସ୍ଫୋଟକ ଶବ୍ଦଜ) ଚର୍ମ ଉପରେ ଜଳୀୟ ବସ୍ତୁ ପୂର୍ଣ୍ଣ ।

ଫୁତ୍କାର—ବି. (ଫୁତ୍‌-କାର) ଫୁ ଫୁ କରିବା ।

ଫୁରୁଣା—ବି. ଆନନ୍ଦ; ପ୍ରଫୁଲ୍ଲ ।

ଫୁଲ—ବି. (ଫୁଲ୍ଲଶବ୍ଦଜ) ପୁଷ୍ପ ।

ଫୁଲଗଡ଼ି—ବି. ଫୁଲଧଡ଼ି ।

ଫୁଲଗୁଣା—ବି. ଛାଟିବାର ଅଳଙ୍କାରବିଶେଷ ।

ଫୁଲ୍ଲ—ବି. ଶିରଃ ରୋଗବିଶେଷ; ଶୋଥ ହେବି ।

ଫୁଲ୍ଲରିବା—କ୍ରି. ସ୍ଫୀତ ହୋଇବା ।

ଫୁଲ୍ଲ—ବିଣ. (ଫୁଲ୍‌-ତ) ବିକଶିତ, ପ୍ରସ୍ଫୁଟିତ ।

ଫୁଲ୍ଲି—ବି. ( ଫୁଲ୍ଲଶବ୍ଦଜ ) ସ୍ୱର୍ଣ୍ଣନିର୍ମିତ ନାସାଭରଣ ଅଳଙ୍କାରବିଶେଷ ।

ଫୁସ୍‌ଫୁସ୍—ବି. କାନରେ ଗୁପ୍ତ କଥା କହିବାର ଶବ୍ଦ ।

ଫୁସ୍‌ଫୁସ୍—ବି. ଶରୀରସ୍ଥ ଶ୍ୱାସଯନ୍ତ୍ର ।

ଫୁସୁଲାଇବା—କ୍ରି. ଭୁଲାଇବା ।

ଫେଁଟା—ବି. ଧୋତି ।

ଫେଡ଼ାଙ୍କି—ବି. ବ୍ୟବଧାନ, ବିୟୋଗ ।

ଫେଡ଼ିବା } କ୍ରି. ଖିଟାଇବା ; ମୋଚନ କରିବା;
ଫେଡ଼ାଇବା } ବ୍ୟବଧାନ କରିବା ।

ଫେଣ } ବି. ଜଳାଦି ଉପରେ ଭାସୁଥିବା
ଫେନ } ଭୁଡ଼ଭୁଡ଼ ।

ଫେଣା—ବି. ଚଉଡ଼ା ଜାତୀୟ ମିଠାଇ ।

ଫେଣ୍ଟିବା—କ୍ରି. (ପାଣ୍ଡୁଅରେ) ଘେରେଇବା ।

ଫେନିଲ—ବିଂ. ଫେନଯୁକ୍ତ ।

ଫେର—ବି. ବସ୍ତ୍ରର ବେଷ୍ଟନ; ପରିଧି ।

ଫେରଫାର—ବି. ବଦଳାବଦଳି ।

ଫେରବ }
ଫେରଣ୍ଡ } ବି. ଶୃଗାଳ ।
ଫେରୁ }

ଫେଲିବା—ବି. ଫେଲ ହିବା । [ଭୁଡ଼ଭୁଡ଼ ।

ଫୋଷ୍କା—ବି. ( ସ୍ଫୋଟକଶବ୍ଦଜ ) ସ୍ଫୋଟକ;

ଫୋଡ଼—ବି. ଛିଦ୍ର ରନ୍ଧ୍ର ।

ଫୋଡ଼ଣୀ—ବି. ଫୋଡ଼ କରିବାର ଯନ୍ତ୍ର ।

ଫୋଡ଼ିବା—କ୍ରି. (ସ୍ଫୋଟ୍‌ଧାତୁଜ) ଛିଦ୍ର କରିବା ।

ଫୋପାଡ଼ିବା—କ୍ରି. ନିକ୍ଷେପ କରିବା ।

ଫୌଜ } ବି. (ଆରବୀ) ସେନା ।
ଫଉଜ }

ଫୌଜଦାରୀ—ବି. ଦେଶର ମଧ୍ୟରେ ଶାନ୍ତିଭଙ୍ଗ-ଅପରାଧ ସମ୍ବନ୍ଧୀୟ ।

**ବ** (ବର୍ଗୀୟ ବ) ଓଷ୍ଠ୍ୟ ବ୍ୟଞ୍ଜନବର୍ଣ୍ଣ ।

ବଉଳ—ବି. ( ବକୁଳଶବ୍ଦଜ ) ବକୁଳ ବୃକ୍ଷ ବା ତାହାର ଫୁଲ; ସିନ୍ଧୁମୁକୁଳ ।

ବଉଳିବା—କ୍ରି. ମୁକୁଳିତ ହେବା ।

ବକ—ବି. ବକ (ପକ୍ଷୀ) ।

ବକ-ଯନ୍ତ୍ର—ବି. ଅରକ-ଭାଟିବାର ଯନ୍ତ୍ର; ମଦ୍ୟା-[ବର ନିଷ୍କର୍ଷ-ଫଳ ।

ବକୁଳି—ବି. ବଉଳ ।

ବଟୁ—ବି. ବାଳକ ବ୍ରହ୍ମଚାରୀ ।

ବଡ଼ବାଗ୍ନି—ବି. ସମୁଦ୍ର ମଧ୍ୟସ୍ଥ ଅଗ୍ନି ।

ବଡ଼ିଶି—ବି. ମାଛ ଧରିବା କଣ୍ଟା, ବନ୍ଶୀକଣ୍ଟା ।

ବଣିଜ—ବି. (ବଣିକ୍‌ଶବ୍ଦଜ) ଲାଭନିମିତ୍ତ ଦ୍ରବ୍ୟାଦି କ୍ରୟ ବିକ୍ରୟ ବାଣିଜ୍ୟ ।

ବଦର } ବି. ବରକୋଳି ଗଛ ବା ତାହାର ଫଳ ।
ବଦରୀ }

ବଦ୍ଧ—ବିଂ. (ବନ୍ଧ-ତ) ବନ୍ଧା; ଯନ୍ତ୍ରି; ଏକତ୍ରିତ; ଜଡ଼ିତ; ରୁଦ୍ଧ । [କୃତାଞ୍ଜଳି ।

ବଦ୍ଧାଞ୍ଜଳି—ବିଂ. ( ବଦ୍ଧ-ଅଞ୍ଜଳି ) ଯୁକ୍ତାଞ୍ଜଳି,

ବଦ୍ଧ-ପରିକର—ବିଂ. ସନ୍ନଦ୍ଧ-କଟିବନ୍ଧ; କାର୍ଯ୍ୟ-ସାଧନ ନିମିତ୍ତ ପ୍ରସ୍ତୁତ ।

ବଦ୍ଧ-ମୁଷ୍ଟି—ବିଂ. ଦୃଢ଼ମୁଷ୍ଟି; କୃପଣ ।

ବଦ୍ଧ-ମୂଳ—ବିଂ. ଦୃଢ଼ଭାବେ ବଦ୍ଧମୂଳ ଯାହାର ।

ବଧିର—ବିଂ. କାଲୁଆ, କାଲ ।

ବଧିରିତ—ବିଂ. ବଧିରୀକୃତ; ଘୋରଶବ୍ଦ ଦ୍ୱାରା କାନ ଅଚଳ ଯାହାର ।

ବଣୀ—ବି. କଣ୍ଟା, ଝାଉଁଳୁଆ ଗଛ ।

ବନ୍ଧ ବି. (ବନ୍ଧ୍-ଅ) ବନ୍ଧନ; ରୋଧ; ଆଧାର; ରକ୍ତାବରୋଧ; ଆସକ୍ତି।

ବନ୍ଧକ-ବି. ଋଣନିମିତ୍ତ ରକ୍ଷିତ ସମ୍ପଦ।

ବନ୍ଧନ-ବି. (ବନ୍ଧ୍-ଅନ) ବାନ୍ଧିବା; ଅବରୋଧ; ବନ୍ଧନାର୍ଥ ରଜ୍ଜୁ ବା ଶୃଙ୍ଖଳ।

ବନ୍ଧନୀ-ବି. (ବନ୍ଧ୍-ଅନ-ଈ) ବନ୍ଧନାର୍ଥ ସୂତ୍ର ବା ରଜ୍ଜୁ; ଗଣିତରେ ଅନେକବସ୍ତୁଙ୍କ ସମଷ୍ଟିକୁ ସଂଯୁକ୍ତ କରିବାର ଯୁଗ୍ମ ଚିହ୍ନ।

ବନ୍ଧୁ-ବି. (ବନ୍ଧ୍-ଉ) ଯେ ସ୍ନେହ ଦ୍ୱାରା ବନ୍ଧନ କରେ; ମିତ୍ର; ଜ୍ଞାତି।

ବନ୍ଧୁଜୀବ, ବନ୍ଧୁଳି } ବି. ବନ୍ଧୁଲି ଗଛ ଓ ତାହାର ରକ୍ତବର୍ଣ୍ଣ ଫୁଲ।

ବନ୍ଧୁତା, ବନ୍ଧୁତ୍ୱ } ବି. ବନ୍ଧୁ-ପଣ, ମିତ୍ରତା।

ବନ୍ଧୁର-ବିଂ. (ବନ୍ଧ-ଉର) ଉଚ୍ଚନୀଚ।

ବନ୍ଧ୍ୟ-ବିଂ. (ବନ୍ଧ୍-ଯ) ଫଳ-ଶୂନ୍ୟ; ନିଷ୍ଫଳ।

ବନ୍ଧ୍ୟା-ବି. ଯେ ସ୍ତ୍ରୀ ସନ୍ତାନ ପ୍ରସବ କରି ନାହିଁ, ବାଁଝ।

ବଭ୍ରୁ-ବିଂ. ପିଙ୍ଗଳ ବର୍ଣ୍ଣ।

ବର୍ବଟୀ-ବି. ବରଗୁଡ଼ି ଶସ୍ୟ।

ବର୍ବର-ବିଂ. ମ୍ଲେଚ୍ଛ; ମୂର୍ଖ।

ବର୍ବୁର-ବି. ବବୁରଗଛ।

ବର୍ହି-ବି. ମୟୂରପୁଚ୍ଛ; ପକ୍ଷ।

ବର୍ହୀ-ବି. (ବର୍ହ-ଇନ୍) ମୟୂର।

ବଳ-ବି. (ବଳ୍-ଅ) ଶକ୍ତି; ସୈନ୍ୟ।

ବଳକ୍ଷ-ବିଂ. ଶ୍ୱେତବର୍ଣ୍ଣ।

ବଳଦେବ, ବଳଭଦ୍ର, ବଳରାମ } ବି. ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା।

ବଳବାନ୍-ବିଂ. (ବଳ-ବତ୍) ବଳଶାଳୀ, ସମର୍ଥ।

ବଳାକା-ବି. ବକ-ଶ୍ରେଣୀ।

ବଳାତ୍କାର-ବି. (ବଳାତ୍-କାର) ଜୋର କରିବା; ଅତ୍ୟାଚାର।

ବଳାବଳ-ବି. (ବଳ-ଅବଳ) ସାମର୍ଥ୍ୟ ଓ ଅସାମର୍ଥ୍ୟ।

ବଳାହକ-ବି. ମେଘ।

ବଳି-ବି. ପୂଜାର ସାମଗ୍ରୀ; ଦେବତାଙ୍କୁ ଉତ୍ସୃଷ୍ଟ ସାମଗ୍ରୀ; ଭୂତଯଜ୍ଞ ବା ଜନ୍ତୁମାନଙ୍କୁ ଖାଦ୍ୟଦାନ।

ବଳିଷ୍ଠ, ବଳୀୟାନ୍ } ବି. ଅତ୍ୟନ୍ତ ବଳବାନ୍।

ବଳି-ସଦ୍ମ-ବି. ବଳି ରାଜାଙ୍କ ଦେଶର ସ୍ଥାନ; ପାତାଳ।

ବଳୀ-ବିଂ. (ବଳ-ଇନ୍) ବଳଶାଳୀ।

ବଳୀବର୍ଦ୍ଦ-ବି. ବୃଷ; ବଳଦ।

ବଲ୍ଲବ-ବି. ଗୋପାଳ, ଅହୀର।

ବଲ୍ଲବୀ-ବି. ଗୋପରମଣୀ।

ବବ-ଭରଣ-ବି. ଜନ୍ମ; ବବଶର ଜୀବାତ୍ମାଙ୍କ ପ୍ରଥମ

ବହଳ-ବିଂ. ଘନ; ସାନ୍ଦ୍ର; ଦୃଢ଼।

ବହିଃ-ଅ. ବାହାରେ।

ବହିଷ୍କୃତ-ବିଂ. ନିଷ୍କାସିତ।

ବହିର୍ଗତ-ବିଂ. ନିର୍ଗତ; ନିଷ୍କ୍ରାନ୍ତ।

ବହିର୍ଦେଶ-ବି. ଗ୍ରାମ ବା ନଗରର ବାହାର।

ବହୁ—ବି. ଅନେକ; ଅଧିକ ।
ବହୁଧ—ବି. ଅନେକ; ଅଧିକ ।
ବହୁଧା—କ୍ରି. ବି. ନାନା ପ୍ରକାର ।
ବହୁମୂର୍ତ୍ତି—ବି. ଅନେକ ପ୍ରକାର-ରୂପ ଦେହ ।
ବହୁମୂଲ୍ୟ—ବି. ମହାର୍ଘ; ବି. ଅଧିକମୂଲ୍ୟ ।
ବହୁବିଧ—ବି. ନାନାପ୍ରକାର । [ଶବ୍ଦ ।
ବହୁଭାଷୀ—ବି. ନାନାଭାଷାଭିଜ୍ଞ; ନାନାକଥାଭାଷୀ
ବହୁଳ—ବି. ଅନେକ, ଅଧିକ; ବି. କୃଷ୍ଣପକ୍ଷ ।
ବହୁଳତା—ବି. ବାହୁଲ୍ୟ, ଅଧିକ୍ୟ ।
ବହୁଳୀକୃତ—ବି. (ବହୁଳ-ଈ-କୃତ) ବର୍ଦ୍ଧିତ ।
ବହୁବ୍ରୀହି—ବି. ବହୁଧାନ୍ୟ ବିଶିଷ୍ଟ; ବି. ବ୍ୟାକରଣ ସମାସବିଶେଷ । [ସମସ୍ତରେ ।
ବହୁଶଃ—କ୍ରି. ବି. ବହୁଳରୂପରେ; ଅନେକ
ବାଡବ—ବି. ସମୁଦ୍ରର ଅଗ୍ନି ।
ବାଡମ୍ବଣ—ବି. ଆଡମ୍ବର, ବାର୍ତ୍ତିକ ।
ବାଣ—ବି. ଶର; ସଂଖ୍ୟାବିଶେଷ; ୫ ସଂଖ୍ୟା ।
ବାଣ-ବିଦ୍ଧି—ବି. ବାଣଦ୍ୱାରା ଲକ୍ଷ୍ୟଭେଦର ଅଭ୍ୟାସରେ ଶିକ୍ଷା ।
ବାଦରାୟଣ—ବି. ବ୍ୟାସମୁନି ।
ବାଦରାୟଣି—ବି. ବ୍ୟାସମୁନିଙ୍କ ପୁତ୍ର ଶୁକ ।
ବାଧକ ବି. ( ବାଧ୍-ଅକ ) ବାଧାଜନକ; ନିବାରକ ।
ବାଧା—ବି. (ବାଧ୍-ଅ) ବାଧା; ପ୍ରତିବନ୍ଧକ ।
ବାଧିତ—ବି. ( ବାଧ୍-ତ ) ପୀଡ଼ିତ; ନିବାରିତ;
ବାଧିକା—କ୍ରି. ବାଧା ଦେବା । [ଉପାକୃତ ।
ବାନ୍ଧର୍ଯ୍ୟ—ବି. (ବନ୍ଧୁର ଯ) ବନ୍ଧୁରତା ।

ବାଧ୍ୟ—ବି. (ବାଧ୍-ଯ) ନିବାରଣଯୋଗ୍ୟ; ବଶ୍ୟ ।
ବାବଦ—ବି. ( ବଦ୍ ଅ-ସ୍ୱାର୍ଥେ ) ବକ୍ତା; ଅଧ୍ୟାୟ ।
ବାଲ—ବି. ( ବଲ୍-ଅ ) ଅଳ୍ପବୟସ୍କ; ମୂର୍ଖ; ଅଜ୍ଞାନ; ବି. କେଶ; ବାଳକ ।
ବାଳକ—ବି. ଅଳ୍ପ ବୟସ୍କ ପୁତ୍ର ।
ବାଲଚର—ବି. ଦେବଙ୍କ ଭୋଗାର୍ଥେ ଦ୍ରବ୍ୟବିଶେଷ ।
ବାଲା—ବି. ତରୁଣୀ ନାରୀ ।
ବାଳିକା—ବି. ଅଳ୍ପ ବୟସ୍କା କନ୍ୟା ।
ବାଲିଶ—ବି. ମୂର୍ଖ ।
ବାଲ୍ମୀକି—ବି. ( ବାଲ-ମୀକ-ଆ-ଅ ) ଋଷିବିଶେଷ ।
ବାଲୁକା—ବି. ସିକତା, ବାଲି ।
ବାଲୁକାମୟ—ବି. ବାଲୁକାପୂର୍ଣ୍ଣ ।
ବାଲୁକା-ଯନ୍ତ୍ର—ବି. ଔଷଧ-ପାକାର୍ଥ ଯନ୍ତ୍ରବିଶେଷ । [ଭାଷାର୍ଣ୍ଣ ।
ବାଲୁକା-ସ୍ୱେଦ—ବି. ତପ୍ତବାଲୁକା ଦ୍ୱାରା ସ୍ୱେଦ
ବାଲେୟ—ବି. (ବଲି-ଏୟ) ବଳି ବା ଗର୍ଦ୍ଦଭ-
ବାଲ୍ୟ—ବି. ବାଲକ-ଅବସ୍ଥା । [ଘୋଟ. ।
ବାଷ୍ପ—ବି. ଅଶ୍ରୁ; ଭାପ ।
ବାଷ୍ପ-ଯନ୍ତ୍ର—ବି. ଧୂମକଳ ।
ବାହା—ବି. ଭୁଜ ।
ବାହୁ—ବି. ଭୁଜ; ତ୍ରିକୋଣକ୍ଷେତ୍ରର ପାର୍ଶ୍ୱରେଖା ।
ବାହୁ-ବଳ—ବି. ଭୁଜବଳ; ଦୈହିକବଳ ।
ବାହୁ-ମୂଳ—ବି. କାଖ ।
ବାହୁ-ଯୁଦ୍ଧ—ବି. ହାତକୁ ହାତ ଯୁଦ୍ଧିବା; ମଲ୍ଲ-
ବାହୁଲ୍ୟ—ବି. (ବହୁଳ-ଯ) ଅଧିକ୍ୟ । [ଗ୍ରନ୍ଥ ।
ବାହ୍ୟ—ବି. (ବହ୍-ଯ) ବହିଃସ୍ଥିତ ।

ବିନ୍ଧ୍ୟାଦ୍ରି-ସ. ବିନ୍ଧ୍ୟଗିରି ।

ବିନ୍ଦୁ-ସ. ଫୋଟା; ଅନୁସ୍ୱାର; କ୍ଷୁଦ୍ର ଚିହ୍ନ ।

ବିମ୍ବ-ସ. ପ୍ରତିବିମ୍ବ; ମଣ୍ଡଳ; କମଣ୍ଡଳୁ; ବିମ୍ବ-

ବିମ୍ବିତ-ସଂ. ପ୍ରତିଫଳିତ । [କାକୁଡ଼ି ଫଳ ।

ବିଲ-ସ. ଗର୍ତ୍ତ । [ଶଶକ ।

ବିଲେଶୟ-ସ. (ବିଲେ-ଶୀ-ଅ) ସର୍ପ; ମୂଷିକ;

ବିଲ୍ୱ-ସ. ବେଲଗଛ ବା ତାହାର ଫଳ ।

ବିସ ସ. ମୃଣାଳ ।

ବୀଜ-ସ. ମଞ୍ଜି; କାରଣ; ଶୁକ୍ର ।

ବୀଜକ-ସ. ଲେମ୍ବୁ ଗଛ ।

ବୀଜ-କୋଷ-ସ. ଅଣ୍ଡ-ଧାରକ କୋଷ ବା ଗୋଟି ।

ବୀଜାକ୍ଷର-ସ. (ବୀଜ-ଅକ୍ଷର) ମନ୍ତ୍ରର ପ୍ରଥମ ଅକ୍ଷର । [ଘୃଣ୍ୟ ।

ବୀଭତ୍ସ-ସଂ. (ବଧ୍-ସନ୍-ଅ) ଘୃଣାର୍ହ; ନିନ୍ଦନୀୟ;

ବୁକ୍କ-ସ. ହୃଦ୍, ବକ୍ଷ; ହୃଦ ।

ବୁଦ୍ବୁଦ-ସ. ପାଣିଫୋଟକା ।

ବୁଦ୍ଧ-ସଂ. (ବୁଧ୍-ତ) ଜ୍ଞାନ-ପ୍ରାପ୍ତ; ପଣ୍ଡିତ; ସ. ବୌଦ୍ଧଧର୍ମ-ପ୍ରବର୍ତ୍ତକ ।

ବୁଦ୍ଧି-ସ. (ବୁଧ୍-ତି) ବୁଝିବା ଶକ୍ତି; ଧୀଶକ୍ତି ।

ବୁଦ୍ଧିମାନ୍ / ବୁଦ୍ଧିମନ୍ତ } ସଂ. (ବୁଦ୍ଧି-ମତ୍) ଅଧିକବୁଦ୍ଧି ।

ବୁଦ୍ଧିମତୀ-ସ. (ବୁଦ୍ଧିମତ୍-ଈ) ଧୀମତୀ ।

ବୁଧ-ସ. ପଣ୍ଡିତ; ଗ୍ରହ-ବିଶେଷ ।

ବୁଭୁକ୍ଷା-ସ. (ଭୁଜ୍-ସନ୍-ଅ-ଆ) ଭୋଜନେଚ୍ଛା;

ବୁଭୁକ୍ଷିତ-ସଂ. କ୍ଷୁଧିତ । [କ୍ଷୁଧା ।

ବୁଭୁକ୍ଷୁ-ସଂ. ଭୋଜନେଚ୍ଛୁ ।

ବୁହିତ୍ର-ସଂ. ନୌକା, ଜାହାଜ ।

ବୃହଲ୍ଲାଙ୍ଗୁଳ-ସ. ଋକ୍ଷ ।

ବୃହସ୍ପତି-ସ. ଗ୍ରହବିଶେଷ; ଦେବଗୁରୁ ।

ବୈଜ୍ଞାନିକ-ସଂ. (ବିଜ୍ଞାନ-ଇକ) ବିଜ୍ଞାନବେତ୍ତା ।

ବୋଦ୍ଧା-ସଂ. (ବୁଧ୍-ତୃ) ଜ୍ଞାତା ।

ବୋଧ-ସ. (ବୁଧ୍-ଅ) ଜ୍ଞାନ । [ଜ୍ଞାପକ ।

ବୋଧକ-ସଂ. (ବୁଧ୍-ଣକ) ଜ୍ଞାପକ, ସୂଚକ;

ବୋଧନ-ସ. (ବୁଧ୍-ଅନ) ଜ୍ଞାପନ; ଜାଗରଣ ।

ବୋଧି-ସ. ଅଶ୍ୱତ୍ଥବୃକ୍ଷ; ବୋଧ ।

ବୋଧିତ-ସଂ. ଜ୍ଞାପିତ; ଜାଗରିତ ।

ବୌଦ୍ଧଧର୍ମ-ସ. ବୌଦ୍ଧ ଧର୍ମ ।

ବୌଦ୍ଧ-ସ. ବୌଦ୍ଧଧର୍ମାବଲମ୍ବୀ; ସଂ. ବୁଦ୍ଧି-ସମ୍ବନ୍ଧୀୟ ।

ବ୍ରହ୍ମ-ସ. ପରମାତ୍ମା; ବେଦ; ବ୍ରାହ୍ମଣ ।

ବ୍ରହ୍ମଚର୍ଯ୍ୟ-ସ. ବ୍ରହ୍ମଚାରୀର ବ୍ରତ ।

ବ୍ରହ୍ମଚାରୀ-ସ. (ବ୍ରହ୍ମ-ଚର୍-ଣିନ୍) ଉପନୟନ ପରେ ଯେ ଗୁରୁଗୃହରେ ଧର୍ମଶିକ୍ଷା କରେ ।

ବ୍ରହ୍ମ-ତାଳୁ-ସ. ମସ୍ତକର ମଧ୍ୟଭାଗ-ବ୍ରହ୍ମରନ୍ଧ୍ର ।

ବ୍ରହ୍ମଦୈତ୍ୟ-ସ. ପ୍ରେତବିଶେଷ ।

ବ୍ରହ୍ମପୁତ୍ର-ସ. ନଦୀ ବିଶେଷ ।

ବ୍ରହ୍ମ-ବନ୍ଧୁ-ସ. ନିକୃଷ୍ଟ ବ୍ରାହ୍ମଣ ।

ବ୍ରହ୍ମ-ରନ୍ଧ୍ର-ସ. ବେଦାଧ୍ୟୟନ ।

ବ୍ରହ୍ମର୍ଷି-ସ. ବ୍ରାହ୍ମଣ-ଋଷି; ବ୍ରହ୍ମଜ୍ଞାନୀ ।

ବ୍ରହ୍ମ-ବର୍ଚ୍ଚସ-ସ. ବ୍ରହ୍ମତେଜ । [ପ୍ରଦେଶ ।

ବ୍ରହ୍ମବାଦୀ–ବି. ବ୍ରହ୍ମଜ୍ଞ, ବ୍ରାହ୍ମଣ ।

ବ୍ରହ୍ମ-ବିଦ୍ୟା–ସ୍ତ୍ରୀ. ବ୍ରହ୍ମଜ୍ଞାନ ।

ବ୍ରହ୍ମ-ସୂତ୍ର–ବି. ଯଜ୍ଞୋପବୀତ ।

ବ୍ରହ୍ମା–ପୁ. ସୃଷ୍ଟିକର୍ତ୍ତା; ଋତ୍ୱିକ୍ ବିଶେଷ ।

ବ୍ରହ୍ମାଣ୍ଡ–ବି. (ବ୍ରହ୍ମ-ଅଣ୍ଡ) ଜଗତ ।

ବ୍ରହ୍ମାବର୍ତ୍ତ–ବି. ଦୃଷଦ୍ୱତୀ-ନଦୀଦ୍ୱୟ ପ୍ରଦେଶ-ବିଶେଷ ।  [ଅସ୍ତ୍ର ।

ବ୍ରହ୍ମାସ୍ତ୍ର–ବି. (ବ୍ରହ୍ମ-ଅସ୍ତ୍ର) ମନ୍ତ୍ର ଅସ୍ତ୍ର; ଅମୋଘ

ବ୍ରହ୍ମୋତ୍ତର–ବି°. ବ୍ରାହ୍ମଣଙ୍କୁ ଦତ୍ତ (ଭୂମି) ।

ବ୍ରାହ୍ମ–ବି°. (ବ୍ରହ୍ମନ୍-ଅ) ବ୍ରହ୍ମସମ୍ବନ୍ଧୀୟ; ପବିତ୍ର; ବି. ବ୍ରାହ୍ମଧର୍ମାବଲମ୍ବୀ ।

ବ୍ରାହ୍ମଣ–ପୁ. (ବ୍ରହ୍ମନ୍-ଅଣ୍) ବ୍ରହ୍ମଜ୍ଞ; ଚତୁର୍ବର୍ଣ୍ଣ ମଧ୍ୟରେ ଶ୍ରେଷ୍ଠ ପୋଷ୍ୟ ଗଣିତ ବର୍ଣ୍ଣ ବା ଜାତି; ବେଦର ଅଂଶବିଶେଷ ।  [ପତ୍ନୀ ।

ବ୍ରାହ୍ମଣୀ–ସ୍ତ୍ରୀ. ବ୍ରାହ୍ମଣଜାତୀୟା ସ୍ତ୍ରୀ; ବ୍ରାହ୍ମଣ-

ବ୍ରାହ୍ମ-ମୁହୂର୍ତ୍ତ–ବି. ଶେଷ ରାତିର ଦୁଇଦଣ୍ଡ ।

ବ୍ରାହ୍ମ-ବିବାହ–ଶାସ୍ତ୍ରୋକ୍ତ ଅଷ୍ଟପ୍ରକାର ବିବାହ ମଧ୍ୟରେ ପ୍ରଥମ ଓ ଶ୍ରେଷ୍ଠ ପ୍ରକାର ।

---

## ଭ

ବ୍ୟଞ୍ଜନବର୍ଣ୍ଣର ଚତୁର୍ବିଂଶ ବର୍ଣ୍ଣ; ଓଷ୍ଠ୍ୟ ।

ଭଅଁର–ବି. (ଭ୍ରମରଶବ୍ଦଜ) ଭ୍ରମର, ଭୃଙ୍ଗ ।

ଭଇଁରଖି–ବି. ଭ୍ରମି-ଖାଦ୍ୟ କାଷ୍ଠବିଶେଷ ।

ଭଉଁରି–ବି. (ଭ୍ରମରଶବ୍ଦଜ) ଜଳଭଉଁରି, ଆବର୍ତ୍ତ ।

ଭଉଣୀ–ସ୍ତ୍ରୀ. (ଭଗିନୀଶବ୍ଦଜ) ଭଗିନୀ, ସ୍ୱସା ।

ଭକୁଆ–ବି°. ମୂର୍ଖ ।  [ଭଗବାନ; ଭକ୍ତ ।

ଭକ୍ତ–ବି°. (ଭଜ୍-ତ) ସେବକ; ବି. ଅନୁରକ୍ତ

ଭକ୍ତ-ବତ୍ସଳ–ବି°. ଭକ୍ତ ପ୍ରତି ସ୍ନେହଯୁକ୍ତ ।

ଭକ୍ତି–ସ୍ତ୍ରୀ. (ଭଜ୍-ତି) ପୂଜ୍ୟ ବ୍ୟକ୍ତି ପ୍ରତି ଅନୁରାଗ; ସେବା; ଶ୍ରଦ୍ଧା ।

ଭକ୍ତିମାନ୍–ବି°. (ଭକ୍ତି-ମତ୍) ଭକ୍ତିଯୁକ୍ତ ।

ଭକ୍ଷକ–ବି°. (ଭକ୍ଷ-ଅକ) ଭକ୍ଷଣକାରୀ ।

ଭକ୍ଷଣ–ବି. (ଭକ୍ଷ୍-ଅନ) ଭୋଜନ ।

ଭକ୍ଷ୍ୟ–ବି°. (ଭକ୍ଷ୍-ଯ) ଭକ୍ଷଣୀୟ, ଭକ୍ଷଣ-

ଭକ୍ଷିତ–ବି°. (ଭକ୍ଷ-ତ) ଖାଦିତ ।  [ଯୋଗ୍ୟ ।

ଭଗ–ବି. (ଭଜ୍-ଅ) ଐଶ୍ୱର୍ଯ୍ୟ; ଷଡ଼ଗୁଣମିଶ୍ର; ସୌଭାଗ୍ୟ; ଯୋନି; ସୂର୍ଯ୍ୟଦେବ ।

ଭଗନ୍ଦର–ବି. (ଭଗ-ଦୃ-ଅ) ଗୁହ୍ୟରୋଗ ।

ଭଗବତୀ–ବି°. (ଭଗ-ବତ୍-ଈ) ପୂଜ୍ୟା; ସ୍ତ୍ରୀ. ଦୁର୍ଗା ।  [ମେଶ୍ୱର ।

ଭଗବାନ୍–ବି°. (ଭଗ-ବତ୍) ପୂଜ୍ୟ; ବି. ପର-

ଭଗାରି–ବି. (ଭଗ-ଅରି) ଶୌରିଙ୍କ-ଦେବୀ,

ଭଗାଳୁଣୀ–ସ୍ତ୍ରୀ. ସ୍ୱାପକ ।  [ଦେବୀ ।

ଭଗିନୀ } ସ୍ତ୍ରୀ. (ଭଗ-ଇନ୍-ଈ) ଭଉଣୀ, ସହୋଦରା ।
ଭଗ୍ନୀ }

ଭଗୀରଥ–ପୁ. ସୂର୍ଯ୍ୟବଂଶୀୟ ନୃପବିଶେଷ ।

ଭଗ୍ନ–ବି°. (ଭଞ୍ଜ୍-ତ) ଭଙ୍ଗା; ପରାସ୍ତ; ଖଣ୍ଡିତ ।

ଭଗ୍ନାଂଶ–ବି. (ଭଗ୍ନ-ଅଂଶ) ଯେଉଁ ସଙ୍ଖ୍ୟା ପୂର୍ଣ୍ଣ ଏକର ଅଂଶ ମାତ୍ର ବୁଝାଏ ।

ଭଙ୍ଗୁରା–ବି°. (ଭଞ୍ଜ୍-ଉର) ଭଙ୍ଗପ୍ରବଣ ।

ଭଗ୍ନ-ବି. (ଭଞ୍ଜ୍-ତ) ଖଣ୍ଡିତ; ଭଗ୍ନ ହେବା, ଲଜ୍ଜିତ ।

ଭଗ୍ନ-ପ୍ରବଣ-ବି. ଯାହା ସହଜରେ ଭାଙ୍ଗିଯାଏ ।

ଭଙ୍ଗା-ବି. (ଭଙ୍ଗଶବ୍ଦଜ) ଭଗ୍ନ, ଛିନ୍ନ ।

ଭଙ୍ଗିମା-ବି. (ଭଙ୍ଗ-ଇମନ୍) ଭଙ୍ଗୀ; କୌଶଳ ।

ଭଙ୍ଗୀ-ବି. (ଭଞ୍ଜ-ଇ) ଧରଣ; କୌଶଳ ।

ଭଙ୍ଗୁର-ବି. (ଭଞ୍ଜ୍-ଘୁର) ଭଙ୍ଗପ୍ରବଣ, ନଶ୍ୱର ।

ଭ-ଚକ୍ର-ବି. ରାଶିଚକ୍ର ।

ଭଜନ-ବି. (ଭଜ୍-ଅନ) ସେବାସୁଶ୍ରୂଷା; ଭକ୍ତି-

ଭଜନା-ବି. ପୂଜା । [ସଂଗୀତ ।

ଭଜା-ବି. ଭୃଷ୍ଟବ୍ୟଞ୍ଜନ ।

ଭଜିବା-କ୍ରି. ପୂଜା କରିବା । [ସେ ଭଜେ ।

ଭଞ୍ଜନ-ବି. (ଭଞ୍ଜ୍-ଅନ) ଖଣ୍ଡନ; ଭାଙ୍ଗିବା; ବି.

ଭଟ-ବି. (ଭଟ୍-ଅ) ଯୋଦ୍ଧା ।

ଭଟଭଟ୍-ଅ. ବଡ଼ବଡ଼ ।

ଭଟା-ବି. କୁମ୍ଭାରର ଇଟାପୋଡ଼ିବା ।

ଭଟ୍ଟ-ବି. ପଣ୍ଡିତ; ଭାଟ, ସ୍ତୁତି-ପାଠକ ।

ଭଟ୍ଟାରକ-ବି. ପୂଜ୍ୟ ଜନ ।

ଭଟ୍ଟାରିକା-ବି. ମାନନୀୟା ସ୍ତ୍ରୀ ।

ଭଡ଼ା-ବି. (ଭାଟକଶବ୍ଦଜ) ପରର ଦ୍ରବ୍ୟ ସେବାର୍ଥ ବ୍ୟବହାର କରିବେ ଦେୟ ମୂଲ୍ୟ ।

ଭଡୁଆ-ବି. ବେଶ୍ୟା-କୁଳଟାଙ୍କ ସହାୟ ଦାଲାଲ ।

ଭଣଜା-ବି. (ଭଗ୍ନୀ-ଜ) ଭଉଣୀର ପୁତ୍ର ।

ଭଣଭଣ-ବି. ମାଛି ପ୍ରଭୃତିର ଶବ୍ଦବିଶେଷ ।

ଭଣିତ-ବି. (ଭଣ୍-ତ) କଥିତ; ରଚିତ ।

ଭଣିତା-ବି. ଗୀତ ବା ପଦ୍ୟାଦିର ଶେଷରେ ଲେଖକର ନାମପ୍ରକାଶ ।

ଭଣିବା-କ୍ରି. (ଭଣ୍ଧାତୁଜ) ରଚିବା; କହିବା ।

ଭଣ୍ଡ-ବି. (ଭଣ୍ଡ୍-ଅ) ମସ୍କରା, ଧୂର୍ତ୍ତ; କପଟାଚାରୀ ।

ଭଣ୍ଡତପସ୍ୱୀ-ବି. (ଭଣ୍ଡ-ତପସ୍ୱୀ) କପଟତପସ୍ୱୀ, ବକଧର୍ମୀ ।

ଭଣ୍ଡା-ବି. ଗୋଡ଼ର ପେଣ୍ଡା ; ବାଇଗଣୀ ଭଣ୍ଡା ।

ଭଣ୍ଡାଇବା-କ୍ରି. ଠକିବା ।

ଭଣ୍ଡାର-ବି. (ଭାଣ୍ଡାଗାର) କୋଷ ।

ଭଣ୍ଡାରି-ବି. ନାପିତ, ନାଉଡ଼ି ; କୋଷାଧ୍ୟକ୍ଷ ।

ଭଣ୍ଡାରୁଣୀ-ବି. ନାପିତ ସ୍ତ୍ରୀ ।

ଭଣ୍ଡୁର, ଭଣ୍ଡୋର } ବି. ପଟକ, ବାଣ ।

ଭଦଭଦଆ-ବି. ଭରଦ୍ୱାଜ ପକ୍ଷୀ ।

ଭଦ୍ର-ବି. (ଭନ୍ଦ୍-ର) ମଙ୍ଗଳଜନକ; ସାଧୁ; ବି.

ଭଦ୍ରା-ବି. ମଙ୍ଗଳଯୁକ୍ତା; ସୁଭଦ୍ରା । [ମଙ୍ଗଳ ।

ଭଦ୍ରାସନ-ବି. (ଭଦ୍ର-ଆସନ) ସିଂହାସନ;

ଭମ୍ବରାଳୀ-ବି. କ୍ଷୁଦ୍ର ମକ୍ଷିକା । [ଯୋଗାସନ ।

ଭୟ-ବି. (ଭୀ-ଅ) ତ୍ରାସ, ଡର; ଭୟହେତୁ ।

ଭୟଙ୍କର-ବି. (ଭୟ-କୃ-ଅ) ଭୀଷଣ ।

ଭୟାନକ-ବି. (ଭୀ-ଆନକ) ଭୟଙ୍କର ।

ଭୟାଳୁ-ବି. (ଭୟ-ଆଳୁ) ଭୀରୁ, ଭୟ-ସ୍ୱଭାବ ।

ଭୟାବହ-ବି. (ଭୟ-ଆ-ବହ୍-ଅ) ଭୟଙ୍କର ।

ଭର-ବି. (ଭୃ-ଅ) ଅତିଶୟ ; ଭାର ।

ଭରଣ-ବି. ( ଭୃ-ଅନ ) ପୂରଣ; ପୋଷଣ; ଧାରଣ ; ବେତନ ; ନ° ଜୌଣି ।

ଭରଣୀ ବି. ନକ୍ଷତ୍ରବିଶେଷ ।

ଭରତ-ବି. ( ଭୃ-ଅତ ) ନାଟ୍ୟ-ଶାସ୍ତ୍ର-ପ୍ରଣେତା ମୁନି; ନୃପବିଶେଷ, ଯାହାଙ୍କର ନାମରୁ ଦେଶର ନାମ ଭାରତବର୍ଷ ହୋଇଅଛି ।

ଭରଦ୍ଧଅ-ବି. ପକ୍ଷୀବିଶେଷ ।

ଭରଦ୍ୱାଜ ବି. ( ଭର-ଦ୍ୱା-ଜ ) ମୁନିବିଶେଷ ; ପକ୍ଷୀବିଶେଷ, ଭରଦ୍ୱଜିଅ ଚଢେଇ ।

ଭରସା-ବି. ଆଶା; ବିଶ୍ୱାସ; ସାହସ ।

ଭରା-ବି. (ଭୃଧାତୁଜ) ଭାର, ବୋଝ ; ବି°. ପୂର୍ଣ୍ଣ ।

ଭର୍ତ୍ତି-ବି. ଧାନ୍ୟାଦ କୁଟିବାର ଗର୍ତ୍ତ ।

ଭରି-ବି. ( ଭୃଧାତୁଜ ) ଏତପମା ଓଜନ ।

ଭରିତ-ବି°. (ଭୃ-ଇତ) ପୂରିତ ।

ଭରିବା-କ୍ରି. (ଭୃଧାତୁଜ) ପୂର୍ଣ୍ଣ କରିବା ।

ଭର୍ଗ-ବି. (ଭ୍ରସ୍ଜ-ଅ) ଶିବ ଦେବତା ।

ଭର୍ଜ୍ଜନ ବି. (ଭ୍ରସ୍ଜ-ଅନ) ଭଜିବା ।

ଭର୍ଜ୍ଜିତ-ବି°. ( ଭ୍ରସ୍ଜ-ଇତ-ତ ) ଭଜା ।

ଭର୍ତ୍ତବ୍ୟ-ବି°. ( ଭୃ-ତବ୍ୟ ) ପୋଷଣୀୟ ।

ଭର୍ତ୍ତା-ବି. ( ଭୃ-ତୃ ) ପତି ; ସ୍ୱାମୀ ; ବି°. ପାଳକ [ପୂର୍ଣ୍ଣ ।

ଭର୍ତ୍ତି ବି. ( ଭୃଧାତୁଜ) ପ୍ରବେଶ ।

ଭର୍ତ୍ତୃଦାରକ-ବି. ( ଭର୍ତ୍ତୃ-ଦାରକ ) ଭର୍ତ୍ତାଙ୍କର ପୁତ୍ର, ରାଜପୁତ୍ର ।

ଭର୍ତ୍ତୃଦାରିକା-ବି. ରାଜକନ୍ୟା ।

ଭର୍ତ୍ତ୍ରୀ ବି°. ପାଳନକର୍ତ୍ତ୍ରୀ ।

ଭର୍ତ୍ସନା-ବି. (ଭର୍ତ୍ସ-ଅନ-ଆ) ନିନ୍ଦା; ତିରସ୍କାର ।

ଭର୍ତ୍ସିତ-ବି°. (ଭର୍ତ୍ସ-ତ) ନିନ୍ଦିତ; ତିରସ୍କୃତ ।

ଭଲ-ବି°. (ଭଦ୍ରଶବ୍ଦଜ) ଉତ୍ତମ, ଅଚ୍ଛା, ବି. [ମଙ୍ଗଳ ।

ଭଲା-କ୍ରି.ବି°. ଅଚ୍ଛା (ବଉକ୍ତିରେ) ।

ଭଲି-ବି. ପ୍ରକାର ।

ଭଲେ-କ୍ରି.ବି°. ସହଜେ ।

ଭଲ୍ଲ-ବି. (ଭଲ୍ଲ-ଅ) ଭାଲୁ ; ବର୍ଚ୍ଛା ।

ଭଲ୍ଲାତକ-ବି. ଭଲିଆଗଛ ।

ଭଲ୍ଲୁକ }
ଭଲ୍ଲୂକ } ବି. ଭାଲୁ ।

ଭବ-ବି. ( ଭୂ-ଅ ) ଉତ୍ପତ୍ତି; ସଂସାର; ଶିବ ।

ଭବଦୀୟ-ବି°. (ଭବତ୍-ଈୟ) ଆପଣଙ୍କର ।

ଭବନ-ବି. (ଭୂ-ଅନ) ଆଳୟ; ଗୃହ ।

ଭବ-ଭୂତି-ବି. ନାଟକପ୍ରଣେତା କବି ।

ଭବାଦୃଶ-ବି°. ( ଭବତ୍-ଦୃଶ୍-ଅ ) ଆପଣଙ୍କ ତୁଲ୍ୟ ।

ଭବାନ୍-ବି°. (ଭବତ୍ଶବ୍ଦଜ) ଆପଣ ।

ଭବାନୀ-ବି. ( ଭବ-ଆନୀ ) ଶିବଙ୍କର ପତ୍ନୀ, ପାର୍ବତୀ ।

ଭବାବ୍ଧି-ବି. (ଭବ-ଅବ୍ଧି) ସଂସାରରୂପ ସମୁଦ୍ର ।

ଭବିତବ୍ୟ-ବି°. (ଭୂ-ତବ୍ୟ) ଭାବୀ; ଭବିଷ୍ୟତ୍‌ରେ ଯାହା ଘଟିବ ।

ଭବିତବ୍ୟତା ବି. ଅବଶ୍ୟମ୍ଭାବତା ।

ଭବିଷ୍ୟତ୍ }
ଭବିଷ୍ୟ } ବି°. ଯାହାପରେ

ଭବିଷ୍ୟଦ୍ବାଣୀ—ବି. ( ଭବିଷ୍ୟତ୍-ବାଣୀ ) ଯାହା ଘଟେ ନାହିଁ, ସେସବ ସମ୍ବନ୍ଧରେ ବାଣୀ ।

ଭବ୍ୟ—ବିଂ. ( ଭୂ-ଯ ) ଶୁଭଯୁକ୍ତ; ଶିଷ୍ଟ, ସାଧୁ; [ଭବିଷ୍ୟ ।

ଭସ୍ମ—ବି. ( ଭସ୍-ମନ୍ ) ପାଉଁଶ ।

ଭସ୍ମସାତ୍—ଅଂ. ( ଭସ୍ମନ୍-ସାତ୍ ) ଭସ୍ମରୂପରେ ପରିଣତ ।

ଭସ୍ମୀଭୂତ—ବିଂ. ( ଭସ୍ମ-ଚି-ଭୂ-ତ ) ଭସ୍ମରୂପେ [ପରିଣତ ।

ଭା—ବି. (ଭା-ଅ) ଦୀପ୍ତି ।

ଭାଉ—ବି. (ଭ୍ରାତୃଶବ୍ଦଜ) ଭାଇ ।

ଭାଉଜବୋହୂ—ବି. (ଭ୍ରାତୃବଧୂଶବ୍ଦଜ) ଶାଳ ଭାଉର [ସ୍ତ୍ରୀ ।

ଭାଉ—ବି. ଦର, ମୂଲ୍ୟ ।

ଭାଉଜି—ବି. (ଭ୍ରାତୃଜାୟାଶବ୍ଦଜ) ବଡ଼ଭାଇର ସ୍ତ୍ରୀ ।

ଭାଗି—ବିଂ. (ଭାଗଧାତୁଜ) ଅଂଶୀ (ପ୍ରବାଦେ) ।

ଭାକୁର—ବି. (ଭକ୍ଷ୍ୟଶବ୍ଦଜ) ମତ୍ସ୍ୟବିଶେଷ ।

ଭଗ—ବି. ( ଭଜ୍-ଅ ) ଅଂଶ, ଯତ୍ନ, ଐଶ୍ୱ, ଯୋନିଦେଶ । [ର୍ଯ୍ୟ ।

ଭଗଦେବ—ବି. ( ଭଗ-ଦେବ ) ସୂର୍ଯ୍ୟ, ଅଂଶ,

ଭଗବତ—ବି. ( ଭଗବତ୍-ଅ ) ପବିତ୍ର ପୁରାଣ-ବିଶେଷ ।

ଭଗ-ଦ୍ୱାରି—ବି. ଯେଉଁ ଭଗାଙ୍ଗରେ କୌଣସି ଜନ୍ତୁ ପଡ଼ିଲେ ତନ୍ତୁ ଅଂଶରୁ ନଷ୍ଟ ହୋଇଥାଏ ।

ଭଗିନେୟ—ବି (ଭଗିନୀ-ଏୟ) ଭଉଣୀର ପୁତ୍ର ।

ଭଗୀ—ବିଂ. ( ଭଗ-ଇନ୍ ) ଅଂଶୀ ।

ଭଗୀରଥୀ—ବି. ( ଭଗୀରଥ-ଅ-ଈ ) ଗଙ୍ଗା, ଭଗୀରଥଙ୍କ ଦ୍ୱାରା ଆନୀତ ବୋଲି (ପୁରାଣ-କଥା) ।

ଭାଗ୍ୟ—ବି. (ଭଜ୍-ଯ) ଅଦୃଷ୍ଟ । [ଶାଳୀ ।

ଭାଗ୍ୟବାନ୍—ବିଂ. ( ଭାଗ୍ୟ-ବତ୍ ) ସୌଭାଗ୍ୟ-

ଭାଙ୍ଗ—ବି. ( ଭଙ୍ଗଶବ୍ଦଜ ) ସିଦ୍ଧିର ଗଛ; ଏହାର ପତ୍ର ଘସି ମିଶ୍ରିତ ଜଳ ।

ଭାଙ୍ଗିବା—କ୍ରି. (ଭଞ୍ଜ୍-ଧାତୁଜ) ଭଙ୍ଗ କରିବା ।

ଭାଜନ—ବିଂ. ( ଭଜ୍-ଣିଚ୍-ଅନ ) ପାତ୍ରାଧାର; ଯେଉଁ ପଦାର୍ଥର ଗୁଣ କହଯାଏ ।

ଭାଜନୀ—ବି. (ଭ୍ରଜ୍-ଅନ) ଆଧାର; ଯୋଗ୍ୟପାତ୍ର ।

ଭାଜିତ—ବିଂ. ବିଭକ୍ତ । [ବଣ୍ଟାଯାଏ ।

ଭାଟ୍ୟ—ବିଂ. (ଭଟ୍-ଯ) ଭଟାର୍ଥ, ଯାହା ଭଟ

ଭାଟ—ବି. ( ଭଟ୍ଟଶବ୍ଦଜ ) ଜାତିବିଶେଷ; ସ୍ତୁତି-

ଭାଟକି—ବି. ଭଡ଼ା, ମୂଲ୍ୟ । [ପାଠକ ।

ଭାଟୀ—ବି. ମଦ୍ୟ ଚୋଳାଇବାର ସ୍ଥାନ; ମଦ୍ୟ ପ୍ରସ୍ତୁତ କରିବାର ଚୁଲ୍ଲୀ ।

ଭାଡ଼ି—ବି. ବାଷ୍ପ ଉଠିବାର ମଠା ।

ଭାଣ—ବି. ଏକପ୍ରକାର ନାଟକ ।

ଭାଣିଜା—ବି. (ଭଗ୍ନୀ-ଜା) ଭଉଣୀର ପୁତ୍ର ।

ଭାଣ୍ଡ—ବି. (ଭଣ୍-ଡ) ପାତ୍ର; ଭାଣ୍ଡି; ଖଳ ।

ଭାଣ୍ଡାଗାର—ବି. (ଭାଣ୍ଡ-ଆଗାର) ଭଣ୍ଡାର ।

ଭାଣ୍ଡୀର—ବି. ବୃକ୍ଷବିଶେଷ ।

ଭାତ—ବି. (ଭକ୍ତଶବ୍ଦଜ) ରନ୍ଧା ଚାଉଳ, ଅନ୍ନ ।

ଭାତି—ବି. (ଭା-ତି) ଦୀପ୍ତି; ପ୍ରଭାତ ।

ଭାଥି—ବି. ଅଗ୍ନିଦାସ ।

ଭାଦୁଡ଼ି—ବି. କୁଣାଙ୍କାର ଏକ ମାଂସପିଣ୍ଡ ।

ଭାଦ୍ର—ବି. ମାସବିଶେଷ ।

ଭାଦ୍ର-ପଦ—ବି. (ଭଦ୍ର-ପଦ) ଭାଦ୍ରମାସ ।

ଭାନ-ବି. (ଭା-ଅନ) ବାହ୍ୟପ୍ରକାଶ; ଦୀପ୍ତି; ବୋଧ ।
ଭାନୁ-ବି. ( ଭା-ନୁ ) ସୂର୍ଯ୍ୟ; କିରଣ ।
ଭାମିନୀ-ବି.(ଭାମ୍-ଇନ୍-ଈ) ନାରୀ; କୋପନା ସ୍ତ୍ରୀ ।
ଭାର-ବି. ( ଭୃ-ଅ ) ଗୁରୁତ୍ୱ, ବୋଝ, କାର୍ଯ୍ୟର ଦାୟ ।
ଭାରକେନ୍ଦ୍ର-ବି. ପଦାର୍ଥ ମଧ୍ୟରେ ଯେଉଁ ବିନ୍ଦୁ, ଯେଉଁଠାରେ ଭାରର ସମତା ହୁଏ ।
ଭାରତ-ବି. ( ଭରତ-ଅ ) ଭାରତବର୍ଷ; ମହାଭାରତ ।
ଭାରତବର୍ଷ-ବି. (ଭାରତ-ବର୍ଷ )ଦେଶବିଶେଷ ।
ଭାରତୀ-ବି. ବାଣୀ; ସରସ୍ୱତୀ ।
ଭାରଦ୍ୱାଜ-ବି. ( ଭରଦ୍ୱାଜ-ଅ ) ଋଷିବିଶେଷ, ପକ୍ଷୀବିଶେଷ ।
ଭାରୀ-ବିଂ. (ଭାରଶବ୍ଦଜ) ଗୁରୁ; ବଡ଼ ।
ଭାରୁଆ-ବିଂ. ଭାରବାହକ ।
ଭାର୍ଗବ-ବି. (ଭୃଗୁ-ଅ) ଶୁକ୍ର; ପରଶୁରାମ ।
ଭାର୍ଯ୍ୟା-ବି. (ଭୃ-ଯ-ଆ) ପତ୍ନୀ, ଜାୟା ।
ଭାଲ-ବି. (ଭା-ଲ) ଲଲାଟ ।
ଭାଳିବା-କ୍ରି. ଦେଖିବା ।
ଭାଲୁ-ବି. (ଭଲ୍ଲୁକଶବ୍ଦଜ) ଭଲ୍ଲୁକ, ରିକ୍ଷ ।
ଭାବ-ବି. ( ଭୂ-ଅ ) ସ୍ଥିତି; ଅସ୍ତିତ୍ୱ; ଅଭିପ୍ରାୟ; ପଦାର୍ଥ ମର୍ମ ।
ଭାବକ-ବିଂ. (ଭୂ-ଣିଚ୍-ଅକ) ଉତ୍ପାଦକ ।
ଭାବନା-ବି. (ଭୂ-ଣିଚ୍-ଅନ-ଆ) ଚିନ୍ତା; ଧ୍ୟାନ; ଉତ୍କଣ୍ଠା । [ଚିନ୍ତ ।
ଭାବିତ-ବିଂ. (ଭାବ-ଇତ) ଚିନ୍ତିତ, ମିଶ୍ରିତ; ବାସିତ;

ଭାବିନୀ-ବି. (ଭାବ-ଇନ୍-ଈ) ପ୍ରଶସ୍ତଭାବଯୁକ୍ତା ସ୍ତ୍ରୀ ।
ଭାବୀ-ବିଂ. (ଭୂ-ଇନ୍) ଭବିଷ୍ୟତ୍; ଘଟିବାସମ୍ଭବ ।
ଭାବୁକ-ବିଂ. ( ଭୂ-ଉକ ) ଭାବନାଶୀଳ; ଭାବ-
ଭାବ୍ୟ-ବିଂ. ଭବିତବ୍ୟ । [ଗ୍ରାହକ ।
ଭାଷଣ-ବି. (ଭାଷ୍-ଅନ) କଥନ, ବକ୍ତୃତା ।
ଭାଷା-ବି.(ଭାଷ୍-ଅ-ଆ)ଉକ୍ତି, ଯଦ୍ଦ୍ୱାରା ଦେଶରେ ଭାବ ପ୍ରକାଶର ଭିନ୍ନ ଭିନ୍ନ ପ୍ରକାର ବୋଲି ।
ଭାଷାନ୍ତର ବି. ( ଭାଷା-ଅନ୍ତର ) ଅନ୍ୟ ଭାଷା; ଅନ୍ୟ ଭାଷାରେ ଅନୁବାଦ ।
ଭାଷାନ୍ତରିତ-ବିଂ. ଅନ୍ୟ ଭାଷାରେ ଅନୁବାଦିତ ।
ଭାଷିତ-ବିଂ. (ଭାଷ୍-ତ) କଥିତ; ବି. ବଚନ ।
ଭାଷୀ-ବିଂ. (ଭାଷ୍-ଇନ୍) ବକ୍ତା (ସମାସରେ) ।
ଭାଷ୍ୟ-ବି. (ଭାଷ୍-ଯ) ବ୍ୟାଖ୍ୟାନ; ବିଂ. କଥନୀୟ ।
ଭାସମାନ-ବିଂ. ପ୍ରକାଶମାନ । [ହେବା ।
ଭାସିବା-କ୍ରି. ( ଭାସ୍‌ଧାତୁଜ ) ଜଳରେ ପ୍ଳବମାନ
ଭାସୁର-ବିଂ. ( ଭାସ୍-ଉର ) ଦୀପ୍ତିମାନ୍; ବି.
ଭାସ୍କର-ବି. (ଭାସ୍-କର) ସୂର୍ଯ୍ୟ । [ସ୍ଫଟିକ ।
ଭାସ୍ୱର-ବିଂ. (ଭାସ୍-ବର) ଦୀପ୍ତିମାନ୍ ।
ଭାସ୍ୱାନ୍-ବି. (ଭାସ୍-ବତ୍) ସୂର୍ଯ୍ୟ; ଦୀପ୍ତି ।
ଭିଆଣ-ବି. (ବିଧାନଶବ୍ଦଜ) କଳ୍ପନ; ଜମିବାଡ଼ିର ଜମାବନ୍ଦୀ କାଗଜ । [ପ୍ରାର୍ଥିତ ବସ୍ତୁ ।
ଭିକ୍ଷା-ବି. ( ଭିକ୍ଷ-ଅ-ଆ ) ଯାଚ୍ଞା, ପ୍ରାର୍ଥନା;
ଭିକ୍ଷୁ-ବି. (ଭିକ୍ଷ-ଉ) ପରିବ୍ରାଜକ, ବୌଦ୍ଧସନ୍ନ୍ୟାସୀ, ଚତୁର୍ଥାଶ୍ରମୀ ।
ଭିକ୍ଷୁକ-ବିଂ. (ଭିକ୍ଷ-ଉକ) ଯାଚକ, ଭିକାରୀ ।

ଭିଟେଇବା-କ୍ରି. ଅର୍ଦ୍ଧ କରିବା,.. ଦଳନ୍ତ
ଭିଡ଼-ବି. ଲୋକସମୂହ, ଜନତା। [ଚାପିବା।
ଭିଡ଼ିବା-କ୍ରି. ଦୃଢ଼ରୂପେ ଟାଣିବା; ଛନ୍ଦିବା।
ଭିଣିବା-କ୍ରି. ପିଞ୍ଜିବା, ଫଟାଇବା।
ଭିଣୋଇ-ବି. ଭଗ୍ନୀପତି। [ମଧ୍ୟ।
ଭିତର-ବି. (ଅଭ୍ୟନ୍ତରଶବ୍ଦଜ) ଅଭ୍ୟନ୍ତର;
ଭିତ୍ତି-ସ୍ତ୍ରୀ. (ଭିଦ୍-ତି) କାନ୍ଥ।
ଭିଦ୍-ବି. (ଭିଦ୍-କ୍ୱିପ୍) ବିଦାରଣ, ଭେଦନ; ଭେଦକର୍ତ୍ତା; (ସମାସରେ)।
ଭିଦୁର-ବିଣ. (ଭିଦ୍-ଉର) ଭେଦଶୀଳ, ଭଙ୍ଗୁର।
ଭିନ୍ଦିପାଳ-ବି. କ୍ଷେପଣୀୟ ଅସ୍ତ୍ରବିଶେଷ।
ଭିନ୍ନ-ବିଣ. (ଭିଦ୍-ତ) ପୃଥକ୍; ଅନ୍ୟ; ବିଦୀର୍ଣ୍ଣ; ଖଣ୍ଡିତ।
ଭିଲ୍ଲ-ବି. ଅସଭ୍ୟ ଜାତିବିଶେଷ, ଶବର।
ଭିଷକ୍-ବି. (ଭିଷ-ଅକ୍) ବୈଦ୍ୟ, ଚିକିତ୍ସକ।
ଭୀ, ଭୀତି } ସ୍ତ୍ରୀ. (ଭୀ-ତି) ଭୟ, ତ୍ରାସ, ଶଙ୍କା।
ଭୀତ-ବିଣ. (ଭୀ-ତ) ଭୟଯୁକ୍ତ, ଶଙ୍କିତ; ବି. ଭୟ।
ଭୀମ-ବିଣ. (ଭୀ-ମ) ଭୀଷଣ; ବି. ଦ୍ୱିତୀୟ ପାଣ୍ଡବ।
ଭୀରୁ-ବିଣ. (ଭୀ-ରୁ) ଭୟଶୀଳ।
ଭୀଷଣ-ବିଣ. (ଭୀ-ଣିଚ୍-ଅନ) ଭୟଙ୍କର।
ଭୀଷ୍ମ-ବିଣ. (ଭୀ-ମ) ଭୟଙ୍କର; ବି. ମହାଭାରତର
ଭୁଅ-ବି. ଅଣ୍ଡିରା କଇଁଚ। [ପ୍ରସିଦ୍ଧ ବୀର।
ଭୁଆସୁଣୀ-ବି. କୁଳବଧୂ। [(ପଦାନ୍ତେ)।
ଭୁକ୍-ବି. (ଭୁଜ୍-) ଭୋକ୍ତା, ଯେ ଭୋଜନ କରେ

ଭୁକ୍ତ-ବିଣ. (ଭୁଜ୍-ତ) ଭକ୍ଷିତ: ଉପଭୁକ୍ତ; ଅନୁଭୂତ।
ଭୁକ୍ତଭୋଗୀ-ବିଣ. ଯାତନାର ଅନୁଭବକାରୀ।
ଭୁକ୍ତାବଶିଷ୍ଟ-ବିଣ. (ଭୁକ୍ତ-ଅବଶିଷ୍ଟ) ଅଇଁଠା।
ଭୁକ୍ତି-ସ୍ତ୍ରୀ. (ଭୁଜ୍-ତି) ଭୋଜନ; ଭୋଗ।
ଭୁଜ-ବି. (ଭୁଜ୍-ଅ) ବାହୁ; ହସ୍ତ; ଭୂର୍ଜପତ୍ର; ତ୍ରିକୋଣର ରେଖା।
ଭୁଜ-ଟେକାଠିଆ-ବି. ବାଘ।
ଭୁଜଗ, ଭୁଜଙ୍ଗ, ଭୁଜଙ୍ଗମ } ବି. (ଭୁଜ-ଗମ୍-ଅ) ସର୍ପ।
ଭୁଜା-ବି. ଭଜା ମୁଡ଼ି ପ୍ରଭୃତି ଖାଦ୍ୟଦ୍ରବ୍ୟ।
ଭୁଞ୍ଜିବା-କ୍ରି. (ଭୁଜ୍ଧାତୁଜ) ଭୋଗ କରିବା;
ଭୁଡ଼ଙ୍ଗ-ବି. ସୁଡ଼ଙ୍ଗ। [ଭୋଜନ କରିବା;
ଭୁଣ୍ଡି-ବି. ଅଗ୍ରଭାଗ।
ଭୁତି ବି. ବଧକାରୀ ବସ୍ତ୍ରବିଶେଷ।
ଭୁଲ-ବି. (ଭୁଲ୍ଧାତୁଜ) ଦୋଷ, ଭ୍ରମ।
ଭୁଲତା-ବି. (ଭ୍ରୂ-ଲତା) ଭ୍ରୂ।
ଭୁଲିବା-କ୍ରି. ଭୁଲ କରିବା; ପାସୋରିବା।
ଭୁଲାଇବା-କ୍ରି. ଭ୍ରମଯୁକ୍ତ କରାଇବା।
ଭୁବନ-ବି. (ଭୂ-ବନ୍-ଣିଚ୍-ଅନ) ଜଗତ୍।
ଭୁବନେଶ୍ୱର-ବି. (ଭୁବନ-ଈଶ୍ୱର) ଜଗଦୀଶ୍ୱର; ଉତ୍କଳସ୍ଥ ତୀର୍ଥବିଶେଷ।
ଭୁବଃ-ବି. (ଭୂ-ଅସ୍) ଅନ୍ତରୀକ୍ଷ।
ଭୁବର୍ଲୋକ-ବି. (ଭୁବସ୍-ଲୋକ) ପୃଥ୍ୱୀ ଓ ସୂର୍ଯ୍ୟର ମଧ୍ୟପ୍ରଦେଶ।

ଭୁଷିବା—କ୍ରି. ଭଷିବା, ଭୋକିବା । [ପଡ଼ିବା ।
ଭୁସୁଡ଼ିବା—କ୍ରି. ହଠାତ୍ ଦଗ୍ଧ ହେବା ବା ଧସି-
ଭୁଷୀ—ବି. ଯବ ଗୋଧୂମାଦିର ଚୋପା ।
ଭୂ—ବି. ( ଭୂ-କ୍ୱିପ୍ ) ପୃଥିବୀ, ଭୂମି ।
ଭୂଇଁ—ବି. ( ଭୂମିଶବ୍ଦଜ ) ଭୂମି ।
ଭୂ-ଗର୍ଭ—ବି. ପୃଥିବୀର ଅଭ୍ୟନ୍ତର ।
ଭୂଗୋଳ—ବି. ( ଭୂ-ଗୋଳ ) ଭୂମଣ୍ଡଳ ।
ଭୂତଳ—ବି. ( ଭୂ-ତଳ ) ଭୂପୃଷ୍ଠ ।
ଭୂତ—ବି. ( ଭୂ-ତ ) ଅତୀତ ; ସତ୍ୟ ; ପ୍ରେତ ;
ବି. ମୂଳ ପଦାର୍ଥ ; ପ୍ରାଣୀ ।
ଭୂତ-ଧାତ୍ରୀ—ବି. ପୃଥିବୀ ।
ଭୂତ-ପତି—ବି. ଶିବ ।
ଭୂତପୂର୍ବ—ବି. ଯାହା ପୂର୍ବରେ ଥିଲା ।
ଭୂତଭାବନ—ବି. (ଭୂ-ତ-ଭୂ-ଣିଚ୍-ଅନ) ସୃଷ୍ଟିକର୍ତ୍ତା ।
ଭୂତି—ବି. ( ଭୂ-ତି ) ସମ୍ପଦ ; ମହିମା ।
ଭୂ-ଦେବ—ବି. ବ୍ରାହ୍ମଣ ।
ଭୂଧର—ବି. (ଭୂ-ଧୃ-ଅ) ପର୍ବତ ; ବାସୁକି ।
ଭୂପ, ଭୂପତି, ଭୂପାଳ—ବି. (ଭୂ-ପ, ପତି, ପାଳ ) ରାଜା ।
ଭୂମା—ବି. ( ବହୁ-ଇମନ୍ ) ମହାନ୍ ; ଭୂୟିଷ୍ଠ ;
ବି. ସର୍ବବ୍ୟାପୀ ପୁରୁଷ ।
ଭୂମି—ବି. ( ଭୂ-ମି ) ପୃଥିବୀ ; ଜମି ।
ଭୂମିକା—ବି. ( ଭୂମି-କ-ଆ ) ଗ୍ରନ୍ଥର ମୁଖବନ୍ଧ ;
ବକ୍ତବ୍ୟ ବିଷୟର ସୂଚନା ।

ଭୂମିଷ୍ଠ—ବି., ( ଭୂମି-ସ୍ଥା-ଅ ) ଭୂମିରେ ପତିତ,
ଜାତ ; ପ୍ରଣତ ।
ଭୂୟଃ—ଅ., ( ବହୁ-ଈୟସ୍ ) ଅଧିକ ।
ଭୂୟିଷ୍ଠ—ବି., ( ବହୁ-ଇଷ୍ଠ ) ବହୁଳ ; ଅଧିକ ।
ଭୂୟୋଭୂୟଃ—ଅ. ( ଭୂୟଃ-ଭୂୟଃ ) ପୁନଃ-
ଭୂରି—ଅ. ଅଧିକ ; ଅନେକ । [ପୁନଃ ।
ଭୂରୁହ—ବି. ( ଭୂ-ରୁହ-ଅ ) ବୃକ୍ଷ, ଗଛ ।
ଭୂଷଣ, ଭୂଷା—ବି. ( ଭୂଷ-ଅନ, ଅ ) ଅଳଙ୍କାର ; ଶୋଭା ।
ଭୂଷିତ—ବି. ( ଭୂଷ-ତ ) ଅଳଙ୍କୃତ ; ଶୋଭିତ ।
ଭୂସ୍ୱାମୀ—ବି. (ଭୂ-ସ୍ୱାମିନ୍) ରାଜା; ଜମିଦାର ।
ଭୃଗୁ—ବି. ମୁନିବିଶେଷ ; ଶୁକ୍ର ; ପର୍ବତାଦିର
ଢାଲୁ ପ୍ରଦେଶ ।
ଭୃଙ୍ଗ—ବି. (ଭୃ-ଗ) ଭ୍ରମର ।
ଭୃଙ୍ଗାର—ବି. ଜଳପାତ୍ର । [(ସବାଦ୍ୟେ) ।
ଭୃତ୍—ବି. (ଭୃ-କ୍ୱିପ୍ ) ପାଳନକର୍ତ୍ତା ; ଧାରଣକର୍ତ୍ତା
ଭୃତ—ବି. ( ଭୃ-ତ ) ପାଳିତ ; ପୁଷ୍ଟ ।
ଭୃତକ—ବି. (ଭୃ-ତ-କ) ବେତନଭୋଗୀ, ଭୃତ୍ୟ ।
ଭୃତି—ବି. ବେତନ ।
ଭୃତ୍ୟ—ବି. ( ଭୃ-ଯ ) ଚାକର ।
ଭୃଷ୍ଟ—ବି. (ଭ୍ରସ୍ଜ-ତ ) ଭର୍ଜିତ, ଭଜା ।
ଭେକ—ବି. (ଭୀ-କ) ମଣ୍ଡୂକ, ବେଙ୍ଗ ।
ଭେଖ—ବି. ବେଶ; ବୈଷ୍ଣବ ପନ୍ଥୀଙ୍କର କୌପୀ-
ଭେଟି—ବି. ସାକ୍ଷାତ୍, ଦେଖା । [ନାଦ ।

ଭେଣ୍ଟିବା—କ୍ରି. ସାକ୍ଷାତ କରିବା ।

ଭେଣ୍ଟୀ—ବି. ଉପଢୌକନ ।

ଭେଡ଼ା—ବି. ମେଣ୍ଢା, ଗାରେଡ଼, ପତିତ ଭୂମି ।

ଭେଣ୍ଡା—ବି. ଯୁବାପୁରୁଷ ।

ଭେଣ୍ଡି—ବି. ପରିବା-ଗଛବିଶେଷ ।

ଭେଦ—ବି. ( ଭିଦ୍-ଅ ) ଛେଦନ, ଫଟ କରିବା; ଅନ୍ତର; ବୈଲକ୍ଷଣ୍ୟ; ଭଙ୍ଗ; ଦେଉଳ ।

ଭେଦକ—ବିଂ. (ଭିଦ୍-ଅକ) ବିଦାରକ; ପୃଥକ୍-କାରକ ।

ଭେଦନ—ବି. (ଭିଦ୍-ଅନ) ବିଦାରଣ; ଛେଦନ ।

ଭେଦା—ବି. ଗୁଆ ।   [ପୃଥକ୍‌କୃତ ।

ଭେଦିତ—ବିଂ. ( ଭିଦ୍-ଣିଚ୍-ତ ) ବିଦାରିତ;

ଭେଦୀ—ବିଂ. ( ଭିଦ୍-ଇନ୍ ) ଭେଦକାରୀ ।

ଭେଦ୍ୟ—ବିଂ. (ଭିଦ୍-ଯ) ଭେଦଯୋଗ୍ୟ, ଛେଦନୀୟ ।

ଭେରଣ୍ଡା—ବି. ଜଡ଼ଗଛ ।

ଭେରୀ—ବି. ଢକ୍କା, ବାଦ୍ୟଯନ୍ତ୍ରବିଶେଷ ।

ଭେଲ୍‌କି—ବି. କୁହୁକ ।   [ଯନ୍ତ୍ର; ଭେଳ ।

ଭେଳା—ବି.(ଭେଳକଶବ୍ଦଜ) ପାଣିରେ ପହଁରିବାର

ଭେଷଜ—ବି. (ଭେଷ-ଜି-ଅ) ଔଷଧ ।

ଭେଷଜ୍ଞ—ବିଂ. ବୈଦ୍ୟ ।

ଭୈକ୍ଷ—ବି. (ଭିକ୍ଷା-ଅ) ଭିକ୍ଷାଲବ୍ଧ ବସ୍ତୁ ।

ଭୈକ୍ଷାଶୀ—ବିଂ. (ଭୈକ୍ଷ-ଅଶ୍-ଇନ୍) ଭିକ୍ଷାଜୀବୀ ।

ଭୈରବ—ବିଂ. (ଭୀରୁ-ଅ) ଭୀଷଣ; ବି. ସଂଗୀତର ରାଗବିଶେଷ; ରୁଦ୍ରମୂର୍ତ୍ତି, ଶିବ ।

ଭୈରବୀ—ବି. ଦୁର୍ଗା, ରୁଦ୍ରରୂପ-ଶିବ-ପତ୍ନୀ ।

ଭୈଷଜ୍ୟ—ବି. (ଭେଷଜ-ଯ) ଔଷଧ ।

ଭୋ—ଅ. ସମ୍ବୋଧନସୂଚକ ।

ଭୋଇ—ବି. ଯାନର ଜମିଦାର ପ୍ରଭୃତିର ବାହକ ସାହାଯ୍ୟରେ ଯାଏ; କାହାର ।

ଭୋକ—ବି. (ଭୁକ୍ଷାଶବ୍ଦଜ) କ୍ଷୁଧା ।

ଭୋକିଲା, ଭୋକୀ—ବିଂ. କ୍ଷୁଧାର୍ତ୍ତ ।

ଭୋକ୍ତବ୍ୟ—ବିଂ. (ଭୁଜ୍-ତବ୍ୟ) ଭୋଜନଯୋଗ୍ୟ ।

ଭୋକ୍ତା—ବିଂ. (ଭୁଜ୍-ତୃ) ଭୋଜନକର୍ତ୍ତା; ଭୋଗୀ ।

ଭୋଗ—ବି. (ଭୁଜ୍-ଅ) ସୁଖ ଦୁଃଖାନୁଭବ; ସର୍ପ-ଫଣା ।   [ଗଙ୍ଗା ।

ଭୋଗବତୀ—ବି. ( ଭୋଗ-ବତ୍-ଈ ) ପାତାଳ-

ଭୋଗୀ—ବିଂ. ( ଭୋଗ-ଇନ୍ ) ସୁଖଭୋଗକାରୀ; ବି. ସର୍ପ ।

ଭୋଗେଇ—ବି. କ୍ଷୁଦ୍ରବାଦ୍ୟ ।

ଭୋଗ୍ୟ—ବିଂ. (ଭୁଜ୍-ଯ) ଭୋଗର ଯୋଗ୍ୟ ।

ଭୋଜ—ବି. ପୂର୍ବକାଳର ପ୍ରସିଦ୍ଧ ନୃପବିଶେଷ ।

ଭୋଜନ—ବି. (ଭୁଜ୍-ଅନ) ଭକ୍ଷଣ ।

ଭୋଜବିଦ୍ୟା—ବି. ଐନ୍ଦ୍ରଜାଲିକ ବିଦ୍ୟା; ଭେଲ୍‌କି ।

ଭୋଜ୍ୟ—ବି. ( ଭୁଜ୍-ଯ ) ଭକ୍ଷଣୀୟ; ପିଷ୍ଟକାଦି-ଷଡ଼ ଅମ୍ଲଭେଦ ଦ୍ରବ୍ୟ ।

ଭୋପା—ବି. ଦେଉଳର ଚୂଡ଼ାବିଶେଷ, ବିଂ. ନିର୍ବୁଦ୍ଧି, ଅବିବେକୀ ।

ଭୋଳ—ବିଂ. (ବିହ୍ୱଳଶବ୍ଦଜ) ବିହ୍ୱଳ; ମୁଗ୍ଧ ।

ଭୌତିକ—ବିଂ. ( ଭୂତ-ଇକ ) ଭୂତସମ୍ବନ୍ଧୀୟ; ପଞ୍ଚଭୂତସମ୍ବନ୍ଧୀୟ ।   [ମଙ୍ଗଳଗ୍ରହ ।

ଭୌମ—ବିଂ. ( ଭୂମି-ଅ ) ଭୂମିସମ୍ବନ୍ଧୀୟ; ବି.

ଭୌମିକ—ବି. (ଭୂମି-ଇକ) ଭୂମିସ୍ଥିତ ।

ଭ୍ରଂଶୀ—ବି. (ଭ୍ରଂଶ୍-ଣ) ପତନ, ଚ୍ୟୁତି, ନାଶ ।

ଭ୍ରମ—ବି. (ଭ୍ରମ୍-ଅ) ମିଥ୍ୟାଜ୍ଞାନ; ଘୂର୍ଣ୍ଣି; ଭ୍ରମଣ ।

ଭ୍ରମଣୀ—ବି. (ଭ୍ରମ୍-ଅନ) ପର୍ଯ୍ୟଟନ, ବୁଲିବା ।

ଭ୍ରମମାଣ—ବି. ( ଭ୍ରମ୍-ଶାନ ) ଯେ ବା ଯାହା ବୁଲୁଅଛି ।

ଭ୍ରମର—ବି. (ଭ୍ରମ୍-ଅର) ଭଅଁର, ଅଳି ।

ଭ୍ରମି—ବି. (ଭ୍ରମ୍-ଇ) ଘୂର୍ଣ୍ଣିଜଳ, ଆବର୍ତ୍ତ ।

ଭ୍ରଷ୍ଟ—ବି. ( ଭ୍ରଂଶ୍-ତ ) ଚ୍ୟୁତ, ଅଧଃପତିତ; [ଅଧାର୍ମିକ ।

ଭ୍ରଷ୍ଟା—ବି. ଚ୍ୟୁତସ୍ୱଭାବା ।

ଭ୍ରାଜକ ବି. (ଭ୍ରାଜ୍-ଅକ) ଅଗ୍ନିବାରକ ।

ଭ୍ରାତା—ବି. (ଭ୍ରାତ୍-ତୃ) ଭାଇ ।

ଭ୍ରାତୃଷ୍ପୁତ୍ର—ବି. (ଭ୍ରାତୃ-ପୁତ୍ର) ଭାଇର ପୁଅ ।

ଭ୍ରାତୃ-ଜାୟା—ବି. ଭାଉଜ ।

ଭ୍ରାତୃତ୍ୱ—ବି. ଭ୍ରାତୃଭାବ, ସୌହାର୍ଦ୍ଦ ।

ଭ୍ରାନ୍ତ—ବି. (ଭ୍ରମ୍-ତ) ଘୂର୍ଣ୍ଣାୟମାନ, ଭ୍ରମଯୁକ୍ତ ।

ଭ୍ରାନ୍ତି—ବି. (ଭ୍ରମ୍-ତି) ମିଥ୍ୟାଜ୍ଞାନ, ଭ୍ରମ ।

ଭ୍ରାନ୍ତିମାନ୍—ବି. (ଭ୍ରାନ୍ତି-ମତ୍) ଭ୍ରମଯୁକ୍ତ ।

ଭ୍ରାମକ—ବି. (ଭ୍ରମ୍-ଅକ) ଭ୍ରମଜନକ ।

ଭ୍ରାମ୍ୟମାଣ—ବି. (ଭ୍ରମ୍-ଣିଚ୍-ଶାନ) ଯାହାକୁ ବୁଲାଯାଉଅଛି । [ଯୋଗ ବଳ ।

ଭ୍ରୂ—ବି. ଆଖିର ଊର୍ଦ୍ଧ୍ୱ ଓ ଲଲାଟର ନିମ୍ନସ୍ଥିତ

ଭ୍ରୂକୁଟି, ଭ୍ରୂକୁଟୀ } ବି. ( ଭ୍ରୂ-କୁଟ୍-ଇ ) ଭ୍ରୂଭଙ୍ଗୀ, କ୍ରୋଧାଦି ହେତୁ ଭ୍ରୂ ବକ୍ରତା ।

ଭ୍ରୂକ୍ଷେପ—ବି. (ଭ୍ରୂ-କ୍ଷେପ) ଭ୍ରୂଭଙ୍ଗ, ଭ୍ରୂଚାଳନ ।

ଭ୍ରୂଣ—ବି. (ଭ୍ରୂଣ୍-ଅ) ଗର୍ଭସ୍ଥ ସନ୍ତାନ ।

ଭ୍ରୂଣହତ୍ୟା—ବି. ଗର୍ଭସ୍ଥ ସନ୍ତାନର ବିନାଶ ।

ଭ୍ରୂ-ବିଳାସ—ବି. ଭ୍ରୂନର୍ତ୍ତନ ।

ଭ୍ରୂଭଙ୍ଗ, ଭ୍ରୂଭଙ୍ଗୀ } ବି. ଭ୍ରୂକୁଟି ।

ଭ୍ରୂଲତା—ବି. ଲତାର ଆକାରସ୍ଥ ଯେଉଁ ରେଖା ଭ୍ରୂଲତା ।

---

## ମ

ବ୍ୟଞ୍ଜନବର୍ଣ୍ଣର ପଞ୍ଚବିଂଶ ବର୍ଣ୍ଣ ।

ମଇ—ବି. କ୍ଷେତର ଢେଳା ଭାଙ୍ଗିବା ନିମନ୍ତେ ବାଉଁଶ କାଠ ବା ବାଉଁଶ ନିର୍ମିତ ପଟ ।

ମଇଦା—ବି. ଗହମର ଚୋପାଶୂନ୍ୟ-ଚୂର୍ଣ୍ଣ ।

ମଇନା—ବି. ଶାରିକା ।

ମଇଳା—ବି. ଅପରିଷ୍କୃତ । [ଶସ୍ୟବିଶେଷ ।

ମଉସି—ବି. (ମାତୃଷ୍ୱସାର ଅପଭ୍ରଂଶ) ଯୋଡ଼ାଭାଇ

ମଉଡ଼, ମଉଡ଼ି—ବି. (ମୁକୁଟ ଶବ୍ଦଜ) ମୁକୁଟ ।

ମଉନି—ବି. (ମୌନ ଶବ୍ଦଜ) ଚୁପ ।

ମଉଲା—ବି. (ମାତୁଳ ଶବ୍ଦଜ) ମାତୁଳ, ମାମୁ ।

ମଉଳିବା—କ୍ରି. (ମ୍ଳୈ ଧାତୁରୁ) ମ୍ଳାନ ହେବା ।

ମଉସା—ବି. ମାଉସୀର ପତି ।

ମକର—ବି. (ମ-କୃ-ଅ) ମଗରମାଛ; ଜ୍ୟୋତିଷିକ ରାଶିବିଶେଷ ।

ମକର-କୁଣ୍ଡଳ—ବି. ମକରାକୃତି କୁଣ୍ଡଳ ।

ମକରକେତନ }
ମକରକେତୁ } ବି. କନ୍ଦର୍ପ ।
ମକରଧ୍ୱଜ }

ମକରକ୍ରାନ୍ତି—ବି. ଭୂବିଷୁବରେଖାର ୨୩½ ଅଂଶ ଦକ୍ଷିଣରେ ଅବସ୍ଥିତ ରେଖା ।

ମକଚିବା—କ୍ରି. ଦଳିବା ।

ମକଦମ—ବି. (ଆରବୀ) ଏକପ୍ରକାର ଭୂସ୍ୱାମୀ ।

ମକଦମା—ବି. (ଆରବୀ) ବିଚାରାଳୟରେ ଅଭି- [ଯୋଗ ।

ମକରନ୍ଦ—ବି. ପୁଷ୍ପର ମଧୁ ।

ମକରାଳୟ—ବି. (ମକର-ଆଳୟ) ସମୁଦ୍ର ।

ମକା—ବି. ଫଳବିଶେଷ ।

ମକୁଟ—ବି. (ମକ୍-ଉଟ) ମୁକୁଟ, ଶିରୋଭୂଷଣ ।

ମକୁଠା—ବି. ରେଶମୀ ବସ୍ତ୍ରବିଶେଷ ।

ମକ୍ଷିକା—ବି. (ମକ୍ଷ୍-ଇକ-ଆ) କୀଟବିଶେଷ, ମାଛି ।

ମଖ—ବି. (ମଖ୍-ଅ) ଯାଗ, ଯଜ୍ଞ ।

ମଖନା—ବି. ଭୂକୁଡ ଜଳଜାତ ।

ମଖମଲ୍—ବି. ଏକପ୍ରକାର ବସ୍ତ୍ର ।

ମଗଜ—ବି. (ପାର୍ଶୀ) ମସ୍ତିଷ୍କ ।

ମଗଧ—ବି. ବିହାର ପ୍ରଦେଶ ।

ମଗର—ବି. ( ମକରଶବ୍ଦଜ ) ମକର, ଜଳଜନ୍ତୁ [ବିଶେଷ ।

ମଗଶିର—ବି. ଅଘାଣ ।

ମଗ୍ନ—ବିଣ. (ମସ୍ଜ୍-ତ) ଜଳମଧ୍ୟରେ ବୁଡ଼ିଯାଇଥିବା ।

ମଘବା—ବି. ( ମହ୍-ବନ୍ ) ଇନ୍ଦ୍ର ।

ମଘା—ବି. (ମଘ୍-ଅ) ନକ୍ଷତ୍ରବିଶେଷ ।

ମଙ୍ଗ—ବି. (ମଙ୍ଗ୍-ଅ) ନୌକାର ଶିରୋଭାଗ ।

ମଙ୍ଗନ—ବି. (ମଙ୍ଗଳଶବ୍ଦଜ) ବିବାହର ପୂର୍ବଦିବସ ।

ମଙ୍ଗଳ—ବି. ( ମଙ୍ଗ୍-ଅଳ ) ଶୁଭ, କୁଶଳ; ମଙ୍ଗଳଗ୍ରହ; ବିଣ. ଶୁଭଜନକ ।

ମଙ୍ଗଳବାର—ବି. କୁଜବାର, ଭୌମବାର ।

ମଙ୍ଗଳା—ବି. (ମଙ୍ଗଳ-ଆ) ଦେବୀବିଶେଷ ।

ମଙ୍ଗଳାଚରଣ—ବି. (ମଙ୍ଗଳ-ଆଚରଣ) କାର୍ଯ୍ୟ- ଆରମ୍ଭରେ ଶୁଭଜନକ କର୍ମ । [ସ୍ତୁତି ।

ମଙ୍ଗଳ୍ୟ—ବିଣ. (ମଙ୍ଗଳ-ଯ) ଶୁଭଜନକ, ସୁନ୍ଦର,

ମଙ୍ଗିବା—କ୍ରି. ବି. ସମ୍ମତ ହେବା ।

ମଚକିବା—କ୍ରି. ବି. ମୋଡ଼ି ହୋଇଯିବା, ଲଚକ

ମଚଳି—ବି. ବଣ୍ଡୁରେଖ ବିଶେଷ । [ସ୍ୱଚ୍ଛ ।

ମଛ—ବି. (ମତ୍-ସ) ମତ୍ସ୍ୟ, ମାଛ ।

ମଛନ୍ଦି—ବି. ସ୍ୱାଦେଷ୍ଟ, ସଙ୍କ ।

ମଜା—ବି. ଆମୋଦ; ତାମସା ।

ମଜୁରି—ବି. ପରିଶୋଧ ।

ମଜୁଣ୍ଡି—ବି. ଘରଣମର ମୂଳ ।

ମଜ୍ଜନ—ବି. (ମସ୍ଜ୍-ଅନ) ଅବଗାହନ, ବୁଡ଼ିବା ।

ମଜ୍ଜା—ବି. (ମସ୍ଜ୍-ଆ) ଅସ୍ଥି ଓ ମାଂସର ମଧ୍ୟସ୍ଥ ସ୍ନେହବିଶେଷ; ବୃକ୍ଷର ସାର ।

ମଞ୍ଚ—ବି. (ଉଚ୍ଚାସନ) ମଞ୍ଚମଞ୍ଚ । [ମଞ୍ଚା ।

ମଞ୍ଜ—ବି. ( ମସ୍ଜ୍-ଅ ) ଭିତର ମଣ୍ଡପ, ବେଦ,

ମଞ୍ଜି—ବି. (ମଜ୍ଜାଶବ୍ଦଜ) ବୃକ୍ଷାଦିର ଓ ଫଳାଦିର

ମଞ୍ଜୁଭାଷୀ—ବିଣ. ମୃଦୁଭାଷୀ । [ବୀଜବିଶେଷ ।

ମଞ୍ଜରୀ—ବି. ମୁକୁଳ ।

ମଞ୍ଜା—ବି. କଦଳୀ ବୃକ୍ଷର ମଞ୍ଜ ।

ମଞ୍ଜାରି-ବି. (ମାର୍ଜାରଶବ୍ଦଜ) ବିରାଡ଼ି, ମାର୍ଜାର ।
ମଞ୍ଜି
ମଞ୍ଜୀ } ବି. (ମଜ୍ଜ୍-ଇ) ବୀଜ ।
ମଞ୍ଜିଷ୍ଠା-ବି. ରକ୍ତବର୍ଣ୍ଣ ଲତାବିଶେଷ ।
ମଞ୍ଜୀର-ବି. ନୂପୁର ।
ମଞ୍ଜୁ-ବି. (ମଜ୍ଜ୍-ଉ) ମନୋହର ।
ମଞ୍ଜୁରି-ବି. (ମଞ୍ଜରୀ) ଅଗ୍ରଭାଗ, ଅଙ୍କୁର ।
ମଞ୍ଜୁଳ-ବି. ( ମଞ୍ଜୁ-ଳ ) ମନୋହର; ସୁନ୍ଦର; [ମନ୍ଥର ।
ମଞ୍ଜୁଷା-ବି. ପେଡ଼ି; ସିନ୍ଦୁକ ।
ମଟରି-ବି. ଏକପ୍ରକାର ଡାଲି ।
ମଟାମି-ବି. ଷଡ଼କୋଣବିଶିଷ୍ଟ ଯନ୍ତ୍ର ।
ମଟକା-ବି. ଲଙ୍ଗୁର, ଯାହା ସବୁକରେ ଲଗି- [ଯାଏ ।
ମଟାଳି-ବି. ଚଟିକ ।
ମଠ-ବି. (ମଠ୍-ଅ) ମନ୍ଦିର; ବୈଷ୍ଣବମାନଙ୍କର [ଆଶ୍ରମ ।
ମଠ-ବି. କଳସ; ଅଳଙ୍କ ।
ମଠା-ବି. ରେଶମ ବସ୍ତ୍ରବିଶେଷ ।
ମଠୁଆ-ବି. ଅଳସୁଆ ।
ମଡ଼ାକ-ବି. (ମଡ଼କଶବ୍ଦଜ) ମହାମାରୀ ।
ମଡ଼ା-ବି. ( ମୃତଶବ୍ଦଜ ) ମନୁଷ୍ୟର ମୃତଦେହ, [ଶବ ।
ମଢ଼-ବି. ପଶୁର ମୃତଦେହ ।
ମଡ଼ୁଆଗାଣ୍ଡି-ବି. ଶ୍ମଶାନରେ ଅବାଧ ଭକ୍ଷ-
ଣାଦି କମିବ ଭାଗବତ-ଅବସ୍ଥିତ ବଚନ । [ବିଶେଷ ।
ମଣ-ବି. ପରିମାଣ ।
ମଣାଇବା-କ୍ରି. (ମଣ୍‌ଧାତୁଜ) ବୁଝାଇବା ।
ମଣି-ବି. ରତ୍ନ (ବହୁମୂଲ୍ୟ ପଥର ଓ ମୁକ୍ତା) ।

ମଣିକର୍ଣ୍ଣିକା-ବି. କର୍ଣ୍ଣଭୂଷଣ; କାଶୀସ୍ଥ ତୀର୍ଥ-
ବିଶେଷ । [ମଣିପଲ୍ଲବ ।
ମଣିକାର-ବି. ( ମଣି-କୃ-ଅ ) ମଣିପରୀକ୍ଷକ;
ମଣିବନ୍ଧ-ବି. (ମଣି-ବନ୍ଧ) ହାତର କବ୍ଜା ।
ମଣିବା-କ୍ରି. (ମନ୍‌ଧାତୁଜ) ମନେ କରିବା, ବୋଧ
କରିବା । [ସମ୍ବୋଧକ ପଦ ।
ମଣିମା-ବି. ରଜା ଓ ସ୍ୱାମୀଙ୍କ ପ୍ରତି ପ୍ରଯୋଜ୍ୟ
ମଡ଼ଣାଳୁ-ବି. ଜଡ଼ାକର ତେଲ ।
ମଣ୍ଡ-ବି. (ମଣ୍ଡ୍-ଅ) ଫେଣ; ସାର ।
ମଣ୍ଡଣି-ବି. (ମଣ୍ଡ୍‌ଧାତୁଜ) ଶୋଭା, ଭୂଷଣ ।
ମଣ୍ଡନ-ବି. (ମଣ୍ଡ୍-ଅନ) ଭୂଷଣ, ଅଳଙ୍କାର ।
ମଣ୍ଡପ-ବି. ( ମଣ୍ଡ-ପା-ଅ ) ମେଲଣ ବୈଠକଘର;
ଦେବୋଦ୍ଦେଶେ ବା ଉତ୍ସବନିମିତ୍ତ ନିର୍ମିତ ମେଲ
ଘର ।
ମଣ୍ଡଳ-ବି. (ମଣ୍ଡ୍-ଅଳ) ବୃତ୍ତ; ବଳୟ; ଗୋଲାକାର
ବେଷ୍ଟନ; ସମୂହ; ଦେଶ; ପ୍ରଦେଶ ।
ମଣ୍ଡଳୀ-ବି. ସମୂହ; ସଂଘ । [ସମ୍ରାଟ୍ ।
ମଣ୍ଡଳେଶ୍ୱର-ବି. ( ମଣ୍ଡଳ-ଈଶ୍ୱର ) ରଜା;
ମଣ୍ଡା-ବି. ପିଷ୍ଟକବିଶେଷ ।
ମଣ୍ଡିତ-ବି. (ମଣ୍ଡ୍-ତ) ଭୂଷିତ, ସଜ୍ଜିତ ।
ମଣ୍ଡିବା-କ୍ରି. (ମଣ୍ଡ୍‌ଧାତୁଜ) ଭୂଷିତ କରିବା ।
ମଣ୍ଡୁକ
ମଣ୍ଡୂକ } ବି. (ମଣ୍ଡ-ଉକ, ଊକ) ଭେକ, ବେଙ୍ଗ ।
ମଣ୍ଡୁରି-ବି. ଲୁହାର ଖଣ୍ଡି ।
ମତ-ବି. ( ମନ୍-ତ ) ଅଭିପ୍ରେତ, ସମ୍ମତ; ବି.
ସମ୍ମତି; ଅଭିପ୍ରାୟ ।

ମତଙ୍ଗଜ–ବି. ମାତଙ୍ଗ, ହସ୍ତୀ ।

ମତି–ବି. (ମନ୍-ତି) ବୁଦ୍ଧି; ମନ୍ତ୍ର; ଅନ୍ତଃକରଣ; ପ୍ରବୃତ୍ତି ; ଇଚ୍ଛା ।

ମତିମାନ୍–ବି. (ମତି-ମତ୍) ସୁଧୀ, ବୁଦ୍ଧିମାନ୍ ।

ମତୁଆଲା–ବି. ଉନ୍ମତ୍ତ ; ଉଦ୍ଧତ ।

ମଛି–ସ୍ତ୍ରୀ. ମୋଛର (ଅନ୍ୟ ଶବ୍ଦରେ) ।

ମଛିକୁଣୀ–ବି. ଗୁଣ୍ଡପୋକ ।

ମତ୍ତ–ବି. (ମଦ୍-ତ) ଉନ୍ମତ୍ତ; ଉଦ୍ଧତ । ସ୍ତ୍ରୀ ।

ମତ୍ତକାଶିନୀ–ସ୍ତ୍ରୀ. (ମତ୍ତ-କାଶ୍-ଇନ୍-ଈ) ଉତ୍ତମା-

ମଛଲନ୍ଦି–ବି. (ଆରବୀ) ଖଣ୍ଡଶାସ୍ ।

ମତ୍ସ } ବି. (ମଦ୍-ସ, ସ୍ୟ) ମାଛ ।
ମତ୍ସ୍ୟ }

ମତ୍ସର–ବି. (ମଦ୍-ସର) ଦ୍ୱେଷ; ଈର୍ଷା; ବି. ପରଶ୍ରୀକାତର ।

ମତ୍ସ୍ୟ-ଜୀବୀ–ବି. ଧୀବର, କେଉଟ ।

ମତ୍ସ୍ୟ-ରାଜ–ବି. ରୋହିମାଛ ।

ମତ୍ସ୍ୟବେଧନୀ–ବି. ( ମତ୍ସ୍ୟ-ବେଧ୍-ଅନ-ଈ ) ବଡ଼ିଶ, ବଂଶୀ । [ ମୋହିବା ।

ମଥନ–ବି. (ମଥ୍-ଅନ ) ମନ୍ଥନ ; ବକାଣ୍ଡ ;

ମଥା–ବି. ( ମସ୍ତକଶବ୍ଦଜ ) ମସ୍ତକ, ମୁଣ୍ଡ ।

ମଥିତ–ବି. (ମଥ୍-ତ) ଆଲୋଡ଼ିତ; ବର୍ଣ୍ଣିତ ।

ମଥୁରା–ବି. ପ୍ରସିଦ୍ଧ ନଗରବିଶେଷ ।

ମଥ୍ୟମାନ–ବି. (ମନ୍ଥ୍-ଯ-ଆନ) ଆଲୋଡ଼୍ୟମାନ ।

ମଦ–ବି. (ମଦ୍-ଅ) ମତ୍ତତା ; ଗର୍ବ ; ମୋହ ; ହସ୍ତୀର ଗଣ୍ଡ-ସ୍ଥଳରୁ ନିର୍ଗତ ଜଳ; ମଦ୍ୟ ।

ମଦ-କଳ–ବି. ମତ୍ତତାହେତୁ ଅସ୍ଫୁଟ ଶବ୍ଦକାରୀ ।

ମଦନ୍ତୀ–ବି. ମାଦକ-ଦ୍ରବ୍ୟବିଶେଷ ।

ମଦନ–ବି. (ମଦ୍-ଅନ) କନ୍ଦର୍ପ ; ବସନ୍ତକାଳ ।

ମଦନ-ମୋହନ–ବି. (ମଦନ-ମୋହନ) ଶ୍ରୀକୃଷ୍ଣ; ବି. ଅତି ସୁନ୍ଦର ।

ମଦନ-ଲେଖ–ବି. ପ୍ରଣୟ-ପତ୍ରିକା ।

ମଦାନ୍ଧ–ବି. (ମଦ-ଅନ୍ଧ) ମଦ୍ୟପାନରେ ଜ୍ଞାନ-ହତ-ବୋଧଶୂନ୍ୟ ।

ମଦାଳସା–ବି. କାମୁକୀ ।

ମଦିର–ବି. (ମଦ୍-ଇର) ମଦ ।

ମଦିରା–ବି. ( ମଦ୍-ଇର-ଆ ) ସୁରା ।

ମଦୋତ୍କଟା–ବି. (ମଦ-ଉତ୍କଟ) ମଦ୍ୟମତ୍ତ ।

ମଦୀୟ–ବି. (ଅସ୍ମଦ୍-ଈୟ ) ମଦ୍‌ସମ୍ବନ୍ଧୀୟ, ମୋହର ।

ମଦୁଆ–ବି. ମଦ୍ୟପାୟୀ, ମଦୁଆଳ ।

ମଦୋନ୍ମତ୍ତ–ବି. ( ମଦ-ଉନ୍ମତ୍ତ ) ମଦ ମତ୍ତ ;

ମଦ୍‌ଗୁର–ବି. ମାଗୁର ମାଛ । [ମଦୋନ୍ମତ୍ତ ।

ମଦ୍ୟ–ବି. (ମଦ୍-ଯ) ସୁରା, ମଦିରା ।

ମଦ୍ୟପ–ବି. ( ମଦ୍ୟ-ପା-ଅ ) ସୁରାପାୟୀ, ଯେ ମଦ୍ୟ ପାନ କରେ ।

ମଦ୍ର–ବି. ପଞ୍ଜାବର ପ୍ରାଚୀନ ପ୍ରଦେଶ ।

ମଧୁ–ବି. ( ମନ୍-ଉ ) ମଦ୍ୟ; ପୁଷ୍ପରସ ; ମଧୁରଦ୍ରବ୍ୟ; ସୁରା ; ବସନ୍ତକାଳ ; ଚୈତ୍ରମାସ ; ବି. ମିଷ୍ଟ, [ ମଧୁର ।

ମଧୁକ–ବି. ମହୁଲ ଗଛ ।

ମଧୁ-କଣ୍ଠ–ବି. କୋକିଳ ।

ମଧୁକର–ବି. ଭ୍ରମର, ଭଅଁର ।

ମଧୁକୋଷ—ବି. ମହୁଫେଣା ।

ମଧୁ-କ୍ରମ—ବି. ମହୁଫେଣା ।

ମଧୁପ—ବି. (ମଧୁ-ପା-ଅ) ଭ୍ରମର, ମଧୁକର ।

ମଧୁପଟଳ—ବି. ମହୁଫେଣା ।

ମଧୁପର୍କ—ବି. (ମଧୁ-ପୃଚ୍-ଅ) ଦଧି, ସର୍ପିଷ୍, ଜଳ, ଚିନି ଓ ମଧୁଯୁକ୍ତ ଭକ୍ଷ୍ୟବିଶେଷ ।

ମଧୁମତ୍—ବିଂ. ମାଧୁର୍ଯ୍ୟମୟ ।

ମଧୁମାନ୍—ବିଂ. (ମଧୁ-ମତ୍) ମାଧୁର୍ଯ୍ୟଯୁକ୍ତ ।

ମଧୁର—ବି. (ମଧୁ-ର-ଅ) ମିଷ୍ଟରସ; ବିଂ. ମିଷ୍ଟରସଯୁକ୍ତ; ମନୋହର ।

ମଧୁସୂଦନ—ବି. (ମଧୁ-ସୂଦ୍-ଅନ) ବିଷ୍ଣୁ ।

ମଧୂତ୍ଥ—ବି. (ମଧୁ-ଉତ୍-ସ୍ଥା-ଅ) ମହମ ।

ମଧ୍ୟ—ବି. ମଝି; କଟିଦେଶ; ଅଭ୍ୟନ୍ତର ।

ମଧ୍ୟଦେଶ—ବି. ଭାରତର ମଧ୍ୟସ୍ଥ ଦେଶ ।

ମଧ୍ୟନ୍ଦିନ—ବି. (ମଧ୍ୟ-ଦିନ) ଦିନର ମଧ୍ୟଭାଗ; ମଧ୍ୟାହ୍ନ ।

ମଧ୍ୟମ—ବିଂ. (ମଧ୍ୟ-ମ) ମଧ୍ୟବର୍ତ୍ତୀ; ବି. ସଂଗୀତର ସ୍ୱରବିଶେଷ ।

ମଧ୍ୟମ-ଲୋକ—ବି. ସ୍ୱର୍ଗ ଓ ପାତାଳର ମଧ୍ୟସ୍ଥିତ ପୃଥିବୀ ।

ମଧ୍ୟ-ରାତ୍ର—ବି. ଅର୍ଦ୍ଧରାତ୍ର ।

ମଧ୍ୟବର୍ତ୍ତୀ—ବିଂ. (ମଧ୍ୟ-ବୃତ୍-ଇନ୍) ମଧ୍ୟରେ ସ୍ଥିତ ।

ମଧ୍ୟ-ବୀର୍ଯ୍ୟ—ବିଂ. ଯେ ଶକ୍ତ ବା ଅଶକ୍ତ ନୁହେଁ ।

ମଧ୍ୟସ୍ଥ—ବିଂ. (ମଧ୍ୟ-ସ୍ଥା-ଅ) ମଧ୍ୟବର୍ତ୍ତୀ; ଯେ ଦୁଇପକ୍ଷରେ ଲିପ୍ତ ନୁହେଁ; ଉଦାସୀନ ।

ମଧ୍ୟାହ୍ନ—ବି. (ମଧ୍ୟ-ଅହ୍ନ) ଦିନର ମଧ୍ୟଭାଗ ।

ମନଃ—ବି. (ମନ୍-ଅସ୍) ଚିତ୍ତ, ଅନ୍ତଃକରଣ; ଅଭିଳାଷ ।

ମନଃଶିଳା—ବି. ରକ୍ତବର୍ଣ୍ଣ ପାଷାଣମୟ ଧାତୁବିଶେଷ ।

ମନଃସ୍ଥ—ବିଂ. ମନରେ ସ୍ଥିତ; ବି. ଅଭିପ୍ରାୟ ।

ମନନ—ବି. (ମନ୍-ଅନ) ଚିନ୍ତନ ବାରମ୍ବାର ଚିନ୍ତନ ।

ମନସିଜ—ବି. (ମନସି-ଜନ୍-ଅ) କନ୍ଦର୍ପ ।

ମନସ୍କାମ—ବି. ମନର ଅଭିଳାଷ ।

ମନସ୍ତାପ—ବି. ମନର ଦୁଃଖ; ଅନୁତାପ ।

ମନସ୍ୱିନୀ—ବିଂ. ତେଜସ୍ୱୀ ସ୍ୱଭାବର ସ୍ତ୍ରୀଲୋକ ।

ମନସ୍ୱୀ—ବିଂ. (ମନସ୍-ବିନ୍) ପ୍ରଶସ୍ତ ଅନ୍ତଃକରଣ-ବିଶିଷ୍ଟ, ସଦାଶୟ ।

ମନା—ବି. ନିଷେଧ, ବାରଣ ।

ମନାଇବା—କ୍ରି. ବୋଧାଇବା; ସମ୍ମତ କରାଇବା ।

ମନାସ—ବି. (ପାରସ୍ୟଶବ୍ଦ) ବାଞ୍ଛା, ଇଚ୍ଛା, ମନୋରଥ ।

ମନାସିବା—କ୍ରି. ବାଞ୍ଛା କରିବା ।

ମନୀଷା—ବି. (ମନସ୍-ଈଷା) ବୁଦ୍ଧି, ପ୍ରଜ୍ଞା ।

ମନୀଷୀ—ବିଂ. (ମନୀଷା-ଇନ୍) ବୁଦ୍ଧିମାନ୍, ବିଦ୍ୱାନ୍ ।

ମନୁ—ବି. (ମନ୍-ଉ) ବ୍ରହ୍ମାଙ୍କର ପୁତ୍ର, ଆଦି ମନୁଷ୍ୟ; ଧର୍ମଶାସ୍ତ୍ରପ୍ରଣେତା ମୁନିବିଶେଷ ।

ମନୁଜ, ମନୁଷ୍ୟ—ବି. (ମନୁ-ଜ,ଷ୍ୟ) ମନୁର ସନ୍ତାନ; ନର, ମାନବ ।

ମନୁଷ୍ୟତା, ମନୁଷ୍ୟତ୍ୱ—ବି. ମନୁଷ୍ୟର ଭାବ; ମନୁଷ୍ୟୋଚିତ ସଦ୍ଗୁଣ ।

ମନୋଗତ—ବିଂ. (ମନସ୍-ଗମ୍-ତ) ମନରେ ସ୍ଥିତ ।

ମଦନାଙ୍କ-ବି. (ମଦନ୍-ଅଙ୍କ) କନ୍ଦର୍ପ; ବି. ମନୋ-ହାତ ।

ମଦନାକ୍ଷି-ବି. (ମଦନ-ଅକ୍ଷି-ଅ) ମନୋହର ।

ମଦନାଲସ-ବି. ( ମଦନ-ଅଳସ-ତ ) ମଦୋନ୍ମତ୍ତ, ମଦର ଅନୁଲକ୍ଷିତ, ଅଳସ ।

ମଦନାଙ୍କୁଶ-ବି. ରତିର ପ୍ରସୂତା-ଦ୍ୱାର ।

ମଦନାରଥ-ବି. (ମଦନ-ରଥ) କାମ, କାମନା ।

ମଦନାରାମ-ବି. (ମଦନ-ରାମ୍-ଅ) ମନୋହର, ସୁନ୍ଦର ।

ମଦନାଙ୍କୁର-ବି. (ମଦନ-ଅଙ୍କୁର) ଶିଶ୍ନ ।

ମଦନାଳୟ-ବି. ( ମଦନ-ଆଳୟ ) ସୁନ୍ଦର, ଗୃହ-ଶାସ୍ତ୍ର ।   [ବି. ବସ୍ତୁବିଶେଷ ମତ ।

ମନ୍ତବ୍ୟ-ବି. (ମନ୍-ତବ୍ୟ) ଚିନ୍ତନୀୟ, କଥନୀ;

ମନ୍ତ୍ରା-ବି. (ମନ୍-ତ୍ର) ମନ୍ତ୍ରବର୍ଣ୍ଣ ।

ମନ୍ତ୍ର-ବି. ( ମନ୍ତ୍ର-ଅ ) ବେଦର ଅଂଶବିଶେଷ; ଦେବାର ନାମ, ବା ଶ୍ଳୋକ; ଗୁପ୍ତକଥା ପରା-ମର୍ଶ; ମନ୍ତ୍ରଣା ।

ମନ୍ତ୍ର-ଗୃହ-ବି. ମନ୍ତ୍ରଣା କରିବାର ସ୍ଥାନ ।

ମନ୍ତ୍ରଣା-ବି.(ମନ୍ତ୍ର-ଅନ-ଆ) ଗୋପନରେ କଥନ ।

ମନ୍ତ୍ର-ଦାତା-ବି. ଦୀକ୍ଷାଗୁରୁ; ବି. ପରାମର୍ଶଦାତା ।

ମନ୍ତ୍ରୀ-ବି. (ମନ୍ତ୍ର-ଇନ୍ ) ଅମାତ୍ୟ, ସଚିବ; ବି. ପରାମର୍ଶ ଦାତା ।

ମନ୍ଥ-ବି. (ମନ୍ଥ-ଅ) ମନ୍ଥନଦଣ୍ଡ; ମନ୍ଥନ

ମନ୍ଥନ-ବି. (ମନ୍ଥ-ଅନ) ଆଲୋଡ଼ନ; ଘାଣ୍ଟିବା ।

ମନ୍ଥର-ବି. ( ମନ୍ଥ-ଅର ) ମନ୍ଦଗାମୀ; ଅଳସ;

ମନ୍ଥାନ-ବି. ମନ୍ଥନଦଣ୍ଡ ।   [ବଡ଼ ।

ମନ୍ଦ-ବି. ( ମନ୍ଦ୍-ଅ ) ଶନିବ; ଖଳ; ଅଧମ; ଅଭାଗ୍ୟ; ଜଡ଼; ମନ୍ଥର; ମୂର୍ଖ; ଅଳ୍ପ ।

ମନ୍ଦଗାମୀ-ବି. ମୃଦୁଗମନଶୀଳ ।

ମନ୍ଦର-ବି. ଯେଉଁ ପର୍ବତକୁ ମନ୍ଥନଦଣ୍ଡ କରି ଦେବାସୁରମାନେ ସମୁଦ୍ର ମନ୍ଥନ କରିଥିଲେ (ପୌରାଣିକ କଥା) ।

ମନ୍ଦା-ବି. ମନ୍ଦ ।

ମନ୍ଦାଏ-ବି. ଅଳ୍ପ-ପରିମାଣ (ଖାଇ) ।

ମନ୍ଦାକିନୀ-ବି. (ମନ୍ଦ-ଅକ-ଇନ୍-ଈ) ସ୍ୱର୍ଗଗଙ୍ଗା ।

ମନ୍ଦାକ୍ଷ-ବି. (ମନ୍ଦ-ଅକ୍ଷି) ଲଜ୍ଜା, ଶଙ୍କା ।

ମନ୍ଦାଗ୍ନି-ବି. (ମନ୍ଦ-ଅଗ୍ନି) କ୍ଷୁଧାର ଅଭାବତା ।

ମନ୍ଦାର-ବି. (ମନ୍ଦ-ଆର) କଳ୍ପିତ ସ୍ୱର୍ଗବୃକ୍ଷ; ଡଙ୍କା-ଫୁଲ ।

ମନ୍ଦିର-ବି. (ମନ୍ଦ-ଇର) ଗୃହ; ଦେବାଳୟ ।

ମନ୍ଦଗ୍ରୀ-ବି. ବାଂଶୁଣ୍ଟିତ ବାଦ୍ୟଯନ୍ତ୍ରବିଶେଷ ।

ମନ୍ଦୀଭୂତ-ବି. (ମନ୍ଦ-ଈ (ଚ୍ୱି) ଅଭୂତ-ଭୂ-ତ) ଅଳ୍ପୀଭୂତ, କମ୍ ହୋଇଥିବା; ଜଡ଼ୀଭୂତ ।

ମନ୍ଦୁରା-ବି. (ମନ୍ଦ-ଉର-ଆ) ଅଶ୍ୱଶାଳା ।

ମନ୍ଦୁଗ୍ରୀ-ବି. ହିଂସ ।

ମନ୍ଦୋଦରୀ-ବି.(ମନ୍ଦ-ଉଦର-ଈ) ରାବଣର ସ୍ତ୍ରୀ; କ୍ଷୀଣୋଦରୀ ସ୍ତ୍ରୀ ।   [ବିଶେଷ ।

ମନ୍ଦ୍ର-ବି. ( ମନ୍ଦ୍-ର ) ଗମ୍ଭୀର; ବି. ବାଦ୍ୟଯନ୍ତ୍ର-

ମନ୍ମଥ-ବି. (ମନସ୍-ମଥ୍-ଅ) କାମଦେବ, କନ୍ଦର୍ପ, ମଦନ ।

ମନ୍ୟୁ-ବି. ( ମନ୍-ଯୁ ) କ୍ରୋଧ; ଶୋକ; ଯଜ୍ଞ ।

ମନ୍ୱନ୍ତର-ବି. (ମନୁ-ଅନ୍ତର) ମନୁଙ୍କର ଅଧିକାରକାଳ ।

ମମ-ସ. (ଅସ୍ମଦ୍ ଶବ୍ଦ) ଆମର, ମୋହର ।

ମମତା } ବି. (ମମ-ତା, ତ୍ୱ) ମାୟା; ଅହଙ୍କାର;
ମମତ୍ୱ } ସ୍ନେହ ।

ମୟ—ବି. ଦାନବମାନଙ୍କର ଶିଳ୍ପୀ; ବ୍ୟାକରଣର ପ୍ରତ୍ୟୟ ବିଶେଷ ।

ମୟୂଖ—ବି. (ମା-ଊଖ) କିରଣ; ଦୀପ୍ତି ।

ମୟୂଖ-ମାଳୀ—ବି. ସୂର୍ଯ୍ୟ ।

ମୟୂର—ବି. ପକ୍ଷୀବିଶେଷ, ଶିଖୀ ।

ମର—ବି. (ମୃ-ଅ) ମରଣ; ବି°. ମରଣଶୀଳ ।

ମରକ—ବି. (ମୃ-ଅକ) ମାରୀ, ମଡ଼କ ।

ମରକତ—ବି. ହରିଦ୍‌ବର୍ଣ୍ଣ ମଣିବିଶେଷ ।

ମରଣ—ବି. (ମୃ-ଅନ) ମୃତ୍ୟୁ ।

ମରନ୍ଦ—ବି. ମକରନ୍ଦ ।

ମରାମର—ବି. (ମର-ଅମର) ମନୁଷ୍ୟ ଓ ଦେବତା ।

ମରାଳ—ବି. ରାଜହଂସ ।

ମରିଚ } ବି. ଗୋଲମରିଚ ।
ମରୀଚ }

ମରୀଚି—ବି. କିରଣ, ରଶ୍ମି; ମୁନିବିଶେଷ ।

ମରୀଚିକା—ବି. (ମରୀଚି-କ-ଆ) ମୃଗତୃଷ୍ଣା, ସୂର୍ଯ୍ୟ-କିରଣୋଦ୍ଭାସିତ ବାଲୁକାରେ ଜଳଭ୍ରମ ।

ମରୀଚି-ମାଳୀ—ବି. ସୂର୍ଯ୍ୟ ।

ମରୁ—ବି. (ମୃ-ଉ) ଜଳ-ତୃଣାଦି-ଶୂନ୍ୟ ପ୍ରଦେଶ ।

ମରୁଅ—ବି. ସୁଗନ୍ଧି ପୁଷ୍ପବିଶେଷ ।

ମରୁଡ଼ି—ବି. ଅନାବୃଷ୍ଟି ।

ମରୁତ } ବି. ବାୟୁ; ଦେବତା ।
ମରୁତ୍ }

ମରୁତ୍ୱାନ୍—ବି. (ମରୁତ୍-ବତ୍) ଇନ୍ଦ୍ର; ମେଘ ।

ମରୁତ୍ସଖ—ବି. (ମରୁତ୍-ସଖା) ବାୟୁସଖ, ଅଗ୍ନି ।

ମରୁଭୂ } ବି. (ମରୁ-ଭୂ, ଭୂମି) ଜଳ-ତୃଣାଦି-
ମରୁଭୂମି } ରହିତ ବାଲୁକାପୂର୍ଣ୍ଣ ଭୂମି ।

ମରେଇ—ବି. ଏକପ୍ରକାର ଖାଦ୍ୟାଧାର ।

ମର୍କଟ—ବି. (ମର୍କ-ଅଟ୍-ଅ) ବାନର, ମାଙ୍କଡ଼ ।

ମର୍ତ୍ତ୍ୟ—ବି. (ମୃ-ତ-ଯ) ପୃଥିବୀ; ବି°. ମରଣଶୀଳ ।

ମର୍ତ୍ତ୍ୟ-ଲୋକ—ବି. ପୃଥିବୀ ।

ମର୍ଦ୍ଦନ—ବି. (ମୃଦ୍-ଅନ) ପେଷଣ, ଦଳନ, ଚୂର୍ଣ୍ଣନ, ଅଙ୍ଗମର୍ଦ୍ଦନ ।

ମର୍ଦ୍ଦଳ—ବି. ବାଦ୍ୟଯନ୍ତ୍ରବିଶେଷ, ମାଦଳ ।

ମର୍ଦ୍ଦିତ—ବି°. (ମୃଦ୍-ଣିଚ୍-ତ) ଦଳିତ ।

ମର୍ମ—ବି. (ମୃ-ମନ୍) ଶରୀର-ସନ୍ଧିସ୍ଥାନ; ହୃଦୟର ଅନ୍ତସ୍ତଳ; ତାତ୍ପର୍ଯ୍ୟ, ମୂଳକଥା ।

ମର୍ମଭେଦୀ—ବି°. ଅନ୍ତରକୁ ବ୍ୟଥାଦାୟକ ।

ମର୍ମର—ବି. (ମୃ-ଅର) ଶୁଷ୍କ ପତ୍ରାଦିର ଅବ୍ୟକ୍ତ ଶବ୍ଦ ।

ମର୍ମାନ୍ତିକ—ବି°. (ମର୍ମ-ଅନ୍ତିକ) ଅନ୍ତରିକ ।

ମର୍ଯ୍ୟାଦା—ବି. ସୀମା; ଗୌରବ, ସମ୍ମାନ ।

ମର୍ଦ୍ଦଣ—ବି. (ମୃଦ୍-ଅନ) ପଦମର୍ଦ୍ଦନ ।

ମର୍ଷଣ—ବି. (ମୃଷ୍-ଅନ) କ୍ଷମା; ସହନ; ଘର୍ଷଣ ।

ମଳ—ବି. (ମଳ୍-ଅ) ବିଷ୍ଠା, ମୂତ୍ର, ସ୍ୱେଦ, ଲାଳ, ଶୁକ୍ରପ୍ରଭୃତି ଶରୀରର ମଇଳା; ପାପ, କଳଙ୍କ ।

ମଲମ—ବି. (ପାର୍ସୀ) ଲେପନୀୟ ଔଷଧବିଶେଷ ।

ମଲମାସ—ବି. ଅଧିମାସ, ମାସ ବୃଦ୍ଧି ।

ମଲ୍ଲିକା—ବି. ଦାନ୍ତ ଭଳରେ ବିଲୁଣି ।

ମଳୟ-ବି. ( ମଳ-ଅ-ଅ ) ଦାକ୍ଷିଣାତ୍ୟର କାଳ- ଘିର ପର୍ବତ ଓ ତତ୍ସନ୍ନିହିତ ପ୍ରଦେଶ ।

ମଳୟଜ-ବି. ଚନ୍ଦନ ।

ମଳୟାନିଳ-ବି. ( ମଳୟ-ଅନିଳ ) ମଳୟ- ଦେଶରୁ ପ୍ରବାହିତ ଦକ୍ଷିଣଦିଗର ବାୟୁ ।

ମଲା-ବି. ମଦ୍ୟ ।

ମଲି-ବି. ( ମଳଯୁକ୍ତ ) ମଇଳା ।

ମଲିନ-ବି. ( ମଳ-ଇନ ) ମଳଯୁକ୍ତ ; ମ୍ଳାନ ।

ମଲିନିମା-ବି. ( ମଲିନ-ଇମନ୍ ) ମଳିନତା ।

ମଲ୍ଲ-ବି. ( ମଲ୍ଲ-ଅ ) ବାହୁଯୋଦ୍ଧା, ମାଲ ।

ମଲ୍ଲ-ଯୁଦ୍ଧ-ବି. ବାହୁଯୁଦ୍ଧ ।

ମଲ୍ଲାରି-ବି. ସଂଗୀତର ରାଗବିଶେଷ ।

ମଲ୍ଲିକା-ବି. ମଲ୍ଲୀଫୁଲ ।

ମଶକ-ବି. ମଶା । [ କରଣ ।

ମଶହୁରୀ-ବି. ମଶାରି, ମଶକନିବାରକ ବସ୍ତ୍ରା-

ମଶାଣି-ବି. (ଶ୍ମଶାନଶବ୍ଦଜ) ଶ୍ମଶାନ, ଶବଦାହ-

ମଶାଲ-ବି. ଦେଉଟି । [ ସ୍ଥାନ ।

ମସଲ୍ଲା-ବି. ସୁଗନ୍ଧିଦ୍ରବ୍ୟ ; ଉପକରଣ ।

ମସି / ମସୀ } ବି. ଲେଖିବାର କାଳି ।

ମସି-ଜୀବୀ-ବି. ଯେ ଲେଖିବା ଦ୍ୱାରା ଜୀବ।

ମସିଣା-ବି. ଚଟେଇ । [ ସର୍ଜକ ବଟେ ।

ମସୁର-ବି. ଡାଲିବିଶେଷ ।

ମସୁରିକା-ବି. ବସନ୍ତରୋଗ ।

ମସୃଣ-ବି. (ମସ୍-ଋଣ) କୋମଳ ; ଚିକ୍କଣ ।

ମସ୍ତରା-ବି. ପରିହାସକ, ଭଣ୍ଡ । [ ଦୃଷ୍ଟାନ୍ତ ।

ମସ୍ଣା-ବି. ନମୁନା, ଯାହା ସବୁ ଅବସ୍ଥାରେ

ମସ୍ତକ-ବି. (ମସ୍-ତ) ଶିର, ମୁଣ୍ଡ ; ଅଗ୍ରଭାଗ ।

ମସ୍ତିଷ୍କ-ବି. (ମସ୍-ତି-ଷ୍କ) ମସ୍ତକର ଘିଅ, ମଗଜ ।

ମସ୍ତୁ-ବି. ଦହି ଉପରର ଜଳୀୟ ଅଂଶ ।

ମହ / ମହଃ } ବି. ( ମହ୍-ଅ, ଅସ୍ ) ଉତ୍ସବ ; ଯଜ୍ଞ ; ତେଜଃ ।

ମହକ-ବି. କସ୍ତୁରୀଜାତୀୟ ସୁଗନ୍ଧ ।

ମହଣ-ବି. ଔଷଧର ଅନୁପାନଭେଦ, ବିଶେଷ ତେଲ ; ମଦନ । [ ଉଦାର ।

ମହତ୍-ବି. (ମହ୍-ଅତ୍) ବୃହତ୍, ବଡ଼, ପ୍ରଧାନ;

ମହତ୍ତତ୍ତ୍ୱ-ବି. ( ମହତ୍-ତତ୍ତ୍ୱ ) ବୁଦ୍ଧି ( ସାଂଖ୍ୟମତରେ ) ।

ମହତ୍ତ୍ୱ-ବି. (ମହତ୍-ତ୍ୱ) ବୃହତ୍ତ୍ୱ ; ଉଦାରତା ।

ମହନୀୟ-ବି. (ମହ୍-ଅନୀୟ) ପୂଜନୀୟ; ମାନ୍ୟ ।

ମହନ୍ତ-ବି. ମଠାଧିପତି ।

ମହର୍ଲୋକ-ବି. ( ମହା-ଲୋକ ) କଳ୍ପିତ ସପ୍ତ- ଲୋକ ମଧ୍ୟରେ ଚତୁର୍ଥ ଲୋକ ।

ମହର୍ଷି-ବି. ( ମହା-ଋଷି ) ପ୍ରଧାନ ଋଷି ।

ମହଲ-ବି. ଘର; ପ୍ରକୋଷ୍ଠ ।

ମହଲତି-ବି. ଅବକାଶ ।

ମହଲ୍ଲା-ବି. ପଡ଼ା (ଏକ ବା ଦୁଇମହଲା) ।

ମହା-ବି. ବଡ଼ । [ପକ୍ଷୀବାଘ]

ମହାକାଳ-ବି. (ମହତ୍-କାଳ) ରୁଦ୍ର, ଶିବ,

ମହାକାବ୍ୟ-ବି. କୌଣସି ଶ୍ରେଷ୍ଠ ନାୟକ ବା ବଂଶ ସମ୍ବନ୍ଧୀୟ ବୃହତ୍ କାବ୍ୟ ।

ମହାଗ୍ରୀବ-ବି. (ମହତ୍-ଗ୍ରୀବା) ଉଷ୍ଟ୍ର ।

ମହାଘୃଷ୍ଟି-ବି. (ମହତ୍-ଘୃଷ୍ଟି) ବଃ ବୃଷ ।

ମହାଜନ-ବି. (ମହତ୍-ଜନ) ଶ୍ରେଷ୍ଠ ସାଧୁପୁରୁଷ; ବଣିକ୍ ; ଉତ୍ତମର୍ଣ୍ଣ ।

ମହାଜ୍ଞାନୀ-ବି. ଶିବ । ବରୁଣ ଦେବ । ଜାଗବାର ।

ମହାତ୍ମା-ବି. (ମହତ୍-ଆତ୍ମନ୍) ଶ୍ରେଷ୍ଠ ସାଧୁପୁରୁଷ ।

ମହାଦେଈ-ବି. (ମହାଦେବୀଶବ୍ଦଜ) ପାଟରାଣୀ ।

ମହାଦେବ-ବି. ଶିବ ; ପରମେଶ୍ୱର ।

ମହାଦେବୀ-ବି. ଦୁର୍ଗା ; ପଟ୍ଟଦେବୀ ।

ମହାଦେଶ-ବି. ଅନେକ ଦେଶଯୁକ୍ତ ବିସ୍ତୀର୍ଣ୍ଣ

ମହାଧାତୁ-ବି. ସୁବର୍ଣ୍ଣ । [ଭୂଭାଗ ।

ମହାନଦୀ-ବି. ଓଡ଼ିଶାର ବୃହତ୍ତମ ନଦୀ ।

ମହାନସ ବି. (ମହତ୍-ଅନସ୍) ରନ୍ଧନଗୃହ ।

ମହାନିଦ୍ରା-ବି. ମୃତ୍ୟୁ ।

ମହାନୁଭବ } ବି. (ମହତ୍-ଅନୁଭବ, ଅନୁଭାବ)
ମହାନୁଭାବ } ଉଦାରାଶୟ ।

ମହାପଦ୍ମ-ବି. ଲକ୍ଷକୋଟି ସଂଖ୍ୟା ।

ମହାପୁରୁଷ ବି. ଶ୍ରେଷ୍ଠ ସାଧୁପୁରୁଷ ।

ମହାଭାଗ-ବି. (ମହତ୍-ଭାଗ) ଅତିଶୟ ସୌ-ଭାଗ୍ୟ-ଶାଳୀ; ମହାଶୟ ।

ମହାଭାରତ-ବି. (ମହତ୍-ଭାରତ) ଭାରତର ଘଟଣାତ୍ମକ ମହାକାବ୍ୟ । [ଶାଳୀ ।

ମହାଭୂତ-ବି. (ମହତ୍-ଭୂତ) ପଞ୍ଚଭୂତ ପଦାର୍ଥ

ମହାକୁଣ୍ଡି-ବି. ପାଟଭୂତ (ଶ୍ରୀମାପ୍ରଭୁଙ୍କ ଭୋଗାନନ୍ତର-ପ୍ରବେଶାର୍ଥ) ।

ମହାମନା-ବି. (ମହତ୍-ମନସ୍) ଉଦାରଚିତ୍ତ ।

ମହାମହିମ-ବି. (ମହତ୍-ମହିମନ୍) ଅତି ମହିମା-

ମହାମାଂସ-ବି. ନରମାଂସ । [ନ୍ୱିତ ।

ମହାମାତ୍ର-ବି. (ମହତ୍-ମାତ୍ରା) ରାଜମନ୍ତ୍ରୀ ।

ମହାମାୟା-ବି. ଦୁର୍ଗା ।

ମହାମାରୀ-ବି. ସଂକ୍ରାମକ ମଡ଼କ ।

ମହାରଥ-ବି. (ମହତ୍-ରଥ) ମହାଯୋଦ୍ଧା ।

ମହାରାଜ-ବି. (ମହତ୍-ରାଜନ୍) ପ୍ରଧାନ ରାଜା ।

ମହାରାଜାଧିରାଜ-ବି. (ମହା-ରାଜା-ଅଧିରାଜ) ସର୍ବପ୍ରଧାନ ରାଜା ।

ମହାର୍ଘ-ବି. (ମହତ୍-ଅର୍ଘ) ମହାମୂଲ୍ୟ ।

ମହାଲୟା-ବି. ଆଶ୍ୱିନ କୃଷ୍ଣପକ୍ଷର ଅମାବାସ୍ୟା ।

ମହାବାହୁ-ବି. ଦୀର୍ଘବାହୁ; ଆଜାନୁଲମ୍ବିଭୁଜ; ଭଗବାନ ।

ମହାବିଦ୍ୟା-ବି. କାଳୀ ପ୍ରଭୃତି ଦଶଗୋଟି

ମହାବିଷୁବ-ବି. ମେଷ ସଂକ୍ରାନ୍ତି । [ଦେବୀ ।

ମହାବୀର-ବି. ପ୍ରଧାନ ବୀର; ହନୁମାନ୍ ।

ମହାବ୍ୟାଧି-ବି. କୁଷ୍ଠ ପ୍ରଭୃତି ରୋଗ ।

ମହାବ୍ରାହ୍ମଣ-ବି. ପତିତ ବ୍ରାହ୍ମଣ ।

ମହାଶଙ୍ଖ-ବି. ଲଲାଟର ଅସ୍ଥି; ଦଶ ନିଖର୍ବ ସଂଖ୍ୟା ।

ମହାଶୟ-ବି. (ମହତ୍-ଆଶୟ) ମହାତ୍ମା ।

ମହାଶ୍ୱେତା-ବି. ସରସ୍ୱତୀ ।

ମହାଷ୍ଟମୀ-ବି. ଆଶ୍ୱିନ ଶୁକ୍ଳପକ୍ଷର ଅଷ୍ଟମୀ ।

ମହା-ସାନ୍ତପନ-ବି. ଅତି କଷ୍ଟସାଧ୍ୟ ବ୍ରତ-ବିଶେଷ ।

ମହାସେନ-ବି. (ମହତ୍-ସେନା) କାର୍ତ୍ତିକେୟ ।

ମହିତ—ବି. (ମହ୍-କ୍ତ-ପୂଜିତ) ।

ମହିମା—ବି. (ମହତ୍-ଇମନ୍) ଗୌରବ; ମାହାତ୍ମ୍ୟ; ଐଶ୍ୱର୍ଯ୍ୟ ।

ମହିଳା—ବି. (ମହ୍-ଇଲ-ଆ) ମାନନୀୟା ସ୍ତ୍ରୀ ।

ମହିଷ—ବି. (ମହ୍-ଇଷ) ପଶୁବିଶେଷ ; ଅସୁର-[ବିଶେଷ ।

ମହିଷ-ବାହନ—ବି. ଯମ ।

ମହିଷ-ମର୍ଦ୍ଦିନୀ—ବି. ଦୁର୍ଗା ।

ମହିଷୀ—ବି. (ମହିଷ-ଈ) ସ୍ତ୍ରୀ ମହିଷ ; ରାଣୀ ।

ମହିଷ୍ଠ—ବି. (ମହତ୍-ଇଷ୍ଠ) ଅତିମହତ୍ ।

ମହୀ ବି. (ମହ୍-ଈ) ପୃଥିବୀ, ଭୂମି ।

ମହୀଧର—ବି. (ମହୀ-ଧୃ-ଅ) ପର୍ବତ ।

ମହୀ-ପତି }
ମହୀ-ପାଳ } ବି. ରାଜା, ଭୂପତି ।

ମହୀୟସୀ—ବି. (ମହୀୟସ୍-ଈ) ଅତିମହତୀ ।

ମହୀୟାନ୍—ବି. (ମହତ୍-ଈୟସ୍) ଅତିମହତ୍, ମହାତ୍ମା, ଉତ୍ତମ ।

ମହୀରୁହ—ବି. (ମହୀ-ରୁହ୍-ଅ) ବୃକ୍ଷ ।

ମହୀଲତା—ବି. ଗଣ୍ଡ । [ଶିଶ୍ନେଦେଶ ।

ମହୁଡ଼ି—ବି. ( ମହୁଲିଶବ୍ଦଜ ) ମହୁଲି, ଭୁଡ଼ା ;

ମହୁରି—ବି. ବଂଶୀବିଶେଷ ।

ମହୁରି ବି. ପେଁ-ବାହାଲି, ଲୁହ ।

ମହୁଲ ବି. ମଧୁକ ବୃକ୍ଷ ଓ ତାହାର ମିଷ୍ଟ ଫଳ ।

ମହେନ୍ଦ୍ର—ବି. (ମହତ୍-ଇନ୍ଦ୍ର) ଇନ୍ଦ୍ର, ସ୍ୱର୍ଗର ରାଜା; ପର୍ବତବିଶେଷ ।

ମହେଶ }
ମହେଶ୍ୱର } ବି. (ମହତ୍-ଈଶ, ଈଶ୍ୱର) ଶିବ; ପରମେଶ୍ୱର ।

ମହେଷ୍ୱାସ—ବି. (ମହତ୍-ଇଷୁ-ଅସ) ମହାଧନୁର୍ଦ୍ଧର; ବି. ବୃହତ୍ ଧନୁ ।

ମହୋକ୍ଷ—ବି. ( ମହତ୍-ଉକ୍ଷନ୍ ) ବୃହତ୍ ବୃଷ ।

ମହୋତ୍ସବ—ବି. ( ମହତ୍-ଉତ୍ସବ ) ମହାଆନନ୍ଦଜନକ ବ୍ୟାପାର । [ସମୁଦ୍ର ।

ମହୋଦଧି—ବି. (ମହତ୍-ଉଦଧି) ସମୁଦ୍ର, ମହା-

ମହୋଦୟ—ବି. ( ମହତ୍-ଉଦୟ ) ମହାଶୟ, [ମହାଶୟ ।

ମା—ବି. ମାତା ; ଲକ୍ଷ୍ମୀ ।

ମାଇକିନିଆ—ବି. ଭାର୍ଯ୍ୟା (ଗ୍ରାମ୍ୟ ପ୍ରୟୋଗ) ।

ମାଇପ—ବି. ଘଇଣୀ, ସ୍ତ୍ରୀ ( ଗ୍ରାମ୍ୟ ) ।

ମାଈଁ—ବି. ମାଆଙ୍କ ଭଗିନୀ ।

ମାଈ—ବି. ସ୍ତ୍ରୀଜାତୀୟ ।

ମାଉଁସ—ବି. ମାଂସ ।

ମାଉସୀ—ବି. (ମାତୃଷ୍ୱସୃଶବ୍ଦଜ) ମାତାର ଭଗିନୀ ।

ମାଂସ—ବି. (ମନ୍-ସ) ଦେହର ମାଉଁସ ।

ମାଂସ-ପେଶୀ—ବି. ଦେହର ମାଂସପିଣ୍ଡ ଦ୍ୱାରା ଯାହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଞ୍ଚାଳିତ ହୁଏ ।

ମାଂସଳ—ବି. (ମାଂସ-ଳ) ମାଂସଯୋଗୁଁ ସ୍ଥୂଳ ।

ମାଂସାଶୀ—ବି. ( ମାଂସ-ଅଶ୍-ଇନ୍ ) ମାଂସ-ଭକ୍ଷକ ।

ମାକଡ଼ }
ମାଙ୍କଡ଼ } ବି. (ମର୍କଟଶବ୍ଦଜ) ବାନର, କପି ।

ମାକଡ଼ସା—ବି. ଲୂତା, ଊର୍ଣ୍ଣନାଭ ।

ମାକନ୍ଦ—ବି. ଆମ୍ରବୃକ୍ଷ ; ଆମ୍ବ ।

ମାଖଣ—ବି. ଲହୁଣୀ ।

ମାଖନା—ବି. ଶୁଷ୍କଯୁକ୍ତ ଶୁଷ୍କ-ମୃଣାଳବିଶିଷ୍ଟ ଶେବ ।

ମାଗଣ—ବି. ଲୋଡ଼ା ; ଯାଚ୍ଞା ।

ମାଗଣା—ବିଣ. ମୋଫତ ।

ମାଗଧ—ବି. (ମଗଧ-ଅ) ସ୍ତୁତିପାଠକ, ଭଟ୍ଟ ।

ମାଗିଖିଆ—ବିଣ. ଯାଚନଶୀଳ ।

ମାଗିବା—କ୍ରି. ଯାଚ୍ଞାକରିବା ।

ମାଗୁଣି ବି. ପ୍ରାର୍ଥନା ।

ମାଗୁର—ବି. (ମଦ୍ଗୁରଶବ୍ଦଜ) ମତ୍ସ୍ୟବିଶେଷ ।

ମାଘ ବି. (ମଘା-ଅ) ଦଶମ ମାସ ।

ମାଙ୍ଗ—ବି. ସୀମାନ୍ତ ।

ମାଙ୍ଗଲ୍ୟ—ବିଣ. (ମଙ୍ଗଳ-ଯ) ମଙ୍ଗଳଜନକ ।

ମାଛ—ବି. (ମତ୍ସ୍ୟଶବ୍ଦଜ) ମୀନ, ମତ୍ସ୍ୟ ।

ମାଛରଙ୍କା—ବି. (ମତ୍ସ୍ୟରଙ୍କଶବ୍ଦଜ) ପକ୍ଷୀବିଶେଷ ।

ମାଛି—ବି. (ମକ୍ଷିକାଶବ୍ଦଜ) ପତଙ୍ଗ ବିଶେଷ ।

ମାଜଣା—ବି. (ମାର୍ଜନାଶବ୍ଦଜ) ସ୍ନାନ ।

ମାଜିବା—କ୍ରି. (ମାର୍ଜନାଶବ୍ଦଜ) ଘଷିବା; ପରିଷ୍କାର କରିବା ।

ମାଝି—ବି. କାଣ୍ଡାରୀ, ନାବିକ ।

ମାଟି ବି. (ମୃତ୍ତିକାଶବ୍ଦଜ) ଭୂମି ।

ମାଟିଆ—ବିଣ. ମୃତ୍ତିକାବର୍ଣ୍ଣ ବିଶିଷ୍ଟ ।

ମାଠ—ବି. ଅତି ମୋଟା ଚଦର ।

ମାଠିଆ—ବି. ଘଟ, ମୃତ୍ତିକାପାତ୍ର ବିଶେଷ ।

ମାଠିବା—କ୍ରି. ଚିକ୍କଣ କରିବା ।

ମାଡ଼—ବି. ( ମାରଶବ୍ଦଜ ) ପ୍ରହାର ।

ମାଡ଼ିବା କ୍ରି. (ମୃଦ୍ଧାତୁଜ) ଚାପିବା; ଦାବିବା; ଲଙ୍ଘିବା ।

ମାଢ଼ୁଅ—ବିଣ. ମାଢ଼ି ଶାଳୁଆରେ ଅଣ୍ଡସ୍ଥ ।

ମାଢ଼ି—ବି. ପରିମାଣ ବିଶେଷ, ଦଶଗଣ୍ଡା ।

ମାଣ—ବି. କୁଷା; ୨୫ ଗୁଣ୍ଠ ଭୂମି । [ ବାଳକ ।

ମାଣବକ—ବି. (ମନୁ-ଅ-କ ) ବାଳକ ; ବ୍ରାହ୍ମଣ

ମାଣିକ୍ୟ—ବି. ( ମଣି-କୈ-ଯ ) ମାଣିକ; ରତ୍ନ-ବିଶେଷ ।

ମାଣି—ବି. ଉପବିତ୍ରାଣି ଘରରେ ପଶିବା ବାଠ ।

ମାଣ୍ଡିଆ—ବି. କୃଷିଜାତ ଶସ୍ୟ, ଜଗତର

ମାଣ୍ଡି—ବି. ଭଣ୍ଡ । [ ପଢ଼ୀ ।

ମାଣ୍ଡିଆ—ବି. ଶସ୍ୟବିଶେଷ । [ ଲୋଡ଼ାଦ ।

ମାଣ୍ଡୁ—ବି. (ବୃତ୍ତରେ ଘର ଲମ୍ବନ କରିବାର ଉତ୍ତ

ମାଣ୍ଡୁଅ—ବି. ଚିତ୍ରବିଶେଷ ।

ମାତଙ୍ଗ—ବି. (ମତଙ୍ଗ-ଅ) ହସ୍ତୀ; ଚଣ୍ଡାଳ ।

ମାତଙ୍ଗୀ—ବି. ହସ୍ତିନୀ ।

ମାତରିଶ୍ୱା—ବି. ( ମାତରି-ଶ୍ୱି-ଅନ୍ ) ବାୟୁ ।

ମାତଲି—ବି. ଇନ୍ଦ୍ର ସାରଥି ।

ମାତବ୍ବର—ବିଣ. ( ଫାର୍ସୀ ) ପ୍ରଧାନ ।

ମାତା—ବି. ( ମା-ତୃ ) ଜନନୀ; ସୁଷ୍ଟ ।

ମାତାମହ—ବି. ( ମାତୃ-ଡାମହ ) ମାତାର ପିତା, ଅଜା । [ ଅଇ ।

ମାତାମହୀ—ବି. (ମାତାମହ-ଈ) ମାତାର ମାତା,

ମାତିବା—କ୍ରି. ଉନ୍ମତ୍ତ ହେବା । [ ମାମୁଁ ।

ମାତୁଳ—ବି. ( ମାତୃ-ଉଳ ) ମାତାର ଭ୍ରାତା ;

ମାତୁଳାନୀ, ମାତୁଳୀ } ବି. ମାତୁଳର ପତ୍ନୀ, ମାଇଁ ।

ମାତୁଲୁଙ୍ଗ—ବି. ଛାଳିଙ୍ଗ; ଏକପ୍ରକାର ଲେମ୍ବୁ ।
ମାତୃକା—ବି. (ମାତୃ-କ-ଆ) ମାତା, ଧାଈ ।
ମାତୃଷ୍ୱସା—ବି. (ମାତୃ-ସ୍ୱସା) ମାତାର ଭଗିନୀ, ମାଉସୀ ।
ମାତ୍ର—ଅ. (ମା-ତ୍ର) କେବଳ; ଅଳ୍ପ; ଧୂଳି ।
ମାତ୍ରା—ବି. (ମା-ତ୍ର-ଆ) ଅଳ୍ପ ପରିମାଣ; ବର୍ଣ୍ଣର ଉଚ୍ଚାରଣକାଳ; ଅକ୍ଷରର ଉପରରେଖା ।
ମାତ୍ସର୍ଯ୍ୟ—ବି. (ମତ୍ସର-ଯ) ପରଶ୍ରୀକାତରତା ।
ମାଦକ—ବିଂ. ( ମଦ୍-ଅକ ) ମତ୍ତତାଜନକ ; ବି. ନିଶାଦ୍ରବ୍ୟ ।
ମାଦଳ—ବି. ( ଦେଶଜଶବ୍ଦ ) ମୃଦଙ୍ଗବିଶେଷ ; ଦୁଇପଟ-ଚମଡ଼ା ଲାଗେ ଯନ୍ତ୍ର ।
ମାଦୃଶ—ବିଂ. (ଅସ୍ମଦ୍-ଦୃଶ୍-ଅ)ମତ୍ତୁଲ୍ୟ, ମୋପରି ।
ମାଧବ—ବି. (ମା-ଧବ) ଲକ୍ଷ୍ମୀପତି, ବିଷ୍ଣୁ ।
ମାଧବ—ବି. (ମଧୁ-ଅ) ବସନ୍ତକାଳ ; ବୈଶାଖ-
ମାଧବୀ—ବି. ଲତାବିଶେଷ । [ମାସ ।
ମାଧୁକରୀ—ବି. (ମଧୁକର-ଅ-ଈ) ଭିକ୍ଷା-ଅବଲମ୍ବନ ବୃତ୍ତି । [ସୌନ୍ଦର୍ଯ୍ୟ ।
ମାଧୁରୀ—ବି. ( ମଧୁର-ଅ-ଈ ) ମଧୁରତା ;
ମାଧୁର୍ଯ୍ୟ—ବି. ( ମଧୁର-ଯ ) ମଧୁରତା ; ସୁସ୍ୱ- ଲାହୁତା । [ଶୀତଳ ।
ମାଧ୍ୟସ୍ଥ୍ୟ—( ମଧ୍ୟ-ସ୍ଥ-ଯ ) ମଧ୍ୟସ୍ଥତା; ଔଦା—
ମାଧ୍ୟାକର୍ଷଣ—ବି. କେନ୍ଦ୍ର ଆଡ଼କୁ ଆକର୍ଷଣ କରି- ବାର ଶକ୍ତି ।
ମାଧ୍ୱୀ—ବି. (ମଧୁ-ଅ-ଈ) ମଧୁରୁ ପ୍ରସ୍ତୁତ ସୁରା ।
ମାନ—ବି. (ମା-ଅନ) ପରିମାଣ, ମାପ ।
ମାନ—ବି. (ମନ୍-ଅ) ଅହଂକାର; ଅଭିମାନ ।
ମାନତି—ବି. ମାନସିକ ବ୍ରତ ।
ମାନଦ—ବିଂ. (ମାନ-ଦା-ଅ) ସମ୍ମାନ-ପ୍ରଦ ।
ମାନ-ଦଣ୍ଡ—ବି. ପରିମାଣଦଣ୍ଡ, ମାପକାଠି ।
ମାନନା—ବି. (ମାନ୍-ଅନ-ଆ) ସମ୍ମାନକରଣ ।
ମାନନୀୟ—ବିଂ. ( ମାନ୍-ଅନୀୟ ) ପୂଜନୀୟ ; ମାନ୍ୟ ।
ମାନ-ମନ୍ଦିର—ବି. ଯେଉଁ ସ୍ଥାନରୁ ଗ୍ରହ ନକ୍ଷତ୍ରା- ଦିର ପର୍ଯ୍ୟବେକ୍ଷଣ କରଯାଏ ।
ମାନବ—ବି. (ମନୁ-ଅ) ମନୁଷ୍ୟ, ପୁରୁଷ ।
ମାନସ—ବି. (ମନସ୍-ଅ) ମନ; ଅଭିପ୍ରାୟ ।
ମାନସିକ—ବିଂ. (ମନସ୍-ଇକ) ଆନ୍ତରିକ, ମନୋ- ଗତ । [ଶୀଳଯୁକ୍ତା ।
ମାନିନୀ—ବିଂ. (ମାନ-ଇନ୍-ଈ) ମାନବତୀ, ଅଭି-
ମାନିବା—କ୍ରି. ସମ୍ମାନ କରିବା; ଭକ୍ତିପୂର୍ବକ ଗ୍ରହଣ କରିବା ।
ମାନୀ—ବିଂ. ( ମାନ-ଇନ୍ ) ଅହଂକାରୀ ।
ମାନୁଷ—ବି. (ମନୁ-ଷ) ମନୁଷ୍ୟ ।
ମାନୁଷିକ—ବିଂ. ମନୁଷ୍ୟସମ୍ବନ୍ଧୀୟ ।
ମାନୁଷୀ—ବି. ନାରୀ ।
ମାନ୍ଦ୍ୟ—ବି. ( ମନ୍ଦ-ଯ ) ମନ୍ଦତା; ଜଡ଼ତା; ଅଳ୍ପତା ।
ମାନ୍ଧାତା—ବି. ଏକ ପ୍ରାଚୀନ ନୃପତିବିଶେଷ ।
ମାନ୍ୟ—ବିଂ. (ମାନ୍-ଯ) ମାନନୀୟ; ଆଦରଣୀୟ ।
ମାପ—ବି. (ମାପ୍‌ଧାତୁଜ) ପରିମାଣ ।
ମାପୁଣି—ବି. ପରିମାପକ, ପରିମାଣକାରୀ ।

ମାଫ-ବି. (ପାର୍ଶୀ) କ୍ଷମା ।
ମାମଲା-ବି. ମୋକଦ୍ଦମା ।
ମାମୁ-ବି. ମାଆର ଭାଇ ।
ମାମୁଲି-ବି. (ପାର୍ଶୀ) ଚିରପ୍ରଚଳିତ ।
ମାୟା-ବି. ( ମା-ଯ-ଅ ) ଇନ୍ଦ୍ରଜାଲ; ମୋହ; ଶମ୍ବର; କପଟବେଶ; ସ୍ନେହ; ଦୟା ।
ମାୟାବୀ } ବି. ( ମାୟା-ବିନ୍, ଇନ୍ ) କପଟୀ-
ମାୟୀ } ଲୋକ; ଐନ୍ଦ୍ରଜାଲିକ ।
ମାର-ବି. (ମୃ-ଅ) ମୃତ୍ୟୁ; କନ୍ଦର୍ପ; ପ୍ରହାର ।
ମାରକ-ବି. ( ମୃ-ଣିଚ୍-ଅକ ) ବଧକାରକ; ବି. ଏପୁର ରୋଗ ।
ମାରଣ-ବି. (ମୃ-ଣିଚ୍-ଅନ) ହନନ, ବଧ ।
ମାରଣା-ବି. ଦୁଷ୍ଟାଭିଚାର ଅସ୍ତ୍ର; ଶତ୍ରୁସଂହାରକ ।
ମାରଫତ-ଅ. (ପାର୍ଶୀ) ଦ୍ଵାରା, କର୍ତ୍ତୃକ ।
ମାରାତ୍ମକ-ବି. ( ମାର-ଆତ୍ମନ୍-କ ) ପ୍ରାଣସଂହାରକ, ପ୍ରାଣନାଶକ ।
ମାରିବା-କ୍ରି. (ମୃଧାତୁଜ ) ପ୍ରହାର କରିବା; ଘାତ କରିବା । [ବିକ୍ରି ।
ମାରିଷ-ବି. ( ମୃଷ-ଅ ) ନାଟ୍ୟୋକ୍ତିରେ ମାନ୍ୟ
ମାରୀ-ବି. (ମାର-ଈ) ମଡ଼କ, ଚଣ୍ଡିକା ।
ମାରୁ-ବି. ମରୁ; ଅପଥ ।
ମାରୁତ-ବି. (ମରୁତ୍-ଅ) ପବନ, ବାୟୁ ।
ମାରୁତି-ବି. (ମରୁତ୍-ଇ) ହନୁମାନ; ଭୀମ ।
ମାର୍କଣ୍ଡ }
ମାର୍କଣ୍ଡେୟ } ବି. (ମୃକଣ୍ଡୁ-ଅ, ଏୟ) ମୁନିବିଶେଷ ।

ମାର୍ଗ-ବି. (ମାର୍ଗ୍-ଅ) ପଥ । [ପର ।
ମାର୍ଗଣ-ବି. ( ମାର୍ଗ୍-ଅନ ) ଅନୁସନ୍ଧାନ; ବାଣ,
ମାର୍ଗଶିର }
ମାର୍ଗଶୀର୍ଷ } ବି. ଅଗ୍ରହାୟଣ ମାସ ।
ମାର୍ଜନ } ବି. ( ମୃଜ୍ ଅନ-ଆ ) ପରିଷ୍କରଣ;
ମାର୍ଜନା } ପ୍ରକ୍ଷାଳନ; କ୍ଷମା ।
ମାର୍ଜନୀ-ବି. ( ମୃଜ୍-ଅନ-ଈ ) ଯାହା ଦ୍ଵାରା ମାର୍ଜନା କରାଯାଏ: (ଝାଡ଼ୁ ପ୍ରଭୃତି) ।
ମାର୍ଜାର-ବି. ( ମୃଜ୍-ଆରନ୍ ) ବିଲେଇ ।
ମାର୍ଜାରି-ବି. କସ୍ତୁରି ।
ମାର୍ଜିତ-ବି. (ମୃଜ୍-ତ) ପରିଷ୍କୃତ; ପ୍ରକ୍ଷାଳିତ ।
ମାର୍ତ୍ତଣ୍ଡ-ବି. (ମୃତଣ୍ଡ-ଅ) ସୂର୍ଯ୍ୟ ।
ମାର୍ଦ୍ଦଙ୍ଗିକ-ବି. (ମୃଦଙ୍ଗ-ଇକ) ମୃଦଙ୍ଗବାଦକ ।
ମାର୍ଦ୍ଦବ-ବି. (ମୃଦୁ-ଅ) ମୃଦୁତ୍ଵ, କୋମଳତା ।
ମାଳ-ବି. ଉଚ୍ଚ ଭୂମି ।
ମାଲ୍-ବି. (ଆରବୀ) ସମ୍ପଦ, ଧନ, ବାଣିଜ୍ୟଦ୍ରବ୍ୟ
ମାଲି-ବି. (ନିମ୍ନଶ୍ରେଣୀ) ଘୋଡ଼ା ।
ମାଲଖାନା-ବି. ପଣ୍ୟାଗାର ।
ମାଳତୀ-ବି. ମାଳତୀଲତା ଓ ଫୁଲ ।
ମାଲଧା-ବି. ଢେଲା, ମୃଦାପିଣ୍ଡ ।
ମାଳା } ବି. ପୁଷ୍ପମାଲ୍ୟ; ହାର; ଶ୍ରେଣୀ;
ମାଳିକା } ସମୂହ ।
ମାଳି-ବି. ମାଳୀ ।
ମାଲିକ-ବି. (ଆରବୀ) ପ୍ରଭୁ, ସ୍ଵାମୀ ।
ମାଲିକାନା-ବି. (ଆରବୀ) ସ୍ଵତ୍ଵ ।

ମାଣିକ୍ୟ–ବି. (ମଣିକ–ଯ) ମଣିରତ୍ନ ।
ମାଳୀ–ବି. ମାଳାକାର; ଉଦ୍ୟାନପାଳ ।
ମାଲୁଣୀ–ବି. ମାଳିଜାତୀୟା ସ୍ତ୍ରୀ ।
ମାଲ୍ୟ–ବି. ପୁଷ୍ପମାଳା ।
ମାଶୁଲ–ବି. (ଆରବୀ) ଶୁଳ୍କ; କର ।
ମାଷ–ବି. ବିରି ।
ମାଷକ–ବି. ଏକ ମାପ (ଓଜନ) ।
ମାସ–ବି. (ମା–ଅସ୍–ଅ) ବର୍ଷର ବାର ଭାଗର ଏକ ଭାଗ; ଚନ୍ଦ୍ରମାସ ତ୍ରିଂଶଦ୍ଦିନ କାଳ; ସୌର-ମାସ ସଂକ୍ରାନ୍ତି ଦ୍ୱାରା ପରିମିତ କାଳ ।
ମାସାନ୍ତ–ବି. (ମାସ ଅନ୍ତ) ସଂକ୍ରାନ୍ତିର ପୂର୍ବଦିନ ।
ମାସିକ–ବିଂ. ମାସେ ମାସେ ଦେୟ ବା କର୍ତ୍ତବ୍ୟ ।
ମାସ୍ତୁଲ–ବି. (ପର୍ତ୍ତୁଗୀଜ୍ ଭାଷାରୁ) ଜାହା-ଜର ଉପରିସ୍ଥ ଉଚ୍ଚ ସ୍ତମ୍ଭ । [ମହିମା ।
ମାହାତ୍ମ୍ୟ–ବି. (ମହାତ୍ମନ୍–ଯ) ପ୍ରଭାବ; ଗୌରବ;
ମାହାରୀ–ବି. ଦେବାଳୟର ନର୍ତ୍ତକୀ ।
ମାହାଳି–ବି. ବୃକ୍ଷବିଶେଷ ।
ମାହାଳିଆ–ବିଂ. ସାଧାରଣ; ମୋଟାକଟ ।
ମାହୁନ୍ତ–ବି. ହସ୍ତୀର ଚାଳକ ।
ମାହେନ୍ଦ୍ର-କ୍ଷଣ–ବି. ଶୁଭକ୍ଷଣ ।
ମାହେଶ୍ୱର ବି. (ମହେଶ୍ୱର–ଅ) ଶୈବୋପାସକ ।
ମିଛ–ବି. (ମିଥ୍ୟାଶବ୍ଦଜ) ଅସତ୍ୟ ।
ମିଛୁଆ–ବିଂ. ମିଥ୍ୟାବାଦୀ ।
ମିଞ୍ଜାରିବା–କ୍ରି. ପେଷଣ କରିବା; ମର୍ଦ୍ଦନ କରିବା ।
ମିଠା–ବିଂ. (ମିଷ୍ଟଶବ୍ଦଜ) ମିଷ୍ଟ, ସୁସ୍ୱାଦୁ, ମଧୁର ।
ମିଠାଇ–ବି. ମିଷ୍ଟାନ୍ନ; ମିଷ୍ଟଦ୍ରବ୍ୟ ।
ମିଣିପ–ବି. ପ୍ରଭୁତ୍ୱ ।
ମିତ–ବି. (ମିତ୍ରଶବ୍ଦଜ) ମିତ୍ର, ବନ୍ଧୁ ।
ମିତ–ବିଂ. (ମା–ତ) ପରିମିତ; ଅଳ୍ପ ।
ମିତ-ଭାଷୀ–ବିଂ. ଅଳ୍ପଭାଷୀ ।
ମିତ-ବ୍ୟୟୀ–ବିଂ. ଅଳ୍ପବ୍ୟୟୀ ।
ମିତି–ବି. ପରିମାଣ ।
ମିତ୍ର–ବି. (ମିଦ୍–ତ୍ର) ବନ୍ଧୁ, ସଖା ।
ମିତ୍ରତା–ବି. ବନ୍ଧୁତା, ସୌହାର୍ଦ୍ଦ ।
ମିତ୍ରାକ୍ଷର–ବି. ପଦର ଚରଣେ ଚରଣେ ବର୍ଣ୍ଣା-କ୍ଷରର ମେଳ ।
ମିଥୁନ–ବି. (ମିଥ୍–ଉନ) ସ୍ତ୍ରୀ ପୁରୁଷର ଯୁଗଳ; ଜ୍ୟୋତିଷରେ ରାଶିବିଶେଷ ।
ମିଥ୍ୟା–ଅ. (ମିଥ୍–ଯ–ଆ) ମିଛ, ଅସତ୍ୟ; ଅ-
ମିଥ୍ୟାବାଦୀ–ବିଂ. ଯେ ମିଥ୍ୟା କହେ । [ଳୀକ ।
ମିନତି–ବି. (ବିନତିଶବ୍ଦଜ) ବିନୀତ ପ୍ରାର୍ଥନା ।
ମିଳନ–ବି. (ମିଳ୍–ଅନ) ମିଶ୍ରଣ, ସଂଯୋଗ; ସାକ୍ଷାତ୍ ।
ମିଳାଇବା–କ୍ରି. (ମିଳ୍ଧାତୁ) ମିଶିବା ପାଇଁ କାର୍ଯ୍ୟ କରିବା ।
ମିଳିତ–ବିଂ. (ମିଳ୍–ତ) ସଂଯୁକ୍ତ, ମିଶିତ; ପ୍ରାପ୍ତ ।
ମିଶନ–ବି. ଭ୍ରମଣ ।
ମିଳମିଳା–ବି. ବସ୍ତ୍ରବିଶେଷ ।
ମିଳିବା–କ୍ରି. ଏକତ୍ର ହେବା; ସଂଯୁକ୍ତ ହେବା ।
ମିଶା–ବିଂ. (ମିଶ୍ରଶବ୍ଦଜ) ମିଶ୍ର ।
ମିଶାଣି–ବି. (ମିଶ୍ରଣଶବ୍ଦଜ) ଏକତ୍ରୀକରଣ ।
ମିଶିବା–କ୍ରି. (ମିଶ୍ରଧାତୁରୁ) ଏକତ୍ର ହେବା ।

ମିଶ୍ର-ବି. (ମିଶ୍ର-ଅ) ମିଳିତ; ମିଶା; ବି. ଭଗ୍ନାଂଶ

ମିଶ୍ରଣ ବି. ମିଳନ, ଯୋଗ । [ସ୍ୱରଭେଦ ।

ମିଶ୍ରିତ ବି. (ମିଶ୍ର-ତ) ମିଳିତ, ଯୁକ୍ତ ।

ମିଷ-ବି. (ମିଷ୍-ଅ) ଛଳ । [ବି. ମିଷ୍ଟାନ୍ନ ।

ମିଷ୍ଟ-ବି. (ମିଷ୍-ତ) ମଧୁର, ସୁସ୍ୱାଦୁ, ସୁମଧୁର;

ମିଷ୍ଟାନ୍ନ-ବି. (ମିଷ୍ଟ-ଅନ୍ନ) ମିଷ୍ଟ ଖାଦ୍ୟ; ମିଠେଇ ।

ମିସଲ୍-ବି. (ଆରବୀ) ମକଦ୍ଦମା କାଗଜପତ୍ର ।

ମିହି-ବି. ସୂକ୍ଷ୍ମାର୍ଥବୋଧ ଦ୍ରବ୍ୟବିଶେଷ ।

ମିହ୍ନି-ବି. ଏକପ୍ରକାର ସୁଗନ୍ଧ ଦ୍ରବ୍ୟ ।

ମିହିର-ବି. (ମିହ୍-ଇର) ସୂର୍ଯ୍ୟ ।

ମୀନ-ବି. ( ମୀ-ନ ) ମତ୍ସ୍ୟ; ଜ୍ୟୋତିଷିକ ରାଶି-

ମୀନ-କେତନ-ବି. କନ୍ଦର୍ପ । [ବିଶେଷ ।

ମୀମାଂସା-ବି. (ମାନ୍-ସନ୍-ଅ) ବିଚାର, ନିର୍ଣ୍ଣୟ; ଦର୍ଶନଶାସ୍ତ୍ରବିଶେଷ ।

ମୀଳନ-ବି. ଚକ୍ଷୁ ବୁଜିବା ବା ସଂକୋଚନ ।

ମୀଳିତ-ବି. (ମୀଳ୍-ତ) ମୁଦ୍ରିତ, ସଂକୁଚିତ ।

ମୁଁ-ସ. (ଅସ୍ମଦ୍ ଶବ୍ଦଜ) ଆମ୍ଭେ, ମୁହିଁ ।

ମୁଁଆ-ବି. ଗଛ ଜମା ମୁଣ୍ଡିରେ ପ୍ରସ୍ତୁତ ମିଷ୍ଟାନ୍ନ-ବିଶେଷ ।

ମୁକୁଟ-ବି. (ମଙ୍କ୍-ଉଟ) କିରୀଟ; ଶିରୋଭୂଷଣ ।

ମୁକୁନ୍ଦ-ବି. (ମୁକୁ-ଦା) ମୁକ୍ତିଦାତା ; ବିଷ୍ଣୁ ।

ମୁକୁର-ବି. (ମଙ୍କ୍-ଉର) ଦର୍ପଣ, ଆର୍ସି ।

ମୁକୁଳ-ବି. (ମୁକ୍-ଉଲ) କଳିକା, କଢ଼ି ।

ମୁକୁଳା-ବି. ଖୋଲା, ଫିଟା ।

ମୁକୁଳିତ-ବି. ଈଷତ୍ ବିକଶିତ ।

ମୁକ୍ତ-ବି. (ମୁଚ୍-ତ) ଉଦ୍ଧାରପ୍ରାପ୍ତ; ବନ୍ଧନରୁ ଛାଡ଼ିତ ; ତ୍ୟକ୍ତ ।

ମୁକ୍ତ-କଣ୍ଠ-ବି. ଉଚ୍ଚୈଃସ୍ୱର ।

ମୁକ୍ତ-ହସ୍ତ-ବି. ଦାନଶୀଳ ।

ମୁକ୍ତା-ବି. ମୌକ୍ତିକ, ମୋତି ।

ମୁକ୍ତା-ଫଳ-ବି. ମୋତି ।

ମୁକ୍ତି-ବି. (ମୁଚ୍-ତି) ସଂସାର-ବନ୍ଧନରୁ ଛୁଟକାର;

ମୁଖ ବି. ଆନନ, ବଦନ ।

ମୁଖର-ବି. (ମୁଖ-ର) ବାଚାଳ; ଶବ୍ଦିତ ।

ମୁଖରିତ-ବି. ( ମୁଖର-ଇତ ) ଶବ୍ଦାୟମାନ, ଧ୍ୱନିତ ।

ମୁଖ-ଶ୍ରେଷ୍ଠ-ବି. କଥା କହିବାରେ ନିପୁଣ ।

ମୁଖାଗ୍ନି-ବି. (ମୁଖ-ଅଗ୍ନି) ଶବମୁଖରେ ପ୍ରଦତ୍ତ ଅଗ୍ନି ।

ମୁଖାପେକ୍ଷୀ-ବି. (ମୁଖ-ଅପେକ୍ଷୀ) ପରାଧୀନ ।

ମୁଖ୍ୟ-ବି. (ମୁଖ-ଯ) ପ୍ରଧାନ, ଶ୍ରେଷ୍ଠ ।

ମୁଗ-ବି. (ମୁଦ୍ଗ ଶବ୍ଦଜ) ଡାଲିବିଶେଷ ।

ମୁଗୁନି-ବି. କୃଷ୍ଣବର୍ଣ୍ଣ ପ୍ରସ୍ତରବିଶେଷ ।

ମୁଗୁର-ବି. (ମୁଦ୍ଗର ଶବ୍ଦଜ) ବ୍ୟାୟାମ କରିବାର ମୁଦ୍ଗରକାର କାଷ୍ଠଦଣ୍ଡ ।

ମୁଗ୍ଧ-ବି. (ମୁହ୍-ତ) ମୂଢ଼; ସୁନ୍ଦର; ମୋହିତ ।

ମୁଗ୍ଧା-ବି. ନବଯୌବନା ନାୟିକା; ନବୋଢ଼ା ।

ମୁଚୁକୁନ୍ଦ-ବି. ଏକପ୍ରକାର-ଗଛ ।

ମୁଚୁଳା-ବି. ମାଣ୍ଡ୍ରି, ଜଦଣ ।

ମୁଠା-ବି. ( ମୁଷ୍ଟି ଶବ୍ଦଜ ) ମୁଠି ଭରଣ; ଖଡ୍ଗାଦିର ବେଣ୍ଟ ।

ମୁଠି–ବି. (ମୁଷ୍ଟିଶବ୍ଦଜ) ମୁଷ୍ଟିମେୟ ଦ୍ରବ୍ୟ ; ହାତି-ଆର ଛୁରାର ଧରିବାର ଅଂଶ ।

ମୁଠେଣି–ବି. ( ମୁଷ୍ଟିଶବ୍ଦଜ ) କଣ୍ଠଣୀଠାରୁ ମୁଠା-ପର୍ଯ୍ୟନ୍ତ ।

ମୁଡ଼ି–ବି. ଭୃଷ୍ଟତଣ୍ଡୁଳ, ଭଜାଚାଉଳ ।

ମୁଣି–ବି. ଥଳୀ ।

ମୁଣ୍ଡୁ–ଅ. ଠେଲେ, ଅଣ୍ଟେ ।

ମୁଣ୍ଡ–ବି. (ମୁଣ୍ଡ୍-ଅ) ଶିର, ମସ୍ତକ ।

ମୁଣ୍ଡନ–ବି. ( ମୁଣ୍ଡ୍-ଅନ ) ମସ୍ତକ ଖଣ୍ଡନ କରିବା ।

ମୁଣ୍ଡା–ବି. ଶୋଧନକୃତ ସୂତ ।

ମୁଣ୍ଡି–ବି. କାଷ୍ଠଖଣ୍ଡ ।

ମୁଣ୍ଡିତ–ବିଂ. କେଶ-ମୁଣ୍ଡନକୃତ ।

ମୁଥ–ବି. (ମୁଷ୍ଟିଶବ୍ଦଜ) ମୁଷ୍ଟି, ଚୋଟ ।

ମୁଥା–(ମୁସ୍ତାଶବ୍ଦଜ) ଘାସମୂଳବିଶେଷ ।

ମୁଦ–ବି. (ମୁଦ୍-ଅ) ପ୍ରୀତି, ହର୍ଷ ।

ମୁଦ–ବି. (ମୁଦ୍ରାଶବ୍ଦଜ) ମୁଦ୍ରଣ, ମୁଦ୍ରା ।

ମୁଦି–ବି. ମୁଦ୍ରିକା, ଅଙ୍ଗୁରୀୟକ ।

ମୁଦିତ–ବିଂ. (ମୁଦ୍-ତ) ହୃଷ୍ଟ, ପ୍ରୀତ, ଆହ୍ଲାଦିତ ।

ମୁଦିବା–କ୍ରି. ବନ୍ଦ କରିବା ।

ମୁଦିର–ବି. (ମୁଦ୍-ଇର) ମେଘ ।

ମୁଦ୍ଗ–ବି. (ମୁଦ୍-ଗ) ମୁଗ ।

ମୁଦ୍ଗର–ବି. ( ମୁଦ୍-ଗୃ-ଅ ) ଗଦା, ମୁଗୁର ।

ମୁଦ୍ରଣ–ବି. (ମୁଦ୍ର-ଅନ) ମୁଦ୍ରାଙ୍କନ ; ଅଙ୍ଗୁଳି-ମୁଦ୍ରା ।

ମୁଦ୍ରା–ବି. ( ମୁଦ୍-ର-ଆ ) ମୋହର ; ଛାପ ; ମୋହର ଟଙ୍କା ପଇସା ପ୍ରଭୃତି ; ପୂଜାଦି ସମୟରେ ହସ୍ତ ମୁଖାଦିର ଭଙ୍ଗୀ ।

ମୁଦ୍ରାଙ୍କନ–ବି. (ମୁଦ୍ରା-ଅଙ୍କନ) ଛାପା କରିବା ।

ମୁଦ୍ରା-ଯନ୍ତ୍ର–ବି. ମୁଦ୍ରା କରିବାର ଯନ୍ତ୍ର ; ଛାପା କରିବାର କଳ । [ଧୁବ; ମୁଦ୍ରିତ ପ୍ରତି ।

ମୁଦ୍ରିକା–ବି. ମୁଦି; ଶୋଭିତ ଜାତିପୁଷ୍ପ ଅପରା-

ମୁଦ୍ରିତ–ବିଂ. ମୁଦ୍ରାଦ୍ୱାରା ଚିହ୍ନିତ; ଛାପା; ନିମୀଳିତ ।

ମୁନି–ବି. ଅସ୍ତ୍ରାଦିର ତୀକ୍ଷ୍ଣ ଅଗ୍ରଭାଗ ।

ମୁନିଆଁ–ବି. ( ଦେଶଜ ) ଘର ।

ମୁନି–ବି. (ମନ-ଇ) ଋଷି, ତପସ୍ୱୀ ; ଗୌତମାଦି ।

ମୁନି-ପୁଙ୍ଗବ–ବି. ମୁନିଶ୍ରେଷ୍ଠ । [ଇଚ୍ଛା ।

ମୁମୁକ୍ଷା–ବି. ( ମୁଚ୍-ସନ୍-ଅ ) ମୁକ୍ତି ପାଇବାର

ମୁମୁକ୍ଷୁ–ବିଂ. (ମୁଚ୍-ସନ୍-ଉ) ମୋକ୍ଷେଚ୍ଛୁ; ବି. ଯତି, ଋଷି ।

ମୁମୂର୍ଷା–ବି. ( ମୃ-ସନ୍-ଅ ) ମରଣେଚ୍ଛା ।

ମୁମୂର୍ଷୁ–ବିଂ. ( ମୃ-ସନ୍-ଉ ) ଆସନ୍ନମୃତ୍ୟୁ, ମର-

ମୁରଜ–ବି. ମୃଦଙ୍ଗ । [ଣେଚ୍ଛୁ ।

ମୁରଲୀ–ବି. (ମୁର୍-ଲା-ଅ-ଈ) ବଂଶୀ, ବେଣୁ ।

ମୁରାରି–ବି. ( ମୁର-ଅରି ) ଶ୍ରୀକୃଷ୍ଣ ।

ମୁରୁଜି–ବି. ଶ୍ୱେତ ଓ ନାନାବର୍ଣ୍ଣ ଚୂର୍ଣ୍ଣ ।

ମୁର୍ମୁରି–ବି. ତୁଷାନଳ । [ବନ୍ଦ କରିବା ।

ମୁଲାଇବା–କ୍ରି. ( ମୂଲ୍ୟଶବ୍ଦଜ ) ଦର କରିବା,

ମୁଷଳ–ବି. ଚିକ୍କଣାକାର ; ମୁଦ୍ଗର ।

ମୁଷଳୀ–ବି. (ମୁଷଳ-ଇନ୍) କୃଷ୍ଣଜ୍ୟେଷ୍ଠ ବଳରାମ ।

ମୁଷିତ—ବିଂ. ( ମୁଷ୍-ତ ) ଚୋରିତ, ଅପହୃତ ; ବଞ୍ଚିତ ।

ମୁଷ୍କ—ବି. ଅଣ୍ଡକୋଷ । [ଚୋର ଦେଖ ।

ମୁଷ୍ଟି—ବି. (ମୁଷ୍-ତି) ବନ୍ଧ ହସ୍ତ, ମୁଠା ; ଚପ୍ପା-

ମୁଷ୍ଟିମେୟ—ବିଂ. (ମୁଷ୍ଟି-ମେୟ) ମୁଷ୍ଟିଦ୍ୱାରା ପରି-ମେୟ, ଅଳ୍ପପରିମାଣ, ଅଳ୍ପସଂଖ୍ୟକ ।

ମୁସଲମାନ—ବି. ମହମ୍ମଦୀୟ-ଧର୍ମାବଲମ୍ବୀ ।

ମୁସାଫିର୍—ବି. (ଆରବୀ) ଭ୍ରମଣକାରୀ ।

ମୁସ୍କିଲ୍—ବିଂ. (ଆରବୀ) କଷ୍ଟକର ।

ମୁହଁ—ବି. (ମୁଖଶବ୍ଦଜ) ମୁଖ ।

ମୁହିଁ—ସ. (ଅସ୍ମଦ୍ଶବ୍ଦଜ) ମୁଁ ।

ମୁହୁଃ—ଅ. ପୁନଃପୁନଃ, ବାରମ୍ବାର ।

ମୁହୂର୍ତ୍ତ—ବି. କ୍ଷଣକାଳ ; ଦିବାରାତ୍ରିର ୩୦ ଭାଗର ଏକ ଭାଗ ।

ମୁହ୍ୟମାନ—ବି. (ମୁହ୍-ଯ-ମାନ) ବିହ୍ୱଳଚିତ୍ତ ।

ମୂକ—ବିଂ. (ମୂ-କ) ବାକ୍ଶକ୍ତିରହିତ, ବୋବା ।

ମୂକତା—ବି. ବାକ୍ଶକ୍ତିହୀନତା ।

ମୂଢ଼—ବିଂ. (ମୁହ୍-ତ) ମୂର୍ଖ, ଅଜ୍ଞାନ ।

ମୂଢ଼-ଗର୍ଭ—ବି. ମୃତ ଭ୍ରୂଣ, ଗର୍ଭରେ ମୃତ ଶିଶୁ ।

ମୂତ—ବି. ମୂତ୍ର ।

ମୂତ୍ର—ବି. ( ମୂ-ତ୍ର ) ପ୍ରସ୍ରାବ । [ସ୍ରାବ ।

ମୂତ୍ରାଶୟ—ବି. ( ମୂତ୍ର-ଆଶୟ ) ଜଳପେଟ, ମୂତ୍ର-

ମୂର୍ଖ—ବିଂ. ( ମୁହ୍-ଖ ) ଅଜ୍ଞ, ମୂଢ଼ ।

ମୂର୍ଚ୍ଛନା—ବି. (ମୂର୍ଚ୍ଛ-ଅନ-ଆ) ମୂର୍ଚ୍ଛା ; ସଙ୍ଗୀତରେ ସ୍ୱରର ଆରୋହ ଓ ଅବରୋହ ।

ମୂର୍ଚ୍ଛା—ବି. (ମୂର୍ଚ୍ଛ-ଅ) ମୋହ, ଅଚେତନତା ।

ମୂର୍ଚ୍ଛିତ—ବିଂ. ମୂର୍ଚ୍ଛାପ୍ରାପ୍ତ । [ଚେତନା ।

ମୂର୍ଚ୍ଛିବା—କ୍ରି. ( ମୂର୍ଚ୍ଛ ଧାତୁଜ ) ଚେତା ହରାଇବା ।

ମୂର୍ତ୍ତ—ବିଂ. ( ମୂର୍ଚ୍ଛ୍-ତ ) ମୂର୍ତ୍ତିମାନ୍ ।

ମୂର୍ତ୍ତି—ବି. ( ମୂର୍ଚ୍ଛ୍-ତି) ଆକୃତି ; ପ୍ରତିମା ; ଶରୀର ।

ମୂର୍ତ୍ତିମାନ୍—ବିଂ. (ମୂର୍ତ୍ତି-ମତ୍) ମୂର୍ତ୍ତ, ଶରୀରଧାରୀ ।

ମୂର୍ଦ୍ଧଜ—ବି. (ମୂର୍ଦ୍ଧନ୍-ଜ) କେଶ ।

ମୂର୍ଦ୍ଧନ୍ୟ—ବିଂ. (ମୂର୍ଦ୍ଧନ୍-ଯ) ମୂର୍ଦ୍ଧାରୁ ଉଚ୍ଚାରିତ ।

ମୂର୍ଦ୍ଧା—ବି. ମସ୍ତକ ।

ମୂର୍ବା—ବି. (ମୂର୍ବ୍-ଅ-ଆ) ମୁଢୁବାଗଛ ।

ମୂଳ—ବି. (ମୂଳ୍-ଅ) ଗଛର ଚେର ; ଆଦିକାରଣ ;

ମୂଳକ—ବି. (ମୂଳ-କ) ମୂଳା । [ଅସଲ ।

ମୂଳୀଭୂତ—ବିଂ. (ମୂଳ-ଚ୍ୱି-ଭୂତ) ହେତୁଭୂତ, ଆଧାର,

ମୂଲ୍ୟ—ବି. (ମୂଳ-ଯ) ଦାମ, ଦର । [ସ୍ୱରୂପ ।

ମୂଷା—ବି. (ମୁଷ୍ଧାତୁଜ) ଉନ୍ଦୁର ।

ମୂଷା—ବି. ସ୍ୱର୍ଣ୍ଣାଦି ଦ୍ରବ କରିବାର ପାତ୍ର, ମୋଳ ।

ମୂଷିକ—ବି. ମୂଷା, ଉନ୍ଦୁର ।

ମୃଗ—ବି. (ମୃଗ୍-ଅ) ହରିଣ ; ପଶୁ ।

ମୃଗତୃଷ୍ଣା, ମୃଗତୃଷ୍ଣିକା—ବି. ମରୀଚିକା, ପ୍ରଖର ସୂର୍ଯ୍ୟକିରଣରେ ବାଲୁକାରେ ଜଳ-ଭ୍ରମ ; ତୃଷାର୍ତ୍ତ ମୃଗମାନଙ୍କର ଜଳଭ୍ରମ ।

ମୃଗନାଭି—ବି. (ମୃଗ-ନାଭି) ମୃଗମଦ, କସ୍ତୁରୀ

ମୃଗୟା—ବି. (ମୃଗ-ଯ-ଅ) ବନ ପଶୁମାନଙ୍କର ମୃଗବଧ ; ପଶୁ-ଶିକାର ।

ମୃଗ-ରିପୁ-ବି. ସିଂହ ।

ମୃଗ-ବାହନ-ବି. ପବନ ।

ମୃଗଶିରାଃ } ବି. (ମୃଗ-ଶିରସ୍, ଶୀର୍ଷ) ନକ୍ଷତ୍ର-
ମୃଗଶୀର୍ଷ } ବିଶେଷ ।

ମୃଗାଙ୍କ-ବି. (ମୃଗ-ଅଙ୍କ) ଚନ୍ଦ୍ର । [ନାରୀ ।

ମୃଗାଦନ-ବି. (ମୃଗ-ଅଦ୍-ଅନ) ତରକ୍ଷୁ, ଚିତା-

ମୃଗେନ୍ଦ୍ର-ବି. (ମୃଗ-ଇନ୍ଦ୍ର) ପଶୁରାଜ ।

ମୃଗ୍ୟ-ବିଂ. (ମୃଗ୍-ଯ) ଅନ୍ୱେଷଣୀୟ ।

ମୃଡ-ବି. (ମୃଡ୍-ଅ) ଶିବ, ମହାଦେବ ।

ମୃଡାନୀ-ବି. ଦୁର୍ଗା ।

ମୃଣାଳ-ବି. (ମୃଣ୍-ଆଳ) ପଦ୍ମନାଡ଼ ।

ମୃଣାଳିନୀ-ବି. (ମୃଣାଳ-ଇନ୍-ଈ) ପଦ୍ମିନୀ ।

ମୃଣ୍ମୟ-ବିଂ. (ମୃତ୍-ମୟ) ମୃତ୍ତିକାନିର୍ମିତ ।

ମୃତ-ବିଂ. (ମୃ-ତ) ମୃତ୍ୟୁପ୍ରାପ୍ତ, ଗତପ୍ରାଣ ।

ମୃତକ-ବି. ମରଣାଶୌଚ ।

ମୃତ-କଳ୍ପ-ବିଂ. ମୃତପ୍ରାୟ ।

ମୃତ-ବତ୍ସା-ବିଂ. ଯେ ସ୍ତ୍ରୀର ସନ୍ତାନ ବଞ୍ଚେ ନାହିଁ ।

ମୃତି-ବି. (ମୃ-ତି) ମୃତ୍ୟୁ ।

ମୃତ୍ତିକା-ବି. (ମୃଦ୍-ତିକ-ଆ) ମାଟି; ଭୂମି ।

ମୃତ୍ୟୁ-ବି. (ମୃ-ତ୍ୟୁ) ପ୍ରାଣବିୟୋଗ, ମରଣ ।

ମୃତ୍ୟୁଞ୍ଜୟ-ବି. (ମୃତ୍ୟୁ-ଜି-ଅ) ଯେ ମୃତ୍ୟୁକୁ ଜୟେ, ପରମେଶ୍ୱର ।

ମୃଦଙ୍ଗ-ବି. (ମୃଦ୍-ଅଙ୍ଗ) ମୁରଜ; ପଖାଉଜ ।

ମୃଦଙ୍ଗାର-ବି. (ମୃଦ୍-ଅଙ୍ଗାର) ପଥୁରିକୋଇଲା ।

ମୃଦୁ-ବିଂ. (ମୃଦ୍-ଉ) କୋମଳ, ନରମ; ମନ୍ଦ ।

ମୃଦୁଳ-ବିଂ. (ମୃଦୁ-ଲ) କୋମଳ, ନରମ ।

ମୃଦ୍ୱୀ-ବିଂ. (ମୃଦୁ-ଈ) କୋମଳାଙ୍ଗୀ ।

ମୃଷା-ଅଂ. ମିଥ୍ୟା ।

ମୃଷ୍ଟ-ବିଂ. (ମୃଷ୍-ତ) ମାର୍ଜିତ ।

ମେକଲ-କନ୍ୟକା-ବି. ନର୍ମଦା ନଦୀ ।

ମେକାପି-ବି. ଶତସ୍ରୁତିରେ ବସ୍ତ୍ର-ରକ୍ଷାବାସ ।

ମେଖଳା-ବି. (ମି-ଖଲ-ଆ) କଟିସୂତ୍ର, କଟି-
ଭୂଷଣ ।

ମେଘ-ବି. (ମିହ୍-ଅ) ଜଳଦ, ପୟୋଦ ।

ମେଘ-ନାଦ-ବି. ମେଘଧ୍ୱନି; ରାବଣପୁତ୍ର ଇନ୍ଦ୍ର-
ଜିତ ।

ମେଘାଗମ-ବି. (ମେଘ-ଆଗମ) ବର୍ଷାର ଆରମ୍ଭ ।

ମେଘାଢ୍ୟ-ବିଂ. ମେଘାଚ୍ଛନ୍ନ ।

ମେଚକ-ବିଂ. (ମେଚ୍-ଅକ) ଶ୍ୟାମବର୍ଣ୍ଣ, ଶ୍ୟାମଳ ।

ମେଜ-ବି. (ଆରବୀ) ଦ୍ରବ୍ୟ ରଖିବାର କାଷ୍ଠା-

ମେଝା-ବି. ଧୂଳା । [ଆବରଣ ।

ମେଢ଼ି-ବି. ଚଉରା ରଖିବାର ସଜ୍ଜିତ ସ୍ଥାନ ।

ମେଣ୍ଢା, ମେଣ୍ଢି-ବି. ପନ୍ଥାଙ୍କର ଦଡ଼ା ; ଅନେକ
ପଦର ଧାନ-କେଣ୍ଡାର ସମଷ୍ଟି ।

ମେଣ୍ଢିବା-କ୍ରି. ଖଣ୍ଡିତ ହେବା; ମାନମଳିନ ହେବା ।

ମେଣ୍ଢା-ବି. (ମେଣ୍ଢକ) ମେଷ, ପଶୁ ବିଶେଷ ।

ମେଥି } ବି. ମେଥିଶାଗ, ମେଥିଫଳ ।
ମେଥିକା }

ମେଦ } ବି. (ମିଦ୍-ଅ, -ଅସ୍) ଅସ୍ଥିର ମଜ୍ଜା ;
ମେଦଃ } ବସା, ଚର୍ବି ।

ମେଦନୀ-ବି. (ମେଦ-ଅନ୍-ଈ) ପୃଥିବୀ ।

ମେଦୁର- ବିଂ. ( ମିଦ୍-ଉର ) ଚିକ୍କଣ ; ସ୍ନିଗ୍ଧ ; ଶ୍ୟାମଳ ।

ମେଧ-ବି. (ମେଧ୍-ଅ) ଯଜ୍ଞ, ଯାଗ । [ଶକ୍ତି ।

ମେଧା-ବି. (ମେଧ୍-ଅ) ଧାରଣାବତୀ ବୁଦ୍ଧି; ସ୍ମୃତି-

ମେଧାବୀ-ବିଂ. ( ମେଧା-ବିନ୍ ) ମେଧାବିଶିଷ୍ଟ ; ଧୀମାନ୍ ।

ମେଧ୍ୟ-ବିଂ. (ମେଧ-ଯ) ଶୁଦ୍ଧ, ପବିତ୍ର ; ଯଜ୍ଞୀୟ ।

ମେନକା }
ମେନା } ବି. ହିମାଳୟପତ୍ନୀ ; ସ୍ୱର୍ଗବେଶ୍ୟା-ବିଶେଷ ।

ମେୟ-ବିଂ. ( ମା-ଯ) ପରିମେୟ; ଅନୁମେୟ ।

ମେରିଆ-ବି. ନର-ବଳି ।

ମେରୁ-ବି. (ମି-ରୁ) ସୁବର୍ଣ୍ଣମୟ ସୁମେରୁ ପର୍ବତ; ପୃଥିବୀର ଉତ୍ତର ଓ ଦକ୍ଷିଣ ପ୍ରାନ୍ତ; ପୃଷ୍ଠବଂଶ ; ଜପମାଳାର ଉପରସ୍ଥ ପ୍ରଧାନ ଗୋଟି ।

ମେରୁ-ଦଣ୍ଡ-ବି. ପିଠିର ମଧ୍ୟସ୍ଥିତ ହାଡ଼; ଭୂଗୋଳରେ କେନ୍ଦ୍ରଗତ ସରଳରେଖା ।

ମେଳ-ବି.(ମିଳ୍-ଅ) ଐକ୍ୟ, ମିଳନ । [ମିଶିବା ।

ମେଳନ-ବି. ( ମିଳ୍-ଅନ ) ଏକତ୍ର ହେବା;

ମେଳା-ବି. ଉତ୍ସବ ବା ବାଣିଜ୍ୟାର୍ଥ ଲୋକ-ସମାଗମ ।

ମେଲ୍ଲ-ବି. ପ୍ରଶସ୍ତ ସ୍ଥାନ ; ବାଡ଼ ନ ଥିବା ଘର ;

ମେଲାଣି-ବି. ବିଦାୟ । [ଦେ. ଶୋଭା ।

ମେଳଥିଆ-ବିଂ. ଅନେକ ଲୋକଙ୍କୁ ମିଳାଇ ଅନୋ-ଚିତ କରିବା ବ୍ୟକ୍ତି ।

ମେଲିବା-କ୍ରି. ପ୍ରକାଶ କରିବା; ବିସ୍ତାର କରିବା ।

ମେଷ-ବି. ( ମିଷ୍-ଅ ) ମେଣ୍ଢା; ଜ୍ୟୋତିଷର ରାଶିବିଶେଷ ; ଲଗ୍ନବିଶେଷ ।

ମେହ-ବି. ( ମିହ୍-ଅ) ଶୁକ୍ରକ୍ଷୟ ରୋଗବିଶେଷ ।

ମେହନତି-ବି. ( ଆରବ ) ପରିଶ୍ରମ ।

ମେହେରବାନ-ବି. ( ଆରବ ) ମହତ ; ଯେ ମହଲା ସ୍ଥାପନରେ ।

ମେହେରଣି-ବି. ତୋରଣ, ଫାଟକ ।

ମୈତ୍ର-ବି. ( ମିତ୍ର-ଅ ) ମିତ୍ରତା, ସୌହାର୍ଦ୍ଦ ।

ମୈତ୍ରୀ }
ମୈତ୍ର୍ୟ } ବି.(ମିତ୍ର-ଅ-ଈ, ଯ)ମିତ୍ରତା, ସୌହାର୍ଦ୍ଦ

ମୈଥିଲୀ-ବି. (ମିଥିଳା-ଅ-ଈ) ସୀତା, ଜାନକୀ ।

ମୈଥୁନ-ବି. (ମିଥୁନ-ଅ) ରତିକ୍ରିୟା ।

ମୈଦାନ-ବି. ପଡ଼ିଆ, ପଦା; ମଇଦାନ ।

ମୈନା-ବି. ଶାରୀ ।

ମୈନାକ-ବି. ( ମେନକା-ଅ ) ପର୍ବତବିଶେଷ ।

ମୈଲିଡ଼ିଆ-ବି. ଭୂତଣ ।

ମୈଳା-ବି. ବସ୍ତ୍ର ; ବିଂ. ମଳିନ । [ବର୍ଣ୍ଣ ।

ମୋକ୍ତା-ବିଂ. (ମୁଚ୍-ତୃ) ମୋଚନକର୍ତ୍ତା ; ଶାଣ-

ମୋକ୍ତାର-ବି. ବାଦୀ ବା ପ୍ରତିବାଦୀ ପକ୍ଷର ଜବାବ ଦେବା ଲୋକ ।

ମୋକ୍ଷ-ବି. (ମୋକ୍ଷ୍-ଅ) ମୁକ୍ତି । [କରଣ ।

ମୋକ୍ଷଣ-ବି. (ମୋକ୍ଷ୍-ଅନ) ମୋଚନ, ଖଲାସ-

ମୋଗଲ-ବି. ମୁସଲମାନ ଜାତିବିଶେଷ ।

ମୋଘ-ବିଂ. ( ମୁହ୍-ଅ ) ବ୍ୟର୍ଥ ।

ମୋଚ-ବି. କଦଳୀକଣ୍ଡା ।

ମୋଚନ-ବି. (ମୁଚ୍-ଅନ) ମୁକ୍ତି, ପରିତ୍ରାଣ ।

ମୋଚି—ବି. ଯୋତା-କରିଗର ।
ମୋଚ୍ୟ—ବି°. ମୋଚନ-ଯୋଗ୍ୟ ।
ମୋଟ—ବି. ସମୁଦାୟ; ବି°. ସ୍ଥୂଳ ।
ମୋଟକ—ବି. (ମୁଟ୍-ଘକ) ଶାଖାବରେ ପରେ୍ଯା-
ମୋଟା—ବି°. ସ୍ଥୂଳ । [ଜଗଣ୍ ଉପ୍ ଲଘୁଶବ୍ଦ୍ ।
ମୋଡ଼—ବି. ବାଙ୍କ । [ବିଶେଷ; ଯଥା ।
ମୋଡ଼ା—ବି. ବାଂଶ ଓ ବେତ ନିର୍ମିତ ଆସନ-
ମୋଡ଼ିବା—କ୍ରି. ବଙ୍କ କରିବା ।
ମୋଦ—ବି. (ମୁଦ୍-ଘ) ଆମୋଦ, ହର୍ଷ ।
ମୋଦକ—ବି. ( ମୁଦ୍-ଣିଚ୍-ଘକ ) ମିଷ୍ଟ ଔଷଧ-
ବିଶେଷ ।
ମୋଦନ—ବି°. (ମୁଦ୍-ଣିଚ୍-ଅ) ଆହ୍ଲାଦନ ।
ମୋପୀ—ବି. ଏକଳ ଜାଲ୍ ଉପର ବାଂଶଖାସ୍ତ୍ର ।
ମୋଷ } ମୋଷଣ } ବି. (ମୁଷ୍-ଘ, ଅନ) ଅପହରଣ ।
ମୋହ—ବି. (ମୁହ୍-ଘ) ମୂର୍ଚ୍ଛା, ଅଜ୍ଞାନ, ମୂଢତା ।
ମୋହନ—ବି. ( ମୁହ୍-ଣିଚ୍-ଅନ ) ମୁଗ୍ଧକରଣ;
ବି°. ମୁଗ୍ଧକାରୀ; ମୋହଜନକ ।
ମୋହର—ବି. ସ୍ୱର୍ଣ୍ଣମୁଦ୍ରା । [ମୁଗ୍ଧ ।
ମୋହିତ—ବି°. ( ମୋହ-ଇତ ) ମୋହପ୍ରାପ୍ତ ;
ମୋହିନୀ—ବି°. (ମୋହ-ଇନ୍-ଈ) ମୁଗ୍ଧକାରିଣୀ ।
ମୋହିବା—କ୍ରି. ମୋହିତ କରିବା ।
ମୌକୁଳି—ବି. ବାୟସ, କାକ ।
ମୌକ୍ତିକ—ବି. ମୁକ୍ତା, ମୋତି । [ବାଚ୍ୟ ।
ମୌଖିକ—ବି°. ( ମୁଖ-ଇକ ) ମୁଖସମ୍ବନ୍ଧୀୟ;

ମୌଜ—ବି. ଆମୋଦ ପ୍ରମୋଦ ।
ମୌଜା—ବି. (ଆରବି) ଗ୍ରାମ ।
ମୌଞ୍ଜୀ—ବି. (ମୁଞ୍ଜ-ଅ-ଈ) ମୁଞ୍ଜତୃଣର ମେଖଳା ।
ମୌଢ୍ୟ—ବି. (ମୂଢ଼-ଯ) ମୂଢତା, ମୂର୍ଖତା ।
ମୌନ—ବି. (ମୁନି-ଅ) ତୁଷ୍ଣୀମ୍ଭାବ, ନୀରବତା ।
ମୌଳ—ବି°. (ମୌଳ-ଇନ) ମୌଳବୃଦ୍ଧାସ୍ ।
ମୌରସୀ—ବି°. ପୁରୁଷାନୁକ୍ରମେ ଚଳନ୍ତ ।
ମୌର୍ବୀ—ବି. (ମୂର୍ବା-ଅ-ଈ) ଧନୁର୍ଗୁଣ ।
ମୌଲବୀ—ବି. ମୁସଲମାନ୍ ପଣ୍ଡିତ ।
ମୌଲା—ବି. (ମାଲୁକଣ୍ଡକ) ସାମ୍ଭ ।
ମୌଳି—ବି. ଶିଖା, ଚୂଡ଼ା; ମୁକୁଟ; ମସ୍ତକ ।
ମୌଳିକ—ବି°. (ମୂଳ-ଇକ) ମୂଳସମ୍ବନ୍ଧୀୟ ।
ମୌଳିବା—କ୍ରି. ହାଲ୍କିଳିବା, ମୁଖ ଦେବା ।
ମ୍ରକ୍ଷଣ—ବି. (ମ୍ରକ୍ଷ୍-ଅନ) ଲେପନ ।
ମ୍ରଦିମା—ବି. (ମୃଦୁ-ଇମନ୍) ମୃଦୁତା ।
ମ୍ରିୟମାଣ—ବି°. (ମୃ-ଆନ) ମୃତପ୍ରାୟ; ଅବସନ୍ନ ।
ମ୍ଳାନ—ବି°. (ମ୍ଲୈ-ତ) ମଳିନ; ଶୁଷ୍କ ।
ମ୍ଳାନି—ବି. (ମ୍ଲୈ-ତି) ବିଷାଦ; ମାଳିନ୍ୟ ।
ମ୍ଲେଚ୍ଛ—ବି. (ମ୍ଲେଚ୍ଛ୍-ଅ) ଅସଭ୍ୟ ଜାତି ।

---

## ଯ

ବ୍ୟଞ୍ଜନବର୍ଣ୍ଣର ଷଡ଼୍ବିଂଶ ବର୍ଣ୍ଣ ।

ଯକୃତ୍—ବି. (ଯ-କୃ-କ୍ୱିପ୍) ପିତ୍ତାଶୟ ।
ଯକ୍ଷ—ବି. (ଯକ୍ଷ-ଘ) କୁବେରଙ୍କ ଦେବତାର ଅନୁଚର ।

ଯକ୍ଷ୍ମା — ବି. ( ଯକ୍ଷ-ମନ୍ ) କ୍ଷୟରୋଗ, ମାଂସକ୍ଷୟ କାରକରୋଗ ।

ଯଜନ — ବି. (ଯଜ୍-ଅନ୍) ଯଜ୍ଞକରଣ, ପୂଜନ ।

ଯଜମାନ — ବି. ( ଯଜ୍-ଆନ ) ଯଜ୍ଞକାରକ; ଯେ ବ୍ୟକ୍ତି ଦକ୍ଷିଣା ଦେଇ କର୍ମ କରାଏ ।

ଯଜୁଃ — ବି. ( ଯଜ୍-ଉସ୍ ) ଯଜୁର୍ବେଦ ।

ଯଜୁର୍ବେଦୀ — ବି. ଯଜୁର୍ବେଦଅନୁସାରେ କର୍ମକାରୀ ।

ଯଜ୍ଞ — ବି. (ଯଜ୍-ନ) ଯାଗ, ମଖ; ହୋମ ।

ଯଜ୍ଞ-ପଶୁ — ବି. ଯଜ୍ଞରେ ବଳିଦତ୍ତ ଅଶ୍ୱ ବା [ଛାଗ ।

ଯଜ୍ଞ-ବାଟ — ବି. ଯଜ୍ଞଭୂମି ।

ଯଜ୍ଞସୂତ୍ର — ବି. (ଯଜ୍ଞ-ସୂତ୍ର) ଯଜ୍ଞୋପବୀତ, ପଇତା ।

ଯଜ୍ଞାରି — ବି. (ଯଜ୍ଞ-ଅରି) ରକ୍ଷସ ।

ଯଜ୍ବା — ବି. (ଯଜ୍-ବନ୍) ବିଧିପୂର୍ବକ ଯାଗକର୍ତ୍ତା ।

ଯତ — ବିଂ. (ଯମ୍-ତ) ସଂଯତ; ବଦ୍ଧ; ନିବୃତ୍ତ; ନିୟନ୍ତ୍ରିତ ।

ଯତମାନ — ବିଂ. (ଯତ୍-ଆନ) ଯତ୍ନଶୀଳ ।

ଯତାତ୍ମା — ବିଂ. (ଯତ-ଆତ୍ମନ୍) ସଂଯତଚିତ୍ତ ।

ଯତି — ବି. (ଯତ୍-ଇ) ତପସ୍ୱୀ, ସନ୍ନ୍ୟାସୀ; ଶ୍ଲୋକାଦିର ସ୍ୱରବିଶ୍ରାମ-ସ୍ଥାନ । [ମାଣ; ଅଳ୍ପ ।

ଯତ୍କିଞ୍ଚିତ୍ — ଅ. ( ଯଦ୍-କିଞ୍ଚିତ୍ ) ଅଳ୍ପ ପରି-

ଯତ୍ନ — ବି. (ଯତ୍-ନ) ଆଗ୍ରହ; ପରିଶ୍ରମ; ଉଦ୍ୟମ ।

ଯତ୍ର — ଅ. ( ଯଦ୍-ତ୍ର ) ଯେଉଁଠାରେ, ଯେଉଁ ସ୍ଥାନରେ । [ଯୋଗ୍ୟତା ।

ଯଥା — ଅ. ( ଯଦ୍-ଥା ) ଯେଉଁପରି, ଯାଦୃଶ;

ଯଥାକଥଞ୍ଚିତ୍ — ଅ. ଯେ କୌଣସି ପ୍ରକାରେ ।

ଯଥାକ୍ରମ — କ୍ରି. ବି. (ଯଥା-କ୍ରମ) କ୍ରମାନୁସାରେ ।

ଯଥାତଥ — ବିଂ. ( ଯଥା-ତଥା ) ଯଥାଯୋଗ୍ୟ; ଯଥାର୍ଥ ।

ଯଥାଯଥ — ବିଂ. (ଯଥା-ଯଥା) ଯଥାଯୋଗ୍ୟ ।

ଯଥାର୍ଥ — ବିଂ. (ଯଥା-ଅର୍ଥ) ସତ୍ୟ, ଉଚିତ ।

ଯଥା-ବିଧି — କ୍ରି. ବି. ବିଧିଅନୁସାରେ ।

ଯଥା-ଶକ୍ତି — କ୍ରି. ବି. ଶକ୍ତିଅନୁସାରେ, ଯଥା-ସାଧ୍ୟ । [ସ୍ୱେଚ୍ଛାଚାର ।

ଯଥେଚ୍ଛାଚାର — ବି. ( ଯଥା-ଇଚ୍ଛା-ଆଚାର )

ଯଥେଷ୍ଟ — କ୍ରି. ବି. (ଯଥା-ଇଷ୍ଟ) ଯଥାଆବଶ୍ୟକ, ଇଚ୍ଛାନୁରୂପ; ପ୍ରଚୁର । [ଯଥୋପଯୁକ୍ତ ।

ଯଥୋଚିତ — ବିଂ. (ଯଥା-ଉଚିତ) ଯଥାଯୋଗ୍ୟ;

ଯଦା — ଅ. (ଯଦ୍-ଦା) ଯେତେବେଳେ ।

ଯଦି — ଅ. ସମ୍ଭାବନା ବା ସଂଶୟ-ସୂଚକ ଅବ୍ୟୟ ।

ଯଦ୍ୱା — ଅ. ଅଥବା, ଅଥଚ ।

ଯଦୁ — ବି. ଚନ୍ଦ୍ରବଂଶୀୟ ନୃପବିଶେଷ ।

ଯଦୁ-ନାଥ — ବି. ଯଦୁବଂଶର ନାଥ, ଶ୍ରୀକୃଷ୍ଣ ।

ଯଦୃଚ୍ଛା — ବି. (ଯଦ୍-ଋଚ୍ଛ-ଆ) ସ୍ୱେଚ୍ଛା ।

ଯଦ୍ୟପି — ଅ. (ଯଦି-ଅପି) ଯଦି ।

ଯନ୍ତା — ବି. (ଯମ୍-ତୃ) ସାରଥି; ବିଂ. ଶାସନକାରକ ।

ଯନ୍ତ୍ର — ବି. ( ଯନ୍ତ୍ର-ଅ ) କଳ, ବାଦ୍ୟ-ବାଜଣାଦି କୌଶଳରେ ନିର୍ମିତ ଉପାୟ ।

ଯନ୍ତ୍ରଣା — ବି. (ଯନ୍ତ୍ର-ଅନ-ଆ) ଯାତନା, କ୍ଲେଶ ।

ଯନ୍ତ୍ରିତ — ବିଂ. (ଯନ୍ତ୍ର-ତ) ଶାସିତ, ଦମିତ ।

ଯନ୍ତ୍ରୀ — ବି. (ଯନ୍ତ୍ର-ଇନ୍) ଯନ୍ତ୍ରବାଦକ; ଉପଯନ୍ତ୍ରକାରୀ ।

ଯମ — ବି. ( ଯମ୍-ଅ ) ମୃତ୍ୟୁଦେବତା, କୃତାନ୍ତ, ଶମନ; ଚିତ୍ତବୃତ୍ତିର ନିରୋଧ ।

ଯମଜ-ବି. (ଯମ-ଜ) ଏକାଉଦରରୁ ଜାତ ଏକତ୍ର ।

ଯମଳ-ବିଂ. (ଯମ-ଳ) ଯୁଗ୍ମଜାତ, ଯାଆଁଳା, ଏକ ଗର୍ଭରୁ ଏକ ସମୟରେ ଉତ୍ପନ୍ନ ସନ୍ତାନଦ୍ୱୟ ।

ଯମ-ଦ୍ରୁମ-ବି. ଶାଳ୍ମଳୀବୃକ୍ଷ, ଶିମିଳୀଗଛ ।

ଯମଦ୍ୱିତୀୟା-ବି. କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା; ଭ୍ରାତୃ ଦ୍ୱିତୀୟା ।

ଯମନ-ବି. (ଯମ୍-ଅନ) ସଂଯମନ; ବନ୍ଧନ ।

ଯମରାଟ୍-ବି. ( ଯମ-ରାଜ୍-+-କ୍ୱିପ୍ ) ଶମନ, [କୃତାନ୍ତ ।

ଯମଳ-ବି. ଯୁଗ୍ମ, ଯାଆଁଳା ।

ଯମାନୀ-ବି. ଯୁଆଣି ।

ଯମୀ-ବିଂ. (ଯମ୍-ଇନ୍) ଜିତେନ୍ଦ୍ରିୟ ।

ଯମୁନା-ବି. ( ଯମ-ଉନ-ଆ ) କାଳିନ୍ଦୀନଦୀ; ଯମଭଗିନୀ ।

ଯଯାତି-ବି. ପୁରୁବଂଶୀୟ ନୃପବିଶେଷ ।

ଯବ-ବି. ( ଯୁ-ଅ ) ଶସ୍ୟବିଶେଷ; ଷଡ଼୍‌ଧାନ୍ୟ ପରିମାଣ; ଅଙ୍ଗୁଳିସ୍ଥ ଯବରେଖା ।

ଯବକ୍ଷାର-(ଯବ-କ୍ଷାର) ଯବଶାର ।

ଯବନ-ବି. (ଯୁ-ଅନ୍) ଅରବ, ତୁରସ୍କ ଓ ଗ୍ରୀସ୍ ଦେଶର ଲୋକ; ମୁସଲମାନ । [ଶର୍ଦ୍ଧା ।

ଯବନିକା-ବି. ( ଯବନ-କ-ଆ ) ଆଚ୍ଛାଦନୀ;

ଯବାଗୂ-ବି. ( ଯୁ-ଆଗୂ ) ଯବମଣ୍ଡ; ଜାଉ ।

ଯଶସ୍ୱୀ } ବିଂ. (ଯଶସ୍-ଇନ୍, ମତୁପ୍) ଖ୍ୟାତ-
ଯଶସ୍ୱାନ୍ } ପୁରୁଷ; କୀର୍ତ୍ତିମନ୍ତ ।

ଯଷ୍ଟି-ବି. ସ୍ତମ୍ଭ, ଲଙ୍ଗ ।

ଯଷ୍ଟିକ-ବି. ଷଷ୍ଠୀମଧୁ ।

ଯଶସ୍କର-ବିଂ. (ଯଶସ୍-କୃ-ଅ) ଯଶୋଜନକ ।

ଯଶସ୍ୱାନ୍-ବିଂ. (ଯଶସ୍-ବତୁ) ଖ୍ୟାତିମାନ୍ ।

ଯଶସ୍ୱୀ-ବିଂ. (ଯଶସ୍-ବିନ୍) କୀର୍ତ୍ତିମାନ୍, ଖ୍ୟାତ ।

ଯଶୋଧନ-ବିଂ. (ଯଶଃ-ଧନ) ଯଶସ୍ୱୀ ।

ଯଷ୍ଟା-ବି. (ଯଜ୍-ତୃ) ଯାଗକର୍ତ୍ତା, ପୁରୋହିତ ।

ଯଷ୍ଟି-ବି. ବାଡ଼ି, ଧ୍ୱଜାର ଦଣ୍ଡ ।

ଯଷ୍ଟି-ମଧୁ-ବି. ମିଷ୍ଟ ମୂଳବିଶେଷ ।

ଯା-ଦେ. (ଯାତୃଶବ୍ଦଜ) ଏଥର ଯତ୍ନଭାଗ୍ୟା ।

ଯାଆଁଳା-ବିଂ. ( ଯାମଳଶବ୍ଦଜ ) ଯମଜ, ଯୁଗ୍ମ-ଜାତ । [ସଙ୍କ ଯବ ଓ ଜଳରେ

ଯାଉ-ଦେ. ( ଯବାଗୂଶବ୍ଦଜ ) ଚୂର୍ଣ୍ଣ ଓ ଜଳରେ

ଯାଉଁଳି-ବି. (ଯାମଳଶବ୍ଦଜ) ଯୁଗ୍ମ ।

ଯାକ-ଅ. ସମୁଦାୟ, ବିଂ. ଉକ୍ତ ।

ଯାଚକା-କ୍ରି. ଚିହ୍ନି ଅଧିକ ।

ଯାଗ-ବି. (ଯଜ୍-ଅ) ଯଜ୍ଞ, ହୋମ । [ପ୍ରାର୍ଥୀ ।

ଯାଚକ-ବିଂ. (ଯାଚ୍-ଅକ) ଭିକ୍ଷୁ, ପ୍ରାର୍ଥନାକାରୀ,

ଯାଚନା } ବି. (ଯାଚ୍-ଅନ-ଆ, କ୍ତି-ଆ) ଭିକ୍ଷା,
ଯାଚ୍ଞା } ପ୍ରାର୍ଥନା ।

ଯାଚମାନ-ବିଂ. (ଯାଚ୍-ଆନଶ୍) ପ୍ରାର୍ଥକ ।

ଯାଚିତ-ବିଂ. (ଯାଚ୍-ତ) ପ୍ରାର୍ଥିତ ।

ଯାଜକ-ବି. (ଯଜ୍-ଅକ) ପୁରୋହିତ ।

ଯାଜନ-ବି. ( ଯାଜ-ଅନ ) ଯାଗ କରାଇବା ।

ଯାଜୀ-ବି. (ଯଜ୍-ଇନ୍) ଯାଜକ ।

ଯାଜ୍ଞବଲ୍କ୍ୟ-ବି. ( ଯଜ୍ଞ-ବଲ୍କ-ଯ ) ଧର୍ମଶାସ୍ତ୍ର-ପ୍ରଣେତା ମୁନିବିଶେଷ ।

ଯାଜ୍ଞସେନୀ-ସ୍ତ୍ରୀ. (ଯଜ୍ଞସେନ-ଅ-ଈ) ଦ୍ରୌପଦୀ ।
ଯାଜ୍ଞିକ-ବି. (ଯଜ୍ଞ-ଇକ) ଯଜ୍ଞକର୍ତ୍ତା; ପୁରୋହିତ ।
ଯାତ-ବିଂ. (ଯା-ତ) ଗତ ।
ଯାତ୍ର-ବି. (ଯାତ୍ରାଶବ୍ଦଜ) ଯାତ୍ରା, ପଥ ।
ଯାତନା-ବି. (ଯତ୍-ଣିଚ୍-ଅନ-ଆ) ତୀବ୍ର ବେଦନା, ଯନ୍ତ୍ରଣା ।
ଯାତା-ବି. (ଯାତୃଶବ୍ଦଜ) ଯା, ସ୍ୱାମୀର ଭ୍ରାତୃଜାୟା ।
ଯାତାୟାତ-ବି. (ଯାତ-ଆୟାତ) ଗମନାଗମନ ।
ଯାତୁଧାନ-ବି. (ଯାତୁ-ଧା-ଅନ) ରାକ୍ଷସ, ନିଶାଚର ।
ଯାତ୍ରା-ବି. (ଯା-ତ୍ର-ଆ) ପ୍ରସ୍ଥାନ, ଗମନ; ପର୍ବ ।
ଯାତ୍ରୀ-ବିଂ. (ଯାତ୍ରା-ଇନ୍) ଯାତ୍ରାକାରୀ ।
ଯାଥାତଥ୍ୟ-ବି. (ଯଥା-ତଥା-ଯ) ଯଥାର୍ଥତା, ସତ୍ୟତା ।    [ସତ୍ୟତା ।
ଯାଥାର୍ଥ୍ୟ-ବି. (ଯଥାର୍ଥ-ଯ) ଯଥାର୍ଥତା,
ଯାଦଃ-ବି. (ଯା-ଅସ୍-ଦ, ଅଦନ୍) ଜଳଚର ଜନ୍ତୁ ।
ଯାଦଃପତି-ବି. (ଯାଦସ୍-ପତି) ସମୁଦ୍ର; ବରୁଣ ।
ଯାଦବ-ବି. (ଯଦୁ-ଅ) ଶ୍ରୀକୃଷ୍ଣ, ଯଦୁବଂଶଜ; ବିଂ. ଯଦୁବଂଶୀୟ ।
ଯାଦୁ-ବି. ବଶୀକରଣବିଦ୍ୟା; ଭେଲକି ।
ଯାଦୃଚ୍ଛିକ-ବିଂ. (ଯଦୃଚ୍ଛା-ଇକ) ସ୍ୱେଚ୍ଛାକୃତ ।
ଯାଦୃଶ-ବିଂ. (ଯଦ୍-ଦୃଶ୍-ଅ) ଯେପରି, ଯେରୂପ ।
ଯାନ-ବି. (ଯା-ଅନ) ବାହନ; ରଥ, ଡୋଳୀ ।
ଯାପନ-ବି. (ଯା-ଣିଚ୍-ଅନ) କାଳକ୍ଷେପଣ ।
ଯାପିତ-ବିଂ. (ଯା-ଣିଚ୍-ତ) ଅତିବାହିତ ।
ଯାପ୍ୟ-ବିଂ. (ଯା-ଣିଚ୍-ଯ) ଯାପନୀୟ ।
ଯାମ-ବି. (ଯା-ମ, କର୍ମ ଯମ୍-ଅ) ପ୍ରହର ।
ଯାମ-ଘୋଷ-ବି. କୁକୁଡ଼ା; ଶୃଗାଳ ।
ଯାମଳ-ବି. (ଯମଳ-ଅ) ଯୁଗ୍ମ, ଯାଆଁଳା ।
ଯାମାତା-ବି. (ଜାୟା-ମା-ତୃ) ଦୁହିତୃପତି, ଜାମାତା, ଜ୍ୱାଇଁ ।
ଯାମି-ବି. ଭଗିନୀ; ଦୁହିତା; କୁଳବଧୂ ।
ଯାମିନୀ-ବି. (ଯାମ-ଇନ୍-ଈ) ରାତ୍ରି ।
ଯାମୀ-ବି. (ଯାମ-ଅ-ଈ) ଦକ୍ଷିଣଦିଗ୍ ।
ଯାମ୍ୟ-ବିଂ. (ଯମ-ଯ) ଦକ୍ଷିଣଦିଗ୍-ସମ୍ବନ୍ଧୀୟ ।
ଯାଯାବର-ବିଂ. (ଯା-ଯଙ୍-ବର) ସଦାଭ୍ରମଣ-
ଯାର-ବି. ଏକଥ ଭୁଷଣ ।    [ଶୀଳ ।
ଯାବକ-ବି. (ଯୁ-ଅ-କ) ଅଳକ୍ତକ, ଅଳତା ।
ଯାବଜ୍ଜୀବନ-ବି. (ଯାବତ୍-ଜୀବନ) ଜୀବନକାଳ ପର୍ଯ୍ୟନ୍ତ ।    [ଯେପର୍ଯ୍ୟନ୍ତ ।
ଯାବତ୍-ଅ. (ଯଦ୍-ବତୁ) ଯେତେ ପରିମାଣ;
ଯାବଦୀୟ-ବିଂ. (ଯାବତ୍-ଈୟ) ସମ୍ପୂର୍ଣ୍ଣ; ଯେତେ ସବୁ ।
ଯିୟକ୍ଷୁ-ବିଂ. (ଯଜ୍-ସନ୍-ଉ) ଯଜ୍ଞକରଣେଚ୍ଛୁ ।
ଯିୟାସୁ-ବିଂ. (ଯା-ସନ୍-ଉ) ଗମନେଚ୍ଛୁ ।
ଯୁଆନ-ବିଂ. (ଯୁବନ୍ ଶବ୍ଦଜ) ଯୁବା ।
ଯୁଆଳି-ବି. ( ଯୁଗଳଜ ) ଯୁଗ, ଶକଟ ବା ଲଙ୍ଗଳ ପ୍ରଭୃତିର ଅଙ୍ଗ ।
ଯୁକ୍ତ-ବିଂ. (ଯୁଜ୍-ତ) ସଂଯୋଗ, ଉପଯୁକ୍ତ; ମିଳିତ, ସଂଲଗ୍ନ ।    [କାରଣ ।
ଯୁକ୍ତି-ବି. (ଯୁଜ୍-ତି) ନ୍ୟାୟ; କାରଣ; ମନ୍ତ୍ରଣା;

ଯୁଗ—ବି. ( ଯୁଜ-ଅ ) ଯୁଗ୍ମ, ଯୋଡ଼ା ; ଜୁଆଳି ; ସତ୍ୟ, ତ୍ରେତା, ଦ୍ୱାପର, କଳି ଏହି ଚାରିକାଳ ।

ଯୁଗପତ୍—ଅ. ( ଯୁଗ-ପଦ୍ ) ଏକଦା, ଏକ ସମୟରେ ।

ଯୁଗଳ—ବି. (ଯୁଜ-ଅଳ) ଯୁଗ୍ମ, ଯୋଡ଼ା ।

ଯୁଗାନ୍ତ—ବି. (ଯୁଗ-ଅନ୍ତ) ପ୍ରଳୟକାଳ, ଯୁଗର ଅବସାନ ।

ଯୁଗ୍ମ—ବି. (ଯୁଜ୍-ମ) ଯୁଗଳ, ଯୋଡ଼ା ।

ଯୁଗ୍ୟ—ବି. (ଯୁଗ-ଯ) ଯାନବାହ୍ୟ ( ପଶୁ ) ।

ଯୁତ—ବି. ( ଯୁ-କ୍ତ ) ଯୁକ୍ତ, ମିଳିତ ।

ଯୁତି—ବି. (ଯୁ-ତି) ଯୋଗ, ମିଳନ ।

ଯୁଦ୍ଧ—ବି. (ଯୁଧ୍-କ୍ତ) ସଂଗ୍ରାମ, ରଣ ।

ଯୁଧିଷ୍ଠିର—ବି. ( ଯୁଧି-ସ୍ଥିର ) ପଞ୍ଚପାଣ୍ଡବଙ୍କର ଜ୍ୟେଷ୍ଠ, ଧର୍ମପୁତ୍ର ।

ଯୁଧ୍ୟମାନ—ବି. (ଯୁଧ୍-ଆନ) ଯୁଦ୍ଧରତ ।

ଯୁଯୁଧାନ—ବି. ଯୋଦ୍ଧା ।

ଯୁତ—ବି. ବଦ୍ଧ; ଲୁଣ୍ଠିତ ।  [ଯୌବନ ।

ଯୁବକ—ବି. (ଯୁବନ୍-କ) ଯୁବା, ତରୁଣ, ପ୍ରାପ୍ତ-

ଯୁବଜାନି—ବି. (ଯୁବତି-ଜାୟା) ଯୁବତି ଯାହାର ଜାୟା, ଯୁବତୀ ପତି ।

ଯୁବତି } ବି. ( ଯୁବନ୍-ତି, ଈ ) ପ୍ରାପ୍ତଯୌବନା
ଯୁବତୀ } ତରୁଣୀ ।

ଯୁବରାଜ—ବି. ( ଯୁବନ୍-ରାଜା ) ରାଜାର ଉତ୍-ତରାଧିକାରୀ ପୁତ୍ର ।

ଯୁବା—ବି. ( ଯୁ-ଅନ୍ ) ତରୁଣ, ୧୬ ଠାରୁ ୩୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ।

ଯୁଷ୍ମଦ୍—ସ. (ଯୁଷ୍-ମଦ୍) ତୁମ୍ଭେ, ମଧ୍ୟମ ପୁରୁଷ ।

ଯୁଷ୍ମଦୀୟ—ବି. (ଯୁଷ୍ମଦ୍-ଈୟ) ତୁମ୍ଭମାନଙ୍କ-ସମ୍ବନ୍ଧୀୟ ।

ଯୂକା—ବି. (ଯୁ+ଉକନ୍) ଉକୁଣି ।

ଯୂକି—ବି. ଜେଉଁଶପୋକ ।

ଯୂଥ—ବି. (ଯୁ-ଥ) ବନ୍ୟ ପଶୁର ଦଳ ।

ଯୂଥ-ପତି—ବି. ବନ୍ୟ-ପଶୁମାନଙ୍କର ପ୍ରଧାନ ।

ଯୂଥିକା } ବି. ଯୁଇଫୁଲ ।
ଯୂଥୀ }

ଯୂନୀ—ବି. (ଯୁବନ୍-ଈ) ତରୁଣୀ, ଯୁବତୀ ।

ଯୂପ—ବି. ( ଯୁ-ପ ) ଯଜ୍ଞୀୟ-ପଶୁବନ୍ଧନାର୍ଥ କାଷ୍ଠ-

ଯୂଷ—ବି. ଝୋଳ, ଯଣ, ରସ ।  [ସ୍ତମ୍ଭ ।

ଯେ } ସ-. (ଯଦ୍ ଶବ୍ଦ) ବହିର୍ଭୂତ ବୋଧକ
ଯେଉଁ } ବ୍ୟକ୍ତି ବା ବସ୍ତୁ ।

ଯେଉଁଠି—ବି. ସ୍ଥଳବିଶେଷ ।

ଯେଉଁଠାରେ—କ୍ରି. ବି. ଯେ ସ୍ଥାନରେ ।

ଯେତେ—କ୍ରି. ବି. ( ଯଦ୍ଶବ୍ଦ ) ଯେତିକି ପରି-

ଯେତିକି—ଅ. ଯେତିକି ଏକକ ।  [ମାଣରେ ।

ଯେତେକ—ବି. ଯତ୍ପରିମାଣ, ଯାବତ୍ସଂଖ୍ୟକ ।

ଯେତେବେଳେ—କ୍ରି. ବି. ଯେଉଁ ସମୟରେ ।

ଯେମନ୍ତ—କ୍ରି. ବି. ( ଯଦ୍ଶବ୍ଦ ) ଯେପରି, ଯେ

ଯେବଣ—ଅ. ଯେଉଁ ଯେଉଁ ।  [ପ୍ରକାର ।

ଯେବେ—ଅ. ଯଦି । କ୍ରି. ବି. ଯେତେବେଳେ ।

ଯେସନି—ଅ. ଯେପରି ।

ଯେଣୁ—ଅ. ଯେହେତୁ ।

ଯେଣିକେ-ଅ., ସେମନ୍ତେ ।

ଯୋକ-ବି. ଜୋକିବା ।

ଯୋକ୍ତା-ବିଂ. (ଯୁଜ୍-ତୃ) ଯୋଗକର୍ତ୍ତା ।

ଯୋକ୍ତ୍ର-ବି. (ଯୁଜ୍-ତ୍ର) ହଳବନ୍ଧନ ରଜ୍ଜୁ, ଯୋତ

ଯୋଗିବା-କ୍ରି. ଯୋଗିଦେବା । [ଦେଶଜ ।

ଯୋଗ-ବି. (ଯୁଜ୍-ଘ) ମିଳନ, ଧ୍ୟାନ; ଶୁଭକାଳ; ଜୀବାତ୍ମା ଓ ପରମାତ୍ମାର ସଂଯୋଗ; ଉପାୟ ।

ଯୋଗ-ଆକର୍ଷଣ-ବି. ଯେଉଁ ଆକର୍ଷଣ ଦ୍ୱାରା ପରମାଣୁ ସବୁ ଏକତ୍ର ହୁଏ ।

ଯୋଗ-କ୍ଷେମ ବି. ଅଲବ୍ଧ ବସ୍ତୁର ଲାଭ ଓ ଲବ୍ଧ ବସ୍ତୁର ରକ୍ଷା । [ଦ୍ୱନ୍ଦ୍ୱ ।

ଯୋଗ-ନିଦ୍ରା-ବି. ଈଶ୍ୱରଙ୍କ ଦେହସ୍ଥ-ନିଦ୍ରାଭଙ୍ଗ

ଯୋଗମାୟା-ବି. ଦୁର୍ଗା; ସଂସାର ମାୟା ।

ଯୋଗ-ରୂଢ଼ ବିଂ. ବିଶିଷ୍ଟ ଅର୍ଥରେ ପ୍ରଯୁକ୍ତ ।

ଯୋଗ-ବାହି-ବି. ଅନୁସ୍ୱାର ଓ ବିସର୍ଗ ।

ଯୋଗାଢ଼ି-ବି. ( ଯୋଗଃ-ଷଡ଼ ) କର୍ଣ୍ଣବେଧର ଉପାୟ ।

ଯୋଗାସନ-ବି. ( ଯୋଗ-ଆସନ ) ଧ୍ୟାନର ଆସନ । [ସଂଜ୍ଞା ତତ୍ପୁରୁଷ ।

ଯୋଗିନୀ-ବି. ଯୋଗକାରିଣୀ ନାରୀ; ଦେବ

ଯୋଗୀ-ବି. ( ଯୁଜ୍-ଇନ୍ ) ତପସ୍ୱୀ, ସନ୍ନ୍ୟାସୀ ।

ଯୋଗ୍ୟ-ବିଂ. ( ଯୁଜ୍-ଯ ) ସମର୍ଥ; ଉପଯୁକ୍ତ; କୁଶଳ ।

ଯୋଗ୍ୟ-ତା-ବି. ଉପଯୁକ୍ତତା; କ୍ଷମତା ।

ଯୋଜକ-ବି. (ଯୁଜ୍-ଣିଚ୍-ଅକ) ମିଳନକାରକ; ଦୁଇ ବସ୍ତୁକୁ ଉଭୟର ମିଳନକାରକ ।

ଯୋଜନ-ବି. (ଯୁଜ୍-ଅନ) ଚାରିକୋଶ ପରିମାଣ ।

ଯୋଜନା-ବି. ( ଯୁଜ୍-ଅନ-ଆ ) ଏକତ୍ରକରଣ; ସଂଯୋଗ ।

ଯୋଜିତ-ବିଂ. (ଯୁଜ୍-ଣିଚ୍-ତ) ମିଳିତ; ଯୁକ୍ତ ।

ଯୋଡ଼-ବି. ଯୁଗ୍ମ, ମିଳନ ।

ଯୋଡ଼ା-ବି. ଯୁଗ୍ମ, ଯୁଗଳ ।

ଯୋଡ଼ିବା-କ୍ରି. ଏକତ୍ର କରିବା ।

ଯୋତ-ବି. ( ଯୋକ୍ତ୍ରଶବ୍ଦଜ ) ଲଙ୍ଗଳ ବନ୍ଧନ ରଜ୍ଜୁ, ଯୋତ ଦଉଡ଼ି ।

ଯୋଡ଼ି-ବି. କର୍ଣ୍ଣଭୂଷା ।

ଯୋଦ୍ଧା-ବିଂ. (ଯୁଧ୍-ତୃ) ଯୁଦ୍ଧକାରକ; ବୀର ।

ଯୋଧ-ବି. (ଯୁଧ୍-ଅ) ଯୋଦ୍ଧା ।

ଯୋନି-ବି. ( ଯୁ-ନି ) ଉତ୍ପତ୍ତିସ୍ଥାନ ; କାରଣ । ସ୍ତ୍ରୀ ଚିହ୍ନ ।

ଯୋଷା }
ଯୋଷିତ୍ } ବି. (ଯୁଷ୍-ଅ,ଇତ) ନାରୀ ।

ଯୌକ୍ତିକ-ବିଂ. (ଯୁକ୍ତି-ଇକ) ଯୁକ୍ତିଯୁକ୍ତ, ଯୁକ୍ତିସଙ୍ଗତ ।

ଯୌଗିକ-ବିଂ. ( ଯୋଗ-ଇକ ) ଯୋଗଜାତ; ବ୍ୟାକରଣରେ ପ୍ରକୃତି ଓ ପ୍ରତ୍ୟୟ ଦ୍ୱାରା ଅର୍ଥ-ବାଚକ । [ଧାତୁ ।

ଯୌତୁକ-(ଯୁ-ତୁ-କ) ବିବାହକାଳରେ ଦତ୍ତ

ଯୌନ-ବି. ( ଯୋନି-ଅ ) ଯୋନିସମ୍ବନ୍ଧୀୟ ; ବିବାହସମ୍ବନ୍ଧୀୟ । [ବିଶ୍ୱ ।

ଯୌବନ-ବି. ( ଯୁବନ୍-ଅ ) ତାରୁଣ୍ୟ, ତରୁଣା-

ଯୌବରାଜ୍ୟ-ବି. ( ଯୁବରାଜ-ଯ ) ଯୁବରାଜର ପଦ ।

# ର

ବ୍ୟଞ୍ଜନବର୍ଣ୍ଣର ସପ୍ତବିଂଶ ବର୍ଣ୍ଣ ।

ରଂହଃ—କ୍ଲୀ. (ରହ୍-ଅସ୍) ବେଗ, ଶୀଘ୍ରତା ।
ରକମ—ବି. (ଆରବୀ) ପ୍ରକାର ।
ରକା—ବି. ବାଦ୍ୟଯନ୍ତ୍ରବିଶେଷ ।
ରକ୍ତ—ବି. (ରଞ୍ଜ୍-କ୍ତ) ଲୋହିତ, କୁଙ୍କୁମ; ବି. ରଞ୍ଜିତ; ଲୋହିତ; ଅନୁରକ୍ତ ।
ରକ୍ତ-କଣ୍ଠ—ବି. ମଧୁରସ୍ୱରଯୁକ୍ତ ।
ରକ୍ତ-ଚନ୍ଦନ—ବି. ରକ୍ତବର୍ଣ୍ଣ ଚନ୍ଦନବୃକ୍ଷ ଓ କାଷ୍ଠ ।
ରକ୍ତପିତ୍ତ—ବି. ରକ୍ତବମନ-କାଶ୍ୟ ରୋଗ ।
ରକ୍ତ-ବୀଜ—ବି. ଦୈତ୍ୟବିଶେଷ ।
ରକ୍ତାକ୍ତ—ବି. (ରକ୍ତ-ଅକ୍ତ) ଶୋଣିତ-ଲିପ୍ତ ।
ରକ୍ତିମା—ସ୍ତ୍ରୀ. (ରକ୍ତ-ଇମନ୍) ଲୋହିତବର୍ଣ୍ଣ, ଲାଲ ରଙ୍ଗ । [ବର୍ଣ୍ଣ ।
ରକ୍ଷକ—ବି. (ରକ୍ଷ୍-ଅକ) ରକ୍ଷାକର୍ତ୍ତା, ପାଳନ-
ରକ୍ଷଣ—ବି. (ରକ୍ଷ୍-ଅନ) ପାଳନ, ପରିତ୍ରାଣ ।
ରକ୍ଷଣୀୟ—ବି. (ରକ୍ଷ୍-ଅନୀୟ) ରକ୍ଷା କରିବାର
ରକ୍ଷଃ—ବି. (ରକ୍ଷ-ଅସ୍) ରାକ୍ଷସ । [ଯୋଗ୍ୟ ।
ରକ୍ଷା—ବି. (ରକ୍ଷ-ଅ-ଆ) ପାଳନ ।
ରକ୍ଷିତ—ବି. ପାଳିତ ।
ରକ୍ଷୀ—ବି. (ରକ୍ଷ-ଇନ୍) ରକ୍ଷାକାରୀ ।
ରଖିବା—କ୍ରି. (ରକ୍ଷଧାତୁରୁ) ଥୋଇବା; ରକ୍ଷା କରିବା ।
ରଗ—ବି. କପାଳ ପାର୍ଶ୍ୱସ୍ଥ ଶିର ।
ରଗଡ଼ିବା—କ୍ରି. ଶିଳ ବା ଚକିଆରେ ଘଷିବା ।

ରଘୁ—ବି. (ଲଙ୍ଘ୍-ଉ) ସୂର୍ଯ୍ୟବଂଶୀୟ ଦିଲୀପ ରାଜାଙ୍କର ପୁତ୍ର ।
ରଘୁ-ନାଥ / ରଘୁପତି—ବି. ଦଶରଥ ପୁତ୍ର ରାମଚନ୍ଦ୍ର ।
ରଙ୍କ—ବି. (ରଙ୍କ୍-ଅ) କୃପଣ; ଦରିଦ୍ର; ଭେକ ।
ରଙ୍କୁ—ବି. (ରମ୍-କୁ) ମୃଗବିଶେଷ । [ହରିଣୀ ।
ରଙ୍କିଣୀ—ସ୍ତ୍ରୀ. (ରଙ୍କ୍-ଇଣୀ) କୃପଣା ସ୍ତ୍ରୀ; ଦରି-
ରଙ୍ଗ—ବି. (ରଞ୍ଜ୍-ଅ) ଧାତୁବିଶେଷ; ବର୍ଣ୍ଣ; ନାଟ୍ୟଶାଳା; ଅନୁରାଗ; ବିଳାସ ।
ରଙ୍ଗଣୀ—ବି. ଗୁଳ୍ମବିଶେଷ; ଅନୁରାଗୀ ନାଚ-
ରଙ୍ଗ-ଭୂମି—ବି. ନାଟ୍ୟଶାଳା । [ବିଶେଷ ।
ରଙ୍ଗା—ବି. ଲାଲ; ରଞ୍ଜିତ ।
ରଙ୍ଗାଜୀବ—ବି. (ରଙ୍ଗ-ଆଜୀବ) ଚିତ୍ରକାର; ନାଟ୍ୟକାରକ ।
ରଙ୍ଗିଣୀ—ସ୍ତ୍ରୀ. (ରଙ୍ଗ-ଇନ୍-ଈ) ନାୟିକା ।
ରଙ୍ଗିମା—ସ୍ତ୍ରୀ. ନାନାବର୍ଣ୍ଣ ଅଧିକଶୋଭା ।
ରଚକ—ବି. (ରଚ୍-ଅକ) ରଚନାକାରକ, ରଚୟିତା । [ବାକ୍ୟବିନ୍ୟାସ; ଗୁନ୍ଥିବା ।
ରଚନା—ସ୍ତ୍ରୀ. (ରଚ୍-ଅନ-ଆ) ନିର୍ମାଣ; ବିନ୍ୟାସ,
ରଚୟିତା—ବି. (ରଚ୍-ଣିଚ୍-ତୃ) ରଚନାକର୍ତ୍ତା; ନିର୍ମାତା ।
ରଚୟିତ୍ରୀ—ସ୍ତ୍ରୀ. (ରଚୟିତୃ-ଈ) ରଚନାକର୍ତ୍ତ୍ରୀ ।
ରଚିତ—ବି. (ରଚ୍-ଣିଚ୍-ତ) କୃତ; ନିର୍ମିତ; ଗଠିତ ।
ରଜ / ରଜଃ—ବି. (ରଞ୍ଜ୍-ଅ, ଅସ୍) ଧୂଳି; ସ୍ତ୍ରୀରଜଃ; ସ୍ତ୍ରୀଲୋକଙ୍କର ଋତୁ; ଅହଙ୍କାରପ୍ରବର୍ତ୍ତକ ଗୁଣବିଶେଷ ।

ରଙ୍ଗିକ-ବି. ( ରଞ୍ଜ୍-ଅକ ) ଘୋଡ଼ା ।
ରଜକୀ-ବି. (ରଜକ-ଈ) ଧୋବଣୀ । [ବର୍ଣ ।
ରଜତ-ବି. (ରଞ୍ଜ୍-ଅତ) ରୌପ୍ୟ; ବି. ଶୁଭ୍ର-
ରଜନି } ବି. (ରଞ୍ଜ୍-ଅନି, ଅନୀ) ନିଶା, ରାତ୍ରି;
ରଜନୀ } ହରିଦ୍ରା ।
ରଜନୀ-ଗନ୍ଧା-ବି. ଶ୍ୱେତବର୍ଣ ପୁଷ୍ପବିଶେଷ ।
ରଜନୀ-ମୁଖ-ବି. ପ୍ରଦୋଷ, ସନ୍ଧ୍ୟାକାଳ ।
ରଜସ୍ୱଳା-ବି. ( ରଜସ୍-ବଳ୍-ଆ ) ଋତୁମତୀ ।
ରଜ୍ଜୁ-ବି. ରସି; ଦଉଡ଼ି । [କାରକ ।
ରଞ୍ଜକ-ବି. (ରଞ୍ଜ୍-ଅକ) ରଙ୍ଗକାରକ; ପ୍ରୀତି-
ରଞ୍ଜନ-ବି. (ରଞ୍ଜ୍-ଅନ) ରଙ୍ଗ କରିବା; ସନ୍ତୁଷ୍ଟ କରଣ; ବି. ପ୍ରୀତିଜନକ । ସନ୍ତୋଷିତ ।
ରଞ୍ଜିତ-ବି. ( ରଞ୍ଜ୍-ତ ) ରଙ୍ଗା, ରଙ୍ଗଦିଆ;
ରଟନ } ବି. (ରଟ୍-ଅନ-ଆ) ଘୋଷଣା, ଉଚ୍ଚାର,
ରଟନା } କଥନ ।
ରଟିତ-ବି. ଘୋଷିତ ।
ରଟିବା-କ୍ରି. (ରଟ୍ଧାତୁଜ) ଘୋଷଣା କରିବା ।
ରଡ଼ି-ବି. କ୍ରନ୍ଦନ, ବି. ଅଦ୍ଭୁତ ।
ରଡ଼ି-ବି. (ରଡ୍ଧାତୁଜ) ଡାକ । [ଖଣ୍ଡିବା ।
ରଡ଼ିବା-କ୍ରି. ଡାକ ପକାଇବା, ଚିତ୍କାରରେ ଶବ୍ଦ
ରଣ-ବି. ( ରଣ୍-ଅ ) ଯୁଦ୍ଧ, ସମର ।
ରଣପା-ବି. ଗୋଡ଼ରେ ବାନ୍ଧି ଚାଲିବାର କାଷ୍ଠ-ବିଶେଷ ।
ରଣ-ଭେରୀ-ବି. ରଣରେ ଶବ୍ଦକର ଓ ପଟହ ।
ରଣାଙ୍ଗନ-ବି. (ରଣ-ଅଙ୍ଗନ) ଯୁଦ୍ଧଭୂମି ।
ରଣିତ-ବି. ଶବ୍ଦିତ ।
ରଣ୍ଡା-ବି. ବିଧବା; ବେଶ୍ୟା ।
ରତ-ବି. (ରମ୍-ତ) ଆସକ୍ତ; ବି. ରମଣ ।
ରତି-ବି. (ରମ୍-ତି) କାମପତ୍ନୀ; ଆସକ୍ତି; କ୍ରୀଡ଼ା; ରମଣ; ପ୍ରୀତି; ୪ ଧାନ ପରିମାଣ ।
ରତ୍ନ-ବି. ( ରମ୍-ନ ) ମଣିମୁକ୍ତା ପ୍ରବାଳାଦି ବହୁ-ମୂଲ୍ୟ ଉଜ୍ଜ୍ୱଳ ବସ୍ତୁ । ; ବଡ଼ ଶ୍ରେଷ୍ଠ ।
ରତ୍ନଗର୍ଭା-ବି (ରତ୍ନ-ଗର୍ଭ-ଆ) ପୃଥିବୀ; ପୃଥ୍ୱୀ-
ରତ୍ନାକର ବି. ( ରତ୍ନ-ଆକର ) ସମୁଦ୍ର; ରତ୍ନ-ଖଣି ।
ରତ୍ନାବଳୀ-ବି. (ରତ୍ନ-ଆବଳୀ) ରତ୍ନର ହାର ।
ରଥ-ବି. (ରମ୍-ଥ) ସ୍ୟନ୍ଦନ, ଶକଟାଦିଯାନ ।
ରଥ-ଯାତ୍ରା-ବି. ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ପ୍ରସିଦ୍ଧ ଉତ୍ସବ । [ଘଣ୍ଟା ।
ରଥାଙ୍ଗ-ବି. ( ରଥ-ଅଙ୍ଗ ) ଚକ୍ର; ଚକ୍ରବାକ
ରଥୀ-ବି. ( ରଥ-ଇନ୍ ) ରଥାରୂଢ଼ବ୍ୟକ୍ତି; ରଥସ୍ଥ
ରଥ୍ୟା-ବି. ପଥ, ବର୍ତ୍ମ । [ଯୋଦ୍ଧା ।
ରଦ } ବି. ( ରଦ୍-ଅ-ଅନ ) ଦନ୍ତ, ଦାନ୍ତ;
ରଦନ } ଖଣ୍ଡନ ।
ରଦି-ବି. ସରକାରଙ୍କ ଦ୍ୱାରା ନିଷିଦ୍ଧ ବା ନଷ୍ଟକୃତ ।
ରନ୍ଧନ-ବି. ( ରଧ୍-ଅନ ) ପାକ, ପଚନ ।
ରନ୍ଧ୍ର-ବି. (ରଧ୍-ର-ଅ) ଛିଦ୍ର । [ପ୍ରଭେଦ ।
ରପ୍ତାନି-ବି. ( ଫାର୍ସୀ ) ବିଦେଶକୁ ଚାଲାଣ
ରଫା-ବି. ( ଫାର୍ସୀ ) ଆପୋଷରେ ନିଷ୍ପତ୍ତି ।
ରଭସ-ବି. ( ରଭ୍-ଅସ ) ବେଗ; ହର୍ଷ ।

ରମ–ବି. ( ରମ୍-ଣିଚ୍-ଅ ) ଆନନ୍ଦଦାୟକ ।

ରମଠ–ବି. ହିଙ୍ଗୁ ।

ରମଣ–ବି. (ରମ୍-ଣିଚ୍-ଅନ ) ପତି; ବି. ପ୍ରିୟ ।

ରମଣୀ–ବି. ସୁନ୍ଦରୀ ସ୍ତ୍ରୀ; ପତ୍ନୀ ।

ରମଣୀୟ–ବି. ( ରମ୍-ଣିଚ୍-ଅନୀୟ ) ସୁନ୍ଦର, ମନୋହର ।

ରମା–ବି. (ରମ୍-ଣିଚ୍-ଅ-ଆ) ଲକ୍ଷ୍ମୀ ।

ରମା-ଧବ–ବି. ବିଷ୍ଣୁ ।

ରମ୍ଭା–ବି. କଦଳୀ; ଅପ୍ସରାବିଶେଷ ।

ରମ୍ୟ–ବି. ( ରମ୍-ଯ ) ସୁନ୍ଦର, ମନୋହର ।

ରୟ–ବି. (ରୟ୍-ଅ) ବେଗ; ସ୍ରୋତ ।

ରବ–ବି. ( ରୁ-ଅ ) ଶବ୍ଦ, ଧ୍ୱନି ।

ରବାବ–ବି. ଏକପ୍ରକାର ବୀଣା ।

ରବି–ବି. ସୂର୍ଯ୍ୟ; ବୃଷ୍ଟି ବିନା ସୂର୍ଯ୍ୟତାପ ଦ୍ୱାରା ବର୍ଦ୍ଧିତ ଶସ୍ୟ; ଶୀତକାଳର ଶସ୍ୟ ।

ରଭସ–ବି. (ରଭ-ଅସ୍-ଅ) ବେଗ; ହର୍ଷ ।

ରବି-କାରି–ଅବ୍ୟବାର, ଅବକାଶ-କାଳର ।

ରଶନା–ବି. (ରଶ୍-ଅନ-ଆ) ନାରୀର କଟିଭୂଷଣ; ମେଖଳା ।

ରଶ୍ମି–ବି. କିରଣ; ରଜ୍ଜୁ; ଲଗାମ ।

ରସ–ବି. ( ରସ୍-ଅ ) ରସନେନ୍ଦ୍ରିୟ-ଗ୍ରାହ୍ୟ ବସ୍ତୁ; ଆସ୍ୱାଦ; ଚିତ୍ତର ଆନନ୍ଦ; ଅନୁରାଗ; ସୁଖ; ଦ୍ରବବସ୍ତୁ; ପାରଦ ।

ରସଜ୍ଞ–ବି. ( ରସ-ଜ୍ଞା-ଅ ) ସ୍ୱାଦଜ୍ଞାତା; ରସିକ; ଭାବୁକ ।

ରସନା–ବି. (ରସ-ଅନ-ଆ) ଜିହ୍ୱା ।

ରସନେନ୍ଦ୍ରିୟ–ବି. (ରସନା-ଇନ୍ଦ୍ରିୟ) ଜିହ୍ୱା ।

ରସ-ମୟ–ବି. ରସପୂର୍ଣ୍ଣ; ରସାତ୍ମକ ।

ରସା–ବି. ପୃଥିବୀ ।

ରସାଞ୍ଜନ–ବି. ଏକପ୍ରକାର କଜ୍ଜଳ, ସୁର୍ମା ।

ରସାଣିବା–କ୍ରି. ଶାଣ ଦ୍ୱାରା ଉଜ୍ଜ୍ୱଳ କରିବା ।

ରସା-ତଳ–ବି. ପାତାଳ ।

ରସାୟନ–ବି. (ରସ-ଅୟନ) ଜରାନାଶକ ସର୍ବ-ରୋଗ-ପ୍ରତିଷେଧକ ଔଷଧ; ପଦାର୍ଥମାନଙ୍କର ସଂଯୋଗ ଦ୍ୱାରା ଉତ୍ପନ୍ନ ପଦାର୍ଥର ଗୁଣାନ୍ତର ବା ରୂପାନ୍ତର ପ୍ରାପ୍ତି । ଯେଉଁ ବିଦ୍ୟା ଦ୍ୱାରା ଏହାସବୁ ବିଷୟର ଜ୍ଞାନ ଲବ୍ଧ ହୁଏ, ତାହାକୁ ରସାୟନ-ବିଦ୍ୟା କୁହାଯାଏ ।

ରସାଳ–ବି. ଆମ୍ବ, ବି. ରସଯୁକ୍ତ ।

ରସିକ–ବି. (ରସ-ଇକ) ରସଜ୍ଞ, ନାଗର; ସ୍ତ୍ରୀ- [ ରସିକା ।

ରସିକତା–ବି. ରସବୋଧ ।

ରସିତ–ବି. (ରସ୍-ତ) ସ୍ୱାଦିତ; ଶବ୍ଦିତ; ଲିପ୍ତ ।

ରସୁନ, ରସୋନ–ବି. ରସୁଣ ।

ରସେନ୍ଦ୍ର–ବି. (ରସ-ଇନ୍ଦ୍ର) ପାରଦ ।

ରହଟ–ବି. ଘୁଣ୍ଟୁଚକ । [ ବଂଶଜ ।

ରହସ୍ୟ–ବି. (ରହସ୍-ଯ) ଗୁପ୍ତତତ୍ତ୍ୱ; ବି. ଗୁପ୍ତ-

ରହିତ–ବି. ( ରହ୍-ତ ) ବର୍ଜିତ, ବଞ୍ଚିତ ।

ରହିବା–କ୍ରି. ଅବସ୍ଥାନ କରିବା ।

ରାନ୍ଧିବା–କ୍ରି. ଭାଙ୍ଗିବା ।

ରାଙ୍କା–ବି. ସୁଣ୍ଢା ଗଛ ।

ରାକ୍ଷସ–ବି. ଅସୁର, ନିଶାଚର ।

ରାକ୍ଷସ-ବିବାହ–ବି. ବଳପୂର୍ବକ ବିବାହ ।

ରାକ୍ଷସୀ—ବି. ଅସୁରୀ ।

ରାକ୍ଷା—ବି. ଲାକ୍ଷା ।  [ପ୍ରକାର ସ୍ୱର ।

ରାଗ—ବି. ଅନୁରାଗ; କ୍ରୋଧ; ସଂଗୀତରେ ଛଅ-

ରାଗିଣୀ—ବି. ସଂଗୀତରେ ୩୬ ପ୍ରକାର ସ୍ୱର ।

ରାଗୀ—ବି. ( ରାଗ-ଇନ୍ ) କ୍ରୋଧୀ ।

ରାଘବ—ବି. ( ରଘୁ-ଅ) ରାମଚନ୍ଦ୍ର ।

ରାଙ୍କବ—ବି. ( ରଙ୍କୁ-ଅ ) ମୃଗଲୋମ-ନିର୍ମିତ ।

ରାଜକ—ବି. (ରାଜନ୍-କ) ରାଜସମୂହ ।

ରାଜକୀୟ—ବି. ( ରାଜନ୍-ଈୟ ) ରାଜ-ସମ୍ବନ୍ଧୀୟ ।

ରାଜତ—ବି. (ରଜତ-ଅ) ରୌପ୍ୟ-ସମ୍ବନ୍ଧୀୟ ।

ରାଜ-ଦ୍ୱାର—ବି. ସିଂହଦ୍ୱାର, ରାଜ-ଘର ।

ରାଜ-ଦ୍ରୋହୀ—ବି. ରାଜାର ବିରୁଦ୍ଧରେ ଦ୍ରୋହ-

ରାଜ-ଧର୍ମ—ବି. ପ୍ରଜାପାଳନ-କର୍ମ ।  [କାରୀ ।

ରାଜ-ଧାନୀ—ବି. ( ରାଜନ୍-ଧା-ଅନ-ଈ ) ରାଜାର ପ୍ରଧାନ ନଗର ।

ରାଜ-ନୀତି—ବି. ରାଜ୍ୟ-ଶାସନ ସମ୍ବନ୍ଧୀୟ ନୀତି ।

ରାଜନ୍ୟ—ବି. ( ରାଜନ୍-ଯ ) କ୍ଷତ୍ରିୟ; ସାମନ୍ତ-ନୃପତି ।

ରାଜ-ପଥ—ବି. ରାଜମାର୍ଗ; ପ୍ରଶସ୍ତ ମାର୍ଗ ।

ରାଜ-ପୁରୁଷ—ବି. ରାଜ-କର୍ମଚାରୀ ।

ରାଜ-ଯକ୍ଷ୍ମା—ବି. ମହାକ୍ଷୟରୋଗ ।

ରାଜର୍ଷି—ବି. ( ରାଜନ୍-ଋଷି ) ରାଜା ଅଥଚ ଋଷି ।

ରାଜସ, ରାଜସିକ—ବି. ( ରଜସ୍-ଅ, ଇକ ) ରଜୋଗୁଣପ୍ରଧାନ ।  [ଯଜ୍ଞ-ବିଶେଷ ।

ରାଜସୂୟ—ବି. (ରାଜନ୍-ସୂ-ଯ) ସମ୍ରାଟଙ୍କ ସମ୍ପାଦ୍ୟ

ରାଜସ୍ୱ—ବି. ରାଜ-ପ୍ରାପ୍ୟ ଧନ ; ରାଜ-କର ।

ରାଜ-ହଂସ—ବି. ଶୁକ୍ଳବର୍ଣ୍ଣ ହଂସବିଶେଷ; ରକ୍ତ-

ରାଜା—ବି. (ରାଜ୍-ଅନ୍) ନୃପତି ।  [ହଂସ ।

ରାଜାଧିରାଜ—ବି. ( ରାଜନ୍-ଅଧିରାଜ ) ସମ୍ରାଟ୍ ।

ରାଜି ବି. ଶ୍ରେଣୀ; ସମୂହ ।

ରାଜି—ବି. (ଆରବୀ) ସମ୍ମତ ।

ରାଜିତ—ବି. ( ରାଜ୍—ତ ) ଶୋଭିତ ।

ରାଜିଲ—ବି. ଧଣ୍ଡସାପ ।

ରାଜୀବ—ବି. ପଦ୍ମ ।

ରାଜ୍ଞୀ—ବି. (ରାଜନ୍-ଈ) ରାଣୀ, ରାଜ-ପତ୍ନୀ ।

ରାଜ୍ୟ—ବି. (ରାଜନ୍-ଯ) ରାଜ-ଶାସିତ ଦେଶ ।

ରାଜ୍ୟ-ତନ୍ତ୍ର—ବି. ରାଜ୍ୟ-ଶାସନ-ପ୍ରଣାଳୀ ।

ରାଜ୍ୟାଙ୍ଗ—ବି. (ରାଜ୍ୟ-ଅଙ୍ଗ) ରାଜା, ମନ୍ତ୍ରୀ, ମିତ୍ର, ଧନ, ଦେଶ, ଦୁର୍ଗ, ସୈନ୍ୟ, ପ୍ରଜା ଏହି ଆଠ ଅଙ୍ଗ ।

ରାଡ଼ି—ବି. କୃପଣ ।

ରାଢ଼ି—ବି. ଏକ ପ୍ରକାର ବୈଦୂର୍ଯ୍ୟ ।

ରାତୀ—ବି. ପଥ ।

ରାଣା—ବି. (ରାଜନ୍‌ଶବ୍ଦ) ରାଜା ।

ରାଣୀ—ବି. (ରାଜ୍ଞୀଶବ୍ଦ) ରାଜମହିଷୀ ।

ରାଣ୍ଡୀ—ବି. (ରଣ୍ଡାଶବ୍ଦ) ବିଧବା ।

ରାଡ଼ି—ବି. (ରାଟିଶବ୍ଦ) ରାଢ଼ି, କଳି ।

ରାତି—ବି. ରାତ, ନିଶା ।

ରାଧା, ରାଧିକା—ବି. (ରାଧ୍-ଅ, ଇକ-ଆ) ନକ୍ଷତ୍ର-ବିଶେଷ; ଗୋପୀବିଶେଷ ।

ରାଧେୟ—ବି. ଅଧିରଥଙ୍କ ଜାୟା ରାଧା ପାଳିତ କର୍ଣ୍ଣ ନାମକ ସୁତ ।

ରାନ୍ଧିବା—କ୍ରି. ରନ୍ଧନ କରିବା ।

ରାମ—ବିଂ. (ରମ୍-ଣିଚ୍-ଅ) ସୁନ୍ଦର; ବି. ଦାଶରଥି ରାମଚନ୍ଦ୍ର; ପରଶୁରାମ; କୃଷ୍ଣଭ୍ରାତା ବଳରାମ ।

ରାମଣୀୟକ—ବି. (ରମଣୀୟ-କ) ଶୋଭା ।

ରାମା—ବି. ସୁନ୍ଦରୀ ସ୍ତ୍ରୀ ।

ରାମାୟଣ—ବି. ( ରାମ-ଅୟନ ) ବାଲ୍ମୀକିପ୍ରଣୀତ ରାମ-ସମ୍ବନ୍ଧୀୟ ମହାକାବ୍ୟ ।

ରାମ୍ପିବା—କ୍ରି. ଚଢାଇବା ।

ରାଲ—ବି. ଧୂଣା; ଅଲକାତରା ।

ରାବ—ବି. (ରୁ-ଅ) ରବ, ଶବ୍ଦ ।

ରାବଣ—ବି. ରାମଶତ୍ରୁ ଲଙ୍କାପତି ।

ରାବଣି—ବି. (ରାବଣ-ଇ) ରାବଣ-ପୁତ୍ର ଇନ୍ଦ୍ରଜିତ୍ ।

ରାଶ୍—ବି. (ରଶ୍ମି ଶବ୍ଦଜ) ଲଗାମ ।

ରାଶି—ବି. ସମଷ୍ଟି; ପୁଞ୍ଜ ।

ରାଶି—ବି. ଗଦା, ଢେର ।

ରାଶି-ଚକ୍ର—ବି. ମେଷାଦି ବାରଗ ରାଶିଯୁକ୍ତ ବୃତ୍ତ ।

ରାଶୀକୃତ—ବିଂ. ସ୍ତୂପୀକୃତ ।

ରାଷ୍ଟ୍ର—ବି. (ରାଜ୍-ତ୍ର) ରାଜ୍ୟ; ଜନ-ପଦ ।

ରାଷ୍ଟ୍ର-ବିପ୍ଳବ—ବି. ରାଜ-ବିଦ୍ରୋହ; ରାଜ୍ୟଶାସନର ପରିବର୍ତ୍ତନ । [ବିଶେଷ ।

ରାସ—ବି. (ରସ୍-ଅ) କାର୍ତ୍ତିକ ପୂର୍ଣ୍ଣିମାରେ ଉତ୍ସ-

ରାସଭ—ବି. ଗର୍ଦ୍ଦଭ, ଗଧ ।

ରାସାୟନିକ—ବିଂ. (ରସାୟନ-ଇକ) ରସାୟନ

ରାସ୍ତା—ବି. ମାର୍ଗ । [ବିଦ୍ୟା ସମ୍ବନ୍ଧୀୟ ।

ରାସ୍ନା—ବି. ଔଷଧ ଦ୍ରବ୍ୟ-ବିଶେଷ, ସ୍ୱର୍ଣ୍ଣା ।

ରାହା—ବି. (ପାର୍ସୀ) ମାର୍ଗ ।

ରାହାଦାରୀ—ବି. (ପାର୍ସୀ) [illegible] ।

ରାହୁ—ବି. ଚନ୍ଦ୍ର-ସୂର୍ଯ୍ୟଙ୍କର ଗ୍ରାସକ ଗ୍ରହ । (ଅଷ୍ଟମ ଗ୍ରହ ବୋଲି ଜ୍ୟୋତିଷ ଶାସ୍ତ୍ରରେ ବର୍ଣ୍ଣିତ) ।

ରାହୁ-ଗ୍ରାସ—ବି. ଚନ୍ଦ୍ର-ସୂର୍ଯ୍ୟ-ଗ୍ରହଣ ।

ରିକ୍ତ—ବିଂ. (ରିଚ୍-ତ) ଶୂନ୍ୟ; ଖାଲି ।

ରିକ୍ତା—ବି. ଚତୁର୍ଥୀ, ନବମୀ ଓ ଚତୁର୍ଦ୍ଦଶୀ ତିଥି ।

ରିକ୍ଥ—ବି. ଧନ । [ବିଶେଷ ।

ରିଠା—ବି. ବସ୍ତ୍ର-ପରିଷ୍କରଣାର୍ଥ ବ୍ୟବହୃତ ଫଳ-

ରିପୁ—ବି. ଶତ୍ରୁ; କାମ-କ୍ରୋଧ-ଲୋଭ-ମୋହ-ମଦ-ମାତ୍ସର୍ଯ୍ୟ ମନୁଷ୍ୟର ଏହି ଷଡ଼ରିପୁ ।

ରିଷ୍ଟ—ବି. ଅଶୁଭ; ଶୁଭ ।

ରୀତି—ବି. ( ରୀ-ତି ) ଧାରା; ପଦ୍ଧତି; ଅଳଙ୍କାର-

ରୁକ୍ମ—ବି. ସ୍ୱର୍ଣ୍ଣ । [ବ୍ୟବହାର ।

ରୁକ୍ମିଣୀ—ବି. ଶ୍ରୀକୃଷ୍ଣପତ୍ନୀ ।

ରୁକ୍ଷ—ବିଂ. ଶୁଷ୍କ; ଖର; କଠୋର ।

ରୁଗ୍ଣ—ବିଂ. (ରୁଜ୍-ତ) ରୋଗାକ୍ରାନ୍ତ; ପୀଡ଼ିତ ।

ରୁଚି—ବି. (ରୁଚ୍-ଇ) ପ୍ରୀତି; ଅଭିଳାଷ; କାନ୍ତି ।

ରୁଚିର—ବିଂ. ( ରୁଚ୍-ଇର ) ସୁନ୍ଦର; ମଧୁର; ଉଜ୍ଜ୍ୱଳ ।

ରୁଚିବା—କ୍ରି. ଖାଦ୍ୟ ଲାଗିବା; ପସନ୍ଦର ହେବା ।

ରୁଚ୍ୟ—ବିଂ. (ରୁଚ୍-ଯ) ରୁଚିକାରକ ।

ରୁଟି, ରୋଟି—ବି. (ରୋଟିକା ଶବ୍ଦଜ) ଗୋଧୂମାଦି ଚୂର୍ଣ୍ଣର ପିଷ୍ଟକବିଶେଷ ।

ରୁଣ୍ଡ—ବିଂ. ଏକତ୍ରିତ ।

ରୁତ—ବି. (ରୁ-ତ) ପଶୁ ପକ୍ଷୀର ରାବ; ରବ ।

ରୁଦନ—ବି. (ରୁଦ୍-ଅନ) ରୋଦନ; କାନ୍ଦଣ ।

ରୁଦ୍ଧ-ବି. ( ରୁଧ୍-ତ ) ବେଷ୍ଟିତ; ବାଧିତ; ପ୍ରତିହତ। [ଦେବତା; ବି. ଭୟାନକ।
ରୁଦ୍ର-ବି. ( ରୁଦ୍-ର ) ଶିବ; ଏକାଦଶ ଗଣ-
ରୁଦ୍ରାକ୍ଷ-ବି. ( ରୁଦ୍ର-ଅକ୍ଷି ) ବୃକ୍ଷବିଶେଷର ଫଳ, ଏହି ଫଳରେ ଜପମାଳା ପ୍ରସ୍ତୁତ ହୁଏ।
ରୁଦ୍ରାଣୀ-ବି. ଦୁର୍ଗା।
ରୁଧିର-ବି. (ରୁଧ୍-ଇର) ରକ୍ତ, ଶୋଣିତ।
ରୁମାଲ-ବି. (ପାର୍ଶୀ) ମୁଖମାର୍ଜନ ବସ୍ତ୍ରଖଣ୍ଡ।
ରୁରୁ-ବି. କସ୍ତୁରୀ; ମୃଗବିଶେଷ।
ରୁଷିତ, ରୁଷ୍ଟ-ବି. (ରୁଷ୍-ତ) କୁପିତ।
ରୁଷିବା-କ୍ରି. କୋପ କରିବା; ଅଭିମାନ କରିବା।
ରୁଷ୍ଟି-ବି. (ରୁଷ୍-ତି) କୋପ, କ୍ରୋଧ।
ରୂଢ଼-ବି. ( ରୁହ୍-ତ ) ଉତ୍ପନ୍ନ; ପ୍ରସିଦ୍ଧ; ଧାତୁ ପ୍ରତ୍ୟୟର ଅପେକ୍ଷା ନ କରି ଅର୍ଥ ପ୍ରକାଶକ।
ରୂଢ଼ମୂଳ-ବି. ବଦ୍ଧମୂଳ।
ରୂଢ଼ବାକ୍ୟ-ବି. କର୍କଶ କଥା।
ରୂଢ଼ି-ବି. ପ୍ରସିଦ୍ଧି।
ରୂପ-ବି. ( ରୂପ୍-ଅ ) ସୌନ୍ଦର୍ଯ୍ୟ; ଆକୃତି; ସ୍ୱଭାବ; ଚେହେରା।
ରୂପକ-ବି. କାବ୍ୟର ଅଲଙ୍କାରବିଶେଷ, ଯଥା- ଉପମାନ ସହିତ ଉପମେୟର ଅଭେଦବୋଧ।
ରୂପବତୀ-ବି. ସୁନ୍ଦରୀ।
ରୂପବାନ୍-ବି. (ରୂପ-ବତ୍) ସୁନ୍ଦର।
ରୂପାଜୀବା-ବି. (ରୂପ-ଆଜୀବ) ବେଶ୍ୟା।
ରୂପାନ୍ତର-ବି. ( ରୂପ-ଅନ୍ତର ) ଅନ୍ୟ ରୂପ; ପରିବର୍ତ୍ତନ।

ରୂପାସ୍ତ୍ର-ବି. (ରୂପ-ଅସ୍ତ୍ର) କନ୍ଦର୍ପ।
ରୂପ୍ୟ, ରୌପ୍ୟ-ବି. ରଜତ, ରୂପା।
ରେ-ଅ. ନୀଚ ସମ୍ବୋଧନ। [ଶ୍ରେଣୀ।
ରେଖା-ବି. ( ଲିଖ୍-ଅ-ଆ ) ଦାଗ; ଅଙ୍କପାଶ;
ରେଖା-ଗଣିତ-ବି. କ୍ଷେତ୍ରତତ୍ତ୍ୱ।
ରେଚକ-ବି. (ରିଚ୍-ଣିଚ୍-ଅକ) ଭେଦକାରକ; ନିଃସାରକ।
ରେଚନ-ବି. ବିରେଚନ, ଜୋଲାପ।
ରେଜକି-ବି. ସିକି ଅଧୁଲି ପ୍ରଭୃତି।
ରେଣୁ-ବି. ଧୂଳି; ପରାଗ।
ରେଣୁକା-ବି. ପରଶୁରାମଙ୍କର ମାତା।
ରେତଃ-ବି. ଶୁକ୍ର, ବୀର୍ଯ୍ୟ।
ରେଫ- ବି. ର, ଏହି ବର୍ଣ୍ଣ।
ରେବତୀ-ବି. ନକ୍ଷତ୍ରବିଶେଷ।
ରେବା-ବି. ନର୍ମଦାନଦୀ।
ରେଶମ-ବି. (ପାର୍ଶୀ) କୌଷେୟ ବସ୍ତ୍ର।
ରୈଖିକ-ବି. (ରେଖା-ଇକ) ରେଖାସମ୍ବନ୍ଧୀୟ।
ରୋଇବା-କ୍ରି. (ରୋପଣରୁ) ରୋପଣ କରିବା, ଚାରା ଗଛ ପୋତିବା।
ରୋକଡ଼-ବି. (ପାର୍ଶୀ) ଜମା ଖରଚ।
ରୋଗ-ବି. (ରୁଜ୍-ଅ) ବ୍ୟାଧି।
ରୋଗଘ୍ନ-ବି. (ରୋଗ-ହନ୍-ଅ) ରୋଗନାଶକ।
ରୋଚିଃ-ବି. (ରୋଚ-ଇସ୍) ଆଲୋକ କାନ୍ତି, ମନ୍ଦ।
ରୋଦକ-ବି. (ରୁଦ୍-ଣିଚ୍-ଅକ) ରୁଦନକାରକ।
ରୋଧକ-ବି. ( ରୁଧ୍-ଣିଚ୍-ଅକ ) ରୁଦ୍ଧକାରକ।
ରୋଧିକା-ବି. ପୋଟେଇରା। [ବାନ୍ଧ-ପାଦ।

ରୋଚିଷ୍ଣୁ-ବି., କାନ୍ତି-ଯୁକ୍ତ ।

ରୋଜଗାର-ବି. (ପାର୍ସୀ) ଉପାର୍ଜନ ।

ରୋଟି-ବି., ରୋଟୀ ।

ରୋଦନ-ବି. ( ରୁଦ୍-ଅନ ) କ୍ରନ୍ଦନ ।

ରୋଦ୍ଧା-ବି. ( ରୁଧ୍-ତୃ ) ରୋଧକର୍ତ୍ତା ।

ରୋଧଃ-ବି. ତଟ, କୂଳ ।

ରୋଧ-ବି. ( ରୁଧ୍-ଅ ) ବାଧା; ଅବରୋଧ ।

ରୋପଣ-ବି. ( ରୁହ୍-ଣିଚ୍-ଅନ ) ବୃକ୍ଷ ବୁଣ ରୋପିବା; ସ୍ଥାପନ; ଅର୍ପଣ ।

ରୋପିତ-ବି., ( ରୁହ୍-ଣିଚ୍-ତ ) ରୋପିତ;

ରୋମ-ବି. ଲୋମ, ରୁମ । [ ଅର୍ପିତ ।

ରୋମ-କୂପ-ବି. ଲୋମମୂଳ ।

ରୋମନ୍ଥ, ରୋମନ୍ଥନ-ବି. ପାକୁଳି ।

ରୋମନ୍ଥକ-ବି. ଲୋମନ୍ଥକାରୀ ।

ରୋମଶ-ବି. ଅଧିକ ଲୋମଯୁକ୍ତ ।

ରୋମ-ହର୍ଷଣ-ବି. ଲୋମ ଟାଙ୍କୁରିବା ; ବି. ଲୋମାଞ୍ଚକାରୀ ।

ରୋମାଞ୍ଚ-ବି. ପୁଲକ, ହର୍ଷରେ ଲୋମ ଟାଙ୍କୁରିବା ।

ରୋମାଞ୍ଚିତ-ବି. ପୁଲକିତ, ଲୋମାଞ୍ଚଯୁକ୍ତ ।

ରୋମୋଦ୍ଗମ-ବି. ( ରୋମ-ଉଦ୍ଗମ ) ରୋମାଞ୍ଚ ।

ରୋରୁଦ୍ୟମାନ-ବି. (ରୁଦ୍-ଯଙ୍-ଶାନ) ଅତ୍ୟନ୍ତ

ରୋଲ-ବି. ଅତ୍ୟନ୍ତ ଶବ୍ଦ । [ ରୋଦନଶୀଳ ।

ରୋଲମ୍ବ-ବି. ଭ୍ରମର ।

ରୋଶନି-ବି. ( ପାର୍ସୀ ) ଆଲୋକ ।

ରୋଷ-ବି. (ରୁଷ୍-ଅ) କ୍ରୋଧ ।

ରୋଷେଇ-ବି. ରନ୍ଧନ । [ କର୍ତ୍ତା ।

ରୋହିଣୀ-ବି. ନକ୍ଷତ୍ରବିଶେଷ ; ନବବର୍ଷବୟସ୍କା

ରୋହିଣୀ-ପତି-ବି. ଚନ୍ଦ୍ର ।

ରୋହିତ-ବି. ରୋହୁମାଛ ।

ରୌଦ୍ର-ବି. ( ରୁଦ୍ର-ଅ ) ଆତପ; ବି. ପ୍ରଚଣ୍ଡ ।

ରୌପ୍ୟ-ବି. ରଜତ, ରୁପା ।

ରୌରବ-ବି. ନରକ-ବିଶେଷ; ବି. ଭୟଙ୍କର ।

---

## ଲ, ଳ

ବ୍ୟଞ୍ଜନବର୍ଣ୍ଣର ଅନ୍ତଃସ୍ଥ ବର୍ଣ୍ଣ । ଳ ଶବ୍ଦର ଆରମ୍ଭରେ ବସେ ନାହିଁ ।

ଲଉଡ଼ି-ବି. ( ଲଗୁଡ଼ଶବ୍ଦଜ ) ଯଷ୍ଟି ।

ଲକ୍ଷ-ବି. (ଲକ୍ଷ୍-ଅ) ଶତସହସ୍ର ସଂଖ୍ୟା ।

ଲକ୍ଷକ-ବି. (ଲକ୍ଷ୍-ଅକ) ଲକ୍ଷଣା ଦ୍ୱାରା ଅର୍ଥବୋଧକ ।

ଲକ୍ଷଣ-ବି. (ଲକ୍ଷ୍-ଅନ) ଚିହ୍ନ; ସଦ୍‌ଗୁଣ ।

ଲକ୍ଷଣା-ବି. ପ୍ରକୃତ ଅର୍ଥ ପରିବର୍ତ୍ତନରେ ଅନ୍ୟାର୍ଥବୋଧକ ଶକ୍ତି ।

ଲକ୍ଷଣୀୟ-ବି. ଦର୍ଶନୀୟ ; ଅନୁଭବନୀୟ ।

ଲକ୍ଷିତ-ବି. ଦୃଷ୍ଟ; ଅନୁଭୂତ ।

ଲକ୍ଷ୍ମ-ବି. ( ଲକ୍ଷ୍-ମନ୍ ) ଚିହ୍ନ । [ ଶୋଭା ।

ଲକ୍ଷ୍ମଣ-ବି. ସୌମିତ୍ରି ; ବି. ଶ୍ରୀମ-

ଲକ୍ଷ୍ମୀ-ବି. ( ଲକ୍ଷ୍-ଈ ) ଧନଦେବୀ ; ବିଷ୍ଣୁପତ୍ନୀ, ସିନ୍ଧୁସୁତା ; ଶୋଭା; ସମ୍ପତ୍ତି ।

ଲକ୍ଷ୍ୟ-ବି. (ଲକ୍ଷ୍-ଯ) ଉଦ୍ଦେଶ୍ୟ; ବି. ବେଧକାର୍ଯ୍ୟ ନିର୍ଦ୍ଦିଷ୍ଟ ବସ୍ତୁ; ଚିହ୍ନ ।

ଲଗାଇବା–କ୍ରି. (ଲଗ୍‌ଧାତୁରୁ) ସଂଲଗ୍ନ କରିବା; ଚିପିବା; ବ୍ୟୟ କରିବା । [ଖର୍ଚ୍ଚ ।

ଲଗାଣି–ବି. ଏକ; ଏକାଥରେ ଏକ ସଙ୍ଗରେ

ଲଗାମ–ବି. (ଫାର୍ସୀ) ଘୋଡ଼ାର ବାଗ ।

ଲଗୀ–ବି. ବଉଁଶ, ଶଳଖ ।

ଲଗୁଡ଼–ବି. ଯଷ୍ଟି ।

ଲଗ୍ନ–ବିଂ. ( ଲଗ୍-ତ ) ସଂଯୁକ୍ତ ; ବି. ମେଷାଦି ରାଶିର ଉଦୟକାଳ ; କାର୍ଯ୍ୟର ଶୁଭକାଳ ।

ଲଘିମା–ବି. (ଲଘୁ-ଇମନ୍) ଲଘୁତା, ହାଲୁକାପଣ; ଅଗୌରବ ।

ଲଘିଷ୍ଠ–ବିଂ. ( ଲଘୁ-ଇଷ୍ଠ ) ଅତ୍ୟନ୍ତ ଲଘୁ ।

ଲଘୀୟାନ୍–ବିଂ. (ଲଘୁ-ଈୟସ୍) ଅତ୍ୟନ୍ତ ଲଘୁ ।

ଲଘୁ–ବିଂ. ହାଲୁକା ; ଅଳ୍ପ ; ସାମାନ୍ୟ ; ଶୀଘ୍ର-ଭାବରେ କର୍ତ୍ତ୍ୱ । [ବିଷ୍ଣୁ; ହାଲୁକାପଣ ।

ଲଘୁତା, ଲଘୁତ୍ୱ, ଲାଘବ–ବି. ଅଳ୍ପ ଭାର-

ଲଘୁ-ହସ୍ତ–ବିଂ. କ୍ଷିପ୍ରହସ୍ତ ।

ଲଘୂକରଣ–ବି. ଗଣିତରେ ଉଚ୍ଚଶ୍ରେଣୀର ସଂଖ୍ୟାକୁ ନିମ୍ନଶ୍ରେଣୀରେ ଓ ନିମ୍ନଶ୍ରେଣୀର ସଂଖ୍ୟାକୁ ଉଚ୍ଚଶ୍ରେଣୀରେ ପରିବର୍ତ୍ତନ ।

ଲଙ୍କା–ବି. ସିଂହଳ ଦ୍ୱୀପ ।

ଲଙ୍ଗଳ–ବି. ଲାଙ୍ଗଳ, ହଳ ।

ଲଙ୍ଗଳା–ବିଂ. (ଦେଶ୍ୟଶବ୍ଦ) ଲଙ୍ଗଳା ; ନଗ୍ନ ।

ଲଙ୍ଘନ–ବି. (ଲଙ୍ଘ୍-ଅନ) ଅତିକ୍ରମଣ ; ଉପ- [ବାସ ।

ଲଙ୍ଘିତ–ବିଂ. ଅତିକ୍ରାନ୍ତ ।

ଲଜ୍ଜା–ବି. (ଲଜ୍ଜ୍-ଅ-ଆ) ଲାଜ, ଶରମ, ବ୍ରୀଡ଼ା ।

ଲଜ୍ଜାଳୁ–ବିଂ. ଲଜ୍ଜାଶୀଳ ।

ଲଜ୍ଜିତ–ବିଂ. ଲଜ୍ଜାଯୁକ୍ତ ।

ଲଞ୍ଜା–ବି. ଲାଙ୍ଗୁଳ, ଲାଞ୍ଜ ।

ଲଟ–ବି. ପ୍ରମାଦବଚନ; ଦୋଷ ।

ଲଟକାଇବା–କ୍ରି. ଝୁଲାଇବା ।

ଲଟା–ବି. ଲତା ; ଜଙ୍ଗଲ ।

ଲଟାଇବା–କ୍ରି. ଲତାପରି ଝାଡ଼ିବା ।

ଲଟ୍ଟୁ–ବି. ନଟ୍ଟୁ, ଘୋଡ଼ାଇବାର ଖେଳଣାବିଶେଷ ।

ଲଡ୍ଡୁ–ବି. ମୋଦକରୂପ ମିଷ୍ଟାନ୍ନ ।

ଲଢ଼ାଇ–ବି. ଯୁଦ୍ଧ ।

ଲଢ଼ାଇବା–କ୍ରି. ଯୁଦ୍ଧ କରାଇବା ।

ଲଣ୍ଠନ–ବି.(ଇଂରାଜୀ) ପ୍ରଦୀପାଧାର ।

ଲଣ୍ଡଭଣ୍ଡ–ବିଂ. ବ୍ୟତିବ୍ୟସ୍ତ, ଧ୍ୱଂସପ୍ରାପ୍ତ ।

ଲଣ୍ଡା–ବିଂ. କେଶଶୂନ୍ୟ ( ମୁଣ୍ଡ ) ; ଖାଲଖୋଲଗା ( ବୃକ୍ଷ ) ।

ଲତା–ବି. ଲଟା, ଲହରା, ବ୍ରତତି ।

ଲଦନି–ବି. ବୋଝ; ଲଦା ହୋଇଥିବା ବୋଝ ।

ଲଦିବା–କ୍ରି. ବୋଝାଇ କରିବା, ବୋଝ ଉଠାଇବା ।

ଲପନ–ବି. ( ଲପ୍-ଅନ ) ମୁଖ, ବଦନ ।

ଲବ୍ଧ–ବିଂ. (ଲଭ୍-ତ) ପ୍ରାପ୍ତ ; ଉପାର୍ଜିତ ।

ଲବ୍ଧ-ବର୍ଣ୍ଣ–ବିଂ. ପଣ୍ଡିତ ; ବିଚକ୍ଷଣ ।

ଲବ୍ଧି–ବି. (ଲଭ୍-ତି) ପ୍ରାପ୍ତି ।

ଲଭିବା–କ୍ରି. ( ଲଭ୍‌ଧାତୁରୁ ) ପାଇବା ।

ଲଭ୍ୟ–ବିଂ. (ଲଭ୍-ଯ) ପ୍ରାପ୍ୟ ।

ଲମ୍ପଟ–ବି. ( ଲମ୍ପ୍-ଅଟ ) କାମୁକ ।

ଲମ୍ପଟ—ବି. (ଲମ୍ପଟ-ଅ) ଲୁବ୍ଧ ।

ଲମ୍ବ—ବି. ଲମ୍ବା, ଦୀର୍ଘ; ତୋଳାଯାଇଥିବା; ବି. ଲମ୍ବମାନ ରେଖା । [ ଢାଲ ]

ଲମ୍ବନ—ବି. ( ଲମ୍ବ-ଅନ ) ଝୋଲିବା; ଅବଲମ୍ବନ;

ଲମ୍ବମାନ—ବି. (ଲମ୍ବ-ମାନ) ତୋଳାଯାଉଥିବା ।

ଲମ୍ବିତ—ବି. ( ଲମ୍ବ-ତ ) ଝୋଲିତ ।

ଲମ୍ବିବା—କ୍ରି. ଝୁଲିବା ; ଲମ୍ବାହେବା ; ବ୍ୟାପିବା ; ବିସ୍ତାରିବା ।

ଲମ୍ବୋଦର—ବି. (ଲମ୍ବ-ଉଦର) ଗଣେଶ ।

ଲମ୍ଭନ—ବି. (ଲଭ୍-ଅନ) ପ୍ରାପଣ ।

ଲମ୍ଭିତ—ବି. ପ୍ରାପିତ ।

ଲୟ—ବି. (ଲୀ-ଅ) ଲୀନ ହେବା; ନାଶ; ପ୍ରଳୟ; ଗୀତ ବାଦ୍ୟାଦିର ସମାନ କାଳ ।

ଲଲନ୍ତ—ବି. (ଲଲ୍-ଅନ୍ତ) ଝୋଲାଯାଉଥିବା ।

ଲଲନ—ବି. (ଲଲ୍-ଅନ) କ୍ରୀଡ଼ା; ବିଳାସ ।

ଲଲନା—ବି. (ଲଲ୍-ଅ-ଆ) ସ୍ତ୍ରୀ; ଉତ୍ତମା ନାରୀ ।

ଲଲଜ୍ଜିହ୍ୱା—ବି. ଲାଳ-ଲମ୍ବିତ ଜିହ୍ୱା ।

ଲଲାଟ—ବି. କପାଳ, ଭାଲ । [ ଚିହ୍ନ ।

ଲଲାଟିକା—ବି. ଲଲାଟର ଭୂଷଣ, ଲଲାଟସ୍ଥ

ଲଲାମ—ବି. ଭୂଷଣ ; ଲଲାଟ-ଭୂଷଣ ।

ଲଳିତ—ବି. (ଲଲ୍-ତ) ସୁନ୍ଦର; ପ୍ରିୟ; ବି. ବିଳାସ ।

ଲଳିତା—ବି. ଗୋପୀବିଶେଷ; ସୁନ୍ଦରୀ ନାରୀ ।

ଲବ—ବି. ( ଲୂ-ଅ) କାଟିବା ; ଲବ; ଲେଶ ; ଅଳ୍ପମାତ୍ର ।

ଲବଙ୍ଗ—ବି. ଏକପ୍ରକାର ସୁଗନ୍ଧ ପୁଷ୍ପ ।

ଲବଣ—ବି. ( ଲୂ-ଅନ ) ଲୁଣ ; ଲବଣ ।

ଲବଣୀ—ବି. ( ନବନୀତ ) ଲହୁଣୀ ।

ଲସା—ବି. (ଲସ୍ୟ) ଯାହା ଲାଗିଯାଏ ।

ଲସି—ବି. ଦାଳି, ଦେହରୁ ବାହାରିବା ରସ ।

ଲସୁନ—ବି. ରସୁଣ ।

ଲସ୍କର—ବି. (ପାର୍ଶୀ) ସୈନ୍ୟ; ଜାହାଜ-ଖଲାସି ।

ଲହରା—ବି. ଗ୍ରହଣରେ ଜନମାୟୁ, ଯାହା ସମ୍ମୁଖରେ ଦର୍ଶାଏ ।

ଲହରୀ—ବି. ଲହଡ଼ି, ତରଙ୍ଗ ।

ଲାଉ—ବି. (ଅଲାବୁ) ଅଳାବୁ ଫଳ ।

ଲାକ୍ଷଣିକ—ବି. ଲକ୍ଷଣସମ୍ବନ୍ଧୀୟ ; ଲକ୍ଷଣାବୃତ୍ତ

ଲାକ୍ଷା—ବି. ଜଉ, ଲାଖ । [ ଅର୍ଥବୋଧକ ।

ଲାକ୍ଷା-ତରୁ—ବି. ପଳାଶ ବୃକ୍ଷ ।

ଲାକ୍ଷାରସ—ବି. ଅଳତା ।

ଲାଖରାଜ—ବି. (ପାର୍ଶୀ) ନିଷ୍କର ।

ଲାଗି—ଅ. ନିମିତ୍ତ; ବି. ଦେବତା ବଢ଼ାଯାଉଥିବା ।

ଲାଗିବା—କ୍ରି. ସଂଲଗ୍ନ ହେବା ; ମିଳିବା; ଆର-ମ୍ଭ ହେବା ; ଧକ୍କା ବାଜିବା ।

ଲାଘବ—ବି. (ଲଘୁ-ଅ) ଲଘୁତା; ହୀନତା ।

ଲାଙ୍ଗଳ—ବି. ହଳ ।

ଲାଙ୍ଗୁଳ, ଲାଙ୍ଗୁଲ—ବି. ଲାଞ୍ଜ, ପୁଚ୍ଛ ।

ଲାଜ—ବି. ଲଜ୍ଜା ; ଖଇ ।

ଲାଜା—ବି. ଭଜା, ଖଇ ।

ଲାଞ୍ଚ—ବି. ଉତ୍କୋଚ, ଘୁଷ ।

ଲାଞ୍ଛନ—ବି. ( ଲଛ-ଅନ ) ଚିହ୍ନ; ଦୋଷ ।

ଲାଞ୍ଛିତ—ବି. ଚିହ୍ନିତ ।

ଲାକ୍ଷା ବି. ଲାଖ, ଜତୁ ।

ଲାଟ-ବି. ଧୂର୍ତ୍ତ; ମଳିନ । [ ଜୀର୍ଣ୍ଣ ।

ଲାଟ୍-ବି. ( ଦକ୍ଷିଣ ଗୁର୍ଜରଦେଶ ) ପ୍ରଭୁ; ଶ୍ରେଷ୍ଠ

ଲାଭ-ବି. (ଲଭ୍-ଅ) ପ୍ରାପ୍ତି; ଉପାର୍ଜ୍ଜନ; ଧନ ।

ଲାମ୍ପଟ୍ୟ-ବି. ଲମ୍ପଟତା ।

ଲାଳା-ବି. ଲାଳ, ମୁଖଜାତ ଜଳ ।

ଲାଳନ-ବି. (ଲଲ୍-ଣିଚ୍-ଅନ) ସ୍ନେହପୂର୍ବକ ପାଳନ ।

ଲାଳସା-ବି. (ଲସ୍-ଯଙ୍-ଅ) ବାସନା; ସ୍ପୃହା ।

ଲାଲ-ବି. ରକ୍ତବର୍ଣ୍ଣ । [ପାଳିତ ।

ଲାଳିତ-ବି. ( ଲଲ୍-ଣିଚ୍-ତ ) ଯତ୍ନ ସହେ

ଲାଳିତ୍ୟ-ବି. ( ଲଳିତ-ଯ ) କୋମଳତା; ସୌନ୍ଦର୍ଯ୍ୟ; ମାଧୁର୍ଯ୍ୟ ।

ଲାବଣ୍ୟ-ବି. (ଲବଣ-ଯ) ଲବଣତ୍ୱ; ସୌନ୍ଦର୍ଯ୍ୟ ।

ଲାସ-ବି. (ଲସ୍-ଅ) ନୃତ୍ୟ ।

ଲାସକ-ବି. (ଲସ୍-ଣିଚ୍-ଅକ) ନର୍ତ୍ତକ ।

ଲାସିକା-ବି. (ଲସ୍-ଣିଚ୍-ଅକ-ଆ) ନର୍ତ୍ତକୀ ।

ଲାସ୍ୟ-ବି. (ଲସ୍-ଯ) ସ୍ତ୍ରୀନୃତ୍ୟ ।

ଲିଅ-ଅ. (ସମ୍ବୋଧକ) ଓରେ ।

ଲିଖନ-ବି. (ଲିଖ୍-ଅନ) ଅକ୍ଷର ବିନ୍ୟାସ ।

ଲିଖିତ-ବି. ( ଲିଖ୍-ତ ) ଅକ୍ଷରରେ ବିନ୍ୟସ୍ତ; ଲେଖା ହୋଇଥିବା । [ ଚିତ୍ରକର୍ମ ।

ଲିଙ୍ଗ-ବି. (ଲିଙ୍ଗ-ଅ) ଚିହ୍ନ; ପୁରୁଷ ଚିହ୍ନ;

ଲିଙ୍ଗ-ବୃତ୍ତି-ବି. ସ୍ୱାର୍ଥାର୍ଥ ଧର୍ମ-ଚିହ୍ନଧାରଣ ।

ଲିପି-ବି. (ଲିପ୍-ଇ) ଅକ୍ଷର; ପତ୍ର ।

ଲିପି-କାର-ବି. ଲେଖକ ।

ଲିପି-ବଦ୍ଧ-ବି. ଅକ୍ଷରରେ ବିନ୍ୟସ୍ତ; ଲିଖିତ ।

ଲିପିବା, ଲେପିବା-କ୍ରି. ଲେପନ କରିବା ।

ଲିପ୍ତ-ବି. (ଲିପ୍-ତ) ଲେପିତ; ଯୁକ୍ତ; ମିଳିତ ।

ଲିପ୍ସା-ବି. (ଲଭ୍-ସନ୍-ଅ) ଅଭିଳାଷ, ସ୍ପୃହା ।

ଲିପ୍ସୁ-ବି. ଇଚ୍ଛୁକ ।

ଲିହିବା-କ୍ରି. (ଲିହ୍‌ଧାତୁରୁ) ଚାଟିବା ।

ଲୀଢ଼-ବି. (ଲିହ୍-ତ) ଚାଟିବା ଦ୍ୱାରା ଆସ୍ୱାଦିତ ।

ଲୀନ-ବି. (ଲୀ-ତ) ଲୟ-ପ୍ରାପ୍ତ; ମିଳିତ ।

ଲୀଳା-ବି. (ଲୀ-ଲା) କୌତୁକ ; କ୍ରୀଡ଼ା; ଦେବ-ଚରିତ୍ର ।

ଲୁକ୍କାୟିତ-ବି. ଗୋପନରେ ରକ୍ଷିତ ; ପ୍ରଚ୍ଛନ୍ନ ।

ଲୁଗା-ବି. ବସ୍ତ୍ର ।

ଲୁଚିରହିବା-କ୍ରି. ଗୁପ୍ତ ରହିବା; ଘୋଡ଼ାଇବା ।

ଲୁଙ୍ଗେଇ-ବି. ଲୁଗାଏ ।

ଲୁଚିବା-କ୍ରି. ଲୁଚି ରହିବା । [ ବୁଡ଼ିବା ।

ଲୁଟିବା-କ୍ରି. (ଲୁଣ୍ଠଧାତୁରୁ) ବଳପୂର୍ବକ ହରଣ

ଲୁଣ-ବି. ଲବଣ ।

ଲୁଣିଆ-ବି. ଲବଣ ସ୍ୱାଦଯୁକ୍ତ ।

ଲୁଣ୍ଠନ-ବି. (ଲୁଣ୍ଠ୍-ଅନ) ଅପହରଣ ।

ଲୁଣ୍ଠନ-ବି. (ଲୁଣ୍ଠ୍-ଅନ) ଭୂମିରେ ଗଡ଼ିବା ; ବଳପୂର୍ବକ ହରଣ । [ଗଡ଼ାଗଡ଼ି; ଅପହୃତ ।

ଲୁଣ୍ଠିତ-ବି. (ଲୁଣ୍ଠ୍-ତ) ଭୂମିରେ ଲୋଟିତ ବା

ଲୁଣ୍ଠା-ବି. ଲୁଣ୍ଠାକାରୀ । ଅପହୃତ ।

ଲୁପ୍ତ-ବି. ( ଲୁପ୍-ତ ) ଲୋପ-ପ୍ରାପ୍ତ ; ନଷ୍ଟ ;

ଲୁଳିତ-ବି. ଦୋଳିତ ।

ଲୁବ୍ଧ—ବିଂ. (ଲୁଭ୍-କ୍ତ) ଲୋଭୀ ।

ଲୁବ୍ଧକ—ବି. ବ୍ୟାଧ ।

ଲୁହି—ବି. ଯନ୍ତ୍ର, ଲୋଭକ ।

ଲୁହା—ବି. ଲୌହ ।

ଲୂତା—ବି. ମାକଡ଼ସା ।

ଲୂତା-ତନ୍ତୁ—ବି. ମାକଡ଼ସାର ଜାଲ ।

ଲୂନ—ବିଂ. (ଲୂ-କ୍ତ) ଛିନ୍ନ ।

ଲେଉଟିବା—କ୍ରି. (ଲ-ବୃତ-ଧାତୁରୁ) ଫେରିବା, ବାହୁଡ଼ିବା ।

ଲେଖକ—ବି. (ଲିଖ୍-ଅକ) ଲିପିକର; ରଚକ ।

ଲେଖନ—ବି. (ଲିଖ୍-ଅନ) ତାଳପତ୍ରରେ ଲେଖିବାର ଲୁହାକଲମ; ଲେଖିବା ।

ଲେଖନୀ—ବି. କଲମ ।

ଲେଖା—ବି. (ଲିଖ୍-ଅ-ଆ) ରେଖା; ଲେଖନ; ଲେଖିତ ରଚନା ।

ଲେଖ୍ୟ—ବିଂ. ଲେଖନ-ଯୋଗ୍ୟ; ବି. ଲେଖିତ ପତ୍ରାଦି; ଦଲିଲ ଦସ୍ତାବେଜ ।

ଲେଙ୍ଗଡ଼ା—ବିଂ. ଖୋଞ୍ଜ ।

ଲେଞ୍ଜୁଡ଼ି—ବି. ପୁଚ୍ଛ; ଜନ୍ତୁର ଲେଞ୍ଜ ।

ଲେପ—ବି. (ଲିପ୍-ଅ) ଲେପନ-ସାମଗ୍ରୀ; ପ୍ରଲେପ; ତୁଳାଦେଇ ଶୀତବସ୍ତ୍ର ।

ଲେପନ—ବି. (ଲିପ୍-ଅନ) ଲେପିବା ।

ଲେମ୍ବୁ—ବି. ଜାମ୍ବୀର, ଟଭା, କାଗଜି ପ୍ରଭୃତି ଫଳ ।

ଲେଲିହାନ—ବିଂ. (ଲିହ୍-ଯଙ୍-ଅନ) ବାରମ୍ବାର ଲେହନକାରୀ ।

ଲେଶ—ବି. କଣା, କଣ; ଅଳ୍ପମାତ୍ର ।

ଲେହ—ବି. (ଲିହ୍-ଅ) ଚାଟିବା ଦ୍ରବ୍ୟ ।

ଲେହନ—ବି. (ଲିହ୍-ଅନ) ଚାଟିବା ।

ଲେହି—ବି. ମଣ୍ଡପଠା ।

ଲେହ୍ୟ—ବିଂ. (ଲିହ୍-ଯ) ଚାଟିବାଯୋଗ୍ୟ ।

ଲୋକ—ବି. (ଲୋକ୍-ଅ) ମନୁଷ୍ୟ; ଭୁବନ ।

ଲୋକ-ତନ୍ତ୍ର—ବି. ଦୁର୍ଗ ।

ଲୋକନ—ବି. (ଲୋକ୍-ଅନ) ଦର୍ଶନ ।

ଲୋକ-ପାଳ—ବି. ପୂର୍ବଦେଶାଦିର ଅଷ୍ଟ ଦେବତା ।

ଲୋକାନୁଗତ—ବିଂ. ପରସେବକ, ଭୃତ ।

ଲୋକାରଣ୍ୟ—ବି. (ଲୋକ-ଅରଣ୍ୟ) ବହୁଜନତା ।

ଲୋକୋତ୍ତର—ବିଂ. (ଲୋକ-ଉତ୍ତର) ଅଲୌକିକ; ଅସାମାନ୍ୟ ।

ଲୋଚନ—ବି. (ଲୋଚ୍-ଅନ) ନୟନ, ଚକ୍ଷୁ; ଦର୍ଶନ; ଅବଲୋକନ ।

ଲୋଭୀ—ବିଂ. ଲମ୍ପଟ ।

ଲୋଟା—ବି. ଭାଲ ।

ଲୋଟିବା—କ୍ରି. (ଲୁଠ୍-ଧାତୁରୁ) ଗଡ଼ିବା ।

ଲୋଡ଼ା—ବିଂ. ପ୍ରୟୋଜନୀୟ ।

ଲୋଡ଼ିବା—କ୍ରି. ଖୋଜିବା ।

ଲୋତକ—ବି. ଅଶ୍ରୁ ।

ଲୋପ—ବି. (ଲୁପ୍-ଅ) ତିରୋଧାନ; ନାଶ ।

ଲୋଭ—ବି. (ଲୁଭ୍-ଅ) ଲାଳସା; ଆକାଂକ୍ଷା ।

ଲୋଭନୀୟ—ବିଂ. ଲୋଭଜନକ ।

ଲୋଭିମାନ୍ୟ—ବିଂ. ଲୋଭକାରକ; ଶୃଗାଳ ।

ଲୋଲୁପ—ବିଂ. ଲୋଲୁପ, ଲୁବ୍ଧ ।

ଲୋମ—ବି. ଦେହର ରୋମ ।

ଲୋମଶ—ବିଂ. ବହୁରୋମବିଶିଷ୍ଟ ।

ଲୋମ-ହର୍ଷଣ-ବି. ରୋମାଞ୍ଚକାରୀ ।

ଲୋମାଞ୍ଚ-ବି. ରୋମାଞ୍ଚ ।

ଲୋଲ-ବି. ଚଞ୍ଚଳ; ଶିଥିଳ; ଲୁବ୍ଧ ।

ଲୋଲୁପ-ବି. (ଲୁପ୍-ଯଙ୍-ଅ) ଅତି ଲୋଭୀ ।

ଲୋଷ୍ଟ, ଲୋଷ୍ଟ୍ରୁ-ବି. ଢେଲା ।

ଲୋହିତ-ବି. ଲୋହିତ୍ୟ ଶୋଣିତ ।

ଲୋହ-କାର-ବି. କମାର ।

ଲୋହ-ବି. ଲୌହ-ନିର୍ମିତ ବସ୍ତୁ ।

ଲୋହିତ-ବି. ରକ୍ତବର୍ଣ୍ଣ, ଲାଲରଙ୍ଗ ।

ଲୌକିକ-ବି. (ଲୋକ-ଇକ) ଲୋକସମ୍ବନ୍ଧୀୟ; ସାଂସାରିକ; ଲୋକ-ବ୍ୟବହାର-ସିଦ୍ଧ ।

ଲୌଲ୍ୟ-ବି. (ଲୋଲ-ଯ) ଚପଳତା; ଲୋଭ ।

ଲୌହ-ବି. ଲୁହା । [ନଦ ।

ଲୌହିତ୍ୟ-ବି. (ଲୋହିତ-ଯ) ଲାଲ; ବ୍ରହ୍ମପୁତ୍ର

---

## ବ ( ଅନ୍ତଃସ୍ଥ )

ବ-ବ୍ୟଞ୍ଜନବର୍ଣ୍ଣର ଊନତ୍ରିଂଶ ଅକ୍ଷର ।

ବଂଶ-ବି. କୁଳ; ବାଉଁଶ; ବଂଶୀ ।

ବଂଶ-ଧର-ବି. (ବଂଶ-ଧୃ-ଅ) କୁଳରକ୍ଷକ ।

ବଂଶ-ଲୋଚନ-ବି. ବଂଶର ଗଣ୍ଠିରୁ ଉତ୍ପନ୍ନ ଔଷଧବିଶେଷ ।

ବଂଶାନୁକ୍ରମ-ବି. ପୁରୁଷାନୁକ୍ରମ ।

ବଂଶାନୁଚରିତ-ବି. ବଂଶର ବିବରଣ ।

ବଂଶାବଳୀ-ପୂର୍ବପୁରୁଷଙ୍କର ନାମାବଳୀ ।

ବଂଶୀ-ବି. ବେଣୁ, ମୁରଲୀ ।

ବଂଶୀ-ଧର-ବି. ଶ୍ରୀକୃଷ୍ଣ ।

ବକ-ବି. ବଗପକ୍ଷୀ ।

ବକ-ବୃତ୍ତି-ବି. ବକପରି କପଟଭାବରେ ଯେ ଅଭୀଷ୍ଟ ସାଧନ କରେ; ଧୂର୍ତ୍ତ ।

ବକମ-ବି. ଏକ ପ୍ରକାର ରକ୍ତବର୍ଣ୍ଣ କାଠ ।

ବକରା-ବି. ଛାଗ ।

ବକରୀ-ବି. ଛାଗୀ ।

ବକୁଳ-ବି. (ବକୁଳଗଛ) ଏହାର ଫୁଲ ।

ବକିବା-କ୍ରି. ଅନର୍ଥକ କହିବା ।

ବକୁଆ-ବି. ବାଚାଳ ।

ବକ୍କଲ-ବି. ବଲ୍କଳ ।

ବକ୍ତବ୍ୟ-ବି. (ବଚ୍-ତବ୍ୟ) କହିବାର ଯେ ଯା ।

ବକ୍ତା-ବି. (ବଚ୍-ତୃ) ବାକ୍ପଟୁ ଲୋକ ।

ବକ୍ତୃତା-ବି. ( ବକ୍ତୃ-ତା ) ଭାଷଣ; ମୌଖିକ

ବକ୍ତ୍ର-ବି. ମୁଖ, ବଦନ । [ବ୍ୟାଖ୍ୟାନ ।

ବକ୍ର-ବି. (ବଙ୍କ୍-ର) ବଙ୍କା, କୁଟିଳ ।

ବକ୍ରୋକ୍ତି-ବି. ( ବକ୍ର-ଉକ୍ତି ) ବ୍ୟଙ୍ଗବାକ୍ୟ; କାକୋକ୍ତି ।

ବକ୍‌ସିସ୍-ବି. (ଫାର୍ସୀ) ପାରିତୋଷିକ ।

ବକ୍ଷଃ-ବି. ଉରଃସ୍ଥଳ ।

ବକ୍ଷୋଜ-ବି. (ବକ୍ଷଃ-ଜନ୍-ଅ) ସ୍ତନ ।

ବକ୍ଷ୍ୟମାଣ-ବି. (ବଚ୍-ସ୍ୟମାନ) ଯାହା କୁହା-

ବଖରା-ବି. ଭାଗ; କୋଠରୀ । [ଯିବ ।

ବଖାଣିବା-କ୍ରି. ବ୍ୟାଖ୍ୟାନ କରିବା; ପ୍ରଶଂସା

ବଗଡ଼ି-ବି. ଡାଳଙ୍କ; ଅଣ୍ଡାଳ । [କରିବା ।

ବଗଡ଼ା—ସଂ. ମୋଟା (ଘୃତର ବା ଦୁଧ) ।
ବଗଲା—ବି. ହଂସବିଶେଷ ।
ବଗିଚ୍—ବି. (ଫାର୍ସୀ) ଛୋଟା, ଉଦ୍ୟାନ ।
ବଗୀ—ବି. ଏକପ୍ରକାର ଘୋଡ଼ାଗାଡ଼ି ।
ବଗୁଲି—ବି. ମାୟାବଗ ।
ବଘାରି—ବି. ବାଣ୍ଡବରେ ସୂତ ମସଲାର ବିଶେଷ ।
ବଙ୍କା—ସଂ. ବକ୍ର ।
ବଙ୍ଗୁଣୀ—ବି. ଭଣ୍ଡୁସ୍ଥି ।
ବଙ୍ଗ—ବି. ବଙ୍ଗଭାଷାଦେଶ; ଉପଧାତୁବିଶେଷ ଧାତୁ ।
ବଙ୍ଗଳା—ବି. ପ୍ରଦେଶବିଶେଷ; ଏକପ୍ରକାର ଘର ।
ବଚ—ବି. ଔଷଧବିଶେଷ ।
ବଚନ, ବଚଃ—ବି. କଥା, ଉକ୍ତି । [ଶବ୍ଦ ।
ବଚମାସ୍—ସଂ. (ବଦ୍-ମାଶ୍) ବଦମାସ୍; ଦୁଷ୍ଟ-
ବଚସ୍ପୁର—ସଂ. (ବଚା-ଭୂ-ଅ) ଅଶ୍ଳୀଳ ।
ବଚ୍ଛ—ସଂ. ଭାଙ୍ଗିବା ସ୍ୱାସ ପ୍ରଶ୍ନ ।
ବଜର୍—ବି. ଏକପ୍ରକାର ବଡ଼ ନୌକା ।
ବଜାରି—ବି. ପଣ୍ୟ-ବସ୍ତୁ-ସ୍ଥାନ ।
ବଜାଗ୍ନି—ସଂ. ପବିତ୍ର, ଅଭଦ୍ର । [ବଠିର ।
ବଜ୍ର—ବି. (ବଜ୍-ର) କୁଲିଶ; ହୀର; ସଂ. ଅତି
ବଜ୍ରୀ—ବି. ( ବଜ୍ର-ଇନ୍ ) ଇନ୍ଦ୍ର । [ଶୃଗାଳ ।
ବଞ୍ଚକ—ସଂ. ( ବଞ୍ଚ୍-ଅକ ) ପ୍ରତାରକ; ବି.
ବଞ୍ଚନା—ବି. (ବଞ୍ଚ୍-ଅନ-ଆ) ପ୍ରତାରଣା ।
ବଞ୍ଚିତ—ସଂ. ପ୍ରତାରିତ ।
ବଞ୍ଚିବା—କ୍ରି. ଜୀଇବା ।
ବଞ୍ଜୁଳ—ବି. ଅଶୋକବୃକ୍ଷ; ବେତସବୃକ୍ଷ ।

ବଟ—ବି. ବଟବୃକ୍ଷ । [ଶିଶୁଙ୍କର ।
ବଟକର୍ଣ୍ଣ—ବି. ତୌଳର ପରିମାଣବ ପ୍ରସ୍ତର-
ବଟା—ବି. ଛୋଟ ପ୍ରକାର ଭଙ୍ଗାଇବା ପାଇଁ ବେଣ୍ଟ
ପଇସା; ବଣ୍ଟନ; ପାଟେଚା ।
ବଟାଇବା—କ୍ରି. ପଠାଇବା ।
ବଟାଳି—ବି. ବଢ଼େଇଙ୍କର ଶସ୍ତ୍ରବିଶେଷ ।
ବଟିକା, ବଟୀ—ବି. ଔଷଧ-ବଟୀ ।
ବଟୁ—ବି. ଉପନୟନ-ସଂସ୍କାରପ୍ରାପ୍ତ ବ୍ରାହ୍ମଣ-
ବାଳକ ।
ବଟୁଆ—ବି. ପାନ ଗୁଆ ପ୍ରଭୃତି ରଖିବାର
ଥୁଆପାତ୍ର । [ ଯୋଗ ।
ବଟେଇ—ବି. (ବର୍ତ୍ତୁଳାକାର) ବଟୁ ଜାଣାଇବାର
ବଡ଼—ସଂ. ବୃହତ୍, ଶ୍ରେଷ୍ଠ, ଅଧିକ ।
ବଡ଼ବା—ବି. ଘୋଟକୀ; ସମୁଦ୍ରଘୋଟକୀ ।
ବଡ଼ାଗ୍ନି—ବି. ବଡ଼ବାନଳ ।
ବଡ଼ା—ବି. ଘୋଷିବାର ପିଷ୍ଟକବିଶେଷ ।
ବଡ଼ାଇ—ବି. ବଡ଼ପଣ; ଗର୍ବ ।
ବଡ଼ି—ବି. (ବଟୀ-ଶବ୍ଦଜ) ଗୋଲି ।
ବଡ଼ିଶ—ବି. ବନ୍ଶୀ । [ବ୍ରତବର୍ଜ୍ଜ ।
ବଡୁ—ବି. ( ବଟୁଶବ୍ଦଜ ) ଉପନୟନ-ସଂସ୍କାର,
ବଢ଼ା—ବି. ମୁଣ୍ଡବା ଘାସ-ବିଶେଷ ।
ବଢ଼ି—ବି. ଜଳ-ପ୍ଳାବନ, ବନ୍ୟା ।
ବଢ଼ିବା—କ୍ରି. ବୃଦ୍ଧି ପାଇବା; ଏଶ୍ୱର ହେବା ।
ବଣୀ—ବି. ଅରଣ୍ୟ ।
ବଣା—ସଂ. ବନ୍ୟ; ବି. ସୂତ ରଖିବାର ମାଟିଆ ।
ବଣି—ବି. ପକ୍ଷିବିଶେଷ ।

ବଣୁଆ—ବି. ବଣବାସୀ ।
ବଣ୍ଟନ—ବି. (ବଣ୍ଟ-ଅନ) ଭାଗକରିବା; ବଣ୍ଟା ।
ବଡକି—ବି. ବୃଦ୍ଧ ସ୍ତ୍ରୀ ।
ବଢା—ବି. ଛିଦ୍ର ଭାଙ୍ଗିବ ।
ବଢାଇବା—କ୍ରି. ଶିଖାଇଦେବା; ବଢ଼ିଦେବା ।
ବଡ଼ାଗ୍ନି—ବି. (ବାଡବାଗ୍ନି) ପ୍ରବଳ ଅଗ୍ନି ।
ବଢି—ବି. (ବର୍ଦ୍ଧନଜ) ବଢ଼ିବା; ମହାବନ୍ୟା ।
ବଣି—ବି. କ୍ଷୁଦ୍ର-ପକ୍ଷୀ ବିଶେଷ ।
ବତୁରିବା—କ୍ରି. ଜଳସିକ୍ତ ହେବା ।
ବତ୍ତି—ସଂ. ଦୀପ, ସଳିତା (ଶବ୍ଦାନ୍ତେ ପ୍ରଯୋଜ୍ୟ) ।
ବସ୍ତି—ବି. ମୂତ୍ରାଶୟ (ଦେହସ୍ଥ); ବାଲୁଙ୍ଗ ।
ବସ୍ତି-ଦେଶ—ବି. ବାଲୁଙ୍ଗ ।
ବତ୍ସର—ବି. (ବସ୍-ସର) ସମ୍ବତ୍ସର, ବର୍ଷ ।
ବତ୍ସଳ—ବି. (ବତ୍ସ-ଳ) ସ୍ନେହ-ଯୁକ୍ତ ।
ବଥ—ବି. ତୃଣ-ବିଶେଷ ।
ବଥା—ବି. (ବ୍ୟଥାଶବ୍ଦଜ) ପୀଡ଼ା, ବେଦନା ।
ବଦ୍—ବି. (ଫାର୍ସୀ) ମନ୍ଦ ।
ବଦନ—ବି. (ବଦ୍-ଅନ) ମୁଖ ।
ବଦରି—ବି. ବରକୋଳି ।
ବଦଳ—ବି. (ଆରବୀ) ପରିବର୍ତ୍ତ, ପରିବର୍ତ୍ତନ ।
ବଦଳାଇବା—କ୍ରି. ପରିବର୍ତ୍ତନ କରାଇବା ।
ବଦଳି—ବି. ପରିବର୍ତ୍ତନ ।
ବଦଳିବା—କ୍ରି. ପରିବର୍ତ୍ତନ ହେବା ।
ବଦାନ୍ୟ—ବି. (ବଦ୍-ଅନ୍ୟ) ଦାନଶୀଳ ।
ବଦି—ବି. (ଫାର୍ସୀ) ଅପବାଦ ।

ବଧ—ବି. (ବଧ୍-ଅ) ହତ୍ୟା, ଘାତ, ହନନ ।
ବଧାଇ / ବଧେଇ } ବି. ପାରିତୋଷିକ ।
ବଧୂ—ବି. (ବହ୍-ଊ) ନବବିବାହିତା ସ୍ତ୍ରୀ; ପତ୍ନୀ; [ପୁତ୍ରବଧୂ ।
ବଧୂଟୀ—ବି. ବାଳିକା ବଧୂ ।
ବଧ୍ୟ—ବି. (ବଧ୍-ଯ) ବଧଯୋଗ୍ୟ ।
ବନ—ବି. (ବନ୍-ଅ) ଅରଣ୍ୟ; କୁଞ୍ଜ ।
ବନ-ଚର—ବି. ବନବାସୀ, ଅରଣ୍ୟବାସୀ ।
ବନଜ—ବି. (ବନ-ଜନ୍-ଅ) ବନଜାତ ।
ବନ-ଦେବତା—ବି. ବନର ଅଧିଷ୍ଠାତ୍ରୀ ଦେବତା ।
ବନ-ମାଳା—ବି. ଆଜାନୁଲମ୍ବିତ ମାଳା ।
ବନମାଳୀ—ବି. (ବନ-ମାଳା-ଇନ୍) ଶ୍ରୀକୃଷ୍ଣ ।
ବନସ୍ତ—ବି. ବନ, ଅରଣ୍ୟ ।
ବନସ୍ପତି—ବି. (ବନ-ପତି) ବୃହତ୍ ବୃକ୍ଷ ।
ବନା / ବନାନ } ବି. ( ବର୍ଣ୍ଣନଶବ୍ଦଜ ) ଶବ୍ଦର ଅକ୍ଷର-ଗୁଡ଼ିକ ଶୁଦ୍ଧରୂପେ କହିବା; ବ୍ୟଞ୍ଜନ ବର୍ଣ୍ଣରେ ସ୍ୱରବର୍ଣ୍ଣର ଯୋଗ ।
ବନାଇବା—କ୍ରି. ନିର୍ମାଣ କରିବା, ଗଢ଼ିବା, ତିଆରିବା ।
ବନାତ—ବି. ଊର୍ଣ୍ଣାନିର୍ମିତ ବସ୍ତ୍ରବିଶେଷ ।
ବନିତା—ବି. ଭାର୍ଯ୍ୟା; ପତ୍ନୀ ।
ବନିବା—କ୍ରି. ବ୍ୟଞ୍ଜନ ଓ ସ୍ୱର ଯୋଗ କରିବା । [ସାଜିଯିବା ।
ବନୀ—ବି. ବନ ।
ବନି—ବି. ଅଂଶ; ମୂଲ ।
ବନ୍ଦନ / ବନ୍ଦନା } ବି. (ବନ୍ଦ୍-ଅନ, ଆ) ପ୍ରଣାମ; ସ୍ତୁତି-ପାଠ; ମଙ୍ଗଳାଚରଣ ।

ବନ୍ଦନୀୟ-ବି. (ବନ୍ଦ୍-ଅନୀୟ) ସ୍ତବନୀୟ, ପୂଜ-
ନୀୟ ।

ବନ୍ଦର-ବି. ସମୁଦ୍ରକୂଳସ୍ଥ ଜାହାଜମାନଙ୍କର ଅବସ୍ଥାନ ସ୍ଥାନ ; ଜାହାଜ ଦ୍ୱାରା ବାଣିଜ୍ୟ କର-
ବାର ସ୍ଥାନ । [ବନ୍ଦରା ।

ବନ୍ଦାଇବା-କ୍ରି. (ବନ୍ଦ୍ଧାତୁଜ) ମଙ୍ଗଳାଚରଣ

ବନ୍ଦାପନା-ବି. (ବନ୍ଦ୍ଧାତୁଜ) ମଙ୍ଗଳାର୍ଚ୍ଚନା ।

ବନ୍ଦାରୁ-ବି. (ବନ୍ଦ୍-ଆରୁ) ସ୍ତୁତିପାଠକ ।

ବନ୍ଦୀ-ବି. (ବନ୍ଦ୍-ଇ) ସ୍ତୁତିପାଠକ ; କଏଦ ।

ବନ୍ଦୀ-ଶାଳା-ବି. କାରାଗାର ।

ବନ୍ଦୋବସ୍ତ-ବି. (ପାର୍ଶୀ) ବ୍ୟବସ୍ଥା ।

ବନ୍ଦ୍ୟ-ବି. (ବନ୍ଦ୍-ଯ) ବନ୍ଦନୀୟ । [ଶନ୍ଦ

ବନ୍ଧ-ବି. (ବନ୍ଧ୍-ଅ) ସେତୁ; ବନ୍ଧନ; ଜଳା-

ବନ୍ଧନ-ବି. (ବନ୍ଧ୍-ଅନ) ବାନ୍ଧିବା ।

ବନ୍ଧା }
ବନ୍ଧକ } ବି. ଋଣାର୍ଥ ଗଚ୍ଛିତ ଦ୍ରବ୍ୟ ।

ବନ୍ଧୁକ-ବି. ଆଗ୍ନେୟାସ୍ତ୍ର, କମାଣ ।

ବନ୍ୟ-ବି. (ବନ-ଯ) ଜଙ୍ଗଲ ; ଆରଣ୍ୟ ।

ବନ୍ୟା-ବି. (ବନ-ଯ-ଆ) ଜଳପ୍ଳାବନ; ଜଳପ୍ରବାହ ।

ବପନ-ବି. ( ବପ୍-ଅନ ) ବୀଜବୁଣିବା କାର୍ଯ୍ୟ ; କ୍ଷୌରକାର୍ଯ୍ୟ ; ବସ୍ତ୍ର ବା ଲୁଗା ବୁଣିବା ।

ବପୁ-ବି. ଦେହର ବଳ ।

ବପୁଃ-ବି. (ବପ୍-ଉସ୍) ଶରୀର ; ସୁନ୍ଦର ଆକୃତି ।

ବପୁଷ୍ମାନ୍-ବି. (ବପୁଃ-ମତୁ) ପ୍ରଶସ୍ତଶରୀର ।

ବପ୍ତା-ବି. (ବପ୍-ତୃ) ବୀଜବପନକାରୀ, ପିତା; କୃଷକ ।

ବପ୍ର-ବି. ( ବପ୍-ର ) କେଦାର : ତଟ ; ପାଚେରି ;
ପ୍ରାକାର । [ମୃତ୍ତିକା ଖଣ୍ଡ ।

ବପ୍ର-କ୍ରୀଡ଼ା-ବି. ବୃଷଭମାନଙ୍କର ଶୃଙ୍ଗାଘାତ ଦ୍ୱାରା

ବମନ-ବି. (ବମ୍-ଅନ) ଉଦ୍ଗିରଣ, ବାନ୍ତି ।

ବମନୀୟ-ବି. (ବମ୍-ଅନୀୟ) ବମନଯୋଗ୍ୟ ।

ବୟଃ-ବି. ବୟସ, ଅବସ୍ଥାଜନିତ କାଳ; ଯୌବନ;

ବୟଃ-ସନ୍ଧି-ବି. ଯୌବନାବସ୍ଥା । [ପକ୍ଷୀ ।

ବୟସ୍ୟ-ବି. (ବୟସ୍-ଯ) ସମବୟସ୍କ; ସଖା ।

ବୟସ୍ୟା-ବି. ସଖୀ ।

ବର-ବି. (ବୃ-ଅ) ଦେବତା ନିକଟରେ ପ୍ରାର୍ଥିତ
ଲାଭ; ବରାନୁବର୍ତ୍ତୀ; ପତି; ବି. ଶ୍ରେଷ୍ଠ ।

ବରଖାସ୍ତ-ବି. ପଦଚ୍ୟୁତ । [ବାଠ ।

ବରଗା-ବି. ଛାତ ଉପର କଡ଼ିମଧ୍ୟସ୍ଥ ସରୁ-

ବରଗିବା-କ୍ରି. ପଠାଇବା; ଭସ୍ମ କରିବା ।

ବରଜ-ବି. ପାନ କ୍ଷେତ ।

ବରଙ୍ଗୀ-ବି. ତାମ୍ବୁଲ-ବ୍ୟବସାୟୀ ।

ବରଟ-ବି. ରାଜହଂସ ।

ବରଟା-ବି. ରାଜହଂସୀ ।

ବରଡ଼ା-ତାଳ-ବାହୁଡ଼ା । [ଦେଶଜ ।

ବରଣ-ବି. (ବୃ-ଅନ) ବରାନୁକ୍ରମେ ସମ୍ବର୍ଦ୍ଧନା;

ବରଣୀୟ-ବି. ( ବୃ-ଅନୀୟ ) ବରଣଯୋଗ୍ୟ ;
ପ୍ରାର୍ଥନୀୟ; ଶ୍ରେଷ୍ଠ ।

ବରଣ୍ଡ-ବି. (ବୃ-ଅଣ୍ଡ) ବରଣ୍ଡା । [ମୁଖ ।

ବରଦ-ବି. (ବର-ଦା-ଅ) ବରପ୍ରଦ, ଅଭୀଷ୍ଟ-

ବରଦା-ବି. ଅଭୀଷ୍ଟ ଦାୟିନୀ ।

ବରଫ-ବି. ତୁଷାର; ଶୀତରେ ଜମାଟବନ୍ଧା ଜଳ ।
ବରବର୍ଣ୍ଣିନୀ-ସଂ. (ବର-ବର୍ଣ୍ଣ-ଇନ୍-ଈ) ସୁନ୍ଦରୀ ।
ବରଷ-ବି. ବର୍ଷ ।
ବରାକ-ସଂ. ଦରିଦ୍ର, ନୀଚ ।
ବରାଟକ, ବରାଟିକା-ବି. କଉଡ଼ି ।
ବରାହ-ବି. ( ଘୁଷୁରି ) ମାନବ ମୂର୍ତ୍ତି; ଦଶ ଅବ-ତାର ।
ବରାରୋହା-ବି. (ବର-ଆରୋହ-ଆ) ସୁନ୍ଦରୀ ସ୍ତ୍ରୀ ।
ବରିଷା-ବି. ବାରିଷା; ବର୍ଷାଋତୁ ।
ବରିଷ୍ଠ-ସଂ. (ଉରୁ-ଇଷ୍ଠ) ଶ୍ରେଷ୍ଠତମ ।
ବରୀୟାନ୍-ସଂ. (ଉରୁ-ଈୟସ୍) ଶ୍ରେଷ୍ଠତର ।
ବରୁଣ-ବି. (ବୃ-ଉନ) ଜଳର ଅଧିଦେବତା; ପଶ୍ଚିମଦିକ୍‌ପାଳ ।
ବରୁଣାନୀ-ବି. ବରୁଣ-ପତ୍ନୀ ।
ବରୂଥ-ବି. (ବୃ-ଊଥ) ବର୍ମ, ସଞ୍ଜୁ ।
ବରୂଥିନୀ-ବି. (ବରୂଥ-ଇନ୍-ଈ) ସେନା ।
ବରେଣ୍ୟ-ସଂ. (ବୃ-ଏଣ୍ୟ) ବରଣୀୟ; ଶ୍ରେଷ୍ଠ ।
ବର୍କର-ବି. ବୋଦା, ଛେଳି ।
ବର୍ଗ-ବି. ( ବୃଜ୍-ଅ ) ଶ୍ରେଣୀ; ଏକ ଜାତୀୟ ଦଳ; ଗଣ; ପ୍ରକରଣ; ଦୁଇ ସମସଂଖ୍ୟାର ଗୁଣଫଳ ।
ବର୍ଗ କ୍ଷେତ୍ର-ବି. ସମାନ ଚୌହଦି, ଯୁକ୍ତ ଖଣ୍ଡ ଭୂମି ।
ବର୍ଗମୂଳ-ବି. ଯେଉଁ ସଂଖ୍ୟାକୁ ଗୁଣିଲେ ବର୍ଗର ମୂଳ ତାହା ହୁଏ । "X" ର ବର୍ଗମୂଳ " ।
ବର୍ଗୀୟ-ସଂ. ବର୍ଗ ସମ୍ବନ୍ଧୀୟ ।
ବର୍ଚ୍ଚସ-ବି. ତେଜ; ଦୀପ୍ତି ।
ବର୍ଚ୍ଚା-ବି. ଅସ୍ତ୍ରବିଶେଷ; ବର୍ଚ୍ଛା ।
ବର୍ଜନ-ବି. (ବୃଜ୍-ଅନ) ତ୍ୟାଗ ।
ବର୍ଜନୀୟ-ସଂ. (ବୃଜ୍-ଅନୀୟ) ତ୍ୟାଗଯୋଗ୍ୟ ।
ବର୍ଜିତ-ସଂ. (ବୃଜ୍-ତ) ତ୍ୟକ୍ତ; ରହିତ ।
ବର୍ଣ୍ଣ-ବି. (ବର୍ଣ୍ଣ୍-ଅ) ବ୍ରାହ୍ମଣାଦି ଜାତି; ରଙ୍ଗ; ରୂପ; ସ୍ୱର; ଅକ୍ଷର ।
ବର୍ଣ୍ଣକ-ବି. ଅଙ୍ଗରାଗ ।
ବର୍ଣ୍ଣନ, ବର୍ଣ୍ଣନା-ବି. (ବର୍ଣ୍ଣ୍-ଅନ, ଆ) ବିବରଣ; ଗୁଣକଥନ ।
ବର୍ଣ୍ଣ-ମାଳା-ବି. ଅନେକ ଅକ୍ଷର-ସମୂହ ।
ବର୍ଣ୍ଣ-ସଙ୍କର-ବି. ମିଶ୍ରଜାତି; ଭିନ୍ନ ଭିନ୍ନ ବର୍ଣ୍ଣର ପିତାମାତାଙ୍କଠାରୁ ଉତ୍ପନ୍ନ ଜାତି ।
ବର୍ଣ୍ଣିତ-ସଂ. କଥିତ, ବାଖ୍ୟାତ; ପ୍ରଶଂସିତ ।
ବର୍ତ୍ତନ-ବି. (ବୃତ୍-ଅନ) ବୃତ୍ତି, ଜୀବିକା; ସ୍ଥିତି ।
ବର୍ତ୍ତମାନ-ସଂ. (ବୃତ୍-ଶାନ) ବିଦ୍ୟମାନ; ଉପସ୍ଥିତ ।
ବର୍ତ୍ତି-ବି, ବତି, ସଳିତା ।
ବର୍ତ୍ତିତ-ସଂ. (ବୃତ୍-ଣିଚ୍-ତ) ସମ୍ପାଦିତ ।
ବର୍ତ୍ତିଷ୍ଣୁ-ସଂ. (ବୃତ୍-ଇଷ୍ଣୁ) ସ୍ଥିତିଶୀଳ ।
ବର୍ତ୍ତୀ-ସଂ. ବର୍ତ୍ତମାନ (ସମାସରେ) ।
ବର୍ତ୍ତୁଳ-ସଂ. ଗୋଲାକାର, ବୃତ୍ତ ।
ବର୍ତ୍ମ-ବି. ପଥ, ମାର୍ଗ ।
ବର୍ଦ୍ଧକ-ସଂ. (ବୃଧ୍-ଅକ) ବୃଦ୍ଧିକାରକ ।
ବର୍ଦ୍ଧକି-ବି. (ବର୍ଦ୍ଧ-କି) ବଢ଼େଇ, ସୂତ୍ରଧର ।
ବର୍ଦ୍ଧନ-ବି. ( ବୃଧ୍-ଅନ ) ବୃଦ୍ଧି; ଉନ୍ନତି; ବର୍ଦ୍ଧକ ।

ବର୍ତ୍ତମାନ-ବି. (ବୃତ୍-ଶାନ) ବୃତ୍ତିଶୀଳ ।
ବର୍ଦ୍ଧିତ-ବି. (ବୃଧ୍-ଣିଚ୍-ତ) ବୃଦ୍ଧିପ୍ରାପ୍ତ; ପୋଷିତ ।
ବର୍ଦ୍ଧିଷ୍ଣୁ-ବି. (ବୃଧ୍-ଇଷ୍ଣୁ) ବର୍ଦ୍ଧନ-ଶୀଳ ।
ବର୍ମ-ବି. (ବୃ-ମନ୍) କବଚ, ସାଞ୍ଜୁ; କ୍ଷତ୍ରିୟର
ବର୍ଯ୍ୟ-ବି. (ବୃ-ଯ) ଶ୍ରେଷ୍ଠ । [ଉପାଧି ।
ବର୍ବର-ବି. ଅତି ଅସଭ୍ୟ ଲୋକ; ନୀଚଜାତି ।
ବର୍ବୁର-ବି. ବବୁର ଗଛ ।
ବର୍ଷ-ବି. (ବୃଷ-ଅ) ବତ୍ସର; ଦେଶ; ବୃଷ୍ଟି ।
ବର୍ଷଣ-ବି. (ବୃଷ-ଅନ) ବୃଷ୍ଟି ।
ବର୍ଷା-ବି. (ବୃଷ-ଅ-ଆ) ବୃଷ୍ଟି କାଳ, ପ୍ରାବୃଟ ।
ବର୍ଷାଭୂ-ବି. (ବର୍ଷା-ଭୂ-କ୍ୱିପ୍) ଭେକ ।
ବର୍ଷିଷ୍ଠ, ବର୍ଷୀୟାନ୍-ବି. (ବୃଦ୍ଧ-ଇଷ୍ଠ, ଈୟସ୍) ଜ୍ୟେଷ୍ଠ, ଅତି ବୃଦ୍ଧ । [ପଥର ।
ବର୍ଷୋପଳ-ବି. (ବର୍ଷ-ଉପଳ) କରକା, ଶିଳା-
ବର୍ହ-ବି. (ବର୍ହ୍-ଅ) ମୟୂର-ପୁଚ୍ଛ ।
ବର୍ହି-ବାହନ-ବି. କାର୍ତ୍ତିକେୟ ।
ବର୍ହୀ-ବି. (ବର୍ହ-ଇନ୍) ମୟୂର, ଶିଖୀ ।
ବଳ-ବି. (ବଳ୍-ଅ) ଶକ୍ତି; ସୈନ୍ୟ ।
ବଳକ୍ଷ-ବି. ଶୁକ୍ଳ, ଧଳା ।
ବଳକା-ବି. [illegible]
ବଳଦ-ବି. ବୃଷ, ଷାଣ୍ଢ । [illegible]
ବଳଭଦ୍ର-ବି. ବଳରାମ, ଶ୍ରୀକୃଷ୍ଣ-ଭ୍ରାତା ।
ବଳଭି-ବି. ଚନ୍ଦ୍ରଶାଳା, ଗୃହ-ଉପରସ୍ଥ ଘର ।
ବଳମ-ବି. କଙ୍କଣ, ଚୁଡ଼ି ।

ବଳୟ-ବି. ହାତବଳା, କଙ୍କଣ; ମଣ୍ଡଳ ।
ବଳୟିତ-ବି. ବେଷ୍ଟିତ ।
ବଳବିଣ୍ଡ-ବି. (ବଳ-ବନ୍ଧ-ଆ) ଶକ୍ତି, ସାମର୍ଥ୍ୟ ।
ବଳବାନ୍-ବି. (ବଳ-ବତ୍) ସମର୍ଥ, ଶକ୍ତିଶାଳୀ ।
ବଳା-ବି. ବଳସ୍ ।
ବଳାତ୍-ଅ. ବଳତ୍; ଅଶୁଭ ।
ବଳାଇବା-କ୍ରି. ବଳପୂର୍ବକ ଶକ୍ତ କରିବା ।
ବଳାକା-ବି. ବକଶ୍ରେଣୀ ।
ବଳାହକ-ବି. ମେଘ; ପର୍ବତ ।
ବଳି-(ବର୍ତ୍ତି ର ଦେଖ) ।
ବଳିବା-କ୍ରି. ଅଧିକ ହେବା; ଅତିକ୍ରମ କରିବା ।
ବଳିଶ-ବି. ବଡ଼ିଶ, ବନ୍ସୀ ।
ବଳିଷ୍ଠ-ବି. ଅତି ବଳବାନ୍ ।
ବଳୀ-ବି. (ବଳ-ଇନ୍) ବଳବାନ୍ ।
ବଳୀକ-ବି. ଘରର ଓଳି ।
ବଲ୍କ, ବଲ୍କଲ-ବି. ବାକଳ, ବୃକ୍ଷତ୍ୱକ୍ ।
ବଲ୍ଗନ-ବି. (ବଲ୍ଗ୍-ଅନ) ଘୋଡ଼ାଙ୍କର ଦୌଡ଼
ବଲ୍ଗା-ବି. ଲଗାମ; ରଶି । [ଡେଇଁବା ।
ବଲ୍ଗିତ-ବି. ଘୋଡ଼ାର ଗତିଭେଦ ।
ବଲ୍ଲବ-ବି. ଗୋପ ।
ବଲ୍ଲକି-ବି. [illegible] ।
ବଲ୍ଲଭା-ବି. ପ୍ରିୟା । [ପତି ।
ବଲ୍ଲଭ-ବି. (ବଲ୍ଲ-ଅଭ) ପ୍ରିୟ, ଦୟିତ; ସ୍ୱ.
ବଲ୍ଲରୀ-ବି. ଲତା ।
ବଲ୍ଲୀ-ବି. ଲତା; ମଞ୍ଜରୀ ।

ବଲ୍ମୀକ-ବି. ଉଈଗ, ହୋପାଳେ ।

ବଲ୍ଲୀ-ବି. ଲତା ।

ବଲ୍ଲୂରି-ବି. ଓଦେଲ ଭୂମି, ପଡ଼ିଆ ଭୂଇଁ ।

ବବ-ବି. ଜ୍ୟୋତିଷର କରଣବିଶେଷ ।

ବଶ-ବି. ( ବଶ୍-ଅ) ଅଧୀନ ; ବି. ଅଧୀନତା ।

ବଶତଃ-ଅ. ଅଧୀନତା ହେତୁରୁ ।

ବଶତା-ବି. ଅଧୀନତା ।

ବଶବର୍ତ୍ତୀ-ବି. ଅଧୀନ । [ବିଶାରଦ ।

ବଶମ୍ବଦ-ବି. ( ବଶ-ବଦ୍-ଅ ) ପ୍ରିୟବାଦୀ ;

ବଶିଷ୍ଠ-ବି. ମୁନିବିଶେଷ, ରଘୁକୁଳ-ଗୁରୁ ।

ବଶୀ-ବି. (ବଶ-ଇନ୍) ଜିତେନ୍ଦ୍ରିୟ ।

ବଶୀକରଣ-ବି. ଅଧୀନକରଣ ।

ବଶୀକୃତ-ବି. ଅଧୀନୀକୃତ ।

ବଶୀଭୂତ-ବି. ଅଧୀନତାପ୍ରାପ୍ତ ।

ବଶ୍ୟ-ବି. ( ବଶ୍-ଯ ) ଅଧୀନ ।

ବଶ୍ୟତା-ବି. ଅଧୀନତା ।

ବଷଟ୍-ବି. ଅଗ୍ନିରେ ଆହୁତିଦାନର ମନ୍ତ୍ର ।

ବଷଟ୍କାର-ବି. ଅଗ୍ନିରେ ଆହୁତିପ୍ରଦାନ ।

ବସଣି-ବି. ନାରିକାର ଅଳଙ୍କାର ବିଶେଷ ।

ବସତି-ବି. ( ବସ୍-ଅତି ) ବାସସ୍ଥାନ ।

ବସନ-ବି. ( ବସ୍-ଅନ ) ବସ୍ତ୍ର ।

ବସନ୍ତ-ବି. ( ବସ୍-ଅନ୍ତ ) ମଧୁଋତୁ ।

ବସନ୍ତ-ଦୂତ-ବି. କୋକିଳ ।

ବସା-ବି. ମେଦ, ଚର୍ବି । [ମନ୍ତ୍ର ଦେବା ।

ବସାଇବା-କ୍ରି. ଉପବେଶନ କରାଇବା ; ଭୂଷଣରେ

ବସିବା-କ୍ରି. ଉପବେଶନ କରିବା ; ସଂଲଗ୍ନ ହେବା । [ଅଷ୍ଟଦେବତା ।

ବସୁ-ବି. (ବସ୍-ଉ) ଧନ ; ରତ୍ନ ; ଧ୍ରୁବ ସୋମାଦି

ବସୁଦେବ-ବି. କୃଷ୍ଣଙ୍କ ପିତା ।

ବସୁଧା-ବି. ( ବସୁ-ଧା-କ୍ୱିପ୍ ) ପୃଥିବୀ ।

ବସୁ-ଧାରା-ବି. ଶ୍ରାଦ୍ଧବିଶେଷରେ ଭିତ୍ତିରେ ଦିଆ ଘୃତ-ଧାରା ।

ବସୁନ୍ଧରା-ବି. ( ବସୁ-ଧୃ-ଅ-ଆ ) ପୃଥିବୀ ।

ବସୁମତୀ-ବି. ( ବସୁ-ମତୁ-ଈ ) ପୃଥିବୀ ।

ବସ୍ତା-ବି. ଗଣ୍ଠିଲ ; ଅଖାର ବଡ଼ ଥଳୀ ।

ବସ୍ତି-ବି. ତଳପେଟ ; ଗ୍ରାମ ।

ବସ୍ତୁ-ବି. (ବସ୍-ତୁ) ପଦାର୍ଥ ; ସତ୍ୟ ।

ବସ୍ତୁତଃ-ଅ. ପଦାର୍ଥରୂପେ ।

ବସ୍ତ୍ର-ବି. ( ବସ୍-ତ୍ର ) ବସନ, ଲୁଗା ।

ବସ୍ତ୍ର-ଗୃହ-ବି. ତମ୍ବୁ ।

ବହ-ବି. (ବହ୍-ଅ) ବହନକାରୀ (ସମାସରେ) ।

ବହନ-ବି. ( ବହ୍-ଅନ ) ବୋହିବା ; ଧାରଣ ।

ବହନ-କ୍ରି. ବି. ବେଗେ, ଶୀଘ୍ର ।

ବହନି-ବି. ପ୍ରଥମ ବୟସ ।

ବହମାନ-ବି. (ବହ୍-ଆନଚ୍) ବହନଶୀଳ ।

ବହିତ୍ର-ବି. (ବହ୍-ଇତ୍ର) ଡଙ୍ଗା ।

ବହଳ-ବି. ଗାଢ଼, ମୋଟ ।

ବହିଃ-ଅ. ବାହାରେ ।

ବହିଃସ୍ଥ-ବି. ବାହାରେ ସ୍ଥିତ ।

ବହି-ବି. ( ଫାର୍ସୀ ) ପୁସ୍ତକ ।

ବହୁବା–କ୍ରି. ବୋହିବା, ବାଷ୍ପ ବା ସ୍ରୋତର ସମାନ ବହିବା । [ସଂସ୍କୃତ ।

ବହୁରନ୍ଧ୍ରମ୍–ବି. (ବହୁ-ରନ୍ଧ୍ର) ଅନେକ ଛିଦ୍ରଯୁକ୍ତ

ବହୁରୂଢ଼–ବି. (ବହୁ-ରୂ-ଢ) ବହୁର୍ଦ୍ଧିତ ।

ବହୁଶ୍ରୁତ–ବି. (ବହୁ-ଶ୍ରୁ-ତ) ସୁପ୍ରସିଦ୍ଧ ।

ବହ୍ନି–ବି. ଅଗ୍ନେୟ ।

ବହୁଳ–ବି. ଅନେକ ।

ବହ୍ନି–ବି. (ବହ୍-ନି) ଅଗ୍ନି । [ପର୍ବତ ।

ବା–ଅ. ଅଥବା, କିମ୍ବା, ବିକଳ୍ପସୂଚକ; ବି.

ବାଇ–ବି. (ବାୟୁ ଶବ୍ଦଜ) ବାୟୁରୋଗ ।

ବାଇ–ବି. ଭଉଣୀ; ମାତାମହୀ ସ୍ତ୍ରୀ; ବର୍ଦ୍ଧକ-ବିଶେଷ ।

ବାଇଗଣ–ବି. (ବାତଙ୍ଗଣଶବ୍ଦଜ) ବାର୍ତ୍ତାକୁ ।

ବାଇଗବା–ବି. ବୃକ୍ଷବିଶେଷ ।

ବାଇଶ–ବି. ଦ୍ୱାବିଂଶତି ।

ବାଇଶି–ବି. ଅଙ୍ଗୀନ ଭାଙ୍ଗି । [ବେଢ଼ନ ।

ବାଉଳା–ବି. (ବାତୁଳଶବ୍ଦଜ) ବାତୁଳ;

ବାଉଁଶ–ବି. ବେଣୁ, ବଂଶ ।

ବାଁ–ବି. ବାମ, ସବ୍ୟ । [ସ୍ୱର ।

ବାକ୍–ବି. (ବଚ୍-କ୍ୱିପ୍) ବାଣୀ; ଗିର; ବଚ-

ବାକ୍ସ–ବି. (ଆରବି) ଆଂଗିଡ଼ା ।

ବାକୁଲି–ବି ସୁଅଳି ଖଣ୍ଡା ।

ବାକ୍ୟ–ବି. (ବଚ୍-ଯ) ବଚନ; କର୍ତ୍ତୃକ୍ରିୟାଦି-ଯୁକ୍ତ ପଦସମୂହ ।

ବାଖରି–ବି. ମନ୍ଦିରର ଉପାଦାନବିଶେଷ ।

ବାଗ–ବି. ଘୋଡ଼ାମୁହଁର ଲଗାମ; ଅଶ୍ୱବନ୍ଧନ ।

ବାଗୀଶ–ବି. (ବାକ୍-ଈଶ) ବୃହସ୍ପତି; ଉତ୍ତମ-

ବାଗୁଡ଼ି–ବି. ଏକପ୍ରକାର ଖେଳ । [ବଲ୍ଗା ।

ବାଗୁରା–ବି. ମୃଗ ଧରିବା ଜାଲ, ଫାନ୍ଦ ।

ବାଗୁଲି–ବି. ପକ୍ଷୀବିଶେଷ ଚାମ୍‌ଚ-ଚଢ଼େଇ ।

ବାଗ୍‌ଦଣ୍ଡ–ବି. (ବାକ୍-ଦଣ୍ଡ) ଭର୍ତ୍ସନା; ବଚନ-ସଂଯମ ।

ବାଗ୍‌ଦେବୀ–ବି. (ବାକ୍-ଦେବୀ) ସରସ୍ୱତୀ, ବାଣୀ ।

ବାଗ୍ମୀ–ବି. (ବାକ୍-ମିନ୍) ବକ୍ତା; ବାକ୍‌ପଟୁ ।

ବାଗ୍‌ଯୁଦ୍ଧ–ବି. (ବାକ୍-ଯୁଦ୍ଧ) କଳହ ।

ବାଘ–ବି. (ବ୍ୟାଘ୍ରଶବ୍ଦଜ) ଶାର୍ଦ୍ଦୂଳ ।

ବାଛି–ବି. ଜନ୍ତୁପକ୍ଷୀର ରୋଗବିଶେଷ ।

ବାଛୁଣୀ–ବି. ବାଛିବା ।

ବାଜି–ବି. ଘୋଡ଼ା; ବି. ବାଣ ।

ବାଜିର–ବି. ଘୋଡ଼ା । [ଖାଦ୍ୟ ।

ବାଙ୍ମୟ–ବି. ( ବାକ୍-ମୟ ) ବାକ୍ୟମୟ; ବା

ବାଞ୍ଛନୀୟ–ବି. (ବାଞ୍ଛ-ଅନୀୟ) ଈପ୍ସିତ ।

ବାଚକ–ବି. ( ବଚ୍-ଣକ ) ଅର୍ଥପ୍ରକାଶକ; ବୋଧକ ।

ବାଚନିକ–ବି. (ବଚ୍-ଅନ୍-ଇକ) କଥିତ; ମୌଖିକ ।

ବାଚସ୍ପତି–ବି. ( ବାଚନ-ପତି ) ବାଚସ୍ପତି । ଦେବଗୁରୁ । [ବୃହସ୍ପତି ।

ବାଚାଳତା–ବି. (ବାଚାଳ-ତା) ବାଚାଳ; ଦେବଗୁରୁ;

ବାଚାଳି–ବି. (ବାଚ୍-ଆଳ) ବାଚାଳ; ଯେ ବହୁତ କହେ; ଅସମ୍ଭବ ଭାଷୀ ।

ବାଚିକ–ବି. (ବାଚ୍-ଇକ) ବଚନସମ୍ବନ୍ଧୀୟ ।

ବାଚ୍ୟ-ବି. ( ବଚ୍-ଯ ) କଥନୀୟ; ନିନ୍ଦନୀୟ, ଧାତୁର କ୍ରିୟାର ବିଶେଷ କର୍ତ୍ତୃକ ଅର୍ଥରେ ସେ ବିଶେଷ ବିଶେଷ ପ୍ରତ୍ୟୟ ହୁଏ ।

ବାଛୁରୀ-ବି. ( ଦେଶଜ ) ବାଳଗୋବତ୍ସବିଶେଷ; ଗୋବତ୍ସଶିଶୁ । [ବଛୁରୀ ।

ବାଛିବା-କ୍ରି. ଶୁଦ୍ଧ କରି ନେବା, ବୋଛିବା

ବାଛୁରି-ବି. (ଦେଶଜଗ୍ରାମ୍ୟ) ଗୋବତ୍ସ ।

ବାଜି-ବି. (ବାଜ୍-ଯ) ଘୋଟକ ।

ବାଜିଗା-ବି. ବାଜା, ବାଦ୍ୟ ।

ବାଜି-ନେପଥ୍ୟ-ବି. ବୈଦିକ ଯାଗବିଶେଷ ।

ବାଜପେୟୀ-ବି. ( ବାଜପେୟ-ଇନ୍ ) ବାଜପେୟ-ଯାଗକାରୀ ।

ବାଜି-ବି. ଅଶ୍ୱ; ଶର ।

ବାଜିବା-କ୍ରି. ଶବ୍ଦ ହେବା ।

ବାଞ୍ଛା-ବି. (ବାଞ୍ଛ୍-ଅ) ଇଚ୍ଛା ।

ବାଟୁ-ବି. ଦୁସ୍ତାରଭକ୍ଷଣବିଶେଷ ।

ବାଟେଇ-ବି. ଗୁଡ଼ାଖ; ପଥର ।

ବାଟୋଇ-ପ୍ରବାସୀ ପଥିକ ।

ବାଣ୍ଟିଶସ୍ୟ-ବି. (ବାଣ୍ଟ-ଶସ୍ୟ) ଶସ୍ୟଭାଗବିଶେଷ ।

ବାଡ଼ା-ବି. (ବାଟ-ଅ) ବାଉଁଶ, ଗୁଡ଼ା ।

ବାଟିକା-ବି. (ବାଟ-କ) ଉଦ୍ୟାନ, ଉଦ୍ୟାନଖଣ୍ଡ ।

ବାଟ-ବି. (ବଟ୍-ଅ) ପଥ; ଭୂମି ।

ବାଣ୍ଟିବା-କ୍ରି. ଭାଗକରି ଦେବା ।

ବାଟିକା-ବି. କ୍ଷୁଦ୍ର ବଗିଚା ।

ବାଟୀ-ବି. ଗ୍ରାମ; ୨୦ ମାଣ ଭୂମି ।

ବାଟୁଳି-ବି. ମାଟିର ଗୁଳି ।

ବାଟୋଳି-ବି. (ବାଟ-ଦେଶଜ) ପଥିକ ।

ବାଡ଼-ବି. ( ଦେଶଜ ) କ୍ଷେତ୍ରରକ୍ଷାର୍ଥ ବେଷ୍ଟନ । [ବାଡ଼ବାଡ଼ି ।

ବାଡ଼ବ-ବି. ( ବଡ଼ବା-ଅ ) ସମୁଦ୍ରସ୍ଥ ଅଗ୍ନି;

ବାଡ଼ି-ବି. ଯଷ୍ଟି; ପୁଷ୍ପବାଟିକା; କ୍ଷୁଦ୍ର ବଗିଚା ।

ବାଢ଼ୁଆ-ବି. ସହକାରୀ ।

ବାଢ଼େଇବା-କ୍ରି. ପ୍ରହାର କରିବା ।

ବାଢ଼ିବା-କ୍ରି. ଅନ୍ନ ବ୍ୟଞ୍ଜନ ପାତ୍ରରେ ଥୋଇବା; ପରଶିବା ।

ବାଣ-ବି. (ବାଣ୍-ଅ) ଶର, ତୀର ।

ବାଣୀ-ବି. ଦେବୀ ସରସ୍ୱତୀ; ବଚନ । [ବାଣୀ ।

ବାଣିଜ୍ୟ-ବି. ( ବଣିକ୍-ଯ ) ବଣିକ୍‌ବୃତ୍ତି; ବାଣି-

ବାଣୀ-ବି. (ବଣ୍-ଇ-ଈ) ବାକ୍ୟ; ସରସ୍ୱତୀ ।

ବାତ-ବି. (ବା-କ୍ତ) ବାୟୁ; ରୋଗବିଶେଷ ।

ବାତପ୍ରମୀ-ବି. ବାୟୁର ପ୍ରତିକୂଳଗାମୀ ମୃଗ ।

ବାତାପି-ବି. ଅସୁରବିଶେଷ; ଅମୃତଲତାବିଶେଷ ।

ବାତାୟନ-ବି. (ବାତ-ଅୟନ) ଗବାକ୍ଷ, ଝରକା ।

ବାତୁଳ-ବି. (ବାତ ଉଲ) ପାଗଳ ।

ବାତ୍ୟା-ବି. ( ବାତ-ଯ-ଆ ) ପ୍ରବଳ ବାୟୁ, ତୋଫାନ । [ପ୍ରଚଣ୍ଡ ବେଗ ।

ବାତ୍ସଲ୍ୟ-ବି. (ବତ୍ସଲ-ଯ) ସ୍ନେହ ପୁତ୍ର ପ୍ରତି ବା

ବାଦ-ବି. ( ବଦ୍-ଅ ) ତର୍କ; ବିବାଦ; କଥନ; କଳହ; ଦ୍ୱେଷ । [ବଜ୍ଜା ।

ବାଦକ-ବି. ( ବଦ୍-ଣିଚ୍-ଅକ ) ବାଦ୍ୟକର;

ବାଦନ-ବି. (ବାଦ-ଅନ) ବଜାଇବା ।

ବାଦରାୟଣ-ବି. ବଦରିକାଶ୍ରମର ମୁନି-ବ୍ୟାସ ।

ବାଦଶା-ବି. ( ପାର୍ସୀ ) ରଜା ।

ବାଦାନୁବାଦ-ବି. ( ବାଦ-ଅନୁବାଦ ) ବାଦ-ବିତଣ୍ଡା ।

ବାଦାମ-ବି. ବୃକ୍ଷବିଶେଷ ଓ ତାହାର ଫଳ ।

ବାଧିତ-ବିଂ. (ବଧ୍-ଣିଚ୍-କ୍ତ) ପୀଡ଼ିତ ।

ବାଦିତ୍ର-ବି. (ବାଦ-ଇତ୍ର) ବାଦ୍ୟଯନ୍ତ୍ର, ବାଜଣା ।

ବାଧା-ବିଂ. (ବାଧ୍-ଅଚ୍) ବିଘ୍ନ, ପ୍ରତିବାଦ ।

ବାଧୁଆ-ବିଂ. ବେଢ଼ୀ, ବନ୍ଦୀ ।

ବାଦୁଡ଼ି-ବି. ଉଡ଼ନ୍ତା ପ୍ରାଣିବିଶେଷ ।

ବାଦ୍ୟ-ବି. (ବାଦ-ଯ) ବାଜଣା, ବାଜା ।

ବାନପ୍ରସ୍ଥ-ବି. ( ବନ-ପ୍ର-ସ୍ଥା ) ବୃଦ୍ଧାବସ୍ଥାରେ ବନବର୍ତ୍ତୀ ବନପ୍ରସ୍ଥାନ ରୂପ ।

ବାନର-ବି. (ବନ-ରମ୍-ଅ) ମର୍କଟ, ଶାଖାମୃଗ ।

ବାନା-ବି. ପତାକା ।

ବାନାର-ବି. କେତପଙ୍କ ।

ବାନ୍ତ-ବିଂ. (ବମ୍-କ୍ତ) ଉଦ୍ଗୀର୍ଣ୍ଣ ।

ବାନ୍ତି-ବି. ( ବମ୍-କ୍ତି ) ବମନ, ଉଦ୍ଗାରଣ ।

ବାପ-ବି. ( ବପ୍-ଅ ) ରୋପଣ ; (ବପ୍ତୃଶବ୍ଦ) ଜନକ । [ମୁଣ୍ଡନ ।

ବାପିତ-ବିଂ. ( ବପ୍-ଣିଚ୍-କ୍ତ ) ମୁଣ୍ଡିତ ; ରୁଆ,

ବାପୀ-ବି. ଦୀର୍ଘୀ, ବୃହତ୍ କୂପ ।

ବାବା-ବି. ପିତା । [ସମ୍ବୋଧନ ।

ବାମ୍ଭି-ବି. ଉଇପୋକର ସ୍ତୂପ ; ବାଲ୍ମୀକ-

ବାମ-ବିଂ. (ବମ୍-ଅ) ବାଁ, ଦକ୍ଷିଣେତର ; ପ୍ରତିକୂଳ; ସୁନ୍ଦର ।

ବାମ-ଦେବ-ବି. ଶିବ, ମହାଦେବ ।

ବାମା-ବି. ନାରୀ, ସୁନ୍ଦରୀ ସ୍ତ୍ରୀ ।

ବାମନ-ବିଂ. (ବାମ-ନ-ଅନ ) ଖର୍ବ; ବି. ଖର୍ବାକୃତ ଲୋକ; ବିଷ୍ଣୁଙ୍କର ଅବତାରବିଶେଷ ।

ବାମେତର-ବିଂ. (ବାମ-ଇତର) ଦକ୍ଷିଣ ।

ବାମ୍ପ-ବି. ଓଷ୍ଠ ।

ବାୟବୀୟ-ବିଂ. ବାୟୁସମ୍ବନ୍ଧୀୟ ।

ବାୟବ୍ୟ-ବିଂ. (ବାୟୁ-ଯ) ବାୟୁକୋଣ; ବାୟୁ-ସମ୍ବନ୍ଧୀୟ ।

ବାୟସ-ବି. ( ବୟ୍-ଅସ ) କାକ ।

ବାୟୁ-ବି. ( ବା-ଉ ) ବାତ, ପବନ ।

ବାୟୁ-ଭକ୍ଷ-ବି. ସର୍ପ ।

ବାୟୁ-ସଖା-ବି. ଅଗ୍ନି ।

ବାର-ବି. ବାସର; ସମୂହ; ପାଳି; ୧୨ ସଂଖ୍ୟା ।

ବାରଣ-ବି. (ବୃ-ଣିଚ୍-ଅନ) ହସ୍ତୀ; ନିଷେଧ ।

ବାରନାରୀ-ବି. ବାରବିଳାସିନୀ, ବେଶ୍ୟା ।

ବାରବେଳା-ବି. ଅଶୁଭ ସମୟ ଯହିଁରେ ଯାତ୍ରା- [ନିଷେଧ ।

ବାରମ୍ବାର-ଅ. ପୁନଃପୁନଃ ।

ବାରାଙ୍ଗନା-ବି. (ବାର-ଅଙ୍ଗନା) ବେଶ୍ୟା ।

ବାରାଣସୀ-ବି. (ବରଣା-ଅସୀ) କାଶୀ ।

ବାରାନ୍ତର-ବି. ( ବାର-ଅନ୍ତର ) ଅନ୍ୟ ସମୟ ; [ଅନ୍ୟ ବାର ।

ବାରି-ବି. ଜଳ ।

ବାରିଜ-ବି. ( ବାରି-ଜନ୍-ଅ ) ପଦ୍ମ; ଶଙ୍ଖ ।

ବାରିଦ-ବି. ( ବାରି-ଦା-ଅ ) ଜଳଦ, ମେଘ ।

ବାରିସ୍ଥ, ବାରିନିଷ୍ଠ } ବି.(ବାରି-ସ୍ଥ, ନିଷ୍ଠ) ପ୍ରତିବିମ୍ବ, ଜଳସ୍ଥ ।

ବାମ୍ନ-ବାମ୍ନି-ଦ. ମେଘ ।

ବାରୀନ୍ଦ୍ର-ବି. (ବାରି-ଇନ୍ଦ୍ର) ସମୁଦ୍ର ; ବରୁଣ ।

ବାରୁଣୀ-ବି. (ବରୁଣ-ଅ-ଈ) ପଶ୍ଚିମଦିଗ ; ବରୁଣଙ୍କର ସ୍ତ୍ରୀ ।

ବାରୁଦ-ବି. ବୋମାବନ୍ଧୁକର ନିମିତ୍ତ ଚୂର୍ଣ୍ଣପଦାର୍ଥ ।

ବାର୍ତ୍ତା-ବି. (ବୃତ୍ତି-ଅ-ଆ) ବୃତ୍ତାନ୍ତ, ସମ୍ବାଦ ।

ବାର୍ତ୍ତା-ବହ-ବି. ଦୂତ ।

ବାର୍ଦ୍ଦଲ-ବି. ବାଦଲ; ମେଘ ।

ବାର୍ଦ୍ଧକ୍ୟ-ବି. (ବୃଦ୍ଧ-ଅ-ଯ) ବୃଦ୍ଧାବସ୍ଥା ।

ବାର୍ଦ୍ଧୁଷିକ-ବି. (ବୃଦ୍ଧି-ଇ-କ) କୁସୀଦଜୀବୀ ।

ବାର୍ଯ୍ୟ-ବିଂ. (ବାର-ଯ) ବାରଣୀୟ, ବାରଣ-ଯୋଗ୍ୟ ।

ବାର୍ଷିକ-ବିଂ. (ବର୍ଷ-ଇକ) ବାତ୍ସରିକ ।

ବାର୍ଷି-ବି. ବର୍ଷେଯାକର ବାଠ ଢାଳିବା ଯନ୍ତ୍ର ।

ବାଲିଶ୍-ବି. (ଫାର୍ସୀ) ଉପାଧାନ, ତକିଆ ।

ବାଲ୍ମୀକି-ବି. (ବଲ୍ମୀକ-ଇ) ମୁନିବିଶେଷ ।

ବାବଦୂକ-ବିଂ. (ବଦ୍-ଯଙ୍-ଊକ) ବାଚାଳ ।

ବାଷ୍ପ } ବି. (ବା-ସ୍ପନ୍ଦ୍-ପ) ବାଷ୍ପ ; ଅଶ୍ରୁ ।
ବାଷ୍ମ }

ବାସ-ବି. (ବସ୍-ଅ) ଗୃହ; ବସ୍ତ୍ର; ସୁଗନ୍ଧ ।

ବାସକ-ବି. ବାସଙ୍ଗ ଗଛ ।

ବାସକ-ସଜ୍ଜା-ବି. ବେଶଭୂଷାସଜ୍ଜିତା ନାୟିକା ।

ବାସନ-ବି. (ବସ୍-ଣିଚ୍-ଅନ) ସୁଗନ୍ଧୀକରଣ ; ପାତ୍ର । [ସୁଗନ୍ଧ ।

ବାସନା-ବି. (ବସ୍-ଣିଚ୍-ଅନ-ଆ) ବାଞ୍ଛା; ଆଶା;

ବାସନ୍ତ-ବିଂ. (ବସନ୍ତ-ଅ) ବସନ୍ତ ଋତୁ ସମ୍ବନ୍ଧୀୟ ।

ବାସନ୍ତୀ-ବି. (ବସନ୍ତ-ଅ-ଈ) ନବମଲ୍ଲିକା; ଦୁର୍ଗା ।

ବାସର-ବି. (ବସ୍-ଣିଚ୍-ଅର) ଦିବସ; ବରବଧୂଙ୍କ ଶୟନ ଗୃହ ।

ବାସବ-ବି. (ବସୁ-ଅ) ଇନ୍ଦ୍ର ।

ବାସି-ବିଂ. ପର୍ଯ୍ୟୁଷିତ । [ବସ୍ତ୍ରାବୃତ ।

ବାସିତ-ବିଂ. (ବସ୍-ଣିଚ୍-ତ) ସୁଗନ୍ଧୀକୃତ ;

ବାସିନ୍ଦା-ବିଂ. (ଫାର୍ସୀ) ବାସକାରୀ ।

ବାସୀ-ବିଂ. (ବସ-ଇନ୍; ବାସକାରୀ ସମାସରେ) ।

ବାସୁ-ବି. (ବସ୍ ଉ) ସର୍ବଭୂତବାସୀ ବିଷ୍ଣୁ ।

ବାସୁକି-ବି. (ବସୁ-କ-ଇ) ସର୍ପରାଜ ।

ବାସୁଳୀ-ବି. ଦେବୀ-ବାଶୁଳୀ ।

ବାସୁଦେବ-ବି. (ବସୁଦେବ-ଅ) ଶ୍ରୀକୃଷ୍ଣ ।

ବାସ୍ତୁତ-ବିଂ. ବସ୍ତୁଗତ ।

ବାସ୍ତବ } ବିଂ. (ବସ୍ତୁ-ଅ, ଇକ) ପ୍ରକୃତ,
ବାସ୍ତବିକ } ଯଥାର୍ଥ ।

ବାସ୍ତବ୍ୟ-ବିଂ. (ବସ୍-ଣିଚ୍-ତବ୍ୟ) ବାସଯୋଗ୍ୟ ।

ବାସ୍ତୁ-ବି. (ବସ୍-ତୁ) ଗୃହ ।

ବାସ୍ତୁକ-ବିଂ. ବାସ୍ତୁଜ୍ଞ । [ବହନକର୍ତ୍ତା ।

ବାହକ-ବି. (ବହ୍-ଣିଚ୍-ଅକ) ଭାରବାହ; ବିଂ.

ବାହନ-ବି. (ବହ୍-ଣିଚ୍-ଅନ) ଯାନ; ଘୋଡ଼ା, ଅଶ୍ୱ, ନୌକା ପ୍ରଭୃତି ।

ବାହା-ବି. (ବାହୁଶବ୍ଦଜ) ଭୁଜ ।

ବାହା-ବି. (ବିବାହଶବ୍ଦଜ) ବିବାହ ।

ବାହାଡ଼ା-ବି. ଗହଣବିଶେଷ ।

ବାହାନା—ବି. ଛଳନା ।

ବାହାଟିଆ—ବି. ଭୁଜଭୂଷା ।

ବାହାରି—ବି. ବହିର୍ଗତ ।

ବାହାରି—ବି. ଖୋଟଣି ।

ବାହାରିବା—କ୍ରି. ବହିର୍ଗତ ହେବା ।   [ହେବ ।

ବାହୁଜ—ବି. (ବାହୁ-ଜନ୍-ଡ) କ୍ଷତ୍ରିୟ ; ପ୍ରବା-

ବାହିନୀ—ବି. (ବାହ୍-ଇନ୍-ଈ) ସେନା ; ଦଳ ।

ବାହୁଡ଼ିବା—କ୍ରି. ଲେଉଟିବା ଫେରିବା ।

ବାହୁ—ବି. (ବହ୍-ଉ) ଭୁଜ ; ହିନ୍ଦୁଲର ଭୁଜ ।

ବାହୁଙ୍ଗା—ବି. ଖାଲ ଓ ନଦୀର ଜଳ ପ୍ରଭୃତିର

ବାହୁଙ୍ଗୀ—ବି. ଭୂଷଣ ।   [ଶୋଷ ।

ବାହୁଟିଆ—ବି. ଭୂଷଣବିଶେଷ ।

ବାହୁଟୀ—ବି. ଭୁଜାଭରଣବିଶେଷ ।

ବାହୁଡ଼ା—ବି. (ବାହୁଡ଼ିବାରୁ) ପ୍ରତ୍ୟାବର୍ତ୍ତନ ।

ବାହୁଡ଼ିବା—କ୍ରି. ଲେଉଟିବା ।

ବାହ୍ୟ—ବି. (ବହ୍-ଯ) ବହିର୍ଭୂତ ; ବାହାର ।

ବି—ଉପସର୍ଗ (ବା-ଇ) ବିପରୀତ, ବିଶେଷ, ପ୍ରଭେଦ, ବିଯୋଗ ପ୍ରଭୃତିର ସୂଚକ ।

ବିଂଶ—ବି. (ବିଂଶତି-ଅ) ବିଂଶତିର ପୂରଣ ।

ବିଂଶତି—ବି. କୋଡ଼ିଏ ସଂଖ୍ୟା ୨୦ ।

ବିଂଶତିତମ—ବି. ବିଂଶତିର ପୂରଣ ।

ବିଅଣ—ବି. ପ୍ରସବ ।

ବିଅଳି—ବି. ଧାନ୍ୟବିଶେଷ ।   [ବିଶେଷ ।

ବିଈଷ୍ଟି—ବି. ( [illegible] ) ଧର୍ମବେଗ-

ବିକଚ—ବି. (ବି-କଚ୍-ଅ) ବିକଶିତ, ପ୍ରସ୍ଫୁଟିତ ।

ବିକଟ—ବି. (ବି-କଟ୍-ଅ) ଭୟଙ୍କର ; ବିକୃତ ।

ବିକତ୍ଥନ—ବି. (ବି-କତ୍ଥ୍-ଅନ) ଆତ୍ମଶ୍ଳାଘା ।

ବିକର୍ତ୍ତନ—ବି. (ବି-କୃତ୍-ଅନ) ସୂର୍ଯ୍ୟ ।

ବିକଳ—ବି. (ବି-କଳା) ଅବଶ ; ବିହ୍ୱଳ ; ଅସମର୍ଥ ; ଅସମ୍ପୂର୍ଣ୍ଣ ।

ବିକଳା—ବି. କଳାର ଷୋଡ଼ଶାଂଶ ।

ବିକଳାଙ୍ଗ—ବି. (ବିକଳ-ଅଙ୍ଗ) ଖଞ୍ଜ, ପଙ୍ଗୁ ପ୍ରଭୃତି ।   [ବନ୍ଧ ।

ବିକଳ୍ପ—ବି. (ବି-କଳ୍ପ) ସନ୍ଦେହ ; ଭ୍ରମ ; ବିପର୍ଯ୍ୟୟ

ବିକଶିତ } ବି. (ବି-କଶ୍, କସ୍-ତ) ପ୍ରଫୁଲ୍ଲ,
ବିକସିତ } ପ୍ରସ୍ଫୁଟିତ ।

ବିକସ୍ୱର—ବି. (ବି-କସ୍-ବର) ବିକାଶ-ଶୀଳ ।

ବିକା—ବି. (ବିକ୍ରୟରୁ) ବିକ୍ରୟ ।

ବିକାର—ବି. (ବି-କୃ-ଅ) ପ୍ରକୃତିର ଅନ୍ୟଥା-ଭାବ, ବିକୃତ ବେଶ ।

ବିକାଶ—ବି. (ବି-କାଶ୍-ଅ) ପ୍ରକାଶ ; ବିସ୍ତାର ।

ବିକାଶିତ—ବି. ପ୍ରସ୍ଫୁଟିତ ।

ବିକିରଣ—ବି. (ବି-କୃ-ଅନ) ବିକ୍ଷେପଣ ।

ବିକୀର୍ଣ୍ଣ—ବି. (ବି-କୃ-ତ) ବିକ୍ଷିପ୍ତ ; ବିସ୍ତୃତ ।

ବିକୃତ—ବି. (ବି-କୃ-ତ) ବିକାରପ୍ରାପ୍ତ ।

ବିକୃତି—ବି. (ବି-କୃ-ତି) ପ୍ରକୃତିର ଅନ୍ୟଥାଭାବ ।

ବିକ୍ରମ—ବି. (ବି-କ୍ରମ୍-ଅ) ପରାକ୍ରମ, ଶୌର୍ଯ୍ୟ ; ସାମର୍ଥ୍ୟ ; ପାଦକ୍ଷେପ ।

ବିକ୍ରୟ—ବି. (ବି-କ୍ରୀ-ଅ) ବିକିବା ।   [ଧାରୀ ।

ବିକ୍ରାନ୍ତ—ବି. (ବି-କ୍ରମ୍-ତ) ପରାକ୍ରାନ୍ତ, ବଳବାନ-

ବିକ୍ରିୟା—ବି. ବିକାର, ବଦଳ ।

ବିକ୍ରେତା—ବି. (ବି-କ୍ରୀ-ତୃ) ବସ୍ତୁ-ବିକାଳକ ।

ବିକ୍ରେୟ—ବି. (ବି-କ୍ରୀ-ଯ) ବିକ୍ରୀ-ଯୋଗ୍ୟ ।

ବିକ୍ଳବ—ବି. (ବି-କ୍ଲବ୍-ଅ) ବିହ୍ୱଳ; କାତର ।

ବିକ୍ଷିପ୍ତ—ବି. (ବି-କ୍ଷିପ୍-ତ) ଏଣେତେଣେ ନିକ୍ଷିପ୍ତ; ଉଦ୍‌ଭ୍ରାନ୍ତଚିତ୍ତ ।

ବିକ୍ଷେପ—ବି. (ବି-କ୍ଷିପ୍-ଅ) ଅନର୍ଥକ ନିକ୍ଷେପ; ଚାଞ୍ଚଲ୍ୟ; ଭୟ; ଉଦ୍‌ବେଗ ।

ବିକ୍ଷୋଭ—ବି. (ବି-କ୍ଷୁଭ୍-ଅ) ଚାଞ୍ଚଲ୍ୟ; ଉଦ୍‌ବେଗ ।

ବିଖ୍ୟାତ—ବି. (ବି-ଖ୍ୟା-ତ) ପ୍ରସିଦ୍ଧ ।

ବିଗତ—ବି. (ବି-ଗମ୍-ତ) ଅତୀତ; ପ୍ରସ୍ଥିତ ।

ବିଗମ—ବି. (ବି-ଗମ୍-ଅ) ଅପଗମ; ବିନାଶ ।

ବିଗର୍ହଣ—ବି. (ବି-ଗର୍ହ୍-ଅନ) ନିନ୍ଦା, ଅପବାଦ ।

ବିଗର୍ହିତ—ବି. (ବି-ଗର୍ହ୍-ତ) ନିନ୍ଦିତ ।

ବିଗଳିତ—ବି. (ବି-ଗଲ୍-ତ) ସ୍ଖଳିତ; ଦ୍ରବୀଭୂତ ।

ବିଗିଡ଼ିବା—କ୍ରି. ନଷ୍ଟ ହେବା, ଖରାପ ହେବା ।

ବିଗୁଣ—ବି. (ବି-ଗୁଣ) ଗୁଣରହିତ ।

ବିଗ୍ନ—ବି. (ବିଜ୍-ତ) ଉଦ୍‌ବେଜିତ; କାତର ।

ବିଗ୍ରହ—ବି. (ବି-ଗ୍ରହ୍-ଅ) ଶରୀର; ମୂର୍ତ୍ତି; ଯୁଦ୍ଧ; କଳହ ।

ବିଘଟନ—ବି. (ବି-ଘଟ୍-ଅନ) ବିଶ୍ଳେଷ; ବିଯୋଗ ।

ବିଘଟିତ—ବି. (ବି-ଘଟ୍-ତ) ବିଶ୍ଳେଷିତ, ବାଧିତ ।

ବିଘାତ—ବି. (ବି-ହନ୍-ଅ) ବଧ; ଆଘାତ ।

ବିଘ୍ନ—ବି. (ବି-ହନ୍-ଅ) ବ୍ୟାଘାତ, ବାଧା ।

ବିଘ୍ନ-ନାଶକ, ବିଘ୍ନେଶ—ବି. ଗଣେଶ ।

ବିଘ୍ନିତ—ବି. ବାଧିତ ।

ବିଚକ୍ଷଣ—ବି. (ବି-ଚକ୍ଷ୍-ଅନ) ଜ୍ଞାନୀ; ଦକ୍ଷ; ନିପୁଣ ।

ବିଚର୍ଚ୍ଚିକା—ବି. ଚର୍ମରୋଗ; ଖାଜୁରୋଗ ।

ବିଚଳିତ—ବି. (ବି-ଚଲ୍-ତ) ସ୍ଖଳିତ; ଚ୍ୟୁତ; ଅସ୍ଥିର । [ଚଞ୍ଚଳ ।

ବିଚାର—ବି. (ବି-ଚର୍-ଅ) ବିବେଚନା; ନ୍ୟାୟାର୍ଥ—

ବିଚାରକ—ବି. (ବି-ଚର୍-ଣିଚ୍-ଅକ) ବିଚାର-କର୍ତ୍ତା; ନ୍ୟାୟାଧୀଶ ।

ବିଚାରଣା—ବି. (ବି-ଚର୍-ଣିଚ୍-ଅନ-ଆ) ବିଚାର, ବିବେଚନା । [ବିଚାରଯୋଗ୍ୟ ।

ବିଚାରଣୀୟ—ବି. (ବି-ଚର୍-ଅନୀୟ) ବିଚାର୍ଯ୍ୟ,

ବିଚାରିତ—ବି. (ବି-ଚର୍-ତ) ବିବେଚିତ, ମୀମାଂସିତ । [ଯୋଗ୍ୟ ।

ବିଚାର୍ଯ୍ୟ—ବି. (ବି-ଚର୍-ଯ) ବିବେଚ୍ୟ; ବିଚାର-

ବିଚିତ୍ର—ବି. (ବି-ଚିତ୍ର ଅ) ନାନାବର୍ଣ୍ଣ—ବିଶିଷ୍ଟ; ଆଶ୍ଚର୍ଯ୍ୟଜନକ; ସୁନ୍ଦର ।

ବିଚିତ୍ରିତ—ବି. (ବିଚିତ୍ର-ଇତ) ନାନାବର୍ଣ୍ଣ-ରଞ୍ଜିତ ।

ବିଚେତନ—ବି. (ବି-ଚେତନା) ଅଚେତନ ।

ବିଚେଷ୍ଟ—ବି. (ବି-ଚେଷ୍ଟା) ଅକର୍ମଣ୍ୟ ।

ବିଚେଷ୍ଟିତ—ବି. (ବି-ଚେଷ୍ଟ-ତ) ଅସଦ୍‌ବର୍ତ୍ତନ—

ବିଚ୍ୟୁତ—ବି. ଭ୍ରଷ୍ଟ, ସ୍ଖଳିତ । [ଚେଷ୍ଟା ।

ବିଚ୍ଛିନ୍ନ—ବି. (ବି-ଛିଦ୍-ତ) ବିଯୁକ୍ତ; ଖଣ୍ଡିତ ।

ବିଚ୍ଛେଦ—ବି. (ବି-ଛିଦ୍-ଅ) ବିୟୋଗ; ବିରହ;

ବିଛା—ବି. (ବୃଶ୍ଚିକ) ବୃଶ୍ଚିକ । [ପାର୍ଥକ୍ୟ ।

ବିଛୁଆତି—ବି. ଏକ-ଜାତୀୟ ଲତାବିଶେଷ ।

ବି-ଘ୍ନିନ-ବି. ଗର୍ହିତ ।

ବିଜିଷୁ-ବି. (ବି-ଜି-ସ) ଜୟୀ ।

ବିଜିଘ୍ସା-ସ୍ତ୍ରୀ. ଜୟେଚ୍ଛା; ଭୁକ୍ତି ।   [ପ୍ରାପ୍ତ ।

ବିଜିଘ୍ସୁ-ବି. (ବି-ଜି-ଉଚ୍) ଜୟପ୍ରାପ୍ତ, ଜୟ-

ବିଜ୍ଞାପିତ-ବି. (ବି-ଜ୍ଞାପ-କ୍ତ) ଜଣାଇଥିବା-

ଶାସ୍ତ୍ର ।

ବିଜିତ-( ବି-ଜି-କ୍ତ ) ପରାଭୂତ, ପରାଜିତ ।

ବିଜୁଳି-ସ. (ବିଦ୍ୟୁତ୍ ଶବ୍ଦଜ) ବିଦ୍ୟୁତ, ତଡ଼ିତ ।

ବିଜୃମ୍ଭଣ-ସ. ( ବି-ଜୃମ୍ଭ-ଅନ ) ହାଇମାରିବା ।

ବିଜୈତା-ବି. ( ବି-ଜି-ତୃ ) ଜୟୀ ।

ବିଜେତବ୍ୟ ବି. ( ବି-ଜି-ଯ ) ଜୟ କରିବାର

ଯୋଗ୍ୟ ।

ବିଜ୍ଞ-ବି. (ବି-ଜ୍ଞା-ଅ ) ଅଭିଜ୍ଞ, ଜ୍ଞାନୀ ।

ବିଜ୍ଞପ୍ତି-ସ. ( ବି-ଜ୍ଞା-ଣିଚ୍-ତି ) ନିବେଦନ ।

ବିଜ୍ଞାନ-ସ. (ବି-ଜ୍ଞା-ଅନ) ପଦାର୍ଥର ତତ୍ତ୍ୱଜ୍ଞାନ-

ସୂଚକ ଶାସ୍ତ୍ର, ଅନୁଭବ-ଜ୍ଞାନ ।

ବିଜ୍ଞାପନ-ସ. ( ବି-ଜ୍ଞା-ଣିଚ୍-ଅନ ) ନିବେଦନ,

ଅନ୍ୟମାନଙ୍କୁ ଜଣାଇବା ।

ବିଜ୍ଞାପିତ-ବି. ଜ୍ଞାପିତ ।

ବିଝଣା-ସ. (ବ୍ୟଜନ ଶବ୍ଦଜ) ବ୍ୟଜନ, ପଙ୍ଖା ।

ବିଟ-ସ. (ବିଟ୍-ଅ) ଧୂର୍ତ୍ତ; ଲମ୍ପଟ; ଲବଣବିଶେଷ ।

ବିଟଙ୍କ-ସ. ପାରାଘର ।

ବିଟପ-ସ. (ବିଟ୍-ଅପ) ଶାଖା, ଡାଳ; ଲମ୍ପଟ ।

ବିଟପୀ-ସ. (ବିଟପ-ଇନ୍) ବୃକ୍ଷ, ବୃକ୍ଷ; ବାର-

ବିଟୋଲି-ବି. ଭ୍ରଷ୍ଟ ।   [ ବୃକ୍ଷଣ ।

ବିଡ଼ଙ୍ଗ-ସ. (ବିଡ଼୍ ଅଙ୍ଗ) ଔଷଧବିଶେଷ ।

ବିଡ଼ମ୍ବନ, ବିଡ଼ମ୍ବନା-ସ. ( ବି-ଡମ୍ବ୍-ଅନ,

ଆ ) ଅନୁକରଣ ; ପ୍ରତାରଣା ; ଲଜ୍ଜାଦାୟକ

ବ୍ୟାପାର ।

ବିଡ଼ମ୍ବିତ-ବି. ( ବି-ଡମ୍ବ୍-କ୍ତ ) ପ୍ରତାରିତ ;

ବିଡ଼ା-ସ. ଗୋଛା ।   [ ଉପହସିତ ।

ବିଡ଼ାଲ-ସ. ମାର୍ଜାର ।

ବିଡ଼ିଥି-ସ. (ଗଣ୍ଠିବ:ଶବ୍ଦଜ) ଗାଣ୍ଠିଲି ।

ବିଡ଼ିବା-କ୍ରି. ପଶିବା ।

ବିଡ଼ୌଜା:-ସ. (ବେଚ୍-ଓଜସ୍) ଇନ୍ଦ୍ର ।

ବିଣ୍ଡା-ସ. ବସ୍ତ୍ର ବା ଗାଳ ପ୍ରଭୃତିର ମୋଟା ।

ବିତଂସ-ସ. ପକ୍ଷୀ ଧରିବା ଜାଲ ।

ବିତଣ୍ଡା-ସ. (ବି-ତଣ୍ଡ୍-ଅ-ଆ) ବିତର୍କ; ବାକ୍ୟୁଦ୍ଧ ।

ବିତତ-ବି. (ବି-ତନ୍-କ୍ତ) ବିସ୍ତୃତ ।

ବିତଥ-ବି. (ବି-ତଥା-ଅ) ବୃଥା; ମିଥ୍ୟା ।

ବିତରଣ-ସ. ( ବି-ତୃ-ଅନ) ଦାନ; ବଣ୍ଟନ ।

ବିତର୍କ-ସ. (ବି-ତର୍କ-ଅ) ବାଦାନୁବାଦ; ଅନୁ-

ମାନ ।

ବିତଲି-ବି. ପଶ୍ଚ ପାତାଳର ଦ୍ୱିତୀୟ ପାତାଳ ।

ବିତସ୍ତି-ସ. ଏକ ବିଘତ, ବାର ଅଙ୍ଗୁଳି ପରିମାଣ ।

ବିତାନ-ସ. ( ବି-ତନ୍-ଅ ) ବିସ୍ତାର; ଚନ୍ଦ୍ରାତପ ;

ଚାନ୍ଦୁଆ ।

ବିତିବା-କ୍ରି. ଗତ ହେବା, ଯାପିତ ହେବା ।

ବିତୃଷ୍ଣା-ସ. ଅନିଚ୍ଛା; ଅରୁଚି ।

ବିତ୍ତ-ସ. (ବିଦ୍-ତ) ଧନ, ସମ୍ପତ୍ତି ।

ବିଦ୍-ବି. (ବିଦ୍-କ୍ୱିପ୍) ଯେ ଜାଣେ (ସମାସରେ)

ବିଦ-ବି. ସ୍ତ୍ରୀମାନଙ୍କର କାମ ଜାତୀୟ ଅଳଙ୍କାର-
ବିଶେଷ । [ପଣ୍ଡିତ; ନିପୁଣ ।
ବିଦଗ୍ଧ ବି. (ବି-ଦହ୍-ତ) ରସଜ୍ଞ; ପଣ୍ଡିତ;
ବିଦର୍ଭ-ବି. ବେରାର ପ୍ରଦେଶ ।
ବିଦାରୀ-ବି. (ବାଧାକୁଚ) ମେଦିନୀ ଧରାଦ ।
ବିଦାୟ-ବି. (ବି-ଦା-ଯ) ଗମନାନୁମତି; ମେଲାଣି ।
ବିଦାରକ-ବି. (ବି-ଦୃ-ଅକ) ବିଦୀର୍ଣ୍ଣକାରୀ ।
ବିଦାରଣ-ବି. (ବି-ଦୃ-ଣିଚ୍-ଅନ) ବିଦୀର୍ଣ୍ଣ-କରଣ,
ଭେଦନ, ମାରଣ ।
ବିଦାରିତ ବି. (ବି-ଦୃ-ଣିଚ୍-ତ) ଭେଦିତ ।
ବିଦିକ୍-ବି. ଦୁଇ ଦିଗର ମଧ୍ୟବର୍ତ୍ତୀ କୋଣ ।
ବିଦିତ-ବି. (ବିଦ୍-ତ) ଅବଗତ, ଜ୍ଞାତ ।
ବିଦୀର୍ଣ୍ଣ-ବି. (ବି-ଦୃ-ତ) ଛିନ୍ନ; ଭଗ୍ନ ।
ବିଦୁର-ବି. ଧୃତରାଷ୍ଟ୍ରଙ୍କ ପିତୃବ୍ୟ ।
ବିଦୁଷୀ-ବି. (ବିଦ୍ୱସ୍-ଈ) ବିଦ୍ୟାବତୀ, ପଣ୍ଡିତା ।
ବିଦୂଷକ-ବି. (ବି-ଦୂଷ-ଅକ) ନାଟକ-ନାୟକର
ପରିହାସ-କାରୀ ସହାୟ ।
ବି-ଦେଶ-ବି. ଦେଶାନ୍ତର, ଅନ୍ୟ ଦେଶ ।
ବିଦେଶୀ, ବିଦେଶୀୟ-ବି. (ବିଦେଶ-ଇନ୍,
ଈୟ) ଭିନ୍ନଦେଶବାସୀ ।
ବି-ଦେହ-ବି. ମିଥିଳା; ବି- ଦେହରହିତ ।
ବିଦ୍ଧ-ବି. (ବ୍ୟଧ୍-ତ) ଛିଦ୍ରିତ; ସମ୍ପୃକ୍ତ;
ଆହତ । [ସ୍ଥିତ ।
ବିଦ୍ୟମାନ-ବି. (ବିଦ୍-ମାନ) ବର୍ତ୍ତମାନ, ଉପ-
ବିଦ୍ୟା-ବି. (ବିଦ୍-ଯ-ଆ, ଅଧ୍ୟୟନ ଜନିତ-ଜ୍ଞାନ ।
ବିଦ୍ୟା-ଧର-ବି. ଦେବଜାତି; ବାଦୁଡ଼ ।

ବିଦ୍ୟାର୍ଥୀ-ବି. (ବିଦ୍ୟା-ଅର୍ଥ-ଇନ୍) ଛାତ୍ର, ଶିଷ୍ୟ ।
ବିଦ୍ୟାଳୟ-ବି. (ବିଦ୍ୟା-ଆଳୟ) ବିଦ୍ୟାଶିକ୍ଷାର
ସ୍ଥାନ ।
ବିଦ୍ୟାବାନ୍-ବି. (ବିଦ୍ୟା-ବତ୍ ପଣ୍ଡିତ, ବିଦ୍ୱାନ୍ ।
ବିଦ୍ୟୁତ୍-ବି. (ବି-ଦ୍ୟୁତ୍-କ୍ୱିପ୍) ବିଜୁଳି, ସୌଦା-
ମିନୀ ।
ବିଦ୍ୟୁଲ୍ଲତା-ବି. (ବିଦ୍ୟୁତ୍-ଲତା) ବିଜୁଳି ।
ବିଦ୍ରଧି-ବି. (ବିଦ୍ର ଧା-ଇ) ବ୍ରଣବିଶେଷ ।
ବିଦ୍ରୁତ-ବି. (ବି-ଦ୍ରୁ-ତ) ଦ୍ରବୀଭୂତ, ପଳାୟିତ;
ଦ୍ରୁତ ।
ବିଦ୍ରୁମ-ବି. ପଦ୍ମରାଗ-ମଣି; ପ୍ରବାଳ, ପୋହଳା ।
ବିଦ୍ରୋହ-ବି. (ବି-ଦ୍ରୁହ୍-ଘ) ଶତ୍ରୁତାଚରଣ ।
ବିଦ୍ରୋହୀ-ବି. (ବିଦ୍ରୋହ-ଇନ୍) ଶତ୍ରୁଭାବାପନ୍ନ,
ବିଦ୍ରୋହକାରୀ ।
ବିଦ୍ୱାନ୍-ବି. (ବିଦ୍-ବସ୍) ପଣ୍ଡିତ, ବିଦ୍ୟାବାନ୍ ।
ବିଦ୍ୱିଷ୍ଟ-ବି. (ବି-ଦ୍ୱିଷ୍-ତ) ଦ୍ୱେଷ ଦ୍ୱାରା ଦୂଷିତ ।
ବିଦ୍ୱେଷ-ବି. (ବି-ଦ୍ୱିଷ୍-ଘ) ଶତ୍ରୁତା, ଦ୍ୱେଷ ।
ବିଦ୍ୱେଷୀ-ବି. (ବି-ଦ୍ୱିଷ୍-ଇନ୍) ଦ୍ୱେଷକାରୀ ।
ବିଧ-ବି. (ବି-ଧା-ଅ) ପ୍ରକାର ।
ବିଧବା-ବି. (ବି-ଧବ) ପତିହୀନା, ମୃତପତିକା ।
ବିଧା-ବି. ହସ୍ତ-ମୁଷ୍ଟି ଦ୍ୱାରା ମାଡ଼ ।
ବିଧାତା-ବି. (ବି-ଧା-ତୃ) ସୃଷ୍ଟିକର୍ତ୍ତା ।
ବିଧାନ-ବି. (ବି-ଧା-ଅନ) ନିୟମ, ରୀତି; ନିର୍ମାଣ ।
ବିଧି-ବି. (ବି-ଧା-ଇ) ବିଧାତା; ନିୟମ; ଅନୁ-
ବିଧି-ଜ୍ଞ-ବି. ବିଧାନଜ୍ଞ; ଶାସ୍ତ୍ରଜ୍ଞ । [ଷ୍ଠାନ ।
ବିଧି-ପୂର୍ବକ-କ୍ରି. ବି. ବିଧାନଅନୁସାରେ ।

ବିଧି-ବହି-ଅ. ଲେଖାବହି ।

ବିଧୁ-ବି. (ବି-ଧେ-ଉ) ଚନ୍ଦ୍ର; କର୍ପୂର ।

ବିଧୁନନ-ବି. (ବି-ଧୂ-ଣିଚ୍-ଅନ) କମ୍ପନ ।

ବିଧୁନିତ-ବି. କମ୍ପିତ ।

ବିଧୁନ୍ତୁଦ-ବି. (ବିଧୁ-ତୁଦ-ଅ) ରାହୁଗ୍ରହ ।

ବିଧୁର-ବି. (ବି-ଧୁର୍-ଅ) ଆର୍ତ୍ତ; କାତର; ଦୁଃଖିତ ।

ବିଧୃତ-ବି. (ବି-ଧୃ-ତ) ଧୃତ; ଅବଲମ୍ବିତ ।

ବିଧେୟ-ବି. (ବି-ଧା-ଯ) କର୍ତ୍ତବ୍ୟ; ଉଚିତ ।

ବିଧ୍ୱଂସ-ବି. (ବି-ଧ୍ୱନ୍ସ୍-ଅ) ବିନାଶ ।

ବିଧ୍ୱସ୍ତ-ବି. (ବି-ଧ୍ୱନ୍ସ୍-ତ) ନଷ୍ଟ ।

ବିନତ-ବି. (ବି-ନମ୍-ତ) ଅବନତ; ପ୍ରଣତ ।

ବିନତା-ବି (ବି-ନମ୍-ତ-ଆ) କଶ୍ୟପ-ମୁନି-ପତ୍ନୀ, ଅରୁଣ ଓ ଗରୁଡ଼ଙ୍କର ମାତା ।

ବିନୟ-ବି. (ବି-ନୀ-ଅ) ନମ୍ରତା, ଶିଷ୍ଟତା ।

ବିନୟନ-ବି. (ବି-ନୀ-ଅନ) ଶିକ୍ଷା ।

ବିନୟୀ-ବି. (ବି-ନୀ-ଇନ୍) ନମ୍ର, ବିନୀତ ।

ବିନଶ୍ୱର-ବି. (ବି-ନଶ୍-ବର) ଅନିତ୍ୟ, ଧ୍ୱଂସ-ଶୀଳ ।

ବିନଷ୍ଟ-ବି. (ବି-ନଶ୍-ତ) ଧ୍ୱସ୍ତ, ନାଶପ୍ରାପ୍ତ ।

ବିନା-ଅ. ବ୍ୟତିରେକେ ।

ବିନାୟକ-ବି. (ବି-ନୀ-ଅକ) ଗଣେଶ ।

ବିନାଶ-ବି. (ବି-ନଶ୍-ଅ) ଧ୍ୱଂସ; ସଂହାର ।

ବିନାଶିତ-ବି. (ବି ନଶ୍-ଣିଚ୍-ତ) ନଷ୍ଟ ।

ବିନିଃସୃତ-ବି. (ବି-ନିର୍-ସୃ-ତ) ବହିର୍ଗତ, ନିର୍ଗତ ।

ବିନିଦ୍ର-ବି. (ବି-ନିଦ୍ରା) ଜାଗରିତ, ନିଦ୍ରାରହିତ ।

ବିନିମୟ-ବି. (ବି-ନି-ମୀ-ଅ) ପରିବର୍ତ୍ତ, ବଦଳ ।

ବିନୀତ-ବି. (ବି-ନୀ-ତ) ନମ୍ର, ଶାନ୍ତ; ଶିକ୍ଷିତ; ଶାସିତ ।

ବିନୁ-ଅ. (ବିନାଶବ୍ଦ) ବ୍ୟତିରେକେ ।

ବିନେତା-ବି. (ବି-ନୀ-ତୃ) ଶିକ୍ଷକ, ଦମନ-କର୍ତ୍ତା ।

ବିନେୟ-ବି. (ବି-ନୀ-ଯ) ଶିକ୍ଷଣୀୟ; ଶାସନୀୟ ।

ବିନୋଦ, ବିନୋଦନ-ବି. (ବି-ନୁଦ୍-ଅ, ଅନ) ପ୍ରବୋଧ; ଆମୋଦ । [ଅନୁସ୍ୱର ।

ବିନ୍ଦୁ-ବି. (ବିନ୍ଦ୍-ଉ) ଟୋପା, ଦ୍ରବଦ୍ରବ୍ୟର କଣା;

ବିନ୍ଧ-ଧା. (ବ୍ୟଧ୍-ଧାତୁଜ) ଛିଦ୍ର, ଗର୍ତ୍ତ ।

ବିନ୍ଧାଣି-ବି. ବାଢ଼ଇ । [ବନ୍ଧା ।

ବିନ୍ଧିବା-କ୍ରି. ବି. ଫୋଡ଼ିବା; ତୀକ୍ଷ୍ଣଦ୍ୱାରା ଗାତ

ବିନ୍ଧ୍ୟ-ବି. ପର୍ବତବିଶେଷ । [ଛେଦ କରିବା ।

ବିନ୍ୟସ୍ତ-ବି. (ବି-ନି-ଅସ୍-ତ) ସ୍ଥାପିତ; ସଜା-

ବିନ୍ୟାସ-ବି. (ବି-ନି-ଅସ୍-ଅ) ସ୍ଥାପନ; ରଚନା;

ବିପକ୍ଷ-ବି. ବିରୁଦ୍ଧ ପକ୍ଷ, ଶତ୍ରୁ । [ଇଥା ।

ବିପକ୍ଷତା-ବି. ଶତ୍ରୁତା, ପ୍ରତିକୂଳତା ।

ବିପଞ୍ଚୀ-ବି. ବୀଣା ।

ବିପଣି-ବି. (ବି-ପଣ୍-ଇ) ଦୋକାନ; ବଜାର ।

ବିପତ୍ତି-ବି. (ବି-ପଦ୍-ତି) ଆପଦ; ଦୁର୍ଗତି ।

ବିପଥ-ବି. କୁପଥ ।

ବିପଦ୍-ବି. (ବି-ପଦ୍-କ୍ୱିପ୍) ଆପଦ୍; ଦୁର୍ଦ୍ଦଶା ।

ବିପନ୍ନ-ବି. (ବି-ପଦ୍-ତ) ବିପଦ୍‌ଗ୍ରସ୍ତ ।

ବିପର୍ଯ୍ୟସ୍ତ-ବି. (ବି-ପରି-ଅସ୍-ତ) ବିରୁଦ୍ଧ; ଓଲଟା ।

ବିପର୍ଯ୍ୟୟ-ବି. (ବି-ପରି-ଇ-ଅ) ବୈପରୀତ୍ୟ ।

ବିପର୍ଯ୍ୟସ୍ତ-ବି. (ବି-ପରି-ଅସ୍-ତ) ବ୍ୟତିକ୍ରାନ୍ତ, ଓଲଟ ପାଲଟ ।

ବିପର୍ଯ୍ୟାସ-ବି. (ବି-ପରି-ଅସ୍-ଅ) ବୈପରୀତ୍ୟ ।

ବିପଳ-ବି. କାଳର ସୂକ୍ଷ୍ମ ଅଂଶ ।

ବିପଶ୍ଚିତ୍-ବି. ପଣ୍ଡିତ୍ ।

ବିପାକ-ବି. (ବି-ପଚ୍-ଅ) ପରିଣାମ; କର୍ମଫଳ ।

ବିପାଟନ-ବି. (ବି-ପଟ୍-ଣିଚ୍-ଅନ) ଉତ୍ପାଟନ ।

ବିପିନ-ବି. କାନନ, ବନ ।

ବିପୁଳ-ବି. (ବି-ପୁଲ-ଅ) ବୃହତ୍, ମହତ୍ ।

ବିପ୍ର-ବି. (ବି-ପ୍ରା-ଅ) ବ୍ରାହ୍ମଣ ।

ବିପ୍ରକର୍ଷଣ-ବି. (ବି-ପ୍ର-କୃଷ୍-ଅନ) ଦୂରାକର୍ଷଣ ।

ବିପ୍ରକୃଷ୍ଟ-ବି. ଦୂରବର୍ତ୍ତୀ । [ରିତ ।

ବିପ୍ରଲବ୍ଧ-ବି. (ବି-ପ୍ର-ଲଭ୍-ତ) ବଞ୍ଚିତ, ପ୍ରତା-

ବିପ୍ରଲମ୍ଭ-ବି. (ବି-ପ୍ର-ଲଭ୍-ଅ) ପ୍ରତାରଣା; ବିବାଦ; ବିରହ ।

ବି-ପ୍ରିୟ-ବି. ଅପ୍ରିୟ; ବି. ଅନିଷ୍ଟ ।

ବିପ୍ଳବ-ବି. (ବି-ପ୍ଳୁ-ଅ) ବିଦ୍ରୋହ; ଉପଦ୍ରବ ।

ବିପ୍ଳୁତ-ବି. (ବି-ପ୍ଳୁ-ତ) ନଷ୍ଟ; ଉପଦ୍ରୁତ ।

ବିଫଳ-ବି. (ବି-ଫଳ) ନିଷ୍ଫଳ, ନିରର୍ଥକ ।

ବିବନ୍ଧ-ବି. ମୂତ୍ର-ପୁରୀଷର ଅବରୋଧ ।

ବିବୁଧ-ବି. (ବି-ବୁଧ-ଅ) ଦେବତା; ପଣ୍ଡିତ ।

ବି-ବୋଧ-ବି. ଜାଗରଣ; ଜ୍ଞାନ ।

ବିଭକ୍ତ-ବି. (ବି-ଭଜ୍-ତ) ପୃଥକୀକୃତ ।

ବିଭକ୍ତି-ବି. (ବି-ଭଜ୍-ତି) ବିଭାଗ; ବ୍ୟାକରଣରେ ପଦ ବା କ୍ରିୟାର ପ୍ରତ୍ୟୟ ।

ବିଭବ-ବି. (ବି-ଭୂ-ଅ) ଧନ, ଐଶ୍ୱର୍ଯ୍ୟ ।

ବିଭା-ବି. (ବି-ଭା-ଅ-ଆ) ପ୍ରଭା, ଦୀପ୍ତି ।

ବିଭା-ବି. (ଦେଶଜ ଶବ୍ଦ) ବିବାହ ।

ବିଭାକର-ବି. ସୂର୍ଯ୍ୟ

ବିଭାଗ-ବି. (ବି-ଭଜ୍-ଅ) ଅଂଶ, ଭାଗ ।

ବିଭାଜକ-ବି. (ବି-ଭଜ୍-ଅକ) ବିଭାଗକର୍ତ୍ତା ।

ବିଭାଜ୍ୟ-ବି. (ବି-ଭଜ୍-ଯ) ବିଭାଗଯୋଗ୍ୟ ।

ବିଭାତ-ବି. (ବି-ଭା-ତ) ପ୍ରଭାତ ।

ବିଭାବ-ବି. (ବି-ଭୂ-ଅ) ଯୋଗ, ଶୋଭା, ଉଦ୍ଦୀ- ପାଦକ ଭାବ । [ଚିତ୍ତଜାତ୍, ଭାବ ।

ବିଭାବ୍ୟ-ବି. (ବି-ଭୂ-ଣିଚ୍-ଯ) ବିଶେଷଗମ୍ୟ,

ବିଭାବରୀ-ବି. (ବି-ଭା-ବନ୍) ରାତ୍ରି, ରଜନୀ ।

ବିଭା-ବସୁ-ବି. ସୂର୍ଯ୍ୟ; ଅଗ୍ନି ।

ବିଭାସିତ-ବି. (ବି-ଭାସ୍-ତ) ଆଲୋକିତ; ପ୍ରକାଶିତ ।

ବିଭିନ୍ନ-ବି. (ବି-ଭିଦ୍-ତ) ପୃଥକ୍କୃତ; ନାନା- ପ୍ରକାର; ବିଦୀର୍ଣ୍ଣ ।

ବିଭୀତକ-ବି. ବାହାଡ଼ା ଗଛ ।

ବିଭୀଷଣ-ବି. (ବି-ଭୀଷ୍-ଅନ) ରାବଣର କନିଷ୍ଠ ଭାଇ; ବି. ଭୟଙ୍କର । [ଜନ୍ତୁ ।

ବିଭୀଷିକା-ବି. (ବି-ଭୀଷ୍-ଅକ-ଆ) ଭୟପ୍ରଦ-

ବିଭୁ-ବି. (ବି-ଭୂ-ଉ) ପ୍ରଭୁ, ପରମେଶ୍ୱର ।

ବିଭୂତି-ବି. (ବି-ଭୂ-ତି) ସମ୍ପତ୍ତି, ଐଶ୍ୱର୍ଯ୍ୟ; ଭସ୍ମ ।

ବିଭୂଷିତ-ବି. (ବି-ଭୂଷ୍-ତ) ଅଳଙ୍କୃତ,

ବିଭେଦ-ବି. ପ୍ରଭେଦ । [ଶୋଭିତ ।

ବିଭୋଳ-ବି. ବିହ୍ୱଳ, ମତ୍ତ । [ସଂଶୟ ।

ବିଭ୍ରମ-ବି. (ବି-ଭ୍ରମ୍-ଅ) ବିଳାସ; ଭ୍ରମ;

ବିଭ୍ରାନ୍ତି—ସ୍ତ୍ରୀ. ( ବି-ଭ୍ରମ୍-କ୍ତି ) ଶୋଭମାନ ; ବି. ଅସାର । [ମହମ୍ମ ବଶିଷ୍ଠ ।

ବିମନାଃ, ବିମନସ୍କ—ବି. (ବି-ମନସ୍-କ) ଅନ୍ୟ-

ବିମଳାପ୍ରମାଣ—ବି. (ବି-ମଳା-ପ୍ର-ମାନ) ବର୍ଣ୍ଣ ।

ବିମର୍ଶ—ପୁ. (ବି-ମୃଶ୍-ଅ) ବିଚାର, ତର୍କ ।

ବିମର୍ଷ—ପୁ. (ବି-ମୃଷ୍-ଅ) ବିଷାଦ ।

ବିମଳ—ବି. ନିର୍ମଳ ; ଶୁଭ୍ର ।

ବିମାତା—ସ୍ତ୍ରୀ. ସାବତ ମା ।

ବିମାନ—ପୁ. (ବି-ମା-ଅନ) ବ୍ୟୋମଯାନ; ମଣ୍ଡପ ।

ବି-ମିଶ୍ର—ବି. ମିଶ୍ରିତ । [ଓଡ଼ିଆ ।

ବିମୁକ୍ତ—ବି. ( ବି-ମୁଚ୍-କ୍ତ ) ମୁକ୍ତିପ୍ରାପ୍ତ; ପରି-

ବିମୁଖ—ବି. ପରାଙ୍ମୁଖ; ଅପ୍ରସନ୍ନ ।

ବିମୂଢ଼—ବି. (ବି-ମୁହ୍-କ୍ତ) ନିର୍ବୋଧ, ମୂର୍ଖ ।

ବିମୃଶ୍ୟକାରୀ, ବିମୃଷ୍ୟକାରୀ—ବି. ( ବି-ମୃଶ୍ୟ, ମୃଷ୍ୟ-କୃ-ଣିନ୍ ) ଯେ ବ୍ୟକ୍ତି ବିବେଚନା କରି କର୍ମ କରେ ।

ବିମୋଚନ—ନ. (ବି-ମୁଚ୍-ଅନ) ମୁକ୍ତି; ଉଦ୍ଧାର ।

ବିମୋହନ—ବି. (ବି-ମୁହ୍-ଣିଚ୍-ଅନ) ମୋହ-ଜନକ ।

ବିମ୍ବ—ପୁ. (ବମ୍-ଅ) ମଣ୍ଡଳ; ଛାୟା, ପ୍ରତିମା ; କୁନ୍ଦୁରୀ ଫଳ । [ବିମ୍ବ ।

ବିମ୍ବିତ—ବି. ( ବମ୍-କ୍ତ ) ପ୍ରତିଫଳିତ, ପ୍ରତି-

ବିମ୍ବୋଷ୍ଠ—ବି. (ବମ୍-ଓଷ୍ଠ) ପକ୍ୱବିମ୍ବର ତୁଲ୍ୟ-

ବିୟତ୍—ନ. ଆକାଶ । [ବର୍ଣ୍ଣ ଓଷ୍ଠ-ବିଶିଷ୍ଟ ।

ବିୟୁକ୍ତ—ବି. ( ବି-ଯୁଜ୍-କ୍ତ ) ବିଚ୍ଛିନ୍ନ ।

ବିୟୋଗ—ପୁ. ( ବି-ଯୁଜ୍-ଅ ) ବିଚ୍ଛେଦ ; ମୃତ୍ୟୁ ; ଗଣିତରେ ବାଦଦେବା ।

ବିୟୋଜିତ—ବି. (ବି-ଯୁଜ୍-ଣିଚ୍-କ୍ତ) ପୃଥକ୍‌କୃତ ।

ବିୟୋଦ୍ଧା—ପୁ. ଅଶ୍ୱତ୍ଥ । [ଉଦାସୀନ ।

ବିରକ୍ତ—ବି. (ବି-ରଞ୍ଜ୍-କ୍ତ) ବିଷୟ ଅସନ୍ତୁଷ୍ଟ ;

ବିରକ୍ତି—ସ୍ତ୍ରୀ. ( ବି-ରଞ୍ଜ୍-କ୍ତି ) ଅସନ୍ତୋଷ ; ବୈରାଗ୍ୟ ।

ବିରଞ୍ଚି, ବିରିଞ୍ଚି—ପୁ. ବ୍ରହ୍ମା ।

ବିରତ—ବି. (ବି-ରମ୍-କ୍ତ) ନିବୃତ୍ତ, କ୍ଷାନ୍ତ ।

ବିରତି—ସ୍ତ୍ରୀ. (ବି-ରମ୍-କ୍ତି) ନିବୃତ୍ତି ।

ବିରଳ—ବି. ଅସମ୍ବଦ୍ଧ, ଛଡ଼ାଛଡ଼ା; ଅଳ୍ପ;

ବି-ରସ—ବି. ରସହୀନ; ମଳିନ । [ନିର୍ଜନ ।

ବିରହ—ପୁ. (ବି-ରହ୍-ଅ) ବିଚ୍ଛେଦ; ଅଭାବ ।

ବିରହିତ—ବି. ବର୍ଜିତ, ରହିତ ।

ବିରହିଣୀ—ସ୍ତ୍ରୀ. ବିଚ୍ଛେଦ-କ୍ଳେଶ ଯୁକ୍ତା ।

ବିରହୀ—ବି. ବିଚ୍ଛେଦ-କ୍ଳେଶ-ଯୁକ୍ତ ।

ବିରାଗ—ପୁ. (ବି-ରଞ୍ଜ୍-ଅ) ବୈରାଗ୍ୟ, ବିରକ୍ତି ।

ବିରାଗୀ—ବି. ବୈରାଗ୍ୟଯୁକ୍ତ । [ଶୋଭମାନ ।

ବିରାଜମାନ—ବି. (ବି-ରାଜ୍-ଆନ) ପ୍ରଦୀପ୍ୟମାନ,

ବିରାଜିତ—ବି. (ବି-ରାଜ୍-କ୍ତ) ଶୋଭିତ, ପ୍ରକାଶିତ ।

ବିରାଟ୍—ବି. ( ବି-ରାଜ୍-କ୍ୱିପ୍ ) ବିରାଟ; ଅତି ବୃହତ୍; ପୁ. ସର୍ବବ୍ୟାପୀ ପୁରୁଷ ।

ବିରାମ—ପୁ. (ବି-ରମ୍-ଅ) ବିଶ୍ରାମ; ନିବୃତ୍ତି ।

ବିରୁଦ—ପୁ. ପ୍ର-ଶଂସାସୂଚକ ପଦଗୌରବଯୋଗ୍ୟ ।

ବିରୂଢ଼—ବି. (ବି-ରୁହ୍-କ୍ତ) ଜାତ ।

ବିରୁଦ୍ଧ—ବି. (ବି-ରୁଧ୍-କ୍ତ) ବିପରୀତ; ବିପକ୍ଷ; ପ୍ରତିକୂଳ ।

ବିରୂପ—ବି. (ବି-ରୂପ) କୁରୂପ ।

ବିରୂପାକ୍ଷ-ବି. (ବିରୂପ-ଅକ୍ଷି) ଶିବ, ତ୍ରିଲୋଚନ।
ବିରେଚନ-ବି. (ବି-ରିଚ୍-ଣିଚ୍-ଅନ) ମଳ-ନିଃସାରଣ। [ନିଃସାରକ।
ବିରେଚକ-ବିଂ. (ବି-ରିଚ୍-ଣିଚ୍-ଅକ) ମଳ-
ବିରୋଧ-ବି. (ବି-ରୁଧ୍-ଅ) ଶତ୍ରୁତା; ବୈର।
ବିରୋଧୀ-ବିଂ. ପ୍ରତିକୂଳ; ବି. ଶତ୍ରୁ।
ବିଲ-ବି. ଗହ୍ୱର; ଗର୍ତ୍ତ।
ବିଲ୍-ବି. କ୍ଷେତ।
ବିଲକ୍ଷଣ-ବିଂ. ଅସାଧାରଣ; ଭିନ୍ନ।
ବିଲପନ, ବିଲପିତ-ବି. (ବି-ଲପ୍-ଅନ, ତ) ବିଳାପ।
ବିଲପମାନ-ବିଂ. (ବି-ଲପ୍-ଆନ) ବିଳାପକାରୀ।
ବିଲମ୍ବ-ବି. (ବି-ଲମ୍ବ-ଅ) ଡେରି; ଅଶୀଘ୍ରତା।
ବିଲମ୍ବିତ-ବିଂ. (ବିଲମ୍ବ-ଇତ) ଲମ୍ବମାନ, ଦୋଳାୟିତ।
ବିଲସ-ବି. (ବି-ଲସ୍-ଅ) ବିକାଶ, ଲସ୍।
ବିଲସନ, ବିଲସିତ-ବି. (ବି-ଲସ୍-ଅନ, ତ)
ବିଲେଲିହ-ବି. ସର୍ପ। [ବିଳାସକଳା।
ବିଲୋପ-ବି. (ବି-ଲୁପ୍-ଅ) ଲୋପ।
ବିଲାସ-ବି. (ବି-ଲସ୍-ଅ) ସୁଖ ପ୍ରକାଶକ-ଅଙ୍ଗଭଙ୍ଗୀ; କ୍ରୀଡ଼ା ଆମୋଦ ପ୍ରମୋଦ।
ବିଲାସୀ-ବିଂ. (ବି-ଲସ୍-ଇନ୍) ଆମୋଦ ପ୍ରମୋ-ଦରେ ରତ।
ବିଲିବିଲାଇବା-କ୍ରି. ପେଟଭିତରେ ବାଜିବା।
ବିଲୀନ-ବିଂ. (ବି-ଲୀ-ତ) ଲୁପ୍ତପ୍ରାୟ; ଅନ୍ତର୍ହିତ।
ବିଲୁଆ-ବି. ଶୃଗାଳ। [ଣ।
ବିଲେପନ-ବି. (ବି-ଲିପ୍-ଅନ) ଲେପନ; ବଟା-

ବିଲୋକନ-ବି. (ବି-ଲୁକ୍-ଅନ) ଦର୍ଶନ।
ବିଲୋଚନ-ବି. (ବି-ଲୋଚ୍-ଅନ) ନେତ୍ର, ଚକ୍ଷୁ। [ମଥିତ।
ବିଲୋଡ଼ିତ-ବି. (ବି-ଲୁଡ଼୍-ଣିଚ୍-ତ) ଆଲୋଡ଼ିତ,
ବିଲୋପ-ବି. (ବି-ଲୁପ୍-ଅ) ଧ୍ୱଂସ; ବିନାଶ।
ବିଲୋମ-ବିଂ. (ବି-ଲୋମ) ବିପରୀତ।
ବିଲୋମ-ବର୍ଣ୍ଣ-ବର୍ଣ୍ଣସଙ୍କର ଜାତି।
ବିଲ୍ୱ-ବି. ବେଲ, ଶ୍ରୀଫଳ। [ଇଚ୍ଛା।
ବିବକ୍ଷା-ବି. (ବି-ବଚ୍-ସନ୍-ଅ) କହିବାର
ବିବକ୍ଷିତ-ବିଂ. (ବି-ବଚ୍-ସନ୍-ତ) ଯାହା କହି-ବାକୁ ଇଚ୍ଛା କରାଯାଇଅଛି।
ବିବଦମାନ-ବିଂ. (ବି-ବଦ୍-ଆନ) ବିବାଦୀ, ବିରୋଧୀ।
ବିବର-ବି. (ବି-ବୃ-ଅ) ଗର୍ତ୍ତ; ଛିଦ୍ର।
ବିବରଣୀ-ବି. (ବି-ବୃ-ଅନ) ବର୍ଣ୍ଣନ; ବୃତ୍ତାନ୍ତ।
ବି-ବର୍ଣ୍ଣ-ବିଂ. ମଳିନ। [ପରିଣାମ।
ବିବର୍ତ୍ତ-ବି. (ବି-ବୃତ୍-ଅ) ପରିବର୍ତ୍ତ; ଘୂର୍ଣ୍ଣନ;
ବିବର୍ତ୍ତନ-ବି. (ବି-ବୃତ୍-ଅନ) ଘୂର୍ଣ୍ଣନ; ପାର୍ଶ୍ୱ-ପରିବର୍ତ୍ତନ; ନୃତ୍ୟ। [ବିସ୍ତୃତ।
ବିବର୍ଦ୍ଧିତ-ବିଂ. (ବି-ବୃଧ୍-ତ) ବର୍ଦ୍ଧିତ; ଉନ୍ନ-
ବିବଶ-ବିଂ. (ବି-ବଶ୍-ଅ) ଅବଶ; ବିହ୍ୱଳ।
ବିବସ୍ୱାନ୍-ବି. (ବି-ବସ୍-ବତ୍) ସୂର୍ଯ୍ୟ।
ବିବାକ୍-ବିଂ. ସ୍ତମ୍ଭିତ।
ବିବାକ-ବି. (ବି-ବଚ୍-ଅ-କ) ବ୍ୟବହାରଦର୍ଶୀ।
ବିବାଦ-ବି. (ବି-ବଦ୍-ଅ) ବିରୋଧ, କଳହ।
ବିବାଦୀ-ବିଂ. (ବିବାଦ-ଇନ୍) ବିରୋଧୀ।

ବିବାସନ–ବି. (ବି-ବସ୍-ଣିଚ୍-ଅନ) ନିର୍ବାସନ; ସ୍ୱଦେଶରୁ ଦୂରୀକରଣ ।

ବିବାସିତ–ବିଂ. (ବି-ବସ୍-ଣିଚ୍-ତ) ନିର୍ବାସିତ ।

ବିବାହ–ବି. (ବି-ବହ୍-ଅ) ପରିଣୟ ।

ବିବାହିତ–ବିଂ. (ବି-ବହ୍-ଣିଚ୍-ତ) ପରିଣୀତ ।

ବିବିକ୍ତ–ବିଂ. (ବି-ବିଚ୍-ତ) ନିର୍ଜନ; ପୃଥକ୍‌କୃତ; ପବିତ୍ର ।

ବିବିଧ–ବିଂ. (ବି-ଧା-ଅ) ନାନାପ୍ରକାର ।

ବିବି–ବି. ମାନ୍ୟା ମୁସଲମାନ ସ୍ତ୍ରୀ; ମାନ୍ୟା ସ୍ତ୍ରୀ ।

ବିବୃତ–ବିଂ. (ବି-ବୃ-ତ) ବର୍ଣ୍ଣିତ; ବ୍ୟାଖ୍ୟାତ; ପ୍ରକାଶିତ ।

ବିବୃତି–ବି. (ବି-ବୃ-ତି) ବ୍ୟାଖ୍ୟା । [ଚଳିତ ।

ବିବୃଦ୍ଧ–ବିଂ. ( ବି-ବୃଧ-ତ ) ବର୍ଦ୍ଧିତ; ସମୃଦ୍ଧ

ବିବୃଦ୍ଧି–ବିଂ. (ବି-ବୃଧ୍-ତି) ବୃଦ୍ଧିପ୍ରାପ୍ତ ।

ବିବେକ–ବି. (ବି-ବିଚ୍-ଅ) ଭଲମନ୍ଦ ପୃଥକ୍ କରି ବସ୍ତୁର ବିଚାରିବାର ଶକ୍ତି; ସୁବିବେଚନା ।

ବିବେକୀ–ବିଂ. (ବିବେକ-ଇନ୍) ସୁବିବେଚକ ।

ବିବେଚକ–ବିଂ. (ବି-ବିଚ୍-ଅକ) ସୁବିଚାରକାରୀ ।

ବିବେଚନା–ବି. ( ବି-ବିଚ୍-ଣିଚ୍-ଅ ) ବିଚାର, ବିଶେଷରୂପେ ଅବଲୋକନ ।

ବିବେଚିତ–ବିଂ. (ବି-ବିଚ୍-ଣିଚ୍-ତ) ବିଚାରିତ ।

ବିବେଚ୍ୟ–ବିଂ. (ବି-ବିଚ୍-ଯ) ବିବେଚନାଯୋଗ୍ୟ ।

ବିଶଙ୍କ–ବିଂ. (ବି ଶଙ୍କା) ନିର୍ଭୟ ।

ବିଶଦ, ବୈଶଦ–ବିଂ. (ବି-ଶଦ୍, ଶଦ୍-ଅ) ଶୁଭ୍ର, ନିର୍ମଳ; ସ୍ପଷ୍ଟ । [ଶୁଭ୍ର ।

ବିଶଲ୍ୟ–ବିଂ. (ବି-ଶଲ୍ୟ) ଶଲ୍ୟ-ରହିତ; ଯାତନା-

ବିଶଲ୍ୟ-କରଣୀ–ବି. ସଂଜୀବକ ଔଷଧ; ଔଷଧ-ଶୂନ୍ୟକରଣ । [ଫଳ ।

ବିଶା–ବି. ଓଡ଼ିଆ ବିଶେଷ; ୧୮, ୨୦ ବା ୨୨

ବିଶାଖା–ବି. ନକ୍ଷତ୍ରବିଶେଷ । [ନକ୍ଷତ୍ର ।

ବିଶାରଦ–ବିଂ. ( ବିଶାଳ-ଦା-ଅ ) ନିପୁଣ;

ବିଶାଳ–ବିଂ. (ବି-ଶାଲ) ବୃହତ୍; ବିସ୍ତୀର୍ଣ୍ଣ ।

ବିଶିଖ–ବି (ବି-ଶିଖା) ବାଣ, ଶର ।

ବିଶିଷ୍ଟ–ବିଂ (ବି-ଶିଷ୍-ତ) ଯୁକ୍ତ; ଶ୍ରେଷ୍ଠ; ଲକ୍ଷଣ; ସମ୍ପନ୍ନ ।

ବିଶୁଦ୍ଧ–ବିଂ. (ବି-ଶୁଧ୍-ତ) ନିର୍ମଳ; ପବିତ୍ର ।

ବିଶୁଦ୍ଧି–ବି. (ବି-ଶୁଧ୍-ତି) ନିର୍ମଳତା; ପବିତ୍ରତା ।

ବିଶୃଙ୍ଖଳ–ବିଂ. ( ବି-ଶୃଙ୍ଖଳା ) ଶୃଙ୍ଖଳାଶୂନ୍ୟ, ଅବିନ୍ୟସ୍ତ । [ଅଶୃଙ୍ଖଳ; ବିଂ. ଅସ୍ତବ୍ୟ ।

ବିଶେଷ–ବି. (ବି-ଶିଷ୍-ଅ) ପ୍ରଭେଦ, ପ୍ରକାର;

ବିଶେଷଜ୍ଞ–ବିଂ. ଦକ୍ଷ ।

ବିଶେଷଣ–ବି. (ବି-ଶିଷ୍-ଅନ) ପ୍ରଭେଦ କାରକ ଗୁଣନିର୍ଦ୍ଦେଶ । [ଭାଷେ ।

ବିଶେଷତଃ–ଅଂ. ( ବିଶେଷ-ତସ୍ ) ବିଶେଷ-

ବିଶେଷିତ–ବିଂ. (ବି ଶିଷ୍-ଣିଚ୍-ତ) ପ୍ରଭେଦିତ; ବିଶେଷଣଦ୍ୱାରା ଚିହ୍ନିତ ।

ବିଶେଷ୍ୟ–ବି. ବ୍ୟାକରଣରେ ବ୍ୟକ୍ତି ବା ବସ୍ତୁର ନାମବାଚକ ଶବ୍ଦ । [ନିର୍ଦ୍ଦିଷ୍ଟ ଶାସ୍ତ୍ର ।

ବିଶୋଧନ–ବି. ( ବି-ଶୁଧ୍-ଅନ ) ସଂଶୋଧନ;

ବିଶ୍ରବ୍ଧ–ବିଂ. (ବି-ଶ୍ରମ୍ଭ୍-ତ) ବିଶ୍ୱସ୍ତ; ଧୀର ।

ବିଶ୍ରମ୍ଭ–ବି. (ବି-ଶ୍ରମ୍ଭ୍-ଅ) ବିଶ୍ୱାସ; ପ୍ରଣୟ ।

ବିଶ୍ରାନ୍ତ–ବିଂ. (ବି-ଶ୍ରମ୍-ତ) ବିଶ୍ରାମପ୍ରାପ୍ତ ।

ବିଶ୍ରାମ—ବି. (ବି-ଶ୍ରମ୍-ଅ) ଶ୍ରମରୁ ବିରାମ; ବିରାମ ।
ବି-ଶ୍ରୀ—ବିଂ. ଶ୍ରୀହୀନ, କୁତ୍ସିତ ।
ବିଶ୍ରୁତ—ବିଂ. (ବି-ଶ୍ରୁ-ତ) ବିଖ୍ୟାତ ।
ବିଶ୍ଳିଷ୍ଟ—ବିଂ. (ବି-ଶ୍ଳିଷ୍-ତ) ବିଚ୍ଛିନ୍ନ; ଶିଥିଳ ।
ବିଶ୍ଳେଷ—ବି. ( ବି-ଶ୍ଳିଷ୍-ଅ ) ଅସଂଯୋଗ; ବିଚ୍ଛେଦ ।
ବିଶ୍ୱ—ବି. (ବିଶ୍-ବ) ଜଗତ୍, ବ୍ରହ୍ମାଣ୍ଡ; ବିଂ. ସମସ୍ତ ।
ବିଶ୍ୱ-କର୍ମା—ବି. ଦେବ-ଶିଳ୍ପୀ; ବଢ଼ଇବର୍ଣ୍ଣ ।
ବିଶ୍ୱ-ଜନୀନ—ବିଂ. (ବିଶ୍ୱଜନ-ଈନ) ସର୍ବସାଧାରଣ ହିତକାରୀ; ସାର୍ବଜନୀନ । [ବ୍ୟାପୀ ।
ବିଶ୍ୱମ୍ଭର—ବି. ( ବିଶ୍ୱ-ଭୃ-ଅ ) ଭଗବାନ୍;
ବିଶ୍ୱମ୍ଭରା—ବି. ପୃଥିବୀ । [ଉଦାର ସ୍ଥଳ ।
ବିଶ୍ୱବିଦ୍ୟାଳୟ—ବି. ସକଳ ବିଦ୍ୟାର ଅଧ୍ୟୟ-
ବିଶ୍ୱସ୍ତ—ବିଂ. ( ବି-ଶ୍ୱସ୍-ତ ) ବିଶ୍ୱାସ-ପାତ୍ର; ବିଶ୍ୱାସୀ । [ସ୍ଥାନ ।
ବିଶ୍ୱା—ବି. ଭୂମିପରିମାଣ (ଏକ ଭୂଣ୍ଡର ଷୋଳ-
ବିଶ୍ୱାମିତ୍ର—ବି. (ବିଶ୍ୱ-ମିତ୍ର) ମୁନିବିଶେଷ ।
ବିଶ୍ୱାସ—ବି. (ବି-ଶ୍ୱସ୍-ଅ) ପ୍ରତ୍ୟୟ; ଭରସା ।
ବିଶ୍ୱାସୀ—ବିଂ. (ବିଶ୍ୱାସ-ଇନ୍) ଯେ ବିଶ୍ୱାସ କରେ; ବିଶ୍ୱାସ-ପାତ୍ର । [ଭାଗ ।
ବିଶ୍ୱାସ୍ୟ—ବିଂ. (ବି-ଶ୍ୱସ୍-ଯ) ବିଶ୍ୱସନୀୟ, ବିଶ୍ୱାସ-
ବିଷ—ବି. (ବିଷ୍-ଅ) ଗରଳ ।
ବିଷଘ୍ନ—ବିଂ. (ବିଷ-ହନ୍-ଅ) ବିଷ-ନାଶକ ।
ବିଷଣ୍ଣ—ବିଂ. (ବି-ଷଦ୍-ତ) ବିଷାଦଯୁକ୍ତ; ଦୁଃଖୀ ।
ବିଷ-ଧର—ବି. ସର୍ପ ।
ବିଷମ—ବିଂ. ( ବି—ସମ ) ଅସମ; ଉଚ୍ଚନୀଚ; ଦୁର୍ଗମ; ଭୟଙ୍କର ।

ବିଷୟ—ବି. ( ବି-ସି-ଅ ) ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥ; ଦେଶ; ବସ୍ତୁକି ପଦାର୍ଥ; ଧନ; ଭୋଗ୍ୟବସ୍ତୁ ।
ବିଷୟୀ—ବିଂ. ( ବିଷୟ-ଇନ୍ ) ବିଷୟାସକ୍ତ; ବି. ଧନୀ ।
ବିଷାକ୍ତ—ବିଂ. (ବିଷ-ଅକ୍ତ) ବିଷ-ମିଶ୍ରିତ ।
ବିଷାଣ—ବି. ଶୃଙ୍ଗ; ହସ୍ତି-ଦନ୍ତ ।
ବିଷାଦ—ବି. (ବି-ଷଦ୍-ଅ) ଖେଦ, ଦୁଃଖ ।
ବିଷୁବ—ବି. ସମରାତ୍ରିନ୍ଦିବକାଳ; ମେଷ ସଂକ୍ରାନ୍ତି ।
ବିଷୁବରେଖା—ବି. ଉଭୟ ମେରୁର ସମଦୂରବର୍ତ୍ତୀ ମଣ୍ଡଳାକାର କଳ୍ପିତ ରେଖା ।
ବିଷ୍କିର—ବି. (ବି-କୃ-ଅ) ପକ୍ଷୀ ।
ବିଷ୍ଟପ ବି. (ବିଶ୍-ତପ) ଭୁବନ ।
ବିଷ୍ଟମ୍ଭ—ବି. (ବି-ସ୍ତମ୍ଭ୍-ଅ) ରୋଧ, ପ୍ରତିବନ୍ଧ ।
ବିଷ୍ଟର—ବି. (ବି-ସ୍ତୃ-ଅ) ଆସନ ।
ବିଷ୍ଠା—ବି. (ବି-ସ୍ଥା-ଅ) ମଳ, ପୁରୀଷ ।
ବିଷ୍ଣୁ—ବି. (ବିଷ-ନୁ) ସର୍ବବ୍ୟାପୀଦେବତା, ନାରା-
ବିଷ୍ଣୁ-ପଦ—ବି. ଆକାଶ । [ୟଣ ।
ବିଷ୍ଣୁ-ପଦୀ—ବି. ଗଙ୍ଗାନଦୀ ।
ବିସ—ବି. ମୃଣାଳ ।
ବିସଦୃଶ—ବିଂ. ବିପରୀତ; ଅଦ୍ଭୁତ ।
ବିସମ୍ବାଦ—ବି. ( ବି—ସଂ-ବଦ୍-ଅ ) ବିରୋଧ,
ବିସମ୍ବାଦୀ—ବିଂ. ବିରୁଦ୍ଧ । [ଅମେଳ ।
ବିସର୍ଗ—ବି. (ବି-ସୃଜ୍-ଅ) ତ୍ୟାଗ; ଦାନ; ଃ ।
ବିସର୍ଜନ—ବି. (ବି-ସୃଜ୍-ଅନ) ତ୍ୟାଗ; ଦାନ ।
ବିସର୍ପ, ବିସର୍ପଣ—ବି. (ବି-ସୃପ୍-ଅ,-ଅନ) ପ୍ରସ-
ବିସୂଚିକା—ବି. ଓଲାଉଠା ରୋଗ । [ରଣ ।

ବିସୃଷ୍ଟ ବି°. (ବି-ସୃଜ୍-ତ) ତ୍ୟକ୍ତ, ନିକ୍ଷିପ୍ତ ।

ବିସ୍ତର-ବି. (ବି-ସ୍ତୃ-ଅ) ବହୁସଂଖ୍ୟା ; ବହୁପ୍ରସ- ବର୍ଦ୍ଧିତ ; ଅଧିକ ।

ବିସ୍ତାର, ବିସ୍ତୃତି-ବି. (ବି-ସ୍ତୃ-ଅ,ତି) ବ୍ୟାପ୍ତି ; ଓସାର ; ବଖାଣିବା ।

ବିସ୍ତାରିତ-ବି°. (ବି-ସ୍ତୃ-ଣିଚ୍-ତ) ପ୍ରସାରିତ ।

ବିସ୍ତୀର୍ଣ୍ଣ-ବି°. (ବି-ସ୍ତୃ-ତ) ବିସ୍ତୃତ ; ବିଶାଳ ।

ବିସ୍ମାପିତ-ବି°. (ବି-ସ୍ମି-ଣିଚ୍-ତ) ବିସ୍ମିତ ; ବିସ୍ମୟାପନ୍ନ, ଚମତ୍କୃତ ।

ବିସ୍ମିଲ୍ଲା-ବି. ଅଗ୍ନି ଦେବ ।

ବିସ୍ଫୋଟ, ବିସ୍ଫୋଟକ-ବି. (ବି-ସ୍ଫୁଟ୍-ଅ, କ) ବ୍ରଣ, ଦାଗ ।

ବିସ୍ମୃତି-ବି. (ବି-ସ୍ମୃ-ତି) ଅସ୍ମରଣ ।

ବିସ୍ମରଣ-ବି. (ବି-ସ୍ମୃ-ଅନ) ବିସ୍ମୃତି, ପାସୋରା ।

ବିସ୍ମିତ-ବି°. (ବି-ସ୍ମି-ତ) ଆଶ୍ଚର୍ଯ୍ୟାନ୍ୱିତ ।

ବିସ୍ମୃତ-ବି°. (ବି-ସ୍ମୃ-ତ) ପାସୋରି ଯାଇଥିବା ।

ବିସ୍ମୃତି-ବି. ବିସ୍ମରଣ ।

ବିସ୍ରସ୍ତ-ବି°. (ବି-ସ୍ରନ୍ସ୍-ତ) ଶିଥିଳ ; ପତିତ ।

ବିହଗ, ବିହଙ୍ଗ, ବିହଙ୍ଗମ-ବି. (ବିହାୟସ୍-ଗମ୍-ଅ) ପକ୍ଷୀ ।

ବିହନ-ବି. ଧାନ୍ୟ-ବୀଜ ; ଶସ୍ୟବୀଜ ।

ବିହାୟସ-ବି. ଆକାଶ ।

ବିହାର-ବି. (ବି-ହୃ-ଅ) କ୍ରୀଡ଼ା ; ଭ୍ରମଣ ; ବୌଦ୍ଧ ମଠ ।

ବିହାରୀ-ବି°. (ବିହାର-ଇନ୍) ଭ୍ରମଣକାରୀ ।

ବିହିତ-ବି°. (ବି-ଧା-ତ) ଉଚିତ ; କର୍ତ୍ତବ୍ୟ ।

ବିହୀନ-ବି°. (ବି-ହା-ତ) ରହିତ ବର୍ଜିତ ।

ବିହ୍ୱଳ-ବି°. (ବି-ହ୍ୱଲ୍-ଅ) ଶୋକାଦି ଦ୍ୱାରା ଅଭି- ଭୂତ ; ବିକଳ ।

ବୀକ୍ଷଣ-ବି. (ବି-ଈକ୍ଷ୍-ଅନ) ଦର୍ଶନ, ଅବଲୋକନ ।

ବୀଚି-ବି. ତରଙ୍ଗ ।

ବୀଜ-ବି. ମଞ୍ଜି ; କାରଣ ; ଅବ୍ୟକ୍ତ ଗଣିତ ।

ବୀଜନ, ବ୍ୟଜନ-ବି. (ବି-ଅଜ-ଅନ) ପଙ୍ଖା ; ପଙ୍ଖାରେ ସଞ୍ଚାଳନ ।

ବୀଟିକା-ବି. ଖଳି, ପାନଖିଲ ।

ବୀଣା-ବି. ସପ୍ତତନ୍ତ୍ରୀଯୁକ୍ତ ବାଦ୍ୟ ।

ବୀଣାପାଣି-ବି. ସରସ୍ୱତୀ ।

ବୀତ-ବି°. (ବି-ଇ-ତ) ଗତ ।

ବୀତଂସ-ବି. ମୃଗାଦି ଧରିବାର ଜାଲ ; ଫାନ୍ଦ ।

ବୀଥି, ବୀଥିକା-ବି. ଶ୍ରେଣୀ ; ଉଭୟ ପାର୍ଶ୍ୱରେ ବୃକ୍ଷଶ୍ରେଣୀଯୁକ୍ତ ପଥ ।

ବୀପ୍ସା-ବି. ପୁନରୁକ୍ତି ।

ବୀଭତ୍ସ-ବି°. ଅତ୍ୟନ୍ତ ଘୃଣିତ ।

ବୀର-ବି. (ବୀର୍-ଅ) ଶୂର ; ନବରସର ଅନ୍ୟ- ତମ ରସ ; ବି°. ପରାକ୍ରମଶାଳୀ ।

ବୀରାସନ-ବି. ଉରୁ ଉପରେ ପାଦଦ୍ୱୟ ସ୍ଥାପନପୂର୍ବକ ଉପବେଶନ ।

ବୀର୍ଯ୍ୟ-ବି. (ବୀର୍-ଯ) ଶୌର୍ଯ୍ୟ ; ତେଜ ; ଶୁକ୍ର ।

ବୁଜା-ବି°. ମୁଦା ; ବୋଜା ।

ବୁଜିବା-କ୍ରି. ମୁଦିବା ।

ବୁଝିବା-କ୍ରି. ହୃଦ୍‌ଗତ କରିବା ; ସମଝିବା ।

ବୁଟ, ବୁଟ୍-ବି. ଇଂରେଜୀ ଜୋତା ।

ବୁଟା-ବି. ବସ୍ତ୍ରର ଫୁଲକା ବା ଚିତ୍ର ।

ବୁଡ଼ି-ବି. ଜଳରେ ମଗ୍ନ ।
ବୁଡ଼ିବା-କ୍ରି. ଡୁବିବା ; ପାଣିରେ ମଗ୍ନ ହେବା ।
ବୁଢ଼ା-ବି. ବୃଦ୍ଧଲୋକ; ସ୍ତ୍ରୀ-ବୁଢ଼ୀ ।
ବୁଢ଼ୀଅଣି-ସ୍ତ୍ରୀ. ମାକଡ଼ସା ।
ବୁଣା-ବିଂ. ବପିତ; ତନ୍ତରେ ପ୍ରସ୍ତୁତ ।
ବୁଣିବା-କ୍ରି. ବପନ କରିବା; ବସ୍ତ୍ର ନିର୍ମାଣ କରିବା ।
ବୁଦା-ବି. ଗୁଳ୍ମ ।
ବୁଲାଇବା-କ୍ରି. ଭ୍ରମଣ କରାଇବା; ଘୁରାଇବା ।
ବୁଲିବା-କ୍ରି. ଭ୍ରମଣ କରିବା ।
ବୃଂହିତ-ବି. ହସ୍ତୀର ଶବ୍ଦ ।
ବୃକ-ବି. ହେଟାବାଘ ।
ବୃକୋଦର-ବି. ଦ୍ୱିତୀୟ ପାଣ୍ଡବ ।
ବୃକ୍ଷ-ବି. ଗଛ, ତରୁ ।
ବୃକ୍ଷ-ବାଟିକା-ବି. ଉପବନ ।
ବୃଜିନ-ବି. ପାପ ।
ବୃତ-ବିଂ. ( ବୃ-ତ ) ପ୍ରାର୍ଥିତ ; ଆଚ୍ଛାଦିତ ।
ବୃତି-ବି. ( ବୃ-ତି ) ବେଷ୍ଟନ; ବାଡ଼ ।
ବୃତ୍ତ-ବିଂ. ( ବୃତ-ତ ) ଜାତ ; ଅତୀତ ; ବି. ଚରିତ ; ଛନ୍ଦୋବିଶେଷ; ଗୋଲର ସୀମା ।
ବୃତ୍ତାନ୍ତ-ବି. ( ବୃତ୍ତ-ଅନ୍ତ ) ବାର୍ତ୍ତା; ବିବରଣ ।
ବୃତ୍ତି-ବି. ( ବୃତ୍-ତି ) ଜୀବିକା ; ମନୋବୃତ୍ତି ; [ବ୍ୟାଖ୍ୟା ।
ବୃତ୍ର-ବି. ଅସୁର ବିଶେଷ ।
ବୃତ୍ରାରି-ବି. ( ବୃତ୍ର-ଅରି ) ଇନ୍ଦ୍ର ।
ବୃଥା-ଅ. ନିରର୍ଥକ ।
ବୃଦ୍ଧ-ବିଂ. (ବୃଧ୍-ତ) ବୁଢ଼ା ।
ବୃଦ୍ଧ-ପ୍ରପିତାମହ-ବି. ପିତାମହର ପିତାମହ ।
ବୃଦ୍ଧ-ପ୍ରମାତାମହ-ବି. ମାତାମହର ମାତାମହ ।
ବୃଦ୍ଧି-ବି. (ବୃଧ୍-ତି) ବର୍ଦ୍ଧନ; ଉନ୍ନତି ; ଐଶ୍ୱର୍ଯ୍ୟ ; [ସୁଧ ।
ବୃନ୍ତ-ବି. ଫଳ ପୁଷ୍ପାଦିର ବୋଟା ।
ବୃନ୍ଦ-ବି. ସମୂହ; ଦଶଅର୍ବୁଦ ସଂଖ୍ୟା ।
ବୃନ୍ଦା-ବି. ତୁଳସୀ ବୃକ୍ଷ । [ଲୋକ ।
ବୃନ୍ଦାରକ-ବି. (ବୃନ୍ଦ-ଆର-କ) ଦେବତା ; ଶ୍ରେଷ୍ଠ
ବୃନ୍ଦାବନ-ବି. ତୀର୍ଥସ୍ଥାନ-ବିଶେଷ ।
ବୃଶ୍ଚିକ-ବି. ବିଛା । [ବିଶେଷ ।
ବୃଷ-ବି. ( ବୃଷ-ଅ ) ଷଣ୍ଢ ; [illegible] ରାଶି-
ବୃଷଣ-ବି. ( ବୃଷ-ଅନ ) ଅଣ୍ଡକୋଷ ।
ବୃଷଭ-ବି. ବୃଷ, ଶ୍ରେଷ୍ଠ ( ଶବ୍ଦାନ୍ତେ ) ।
ବୃଷଳ-ବି. ଶୂଦ୍ର ।
ବୃଷା-ବି. ( ବୃଷ-ଅନ୍ ) ଇନ୍ଦ୍ର ।
ବୃଷ୍ଟି-ବି. ( ବୃଷ-ତି ) ବର୍ଷା ।
ବୃଷ୍ୟ-ବିଂ. ( ବୃଷ-ଯ ) ବାଜୀକର, ବଳକର ।
ବୃହତ୍-ବିଂ. (ବୃହ୍-ଅତ୍ ) ବଡ଼, ବିପୁଳ ।
ବୃହସ୍ପତି-ବି. (ବୃହତ୍-ପତି) ଦେବଗୁରୁ ; ଗ୍ରହ-ବିଶେଷ ।
ବେଉରିବା-କ୍ରି. ବେଉରା କରିବା; ବାଣ୍ଟିଦେବା ।
ବେଉରୀ-ବି. ବାର୍ତ୍ତା ।
ବେଉସା-ବି. ବ୍ୟବସାୟ ।
ବେକ-ବି. ଗଳାର ପଶ୍ଚାଦ୍ଭାଗ ।
ବେଗ-ବି. (ବିଜ-ଅ) ଦ୍ରୁତ, ଶୀଘ୍ରତା ; ମୂତ୍ରାଦିର ନିର୍ଗମପ୍ରବଣତା ; ପ୍ରବାହ ।
ବେଗୁନିଆ-ବି. ବୃକ୍ଷବିଶେଷ ।

ବେଢେଇ-କ୍ରି. ଘେରୁ ।
ବେଙ୍ଗୀ-ବି. (ବାଙ୍ଗଶବ୍ଦ) ବେଙ୍ଗ ।
ବେଙ୍ଗଲା-ବି. ଧାନ ଉପରେ ବଳଦ ବୁଲାଇବା ।
ବେଠି-ବି. (ଫାର୍ସୀଶବ୍ଦ) ବିନା ମୂଲରେ ଖଟଣି ।
ବେଢ-ବି. ଟୋପଲ ।
ବେଢ଼-ବି. (ବୈଦେଶିକଶବ୍ଦ) ବେଷ୍ଟନ, ଘେରଣ ।
ବେଢ଼ା-ବି. ଘରଅଗଣାର ପାଚେରୀ ।
ବେଢ଼ିବା-କ୍ରି. (ବେଷ୍ଟଧାତୁଜ) ଘେରିବା ।
ବେଣା-ବି. ଉଶୀର, ତୃଣବିଶେଷ ।
ବେଣୀ-ବି. କେଶପାଶ; ଜଳପ୍ରବାହ ।
ବେଣୁ-ବି. ବାଉଁଶ; ବଂଶୀ ।
ବେଣ୍ଟ-ବି. (ଦେଶଜଶବ୍ଦ) ଅସ୍ତ୍ରାଦିର ମୁଠା ।
ବେତ-ବି. ବେତ୍ର, ବେତସ । [ଛଡ଼ିକ ।
ବେତନ-ବି. ପରିଶ୍ରମର ମୂଲ୍ୟ; ମାସିକ ପାଉ-
ବେତସ-ବି. ବେତ ।
ବେତାଳ-ବି. ବଡ ଝୋଟେଇ । [ଭାଲଗୁଳ ।
ବେତାଳି-ବି. ଭୂତ; ପିଶାଚ; ବି. ଶଙ୍ଖାଘରେ
ବେତ୍ତା-ସଂ. (ବିଦ୍-ତୃ) ଜ୍ଞାତା ।
ବେତ୍ରୀ-ବି. ବେତଲତା, ବେତବାଡ଼ି ।
ବେଦ-ବି. (ବିଦ୍-ଅ) ଋକ୍, ଯଜୁଃ, ସାମ, ଅଥର୍ବ ଏହି ଚାରିବେଦ; ଧର୍ମଶାସ୍ତ୍ର; ଜ୍ଞାନସଂଗ୍ରହ ।
ବେଦନା-ବି. (ବିଦ୍-ଅନ-ଆ) ଦୁଃଖବୋଧ; ଯନ୍ତ୍ରଣା; ଅନୁଭବ ।
ବେଦାଙ୍ଗ-ବି. (ବେଦ-ଅଙ୍ଗ) ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ ବେଦର ଏହି ଛଅ ଅଙ୍ଗ । [ବର୍ଣ୍ଣନଶାସ୍ତ୍ର ।
ବେଦାନ୍ତ-ବି. (ବେଦ-ଅନ୍ତ) ବ୍ରହ୍ମଜ୍ଞାନଶାସ୍ତ୍ର ।

ବେଦି, ବେଦିକା-ବି. ଯଜ୍ଞଭୂମି; ପୂଜାର୍ଥେ ବା ଧର୍ମକାର୍ଯ୍ୟ ନିମନ୍ତ ଉଚ୍ଚ କୃତଭୂମି ।
ବେଦ୍ୟ-ସଂ. (ବିଦ୍-ଯ) ଜ୍ଞେୟ ।
ବେଧ-ବି. (ବିଧ୍-ଅ) ଛିଦ୍ରକରଣ; ଗ୍ରହଭାଗ ପରିମାଣ ।
ବେଧା-ବି. ପଦ୍ମବନ୍ଧ ସମ୍ପର୍କରୁ ଜାତ ଶିଶୁ ।
ବେଧକ-ସଂ. (ବିଧ୍-ଅକ) ଛେଦକ, ଯେ ବେଧ କରେ ।
ବେଧନ-ବି. (ବିଧ-ଅନ) ଛିଦ୍ରକରଣ ।
ବେଧନି-ବି. ଫୋଡ଼ିବାର ଅସ୍ତ୍ର ।
ବେଧ୍ୟ-ସଂ. (ବିଧ୍-ଯ) ବିନ୍ଧିବାର ଯୋଗ୍ୟ, [ଶରବ୍ୟ ।
ବେନି-ସଂ. ଦୁଇ, ଯୁଗ୍ମ ।
ବେପଥୁ-ବି. (ବେପ୍-ଅଥୁ) କମ୍ପ ।
ବେପମାନ-ସଂ. (ବେପ୍-ଆନ) କମ୍ପମାନ ।
ବେପାରି-ବି. ବ୍ୟାପାରୀ, ବାଣିଜ୍ୟ ।
ବେପାର୍ଯ୍ୟ-ବି. ବ୍ୟାପାର, ବ୍ୟବସାୟୀ ।
ବେଭାର-ବି. ବ୍ୟବହାର; ଓଡ଼ଗଣ ଅଙ୍ଗଚାଳ ଜୁଆଁଙ୍କର ଉପହାର ।
ବେଭାରୀ-ସଂ. ବ୍ୟାପାରୀ, ବାଣିଜ୍ୟୀ ।
ବେର-ବି. ଶରୀର ।
ବେଲା-ବି. ବେଳା, ସମୟ ।
ବେଲ୍-ବି. ବେଲ, ଶ୍ରୀଫଳ ।
ବେଲଣୀ-ବି. (ଦେଶଜଶବ୍ଦ) ଯେଉଁ ବେଲ-ଣାର ବର୍ତ୍ତୁଳକାଷ୍ଠ । [ଭୂଅର ।
ବେଳା-ବି. (ବେଲ୍-ଅ-ଆ) ସମୟ; ସମୁଦ୍ରତଟ;
ବେଲ୍ଲୀ-ବି. କଂସାର ପାତ୍ରବିଶେଷ ।
ବେଶ-ବି. (ବିଶ୍-ଅ) ବେଶ୍ୟା ।

ବେଣ୍ଟ-ବି. ଉତ୍ତମ, ଶ୍ରେଷ୍ଠ ।
ବେଣୀର-ବି. (ବେଣୀବାଲଗକର)ବଣ୍ଡା ଶୋଭାଳିଆ ।
ବେଣୀ-ବି., (ଫାର୍ସୀ) ପଶ୍ଚାତ ।
ବେଷ୍ଟ-ବି. (ବନ୍ଧ-ମତ) ଗୁଡ଼, ଭଡ଼କ ।
ବେଶ୍ୟା-ବି. (ବେଶ-ଯ-ଆ) ବାରାଙ୍ଗନା ।
ବେଷ୍ଟନ-ବି. (ବେଷ୍ଟ-ଅନ) ଚତୁର୍ଦ୍ଦିଗରେ ଆବ-ରଣ; ବେଢ଼ ।
ବେଷ୍ଟିତ-ବି. (ବେଷ୍ଟ-ତ) ଆବୃତ, ଘେର ।
ବେସନ-ବି. ବୁଟ ଅଟା ।
ବେହୁସ୍ତା-ବି. (ଫ ର୍ସୀ) ନିର୍ଲଜ୍ଜ ।
ବେହେଗ୍ର-ବି. ଫଲ୍ଗୁ ସ୍ତମ୍ଭ ଓ ଅଗର ଉପାସ୍ୟ; ପ୍ରଧାନ ।
ବେହେସ୍ମାଣିଆ-ବି. ଲଜ୍ଜିତା ସ୍ତ୍ରୀ । [ଉକ୍ତ ।
ବେହେଲ-ବି. ତନ୍ତ୍ରୀବାଦ୍ୟ ଏକପ୍ରକାର ବାଦ୍ୟ-
ବୈକଲ୍ୟ-ବି. (ବିକଳ-ଯ) ବ୍ୟାକୁଳତା; ଅଙ୍ଗ-
ବୈକୁଣ୍ଠ-ବି. (ବି-କୁଣ୍ଠା-ଅ) ସ୍ଵର୍ଗ । [ହୀନତା ।
ବୈଖାନସ-ବି. ବାନପ୍ରସ୍ଥ । [ଦୋଷ ।
ବୈଗୁଣ୍ୟ-ବି. ( ବି-ଗୁଣ-ଯ ) ଗୁଣହୀନତା,
ବୈଚିତ୍ର୍ୟ-ବି. (ବିଚିତ୍ର-ଯ) ନାନାଭାବତ୍ଵ; ନାନା-ବିଧ ସୌନ୍ଦର୍ଯ୍ୟ ।
ବୈଜୟନ୍ତ-ବି. (ବି-ଜି-ଅନ୍ତ) ଇନ୍ଦ୍ରପୁର ।
ବୈଜୟନ୍ତୀ-ବି. ପତାକା ।
ବୈଜିକ-ବି. (ବୀଜ-ଇକ) ବୀଜସମ୍ବନ୍ଧୀୟ ।
ବୈଜ୍ଞାନିକ-ବି. ( ବିଜ୍ଞାନ-ଇକ ) ବିଜ୍ଞାନସମ୍ବନ୍ଧୀୟ; ବି. ବିଜ୍ଞାନରେ ସୁପଣ୍ଡିତ ।
ବୈଠକ-ବି. ସଭା ।
ବୈଠା-ବି. ଘପସ ।
ବୈତରଣୀ-ବି.(ବିତରଣ-ଅ-ଈ) ନଦୀବିଶେଷ ।
ବୈତସ-ବି.(ବେତସ-ଅ) ବେତସଙ୍କ ଜନନ୍ୟ ।
ବୈତାଳିକ-ବି. (ବି-ତାଳ-ଇକ) ସ୍ତୁତିପାଠକ ।
ବୈଦାନ୍ତିକ-ବି. (ବେଦାନ୍ତ-ଇକ) ବେଦାନ୍ତ-ସମ୍ବନ୍ଧୀୟ ।
ବୈଦିକ-ବି. ( ବେଦ-ଇକ ) ବେଦସମ୍ବନ୍ଧୀୟ; ବି. ବେଦଜ୍ଞ ବ୍ରାହ୍ମଣ ।
ବୈଦୂର୍ଯ୍ୟ-ବି. ଇନ୍ଦ୍ରନୀଳବର୍ଣ୍ଣ ମଣିବିଶେଷ ।
ବୈଦେଶିକ-ବି. ( ବିଦେଶ-ଇକ ) ଅନ୍ୟ-ଦେଶୀୟ ।
ବୈଦ୍ୟ-ବି. ବିଦ୍ୟା-ଅ) ଚିକିତ୍ସକ ।
ବୈଦ୍ୟକ-ବି. ଚିକିତ୍ସାଶାସ୍ତ୍ର ।
ବୈଦ୍ୟୁତ-ବି. (ବିଦ୍ୟୁତ୍-ଅ) ବିଦ୍ୟୁତ୍ସମ୍ବନ୍ଧୀୟ ।
ବୈଧ-ବି. (ବିଧି-ଅ) ବିଧି-ସିଦ୍ଧ ।
ବୈଧବ୍ୟ-ବି. (ବିଧବା-ଯ) ପତିହୀନତା ।
ବୈନତେୟ-ବି. ( ବିନତା-ଏୟ ) ଗରୁଡ଼; ଅରୁଣ ।
ବୈପରୀତ୍ୟ-ବି. (ବିପରୀତ-ଯ) ବିପରୀତତ୍ଵ ।
ବୈଭବ-ବି. (ବିଭୁ-ଅ) ଐଶ୍ଵର୍ଯ୍ୟ, ବିଭବ ।
ବୈମାତ୍ର, ବୈମାତ୍ରେୟ-ବି.(ବିମାତୃ-ଅ,ଏୟ) ବିମାତାଠାରୁ ଜାତ । [ଦେବ ।
ବୈୟାକରଣ-ବି.(ବ୍ୟାକରଣ-ଅ) ବ୍ୟାକରଣ-
ବୈୟାସିକ-ବି. ( ବ୍ୟାସ-ଇକ ) ବ୍ୟାସମୁନି-
ବୈର-ବି. (ବୀର-ଅ) ଶତ୍ରୁତା । [ସମ୍ବନ୍ଧୀୟ ।
ବୈର-ନିର୍ଯ୍ୟାତନ-ବି. ବୈର-ଶୋଧନ ।

ବୈରାଗୀ-ବି. (ବିରାଗ-ଇନ୍) ସଂସାରତ୍ୟାଗୀ।
ବୈରାଗ୍ୟ-ବି. (ବିରାଗ-ଯ) ଆସକ୍ତିଶୂନ୍ୟତା; ସଂସାର ପ୍ରତି ଔଦାସ୍ୟ।
ବୈରୀ-ବି. (ବୈର-ଇନ୍) ଶତ୍ରୁ।
ବୈଲକ୍ଷଣ୍ୟ-ବି. (ବିଲକ୍ଷଣ-ଯ) ପ୍ରଭେଦ।
ବୈବାହିକ-ବିଂ. (ବିବାହ-ଇକ) ବିବାହ-ସମ୍ବନ୍ଧୀୟ।
ବୈଶାଖ-ବି. (ବିଶାଖା-ଅ) ମାସ ବିଶେଷ।
ବୈଶ୍ୟ-ବି. (ବିଶ୍-ଯ) ବର୍ଣ୍ଣ ବା ଜାତିବିଶେଷ, ବଣିକ୍ ପ୍ରଭୃତି।
ବୈଶ୍ରବଣ-ବି. (ବିଶ୍ରବସ୍-ଅ) ରାବଣ; କୁବେର।
ବୈଶ୍ୱାନର-ବି. ଅଗ୍ନି।
ବୈଷମ୍ୟ-ବି. (ବିଷମ-ଯ) ଅସମତା; ବିଭିନ୍ନତା।
ବୈଷୟିକ-ବିଂ. (ବିଷୟ-ଇକ) ବିଷୟ ସମ୍ବନ୍ଧୀୟ।
ବୈଷ୍ଣବ-ବିଂ. (ବିଷ୍ଣୁ-ଅ) ବିଷ୍ଣୁ-ସମ୍ବନ୍ଧୀୟ; ବି. ବିଷ୍ଣୁଭକ୍ତ।
ବୈସାଦୃଶ୍ୟ-ବି. (ବିସଦୃଶ-ଯ) ବୈଷମ୍ୟ।
ବୋଇତ-ବି. (ବହିତ୍ରଶବ୍ଦଜ) ଜାହାଜ।
ବୋକା-ବି. ମୂର୍ଖ।
ବୋଝ-ବି. ଭାର; ମୁଣ୍ଡରେ ନିଆଯିବା ଭାର।
ବୋଝିଆ-ବି. ମୁଣ୍ଡରେ ଭାରବାହୀ।
ବୋଡ଼ା-ବି. ସର୍ପବିଶେଷ।
ବୋଡ଼ି-ବି. ପାଝୁଣ୍ଡି।
ବୋଦା-ବି. (ବଦ୍ଧ-ଦ୍ଧ) ବନ୍ଧ୍ୟବର୍ଣ୍ଣ; ଅଜାପ୍ରବର୍ଣ୍ଣ।
ବୋତଲ-ବି. (ଇଂ-ବଟଲ୍) ବଡ଼ଶିଶି।
ବୋଦା-ବି. ଛେଳି।
ବୋଧ-ବି. (ବୁଧ୍-ଅ) ଜ୍ଞାନ।
ବୋଧକ-ବିଂ. (ବୁଧ୍-ଣିଚ୍-ଅକ) ଜ୍ଞାପକ; ସୂଚକ।
ବୋବାଇ-ବି. ଭୟ; ଆପଦରେ ଡାକରାବ।
ବୋରଣ୍ଡାଣ୍ଡି-ବି. ଜଳଚ ପକ୍ଷୀ।
ବୋଲ-ବି. ଆଜ୍ଞାରୁ କହୁଥିଲେ।
ବୋଲି-ବି. ବଚନ।
ବୋଳ-ବି. ଲେପ; ଆମ୍ବୁଲ-ରସ।
ବୋଳି-ବି. ଝୁଣା।
ବୋଲିବା-କ୍ରି. କହିବା; ସ୍ୱରଯନ୍ତ୍ରସାହାଯ୍ୟରେ ଜଣାଇବା।
ବୋଳିବା-କ୍ରି. ଲେପିବା। [ସମ୍ବୋ.]।
ବୋଲେଇବା-କ୍ରି. ଗୀତ ଗାଇବା (ସଙ୍ଗୀତକ୍ଷି–
ବୋଷ୍ଟୁ-ବି. (ବାଂଶବତ୍) ବଂଧ; ସ୍ନେହବନ୍ଧୁ।
ବ୍ୟକ୍ତ-ବିଂ. (ବି-ଅଞ୍ଜ୍-କ୍ତ) ସ୍ପଷ୍ଟ; ପ୍ରକଟ, ପ୍ରକାଶିତ।
ବ୍ୟକ୍ତି-ବି. (ବି-ଅଞ୍ଜ୍-କ୍ତି) ଲୋକ; ପ୍ରକାଶ।
ବ୍ୟଗ୍ର-ବିଂ. (ବି-ଅଗ୍ର) ଆକୁଳ ଚିତ୍ତ; ବ୍ୟସ୍ତ।
ବ୍ୟଙ୍ଗ-ବିଂ. (ବି-ଅଙ୍ଗ) ବିକଳାଙ୍ଗ; ଖଞ୍ଜ; ବି. ବେଙ୍ଗ।
ବ୍ୟଙ୍ଗୋକ୍ତି-ବି. ବକ୍ରୋକ୍ତି ଶ୍ଲେଷ-ବାକ୍ୟ।
ବ୍ୟଞ୍ଜକ-ବିଂ. (ବି-ଅଞ୍ଜ୍-ଅକ) ପ୍ରକାଶକ।
ବ୍ୟଞ୍ଜନ-ବି. (ବି-ଅଞ୍ଜ୍-ଅନ) ହଳବର୍ଣ୍ଣ; ତରକାରୀ।
ବ୍ୟତିକର-ବି. (ବି-ଅତି-କୃ-ଅ) ମିଶ୍ରଣ; ସମ୍ପର୍କ।
ବ୍ୟତିକ୍ରମ-ବି. (ବି-ଅତି-କ୍ରମ୍-ଅ) କ୍ରମବିପର୍ଯ୍ୟୟ; ଉଲ୍ଲଂଘନ। [ଭିନ୍ନ।
ବ୍ୟତିରିକ୍ତ-ବିଂ. (ବି-ଅତି-ରିଚ୍-କ୍ତ) ଅତିରି–

ବ୍ୟତିରେକ-ବି. (ବି-ଅତି-ରିଚ୍-ଅ) ଅଭାବ।

ବ୍ୟତୀତ-ବିଂ. (ବି-ଅତି-ଇ-ତ) ଅତୀତ; ଛଡ଼ା।

ବ୍ୟଥା-ବି. (ବ୍ୟଥ-ଅ-ଆ) ପୀଡ଼ା, ଦୁଃଖ।

ବ୍ୟଥିତ-ବିଂ. (ବ୍ୟଥ-ତ) ପୀଡ଼ିତ; ଦୁଃଖିତ।

ବ୍ୟପଦେଶ-ବି. (ବି-ଅପ-ଦିଶ-ଅ) ଛଳ, ବ୍ୟାଜ।

ବ୍ୟଭିଚାର-ବି. (ବି-ଅଭି-ଚର୍-ଅ) ଇନ୍ଦ୍ରିୟ-ଲମ୍ପଟ, ପରପୁରୁଷ ବା ପରସ୍ତ୍ରୀ ସହିତ କୁକର୍ମ।

ବ୍ୟଭିଚାରିଣୀ-ବିଂ. (ବ୍ୟଭିଚାର-ଇନ୍-ଈ) ଅସତୀ।

ବ୍ୟଭିଚାରୀ-ବିଂ. (ବ୍ୟଭିଚାର-ଇନ୍) ଲମ୍ପଟସ୍ୱଭାବ; ପରସ୍ତ୍ରୀଗାମୀ।

ବ୍ୟୟ-ବି. (ବି-ଇ-ଅ) ଖରଚ; ଅପଚୟ।

ବ୍ୟୟିତ-ବିଂ. ଯାହା ବ୍ୟୟ କରାଯାଇଅଛି।

ବ୍ୟର୍ଥ-ବିଂ. (ବି-ଅର୍ଥ) ବିଫଳ, ନିରର୍ଥକ।

ବ୍ୟବକଳନ-ବି. (ବି-ଅବ-କଳ-ଅନ) ବିୟୋଗ, ଫେଡ଼ିବା। [ଗଣି।

ବ୍ୟବଚ୍ଛେଦ-ବି. (ବି-ଅବ-ଛିଦ୍-ଅ) ଛେଦନ;

ବ୍ୟବଧାନ-ବି. (ବି-ଅବ-ଧା-ଅନ) ଅନ୍ତର, ଆଡ଼ୁଆଳ। [ବ୍ୟବହାର; ବୃତ୍ତି।

ବ୍ୟବସାୟ-ବି. (ବି-ଅବ-ସୋ-ଅ) ଉଦ୍ୟମ;

ବ୍ୟବସାୟୀ-ବିଂ. (ବ୍ୟବସାୟ-ଇନ୍) ଉଦ୍ୟୋଗୀ; ବ୍ୟବସାୟୀ। [ନିର୍ଦ୍ଧାରଣ।

ବ୍ୟବସ୍ଥା-ବି. (ବି-ଅବ-ସ୍ଥା-ଅ-ଆ) ନିୟମ; ପଦ୍ଧତି;

ବ୍ୟବସ୍ଥାପକ-ବିଂ. (ବି-ଅବ-ସ୍ଥା-ଣିଚ୍-ଅକ) ବ୍ୟବସ୍ଥା ଦାୟକ। [ସ୍ୱତ୍ୱ; ମୋକଦ୍ଦମା।

ବ୍ୟବହାର-ବି. (ବି-ଅବ-ହୃ-ଅ) ଆଚରଣ;

ବ୍ୟବହାର-ଶାସ୍ତ୍ର-ବି. ଦଣ୍ଡଶାସ୍ତ୍ର, ଆଇନ।

ବ୍ୟବହାରାଜୀବ-ବି. (ବ୍ୟବହାର-ଆଜୀବ) ମୋକଦ୍ଦମା ଦ୍ୱାରା ଯେଉଁମାନଙ୍କର ଜୀବିକା ଚଳେ; ଓକିଲ ପ୍ରଭୃତି। [ଯୋଗ୍ୟ।

ବ୍ୟବହାର୍ଯ୍ୟ-ବିଂ. (ବି-ଅବ-ହୃ-ଯ) ବ୍ୟବହାର-

ବ୍ୟବହୃତ-ବିଂ. (ବି-ଅବ-ହୃ-ତ) କାର୍ଯ୍ୟରେ ପ୍ରଯୁକ୍ତ; ଉପଭୁକ୍ତ।

ବ୍ୟଷ୍ଟି-ବି. (ବି-ଅଶ-ତି) ପୃଥକ୍‌ଭାବ।

ବ୍ୟସନ-ବି. (ବି-ଅସ୍-ଅନ) ଦୁଃଖ; ମନ୍ଦ ବିଷୟରେ ଆସକ୍ତି।

ବ୍ୟସ୍ତ-ବିଂ. (ବି-ଅସ୍-ତ) ବ୍ୟାକୁଳ; ବିପରୀତ।

ବ୍ୟାକରଣ-ବି. (ବି-ଆ-କୃ-ଅନ) ଶବ୍ଦଶୁଦ୍ଧି ଶାସ୍ତ୍ର। [ବାଡର।

ବ୍ୟାକୁଳ-ବିଂ. (ବି-ଆକୁଳ) ଅତି ଉଦ୍‌ବିଗ୍ନ;

ବ୍ୟାଖ୍ୟା, ବ୍ୟାଖ୍ୟାନ-ବି. (ବି-ଆ-ଖ୍ୟା ଅ-ଆ, ଅନ) ଅର୍ଥପ୍ରକାଶକ; ବର୍ଣ୍ଣନ, ବକ୍ତୃତା।

ବ୍ୟାଖ୍ୟାତ-ବିଂ. ବର୍ଣ୍ଣିତ; ବିବୃତ।

ବ୍ୟାଘାତ-ବି. (ବି-ଆ-ହନ୍-ଅ) ବାଧା।

ବ୍ୟାଘ୍ର-ବି. (ବି-ଆ-ଘ୍ରା-ଅ) ବାଘ; ଶ୍ରେଷ୍ଠ।

ବ୍ୟାଜ-ବି. (ବି-ଅଜ୍-ଅ) ଛଳ; ଟଙ୍କାର ସୁଧ।

ବ୍ୟାଦାନ-ବି. (ବି-ଆ-ଦା-ଅନ) ବିସ୍ତାର, ଉନ୍ମୋଚନ।

ବ୍ୟାଧ-ବି. (ବ୍ୟଧ୍-ଅ) ମୃଗାଦି-ବଧ-ବ୍ୟବସାୟୀ।

ବ୍ୟାଧି-ବି. (ବି-ଆ-ଧା-ଇ) ରୋଗ।

ବ୍ୟାପକ-ବିଂ. (ବି-ଆପ୍-ଅକ) ଆଚ୍ଛାଦକ।

ବ୍ୟାପାଦନ-ବି. (ବି-ଆ-ପଦ୍-ଣିଚ୍-ଅନ) ମାରଣ ବଧ। [କର୍ମ।

ବ୍ୟାପାର-ବି. (ବି-ଆ-ପୃ-ଅ) ବ୍ୟବସାୟ;

ବ୍ୟାପୀ–ବି. (ବି-ଆପ୍-ଇନ୍) ବ୍ୟାପକ ।

ବ୍ୟାପୃତ–ବି. ( ବି-ଆ-ପୃ-ତ ) ନିଯୁକ୍ତ; କର୍ମ-ରତ । [ସ୍ୱକଶ ଥବ ।

ବ୍ୟାପ୍ତ–ବି. (ବି-ଆପ୍-ତ) ବ୍ୟାପିତ; ବିସ୍ତାରିତ;

ବ୍ୟାପ୍ତି–ବି. ( ବି-ଆପ୍-ତି ) ସର୍ବତ୍ର ଅବସ୍ଥାନ; ବିସ୍ତାର ।

ବ୍ୟାୟାମ–ବି. (ବି-ଆ-ଯମ୍-ଅ) ଶରୀରକୁ ସମର୍ଥ କରିବା ନିମିତ୍ତ ଦୌଡ଼, ଦଣ୍ଡ, କୁସ୍ତି ପ୍ରଭୃତି ।

ବ୍ୟାଳ–ବି. ସର୍ପ; ସ୍ୱାନ୍ଦେଶ ବାଳୀ ।

ବ୍ୟାବହାରିକ–ବି. (ବ୍ୟବହାର-ଇକ) ବ୍ୟବହାର-ସିଦ୍ଧ । [ବ୍ୟ ସମ୍ବନ୍ଧ ।

ବ୍ୟାସ–ବି. (ବି-ଅସ୍-ଅ) ବୃତ୍ତର ମଧ୍ୟରେଖା;

ବ୍ୟାହତ–ବି. ( ବି-ଆ-ହନ୍-ତ ) ନିବାରିତ; ହତାଶ ।

ବ୍ୟାହୃତି–ବି. (ବି-ଆ-ହୃ-ତି) ଉକ୍ତି ।

ବ୍ୟୁତ୍ପତ୍ତି–ବି. (ବି-ଉତ୍-ପଦ୍-ତି) ଶବ୍ଦର ଉତ୍ପତ୍ତି, ବିଶେଷ ଜ୍ଞାନ ।

ବ୍ୟୁତ୍ପନ୍ନ–ବି. (ବି-ଉତ୍-ପଦ୍-ତ) ଜ୍ଞାନବାନ୍ ।

ବ୍ୟୂଢ଼–ବି. (ବି-ବହ୍-ତ) ବିଶାଳ; ପ୍ରଶସ୍ତ ।

ବ୍ୟୂହ–ବି. (ବି-ଊହ୍-ଅ) ସୈନ୍ୟବିନ୍ୟାସ, ସୈନ୍ୟ-ସମୂହ; ସମୂହ ।

ବ୍ୟୋମ–ବି. ( ବେ-ମନ୍ ) ଆକାଶ ।

ବ୍ୟୋମ-କେଶ–ବି. ଶିବ, ମହାଦେବ ।

ବ୍ରଜ–ବି. (ବ୍ରଜ୍-ଅ) ସମୂହ; ଗୋଷ୍ଠ; ଗୋକୁଳ ।

ବ୍ରଜେନ୍ଦ୍ର–ବି. (ବ୍ରଜ-ଇନ୍ଦ୍ର) ଶ୍ରୀକୃଷ୍ଣ ।

ବ୍ରଜ୍ୟା–ବି. ( ବ୍ରଜ୍-ଯ-ଆ ) ପର୍ଯ୍ୟଟନ ।

ବ୍ରଣ–ବି. ( ବ୍ରଣ୍-ଅ ) ସ୍ଫୋଟକ; କ୍ଷତ ।

ବ୍ରତ–ବି. [illegible] ନିୟମ; ପୁଣ୍ୟଜନକ କ୍ରି-ୟା [illegible], କଣ୍ଠୀ ।

ବ୍ର[illegible]–ବି. [illegible] ବୃଶ୍ଚିକ [illegible] ।

ବ୍ରାତ୍ୟ–ବି. [illegible]

ବ୍ରୀଡ଼ା–ବି. ( ବ୍ରୀଡ୍-[illegible] ) ଲଜ୍ଜା ।

ବ୍ରୀହି–ବି. ଧାନ୍ୟାଦି ଶସ୍ୟ, ବର୍ଷୀ ।

---

# ଶ

ବ୍ୟଞ୍ଜନବର୍ଣ୍ଣର ତିଂଶବର୍ଣ୍ଣ ।

ଶଂସିତ–ବି. (ଶଂସ୍-ତ) କଥିତ; ପ୍ରଶଂସିତ ।

ଶଂସୀ–ବି. (ଶଂସ୍-ଇନ୍) ସୂଚକ (ପ୍ରକାଶକ) ।

ଶଏ–ବି. (ଶତଶବ୍ଦ) ଏକଶତ ।

ଶକ–ବି. ଶକଦେଶୀୟ ଲୋକ; ଅବ୍ଦ-ବିଶେଷ ।

ଶକଟ–ବି. (ଶକ୍-ଅଟ) ଶଗଡ଼ ।

ଶକଳ–ବି. ଖଣ୍ଡ, ଅଂଶ । [ସମସ୍ତ ।

ଶକାରି–ବି. (ଶକ-ଅରି) ରାଜା-ବିକ୍ରମାଦିତ୍ୟ

ଶକାର–ବି. (ଶକ-ଅର) ବଦମାସ ।

ଶକୁନି–ବି. ପକ୍ଷୀ; ଦୁର୍ଯ୍ୟୋଧନର ମିତ ।

ଶକୁନି–ବି. ଶାଗୁଣା, ଗୃଧ୍ର ।

ଶକୁନ୍ତ–ବି. ପକ୍ଷୀ ।

ଶକୁନ୍ତଳା–ବି. ଭରତ ରାଜାର ମାତା ।

ଶକ୍ତ–ବି. (ଶକ୍-ତ) ଶକ୍ତିଯୁକ୍ତ; ସମର୍ଥ ।

ଶକ୍ତି–ବି. ( ଶକ୍-ତି ) ସାମର୍ଥ୍ୟ, ବଳ; ଅସ୍ତ୍ର- [ବିଶେଷ ।

ଶକ୍ତି–ବି. ଭଗବତୀ, ଦୁର୍ଗା ।

ଶକ୍ୟ–ବି. (ଶକ୍-ଯ) ଶକ୍ତି-ସାଧ୍ୟ ।

ଶକ୍ର-ବି. (ଶକ-ର) ଇନ୍ଦ୍ର ।
ଶଗଡ଼-ବି. (ଶକଟ ଶବ୍ଦଜ) ଶକଟ ।
ଶଗଡ଼ିଆ-ବି. ଶଗଡ଼-ଚାଳକ ।
ଶଙ୍କର-ବି. (ଶଂ-କୃ-ଅ) ଶିବ ।
ଶଙ୍କା-ବି. (ଶଙ୍କ୍-ଅ-ଆ) ଭୟ; ସନ୍ଦେହ ।
ଶଙ୍କିତ-ବି. (ଶଙ୍କ୍-ତ) ଭୀତ; ସନ୍ଦିଗ୍ଧ ।
ଶଙ୍କୁ-ବି. ଶଲ୍ୟ; ଖିଳା; କାଳ-ମାପକ ଯନ୍ତ୍ର-ବିଶେଷ ।
ଶଙ୍ଖ-ବି. କମ୍ବୁ; ଲକ୍ଷକୋଟି ସଂଖ୍ୟା ।
ଶଚି, ଶଚୀ-ବି. ଇନ୍ଦ୍ରାଣୀ ।
ଶଜାରୁ-ବି. ଜନ୍ତୁବିଶେଷ, ଝିଙ୍କ ।
ଶଠ-ବି. ଧୂର୍ତ୍ତ, ଖଳ, ଠକ ।
ଶଠ-ତା-ବି. ଖଳତା, ଧୂର୍ତ୍ତତା ।
ଶଣ-ବି. ଛଣପଟ୍ ଗଛ ।
ଶଣ୍ଡୁଆଶୀ-ବି. ଚିମୁଟାବିଶେଷ ।
ଶତ-ବି. ଶହ, ଦଶଗୁଣିତ ଦଶ । [ବାଦ୍ୟ ।
ଶତଘ୍ନି-ବି. ଶତସଂଖ୍ୟା ; ଶତଯୋଜ-ଅଗ୍ନି
ଶତ-କ୍ରତୁ-ବି. ଶତଯାଗକାରୀ ଇନ୍ଦ୍ର ।
ଶତ-ଧା-ଅ. ଶତ ପ୍ରକାରେ ।
ଶତଦ୍ରୁ-ବି. ନଦୀବିଶେଷ ।
ଶତାବରୀ-ବି. ଓଷଧୀୟ ଗଛ । [ବାଳ ।
ଶତାବ୍ଦୀ-ବି. ( ଶତ-ଅବ୍ଦ ) ଶତବର୍ଷବ୍ୟାପୀ-
ଶତ୍ରୁ-ବି. ବୈରୀ, ବଇରୀ ।
ଶତ୍ରୁ-ତା-ବି. ବଇରତା, ବୈରିତ୍ୱ ।
ଶନି-ବି. ଗ୍ରହ-ବିଶେଷ ।
ଶନୈଃ-ଅ. ଅଳ୍ପେ, ଧୀରେ ।

ଶପଥ-ବି. (ଶପ୍-ଅଥ) ରାଣ, ଦିବ୍ୟ; ପ୍ରତିଜ୍ଞା ।
ଶପ୍ତ-ବି. (ଶପ୍-ତ) ଶାପଗ୍ରସ୍ତ ।
ଶଫ-ବି. ପଶୁଙ୍କର ଖୁର ।
ଶଫରୀ-ବି. କ୍ଷୁଦ୍ର ମତ୍ସ୍ୟବିଶେଷ ।
ଶବଳ-ବି. ନାନାବର୍ଣ୍ଣଯୁକ୍ତ ।
ଶବ୍ଦ-ବି. (ଶବ୍ଦ୍-ଅ) ଧ୍ୱନି ।
ଶବ୍ଦ-ଚାତୁରୀ-ବି. ଅଳଙ୍କାର ।
ଶବ୍ଦ-ଭେଦୀ-ବି. ଶବ୍ଦାନୁସାରେ ବାଣମାରୀ ।
ଶବ୍ଦାୟମାନ-ବି. (ଶବ୍ଦ-ଯ-ମାନ) ଶବ୍ଦକାରୀ ।
ଶବ୍ଦିତ-ବି. (ଶବ୍ଦ୍-ତ) ଧ୍ୱନିତ ।
ଶମ-ବି. (ଶମ୍-ଅ) ଶାନ୍ତି; ସ୍ଥିରଭାବ ।
ଶମନ-ବି. (ଶମ୍-ଣିଚ୍-ଅନ) ଶାନ୍ତିକରଣ; ଯମ ।
ଶମୟିତା-ବି. ( ଶମ୍-ଣିଚ୍-ତୃ ) ଶାନ୍ତିକାରକ. ଦମନକାରୀ ।
ଶମିତ-ବି. (ଶମ୍-ଣିଚ୍-ତ) ଦମିତ; ନିବାରିତ ।
ଶମୀ-ବି. (ଶମ୍-ଇନ୍) ସଂଯମୀ ।
ଶମୀ-ବି. ବୃକ୍ଷବିଶେଷ ।
ଶମ୍ବର-ବି. ମୃଗବିଶେଷ; ଅସୁର-ବିଶେଷ ।
ଶମ୍ବରାରି-ବି. କନ୍ଦର୍ପ ।
ଶମ୍ବୁକ, ଶମ୍ବୂକ-ବି. ଶାମୁକା ।
ଶମ୍ଭୁ-ବି. (ଶଂ-ଭୂ-ଉ) ଶିବ, ମହାଦେବ ।
ଶୟନ-ବି. (ଶୀ-ଅନ) ନିଦ୍ରା; ଶଯ୍ୟା ।
ଶୟନୀୟ-ବି. ( ଶୀ-ଅନୀୟ ) ଶଯ୍ୟା; ବି. ଶୟନ-ଯୋଗ୍ୟ ।
ଶୟାନ-ବି. (ଶୀ-ଆନ) ନିଦ୍ରିତ ।
ଶଯ୍ୟା-ବି. (ଶୀ-ଯ-ଆ) ଶେଜ, ବିଛଣା ।

ଶର-ବି. (ଶୃ-ଅ) କାଶ-ତୃଣ; ବାଣ, କାଣ୍ଡ ।

ଶରଣ-ବି. ( ଶୃ-ଅନ ) ଆଶ୍ରୟ; ରକ୍ଷକ ।

ଶରଣାଗତ-ବିଂ. ଶରଣାପନ୍ନ; ଆଶ୍ରୟ-ପ୍ରାର୍ଥୀ ।

ଶରତ୍-ବି. (ଶୃ-ଅତ୍) ଋତୁ-ବିଶେଷ ( ଆଶ୍ୱିନ ଓ କାର୍ତ୍ତିକ ) ।

ଶରଧି-ବି. (ଶର-ଧା-ଇ) ଶରଧାର, ତୂଣୀର ।

ଶରଭ-ବି. ମୃଗ-ବିଶେଷ; ଅଷ୍ଟ-ପାଦକ ।

ଶରବ୍ୟ-ବି. ଶରର ଲକ୍ଷ୍ୟ ।

ଶରାଳ-ବି. ପକ୍ଷି-ବିଶେଷ ।

ଶରାସନ-ବି. (ଶର-ଅସ୍-ଅନ) ଧନୁ ।

ଶରୀର-ବି. (ଶୃ-ଈର) ଦେହ ।

ଶରୀରୀ-ବି. ( ଶରୀର-ଇନ୍ ) ପ୍ରାଣୀ; ଆତ୍ମା ।

ଶର୍କରା-ବି. ଖାଣ୍ଡ; ଚିନି ।

ଶର୍ମ-ବି. ମଙ୍ଗଳ ।

ଶର୍ମା-ବି. ବ୍ରାହ୍ମଣମାନଙ୍କର ଉପନାମ ।

ଶର୍ବ-ବି. ଶିବ, ମହାଦେବ ।

ଶର୍ବରୀ-ବି. ରାତ୍ରି ।

ଶର୍ବାଣୀ-ବି. ପାର୍ବତୀ, ଭବାନୀ ।

ଶଲ୍ଲକୀ-ବି. ପଶୁ-ବିଶେଷ ।

ଶଲାକା-ବି. ସରୁକାଠି, କଳାକାର ତୁଳିକା ।

ଶଲ୍କ-ବି. ମାଛକାତି ।

ଶଲ୍ୟ-ବି. ସଳଖ; ବାଣ-ବିଶେଷ; କଣ୍ଟକ ।

ଶଳା-ବି. ( ଶାଳକ-ଶବ୍ଦଜ ) ଭାର୍ଯ୍ୟାର ଭାଇ ।

ଶବ-ବି. (ଶବ୍-ଅ) ମୃତଶରୀର, ମଡ଼ା ।

ଶବର-ବି. ଜଙ୍ଗଲି, ବ୍ୟାଧ; ଅନାର୍ଯ୍ୟ ଜାତି-ବିଶେଷ ।

ଶଶ, ଶଶକ-ବି. ଶଶା, ଠେକୁଆ ; ଉକ୍ତ [ଜନ୍ତୁ ।

ଶଶ-ଧର-ବି. ଚନ୍ଦ୍ର ।

ଶଶ-ଶୃଙ୍ଗ-ବି. ଶଶକର ଶୃଙ୍ଗପରି ଅସମ୍ଭବ [ବିଷୟ ।

ଶଷ୍କୁଳି-ବି. ଚକୁଳି ପିଠା ।

ଶଷ୍ପ-ବି. ତୃଣ ।

ଶସ୍ତ୍ର-ବି. ( ଶସ୍-ତ୍ର ) ଅସ୍ତ୍ର ।

ଶସ୍ତ୍ରୀ-ବି. ( ଶସ୍ତ୍ର-ଇନ୍ ) ଶସ୍ତ୍ରଧାରୀ ।

ଶସ୍ୟ-ବି. (ଶସ୍-ଯ) କ୍ଷେତ୍ରଜାତ ଉଦ୍ଭିଦ ଧାନ୍ୟାଦି ।

ଶହର-ବି. (ପାର୍ସୀ) ନଗର ।

ଶାଁଳା-ବି. ( ଶ୍ୟାମଳଶବ୍ଦଜ ) ଶ୍ୟାମଳ ।

ଶାକ-ବି. ଶାଗ ; ଶାକ ।

ଶାକର-ବି. ( ଶର୍କରାଶବ୍ଦଜ ) ଚିନି, ଖଣ୍ଡ ; ପାକର-ଗୁଡ଼ ବିଶେଷ ।

ଶାକୁନିକ-ବି. (ଶକୁନ-ଇକ) ବ୍ୟାଧ; ପକ୍ଷିଘାତକ ।

ଶାଖୋଟକ-ବି. ଶାହାଡ଼ାଗଛ ।

ଶାକ୍ତ-ବି. (ଶକ୍ତି-ଅ) ଶକ୍ତିର ଉପାସକ, ତାନ୍ତ୍ରିକ ।

ଶାକ୍ୟମୁନି, ଶାକ୍ୟସିଂହ-ବି. ବୁଦ୍ଧଦେବ ।

ଶାଖା-ବି. ଗଛର ଡାଳ; ଅଂଶ; ବେଦଭେଦ ।

ଶାଖା-ମୃଗ-ବି. ବାନର ।

ଶାଖୀ-ବି. ( ଶାଖା-ଇନ୍ ) ବୃକ୍ଷ ।

ଶାଗ-ବି. (ଶାକଶବ୍ଦଜ) ଖାଦ୍ୟରୂପେ ବ୍ୟବହୃତ ବୃକ୍ଷପତ୍ରାଦି ।

ଶାଗୁଆ-ବିଂ. ଶାଗପତ୍ର ବର୍ଣ୍ଣ-ବିଶିଷ୍ଟ ।

ଶାଙ୍କୋଳି-ବି. (ଶୃଙ୍ଖଳଶବ୍ଦଜ) ବନ୍ଧନ ।

ଶାଟୀ-ବି. ଶାଢ଼ୀ ।

ଶାଠ୍ୟ-ବି. (ଶଠ-ଯ) ଶଠତା, ଧୂର୍ତ୍ତତା ।

ଶାଣ-ବି. ( ଶୋ-ଣ ) ଘର୍ଷଣ-ପ୍ରସ୍ତର ।

ଶାଣିତ-ବିଂ. ତୀକ୍ଷ୍ଣୀକୃତ ।

ଶାତନ-ବି. ପାତନ; ଛେଦନ ।

ଶାଦା-ବିଂ. ଶେତ ।

ଶାଦ୍ୱଳ-ବିଂ. ତୃଣଦ୍ୱାରା ବନଭୂମି (ସ୍ଥଳୀ) ।

ଶାନ୍ତ-ବିଂ. ( ଶମ୍-ତ) ସ୍ଥିର-ଚିତ୍ତ ; ନିରୁପଦ୍ରବ ।

ଶାନ୍ତନବ-ବି. ( ଶାନ୍ତନୁ-ଅ ) ଭୀଷ୍ମ ।

ଶାନ୍ତନୁ-ବି. ଚନ୍ଦ୍ରବଂଶୀୟ ନୃପବିଶେଷ ।

ଶାନ୍ତି-ବି. (ଶମ୍-ତି) ଚିତ୍ତର ସ୍ଥିରତା ।

ଶାପ-ବି. (ଶପ୍-ଅ) ଅଭିଶାପ; ପରର ଅମ-ଙ୍ଗଳ-ମନାସ ।

ଶାବଳି-ବି.(ଶବଳୀଶବ୍ଦ) ଶବଳାସ୍ତ୍ର-ବିଶେଷ ।

ଶାବ-ବିଂ. ( ଶବ-ଅ ) ଶବ-ସମ୍ବନ୍ଧୀୟ; ଶବ-ସ୍ପୃଷ୍ଟ ।

ଶାବ୍ଦିକ-ବି. (ଶବ୍ଦ-ଇକ) ଶବ୍ଦ-ଶାସ୍ତ୍ର-ବେତ୍ତା ।

ଶାମୁକା-ବି. (ଶମ୍ବୁକଶବ୍ଦ) ଶୁକ୍ତି ।

ଶାମ୍ଭବ-ବିଂ. ( ଶମ୍ଭୁ-ଅ) ଶମ୍ଭୁସମ୍ବନ୍ଧୀୟ ।

ଶାୟକ-ବି. (ଶୋ-ଣକ) ଶର, ବାଣ ; ଖଡ୍ଗ ।

ଶାୟିତ-ବିଂ.(ଶୀ-ଣିଚ୍-ତ) ପାତିତ; ନିଦ୍ରାପିତ ।

ଶାରଦ-ବିଂ. ( ଶରଦ୍-ଅ ) ଶରତ୍କାଳୀନ; ବି. ଧାନ୍ୟବିଶେଷ ।

ଶାରଦା-ବି. ସରସ୍ୱତୀ, ବାଗ୍ଦେବୀ ।

ଶାରଦୀୟ-ବିଂ. (ଶରଦ୍-ଈୟ ଶରତ୍କାଳୀନ ।

ଶାରୀରିକ-ବିଂ. (ଶରୀର-ଇକ) ଦେହସମ୍ବନ୍ଧୀୟ ।

ଶାର୍ଙ୍ଗ-ବି. ( ଶୃଙ୍ଗ-ଅ ) ଶୃଙ୍ଗନିର୍ମିତ ଧନୁ ।

ଶାର୍ଙ୍ଗୀ-ବି. ( ଶାର୍ଙ୍ଗ-ଇନ୍ ) ଧନୁର୍ଦ୍ଧାରୀ; ବିଷ୍ଣୁ ।

ଶାର୍ଦ୍ଦୂଳ-ବି. ବ୍ୟାଘ୍ର ।

ଶାଳ-ବି. ସର୍ଜ୍ଜବୃକ୍ଷ ; ପ୍ରାଚୀର; ଗୃହ ।

ଶାଳ-ଗ୍ରାମ-ବି. ବିଷ୍ଣୁଙ୍କର ପ୍ରତୀକ ଶିଳା-ଖଣ୍ଡ-ବିଶେଷ ।

ଶାଳ-ଭଞ୍ଜିକା-ବି. କାଠ-ପିତୁଳା ।

ଶାଳା-ବି. ଗୃହ ।

ଶାଳି-ବି. ଧାନ୍ୟ-ବିଶେଷ । [ବିଶେଷ ।

ଶାଳି-ବାହନ-ବି. ଶକାବ୍ଦ-ପ୍ରବର୍ତ୍ତକ ନୃପ-

ଶାଳୀ-ବିଂ. ( ଶାଳ୍-ଇନ୍ ) ଶୋଭିତ ଯୁକ୍ତ ( ଶବାନ୍ତେ ) ।

ଶାଳୀ-ବି. ( ଶ୍ୟାଳୀଶବ୍ଦ ) ସ୍ତ୍ରୀର ଭଗିନୀ ।

ଶାଳୀନ-ବିଂ. ଲଜ୍ଜାଶୀଳ ।

ଶାଳ୍ମଳୀ-ବି. ଶିମିଳି ଗଛ ।

ଶାବ, ଶାବକ-ବି. ଛୁଆ ।

ଶାସନ-ବି. ( ଶାସ୍-ଅନ ) ଦମନ; ଆଜ୍ଞା; ଦଣ୍ଡ ।

ଶାସନ-ପତ୍ର-ବି. ସନ୍ଧି,ଶାସନ-ପ୍ରମାଣୀ ।

ଶାସିତ-ବିଂ. ( ଶାସ୍-ତ ) ଦଣ୍ଡିତ ପ୍ରତିପାଳିତ ।

ଶାସ୍ତା-ବିଂ.(ଶାସ୍-ତୃ) ଶାସନ-କର୍ତ୍ତା; ଉପଦେଷ୍ଟା ।

ଶାସ୍ତି-ବି. (ଶାସ୍-ତି) ଶାସନ; ଦଣ୍ଡ ।

ଶାସ୍ତ୍ର-ବି. ( ଶାସ୍-ତ୍ର ) ଶାସନ ; ଧର୍ମପୁସ୍ତକ ; ତତ୍ତ୍ୱ-ଗ୍ରନ୍ଥ ।

ଶାସ୍ତ୍ରୀୟ-ବିଂ. ( ଶାସ୍ତ୍ର-ଈୟ) ଶାସ୍ତ୍ର-ସମ୍ମତ ।

ଶିଅଳି-ବି. ( ଶୃଗାଳଶବ୍ଦ) ବିଲୁଅ ।

ଶିଉଳି-ବି. ( ଶୈବାଳଶବ୍ଦ ) ଶୈବାଳ ।

ଶିକା-ବି. ( ଶିକ୍ୟଶବ୍ଦ ) ରଜ୍ଜୁ-ନିର୍ମିତ ଦ୍ରବ୍ୟା-

ଶିକାରି-ବି. ମୃଗୟୁ ।   ଧାର

ଶିଙ୍ଗିକ-ବି. (ଶୃଙ୍ଗଶବ୍ଦଜ) ଶୃଙ୍ଗଜ, ଜନ୍ମିତ।
ଶିକ୍ଷକ-ବି. ( ଶିକ୍ଷ୍-ଣିଚ୍-ଅକ ) ଶିକ୍ଷାଦାୟକ; ବି. ଅଧ୍ୟାପକ। [ଯୋଗ୍ୟ।
ଶିକ୍ଷଣୀୟ-ବି. (ଶିକ୍ଷ-ଅନୀୟ) ଶିକ୍ଷା କରିବାର
ଶିକ୍ଷା-ବି. (ଶିକ୍ଷ୍-ଅ-ଆ) ଅଭ୍ୟାସ; ଅଧ୍ୟୟନ; ଉପଦେଶ।
ଶିକ୍ଷିତ-ବି. (ଶିକ୍ଷ୍-ତ) ଶିକ୍ଷାପ୍ରାପ୍ତ, ଉପଦିଷ୍ଟ।
ଶିଖଣ୍ଡ-ବି. ମୟୂରପୁଚ୍ଛ। [ଦେବ।
ଶିଖଣ୍ଡିବାହନ-ବି. ( ଶିଖଣ୍ଡୀ-ବାହନ ) କାର୍ତ୍ତି-
ଶିଖଣ୍ଡୀ-ବି. (ଶିଖଣ୍ଡ-ଇନ୍) ମୟୂର, ମୟୂରପୁଚ୍ଛ।
ଶିଖର-ବି. (ଶିଖା-ର) ପର୍ବତର ଶୃଙ୍ଗ; ଅଗ୍ର-
ଶିଖରୀ-ବି. ପର୍ବତ। [ଭାଗ।
ଶିଖା-ବି. ଅଗ୍ନିଶିଖା; ମସ୍ତକର ଚୂଡ଼ା; ଅଗ୍ରଭାଗ
ଶିଖିବା-କ୍ରି. ଅଭ୍ୟାସ କରିବା। [ଜ୍ୱାଳା।
ଶିଖୀ-ବି. (ଶିଖା-ଇନ୍) ମୟୂର।
ଶିଙ୍ଘାଣ-ବି. (ଶୃଙ୍ଘ୍ ଶବ୍ଦଜ) ନାକନାଳ ବହିର୍ଗତ ମଳବିଶେଷ।
ଶିଙ୍ଗା-ବି (ଶୃଙ୍ଗଶବ୍ଦଜ) ଶୃଙ୍ଗ-ବାଦ୍ୟ।
ଶିଙ୍ଗାରହାର-ବି. ଗଙ୍ଗଶିଉଳି।
ଶିଗ୍ରୁ-ବି. ଅଳାଖାଲିକର୍ଷ୍ଟ ବୃକ୍ଷବିଶେଷ।
ଶିଞ୍ଜିତ-ବି. ଅଳଙ୍କାରର ଶବ୍ଦ।
ଶିଞ୍ଜିନୀ-ବି. ନୂପୁର; ଧନୁର୍ଗୁଣ।
ଶିଡ଼ି-ବି. ସୋପାନ; ନିଶୁଣୀ।
ଶିତିକଣ୍ଠ-ବି. ନୀଳକଣ୍ଠ, ଶିବ।
ଶିଥିଳ-ବି. (ଶ୍ରଥ୍-ଇଲ) ଢିଲା, ଦୁର୍ବଳ; ଅବ-
ଶିମ୍ବ-ବି. ଶିମ୍ବଫଳ। [ହେଳା; ଅଳସ।

ଶିର-ବି. (ଶିରଶବ୍ଦଜ) ରକ୍ତବହା ନାଡ଼ୀ।
ଶିରଃ-ବି. (ଶ୍ରି-ଅସ୍) ମସ୍ତକ; ଅଗ୍ରଭାଗ।
ଶିରପା-ବି. ମସ୍ତକାବରଣ ବସ୍ତ୍ର। [ପଗଡ଼ି।
ଶିରସ୍ତ୍ରାଣ-ବି. ( ଶିରସ୍-ତ୍ରୈ-ଅନ ) ଉଷ୍ଣୀଷ,
ଶିରା-ବି. (ଶ୍ରି-ଅ-ଆ) ରକ୍ତବହା ନାଡ଼ୀ।
ଶିରାଳ-ବି. ଶିରାଯୁକ୍ତ।
ଶିରୀଷ-ବି. ବୃକ୍ଷବିଶେଷ; ଶିରୀଷ ବୃକ୍ଷର ପୁଷ୍ପ।
ଶିରୋଧାର୍ଯ୍ୟ-ବି. ( ଶିରସ୍-ଧାର୍ଯ୍ୟ ) ମସ୍ତକରେ ଧାରଣୀୟ, ସମ୍ମାନ୍ୟ।
ଶିରୋମଣି-ବି. ମସ୍ତକର ଭୂଷଣ ରତ୍ନ (ସର୍ବଶ୍ରେଷ୍ଠ)।
ଶିଳା-ବି. (ଶିଲ୍-ଅ-ଆ) ପ୍ରସ୍ତର, ପଥର।
ଶିଳୀନ୍ଧ୍ର-ବି. ଛତୁଭେଦ।
ଶିଳୀମୁଖ-ବି. (ଶିଳୀ-ମୁଖ) ଭ୍ରମର।
ଶିଳ୍ପ-ବି. ବସ୍ତୁ ନିର୍ମାଣର କର୍ମ, କାରିଗରୀ।
ଶିଳ୍ପକାର-ବି. (ଶିଳ୍ପ-କାର) ଶିଳ୍ପୀ, କାରିଗର।
ଶିବ-ବି. (ଶିବ୍-ଅ) ମହାଦେବ; ମଙ୍ଗଳ।
ଶିବଚତୁର୍ଦ୍ଦଶୀ-ବି. ଶିବରାତ୍ରି, ଫାଲ୍‌ଗୁନ କୃଷ୍ଣ-ଚତୁର୍ଦ୍ଦଶୀ।
ଶିବା-ବି. (ଶିବ-ଆ) ଦୁର୍ଗା; ଶିଆଳ।
ଶିବିକା-ବି. ଯାନବିଶେଷ; ପାଲଙ୍କ।
ଶିବିର-ବି. (ଶୀ-ଇର) ସୈନ୍ୟ ନିବେଶ, ଛାଉଣି।
ଶିଶିର-ବି. ହିମ; ଶୀତ-ଋତୁ।
ଶିଶି-ବି. କାଚନିର୍ମିତ କ୍ଷୁଦ୍ର ପାତ୍ରବିଶେଷ।
ଶିଶୁ-ବି. (ଶିଶ୍-ଉ) କ୍ଷୁଦ୍ର ବାଳକ ବାଳିକା,
ଶିଶୁମାର-ବି. ଜଳଜନ୍ତୁବିଶେଷ। [ପିଲା।
ଶିଶ୍ନ-ବି. ପୁରୁଷର ଲିଙ୍ଗ।

ଶିଖା-ବି. ଆଲୁଅର ଶୀର୍ଷ ।
ଶିଫ-ବି. ମୃଣାଳ; ବଳକ; ଜଟା ।
ଶିଷ୍ଟତା-ବି. ଭଦ୍ରତ୍ୱ ।
ଶିଷ୍ୟ-ବି. (ଶାସ୍-ଯ) ଛାତ୍ର ।
ଶିଶୁ-ବି. ବୃକ୍ଷ-ବିଶେଷ ।
ଶୀକର-ବି. ଜଳକଣା; ବୃଷ୍ଟି ।
ଶୀଘ୍ର-କ୍ରି. ବି. ଅବିଳମ୍ବେ, ସତ୍ୱର ।
ଶୀତ-ବିଂ. ଶୀତଳ; ବି. ଜାଡ଼ ।
ଶୀତଳ-ବିଂ. ଶୈତ୍ୟଯୁକ୍ତ, ଥଣ୍ଡା ।
ଶୀତ୍କାର-ବି. ଶୀତେଇ ପଡ଼ିବା; ଡାକ ।
ଶୀର୍ଣ୍ଣ-ବିଂ. (ଶୃ-ତ) କ୍ଷୀଣ; ଶୁଷ୍କ; ପତଳ ।
ଶୀର୍ଷ-ବି. ଶିର, ମସ୍ତକ ।
ଶୀର୍ଷକ-ବି. (ଶୀର୍ଷ-କ) ଟୋପି; ପଗଡ଼ି, ମସ୍ତକ ।
ଶୀଳ-ବି. (ଶୀଲ୍-ଅ) ସ୍ୱଭାବ; ସଚ୍ଚରିତ୍ର ।
ଶୀଳନ-ବି. (ଶୀଲ୍-ଅନ) ଆଲୋଚନା; ଅଭ୍ୟାସ ।
ଶୁକ-ବି. ଶୁଆପକ୍ଷୀ ।
ଶୁଖୁଆ-ବି. ଶୁଖିଲା ମାଛ ।
ଶୁକ୍ତି-ବି. (ଶୁଚ୍-ତି) ଶାମୁକା; ଶଙ୍ଖ ।
ଶୁକ୍ତିଜ-ବି. (ଶୁକ୍ତି-ଜନ୍-ଅ) ମୁକ୍ତା ।
ଶୁକ୍ର-ବି. (ଶୁଚ୍-ରକ୍) ଗ୍ରହବିଶେଷ; ଦୈତ୍ୟ-
ଗୁରୁ; ରେତଃ ।
ଶୁକ୍ର-ବାର-ବି. ସପ୍ତାହର ଷଷ୍ଠଦିନ ।
ଶୁକ୍ଳ-ବିଂ. (ଶୁଚ୍-ଲକ୍) ଧଳା ।
ଶୁକ୍ଳ-ପକ୍ଷ-ବି. ଚନ୍ଦ୍ରର ବୃଦ୍ଧି-ପକ୍ଷ ।
ଶୁଙ୍ଘିବା-କ୍ରି. ଆଘ୍ରାଣ କରିବା ।

ଶୁଚି-ବି. (ଶୁଚ୍-ଇ) ପବିତ୍ର; ନିର୍ମଳ; ଶୁଭ୍ର ।
ଶୁଖିବା-କ୍ରି. ରସଶୋଷ ହେବା ।
ଶୁଣ୍ଠି-ବି. ଶୁଷ୍କ ଅର୍ଦ୍ରକ ।
ଶୁଣ୍ଡ-ବି. (ଶୁଣ୍-ଡ) ହସ୍ତି-କର ।
ଶୁଣ୍ଡୀ-ବି. ଶୁଣ୍ଡା ବା ମଦ୍ୟର ପ୍ରସ୍ତୁତ କାରକ ।
ଶୁଦ୍ଧ-ବିଂ. (ଶୁଧ୍-ତ) ନିର୍ଦ୍ଦୋଷ, ପବିତ୍ର ।
ଶୁଦ୍ଧାନ୍ତ-ବି. (ଶୁଦ୍ଧ-ଅନ୍ତ) ଅନ୍ତଃପୁର ।
ଶୁଦ୍ଧି-ବି. (ଶୁଧ୍-ତି) ଶୋଧନ, ଶୁଚିତା ।
ଶୁଧୁରିବା-କ୍ରି. ମନକୁ ଭଲ ହେବା ।
ଶୁଭ-ବି. (ଶୁଭ୍-ଅ) ମଙ୍ଗଳ; ବି. ମଙ୍ଗଳଜନକ ।
ଶୁଭଦ-ବିଂ. (ଶୁଭ-ଦା-ଅ) ଶୁଭଦାୟକ, ଶୁଭ-
ଜନକ ।
ଶୁଭିବା-କ୍ରି. ଶବ୍ଦଗୋଚର ହେବା ।
ଶୁଭ୍ର-ବିଂ. (ଶୁଭ୍-ର) ଶୁକ୍ଳ; ନିର୍ମଳ ।
ଶୁଲ୍କ-ବି. କର, ମାସୁଲ ।
ଶୁଶ୍ରୂଷା-ବି. (ଶ୍ରୁ-ସନ୍-ଅ-ଆ) ଅବେକ୍ଷା; ସେବା ।
ଶୁଷ୍କ-ବିଂ. (ଶୁଷ୍-କ) ନୀରସ, ଶୁଖିଲା ।
ଶୂକର-ବି. (ଶୂ-କ-ର) ବରାହ; ଘୁଷୁରି ।
ଶୂଦ୍ର-ବି. (ଶୁଚ୍-ରକ୍) ବ୍ରାହ୍ମଣାଦି ଚତୁର୍ବର୍ଣ୍ଣର
ଅନ୍ତର୍ଗତ ଚତୁର୍ଥବର୍ଣ୍ଣ ।
ଶୂନ୍ୟ-ବି. ଆକାଶ; '୦' ଅଙ୍କବାଚକ ଚିହ୍ନ;
ବିଂ. ଖାଲି; ନିର୍ଜନ ।
ଶୂନ୍ୟ-ଗର୍ଭ-ବିଂ. ସାରଶୂନ୍ୟ ।
ଶୂର-ବି. (ଶୂର୍-ଅ) ବୀର; ସାହସୀ ।
ଶୂଳ-ବି. ( ଶୂଲ୍-ଅ ) ଅସ୍ତ୍ରବିଶେଷ; ଉଦର-
ରୋଗବିଶେଷ ।

ଶୂଳ-ପାଣି-ବି. ତ୍ରିଶୂଳଧାରୀ ଶିବ ।
ଶୃଗାଳ-ବି. ବିଲୁଅ, ଶିଆଳ ।
ଶୃଙ୍ଖଳ-ବି. ଶିକୁଳି, ବେଡ଼ି ।
ଶୃଙ୍ଖଳିତ-ବି. ଶୃଙ୍ଖଳବଦ୍ଧ ।
ଶୃଙ୍ଗ-ବି. ଶିଖର, ପର୍ବତାଗ୍ର; ଶିଙ୍ଗ ।
ଶୃଙ୍ଗାଟ-ବି. ଚତୁଷ୍ପଥ, ଚୌବାଟ; ସିଙ୍ଘଡ଼ା ।
ଶୃଙ୍ଗାର-ବି. ଆଦିରସ; ସ୍ତ୍ରୀପୁରୁଷର ପ୍ରଣୟ; ସଜ୍ଜା, ବେଶ ।
ଶେଉଳି-ବି. (ଶୈବାଳ ଶବ୍ଦଜ) ମତ୍ସ୍ୟବିଶେଷ ।
ଶେଖର-ବି. ଚୂଡ଼ା; ଶିରୋଭୂଷଣ ।
ଶେଠ-ବି. (ଶ୍ରେଷ୍ଠ ଶବ୍ଦଜ) ବଣିକ୍ ବିଶେଷ ।
ଶେଫାଳିକା-ବି. ଗଙ୍ଗଶିଉଳି, ଶେଫାଳିଫୁଲ ।
ଶେଯ-ବି. (ଶଯ୍ୟା ଶବ୍ଦଜ) ଶଯ୍ୟା ।
ଶେଷ-ବି. (ଶିଷ୍-ଅ) ଅନ୍ତ; ଅବଶେଷ; ବଳକା; ବାସୁକି; ବି. ଅବଶିଷ୍ଟ ।
ଶୈତ୍ୟ-ବି. (ଶୀତ-ଯ) ଶୀତଳତା ।
ଶୈଥିଲ୍ୟ-ବି. (ଶିଥିଳ-ଯ) ଢିଲତା; ଦୁର୍ବଳତା; ଆଳସ୍ୟ ।
ଶୈଳ-ବି. (ଶିଳା-ଅ) ପର୍ବତ ।
ଶୈଳ-ସୁତା-ବି. ପାର୍ବତୀ ।
ଶୈଳୀ-ବି. (ଶୀଳ-ଅ-ଈ) ପଦ୍ଧତି, ପ୍ରଣାଳୀ ।
ଶୈଳେୟ-ବି. (ଶୈଳ-ଏୟ) ଶୈଳ-ଜାତ ।
ଶୈବ-ବି. (ଶିବ-ଅ) ଶିବଭକ୍ତ; ବି. ଶିବ-ସମ୍ବନ୍ଧୀୟ ।
ଶୈବଳ, ଶୈବାଳ-ବି. ଶିଉଳି ।
ଶୈବଳିନୀ-ବି. (ଶୈବଳ-ଇନ୍-ଈ) ନଦୀ ।
ଶୈଶବ-ବି. (ଶିଶୁ-ଅ) ପିଲାଦିନ, ବାଲ୍ୟାବସ୍ଥା ।
ଶୋଇବା-କ୍ରି. (ଶାୟ ଧାତୁଜ) ଶୟନ କରିବା ।
ଶୋକ-ବି. (ଶୁଚ୍-ଅ) ପ୍ରିୟ-ବିୟୋଗ-ଜନିତ ଦୁଃଖ ।
ଶୋଚନା-ବି. (ଶୁଚ୍-ଅନ-ଆ) ଶୋକ କରିବା ।
ଶୋଚ୍ୟ, ଶୋଚନୀୟ-ବି. (ଶୁଚ୍-ଯ, ଅନୀୟ) ଦୁଃଖ କରିବାର ଯୋଗ୍ୟ ।
ଶୋଣ-ବି. ରକ୍ତ-ବର୍ଣ୍ଣ, ଲୋହିତ ।
ଶୋଣିତ-ବି. ରୁଧିର, ରକ୍ତ; ବି. ଲୋହିତ ।
ଶୋଣିମା-ବି. (ଶୋଣ-ଇମନ୍) ରକ୍ତିମା ।
ଶୋଥ-ବି. (ଶ୍ୱି-ଥ) ଫୁଲା ରୋଗ ।
ଶୋଧନ-ବି. (ଶୁଧ୍-ଅନ) ଋଣୋପକରଣ; ପରିଷ୍କରଣ; ପ୍ରତିକାର ।
ଶୋଧ୍ୟ-ବି. ଅଙ୍କପାତ ବିଶେଷ ।
ଶୋଧିତ-ବି. (ଶୁଧ୍-ଇ-ତ) ପରିଷ୍କୃତ ।
ଶୋଧିବା-କ୍ରି. ଋଣମୁକ୍ତ କରିବା; ଫାଳିଦେବା ।
ଶୋଭନ-ବି. (ଶୁଭ୍-ଣିଚ୍-ଅନ) ଶୋଭାଯୁକ୍ତ ।
ଶୋଭା-ବି. (ଶୁଭ୍-ଅ) ସୌନ୍ଦର୍ଯ୍ୟ ।
ଶୋଭିତ-ବି. (ଶୁଭ୍-ଣିଚ୍-ତ) ଭୂଷିତ ।
ଶୋଷ-ବି. (ଶୁଷ୍-ଅ) ଶୁଷ୍କତା, ରସାକର୍ଷଣ; ତୃଷା ।
ଶୋଷଣ-ବି. (ଶୁଷ୍-ଣି-ଅନ) ରସାକର୍ଷଣ ।
ଶୋଷିବା-କ୍ରି. ଶୋଷଣ କରିବା (ପଦ୍ୟ) ।
ଶୌଚ-ବି. (ଶୁଚି-ଅ) ଶୁଦ୍ଧ, ଶୁଚିତା ।
ଶୌଣ୍ଡିକ-ବି. (ଶୁଣ୍ଡା-ଇକ) ଶୁଣ୍ଢୀ ।
ଶୌର୍ଯ୍ୟ-ବି. (ଶୂର-ଯ) ବୀରତ୍ୱ ।
ଶ୍ମଶାନ-ବି. (ଶବ-ଶୀଙ୍-ଆନ) ମଶାଣି ।

ଶୁଷ୍କ—ବି. ନୀରସ; ଶୁଖିଲା ।
ଶୁଷ୍କଳି—ବି. (ଶୁଷ୍କ-ଲ) ଶୁଷ୍କ ମାଂସ ।
ଶ୍ୟାମ } ବି. ଶାଣ୍ଢିଆ; ଈଷତ୍ ନୀଳ ଈଷତ୍
ଶ୍ୟାମଳ } ହରିତ୍ ।
ଶ୍ୟାଲ, ଶ୍ୟାଳକ—ବି. ପତ୍ନୀର ଭାଇ ।
ଶ୍ୟାଲୀ, ଶ୍ୟାଳିକା—ବି. ପତ୍ନୀର ଭଉଣୀ ।
ଶ୍ୟେନ—ବି. ବାଜପକ୍ଷୀ ।
ଶ୍ରଦ୍ଧାନ—ବି. (ଶ୍ରତ୍-ଧା-ଅନ) ଶ୍ରଦ୍ଧାଯୁକ୍ତ ।
ଶ୍ରଦ୍ଧା—ବି. (ଶ୍ରତ୍-ଧା-ଅ) ଭକ୍ତି; ବିଶ୍ୱାସ; ଆଦର ।
ଶ୍ରଦ୍ଧାବାନ୍—ବି. (ଶ୍ରଦ୍ଧା-ବତ୍) ଶ୍ରଦ୍ଧାଯୁକ୍ତ ।
ଶ୍ରମ—ବି. (ଶ୍ରମ୍-ଅ) ପରିଶ୍ରମ; ଅଭ୍ୟାସ; କ୍ଲାନ୍ତି ।
ଶ୍ରମଣ—ବି. ବୌଦ୍ଧ ସନ୍ନ୍ୟାସୀ ।
ଶ୍ରମ-ବାରି—ବି. ଘର୍ମ ।
ଶ୍ରମୀ—ବି. (ଶ୍ରମ୍-ଇନ୍) ପରିଶ୍ରମକାରୀ ।
ଶ୍ରବଣ—ବି. (ଶ୍ରୁ-ଅନ) ଶୁଣିବା; କର୍ଣ୍ଣ ।
ଶ୍ରବଣେନ୍ଦ୍ରିୟ—ବି. (ଶ୍ରବଣ-ଇନ୍ଦ୍ରିୟ) କର୍ଣ୍ଣ, କାନ ।
ଶ୍ରାଦ୍ଧ—ବି. (ଶ୍ରଦ୍ଧା-ଅ) ପିତୃ-ତର୍ପଣ; ଶ୍ରଦ୍ଧାର୍ପଣ ।
ଶ୍ରାନ୍ତ—ବି. (ଶ୍ରମ୍-ତ) କ୍ଲାନ୍ତ ।
ଶ୍ରାନ୍ତି—ବି. (ଶ୍ରମ୍-ତି) କ୍ଲାନ୍ତି ।
ଶ୍ରାବକ—ବି. (ଶ୍ରୁ-ଅକ) ଶ୍ରୋତା, ଜୈନଧର୍ମ୍ମୀ ।
ଶ୍ରାବଣ—ବି. (ଶ୍ରବଣା-ଅ) ମାସ-ବିଶେଷ ।
ଶ୍ରାବ୍ୟ—ବି. (ଶ୍ରୁ-ଯ) ଶ୍ରବଣଯୋଗ୍ୟ ।
ଶ୍ରୀ—ବି. (ଶ୍ରି-କ୍ୱିପ୍) ଲକ୍ଷ୍ମୀ, ଶୋଭା; ସୌନ୍ଦର୍ଯ୍ୟ ।
ଶ୍ରୀକଣ୍ଠ—ବି. ଶିବ ।
ଶ୍ରୀଧର—ବି. ବିଷ୍ଣୁ ।

ଶ୍ରୀପଞ୍ଚମୀ—ବି. ମାଘଶୁକ୍ଳ ପଞ୍ଚମୀ ।
ଶ୍ରୀଫଳ—ବି. ବେଲ । [ସମ୍ପନ୍ନ; ସୁନ୍ଦର ।
ଶ୍ରୀମାନ୍—ବି. (ଶ୍ରୀ-ମତ୍) ଐଶ୍ୱର୍ଯ୍ୟଶାଳୀ; ଶୋଭା-
ଶ୍ରୀ-ଯୁତ, ଶ୍ରୀ-ଯୁକ୍ତ—ବି. ଶ୍ରୀମାନ୍ ।
ଶ୍ରୀଳ—ବି. (ଶ୍ରୀ-ଲ) ଶ୍ରୀଯୁକ୍ତ ।
ଶ୍ରୀଶ—ବି. (ଶ୍ରୀ-ଈଶ) ବିଷ୍ଣୁ । [ଶାସ୍ତ୍ର ।
ଶ୍ରୁତ—ବି. (ଶ୍ରୁ-ତ) ଶାସ୍ତ୍ର ଶୁଣାଯାଇଥିବା; ବି.
ଶ୍ରୁତି—ବି. (ଶ୍ରୁ-ତି) କର୍ଣ୍ଣ; ବେଦ ।
ଶ୍ରୁତି-ଧର—ବି. ଯେ ଶୁଣିଲାକ୍ଷଣି ମନେରଖେ ।
ଶ୍ରୁବ—ବି. ହୋମରେ ଘୃତ-ସେଚନପାତ୍ର ।
ଶ୍ରେଢୀ—ବି. ସମପଦମାନରେ ବର୍ଦ୍ଧିତ ଅଙ୍କ ଶ୍ରେଣୀ ।
ଶ୍ରେଣୀ—ବି. (ଶ୍ରି-ନି) ପଂକ୍ତି; ଧାଡ଼ି ।
ଶ୍ରେୟଃ—ବି. ଧର୍ମ; ମଙ୍ଗଳ ।
ଶ୍ରେୟସ୍କର—ବି. ମଙ୍ଗଳକର ।
ଶ୍ରେଷ୍ଠ—ବି. (ପ୍ରଶସ୍ୟ-ଇଷ୍ଠ) ଅତି ଉତ୍ତମ, ପ୍ରଧାନ ।
ଶ୍ରେଷ୍ଠତା—ବି. ପ୍ରାଧାନ୍ୟ, ଉତ୍କର୍ଷ ।
ଶ୍ରେଷ୍ଠୀ—ବି. (ଶ୍ରେଷ୍ଠ-ଇନ୍) ବଣିକ୍‌ବିଶେଷ,
ଶ୍ରୋଣି—ବି. କଟିଦେଶ, ନିତମ୍ବ । [ଶେଠ ।
ଶ୍ରୋତବ୍ୟ—ବି. (ଶ୍ରୁ-ତବ୍ୟ) ଶ୍ରବଣଯୋଗ୍ୟ ।
ଶ୍ରୋତା—ବି. (ଶ୍ରୁ-ତୃ) ଶ୍ରବଣକର୍ତ୍ତା; ଯେ ଶୁଣେ ।
ଶ୍ରୋତ୍ର—ବି. (ଶ୍ରୁ-ତ୍ର) କର୍ଣ୍ଣ ।
ଶ୍ରୋତ୍ରିୟ—ବି. (ଶ୍ରୋତ୍ର-ଇୟ) ବେଦଜ୍ଞ ବ୍ରାହ୍ମଣ ।
ଶ୍ଳଥ—ବି. (ଶ୍ଳଥ୍-ଅ) ଶିଥିଳ । [ପ୍ରଶଂସା ।
ଶ୍ଳାଘା—ବି. (ଶ୍ଳାଘ୍-ଅ-ଆ) ପ୍ରଶଂସା; ଆତ୍ମ-
ଶ୍ଳାଘ୍ୟ } ବି. (ଶ୍ଳାଘ୍-ଯ, ଅନୀୟ) ପ୍ରଶଂସା-
ଶ୍ଳାଘନୀୟ } ଯୋଗ୍ୟ ।

ଶ୍ଲିଷ୍ଟ-ବି. (ଶ୍ଲିଷ୍-ତ) ଶ୍ଳେଷଯୁକ୍ତ; ସଂଯୁକ୍ତ ।

ଶ୍ଲୀପଦ-ବି. ଗୋଦର ।

ଶ୍ଲୀଳ-ବି. (ଶ୍ରୀ-ଳ) ଶ୍ରୀଯୁକ୍ତ, ଶୋଭନ ।

ଶ୍ଳେଷ ବି. (ଶ୍ଲିଷ୍-ଅ) ଯୋଗ; ବକ୍ରୋକ୍ତି ।

ଶ୍ଳେଷ୍ମା-ବି. (ଶ୍ଲିଷ୍-ମନ୍) କଫ । [ଯଶ ।

ଶ୍ଳୋକ-ବି. (ଶ୍ଲୋକ୍-ଅ) ଚତୁଷ୍ଚରଣଯୁକ୍ତ ପଦ୍ୟ;

ଶ୍ୱଦନ୍ତ-ବି. (ଶ୍ୱନ୍-ଦନ୍ତ) କୁକୁରର ମୁଖଦନ୍ତ ।

ଶ୍ୱପଚ-ବି. ଚଣ୍ଡାଳ ।

ଶ୍ୱଶୁର-ବି. ଶଶୁର, ଭର୍ତ୍ତା ବା ସ୍ତ୍ରୀର ପିତା ।

ଶ୍ୱଶ୍ରୂ-ବି. ଶାଶୁ, ଭର୍ତ୍ତା ବା, ସ୍ତ୍ରୀର ମାତା ।

ଶ୍ୱସନ-ବି. (ଶ୍ୱସ୍-ଅନ) ନିଶ୍ୱାସ ।

ଶ୍ୱାନ-ବି. (ଶ୍ୱନ୍-ଅ) କୁକୁର ।

ଶ୍ୱାପଦ-ବି, (ଶ୍ୱନ୍-ଆ-ପଦ୍-ଅ) ହିଂସ୍ର ଜନ୍ତୁ; ବ୍ୟାଘ୍ର ଇତ୍ୟାଦି ।

ଶ୍ୱାସ-ବି. (ଶ୍ୱସ୍-ଅ) ନିଶ୍ୱାସ; ରୋଗବିଶେଷ ।

ଶ୍ୱିତ୍ର-ବି. ଧବଳ ରୋଗ ।

ଶ୍ୱେତ-ବି. (ଶ୍ୱିତ୍-ଅ) ଶୁକ୍ଳବର୍ଣ୍ଣ ।

ଶ୍ୱେତ ରକ୍ତ-ବି. ଗୋଲାପିରଙ୍ଗ, ପାଟଳ ।

ଶ୍ୱେତ-ସାରି-ବି. ଗୋଧୂମାଦିର ଶ୍ୱେତ ଅଂଶ— ଖାଦ୍ୟବିଶେଷ ।

---

## ଷ

ବ୍ୟଞ୍ଜନବର୍ଣ୍ଣର ଏକତ୍ରିଂଶ ବର୍ଣ୍ଣ ।

ଷଟ୍-ବି. ଛଅ ସଂଖ୍ୟା ।

ଷଟ୍କର୍ମ-ବି. (ଷଷ୍-କର୍ମନ୍) ବ୍ରାହ୍ମଣର ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ ।

ଷଟ୍କୋଣ-ବି. ଷଡ଼ଭୁଜ କ୍ଷେତ୍ର ।

ଷଟ୍ପଦ-ବି. (ଷଟ୍-ପଦ) ଭ୍ରମର ।

ଷଠିଘର-ବି. ବାଳକ ଜନ୍ମର ଷଷ୍ଠ ଦିବସର ଅନୁଷ୍ଠାନବିଶେଷ ।

ଷଡ଼ଶୀତି-ବି. (ଷଟ୍-ଅଶୀତି) ଛୟାଅଶୀ ।

ଷଡ଼ାନନ-ବି. (ଷଟ୍-ଆନନ) କାର୍ତ୍ତିକେୟ ।

ଷଡ଼୍ଜ-ବି. (ଷଷ୍-ଜ) ସପ୍ତସ୍ୱରାନ୍ତର୍ଗତ ସ୍ୱରବିଶେଷ ।

ଷଡ଼୍ଦର୍ଶନ-ବି. ପୂର୍ବମୀମାଂସା, ବେଦାନ୍ତ, ସାଂଖ୍ୟ, ପାତଞ୍ଜଳ, ନ୍ୟାୟ ଓ ବୈଶେଷିକ ।

ଷଡ଼୍ରସ-ବି (ଷଟ୍-ରସ) ମଧୁର, ଅମ୍ଳ, ଲବଣ, କଟୁ, କଷାୟ ଓ ତିକ୍ତ ।

ଷଡ଼୍ରିପୁ-ବି. କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ।

ଷଣ୍ଢ-ବି. ଷଣ୍ଢ, ବୃଷ ।

ଷଷ୍ଟି-ବି. (ଷଷ୍-ତି) ଷାଠିଏ ।

ଷଷ୍ଟିକ-ବି. ଷଠିଆ ଧାନ ।

ଷଷ୍ଟିତମ-ବି. ଷାଠିଏର ପୂରଣ ।

ଷଷ୍ଠ-ବି. (ଷଷ୍-ଥ) ଛଅର ପୂରଣ ।

ଷଷ୍ଠୀ-ବି. ତିଥିବିଶେଷ; ଦେବୀ-ବିଶେଷ ।

ଷାଣ୍ମାସିକ-ବି. (ଷଟ୍-ମାସ-ଇକ) ଛଅମାସରେ ଥରେ ସମ୍ପନ୍ନ ।

ଷୋଡ଼ଶ-ବି. (ଷଷ୍-ଦଶନ୍) ଷୋଳ ସଂଖ୍ୟା ।

ଷୋଡ଼ଶୀ-ବି. ଷୋଡ଼ଶବର୍ଷୀୟା ସ୍ତ୍ରୀ ।

# ସ

ବ୍ୟଞ୍ଜନ ବର୍ଣ୍ଣର ଦ୍ୱାତ୍ରିଂଶ ବର୍ଣ୍ଣ ।

ସଉଷ-ବି. (ଆରବୀ) ଅଣସାଲ ।

ସଉତୁଣୀ-ବି. (ସପତ୍ନୀଶବ୍ଦଜ) ସପତ୍ନୀ ।

ସଉଦା-ବି. (ପାର୍ସୀ) ବାଣିଜ୍ୟ ଦ୍ରବ୍ୟ ।

ସଉଦାଗର-ବି. ବଣିକ୍ ।

ସଂକଟ-ବି. (ସମ୍-କଟ) ସଂକୀର୍ଣ୍ଣ ; କଠିନ ସ୍ଥାନ; ବି. ବିପଦ୍ ।

ସଂକର-ବି. (ସମ୍-କୃ-ଅ) ମିଶ୍ରଣ [ରାମ ।

ସଂକର୍ଷଣ-ବି. (ସମ୍-କୃଷ୍-ଅନ) ଆକର୍ଷଣ; ବଳ-

ସଂକଳନ-ବି. (ସମ୍-କଳ-ଅନ) ଯୋଗ ।

ସଂକଳିତ-ବି. (ସମ୍-କଳ-ତ) ସଂଗୃହୀତ ; ଏକତ୍ରିତ ।

ସଂକଳ୍ପ-ବି. (ସମ୍-କୢପ୍-ଅ) ମନୋରଥ; ପ୍ରତିଜ୍ଞା ।

ସଂକଳ୍ପିତ-ବି. କାଙ୍କ୍ଷିତ; ଚିନ୍ତିତ ।

ସଂକାଶ-ବି. (ସମ୍-କାଶ୍-ଅ) ସଦୃଶ ।

ସଂକୀର୍ଣ୍ଣ-ବି. (ସମ୍-କୄ-ତ) ଅପ୍ରଶସ୍ତ ।

ସଂକୀର୍ତ୍ତନ-ବି. (ସମ୍-କୃତ୍-ଅନ) ଗୁଣାନୁବାଦ, ସମସ୍ୱରରେ ଦେବ-ଗୁଣ-ଗାନ ।

ସଂକୁଚିତ-ବି. (ସମ୍-କୁଚ୍-ତ) ସଂକୀର୍ଣ୍ଣୀକୃତ; କୁଣ୍ଠିତ ।

ସଂକୁଳ-ବି. (ସମ୍-କୁଲ୍-ଅ) ସମାକୀର୍ଣ୍ଣ; ବ୍ୟାପ୍ତ ।

ସଂକେତ-ବି. (ସମ୍-କିତ୍-ଅ) ଇଙ୍ଗିତ, ଇଶାରା; ଚିହ୍ନ ।

ସଂକୋଚ-ବି. (ସମ୍-କୁଚ୍-ଅ) ସଂକ୍ଷେପ ; ଲଜ୍ଜାଦ୍ୱାରା ଅସ୍ୱୀକରଣ ।

ସଂକ୍ରମଣ-ବି. (ସମ୍-କ୍ରମ୍-ଅନ) ଗମନ; ପ୍ରବେଶ; ସଂକ୍ରାନ୍ତି । [ମିଶ୍ରଣ ।

ସଂକ୍ରାନ୍ତ-ବି. (ସମ୍-କ୍ରମ୍-ତ) ଗୃହୀତ; ସମ୍ବନ୍ଧୀୟ ।

ସଂକ୍ରାନ୍ତି-ବି. (ସମ୍-କ୍ରମ୍-ତି) ସୂର୍ଯ୍ୟର ରାଶ୍ୟନ୍ତରରେ ପ୍ରବେଶ । [ପର୍ବ (ଦେବ) ।

ସଂକ୍ରାମକ-ବି. (ସମ୍-କ୍ରମ୍-ଅକ) ପ୍ରବେଶକାରୀ ।

ସଂକ୍ରାମିତ-ବି. (ସମ୍-କ୍ରମ୍-ଣିଚ୍-ତ) ପ୍ରବେଶିତ; ସଞ୍ଚାରିତ ।

ସଂକ୍ଷିପ୍ତ-ବି. (ସମ୍-କ୍ଷିପ୍-ତ) ଅଳ୍ପୀକୃତ ।

ସଂକ୍ଷେପ-ବି. (ସମ୍-କ୍ଷିପ୍-ଅ) ଅଳ୍ପୀକରଣ; ତାତ୍ପର୍ଯ୍ୟ ।

ସଂଖ୍ୟା-ବି. (ସମ୍-ଖ୍ୟା-ଅ) ୧, ୨ ପ୍ରଭୃତି [ଗଣନା ।

ସଂଖ୍ୟାତ-ବି. ଗଣିତ ।

ସଂଗୁମ୍ଫିତ-ବି. (ସମ୍-ଗୁମ୍ଫ୍-ତ) ଗ୍ରଥିତ ।

ସଂଗ୍ରହ-ବି. (ସମ୍-ଗ୍ରହ୍-ଅ) ସଂକଳନ; ଏକତ୍ରୀକରଣ ।

ସଂଗ୍ରହୀତା, ସଂଗ୍ରାହକ — ବି. (ସମ୍-ଗ୍ରହ୍-ତୃ, ଅକ) ସଂଗ୍ରହକାରୀ ।

ସଂଗ୍ରାମ-ବି. ଯୁଦ୍ଧ; ସମର ।

ସଂଘ-ବି. (ସମ୍-ହନ୍-ଅ) ସମୂହ; ଦଳ ।

ସଂଘଟନ-ବି. (ସମ୍-ଘଟ୍-ଅନ) ମେଳନ; ଗଠନ; ଘଟଣା ।

ସଂଘର୍ଷ, ସଂଘର୍ଷଣ — ବି. (ସମ୍-ଘୃଷ୍-ଅ, ଅନ) ଘର୍ଷଣ; ବିରୋଧ ।

ସଂଘାତ-ବି. ସମୂହ, କଠିନ ସଂଯୋଗ ।

ସଂଜ୍ଞା-ବି. (ସମ୍-ଜ୍ଞା-ଅ) ଚୈତନ୍ୟ; ନାମ; ପାରିଭାଷିକ ଶବ୍ଦର ଅର୍ଥ-ସୂଚନା ।

ସଂଯତ—ବି. (ସମ୍-ଯମ୍-ତ) ନିୟମିତ; ଦମିତ ।
ସଂଯମନ—ବି. (ସମ୍-ଯମ୍-ଅନ) ବନ୍ଧନ; ଇନ୍ଦ୍ରିୟ-ନିଗ୍ରହ ।
ସଂଯମୀ—ବି. (ସମ୍-ଯମ୍-ଇନ୍) ଜିତେନ୍ଦ୍ରିୟ ।
ସଂଯୁକ୍ତ—ବି. (ସମ୍-ଯୁଜ୍-ତ) ସଂଲଗ୍ନ; ମିଶିତ ।
ସଂଯୁଗ—ବି. ଯୁଦ୍ଧ ।
ସଂଯୋଗ—ବି. (ସମ୍-ଯୁଜ୍-ଅ) ମିଳନ, ମିଶ୍ରଣ ।
ସଂଯୋଜନ—ବି. (ସମ୍-ଯୁଜ୍-ଅନ) ସଂଯୋଗକରଣ ।
ସଂରମ୍ଭ—ବି. (ସମ୍-ରଭ୍-ଅ) କ୍ରୋଧ; ବେଗ ।
ସଂଲଗ୍ନ—ବି. (ସମ୍-ଲଗ୍-ତ) ମିଳିତ, ସଂଯୁକ୍ତ ।
ସଂଲାପ—ବି. (ସମ୍-ଲପ୍-ଅ) କଥୋପକଥନ ।
ସଂବତ୍—ବି. (ସମ୍-ବତ୍-କ୍ୱିପ୍) ବିକ୍ରମାଦିତ୍ୟ-ପ୍ରଚଳିତ ଅବ୍ଦ ।
ସଂବତ୍ସର—ବି. (ସମ୍-ବସ୍-ସର) ବତ୍ସର, ବର୍ଷ ।
ସଂବଳିତ—ବି. (ସମ୍-ବଲ୍-ତ) ମିଳିତ; ସହିତ ।
ସଂବାଦ—ବି. (ସମ୍-ବଦ୍-ଅ) ସମାଚାର; ବୃତ୍ତାନ୍ତ; କଥାବାର୍ତ୍ତା ।
ସଂବାହନ—ବି. (ସମ୍-ବହ୍-ଣିଚ୍-ଅନ) ଅଙ୍ଗମର୍ଦ୍ଦନ
ସଂବିତ୍—ବି. (ସମ୍-ବିଦ୍-କ୍ୱିପ୍) ଚେତ୍-ଜ୍ଞାନ ।
ସଂବିଧାନ—ବି. (ସମ୍-ବି-ଧା-ଅନ) ଅନୁଷ୍ଠାନ; ଉପକରଣସାମଗ୍ରୀ ।
ସଂବୃତ—ବି. (ସମ୍-ବୃ-ତ) ଗୁପ୍ତ ।
ସଂବେଦନ—ବି. (ସମ୍-ବିଦ୍-ଅନ) ଅନୁଭବ ।
ସଂବେଶ—ବି. (ସମ୍-ବିଶ୍-ଅ) ନିଦ୍ରା ।
ସଂଶୟ—ବି. (ସମ୍-ଶୀ-ଅ) ସନ୍ଦେହ ।
ସଂଶୋଧନ—ବି. (ସମ୍-ଶୁଧ୍-ଣିଚ୍-ଅନ) ଶୁଦ୍ଧକରଣ ।
ସଂଶ୍ଳିଷ୍ଟ—ବି. (ସମ୍-ଶ୍ଳିଷ୍-ତ) ମିଳିତ, ସଂଯୁକ୍ତ ।
ସଂସର୍ଗ—ବି. (ସମ୍-ସୃଜ୍-ଅ) ସହବାସ, ସମ୍ପର୍କ ।
ସଂସାର—ବି. (ସମ୍-ସୃ-ଅ) ଜଗତ୍; ଗୃହସ୍ଥ-ବ୍ୟାପାର । [ସଂସାରାସକ୍ତ ।
ସଂସାରୀ—ବି. (ସଂସାର-ଇନ୍) ସଂସାରସ୍ଥ;
ସଂସୃଷ୍ଟ—ବି. (ସମ୍-ସୃଜ୍-ତ) ସମ୍ପୃକ୍ତ, ସମ୍ବଦ୍ଧ ।
ସଂସ୍କାର—ବି. (ସମ୍-କୃ-ଅ) ଶୁଦ୍ଧି, ମାର୍ଜନ; ମନର ଧାରଣା; ବୈଦିକ କର୍ମ ।
ସଂସ୍କାରକ—ବି. (ସମ୍-କୃ-ଣିଚ୍-ଅକ) ସଂଶୋଧନକାରୀ ।
ସଂସ୍କୃତ—ବି. (ସମ୍-କୃ-ତ) ଶୋଧିତ; ବି. ଭାରତର ପ୍ରାଚୀନ ଆର୍ଯ୍ୟଭାଷା ।
ସଂସ୍ଥା—ବି. (ସମ୍-ସ୍ଥା-ଅ) ବ୍ୟବସ୍ଥା; ସଭା; ସ୍ଥାପିତ କାର୍ଯ୍ୟାଳୟ । [ବେଶ ।
ସଂସ୍ଥାନ—ବି. (ସମ୍-ସ୍ଥା-ଅନ) ଅବୟବ-ସନ୍ନି-
ସଂସ୍ପର୍ଶ—ବି. ସମ୍ୟକ୍ ସ୍ପର୍ଶ ।
ସଂସ୍ପୃଷ୍ଟ—ବି. (ସମ୍-ସ୍ପୃଶ୍-ତ) ସଂଯୁକ୍ତ ।
ସଂସ୍ରବ—ବି. (ସମ୍-ସ୍ରୁ-ଅ) ସମ୍ବନ୍ଧ, ସମ୍ପର୍କ ।
ସଂହତି—ବି. (ସମ୍-ହନ୍-ତି) ବୃନ୍ଦ; ଐକ୍ୟ ।
ସଂହତ—ବି. (ସମ୍-ହନ୍-ତ) ସଂଯୁକ୍ତ; ନିବିଡ଼; [ଯୋଡ଼ ।
ସଂହନନ—ବି. ଦେହ ।
ସଂହାର—ବି. (ସମ୍-ହୃ-ଅ) ଧ୍ୱଂସ । [ନାଶ ।
ସଂହିତା—ବି. (ସମ୍-ଧା-କ୍ତ-ଆ) ସଂଗ୍ରହ; ସ୍ମୃତି-
ସକଳ—ବି. (ସ-କଳା) ସମୁଦାୟ ।

ସକାମ-ବି. କାମନା-ଯୁକ୍ତ ।

ସକାଳି-ବି. ପ୍ରାତଃକାଳ ।

ସକାଶ-ବି. ନିକଟ; ସମୀପ ।

ସକ୍ତୁ-ବି. ଯବାଦିର ଛତୁ ।

ସଖା-ବି. ମିତ୍ର ।

ସଖୀ-ବି. ସହଚରୀ, ବୟସ୍ୟା ।

ସଖ୍ୟ-ବି. (ସଖି-ଯ) ମିତ୍ରତା ।

ସଗର-ବି. (ସହ-ଗର) ନୃପବିଶେଷ ।

ସ-ଗୋତ୍ରୀ-ବି. ଜ୍ଞାତି, ଏକ-ବଂଶୋଦ୍ଭବ ।

ସଙ୍ଗା-ବି. ଭାତ ତୁଅ ।

ସଙ୍ଗାଳି-ବି. ସହଚର ।

ସଙ୍ଗୋଳିବା-କ୍ରି. ଅପତ୍ୟ-ସମ୍ବନ୍ଧରେ ବହୁ ଦିନ-ହେଲୁ ଯାଏ ସାନ୍ତ୍ୱନା ଦେବା ।

ସଙ୍ଗ-ବି. (ସନ୍ଜ୍-ଅ) ସଂସର୍ଗ; ଆସକ୍ତି ।

ସଙ୍ଗତ-ବି. (ସମ୍-ଗମ୍-ତ) ଯୁକ୍ତିଯୁକ୍ତ, ମିଳିତ ।

ସଙ୍ଗତି-ବି. (ସମ୍-ଗମ୍-ତି) ମିଳନ; ଯୌକ୍ତିକତା ।

ସଙ୍ଗମ-ବି. (ସମ୍-ଗମ୍-ଅ) ମିଳନ ।

ସଙ୍ଗର-ବି. ଯୁଦ୍ଧ; ପ୍ରତିଜ୍ଞା ।

ସଙ୍ଗାତ-ବି. (ସଂଘାତଶବ୍ଦଜ) ମିତ୍ର ।

ସଙ୍ଗିନୀ-ବି. (ସଙ୍ଗ-ଇନ୍-ଈ) ସହଚାରିଣୀ ।

ସଙ୍ଗୀ-ବି. (ସଙ୍ଗ-ଇନ୍) ସହଚର । [ବାଦ୍ୟ ।

ସଙ୍ଗୀତ-ବି. (ସମ୍-ଗୈ-ତ) ଗାନ; ନୃତ୍ୟ ଗୀତ-

ସଚରାଚର-ବି. (ସ-ଚର-ଅଚର) ସ୍ଥାବର-ଜଙ୍ଗମ; ସର୍ବସାଧାରଣ ।

ସଚିବ-ବି. ସହାୟ, ମନ୍ତ୍ରୀ ।

ସଚେତନ-ବି. (ସ-ଚେତନା) ଚେତନାଯୁକ୍ତ ।

ସଚେଷ୍ଟ-ବି. (ସ-ଚେଷ୍ଟା) ଚେଷ୍ଟିତ, ଉଦ୍ୟୋଗୀ ।

ସଚ୍ଛ-ବି. ପବିତ୍ର, ସଦ୍ଧର୍ମ ।

ସଚ୍ଚିଦାନନ୍ଦ-ବି. (ସତ୍-ଚିତ୍-ଆନନ୍ଦ) ନିତ୍ୟ-ଜ୍ଞାନ ଆନନ୍ଦ-ସ୍ୱରୂପ ବ୍ରହ୍ମ । [ଈଶ୍ୱର ।

ସଜ-ବି. (ସଦ୍ୟଃଶବ୍ଦଜ) ବର୍ତ୍ତମାନ ସମୟର,

ସଜନା-ବି. (ଶୋଭାଞ୍ଜନଶବ୍ଦଜ) ବୃକ୍ଷବିଶେଷ ।

ସଜନୀ-ବି. (ସ୍ୱଜନଶବ୍ଦଜ) ସହଚାରିଣୀ; ସଖୀ ।

ସଞ୍ଚାର-ବି. (ସମ୍-ଚର୍-ଅ) ଗତି; ସଂକ୍ରମଣ; ବିସ୍ତାର ।

ସଞ୍ଚାରିତ-ବି. (ସମ୍-ଚର୍-ଣିଚ୍-ତ) ସଞ୍ଚାଳିତ ।

ସଞ୍ଚାରୀ-ବି. (ସମ୍-ଚର୍-ଇନ୍) ଗମନଶୀଳ; ସଞ୍ଚାରୀ ।

ସଞ୍ଚିତ-ବି. (ସମ୍-ଚି-ତ) ସଂଗୃହୀତ ।

ସଞ୍ଜ-ବି. ସନ୍ଧ୍ୟା । [ଔଷଧି ।

ସଞ୍ଜୀବନୀ-ବି. (ସମ୍-ଜୀବ୍-ଅନ-ଈ) ଜୀବନ-

ସଟା-ବି. ସିଂହାଦିର କେଶର ।

ସଟୀକ-ବି. (ସ-ଟୀକା) ଟୀକା-ସମେତ ।

ସଢ଼କ-ବି. ପଥ, ରାସ୍ତା ।

ସଢ଼ା-ବି. ପଚା ।

ସଢ଼ିବା, ସଡ଼ିବା-କ୍ରି. ପଚିବା ।

ସଢ଼େଇ-ବି. ଚଢ଼ିଆ-ଖୋଳପା ।

ସତତ-କ୍ରି. ବି. ନିରନ୍ତର, ସର୍ବଦା ।

ସତରଞ୍ଜି-ବି. ରଙ୍ଗିନ ସୂତାର ଆସନ ।

ସତର୍କ-ବି. ସାବଧାନ ।

ସତୀ-ବି. (ସତ୍-ଈ) ସାଧ୍ୱୀ, ପତିବ୍ରତା ।

ସତୀତ୍ୱ-ବି. ସାଧ୍ୱୀତ୍ୱ ।

ସ-ଗୋତ୍ର—ବି. ଏକ କୁଳର ଲୋକ।

ସତୃଷ୍ଣ—ବିଂ. (ସ-ତୃଷ୍ଣା) ପିପାସିତ; ଆକାଂକ୍ଷା-ପୂର୍ଣ୍ଣ।

ସତେଜ—ବିଂ. (ସ-ତେଜସ୍) ତେଜସ୍ୱୀ; ବଳବାନ୍।

ସତ୍—ବିଂ. (ଅସ୍-ଅତ୍) ସତ୍ୟ; ସାଧୁ।

ସତ୍କାର, ସତ୍କ୍ରିୟା—ବି. ସମାଦର।

ସତ୍ତା—ବି. (ସତ୍-ତା) ସ୍ଥିତି; ଅସ୍ତିତ୍ୱ।

ସତ୍ତ୍ୱ—ବି. (ସତ୍-ତ୍ୱ) ବସ୍ତୁ ଭିତ୍ତି ପ୍ରକୃତ ସଦ୍-ଗୁଣ; ପ୍ରାଣୀ; ବଳ; ସାର।

ସତ୍ୟ—ବିଂ. (ସତ୍-ଯ) ଯଥାର୍ଥ; ବି. ଯଥାର୍ଥ କଥା; ପ୍ରତିଜ୍ଞା।

ସତ୍ୟସନ୍ଧ—ବିଂ. (ସତ୍ୟ-ସନ୍ଧା) ସତ୍ୟ-ପ୍ରତିଜ୍ଞ।

ସତ୍ର—ବି. ଯଜ୍ଞ; ସଦାବ୍ରତ।

ସତ୍ୱର—ତ୍ରି.ବିଂ. (ସ-ତ୍ୱର) ଶୀଘ୍ର, ସତ୍ୱରମେ।

ସଦନ—ବି. (ସଦ୍-ଅନ) ନିଳୟ, ଗୃହ, ଘର।

ସଦୟ—ବିଂ. (ସ-ଦୟା) ଦୟାଳୁ।

ସଦସ୍ୟ—ବିଂ. (ସଦସ୍-ଯ) ସଭାସଦ୍।

ସଦା—ଅ. (ସ-ଦା) ସର୍ବଦା।

ସଦାଚାର—ବି. (ସତ୍-ଆଚାର) ଉତ୍ତମ ଆଚାର।

ସଦା-ଶିବ—ବି. ମହାଦେବ।

ସଦୃଶ—ବିଂ. (ସ-ଦୃଶ୍-ଅ) ସମାନ, ତୁଲ୍ୟ।

ସଦ୍ଗତି—ବି. ଉତ୍ତମ ଗତି।

ସଦ୍ଭାବ—ବି. ସାଧୁଭାବ; ବନ୍ଧୁତା।

ସଦ୍ମ—ବି. (ସଦ୍-ମନ୍) ଗୃହ, ନିକେତନ।

ସଦ୍ୟଃ—ଅ. (ସ-ଦ୍ୟସ୍) ବର୍ତ୍ତମାନ ସମୟରେ।

ସଦ୍ୟୋଜାତ—ବିଂ. (ସଦ୍ୟଃ-ଜାତ) ତତ୍କ୍ଷଣେ ଉତ୍ପନ୍ନ।

ସଦ୍ବୃତ୍ତ—ବି. ସଦ୍‌ବ୍ୟବହାର। [ସତ୍ୱ।

ସଧର୍ମିଣୀ—ବି. (ସ-ଧର୍ମ-ଇନ୍-ଈ) ସହଧର୍ମିଣୀ,

ସଧବା—ବି. (ସ-ଧବ) ସଭର୍ତ୍ତୃକା।

ସନ—ବି. ସାଲ ବର୍ଷ।

ସନନ୍ଦ—ବି. ପ୍ରାମାଣ୍ୟସୂଚକ ଲିଖିତ ପତ୍ର।

ସନାତନ—ବିଂ. ନିତ୍ୟ, ଚିରସ୍ଥାୟୀ।

ସନ୍ଧି—ବି. ବ୍ୟାକରଣ-ପ୍ରକରଣ ବିଶେଷର ନାମ। [ମିଳନ।

ସନ୍ତତି—ବି. (ସମ୍-ତନ୍-ତି) ସନ୍ତାନ, ପୁତ୍ର ବା

ସନ୍ତପ୍ତ—ବିଂ. (ସମ୍-ତପ୍-ତ) ଉତ୍ତପ୍ତ; ସନ୍ତାପଯୁକ୍ତ; ଦୁଃଖୀ।

ସନ୍ତରଣ—ବି. (ସମ୍-ତୃ-ଅନ) ପହଁରିବା।

ସନ୍ତର୍ପଣ—ବିଂ. (ସମ୍-ତୃପ୍-ଅନ) ତୃପ୍ତିକର; ବି. ତୃପ୍ତିକରଣ।

ସନ୍ତସନ୍ଧ୍ୟା—ବି. ଫେଦା (ଭୂମି)।

ସନ୍ତାନ—ବି. (ସମ୍-ତନ୍-ଅ) ପୁତ୍ରକନ୍ୟା, ଅପତ୍ୟ।

ସନ୍ତାପ—ବି. (ସମ୍-ତପ୍-ଅ) ଉତ୍ତାପ; ମନସ୍ତାପ, ଅନୁତାପ।

ସନ୍ତାପିତ—ବିଂ. ସନ୍ତାପ-ଯୁକ୍ତ।

ସନ୍ତୁଳିବା—କ୍ରି. ଦେବା ଲୋକମାନଙ୍କୁ ଅନ୍ନ ଦେବା।

ସନ୍ତୁଷ୍ଟ—ବିଂ. (ସମ୍-ତୁଷ୍-ତ) ସନ୍ତୋଷଯୁକ୍ତ, ତୃପ୍ତ।

ସନ୍ତୋଷ—ବି. (ସମ୍-ତୁଷ୍-ଅ) ତୃପ୍ତି, ଆହ୍ଲାଦ।

ସନ୍ଥ—ବି. ସାଧୁ; ବୈରାଗୀ।

ସନ୍ଦର୍ଭ—ବି. (ସମ୍-ଦୃଭ୍-ଅ) ଉତ୍ତମରଚିତ ପ୍ରବନ୍ଧ।

ସନ୍ଦିଗ୍ଧ—ବିଂ. (ସମ୍-ଦିହ୍-ତ) ସଂଶୟଯୁକ୍ତ।

ସନ୍ଦିହାନ-ବି. (ସମ୍-ଦିହ୍-ଆନ) ସଂଶୟଯୁକ୍ତ ।

ସନ୍ଦେଶ-ବି. (ସମ୍-ଦିଶ୍-ଅ) ବାର୍ତ୍ତା; ମିଷ୍ଟାନ୍ନ ବିଶେଷ ।

ସନ୍ଦେହ-ବି. (ସମ୍-ଦିହ୍-ଅ) ସଂଶୟ ।

ସନ୍ଦୋହ-ବି. ସମୂହ ।

ସନ୍ଧା-ବି. (ସମ୍-ଧା-ଅ-ଆ) ପ୍ରତିଜ୍ଞା । [ଜନ ।

ସନ୍ଧାନ-ବି. (ସମ୍-ଧା-ଅନ) ଅନ୍ୱେଷଣ; ସଂଯୋ-

ସନ୍ଧି-ବି. ( ସମ୍-ଧା-ଇ ) ମିଳନ; ମଳଦ୍ୱାର; ଦୁଇ ଶବ୍ଦର ମିଳନ ।

ସନ୍ଧିତ୍ସୁ-ବିଂ. ( ସମ୍-ଧା-ସନ୍-ଉ) ସନ୍ଧି ଚେଷ୍ଟୁ ।

ସନ୍ଧେୟ-ବିଂ. (ସମ୍-ଧା-ଯ) ସନ୍ଧାନ-ଯୋଗ୍ୟ ।

ସନ୍ଧ୍ୟା-ବି. ( ସନ୍ଧି-ଅ, ଅଥବା ସମ୍-ଧ୍ୟୈ-ଅ-ଆ ) ଦିବାରାତ୍ରିର ସନ୍ଧିକାଳ; ଧ୍ୟାନ; ଉପାସନା ।

ସନ୍ନଦ୍ଧ-ବିଂ. (ସମ୍-ନହ୍-ତ) ଯୁଦ୍ଧ-ସଜ୍ଜିତ ।

ସନ୍ନିକର୍ଷ-ବି. (ସମ୍-ନି କୃଷ୍-ଅ) ନୈକଟ୍ୟ ।

ସନ୍ନିଧାନ, ସନ୍ନିଧି } ବି. (ସମ୍-ନି-ଧା-ଅନ,ଇ) ସାମୀପ୍ୟ, ନୈକଟ୍ୟ ।

ସନ୍ନିପାତ-ବି. ( ସମ୍-ନି-ପତ୍-ଅ ) ବାତ-ପିତ୍ତ-କଫର ମିଳନ ।

ସନ୍ନିବିଷ୍ଟ-ବିଂ. (ସମ୍-ନି-ବିଶ୍-ତ) ପ୍ରବିଷ୍ଟ ।

ସନ୍ନିହିତ-ବିଂ. ( ସମ୍-ନି ଧା-ତ ) ନିକଟବର୍ତ୍ତୀ, ସମୀପସ୍ଥ । [ତ୍ୟାଗ ।

ସନ୍ନ୍ୟାସ-ବି. (ସମ୍-ନି-ଅସ୍-ଅ) ସଂସାର ତ୍ୟାଗ

ସନ୍ନ୍ୟାସୀ-ବି. ( ସମ୍-ନି-ଅସ୍-ଇନ୍ ) ତ୍ୟାଗୀ, ବୈରାଗୀ ।

ସପକ୍ଷ-ବିଂ. ସହାୟ, ଅନୁକୂଳ ।

ସପତ୍ନ-ବି. ବୈରୀ, ଶତ୍ରୁ ।

ସପତ୍ନୀ-ବି. ସଉତୁଣୀ ।

ସପର୍ଯ୍ୟା-ବି. ପୂଜା, ଅର୍ଚ୍ଚନା ।

ସ-ପିଣ୍ଡ-ବି. ଜ୍ଞାତି ।

ସପ୍ତ-ବିଂ. ସାତସଂଖ୍ୟା ।

ସପ୍ତକ-ବି. (ସପ୍ତନ୍-କ) ସପ୍ତସଂଖ୍ୟାବିଶିଷ୍ଟ ।

ସପ୍ତଚତ୍ୱାରିଂଶତ୍-ବି. ସତଚାଳିଶ ।

ସପ୍ତତି-ବିଂ. (ସପ୍ତନ୍-ତି) ସତୁରି ।

ସପ୍ତଦଶ-ବିଂ. (ସପ୍ତନ୍-ଦଶନ୍) ସତର ସଂଖ୍ୟା ।

ସପ୍ତ-ପଦୀ-ବି. ହିନ୍ଦୁମାନଙ୍କ ବିବାହକାଳେ ଅନୁଷ୍ଠେୟ ସପ୍ତପଦ ।

ସପ୍ତମ-ବିଂ. ( ସପ୍ତନ୍-ମ ) ସାତର ପୂରଣ ।

ସପ୍ତମୀ-ବି. (ସପ୍ତମ-ଈ) ତିଥିବିଶେଷ ।

ସପ୍ତର୍ଷି-ବି. (ସପ୍ତନ୍-ଋଷି) ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ ଏହି ସାତଋଷି ।

ସପ୍ତସାଗର-ବି. ଲବଣ, ଇକ୍ଷୁ, ସୁରା, ସର୍ପି, ଦଧି, ଦୁଗ୍ଧ, ଜଳ ଏହି ସାତ ପଦାର୍ଥର ନିର୍ମିତ ସାତସମୁଦ୍ର ।

ସପ୍ତାହ-ବି. ( ସପ୍ତନ୍-ଅହନ୍) ସାତଦିନ, ହପ୍ତା ।

ସଫରୀ-ବି. ମହୁରଳିମାଛ ।

ସଫଳ-ବିଂ. ( ସ-ଫଳ ) ଫଳବିଶିଷ୍ଟ; ସିଦ୍ଧ ।

ସଫା-ବି. (ଫାର୍ସୀ) ନିର୍ମଳ ।

ସଭା-ବି. ( ସ-ଭା-କ୍ୱିପ୍-ଆ) ସମାଜ ।

ସଭାଜନ-ବି. ( ସଭାଜ୍-ଅନ) ଅଭ୍ୟର୍ଥନା ।

ସଭା-ସଦ୍-ବି. ସଭ୍ୟ, ସଦସ୍ୟ ।

ସଭ୍ୟ-ବିଂ. ( ସଭା-ଯ ) ସାମାଜିକ; ଭଦ୍ର; ବି. ସଭାସଦ୍ ।

ସମ୍-ଅ. ଏକତ୍ର, ସମ୍ୟକ୍, ମିଳନାର୍ଥ ବୋଧକ ।

ସମ-ବିଂ. (ସମ୍-ଅ) ସମାନ; ତୁଲ୍ୟ; ଅବକ୍ର ।

ସମକକ୍ଷ-ବିଂ. ତୁଲ୍ୟ; ପ୍ରତିଯୋଗୀ ।

ସମକ୍ଷ-ବିଂ. (ସମ୍-ଅକ୍ଷି) ସମ୍ମୁଖ; ପ୍ରତ୍ୟକ୍ଷ ।

ସମଗ୍ର-ବିଂ. (ସମ୍-ଗ୍ରହ୍-ଅ) ସମୁଦାୟ, ସମ୍ପୂର୍ଣ୍ଣ ।

ସମଝିବା-କ୍ରି. (ଗ୍ରାମ୍ୟ) ବୁଝିବା ।

ସମଞ୍ଜସ-ବିଂ. ( ସମ୍-ଅଞ୍ଜସ୍-ଅ ) ଉପଯୁକ୍ତ; ସଙ୍ଗତ ।

ସମ-ତଳ-ବି. ସମଦେଶ, ସମାନଭୂମି ।

ସମତା-ବି. (ସମ-ତା) ତୁଲ୍ୟତା, ସାଦୃଶ୍ୟ ।

ସମୁଦ୍ଧି-ବି. ( ସମଜା-ଗଣକ ) ନୃତ୍ୟ ଓ ବାଦ୍ୟର ଐକ୍ୟ । [ସଙ୍ଗୀ ।

ସମୁଦ୍ଧୀ-ବି. (...) ନୃତ୍ୟ ଓ ବାଦ୍ୟର

ସମଧିକ-ବିଂ. ( ସମ୍-ଅଧିକ ) ବହୁତ, ପ୍ରଚୁର, ଅତ୍ୟଧିକ । [ବୋଧ ।

ସମନ୍ୱୟ-ବି. (ସମ୍-ଅନୁ-ଇ-ଅ) ମିଳନ; ଅବି-

ସମଭିବ୍ୟାହାର-ବି. (ସମ୍-ଅଭି-ବି-ଆ-ହୃ-ଅ) ସଙ୍ଗ ।

ସମୟ-ବି. (ସମ୍-ଇ-ଅ) କାଳ; ଅବସର ।

ସମର-ବି. (ସମ୍-ଋ-ଅ) ସଂଗ୍ରାମ, ଯୁଦ୍ଧ ।

ସମର୍ଥ-ବିଂ. (ସମ୍-ଅର୍ଥ-ଅ) ବଳବାନ୍; ଯୋଗ୍ୟ ।

ସମର୍ଥନ-ବି. (ସମ୍-ଅର୍ଥ-ଅନ) ଦୃଢ଼ୀକରଣ ।

ସମର୍ପଣ-ବି. (ସମ୍-ଅର୍ପଣ) ଅର୍ପଣ; ସ୍ଥାପନ ।

ସମବାୟ-ବି. (ସମ୍-ଅବ-ଇ-ଅ) ନିତ୍ୟ ସମ୍ବନ୍ଧ; ସମୂହ ।

ସମବେତ-ବିଂ. (ସମ୍-ଅବ-ଇ-ତ) ମିଳିତ ।

ସମଷ୍ଟି-ବି. (ସମ୍-ଅଶ୍-ତି) ସମସ୍ତତା; ଯୋଗଫଳ ।

ସମସ୍ତ-ବିଂ. (ସମ୍-ଅସ୍-ତ) ସମୁଦାୟ ।

ସମସ୍ୟା-ବି. (ସମ୍-ଅସ୍-ଯ-ଆ) ପ୍ରଶ୍ନ ।

ସମାଗମ-ବି. (ସମ୍-ଆଗମ) ମିଳନ ।

ସମାଚାର-ବି. (ସମ୍-ଆଚାର) ସମ୍ବାଦ ।

ସମାଜ-ବି. (ସମ୍-ଅଜ୍-ଅ) ଦଳ; ସଭା ।

ସମାଦର-ବି. (ସମ୍-ଆଦର) ସତ୍କାର ।

ସମାଧା } ବି.(ସମ୍-ଆ-ଧା-ଅ-ଆ,ଅନ)ନିଷ୍ପତ୍ତି,
ସମାଧାନ } ସିଦ୍ଧାନ୍ତ ।

ସମାଧି-ବି. (ସମ୍-ଆ-ଧା-ଇ) ଧ୍ୟାନର ଅଂଶ; ଭୂଗର୍ଭରେ ମୃତ ଦେହର ନିଧାନ ।

ସମାନ-ବିଂ. (ସ-ମାନ) ତୁଲ୍ୟ, ଏକରୂପ ।

ସମାନ୍ତରାଳ-ବିଂ. ସମଦୂରବର୍ତ୍ତୀ ।

ସମାପନ-ବି. (ସମ୍-ଆପ୍-ଅନ) ସମାପ୍ତି ।

ସମାପିକା-ବିଂ. ସମାପ୍ତି-ବୋଧିକା ।

ସମାପିତ-ବିଂ. (ସମ୍-ଆପ୍-ଣିଚ୍-ତ) ସମାପ୍ତ ।

ସମାପ୍ତ-ବିଂ. (ସମ୍-ଆପ୍-ତ) ସମ୍ପୂର୍ଣ୍ଣ ।

ସମାପ୍ତି-ବି. (ସମ୍-ଆପ୍-ତି) ଶେଷ ।

ସମାରୋହ-ବି. (ସମ୍-ଆ-ରୁହ୍-ଅ) ଆଡ଼ମ୍ବର ।

ସମାବର୍ତ୍ତନ-ବି. ବ୍ରହ୍ମଚର୍ଯ୍ୟ ପରେ ଗୃହସ୍ଥାଶ୍ରମ-ପ୍ରବେଶ । [ଧର୍ମଶାସ୍ତ୍ର ।

ସମାବିଷ୍ଟ-ବିଂ. (ସମ୍-ଆ-ବିଶ୍-ତ) ଅଭିନିବିଷ୍ଟ,

ସମାବେଶ-ବି. ( ସମ୍-ଆ-ବିଶ୍-ଅ ) ଏକତ୍ର ଅବସ୍ଥାନ । [ଏକତ୍ରୀକରଣ ।

ସମାସ-ବି. (ସମ୍-ଅସ୍-ଅ) ସଂକ୍ଷେପ, ବହୁ ପଦର

ସମାହାର-ବି. (ସମ୍-ଆ-ହୃ-ଅ) ମିଳନ, ସଂଗ୍ରହ ।
ସମାହୃତ-ବିଂ. (ସମ୍-ଆ-ହୃ-ତ) ସଂଗୃହୀତ ।
ସମିତି-ବି. (ସମ୍-ଇ-ତି) ସଭା; ସଙ୍ଘ ।
ସମିଧ-ବି. (ସମ୍-ଇନ୍ଧ୍-ଅ) ହୋମକାଷ୍ଠ, ଜାଳିବା କାଠ ।
ସମୀକ୍ଷ୍ୟକାରୀ-ବିଂ. ( ସମ୍-ଈକ୍ଷ-ଯ-କୃ-ଇନ୍ ) ବିବେଚନାପୂର୍ବକ କାର୍ଯ୍ୟକର୍ତ୍ତା ।
ସମୀଚୀନ-ବିଂ. (ସମ୍ୟଚ୍-ଈନ) ଉତ୍ତମ; ଯଥାର୍ଥ ।
ସମୀପ-ବିଂ. (ସମ୍-ଆପ-ଅ) ସନ୍ନିକଟ, ନିକଟ ।
ସମୀର, ସମୀରଣ-ବି. (ସମ୍-ଈର୍-ଅ, ଅନ) ବାୟୁ ।
ସମୀରିତ-ବିଂ. (ସମ୍-ଈର୍-ତ) ଉଚ୍ଚାରିତ ।
ସମୁଚିତ-ବିଂ. (ସମ୍-ଉଚିତ) ଯୁକ୍ତିଯୁକ୍ତ ।
ସମୁଚ୍ଚୟ-ବି. (ସମ୍-ଉତ୍-ଚି-ଅ) ସମୂହ ।
ସମୁଦୟ, ସମୁଦାୟ-ବିଂ. (ସମ୍-ଉତ୍-ଇ-ଅ) [ସକଳ ।
ସମୁଦ୍ର-ବି. ସାଗର ।
ସମୂଳକ-ବିଂ. (ସ-ମୂଳ-କ) ସହେତୁକ ।
ସମୃଦ୍ଧ-ବି. (ସମ୍-ଋଧ୍-ତ) ଧନ, ଶ୍ରୀ ।
ସମୃଦ୍ଧି-ବି. (ସମ୍-ଋଧ୍-ତି) ଐଶ୍ୱର୍ଯ୍ୟ ।
ସମେତ-ବିଂ. (ସମ୍-ଆ-ଇ-ତ) ସଂଯୁକ୍ତ ।
ସମ୍ପତ୍, ସମ୍ପଦ-ବି. (ସମ୍-ପଦ୍-କ୍ୱିପ୍,-ଅ) ଧନ ।
ସମ୍ପନ୍ନ-ବିଂ. (ସମ୍-ପଦ୍-ତ) ଯୁକ୍ତ; ନିଷ୍ପନ୍ନ ।
ସମ୍ପର୍କ-ବି. (ସମ୍-ପୃଚ୍-ଅ) ସମ୍ବନ୍ଧ ।
ସମ୍ପା-ବି. ବିଜୁଳି ।
ସମ୍ପାତ-ବି. (ସମ୍-ପତ୍-ଅ) ପତନ ।
ସମ୍ପାଦକ-ବିଂ. (ସମ୍-ପଦ୍-ଣିଚ୍-ଅକ) କାର୍ଯ୍ୟନିର୍ବାହକ ।

ସମ୍ପାଦନ-ବି. (ସମ୍-ପଦ୍ ଣିଚ୍ ଅନ). ନିର୍ବାହ; [ସାଧନ ।
ସମ୍ପାଦିତ-ବିଂ. ନିର୍ବାହିତ ।
ସମ୍ପାଦିବା-କ୍ରି. ସମ୍ପାଦନ କରିବା ।
ସମ୍ପାଦ୍ୟ-ବିଂ. (ସମ୍-ପଦ୍-ଣିଚ୍-ଯ) ସାଧ୍ୟ; କର- [ଣୀୟ ।
ସମ୍ପୁଟକ-ବି. ଫରୁଆ ।
ସମ୍ପୂର୍ଣ୍ଣ-ବିଂ. (ସମ୍-ପୃ-ତ) ପରିପୂର୍ଣ୍ଣ; ସମସ୍ତ ।
ସମ୍ପୃକ୍ତ-ବିଂ. (ସମ୍-ପୃଚ୍-ତ) ସମ୍ବନ୍ଧ ସହିତ; ମିଳିତ ।
ସମ୍ପ୍ରତି-ଅବ୍ୟ. ଅଧୁନା, ଏବେ ।
ସମ୍ପ୍ରଦାନ-ବି. (ସମ୍-ପ୍ର-ଦା-ଅନ) ଦାନ; କାରକ-ଭେଦ । [ଦଳ ।
ସମ୍ପ୍ରଦାୟ-ବି. (ସମ୍-ପ୍ର-ଦା-ଅ) ଧର୍ମ-ସମାଜ,
ସମ୍ପ୍ରୀତି-ବି. (ସମ୍-ପ୍ରୀତି) ପରସ୍ପର ପ୍ରେମ ।
ସମ୍ବଦ୍ଧ-ବିଂ. (ସମ୍-ବନ୍ଧ-ତ) ସମ୍ବନ୍ଧଯୁକ୍ତ; ମିଳିତ ।
ସମ୍ବନ୍ଧ-ବି. (ସମ୍-ବନ୍ଧ୍-ଅ) ସମ୍ପର୍କ; କୁଟୁମ୍ବିତା ।
ସମ୍ବରଣ-ବି. ( ସମ୍-ବୃ-ଅନ ) ସଙ୍ଗୋପନ; [ଦମନ ।
ସମ୍ବର୍ଦ୍ଧି-ବି. ବର୍ଦ୍ଧନ ।
ସମ୍ବଳ-ବି. ପାଥେୟ-ଖରଚ; ସମ୍ପଦ ।
ସମ୍ବୋଧନ-ବି. (ସମ୍-ବୁଧ୍-ଅନ) ଆହ୍ୱାନ ।
ସମ୍ଭବ-ବି. ( ସମ୍-ଭୂ-ଅ ) ଜନ୍ମ; ସମ୍ଭାବନା; ବିଂ. ସମ୍ଭବ-ପର ।
ସମ୍ଭାର-ବି. (ସମ୍-ଭୃ-ଅ) ରାଶି; ସଂଗ୍ରହ ।
ସମ୍ଭାଳିବା-କ୍ରି. ସମାଳିବା, ଏକତ୍ର କରିବା ।
ସମ୍ଭାବନା-ବି. (ସମ୍-ଭୂ-ଣିଚ୍-ଅନ-ଆ) ହେବାର ଯୋଗ୍ୟତା; ପୂଜା ।
ସମ୍ଭାବ୍ୟ-ବିଂ. ( ସମ୍-ଭୂ-ଣିଚ୍-ଯ ) ହେବା ଯୋଗ୍ୟ; ପୂଜନୀୟ ।

ସମ୍ଭାଷଣ-ବି. (ସମ୍-ଭାଷ୍-ଅନ) ଆଳାପ; ଉକ୍ତି ।
ସମ୍ଭୂତ-ବିଂ. (ସମ୍-ଭୂ-ତ) ଉତ୍ପନ୍ନ, ଜାତ ।
ସମ୍ଭୃତ-ବିଂ. (ସମ୍-ଭୃ-ତ) ସଞ୍ଚିତ; ପାଳିତ ।
ସମ୍ଭୋଗ-ବି. (ସମ୍-ଭୋଗ) ଉପଭୋଗ; ସୁଖ ଭୁଞ୍ଜିବା । [ ବିଭ୍ରମ ।
ସମ୍ଭ୍ରମ-ବି. (ସମ୍-ଭ୍ରମ୍-ଅ) ସମ୍ମାନ; ଉଦ୍-ବେଗ;
ସମ୍ଭ୍ରାନ୍ତ-ବିଂ. (ସମ୍-ଭ୍ରମ୍-ତ) ମାନ୍ୟଗଣ୍ୟ; ଉଦ୍-ବିଗ୍ନ ।
ସମ୍ମତ-ବିଂ. (ସମ୍-ମନ୍-ତ) ରାଜି, ସ୍ୱୀକୃତ ।
ସମ୍ମତି-ବି. (ସମ୍-ମନ୍-ତି) ଅନୁକୂଳ ମତ; ସ୍ୱୀକାର ।
ସମ୍ମାନ-ବି. (ସମ୍-ମାନ୍-ଅ) ସମାଦର ।
ସମ୍ମାନିତ-ବିଂ. ସମାଦୃତ ।
ସମ୍ମିଳନ-ବି. (ସମ୍-ମିଳ୍-ଅନ) ମିଳନ ।
ସମ୍ମୁଖ-ବିଂ. ଅଭିମୁଖ, ସମକ୍ଷ ।
ସମ୍ମୁଖୀନ-ବିଂ. (ସମ୍ମୁଖ-ଈନ) ସମ୍ମୁଖବର୍ତ୍ତୀ ।
ସମ୍ୟକ୍-ଅଂ. ଉତ୍ତମରୂପେ ।
ସମ୍ରାଟ୍-ବି. (ସମ୍-ରାଜ୍-କ୍ୱିପ୍) ରାଜରାଜେଶ୍ୱର ।
ସର-ବି. (ସୃ-ଅ) ଦୁଗ୍ଧ ଉପରର ସାର; ତୀର; ସରୋବର ।
ସରଣ-ବି. (ସୃ-ଅନ୍) ଅନୁସରଣ ।
ସରଘା-ବି. ମହୁମାଛି ।
ସରଣୀ-ବି. (ସୃ-ଅନ-ଈ) ପଥ ।
ସରଦାର-ବି. ( ପାର୍ସୀ ) ପ୍ରଧାନ ।
ସର-ପୁଞ୍ଜି-ବି. ବିଶ୍ୱବଦେଶ ।
ସରମା-ବି. ଲଜ୍ଜା ।

ସରଳ-ବିଂ. ( ସୃ-ଅଲ ) ସିଧା ; ଅକପଟ ; ବି. ବୃକ୍ଷବିଶେଷ ।
ସ-ରସ-ବିଂ. ରସ-ଯୁକ୍ତ ; ମଧୁର ।
ସରସୀ-ବି. ( ସୃ-ଅସ-ଈ ) ସରୋବର ।
ସରସ୍ୱତୀ-ବି. ( ସରସ୍-ବତ୍-ଈ ) ବାଗ୍ଦେବୀ ; ବାଣୀ ।
ସରାଇ-ବି. ( ପାର୍ସୀ ) ପାନ୍ଥଶାଳା ।
ସରାବ-ବି. ସୁରା, ମୃତ୍ପାତ୍ର ବିଶେଷ ।
ସରି-ବିଂ. (ସଂସ୍କୃତଭବ) ତୁଲ୍ୟ ।
ସରିକି-ଅଂ. ପର୍ଯ୍ୟନ୍ତ ।
ସରିତ୍-ବି. ( ସୃ-ଇତ୍ ) ନଦୀ ।
ସରୀସୃପ-ବି. (ସୃପ୍-ଯଙ୍-ଅ) ଯେଉଁ ପ୍ରାଣୀ ବକ୍ଷ ଦ୍ୱାରା ଘୁଷୁରି ଚଳନ୍ତି, ସର୍ପାଦି ।
ସରୁ-ବିଂ. (ସୃ-ଉ) ପତଳା ; ସୂକ୍ଷ୍ମ ।
ସ-ରୂପ-ବିଂ. ତୁଲ୍ୟ ।
ସରୋଜ-ବି. (ସରସ୍-ଜନ୍-ଡ) ପଦ୍ମ ।
ସରୋଜିନୀ-ବି. ପଦ୍ମ-ବହୁଳ ପୁଷ୍କରିଣୀ ।
ସରୋବର-ବି. (ସରସ୍-ବର) ପୁଷ୍କରିଣୀ ।
ସର୍ଗ-ବି. ( ସୃଜ୍-ଅ ) ସୃଷ୍ଟି, ଅଧ୍ୟାୟ ।
ସର୍ଜ୍ଜ-ବି. ଶାଳଗଛ ।
ସର୍ଜ୍ଜନ-ବି. ( ସୃଜ୍-ଅନ ) ସୃଷ୍ଟି ।
ସର୍ପ-ବି. ( ସୃପ୍-ଅ ) ସାପ ।
ସର୍ପଣ-ବି. ( ସୃପ୍-ଅନ ) ଗମନ ।
ସର୍ବ-ବିଂ. ସକଳ ।
ସର୍ବଂସହା-ବି. ପୃଥିବୀ ।
ସର୍ବ-ଜ୍ଞ-ବିଂ. ସକଳବିଷୟ-ଜ୍ଞାତା ।

ସର୍ବତୋଭାବେ-କ୍ରି. ବି. ( ସର୍ବ-ତସ୍-ଭାବ ) ସକଳପ୍ରକାରେ ।
ସର୍ବତ୍ର-ଅ. ସବୁ ସ୍ଥାନରେ ।
ସର୍ବଥା-ଅ. ସର୍ବପ୍ରକାରେ ।
ସର୍ବଦା-ଅ. ସଦା, ସର୍ବସମୟରେ ।
ସର୍ବନାମ-ବି. ବ୍ୟାକରଣରେ ବିଶେଷ୍ୟ ପଦ-ବଦଳରେ ବ୍ୟବହୃତ ପଦ ।
ସର୍ବସ୍ୱ-ବି. ସକଳ ସମ୍ପତ୍ତି ।
ସର୍ଷପ-ବି. ସୋରିଷ ।
ସଲଖ-ବିଂ. ସିଧା ।
ସଲିଳ-ବି. ଜଳ ।
ସବନ-ବି. (ସୁ-ଅନ) ଯଜ୍ଞ; ସବିତା, ସୂର୍ଯ୍ୟ ।
ସବର୍ଣ୍ଣ-ବିଂ. ସମାନ-ଜାତି ।
ସବଳ-ବିଂ. ବଳବାନ୍ ।
ସବିତା-ବି. ( ସୁ-ତୃ ) ସୂର୍ଯ୍ୟ ; ବିଂ. ଜନୟିତା ।
ସବୁ-ବିଂ. (ସର୍ବଶବ୍ଦଜ) ସମସ୍ତ ।
ସବ୍ୟ-ବିଂ. ବାମ ।
ସବ୍ୟସାଚୀ-ବି. (ସବ୍ୟ-ସଚ୍-ଇନ୍) ବାମହସ୍ତରେ ବାଣ-କ୍ଷେପକ; ଅର୍ଜ୍ଜୁନ ।
ସଶଙ୍କ-ବିଂ. (ସ-ଶଙ୍କା) ଶଙ୍କାଯୁକ୍ତ, ଭୀତ ।
ସସତ୍ତ୍ୱା-ବିଂ. (ସ-ସତ୍ତ୍ୱ-ଆ) ଗର୍ଭବତୀ; ଗର୍ଭ- [ଣୀ ।
ସ-ସ୍ତ୍ରୀକ-ବିଂ. ପତ୍ନୀ-ସହିତ ।
ସହ-ଅ. ସହିତଶବ୍ଦବୋଧକ; ବିଂ. ସହିଷ୍ଣୁ ।
ସହକାର-ବି. ସୁଗନ୍ଧ ଆମ୍ରବୃକ୍ଷ । [କାରିଣୀ ।
ସହ-କାରୀ-ବିଂ. ସାହାଯ୍ୟକାରୀ; ସ୍ତ୍ରୀ. ସହ-
ସହ-ଚର-ବି. ସଙ୍ଗୀ; ସ୍ତ୍ରୀ. ସହଚରୀ ।

ସହଜ-ବିଂ. ( ସହ-ଜନ୍-ଅ ) ସହଜାତ; ସ୍ୱା
ସହନ-ବି. (ସହ୍-ଅନ) ସହିବା । [ଭାବିକ ।
ସହଗାମ୍-ବିଂ. (ସହ-ଅଗମ୍) ସହଯୋଗୀ ।
ସହ-ମରଣ-ବି. ମୃତପତି-ସହମରଣ ।
ସହଯୋଗୀ-ବିଂ. ସଙ୍ଗେ ଯୋଗକାରୀ ।
ସହ-ବାସ-ବି. ସଙ୍ଗ, ସଂସର୍ଗ ।
ସହସା-ଅ. ହଠାତ୍ ।
ସହସ୍ୟ-ବି. ପୌଷମାସ ।
ସହସ୍ର-ବିଂ. ଦଶଶତ ସଂଖ୍ୟା ।
ସହସ୍ରାଂଶୁ-ବି. (ସହସ୍ର-ଅଂଶୁ) ସୂର୍ଯ୍ୟ । [ପାଠୀ ।
ସହାଧ୍ୟାୟୀ-ବି. ( ସହ-ଅଧି-ଇ-ଇନ୍ ) ସହ-
ସହାନୁଭୂତି-ବି. ( ସହ-ଅନୁ-ଭୂ-ତି ) ପରର ସୁଖଦୁଃଖରେ ଆତ୍ମୀୟ ଅନୁଭବ ।
ସହାୟ-ବି. (ସହ-ଇ-ଅ) ସାହାଯ୍ୟକାରୀ ।
ସହିତ-ବିଂ. ସଂଯୁକ୍ତ ।
ସ-ହିତ-ବିଂ. ହିତଯୁକ୍ତ ।
ସହିଷ୍ଣୁ-ବିଂ. ( ସହ-ଇଷ୍ଣୁ ) ସହନଶୀଳ ।
ସହୃଦୟ-ବିଂ. ଉଦାରଚିତ୍ତ ।
ସହୋଦର, ସୋଦର-ବି. (ସହ, ସ-ଉଦର) ଏକମାତୃ ଗର୍ଭଜାତ । ସ୍ତ୍ରୀ. ସହୋଦରା ।
ସହ୍ୟ-ବିଂ. (ସହ-ଯ) ସହନୀୟ ।
ସାଂବତ୍ସରିକ-ବିଂ. (ସଂବତ୍ସର-ଇକ) ବାର୍ଷିକ ।
ସାଂସାରିକ-ବିଂ. ( ସଂସାର-ଇକ ) ସଂସାର-
ସାକଲ୍ୟ-ବି. (ସକଳ-ଯ) ସମସ୍ତ । [ସମ୍ବନ୍ଧୀୟ ।
ସାକାର-ବିଂ. (ସ-ଆକାର) ଆକୃତି-ବିଶିଷ୍ଟ ।
ସାକାର-ପୂଜା-ବି. ଈଶ୍ୱରଙ୍କର ଆକାରକଳ୍ପନାପୂର୍ବକ ପ୍ରତିମା-ପୂଜା ।

ସାକେତ-ବି. ଅଯୋଧ୍ୟା ନଗର ।

ସାକ୍ଷାତ-ବି. ଦର୍ଶନ । [ରୂପେ ।

ସାକ୍ଷାତ୍-ଅ. ( ସ-ଅକ୍ଷି-ଅତ୍ ବୃଦ୍ଧ ) ପ୍ରତ୍ୟକ୍ଷ-

ସାକ୍ଷାତ୍କାର-ବି. ଦେଖା କରିବା ।

ସାକ୍ଷୀ-ବି. (ସ-ଅକ୍ଷି-ଇନ୍) ସାକ୍ଷାଦ୍ଦ୍ରଷ୍ଟା ।

ସାକ୍ଷ୍ୟ-ବି. (ସାକ୍ଷିନ୍-ଯ) ସାକ୍ଷୀର କର୍ମ ବା ବକ୍ତବ୍ୟ ।

ସାଗର-ବି. ସମୁଦ୍ର । [ସୂଚକ ।

ସାଙ୍କେତିକ-ବି. (ସଂକେତ-ଇକ) ସଙ୍କେତ-

ସାଙ୍ଖ୍ୟ-ବି. (ସଂଖ୍ୟା-ଯ) ଦର୍ଶନଶାସ୍ତ୍ରବିଶେଷ ।

ସାଙ୍ଗ-ବି. (ସ-ଅଙ୍ଗ) ସଂପୂର୍ଣ୍ଣ ।

ସାଂଘାତିକ-ବି. (ସଂଘାତ-ଇକ) ମାରାତ୍ମକ ।

ସାଟୋପ-ବି. (ସ-ଆଟୋପ) ସାଡ଼ମ୍ବର; ସଦର୍ପ

ସାତିଶୟ-ବି. (ସ-ଅତିଶୟ) ଅତ୍ୟନ୍ତ ।

ସାତ୍ତ୍ୱିକ-ବି. (ସତ୍ତ୍ୱ-ଇକ) ସତ୍ତ୍ୱଗୁଣଯୁକ୍ତ; ସରଳ ।

ସାଦରେ-କ୍ରି. ବି. ଆଦରସହିତ ।

ସାଦୀ-ବି. (ସଦ୍-ଇନ୍) ଅଶ୍ୱାରୋହୀ; ରଥାରୋହୀ ।

ସାଦୃଶ୍ୟ-ବି. (ସଦୃଶ-ଯ) ତୁଲ୍ୟତା ।

ସାଧକ-ବି. (ସାଧ୍-ଅକ) ସାଧନକର୍ତ୍ତା ।

ସାଧନ, ସାଧନା-ବି. ସମ୍ପାଦନ ; ଆରାଧନା;
ଉପାୟ । [ଜାତ୍ୟ ।

ସାଧାରଣୀ-ବି. ସାମାନ୍ୟ ; ସର୍ବସାଧାରଣ-ସମ୍-

ସାଧୁତା-ବି. ଶ୍ଳାଘ୍ୟ; ଯମ-ଶବ୍ଦାଦି ଉଲ୍ଲଙ୍ଘନ ।

ସାଧୁ-ବି. ( ସାଧ୍-ଉ ) ସନ୍ତ; ଧାର୍ମିକ; ଉତ୍ତମ;

ସାଧୁବାଦ-ବି. ପ୍ରଶଂସା । [ବି. ବଣିକ୍ ।

ସାଧ୍ୟ-ବି. (ସାଧ୍-ଯ) ସାଧନୀୟ; ନିଷ୍ପାଦନୀୟ ଶକ୍ୟ ।

ସାଧ୍ୱସ-ବି. ଭୟ ।

ସାଧ୍ୱୀ-ବି. (ସାଧୁ-ଈ) ସାଧୁଶୀଳା; ସତୀ ।

ସାନୁ-ବି. ପର୍ବତ-ପୃଷ୍ଠ ; ପର୍ବତର ଉପରିସ୍ଥ
ସମାନ ଭୂମି ।

ସାନୁନୟ-ବି. (ସ-ଅନୁନୟ) ସବିନୟ ।

ସାନ୍ତ-ବି. (ସ-ଅନ୍ତ) ସସୀମ । [ପ୍ରବୋଧ ।

ସାନ୍ତ୍ୱନ, ସାନ୍ତ୍ୱନା-ବି. (ସାନ୍ତ୍ୱ-ଅନ, ଆ, ଆଶ୍ୱାସ,

ସାନ୍ଦ୍ର-ବି. ନିବିଡ଼, ଘନ ।

ସାନ୍ଧ୍ୟ-ବି. (ସନ୍ଧ୍ୟା-ଯ) ସନ୍ଧ୍ୟାର କୃତ୍ୟ ।

ସାନ୍ନିଧ୍ୟ-ବି. (ସନ୍ନିଧି-ଯ) ନୈକଟ୍ୟ ।

ସାନ୍ନିପାତିକ-ବି. ତ୍ରିଦୋଷ ସମ୍ବନ୍ଧୀୟ ।

ସାପେକ୍ଷ-ବି. (ସ-ଅପେକ୍ଷା) ଅପେକ୍ଷାଯୁକ୍ତ ।

ସାଫଲ୍ୟ-ବି. (ସଫଳ-ଯ) ସଫଳତା, ସିଦ୍ଧି ।

ସାମ-ବି. ବେଦବିଶେଷ; ସନ୍ଧି ।

ସାମଞ୍ଜସ୍ୟ-ବି. (ସମଞ୍ଜସ-ଯ) ମେଳ ।

ସାମନ୍ତ-ବି. ଅଧୀନ ନୃପତି; ଶ୍ରେଷ୍ଠ ଯୋଦ୍ଧା ।

ସାମୟିକ-ବି. (ସମୟ-ଇକ) ସମୟାନୁସାର ।

ସାମରିକ-ବି. ସମର-ସମ୍ବନ୍ଧୀୟ ।

ସାମର୍ଥ୍ୟ-ବି. (ସମର୍ଥ-ଯ) ବଳ, ଶକ୍ତି ।

ସାମାଜିକ-ବି. ( ସମାଜ-ଇକ ) ସମାଜସମ୍ବନ୍ଧୀୟ; ସଭାସଦ ।

ସାମାନ୍ୟ-ବି. (ସମାନ-ଯ) ସାଧାରଣ ।

ସାମୀପ୍ୟ-ବି. (ସମୀପ-ଯ) ନୈକଟ୍ୟ ।

ସାମ୍ୟ-ବି. (ସମ-ଯ) ସମତା, ତୁଲ୍ୟତା ।

ସାମ୍ରାଜ୍ୟ-ବି. ( ସମ୍ରାଟ୍-ଯ ) ସାର୍ବଭୌମତ୍ୱ;
ସମ୍ରାଟର ଅଧୀନ ସମସ୍ତ ରାଜ୍ୟ ।

ସାୟଂକାଳ—ବି. ସନ୍ଧ୍ୟାକାଳ ।
ସାୟନ୍ତନ—ବି. ସନ୍ଧ୍ୟାକାଳୀନ ।
ସାୟାହ୍ନ—ବି. (ସାୟ-ଅହନ୍) ସନ୍ଧ୍ୟାକାଳ ।
ସାୟୁଜ୍ୟ—ବି. ( ସ-ଯୁଜ-ଯ ) ସହଯୋଗ; ଏକତ୍ୱ । [ବି. ଉକ୍ତି ।
ସାର—ବି. ( ସୃ-ଅ ) ଶ୍ରେଷ୍ଠ ଅଂଶ; ମଜ୍ଜା;
ସାରଙ୍ଗ—ବି. (ସୃ-ଅଙ୍ଗ-ଅଚ୍) ଚାତକ ।
ସାରଙ୍ଗୀ—ବି. ମୃଗ; ଚାତକ; ଧନୁ ।
ସାରଥି—ବି. ( ସ-ରଥ-ଇଞ୍ ) ରଥ-ଚାଳକ ।
ସାରଥ୍ୟ—ବି. ସାରଥିର କର୍ମ ।
ସାରଦା—ବି. ସରସ୍ୱତୀ, ଦୁର୍ଗା ।
ସାରମେୟ—ବି. କୁକୁର; ସ୍ତ୍ରୀ. ସାରମେୟୀ ।
ସାରଲ୍ୟ—ବି. (ସରଳ-ଯ) ସରଳତା ।
ସାରବତ୍ତା—ବି. (ସାର-ବତ୍-ତା) ସାର-ପୂର୍ଣ୍ଣ-ତା, ଉତ୍କୃଷ୍ଟତା । [ବିଶେଷ; ସତ୍ୟ ।
ସାରସ—ବି. (ସରସ୍-ଅ) ଜଳଚର ବୃହତ୍ ପକ୍ଷୀ-
ସାରସ୍ୱତ—ବି. (ସରସ୍ୱତୀ-ଅ) ସରସ୍ୱତୀ-ସମ୍ବନ୍ଧୀୟ; ବିଦ୍ୟା-ସମ୍ବନ୍ଧୀୟ; ସରସ୍ୱତୀ-ନଦୀ-ସମ୍ବନ୍ଧୀୟ ।
ସାର୍ଥ—ବି. ବଣିକସଙ୍ଘ ।
ସାର୍ଥକ—ବି. (ସ-ଅର୍ଥ-କ) ଅର୍ଥଯୁକ୍ତ; ସଫଳ ।
ସାର୍ଥକତା-ସମ୍ପାଦନ—ବି. ସାଫଲ୍ୟ-ସାଧନ ।
ସାର୍ଥକ-ନାମା—ବି. ସହକାର୍ଯ୍ୟଦ୍ୱାରା ପ୍ରକୃତ-
ସାର୍ଦ୍ଧ—ବି. ଅର୍ଦ୍ଧସହିତ । [ନାମା ।
ସାର୍ବଜନୀନ—ବି. (ସର୍ବଜନ-ଈନ) ସାର୍ବଲୌକିକ; ସର୍ବଜନ-ସମ୍ବନ୍ଧୀୟ ।
ସାର୍ବଭୌମ—ବି. (ସର୍ବଭୂମି-ଅ) ସମ୍ରାଟ୍‌ଚକ୍ରବର୍ତ୍ତୀ ।
ସାଲୋକ୍ୟ—ବି. (ସ-ଲୋକ-ଯ) ସମାନଲୋକରେ ବାସ । [ମହାତ୍ମାଯୋଗୀ ।
ସାବଧାନ—ବି. ( ସ-ଅବ-ଧା-ଅନ ) ସତର୍କ;
ସାବନ—ବି. (ସବନ-ଅ) ଯଜ୍ଞସମ୍ବନ୍ଧୀୟ; ସୂର୍ଯ୍ୟ-ସମ୍ବନ୍ଧୀୟ । [ସଭା ।
ସାବିତ୍ରୀ—ବି. ଗାୟତ୍ରୀ; ସୂର୍ଯ୍ୟ ଦେବତା ମହା-
ସାଶ୍ରୁ—ବି. ( ସ-ଅଶ୍ରୁ ) ଅଶ୍ରୁ-ଯୁକ୍ତ । [ସ୍ୱତା ।
ସାହଚର୍ଯ୍ୟ—ବି. ( ସହଚର-ଯ ) ସଙ୍ଗ; ସହା-
ସାହସ—ବି. (ସହସ୍-ଅ) ଉତ୍ସାହ; ନିର୍ଭୀକତା ।
ସାହସିକ, ସାହସୀ—ବି. ସାହସପୂର୍ବକ କର୍ମ-କାରୀ । [ଯୁକ୍ତ ।
ସାହାଯ୍ୟ—ବି. (ସହାୟ-ଯ) ସହାୟତା; ଅନୁ-
ସାହିତ୍ୟ—ବି. (ସହିତ-ଯ) ସଂଯୋଗ; କାବ୍ୟ ଶାସ୍ତ୍ର ସମ୍ପ୍ରଦାୟ । [ଗ୍ରହଣ ।
ସାହିତ୍ୟିକ—ବି. ସାହିତ୍ୟ-ସେବକ; କାବ୍ୟରସଜ୍ଞ ।
ସିଲ୍ବା—କ୍ରି. ( ଶାକ୍ଷାତ୍କାର ) ଶୁଚିଦ୍ରବ୍ୟ କର୍ମ କରିବା । [ସ୍ତ୍ରୀ. ସିଂହୀ ।
ସିଂହ—ବି. ( ହିନ୍ସ୍-ଅ ) କେଶରୀ, ମୃଗରାଜ;
ସିଂହଳ—ବି. ଲଙ୍କା । [ଦୁର୍ଗା ।
ସିଂହ-ବାହିନୀ—ବି. ସିଂହରୂପ ବାହନ-ଯୁକ୍ତା,
ସିଂହାସନ—ବି. ସିଂହ-ଚିହ୍ନିତ ଆସନ, ରାଜାସନ ।
ସିକତା—ବି. ବାଲୁକା ।
ସିକତିଲ—ବି. ବାଲୁକାମୟ ।
ସିକ୍ତ—ବି. (ସିଚ୍-ତ) ଆର୍ଦ୍ରୀକୃତ ।
ସିକ୍ଥ—ବି. ମହମ; ସିଠା ।
ସିଞ୍ଚନ—ବି. (ସିଚ୍-ଅନ) ଜଳସେଚନ ।

ସିଠା-ବି. (ଶିଷ୍ଟଗତଜ) ଅସାର ଅଂଶ ।
ସିଠ ବି. ଶୁଷ୍କ ।
ସିଢ଼ା-ବି. ପୂର୍ବସ୍ଥ ।
ସିତାଂଶୁ-ବି. (ସିତ-ଅଂଶୁ) ଚନ୍ଦ୍ର ।
ସିତାରି-ବି. ତନ୍ତ୍ରୀଯୁକ୍ତ ବାଦ୍ୟ-ଯନ୍ତ୍ର ।
ସିଦ୍ଧ-ବି. (ସିଧ୍-ତ) ଫଳିତ; ମୁକ୍ତ; ସାଧ୍ୟ, ସମ୍ପନ୍ନ ।
ସିଦ୍ଧାନ୍ତ-ବି. (ସିଦ୍ଧ-ଅନ୍ତ) ମୀମାଂସା ।
ସିଦ୍ଧାର୍ଥ-ବି. ସିଦ୍ଧମନୋରଥ; ବି. ବୁଦ୍ଧଦେବ ।
ସିଦ୍ଧି-ବି. ସଫଳତା; କଳ୍ପବୃକ୍ଷ ।
ସିଧା-ବି. ସରଳ ।
ସିନ୍ଦୁକ-ବି. କାଷ୍ଠମଞ୍ଜୁଷା ।
ସିନ୍ଦୂର-ବି. ସୀସକ-ପ୍ରସ୍ତୁତ ରକ୍ତବର୍ଣ୍ଣ ଚୂର୍ଣ୍ଣ ।
ସିନ୍ନି-ବି. ଘିଅ ଚାଉଳରେ କ୍ଷୀର-ମର୍ଦ୍ଦନ ଖାଦ୍ୟ ।
ସିନ୍ଧୁ-ବି. ସମୁଦ୍ର; ନଦୀବିଶେଷ; ଦେଶବିଶେଷ ।
ସିନ୍ଧୁ-ସୁତା-ବି. ଲକ୍ଷ୍ମୀ ।
ସିପାହି-ବି. ସୈନିକ । [ରକ୍ଷା ।
ସିସୃକ୍ଷା-ବି. ( ସୃଜ-ସନ୍-ଅ-ଆ ) ସୃଷ୍ଟି କରିବାର
ସୀତା-ବି. ଜନକନନ୍ଦିନୀ; ଲାଙ୍ଗଳ ।
ସୀଧୁ ବି. ମଦ୍ୟ ।
ସୀମନ୍ତ-ବି. ସିନ୍ଥି; କେଶରଚନା ।
ସୀମନ୍ତିନୀ-ବି. (ସୀମନ୍ତ-ଇନ୍-ଈ) ନାରୀ ।
ସୀମା-ବି. ଅବଧି, ଅନ୍ତ ।
ସୀମାନ୍ତ-ବି. (ସୀମା-ଅନ୍ତ) ଶେଷ ସୀମା ।
ସୀମାବଦ୍ଧ-ବି. ସୀମାବେଷ୍ଟିତ ।
ସୀବନ-ବି. (ସିବ୍-ଅନ) ସୂକ୍ଷ୍ମକର୍ମ ।
ସୀସକ-ବି. ସୀସା, ଧାତୁ-ବିଶେଷ ।

ସୁ-ଅ. ଉତ୍ତମ; ଅତିଶୟ; ଅନାୟାସ ।
ସୁଅଗି-ବି. ( ସୁଅଗ୍ନିଦଗ୍ଧ ) ଅତ୍ୟନ୍ତ ସ୍ନେହା-
ସୁ-କର-ବି. ( ସୁ-କୃ-ଅ ) ସୁସାଧ୍ୟ । [ଭରା ।
ସୁ-କୁମାର-ବି. ଅତିକୋମଳ ।
ସୁ-କୁମାରୀ-ବି. ଅତିକୋମଳା ।
ସୁ-କୃତ-ବି. ପୁଣ୍ୟ; ଧର୍ମକାର୍ଯ୍ୟ ।
ସୁ-କୃତି-ବି. ସତ୍କର୍ମ । [illegible]
ସୁ-କୃତୀ-ବି. ( ସୁ-କୃତ-ଇନ୍ ) ପୁଣ୍ୟବାନ୍,
ସୁଖ-ବି. ଆନନ୍ଦ, ହର୍ଷ ।
ସୁଖୀ-ବି. (ସୁଖ-ଇନ୍) ସୁଖଯୁକ୍ତ, ଆନନ୍ଦିତ ।
ସୁଗତ-ବି. ବୁଦ୍ଧଦେବ । [ଯୁକ୍ତ ।
ସୁ-ଗନ୍ଧ-ବି. ଉତ୍ତମ ଗନ୍ଧ; ବି. ଉତ୍ତମଗନ୍ଧ-
ସୁ-ଗନ୍ଧି ବି. ସୁରଭି ।
ସୁ-ଗମ-ବି. ଅନାୟାସଲଭ୍ୟ; ସହଜ ।
ସୁ-ଚତୁର-ବି. ଅତିନିପୁଣ ।
ସୁ-ଚିର-ବି. ସର୍ବକାଳସ୍ଥାୟୀ ।
ସୁ-ଜନ-ବି. ସଜ୍ଜନ ।
ସୁଝିବା-କ୍ରି. (ଶୁଧ୍ଧାତୁରୁ) ପରିଶୋଧ କରିବା ।
ସୁଡ଼ଙ୍ଗ-ବି. ମାଟିତଳରେ ନିର୍ମିତ ପଥ ।
ସୁତ-ବି. ( ସୂ-ତ ) ପୁତ୍ର ।
ସୁତକ-ବି. ସନ୍ତାନଜନ୍ମ ହେତୁରୁ ଅଶୌଚ ।
ସୁତା-ବି. କନ୍ୟା ।
ସୁଦର୍ଶନ-ବି. ବିଷ୍ଣୁଙ୍କର ଚକ୍ର; ବି. ପ୍ରିୟଦର୍ଶନ ।
ସୁଧର୍ମା-ବି. ଦେବସଭା ।
ସୁଧା-ବି. ( ସୁ-ଧେ-ଅ-ଆ ) ଅମୃତ; ଚୂନ ।

ସୁଧାଂଶୁ-ବି. (ସୁଧା-ଅଂଶୁ) ସୁଧାକର, ଚନ୍ଦ୍ର ।
ସୁଧୀ-ବି. (ସୁ-ଧୀ) ପଣ୍ଡିତ, ବିଦ୍ୱାନ୍ ।
ସୁନା-ବି. (ସ୍ୱର୍ଣ୍ଣଶବ୍ଦଜ) ସ୍ୱର୍ଣ୍ଣ । [ବଣେଇ ।
ସୁନାରୀ-ବି. (ସ୍ୱର୍ଣ୍ଣକାରଶବ୍ଦଜ) ସ୍ୱର୍ଣ୍ଣକାର ; ସ୍ୱର୍ଣ୍ଣ-
ସୁନାସୀର-ବି. ଇନ୍ଦ୍ର ।
ସୁନିଧି-ବି. ଯାଜପୁରର ଏକ ବ୍ରାହ୍ମଣ; ଓଡ଼ିଆ
ଭାଷାର ଅଭିଧାନକର୍ତ୍ତାଙ୍କର ପ୍ରଥମ ଲେଖକ ।
ସୁନ୍ଦର ବି. (ସୁନ୍ଦ-ଅର) ସୁରୂପ; ଶୋଭନ,
ସୁ-ପର୍ଣ୍ଣ-ବି. ଗରୁଡ଼; ପକ୍ଷୀ । [ସ୍ତ୍ରୀ-ସୁନ୍ଦରୀ ।
ସୁପ୍ତ-ବି. (ସ୍ୱପ୍-ତ) ନିଦ୍ରିତ ।
ସୁପ୍ତି-ବି. (ସ୍ୱପ୍-ତି) ନିଦ୍ରା ।
ସୁମ-ବି. କୁସୁମ, ପୁଷ୍ପ । [ସୁଶୋଭ ।
ସୁବିଧା-ବି. (ସୁ-ବିଧା) ଉତ୍ତମ ପ୍ରକାର,
ସୁ ବୁଦ୍ଧି, ସୁ-ବୋଧ-ବି. ଉତ୍ତମ ବୁଦ୍ଧିଶାଳୀ ।
ସୁବୋଧ୍ୟ-ବି. (ସୁ-ବୋଧ୍ୟ) ଅନାୟାସବୋଧ୍ୟ ।
ସୁ-ଭଗ ବି. ସୁନ୍ଦର; ଭାଗ୍ୟବାନ୍; ପ୍ରିୟ ।
ସୁଭଦ୍ରା-ବି. ଅର୍ଜ୍ଜୁନପତ୍ନୀ ।
ସୁଭିକ୍ଷ-ବି. ପ୍ରଚୁର ଭକ୍ଷ୍ୟଦ୍ରବ୍ୟ କାଳ ।
ସୁ ଭ୍ରୂ-ବି. ସୁନ୍ଦର ଭ୍ରୂଯୁକ୍ତ ।
ସୁ-ମତି-ବି. ସୁନ୍ଦର ମତିଯୁକ୍ତ ; ବି. ଉତ୍ତମ ମତ ।
ସୁ-ମଧ୍ୟମା ବି. ଉତ୍ତମ-କଟିବିଶିଷ୍ଟ ।
ସୁ-ମନ-ବି. ପୁଷ୍ପ ଦେବତା ।
ସୁମରିବା-କ୍ରି. (ସ୍ମୃ-ଧାତୁଜ) ସ୍ମରଣ କରିବା ।
ସୁ-ମେରୁ-ବି. କଳ୍ପିତ ମହାପର୍ବତବିଶେଷ; ପୃଥ୍ୱୀ-
ସୁଯୋଗ-ବି. ସୁବିଧା । [କାର ଉତ୍ତର ପ୍ରାନ୍ତ ।
ସୁର-ବି. ଦେବ; ସୂର୍ଯ୍ୟ; ପଣ୍ଡିତ ।

ସୁର-ଗୁରୁ-ବି. ବୃହସ୍ପତି ।
ସୁ-ରତି-ବି. ଅତ୍ୟନ୍ତ ଅନୁରକ୍ତ; ବି. ରମଣ ।
ସୁର-ଧୁନୀ-ବି. ଗଙ୍ଗା ।
ସୁରଭି-ବି. ସୁଗନ୍ଧ; ବି. ଦେବଗାଭୀ ।
ସୁରଭିତ-ବି. ସୁଗନ୍ଧିତ ।
ସୁ-ରସ-ବି. ସୁସ୍ୱାଦୁ, ମିଷ୍ଟ ।
ସୁରା-ବି. ମଦ୍ୟ, ମଦିରା ।
ସୁରେନ୍ଦ୍ର-ବି. ଦେବରାଜ, ଇନ୍ଦ୍ର ।
ସୁଲଭ-ବି. ଅନାୟାସଲଭ୍ୟ ।
ସୁ-ବର୍ଣ୍ଣ-ବି. ସୁନ୍ଦରବର୍ଣ୍ଣଯୁକ୍ତ; ବି. ସ୍ୱର୍ଣ୍ଣ, ସୁନା ।
ସୁ-ବାସ-ବି. ସୌରଭ; ଉତ୍ତମ ବାସସ୍ଥାନ ।
ସୁ-ବାସିତ-ବି. (ସୁବାସ-ଇତ) ସୁଗନ୍ଧଯୁକ୍ତ ।
ସୁ-ବାସିନୀ-ବି. ସୁବାସଯୁକ୍ତା ସ୍ତ୍ରୀ; ସଧବା ସ୍ତ୍ରୀ ।
ସୁବେଦାର-ବି. (ପାର୍ସୀ) ଉଚ୍ଚ ସୈନ୍ୟକର୍ମଚାରୀ ।
ସୁଶୀଳ-ବି. ସୁଚରିତ୍ର ।
ସୁଶ୍ରାବ୍ୟ-ବି. (ସୁ-ଶ୍ରୁ-ଯ) ଶ୍ରବଣମଧୁର ।
ସୁ-ଶ୍ରୀ-ବି. ସୁରୂପ, ସୁନ୍ଦର ।
ସୁଷମ-ବି. (ସୁ-ସମ) ସୁନ୍ଦର ।
ସୁଷମା-ବି. ଅତିଶୟ ଶୋଭା ।
ସୁଷିର-ବି. ବିବର ।
ସୁଷୁପ୍ତି-ବି. (ସୁ-ସ୍ୱପ୍-ତି) ଗାଢ଼ ନିଦ୍ରା ।
ସୁଷୁମ୍ନା-ବି. ମେରୁଦଣ୍ଡସ୍ଥ ନାଡ଼ୀ ।
ସୁ-ସଜ୍ଜିତ-ବି. ଉତ୍ତମରୂପେ ସଜ୍ଜିତ ।
ସୁ-ସାର-ବି. ସତ୍ତ୍ୱ; ସୁରସଯୁକ୍ତ ।
ସୁସ୍ଥ-ବି. (ସୁ-ସ୍ଥା-ଅ) ନୀରୋଗ; ସୁଖିତ ।
ସୁହୃଦ-ବି. (ସୁ-ହୃଦ୍) ସଖା, ମିତ୍ର ।

ସୂକ୍ତି-ବି. (ସୁ-ଉକ୍ତି) ଉତ୍ତମ କଥନ । [ଅନୁ ।
ସୂକ୍ଷ୍ମ-ବିଂ. (ସୂଚ୍-ସ୍ମ) ସରୁ; ଅଳ୍ପ; ଅତୀନ୍ଦ୍ରିୟ;
ସୂକ୍ଷ୍ମଦର୍ଶୀ-ବିଂ. ସୁବିଚକ୍ଷଣ ।
ସୂଚକ-ବିଂ. (ସୂଚ୍-ଅକ) ଜଣାଉ । [ଖଳ ।
ସୂଚନା-ବି. ( ସୂଚ-ଅନ-ଆ ) ପ୍ରକାଶ ଦ୍ୱାରା
ସୂଚି, ସୂଚୀ-ବି. ଛୁଞ୍ଚ ।
ସୂଚିକ-ବି. ଦରଜି ।
ସୂଚିତ-ବିଂ. ସଙ୍କେତ ଦ୍ୱାରା ଜଣାଇତ ।
ସୂଚୀ-ପତ୍ର-ବି. ନିର୍ଘଣ୍ଟ ।
ସୂତ-ବିଂ. (ସୂ-ତ) ପ୍ରସୂତ, ଜାତ ।
ସୂତା-ବି. ସୂତ୍ର ।
ସୂତିକା-ବି. ନବପ୍ରସୂତା ସ୍ତ୍ରୀ ।
ସୂତିକାଗାର-ବି. ପ୍ରସବଗୃହ । [ନିସ୍ତବାଦ ।
ସୂତ୍ର-ବି. ( ସୂତ୍ର-ଅ ) ସୂତା; ଶାସ୍ତ୍ରର ସଂକ୍ଷିପ୍ତ
ସୂତ୍ରଧର } ବି. (ସୂତ୍ର-ଧୃ-ଅ) ନାଟ୍ୟପ୍ରସ୍ତାବକ;
ସୂତ୍ରଧାର } ବଢ଼େଇ ।
ସୂତ୍ର-ପାତ-ବି. ସୂତାପକାଇବା; ଆରମ୍ଭର ସୂଚନା ।
ସୂଦନ-ବିଂ. (ସୂଦ୍-ଅନ) ବଧ କର ।
ସୂନା-ବି. କସେଇଶାଳା ।
ସୂନୁ-ବି. (ସୂ-ନୁ) ପୁତ୍ର ।
ସୂନୃତ-ବି. ସତ୍ୟ ଓ ପ୍ରିୟ-ବାକ୍ୟ ।
ସୂପ-ବି. ଡାଲି ।
ସୂପକାର-ବି. ସୁଆର; ରନ୍ଧନକର୍ତ୍ତା, ପାଚକ ।
ସୂରି-ବି. ସୂର୍ଯ୍ୟ; ପଣ୍ଡିତ ।
ସୂରୀ-ବି. ବୁଧ; ପଣ୍ଡିତ ।

ସୂର୍ପ-ବି. କୁଲା ।
ସୂର୍ଯ୍ୟ-ବି. (ସୃ-ଯ) ଦିବାକର ।
ସୂର୍ଯ୍ୟକାନ୍ତ-ବି. ମଣିବିଶେଷ ।
ସୂର୍ଯ୍ୟ-ମୁଖୀ-ବି. ପୁଷ୍ପବିଶେଷ ।
ସୃଜନ-ବି. (ସୃଜ୍-ଅନ) ସୃଷ୍ଟି ।
ସୃଷ୍ଟ-ବିଂ. (ସୃଜ୍-ତ) ନିର୍ମିତ, ରଚିତ ।
ସୃଷ୍ଟି-ବି. (ସୃଜ୍-ତି) ନିର୍ମାଣ, ରଚନା ।
ସେ-ସଂ. ସେହି ।
ସେକ-ବି. (ସିଚ୍-ଅ) ସେଚନ ।
ସେକିବା-କ୍ରି. ତାପ ଦେବା । [ଦେଶ ।
ସେଚନ-ବି (ସିଚ୍-ଅନ) ସିଞ୍ଚନ; ପାଣି ମଣ୍ଡେ-
ସେଣା-ବି. କ୍ଷେତକୁ ପାଣି ବାହିବାର ଯନ୍ତ୍ର ।
ସେତୁ-ବି. ଜଳବନ୍ଧ ।
ସେନା-ବି. ସୈନ୍ୟଦଳ ।
ସେନା-ନିବେଶ-ବି. ଶିବିର, ଛାଉଣୀ ।
ସେନାନୀ-ବି. ସେନାପତି । [ଉଃ ନି) ।
ସେର-ବି. ଓଜନ ଓ ପରିମାଣବିଶେଷ (୧୬
ସେବକ-ବି. (ସେବ୍-ଅକ) ପରିଚାରକ ।
ସେବନ-ବି. (ସେବ୍-ଅନ) ସେବା; ଉପଭୋଗ ।
ସେବା-ବି. (ସେବ୍-ଅ-ଆ) ପରିଚର୍ଯ୍ୟା, ସେବନ ।
ସେବିତ-ବିଂ. (ସେବ୍-ତ) ଆଶ୍ରିତ, ଭୁକ୍ତ ।
ସେବ୍ୟ-ବିଂ. (ସେବ୍-ଯ) ସେବନୀୟ; ପରିଚର୍ଯ୍ୟା-
ଯୋଗ୍ୟ ।
ସୈକତ-ବି. ( ସିକତା-ଅ ) ବାଲୁକାମୟ ତଟ,
ପୁଳିନ । [ବାର୍ଦ୍ଧି ।
ସୈନାପତ୍ୟ-ବି. (ସେନାପତି-ଯ) ସେନାପତିତ୍ୱ
ସୈନିକ-ବିଂ. (ସେନା-ଇକ) ସେନାଦଳଭୁକ୍ତ ।

ସୈନ୍ଧବ-ବି., ( ସିନ୍ଧୁ-ଅ ) ସିନ୍ଧୁଦେଶୀୟ; ବି. ସମୁଦ୍ରଜାତ ଲବଣ ।
ସୈନ୍ୟ-ବି. (ସେନା-ଯ) ସେନା ।
ସୈରିନ୍ଧ୍ରୀ-ବି. ପରଗୃହସ୍ଥିତା ସ୍ୱାଧୀନା ଶିଳ୍ପ-
ସୋଟା-ବି. ମୋଟ ଯଷ୍ଟି । [କାରିଣୀ ।
ସୋଢ଼ୁଅ-ବି. ଶାଣି ଦେବାକାର କରିବାକାର
ସୋପାନ-ବି. ଆରୋହଣୀ, ସିଢ଼ି । [ପାଷ ।
ସୋମ-ବି. ଚନ୍ଦ୍ର; ସୋମଲତାର ରସ ।
ସୋରଷ-ବି. ସର୍ଷପ ।
ସୋହାଗା-ବି. ଟାଙ୍କଣ ।
ସୌକର୍ଯ୍ୟ-ବି. (ସୁକର-ଯ) ସୁସାଧ୍ୟତା ।
ସୌକୁମାର୍ଯ୍ୟ-ବି. (ସୁକୁମାର-ଯ) କୋମଳତା ।
ସୌଶୀନ-ବି. (ସୁଖ-ଈନ) ବଡ଼ଲୋକୀ ।
ସୌଖ୍ୟ-ବି. (ସୁଖ-ଯ) ସୁଖସମୂହ ।
ସୌଗନ୍ଧିକ-ବି. (ସୁଗନ୍ଧ-ଇକ) ନୀଳବର୍ଣ୍ଣ ।
ସୌଜନ୍ୟ-ବି. (ସୁଜନ-ଯ) ସାଧୁତା, ଭଦ୍ରତା ।
ସୌଦାମିନୀ-ବି. ବିଦ୍ୟୁତ୍ । [ପ୍ରାସାଦ ।
ସୌଧ-ବି. ( ସୁଧା-ଅ ) ସୁଧା-ଧବଳିତ ଗୃହ,
ସୌନିକ-ବି. (ସୂନା-ଇକ) କଶାଇ ।
ସୌନ୍ଦର୍ଯ୍ୟ-ବି. (ସୁନ୍ଦର-ଯ) ଶୋଭା । [ଭାଗ୍ୟ ।
ସୌଭାଗ୍ୟ-ବି. ( ସୁଭଗ-ଯ ) ସୁ-ଦଶା; ଶୁଭ
ସୌଭ୍ରାତ୍ର-ବି. (ସୁଭ୍ରାତୃ-ଅ) ଭାଇଙ୍କର ପରସ୍ପର
ସୌମିତ୍ରି-ବି. (ସୁମିତ୍ରା-ଇ) ଲକ୍ଷ୍ମଣ । [ପ୍ରୀତି ।
ସୌମ୍ୟ-ବି. (ସୋମ-ଯ) ବୁଧ; ଶାନ୍ତମୂର୍ତ୍ତି ।
ସୌର-ବି. (ସୂର-ଅ) ସୂର୍ଯ୍ୟସମ୍ବନ୍ଧୀୟ ।
ସୌରଭ-ବି. (ସୁରଭି-ଅ) ସୁଗନ୍ଧ ।
ସୌରାଜ୍ୟ-ବି. (ସୁରାଜନ୍-ଯ) ଉତ୍ତମ-ଶାସନ ।
ସୌଷ୍ଠବ-ବି. (ସୁଷ୍ଠୁ-ଅ) ସୌନ୍ଦର୍ଯ୍ୟ-ଉତ୍କର୍ଷ ।
ସୌସାଦୃଶ୍ୟ-ବି. (ସୁସଦୃଶ-ଯ) ଉତ୍ତମସାଦୃଶ୍ୟ ।
ସୌହାର୍ଦ୍ଦ, ସୌହୃଦ୍ୟ-ବି. (ସୁହୃଦ୍-ଅ,-ଯ)
ସ୍କନ୍ଦ-ବି. କାର୍ତ୍ତିକେୟ । [ବନ୍ଧୁତା, ପ୍ରଣୟ ।
ସ୍କନ୍ଧ-ବି. କାନ୍ଧ; ବୃକ୍ଷ-କାଣ୍ଡ; ସୈନ୍ୟ ।
ସ୍କନ୍ଧାବାର-ବି. ସୈନ୍ୟ-ଶିବିର ।
ସ୍ଖଳନ-ବି. (ସ୍ଖଲ୍-ଅନ) ପତନ; ଚ୍ୟୁତି; ଭ୍ରାନ୍ତି ।
ସ୍ଖଳିତ-ବି. ପତିତ; ଭ୍ରଷ୍ଟ ।
ସ୍ତନ-ବି. ନାରୀର ବକ୍ଷୋଜ ।
ସ୍ତନନ୍ଧୟ-ବି. (ସ୍ତନ-ଧେ-ଅ) ସ୍ତନ୍ୟପାୟୀ ଶିଶୁ ।
ସ୍ତନୟିତ୍ନୁ-ବି. ମେଘ ।
ସ୍ତନିତ-ବି. ମେଘଶବ୍ଦ ।
ସ୍ତନ୍ୟ-ବି. ସ୍ତନ-ଦୁଗ୍ଧ । [ଶିଶୁ ।
ସ୍ତନ୍ୟପ,-ପୀ-ବି. ସ୍ତନ୍ୟପାନ ସ୍ତନପାନକାରୀ
ସ୍ତବ୍ଧ-ବି. (ସ୍ତମ୍ଭ୍-ତ) ଜଡ଼ୀଭୂତ-ସ୍ଥାଣୁ, ନିଶ୍ଚଳ ।
ସ୍ତମ୍ଭ-ବି. ଜଡ଼ୀଭାବ; ଖମ୍ବ ।
ସ୍ତମ୍ଭିତ-ବି. (ସ୍ତମ୍ଭ୍-ଣିଚ୍-ତ) ଜଡ଼ୀଭାବ-ପ୍ରାପ୍ତ ।
ସ୍ତର-ବି. (ସ୍ତୃ-ଅ) ଭୂମିର ପରସ୍ତ; ଥାକ ।
ସ୍ତବ-ବି. (ସ୍ତୁ-ଅ) ସ୍ତୁତି, ପ୍ରଶଂସା ।
ସ୍ତବକ-ବି. ଗୁଚ୍ଛ, ଫେଣା । [ବାଦ୍ୟ ।
ସ୍ତାବକ-ବି. (ସ୍ତୁ-ଅକ) ସ୍ତୁତିକାରକ; ପ୍ରଶଂସାକ-
ସ୍ତିମିତ-ବି. ନିଶ୍ଚଳ, ସ୍ଥିର ।
ସ୍ତୁତ-ବି. ପ୍ରଶଂସିତ ।
ସ୍ତୁତି-ବି. ପ୍ରଶଂସା, ସ୍ତବ ।

ସ୍ତୁତ୍ୟ-ବି. (ସ୍ତୁ-ଯ) ପ୍ରଶଂସା-ଯୋଗ୍ୟ ।
ସ୍ତୂପ-ବି. ରାଶି, ଗଦା ।
ସ୍ତୂପୀକୃତ-ବି. ରାଶୀକୃତ ।
ସ୍ତେୟ-ବି. ଚୋରି ।
ସ୍ତୋକ-ବି. ଅଳ୍ପ; ଏକୋଇସ୍ତୁ ।
ସ୍ତୋତା-ବି. (ସ୍ତୁ-ତୃ) ସ୍ତବ-କାରକ ।
ସ୍ତୋତ୍ର-ବି. (ସ୍ତୁ-ତ୍ର) ସ୍ତବ ।
ସ୍ତୋମ-ବି. ରାଶି, ସମୂହ; ସ୍ତବ ।
ସ୍ତ୍ରୀ-ବି. ଭାର୍ଯ୍ୟା, ନାରୀ ।
ସ୍ତ୍ରୈଣ-ବି. (ସ୍ତ୍ରୀ-ଣ) ସ୍ତ୍ରୀର ବଶୀଭୂତ ପୁରୁଷ ।
ସ୍ଥ-ବି. (ସ୍ଥା-କ) ସ୍ଥିତ ।        [ଅବସ୍ଥିତ ।
ସ୍ଥଗିତ-ବି. (ସ୍ଥଗ୍-ତ) ଆଚ୍ଛାଦିତ; କାର୍ଯ୍ୟ ବନ୍ଦ ;
ସ୍ଥପତି-ବି. ଗୃହନିର୍ମାଣ-ଶିଳ୍ପୀ, ସୂତ୍ରଧର ।
ସ୍ଥଳ, ସ୍ଥଳୀ-ବି. ଭୂମି, ସ୍ଥାନ, ଡଙ୍ଗା ।
ସ୍ଥବିର-ବି. ବୃଦ୍ଧ ।
ସ୍ଥାଣୁ-ବି. ଶିବ; ଧୁଣ୍ଡାଗଛ ।
ସ୍ଥାନ-ବି. (ସ୍ଥା-ଅନ) ସ୍ଥଳ; ଆଧାର; ସ୍ଥିତି ।
ସ୍ଥାନୀୟ-ବି. (ସ୍ଥାନ-ଈୟ) ସ୍ଥାନ-ସମ୍ବନ୍ଧୀୟ ।
ସ୍ଥାପକ-ବି. (ସ୍ଥା-ଣିଚ୍-ଅକ) ସ୍ଥାପନକାରୀ ।
ସ୍ଥାପତ୍ୟ-ବି. (ସ୍ଥପତି-ଯ) ଗୃହନିର୍ମାଣ-ଶିଳ୍ପ ।
ସ୍ଥାପନ, ସ୍ଥାପନା-ବି. (ସ୍ଥା-ଣିଚ୍-ଅନ, ଆ) ସ୍ଥିତକରାଇବା; ଆରୋପଣ ।
ସ୍ଥାପିତ-ବି. (ସ୍ଥା-ଣିଚ୍-ତ) ନିବେଶିତ ।
ସ୍ଥାୟିତା-ବି. ସ୍ଥିରତା ।
ସ୍ଥାୟୀ-ବି. (ସ୍ଥା-ଇନ୍) ସ୍ଥିତିଶୀଳ; ସ୍ଥିର ।
ସ୍ଥାଲୀ-ବି. ଥାଳୀ ।

ସ୍ଥାବର-ବି. (ସ୍ଥା-ବର) ଅଚଳ ।
ସ୍ଥିତ-ବି. (ସ୍ଥା-ତ) ଅବସ୍ଥିତ; ସ୍ଥିର ।
ସ୍ଥିତି-ବି. (ସ୍ଥା-ତି) ଅବସ୍ଥାନ ରହିବା; ଅବସ୍ଥା ।
ସ୍ଥିତି-ସ୍ଥାପକ-ବି. ପୂର୍ବସ୍ଥାନରେ ସ୍ଥାପନକାରୀ ।
ସ୍ଥିର-ବି. (ସ୍ଥା-ଇର) ସ୍ଥାୟୀ; ନିଶ୍ଚଳ; ଦୃଢ଼ ।
ସ୍ଥିରୀକୃତ-ବି. (ସ୍ଥିର-ଈ-କୃ-ତ) ଅବଧାରିତ;
ସ୍ଥୂରି-ବି. ବଳବାନ୍ ବୃଷ ।        [ନିରୂପିତ ।
ସ୍ଥୂଳ-ବି. ମୋଟ; ଇନ୍ଦ୍ରିୟ-ଗ୍ରାହ୍ୟ ।
ସ୍ଥୈର୍ଯ୍ୟ-ବି. (ସ୍ଥିର-ଯ) ସ୍ଥିରତା ।
ସ୍ଥୌଲ୍ୟ-ବି. (ସ୍ଥୂଳ-ଯ) ସ୍ଥୂଳତା ।
ସ୍ନାତ-ବି. (ସ୍ନା-ତ) ଜଳଦ୍ୱାରା ଅଭିଷିକ୍ତ ।
ସ୍ନାନ-ବି. (ସ୍ନା-ଅନ) ଅବଗାହନ; ପ୍ରକ୍ଷାଳନ ।
ସ୍ନାୟୁ-ବି. ମାଂସ ଓ ଅସ୍ଥିର ବନ୍ଧନ ତନ୍ତୁ ।
ସ୍ନିଗ୍ଧ-ବି. (ସ୍ନିହ୍-ତ) ସ୍ନେହଯୁକ୍ତ; କୋମଳ; ଚିକ୍କଣ; ଶୀତଳ ।
ସ୍ନୁଷା-ବି. ପୁତ୍ରବଧୂ ।    [ସ୍ନେହର ସ୍ନିଗ୍ଧ ବସ୍ତୁ ।
ସ୍ନେହ-ବି. (ସ୍ନିହ୍-ଅ) ପ୍ରୀତି, ବାତ୍ସଲ୍ୟ; ତୈଳ-
ସ୍ପନ୍ଦ, ସ୍ପନ୍ଦନ-ବି. (ସ୍ପନ୍ଦ୍-ଅ, ଅନ) ଈଷତ୍ କମ୍ପନ, ଚଳନ ।
ସ୍ପନ୍ଦିତ-ବି. (ସ୍ପନ୍ଦ୍-ତ) ଈଷତ୍ କମ୍ପିତ, ସ୍ଫୁରିତ ।
ସ୍ପର୍ଦ୍ଧା-ବି. (ସ୍ପର୍ଦ୍ଧ-ଅ-ଆ) ଦର୍ପ; ପ୍ରତିଯୋଗିତା;
ସ୍ପର୍ଦ୍ଧିତ-ବି. ସ୍ପର୍ଦ୍ଧାଯୁକ୍ତ ।        [ମାତ୍ସର୍ଯ୍ୟ ।
ସ୍ପର୍ଦ୍ଧୀ-ବି. ସ୍ପର୍ଦ୍ଧାକାରୀ ।
ସ୍ପର୍ଶ-ବି. (ସ୍ପୃଶ୍-ଅ) ତ୍ୱଗିନ୍ଦ୍ରିୟଗ୍ରାହ୍ୟ ଗୁଣ; ଛୁଇଁବା ।
ସ୍ପର୍ଶ-ମଣି-ବି. ଯେଉଁ ମଣିର ସ୍ପର୍ଶ ମାତ୍ରେ ଲୌହାଦି ସ୍ୱର୍ଣ୍ଣ ହୋଇଯାଏ, ପରଶ-ପଥର ।

ସ୍ପର୍ଶୀ- ବି. ସ୍ପର୍ଶକାରୀ ।
ସ୍ପର୍ଶେନ୍ଦ୍ରିୟ- ବି. ତ୍ୱଗିନ୍ଦ୍ରିୟ ।
ସ୍ପଷ୍ଟ ବି. ( ସ୍ପଶ୍-କ୍ତ ) ସୁପ୍ରକାଶିତ, ବ୍ୟକ୍ତ ।
ସ୍ପୃଶ୍ୟ ବି. (ସ୍ପୃଶ୍-ଯ) ସ୍ପର୍ଶଯୋଗ୍ୟ ।
ସ୍ପୃଷ୍ଟ—ବି. (ସ୍ପୃଶ୍-କ୍ତ) ଛୁଇଁଥି ।   [ଥିବା ।
ସ୍ପୃହଣୀୟ—ବି. ( ସ୍ପୃହ୍-ଅନୀୟ ) ବାଞ୍ଛନୀୟ ।
ସ୍ପୃହା—ବି. ( ସ୍ପୃହ୍-ଅ-ଆ ) ବାଞ୍ଛା; ଲୋଭ ।
ସ୍ଫଟିକ—ବି. ଶୁଭ୍ର ସ୍ୱଚ୍ଛ ପ୍ରସ୍ତର-ବିଶେଷ ।
ସ୍ଫାଟିକ—ବି. (ସ୍ଫଟିକ-ଅ) ସ୍ଫଟିକମୟ ।
ସ୍ଫୀତ ବି. (ସ୍ଫାୟ୍-କ୍ତ) ବୃଦ୍ଧ; ବର୍ଦ୍ଧିତ ।
ସ୍ଫୀତି—ବି. (ସ୍ଫାୟ୍-କ୍ତି) ବୃଦ୍ଧି ; ଫୁଲ୍ଲଉଠିବା ।
ସ୍ଫୁଟ—ବି. ( ସ୍ଫୁଟ୍-ଅ ) ସ୍ପଷ୍ଟ; ଫୁଟ; ପ୍ରସ୍ଫୁଟ ।
ସ୍ଫୁଟନ—ବି. ବିକାଶ-ପ୍ରାପ୍ତି ।
ସ୍ଫୁଟିତ—ବି. ବିକଶିତ ।
ସ୍ଫୁରଣ—ବି. (ସ୍ଫୁର୍-ଅନ) ସ୍ପନ୍ଦନ; କମ୍ପ; ପ୍ରକାଶ;
ସ୍ଫୁରିତ—ବି. ସ୍ପନ୍ଦିତ; କମ୍ପ ।
ସ୍ଫୁଲିଙ୍ଗ—ବି. ଅଗ୍ନି-କଣା ।
ସ୍ଫୂର୍ତ୍ତି—ବି. (ସ୍ଫୁର୍-କ୍ତି) ହର୍ଷ; ବିକାଶ ।
ସ୍ଫୋଟକ- ବି. ବ୍ରଣ, ଫୋଡ଼ା ।
ସ୍ମୟ—ବି. (ସ୍ମି-ଅ) ଦର୍ପ; ଅହଙ୍କାର ।
ସ୍ମର—ବି. (ସ୍ମୃ-ଅ) କନ୍ଦର୍ପ ।   [ସ୍ମୃତି ।
ସ୍ମରଣ—ବି. (ସ୍ମୃ-ଅନ) ପୂର୍ବକଥା ମନେ କରିବା,
ସ୍ମରଣୀୟ—ବି. (ସ୍ମୃ-ଅନୀୟ) ସ୍ମର୍ତ୍ତବ୍ୟ; ସ୍ମରଣ-
ସ୍ମର-ପ୍ରିୟା—ବି. ରତି ।   [ଯୋଗ୍ୟ ।
ସ୍ମର-ବୈରୀ—ବି. ମହାଦେବ ।

ସ୍ମାରକ- ବି. (ସ୍ମୃ-ଣିଚ୍-ଅକ) ସ୍ମରଣକାରକ ।
ସ୍ମାର୍ତ୍ତ—ବି. (ସ୍ମୃତି-ଅ) ସ୍ମୃତିଶାସ୍ତ୍ର-ବେତ୍ତା ।
ସ୍ମିତ—ବି. ଈଷତ୍ ହାସ୍ୟ; ବି. ଈଷତ୍ ହାସ୍ୟ-
ସ୍ମୃତ—ବି. ସ୍ମରଣ ପଥ ଉପଲବ୍ଧ ।   [ଯୁକ୍ତ ।
ସ୍ମୃତି—ବି. ସ୍ମରଣଶକ୍ତି ; ମନ୍ୱାଦିପ୍ରଣୀତ ଧର୍ମ-
ସ୍ମେର—ବି. ଈଷତ୍ ହାସ୍ୟଯୁକ୍ତ ।   [ଶାସ୍ତ୍ର ।
ସ୍ୟନ୍ଦନ—ବି. ( ସ୍ୟନ୍ଦ୍-ଅନ ) ରଥ ।
ସ୍ୟମନ୍ତକ—ବି. କୃଷ୍ଣଙ୍କର ଭୂଷଣ ମଣି ।
ସ୍ୟୂତି—ବି. ( ସିବ୍-କ୍ତି ) ସିଲାଇ ।
ସ୍ରକ୍—ବି. ମାଳା ।
ସ୍ରବ—ବି. ( ସ୍ରୁ-ଅ ) କ୍ଷରଣ ।
ସ୍ରଷ୍ଟା—ବି. (ସୃଜ୍-ତୃ) ସୃଷ୍ଟିକର୍ତ୍ତା ।
ସ୍ରସ୍ତ—ବି. (ସ୍ରନ୍ସ୍-କ୍ତ) ଚ୍ୟୁତ, ଭ୍ରଷ୍ଟ ।
ସ୍ରାବ—ବି. ( ସ୍ରୁ-ଅ ) କ୍ଷରଣ ।
ସ୍ରୁତ—ବି. ( ସ୍ରୁ-କ୍ତ ) କ୍ଷରିତ ।
ସ୍ରୋତ—ବି. (ସ୍ରୁ-ଅସ୍) ଜଳପ୍ରବାହ ।
ସ୍ରୋତସ୍ୱତୀ—ବି. ( ସ୍ରୋତସ୍-ବତୁ-ଈ ) ନଦୀ ।
ସ୍ୱ—ବି. ଆତ୍ମ; ଆପେ; ଧନ ।
ସ୍ୱକୀୟ ସ୍ୱୀୟ—ବି. ନିଜ ସମ୍ବନ୍ଧୀୟ ।
ସ୍ୱ-ଗତ—ବି. ମନୋଗତ ; ବି. ମନେ ମନେ କହିବା ।   [ଆଚ୍ଛନ୍ନ ।
ସ୍ୱଚ୍ଛ—ବି. ( ସୁ-ଅଚ୍ଛ ) ଅତି ନିର୍ମଳ ; ପ୍ରକାଶ-
ସ୍ୱ-ଚ୍ଛନ୍ଦ—ବି. ସ୍ୱାଧୀନ ; ସୁସ୍ଥ ।
ସ୍ୱ-ଜନ—ବି. ଆତ୍ମୀୟ ।
ସ୍ୱତଃ—ଅ. ( ସ୍ୱ-ତସ୍ ) ସ୍ୱୟଂ ।
ସ୍ୱ-ତନ୍ତ୍ର—ବି. ସ୍ୱାଧୀନ ।

ସ୍ୱତ୍ୱ–ବି. ଅଧିକାର; ଧନାଦିରେ ସ୍ୱାମିତ୍ୱ ।
ସ୍ୱଧା–ଅ. ପିତୃ-ତର୍ପଣର ମନ୍ତ୍ର ।
ସ୍ୱନ–ବି. ( ସ୍ୱନ୍-ଅ ) ଶବ୍ଦ, ଧ୍ୱନି ।
ସ୍ୱନିତ–ବି. ଧ୍ୱନିତ । [ ଅନୁଭବ ।
ସ୍ୱପ୍ନ-ବି. ( ସ୍ୱପ୍-ନ ) ନିଦ୍ରାବସ୍ଥାରେ ଅଲୀକ
ସ୍ୱ-ଭାବ-ବି. ପ୍ରକୃତି ; ସ୍ୱଅସ୍ତିତ୍ୱ ।
ସ୍ୱଭାବ-ସିଦ୍ଧ–ବି. ପ୍ରକୃତି-ଜନିତ ।
ସ୍ୱୟଂ–ଅ. ଆପେ, ନିଜେ ।
ସ୍ୱୟମ୍ବର–ବି. (ସ୍ୱୟଂ-ବୃ-ଅ) ସ୍ୱୟଂ ପତିବରଣ ।
ସ୍ୱୟମ୍ବରା–ବି. ସ୍ୱୟଂ ପତିବରଣ-କାରିଣୀ ସ୍ତ୍ରୀ ।
ସ୍ୱୟମ୍ଭୂ–ବି. (ସ୍ୱୟଂ-ଭୂ-କ୍ୱିପ୍) ପଦ୍ମଯୋନି ।
ସ୍ୱର୍–ବି ସ୍ୱର୍ଗ, ଦ୍ୟୁଲୋକ ।
ସ୍ୱର–ବି. ବର୍ଣ୍ଣଧ୍ୱନି ।
ସ୍ୱ-ରୂପ–ବି. ପ୍ରକୃତରୂପ ; ସ୍ୱଭାବ । [ ସ୍ନେହ ।
ସ୍ୱର୍ଗ–ବି. ( ସ୍ୱର୍-ଗୈ-ଅ ) ଦେବଲୋକ, ଏକଚ୍ଛ
ସ୍ୱର୍ଗୀୟ–ବି. ସ୍ୱର୍ଗ-ସମ୍ବନ୍ଧୀୟ ।
ସ୍ୱର୍ଣ୍ଣ–ବି. ସୁନା, ସୁବର୍ଣ୍ଣ ।
ସ୍ୱସ୍ତି–ବି. ( ସୁ-ଅସ୍ତି ) ମଙ୍ଗଳ ।
ସ୍ୱସା–ବି. (ସ୍ୱସୃଶବ୍ଦ) ଭଉଣୀ ।
ସ୍ୱସ୍ତି–ଅ. (ସୁ-ଅସ୍ତି) ଆଶୀର୍ବାଦ ; ଶୁଭ ।
ସ୍ୱସ୍ତ୍ୟୟନ-( ସ୍ୱସ୍ତି-ଅୟନ ) ମଙ୍ଗଳପ୍ରାପ୍ତି ନିମିତ୍ତ
ଶୁଭାନୁଷ୍ଠାନ । [ ନୈବେଦ୍ୟ-ସମ୍ବନ୍ଧୀୟ ।
ସ୍ୱସ୍ରୀୟ–ବି. ( ସ୍ୱସୃ-ଈୟ ) ଭଗିନେୟ ; ବି.
ସ୍ୱାକ୍ଷର–ବି. ( ସ୍ୱ-ଅକ୍ଷର ) ଦସ୍ତଖତ ।
ସ୍ୱାଗତ–ବି. ( ସୁ-ଆଗତ ) ସୁସ୍ୱାଗତ ।

ସ୍ୱାତନ୍ତ୍ର୍ୟ–ବି. ( ସ୍ୱତନ୍ତ୍ର-ଯ ) ସ୍ୱାଧୀନତା ।
ସ୍ୱାତି–ବି. ନକ୍ଷତ୍ର-ବିଶେଷ ।
ସ୍ୱାଦ–ବି. (ସ୍ୱଦ୍-ଅ) ରସ; ଆସ୍ୱାଦ ।
ସ୍ୱାଦୁ ବି. ମଧୁର, ମିଷ୍ଟ ।
ସ୍ୱାଧୀନ–ବି. (ସ୍ୱ-ଅଧୀନ) ସ୍ୱତନ୍ତ୍ର ।
ସ୍ୱାଧ୍ୟାୟ–ବି.(ସୁ-ଆ ଅଧି-ଇ-ଅ) ବେଦ-ପାଠ ।
ସ୍ୱାଭାବିକ–ବି. (ସ୍ୱଭାବ ଇକ) ସ୍ୱଭାବ ସିଦ୍ଧ ।
ସ୍ୱାମିତ୍ୱ–ବି (ସ୍ୱାମିନ୍ ତ୍ୱ) ସ୍ୱତ୍ୱ; ପ୍ରଭୁତ୍ୱ ।
ସ୍ୱାମୀ–ବି. ପତି; ପ୍ରଭୁ ; ଅଧିକାରୀ ।
ସ୍ୱାୟତ୍ତ–ବି. (ସ୍ୱ-ଆୟତ୍ତ) ନିଜର ଅଧୀନ ।
ସ୍ୱାରସ୍ୟ–ବି. (ସ୍ୱରସ-ଯ) ସ୍ୱରସ ଅର୍ଥାତ୍ ପଦ-ସୌନ୍ଦର୍ଯ୍ୟର ସ୍ୱଭାବ ।
ସ୍ୱାର୍ଥ–ବି. (ସ୍ୱ-ଅର୍ଥ) ଆତ୍ମ-ପ୍ରୟୋଜନ ।
ସ୍ୱାର୍ଥ-ପର–ବି. ନିଜ ପ୍ରୟୋଜନ ସାଧନରେ ତତ୍ପର, ଅନ୍ୟର ପ୍ରୟୋଜନପ୍ରତି ଉପେକ୍ଷା-କାରୀ ।
ସ୍ୱାସ୍ଥ୍ୟ–ବି. (ସ୍ୱସ୍ଥ-ଯ) ସୁସ୍ଥତା ।
ସ୍ୱାହା–ଅ. ହୋମ-ମନ୍ତ୍ର; ବି. ଅଗ୍ନି-ପତ୍ନୀ ।
ସ୍ୱିନ୍ନ–ବି. (ସ୍ୱିଦ୍-ତ) ସ୍ୱେଦଯୁକ୍ତ ।
ସ୍ୱୀକାର–ବି.(ସ୍ୱ-ଈ-କୃ-ଅ) ଅଙ୍ଗୀକାର; ଗ୍ରହଣ ।
ସ୍ୱୀକୃତ–ବି. ଅଙ୍ଗୀକୃତ । [ ବଶ ।
ସ୍ୱେଚ୍ଛାଚାରୀ–ବି.(ସ୍ୱ ଇଚ୍ଛା-ଚର୍-ଇନ୍)ସ୍ୱେଚ୍ଛା-
ସ୍ୱେଦ–ବି. (ସ୍ୱିଦ୍-ଅ) ଘର୍ମ, ଝାଳ ।
ସ୍ୱେଦଜ–ବି. ( ସ୍ୱେଦ-ଜନ ) ଘର୍ମ-ଜାତ ପ୍ରାଣୀ ।
ସ୍ୱୈର–ବି. ସ୍ୱଚ୍ଛନ୍ଦ ।
ସ୍ୱୈର-ବୃତ୍ତି–ବି. ସ୍ୱେଚ୍ଛାଚାର ।
ସ୍ୱୈରିଣୀ–ବି. ସ୍ୱେଚ୍ଛାଚାରିଣୀ, ବ୍ୟଭିଚାରିଣୀ ।

**ହ** ବ୍ୟଞ୍ଜନବର୍ଣ୍ଣର ଅନ୍ତିମ-ଊଷ୍ମବର୍ଣ୍ଣ ।

ହଂସ—ବି. ପକ୍ଷୀବିଶେଷ ; ଅଶ୍ୱ ; ସ୍ତ୍ରୀ. ହଂସୀ ।

ହଂସଗମନା—ବି. ସ୍ତ୍ରୀବିଶେଷ ।

ହଁ, ହଉ—ଅ. ସମ୍ମତି-ସୂଚକ ଶବ୍ଦ । [ ବାର ।

ହକ—ବି. (ଆରବୀ) ନ୍ୟାଯ୍ୟ; ବି. ନ୍ୟାଯ୍ୟ ଅଂଶ—

ହକଦାର ବି. ଦାବିଦାର ।

ହଜମ୍—ବି. (ଆରବୀ) ପରିପାକ ।

ହଟ—ବି. କୌତୁକ; ତାମସା ।

ହଟହଟା—ବି. ହଡ଼ମଡ଼ା ।

ହଟିବା—କ୍ରି. ପଛକୁ ପଳାଇବା ।

ହଟ୍ଟ—ବି. ହାଟ ।

ହଟ୍ଟ-ବିଳାସିନୀ—ବି. ବେଶ୍ୟା ।

ହଠ—ବି. ବଳାତ୍କାର ।

ହଠାତ୍—ଅ. ସହସା, ଅକସ୍ମାତ୍ ।

ହଣ୍ଡିକା—ବି. ହାଣ୍ଡି ।

ହତ—ବିଣ. (ହନ୍ + ତ) ନଷ୍ଟ; ମାରିତ ।

ହତ-ଭାଗିନୀ—ବିଣ. ଦୁର୍ଭାଗ୍ୟା ।

ହତ-ଭାଗ୍ୟ—ବିଣ. ଦୁର୍ଭାଗ୍ୟ ।

ହତ-ଶ୍ରୀ—ବିଣ. ଶ୍ରୀହୀନ ।

ହତାଶ—ବିଣ. ଆଶାଶୂନ୍ୟ; ନିରାଶ ।

ହତିଆର—ବି. (ଫାର୍ସୀ) ଅସ୍ତ୍ର ।

ହତ୍ୟା—ବି. (ହନ୍-ଯ-ଆ) ବଧ, ମାରଣ ।

ହନନ—ବି. (ହନ୍ + ଅନ) ବଧ ।

ହନୁ—ବି. ଗଣ୍ଡସ୍ଥଳର ଉପରିଭାଗ; ଦାଢ଼ି ।

ହନୁମାନ୍—ବି. (ହନୁ-ମତ୍) କପି; ମହାବୀର-ବାନର ।

ହନ୍ତବ୍ୟ—ବିଣ. ( ହନ୍ + ତବ୍ୟ ) ବଧଯୋଗ୍ୟ ।

ହନ୍ତା—ବିଣ. (ହନ୍ + ତୃ) ଘାତକ, ବଧକାରକ ।

ହପ୍ତା—ବି. (ଫାର୍ସୀ) ସପ୍ତାହ ।

ହମ୍ବା—ବି. ଗୋରୁର ଶବ୍ଦ ।

ହୟ—ବି. ଅଶ୍ୱ । [ ସ୍ୱରବର୍ଣ୍ଣ ।

ହର—ବିଣ. ( ହୃ + ଅ ) ହରଣକର୍ତ୍ତା; ବି. ମହାଦେବ;

ହରଣ—ବି. (ହୃ + ଅନ) ନେବା; ହାରକ; ଭାଗ-

ହରି—ବି. (ହୃ + ଇ) ବିଷ୍ଣୁ; ସିଂହ । [ କରଣ ।

ହରି-କାଠ—ବି. ମନୁଷ୍ୟବଳିକାର୍ଯ୍ୟ ଅର୍ପଣ-

ହରିଣ—ବି. ମୃଗ, କୁରଙ୍ଗ । [ ବିଶେଷ ।

ହରିତ୍, ହରିତ—ବିଣ. ସବୁଜ-ବର୍ଣ୍ଣ ।

ହରିତାଳି—ବି. ଧାତୁବିଶେଷ ।

ହରିତକୀ—ବି. ହରିଡ଼ା ।

ହରିଦଶ୍ୱ—ବି. (ହରିତ୍-ଅଶ୍ୱ) ସୂର୍ଯ୍ୟ ।

ହରିଦ୍ରା—ବି. ହଳଦୀ ।

ହର୍ତ୍ତା—ବି. (ହୃ-ତୃ) ହରଣକର୍ତ୍ତା ।

ହର୍ମ୍ୟ—ବି. ପ୍ରାସାଦ ।

ହର୍ଯ୍ୟକ୍ଷ—ବି. ( ହରି-ଅକ୍ଷି-ଅ ) ସିଂହ ।

ହର୍ଷ—ବି. ( ହୃଷ୍-ଅ ) ସୁଖ, ଆହ୍ଲାଦ ।

ହର୍ଷଣ—ବିଣ. (ହୃଷ୍-ଅନ) ହର୍ଷଜନକ ।

ହଳ—ବି. ଲଙ୍ଗଳ ।

ହଳଦୀ—ବି. ହରିଦ୍ରା ।

ହଳଦିବସନ୍ତ—ବି. ପକ୍ଷୀ ବିଶେଷ ।

ହଳ-ଧର—ବି. ବଳଦେବ, କୃଷକ ।

ହଳନ୍ତ—ବି. (ହଲ୍-ଅନ୍ତ) ବ୍ୟଞ୍ଜନବର୍ଣ୍ଣ ।

ହଳାହଳ—ବି. କାଳକୂଟ, ବିଷ ।

ହଲଧ୍ୟ-ବି. ହଳ-ବର୍ଦ୍ଧକ; କୃଷକ । [ହୃଦ୍ୟ ।
ହଲ୍ଲୀଶକ-ବି. ମଣ୍ଡଳାକାରେ ସ୍ତ୍ରୀମାନଙ୍କର
ହବନ-ବି (ହୁ-ଅନ) ଯଜ୍ଞ, ହୋମ ।
ହବିଃ ହବିଷ୍-ବି. ହୋମାର୍ଥଘୃତ ।
ହବିଷ୍ୟ-ବି. (ହବିସ୍-ଯ) ଘୃତାନ୍ନ ।
ହସ-ବି. (ହସ୍-ଅ) ହାସ୍ୟ ।
ହସନ୍ତୀ-ବି. ଉଲ୍ମୁକ ।
ହସ୍ତ-ବି. ହାତ, କର; ଶୁଣ୍ଡ ।
ହସ୍ତି-ପକ-ବି. ମାହୁନ୍ତ । [ହସ୍ତିନୀ ।
ହସ୍ତୀ-ବି ( ହସ୍ତ-ଇନ୍ ) ହାତୀ, ଗଜ; ସ୍ତ୍ରୀ-
ହାଇ-ବି. ଜୃମ୍ଭଣ ।
ହାଉଦା-ବି. (ପାର୍ଶୀ) ହସ୍ତିପୃଷ୍ଠର ଆସନ ।
ହାଙ୍ଗର-ବି. ହିଂସ୍ର ଜଳଜନ୍ତୁ ବିଶେଷ ।
ହାଟ-ବି. ବଜାର ।
ହାଟକ-ବି. ସ୍ୱର୍ଣ୍ଣ ।
ହାଡ଼-ବି. ଅସ୍ଥି ।
ହାଣ୍ଡି-ବି. ମେଟେଡ଼ୁବର ।
ହାଣ୍ଡୀ-ବି. ମୃତ୍ପାତ୍ରବିଶେଷ ।
ହାତ-ବି. (ହସ୍ତଶବ୍ଦଜ) ହସ୍ତ ।
ହାତୀ-ବି. (ହସ୍ତିନ୍ଶବ୍ଦଜ) ହସ୍ତୀ ।
ହାନି-ବି. (ହା-ନି) କ୍ଷତି; ନାଶ ।
ହାୟ୍-ଅ. ଖେଦସୂଚକ ଶବ୍ଦ ।
ହାୟନ-ବି. ବର୍ଷ ।
ହାର-ବି ମୁକ୍ତାଦିର ମାଳା; ହରଣ ।
ହାରକ, ହାରୀ-ବିଣ. (ହୃ-ଅକ, ଇନ୍) ହରଣ-
ହାରିବା-କ୍ରି. ପରାଜିତ ହେବା । [କର୍ତ୍ତା ।
ହାର୍ଯ୍ୟ-ବିଣ. (ହୃ-ଯ) ହରଣଯୋଗ୍ୟ, ହରଣୀୟ ।
ହାଲୁକା-ବିଣ. ଲଘୁ ।
ହାବ-ବି. ସ୍ତ୍ରୀଲୋକର ଶୃଙ୍ଗାରଚେଷ୍ଟାବିଶେଷ ।
ହାମୁଡ଼ିବା-କ୍ରି. ଦୁଇହାତ ଲେଉଟିବା; ଅନ୍ଧାରରେ-
ହାରେବନ-ବି. ବାଣବିଶେଷ । [ଉତ୍ସବଭେଦ ।
ହାସ, ହାସ୍ୟ-ବି. (ହସ୍-ଅ,ଯ) ହସ; ହାସ୍ୟରସ
ହାହା-କାର-ବି. ଦୁଃଖସୂଚକ ଚୀତ୍କାର ।
ହିଂସା-ବି. (ହିଂସ୍-ଅ-ଆ) ପରର ଅନିଷ୍ଟ-ସାଧ-
ନେଚ୍ଛା । [ହିଂସ୍ର ବାଘ ।
ହିଂସ୍ର-ବିଣ. ( ହିନ୍ସ୍-ର ) ହିଂସକ, ହିଂସ୍ରକ,
ହିକ୍କା-ବି. ଶ୍ୱାସଜନିତ ରୋଗ ।
ହିଙ୍ଗୁ-ବି. ହେଙ୍ଗୁ ।
ହିଙ୍ଗୁଳ-ବି. ହେଙ୍ଗୁଳ ।
ହିଜ୍ଜଳି-ବି. ହିଜଳଗଛ ।
ହିଡ଼ି-ବି. ବିଲର ଛୋଟ ବନ୍ଧ ।
ହିଣ୍ଡିର-ବି. ସମୁଦ୍ରର ଫେଣ ।
ହିତ-ବିଣ. ଉପକାରକ; ବି. କଲ୍ୟାଣ; ଉପକାର ।
ହିତୈଷଣା-ବି. ମଙ୍ଗଳାକାଙ୍କ୍ଷା ।
ହିତୈଷୀ-ବିଣ. (ହିତ-ଇଷ୍-ଇନ୍) ମଙ୍ଗଳାକାଂକ୍ଷୀ ।
ହିନ୍ତାଳ-ବି. ହେନ୍ତାଳଗଛ ।
ହିନ୍ଦୁ-ବି. ହିନ୍ଦୁଧର୍ମାବଲମ୍ବୀ ।
ହିନ୍ଦୋଳା-ବି. ଦୋଳା ।
ହିମ-ବି. ତୁଷାର; ବିଣ. ଶୀତଳ ।
ହିମାଂଶୁ-ବି. ଚନ୍ଦ୍ର ।
ହିମାଦ୍ରି-ବି. ହିମାଳୟ ପର୍ବତ ।
ହିମାନୀ-ବି. ହିମସଂହତି ।

ହିୟା-ବି. (ହୃଦୟଶବ୍ଦଜ) ହୃଦୟ

ହିରଣ୍ମୟ-ବି. (ହିରଣ୍ୟ-ମୟ) ସ୍ୱର୍ଣ୍ଣମୟ ।

ହିରଣ୍ୟ-ବି. ସ୍ୱର୍ଣ୍ଣ ।

ହିରଣ୍ୟ-ଗର୍ଭ-ବି. ବ୍ରହ୍ମା ।

ହିଲ୍ଲୋଳ-ବି. ତରଙ୍ଗ ।

ହିସାବ-ବି. (ପାର୍ସୀ) ଲେଖା-ଗଣନା ।

ହୀନ-ବି. (ହା-ତ) ରହିତ; ନ୍ୟୂନ; ଅଧମ ।

ହୀରକ-ବି. ହୀରା; ରତ୍ନବିଶେଷ ।

ହୁକୁମ-ବି. (ପାର୍ସୀ) ଆଜ୍ଞା ।

ହୁଙ୍କା-ବି. ବନ୍ଧୁକ ।

ହୁଡ଼ିବା-କ୍ରି. ଭୂମିରେ ପଡ଼ିବା ।

ହୁଡ଼ୁମ୍-ବି. ହୁଙ୍କାରଣା ।

ହୁଣ୍ଡୀ-ବି. ଅଙ୍ଗୀକାର ।

ହୁଣ୍ଡୀ-ବି. ଟଙ୍କାର ବରାତ ଚିଠି ।

ହୁତାଶନ-ବି. (ହୁତ-ଅଶନ) ଅଗ୍ନି ।

ହୁଳହୁଳି-ବି. ମଙ୍ଗଳକର୍ମରେ ସ୍ତ୍ରୀଲୋକଙ୍କ ମୁଖଶବ୍ଦ ।

ହୂତ-ବି. (ହ୍ୱେ-ତ) ଆହୂତ ।

ହୃଦ-ବି. ହୃଦୟ ।

ହୃତ-ବି. (ହୃ-ତ) ଅପହୃତ ।

ହୃଦୟ-ଗ୍ରାହୀ-ବି. ଚିତ୍ତାକର୍ଷକ ।

ହୃଦୟଙ୍ଗମ-ବି. ବୁଦ୍ଧିଗତ, ମନୋଗତ ।

ହୃଦ୍ୟ-ବି. (ହୃଦ୍-ଯ) ହୃଦୟଗ୍ରାହୀ ।

ହୃଷୀକ-ବି. ଇନ୍ଦ୍ରିୟ ।

ହୃଷୀକେଶ-ବି. (ହୃଷୀକ-ଈଶ) କୃଷ୍ଣ ।

ହୃଷ୍ଟ-ବି. (ହୃଷ୍-ତ) ଆହ୍ଲାଦିତ ।

ହେ-ଅ. ସମ୍ବୋଧନସୂଚକ ।

ହେଜିବା-କ୍ରି. ସ୍ମରଣ କରିବା; ଚିହ୍ନିବା ।

ହେଟା-ବି. ପକ୍ଷୀବିଶେଷ । –

ହେଡ଼ା-ବି. ଛାଗଜନ୍ତୁ ମାଂସ ।

ହେତୁ-ବି. କାରଣ; ମୂଳ; ପ୍ରୟୋଜନ; ଯୁକ୍ତି ।

ହେମ-ବି. ସ୍ୱର୍ଣ୍ଣ । (ନ୍ୟାୟ) ।

ହେମନ୍ତ-ବି. ଋତୁବିଶେଷ (କାର୍ତ୍ତିକ ଓ ମାର୍ଗଶିର-

ହେୟ-ବି. ତୁଚ୍ଛ, ତ୍ୟାଜ୍ୟ ।

ହେରିକା-ବି. ଗୁପ୍ତଚର । [ଅବଧି

ହେଳା-ବି. (ହେଳ୍-ଅ-ଆ) ଅବହେଳା,

ହୈମ-ବି. ହେମ-ସମ୍ବନ୍ଧୀୟ; ସ୍ୱର୍ଣ୍ଣ-ସମ୍ବନ୍ଧୀୟ ।

ହୈମବତୀ-ବି. (ହିମବତ୍ ଅ-ଈ) ପାର୍ବତୀ ।

ହୋତା-ବି. (ହୁ-ତୃ) ଯଜ୍ଞକର୍ତ୍ତା ।

ହୋତ୍ର-ବି. (ହୁ-ତ୍ର) ହୋମ, ଯାଗ ।

ହୋମ-ବି. (ହୁ-ମ) ମନ୍ତ୍ରପାଠପୂର୍ବକ ଅଗ୍ନିରେ ଦ୍ରବ୍ୟକ୍ଷେପ ।

ହୋଲି-ବି. ବସନ୍ତୋତ୍ସବ ।

ହ୍ରଦ-ବି. ଅଗାଧ ଗଭୀର ଜଳାଶୟ ।

ହ୍ରସ୍ୱ-ବି. (ହ୍ରସ୍-ବ) କ୍ଷୁଦ୍ର, ଲଘୁ ।

ହ୍ରାସ-ବି. (ହ୍ରସ୍-ଅ) କ୍ଷୟ ।

ହ୍ରୀ-ବି. ଲଜ୍ଜା ।

ହ୍ରେଷା-ବି. ଅଶ୍ୱରବ ।

ହ୍ଲାଦିନୀ-ବି. ଆହ୍ଲାଦଦାୟିନୀ ।

ORISSA MISSION PRESS,—S. F. ROBINSON, SUPT.